ମନମୋହନ ମିଶ୍ର

ଗ୍ରନ୍ଥାବଳୀ

(ଦ୍ୱିତୀୟ ଭାଗ)

Digitized by srujanika@gmail.com

ମନମୋହନ ମିଶ୍ର

ଗ୍ରନ୍ଥାବଳୀ

(ଦ୍ୱିତୀୟ ଭାଗ)

ଚଳନ୍ତି ଭାଷାର ପ୍ରୟୋଗ

(ପ୍ରଥମ ଖଣ୍ଡ)

ଚଳନ୍ତି ଭାଷାର ବିଜ୍ଞାନ

(ଦ୍ୱିତୀୟ ଖଣ୍ଡ)

ସଂକଳନ ଓ ସଂପାଦନା

ରବିଦାଶ

Digitized by srujanika@gmail.com

ମନମୋହନ ମିଶ୍ର ଗ୍ରନ୍ଥାବଳୀ
(ଦ୍ୱିତୀୟ ଭାଗ)
Manmohan Mishra Granthabali
(Vol. II)

ସଂକଳନ ଓ ସଂପାଦନା : ରବି ଦାଶ
Compiled and Edited by : Rabi Dash

ପ୍ରକାଶକ : **ବିଦ୍ୟାରତ୍ନ ପ୍ରକାଶନ**
ଗ୍ରାମ/ପୋ : ତାରପୁର, ଜି. ଜଗତସିଂହପୁର, ଓଡ଼ିଶା
© ପ୍ରକାଶକ
Publisher : Bidyaratna Prakashan
Vill/P.O Tarpur, Dist : Jagatsinghpur, Odisha

ମୁଖ୍ୟ ବିତରକ : **ଶିକ୍ଷା ସନ୍ଧାନ**
ଏନ୍.ଡି-୭, ଭି.ଆଇ.ପି. ଏରିଆ, ଆଇ.ଆର୍.ସି ଭିଲେଜ୍,
ଭୁବନେଶ୍ୱର - ୭୫୧୦୧୫, ଓଡ଼ିଶା

ପ୍ରଥମ ସଂସ୍କରଣ : ୨୦୧୨
First Edition : 2012

ପ୍ରଚ୍ଛଦ ମୁଦ୍ରଣ : ଗ୍ରାଫିକ୍ ଆର୍ଟ ଅଫସେଟ ପ୍ରେସ୍, କଟକ
Cover Printed at : Graphic Art Offset Press, Cuttack

ପ୍ରଚ୍ଛଦ : ସରୋଜ ମହାରଣା
Cover : Saroj Moharana

ମୁଦ୍ରଣ : ଶିକ୍ଷାପ୍ରକାଶନୀ, ଭୁବନେଶ୍ୱର
Printed at : Sikshaprakashani, Bhubaneswar

ମୂଲ୍ୟ : ଟ. ୨୫୦/-
Price : Rs. 250/-

Digitized by srujanika@gmail.com

ସଂପାଦକୀୟ

ଓଡ଼ିଆ ଭାଷା ବର୍ତ୍ତମାନ ଘୋର ସଂକଟରେ । ଗ୍ରାମାଞ୍ଚଳରେ ଥିବା ଶହ ଶହ ବର୍ଷ ତଳର ପୁରୁଣା ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ଅଲୋଡ଼ା ! ସବୁଆଡ଼େ ଚର୍ଚ୍ଚା ପୁରୁଣା ଓଡ଼ିଆ-ମାଧ୍ୟମ ପ୍ରାଥମିକ ସ୍କୁଲରେ ପାଠ ପଢ଼ିଲେ କର୍ମନିଯୁକ୍ତିର ସୁଯୋଗ ନାହିଁ । ତେଣୁ ପୁରୁଣା ପ୍ରାଥମିକ ସ୍କୁଲଗୁଡ଼ିକରେ ପାଠ ପଢ଼ିବା ବେକାର । ସମସ୍ତେ ଆଜି ଇଂରାଜୀ ମାଧ୍ୟମ ସ୍କୁଲ୍ ମୁହାଁ । ଏପରିକି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଭାଗରେ ସିଟ୍ ସବୁ ଖାଲି ପଡ଼ୁଛି । ଗୋଟିଏ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ବନ୍ଦ କରିଦେବାକୁ ଚିନ୍ତା କରୁଥିବା ପ୍ରକାଶ ।

ଶିକ୍ଷା, ସଂସ୍କୃତି ଓ ବିଜ୍ଞାନର ପ୍ରସାର କ୍ଷେତ୍ରରେ ମାତୃଭାଷାର ଅପରିହାର୍ଯ୍ୟତା ଅତି ଗୁରୁତ୍ୱପୂର୍ଣ୍ଣ । ମାତୃଭାଷା ପ୍ରୟୋଗର ଅଭାବରେ ବିକାଶର ଧାରା ବ୍ୟାହତ ଏବଂ ସ୍ଥାଣୁ ହେବାକୁ ବାଧ । ଆମ ଓଡ଼ିଶାରେ ଓଡ଼ିଆ ଭାଷାଭାଷୀ କମ୍‌ସେ କମ୍ ୪ କୋଟି ଓ ଓଡ଼ିଶାର ଭୌଗଳିକ ସୀମା ବାହାରେ ୨ କୋଟି ଓଡ଼ିଆଭାଷୀ ଅଛନ୍ତି । ଲୋକସଂଖ୍ୟା ଦୃଷ୍ଟିରୁ ୬ କୋଟି ଲୋକ ଓଡ଼ିଆଭାଷୀ ହେବା କମ୍ କଥା ନୁହେଁ । ଇଉରୋପରେ ଯେକୌଣସି ଦେଶର ଜନସଂଖ୍ୟା ତୁଳନାରେ ଏହି ସଂଖ୍ୟା ବେଶୀ ।

ଓଡ଼ିଆ, ସମ୍ବଲପୁରୀ ଓ କୋଶଲୀ ଓଡ଼ିଆ ଭାଷାଗୋଷ୍ଠୀର ହେଲେ ବି ଏସବୁ ଭାଷାର ସ୍ୱାତନ୍ତ୍ର୍ୟ ରହିଛି । ଏସବୁ ବ୍ୟତୀତ ଓଡ଼ିଶାରେ ବହୁ ଆଦିମ ଅଧିବାସୀ ଜାତି ଅଛନ୍ତି । ସବୁ ଜାତିର ନିଜର ନିଜର କଥିତ ଭାଷା ଅଛି । ଭୂଞ୍ଜିଆ, ପହରିଆ, ଗଣ୍ଡଙ୍କ ଠାରୁ ଆରମ୍ଭ କରି ଜୁଆଙ୍ଗ, କନ୍ଧ, କୋହ୍ଲ, ଗଦ୍‌ବା, ପରଜା, ବଣ୍ଡା, ହୋ, ସାନ୍ତାଳୀଯାଏ ବହୁ ଆଦିମ ଅଧିବାସୀଙ୍କ ଅଲଗା ଅଲଗା ଭାଷା ରହିଛି । ଓଡ଼ିଆ ଭାଷାର ଅଭିବୃଦ୍ଧିରେ ଏସବୁ ଭାଷାର ଅବଦାନ କମ୍ ନୁହେଁ । ପ୍ରତ୍ୟେକ ଆଦିମ ଅଧିବାସୀଙ୍କ ଭାଷାରେ ଅସଂଖ୍ୟ କାହାଣୀ, ଗୀତ, ସଂସ୍କୃତି ଭରି ରହିଛି । ସ୍ୱର୍ଗତ ଗୋପୀନାଥ ମହାନ୍ତି ପରଜା ଆଦିମ ଅଧିବାସୀଙ୍କ ଭାଷାର ପ୍ରୟୋଗ ଓଡ଼ିଆ ଉପନ୍ୟାସରେ ଆଣିଲେ । ତାହା ହେଲା ଓଡ଼ିଆ ସାହିତ୍ୟରେ ସବୁଠାରୁ ବଡ଼ ଆକର୍ଷଣ । ପରଜା ଭାଷା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାର ପ୍ରମାଣ ଦେଲା ।

Digitized by srujanika@gmail.com

ଦକ୍ଷିଣରେ ସୌରା, କୋୟା, ବଣ୍ଡା ଭାଷାଠାରୁ ଆରମ୍ଭ କରି ଉତ୍ତରରେ ଜୁଆଙ୍ଗ, ହୋ, ସାନ୍ତାଳୀ ଭାଷାଯାଏ ସବୁ ଆଦିମ ଅଧିବାସୀ ଭାଷାର ଏକ ପ୍ଲାଟଫର୍ମ ଭାବେ ଓଡ଼ିଆ ଭାଷା ଆବହମାନ କାଳରୁ ରହି ଆସିଛି । ଏସବୁ ଭାଷାଗୁଡ଼ିକ ମଧ୍ୟରେ କୌଣସି ସାଂସ୍କୃତିକ ଦ୍ୱନ୍ଦ୍ୱ ନାହିଁ । ପ୍ରତ୍ୟେକ ପ୍ରତ୍ୟେକର ପରିପୂରକ । ନିଜ ନିଜ ମଧ୍ୟରେ ସେମାନେ ମାତୃଭାଷାରେ କଥା ହୁଅନ୍ତି । ଭାବ ବିନିମୟ କରନ୍ତି । ନାଚ, ଗୀତରେ ମାତନ୍ତି । ମାତ୍ର ବଜାର, ହାଟ, ସରକାରୀ ଅଫିସ୍, କୋର୍ଟ କଚେରୀ ଆସିଲେ ଓଡ଼ିଆରେ କଥା ହୁଅନ୍ତି । ହେଲେ, ଏ ସବୁ ଆଦିମ ଅଧିବାସୀଙ୍କ ଭାଷାରେ କୌଣସି ଲିପି ନାହିଁ । ସଉରା ଓ ସାନ୍ତାଳୀ ଭାଷାରେ ଲିପି ପାଇଁ ଦୀର୍ଘକାଳ ଧରି ସଂଗ୍ରାମ ଜାରି ରହିଛି । ସରକାରୀ କଳର ପ୍ରୋତ୍ସାହନ ଅଭାବରୁ ଅଗ୍ରଗତି କରିପାରୁ ନାହିଁ ।

ଦୀର୍ଘକାଳ ଧରି ସଂସାର ସଚରାଚର ମନୋବିଜ୍ଞାନୀ, ସମାଜ ବିଜ୍ଞାନୀ ଓ ବୈଜ୍ଞାନିକମାନେ ମତ ଦେଇଆସୁଛନ୍ତି ଯେ ମାତୃଭାଷାରେ ପ୍ରାଥମିକ ଶିକ୍ଷାପାଇଲେ ଶିଶୁର ବିକାଶ ସ୍ୱାଭାବିକ ହୁଏ । ଭାଷାର ସ୍ୱାଧୀନତା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ । ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକର ଲିପି ଓ ଲିଖିତ ସାହିତ୍ୟ ନଥିବାରୁ ଆଦିବାସୀ ଭାଷାଗୁଡ଼ିକ ସଂକୁଚିତ ଓ ମ୍ରିୟମାଣ ହୋଇ ରହିଛି । ଆଧୁନିକ ଶିକ୍ଷା କ୍ଷେତ୍ରରେ ସେମାନେ ବହୁ ପଛରେ ପଡ଼ିଛନ୍ତି । ମାତୃଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ଗ୍ରହଣ ହେବା ପାଇଁ ସାମ୍ବିଧାନିକ ଘୋଷଣାନାମା ଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଏହା କେବଳ ଅପାରଗତା ନୁହେଁ, ବରଂ ସାମ୍ବିଧାନିକ ଅଧିକାରର ସ୍ପଷ୍ଟ ଉଲଙ୍ଘନ ।

ମନମୋହନ ମିଶ୍ର ନାହାନ୍ତି । ମାତ୍ର ଓଡ଼ିଆ ଭାଷାର ସୁରକ୍ଷା ଓ ସଂବୃଦ୍ଧି ସଂକ୍ରାନ୍ତରେ ଯେଉଁ ସବୁ ସଂଯୋଜନାର ସୂଚନା "ଚଳନ୍ତି ଭାଷାର ପ୍ରୟୋଗ" ଓ "ଚଳନ୍ତି ଭାଷାର ବିଜ୍ଞାନ"ରେ ଉପସ୍ଥାପନା କରିଛନ୍ତି, ତା'ର ଉପାଦେୟତା ଆଜି ଅତିମାତ୍ରାରେ ତାତ୍ପର୍ଯ୍ୟପୂର୍ଣ୍ଣ ।

ସେ କେବଳ ଓଡ଼ିଆ ଭାଷା ଓ ସାହିତ୍ୟରେ ଧୁରୀଣ ଥିଲେ ତାହା ନୁହେଁ, ଅନେକ ଆଦିମ ଅଧିବାସୀଙ୍କ ଭାଷାରେ ସୁଦକ୍ଷ ଥିଲେ । ମୁଣ୍ଡା, ହୋ, ଜୁଆଙ୍ଗ ଓ ସାଦ୍ରି ଭାଷାରେ ତାଙ୍କର ଅସାମାନ୍ୟ ପ୍ରବେଶ ଥିଲା । ସାଦ୍ରି ଭାଷାରେ ଅନର୍ଗଳ ଭାଷଣ ଦେଇପାରୁଥିଲେ । କେନ୍ଦୁଝର, ମୟୂରଭଞ୍ଜ ଓ ସମ୍ବଲପୁରର ଲୋକକଥା ଓ ଲୋକଗୀତିସବୁ କଣ୍ଠସ୍ଥ ସ୍ମୃତିରେ ଥିଲା । ବେଶୀ ବ୍ୟାକୁଳତା ଥିଲା ଏ ଭାଷାଗୁଡ଼ିକ କିପରି ରୂପପାଇବ, ସମୃଦ୍ଧ ହେବ । ତାଙ୍କ ମତରେ "ଓଡ଼ିଶାର ଆଦିମ ଅଧିବାସୀମାନଙ୍କ ଭାଷାଗୁଡ଼ିକ ଓଡ଼ିଆ ଭାଷାର ଆଦିମୂଳ ।" ଓଡ଼ିଆ ଭାଷା ସମଗ୍ର

Digitized by srujanika@gmail.com

ଓଡ଼ିଆ ଭାଷାଭାଷୀ ଅଂଚଳରେ ଥିବା ଆଦିମ ଅଧିବାସୀଙ୍କର ଭାଷାଗୁଡ଼ିକ ସହିତ ଅଙ୍ଗାଙ୍ଗୀଭାବେ ସଂପୃକ୍ତ । ଏବେ ବିଶ୍ୱ ଦରବାରରେ ସ୍ୱୀକୃତ ଯେ କୌଣସି ଆଦିମ ଅଧିବାସୀଙ୍କୁ ସେମାନଙ୍କ ମାତୃଭାଷା ଶିକ୍ଷାରୁ ବଂଚିତ କରିବା ଏକ ବିକାଶ ବିରୋଧୀ ପ୍ରକ୍ରିୟା ଓ ଗଣହତ୍ୟା ସଙ୍ଗେ ସମାନ ।

"ଚଳନ୍ତି ଭାଷାର ପ୍ରୟୋଗ" ଓ "ଚଳନ୍ତି ଭାଷାର ବିଜ୍ଞାନ" ଅଧ୍ୟୟନରୁ ଓଡ଼ିଆ ଭାଷାର ବିକାଶର ଦ୍ୱାର ପ୍ରସାରିତ ହେବା ସୁନିଶ୍ଚିତ । ତେଣୁ ବିତର୍କ ଓ ଗବେଷଣା ପ୍ରକ୍ରିୟା ଜାରି ରହିବା ଜରୁରୀ ମନେହୁଏ । ଏ ସଂକ୍ରାନ୍ତରେ ସୂଚନା ମନମୋହନ ମିଶ୍ର ଗ୍ରନ୍ଥାବଳୀର ମୁଖ୍ୟ ସଂପାଦକ ଶ୍ରୀ ପଠାଣୀ ପଟ୍ଟନାୟକ, ଡକ୍‌ଟର ଯତୀନ୍ଦ୍ର କୁମାର ନାୟକ, ଡକ୍‌ଟର ଦେବୀପ୍ରସନ୍ନ ପଟ୍ଟନାୟକ, ଶ୍ରୀ ବିଜୟ ମୋହନ ମିଶ୍ର, ଶ୍ରୀ କୈଳାସ ଚନ୍ଦ୍ର ଟିକାୟତ ରାୟ, ଶ୍ରୀ ଚିତ୍ତ ବେହେରା ଦେଇଛନ୍ତି । ଏହା ଓଡ଼ିଆ ଭାଷାର ବିକାଶରେ ଆସିଲେ ସମସ୍ତଙ୍କ ଶ୍ରମ ସାର୍ଥକ ହେବ ବୋଲି ଆଶା କରେ ।

ଓଡ଼ିଶାର ପ୍ରଖ୍ୟାତ ଭାଷାତତ୍ତ୍ୱବିଦ୍ ଓ ଗବେଷକମାନେ ସେମାନଙ୍କର ସୁଚିନ୍ତିତ ଓ ପ୍ରାସଙ୍ଗିକ ମତାମତ ପ୍ରକାଶ କରିବା ପାଇଁ ଅନୁମତି ଦେଇଥିବାରୁ "ଗ୍ରନ୍ଥାବଳୀ ପ୍ରକାଶନ" ପକ୍ଷରୁ ସେମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

ରବି ଦାଶ
ସଂପାଦକ
ମନମୋହନ ମିଶ୍ର ଗ୍ରନ୍ଥାବଳୀ

Digitized by srujanika@gmail.com

ଅଗ୍ରଲେଖ

"ଚଳନ୍ତି ଭାଷାର ପ୍ରୟୋଗ' ଗ୍ରନ୍ଥର ଲେଖକ କବି ମନମୋହନ ମିଶ୍ର । ଏହି ପୁସ୍ତକର ପ୍ରଥମ ଭାଗକୁ ୧୯୭୧ ମସିହାରେ ପ୍ରକାଶ କରିଥିଲେ ଜେ. ମହାପାତ୍ର ଆଣ୍ଡ କୋ, କଟକ -୨ । ଦୀର୍ଘ ବ୍ୟବଧାନରେ ଏହି ଗ୍ରନ୍ଥର ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡ ମନମୋହନ ମିଶ୍ର ଗ୍ରନ୍ଥାବଳୀ ରୂପେ ପ୍ରକାଶିତ ହେବା ଅତ୍ୟନ୍ତ ସୌଭାଗ୍ୟର କଥା ।

ବରେଣ୍ୟ ବିପ୍ଳବୀ କବି ମନମୋହନ ମିଶ୍ର ଏକାଧାରାରେ ଜଣେ ଶକ୍ତିଶାଳୀ କବି, ଅନୁବାଦକ ଓ ଭ୍ରମଣ କାହାଣୀର ଲେଖକ । ସାମ୍ୟବାଦୀ ଆନ୍ଦୋଳନରେ ବନ୍ଦୀ ହୋଇ କାରାଗାରରେ ବହୁ ବର୍ଷ ବିତାଇ ଥିଲେ । ଜୀବନଯାତ୍ରା ଥିଲା ସର୍ବଦା ଅସ୍ଥିର ଓ ଚଳଚଞ୍ଚଳ । ତାହାରି ମଧ୍ୟରେ ରାଶି ରାଶି ଗ୍ରନ୍ଥ ଅଧ୍ୟୟନ କରି ଭାଷାବିଜ୍ଞାନ ବିଷୟରେ ଏହି ଉଲ୍ଲେଖନୀୟ ଗ୍ରନ୍ଥ ରଚନା କରିଯାଇଛନ୍ତି । ଓଡ଼ିଆ ସାହିତ୍ୟରେ ଓଡ଼ିଆ ଭାଷାବିଜ୍ଞାନ ବିଷୟରେ ବିଶେଷ ଗବେଷଣା ହୋଇନାହିଁ । ଓଡ଼ିଆ ସାହିତ୍ୟର ଏମ୍.ଏ ଶ୍ରେଣୀରେ ପାଠ୍ୟ ଭାବରେ କତିପୟ ଅଧ୍ୟାପକ ଗ୍ରନ୍ଥ ରଚନା କରିଥିଲେ ହେଁ ତହିଁରେ ମୌଳିକ ଚିନ୍ତନ ଓ ନିଷ୍ଠାପର ଗବେଷଣାର ପରିଚୟ ମିଳେନାହିଁ । କବି ମନମୋହନ ମିଶ୍ରଙ୍କ ପରି ଜଣେ ବ୍ୟାରବୁଲା ରାଜନେତା "ଚଳନ୍ତି ଭାଷାର ପ୍ରୟୋଗ" ଗ୍ରନ୍ଥ ରଚନା ପାଇଁ ଦେଶୀ ବିଦେଶୀ ବିଦ୍ୱାନମାନଙ୍କର ବହୁ ପୁସ୍ତକ ଅଧ୍ୟୟନ କରି ନିଜର ମୌଳିକ ଅଭିବ୍ୟକ୍ତିକୁ ପ୍ରାମାଣିକ କରିବା ପାଇଁ ବିସ୍ତୃତ ଉଦ୍ଧୃତି ପ୍ରଦାନ କରିଛନ୍ତି । ଏହି ମୌଳିକ ଗବେଷଣା ଗ୍ରନ୍ଥର ତୁଳନା ନାହିଁ ।

ଏଥିରେ ଶବ୍ଦ ସମ୍ପଦ, ଓଡ଼ିଆ ଶବ୍ଦ, ପଦ ଓ ପ୍ରୟୋଗ ବିଧି, ଓଡ଼ିଆ ଗଦ୍ୟର ପ୍ରବୃତ୍ତି, ଓଡ଼ିଆ ଭାଷାର ଜନ୍ମକଥା, ବାଚନ ଶକ୍ତିର ଉତ୍ପତ୍ତି, ଧ୍ୱନୀ ଓ ଭାଷା, ଭାଷା ଓ କୋର୍ଡ୍, ବିଶ୍ୱବିଜ୍ଞାନର ଭାଷା, ଏକ ବିଶ୍ୱଭାଷା, ଯନ୍ତ୍ରରେ ଅନୁବାଦ ଓ ଛାୟାପଥର ଭାଷା ସଂପର୍କରେ ବିସ୍ତୃତ ଆଲୋଚନ କରାଯାଇଛି ।

ଓଡ଼ିଆ ଭାଷାରେ ଗଦ୍ୟ ଲେଖାର ବିସ୍ତୃତି ଓ ପରିସର ସଂପର୍କରେ ଆଲୋଚନା କରିବାକୁ ଯାଇ ଲେଖକ ଉତ୍କଳଦୀପିକା, ଉତ୍କଳ ସାହିତ୍ୟ, ସତ୍ୟବାଦୀ ଓ ସମାଜ

Digitized by srujanika@gmail.com

ଭଳି ପତ୍ରପତ୍ରିକାରୁ ଅନେକ ଉଦ୍ଧୃତି ପ୍ରଦାନ କରିଅଛନ୍ତି । ରାଧାନାଥ, ଫକିରମୋହନ, ମଧୁସୂଦନ ରାଓ, ନନ୍ଦକିଶୋର ବଳ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଗୋଦାବରିଶ ମହାପାତ୍ର, ଚିନ୍ତାମଣୀ ମହାନ୍ତି, ବିଶ୍ୱନାଥ କର, ମନୋଜ ଦାସ, ରମାକାନ୍ତ ରଥ, ଗୋବିନ୍ଦ ଦାସ, ଗୋପୀନାଥ ମହାନ୍ତି, ମହାପାତ୍ର ନୀଳମଣୀ ସାହୁ, ମଧୁସୂଦନ ମହାନ୍ତି, ଲକ୍ଷ୍ମୀକାନ୍ତ ମହାପାତ୍ର, ନଟବର ସମାନ୍ତରାୟ, ବିନୋଦ ରାଉତରାୟ, କୁଳମଣି ମିଶ୍ର, କୁଳମଣି ସାମଲ, ହରେକୃଷ୍ଣ ମହତାବ, ସୁରେନ୍ଦ୍ର ମହାନ୍ତି, ଲକ୍ଷ୍ମୀନାରୟଣ ସାହୁ, ବାଙ୍କନିଧି ପଟ୍ଟନାୟକ , ସଚ୍ଚି ରାଉତରାୟ, ଫତୁରାନନ୍ଦ, କୃଷ୍ଣ ପ୍ରସାଦ ମିଶ୍ର, ବ୍ରଜନାଥ ବଡ଼ଜେନା, ନାରାୟଣ ଅବଧୂତ ସ୍ୱାମୀ, ଶିବଦାସ, ଶଶିଭୂଷଣ ରାୟ, ରାମଶଙ୍କର ମହାନ୍ତି, କୁନ୍ତଳାକୁମାରୀ ସାବତ, ବାସୁଦେବ ମହାପାତ୍ର, ଜଗବନ୍ଧୁ ସିଂହ ପ୍ରଭୃତିଙ୍କର ଲେଖାରୁ ଲେଖକ ଉଦ୍ଧୃତି ପ୍ରଦାନ କରି ଭାଷାର ବିକାଶକ୍ରମ ଓ ବୈଶିଷ୍ଟ୍ୟ ପ୍ରତିପାଦନ କରିଅଛନ୍ତି ।

ଲେଖକ ମନମୋହନ ମିଶ୍ର ଆମ ଭାଷାର ଗତି ଓ ପ୍ରକୃତି ସଂପର୍କରେ ଆଲୋଚନା କଲାବେଳେ ବଳିଷ୍ଠ ଯୁକ୍ତିର ପ୍ରତିପାଦନ ପାଇଁ ଅନେକ ଭାଷାବିଜ୍ଞାନୀଙ୍କୁ ଅବତାରଣା କରିଅଛନ୍ତି । ସେମାନେ ହେଲେ ଭିକ୍ଟର ଗ୍ରୋଭ (ଦି ଲାଙ୍ଗୁଏଜ୍ ବାର) ଟି. ଆର.ଲାଉନ୍‌ସ (ଦି ଷ୍ଟାଣ୍ଡାର୍ଡ୍ ୟୁସେଜ) ଉଇଲିୟମ ଓ୍ୱାଡ୍ (ଇଂରାଜୀ ଭାଷାର ବ୍ୟାକରଣ) ଲିଣ୍ଡଲେ (ଇଂରାଜୀ ବ୍ୟାକରଣ) ମରେ - ଇଂରାଜୀ ବ୍ୟାକରଣ, ମୃତ୍ୟୁଞ୍ଜୟ ରଥ - ଓଡ଼ିଆ ବ୍ୟାକରଣ; ପାମର ଓ ବ୍ଲାଣ୍ଡଫୋର୍ଡ଼ - କଥିତ ଇଂରାଜୀ ବ୍ୟାକରଣ, ସୁଇଟ-ନିଉ ଇଂଲିସ ଗ୍ରାମାର; ରାହୁଲ ସଂସ୍କୃତାୟନ - ପାଲି ସାହିତ୍ୟର ଇତିହାସ; ବିମସ୍ - ଆଣ୍ଟିକ୍ୟୁଟି ଅଫ୍ ଇଣ୍ଡିଆ; ବିମସ୍ - ତୁଳନାତ୍ମକ ବ୍ୟାକରଣ (୨ୟ ଖଣ୍ଡ) ।

ଓଡ଼ିଆ ଭାଷାତତ୍ତ୍ୱ ସଂପର୍କରେ ଏପରି ତୁଳନାତ୍ମକ ଏବଂ ପ୍ରାମାଣିକ ଅଧ୍ୟୟନ ଅଭିନବ ଏବଂ ମୌଳିକ ବିଗ୍ରହ କହିଲେ ଅତ୍ୟୁକ୍ତି ହେବ ନାହିଁ । ମନମୋହନ ମିଶ୍ରଙ୍କର କବିତା ସର୍ବସାଧାରଣଙ୍କର ଅତ୍ୟନ୍ତ ପ୍ରିୟ ହୋଇଥିବା ବେଳେ ଭାଷାତତ୍ତ୍ୱ ବିଷୟରେ ଏହି ଗବେଷଣା ପୁସ୍ତକ ବୁଦ୍ଧିଜୀବୀମାନଙ୍କର ଯେ ଅତ୍ୟନ୍ତ ଉପଯୋଗୀ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ପଠାଣି ପଟ୍ଟନାୟକ
ମୁଖ୍ୟ ସଂପାଦକ
ମନମୋହନ ମିଶ୍ର ଗ୍ରନ୍ଥାବଳୀ

Digitized by srujanika@gmail.com

ପ୍ରେରଣାର ଉତ୍ସ

ପ୍ରାୟ ଚାଳିଶ ବର୍ଷ ତଳେ ପ୍ରକାଶିତ ହୋଇଥିବା ମନମୋହନ ମିଶ୍ରଙ୍କ ଲିଖିତ ଦୁଇଟି ବହି 'ଚଳନ୍ତି ଭାଷାର ପ୍ରୟୋଗ' ଓ 'ଚଳନ୍ତି ଭାଷାର ବିଜ୍ଞାନ' ପୁନଃମୁଦ୍ରିତ ହେଉଥିବା ଓଡ଼ିଆ ପାଠକଙ୍କ୍ ପାଇଁ ଏକ ଭଲ ଖବର । କବି ଓ ରାଜନିତିଜ୍ଞ ଭାବରେ ପରିଚିତ ଶ୍ରୀ ମିଶ୍ରଙ୍କ ସାହିତ୍ୟିକ ସୃଜନଶୀଳତାର ପରିସର କେତେ ବ୍ୟାପକ ଓ ତାଙ୍କର ବୌଦ୍ଧିକ ଦୃଷ୍ଟିକୋଣ କେତେ ଗଭୀର ଥିଲା, ଏ ଦୁଇଟି ବହି ପଢ଼ିଲେ ଜଣେ ସହଜରେ ଜାଣିପାରିବ । ବହି ଦୁଇଟିକୁ ପଢ଼ିଲେ ଯାହା ହଠାତ୍ ଦୃଷ୍ଟି ଆକର୍ଷଣ କରେ ତାହା ହେଲା ଶ୍ରୀ ମିଶ୍ରଙ୍କର ଓଡ଼ିଆ ଭାଷା ପ୍ରୟୋଗର ନୂତନତା ଓ ଦକ୍ଷତା । ଗୋଟିଏ ଜଟିଳ ବିଷୟକୁ ସାଧାରଣ ପାଠକଙ୍କୁ ବୁଝାଇବାର ଭଙ୍ଗୀ ଅନନ୍ୟ । ପ୍ରକାଶଭଙ୍ଗୀ ଏତେ ଆକର୍ଷଣୀୟ ଯେ ଶ୍ରୀ ମିଶ୍ର ଓଡ଼ିଆ ଭାଷାର ବିକାଶର ଇତିବୃତ୍ତି ବିଷୟରେ ଲେଖନ୍ତୁ ବା ଭାଷାତତ୍ତ୍ୱର ବିଭିନ୍ନ ଦିଗ ଆଲୋଚନା କରନ୍ତୁ, ପାଠକ ଏକା ନିଃଶ୍ୱାସରେ ଟିକିଏ ବି ନଅଟକି ବହି ଦୁଇଟିକୁ ପଢ଼ିଯିବ ।

ବହି ଦୁଇଟିକୁ ପଢ଼ିଲା ବେଳେ ଗୋଟିଏ କଥା ମନକୁ ଆସେ । କବିତା, ଗଳ୍ପ, ଉପନ୍ୟାସ ଓଡ଼ିଆ ଭାଷାରେ ବହୁତ ଲେଖା ହେଲାଣି । ଓଡ଼ିଆ ସିନେମା, ଦୂରଦର୍ଶନ, ଟିଭି ଚ୍ୟାନେଲ୍‌ର ଦର୍ଶକ ବି କିଛି କମ୍ ନୁହଁନ୍ତି । ଅନେକ ଓଡ଼ିଆ ଖବରକାଗଜ ବ୍ୟବସାୟିକ ଦୃଷ୍ଟିକୋଣରୁ ବେଶ ପ୍ରତିଷ୍ଠିତ । ପ୍ରତ୍ୟେକ ବର୍ଷ ପାଞ୍ଚ ଲକ୍ଷ ପିଲା ଓଡ଼ିଆରେ ବିଭିନ୍ନ ବିଷୟରେ ଲିଖିତ ପାଠ୍ୟପୁସ୍ତକ ପଢ଼ି ହାଇସ୍କୁଲ୍ ପରୀକ୍ଷା ଦେଉଛନ୍ତି । ହଜାର ହଜାର ସଂଖ୍ୟାରେ ସେମାନେ କଲେଜରେ ଓଡ଼ିଆ ମାଧ୍ୟମରେ ପରୀକ୍ଷା ଦେଉଛନ୍ତି । ଏଥିରୁ ମନେହେବ ଓଡ଼ିଆ ଭାଷାର ଅବସ୍ଥା ଖୁବ୍ ଭଲ । କିନ୍ତୁ ଏପରି ସମୟ ପହଞ୍ଚିଛି ଯେ ଓଡ଼ିଆ ଭାଷାର ସ୍ଥିତି ସଙ୍କଟାପନ୍ନ ବୋଲି ଆଶଙ୍କା ବଦ୍ଧମୂଳ ହେଲାଣି । ଇଂରାଜୀ ଭାଷାର ପ୍ରାବଲ୍ୟ ଏଥିପାଇଁ ଦାୟୀ ବୋଲି କୁହାଯାଉଛି । ଏହା କେତେକାଂଶରେ ସତ ହେଲେ ବି ପୁରା ସତ ନୁହେଁ । ଏକ ଜ୍ଞାନ ଆହରଣ ଓ ଜ୍ଞାନ ବିତରଣର ଭାଷାଭାବରେ ପ୍ରତିଷ୍ଠିତ ନହୋଇ ପାରିବା ଏଭଳି ଏକ ଅବସ୍ଥା ଉପୁଜିବା

Digitized by srujanika@gmail.com

ପାଇଁ ଦାୟୀ । ଶ୍ରୀ ମିଶ୍ର ଏ ଅବସ୍ଥାର ସୃଷ୍ଟି କିପରି ହେଲା ସେ ବିଷୟରେ ଚଳନ୍ତି **ଭାଷାର ପ୍ରୟୋଗ** ବହିରେ ସୂଚନା ଦେଇଛନ୍ତି । ଗପ ଓ ଉପନ୍ୟାସରେ ଜୀବନ୍ତ ଚରିତ୍ର ସୃଷ୍ଟି କରିବା ପାଇଁ ଓ ବାତାବରଣ ସୃଷ୍ଟି କରିବା ପାଇଁ ଯେଉଁ ଭାଷା ଦରକାର ତାହା ଫକୀରମୋହନ ଓଡ଼ିଆ ସାହିତ୍ୟକୁ ଦେଇପାରିଥିଲେ । କିନ୍ତୁ ଜ୍ଞାନର ବିଭିନ୍ନ ବିଭାଗ ଉପରେ ଆଲୋଚନା କରିବା ପାଇଁ ଏକ ସରସ ସାବଲୀଳ ଭାଷାର ପ୍ରୟୋଗ କରିବା ପାଇଁ ସେପରି ଆଖିଦୃଶିଆ ଉଦ୍ୟମ ହୋଇପାରିଲା ନାହିଁ । ଜ୍ଞାନ ଆହରଣ ଓ ବିତରଣର ଭାଷା କ୍ଳିଷ୍ଟ ନିରସ ହୋଇ ରହିଗଲା । ଏବେ ବି ଦର୍ଶନ, ଇତିହାସ, ଭୂଗୋଳ, ଅର୍ଥନୀତି ଉପରେ ଓଡ଼ିଆରେ ଲେଖା ହୋଇଥିବା ଖୁବ୍ କମ୍ ବହି ପାଠକଙ୍କର ମନ ଛୁଏଁ । ଓଡ଼ିଆ ଭାଷାକୁ ଜ୍ଞାନ ଚର୍ଚ୍ଚାର ବଳିଷ୍ଠ ମାଧ୍ୟମ କରିବାକୁ ଚେଷ୍ଟା କରାଯାଇ ନାହିଁ ତା ନୁହେଁ, ବିନୋଦ କାନୁନ୍‌ଗୋ, ଶତର କୁମାର ମହାନ୍ତି, ଗୋଳକ ବିହାରୀ ଧଳ, ମାୟାଧର ମାନସିଂହ ଓ ମନମୋହନ ଚୌଧୁରୀଙ୍କ ଭଳି ଅନେକ ଲେଖକ ଏ ଦିଗରେ ଉଦ୍ୟମ କରିଛନ୍ତି । କିନ୍ତୁ ସେମାନଙ୍କର ଏ ପ୍ରଚେଷ୍ଟାକୁ ଯେତିକି ଉତ୍ସାହ ଓ ସହଯୋଗ ମିଳିବା କଥା ତା ମିଳି ନାହିଁ ।

ଭାଷାର ସ୍ୱରୂପ ଓ ବିକାଶ ପରିପ୍ରେକ୍ଷୀରେ ଭାଷାତତ୍ତ୍ୱ ଉପରେ ମନମୋହନ ମିଶ୍ରଙ୍କର ସରଳ, ସରସ, ଓ ସାବଲୀଳ ଭାଷାରେ ଲେଖାହୋଇଥିବା ଏ ଦୁଇଟି ବହି ଓଡ଼ିଆ ଭାଷାକୁ ଜ୍ଞାନ ଆହରଣ ଓ ଜ୍ଞାନ ବିତରଣର ମାଧ୍ୟମରେ ପରିଣତ କରିବା ପାଇଁ ଚେଷ୍ଟିତ । ସମସ୍ତଙ୍କ ପାଇଁ ପ୍ରେରଣାର ଏକ ଉତ୍ସ ହେବ ବୋଲି ଆଶା କରେ ।

ଯତୀନ୍ଦ୍ର କୁମାର ନାୟକ
ପ୍ରଫେସର ଇଂରାଜୀ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

Digitized by srujanika@gmail.com

"ଚଳନ୍ତି ଭାଷାର ପ୍ରୟୋଗ ଓ ବିଜ୍ଞାନ"

ମନମୋହନ ମିଶ୍ରଙ୍କୁ ମୁଁ ଜାଣେ । କବି ଓ ଗୀତିକାର ହିସାବରେ ସେ ଆମ ମନରେ ଘର କରିଛନ୍ତି । ମୁଁ ତାଙ୍କ ଘରକୁ ଯାଇଛି । ଆମେ ତାଙ୍କ ଗୀତ ଗାଇ ରାସ୍ତାରେ ବୁଲିଚୁ । ସେ ପୁଣି ସମାଜବାଦୀ ଥିଲେ । ସେଇଟା ଆଉ ଗୋଟାଏ ଆକର୍ଷଣ । କିନ୍ତୁ ତାଙ୍କ ସମାଜବାଦ ଆମଠାରୁ ଭିନ୍ନ ଥିଲା । ତାଙ୍କୁ ସାମ୍ୟବାଦୀ କୁହାଯାଉଥିଲା । ଏହି ସାମ୍ୟବାଦ କିଛି ପରିମାଣରେ ଭାଷା ପରି । ରାଜନୀତିରେ ମୋ ମାତୃଭାଷା ହେଲା ଗାନ୍ଧୀବାଦ । ମନମୋହନ ବାବୁଙ୍କ କଥାରେ କହିଲେ, "ପ୍ରଥମ ଶୈଶବରୁ କେହି ଜଣେ ମାତୃଭାଷାରେ ଦଖଲ ନିଏ । ଏହି ମାତୃଭାଷା ଶିଶୁ ଶିଖୁ ତା ମନ ଭିତରେ ଚେରମୂଳ ମାଡ଼ି ବସିଯାଏ । ଏହା ଲୋକର ଜୀବନବ୍ୟାପୀ ବ୍ୟବହାରରେ ଲାଗେ । ତେଣୁ ଏହା ଅପାଣାଛାଏଁ ଲୋକର ପାଟିକୁ ଆସିଥାଏ । କିନ୍ତୁ ବିଦେଶୀ ଭାଷା କ୍ଷେତ୍ରରେ ଏ କଥା ନୁହେଁ । ସ୍ୱାଭାବିକଭାବରେ ସେହି ଭାଷାର ବାଚନ -ତତ୍ତ୍ୱର ପ୍ରଧାନ ପ୍ରଧାନ ବିଭାଗଗୁଡ଼ିକ ଆୟତ କରିବା ଦରକାର ପଡ଼େ । ଏକ ବିଦେଶୀ ଭାଷାର ଫୋମିନ୍‌ଗୁଡ଼ିକର ସୀମା ବି ଶିଖିବାକୁ ପଡ଼େ । ଏକଥା କଲାବେଳେ ଆମେ ଅଭ୍ୟାସ ମୁତାବକ ଆମର ମାଭୃଭାଷାର ଅଭ୍ୟାସଗୁଡ଼ିକ ନେଇ ଏହି ନୂଆ କଥାର କମକୂଟ ଭିତରେ ଗୁନ୍ଥିଦେଉ । ଫଳରେ ଏକ ଅଲଗା ବାଚନ ଭଙ୍ଗୀ ତିଆରି ହୋଇଯାଏ ।" (ଚଳନ୍ତି ଭାଷାର ବିଜ୍ଞାନ: ପୃ-୧୭୬) ଆମେ ଯେଉଁ ସମାଜ ବ୍ୟବସ୍ଥାରେ ବସିଥିଲୁ ତା ସଙ୍ଗରେ ଗାନ୍ଧୀବାଦ ମିଶି ଆମ ରାଜନୈତିକ ମାତୃଭାଷା ତିଆରି ହୋଇଗଲା । ମାର୍କ୍ସବାଦ ଯେତେବେଳେ ଭାରତକୁ ଆସିଲା ତହିଁରେ ଏହି ମାତୃଭାଷାର ପୁଟ ଚଢ଼ି ସମାଜବାଦ ଗଢ଼ି ଉଠିଲା । ସାମ୍ୟବାଦ ଭାରତରେ ବିଦେଶୀ ଭାଷା ହୋଇ ରହିଲା । ଏହାର ଏକ ଭିନ୍ନ ବାଚନ ଭଙ୍ଗୀ ହେଲା । ଆଜି ପଛକୁ ଚାହିଁ ଦେଖିଲେ, ବନ୍ଧୁତା ଡ଼ୋରିର ଏହି ଦୂରତା ଆଖିରେ ପଡ଼େ । ରାଜେନ୍ଦ୍ର (ଇତିହାସ ଅଧାପକ ବନ୍ଧୁ ରାଜେନ୍ଦ୍ର ପ୍ରସାଦ ଦାସ)ସାଙ୍ଗରେ ଯେଉଁ ବନ୍ଧୁତା ତାହା ରବିରାୟଙ୍କ ଠାରୁ ଭିନ୍ନ । ରବିରାୟ ଆମର ସିନିୟର, ନେତା । ତେଣୁ ସବୁ ଘନିଷ୍ଠତା ସତ୍ତ୍ୱେ ବଡ଼ଙ୍କୁ ସମ୍ମାନ କରିବା କଥା ମଝିରେ ଆସି ଯାଉଥିଲା । ମନମୋହନ ବାବୁ ଭିନ୍ନ ରାଜନୈତିକ ବାଚନଭଙ୍ଗୀର

Digitized by srujanika@gmail.com

ଲୋକ । ସିଏ ପୁଣି ସିନିଅର ଆଉ ନେତା । ତେଣୁ ରବିରାୟଙ୍କ ଅପେକ୍ଷା ତାଙ୍କ ବନ୍ଧୁତା ଆଉ ଟିକିଏ ଦୂର । କିନ୍ତୁ ଆମ ସମାଜ ଓ ସଂସ୍କୃତିର ମୂଳଦୁଆ ହେଉଛି ସମ୍ପର୍କ । ଏଇ ସମ୍ପର୍କ ଦୂରକୁ ନିକଟ ଓ ପରକୁ ଆପଣାର କରେ । ଏହି କ୍ରମରେ ମନମୋହନ ବାବୁ ଓ ନନ୍ଦିନୀଙ୍କ ସହିତ ମୋର ସମ୍ପର୍କର ନିଗୂଢ଼ତା ଥିଲା ।

ମନମୋହନ ବାବୁଙ୍କୁ ମୁଁ କବି ଓ ଗୀତିକାର ଭାବେ ପଢ଼ିଚି । କିନ୍ତୁ ସେ ଯେ ଏତେ ଚମତ୍କାର ଗଦ୍ୟ ଲେଖି ପାରନ୍ତି ଏକଥା ମୁଁ ଆଜିଯାଏ ଜାଣିନଥିଲି । ତାଙ୍କ ଗଦ୍ୟ ଏତେ ସରଳ ଓ ସାବଲୀଳ ଯେ ସେଥିରେ କବିତାର ଚିକ୍କଣତା ଓ ଭାବୁକତା ଅଛି । ଏପରିକି ବିଜ୍ଞାନର ତାର୍କିକତା ଓ ଯୁକ୍ତିଯୁକ୍ତତାକୁ ସେ ନିପୁଣ ସରଳତା ସହକାରେ ଉପସ୍ଥାପିତ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଯେ ଓଡ଼ିଶାରେ ସେତେବେଳେ ଭାଷାବିଜ୍ଞାନ ଜ୍ଞାନର ଘୋର ଅଭାବ ଥିଲାବେଳେ ତାଙ୍କ ପରି ଜଣେ କବି ଓ ରାଜନୈତିକ ନେତା ଏପରି ଏକ ବହି ଲେଖି ପାରିଛନ୍ତି । ସିଏ ଓଡ଼ିଆରେ ବାରଟି ସ୍ୱରବର୍ଣ୍ଣ ଓ ୩୪ ଟି ବ୍ୟଞ୍ଜନ ବର୍ଣ୍ଣ ଅଛି କହିଥିଲା ବେଳେ କିନ୍ତୁ ୧୨ ଟି ସ୍ୱରବର୍ଣ୍ଣ ଧ୍ୱନି ଭିତରୁ ୫ ଟି ବା ୬ଟିର ସ୍ୱରଧ୍ୱନିର ଉଚ୍ଚାରଣ ଅଛି (ପୃ ୧୮୩) ବୋଲି କହିବା ସେ ସମୟର ଆଗର କଥା । ଅବଶ୍ୟ ଓଡ଼ିଆ ବ୍ୟଞ୍ଜନ ବର୍ଣ୍ଣରେ ତିନୋଟି ସ,ଶ,ଷ ପରି ଦୁଇଟି ଜ, ଯ ର ପ୍ରଭେଦ ଉଚ୍ଚାରଣରେ ନଥିବା ହେତୁ ସେ ସର ଅନୁରୂପ କଥା କହିପାରିଥାନ୍ତେ । କିନ୍ତୁ ମନେ ରଖିବାକୁ ହେବ ଯେ ସେ ଓଡ଼ିଆ ଭାଷାର ବ୍ୟାକରଣ କିମ୍ବା ଓଡ଼ିଆ ଭାଷାର ଗଢ଼ଣ ବିଷୟରେ ବହି ଲେଖି ନାହାଁନ୍ତି । ଭାଷା ବିଜ୍ଞାନ ପ୍ରବେଶ ହିସାବରେ ଲେଖା ଏ ବହି ତାଙ୍କ ସମୟର ବହୁ ଆଗରେ ।

କମ୍ପ୍ୟୁଟର ଭାଷା ଠାରୁ ସଂକେତ ଓ ପଶୁ ପକ୍ଷୀଙ୍କର ଭାଷା ସମ୍ବନ୍ଧରେ ତାଙ୍କର ଆଲୋଚନାର ସମସାମୟିକତା ମତେ ଆଶ୍ଚର୍ଯ୍ୟ କରିଦେଇଚି । କମ୍ପ୍ୟୁଟରର ସୀମାନିର୍ଦ୍ଧାରଣ ୧୯୭୦ ବେଳର ଲେଖା । ସେତେବେଳକୁ ମୁଁ ଭାରତବର୍ଷରେ କମ୍ପ୍ୟୁଟରରେ ଭାଷା ବ୍ୟବହାର ବିଷୟରେ କାମ ଆରମ୍ଭ କରିଥାଏ । ମୁଁ ନିଶ୍ଚିତଭାବରେ କହିପାରେ ଯେ ସେ ସମୟର କମ୍ପ୍ୟୁଟର ବିଜ୍ଞାନୀ ଓ ଭାଷା ବିଜ୍ଞାନୀମାନଙ୍କ ମଧ୍ୟରେ ତାଙ୍କ ବିଚାର ଆଗ ଧାଡ଼ିରେ ଥିଲା । ସେହିପରି ପଶୁପକ୍ଷୀମାନଙ୍କର ଭାଷା ଓ ସାଂକେତିକ ଭାଷା ବିଷୟରେ ତାଙ୍କ ଆଲୋଚନା ସମସାମୟିକ ଜ୍ଞାନ ଉପରେ ପ୍ରତିଷ୍ଠିତ । ଏହି ସବୁ କ୍ଷେତ୍ରରେ କିଛି ପରସ୍ପର ବିରୋଧୀ ଅବତାରଣା ଅଛି । ସେ କହିଛନ୍ତି, ବହୁଭାଷୀ କୁଆ ଯେତେ କୁଆଭାଷା ଜାଣିଥିଲେ ବି ଆପଣାର, ପଶୁପକ୍ଷୀଙ୍କର ବହୁଭାଷିକତା ବିଷୟରେ ଏବେ ଶୁଦ୍ଧା ଗବେଷଣାର ଅଭାବ । ତଥାପି ଆମେ କାଚଖୁମ୍ପ କଥା କିମ୍ବା ପରିଲୋକ କଥାରେ ମା ଶାଗୁଣା ତା ପିଲାଙ୍କୁ ରାଜାପୁଅ କି ସାଧବ ପୁଅର ଅବଶ୍ୟମ୍ଭାବି ମୃତ୍ୟୁ

Digitized by srujanika@gmail.com

ବିଷୟରେ କହିବା ତ ପିଲାଙ୍କ ପ୍ରଶ୍ନର ଉତ୍ତରରେ ତହିଁରୁ ବଞ୍ଚିବା ବାଟ ବତେଇବା ଆଦି ଗପ ଆମକୁ ଭିନ୍ନ ସୂଚନା ଦିଏ ।

ଭାଷା ବିଷୟରେ ଶ୍ରୀ ମିଶ୍ର କେତେକ ସୁନ୍ଦର ସମାଧାନ ଦେଇଛନ୍ତି । ସେ କହନ୍ତି, "ଶେଷରେ ଭାଷା ଓ ବୈଷୟିକ କୋଡ୍" ଭିତରେ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଭେଦ ହେଲା ଯେ ଭାଷା କେବଳ ଆଦାନ ପ୍ରଦାନର ମାଧ୍ୟମ ନୁହେଁ । ଏହା କେବଳ ସୂଚନା ପ୍ରେରକ ନୁହେଁ । ଏହା ଆମର ଚତୁର୍ଦିଗରେ ଥିବା ବସ୍ତୁଜଗତ ବିଷୟରେ ଜ୍ଞାନ ଅର୍ଜନର ବାହାନ । ଏହା ପୃଥିବୀକୁ ମଡ଼େଲ୍ କରିବାର ଗୋଟିଏ ସୁନ୍ଦର ପଦ୍ଧତି । ଏହି ମଡ଼େଲ କରିବାର କ୍ଷମତା ହେଉଛି ଭାଷାର ଅପୂର୍ବ କ୍ଷମତା । ତେଣୁ କେବଳ ଦୁନିଆ ବିଷୟରେ ସୂଚନା ପ୍ରେରଣ ନୁହେଁ, ସେହି ଦୁନିଆକୁ ଗଢ଼ିବାର ବା ମଡ଼େଲ କରିବାର ସାମର୍ଥ୍ୟ ଯୋଗୁଁ ଭାଷା ବୈଷୟିକ କୋଡ୍, ସଂକେତ ବ୍ୟବସ୍ଥା ଓ ଯନ୍ତ୍ରଭାଷାଠାରୁ ବୈଚିତ୍ର୍ୟମୟ ଓ ଉନ୍ନତ । (ପୃ - ୨୫୩)

ତାଙ୍କ ନିଜ ବହି ବିଷୟରେ ସେ କହିଛନ୍ତି, ମନୁଷ୍ୟ ସମାଜର ଭାଷା ଆଦାନ ପ୍ରଦାନର ବାହାନ ଭିତରେ ଠାର, ଇସାରା, ଇଙ୍ଗିତ, ବାଜାବଜେଇବା, ସୁରସୁରି ଓ ଫିସଫିସକଥା, ଟ୍ରାଫିକ ସଙ୍କେତ,ମୁଖର ଭଙ୍ଗି, ମନୁଷ୍ୟର ଆଚାର ବ୍ୟବହାର, ହାବଭାବର ଭାଷା, ଯନ୍ତ୍ରର ଭାଷା, ପ୍ରୋଗ୍ରାମ୍, ଆଲଗୋରିଥମ ଇତ୍ୟାଦି ସବୁ ଆସି ଯାଉଛି ।

କିନ୍ତୁ ଏମାନଙ୍କ ଭିତରୁ ଗୋଟିଏ ଭାବବିନିମୟ ପଦ୍ଧତିର ନମନୀୟତା, ସାର୍ବଜନୀନତା ଓ ସୁଦକ୍ଷତାରେ ଆଗରୁ ନିତିଦିନିଆ ସାଧାରଣିଆ ମନୁଷ୍ୟ ଭାଷାକୁ ବଳିଦେଇ ପାରିବ ନାହିଁ । ଏହା ହିଁ ଏତେ କଥାରେ ଏ ବହିରେ କୁହାଯାଇଛି । ଏଠାରେ ଆମର ସମୃଦ୍ଧିମୟ ଭାଷାଗତ ଐତିହ୍ୟ, ଏହାର ଅନୁସନ୍ଧାନର ରୋକଠୋକ ପଦ୍ଧତି ଓ ଏହି ବିଷୟଠାରୁ ବିସ୍ମୟକର ରହସ୍ୟ ଉଦ୍‌ଘାଟନ କରିବାର ଉଦ୍ୟମ କରାଯାଇଛି ।

ଚଳନ୍ତି ଭାଷାର ପ୍ରୟୋଗ ଓ ଚଳନ୍ତି ଭାଷାର ବିଜ୍ଞାନ ଦୁଇ ଖଣ୍ଡରେ ଏ ବହିଟିର ଉପସ୍ଥାପନା ହୋଇଛି । ଏଥିରେ କେବଳ ଭାଷାବିଜ୍ଞାନ ନୁହେଁ, ମନୋବିଜ୍ଞାନ, ସମାଜବିଜ୍ଞାନ, ପଦାର୍ଥ ବିଜ୍ଞାନ, ଗଣିତ, ଦର୍ଶନ, କମ୍ପ୍ୟୁଟର ବିଜ୍ଞାନ ଆଦି ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ପାଇଁ ଚେଷ୍ଟା କରାଯାଇଛି ।

ମୁଁ ଆଶା କରୁଛି ଯେ ଏ ବହିଟି ବୁଦ୍ଧିଜୀବୀ ଏବଂ ସାଧାରଣ ପାଠକଙ୍କ ଦ୍ୱାରା ଆଦୃତ ଓ ବ୍ୟବହୃତ ହେବ ।

ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ

Digitized by srujanika@gmail.com

'ଚଳନ୍ତି ଭାଷା'ର ପ୍ରୟୋଗ ଓ ବିଜ୍ଞାନ: ଏକ ମଶାଲ

"କଣ୍ଠା ଓଡ଼ିଆରେ କହିଲେ କୁହାଯିବ ଆମ ଓଡ଼ିଆ ଭାଷା ସାହିତ୍ୟର ଆଜି ମା' ବାପା ନାଇଁ।" ୧ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଏ ମନ୍ତବ୍ୟଟିକୁ ବହିଟିରେ 'ନିଜକଥା' ଲେଖିବାବେଳେ ଅବିକଳ ଉଦ୍ଧାର କରିଛନ୍ତି। ଶହେବର୍ଷ ତଳର କଥାଟିକୁ ଚାଳିଶ ବର୍ଷ ତଳେ ଆଉ ଥରେ ଲେଖିବାକୁ ମନମୋହନ ମିଶ୍ର ଯେମିତି ଉଚିତ୍ ମନେ କରିଥିଲେ, ଆଜି ମଧ୍ୟ ସେହି ବାକ୍ୟଟିକୁ ଶହେଥର ଲେଖି ପଢ଼ିବାକୁ ଇଚ୍ଛା ହେଉଛି। ଚଳନ୍ତି ଭାଷା ହେଉଛି ଜୀବନ୍ତ ଭାଷା। କବି, ରାଜନୀତିଜ୍ଞ, ସମାଜସେବୀଭାବେ ଏକ ଉତ୍ସର୍ଗୀକୃତ ଜୀବନ ବଞ୍ଚିଥିବା ମନମୋହନ ପରାଧୀନ ଭାରତରୁ ସ୍ୱାଧୀନ ଭାରତଯାଏ ଅନେକ ବର୍ଷ ଜେଲରେ କାଟିଛନ୍ତି। ଏଇଥିରୁ ବୁଝିହେବ ସତ କହିବାରେ ଓ ମଣିଷ ପାଇଁ ସଂବେଦନଶୀଳ ହୋଇ ଲଢୁଆ ମଣିଷଟି କେତେ କଙ୍ଗାଳ ନିଜ ପାଇଁ ଅର୍ଜିବାରେ ସେ ସାରା ଜୀବନ କଟାଇଦେଲେ। ତା'ରି ଭିତରେ ପଢ଼ିବା ଏବଂ ଜ୍ଞାନ ବାଣ୍ଟିବାକୁ କଲମ ଚଳେଇବାର କଷ୍ଟକୁ ମଧ୍ୟ ଆପଣେଇ ନେଇଥିଲେ। **ଚଳନ୍ତି ଭାଷାର ପ୍ରୟୋଗ ଓ ବିଜ୍ଞାନ** ସଂପର୍କରେ ଲେଖାଗୁଡ଼ିକ ପଢ଼ିଲା ପରେ ମୋ ପରି ଭାଷାବିଜ୍ଞାନ ପଢ଼ି, ଚାକିରି ସାରି ଜନସାଧାରଣଙ୍କ ଟଙ୍କାରେ ଏବେ ବି ପେଟ ପୋଷୁଥିବା ଲୋକଟି ନିଜକୁ ମୂର୍ଖ ବୋଲି ଭାବୁଛି। ଲାଜ ଲାଗୁଛି। ଆଉ କାହାକୁ କ'ଣ ଲାଗିବ ଜାଣେନା। ଏ ଦୋଷ ଏକା ମୋର ନୁହେଁ। ଏ କଥା ମୋତେ ଯେଉଁମାନଙ୍କର କହିବାର ଥିଲା କହିନାହାନ୍ତି। ବୋଧହୁଏ ସେମାନେ ଏ ଲେଖା ଦେଖି ନଥିଲେ, ଦେଖିଥିଲେ ବି ପଢ଼ିନଥିଲେ ଅଥବା ପଢ଼ି ବୁଝିବାପାଇଁ ଧୈର୍ଯ୍ୟ ନଥିଲା ! ତଥାପି ଆଜି ଓଡ଼ିଆ ଭାଷାର ମା' ବାପା ଆମେ ବୋଲି ଦାବି କରୁଛୁ। ଥରେ ପ୍ରଖ୍ୟାତ ବିଦ୍ୱାନ ପ୍ରଫେସର ଦାଶରଥୀପ୍ରସାଦ ଦାସ ପୁରୀଠାରେ ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ ଆୟୋଜିତ ମଞ୍ଚରେ ଭାଷଣ ପ୍ରସଙ୍ଗରେ କହିଦେଲେ 'ଓଡ଼ିଆ ଭାଷାରେ ବ୍ୟାକରଣ ଲେଖା ହୋଇନାହିଁ।' ଶ୍ରୋତା ମଣ୍ଡଳୀରେ ପ୍ରବଳ ଗୁଞ୍ଜରଣ ହେଲା। ସଭା ପରେ ପ୍ରଶ୍ନବାଣ ଅଜାଡ଼ି ହୋଇପଡ଼ିଲା। ପ୍ରଫେସର ଦାସ ମଧ୍ୟ ହସି ହସି ଯଥାର୍ଥ ଉତ୍ତର ଦେଲେ। ଏଇ ପ୍ରଶ୍ନକର୍ତ୍ତାଙ୍କ ମଧ୍ୟରେ

Digitized by srujanika@gmail.com

ଥିଲେ ତରିଶିରୁ ପଞ୍ଚତିରିଶ ବର୍ଷ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପଢ଼ାଉଥିବା ବିଦ୍ୱାନ । ଏଥିରୁ ପ୍ରମାଣିତ ହୁଏ ଯେ ଆଜି ବି ଆମେ ଜାଣିନୁ ଆମେ ପଢ଼ିଥିବା ପଢ଼ଉଥିବା ବ୍ୟାକରଣ ଆମ ଭାଷାର ନୁହେଁ । ଆଜି ବି ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ ଆମ ଭାଷା ବ୍ୟାକରଣ ସଂପୂର୍ଣ୍ଣ ଛପା ହୋଇପାରିନାହିଁ । କାରଣ ଓଡ଼ିଆ ଭାଷାକୁ ଆବଶ୍ୟକତାଠାରୁ ଅଧିକ ଭଲ ପାଉଥିବା କେହି ସେ ଗ୍ରନ୍ଥକୁ ପୂଜା ସାମଗ୍ରୀରେ ପରିଣତ କରିଛନ୍ତି ।

ଆଉ ଏ ବହି କଥା । ଶହେ ବର୍ଷ ତଳର ଅନେକ ବ୍ୟଥାକୁ ମନେ ପକେଇ ଆମକୁ ସତର୍କ ହେବାକୁ ଆହ୍ୱାନ ଦେଇଛନ୍ତି ଲେଖକ । "ଫକୀର ମୋହନ ନାହାନ୍ତି, ଆଉ ଯେଉଁ ଶବ୍ଦର ଧଣ୍ଡାମାଳରେ ସେ ଉତ୍କଳ ଭାରତୀକୁ ଏଇଠି ପ୍ରଣମିତ ହୋଇଥିଲେ, ସେ ସବୁ ଧଣ୍ଡାମାଳ ଶୁଖିଯାଇଛି । ତାହାକୁ ପରବର୍ତ୍ତୀ ବଂଶଧର ଆଉ ଆଡ଼ ଆଖିରେ ଦେଖିନାହାନ୍ତି ।"[୨] ମନମୋହନ ମିଶ୍ରଙ୍କ ଏକଥା ଦି'ପଦ କହିବାର ଘଳିଶ ବର୍ଷ ବିତିଗଲାଣି, ହେଲେ ଏବେ ବି ପରବର୍ତ୍ତୀ ବଂଶଧରର ଆଖି ଅନ୍ୟ ଆଡ଼େ ରହିଁଛି ।

'ଚଳନ୍ତି ଭାଷା'ର ଆଲୋଚନାକୁ ସେ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ଗୋଟିକରେ ଏହା ଭାଷାର 'ପ୍ରୟୋଗ' ଏବଂ ଅନ୍ୟଟିରେ ଭାଷାର 'ବିଜ୍ଞାନ' ସମ୍ବନ୍ଧରେ ଆଲୋଚନା କରିଛନ୍ତି । ଉଭୟ କ୍ଷେତ୍ରରେ ପ୍ରାବନ୍ଧିକଙ୍କ ପାଣ୍ଡିତ୍ୟ ଓ ପ୍ରତିଭାର ପ୍ରଚଣ୍ଡତା ସ୍ପଷ୍ଟ ବାରିହୁଏ । ସେ ନିଜେ କହିଛନ୍ତି, "ଏହା ଅମୁକ ପଣ୍ଡିତଙ୍କର ମତ ବା ସମୁକ ପଣ୍ଡିତଙ୍କ ତତ୍ତ୍ୱ ବୋଲି କହିଦେବା ଯଥେଷ୍ଟ ନୁହେଁ ।"[୩] ପୃଥିବୀରେ ସବୁ ବିଜ୍ଞାନ କ୍ଷେତ୍ରରେ ସେହି ପଦ୍ଧତି ପ୍ରୟୋଗକରି "ପୁରୁଣା ଅନୁମାନଗୁଡ଼ିକ ବୈଜ୍ଞାନିକ ଗବେଷଣାରେ ସିଦ୍ଧ ହେବା ଆବଶ୍ୟକ" ବୋଲି ଆହ୍ୱାନ ଦେଇଛନ୍ତି । କିନ୍ତୁ ଏ ଆହ୍ୱାନ ଏବେ ବି ଆମ କାନକୁ ସ୍ପଷ୍ଟ ଶୁଭୁନାହିଁ ।

ବହିଟିର 'ପ୍ରୟୋଗ' ଭାଗଟିରେ ଯେଉଁ ଯେଉଁ କଥା କୁହାଯାଇଛି ସେଗୁଡ଼ିକ ଟିକେ ଆଗପଛ ହୋଇ ସଜଡ଼ା ହୋଇଥିଲେ ଭଲ ହୋଇଥା'ନ୍ତା । ଯେମିତି 'ଓଡ଼ିଆ ଭାଷାର ଜନ୍ମକଥା' ଆଗକୁ ଯାଇ, 'ଶବ୍ଦ, ପଦ' ଆଲୋଚନା ପଛକୁ ଆସିଥା'ନ୍ତା । ତା'ପରେ 'ଶବ୍ଦ ସଂପଦ' ଓ ଗଦ୍ୟ ସଂବନ୍ଧୀୟ ବିଭିନ୍ନ ଆଲୋଚନାକୁ ପାଖାପାଖି ରଖାଯାଇ ପାରିଥା'ନ୍ତା । 'ଶବ୍ଦ ସଂପଦ' ଆଲୋଚନାରୁ 'ରାଜନୀତିର ଗଦ୍ୟ' ବା 'ଜନଜୀବନରେ ଗଦ୍ୟ ଭାଷା' ଆଲୋଚନାକୁ ଅନ୍ୟତ୍ର ସଂଯୋଜିତ କରାଯାଇପାରିଥା'ନ୍ତା ।

Digitized by srujanika@gmail.com

ଏସବୁ ସତ୍ତ୍ୱେ ଆଲୋଚନାର ପ୍ରତ୍ୟେକଟି ଅଂଶରେ ତୀକ୍ଷ୍ଣ ବୈଜ୍ଞାନିକ ଦୃଷ୍ଟିକୋଣର ପ୍ରୟୋଗ ସହ ଆଗାମୀ ଦିନରେ ଗବେଷଣା ପାଇଁ ଭାଷା ସଂପର୍କରେ ପ୍ରଚୁର ଉପାଦାନ, ସୂଚନା, ତଥ୍ୟ ଓ ପ୍ରେରଣା ଭରିରହିଛି । ଆଜି ଓଡ଼ିଶାରେ 'ଶାସ୍ତ୍ରୀୟ ମାନ୍ୟତା' ପାଇଁ ଦୁଇଟି କ୍ଷେତ୍ରରେ ପ୍ରବଳ ହୋ-ହାଲ୍ଲା ଚାଲିଛି । ଓଡ଼ିଶୀ ସଂଗୀତ ଏବଂ ଓଡ଼ିଆ ଭାଷାକୁ ମାନ୍ୟତା ମିଳିଲେ ଟଙ୍କା ମିଳିବ । ଟଙ୍କା ମିଳିଲେ ଅଧିକ ଗବେଷଣା ହେବ । କିନ୍ତୁ ଶହେ କୋଟିର ଆଶାରେ ନୁହେଁ, ନିଜ ଭାଷାକୁ ଭଲ ପାଉଥିବା ହେତୁ ଏବଂ ଅଧ୍ୟୟନ, ଆଲୋଚନା ଓ ସମୃଦ୍ଧି ପାଇଁ ଆଗ୍ରହ କାରଣରୁ ମନମୋହନ ମିଶ୍ର 'ଚଳନ୍ତି ଭାଷାକୁ' ନେଇ ଏ ଗ୍ରନ୍ଥଟି ରଚନା କରିଛନ୍ତି, ଯାହା ଅନେକଙ୍କୁ ଗବେଷଣା ପାଇଁ ଖୋରାକ୍ ଯୋଗାଇବାର କ୍ଷମତା ରଖେ ।

ଅନେକ ମାତୃଭାଷାପ୍ରେମୀ ପଣ୍ଡିତଙ୍କର ଧାରଣା ଯେ ଶୁଦ୍ଧ ଓଡ଼ିଆ ବୋଲି ଗୋଟିଏ ଭାଷା ଅଛି, ଯାହାକୁ ଅନ୍ୟକେହି ଅଣଓଡ଼ିଆ ଶବ୍ଦ ଛୁଇଁଦେଲେ ମାରା ହୋଇଯିବ । ମନମୋହନ କିନ୍ତୁ ଜାଣିଥିଲେ ଓ ବୁଝିଥିଲେ ଯେ ପୃଥିବୀର କୌଣସି ଭାଷା ଅବିମିଶ୍ର ନୁହେଁ । ସେ କହନ୍ତି - 'ଉଧାର କଲା ବୋଲି କୌଣସି ଭାଷା ଖାତକ ହୋଇଗଲା, ତେଣୁ ଛୋଟ ହୋଇଗଲା ଏକଥା ନୁହଁ ।" ୪ ପୁଣି ଲୋକକଥିତ, ପ୍ରାକୃତ, ଜୀବନ୍ତ ବା ଚଳନ୍ତି ଭାଷାର ମହତ୍ତ୍ୱ ଓ ଗୁରୁତ୍ୱକୁ ଗଭୀର ଭାବରେ ଉପଲବ୍ଧି କରି 'କାଉ' କୁ 'କାକ' ବା 'ବାୟସ' କହୁଥିବା ଭାଷାପ୍ରେମୀମାନଙ୍କୁ ମନମୋହନଙ୍କ ଉତ୍ତର ହେଲା - "କୌଣସି ଭାଷାକୁ ଜଙ୍ଗଲୀ ଭାଷା ଆଉ କୌଣସି ଭାଷାକୁ ମାର୍ଜିତ ଭାଷା ବୋଲି କହିବା ଦାରୁଣ ଭ୍ରମ ।"

ବହିଟିଯାକ ପାଠ ଭର୍ତ୍ତି, ଯାହା ଓଡ଼ିଆ ଅନର୍ସ କିମ୍ବା ଏମ୍.ଏ ପଢୁଥିବା ପିଲାଙ୍କ ପାଇଁ ଏକାନ୍ତ ଜରୁରୀ । ଅନ୍ତତଃ ଏ ବହି ପଢ଼ିଲେ ସେମାନେ ଗଣିତର ଭାଷା କେମିତି ପୃଥିବୀର ଶ୍ରେଷ୍ଠଭାଷା ବୁଝିପାରିବେ ଏବଂ ବିଜ୍ଞାନର ଭାଷା କ'ଣ, କମ୍ପ୍ୟୁଟର ପାଇଁ ତାହାକୁ କେମିତି ଉପଯୋଗୀ କରାଯାଇପାରିବ ଇତ୍ୟାଦି ଜାଣିଲେ 'ଭାଷା ସାହିତ୍ୟ ବିଭାଗ' ନାଆଁରେ ଓଡ଼ିଶା ସାରା କଲେଜଠାରୁ ୟୁନିଭରସିଟିଯାଏ ଖୋଲାଯାଇଥିବା ଦୋକାନ ଓ ଦୋକାନୀମାନଙ୍କ ଅସଲ ଜ୍ଞାନ - ଗଭୀରତାକୁ ଜାଣିପାରିବେ ଏବଂ ଭାଷା ପାଇଁ ଆନ୍ଦୋଳନ କରୁଥିବା ପଣ୍ଡିତମାନଙ୍କୁ ଛାଡ଼ି ଦଲାଲମାନଙ୍କୁ ଚିହ୍ନିପାରିବେ ।

ମନମୋହନ ମିଶ୍ର ଥିଲେ କବି ଓ ବିପ୍ଲବୀ । ସେଇ ଆଖି ନେଇ ସେ ଚଳନ୍ତି ଭାଷାକୁ ବିଚାର କରିଛନ୍ତି । ବହିଟିର ପ୍ରତିଟି ବାକ୍ୟରେ ବାସ୍ତବତା ଓ ଭାଷା ପାଇଁ ସଚେତନ ସତର୍କତାର କମ୍ପନ ଅନୁଭବ କରିହୁଏ । "ଓଡ଼ିଆ ପଢ଼ା ଶୁଣିଲେ ମୁହଁ ଆମିଳା' କରୁଥିବା ଲୋକ ଏବଂ ଓଡ଼ିଆ ଭାଷା ପାଇଁ ସତ ବା ମିଛରେ କାନ୍ଦୁଥିବା

Digitized by srujanika@gmail.com

ସତ୍ତିଏଁ ବହିଟିକୁ ଥରେ ପଢ଼ିଦେଲେ ଆଖି ଆଗରୁ ଅନେକ ଅନ୍ଧାର ହଟିଯିବ । ଏଇ ଗୋଟିଏ ବହିକୁ ଆଧାର କରି ଅନେକ ଗବେଷଣାତ୍ମକ କାର୍ଯ୍ୟ କରାଯାଇପାରିବ ।

ତେବେ ମୋ ନିଜକୁ ପ୍ରଶ୍ନ - ଆମେ କ'ଣ ସତରେ ମନମୋହନ ମିଶ୍ର କବିପ୍ରାଣର ଭାବପ୍ରବଣତା, ବିପ୍ଳବୀମନର ଉଲ୍ଲାସ, ସମାଜସେବୀ ହୃଦୟର ସମ୍ବେଦନଶୀଳତା, ସ୍ୱାଭିମାନୀ ମଣିଷର ମର୍ଯ୍ୟାଦାବୋଧକୁ ଏକାଠିକରି ଆମ ଭାଷା ଆଡ଼କୁ କେବେ ଗ୍ରହିଁଛୁ ? ଅନ୍ତତଃ ଏହାର ଉତ୍ତର ଖୋଜିବାକୁ ଏ ବହିଟିକୁ ପଢ଼ାଯାଇପାରେ ।

ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ

---

୧. ନିଜ କଥା : ପୃ. ୫
୨. ଭାଙ୍ଗି ଚୂନା ହୋଇଗଲା : ପୃ. ୩୫
୩. ମୁଖଶାଳା : ପୃ ୩
୪. ଭାଷାତତ୍ତ୍ୱରେ ଗଣିତର ପ୍ରୟୋଗ : ପୃ ୨୯୦

Digitized by srujanika@gmail.com

ସୂଚୀପତ୍ର

୧.	ସଂପାଦକୀୟ		କ
୨.	ଅଗ୍ରଲେଖ	ପଠାଣି ପଟ୍ଟନାୟକ	ଘ
୩.	ପ୍ରେରଣାର ଉତ୍ସ	ଯତୀନ୍ଦ୍ର କୁମାର ନାୟକ	ଚ
୪.	ଚଳନ୍ତି ଭାଷାର ପ୍ରୟୋଗ ଓ ବିଜ୍ଞାନ	ଡ଼କ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ	ଢ
୫.	ଚଳନ୍ତି ଭାଷାର ପ୍ରୟୋଗ ଓ ବିଜ୍ଞାନ:ଏକ ମଶାଲ	ଡ଼କ୍ଟର କୈଳାସଚନ୍ଦ୍ର ଟିକାୟତରାୟ	ଟ

ଚଳନ୍ତି ଭାଷାର ପ୍ରୟୋଗ

(ପ୍ରଥମ ଖଣ୍ଡ)

୧.	ମୁଖଶାଳା	୧
	ନିଜ କଥା	୫
	ଶହେ ବର୍ଷ ତଳେ	୯
	ଅନ୍ୟଧାରା	୨୨
	ବାତାବରଣର ସର୍ଜନା	୨୪
	ବିସ୍ମୃତିର ଅଗଣାରୁ	୨୮
	ନଈରେ ପାଣି ଛିନ୍‌ଛୋଟ୍	୩୨
	ବାଟ କଢାଣିଆ ସାପଚଢ଼ ବାଟ	୩୩
	ଜୈ ଜୈ ଗଙ୍ଗାମାତା ଘୁଙ୍ଗୁଡ଼ିଆ ପବନ	୩୪
	ଭାଙ୍ଗି ଚୂନା ହୋଇଗଲା	୩୪

Digitized by srujanika@gmail.com

୨ । ସାଧୁ ଭାଷା ୩୬
୩ । ବିଜ୍ଞାନ ଓ ବିଦ୍ୟା ୪୪
ଚାରୁ ପାଠର ଭାଷା ୪୫
ଚଳନ୍ତି ଭାଷା ଓ ବ୍ୟାକରଣ ୫୪
୩ । ଶବ୍ଦ ସମ୍ପଦ ୬୦
ଇଂରାଜି ଏକ ଅଦ୍‌ଭୁତ ଭାଷା ୬୧
ଆହରଣ ପର୍ବ ୬୨
ଓଡ଼ିଆର ସେ ବ୍ୟାପ୍ତି ନାହିଁ ୬୪
ବ୍ୟାକରଣ କ୍ଷେତ୍ରରେ ୬୬
ଖାଣ୍ଟି ଓଡ଼ିଆ ୬୭
ଓଡ଼ିଆ ଅଭିଧାନର ସୂତ୍ର ୬୮
ନଈ କେ ବାଙ୍କ ୭୧
ଓଡ଼ିଶାର ଜନଜୀବନରେ ଗଦ୍ୟ ଭାଷା ୭୩
ସମାଜ ଓ ସତ୍ୟବାଦୀ ପୃଷ୍ଠାରେ ୭୫
ଦରିଦ୍ରତାର କାହାଣୀ ୭୬
ରାଜନୀତିର ଗଦ୍ୟ ୭୭
କାଉନ୍‌ସିଲ୍ ଭୋଟ୍ ଓ ପ୍ରତିନିଧି ପ୍ରସଙ୍ଗ ୮୦
ଓଡ଼ିଆ କୁଲି, ଚାଷୀ, ମଜୁରିଦାର୍ ୮୩
ପ୍ରୟୋଗର ବିଶେଷତ୍ୱ ୮୫
ଲକ୍ଷ୍ୟ କରିବାର କଥା ୮୬
୫ । ମୂଳଦୁଆ : ଭାଷା ଓ ଗଦ୍ୟ ୮୮
ଭାଷା ନିତ୍ୟ ସନାତନ ନୁହେଁ ୮୯
ଅନ୍ୟ ଭାରତୀୟ ଭାଷା କ୍ଷେତ୍ରରେ ୯୧
ପରିବର୍ତ୍ତନର ସୀମା ଅଛି ୯୩
ଭାଷା ମୂଳଦୁଆର ସୌଧ ନୁହେଁ ୯୫
ମାନଦଣ୍ଡ କ'ଣ ୯୫

Digitized by srujanika@gmail.com

୬ । ଓଡ଼ିଆ ଶବ୍ଦ, ପଦ ଓ ପ୍ରୟୋଗ ବିଧି ୯୮
ଓଡ଼ିଆ ଏକ ଯୌଗିକ ଭାଷା ୧୦୧
ଖାଣ୍ଟି ଓଡ଼ିଆ ୧୦୩
ବିଶେଷ୍ୟ ଓ ବିଶେଷଣ ୧୦୫
କାରକ ବିଭକ୍ତି ୧୦୮
ବାକ୍ୟର ଗୋଡ଼ କ୍ରିୟାପଦ ୧୧୦
ଓଡ଼ିଆ କ୍ରିୟାର ରୂପ ୧୧୨
ଅତୀତ କାଳରେ ୧୧୩
କେତେକ ପ୍ରୟୋଗ ବିଧି ୧୧୪
ପଞ୍ଚଦଶ ଶତାବ୍ଦିରେ ୧୧୭
୭ । ଓଡ଼ିଆ ଗଦ୍ୟର ପ୍ରବୃତ୍ତି ୧୧୯
ବତ୍ରିଶ ସିଂହାସନ ଓ ଚତୁର ବିନୋଦ ୧୨୦
କେତୋଟି ତୁଳନା ୧୨୧
ଆଉ ଗୋଟିଏ ଲେଖା ୧୨୩
ଗୁରୁଚଣ୍ଡାଳ ଦୋଷ ୧୨୫
ସେକାଳର ସମାଲୋଚନା ଭାଷା ୧୨୮
୮ । ଗଦ୍ୟ ଲେଖାର ବର୍ତ୍ତମାନ ପ୍ରସ୍ଥ ୧୩୦
ଇଂରେଜ ଶୈଳୀର ପ୍ରଭାବ ୧୩୨
ଅତି ବୁଦ୍ଧିଜୀବୀ ଭାଷା ୧୩୫
ସାପ ମରିବ ନାହିଁ କିନ୍ତୁ ବାଡ଼ି ଭାଙ୍ଗିବ ୧୩୮
ନିରୀହ ନୀତିଦିନିଆ ଭାଷା ୧୪୨
୯ । ଓଡ଼ିଆ ଭାଷାର ଜନ୍ମ କଥା ୧୫୦
ଭାଷାମାନଙ୍କର ସାଦୃଶ୍ୟ ୧୫୨
ଭାରତୀୟ ଭାଷାମାନଙ୍କର ଉତ୍ପତ୍ତି ୧୫୪
ପ୍ରାକୃତ, ସଂସ୍କୃତ, ଓଡ଼ିଆ ୧୫୬
୧୦ ।ବାଚନ ଶକ୍ତିର ଉତ୍ପତ୍ତି ୧୫୮
ବିଭିନ୍ନ ମତ ୧୫୯
ଶବ୍ଦ ସୃଷ୍ଟିର ସୂତ୍ର ୧୬୧

Digitized by srujanika@gmail.com

ଚଳନ୍ତି ଭାଷାର ବିଜ୍ଞାନ

(ଦ୍ୱିତୀୟ ଖଣ୍ଡ)

୧୧ । ଧ୍ୱନି ଓ ଭାଷା : ୧୬୭

ଭାଷାର ବିଶେଷତ୍ୱ ୧୬୭

ଭାଷା ଜନ୍ମଗତ ନୁହେଁ ୧୬୮

ଶିଶୁର ଭାଷା ଶିକ୍ଷା ଅନୁକରଣ ୧୭୦

କଣିକାଏ କଥା ୧୭୨

ବିଦେଶୀ ବାଚନ ଭଙ୍ଗୀ ୧୭୫

ଧ୍ୱନିରେ ଶୈଳୀ ୧୭୮

ଭାଷା ଓ ତା'ର ଧ୍ୱନି ଶୃଙ୍ଖଳା ୧୮୧

ବାରଟି ସ୍ୱତନ୍ତ୍ର ଧ୍ୱନି ବା ସାର୍ବଜନୀନ ଧ୍ୱନି ୧୮୩

ଶୁଣ, ଯନ୍ତ୍ରମଣିଷ ! ୧୮୫

ମଣିଷର ଭାଷା ଓ ପଶୁର ଭାଷା ୧୯୧

୧୨ । ଇଙ୍ଗିତ, ସଂକେତ, ଭଙ୍ଗୀ ଓ ଭାଷା : ୧୯୫

ସଙ୍କେତର ବର୍ଣ୍ଣମାଳା ୧୯୭

କାକଚରିତ ୨୦୦

ବିନା ଶବ୍ଦରେ କଥା କହିବା ୨୦୩

ସଙ୍କେତର ଭାଷା ସୁରୁସୁରି ଓ ଫିସ୍ ଫିସ୍ ଶବ୍ଦ ୨୦୭

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ୨୧୧

ସଙ୍କେତତତ୍ତ୍ୱ କ'ଣ କହେ ୨୧୫

୧୩ । ଭାଷା ଓ କୋଡ୍ : ୨୨୦

ସୂଚନାତତ୍ତ୍ୱ ୨୨୦

ଗୋଟିଏ ବର୍ଣ୍ଣରେ ସୂଚନାର ପରିମାଣ ୨୨୬

ଅନାବଶ୍ୟକତା ନଥିଲେ ୨୩୩

Digitized by srujanika@gmail.com

ଲେଖା ଓ କଥା ୨୪୦
ଭାଷା ଓ କଂପ୍ୟୁଟର ତତ୍ତ୍ୱ ୨୪୩
ବ୍ୟବହାର ଓ ତତ୍ତ୍ୱ ୨୪୫
ଟେଲିଭିଜନ-ଟେଲିଗ୍ରାଫ କୋଡ୍ (ବେଲ୍‌ଡ୍) ୨୪୯
କୋଡ୍‌ଠାରୁ ଭାଷାର ପାର୍ଥକ୍ୟ ୨୫୨
୧୪ । ଲୋକ, ବସ୍ତୁ ଓ ଶବ୍ଦ : ୨୫୪
ବସ୍ତୁ ଓ ନିର୍ଦ୍ଦେଶକ ଶବ୍ଦ ୨୫୪
ହୋରଫଙ୍କ ଅନୁମାନ ୨୫୮
ଭାଷା ଓ ସଂସ୍କୃତି ୨୬୧
ଦୁନିଆର ମଡ଼େଲ ୨୬୭
ପୃଥିବୀ ଏକ ମଡ଼େଲ ସନ୍ଧାନରେ ୨୬୯
ଶବ୍ଦ ଓ ସଂଖ୍ୟା ୨୭୨
ଭାଷାତତ୍ତ୍ୱ ଓ ସମାଜ ବିଜ୍ଞାନ ୨୭୩
୧୫ । ସଂଖ୍ୟା ଓ ଭାଷା : ୨୭୮
ଭାଷାର ଶବ୍ଦ ସମ୍ପଦ ୨୭୮
ବହୁ ବ୍ୟବହୃତ ଶବ୍ଦ ଅଭିଧାନ ୨୮୦
ପଢ଼ାବହିର ଶବ୍ଦ କ'ଣ ହେବ ? ୨୮୨
କଥାଭାଷା ପାଇଁ ଏକ ମୌଳିକ ଶବ୍ଦ ତାଲିକା ୨୮୪
ଲେଖକର ଶବ୍ଦକୋଷ ୨୮୬
ଭାଷାତତ୍ତ୍ୱରେ ଗଣିତର ପ୍ରୟୋଗ ୨୮୮
ସଂଖ୍ୟା ଓ କାରକ ୨୯୦
ଗାଣିତିକ ଭାଷାତତ୍ତ୍ୱ ୨୯୪
୧୬ । ଇତିହାସର ଭାଷା ଘଡ଼ି : ୨୯୭
ଠିକ୍ ଟାଇମ୍‌ଟା କେତେ ? ୨୯୭
ଜିହ୍ୱା ବଂଶାବଳୀର ପଦ୍ଧତି ୩୦୧
ମୌଳିକ ଶବ୍ଦ ଭଣ୍ଡାର ୩୦୨

Digitized by srujanika@gmail.com

ସଂପାଦି ରଖିବାର ପରିମାପ ସଂଖ୍ୟା ୩୦୩
ପରୀକ୍ଷାର ଉପାୟ ୩୦୫
ଏକ ବିଶ୍ୱଭାଷାର ସଂଧାନ ୩୦୭
ଏକ ନିର୍ଭୁଲ କାଳ ୩୧୩
୧୭ । ବିଶ୍ୱବିଜ୍ଞାନର ଭାଷା : ୩୧୫
ଦୁଇ ଦୁଗୁଣେ ଚାରି ୩୧୫
ପୋଥିର ପର୍ବତ ୩୧୯
ଦେଉଳକୁ ମୁଖଶାଳା ବଳିଛି ୩୨୦
ଏକ ଯାନ୍ତ୍ରିକ ସ୍ମୃତି ଘର ୩୨୧
ତେବେ ଭାଷାଟିଏ ଲୋଡ଼ା ୩୨୪
ଶବ୍ଦର ଭାଷା ଓ 'ଭାବର ଭାଷା' ୩୨୭
ଅର୍ଥର ଭାଷା ୩୨୯
ଆଗତକୁ କ'ଣ ହେବ ? ୩୩୦
ଯନ୍ତ୍ର କ୍ଷମତାର ବି ସୀମା ଅଛି ୩୩୨
କବିତା ଏହାର ଉର୍ଦ୍ଧ୍ୱରେ ୩୩୫
୧୮ । ଏକ ବିଶ୍ୱଭାଷା : ୩୩୭
କାହାଣୀଟି ମିଛ, କିନ୍ତୁ... ୩୩୭
ଜୀବନ୍ତ ସର୍ବଜନ ଭାଷା ୩୩୯
ଅଧା କୃତ୍ରିମ ଭାଷା ୩୪୩
ତୁମେ, ମୁଁ, ଆମେ, କିଣିବା,ବିକିବା ୩୪୬
ଭାବନାର ବୀଜଗଣିତ ୩୪୮
ଭୋଲ୍‌ପ୍ୟୁକ୍ ଏବଂ ଏସ୍‌ପେରାଣ୍ଟୋ ୩୫୧
୧୯ । ଯନ୍ତ୍ରରେ ଅନୁବାଦ : ୩୫୬
ମେସିନର ଚମତ୍କାରିତା ୩୫୬
ମଣିଷର ଯାନ୍ତ୍ରିକ ଅନୁବାଦ ୩୫୬
ମଧ୍ୟବର୍ତ୍ତୀ ଭାଷାର ବିତର୍କ ୩୬୦

Digitized by srujanika@gmail.com

ଥିସୌରସ୍ ପଦ୍ଧତି ୩୬୩
ମନୁଷ୍ୟର ଭାଷା ଓ ଯନ୍ତ୍ରର ଭାଷା ୩୬୫
୨୦ । ଛାୟାପଥର ଭାଷା : ୩୬୭
ଇଗୁଣ୍ଠି ବନ୍ଧରେ ୩୬୭
ତାରକା ଜଗତରେ କଥୋପକଥନ ୩୭୦
ମହାଶୂନ୍ୟର ଭାଷାତତ୍ତ୍ୱ ୩୭୩
ଗଣିତ ହିଁ ହେବ ମୂଳଦୁଆ ୩୭୬
ଲିଙ୍କୋଜ (ମହା ଜାଗତିକ ଭାଷା) ୩୭୮
ମହା ଜାଗତିକ ଭାଇ, ନମସ୍କାର ! ୩୮୨
୨୧ । ଭାଷାର ଭାବ ଓ ରସ, ମାତୃଭାଷା ୩୮୫
- ବିଜୟମୋହନ ମିଶ୍ର
ଶବ୍ଦ ଯୋଜନା ୩୮୫
କ୍ରିୟାପଦ ୩୮୬
ବ୍ୟାକରଣ ୩୮୮
ଭାଷାର ରସ ୩୮୯
ଅଳଙ୍କାର ୩୯୦
କାବ୍ୟ ଓ ଗଦ୍ୟ ୩୯୧
ସୂଚନା ଓ ଭାବନା ୩୯୨
ମାତୃଭାଷା ୩୯୩

□□□

Digitized by srujanika@gmail.com

ମୁଖଶାଳା

ଆଜକୁ ସାତ ବର୍ଷ ତଳେ ଏହି ବହି ଲେଖା ଆରମ୍ଭ କରିଥିଲି । ସେତେବେଳେ ଏଥିପାଇଁ ଯାହା କିଛି ମାଲମସଲା ସଂଗ୍ରହ କରିଥିଲି ତାହାକୁ ସଜାଡ଼ି ବାଛିବୁଛି ଗୋଟିଏ ଯଥାଯଥ ରୂପ ଦେବାପାଇଁ ମୋତେ ଚାରି ପାଞ୍ଚମାସ କାଳ ଲାଗି ଯାଇଥାଆନ୍ତା । ଘଟଣାସ୍ରୋତ ମୋତେ ସେ ସମୟ ଦେଲା ନାହିଁ । ତେଣୁ ଏ ବହି ଅଲେଖା ହୋଇ ରହିଥିଲା । ଆଶା ନଥିଲା, ଏହା କେବେ ସଂପୂର୍ଣ୍ଣ ହୋଇପାରିବ । ଏବେ ଅସୁସ୍ଥତା ଯୋଗୁ ଯେଉଁ ଜବରଦସ୍ତି ଅବସର ମିଳିଲା ତାହାକୁ ଖଟାଇ ଏ ବହିଟି ଛିଡ଼ା କରାଇ ଦେଇଛି । ଆଉ ବେଶୀ ଡେରି ହୋଇଥିଲେ ସେତକ ବି ହୋଇନଥାନ୍ତା ।

ଏ ବହି ପାଇଁ ଯାହା କିଛି ମାଲମସଲା ଯେଉଁଠୁ ଯେଉଁଠୁ ସଂଗ୍ରହ କରିଥିଲି ବା ଏବେ କରିଛି ସେ ସମସ୍ତ ଏବେ ଗ୍ରନ୍ଥସୂଚୀ ଆକାରରେ ଦେବା ସମ୍ଭବ ନୁହେଁ । ଯେଉଁଠି ପାରିଛି, ବହିଗୁଡ଼ିକର ସୂଚନା ଏହି ଲେଖା ଭିତରେ ହିଁ ଦେଇଛି । ଯେଉଁ ଶହ ଶହ ଦେଶୀ ଓ ବିଦେଶୀ ଭାଷାବିଦ୍ ଓ ଜ୍ଞାନୀ ଗୁଣୀଙ୍କର ଗବେଷଣା ଓ ନିର୍ଦ୍ଧାରଣକୁ ଭରସା କରି ମୁଁ ଏହି ନିବନ୍ଧ ରଚନା କରିଛି ସେ ସମସ୍ତଙ୍କଠାରେ ମୁଁ ଋଣୀ । ସେମାନଙ୍କର ଗବେଷଣା ଓ ସୂଚନା ଯୋଗୁଁ ମୋର ଏ ବହି ଲେଖା ସମ୍ଭବ ହୋଇଛି । କିନ୍ତୁ ଏଥିରେ ଯେଉଁ ଉପସଂହାରରେ ମୁଁ ପହଞ୍ଚିଛି ବା ଯାହା ମତାମତ ଦେଇଛି ତାହା ପୂରାପୂରି ମୋର । ଏଥିପାଇଁ ସେମାନଙ୍କର କୌଣସି ଦାୟିତ୍ୱ ନାହିଁ ।

ବହି ଭିତରେ "ନିଜ କଥା"ର ପ୍ରଥମରୁ ମୁଁ କହିସାରିଛି ଯେ ମୁଁ ଏଠାରେ ଓଡ଼ିଆ କବିତାର ଭାଷା ଆଲୋଚନା କରିନାହିଁ । କାରଣ କବିତାର ଭାଷା ସାଧାରଣ କଥା ନୁହେଁ ବା ଗଦ୍ୟର ଭାଷା ନୁହେଁ । କବିତାର ଭାଷା ଭିତରୁ ସାହିତ୍ୟ ଓ ଭାଷା ଉଭୟକୁ ଅଲଗା ଅଲଗା କରି ଦେଖିବାର ଉପାୟ ନାହିଁ । ଯେଉଁଠି ମୁଁ

Digitized by srujanika@gmail.com

କବିତାର କୌଣସି ଉଦାହରଣ ଦେଇଛି ସେଇଠି ତାହା କବିତା ହିସାବରେ ଦେଇନାହିଁ । ଏକଥା ବହିଟି ପଢ଼ିଲେ ହିଁ ସ୍ପଷ୍ଟ ହେବ ।

ଏ ବହିରେ ଓଡ଼ିଆ ଗଦ୍ୟାଦର୍ଶର ଉଦାହରଣଗୁଡ଼ିକ ମୁଁ ପ୍ରାୟ ସାତ ବର୍ଷ ତଳର ପ୍ରକାଶିତ ଓଡ଼ିଆ ଗଦ୍ୟ ସାହିତ୍ୟ ଭିତରୁ ନେଇଥିଲି । ତେଣୁ ଏଠାରେ ସ୍ୱୀକାର କରିବାକୁ ପଡ଼ିବ ଯେ ଏହି ଉଦାହରଣଗୁଡ଼ିକ ସଂପୂର୍ଣ୍ଣ ନୁହେଁ । ଯେଉଁମାନେ ଖୁବ୍ ଉଚ୍ଚକୋଟିର ଗଦ୍ୟ ଲେଖକ ଏପରି ଅନେକଙ୍କର ଭାଷାର ଉଦାହରଣ ଏଥିରେ ନ ଥାଇପାରେ । ଏଥିରୁ ଯେପରି କେହି ମନେ ନ କରନ୍ତି ଯେ କାହାରି ପ୍ରତି ହତମାନ୍ୟ କରି ବା ଉଦାସୀନ ହୋଇ ମୁଁ ତାଙ୍କର ଗଦ୍ୟଭାଷା ଏଠାରେ ଆଲୋଚନା କରିନାହିଁ । ମୋର ହାତପାହାନ୍ତା ପରିଧି ଭିତରେ ଓ ଏ ବହିର ପ୍ରତିପାଦ୍ୟ ବିଷୟର ଯୋଜନା ଚଉହଦିରେ ସେସବୁ ଗଦ୍ୟର ଭାଷା ଆସି ନାହାନ୍ତି; ଏତିକି ମାତ୍ର ମୋର କୈଫିୟତ । ବାକି ଯେଉଁ ଗଦ୍ୟଭାଷା ବିଷୟରେ ମୁଁ ଆଲୋଚନା କରିଛି ତାହା ମୋର ପ୍ରତିପାଦ୍ୟ ବିଷୟ ଦୃଷ୍ଟିରୁ କରିଛି, ଏଥିର ସମସ୍ତ ଦୋଷ ମୋର ବିଚାର ଦୋଷ ହୋଇପାରେ । ଲେଖକ ଓ ପାଠକବନ୍ଧୁମାନେ ଏହାକୁ ସେହି ଦୃଷ୍ଟିରୁ ଘେନା କରିବେ, ଏତିକି ମାତ୍ର ଅନୁରୋଧ ।

ଓଡ଼ିଆ ଭାଷା ଉପରେ ଏ ପର୍ଯ୍ୟନ୍ତ ଯାହା କିଛି ଆଲୋଚନା ମୋତେ ଜଣାଥିଲା ସେ ସମସ୍ତ ଆଲୋଚନା ମୁଁ ଏହି ନିବନ୍ଧ ରଚନାରେ ଚର୍ଚ୍ଚା କରିଛି । ବହି ଲେଖା ପୂର୍ବରୁ ଅଧ୍ୟାପକ ଗୋଲକ ବିହାରୀ ଧଳଙ୍କର କିଛି ଲେଖା ଉପରେ ମୁଁ ଆଖି ପକେଇ ଦେଇଥିଲି । ପଣ୍ଡିତ ବିନାୟକ ମିଶ୍ରଙ୍କର କିମ୍ବଦନ୍ତୀ, ଓଡ଼ିଆ ଓଷାବ୍ରତ, କେତୋଟି ଶିଳାଲେଖର ଅନୁସନ୍ଧାନ ଓ ତାହାରି ଭରସା ଉପରେ ପ୍ରତିପାଦିତ ସିଦ୍ଧାନ୍ତଗୁଡ଼ିକ ଯଥେଷ୍ଟ ଅର୍ଥପୂର୍ଣ୍ଣ ଥିଲା । କିନ୍ତୁ ତାଙ୍କର ନିର୍ଦ୍ଧାରଣଗୁଡ଼ିକ ପ୍ରାୟ ଅନୁମାନ ଓ ପୁରାଣ ପୋଥିମାନଙ୍କର ରୂପକ ତାତ୍ପର୍ଯ୍ୟ ଉପରେ ପ୍ରତିଷ୍ଠିତ । ସେଗୁଡ଼ିକ ବୈଜ୍ଞାନିକ ପରୀକ୍ଷା ଦ୍ୱାରା ସିଦ୍ଧ ହୋଇନାହିଁ । ପଣ୍ଡିତେ ଏବେ ନିକଟରେ ଏ ସଂସାର ଛାଡ଼ି ଚାଲିଗଲେ; ତେଣୁ ତାଙ୍କର ଗବେଷଣା ଏବେ ବି ଅସଂପୂର୍ଣ୍ଣ ରହିଛି ।

ଆଗେ ଭାଷାତତ୍ତ୍ୱର ଆଲୋଚନାରେ ଯାହା ପ୍ରମାଣ ବୋଲି ଦର୍ଶାଯାଉଥିଲା ଏବେ ବିଜ୍ଞାନ ଦୃଷ୍ଟିରୁ ସେଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ପ୍ରମାଣ ନୁହେଁ, କେବଳ ଅନୁମାନ । ଏବେ ପ୍ରାକୃତିକ ବିଜ୍ଞାନର ପ୍ରୟୋଗ ଓ ପରୀକ୍ଷା, ଭାଷାତତ୍ତ୍ୱର ଅନୁସନ୍ଧାନ ପଦ୍ଧତି ହୋଇଗଲାଣି । ତେଣୁ ଅନ୍ୟାନ୍ୟ ମାନବ ବିଦ୍ୟା କ୍ଷେତ୍ରରେ ଯେପରି ପୁରୁଣା ଅନୁମାନଗୁଡ଼ିକ ବୈଜ୍ଞାନିକ ଗବେଷଣାରେ ସିଦ୍ଧ ହେବା

Digitized by srujanika@gmail.com

ଆବଶ୍ୟକ,ଠିକ୍ ସେପରି ବି ଭାଷାତତ୍ତ୍ୱ କ୍ଷେତ୍ରରେ ହେବା ଆବଶ୍ୟକ । 'ଏହା ଅମୁକ ପଣ୍ଡିତଙ୍କର ମତ' ବା 'ସମୁକ ପଣ୍ଡିତଙ୍କର ତତ୍ତ୍ୱ' ବୋଲି କହିଦେବା ଯଥେଷ୍ଟ ନୁହେଁ । ସମୟ ଆସୁଛି, ଯେତେବେଳେ ଗଣିତ, ଜ୍ୟୋତିର୍ବିଦ୍ୟା, ପଦାର୍ଥବିଦ୍ୟା, ରସାୟନ ଭଳି ପ୍ରାକୃତିକ ବିଜ୍ଞାନ ବା ରୋକ୍‌ଠୋକ୍ ତତ୍ତ୍ୱ ପରି ମନସ୍ତତ୍ତ୍ୱ, ଭାଷାତତ୍ତ୍ୱ ଇତ୍ୟାଦି ମାନବବିଦ୍ୟା ବି ରୋକଠୋକ୍ ତତ୍ତ୍ୱ ଉପରେ ପ୍ରତିଷ୍ଠିତ ହେବ ।

ତେଣୁ ଏହି ବହି ଆରମ୍ଭ କଲାପରେ ମୋର ମନେ ହେଲା ଯେ, କେବଳ ଓଡ଼ିଆ ଭାଷାର ପାଞ୍ଚଶହ ବା ଏକଶହ ବର୍ଷର ଧାରଣାରୁ ଅର୍ଥାତ୍ ଏହାର ପ୍ରୟୋଗରୁ ଓଡ଼ିଆ ଭାଷାର ଗତି ପ୍ରଗତି ଠିକ୍ କରିବା ମଧ୍ୟ କେବଳ ଅନୁମାନ ହେବ । ବରଂ ପୃଥିବୀର ଶହ ଶହ ଭାଷାକ୍ଷେତ୍ରରେ ଅନୁସନ୍ଧାନ ଯେଉଁଗୁଡ଼ିକ ପ୍ରାୟ ଗାଣିତିକ ଯୁକ୍ତିରେ ଉଦ୍‌ଘାଟିତ କରିଛି ତାହାକୁ ଓଡ଼ିଆ ପ୍ରୟୋଗରେ ପରୀକ୍ଷା କରି ଦେଖିବାକୁ ହେବ । କାରଣ ଓଡ଼ିଆ ଭାଷା ପୃଥିବୀର ମନୁଷ୍ୟ ଭାଷା ଗୋଷ୍ଠୀର ଏକ ବିଶିଷ୍ଟ ଅଙ୍ଗ । ପ୍ରୟୋଗର ଲକ୍ଷଣ ଦେଖିସାରି ବିଜ୍ଞାନ ପଟକୁ ଗଲାବେଳେ ଭାଷାତତ୍ତ୍ୱର ଆବିଷ୍କୃତ ଓ ଅନାବିଷ୍କୃତ ଅଂଶ ଆଖିରେ ପଡ଼ିଲା । ତାହାକୁ ଗୋଟିଏ ବହିରେ ସନ୍ନିବିଷ୍ଟ କଲେ ବହିର କଳେବର ଖୁବ୍ ବଡ଼ ହୋଇ ଯାଇ ଥାଆନ୍ତା । ତେଣୁ ତାହାକୁ ଚଳନ୍ତି ଭାଷାର 'ବିଜ୍ଞାନ' ଭାବରେ ଦ୍ୱିତୀୟ ଖଣ୍ଡରେ ସନ୍ନିବିଷ୍ଟ କରାଯାଇଛି । ତେବେ ପ୍ରୟୋଗ ଓ ବିଜ୍ଞାନ ଅର୍ଥାତ୍ ବ୍ୟବହାର ଓ ତତ୍ତ୍ୱ ଭିତରେ ଯୋଗସୂତ୍ର ଏପରି ନିବିଡ଼ ଯେ, ଅନେକ ସ୍ଥଳରେ ପ୍ରୟୋଗକୁ ମନେ ରଖିବାପାଇଁ ବିଜ୍ଞାନ ଓ ବିଜ୍ଞାନ ସୂତ୍ରର ଉଦାହରଣ ହିସାବରେ ପ୍ରୟୋଗ ଅନିବାର୍ଯ୍ୟ ଭାବରେ ଉଭୟ ପୋଥିରେ ପ୍ରବେଶ କରିଛି । ଏହା ଫଳରେ ଆଲୋଚନା ଆହୁରି ପ୍ରାଞ୍ଜଳ ଓ ସହଜବୋଧ ହେବ ବୋଲି ମୋର ବିଶ୍ୱାସ ।

ଏହି ବହି ଲେଖାରେ ବିଭିନ୍ନ ପୁସ୍ତକ ଓ ପତ୍ରପତ୍ରିକା ସଂଗ୍ରହରେ ମୋର ଆତ୍ମୀୟ ରାଧାନାଥ ଟ୍ରେନିଂ କଲେଜର ଗବେଷକ ଶ୍ରୀ ବୀରେନ୍ଦ୍ର ନାଥ କରଙ୍କର ସାହାଯ୍ୟ ପାଶୋରିବାର ନୁହେଁ । ଏହାଛଡ଼ା ଉତ୍କଳମଣି ଗୋପବନ୍ଧୁଙ୍କର ପୁରୁଣା 'ସମାଜ' ର ଲେଖାଗୁଡ଼ିକ ପଢ଼ିବାକୁ ମୋତେ ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତାବୃନ୍ଦ ଅନୁମତି ଦେଇ ଏ ବହି ରଚନାରେ ସାହାଯ୍ୟ କରିଛନ୍ତି । ସେ ସମସ୍ତଙ୍କ ନିକଟରେ ମୁଁ ଋଣୀ ରହିଲି ।

ଏ ପୁସ୍ତକର ପ୍ରକାଶକ ବହିଟିର ମୁଦ୍ରଣ ପରିପାଟୀ, ବିଭାଗ ବଣ୍ଟନ ଇତ୍ୟାଦି ଯାବତୀୟ ବିଷୟରେ ଯେଉଁ ଶ୍ରମସ୍ୱୀକାର କରିଛନ୍ତି ଓ ଯଥା ସମ୍ଭବ ଶୀଘ୍ର ବହିଟିର ପ୍ରକାଶନ ପାଇଁ ଯେଉଁ ନିଷ୍ଠା ଦେଖାଇଛନ୍ତି ସେଥିପାଇଁ ତାଙ୍କୁ ସାଧୁବାଦ ଦେଉଛି ।

Digitized by srujanika@gmail.com

ଏ ବହି ଏକ ସେତୁବନ୍ଧ ମାତ୍ର । ଆହୁରି ଆନେକ କାର୍ଯ୍ୟ ବାକି ଅଛି । ଓଡ଼ିଆ ଭାଷାକୁ ଉଚ୍ଚ କରିବାକୁ ହେଲେ ଏହି ଭାଷାର ଗତିପ୍ରକୃତି ଓ ଏହାର ଭବିଷ୍ୟତ ସମ୍ଭାବନାକୁ ବହୁ ଦିଗରୁ ଅନୁସନ୍ଧାନ କରିବାକୁ ହେବ । ଏହି ପଥରେ ଯେଉଁ ଗାଡ଼ ଥିଲା ତାହାକୁ ପୋତି ମୁଁ କେବଳ ଏକ ସେତୁ ନିର୍ମାଣ କରୁଛି ।

ମୋର ଆଶା ଅତୀତର ଗବେଷଣା ଓ ବର୍ତ୍ତମାନର ବିଜ୍ଞାନର ପ୍ରୟୋଗରେ ଭବିଷ୍ୟତର ଓଡ଼ିଆ ଭାଷାବିଦ୍‌ମାନେ ଆହୁରି ନୂତନ ଦିଗନ୍ତ ଦ୍ୱାର ଉଦ୍‌ଘାଟନ କରିବେ ।

ମହାଳୟା

୧୦ ତାରିଖ ସେପ୍‌ଟେମ୍ବର,
୧୯୭୧ ରବିବାର

ମନମୋହନ ମିଶ୍ର

Digitized by srujanika@gmail.com

ନିଜ କଥା

୧୯୭୪ ମସିହା । ଜେଲଖାନାରେ ଥାଏ ଅଟକବନ୍ଦୀ । ଛାତ୍ର ଆନ୍ଦୋଳନର ଶରବ୍ୟ । କେତେଦିନ ରହିବୁଁ, କାହିଁକି ରହିବୁଁ, କିଏ କାହିଁକି ଏଠାକୁ ଆଣିଲା ସେଥିରେ କୌଣସି ଠିକ୍ ଠିକଣା ନ ଥାଏ । ସଚରାଚର ଜେଲଖାନାକୁ ବାହାରିଲାବେଳେ ଯେପରି ପୋଥି, କୋଥଳି ବାନ୍ଧି ଦୁଇବର୍ଷ ବା ତିନିବର୍ଷ ଅମାନିଆ ମନଟୈତନକୁ ଛନ୍ଦିକରି ଆସିବାକୁ ପଡ଼େ ଏଥରକ ସେ ଅବସ୍ଥା ନଥାଏ । ତେଣୁ ପାଖରେ କୌଣସି ଯୋଜନା ନଥାଏ । ତାହା ନ ଥିବାରୁ ପାଖରେ ପୋଥିପତ୍ର ବି ନଥିଲା । ଜେଲ୍‌ଖାନାର ଲାଇବ୍ରେରୀରେ ଯାହା କେତେ ଖଣ୍ଡ ଥିଲା ସେ ଭିତରେ ମନକୁ ଛନ୍ଦି ରଖିବା ଛଡ଼ା ଆଉକିଛି ନଥିଲା । ସେ ପୋଥିପତ୍ରରୁ ପୁରାଣଶାସ୍ତ୍ର ଯାହା ବା ଥିଲା ସେତକ ତ ଥିଲା ତାହାଛଡ଼ା ଥିଲା, କେତେଗୋଟି ଗ୍ରନ୍ଥାବଳୀ । ଫକୀରମୋହନ, ରାଧାନାଥ, ନନ୍ଦକିଶୋର, ଗୋଦାବରୀଶ ।

ଏଭଳି ହେଲା ଅଧ୍ୟୟନ କରୁ କରୁ ହଠାତ୍ ଆଖିପଡ଼ିଲା ପଣ୍ଡିତ ନୀଳକଣ୍ଠ ଦାସଙ୍କର ଫକୀରମୋହନ ଗ୍ରନ୍ଥାବଳୀର 'ଉପୋଦ୍‌ଘାତ' ଉପରେ । ଆଗରୁ ଗଦ୍ୟ ଭାଷା ବିଷୟରେ ରାଧାନାଥଙ୍କର 'ଇଟାଲୀୟ ଯୁବା' ଆଉ 'ବିବେକୀ' ସାଙ୍ଗରେ ଫକୀରମୋହନଙ୍କର ଆତ୍ମଚରିତ ମିଳାଉ ମିଳାଉ ମନରେ କେତେଗୁଡ଼ିଏ ସନ୍ଦେହ ଆଉ ତା'ର ଉତ୍ତର ଜାଗିଥିଲା । ଅବଶ୍ୟ ଓଡ଼ିଶାର ଗଦ୍ୟ ସାହିତ୍ୟର ଆଦିଯୁଗର ଲେଖା ରୁଦ୍ର ସୁଧାନିଧି, ମାଦଳାପାଞ୍ଜିର କୌଣସି ଉଦ୍ଧୃତିଥିବା ପୋଥି ପାଖରେ ନଥିଲା । ତେଣୁ ପ୍ରାଚୀନ ଯୁଗର ଓଡ଼ିଆ ଗଦ୍ୟ ଭାଷାକୁ ଛାଡ଼ି ବର୍ତ୍ତମାନର ଭାଷା ବିଷୟରେ ମନର ଓରମାନ ମେଣ୍ଟାଇବା ଲାଗି ମନେ ମନେ ସ୍ଥିର କରିଥିଲି ।

ପଣ୍ଡିତ ନୀଳକଣ୍ଠ ଖେଦ କରିଛନ୍ତି "କଣ୍ଠା ଓଡ଼ିଆରେ କହିଲେ କୁହାଯିବ, ଆମ ଓଡ଼ିଆ ଭାଷା ଓ ସାହିତ୍ୟର ଆଜି ମା' ବାପ ନାହିଁ । ଅନ୍ୟ ଭାଷାରେ ମଧ ଏକଥା ସତ୍ୟ । ମୋ ମନେ ଅଛି, ଶୁଣିଥିଲି, ସେ କାଳର ଶୁଚିମନ୍ତ ସାହିତ୍ୟିକ ମୋର ବାଲ୍ୟଗୁରୁ ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣା ଟ୍ରେନିଂ ସ୍କୁଲ ଛାତ୍ରଙ୍କୁ ମହାଯାତ୍ରା

Digitized by srujanika@gmail.com

ପଢ଼ାଇଲା ବେଳେ ସାତକୋଶିଆ ଗଣ୍ଡ ବର୍ଣ୍ଣନା ଭିତରେ ଯେତେବେଳେ ପଢ଼ିଲେ :

'କୁହେଳୀରେ ନୀଳବର୍ଣ୍ଣ ଭୃଗୁମାନ ଗିରି

× × ×

ଶିଖା ଟୋକି କଳନ୍ତି କି ଗଗନର ସୀମା ?'

ହଠାତ୍ ବିସ୍ମିତ ହେଲାପରି ଟିକିଏ ରହିଗଲେ ଓ ଛାତ୍ରଙ୍କୁ କହିଲେ, ଓଡ଼ିଆରେ ହୁଏ, ମୁଣ୍ଡ ଟେକି, 'ମୁଣ୍ଡ ଟୋକି' ନୁହେଁ । ବଙ୍ଗଳାରେ ହୁଏ 'ମଥା ତୁଲେ' । ଏଠାରେ ହୁଅନ୍ତା 'ଶିଖା ଟେକି' । ଏବେ ଆଜିକାର, ସେଠାକାର, ସଠିକ୍, ହୁବହୁ, ଛାରଖାର, ନିଆଁ ଧୁ ଧୁ ଜଳୁଚି, ସେ ଦୁଃଖରେ ହାୟ ହାୟ କରିବାକୁ ଲାଗିଲେ ପ୍ରଭୃତି ଓଡ଼ିଆରେ ଅପ୍ରାକୃତିକ ଓ ଅସଙ୍ଗତ ଆମଦାନି ବରାବର ଦେଖିବାକୁ ମିଳିବ । "ତା ଭାଇ ମରିଯିବାରୁ ତା' ଘରେ କାନ୍ଦ ବୋବାଳି ପଡ଼ିଲା ନ ଲେଖି ଆମ ଲେଖକମାନେ ମାର୍ଜିତ ଭାଷାରେ ଲେଖୁଛନ୍ତି ତା' ଘରେ କନ୍ଦାକଟା ଲାଗିଲା । "ଏ ସବୁ ଲେଖି ବସିଲେ ସରିବ ନାହିଁ । ଏପରି ପ୍ରକାଶ ଭଙ୍ଗୀ କେବଳ ସୂଚନା ମାତ୍ର ।'' ତା' ପରେ ପଣ୍ଡିତ ଦାସେ କହିଛନ୍ତି "ଆମ ନାଟକ ଲେଖାରେ ଏ ବିଂଶ ଶତାବ୍ଦୀର ମଧ୍ୟଭାଗରେ ମଧ କେବଳ' ଜନାନ୍ତିକେ ଓ 'ସ୍ୱାଗତ' ନୁହେଁ ଦେବ ଦେବୀଙ୍କର ଆବିର୍ଭାବ ଓ କରଣୀଠାରୁ ଗୁଣୀ ଗାରେଡ଼ିର ବ୍ୟବହାର ପର୍ଯ୍ୟନ୍ତ ଲେଖକ ଓ ଦର୍ଶକଙ୍କର ପାଖରେ ଅନାଦୃତ ଓ ହେୟ ହୋଇ ନାହିଁ । ତେଣୁ ବିଦ୍ୟାର ପ୍ରଗତି ସୂତ୍ରରେ ଭାଷା ଓ ସାହିତ୍ୟ ଉନ୍ନତି କରୁଚି ବୋଲି ମନେ ହେଉ ନାହିଁ ।

ଅବଶ୍ୟ ଏହି ଖେଦୋକ୍ତି ଯଥାର୍ଥ । ବିଶେଷତଃ ତାଙ୍କର ମାନଦଣ୍ଡ ହିଁ ପ୍ରକୃତ ମାନଦଣ୍ଡ । କାରଣ ଦର୍ଶକ, ଆଉ ପାଠକର ଯାହା ଅନାଦୃତ ଓ ହେୟ ନହେଲା ତାହା ଚଳିଯିବ । ଓଡ଼ିଶାରେ ଭାଷାର ମା' ବାପ ହେଉଛନ୍ତି ସେଇମାନେ । ସେମାନେ ଯଦି ଆମରି ଲିଖିତ ଭାଷାକୁ ଦେଖି ବା ଶୁଣି ଚିହ୍ନି ପାରିବେ, ଯଦି ତାହା ସହିତ ଆତ୍ମୀୟତା ବାନ୍ଧି ପାରିବେ ତେବେ ସିନା ସେ ଭାଷା ଚଳିବ । ପଣ୍ଡିତ ନୀଳକଣ୍ଠ ଦୁଃଖ କରିଛନ୍ତି ଯେ ଏହି ଓଡ଼ିଆ ପାଠକେ ଗ୍ରାହକେ ଏସବୁ ଦେଖି ଶୁଣି ବି ନୀରବ ରହୁଛନ୍ତି । ଘୃଣା ବା ଅନାଦର କରୁ ନାହାନ୍ତି । କିନ୍ତୁ ଏକଥା ବିଚାରିବା ନିତାନ୍ତ ଅନ୍ୟାୟ । ନୀରବତା ବା ଉଦାସୀନତା ତ ସବୁବେଳେ ସମର୍ଥନର ସଙ୍କେତ ନୁହେଁ । ତାହା ଯଦି ହୋଇଥାଆନ୍ତା ତେବେ କାଚ ଆଉ ମଣି ଭିତରେ ପ୍ରଭେଦ ନ ଥାନ୍ତା । ଓଡ଼ିଆ ପାଠକ କଲମ ଧରି ସମାଲୋଚନା କରି ଜାଣିନାହିଁ । କିନ୍ତୁ ସେ ଜାଣିଛି କାଚ କାଚ, ମଣି ମଣି । ତେଣୁ ଯାହା ଅନୁକରଣ ବା ନକଲି

Digitized by srujanika@gmail.com

ତାହାର ଆଖିଦୃଶିଆ ଚାକଚକ୍ୟ ଅଳ୍ପକାଳ ଭିତରେ ମଉଳି ଯାଇଛି । ଏଥିର ପ୍ରମାଣ ଅଭାବ ଅଛି କି ?

ସବୁକାଳେ ସବୁଠି କବିତାର ଭାଷା ବିଷୟରେ କେହି କିଛି କହନ୍ତି ନାହିଁ । ସେ ଭାଷାକୁ ସାତ ଖୁଣ ମାଫ୍ । କାରଣ କଥାଅଛି, କବି ତୁଣ୍ଡ, ମେଣ୍ଢା ମୁଣ୍ଡ । କାରଣ କବିମନ ବୁଝିବାକୁ ହେଲେ ଖାଲି ଭାଷା ଜାଣିଲେ ସବୁ ହେଲା ନାହିଁ, ଭାଷାରେ ଯେଉଁ ବ୍ୟଞ୍ଜନା ବା ଧ୍ୱନି ଅଛି ସେଥିରୁ ଯାହା ବ୍ୟକ୍ତ ଅଛି ତାହା ସହିତ ଯାହା ଅବ୍ୟକ୍ତ ରହିଗଲା ସୂଚନାରେ ତାହାକୁ ମଧ ବୁଝିବାକୁ ହୁଏ । ତେଣୁ ରାଧାନାଥ ଯେତେବେଳେ ଲେଖିଲେ 'ଶିଖା ତୋଳି କଳନ୍ତି କି ଗଗନର ସୀମା' ସେତେବେଳେ ତୋଳିବା ସାଙ୍ଗକୁ କଳିବାର ଧ୍ୱନି ବୋଧହୁଏ ତାଙ୍କର କବି ଲେଖନୀକୁ ପ୍ରେରଣ ଦେଇଥିବ । ତେବେ 'ଶିଖା ଟେକି କଳନ୍ତି କି ଗଗନର ସୀମା' ହୋଇଥିଲେ 'ଶିଖା' ସହିତ 'ଟେକି'ର ଛନ୍ଦ ଲହରୀ ବୋଧହୁଏ ମିଶି ଥାଆନ୍ତା । ସେ କଥା ଛାଡ଼ । କାରଣ କବିକୁ ଭାଷା ଶିଖାଇବାକୁ ଚେଷ୍ଟା କରିବା ଧୃଷ୍ଟତା । ତେବେ ବି କବିତାର ଭାଷା ଶାସ୍ତ୍ରୀୟ ଶୈଳୀର ନାଗଫାଶ ଛିଣ୍ଡାଇ ସାଧାରଣ ଲୋକଙ୍କର କଥିତ ଭାଷାରେ ଆତ୍ମପ୍ରକାଶ କରିବାପାଇଁ ବାରମ୍ବାର ବିଦ୍ରୋହ କରିଥିବା କଥା କିଏ ନ ଜାଣେ ? ଏହି ବିଦ୍ରୋହ ଯେ ବହୁବାର ଜିଣିଛି, ତାହାର ସାକ୍ଷୀ ତ ବିଭିନ୍ନ ସାହିତ୍ୟର ଇତିହାସ । ଓଡ଼ିଶାରେ ସାରଳା ଦାସ ବା ସତ୍ୟବାଦୀ ଯୁଗର ଗୀତିଧର୍ମୀ କବିତାର ଲେଖକକୁଳ ତ ଏହାର ପ୍ରମାଣ ଦେବେ । ଏକଥା ଚିନ୍ତିଲାବେଳେ ବିଲାତର ଚିଲିକା କୂଳର କବି ଓ୍ୱାର୍ଡ଼ସଓ୍ୱାର୍ଥ, କଲରିଜ ଓ ତାଙ୍କର ଗୀତିଧର୍ମୀ କାହାଣୀ-କବିତା ଆପଣାଛାଏଁ ମନ ଆଗରେ ଭାସି ଉଠେ ।

କବିତାର ଭାଷା ବିଷୟରେ ଚର୍ଚ୍ଚା ଅତି ଗହନ କଥା । ତାକୁ ସାହିତ୍ୟର ପଣ୍ଡିତମାନେ କରିବେ । କିନ୍ତୁ ଆମେ ଯାହା ପ୍ରତିଦିନ ପଢୁଚୁ, ରେଡ଼ିଓରେ ଖବର ଅନ୍ତର ବକ୍ତୃତା ଆଲୋଚନାରେ ଶୁଣୁଚୁ ତାହା ହେଉଛି ଜୀବନ୍ତ ଚଳନ୍ତି ଭାଷା । ସେହି ଭାଷାର ମା' ବାପ ନାହିଁ ବୋଲି ଶୁଣିଲେ ଦୁଃଖ ଲାଗେ । ତେବେ ଭାଷାଟା ଯେତେବେଳେ ଜଣଅଧଙ୍କର ମୌରସୀ ସମ୍ପତ୍ତି ନୁହେଁ ସେତେବେଳେ ତାହା ଯେ ବାରଦ୍ୱାର ଶୁଣ୍ଢିପିଣ୍ଡା ହେବ ଏକଥା ତ ନିଶ୍ଚିତ । ସେପରି ଏକ ଗଦ୍ୟଭାଷା ଭିତରୁ ଓଡ଼ିଶାର ଗଦ୍ୟ ଭାଷାର ମାନ ନିରୂପଣ କରିବା ହେଉଛି ଏକ କଥା । ଯାହା ଆଦରଣୀୟ ବା ବରଣୀୟ ତାକୁ ଆଉ ଶୁଣିଲେ ଲାଭ ନାହିଁ । ଯାହା ବେଗବାନ୍ ଅଶ୍ୱ ଧାଇଁଛି ତାହାର ଦଶଘଣ୍ଟା ପୂର୍ବର ଗତିକୁ କଳିବା ଯେପରି ଗତକଥା ଠିକ୍

Digitized by srujanika@gmail.com

ସେହିପରି ଯାହା ଭାଷାର ସ୍ରୋତରେ ପ୍ରବେଶ କରି ମିଶିଗଲା, ଏକାକାର ହୋଇଗଲା ତାହାକୁ ଏବେ ବସି ବାଛିବା ଠିକ୍ ସେପରି ବିଅର୍ଥ ପରିଶ୍ରମ ।

ସେ ଭଳି ପରିଶ୍ରମ କରିବାକୁ ଏ ପୋଥି ଲେଖା ଯାଇନାହିଁ । ଆମର ଚଳନ୍ତି ଭାଷାରେ ଯେଉଁ କେତେଗୁଡ଼ିଏ ବିଭିନ୍ନ ସ୍ରୋତ ଏକ ସମୟରେ ବା ବିଭିନ୍ନ ସମୟରେ ଆସି ମିଶିଛି ସେଇ ସ୍ରୋତଗୁଡ଼ିକର ଉତ୍ପତ୍ତି ଆଉ ସେମାନଙ୍କର ନବୀନ ରୂପର ଅନୁଧ୍ୟାନ ପାଇଁ ଏଥିରେ ଖୋରାକ ରହିଛି । ଚଳନ୍ତି ଭାଷାର ଏହା କେବଳ ଗୋଟାଏ ସମୀକ୍ଷା । ତାହା ଗତି ନିର୍ଦ୍ଧାରଣ ପାଇଁ ଏକ ବଟୀଖଣ୍ଡ । ଏହି ଗତି କିଭଳି ପରିବର୍ତ୍ତନ ହେବ ତାହା ଏବେ କଷିବା ଦୁଃସାଧ । ତେବେ ଭବିଷ୍ୟତ ଓଡ଼ିଶାର ଆର୍ଥିକ ଜୀବନଧାରା, ସାଂସ୍କୃତିକ ଦିଗନ୍ତର ବିସ୍ତୃତି ସଙ୍ଗେ ସଙ୍ଗେ ଏହି ଭାଷାର ପ୍ରଗତି ସହଜରେ ଅନୁମାନ କରି ହେବ ।

ଆଜିର ଆଲୋଚନାରୁ ସେହି ଭବିଷ୍ୟତର କଳ୍ପନା କରାଯାଇପାରେ ।

❐ ❖ ❐

Digitized by srujanika@gmail.com

ଶହେ ବର୍ଷ ତଳେ

ଯୋଗ୍ୟତା କଳନା କରିବାକୁ ଆମ ଦେଶରେ ପ୍ରଶ୍ନ ହୁଏ 'କ'ଣ ପଢ଼ିଛ ?'

ଇଂରାଜୀ ପଢ଼ୁଆ ହୋଇଥିଲେ କହେ – ସ୍କୁଲ ଫାଇନେଲ୍ ବା ମାଟ୍ରିକ୍ୟୁଲେସନ ଫେଲ୍ । ଓଡ଼ିଆ ପଢ଼ୁଆ ହୋଇଥିଲେ କହେ – ଆଜ୍ଞା ଏଇ ଓଡ଼ିଆ ପଢ଼ିଚି । ମାଇନର ଯାଏ । ପୁଚ୍ଛିବା ଲୋକ ଖାଲି ଓଡ଼ିଆ ପଢ଼ା କଥା ଶୁଣିଲେ ମୁହଁ ଆମ୍ଳିଆ କରିଦିଏ । ଯେପରି ଓଡ଼ିଆ ପଢ଼ାଟା କେବଳ ଧର୍ମକୁ ଆଖିଠାର; ସେ ପଢ଼ାରେ ଯେପରି କୌଣସି ମୂଲ୍ୟ ନାହିଁ । ଅବଶ୍ୟ ଏଭଳି କଥାଟାଏ କହିଦେଲେ ବା ଭାଳିଦେଲେ ମନକୁ ବଡ଼ କାଟେ । ତେବେ ବି ସବୁଠାରୁ ଓଡ଼ିଆବତ୍ସଳ ଲୋକ ଯେ ଖାଲି ଓଡ଼ିଆ ପଢ଼ାକୁ ଅପସନ୍ଦ କରେ ଏକଥା ତ ସତ !

କାହିଁକି ?

କବି ରବୀନ୍ଦ୍ରନାଥ ବଙ୍ଗଳାରେ ଗୋଟିଏ କବିତାରେ ଗୋଟିଏ କଥା ଲେଖିଥିଲେ ଯାର ଓଡ଼ିଆ ମର୍ମ ହେଲା "ବିପୁଳା ଏ ପୃଥିବୀର କେତେ ଟିକିଏ ମୁଁ ଜାଣେ ? ସଭ୍ୟତାର ସର୍ବଶେଷ ମୀନାରର ଶୀର୍ଷ ଚୂଡ଼ାରେ ବସି ମୁଁ ଚାହିଁଛି । ତଳେ ଓ ଚତୁର୍ଦ୍ଦିଗରେ ଆଉ ମୋର ଆଖିର ସୀମା ବାହାରେ ବିପୁଳା ଧରିତ୍ରୀର ଜୀବନ କଳରବ ବ୍ୟାପ୍ତ ରହିଛି । ତାହା ସହିତ ମୋର ସଂଯୋଗ କାହିଁ ?" ଠିକ୍ ସେହିପରି ଯିଏ ଖାଲି ଓଡ଼ିଆ ପଢ଼ି ଲେଖି ଜାଣେ ତା'ର ଦୌଡ଼ କେତେଦୂର ? ଆହୁରି କେତେ ସାମାନ୍ୟ ! ରବୀନ୍ଦ୍ରନାଥ ବିନୟରେ ହେଉ ବା ଅବଶୋଷରେ ବାଇବିଛ ହୋଇ ଏମିତି ସିନା କହିଲେ ! ତୁଚ୍ଛା ଓଡ଼ିଆ ପଢ଼ୁଆ ଲୋକ ମନଗ୍ଲାନିରେ ତ ଏକଥା କହିବାକୁ ବାଧ୍ୟ । କାରଣ ଓଡ଼ିଆ ପାଠରେ ସଂସାରର କେଉଁ ବିଦ୍ୟାର ଦ୍ୱାର ଫିଟିଛି ? ଏହାର ଦିଗ୍‌ବିଜୟ କେତେଦୂର ? ପଣ୍ଡିତ ଗୋଦାବରୀଶ ତାଙ୍କ ଆତ୍ମଚରିତରେ ଲେଖିଛନ୍ତି "ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳମାନଙ୍କୁ ଓଡ଼ିଶାକୁ ଆଣିବା ସଂବନ୍ଧରେ ଯେଉଁ ତଦନ୍ତ ହୋଇଥିଲା ସେଥିରେ ଅନେକ ମେଦିନୀପୁର ଓଡ଼ିଆ କହିଲେ – "ଆମେ ଓଡ଼ିଶାକୁ ଗଲେ, ରବୀନ୍ଦ୍ରନାଥ, ଜଗଦୀଶଚନ୍ଦ୍ର ବୋଷ, ଚିତ୍ତରଞ୍ଜନ ଦାସ ଆଉ କଲିକତା ସହର କାହୁଁ ପାଇବୁ ?"

Digitized by srujanika@gmail.com

ଏଭଳି ମନୋଭାବ କେତେକଙ୍କୁ ଖରାପ ଲାଗିପାରେ; ଏହା ଓଡ଼ିଆ ମାତୃଭାଷା-ପ୍ରେମ ପ୍ରତି ଦ୍ରୋହାଚରଣ । କିନ୍ତୁ ଏଥିରେ ଯେଉଁ ଚିନ୍ତା ଫୁଟୁଛି ତାହା କ'ଣ ବିଚାରଯୋଗ୍ୟ ନୁହେଁ ? ରବୀନ୍ଦ୍ରନାଥ, ଜଗଦୀଶ ଚନ୍ଦ୍ର, ଚିତ୍ତରଞ୍ଜନ ଆଉ କଲିକତା ସହର ଗୋଟିଏ ଗୋଟିଏ ନୂତନ ବିଦ୍ୟାର ସଂକେତ । କବିତା ଓ ସଂସ୍କୃତି, ବିଜ୍ଞାନ, ରାଜନୀତି ଆଉ ବିଶ୍ୱଜନୀନତା, ବ୍ୟବସାୟ, ଆର୍ଥିକ ଜୀବନ ଏ ସମସ୍ତ ବିଷୟ ଏହି କଥା ପଦକରେ ନିବିଡ଼ ଭାବରେ ଜଡ଼ି ହୋଇ ରହିଛି । ସଂସ୍କୃତି, ବିଜ୍ଞାନ, ରାଜନୀତି, ଅର୍ଥନୀତି ଓ ଆଧୁନିକ ଜୀବନ ଯାତ୍ରାର ଆଲେଖ୍ୟ ହେଲା ଗଦ୍ୟର ଭାଷା ବା କଥା । ତେଣୁ ଓଡ଼ିଆ କଥା ଯେ ଏଥିରୁ ବହୁ ପରିମାଣରେ ସେ କାଳେ ବଞ୍ଚିତ ଥିଲା ତାହାହିଁ ଏଥିରୁ ପ୍ରମାଣ ହୁଏ ।

ଆଜିକୁ ଶହେ ବର୍ଷ ତଳେ ୧୮୬୪ ମସିହାରେ 'ଉତ୍କଳ ଦର୍ପଣ' ନାମକ ମାସିକ ପତ୍ରିକାରେ ଗୋଟିଏ ନବନ୍ୟାସ ପ୍ରକାଶ ପାଇଥିଲା । ଏହି ନବନ୍ୟାସର ନାମ ଥିଲା 'ଇଟାଲୀୟ ଯୁବା' । ଲେଖକ ଷୋହଳ ବୟସ୍କ ଯୁବକ ରାଧାନାଥ ରାୟ । ସେତେବେଳକୁ ୟୁରୋପରେ ଯନ୍ତ୍ରବିପ୍ଳବର ବେଳ । ସ୍ପେନ୍, ବିଲାତ, ଫ୍ରାନ୍‌ସ, ଜର୍ମାନୀ, ହଲାଣ୍ଡ ଆଉ ଆଟଲାଣ୍ଟିକ ସେପାରି ଆମେରିକାରେ ସେତେବେଳେ କଳକାରଖାନାର ସମ୍ଭାର ବସି ସାରିଥିଲା । ପୃଥିବୀର ବିଭିନ୍ନ ସମୁଦ୍ରରେ ଏହି ଦେଶମାନଙ୍କର ବାଣିଜ୍ୟ ଜାହାଜ ଆଉ ରଣତରୀ ଖେଦି ଯାଇଥିଲେ । ସାରା ସଂସାରରେ ସବୁ ପ୍ରକାର ଜଳବାୟୁ, ଆଚାର ବିଚାର, ସ୍ୱପ୍ନ ଧାରଣା ଏହି ଦେଶର ଲୋକଙ୍କର କଥାଭାଷା, ଆଉ ଜୀବନର ଅନୁଭବ ଭିତରେ ପ୍ରବେଶ କରିସାରିଥିଲା । ଆମରି ଭାରତରେ ମଧ୍ୟ ବିଲାତ ଶାସନର ୧୭୫୬/ ୫୭ ପଲାସୀ ଯୁଦ୍ଧ ସେତେବେଳକୁ ଇତିହାସର ମାଇଲ ଖୁଣ୍ଟର ବହୁତ ପଛକୁ ରହିଗଲାଣି । ବଙ୍ଗଳାର ଓ ସଙ୍ଗେ ସଙ୍ଗେ ବଙ୍ଗ ସାହିତ୍ୟର ଉନ୍ନତି ସେତେବେଳେ ଖୁବ୍ ଜୋର୍ ସୋର୍ ଆରମ୍ଭ ହୋଇଯାଇଛି ।

ହେଲେ ୧୮୬୪ ମସିହା ବା ତାହାରି ନିକଟବର୍ତ୍ତୀ କାଳ ହେଉଛି ଓଡ଼ିଶାର ଅଧଃପତନର କାଳ । ଏଠାର ଲୋକଙ୍କର ଅନୁଭବ ଭିତରେ ନିଉଟନ୍, ଆଡ଼ାମ୍‌ସ୍ମିଥ୍, ରିକାର୍ଡୋ ବା ହିଉମ୍ ଆସି ନାହାନ୍ତି । ଓଡ଼ିଶାକୁ ମୁଦ୍ରାଯନ୍ତ୍ର ଆସିନାହିଁ । ଆତ୍ମଜୀବନ ଚରିତରେ ଫକୀରମୋହନ ସେନାପତି ଲେଖିଛନ୍ତି, "ସେ ସମୟରେ (୧୮୫୨-୫୫) ବାଇବେଲ ଛଡ଼ା ଓଡ଼ିଆରେ ଅନ୍ୟ କୌଣସି ଛାପା ପୁସ୍ତକ ନଥିଲା । କଟକର ମିସନ୍ ପ୍ରେସ୍ ଛଡ଼ା ଓଡ଼ିଶାରେ ଅନ୍ୟ କୌଣସି ଛାପାଖାନା ମଧ୍ୟ ନଥିଲା । ବାଲେଶ୍ୱରର ପାଦ୍ରୀ ସାହେବଙ୍କର ଗୋଟିଏ ସ୍କୁଲ

Digitized by srujanika@gmail.com

ଥିଲା । ସେଥିରେ ବାଇବେଲ ଛଡ଼ା ଅନ୍ୟ କୌଣସି ପୁସ୍ତକ ପଢ଼ା ହେଉନଥିଲା । ମାତ୍ର ପାଦ୍ରୀ ସାହେବଙ୍କ ସ୍କୁଲରେ ଛାପା ପୋଥି ପଢ଼ିଲେ 'ଜାତି ଯିବ' – ଏହି ଭୟରେ କେହି ହିନ୍ଦୁ ପିଲା ସେ ସ୍କୁଲରେ ପଢୁ ନଥିଲେ ।" (୭ ପୃଷ୍ଠା) ଓଡ଼ିଶାର ଜଳବାୟୁ ଭିତରେ ତେଣୁ ପୂରାପୂରି ରହିଥିଲା ଗ୍ରାମୀଣତା । ଆଉ ଗ୍ରାମୀଣତାର ଦୌଡ଼ ଯେତିକି ଦୂର ସେତିକି ଭିତରେ ହିଁ ଓଡ଼ିଶାର କଥା ଭାଷା ସୀମିତ ରହିଥିଲା ।

'ଇତାଲୀୟ ଯୁବା' ରାଧାନାଥଙ୍କର ନିଜ ଲେଖା ନାଁ ଅନୁବାଦ, ତାହା କହି ହେବନାହିଁ । ଅନୁବାଦ ହେଲେ ବି ଗଦ୍ୟ ଭାଷା ହିସାବରେ ଏହାର ଐତିହାସିକ ମୂଲ୍ୟ ରହିଛି । ୧୮୬୪ ସାଲର ଏହି ଲେଖା ସହିତ ୧୯୦୦ ବା ୧୯୦୨ ସାଲର 'ଛ'ମାଣ ଆଠଗୁଣ୍ଠ'ର ଲେଖା ଭିତରେ କେତେଗୁଡ଼ିଏ ପ୍ରଭେଦ ସହଜରେ ବାରି ହୋଇପଡ଼େ :

ସେହି ଉଦ୍ୟାନ ସମୁଦ୍ର କୂଳରେ ଅବସ୍ଥିତ ଥିଲା । ତାହା ପଶ୍ଚିମ ଦିଗରେ ନଭୋନିଭ ନୀଳବର୍ଣ୍ଣ ପର୍ବତ ଶ୍ରେଣୀ ବିରାଜିତ ଥିଲା । ଆମ୍ଭେ କେବେ କେବେ ସେହି ପର୍ବତରେ ବୁଲୁଥିଲୁଁ । କେତେବେଳେ ଅବା ଶୃଙ୍ଗରେ ଚଢ଼ି ଚତୁର୍ଦ୍ଦିଗକୁ ନୟନ ବିକ୍ଷେପ କରୁଥିଲୁଁ । ସେ ଶୋଭା ବର୍ଣ୍ଣିବାର ଆମ୍ଭର ସାଧ୍ୟ ନୁହଇ । କେଉଁଠାରେ ତରଳ ରୌପ୍ୟବତ୍ ସ୍ୱଚ୍ଛବାରି ବିଶିଷ୍ଟ ପ୍ରକାଣ୍ଡ ହ୍ରଦ, କେଉଁଠାରେ ଗଗନ-ନିନାଦି ଜଳପ୍ରପାତ, କେଉଁଠାରେ ମରକତ ନିଭ ହରିଦ୍‌ବର୍ଣ୍ଣ ତରୁଶୋଭିତ ଉପତ୍ୟକା, କେଉଁଠାରେ ନବ ଦୂର୍ବାଦଳ, ଶ୍ୟାମ ପ୍ରଶସ୍ତ ପ୍ରାନ୍ତର, କେଉଁଠାରେ ଭୀଷଣ ତରଙ୍ଗ-ସଙ୍କୁଳା ବାହିନୀ ଦୃଷ୍ଟିଗୋଚର ହେଉଥିଲା । ସେ ସ୍ଥାନର ପରମ ରମଣୀୟ ଶୋଭା ସଂଦର୍ଶନ କରି ଆମ୍ଭର ନୟନ ସାର୍ଥକ ହେଲା ....

(ରାଧାନାଥ ଗ୍ରନ୍ଥାବଳୀ ପୃ ୪୧୫ଷ୍ଠା)

× × × ×

'ଅସୁର ଦୀଘିର ପଶ୍ଚିମ କୋଣ ଗାଁଆଁ ଭିତରୁ ଦୀଘିକୁ ଯିବା ବାଟର ଡାହାଣ ହାତ ପାଖରେ ଗୋଟିଏ ଭାରି ବରଗଛ ଅଛି । ଗଛ ମୂଳର ଚିହ୍ନ ନାହିଁ, କୋଡ଼ିଏ ପଚିଶ ଗୋଟା ଓର ପଡ଼ି ଡାଳଗୁଡ଼ିକ ପରସ୍ପର ଛନ୍ଦାଛନ୍ଦି ହୋଇ ଗଛଟି ପ୍ରାୟ ବାର ତେର ଗୁଣ୍ଠ ଜମି ମାଡ଼ି ବସିଅଛି । ସାନ ସାନ ଡାଳ ଓ ପତ୍ରଗୁଡ଼ିକ ଏପରି ନିଘଞ୍ଚ ହୋଇଅଛି ଯେ ଖରା ତେଜ ମୂଳକୁ ବାଜେ ନାହିଁ । ଗଛଟି ବହୁ କାଳର । ପୁରୁଣା ପୁରୁଣା ଲୋକମାନେ କହନ୍ତି, ଏଇଟି ସତ୍ୟଯୁଗର ଠାକୁରାଣୀ ଗଛ । ସେମାନେ ପିଲାକାଳରୁ ଦେଖିଆସୁଛନ୍ତି । ଏହା ବଢ଼ିବାକୁ କି ଛିଡ଼ିବାକୁ ନାହିଁ । ଗତ ସାତଅଙ୍କ ତୁଳା ମାସ ଉଆଁସ ଦିନ ଭାରି ଗୋଟାଏ ତୋଫାନ ହୋଇଥିଲା । ଗାଆଁର ସମସ୍ତ

Digitized by srujanika@gmail.com

ସଜନା ଗଛ ଓ କଦଳୀଗଛ ପ୍ରଭୃତି ଉପୁଡ଼ି ଗଲା । ଏ ଗଛରୁ ଗୋଟିଏ ପତର ମଧ ୯ଡ଼ିଲା ନାହିଁ । ଠାକୁରାଣୀ ମହିମା । (ଫକୀରମୋହନ ଗ୍ରନ୍ଥାବଳୀ ୨୩୯ ପୃଷ୍ଠା)

'ଇତାଲୀୟ ଯୁବା' ର ଗଦ୍ୟ ଆଉ 'ଛ' ମାଣ ଆଠ ଗୁଣ୍ଠ' ର ଗଦ୍ୟ ଭାଷା ଭିତରେ କେବଳ ଚାଳିଶ ବର୍ଷ କାଳର ବ୍ୟବଧାନ ନାହିଁ । ଏଥିରେ ଆହୁରି ଗୁଡ଼ିଏ ବ୍ୟବଧାନ ସ୍ପଷ୍ଟ । ଅବଶ୍ୟ ରାଧାନାଥ ରାଧାନାଥ, ଫକୀରମୋହନ ଫକୀରମୋହନ । ରାଧାନାଥ ସ୍ୱଭାବ କବି, ଗଦ୍ୟ ଲେଖା ତାଙ୍କର ଅଭ୍ୟାସ ନୁହେଁ । ଅନ୍ୟ ପକ୍ଷରେ ଫକୀରମୋହନଙ୍କର ଗଦ୍ୟରେ ସାବଲୀଳତା, ଅସାଧାରଣ ବଳିଷ୍ଠତା, ଶବ୍ଦ ବିନ୍ୟାସର ଚାତୁରୀ ଲକ୍ଷ୍ୟ କରିବାର କଥା । ଏହା ଛଡ଼ା ଫକୀରମୋହନଙ୍କର ସାହିତ୍ୟ-ସଂସାରର ବ୍ୟାପ୍ତି ପ୍ରକୃତରେ ବିଶାଳ ଥିଲା । ୧୯୦୧-୦୨ରେ ଓଡ଼ିଶାର କୌଣସି ଲେଖକ-ଏପରିକି କୌଣସି ବ୍ୟକ୍ତି – ତାଙ୍କ ଭଳି ବହୁମୁଖୀ ଓ ବ୍ୟାପକ ସଂସାର ଜୀବନ ସଙ୍ଗେ ଏକାନ୍ତ ହୋଇ ନାହାନ୍ତି । ତେବେ ବି ତାଙ୍କର ଭାଷାରେ ଅପ୍ରାଚୀନତା, ସେ କାଳର ତୁଳାଦଣ୍ଡରେ ନାଗରିକତା ଓ ସଭ୍ୟତାର ସ୍ପର୍ଶ ଏବର ଓଡ଼ିଆ ଭାଷାଠାରୁ କୌଣସି ପ୍ରକାରେ ଫରକ ନ ଥିଲା ।

"ଇତାଲୀୟ ଯୁବା'ର ଗଦ୍ୟ ଭାଷାଠାରୁ ରାଧାନାଥ ଆପଣାର ଗଦ୍ୟ ଭାଷା କେତେଯୋଏ ମାର୍ଜିତ କରିଛନ୍ତି ତାହାର ପ୍ରମାଣ ତାଙ୍କର ସାର ରାଜା ବାସୁଦେବ ସୁଢ଼ଳ ଦେବ ସ୍ମରଣିକାରେ ଓ ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସମ୍ମିଳନୀର ଭାଷଣରେ ମିଳେ । ଏଠାରେ ତାଙ୍କର ଗଦ୍ୟ ରୀତିର ପ୍ରାଚୀନତା ତୁଟି ଯାଇଛି । ବୋଧହୁଏ ଏତେବେଳକୁ (୧୯୦୨-୧୯୦୮) ଓଡ଼ିଶାରେ ଗଦ୍ୟ ଲେଖାର ଗୋଟାଏ ଧାରା ପଡ଼ିଗଲାଣି । ଫକୀରମୋହନଙ୍କର ଉଦାର,ବ୍ୟାପକ ଓ ବିଶାଳ ପୃଷ୍ଠପଟ ଥିବା ଉଚ୍ଚ କୋଟିର ଦୁର୍ଲଭ ଗଦ୍ୟ ବିଷୟ ଏଠାରେ ଧାରା ଭାବରେ ଗ୍ରହଣ କରାଯାଇପାରେ ! ଯଦି ବା ଏଭଳି ଧାରାର ଅର୍ହ୍ୟ ହେବା ସମସ୍ତଙ୍କ ପକ୍ଷରେ ସମ୍ଭବ ନଥିଲା । ରାଧାନାଥଙ୍କର ଏଥରକ ଗଦ୍ୟରେ 'ଆମ୍ଭେ', 'ଅହୋ', 'ହୁଅଇ', 'ମଣିଲୁଁ' ଇତ୍ୟାଦି ଅଧୁନାଲୁପ୍ତ ଶବ୍ଦର ପ୍ରୟୋଗ ପ୍ରାୟ ନଥିଲା । କାରଣ ଯିଏ ଲେଖିଥିଲେ "ଆମ୍ଭର ସେହି ସମୟରେ ଊନବିଂଶତ୍ ବର୍ଷ ବୟଃକ୍ରମ ହୋଇଥିଲା ଏବଂ ଆମ୍ଭେ ଅତିଶୟ ଲଜ୍ଜାଶୀଳ ପୁଣି ଅଳ୍ପଦର୍ଶୀ ଥିଲୁଁ । ସେହି କନ୍ୟାର ଜନନୀ ଆମ୍ଭର ଯଥେଷ୍ଟ ଆଦର କଲେ ହେତୁ କି ସେ ଆମ୍ଭ ଚିତ୍ର କୌଶଳରେ ଅତ୍ୟନ୍ତ ତୁଷ୍ଟ ହୋଇଥିଲେ ।" ସେ ପରେ ଲେଖି ପାରିଲେ "ବ୍ୟଷ୍ଟିଭାବରେ ତାହାଙ୍କର ମହାର୍ହ ଜୀବନ ଆଲୋଚନା କରିବାର ସୁବିଧା ମୋହର ନାହିଁ, ସାମର୍ଥ୍ୟ ମଧ ନାହିଁ । ମୁଁ

Digitized by srujanika@gmail.com

କେବଳ ତାହାଙ୍କ ଚରିତ ଏବଂ ଚରିତ୍ର ସମ୍ବନ୍ଧରେ ସ୍ଥୂଳରେ ଦୁଇ ଚାରି କଥା କହିବି ।”

ଏହି ସମୟରେ ରାଧାନାଥଙ୍କର ଗଦ୍ୟରୁ ଅନେକ କଥା ଶିଖିବାର ଅଛି । ତାଙ୍କ ଭାଷାରେ ଖାଣ୍ଟି ଓଡ଼ିଆ ଶବ୍ଦର ଅଭାବ ଥିଲେ ବି ଯୁକ୍ତି ଓ ଭାବ ଯଥେଷ୍ଟ ଶକ୍ତିଶାଳୀ ହୋଇପାରିଥିଲା । ସେହି ଗୁଣରେ ତାଙ୍କର ଗଦ୍ୟରେ ବଳିଷ୍ଠତା ରହିଛି ....ଯେପରି :

‘ବାସୁଦେବ’ କେବଳ ବିଧିର ନୃପତି ନଥିଲେ, ସେ ନିସର୍ଗର ନୃପତି । ରାଜୋଚିତ ଗୁଣ ଥାଉ ବା ନ ଥାଉ କେବଳ ମାତ୍ର ଜନ୍ମହେବାରକଷ୍ଟ ସ୍ୱୀକାର କରିଥିବା ଦାବିରୁ ଅଧିକାଂଶ ରାଜା ହୁଅନ୍ତି । ରାଜତନ୍ତ୍ର ଦେଶମାନଙ୍କରେ ପିତାର ପୁତ୍ର ହେବା ସିଂହାସନ ସକାଶେ ଯଥେଷ୍ଟ ଗୁଣବତ୍ତା ବୋଲି ସର୍ବତ୍ର ପରିଗୃହୀତ । ବାସୁଦେବ ମଧ୍ୟ ଏହିପରି ଭାଗ୍ୟଧର ହୋଇ ଜନ୍ମଗ୍ରହଣ କରିଥିଲେ ସତ୍ୟ, ମାତ୍ର ସେ ଯେ ପୂର୍ଣ୍ଣ ମାତ୍ରାରେ ଏହି ସୌଭାଗ୍ୟର ଉପଯୁକ୍ତ ଥିଲେ, ତାହାଙ୍କ ଅମୂଲ୍ୟ ଜୀବନ ସେଥିର ଅଭ୍ରାନ୍ତ ସମର୍ଥନ ଅଟେ । ସିଂହାସନ ଲାଭ ଦ୍ୱାରା ଯେଉଁ ସାଧନାନିଚୟ ତାହାଙ୍କର ହସ୍ତଗତ ହୋଇଥିଲା, ତାହାଙ୍କର ସାଧନ ମଧ୍ୟ ସେହିପରି ଥିଲା ଏବଂ ସିଦ୍ଧି ମଧ୍ୟ ସାଧନାର ଅନୁରୂପ ହୋଇଥିଲା । ପୁରାଣରେ ଆମ୍ଭେମାନେ ସହସ୍ରବାହୁ ଅର୍ଜ୍ଜୁନର କଥା ପଢ଼ିଅଛୁ । ବାସୁଦେବଙ୍କର କାର୍ଯ୍ୟ ଦେଖିଲେ କିଏ ନ କହିବ ଯେ, ସେ ଦ୍ୱିବାହୁ ହୋଇ ସହସ୍ରବାହୁ । ତାହାଙ୍କ ପରି ନବଯୁଗ ପ୍ରବର୍ତ୍ତକ ରାଜା ଶତାବ୍ଦୀରେ ଜଣେ ଅବତୀର୍ଣ୍ଣ ହୁଅନ୍ତି କି ନାହିଁ ସନ୍ଦେହ । ବାସୁଦେବ ପ୍ରାକୃତ ପୁରୁଷ ନୁହନ୍ତି, ପୁରୁଷାବତାର । ସିଂହାସନ ଦ୍ୱାରା ତାହାଙ୍କର ଗୌରବ ବୃଦ୍ଧି ହୋଇ ନାହିଁ । ବରଂ ତାହାଙ୍କ ଅଧିଷ୍ଠାନ ଦ୍ୱାରା ସିଂହାସନ ଗୌରାବାନ୍ୱିତ ହୋଇଥିଲା । ପୁରୁଷ ସିଂହ ବାସୁଦେବ ସନାଥ ସିଂହାସନ ପ୍ରକୃତ ପ୍ରସ୍ତାବରେ ସିଂହାସନ ପଦବାଚ୍ୟ ହୋଇଥିଲା । ବାସୁଦେବ ସିଂହାସନରେ ବସିଥିଲେ ବୋଲି ଯେ ସିଂହାସନରେ ବସିବେ ସେ ବାସୁଦେବଙ୍କ ପରି ହେବେ, ଏପରି ଆଶା କରିବା ସଙ୍ଗତ ନୁହେଁ । ଗୁଣଗ୍ରାହୀ ଗଭର୍ଣ୍ଣମେଣ୍ଟ ବାସୁଦେବଙ୍କୁ ଉଚ୍ଚ ଉପାଧିରେ ଭୂଷିତ କରି ତାହାଙ୍କର ଏବଂ ଉପାଧିରେ ଗୌରବ ଯୁଗପତ୍ ବର୍ଦ୍ଧିତ କରାଇଥିଲେ ।”

ଯୁକ୍ତି ଓ ବିଚାର ପ୍ରତିଷ୍ଠା କରିବାରେ ଏ ଗଦ୍ୟ ପ୍ରକୃତରେ ସଫଳ ହୋଇଛି । ଖାଣ୍ଟି ଓଡ଼ିଆର କଥା ସୁଲଭ ନୁହେଁ । ‘ନିସର୍ଗ’, ‘ରାଜୋଚିତ’, ‘ଗୁଣବତ୍ତା’, ‘ପରିଗୃହୀତ’, ‘ଅଭ୍ରାନ୍ତ ସମର୍ଥନ’, ‘ସାଧନାନିଚୟ’, ‘ସିଦ୍ଧି’ ମଧ୍ୟ ସାଧନାର ଅନୁରୂପ ହୋଇଥିଲା । ବାସୁଦେବ ସନାଥ ସିଂହାସନ ‘ପଦବାଚ୍ୟ’ ‘ଯୁଗପତ୍

Digitized by srujanika@gmail.com

ବର୍ଜ୍ଜିତ କରାଇଥିଲେ' ପ୍ରଭୃତି ଶବ୍ଦ ଆଉ ଓଡ଼ିଆ ଭାଷୀଙ୍କ ଆଖିରେ କୌଣସି ଚିତ୍ର ସୃଷ୍ଟି କରି ପାରେ ନାହିଁ ବା ମନରେ କୌଣସି ଭାବର ରେଖା କାଟି ପାରିବ ନାହିଁ । ପଣ୍ଡିତ ନୀଳକଣ୍ଠଙ୍କର କଟାକ୍ଷ ଅନୁସାରେ 'ଏବଂ' ର ବ୍ୟବହାର ପାଇଁ ଆପତ୍ତି ନ କଲେ ବି 'ଏପରି ଆଶା କରିବାର ସଙ୍ଗତ ନୁହେଁ' 'ଆଶା କରିବାର' ବ୍ୟବହାର ସଙ୍ଗତ ନୁହେଁ । ଓଡ଼ିଆ ଭାଷାର ପୁରୁଣା ଓ ପୋଖତ ପଣିଆର ନିଦର୍ଶନ ହେଉଛି ତା'ର ବିଭକ୍ତି ପ୍ରୟୋଗ ! ବଙ୍ଗଳାରେ 'ଏମନି ଆଶା କରା ସଙ୍ଗତ ନହେ'ର ଅନୁବାଦ ଏଭଳି ଆଶା କରିବାର ସଙ୍ଗତ ନୁହେଁ ହୋଇଯାଇଛି । ଓଡ଼ିଆରେ ନଦୀର ଜଳ ହୁଏନାହିଁ । ହୁଏ ନଦୀ ଜଳ । ବିଭକ୍ତିର ପ୍ରକାଶ୍ୟ ବ୍ୟବହାର ଓଡ଼ିଆ ଭାଷାରେ ବିରଳ, ପ୍ରାୟ ନାହିଁ କହିଲେ ହୁଏ ।

ଆହରଣ –

ତେବେ ସେହି ୧୯୦୨/୧୯୦୮ ମସିହା ବେଳେ ଓଡ଼ିଆର କଥାଭାଷାରେ ପ୍ରଚଳନ ଥିବା ଚାଷୀ, ଧୀବର, ଜାହାଜନାବିକ, ଚୌକିଦାର, ଓକିଲ, ନବସିନ୍ଧା, କୋର୍ଟ ହାକିମ, ପୋଲିସ ଦାରୁଗା ଇତ୍ୟାଦିଙ୍କ କଥାକୁ ପ୍ରଥମେ ଗଦ୍ୟ ସାହିତ୍ୟର ଚଉହଦୀ ଭିତରକୁ ଆଣିଲେ ଫକୀରମୋହନ । ହଠାତ୍ ସଂସ୍କୃତର ଶୀତଳ କଠିନତା ଭିତରେ ସେ ଖାଣ୍ଟି ପ୍ରାଣବନ୍ତ ଓଡ଼ିଆର ସଂଜୀବନୀ ସଞ୍ଚାର କରିଦେଲେ । ଫକୀରମୋହନ ଗ୍ରନ୍ଥାବଳୀର ଉପୋଦ୍‌ଘାତରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି ଫକୀରମୋହନଙ୍କ ଭାଷାର 'ଉଦାହରଣ ପାଇଁ ଓଡ଼ିଆ ଲେଖାରେ ଅନ୍ୟତ୍ର ଖୋଜି ହେବ ନାହିଁ । ଫକୀରମୋହନଙ୍କ ଏ ବିଶେଷତ୍ୱ ଏକା ଫକୀରମୋହନଙ୍କ ବିଶେଷତ୍ୱ । ପୁଣି ଏଥିରେ ଗ୍ରାମ୍ୟତାର ଗନ୍ଧ ନାଇ । ଏ ରସିକତା ଅତି ବିଶୁଦ୍ଧ ଓ ଅତି ମନୋରମ ।'

ଫକୀରମୋହନଙ୍କର ଗଦ୍ୟଭାଷାର ତିନିଗୋଟି ମୋଟାମୋଟି ବିଭାଗ ଆଖିରେ ପଡ଼େ । ପ୍ରଥମ, ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପର ଭାଷା; ଦ୍ୱିତୀୟ ପଦ୍ୟର (କବିତା ନୁହେଁ) ଭାଷା; ତୃତୀୟ ପ୍ରବନ୍ଧ ଓ ଅନ୍ୟାନ୍ୟ ରଚନା । ଏହି ତିନୋଟି ବିଭାଗ ଭିତରୁ ମଧ କେତୋଟି ଉପ-ବିଭାଗ ଫିଟିବାର ଦେଖାଯିବ । ଏହି ତିନୋଟି ବିଭାଗ ଓ କ୍ଷୁଦ୍ର ଗଳ୍ପର ଭାଷାରେ ବିଚାର ଏକ ବିରାଟ କାର୍ଯ୍ୟ । ତାହାକୁ ପଛକୁ ରଖି ଆଗ ପଦ୍ୟର (କବିତା ନୁହେଁ) ଭାଷା କଥା ବିଚାରକୁ ନିଆଯାଉ । ପଦ୍ୟର ଭାଷାରେ ଗ୍ରାମ୍ୟତା-ବର୍ଜ୍ଜିତ ଖାଣ୍ଟି ଓଡ଼ିଆ ଭାଷା ରାଧାନାଥ ବା ମଧୁସୂଦନଙ୍କର କବିତାରେ ଏକଦମ୍ ବିରଳ ନଥିଲା ।

ଯେଭଳି ଚିଲିକାରେ ରାଧାନାଥ ଯେତେବେଳେ ଆପଣାର ହୃଦୟାନୁଭୂତି ପ୍ରକାଶ କରିଛନ୍ତି ସେତେବେଳେ ତାଙ୍କର ଭାଷାରେ ସଂସ୍କୃତର ଗୁରୁଗମ୍ଭୀର

Digitized by srujanika@gmail.com

କାଠିନ୍ୟ, ଦାନ୍ତଭଙ୍ଗା ଖୁରାଣ୍ଡି ଚୋବା ଶେଷ ହୋଇଯାଇଛି । ସେଥିପାଇଁ ଯେଉଁମାନେ ସେଇ 'ଚିଲିକା'ରୁ ରାଧାନାଥଙ୍କର –

"କଳୁଷିତ ବାରି-କଳୁଷ-ହାରକ
କାସାରେ କୁମୁଦ-ହାସ-ପ୍ରକାଶକ
ଦକ୍ଷିଣାଶା-ବଧୂ-ଅବତଂଶ ମୋତି
ମହୋଜ୍ଜ୍ୱଳ କୁଂଭ-ସମ୍ଭବ ଜ୍ୟୋତି
ଉଇଁଲେ ଆକାଶେ, ଆସି ଦଳେ ଦଳେ
ପୂରନ୍ତି ଜଳ ଏ କଳ କୋଳାହଳେ"

ଆଡ଼କୁ ତର୍ଜନୀ ଦେଖାନ୍ତି । ସେମାନଙ୍କୁ ମଧ୍ୟ ରାଧାନାଥ ଭାଷାର ସମ୍ଭାବନା ପାଇଁ କୁହାଯାଇପାରେ –

ମାଗୁଛି ଚିଲିକା ମେଲାଣି ତୋଠାରେ
ବାହୁଡ଼ିବି ଏବେ ଦାରୁଣ ସଂସାରେ
କରିଥିଲି ଆଶା କରିବି ଯାପନ
ତୋ ପଶ୍ଚିମତୀରେ ପଶ୍ଚିମ ଜୀବନ
ଭାଗ୍ୟ ହୋଇଥିଲେ ରୁଚି ଅନୁକୂଳ
ଆଶ୍ରି ଥାନ୍ତି ହେଳେ ତୋ'ରି ରମ୍ୟକୂଳ
କୁଟୀର ବିରଚି ଜଟିଆ ଚରଣେ
କାଟିଥାନ୍ତି କାଳ ଶେଷ ନିକାଞ୍ଚନେ ।

ଠିକ୍ ସେଭଳି ମଧ୍ୟ ଭକ୍ତକବି ମଧୁସୂଦନଙ୍କର କ୍ଲିଷ୍ଟ, ସଂସ୍କୃତ-ସଂକୁଳ ଗଦ୍ୟ ବା ପଦ୍ୟର ଭାଷାରେ ହଠାତ୍ କେତେବେଳ ନୀରସ ମରୁପଥରେ ଶ୍ୟାମଳ ଉଦ୍ୟାନ ପରି ଓଡ଼ିଆ ଗଦ୍ୟର ପ୍ରାଣବନ୍ତ ଧାରା ଚମକି ଉଠେ ।

ଶୁଣ ଶୁଣ ଏବେ ସେ ବାଣୀ
    ତୋହରି ଅନ୍ତରେ ଅଛନ୍ତି ଜାଗି
ସନ୍ତତ ତୋ ପ୍ରାଣ ମନ୍ଦିର ବାସିନୀ
    ତୋହରି ଉଦ୍ଧାର ଲାଗି ।

ଇଂରାଜୀରେ ଜଣେ ଏ କାଳର ପ୍ରତିଷ୍ଠିତ କବି ଅଡେନ କଥା ପ୍ରସଙ୍ଗରେ କହିଥିଲେ, କବିତାର ଅନ୍ୟ ନାମ ହେଉଛି 'ସ୍ମରଣୀୟ କଥା' । ମୋତେ ଲାଗୁଛି, 'ସ୍ମରଣୀୟ କଥା'ର ଗୋଟିଏ ପ୍ରଧାନ ଚରିତ୍ର ହେଉଛି ଯେ ତାହା ଅବାରିତ ଭାବରେ

Digitized by srujanika@gmail.com

ଭାଷାର ଶବ୍ଦ ଭଣ୍ଡାରରେ ମିଶିଯାଏ । ଠିକ୍ ଯେଭଳି ବିଲାତର କବି ସେକ୍ସପିଅରଙ୍କର ବହୁତ କଥା ଇଂରାଜୀ ଭାଷାର ଗଣ୍ଠିରେ ଏକାକାର ହୋଇ ଯାଇଛି । ଆଜି ଯେ କୌଣସି ଇଂରାଜୀ ଲେଖାରେ ତା'ର ଚିହ୍ନ ଅଲକ୍ଷିତରେ ମିଳିବ । କିନ୍ତୁ ସେ ଚିହ୍ନ ଭାଷାଦେହରୁ ସହଜରେ ଅଲଗା କରି ହେବ ନାହିଁ । ଏବେ ଉକ୍ତ ମହାକବି ସେକ୍ସପିଅରଙ୍କର ଚାରିଶହ ସମ୍ବତ୍ସର ଜୟନ୍ତୀ ସଭା ଗୋଟିକରେ ତାଙ୍କର କେତେକ ଲେଖାର ପୁନରାବୃତ୍ତି ହେଉଥିଲା । ଜଣେ ପୁରାତନା ସେ ଭଳି ଗୋଟିଏ ଜୟନ୍ତୀ ସଭାରେ ତାହା ଶୁଣିଲେ । ତାଙ୍କୁ କେହି ପଚାରିଲେ "ଆଈ, କେମିତି ଲାଗୁଛି । ଭଲ ଲେଖା ନୁହେଁ ?" ବୁଢ଼ୀ ମୁଣ୍ଡ ହଲାଇ କହିଲା "ମୋତେ ତ କିଛି ଭଲ ଜଣା ପଡୁନାହିଁ । ଏ ଲୋକଟା ଖାଲି ପ୍ରବଚନ ଗୁଡ଼ାକ ନିଜ ଲେଖାରେ ଖୁନ୍ଦି ଦେଇଛି ।" ବିଚାରି ବୁଢ଼ୀକୁ ମୋଟେ ଜଣାନାହିଁ ଯେ ସେକ୍ସପିଅରଙ୍କର ଲେଖାଗୁଡ଼ିକ ଇଂରାଜୀ ଭାଷାରେ ପ୍ରବଚନର ଆସନ ମାଡ଼ି ବସିଛି !

ଫକୀରମୋହନଙ୍କର ପଦ୍ୟ ଭାଷାରେ 'ସ୍ମରଣୀୟ କଥା'ର ଦୃଷ୍ଟାନ୍ତ 'ଉତ୍କଳ ଭ୍ରମଣ' ଆଉ 'ଅବସର ବାସରେ' ଓ 'ହାଟବାହୁଡ଼ା' ଭଳି କେତେଗୁଡ଼ିଏ କବିତାରେ ମିଳିବ । ଏ ଗୁଡ଼ିକର ପରିମାଣ ଖୁବ୍ ବେଶୀ ନୁହେଁ, ତେବେ ବି ରାଧାନାଥଙ୍କର 'ଦରବାର'ରେ ଯେପରି କେତେଗୁଡ଼ିଏ କଥା ଯଥା, ଗରୁଡ଼ ଉପରେ ଦେଖାନ୍ତି ପ୍ରତାପ, ସେ ଯେଣୁ ଅଟନ୍ତି ଶିବଙ୍କର ସାପ, କେହୁ ବୋଲେ ମୁହିଁ ଅଟଇ ପୁଲିସ ବିନା ମେଘେ ସୃଜି ପାରଇ କୁଳୀଶ ଇତ୍ୟାଦି ଓଡ଼ିଆ ଭାଷାରେ ଚିରକାଳ ହୀରା ଖଣ୍ଡ ପରି ଝଟକୁ ଥିବ । ଠିକ୍ ସେଭଳି ଫକୀରମୋହନଙ୍କର 'ଉତ୍କଳ ଭ୍ରମଣ'ରୁ କେତେକ ପଂକ୍ତି ସରିଦମ ଝଟକରେ ଦାଉ ଦାଉ ଜଳୁଥିବ । ପଂକ୍ତିଗୁଡ଼ିକ ପହିଲି କଳିକା; ଏମାନେ କେବଳ ଭବିଷ୍ୟତ ସମ୍ଭାବନାର ସ୍ମାରକ ।

ତେବେ ପଦ୍ୟର ଭାଷା ସିନା 'ସ୍ମରଣୀୟ କଥା' ଯୋଗାଇପାରେ । ସେ ଭାଷା ତ ସବୁପ୍ରକାର କାର୍ଯ୍ୟ ପାଇଁ ଉପଯୁକ୍ତ ନୁହେଁ । ଫକୀର ମୋହନଙ୍କ କାଳରେ କୌଣସି ସ୍ଥାନରେ ଧର୍ମଚର୍ଚ୍ଚା ହେଉଥିଲେ ଓଡ଼ିଶାର ଧାର୍ମିକ ପଣ୍ଡିତେ ସେଠାରେ କି ଭଳି ଆପଣାକୁ ପ୍ରକାଶ କରୁଥିଲେ ତାହାର କେତୋଟି ନମୁନା ଦେଖାଯାଉ । ସେତେବେଳେ ଓଡ଼ିଶାରେ ତ ସନାତନ ହିନ୍ଦୁ ଧର୍ମର ପୁନରୁତ୍ଥାନ ଚାଲିଥିଲା । ଭକ୍ତକବି ବ୍ରାହ୍ମଧର୍ମରେ ବିଭୋର ଥିଲେ । ଖ୍ରୀଷ୍ଟିଆନ ପାଦ୍ରିମାନେ ତାଙ୍କର ବାଇବେଲ ଆଉ ସୁସମାଚାର ଘେନି ଓଡ଼ିଆଙ୍କୁ ଦୀକ୍ଷିତ କରିବାରେ ଲାଗି ପଡ଼ିଥିଲେ । ସେତେବେଳର ସେହି କାଳରେ ସାଧାରଣ ଲୋକେ ଆପଣା ଭିତରେ

Digitized by srujanika@gmail.com

ପୁରାଣଶାସ୍ତ୍ର, ମାଳିକା ଆଲୋଚନାରେ ମଧ୍ୟ ଗଦ୍ୟ ଭାଷାରେ ଭାବ ବିନିମୟ ତ ନିଶ୍ଚୟ କରୁଥିଲେ । ସେମାନଙ୍କର ଭାଷା ସେପର୍ଯ୍ୟନ୍ତ ଲେଖା ହୋଇ ନଥିଲା । ଯେଉଁମାନେ ଆପଣାର ଭାବ ପ୍ରକାଶ ପାଇଁ ଲିଖିତ ଭାଷା ବ୍ୟବହାର କଲେ ସେମାନେ ସାଧାରଣ ଲୋକଙ୍କର ଭାଷା ବ୍ୟବହାର କରିବାର ପ୍ରମାଣ ନାହିଁ । ଫକୀରମୋହନଙ୍କର ବିଭିନ୍ନ 'ଉପନ୍ୟାସ' ଗୁଡ଼ିକରୁ ଏହି କଥାର ସତ୍ୟତା ଖୋଜିଲେ ମିଳିବ, 'ଲଛମା'ରେ (ପ୍ରକାଶ କାଳ ୧୯୧୪ ମିସହା) ଶିବଶଙ୍କର ମାଳବୀୟଙ୍କ ମୁହଁରେ ଫକୀରମୋହନ ଧର୍ମାଲୋଚନାର ଗୋଟିଏ ଧାରା ପକାଇଛନ୍ତି :

...... ହେ ସଭାସ୍ଥ ଜ୍ଞାନିବର୍ଗ, ପ୍ରଣିଧାନ କରିବାକୁ ଆଜ୍ଞା ହେଉ । ଏହି ସଂସାରସ୍ଥ ପ୍ରାଣୀମାନଙ୍କର ଶାନ୍ତିଦାୟକ ଏବଂ ଶ୍ରେୟଂସାଧନକାରୀ ଧର୍ମର ଯେତେବେଳେ ଗ୍ଲାନି ଉପସ୍ଥିତ ହୁଏ – ବୋଇଲା, ଅଧର୍ମ ବାହୁଲ୍ୟ ଯୋଗୁଁ ଧର୍ମର ହାନି ହୁଏ, ସେତେବେଳେ ଆମ୍ଭେ ଆପଣାକୁ ସୃଜନ କରୁ ଅର୍ଥାତ୍ କି ନା ଆମ୍ଭେ ଅବତାର ରୂପେ ଜନ୍ମଗ୍ରହଣ କରୁ, ଏହା ଭଗବାନଙ୍କ ଶ୍ରୀମୁଖବାକ୍ୟ ।

××× ଦେଖିବା ହେଉନ୍ତୁ । ମହାପ୍ରଭୁଙ୍କର ଶ୍ରୀମୁଖବାକ୍ୟର ବ୍ୟର୍ଥ ହେବାର ନୁହେଁ । ଏହି ପୁଣ୍ୟଭୂମି ଭାରତଖଣ୍ଡ ମଧ୍ୟରେ ଯେତେଥର ଦୁର୍ବୃତ୍ତ ରାକ୍ଷସମାନେ ପ୍ରବଳ ହୋଇ ଯାଗଯଜ୍ଞ ପ୍ରଭୃତି ବୈଦିକ କ୍ରିୟାକଳାପ ବିନାଶପୂର୍ବକ ଧାର୍ମିକ ସାଧୁ ଲୋକଙ୍କ ପ୍ରତି ଅତ୍ୟାଚାର କରିଅଛନ୍ତି, କେତେଥର ମହାପ୍ରଭୁ ସ୍ୱୟଂ ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି । ରାମ ରୂପେ – ଜଗତରେ ରାବଣକୁ ବିନାଶ କରିଅଛନ୍ତି । କଂସ, ଶିଶୁପାଳ, ଜରାସନ୍ଧ ପ୍ରଭୃତିଙ୍କ ଦ୍ୱାରା ଧର୍ମ ପ୍ରତି, ଧାର୍ମିକମାନଙ୍କ ପ୍ରତି ଅତ୍ୟାଚାର ଘଟିଥିଲା; ମହାପ୍ରଭୁ ସ୍ୱୟଂ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହେଲେ । ମହାପ୍ରଭୁ ଆଜ୍ଞା କରିଅଛନ୍ତି, ଯେତେବେଳେ ଧର୍ମର ଗ୍ଲାନି ଉପସ୍ଥିତ ହେବ, ସେତେବେଳେ ସେ ଅବତାର ରୂପ ଧାରଣ କରିବେ ।

(ଫକୀରମୋହନ ଗ୍ରନ୍ଥାବଳୀ ପୃ–୩୪୫)

ଆଉ ଗୋଟିଏ ....

"ପ୍ରଭୁ ଦୟାମୟ, ମଙ୍ଗଳମୟ । ଆମ୍ଭେମାନେ ତାଙ୍କର ସୃଷ୍ଟ ଜୀବ । ପ୍ରଭୁ କ'ଣ ଆମ୍ଭମାନଙ୍କ ପାଇଁ ଅମଙ୍ଗଳ ଭିଆଣ କରିବେ ....

ଜନସମାଜର ବର୍ଦ୍ଧନ ଏବଂ ସଂସ୍ଥାପନ ନିମନ୍ତେ ଜଗନ୍ନିୟନ୍ତା ପରମେଶ୍ୱର ସଂସାରକୁ ଏପରି ମାୟାଜାଲରେ ବାନ୍ଧି ରଖିଅଛନ୍ତି, ତାହାକୁ ବିଚ୍ଛିନ୍ନ କରିବା ମାନବ ପ୍ରାଣୀ ପକ୍ଷରେ ସହଜ ନୁହେଁ । ଭଲରୂପେ ବୁଝିଅଛୁଁ; ସଂସାରିକ ଧନସଂପତ୍ତି,

Digitized by srujanika@gmail.com

ମାନସଂଭ୍ରମ କ୍ଷଣବିଧ୍ୱଂସୀ – ଧର୍ମ ହିଁ ଆତ୍ମାର ପରମ ସହାୟ । ତଥାପି ସଚରାଚର ମାନବସନ୍ତାନ ସଂସାରିକ ବିଷୟ ବାସନାରେ ପ୍ରତିନିୟତ ନିମଗ୍ନ । ପରମ ଧନ ଧର୍ମାର୍ଜନ ବିଷୟରେ ତାଦୃଶ ଯତ୍ନଶୀଳ ନୁହେଁ ।

× × × ପ୍ରାଣୀର ଦୁଃଖରେ କାତର ମହାମୁନି ବୁଦ୍ଧଦେବ ମଧ୍ୟ ନିରଞ୍ଜନ ନଦୀ ତଟରେ ଧ୍ୟାନଯୋଗେ ଅନୁଭବ କରିଥିଲେ, ବାସନା ଯାବନ୍ତ କଷ୍ଟର କାରଣ । ମାନବଶ୍ରେଣୀ ଦୈବୀମାୟାରେ ଏପରି ଆଚ୍ଛନ୍ନ ଯେ, କଷ୍ଟର କାରଣ ମୂଳକାରଣ ବାସନାକୁ ସହଜରେ ପରିତ୍ୟାଗ କରିବାକୁ ମନ ବଳାଏ ନାହିଁ । ସେହିପରି ତତ୍ତ୍ୱଦର୍ଶୀ ମହାତ୍ମାମାନେ ବାସନା ପରିତ୍ୟାଗପୂର୍ବକ ଧର୍ମାର୍ଜନ ମାର୍ଗରେ ଅଗ୍ରସର ହୋଇଥାନ୍ତି ।"

(ପ୍ରାୟଶ୍ଚିତ୍ତ ସେହି ଗ୍ରନ୍ଥାବଳୀ ପୃ୪୯୪-୯୫ଷ୍ଠା)

ନୋହିଲେ – "ତାହାର ନାମ ପାଦ୍ରି । ସେ ଶ୍ୱେତବର୍ଣ୍ଣ ଲୋକଙ୍କ ପୁରୋହିତ ଅଟେ । ସେ ଯେ ସମସ୍ତ କଥା କହିଲା ସେଥିରେ ସାରମର୍ମ ଏହି ଏକମାତ୍ର ମହାନ ପ୍ରଭୁ ପରମେଶ୍ୱର ବିଶ୍ୱବ୍ରହ୍ମାଣ୍ଡର ଅଧିପତି ଅଟନ୍ତି, ମାନବ ଜାତି ତାହାଙ୍କ ପୁତ୍ର । ତୁମ୍ଭର ସାମର୍ଥ୍ୟ, ତୁମ୍ଭର ଜ୍ଞାନ ମାନବ ଜାତିର ଉନ୍ନତି କଳ୍ପେ ଉତ୍ସର୍ଗ କର । ପୁତ୍ର ପ୍ରତି ଅତ୍ୟାଚାରୀ ଲୋକ ପିତାଙ୍କର ବିରାଗ ଭାଜନ ହୁଅନ୍ତି । ସେହିପରି ମାନବ ଜାତିର ହିଂସାକାରୀ, ମାନବ ଜାତିର ଅପ୍ରେମକାରୀ ଲୋକ କରୁଣାମୟ ପିତା ପରମେଶ୍ୱରଙ୍କ ଅପ୍ରିୟ ପାତ୍ର ଜାଣିବ । ତୁମ୍ଭେ ଯେଉଁ ଦୟା, ଯେଉଁ କ୍ଷମା ପ୍ରଭୁ ପରମେଶ୍ୱରଙ୍କଠାରୁ ପ୍ରାର୍ଥନା କର, ଅନ୍ୟ ମାନବକୁ ସେହି ଦୟା, ସେହି କ୍ଷମା ପ୍ରଦାନ କର । ତୁମ୍ଭର ସମସ୍ତ ମନ, ସମସ୍ତ ପ୍ରାଣ ପ୍ରଭୁଙ୍କ ପଦରେ ଅର୍ପଣ କର, ସର୍ବଦା ତାହାଙ୍କୁ ସ୍ମରଣ କର ।"

(ଲଛମା) ସେହି ଗ୍ରନ୍ଥାବଳୀ ପୃ ୩୫୨ ଷ୍ଠା

ଫକୀରମୋହନଙ୍କର ଗଦ୍ୟ ଭାଷାର ତୃତୀୟ ବିଭାଗ ପ୍ରବନ୍ଧ ଓ ଅନ୍ୟାନ୍ୟ ରଚନା ସହିତ ଉପର ଉଦ୍ଧୃତାଂଶ ଗୁଡ଼ିକର ଅନେକ ମେଳ ଅଛି । ଏଗୁଡ଼ିକ ୧୮୯୮ ଠାରୁ ୧୯୧୩-୧୪ ପର୍ଯ୍ୟନ୍ତ ପ୍ରାୟ ପନ୍ଦର ବର୍ଷର ବିବର୍ତ୍ତନର ପରିଣାମ । ଏହି ଲେଖାଗୁଡ଼ିକ ଫକୀରମୋହନଙ୍କର ଉପନ୍ୟାସମାନଙ୍କରୁ ସଂଗ୍ରହ କରାଯାଇଛି; କାରଣ ଉପନ୍ୟାସର ଯେଉଁ ଅଂଶ ଚରିତ-ପ୍ରଧାନ ନ ହୋଇ ଯୁକ୍ତି-ପ୍ରଧାନ ହୋଇଛି ସେଇଠି ଗଦ୍ୟର ରୂପ ସମସାମୟିକ ପ୍ରବନ୍ଧ ଭାଷାର ଶବ୍ଦ ଯୋଜନା, ବାକ୍ୟବିନ୍ୟାସ ଓ ଶୈଳୀ ରୂପରେ ପ୍ରକାଶ ପାଇଛି । ଫକୀରମୋହନ ସେ ପର୍ଯ୍ୟନ୍ତ 'ସାଧୁଭାଷା'ର ମୋହରୁ ଉବୁରି ନାହାନ୍ତି । ତାହାଛଡ଼ା ତାଙ୍କ ମନରେ ଗୋଟିଏ ଧାରଣା ଜନ୍ମି

Digitized by srujanika@gmail.com

ଆସିଛି ଯେ ଉପନ୍ୟାସ ଓ କ୍ଷୁଦ୍ର-ଗଳ୍ପର ଭାଷା ପ୍ରବନ୍ଧର ଭାଷାଠାରୁ ମୌଳିକ ଭାବରେ ପୃଥକ୍ । ପଲ୍ଲୀକବି ନନ୍ଦକିଶୋର ପ୍ରସଙ୍ଗ କ୍ରମେ ଲେଖିଛନ୍ତି, "କିଛିଦିନ ପୂର୍ବେ ଓଡ଼ିଶାର ଶ୍ରେଷ୍ଠ ଗଦ୍ୟ ଲେଖକ ଏବଂ ଜଣେ ସୁକବିଙ୍କ ସହିତ ଏହି ବିଷୟରେ କଥାବାର୍ତ୍ତା ହୋଇଥିଲା । ବୟୋବୃଦ୍ଧ ପ୍ରବୀଣ ଲେଖକ କହିଲେ 'ସଂସ୍କୃତ ଓ ଦେଶୀୟ ଶବ୍ଦର ଏକମାତ୍ର ବ୍ୟବହାର ବିଷୟରେ ଏ ପର୍ଯ୍ୟନ୍ତ ମୋର ମତ ସ୍ଥିର କରିନାହିଁ, ତେବେ ମୋ ଲେଖାରେ ମୁଁ ତାହା ପରିହାର କରିବାକୁ ଚେଷ୍ଟା କରେ । କିନ୍ତୁ ରାଧାନାଥ ବାବୁ ତାହା କରନ୍ତି ନାହିଁ । ମୋ ବିବେଚନାରେ ଏପରି ସମାବେଶ ଭାଷାର ସଜୀବତାର ଲକ୍ଷଣ ଆଦୌ ଦୃଷ୍ଟ ନୁହେଁ ।" ଏହି ଶ୍ରେଷ୍ଠ ଗଦ୍ୟ ଲେଖକ ଏବଂ ଜଣେ ସୁକବି ବୋଧହୁଏ ଫକୀରମୋହନ ।

ସେହି କାଳରେ ଇଂରାଜୀ-ଶିକ୍ଷିତ ଓଡ଼ିଆଙ୍କ ଭିତରେ ମଧ୍ୟ ଧାରଣା ଥିଲା ଯେ ସଂସ୍କୃତଶବ୍ଦ ସହିତ ତତ୍‌ସମ ବା ଖାଣ୍ଟି ଦେଶୀୟ ଶବ୍ଦକୁ ଯୋଡ଼ି ଲେଖିବା ଦୋଷାବହ । କଟକରେ ପ୍ରତିଷ୍ଠିତ କର୍ତ୍ତବ୍ୟବୋଧିନୀ ସମିତି ତରଫରୁ ତାଙ୍କୁ ଯେଉଁ ପତ୍ର ଦିଆଯାଇଥିଲା ସେଥିରେ ସେମାନେ କବିଙ୍କର 'ପଲ୍ଲୀଚିତ୍ର' ଓ 'ନିର୍ଝରିଣୀ' କବିତା ପୋଥି ଯୋଡ଼ିକର ଉଚ୍ଚ ପ୍ରଶଂସା କରିଛନ୍ତି; କିନ୍ତୁ ସେଥିରେ "ଭାଷାର ଗୋଟିଏ ପ୍ରଧାନ ଦୋଷ ଅନେକେ ଅନୁଭବ କରିଅଛନ୍ତି । ତାହା ସଂସ୍କୃତ ଓ ଗ୍ରାମ୍ୟ ଶବ୍ଦମାନଙ୍କର ଏକତ୍ର ସମାବେଶ ଓ ଏକତ୍ର ବ୍ୟବହାର । ଏଥିପ୍ରତି ଆପଣ ଭବିଷ୍ୟତ୍‌ରେ ସତର୍କ ହେବାପାଇଁ ପ୍ରତ୍ୟେକ ସଭ୍ୟଙ୍କର ବିନୀତ ଅନୁରୋଧ ।" (ନନ୍ଦକିଶୋର ଗ୍ରନ୍ଥାବଳୀ ପୃ ୧୧୦) ଉକ୍ତ କର୍ତ୍ତବ୍ୟବୋଧିନୀ ସମିତିକୁ ନନ୍ଦକିଶୋର ବହୁମାନ ଦେଇ ଲେଖିଛନ୍ତି । "ସ୍ୱଦେଶର ଆଶା ଭରସାର କୂଳ ସ୍ଥାନୀୟ କଲେଜର ବି.ଏଲ, ଏମ୍.ଏ, ବି.ଏ. ଏବଂ ଏଫ. ଏ ଶ୍ରେଣୀ ପ୍ରାୟ ସମୁଦାୟ ଓଡ଼ିଆ ଛାତ୍ରଙ୍କ ଦ୍ୱାରା ଯେଉଁ ସମିତି ଗଠିତ, ଯାହା ଯତ୍ନରେ କିଛିଦନ ପୂର୍ବରେ ହୀନ ଦୁର୍ଦ୍ଦଶାଗ୍ରସ୍ତ ଉତ୍କଳ ଭାଷା ସ୍ୱୀୟ ସ୍ୱତ୍ୱ ଓ ସ୍ୱାତନ୍ତ୍ର୍ୟ ପ୍ରଦର୍ଶନାର୍ଥ ସିଣ୍ଡିକେଟ ଗୃହ ଦ୍ୱାରରେ ଉପସ୍ଥିତ ହୋଇଥିଲା ଏବଂ ଯାହାର ସଭ୍ୟମାନଙ୍କ ମଧ୍ୟରୁ କେତେକ ଲେଖକ ଶ୍ରେଣୀଭୁକ୍ତ, ସେ ସମିତିର ଉତ୍ସାହ ବାକ୍ୟ ବାସ୍ତବ ସମ୍ମାନାର୍ହ ।" ତଥାପି ନନ୍ଦକିଶୋର ଏହି ସମିତିଙ୍କର ସତର୍କ ବାଣୀକୁ ଗ୍ରାହ୍ୟ କଲେ ନାହିଁ, ଆଶାର କଥା ।

ରାଧାନାଥ ବାବୁଙ୍କ କବିତା-ପଦ୍ୟରୁ ନନ୍ଦକିଶୋର ନାନା ଉଦାହରଣ ଦେଇ ସଂସ୍କୃତ ଓ ଦେଶୀୟ ଶବ୍ଦର ସମାବେଶର ଉଦାହରଣ ଥୋଇଛନ୍ତି; କିନ୍ତୁ ତାଙ୍କର ଗଦ୍ୟ ଭାଷାର ନଜୀର ସେଥିରେ ନାହିଁ । ଯେଭଳି ମନେହୁଏ ଗଦ୍ୟଲେଖାରେ ରାଧାନାଥ ବାବୁ ବହୁ ବିଚିତ୍ର ଘାଟି ପାର ହୋଇଛନ୍ତି । 'ଇଟାଲୀୟ ଯୁବା' ର

Digitized by srujanika@gmail.com

ସ୍ଥବିର ଧୀରେ ଧୀରେ ନୂତନ ଜୀବନ ପାଇ ବାଡ଼ି ଖଣ୍ଡିଏ ଧରି ଚାଲିଲେ ଯେପରି ଚାଲନ୍ତା ଠିକ୍ ସେହିପରି ତାଙ୍କର ଗଦ୍ୟ ଧୀରେ ଧୀରେ ଅତି ସନ୍ତର୍ପଣରେ ବାହାରି ଆସିଛି । ଏହାର ଗୋଟିଏ ମାତ୍ର କାରଣ ଅଛି । ରାଧାନାଥ ଥିଲେ ଶିକ୍ଷକ । ଆପଣାର ମନୋଭାବ ଅନ୍ୟ ନିକଟରେ ପ୍ରାଞ୍ଜଳ କରିବା ପ୍ରକୃତ ଶିକ୍ଷକର ଏକ ମସ୍ତବଡ଼ କୃତିତ୍ୱ । ସେହି କୃତିତ୍ୱ ହାସଲ କରିବାର ପ୍ରଧାନ ହତିଆର ହେଉଛି ଗଦ୍ୟଭାଷା । ତେଣୁ ରାଧାନାଥ ବାବୁ ଲେଖୁ ଲେଖୁ ଲେଖି ପକାଇଛନ୍ତି –

"କବି ଗୋଲ୍ଡ୍‌ସ୍ମିଥ୍ ଏକ ସଭାକୁ ଯାଇଥିଲେ । ସଭାରେ ବସି ଆପଣା ବନ୍ଧୁମାନଙ୍କ ସଙ୍ଗେ କଥା କହୁଛନ୍ତି ଏମନ୍ତ ସମୟରେ ଜଣେ କହିଲା, 'ତୁନିହୁଅ', ଜନ୍‌ସନ୍ ବକ୍ତୃତା କରିବେ । ଗୋଲଡ୍‌ସ୍ମିଥ୍ ଅତ୍ୟନ୍ତ କୋମଳମନା ଥିଲେ, ଅତ୍ୟନ୍ତ କୁପିତ ହେଲେ, ମାତ୍ର କୁପିତ ହେବାର ତାହାଙ୍କ ପକ୍ଷେ ଅନୁଚିତ ଥିଲା । ଜନ୍‌ସନ୍ ସମାଜରେ ପ୍ରତିଷ୍ଠା ଲଭିଥିଲେ, ସମସ୍ତଙ୍କ ଠାରେ ଆଦରଣୀୟ ହୋଇଥିଲେ । ଜନ୍‌ସନ୍‌ଙ୍କୁ ସମସ୍ତେ ଧନୁର୍ଦ୍ଧର ଜାଣିଥିଲେ । ତୁମ୍ଭେ ଜଣେ ସାମାନ୍ୟ କର୍ମଚାରୀ, ଡିପୋଟି ବାବୁଙ୍କ ସଙ୍ଗେ କଥା କହୁଅଛ, ଡିପୋଟି ବାବୁ ବନ୍ଧୁ ପ୍ରାୟ ତୁମ୍ଭଙ୍କୁ ସଂଭାଷଣ କରି ତୁମ୍ଭ ସଙ୍ଗେ କଥା କହୁଅଛନ୍ତି । ହଠାତ୍ ମେଜେଷ୍ଟର ସାହେବ ସେଠାକୁ ଆସିଲେ । ଡିପୋଟି ବାବୁଙ୍କର ସେହି ସଂଭାଷଣ, ସେହି ହାସ୍ୟ ମୁହୂର୍ତ୍ତ ଭିତରେ ଉଲଟି ଗଲା, ଆଉ ତୁମ୍ଭଙ୍କୁ ଚାହିଁଲେ ନାହିଁ, ସାହେବଙ୍କୁ ସଲାମ କରି ତାଙ୍କ ସଙ୍ଗେ କଥା କହିବାକୁ ଲାଗିଲେ, ଏମନ୍ତ ମୁଖଭଙ୍ଗି କଲେ ଯେ ତୁମ୍ଭଙ୍କୁ କେବେ ଦେଖି ନାହାନ୍ତି । ତୁମ୍ଭେ ବିରକ୍ତ ହେଲ, ମାତ୍ର ବିରକ୍ତ ହେବାର ଉଚିତ ନୁହେଁ । ଡିପୋଟି ମଉସୁଫଙ୍କର ତାରା ନାହିଁ । ସାହେବଙ୍କ ମୂର୍ତ୍ତି ତାଙ୍କର ହୃଦୟଯାକ ଘୋଡ଼ି ଗଲାଣି । ତୁମ୍ଭ ପାଇଁ ସ୍ଥାନ ନାହିଁ । ଡିପୋଟିଙ୍କୁ ତୁମେ ଅଦୃଶ୍ୟ ହୋଇଅଛ । ସୂର୍ଯ୍ୟ ଉଠିଲେ ତାରାମାନେ ଆମକୁ ଅଦୃଶ୍ୟ ହେଲେ । ତୁମ୍ଭର ଶୂଳରୋଗ ଅଛି । ସବୁ ଦିନ ସେହି ରୋଗରୁ କଷ୍ଟ ପାଉଅଛ । ହଠାତ୍ ଯେବେ ତୁମ୍ଭଙ୍କୁ ଉତ୍କଟ ଜ୍ୱର ହେଲା, ଜ୍ୱର ଥିବାଯାଏ ଶୂଳର ଯାତନା ଜାଣିପାରିବ ନାହିଁ । ଯାକୁ ସୁଦ୍ଧା ସେହିପରି ଜାଣିଥିବ ।"

(ରାଧାନାଥ ଗ୍ରନ୍ଥାବଳୀ ପୃ ୩୮୯ ଷ୍ଠା)

'ଧନୁର୍ଦ୍ଧର ଜାଣିଥିଲେ' 'ହୃଦୟ ଯାକ ଘୋଡ଼ି ଗଲାଣି', ଭଳି ବାକ୍ୟ ବା ବାକ୍ୟାଂଶ ଏବେ ଆଉ ଆମ ଭାଷାରେ ଚଳୁ ନାହିଁ । ତେବେ 'ପାଠକେ, ତୁମ୍ଭେ ସ୍କୁଲରେ ପଢ଼ିଥିଲଟି କି ?' ମେଡ୍‌ଲେ ପରୀକ୍ଷା ସମୟରେ ଯେଉଁ ପ୍ରବନ୍ଧ ଲେଖିଥିଲ, ଲୋଡ଼ି ଦେଖ, ବାକ୍‌ସରେ ଥିବ । ଏବେ ପଢ଼ି କ'ଣ ପାଞ୍ଚିଲ ? ଲାଜ ମାଡୁଛି ତ ? ମାଡ଼ିବ ତ । ତୁଚ୍ଛା ଲାଜ ନୁହେଁ, ତୁମ୍ଭର ହର୍ଷ ବିଷାଦ ଉପୁଜିବ । 'ଏହା ନିଷ୍ଠା

Digitized by srujanika@gmail.com

ଜାଣିଥିବ ।' 'ସ୍ଥଳରେ ଏହା କହିଲେ ହେଲା' । 'ବୋଲିବା ବାହୁଲ୍ୟ ଯେ' 'ଏପରି ମଧ କେତେ ଲୋକ ଅଛନ୍ତି ଯେ, ସେମାନଙ୍କୁ ଆଦୌ ସୁବିଧା ଘଟେ ନାହିଁ ।' 'ଗାଡ଼ିର ଅଖରେ ତୁମ୍ଭର ଚାକରମାନେ ତେଲ ଦେଇ ନାହାନ୍ତି, ଯେବେ ଦେଇଥିବେ ଦେବା ପରି ଦେଇ ନାହାନ୍ତି ।' 'ବୁଝିଲେ ସେ ଯାହା କରିଛନ୍ତି । ଆଚ୍ଛା କରିଛନ୍ତି ।' 'ମନୁଷ୍ୟର ବୋଝ ଦେଖି ଦୟା ହେବାର ତେଣିକି ଥାଉ ଆହୁରି ଚଳ ମାଡ଼େ ।' 'ସେମାନଙ୍କ ଭାବୀ କାର୍ଯ୍ୟର ଫଳ ଯେବେ ସେମାନେ ତର୍କଣା କରି ପାରିଥାଆନ୍ତେ' 'ମାତ୍ର ପାପହୃଦର କୂଳର ଗଡ଼ନ୍ତି ତର୍କଣା କରିବାର କଠିଣ ।' 'ସଂସାରରେ ପଦେ ପଦେ ବିଘ୍ନ ପଦେ ପଦେ ବିରକ୍ତ ହେବାର ସହସ୍ର କାରଣ ଅଛି । ମନ ଦୃଢ଼ ଓ ପ୍ରଫୁଲ୍ଲ ନ ହେଲେ ନିଭିବାର କଠିନ ।' – ଏ ଭଳି ଅଜସ୍ର ପ୍ରୟୋଗ ଏବେ ବି ଖୋରଧା, ଘୁମୁସର, ପୁରୀ ଜିଲ୍ଲାର ଲୋକ କଥାରେ ଗାଁ ଗହଳରେ ବିଛି ହୋଇ ପଡ଼ିଛି । ରାଧାନାଥ ରାୟଙ୍କ କଲମକୁ ତାହା କିପରି ଯୋଗାଇଥିଲା ସେ କଥା ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ପ୍ରବନ୍ଧର ଭାଷାରେ ଫକୀରମୋହନ, ରାଧାନାଥଙ୍କର ବାଟକୁ ଛାଡ଼ି ଟିପେ ବି ଏପଟ ସେପଟ ହୋଇ ନାହାନ୍ତି ବରଂ ରାଧାନାଥଙ୍କର ପ୍ରବନ୍ଧରେ ଯେଭଳି ଶବ୍ଦବିନ୍ୟାସ, ବାକ୍ୟ ଶୃଙ୍ଖଳା ଦେଖାଦେଇଥିଲା ସେଥିରେ ଯଥେଷ୍ଟ ସାହସ ଥିଲା । ବେଳେ ବେଳେ ତାଙ୍କର ଗଦ୍ୟ ବିଶେଷତଃ ଛୋଟ ଛୋଟ ମନ୍ତବ୍ୟ ବା ଭୂମିକାରେ, ଥିଲା ସେ ଯୁଗକୁ ଚାହିଁଲେ – ଅଭିନବ । ୧୮୯୪ ମସିହାରେ କବି ଗଙ୍ଗାଧରଙ୍କର ଇନ୍ଦୁମତୀ କାବ୍ୟର ଦୁଇଟି ମନ୍ତବ୍ୟ ଆଜି ମଧ ଲେଖାହେଲା ପରି ଲାଗନ୍ତା ।

"ଏ କାବ୍ୟର କବି ସାମାନ୍ୟ ଶକ୍ତିଶାଳୀ ଲେଖକ ନୁହଁନ୍ତି, ମୂଳଚରିତ ରଘୁବଂଶରୁ ସଂଗୃହୀତ ହୋଇଥିଲେ ହେଁ ଏହାର ଭାବ ଏବଂ ଭାଷା ଦୃଷ୍ଟିରେ ମୁଁ ଏହାକୁ ଅଭିନବ ଏବଂ ଉତ୍କୃଷ୍ଟ କାବ୍ୟରୂପେ ଗ୍ରହଣ କରିବାକୁ ଲବମାତ୍ର କୁଣ୍ଠିତ ହେବି ନାହିଁ । × × × ଏହାର ଭାଷା ସରଳ, ଅକ୍ଲିଷ୍ଟ ଏବଂ ଶ୍ରୁତିମଧୁର ହୋଇଅଛି । ମୋହ ମତରେ 'ଇନ୍ଦୁମତୀ' ସ୍ୱଭାବସୁନ୍ଦରୀ ଉତ୍କଳ ଭାରତୀଙ୍କର ଅନୁପଯୁକ୍ତ ଭୂଷଣ ନୁହେଁ ।" × × × ଏହି ଗଦ୍ୟ ଭାଷା ସହିତ ଫକୀରମୋହନଙ୍କର ୧୯୦୦ରେ ଲେଖା ସମାଲୋଚନା ଗଦ୍ୟଭାଷାର ତୁଳନା କଲେ ପ୍ରଭେଦ ବାରି ହୋଇପଡ଼େ –

"ମାତ୍ର ଆମ୍ଭମାନଙ୍କ ଜୀବନକାଳରେ ପ୍ରତ୍ୟକ୍ଷ ଦେଖିଅଛୁଁ, ଏ ସମସ୍ତ ପୁସ୍ତକର ପରମାୟୁ ବିଂଶତି ବର୍ଷରୁ ଅଧିକ ନୁହେଁ । ଉତ୍କଳର ଦାରିଦ୍ର୍ୟ, ଶିକ୍ଷିତ ଲୋକମାନଙ୍କର ମାତୃଭାଷା ଚର୍ଚ୍ଚାରେ ତାଚ୍ଛଲ୍ୟ ଏବଂ ଧନଶାଳୀ ଲୋକମାନଙ୍କର ଗ୍ରନ୍ଥକ୍ରୟ ବିଷୟରେ ବ୍ୟୟକୁଣ୍ଠତା ପ୍ରଭୃତି ଗୁରୁତର କାରଣମାନ ବିଦ୍ୟମାନ ଥାଉଁ ଥାଉଁ ନୂତନ ନୂତନ ପୁସ୍ତକ ସହସା ପ୍ରଚାରର ଆଶା ବିଡ଼ମ୍ବନା ମାତ୍ର । ପୁସ୍ତକର

Digitized by srujanika@gmail.com

ସଂଖ୍ୟାବାହୁଲ୍ୟ ବିଷୟ ଆଉ, ଦୁଇ ତିନି ଶତ ବର୍ଷ ପୂର୍ବେ ରଚିତ ଗ୍ରନ୍ଥ ଘେନି ଭାରତର ସାତ ଗୋଟି ପ୍ରଧାନ ପ୍ରଚଳିତ ଭାଷା ସହିତ ତୁଳନା କରି ଦେଖାଯାଉ, ଉତ୍କଳ ଭାଷା ପୂର୍ଣ୍ଣ ଅଙ୍ଗସୌଷ୍ଠବ ଏବଂ ସାରବତ୍ତା ପ୍ରାପ୍ତ ହୋଇଅଛି କି ନାହିଁ !'

ତେବେ ୧୯୦୦ ଠାରୁ ୧୯୧୪-୧୫ ଯାଏ ଅର୍ଥାତ୍ ସେହି ଦୁଇଟି ଦଶନ୍ଧିରେ ଓଡ଼ିଆ ପ୍ରବନ୍ଧ ଲେଖାରେ ରାଧାନାଥ ବା ଫକୀରମୋହନ ଗୁରୁର ଆସନ ଦଖଲ କରିପାରି ନଥିଲେ । ସେ ଆସନ ଥିଲା ମଧୁସୂଦନ ରାଓଙ୍କର । ପରବର୍ତ୍ତୀ ବହୁକାଳ ଯାଏ ଓଡ଼ିଆ ଉପନ୍ୟାସେତର ଗଦ୍ୟ ଉପରେ ତାଙ୍କର ପ୍ରବଳ ଓ ଅପ୍ରତିଦ୍ୱନ୍ଦୀ ପ୍ରଭାବ ଥିଲା । ଏହି ପ୍ରଭାବର ପରିଣାମରେ ଯାହା ଫଳିଛି ବିବର୍ତ୍ତନ କଳନାରେ ତାହାର ପରୀକ୍ଷା ଏକାନ୍ତ ଅପରିହାର୍ଯ୍ୟ ।

ଅନ୍ୟଧାରା :

ଉପନ୍ୟାସ ଓ ଗଳ୍ପ ରଚନାରେ ଫକୀରମୋହନଙ୍କର ଶୈଳୀର ପରିପାଟି ଆଜି କାହାକୁ ଅଛପା ନାହିଁ । ଫକୀରମୋହନ ତ ଯଥାର୍ଥରେ ଓଡ଼ିଶାର ଉପନ୍ୟାସ ଓ ଗଳ୍ପର ଗଦ୍ୟ ଶୈଳୀର ସ୍ରଷ୍ଟା । ଏ ବିଷୟ ଯେତେ ଆଲୋଚନା ହୋଇଛି ସେତକ ନିହାତି ଅପ୍ରଚୁର ନୁହେଁ । ମୋଟ ଉପରେ ପ୍ରବନ୍ଧ ବା ସମାଲୋଚନା ଗଦ୍ୟଶୈଳୀରେ ଫକୀରମୋହନ ଯେଉଁ ସାଧୁ ଓଡ଼ିଆ ଭାଷାକୁ ସଂଖାଳି କରି ଧରିଥିଲେ, ଆଉ ସଂସ୍କୃତ ବ୍ୟାକରଣ ବା ଅବ୍ୟାକରଣର ଲୁହାଧାରଣା ପରେ ଘିଡ଼ି ଘିଡ଼ି ହୋଇ ଗଢ଼ିଥିଲେ, ଏଇଠି ସେଭଳି ସାଧୁତା, ଶୁଚିବାୟୁ ବା ଭୀରୁତାର ଚିହ୍ନବର୍ଣ୍ଣ ନାହିଁ । 'ପ୍ରାୟଶ୍ଚିତ୍ତ' ବା 'ଲଛମା' ରେ ଠାଏଁ ଠାଏଁ ତାଙ୍କର ଶୈଳୀରେ 'ସାଧୁକୃତି' ପ୍ରତି ପଣ୍ଡିତ ନୀଳକଣ୍ଠ ସୂଚନା ଦେଇଛନ୍ତି । ସେ ସବୁ 'ସାଧୁକୃତ' ଶୈଳୀ ନିଶ୍ଚୟ ଫକୀରମୋହନଙ୍କର କରଣୀ ନୁହେଁ ତାହା ତାଙ୍କର ସାହିତ୍ୟିକ ବନ୍ଧୁ ଆଉ ଆତ୍ମୀୟଙ୍କର ବିକଳ ଯତ୍ନଶୀଳତା ହେତୁରୁ ହୋଇଥିବା ନିଶ୍ଚିତ ନ ହୋଇଥିଲେ ବି ସମ୍ଭବ । ଅନ୍ୟ ପକ୍ଷରେ ଫକୀର ମୋହନଙ୍କର ଘଟଣାବର୍ଣ୍ଣନା ବା କାହାଣୀ ରଚନାର ମାଧମ ହିସାବରେ ଗଦ୍ୟଭାଷା ଏଇଠି ମାର୍ଜିତ, ଗ୍ରାମ୍ୟତା ଶୂନ୍ୟ, ବଳିଷ୍ଠ, ସାହସିକ । ସ୍ଥାନେ ସ୍ଥାନେ ଏହି ଗଦ୍ୟରେ କାହାଣୀକୁ ଏପରି ଭାବରେ ଗୁନ୍ଥି ଦିଆଯାଇଛି ଯେ ଏଠାରେ ଗଦ୍ୟର କୌଣସି ପାଟବ ଆଖିକୁ ଦିଶେ ନାହିଁ । ସେଭଳି ସ୍ଥାନରେ ହିଁ ଏହି ଗଦ୍ୟର ଉଚ୍ଚକୋଟିର ଶ୍ରେଷ୍ଠ ପରାକାଷ୍ଠା । ଲଛମା, ମାମୁଁ, ଗଳ୍ପସ୍ୱଳ୍ପ, ଛମାଣ ଆଠଗୁଣ୍ଠରେ, ଆଉ ଆତ୍ମଜୀବନ ଚରିତରେ ବିଶେଷତଃ ଗଳ୍ପସ୍ୱଳ୍ପ ଆଉ ଛମାଣ ଆଠଗୁଣ୍ଠରେ ବହୁ ଜାଗାରେ ଭାଷା ଓଡ଼ିଆ ଗଦ୍ୟର ତୁଙ୍ଗଶିଖରୀ ସ୍ପର୍ଶ କରିଛି ବୋଲି କହିଲେ ବଡ଼କୁହା କଥା ହେବ ନାହିଁ ।

Digitized by srujanika@gmail.com

ପୃଷ୍ଠପଟର ବ୍ୟାପ୍ତି :

ଏ କଥା ଜଣାଶୁଣା ଯେ, ପ୍ରତ୍ୟେକ କାହାଣୀ ବା ରିପୋର୍ଟରେ ଗୋଟିଏ ପୃଷ୍ଠପଟ ଥାଏ । ଆଉ ତାରି ଭିତରେ କାହାଣୀର ବିଷୟବସ୍ତୁ ସଂଯୋଜିତ ଥାଏ । ବିଷୟବସ୍ତୁର ପ୍ରାଣବାୟୁ ହେଉଛି ତାର ବାତାବରଣ । ଫକୀରମୋହନ ଓଡ଼ିଆ ସାହିତ୍ୟରେ ଏହି ବାତାବରଣ ସୃଷ୍ଟିରେ ଥିଲେ ବିଶ୍ୱକର୍ମା । ତାଙ୍କ ପରେ ଆହୁରି ଅନେକ ଔପନ୍ୟାସିକ ଜନ୍ମ ହୋଇଛନ୍ତି, କୃତବିଦ୍ୟ ହୋଇଛନ୍ତି । ସାର୍ଥକ ରଚନା ଓ ସତେଜ ପ୍ରାଣବାୟୁ ଫୁଙ୍କିଛନ୍ତି । ତେବେ ଫକୀରମୋହନଙ୍କର ବାତାବରଣ ବା ବାୟୁମଣ୍ଡଳର ବ୍ୟାପ୍ତି ସେମାନଙ୍କର ଭାଗ୍ୟରେ ଘଟି ନଥିଲା । କାରଣ ଫକୀର ମୋହନ ଓଡ଼ିଆ ଜୀବନର ଯେଉଁ ବିଷୟଗୁଡ଼ିକର ବର୍ଣ୍ଣନା, ଯେଉଁ ଚରିତ୍ରଗୁଡ଼ିକର ଚିତ୍ରଣ ପାଇଁ ବାଇବିଛ ହୋଇଥିଲେ ସେସବୁ ପ୍ରତି ପରବର୍ତ୍ତୀ ଉପନ୍ୟାସ ଲେଖାଳି ସେପରି ବ୍ୟାପକ ଦୃଷ୍ଟି ଦେଇନାହାନ୍ତି । ଇଚ୍ଛାକରି ହେଉ ବା ଅନିଚ୍ଛାରେ ହେଉ ।

ଆଜିର ଓଡ଼ିଆ ଲେଖକର ସଂସାର :

ମନେ ହୋଇପାରେ, ଏ ମତଟା ନିତାନ୍ତ ଏକତରଫା; ଅସାର ମତ । ବରଂ ଆଜିର ଓଡ଼ିଆ ଉପନ୍ୟାସ ଲେଖକ କାହିଁ କାଳିମାଟି, ରେଙ୍ଗୁନ, ଜାଭା, ବାଲି, କଲିକତା, ଆସାମ, ଦିଲ୍ଲୀଯାଏ ଚମକି ଗଲେଣି । ସେମାନେ କେବଳ ଭାଷା ବା ଗଦ୍ୟ ଲେଖାରେ ସହରୀ ନୁହନ୍ତି । ସେମାନେ ଦେଶ-କାଳ-ପାତ୍ର ନିର୍ବାଚନରେ ବି ଓଡ଼ିଶାର ତ୍ରିସୀମା ପାର ହେଲାବାଲା । ପୁଣି କେବଳ ଭୂଗୋଳରେ ଯେ ଆଜି ଆମେ କାହିଁ ଦିଗ୍‌ବିଜୟ ଢେଇଁ ବାହାରି ଗଲୁଣି ସେତିକି ନୁହେଁ ଇତିହାସରେ ବି ବିଜ୍ଞାନରେ ବି । ହୋଇପାରେ ଫକୀରମୋହନଙ୍କର ଚରିତ୍ର ଠାରୁ ଆଜିର ଜଣାଶୁଣା ଉପନ୍ୟାସ ଲେଖାଳିର ଚରିତ୍ରର ଅନ୍ତରତଳ ଆହୁରି ଗଭୀର । ଆଜିର ମଣିଷ ଚରିତ୍ର ଆଗଭଳି ଛକକଟା, ଚିତ୍ରପିତୁଳା ନୁହେଁ, ତାହାର ଚିତ୍ରଣ ବି ଆଜିର ମନଗହୀର ଚାଷୀଙ୍କ ଦୟାରୁ ଏତେ ସହଜ ନୁହେଁ । ସେମାନେ ରାମଚନ୍ଦ୍ର ମଙ୍ଗରାଜ, ଚମ୍ପା ବା ଶାରିଆ, ପେଟେଣ୍ଟ ମେଡ଼ିସିନ୍‌ର ସାଆନ୍ତାଣି ବା ଅଧର୍ମବିତ୍ତର କୁବେର ସାହୁ ନୁହନ୍ତି । ସେମାନେ ଚାହାନ୍ତି ଗୋଟେ ତରଫକୁ, କଥା କହନ୍ତି ଆଉ ବାଡ଼େ, ଚିନ୍ତନ୍ତି ଆଉ ପ୍ରକାରେ । କଳିଯୁଗର ଏ ମହାକଳି ଦଶନ୍ଧି ଯାହାକି ଗତ ମହାଯୁଦ୍ଧ ବା ତା'ପରଠୁ ଘୋଟିଛି, ସେଥିରେ ଏପରି ମଣିଷର ପଞ୍ଚଆତ୍ମା ହୋଇପାରେ ପାଞ୍ଚଟା, ଅନ୍ତତଃ ପକ୍ଷେ ଯୋଡ଼ାଏ । ଆଜିର ଲେଖକ କହି ପାରନ୍ତି, ଫକୀରମୋହନଙ୍କ ବେଳରେ ଏଭଳି ମଣିଷ ଚରିତ୍ର କଥା ତ ଓଡ଼ିଶା ଲୋକେ ଶୁଣି ନଥିଲେ । ତେଣୁ ଫକୀର ମୋହନ ସେଭଳି ଚରିତ୍ରର ମନ ଗହନର କଥା ଆଉ ତା'ର ଭାଷା ପାଇଥାନ୍ତେ ବା କେଉଁଠୁ ?

Digitized by srujanika@gmail.com

ତେଣୁ ଗୋଟିଏ ଦୃଷ୍ଟିରୁ, ଫକୀରମୋହନ ସୀମିତ ସଂସାରର ଉଦ୍‌ଗାତା । ଯେଉଁ ଗାଁର ବିସ୍ତାର ଅସୁରଦିଘୀର ଦୀପଦାଣ୍ଡି, ଆଉ ଝଙ୍କାଳିଆ ବରଗଛ ଠାରେ ଛିଡ଼ିଛି, ଯା'ର ପାତ୍ରପାତ୍ରୀ ପରିଧି ଭଗିଆ, ଶାରିଆ ବା ଖୁବ୍ ବଢ଼ି ବଢ଼ି ଗଲେ ସେ କାଳର କଟକ ସହରୀ ଜାଲମରେ ଧୁରନ୍ଧର ସଦାନନ୍ଦଙ୍କୁ ଡେଇଁବାର ସାମର୍ଥ୍ୟ ନାହିଁ ତାଙ୍କ ସଙ୍ଗେ ଆଜିର ଗହନଚାରୀ, ଗଗନବିହାରୀ, ମୋଟର-ସବାରୀ ସଂସାରର ରିପୋର୍ଟର ଆଜିର ଉପନ୍ୟାସ ଲେଖାଳିକୁ ତୁଳନା କରିବା ବାତୁଳତା । ତଥାପି ଏ କଥା ସତ୍ୟ ଯେ ଅନୁପାତ କ୍ରମରେ ଏ ତୁଳନା ବାତୁଳତା ନୁହେଁ ବରଂ ଏଭଳି ତୁଳନାରେ ଫକୀରମୋହନଙ୍କ ପକ୍ଷରେ ଓଜନ ବେଶୀ ହେବା ନିଶ୍ଚିତ । ବରଂ ଦୁର୍ଭାଗ୍ୟର କଥା ଯେ ଫକୀରମୋହନ ଜୀବନରେ ଆହୁରି ସୁଯୋଗ ପାଇଲେ ନାହିଁ । ଯେଉଁଭଳି ସୁଯୋଗଥାକରେ, ଡିକେନ୍‌ସ୍, କନ୍‌ରାଡ୍, ଓୟେଲସ୍ ପ୍ରଭୃତି ଇଂରେଜ ଲେଖକମାନଙ୍କୁ ମିଳିଥିଲା ।

ବାତାବରଣର ସର୍ଜନା :

ଫକୀରମୋହନଙ୍କର ୨ୟ ଭାଗ ଗଳ୍ପସ୍ୱଳ୍ପରେ 'ବାଲେଶ୍ୱରୀ ପଙ୍ଗାଲୁଣ' ପୋଖ୍ତାନ ବିଷୟରେ ଗୋଟିଏ ଲେଖା ରହିଛି । ଏ ଲେଖାଟି ଗଳ୍ପ ନୁହେଁ । କାରଣ ଏଥିରେ କାହାଣୀ କିଛି ନାହିଁ । ଏହାରି ଭିତ୍ତିରେ (ଅତୀତର ପୃଷ୍ଠା ଓଲଟାଇ) ହୁଏତ ଫକୀରମୋହନ 'ଲଛମା' ଭଳି ଏକ ଉପନ୍ୟାସର କଳ୍ପନା କରିଥିଲେ। ତାହା କୌଣସି ହେତୁରୁ ଯେବେ ନ ହୋଇପାରିଲା, ସେଥିପାଇଁ ସେ ଲେଖିଲେ :

''୧୮୬୧ ଖ୍ରୀଷ୍ଟାବ୍ଦଠାରୁ ପୋଖ୍ତାନି କାର୍ଯ୍ୟ ରହିତ ହୋଇ ଯାଇଅଛି । ଲେଖକ ଅଳ୍ପ ବୟସରେ ସରକାର ତରଫ ଲବଣ ମାହାଲ ସିରସ୍ତାରେ ଅଳ୍ପକାଳ ମାତ୍ର କର୍ମଚାରୀ ଥିଲା । ପୋଖ୍ତାନ ସମ୍ବନ୍ଧରେ ତାହାର ଯେଉଁ ଅଭିଜ୍ଞତା ଅଛି, ବର୍ତ୍ତମାନ ସ୍ମରଣଶକ୍ତି ପ୍ରତି ନିର୍ଭର କରି ସେଥିର ସଂକ୍ଷିପ୍ତ ବିବରଣ ଲିପିବଦ୍ଧ କରୁଅଛି ।''

''ଦୁଇଗୋଟି ସିରସ୍ତା – ପ୍ରଥମ ମୁନ୍‌ସିଖାନା, ଦ୍ୱିତୀୟ ହିସାବଖାନା । ମୁନସିଖାନାରେ ନିଯୁକ୍ତ (କ୍ରମନିମ୍ନ) କର୍ମଚାରୀମାନଙ୍କ ଉପାଧିନ ଦେବାନ, ପେସ୍କାର,ମୁନ୍‌ସୀ, ରୋଜନାମଚା-ନବିସ, ପରବାନା-ନବିସ, ନକଲ-ନବିସ, ନାଜର ମୋହରର ।''

''ହିସାବଖାନାରେ ନିଯୁକ୍ତ – ସିରସ୍ତାଦାର, ମୁନସୀ ଓ ମୋହରିର । ନିମକ ପୋଖ୍ତାନ ସ୍ଥାନରେ ସରକାର ତରଫରୁ ନିଯୁକ୍ତ କର୍ମଚାରୀଙ୍କ ଉପାଧି – ଦାରୋଗା, ପେସ୍କାର, ଜିଲାଦାର, ଚପରାସୀ, ଜାଳଚୌକିଆ, ଚାଟି ପାଇକଚପାଦାର ଓ କୟାଲ ।''

Digitized by srujanika@gmail.com

''ନିମକ ବିକ୍ରୀ ସ୍ଥାନରେ ନିଯୁକ୍ତ କର୍ମଚାରୀ– ଦାରୋଗା ଓ ପେସ୍କାର ପୋକ୍ତାନ ସ୍ଥାନରେ ପହରା ପୋଲିସ କର୍ମଚାରୀ – ଜମାଦାର, ମୁନ୍‌ସୀ ଓ ଚପରାସୀ × × × ଦାଦନ ଟଙ୍କା ଗ୍ରହଣକାରୀର ଉପାଧି ଗୁଳିଆ [ଏହି ଦାଦନ ସମୟଟା ବାଲେଶ୍ୱର ମଧ୍ୟରେ ଉତ୍ସବ ସ୍ୱରୂପ ଥିଲା । ଅନେକ ଟଙ୍କା କାରବାର ହୁଏ । ସହର ମଧ୍ୟରେ ଦୋକାନୀମାନେ ଦୋକାନ ସଜେଇ ବସିଥାଆନ୍ତି । ବଜାରୀ, ହଟାରୀ, ଭିକାରୀ, ଅମଲା, ଫଏଲା ସମସ୍ତଙ୍କର ଆଚ୍ଛା ଦୁଇପଇସା ହାତପୈଠ ହୁଏ । ଲକ୍ଷାଧିକ ଟଙ୍କା ଦାଦନ ଦିଆଯାଉଥିଲା ।] × × × ଗୁଳିଆ ଦାଦନ ଘେନି ଚାଟିକୁ ଚାଲିଯାଏ । ଲବଣ ପୋକ୍ତାନ ସ୍ଥାନର ନାମ ଚାଟି । କେତେଗୁଡ଼ିଏ ଚାଟିର ଏକତ୍ରରେ ସାଧାରଣ ନାମ ଅଙ୍କ । ଅବଶ୍ୟ ଚାଟି ଓ ଅଙ୍କଗୁଡ଼ିକ ସମୁଦ୍ର କୂଳବର୍ତ୍ତୀ ସ୍ଥାନରେ ଅବସ୍ଥିତ ।''

''ଉପଯୁକ୍ତ ସ୍ଥାନ ନିର୍ବାଚନ କରି ପାଢ଼ି ଉପାଧିଧାରୀ ଲୋକ ଚୁଲ୍ଲି ପ୍ରସ୍ତୁତ କରେ ।''

× × ×

''ଚୁଲ୍ଲି ପ୍ରସ୍ତୁତ ହେବାମାତ୍ରକେ ମଙ୍ଗଳା ଉପାଧିଧାରୀ କର୍ମଚାରୀ ପଛାଇରୁ ମାଟି ଚାଞ୍ଛିବାକୁ ଆରମ୍ଭ କରେ । [ସମୁଦ୍ର ବେଳାଭୂମି ଉପରେ ଯେଉଁ ଅଳ୍ପ ଗଭୀର ପ୍ରାନ୍ତର ମଧ୍ୟରେ ଜୁଆର ସମୟରେ ସମୁଦ୍ରଜଳ ପ୍ରବେଶ କରେ, ଭଟା ସମୟରେ ଶୁଖିଲା ପଡ଼େ ତାହାର ନାମ ପଛାଇ ।'' ଇତ୍ୟାଦି ।]

ଓଡ଼ିଶାରେ ବର୍ତ୍ତମାନ ସୋରଲ, ସୁମାଣ୍ଡି, ହୁମା, ଅସ୍ତରଙ୍ଗ ପ୍ରଭୃତି ଅଞ୍ଚଳରେ ଯେଉଁ ଲୁଣ ପୋକ୍ତାନ ଚାଲିଛି, ସେଠାରେ ବିଭିନ୍ନ ବିଭାଗରେ ନିଯୁକ୍ତ କର୍ମଚାରୀମାନେ କେଉଁ କେଉଁ ନାମ ବୋଲନ୍ତି ତାହା ବୋଧହୁଏ ଅଧିକାଂଶ ଓଡ଼ିଆ ଲେଖକଙ୍କର ଗୋଚରରେ ନଥିବ ପାଠକ ବା ଗ୍ରାହକ ଲୋକଙ୍କ କଥା ତେଣିକି ଥାଉ । ତେବେ ଏଭଳି ଲୁଣ ପୋକ୍ତାନ ସ୍ଥଳରେ ଚିନି ପୋକ୍ତାନ, କୋଇଲା ପୋକ୍ତାନ, ଗୁଡ଼ ପୋକ୍ତାନ, ଲୁହାଖଣି, ଅଭ୍ରଖଣି ଇତ୍ୟାଦି ଅଞ୍ଚଳରେ ମଣିଷ ଜୀବନର ଯେଉଁ ସବୁ କର୍ମପ୍ରବାହ ପ୍ରତିଦିନ ଚାଲିଛି ସେ ବିଷୟରେ ଆମର ଓଡ଼ିଆ ଗଦ୍ୟର ପ୍ରବେଶ ଥିବା ଅନ୍ତତଃ ସାଧାରଣ ନଜରରେ ପଡ଼ିନାହିଁ ।

ଫକୀରମୋହନଙ୍କର ଏହି ଗୋଟିଏ ଗଳ୍ପସ୍ୱଳ୍ପ ଲେଖାରୁ ଯେଉଁ ରୂପକଳ୍ପ ଓ ବାତାବରଣ ପାଠକ ମନ ଅଧିକାର କରିବସେ ତାହାର ଧାରଣା ଓ କଳ୍ପନା ଅସମ୍ଭବ । ପୁଣି ଏହି ଲେଖା ତ ଗଳ୍ପ ନୁହେଁ, ସିଂଘ ଥିଲେ ଏ ଘୋଡ଼ା ରଖନ୍ତା ନାହିଁ । ଗଳ୍ପ ହୋଇଥିଲେ କ'ଣ ହୋଇ ନଥାନ୍ତା ? ତା ଛଡ଼ା କେତେ ନୂଆ ନୂଆ ଶବ୍ଦ ପୁଣି ଏହି ଥରକ ସେଗୁଡ଼ିକ ଦେଖା ଦେଇ ଅନ୍ତର୍ଦ୍ଧାନ ହୋଇଗଲେ :

Digitized by srujanika@gmail.com

ମାଟି ସଂଗ୍ରହ ସ୍ଥାନର ନାମ ବାଡ଼ି, ବାଡ଼ି ନିକଟରେ ଗୋଟିଏ ଗର୍ତ୍ତ ଖୋଳା ହୋଇଥାଏ, ସେ ଗର୍ତ୍ତର ନାମ କୁଣ୍ଡି । କୁଟା କେରାକୁ ଅବଲମ୍ବନ କରି ବାଡ଼ି ଦେହରୁ ସମସ୍ତ ଜଳ ନିଗିଡ଼ି ଆସେ । ସେହି ଲବଣାକ୍ତ ଜଳର ନାମ ଦହପାଣି ।

ଦହପାଣି ! ଇଂରାଜୀର ବ୍ରାଇନ୍ Brine ଶବ୍ଦର ଗୋଟିଏ ଓଡ଼ିଆ ସରିସମ ପାଇଁ କେତେ ଓଡ଼ିଆ ଲେଖକ ଛାଟିପିଟି ହୋଇ ନଥିବେ । ଯେଉଁ ଦେଶର ଗୋଟାଏ ବିସ୍ତୀର୍ଣ୍ଣ ଉପକୂଳ ମହୋଦଧି ଧୋଉଛି, ବାଲେଶ୍ୱରର ସେ ମୁଣ୍ଡରୁ ଏପଟ ସୋରଲ ସୁମାଣ୍ଡି ଯାଏ ପ୍ରାୟ ତିନିଶ ମାଇଲ ଲମ୍ବ ପଠାରେ ସମୁଦ୍ର ଆଉ ଜାହାଜ ଆଉ ତହିଁରେ କାମ କରୁଥିବା ଲୋକ, ପୁଣି ଜାହାଜର ଯାବତୀୟ ଅଙ୍ଗପ୍ରତ୍ୟଙ୍ଗ, ଜାହାଜ ରହିବା, ଚଳିବା, ସ୍ଥାନ ଇତ୍ୟାଦି ଇତ୍ୟାଦି ହରେକ କଥା ପାଇଁ ଓଡ଼ିଆ ସାଧବେ କିଛି କିଛି ଭାଷା ରଖିଥିଲେ । ସେ ଭାଷାର ପ୍ରବକ୍ତା ହିଁ ଥିଲେ ଫକୀରମୋହନ ।

କେତେ ଶୀତ କାକର ଖାଇ, କେତେ ବରଷ ଲାଗି ଗୋଟିଏ ଗୋଟିଏ ଶବ୍ଦ ସଢ଼ ହୋଇଛି । ତାକୁ ବ୍ୟବହାର କରିବାପାଇଁ, ତାକୁ ଚିହ୍ନିବା ପାଇଁ, ଚିହ୍ନିକରି ମାନିବା ପାଇଁ କେତେ ଶହ ହଜାର ବର୍ଷ କଟିଛି ? ଆଜି ସେଥିରୁ କେତେଗୁଡ଼ିଏ କଥା ଆମ ଭିତରେ ରହିପାରିଲେ ନାହିଁ । କାରଣ ସେ ବ୍ୟବସାୟ ଗଲା, ସେ ଅର୍ଥନୀତି ଛିଣ୍ଡିଗଲା, ଏଣିକି ଯେବେ ତାହା ଆଉଥରେ ଫେରିବାର ଉପକ୍ରମ ହେଉଛି ସେତେବେଳେ ଆମେ ହିଁ ଦରାଣ୍ଡି ହେଉଛୁଁ । ସଂସ୍କୃତର ଧାତୁ ପ୍ରତ୍ୟୟ, ଆଉ ଉପସର୍ଗ ବିସର୍ଗ ଯୋଡ଼ି ନାନା ବର୍ଣ୍ଣଶଙ୍କର ଶବ୍ଦ ଓଡ଼ିଆ ଭାଷାରେ ଥୋଇଦେଉଛୁ, ସେ ଶବ୍ଦକୁ ଓଡ଼ିଆ ବୋଲି କେହି ଚିହ୍ନୁ ନାହାନ୍ତି । ଅନ୍ତତଃ ଲୋକେ ଚିହ୍ନୁ ନାହାନ୍ତି । ସେ ବିଚରା ଗୁଡ଼ଗଣେଶ ପରି କେତେ ଦିନ ନିର୍ବିକଳ୍ପ ଭାବରେ ଚାହିଁ ଚାହିଁ କୁଆଡ଼େ ମିଳେଇ ଯାଉଛି ।

ପ୍ରତ୍ୟେକ ସାହିତ୍ୟିକ ଆପଣାର ସାମାଜିକ ଆର୍ଥିକ ଜୀବନ ସହିତ କେତେଦୂର ସଂପର୍କିତ ତାହାର ପ୍ରମାଣ ପ୍ରତ୍ୟେକ ସାହିତ୍ୟର ଇତିହାସ । ବାଲେଶ୍ୱର ଜିଲ୍ଲାର ଆର୍ଥିକ ଜୀବନ ସହିତ ଏହି ଶବ୍ଦଗୁଡ଼ିକର ସଂପର୍କ ନିବିଡ଼ ଥିଲା । ତେଣୁ ଫକୀରମୋହନ ଲେଖିଛନ୍ତି 'ପ୍ରତିବର୍ଷ ବାଲେଶ୍ୱର ଜିଲ୍ଲାରେ ନ ଲକ୍ଷ ମହଣ ଲୁଣ ପୋକ୍ତାନ ହେଉଥିଲା । ଏଥି ମଧ୍ୟରୁ ନିଜ ବାଲେଶ୍ୱର ଜିଲ୍ଲାରେ ଖରଚ ସକାଶେ ଦେଢ ଲକ୍ଷ ମହଣ ନିଜ ବାଲେଶ୍ୱର ଓ ଭଦ୍ରକ ଗୋଲାରେ ଗୋଲା-ଜାତ କରାଯାଇ ବାକି ସାଢେ ସାତଲକ୍ଷ ମହଣ ଲୁଣ ବଂଗ ଦେଶରେ ବ୍ୟବହାର ନିମନ୍ତେ କଲିକତା ନିକଟବର୍ତ୍ତୀ ଗଙ୍ଗାନଦୀ ପଶ୍ଚିମ କୂଳସ୍ଥ ସାଲିକା ନାମକ ଗୋଲାକୁ ଚଲାଣ ଦିଆଯାଏ । ..... ପ୍ରାୟ ତିନିଶତ ବାଲେଶ୍ୱରୀ ଜାହାଜ ନିଯୁକ୍ତ ଥିଲା ।''

Digitized by srujanika@gmail.com

ଦୁଇ ଡୁଲିଆ ବଡ ଜାହାଜର ନାମ ଗୋରାପ । ଏକ ଡୁଲିଆ ସାନ ଜାହାଜର ନାମ ଶ୍ଳୋପା । ଜାହାଜ ଚାଳକର ଉପାଧି ମାଝି, ତାହାର ସହକାରୀ ତଣ୍ଡେଲ । ଅନ୍ୟାନ୍ୟମାନେ ଖଲାସୀ । " ଏହାଛଡା ଜାହାଜ ନିର୍ମାଣକାରୀ ବଢ଼ାଇ, କମାର, କଳାପିଠିଆ, ସଡସିଲାଇ, ଦରଜୀ ଓ ଅନ୍ୟାନ୍ୟ ଚାକର ସଂଖ୍ୟା ପ୍ରାୟ ପାଞ୍ଚ ହଜାର । ସମସ୍ତେ ବାଲେଶ୍ୱର ଜିଲ୍ଲା ନିବାସୀ । ଅଧିକାରୀ ମହାଜନମାନେ ମଧ ବାଲେଶ୍ୱରୀ । ସେ ସମୟରେ କି ଅନ୍ତର୍ବାଣିଜ୍ୟ କି ବହିର୍ବାଣିଜ୍ୟ ସମସ୍ତ ବାଲେଶ୍ୱରବାସୀମାନଙ୍କ ହସ୍ତରେ ଥିଲା । ବାଣିଜ୍ୟ ଉପଲକ୍ଷରେ ବାଲେଶ୍ୱରୀ ଜାହାଜ ସବୁ ଗୋପାଳପୁର, ବିଶାଖାପଟ୍ଟନ, ମାନ୍ଦ୍ରାଜ, ରେଙ୍ଗୁନ ଓ ଅନ୍ୟାନ୍ୟ ଦ୍ୱୀପକୁ ଗତାୟାତ କରୁଥିଲେ ।

ଲୋକଙ୍କ ସହିତ-ସାହିତ୍ୟ

ଫକୀରମୋହନ ଆପଣା କାର୍ଯ୍ୟରେ ଆଦର୍ଶନିଷ୍ଠ ଭାବରେ ଥିଲେ ଇଂରାଜ ରାଜଭକ୍ତ । ବହୁସ୍ଥଳରେ ସେ ଦୟାଳୁ ଗଭର୍ଣ୍ଣମେଣ୍ଟଙ୍କ କଣ୍ଠରେ ଭଗବାନ୍ ବିରାଜିତ ହେବାଲାଗି ପ୍ରାର୍ଥନା କରିଛନ୍ତି । ତାଙ୍କର ଗଭୀର ଆଶା ଥିଲା ଯେ ମୋଗଲ ଆଉ ମରହଟ୍ଟା ଅମଳର ନାରଖାର ଓ ବିପର୍ଯ୍ୟୟରୁ ଏକମାତ୍ର ଆଶା ଭରସାର ସ୍ଥଳ ବିଲାତ ଶାସନ । ବିଲାତି ରାଜକର୍ମଚାରୀଙ୍କୁ ମଧ ସେ ପ୍ରଚୁର ପ୍ରଶଂସା କରିଛନ୍ତି । ଏହି ସବୁ ପ୍ରମାଣରୁ ତାଙ୍କର ମନୋବୃତ୍ତି କଠିଣ ରକ୍ଷଣଶୀଳତାର ଆବରଣରେ ଆଚ୍ଛାଦିତ ଥିଲା ବୋଲି କହିବା ଅସଙ୍ଗତ ହେବନାହିଁ । ତଥାପି ତାଙ୍କର ସାହିତ୍ୟିକ ପ୍ରାଣ ଜନସାଧାରଣଙ୍କର ସୁଖ ଦୁଃଖ ସହିତ ଏଭଳି ଏକାତ୍ମ ଥିଲା ଯେ ସେ ଆପଣାକୁ ଓ ଆପଣାର ସ୍ୱାର୍ଥକୁ ଜନସାଧାରଣଙ୍କ ଜୀବନରୁ ବିଚ୍ଛିନ୍ନ କରିପାରି ନାହାନ୍ତି । ତାଙ୍କର ମାନବିକତା ଓ ଉଜ୍ଜଳ ଦିବ୍ୟଦୃଷ୍ଟିର ଉତ୍ସ ଏହିଠାରେ । ଆଜିକୁ ପ୍ରାୟ ସତୁରି ଅଣି ବର୍ଷ ତଳେ ଫକୀରମୋହନ ଯେଉଁ ଭାଷାରେ ସେ କାଳର ବାଲେଶ୍ୱରର ଆର୍ଥିକ ଜୀବନର ଚିତ୍ର ଆଙ୍କିଥିଲେ ତାହାପରେ ବୁଡାବଳଙ୍ଗ, ମହୋଦଧି, ବାଣିଜ୍ୟ ଆଉ ଜୀବନରେ କେତେ ପରିବର୍ତ୍ତନ ଘଟିଛି । ତଥାପି ତାହାକୁ ଆଉଥରେ ପଢିଲେ ଗତକାଲିର ଉଚ୍ଚକୋଟିର ସମ୍ବାଦ ରିପୋର୍ଟିଂ ପରି ଲାଗିବ : -

" ବାଲେଶ୍ୱର ବାସୀଙ୍କର ଦୁଇଗୋଟି ବସ୍ତୁ ପ୍ରଧାନ ଉପଜୀବ୍ୟ, ଲବଣ ଓ ଧାନ୍ୟ ! ଜିଲାର ପ୍ରାୟ ଏକ ତୃତୀୟାଂଶ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷଭାବରେ ଲବଣ ବ୍ୟବସାୟରେ ନିଯୁକ୍ତି ଥିଲେ । ଗତ ନ.ଅଙ୍କ ଦୁର୍ଭିକ୍ଷ ସେ ସମସ୍ତ ଲୋକଙ୍କୁ ସର୍ବାଂଶରେ ଶାନ୍ତିନିକେତନକୁ ଘେନି ଯାଇଅଛି । ଅନ୍ୟଥା ସେଗୁଡ଼ିକ କି କଳବଲ ହୋଇଥାଆନ୍ତେ ! ୧୮୬୧ ଖ୍ରୀଷ୍ଟାବ୍ଦରେ ସରକାରୀ ପୋକ୍ତାନ କାର୍ଯ୍ୟ ବନ୍ଦ,

Digitized by srujanika@gmail.com

ହୋଇଗଲା । ଲାଭ ନ ହେବାରୁ କି ସରକାରୀ ପୋଲ୍ତାନ କାର୍ଯ୍ୟ ରହିତ କରାଇ ଦେଲେ ? ସରକାର ଚୁଲ୍ଲିଆମାନଙ୍କ ନିକଟରୁ ପ୍ରତି ମହଣ ପାଞ୍ଚଅଣା ହିସାବରେ ଗ୍ରହଣ କରୁଥିଲେ; ବିକ୍ରି ମହଣକୁ ଦୁଇଟଙ୍କା । ଫି ମହଣରେ ଟଙ୍କାଏ ଏଗାର ଅଣା ଲାଭ । କେବଳ ବାଲେଶ୍ୱର ଜିଲ୍ଲାର ନ ଲକ୍ଷ ମହଣର ଲାଭ ହିସାବ କରି ନିଅ । କଟକ ପୁରୀ ଜିଲ୍ଲା କଥା ଥାଉ, ... 'କ୍ଷୀରାବ୍ଧିତନୟା ରମା' । ଲକ୍ଷ୍ମୀଙ୍କର ପିତୃଭବନ ସମୁଦ୍ର କୂଳରେ ଅବସ୍ଥିତ ଥିବାରୁ ଚିରଦିନ ଲକ୍ଷ୍ମୀ ଏହି ଜିଲ୍ଲାରେ ବିରାଜିତା ଥିଲେ । ସମୁଦ୍ର କୂଳବର୍ତ୍ତୀ ବାଣିଜ୍ୟ ସ୍ଥାନର ନାମ ବନ୍ଦର । ଏଥିପାଇଁ ଏହାର ନାମ ବନ୍ଦର ବାଲେଶ୍ୱର । ତିନିଶତ ବର୍ଷ ପୂର୍ବେ ବଙ୍ଗ ଦେଶକୁ ଯିବା ପୂର୍ବେ ଓଲନ୍ଦାଜ, ଫରାସି, ଦିନେମାର ଓ ଇଂରାଜ ବଣିକମାନେ ଏଠାରେ ଦୋକାନ ମେଲିଥିଲେ ।

ବାଲେଶ୍ୱର ଯେପରି ଲକ୍ଷ୍ମୀବନ୍ତ ସ୍ଥାନ, ଦୁଇ ଚାରିବର୍ଷ ଅକାଳ ପଡ଼ିଲେ ମଧ୍ୟ ସମ୍ଭାଳି ଯିବାର କଥା; ମାତ୍ର ଏହି ଦୁର୍ଭିକ୍ଷ ସମୟରେ ସମ୍ପୂର୍ଣ୍ଣ ରୂପେ ଶସ୍ୟ ଜନ୍ମିଥିଲେ ମଧ୍ୟ ସହରବାସୀ ସାଧାରଣ ଲୋକ ମଧ୍ୟରେ ଦଶପଣ ଲୋକଙ୍କ ଘରେ ଦୁଇଓଳି ଚୁଲ୍ଲି ଜଳେ କି ନା, ସନ୍ଦେହ । ମଧ୍ୟବିତ୍ତ ଲୋକଙ୍କ ଅବସ୍ଥା ପ୍ରାୟ ତଥୈବଚ । ଏକମାତ୍ର କାରଣ-ଅର୍ଥାଭାବ । କେବଳ ଲବଣ ପୋଲ୍ତାନ ଉଠି ଯିବାରୁ ସମସ୍ତ ଯାଇଅଛି, କାରିଗର ବଂଶ ତ ନିର୍ମୂଳ ହୋଇ ଅଛନ୍ତି । ବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ମହାଜନ ଜଣେ ମଧ୍ୟ ନାହିଁ । ....ହାତରେ ଅର୍ଥ କାହିଁ ଯେ ଧନବନ୍ତ ବିଦେଶୀ ମହାଜନଙ୍କ ସହିତ ଟକ୍କର ଦେଇପାରିବେ ।

ଏହି କ୍ଷୁଦ୍ର ଜିଲ୍ଲାରୁ ପ୍ରତିବର୍ଷ ପ୍ରାୟ କୋଟି ସଂଖ୍ୟକ ଟଙ୍କାର ଧାନ ଚାଉଳ ବିଦେଶକୁ ରପ୍ତାନି ହୁଏ । ରେଲଷ୍ଟେସନ ଚାଉଳ ବସ୍ତାରେ ପରିପୂର୍ଣ୍ଣ । ଶଡ଼କମାନଙ୍କରେ ଦିବାରାତ୍ର ଚାଉଳ ଶଗଡ଼ ଚାଲିଅଛି, ଅଥଚ ସହରବାସୀ ଅଧିକାଂଶ ଲୋକ କାତର ନୟନରେ, ଖାଲି ପେଟରେ ଭକ ଭକ କରି ଚାହିଁ ବସି ଅଛନ୍ତି ।

× × ×

ଅକାଳ ପଡୁ, ଦେଖିବେ, ଲୋକଗୁଡ଼ାକ ଲମ୍ବ ଲମ୍ବ ଧଣ୍ଡ ପରି ଶୋଇଯିବେ ।''

ଫକୀରମୋହନ ଗ୍ରନ୍ଥାବଳୀ (ପୃ ୬୦୦-୬୦୧-ଷ୍ଠା)

ବିସ୍ମୃତିର ଅଗଣାରୁ

ଲୁଣ ପୋଲ୍ତାନ ଗଲା, ସେକାଳର ସାଧବେ କୁଆଡ଼େ ლୁଚିଲେ । ହଗୁ ମଲିକ ଗୁଲିଆ ବି କୁଆଡ଼େ ମରି ହଜିଗଲା । ବାକୀ ଆଉ ଯେତେ ମାଝି, ତଣ୍ଡେଲ, ଖଲାସି ଦଳ ଥିଲେ ସେମାନେ ନଅଙ୍କ ଦୁର୍ଭିକ୍ଷରେ ମୂଳପୋଛ ହୋଇଗଲେ ।

Digitized by srujanika@gmail.com

ଫକୀରମୋହନ ତାଙ୍କର ପହିଲି ଯୌବନକାଳର ସେହି ଅତୀତକୁ ଝୁରି ହୋଇ ଲେଖିଛନ୍ତି "ଯେଉଁମାନେ ଜାହାଜଚାଳକ ଓ ନିର୍ମାଣ କାର୍ଯ୍ୟରେ ପୁରୁଷାନୁକ୍ରମରେ ନିଯୁକ୍ତ ଥିଲେ (ଅନ୍ୟାନ୍ୟ କାର୍ଯ୍ୟରେ ଅନଭ୍ୟସ୍ତ) ସେ ବଂଶ କାହାନ୍ତି ? ଗତ ନଅଙ୍କ ଦୁର୍ଭିକ୍ଷ ଅନୁଗ୍ରହ କରି ସେ ସମସ୍ତ ଲୋକଙ୍କୁ ସବଂଶରେ ଶାନ୍ତିନିକେତନକୁ ଘେନି ଯାଇଅଛି । ଅନ୍ୟଥା ସେଗୁଡ଼ିକ କି କଳବଲ ହୋଇଥାନ୍ତେ !"

ତେବେ ବି ସେ ସୁନାର ଅତୀତ ପାଶୋରି ହେଲାନାହିଁ । ସେ କାଳର ଜାହାଜ, ଗୋରାପ, ଆଉ ସାଧବଙ୍କର କରଣୀ କାଳକାଳକୁ ରଖି ଯିବାର ମନ ଓରମାନ ଫକୀରମୋହନଙ୍କୁ ଘାରିଥିଲା । ତେଣୁ ଅତୀତ ଦିନର ବନ୍ଦର ବାଲେଶ୍ୱରର ସାଧବଙ୍କର ସଭାବୈଠକ ଫକୀରମୋହନଙ୍କ ଗଦ୍ୟ ଭାଷାର ପରିପାଟି ଭିତରେ ସ୍ଥାନ ପାଇବାକୁ ବାଧ ହେଲା । ଏକାଳରେ ଯେପରି ଗୋଟିଏ ବୈଠକ ହେଲେ ତାର ବିବରଣୀ ରଖାଯାଏ ଆଉ ଆଗନ୍ତା ସଭାରେ ତାହା ପଢ଼ାଯାଇ ସାବ୍ୟସ୍ତ କରାଯାଏ ଠିକ୍ ସେପରି ଏହି ସଭାରେ ଗୋଟାଏ ବିବରଣୀ ରହିଲା । ଗଳ୍ପସ୍ୱଳ୍ପରେ ଫକୀରମୋହନଙ୍କର ଏହି ବିଷୟଟି ହେଲା 'କାଳିକା ପ୍ରସାଦ ଗୋରାପ' ।

ପୁଣି ସେଇ ଯୁଗର ବାତାବରଣର ପ୍ରତ୍ୟକ୍ଷ ସ୍ପର୍ଶ ! 'ଗୁମାସ୍ତା ମାଗୁଣି ମହାନ୍ତିଏ ଫର୍ଦ୍ଦେ ବାଲେଶ୍ୱରୀ ଛଣି କାଗଜ ଗାର କାଟିଲା ପରି ଆଠଭାଙ୍ଗ କରି ଜୋଡ଼ିଲେ । ଏହି ବାବୁମାନେ ସଭାରେ ବିରାଜମାନ କଲେ ।'

ପ୍ରଥମେ ବନ୍ଦିଲି ମାତା ଶାରଳା ପୟର ପରି ପ୍ରଥମେ 'ଗୋଟାଏ ମାଟି ଦୁଆତରେ ଅଧେ କଳା ଅଧେ ନାଲି ପୂରାଥିଲା ଗୋଟାଏ ଶରକାଠି କଲମ ବୁଡ଼ାଇ ଲେଖା ଆରମ୍ଭ କଲେ ।ଯେଉଁ ଯେଉଁ ଅକ୍ଷରରେ ବହଳ କାଳି ଲାଗି ଶୁଖି ନଥିଲା ଖଣ୍ଡେ ସରୁ କନାରେ ସରୁ ବାଲି ବନ୍ଧା ପୁଟୁଳା ସେଥିରେ ଥାପିଦେଇ ନାମ ଡ଼ାକିଦେଲେ ।'

ଅତୀତର ମୂଲକ - ପାଣି ପବନର ଭାଷା

ଏଇଠି ପାଠକ ଭେଟିବେ ଏକ ନୂଆ ମୂଲକ । ଏଠାରେ ଲୋକ ଆଗରେ 'ପ୍ରତିବନ୍ଧକ' ନାହିଁ । ଅଛି ଗଳବନ୍ଧନୀ, 'ଯେଉଁ ଗଳବନ୍ଧନୀ ପଡ଼ିଲାଣି, ଜାହାଜାତି କାରବାର ଏଣିକି ଇତି' । ଜାହାଜଗୁଡ଼ିକ ଦରିଆରେ 'ହଜି ନାହାନ୍ତି' । ସେମାନେ 'ଗୁମ୍' । 'ଜାହାଜ ଛାଡିଲୁ' ନାହିଁ । 'ଆମେ ଚାରିଖଣ୍ଡ ଜାହାଜବନ୍ଦର ଘାଟରୁ ଗଡ଼ିଗଲୁଁ । 'ନଈ ଭିତରେ ଗଭୀର ପାଣିକୁ ମାପି ଯାଉଁ ଯାଉଁ ଏଠାରେ କୁହାଗଲା 'ନଈ ଭିତରେ ଭଟା ଧରି ଯାଉଁ ଯାଉଁ' । ଏଇଠି ଜାହାଜର 'ପତାକା' ହେଉଛି

Digitized by srujanika@gmail.com

'ବାଉଟା' । ଗୋଟିଏ ଜାହାଜ ଆଉ ଗୋଟିଏ ଜାହାଜକୁ ଦଣ୍ଡବତ କଲା 'ବାଉଟା ହଲାଇ' 'ଆମ୍ଭମାନଙ୍କର ମାଝି ବି ସେହିପରି ବାଉଟା ବିଞ୍ଚିଲେ । ସେ ଗୋରାପ ଦିଖଣ୍ଡ ଦକ୍ଷିଣମୁହାଁ 'ହକାରିଲେ' ।

ବିଲାତର କବି କୋଲରିଜ୍ ଲେଖିଥିଲେ 'The sun's rim dips, the stars rush out. At one stride comes the dark' ଗ୍ରୀଷ୍ମକଟିବନ୍ଧର ଏଭଳି ବର୍ଣ୍ଣନା ଯୋଗୁଁ ତାଙ୍କର କବିତା 'Ancient Mariner' ଅମର ହୋଇ ରହିଛି ।' ସେଇଠି ସୂର୍ଯ୍ୟଙ୍କର ଫେନ୍ଦ ପାଣିରେ ବୁଡି ଯାଇଛି । ଏଇଠି 'ଚାରିଦିନ ବଢ଼ି ସକାଳେ ପୂର୍ବ ଦିଗ ସମୁଦ୍ର ଭିତରେ ସୂର୍ଯ୍ୟ ଦେବତାଙ୍କ ଫେନ୍ଦ ଯିମିତି ଦିଶିଲା, ସେଇ ଦିଗରେ ଦଶ କୋଶ ହେବ ଦୂରରେ ଖଣ୍ଡେ ଜାହାଜର ଶେଡ ଦିଶିଲା । ଜାହାଜ ଖଣ୍ଡ ଆମ୍ଭମାନଙ୍କୁ ଲୟ କରି ଧାଇଁଥାଏ ।"

ବିଲାତରେ ଜାହାଜର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ନାମ ଭିନ୍ନ ଭିନ୍ନ । ସେଗୁଡ଼ିକ ଧୀରେ ଧୀରେ ଇଂରାଜୀ ଭାଷାରେ ମିଶି ଏକାକାର ହୋଇଯାଇଛି । ଏବେ ଯଦି ଓଡ଼ିଶାର ମାଝିଏ ପାରାଦ୍ୱୀପରୁ ଜାହାଜ ଘେନି ଜାପାନ, କାନାଡା, ଅଷ୍ଟ୍ରେଲିଆ, ରୁଷିଆ ବା ବିଲାତ ଆଡକୁ ହକାରିବେ ତେବେ ସେମାନଙ୍କ ପାଇଁ ଜାହାଜର 'ବହୁଟିଆ କୁଢା' 'ନାବରା ଦଉଡ଼ି', 'ଚଉକା' 'ପେରଛା', 'ଚାପଦାର', 'କାଛି', ଖୋଳ (hold), 'କପିକଳ' ଇତ୍ୟାଦି ଲୋଡା ପଡ଼ିପାରେ । ଫକୀରମୋହନ ଏସବୁ ଆଗରୁ ଭାଷାରେ ସମ୍ପାଦି ଯାଇଥିଲେ । ଇଂରାଜୀ ଉପନ୍ୟାସ ଲେଖକ ଜୋସେଫ କନ୍‌ରାଡ, ରବର୍ଟ ଲୁଇ ଷ୍ଟିଭେନ୍‌ସନ, କବି ଜହନ ମାସ୍‌ଫିଲଡ୍, କପ୍‌ଟାନ କୁକ୍, ଆଉ ଡେଫୋଙ୍କର ବିଖ୍ୟାତ ରବିନ୍‌ସନ କ୍ରୁସୋ ଇତ୍ୟାଦିଙ୍କ ଯୋଗୁ ସାହିତ୍ୟର ବ୍ୟାପ୍ତି ଓ ପ୍ରସାର ପୃଥିବୀଟା ଯାକ ଘୋଟି ଯାଇଛି ଇଂରାଜୀ ଭାଷା ଜଳ, ସମୁଦ୍ର, ଜାହାଜ, ସୂର୍ଯ୍ୟୋଦୟ, ମହାସାଗରର ରାତ୍ରି ଓ ଆକାଶ, ପ୍ରଭଞ୍ଜନ ଇତ୍ୟାଦିର ସମାରୋହରେ ଯେପରି ସମୃଦ୍ଧ ହୋଇଛି ତାହା କଳ୍ପନାର ଅତୀତ । ଓଡ଼ିଆ ଗଦ୍ୟ ସାହିତ୍ୟରେ ଫକୀରମୋହନ ସେହି ସମୁଦ୍ରର ଜାହାଜାତି କାରବାର ଓ ଗତାୟତର ଯେଉଁ ଭାଷା ଉଲ୍ଲେଖ କରିଛନ୍ତି ତାହାର ମଧ୍ୟ ତୁଳନା ନାହିଁ ।

ପରବର୍ତ୍ତୀ କାଳରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ନିର୍ବାସିତ ନାମକ ଗୋଟିଏ ଉପନ୍ୟାସ ତାଙ୍କର ଗ୍ରନ୍ଥାବଳୀରୁ ପଢ଼ିବାକୁ ମିଳେ । ଉପନ୍ୟାସଟି ବୋଧହୁଏ ଛାୟାଶ୍ରିତ, ହୁଏତ ନିଘନ ଅନୁବାଦ ନୁହେଁ । ତେବେ ବି ଏହି ଉପନ୍ୟାସର ଜାହାଜାତି ଗତାୟତ ଓ ସାମୁଦ୍ରିକ ବାତାବରଣ ଫକୀରମୋହନଙ୍କୁ ସ୍ମରଣ କରାଇଦିଏ । ଗୋଦାବରୀଶ ଫକୀରମୋହନଙ୍କ ଭାଷାକୁ ଆଗୁସାର

Digitized by srujanika@gmail.com

କରିଛନ୍ତି କି ନାହିଁ କହିହେବ ନାହିଁ (ବୋଧହୁଏ ନୁହେଁ) । ତଥାପି ଉଭୟଙ୍କର ତୁଳନା ଯେ କୌଣସି ଗଦ୍ୟ ସମୀକ୍ଷକ କରିପାରନ୍ତି ।

'ଲଙ୍ଗର ଉଠାଇ ଶେଡ଼ ଯେ ହକାରିଛି - ସେଇ ହକାରିଛି । ପୂରା ଆଠଦିନ ଦିନ ରାତି ଜାହାଜ ଧାଇଁଥାଏ । ଦକ୍ଷିଣ ପିଛାଡ଼ି ପବନ, ଆକାଶ ନିର୍ମଳ । ଦରିଆଟା ପୋଖରୀ ପାଣି ପରି ଧୀର । ଜାହାଜ ସୁକାନରେ ଖାଲି ହାତ ପଡ଼ିଥାଏ, ସଳଖ ଜାହଜ ଧାଇଁଛି ।'

(ଫକୀରମୋହନ)

'ଆଣ୍ଡାମାନ ପାଖେ ସମୁଦ୍ର ଭାରି ଗଭୀର । ସେହି ଗଭୀର ଜଳରାଶି ବକ୍ଷରେ ସିନ୍ଧୁହସ୍ତୀ, ଉତ୍ତର ପବନରେ ଲହରିକୁ ଲହରି ଟପି, ସ୍ୱଚ୍ଛନ୍ଦ ଗତିରେ ଚାଲିବାକୁ ଲାଗିଲା । ଏଣେ ସିନ୍ଧୁହସ୍ତୀ କଳାପାଣିରେ ଯାଇ ପଡ଼ିଲା ।'

(ଗୋଦାବରୀଶ)

'ପଛପଟରୁ ଟିକିଏ ପବନ ଝିଲକି ଦେଲା, ବେଳକୁ ବେଳ ଟିକିଏ ଟିକିଏ ବଢ଼ିବାକୁ ଲାଗିଲା । ବଢ଼ିଲା ପରି ବଢ଼ିଲା - ସମ୍ଭାଳ -ସମ୍ଭାଳ- ରାତି ଅଧ ବେଳକୁ ଅଥୟ । ଦରିଆ ଆକାଶ ଏକାକାର, ତାଳଗଛ ପ୍ରମାଣ ଢେଉ । ଆଗ ଦୁଇ ନଙ୍ଗର ପଛ ଲତାଡ଼ି ପକାଇ ଦେଲି, ପଟାପଟ ଛିଡ଼ିଗଲା । ରାତିଯାକ ଏଇ ହାଲ, ଆଉ ସମ୍ଭାଳି ହେଲାନାହିଁ । ଅଧରାତି ସରିକି ଜାହଜ ଗାମଦ ହେଲା । ସମସ୍ତେ ମିଶି ପାଣି ମରାରେ ଲାଗିଥାଉଁ । ଭୋର ଭୋର ଜାହାଜ ବସିଗଲା । ଦିନହେଲା, ଦେଖିଲୁ, ଧାମରା ଘଡ଼ିଆଳ ମୁହାଣ । ଆଉ ଚାରା ନାହିଁ । ବତାଲିକୁ ଓହ୍ଲାଇ ଆସିଲୁ ।''

(ଫକୀରମୋହନ)

'ପାଣିପବନ ଚାଲିଲା, ସିନ୍ଧୁହସ୍ତୀ ଉବେଇ ଟୁବେଇ ହୋଇ ଦିବସ ପରେ ରାତି ଓ ରାତି ପରେ ଦିବସ କଟାଇବାରେ ଲାଗିଲା । ସମସ୍ତେ ପ୍ରମାଦ ଗଣିଲେ ।'.......

'ଝଡ଼ ତୋଫାନ ବଢ଼ିଲାବେଳେ ଯେପରି କ୍ରମେ କ୍ରମେ ବଢ଼େ, ଛାଡ଼ିଲା ବେଳକୁ ସେପରି କ୍ରମେ କ୍ରମେ ଛାଡ଼ିଆସେ ।.......ଜାହାଜ ନାସି ଖୁବ୍ ଜୋରରେ ପଥର ଦେହରେ ପିଟି ହୋଇଯିବାରୁ ଫାଟି ଯାଇଛି ଏବଂ ସେହି ଫାଟବାଟେ ଭିତରକୁ ପାଣି ଅଳ୍ପ ଅଳ୍ପ ଆସିଛି । ଜାହାଜ ଯେଉଁଠାରେ ଲଙ୍ଗର ପକାଇ ରହିଥିଲା, ସେଠାରେ ଅତି ଅଳ୍ପ ଦୂରରେ ପାଣି ତଳେ ଗୋଟାଏ ପ୍ରକାଣ୍ଡ ପଥର ବୁଡ଼ି ରହିଥିଲା । ସାଧାରଣ ଅବସ୍ଥାରେ ତା'ର ଅସ୍ତିତ୍ୱ ବୁଝି ହୁଅନ୍ତା ନାହିଁ । କିନ୍ତୁ ପ୍ରବଳ

Digitized by srujanika@gmail.com

ତୋଫାନ ଯୋଗେ ଜାହାଜ ଆସି ବାରମ୍ବାର ଯାଇ ସେଥିରେ ପିଟି ହୋଇ ଫାଟିଗଲା ।'

—ଗୋଦାବରୀଶ ମିଶ୍ରଯ

ନଈରେ ପାଣି ଛିନ୍‌ଛୋଟ୍

ସମୁଦ୍ରରେ ଜାହାଜ କଥା ଏଭଳି । କିନ୍ତୁ ନଈରେ କୋଶଳି, ଡଙ୍ଗା, କାଠୁଆ ଆଉ ସେମାନଙ୍କ ଗତିଗୋତ୍ର ବିଷୟରେ ଫକୀରମୋହନଙ୍କର ଗଦ୍ୟ ବିଲକ୍ଷଣୀୟ । ମହାନଦୀ କୂଳରେ ଗୋଟାଏ ଗାଁ....... ଫକୀରମୋହନଙ୍କ ଅତି ପ୍ରିୟ ଗାଁ ପରି ଲାଗୁଛି (ସେ ନାଁ ଟା ବାରମ୍ବାର ତାଙ୍କର ଗଳ୍ପରେ ମିଳୁଛି) ।

ଲକ୍ଷ୍ମଣ ମିଶ୍ରେ କହିଲେ, 'ମୁଁ ଦେଖୁଛି, ଏଇଟା ସାଇଲକ୍ ।' ଭାଗବତ ପଡିଏ କହିଲେ, 'ନା,ନା, ସେଇଟା ଏ ସାଇଲୋକ ନୁହେଁ । ତା ଘର ମକ୍ରାମପୁର । ଏ ଗାଁକୁ ଦେଢ଼କୋଶ ଦୂର ନଈକୂଳରେ । ସେଇ 'ସାଇଲକ'- ସାଇଲୋକ ନୁହେଁ । କୁବେର ସାହୁ ଘର ମକ୍ରାମପୁର 'ଗଡ଼ଜାତ ସୋନପୁର ଠାରୁ ଦଶପଲ୍ଲା ଯାଏ ତାହାର ଦଶ ପନ୍ଦରଟା ଗୋଦାମ । ଫି ଗୋଦାମରେ ଜଣେ ଜଣେ କରଣ, ଜଣେ ଜଣେ କାରବାରିଆ । ତାର ନିଜର କୋଡ଼ିଏ ସରିକି ବାରଗୋଡ଼ିଆ, ପନ୍ଦର ଗୋଡ଼ିଆ କୁଣ୍ଢଳି, ଚକ୍ ଚକ୍ ନାଆ ଅଛି ।

(ଇଂରାଜୀରେ କୁଣ୍ଢଳିକୁ yatch କହନ୍ତି ପରା !)

ସେହି କୁବେର ସାହୁର ପୁଅ ଏପରି କୁଣ୍ଢଳି ଚଢ଼ି ବୌଦର ହରିହରପୁରକୁ ବାଟ ଅନୁକୂଳ କଲା । "ହରିହରପୁର ଗୋଟିଏ ବଡ଼ ମହାଜନୀ ଗାଁ - ଠିକ୍ ମହାନଦୀ କୂଳରେ । ....ନଈରେ ଉଛୁଣିକା ପାଣି ଛିନ୍‌ଛୋଟ । ହରିଣି ଖୋଳିବା କାଠୁଆ ହତା ଯନ୍ତ୍ର ଧରି କୋଡ଼ିଏ ସରିକି ମୂଲିଆ ବି ସଙ୍ଗରେ ଯାଉଛନ୍ତି । ଉଠାଣି ଯିବାକୁ ଚବିଶ ପଚିଶ ଦିନରୁ ଊଣା ଲାଗିବ ନାହିଁ ।

'ଆଜି ପୁଷ ୧୫ ଦିନ ବରଯାତ୍ରା ପାଇଁ ଠିକ୍ ହୋଇଛି । ନଈ କୂଳରେ ଅଧକୋଶ ଯାଏଁ ନାଆ କାଠୁଆ ଧାଡ଼ିକି ଧାଡ଼ି ଖଟା । ନାଉରିଆମାନେ ଆହୁଲା କାତ, ନା-ଟଣା ଦଉଡ଼ି, ହରିଣିଖୋଳା ହତା ଯନ୍ତ୍ର ଧରି ହାଜର । କୋଡ଼ିଏ ଖଣ୍ଡ ସରିକି ଗାଁରୁ ପିଲାପିଲି ଧରି ମାଇକିନିଆ ମରଦ ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । କିଛି ଦୂର ନଈ ବାଲିରେ ଗଛବାଣ ଫୁଟିଲା । ସଙ୍ଗେ ସଙ୍ଗେ ଶଙ୍ଖ ହୁଳହୁଳି ଉଛୁଳି ପଡ଼ିଲା । ବରଯାତ୍ରା ଆଗରୁ ଘର ଅଗଣା ଭିତରେ ପିଣ୍ଡି ଉପରେ ନାନ୍ଦିମୁଖୀ ଶ୍ରାଦ୍ଧ ବଢ଼ିଲା । ବିଦ୍ୟାଧର ବେଦୀରୁ ଉଠି ମା ପାଖରୁ ମେଲାଣି

Digitized by srujanika@gmail.com

ଘେନିବାକୁ ଯାଇ ଗୋଡ଼ତଳେ ପଡ଼ିଲା, ମା ପାଦରୁ ଧୂଳି ନେଇ ମୁଣ୍ଡରେ ଲଗାଇଲା । ମା ତୁଳସୀ ମୂଳରୁ ମାଟି ନେଇ ତା ମୁଣ୍ଡରେ ଚିତା କରିଦେଲେ ।

ହରିପୁରରେ ପହଞ୍ଚିବାକୁ ହାତ ଗଣନ୍ତା ଠିକ୍ ପଚିଶ ଦିନ ଲାଗିଲା । ସଙ୍ଗରେ ଦଫେ ଗୋଟିପୋ ଗାଆଣିଆ ଥିଲେ ।...... ନଦୀକୂଳ-ପାଖିଆ କୋଣକ ବାଟରୁ ଲୋକେ ଧାଇଁ ଆସି ଗାଆଣ ଶୁଣନ୍ତି ।

ଯୁଧିଷ୍ଠିର ସାହୁଙ୍କ ଘର କୋଶକ ଦୂରରୁ ସଂଜବେଳୁ ରୋଷନି ଲାଗିଲା । ......ବାହୁଡ଼ିବା ବେଳେ (ଲୋକେ) ବୋଲାବୋଲି ହୋଇ ଗଲେ, ଗୋଟାଏ ରଜାପୁଅ ବାହାଘରେ ବି ଏତେ ଆଟୋପ ହେବ ନାହିଁ ।'

(ଗଳ୍ପସ୍ୱଳ୍ପ - ଗ୍ରନ୍ଥାବଳୀ ପୃ୫୪୦ଷ୍ଠା)

ପହିଲା ଆଷାଢ଼ରେ ଯିମିତି ନଈରେ ପିତାପାଣି ପଡ଼ିଲା, ସେମିତି ଚାଲିଲା ବରବାହୁଡ଼ା ।

'ଦଶଖଣ୍ଡ ନୂଆ ତିଆରି ନାଆ ତୁଠରେ ଧାଡ଼ି କରି ଖଟା ହୋଇଛି । ସବୁ ନାଆ ଚିତ୍ର ବିଚିତ୍ର ମଣ୍ଡନୀ, ଦୁଇ ମଙ୍ଗରେ ଫର ଫର ହୋଇ ପତାକା ଉଡୁଛି । ଏଗୁଡ଼ିକ ଯୌତୁକ ନାଆ । ସେଥି ମଧ୍ୟରେ ଯୋଡ଼ାଏ ନାଆ ସୁନ୍ଦର ମଣ୍ଡନୀ । ଖଣ୍ଡକରେ ଝିଅ, ଆଉ ଖଣ୍ଡକରେ ଜୁଆଇଁ ବସି ଯିବେ ....

କୁବେର ସାହୁର ଦୂରଦୂରାନ୍ତର କୋଠିମାନଙ୍କରୁ ତିରିଶ ଖଣ୍ଡ ସରିକି ନାଆ ସରକ ବୋଝେଇ କରି ସେଠାରେ ଉପସ୍ଥିତ । ନାଆସବୁ ପୂରା ବୋଝେଇ, ପାଣି ଲହଡ଼ି ଚାଳକୁ ଛୁଇଁ ଦେଉଛି ।.....

ଆଷାଢ଼ କୃଷ୍ଣ ଦଶମୀ ଦିନ ଯାତ୍ରା ଠିକ୍ ହେଲା । ରଥକାଠ ମେଲାଣି ଭଳିଆ ପାଣି ଚାହିଁ ବସିଛନ୍ତି - ନୋହିଲେ ନାଆ ସବୁ ଭୀଷ୍ମ ପାରି ହୋଇ ପାରିବ ନାହିଁ ।

ବାଟକଢ଼ାଣିଆ ସାପଚଳ ବାଟ

'ଆଜି ଯାତ୍ରାର ଦିନ । ହଜାର ହଜାର ଦେଖଣାହାରୀ ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । ପଛରେ ମଙ୍ଗଧରା । ଆଗ ମଙ୍ଗ ଉପରେ ବାଟକଢ଼ାଣିଆ ଛିଡା, ଏହି କଢ଼ାଣିଆ ନ ହେଲେ ନାଆ ଭୀଷ୍ମ ପାର ହୋଇ ପାରିବ ନାହିଁ ।

ଆଠମଲ୍ଲିକ ଉପରକୁ ମୁଣ୍ଡାପଡ଼ା ଗାଁଠାରୁ କଇଁତ୍ରାଗଡ଼ ଯାଏ ଷୋଳ ସତର ମାଇଲ ଭିତରେ ଭୀଷ୍ମ ପଡ଼େ । ବଡ଼ ବଡ଼ ପଥର ସବୁ ମୁଣ୍ଡ ଟେକି ନଦୀ ମଧ୍ୟରେ ସଭା କରି ବସିଲା ପରି ବସିଛନ୍ତି । ବଢ଼ି ପାଣିରେ ସେହି ପଥର ସବୁ ବୁଡ଼ିଗଲେ ତା ଉପର ଦେଇ ନାଆ ସବୁ ଭାସିଯାଏ । କେତେ ପଥର ବୁଡ଼େ ନାହିଁ । ଗୁଡ଼ାଏ

Digitized by srujanika@gmail.com

ପଥର ଉପରେ ଚାଖଣ୍ଡେ, ଚାରି ଆଙ୍ଗୁଳି ଜଳ; ନାଉରୀଙ୍କୁ ପଥର ଦିଶେ ନାହିଁ । ଏ ଭୀଷ୍ମ ଜାଗାଟାରେ ନଈ କମ୍ ଓସାର ଯୋଗୁ ପାଣିର ଭାରୀ ତୋଡ଼ । ଘଣ୍ଟାକ ମଧ୍ୟରେ କୋଡ଼ିଏ ମାଇଲ ବାଟ ନାଆ ଭାସିଯାଏ । ସେହି ଭୀଷ୍ମ ମଧ୍ୟରେ ଅଙ୍କା ବଙ୍କା ସାପଚାଲ ପରି ବାଟ । .... ସେ ଯାଗାରେ ପାଣିର ଭାରୀ ତୋଡ଼ । ପଥରରେ ବାଜି ଏପରି ଶବ୍ଦ କରେ ଯେ କଢ଼ାଣିଆ କଥା ପଛ ମଙ୍ଗଧରାକୁ ଶୁଭେ ନାହିଁ, କଢ଼ାଣିଆ ଦୁଇ ହାତରେ ବାଟ ଠାରି ଦେଉଥାଏ । ଭୀଷ୍ମ ପାର କରି ଦେଇ ବାଟ କଢ଼ାଣିଆ କଇଁତ୍ରାଗଡ଼ ଠାରେ ନାଆରୁ ଓହ୍ଲାଇ ପଡ଼େ । ତା କାମ ଛିଡ଼ିଲା ।

'ଜୟ ଜୟ ଗଙ୍ଗାମାତା' ଘୁଙ୍ଗୁଡ଼ିଆ ପବନ

ତିନିଦିନ ହେଲା ଶ୍ରବଣା ପଶିଥିଲା, ଭାରୀ ପାଣି, ଭାରୀ ଝଡ଼ । କାଲି ସଞ୍ଜରୁ ପାଣି ଛାଡ଼ିଛି । ସକାଳେ ଆକାଶ ନିର୍ମଳ, ସୂର୍ଯ୍ୟଦେବତା ଜ୍ୱଳନ୍ତ ସୁନାପେଣ୍ଡୁପରି ଉଇଁ ଆସିଲେ ।

ନାଉରିଆ ଜାଣନ୍ତି 'ଉଇଁ ନ ଦିଶେ, ହସି ପଶେ, ବାପ ବୋଲେ ପୁତା ନିଶ୍ଚେ ବରଷେ ।' ନଈ ଦୁଇକୂଳ ଲୋକେ ଛିଡ଼ାହୋଇ ଅନାଇଛନ୍ତି, ନାଉରିଏ ଭାରୀ ଆନନ୍ଦରେ 'ହରିବୋଲ' ଦେଇ ନାଆ ବାହି ଯାଉଛନ୍ତି । ଯୋଡ଼ାଏ ନାଆ ଖଜା ପିଠା ବୋଝେଇ, ନାଆ ଖଟାଇ ଖାଇବେ । ଏତିକିବେଳେ ଉତ୍ତର କୋଣରୁ ହେଁସ ଖଣ୍ଡପରି ଖଣ୍ଡେ ସାନ ଧୂଳିଆ ମେଘ ଉଇଁ ଆସିଲା । ସିଳିସିଳି ପବନ ଝଲକିଲା । ନାଉରିଏ ଡ଼ରିଗଲେ । ଆଉ ସମସ୍ତେ ବାହାଣରେ ଲାଗିଛନ୍ତି । 'ଜୟ ଜୟ - ଗଙ୍ଗାମାତା କି ଜୟ' ଗୀତ ଗାଇ ଆହୁଲା ବାହୁଛନ୍ତି । ନାଆ ଯିମିତି ମୁଣ୍ଡାପଡ଼ା ଗାଁ ମୁଣ୍ଡ ଛୁଇଁଛି, କଥା ପଦକେ ଗୋଟା ଆକାଶ ମେଘ ଘୋଡ଼େଇ ପକାଇଲା ।

ସଙ୍ଗେ ସଙ୍ଗେ ପବନ, ତା ପଛକୁ ପାଣି । ପବନ ତ ପବନ ଏପରି ଘୁଙ୍ଗୁଡ଼ିଆ ପବନ କାଳେ ସକାଳେ ଦେଖିବାର ନାହିଁ । ବେତନାସି ଗୋଛାରେ ବାଡ଼େଇଲା ପରି ନାଉରୀମାନଙ୍କ ଦେହକୁ ପାଣି ଛାଟ ମାରୁଛି ।

ଭାଙ୍ଗି ଚୂନା ହୋଇଗଲା

ଦୁଇ କୂଳରୁ ଡାକ ପଡ଼ିଛି, 'ନାଉରୀ, କୂଳ ଭିଡ଼ା, କୂଳ ଭିଡ଼ା ।' ବାଟକଢ଼ା ଡ଼ାକୁଛି । ମଙ୍ଗୁଆଳ କୂଳ ଦେଖା- ଆରେ କୂଳ ଦେଖା ।' ନାଆ କ'ଣ ମଙ୍ଗ ମାନୁଛି ? ଘୁଙ୍ଗୁଡ଼ିଆ ପବନ ନାଆର ଆଗ ମଙ୍ଗ ପଛକୁ କରି ଦେଉଛି । କେବେ ନାଆକୁ ଚକପରି ବୁଲେଇ ଦେଉଛି । ନଈ କୂଳର ଭାରୀ ଭାରୀ ପୁରୁଣା ଆମ୍ବ,ବର,ଓସ୍ତ ଗଛ-ଗୁଡ଼ାକ ମାରିଷ ଗଛପରି ଉପୁଡ଼ି ପଡ଼ୁଛି । ପୂର୍ବାଳି ଗୋଟାଏ ଭାରୀ ଦମକା ପବନ ବାଡ଼େଇ ଦେଲା । ନାଆ ଉପର ମଙ୍ଗଧରା, ବାହାଣିଆ,

Digitized by srujanika@gmail.com

ବାଟକଡ଼ା ସବୁଗୁଡ଼ାକ ଝୁପଝାପ୍ କରି ନଈରେ ପଡ଼ିଗଲେ । ତଣ୍ଡିଆ ଦେଇ ସେମାନଙ୍କୁ କିଏ ଯେମନ୍ତ ପାଣିରେ ମାଡ଼ିଦେଲା । ନାଆଗୁଡ଼ାକ ଗୋଟାକ ଉପରେ ଗୋଟାଏ ବାଡ଼େଇ ହେଉଚନ୍ତି । ଗୁଡ଼ାଏ ଠୋକର ଖାଇ ଭାଙ୍ଗି ଗୁଣ୍ଡା ହୋଇଗଲାଣି । ଆଉ ଦଣ୍ଡେ ସତାର କରିଥିଲେ ନାଆସବୁ ସୁଅ ପାଣିରେ ପଡ଼ି ଭାସି ଯାଇଥାନ୍ତା, ମାତ୍ର କଇଁତ୍ରାଗଡ଼ ମୁଣ୍ଡରେ ନଈ ମଝିରେ ଗୋଟାଏ ବଡ଼ ଭୀଷ୍ମ ମହାକାଳ ଦୂତପରି ଛିଡ଼ା ହୋଇଥିଲା, ସବୁ ନାଆ ତା ଉପରେ ବାଡ଼େଇ ହୋଇ ଭାଙ୍ଗି ଚୂନା ହୋଇଗଲା ।ଖଣ୍ଡେ ନାଆ ବର୍ତ୍ତି ପାରିଲା ନାହିଁ । ମନୁଷ୍ୟ ବା ବୋଝେଇ ଜିନିଷ କାହାରି ଚିହ୍ନବର୍ଣ୍ଣ ନାହିଁ । ଗୁଡ଼ାଏ ପଟା ଭାସି ଭାସି ଯାଉଛି ।”

(ଫକିରମୋହନ ଗ୍ରନ୍ଥାବଳୀ ପୃ ୫୪୨-୪୩୪ା)

ମହାନଦୀରେ ସେହି ଭୀଷ୍ମ ମହାକାଳ ଦୂତପରି ଏବେ ବି ଛିଡ଼ା ରହିଛି । ଏବେ ବି ପୂର୍ବାଳି ପବନ ମଧେ ମଧେ ବହେ । ଏବେ ବି କୁଶୁଳି, ଡ଼ଙ୍ଗା ଆଉ କାଠୁଆ ପହିଲି ଆଷାଢ଼ ପିତାପାଣି ପଡ଼ିଲାବେଳେ ଯାତ୍ରା ଅନୁକୂଳ କରନ୍ତି । ଏବେବି ଆଗଭଳି ବାଟକଢ଼ାଣିଆ ବଉଦଠାରୁ କୁମାରୀର ଭୀଷ୍ମଯାଏ ନାଆରେ ଯାଇ କଇଁତ୍ରା ଗଡ଼ରେ ଓହ୍ଲାଇ ପଡ଼େ । ଟ୍ରକ, ବସ୍ ବା ରେଲଗାଡ଼ି ତ ଏଯାଏ ସେ ଅଞ୍ଚଳକୁ ବାହାର ସଂସାର ସାଙ୍ଗେ ଯୋଡ଼ି ନାହିଁ । ଯେବେ ବା ଯୋଡ଼ିବ ତଥାପି ନାଆ କୁଶୁଳିକୁ ପୂରାପୂରି ଲୋପ କରି ପାରିବ ନାହିଁ, ଟିକରପଡ଼ା ବନ୍ଧ ହେଲେ କ'ଣ ହେବ, କହି ହେବ ନାହିଁ । ତେବେ ଏବେ ତ ସେ ସବୁ ରହିଛି । କିନ୍ତୁ ଫକିରମୋହନ ନାହାନ୍ତି ଆଉ ଯେଉଁ ଶବ୍ଦର ଧଣ୍ଡାମାଳରେ ସେ ଉତ୍କଳଭାରତୀକୁ ଏଇଠି ପ୍ରଣମିତ ହୋଇଥିଲେ ସେ ସବୁ ଧଣ୍ଡାମାଳ ଶୁଖିଯାଇଛି । ତାହାକୁ ପରବର୍ତ୍ତୀ ବଂଶଧର ଆଉ ଆଡ଼ ଆଖିରେ ଚାହିଁନାହାନ୍ତି ।

❒ ❖ ❒

Digitized by srujanika@gmail.com

ସାଧୁ ଭାଷା

ସବୁକାଳେ ପଦ୍ୟର ଭାଷା ଗଦ୍ୟ ଲେଖା ଉପରେ ପ୍ରଭାବ ପକାଇ ଆସିଛି । ବିଶେଷତଃ ମଧୁସୂଦନ ରାଓଙ୍କର ପଦ୍ୟ । ଓଡ଼ିଆ ପାଠପଢ଼ା ଓ ସାହିତ୍ୟରେ ମଧୁସୂଦନ ସେକାଳେ ଥିଲେ ପ୍ରାୟ ଏକାଧିପତି; ତାଙ୍କର ବର୍ଣ୍ଣବୋଧଠାରୁ ପ୍ରବନ୍ଧମାଳା ଯାଏ ଗୋଟିକି ଗୋଟି ଧାରାକ୍ରମରେ ଓଡ଼ିଆ ପାଠ୍ୟପୁସ୍ତକ ଭାବରେ ବିଭିନ୍ନ କ୍ଲାସରେ ପଢ଼ାହେବାର ଜଣାଶୁଣା । ତେଣୁ ଆଜିର ଅଧିକାଂଶ ଚାଳିଶଉତ୍ତର ଓଡ଼ିଆ ଲେଖାଳିମାନେ, କଥା ଓ ଭାଷାରେ ଅତର୍କିତ ଭାବରେ ମଧୁସୂଦନଙ୍କର ଗଦ୍ୟ ଓ ପଦ୍ୟର ଭାଷାରୁ ମୁକୁଳି ନାହାନ୍ତି । 'ଦେଖଇ ନେତ୍ର ଯାହା ଚଉଦିଗର, ସେ ସର୍ବର ଅଟଇ ମୁଁ ଅଧିଶ୍ୱର'ରେ 'ଚଉଦିଗର' 'ସର୍ବର' ଇତ୍ୟାଦିର ପ୍ରୟୋଗ ଏହି ରୀତିରେ ଓଡ଼ିଆ ଭାଷାରେ ପଶିଯାଇଛି ।

ନୀଳକଣ୍ଠ ଦାସ ଲେଖିଛନ୍ତି "ଇନ୍ଦ୍ରଧନୁରେ ଚଟଣି ବୋଲି ବଡ଼ ସୁନ୍ଦର ଥଟ୍ଟା ସବୁ ବାହାରୁଥିଲା । ସେଇଥିରୁ ଗୋଟିଏ ମନେ ଅଛି । ସେଥିରୁ ଜଣାପଡ଼ିବ 'ବିଜୁଳି' ପକ୍ଷୀୟ ଆଘାତଟା କେଉଁଠାରେ ବାଜୁଥିଲା । ସେ ଚଟଣିଟି ହେଉଛି ଏଇ- ଜଣେ ବଙ୍ଗାଳୀ ଦାରୋଗା ଜଣେ ଓଡ଼ିଆ ଚୌକିଦାରକୁ ପଚାରିଲେ 'ତୋମାର ବାଡ଼ି କୋଥାଏ' । ଚୌକିଦାର କାଖତଳୁ ଠେଙ୍ଗାଟି କାଢ଼ି, ହାତରେ ଟେକି ଦେଖାଇ ଦେଲା । ଦାରୋଗା ଆଉ କିଛି ନ କହି ଏକାବେଳକେ ଦୌଡ଼ି ଚଂପଟ । ଦାରୋଗା ସେଇ ଦିନଠାରୁ ଠିକ୍ କରିନେଲେ-ଓଡ଼ିଆଙ୍କୁ ବାସସ୍ଥାନ ପଚାରିଲେ ସେମାନେ ମାରିବାକୁ ଉଠନ୍ତି ।"

ମଧୁସୂଦନଙ୍କର ଗଦ୍ୟଭାଷାର ପ୍ରଭାବ ଏ ପର୍ଯ୍ୟନ୍ତ ଭଟ୍ଟା ପଡ଼ିନାହିଁ । "ଭାରତୀୟ ବୀରନାରୀ ଏ ପଦଗୁଡ଼ିକ ଆଜି ଆମ୍ଭମାନଙ୍କ ସମୀପରେ ଅସାର ପ୍ରଳାପବତ୍ ପ୍ରତୀୟମାନ ହେଉଅଛି ସତ୍ୟ ମାତ୍ର ଏହା କାହାରି କପୋଳକଳ୍ପିତ ନୁହେଁ ।" ନୋହିଲେ "ତୃଣଦଳର ହରିତାୟମାନ ମାଧୁରୀ, ତରୁଲତାମାନଙ୍କର ନୟନାଭିରାମ ପ୍ରାଣପରି-ପୋଷକ ପକ୍ୱ ଶସ୍ୟସମ୍ଭାର ସମୃଦ୍ଧି", ଇତ୍ୟାଦି ଭାଷା

Digitized by srujanika@gmail.com

ଆଜି ଏକାବେଳକେ ବିରଳ ନୁହେଁ । କିନ୍ତୁ ସେତେବେଳେ ଏହି ଗଦ୍ୟ ଭାଷା ସାଧୁ ଓଡ଼ିଆଭାଷା ଭାବରେ ଖୁବ୍ ପ୍ରଚଳ ଥିଲା ।

ଭକ୍ତକବି ମଧୁସୂଦନ, ମୃତ୍ୟୁଞ୍ଜୟ ରଥ, ବିଶ୍ୱନାଥ କର, ଓ କେତେକାଂଶରେ ନନ୍ଦକିଶୋର ବଳ ଓ କୁଳମଣି ଦାସ ପ୍ରଭୃତି ସମସାମୟିକ ଗଦ୍ୟଭାଷାର ଜଣାଶୁଣା ଲେଖକମାନଙ୍କର ଓଡ଼ିଆ ଶୈଳୀ ଥିଲା ଗୋଟିଏ ଛାଟର । ସଂସ୍କୃତବହୁଳ ସାଧୁଭାଷା, ସଂସ୍କୃତ ବ୍ୟାକରଣର ଅବିକଳ ରୀତିରେ ବାକ୍ୟବିନ୍ୟାସ, ସମାସ ଆଉ ସନ୍ଧି ।

ଏବେ ବି ସଂସ୍କୃତରୁ ମୁକୁଳି ନ ଥିବା ଅନେକ ଓଡ଼ିଆ ଲେଖାରେ ଏହି ଭାଷା ବାରମ୍ବାର ଦେଖିବାକୁ ମିଳିବ । ତେବେ ଏହି ସାଧୁଭାଷା ଥିଲା ଖାଣ୍ଟି ସଂସ୍କୃତ । ଯେଉଁଭଳି ମନେହୁଏ ଆଗର ସଂସ୍କୃତ ବହୁଳ ଭାଷା ଯେତେ 'ପ୍ରାକୃତିକ' ହୋଇ ଯାଇଥିଲା ତାହା ବୋଧହୁଏ ଏଥିରେ ଆହୁରି ସାଧୁକୃତ ହୋଇଗଲା ।

"୧୮୧୭ ଓ ୧୮ ମସିହାର ଗୁରୁତର ସୈନିକ ଘଟଣା ସକଳ ବର୍ଣ୍ଣିବା ପୂର୍ବେ ଆଉ ଗୋଟିଏ ପ୍ରସଙ୍ଗ ଲେଖୁଅଛୁ ତାହା ରାଜକୀୟ କାର୍ଯ୍ୟ ସମ୍ବନ୍ଧୀୟ ନଥାଇ ସାମାଜିକ ଅବସ୍ଥା ସଙ୍ଗେ ସମ୍ପର୍କ ରଖେ । ସେ ବିଷୟ ଗଭର୍ଣ୍ଣର ଜେନେରାଲ ସାହେବଙ୍କୁ ଜଣାଣ ହୋଇଥିବାରୁ ତାହା ସାମାନ୍ୟ ହେଲେହେଁ ଏଠାରେ ଲେଖିବାର ଅନୁପଯୁକ୍ତ ଜ୍ଞାନ ହୋଇ ନପାରେ ।"

(ଓଡ଼ିଶା ବିଜୟ ପୃ ୧୯ ଜଗନ୍ମୋହନ ଲାଲା

(ଟୟଲିଙ୍କର ପୋଥିର ଅନୁବାଦ) ୧୮୭୬ ସାଲ)

ଏଭଳି ଆଉ ଗୋଟିଏ ଅନୁବାଦ (ବଙ୍ଗଳାରୁ) ନିଆ ଯାଇପାରେ - ବର୍ତ୍ତମାନ ଏ ପ୍ରଦେଶର ଅନେକ ବ୍ୟକ୍ତି ବେଲୁନ-ଯନ୍ତ୍ର ସୃଷ୍ଟି କରିଅଛନ୍ତି ଏବଂ ସେଥିରେ ଆରୋହଣ କରି ଯେ ଲୋକେ ଗଗନ ମଣ୍ଡଳକୁ ଉତ୍‌ଥିତ ହୁଅନ୍ତି ତାହା ମଧ ସ୍ୱଚକ୍ଷୁରେ ଦେଖିଅଛନ୍ତି । କିନ୍ତୁ ତାହା ଭୂମିରେ ପତିତ ନ ହୋଇ କି ପ୍ରକାରରେ ମନୁଷ୍ୟାଦି ଭାରୀ ଭାରୀ ପଦାର୍ଥ ସମ୍ବଳିତ ହୋଇ ଊର୍ଦ୍ଧ୍ୱ ମାର୍ଗରେ ଉତ୍‌ଥିତ ହୁଏ ତାହା ଅନେକ ବ୍ୟକ୍ତି ଅବଗତ ନୁହନ୍ତି । ଅତଏବ ବେଲୁନ ଯନ୍ତ୍ର ସଂକ୍ରାନ୍ତ ସ୍ଥୂଳ ସ୍ଥୂଳ ବିଷୟରେ ବିବରଣ କରାଯାଉଅଛି । ଯେ ପ୍ରକାର କଦମ୍ବ ପୁଷ୍ପର କେଶର ସମୁଦାୟ ତାହାର ଗ୍ରନ୍ଥିକୁ ବେଷ୍ଟନ କରିଥାଏ ସେହି ପ୍ରକାର ଭୂମଣ୍ଡଳ ଚତୁର୍ଦ୍ଦିଗରେ ବାୟୁ ରାଶିରେ ପରିବେଷ୍ଟିତ ହୋଇଅଛି । ଯେ ପ୍ରକାର ମତ୍ସ୍ୟାଦି ଜଳଜନ୍ତୁ ସମୁଦ୍ର ମଧରେ ଅବସ୍ଥିତି କରନ୍ତି, ସେହି ପ୍ରକାର ମନୁଷ୍ୟ,ପଶୁ,ପକ୍ଷୀ,କୀଟ,ପତଙ୍ଗ ପ୍ରଭୃତି ଯାବତୀୟ ଭୂଚର ଆଉ ଖେଚର ଜନ୍ତୁ ସେହି ବାୟୁ ସାଗରରେ ମଗ୍ନ ହୋଇ ରହି ଅଛନ୍ତି ।"

Digitized by srujanika@gmail.com

(ଚାରୁପାଠ ପୃ ୨୧ ଅକ୍ଷୟ କୁମାର ଦତ୍ତ-ଅନୁବାଦ ବିଛନ୍ଦ ପଟ୍ଟନାୟକ)

ଚାରୁପାଠର ଭୂମିକାରେ କୁହାଯାଇଛି, ଶ୍ରୀଲ ଶ୍ରୀଯୁକ୍ତ ଡେପୁଟୀକମିସନର କପ୍ତାନ କମ୍ବରଲିଜ ସାହେବ ବାହାଦୂର ଉକ୍ତ ପ୍ରଦେଶସ୍ଥ ବିଦ୍ୟାଳୟ ସମୂହରେ ଏହି ପୁସ୍ତକ ବ୍ୟବହାର୍ଯ୍ୟ କି ନା, ତା ନିର୍ଣ୍ଣୟ କରିବା ନିମନ୍ତେ ଉକ୍ତ ପ୍ରଦେଶସ୍ଥ ପ୍ରଧାନ ପ୍ରଧାନ କେତେକ ପଣ୍ଡିତମାନଙ୍କୁ ସଭ୍ୟ ପଦରେ ନିଯୁକ୍ତ କରାଇ ଏବଂ ଉତ୍କଳ ଭାଷା ପାରଦର୍ଶୀ ଶ୍ରୀଲ ଶ୍ରୀଯୁକ୍ତ ଆସିଷ୍ଟାଣ୍ଟ କମିସନର କପ୍ତାନ ବୋଇ ସାହେବ ସ୍ୱୟଂ ସଭାପତି ହୋଇ ପରାମର୍ଶ ପୂର୍ବକ ସ୍ଥିର କରିଅଛନ୍ତି ଯେ, ଏହି ପୁସ୍ତକ ଓ ଅନ୍ୟାନ୍ୟ କତିପେୟ ପୁସ୍ତକ ଉତ୍ତମାନୁବାଦ ହୋଇଥିବା ଏବଂ ବାଳକମାନଙ୍କର ଶିକ୍ଷା ଉପଯୋଗୀ ହେବାର ପ୍ରକାଶ କରିଅଛନ୍ତି ।"

ଏହି ବାକ୍ୟରେ ବ୍ୟାକରଣର ପ୍ରୟୋଗ ଲକ୍ଷଣୀୟ । ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାରେ ଯେଉଁ ଶବ୍ଦକୁ ବାରମ୍ବାର ଖୁଣିଛନ୍ତି ତାହାକୁ ଏଠି ବିଛନ୍ଦ ପଟ୍ଟନାୟକ ବାରମ୍ବାର ବ୍ୟବହାର କରିଛନ୍ତି ।

(ରଚନାକାଳ ୧୮୮୨ ସାଲ)

ମୁର୍ଶିଦ କୁଲିଖାଁଙ୍କର ରାଜ୍ୟଶାସନ ନୀତି ପ୍ରଶଂସନୀୟ ଥିଲା । ସେ ବିଚାରାସନରେ ଉପବେଶନ କରି ଆତ୍ମାକୁ ସର୍ବଦା ନ୍ୟାୟ ମାର୍ଗରେ ଚାଳିତ କରୁଥିଲେ ।

(ସାହିତ୍ୟପାଠ ଜଗନ୍ନାଥ ମହାପାତ୍ର ଓ ମୃତ୍ୟୁଞ୍ଜୟ ରଥ)

ଦୁର୍ମଦ ଦୁର୍ଯ୍ୟୋଧନ ସୁଭଗ ମାନ୍ୟ କର୍ଣ୍ଣାଦି ଆତ୍ମୀୟ ସ୍ୱଜନ ଏବଂ ଦିବ୍ୟାଭରଣ ଭୂଷିତ ବନ୍ଧୁଜନଙ୍କୁ ଘେନି ମହାସମାରୋହରେ ଦ୍ୱୈତବନକୁ ଯାତ୍ରା କଲେ ।

ଏହି ବାକ୍ୟବିନ୍ୟାସ ଓ ଶବ୍ଦଯୋଜନା ସହିତ ତୁଳନା କରାଯାଉ:- "ରେଲପଥରେ ସ୍ଥାନେ ସ୍ଥାନେ ପ୍ରୟୋଜନାନୁସାରେ ରେଲମାର୍ଗଚାରୀ ଶକଟମାନଙ୍କୁ ଏକ ଲୌହ ବର୍ତ୍ମ ସନ୍ନିହିତ ଅନ୍ୟବର୍ତ୍ମକୁ ସଞ୍ଚାଳିତ କରିଦେବା ପାଇଁ ପଏଣ୍ଟ ନାମକ ଏକ କଳ ଅଛି ।"

(ସାହିତ୍ୟ ପ୍ରସଙ୍ଗ ମଧୁସୁଦନ ରାଓ)

ପ୍ରକାଣ୍ଡ ହିମାଦ୍ରି ପ୍ରଦେଶ ଦିଗ ଦିଗନ୍ତର ପ୍ରସାରିତ ମହାସମୁଦ୍ରସଦୃଶ, ସେଥିରେ ଗଗନଭେଦୀ ଗୌରୀଶଙ୍କରାଦି ମହାନ ତୁଷାରକିରୀଟି ଶତ ଶତ ଧବଳ ଗିରି-ଶିଖରମାଳା ସମୁଦ୍ର ବକ୍ଷରେ ନିୟତ ପ୍ରକାଶିତ ଉତ୍ତୁଙ୍ଗ ଲହରୀମାଳା ପରି ଶାଶ୍ୱତ ମହିମାରେ ବିରାଜିତ ।"

(ସାହିତ୍ୟ ପ୍ରସଙ୍ଗ ୧୮୦ ପୃଷ୍ଠା)

Digitized by srujanika@gmail.com

"ପୃଥିବୀର ଆଦି ସଭ୍ୟ ଭାରତବର୍ଷସ୍ଥ ଆର୍ଯ୍ୟ ଜାତିର ଗୌରବ ରବି ବହୁକାଳ ହେଲା ଅସ୍ତମିତ ହୋଇଅଛି, ସେମାନଙ୍କର କୀର୍ତ୍ତି, ଗୌରବ, ଶୌର୍ଯ୍ୟ, ବୀର୍ଯ୍ୟ,ସମସ୍ତ କାଳର ଦାରୁଣ ଶାସନରେ ବିଲୁପ୍ତ ହୋଇଅଛି। କିନ୍ତୁ ସେମାନଙ୍କର ସାହିତ୍ୟକୋଷରେ ଯେଉଁ ସବୁ ଅମୂଲ୍ୟରତ୍ନ ସଞ୍ଚିତ ଥିଲା, ତାହାର ସୁବିମଳ ଜ୍ୟୋତି ଦୀନହୀନ ଭାରତୀୟମାନଙ୍କର ନୈରାଶ୍ୟ ଜର୍ଜରିତ ଏବଂ ନିବିଡ଼ ଅନ୍ଧକାରମୟ ହୃଦୟରେ ସୁଦ୍ଧା ମୃତ- ସଂଜୀବନୀ ଆଶାର ପ୍ରଭାକୁ ଜାଗ୍ରତ ଏବଂ ସଂଦୀପ୍ତ କରୁଅଛି।'

[ପ୍ରବନ୍ଧ ମାଳା ୫୯ ପୃଷ୍ଠା ମଧୁସୂଦନ]

"ଏହି ମହାମନ୍ଦିରର ସମସ୍ତ ମୂର୍ତ୍ତି ବର୍ଣ୍ଣନା କରିବାକୁ ବସିଲେ ବହୁ ସ୍ଥାନ ବ୍ୟାପିଯିବ, ସର୍ବ ମହାପୁରାଣ ବର୍ଣ୍ଣିତ ମୂର୍ତ୍ତିମାନ ଏହିଠାରେ ରୁଣ୍ଡ। ତେଣୁ ଏହାକୁ ପୁରାଣ ବର୍ଣ୍ଣିତ କଥାର ଗୋଟିଏ ସ୍ଥାୟୀ ଆଲେଖ୍ୟପଟ କହିଲେ ଅତ୍ୟୁକ୍ତି ହେବ ନାହିଁ।ଏହି ଚିତ୍ରଫଳକ ନିରୀକ୍ଷଣ କଲେ ଦର୍ଶକ କଳ୍ପନା ଯାନରେ ଥରେ ସେହି ପୁରାଣ କୀର୍ତ୍ତିତ ଅତୀନ୍ଦ୍ରିୟ ରାଜ୍ୟ ବିଚରଣ କରି ଆସେ।''

[ପ୍ରବନ୍ଧପାଠ, ମୃତ୍ୟୁଞ୍ଜୟ ରଥ ପୃ ୫୪ଷ୍ଠା]

ମୃତ୍ୟୁଞ୍ଜୟ ରଥ ତାଙ୍କର ଏହି ପ୍ରବନ୍ଧପାଠରେ ଭାଷା ଉପରେ ଗୋଟିଏ ସମୀକ୍ଷା ଦେଇଛନ୍ତି। ଏଠାରେ ତାହାର ଉଦ୍ଧୃତି ଆବଶ୍ୟକ। କାରଣ ରଥେ ଏ କଥା ସ୍ୱୀକାର କରିଛନ୍ତି ଯେ ଭାଷାର ଉନ୍ନତି ବା ଅବନତି ପରିବର୍ତ୍ତନ ଓ ପରିବର୍ଦ୍ଧନ ବହୁ ପରିମାଣରେ ' ପ୍ରବାହାନ୍ୱିତା ନଦୀ ପରି'। ଯଥା : –

"ବୌଦ୍ଧ ଯୁଗରେ ଧର୍ମବିପ୍ଳବ ସମୟରେ ସଂସ୍କୃତ ଭାଷା ରାଜ୍ୟର ଅନେକାଂଶରେ ପବର୍ତ୍ତନ ଘଟିଥିଲା। ଓଡ଼ିଶାରେ ମୁସଲମାନଙ୍କ ରାଜ୍ୟତ୍ୱ କାଳରେ ଟୋଡ଼ରମଲ୍ଲଙ୍କର ପ୍ରବର୍ତ୍ତନ ଦ୍ୱାରା ଓଡ଼ିଆ ଶବ୍ଦ ପରିବର୍ତ୍ତରେ ପାରସିକ ଶବ୍ଦର ପ୍ରଚଳନ ତାହାର ଅନ୍ୟତମ ଦୃଷ୍ଟାନ୍ତ। 'ଗ୍ରାମ, ଦଣ୍ଡପାଟ,ଭୂଇଁଆ, ପ୍ରଧାନ, ବିଷୁଆଳ [ବିଷୟପାଳ] ପ୍ରଭୃତି ସ୍ଥଳରେ ମୌଜା,ପ୍ରଗନା, ଜମିଦାର,ମକଦ୍ଦମ, ତହସିଲଦାର ପ୍ରଭୃତି ଶବ୍ଦ ବସିଅଛି।.... ପୂର୍ବର ସେହି 'ଗ୍ରାମ' 'ଦଣ୍ଡପାଟ' ପ୍ରଭୃତି ଆଉ କାହାରି ଦୃଷ୍ଟି ଗୋଚର ହେଉନାହିଁ। 'ମୌଜା, ପ୍ରଗନା ପ୍ରଭୃତି ସେଗୁଡ଼ିକ ଗର୍ଭସାତ୍ କରି ପକାଇଛି। ବର୍ତ୍ତମାନ ସେହି ପ୍ରକୃତ ବସ୍ତୁକୁ ଉଦ୍ଧାର କରିବାକୁ ଶକ୍ତି ସାମର୍ଥ୍ୟ ନାହିଁ।ପୁଣି ଏହା ଉପରେ ଆଉ କେଉଁ ସ୍ତର ମାଡ଼ିଯିବ ତାହା କିଏ କହିପାରେ ?"

ପରବର୍ତ୍ତୀ କାଳରେ ସମାନଧର୍ମୀ ଗଦ୍ୟଭାଷା ଯେଉଁମାନଙ୍କର ଲେଖାରେ ସ୍ଥାନ ପାଇଥିଲା ସେମାନଙ୍କର ସଂଖ୍ୟା ଊଣା ନୁହେଁ। ମଧୁସୂଦନଙ୍କ ପରେ ବହୁ କାଳ

Digitized by srujanika@gmail.com

ଯାଏ ତାଙ୍କରି ଶବ୍ଦବିନ୍ୟାସ ଓ ରଚନାଶୈଳୀ ବହୁ ଲେଖକଙ୍କର ଆଦର୍ଶ ହୋଇ ରହି ଆସିଛି ।

"ସେମାନେ ଯେ କେବଳ ଅନ୍ଧକାର ମଧ୍ୟକୁ ଅନୁମାନ କରି ଲୋଷ୍ଟ୍ର ନିକ୍ଷେପ କରି ଅଛନ୍ତି ଏହା ସେମାନେ ନିଜେ ସ୍ୱୀକାର କରିଅଛନ୍ତି ।"

[କାଳିଦାସ ସନ୍ଦର୍ଭ କୁଳମଣି ଦାସ ୧୯୨୩ ସାଲ ପୃଷ୍ଠା ୪]

"ତତ୍‌କାଳୀନ ଭାରତର ଚତୁର୍ଦ୍ଦିଗରେ ଏକ ଅଶାନ୍ତ-ଛାୟା ନିପତିତ ହୋଇଥିଲା ।"

"ଦିନେ ବୌଦ୍ଧ ଯତିଗଣ ଅହିଂସା ପ୍ରାଧାନ୍ୟ ପ୍ରଚାର କରି ଭାରତର କ୍ଷେତ୍ରରେ ଯେଉଁ କୀର୍ତ୍ତି ପତାକା ଉଡ୍‌ଡ୍ଡୀନ କରିଥିଲେ ଆଜି ତାହା କାହିଁ?"

"ସୁତରାଂ ସେ ପ୍ରବର୍ଦ୍ଧିତ ପ୍ରଣୟାବେଗରେ ଅଧୀର ହୋଇ ବଳ ପ୍ରୟୋଗ ଲାଗି କୃତସଂକଳ୍ପ ହେଲେ ।"

[ଇତିହାସ ପ୍ରସଙ୍ଗ, ଚିନ୍ତାମଣି ଆଚାର୍ଯ୍ୟ - ୧୯୧୬ ସାଲ]

ପ୍ୟାରୀମୋହନଙ୍କ 'ଓଡ଼ିଶାର ଇତିହାସ'ର ଦ୍ୱିତୀୟ ସଂସ୍କରଣର ଭୂମିକାରେ ବିଶ୍ୱନାଥ କର ଲେଖିଛନ୍ତି "ଆଧୁନିକ[୧୯୨୫] ଓଡ଼ିଆ ଭାଷା ଅପେକ୍ଷାକୃତ ମାର୍ଜିତ ଓ ପୁଷ୍ଟ ହୋଇଥିଲେ ହେଁ କେତେକ ପରିମାଣରେ ବିକୃତ ମଧ୍ୟ ହୋଇ ପଡ଼ିଅଛି । ତାହାର ସେହି ଆଦିମ ଅକୃତ୍ରିମ ମାଧୁରୀ ଟିକକ ଯେପରି ହରାଇ ବସିଅଛି ।" ବିଶ୍ୱନାଥ କରଙ୍କର ବକ୍ତବ୍ୟ ଥିଲା ଯେ ୧୯୨୫ ଠାରୁ ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଅର୍ଥାତ୍ ୧୮୭୫ ମସିହା ବେଳକୁ ପ୍ୟାରୀମୋହନ ଯେଉଁ ଲେଖା ଲେଖିଥିଲେ ତାହା ଓଡ଼ିଆ ଭାଷାର ଆଦିମ ଅକୃତିମ ମାଧୁରୀ ହରାଇ ବସି ନ ଥିଲା । ଏହାର ପ୍ରମାଣ :

'ଏହି ପୁସ୍ତକର ପରିଶିଷ୍ଟରେ କେବଳ ଖଣ୍ଡଗିରି ପାର୍ଶ୍ୱବର୍ତ୍ତୀ ଉଦୟଗିରି ଏବଂ ଧଉଳିଗିରି ଅଙ୍କନଦ୍ୱୟର ଯଥୋଚିତ ଅନୁବାଦ ଏବଂ ସ୍ୱାଧୀନ ହିନ୍ଦୁରଜାଙ୍କର ଏକ ନିର୍ଘଣ୍ଟ ପ୍ରକାଶିତ ହେଲା । ଗଞ୍ଜାମ ଓ ସମ୍ବଲପୁର ଉତ୍କଳ ଦେଶର ଅନ୍ତର୍ଗତ ଅଟେ ।ସେଠା ଲୋକଙ୍କର ଓଡ଼ିଆ ମାତୃଭାଷା ଓ ସର୍ବ ଅଂଶରେ ସେମାନେ ଓଡ଼ିଆ ।

[ଓଡ଼ିଶାର ଇତିହାସ, ପ୍ରଥମ ସଂସ୍କରଣର ଭୂମିକା, ପ୍ୟାରୀମୋହନ ଆଚାର୍ଯ୍ୟ]

ଓଡ଼ିଶାରେ ଜଗନ୍ନାଥ ପ୍ରଭୃତିଙ୍କ ଯୋଗୁଁ ଜାତିବନ୍ଧନର ଶିଥିଳତା ଯେପରି ତୀର୍ଥ ସ୍ଥଳମାନଙ୍କରେ ଦେଖାଯାଏ, ସେହିପରି ତିର୍ଥ ଛଡ଼ା ଅନ୍ୟତ୍ର ହିନ୍ଦୁ ସମାଜ ମଧ୍ୟରେ ଜାତି ଓ ବର୍ଣ୍ଣ ବିଚାରର ପରାକାଷ୍ଠା ଓଡ଼ିଶାରେ ଦୃଷ୍ଟ ହୁଏ ।

(ସେଇ ଭୂମିକା)

Digitized by srujanika@gmail.com

ପ୍ୟାରିମୋହନଙ୍କ ଏହି ଲେଖା ସହିତ ପରବର୍ତ୍ତୀ କାଳରେ କୃପାସିନ୍ଧୁଙ୍କର ଉତ୍କଳ ଇତିହାସରେ କଳାପାହାଡ଼ର ଆକ୍ରମଣ ତୁଳନା କରାଯାଇପାରେ।

"କଳାପାହଡ଼ର ଆକ୍ରମଣ ଓ ଅତ୍ୟାଚାର ଉତ୍କଳ ପ୍ରାଣରେ ମହା ଆତଙ୍କ ଜନ୍ମାଇଥିଲା। ସେହି ଅତ୍ୟାଚାରର ବିଭୀଷିକା ଅଦ୍ୟାପି ଲୋକେ ଶିଶୁମାନଙ୍କ ଆଗରେ ଗାନ କରନ୍ତି।ବାରବାଟି ଲୁହା ବାଡ଼ ପାଚେରୀ ଅଭେଦ୍ୟ ଥିଲା। କଳାପାହାଡ଼ ସେ ଦୁର୍ଗ ଅଧିକାର କରି ମୁକୁନ୍ଦଦେଙ୍କ ରାଣୀଙ୍କୁ ବନ୍ଦୀ କରିବାକୁ ବସନ୍ତେ, ରାଣି ସୁନା ହିରା ଆଦି ବହୁମୂଲ୍ୟ ରତ୍ନ ଉପହାର ଦେଇ କଳାପାହାଡ଼ର ପାଶବିକତା କିଛି ଶାନ୍ତ କରିଥିଲେ । କଳାପାହାଡ ପ୍ରଥମେ 'ବ୍ରାହ୍ମଣ ସନ୍ତାନ' ଥିଲା । ପରେ ଜଣେ ପରମାସୁନ୍ଦରୀ ମୁସଲମାନ କନ୍ୟାର ପ୍ରେମରେ ପଡ଼ି ମୁସଲମାନ ହୋଇ ହିନ୍ଦୁ ଧର୍ମ ଓ ଦେବାଦେବୀଙ୍କୁ ଅବମାନନା କରିବା ଜୀବନର ପ୍ରଧାନ କାର୍ଯ୍ୟ ବୋଲି ଜ୍ଞାନ କରିଥିଲା।ଭୁବନେଶ୍ବରରେ ଯିଅନ୍ତା ପାଶବିକତା ଆଚରଣ କରି କଳାପାହାଡ଼ ପୁରୀ ଆକ୍ରମଣ କଲା। ପଣ୍ଡାମାନେ କଳାପାହାଡ଼ର ଦୁରନ୍ତ ଅଭିପ୍ରାୟ ବୁଝି ପୂର୍ବରୁ ଜଗନ୍ନାଥ ଦେବଂକୁ ସଙ୍ଗେଧରି ଚିଲିକା ମଧ୍ୟସ୍ଥ ପାରିକୁଦରେ ଲୁଚାଇ ରଖିଲେ। କଳାପାହାଡ଼ ପୁରୀରେ ବହୁବିଧ ଅତ୍ୟାଚାରମାନ କରି ଜଗନ୍ନାଥ ଅନ୍ୱେଷଣରେ ଗଲା । କୌଣସି ମତେ ଜଗନ୍ନାଥଙ୍କୁ ପାଇ ଏକ ହାତୀ ଉପରେ ଲଦି ଗଙ୍ଗାକୂଳକୁ ଘେନି ଗଲା। ସେଠାରେ ଶ୍ମଶାନରେ ଏକ ଜ୍ୱଳନ୍ତ ଚିତାରେ ସେ ଜଗନ୍ନାଥଙ୍କୁ ନିକ୍ଷେପ କଲା, ବିଶାର ମହାନ୍ତି ନାମକ ଏକ ପରମଭକ୍ତ ଗୋପନରେ ଜଗନ୍ନାଥଙ୍କ ସଙ୍ଗେ ସଙ୍ଗେ ଥିଲେ । ଜଗନ୍ନାଥ ସମ୍ପୂର୍ଣ୍ଣ ଦଗ୍‌ଧ ନ ହେଉଣୁ ବିଶାର କୌଣସିମତେ ତାହାଙ୍କ ନାଭି ସ୍ଥଳ ବ୍ରହ୍ମଙ୍କୁ ଉଦ୍ଧାର କରି ସ୍ୱଦେଶକୁ ଫେରି ଆସିଲେ । କୁଜଙ୍ଗରାଜା ସେ ବ୍ରହ୍ମ ପାଇ ନବକଳେବର ବସାଇ ପୁନର୍ବାର ଜଗନ୍ନାଥ ପ୍ରତିଷ୍ଠା କରାଇଲେ ।

କେବଳ ଏତିକିରେ କଳାପାହାଡ଼ର ପାଶବ ପ୍ରବୃତ୍ତି ଚରିତାର୍ଥ ହୋଇ ନ ଥିଲା । ଉତ୍କଳର ସର୍ବଶ୍ରେଷ୍ଠ କୀର୍ତ୍ତୀ, ଉତ୍କଳ ଇତିହାସର ଅମୂଲ୍ୟ ସମ୍ପଦ କୋଣାର୍କ କଳାପାହାଡ଼ର ପାଶବିକତାରେ ଚିରକାଳ ନିମନ୍ତେ ଅସ୍ତମିତ ହେଲା । କୋଣାର୍କ ର ଶିଳ୍ପ ବିଭବରେ କଳାପାହାଡ଼ର ବିଦ୍ୱେଷ ବହ୍ନି ଜଳି ଉଠିଲା । କୋଣାର୍କ ପରି ବିରାଟ ମନ୍ଦିର ଭାଙ୍ଗିବା ତାହା ପକ୍ଷେ ଅସମ୍ଭବ ଥିଲା । ସୁତରାଂ ବଡ଼ଦେଉଳ ଉପରୁ କଳସ ପ୍ରଭୃତି ସେ ଭାଙ୍ଗି ଦେଲା । ଉପରୁ ଚାପ ଅଭାବରେ କାଳକ୍ରମେ ବଡ଼ଦେଉଳର କାନ୍ଥଗୁଡ଼ିକ ଭାଙ୍ଗି ପଡ଼ିଲା ଏବଂ କୋଣାର୍କ ଦେବ ସେଠାରୁ ଆସି ପୁରୀ ମନ୍ଦିର ମଧ୍ୟରେ ରଖାଗଲେ ।

(କୃପାସିନ୍ଧୁ ମିଶ୍ର, ଉତ୍କଳ ଇତିହାସ)

Digitized by srujanika@gmail.com

'ଅଧୁନା ବେହାରର (ମଗଧ) କରଣ ଶ୍ରେଣୀୟ କାୟସ୍ଥଙ୍କ ପୂର୍ବପୁରୁଷେ ଏଠା କରଣଙ୍କର ଗୋଷ୍ଠୀର ମୂଳ । ପ୍ରବାଦ ପ୍ରଚଳିତ ଅଛି, ସାର୍ଦ୍ଧ ଦୁଇଘର କରଣ, ଏହା ନିଃସନ୍ଦେହ କଥା ।"

(ସେଇ ଭୂମିକା)

ପ୍ୟାରୀମୋହନଙ୍କର 'ଓଡ଼ିଶାର ଇତିହାସ' ଭାଷାର ସୌଷ୍ଠବ ଓ ବିଶ୍ୱନାଥ କରଙ୍କ କଥାରେ 'ଅକୃତ୍ରିମ ମାଧୁରୀ'ର ଏକ ଗନ୍ତାଘର । ତାଙ୍କର ଘଟଣା ବର୍ଣ୍ଣନା ଅନେକ ବେଳେ ଫକୀରମୋହନଙ୍କର ଶୈଳୀକୁ ମନେପକାଇ ଦିଏ । ତାଙ୍କରି ଲେଖାରୁ ଜଣାପଡ଼େ ଯେ ବ୍ରାହ୍ମ ଧର୍ମର ପ୍ରଭାବ ପ୍ୟାରୀମୋହନଙ୍କୁ ମଧୁସୂଦନଙ୍କ ଭଳି ଏତେ ଘାରି ନଥିଲା । ଉଦାତ୍ତ ସଂସ୍କୃତ ବହୁଳ ଭାଷା ତାଙ୍କର ନ ଥିଲା । ବରଂ ଅନେକ ସ୍ଥଳରେ ତାଙ୍କର ଭାଷା ଆଜିର କଥାବାର୍ତ୍ତାର ଭାଷା ସହ ମିଳିଯାଉଛି । ଚିନ୍ତାମଣି ଆଚାର୍ଯ୍ୟଙ୍କର 'ଇତିହାସ ପ୍ରସଙ୍ଗ' କି ଭଳି ମଧୁସୂଦନ ସାଧୁକୃତ ଭାଷାଦ୍ୱାରା ବିକଳ ହୋଇଛି ତାହା ପ୍ୟାରିମୋହନଙ୍କର 'ଓଡ଼ିଶାର ଇତିହାସ'ର ତୁଳନାରୁ ସ୍ପଷ୍ଟ ହୋଇଯିବ । ସମୁଦାୟ ଇତିହାସ ଭାଷାର ମନୋଜ୍ଞତା ଓ ଅକୃତ୍ରିମତା ଦୃଷ୍ଟିରେ ଏକ ମହାନ ସମ୍ପଦ । ତଥାପି ସେହି ପୋଥି ଆଜିର ଓଡ଼ିଆର ପାଠ୍ୟ ସାହିତ୍ୟରେ ଏଭଳି ବିରଳ ଯେ ସେଥିରୁ ଉଦ୍ଧୃତ କରିବାର ଇଚ୍ଛା ଦମନ କରିବା ଅସମ୍ଭବ ।

'ପୁରୀ ବିଜେତା କଳାପାହାଡ଼, ଏପରି କଥିତ ଅଛି ଯେ, ପ୍ରଥମେ ବ୍ରାହ୍ମଣର ସନ୍ତାନ ଥିଲେ ।ଏକ ରୂପ ଲାବଣ୍ୟ ସମ୍ପନ୍ନା ମୁସଲମାନ କନ୍ୟାର ପ୍ରଣୟ ପାଶରେ ବଦ୍ଧ ହୋଇ ମୁସଲମାନ ଧର୍ମ ଗ୍ରହଣ କରିଥିଲେ । ସେହି ଦିନଠାରୁ ହିନ୍ଦୁଧର୍ମ ପ୍ରତି ତାଙ୍କର ଘୋର ଈର୍ଷା ଜନ୍ମି ଥିଲା । ପୁରୀ ଜୟକରି ହିନ୍ଦୁଦେବତାଙ୍କ ଉପରେ କଳାପାହଡ଼ ଘୋର ଅତ୍ୟାଚାର ଆରମ୍ଭ କଲେ । ଜଗନ୍ନାଥଦେବଙ୍କ ସେବକମାନେ ଜଗନ୍ନାଥଙ୍କୁ ଘେନି ଚିଲିକା ହ୍ରଦ ତଟବର୍ତ୍ତୀ ପାରିକୁଦ ନାମକ ସ୍ଥାନରେ ପୋତି ରଖିଲେ । ଦୁର୍ଦ୍ଦାନ୍ତ କଳାପାହାଡ଼ ସେ ବିଷୟରେ ସନ୍ଧାନ ପାଇ ପାରିକୁଦଠାକୁ ଯାଇ ଜଗନ୍ନାଥ ଦେବଙ୍କୁ ଖୋଳି ହସ୍ତୀ ପିଠିରେ ଲଦି ଗଙ୍ଗା କୂଳକୁ ଘେନି ଗଲେ ଓ ଗଙ୍ଗାକୂଳରେ ଜଳୁଥିବା ଏକ ଚିତା ବହ୍ନିରେ ଜଗନ୍ନାଥଙ୍କୁ ପୋଡ଼ିଦେବା ପାଇଁ ନିକ୍ଷେପ କଲେ । କିନ୍ତୁ ଓଡ଼ିଆବାସୀଙ୍କ ଜଗନ୍ନାଥ ପ୍ରତି ଭକ୍ତି ତାଙ୍କୁ ସଂପୂର୍ଣ୍ଣରୂପେ ଦଗ୍ଧୀଭୂତ ହେବାକୁ ଦେଲାନାହିଁ । ଜଗନ୍ନାଥଙ୍କ ଚିତା ଅଗ୍ନିରେ ପୋଡ଼ି ନ ଯାଉଣୁ ବିଶାର ମହାନ୍ତି ନାମକ ଏକ ବ୍ୟକ୍ତି ତାଙ୍କୁ ଓଟାରି ନେଲା ଓ ତାଙ୍କ ନାଭିମୂଳ ଉଦ୍ଧାର କରିନେଇ ଓଡ଼ିଶାକୁ ପ୍ରତ୍ୟାଗତ ହେଲା । କୁଜଙ୍ଗ ରାଜା ଅବଶେଷରେ

Digitized by srujanika@gmail.com

ଜଗନ୍ନାଥଙ୍କର ସେହି ନାଭିମୂଳ ପ୍ରାପ୍ତ ହୋଇ ତାଙ୍କର ପ୍ରତିଷ୍ଠାଦି କରାଇଥିଲେ।

(ଓଡ଼ିଶାର ଇତିହାସ, ପ୍ୟାରିମୋହନ ଆଚାର୍ଯ୍ୟ ପୃ ୧୫୨)

ସାରଳା ଦାସଙ୍କ ପରେ ଉପେନ୍ଦ୍ରଭଞ୍ଜଙ୍କର ରୀତିକବିତା ଯେଉଁଳି ଭିନ୍ନ ମାର୍ଗ ଧରିଥିଲା ଠିକ୍ ସେପରି ଫକୀରମୋହନ ଆଉ ପ୍ୟାରିମୋହନଙ୍କ ପରେ ଓଡ଼ିଶାର ଗଦ୍ୟଭାଷା ଯେ 'ରୀତିଗଦ୍ୟ'ରେ ପରିଣତ ହୋଇଥିଲା ତାହାର ପ୍ରମାଣ ପାଇଁ ଏହାହିଁ ଉପଯୁକ୍ତ। ମଧୁସୂଦନଙ୍କର ପ୍ରଭାବିତ ଗଦ୍ୟ ଭାଷା ସହିତ ଏହାର ତୁଳନାରୁ ଏକଥା ବୁଝିବା କଷ୍ଟକର ନୁହେଁ।

❐ ❖ ❐

Digitized by srujanika@gmail.com

ବିଜ୍ଞାନ ଓ ବିଦ୍ୟା

"ଯଦିଚ ସତ୍‌ଜ୍ଞାନ ବିଜ୍ଞାନ ତଥା ବିଦ୍ୟାର ଭିତ୍ତି ଅଟେ, ଏ ଦୁହିଁଙ୍କ ମଧ୍ୟରେ ପ୍ରଭେଦ ରହିଅଛି। ଯେଉଁ ଜ୍ଞାନ ବ୍ୟକ୍ତିଗତ ବା ବସ୍ତୁଗତ ନୁହେଁ, ଅର୍ଥାତ ଯେଉଁ ଜ୍ଞାନ କୌଣସି ବିଶେଷ ବସ୍ତୁର ବିନାଶ ସଙ୍ଗେ ସଙ୍ଗେ ତିରୋହିତ ନ ହୁଏ ଓ ଯେଉଁ ଜ୍ଞାନରେ ସର୍ବସାଧାରଣଙ୍କର ବିଶ୍ୱାସ ଥାଏ ଓ ଯେଉଁ ଜ୍ଞାନ ଭୂତ ଓ ଭବିଷ୍ୟତକୁ ମଧ ଆଲୋକ ଦିଏ, ଏହିପରି ସ୍ଥାୟୀ ଜ୍ଞାନ ସଞ୍ଚୟର ନାମ ଜ୍ଞାନବୃଦ୍ଧି , ଏବଂ ବିଜ୍ଞାନଗୁଡ଼ିକ ବିଷୟର ପାର୍ଥକ୍ୟ ନେଇ, ପରସ୍ପରଠାରୁ ବିଭିନ୍ନ ହେଲେହେଁ, ଆମ୍ଭମାନଙ୍କର ଜ୍ଞାନ ସମର୍ଦ୍ଧକ ବିଜ୍ଞାନ ଜଗତର ମୌଳିକ ଲକ୍ଷ୍ୟ ଅଟେ। ସତ୍ୟର ଅନୁସନ୍ଧାନ ଓ ସ୍ଥାପନ ପ୍ରତ୍ୟେକ ବିଜ୍ଞାନର କାର୍ଯ୍ୟ,କିନ୍ତୁ ବୈଜ୍ଞାନିକ ସତ୍ୟ ସାହାଯ୍ୟରେ କୌଣସି ବିଶିଷ୍ଟ ଉଦ୍ଦେଶ୍ୟ ଗଠନକଲେ ତାହାକୁ ବିଦ୍ୟା ବା କଳାବିଦ୍ୟା କୁହାଯାଏ।''

ବିପିନବିହାରୀ ରାୟଙ୍କର ତର୍କ ବିଜ୍ଞାନରେ ବିଜ୍ଞାନ ଓ ବିଦ୍ୟାର ତାରତମ୍ୟର ସଂଜ୍ଞା ଦିଆଯାଇଛି ।ଏହାର ଭାଷା ହେଉଛି– ଯେତେଦୂର ଜଣାପଡ଼େ ଅନୁବାଦର ଭାଷା। ତେବେ ବିଜ୍ଞାନ କ୍ଷେତ୍ରରେ 'ତର୍କ ବିଜ୍ଞାନ' ପହିଲି ଉଦ୍ୟମ ନୁହେଁ।ଅବଶ୍ୟ ବିପିନବାବୁଙ୍କର ୧୯୨୫ ମସିହାର ଏ ଉଚ୍ଚାଭିଳାଷୀ ଉଦ୍ୟମ ଯଥେଷ୍ଟ ସାହସିକ କହିଲେ ହୁଏ।ତେବେ ବି ଏହାର ବହୁପୂର୍ବରୁ ଓଡ଼ିଆ ଭାଷାର ପରିଧି ଭିତରକୁ ବିଜ୍ଞାନ ଓ ବିଦ୍ୟାର ବହୁ ପରିଭାଷା ପ୍ରବେଶ କରିଥିଲା।୧୮୭୮ ସାଲରେ ପ୍ରକାଶିତ ବାଲେଶ୍ୱରର ଭୋଳାନାଥ ଦାସଙ୍କର ସରଳ ରସାୟନ ବିଜ୍ଞାନ ଏହି କ୍ଷେତ୍ରରେ ଏକ ଆଦ୍ୟକଥନ ଭଳି ମନେହୁଏ। କୁମାର ବୈକୁଣ୍ଠନାଥ ଦେ ମହାଶୟଙ୍କ ପ୍ରତି ଉତ୍‌ସର୍ଗ କରି ଗ୍ରନ୍ଥକାର କହିଛନ୍ତି "ଆପଣ ଏହି ପୁସ୍ତକ ସଂକଳନ ନିମନ୍ତେ ଓଡ଼ିଆ ଶିକ୍ଷା ବିଭାଗର ଜଏଣ୍ଟ ଇନିସ୍‌ପେକ୍‌ଟର ମହୋଦୟଙ୍କ ହସ୍ତରେ ଯେଉଁ ପୁରସ୍କାର ନ୍ୟସ୍ତ କରିଥିଲେ ତାହାପ୍ରତିଯୋଗିତା ଦ୍ୱାରା ମୁଁ ପ୍ରାପ୍ତ ହୋଇଅଛି।(ମୋତେ ପ୍ରାପ୍ତ ହୋଇଅଛି) ।

Digitized by srujanika@gmail.com

ଚାରୁପାଠର ଭାଷା

ଏଥିପୂର୍ବରୁ ବିଚ୍ଛେନ୍ଦ ପଟ୍ଟନାୟକଙ୍କର ଅନୂଦିତ ଅକ୍ଷୟ କୁମାର ଦତ୍ତଙ୍କର ଚାରୁପାଠରେ କେତେ ବିଜ୍ଞାନ ପରିଭାଷାର ବ୍ୟବହାର ଥିଲା। ସେ ଭାଷା ଖାଣ୍ଟି ବଙ୍ଗଳା କିନ୍ତୁ ତାହା ଏବେ ବି ବଙ୍ଗଦେଶରେ ଦୁର୍ବୋଧ। ଆମେରିକାର ଦକ୍ଷିଣଖଣ୍ଡରେ 'ଗୋପାଦ' ନାମରେ ଏକ ପ୍ରକାର ବୃକ୍ଷ; ଆଫ୍ରିକା ଖଣ୍ଡରେ 'ମେଦ ବୃକ୍ଷ' ନାମରେ ଆଉ ଏକ ପ୍ରକାର ବୃକ୍ଷ; ଅର୍ଣ୍ଣବ ଯାନ; ବାଷ୍ପୀୟ ରଥ; ନିର୍ବାଣ ଆଗ୍ନେୟ - ପର୍ବତ; ବୁରୁଲ; ଧାତୁ - ନିସ୍ରବ ଇତ୍ୟାଦି ଶବ୍ଦର ପ୍ରଚଳନ ଅଧୁନାଲୁପ୍ତ।

ତଥାପି 'ଚାରୁପାଠ'ରେ ଆଗ୍ନେୟଗିରି ଆଉ ମଧୁସୂଦନ ରାଓଙ୍କର ସାହିତ୍ୟ ପ୍ରସଙ୍ଗର ଆଗ୍ନେୟଗିରି ଭିତରେ ପୂର୍ବୋକ୍ତ ଲେଖାଟିର ବୈଜ୍ଞାନିକ ପରିଭାଷା ଅଧିକ ପରିଚ୍ଛନ୍ନ ଓ ଉପଯୋଗୀ ବୋଲି ଧାରଣା ହୁଏ। 'ଗଳିତ ଧାତୁସ୍ରୋତ' ଅପେକ୍ଷା ଧାତୁନିସ୍ରବ,ଉଦ୍‌ବମନ ଅପେକ୍ଷା ଉଦ୍‌ଗୀରଣ,ତରଳାଗ୍ନି ସ୍ରୋତ ଅପେକ୍ଷା ଅଗ୍ନିମୟ ତରଳ ପଦାର୍ଥ ଇତ୍ୟାଦି ଅଧିକ ସୁସମ୍ବଦ୍ଧ ଓ ଉପଯୁକ୍ତ ଶବ୍ଦ।

'ପୃଥିବୀର କୈନ୍ଦ୍ରିକ ଅଗ୍ନି ଅତିରିକ୍ତ ଅଗ୍ନିମୟ ପଦାର୍ଥକୁ ବାହାରକୁ ନିକ୍ଷେପ କରିବା ନିମନ୍ତେ ଚେଷ୍ଟା କରିବାରୁ ଅଗ୍ନ୍ୟୁତ୍‌ପାତ ସଂଘଟିତ ହୁଏ।

ଅନ୍ୟପକ୍ଷରେ (ସାହିତ୍ୟ ପ୍ରସଙ୍ଗ)

'ପୃଥିବୀର ଅଭ୍ୟନ୍ତର ଅତିଶୟ ଉଷ୍ଣ। ପୃଥିବୀର ପୃଷ୍ଠ ଦେଶରୁ ଯେଉଁ ସ୍ଥାନ ଯେତେ ନିମ୍ନ ସେ ସ୍ଥାନ ତେତେ ଉତ୍ତପ୍ତ। ୧୫/୧୬ କୋଶ ନିମ୍ନରେ ସମୁଦାୟ ସ୍ଥାନ ଅତ୍ୟୁଷ୍ଣ ତରଳ ପଦାର୍ଥରେ ପରିପୂର୍ଣ୍ଣ। ନାରିକେଳର ମଧ୍ୟଗତ ଜଳଭାଗ ଯେମନ୍ତେ କଠିଣ ଆବରଣରେ ଆବୃତ, ପୃଥିବୀ ଅଭ୍ୟନ୍ତରସ୍ଥ ତରଳ ବସ୍ତୁରାଶି ମଧ୍ୟ ସେହି ପ୍ରକାର କଠିନ ଆଚ୍ଛାଦନରେ ଆଚ୍ଛାଦିତ।ସମୁଦ୍ରର ଜଳ ଯେପ୍ରକାର କମ୍ପିତ ହୋଇ ତରଙ୍ଗ ଉତ୍‌ପାଦନ କରେ, ଅବନୀ ଗର୍ଭସ୍ଥ ଉଲ୍ଲିଖିତ ଅଗ୍ନିମୟ ମହାସାଗର ସୁଦ୍ଧା ସେହି ପ୍ରକାର କେବେ କେବେ କମ୍ପିତ ହୋଇ ତରଙ୍ଗମାଳା ଉତ୍‌ପାଦନ କରି ଥାଏ। ସେହି ତରଙ୍ଗଲାଗି ପୃଥିବୀ ପୃଷ୍ଠଦେଶ ସ୍ଥାନ ବିଶେଷରେ କମ୍ପିତ, ସ୍ଫୀତ ଓ ବିଦୀର୍ଣ୍ଣ ହୁଏ।'' (ଚାରୁପାଠ)

"ଚତୁର୍ଦ୍ଦିଗରେ ପୁଷ୍ପର ପାଖୁଡ଼ା, ତାହାର ମଧ୍ୟସ୍ଥଳରେ ଯେ କେତେଗୁଡ଼ିଏ ସରୁ ସରୁ ସୂତ୍ର ଥାଏ ତାହାକୁ କେଶର କହନ୍ତି।ତନ୍ମଧ୍ୟରେ ଯେ ସୂତ୍ରଗୁଚ୍ଛ ସର୍ବାପେକ୍ଷା ସ୍ଥୂଳ ତାହାର ନାମ ଗର୍ଭକେଶର ଓ ଅବଶିଷ୍ଟ ସମୁଦାୟକୁ ପରାଗ କେଶର କୁହାଯାଏ।ବୀଜକୋଷରେ ଯେଉଁ ବୀଜ ଥାଏ, ପ୍ରଥମରେ ତାହାର ଅଙ୍କୁରୋତ୍‌ପାଦନ ଶକ୍ତି ନ ଥାଏ।''

Digitized by srujanika@gmail.com

"ଦୀପମକ୍ଷିକା ଅନେକ ପ୍ରକାର।........ଆମେରିକାର ଦକ୍ଷିଣଖଣ୍ଡ ଏମାନଙ୍କର ଜନ୍ମ ସ୍ଥାନ। ବିଶେଷତଃ ତାହାର ଅନ୍ତଃପାତୀ ସରିନାମ ଦେଶରେ ଅନେକ ପ୍ରାପ୍ତ ହୁଅନ୍ତି।''

୧୮୭୮ ମସିହାରେ ପ୍ରକାଶିତ ରସାୟନ ବିଜ୍ଞାନ ପୁସ୍ତକରେ ଭୋଳାନାଥ ଦାସ ଯେଉଁ ସବୁ ବୈଜ୍ଞାନିକ ଶବ୍ଦ ବ୍ୟବହାର କରିଛନ୍ତି, ତାହାର ଏଠାରେ ଗୋଟିଏ ତାଲିକା କରାଯାଇପାରେ।

ରସାୟନର ସଂଜ୍ଞା ହେଲା "ଯେଉଁ ଶାସ୍ତ୍ର ଅଧ୍ୟୟନ କଲେ ଭୌତିକ ପଦାର୍ଥମାନଙ୍କର ଯୋଗ, ଯୌଗିକ ପଦାର୍ଥମାନଙ୍କର ଉତ୍ପତି ଏବଂ ଯୌଗିକ ପଦାର୍ଥମାନଙ୍କରୁ ବିଭକ୍ତ କରି ତଦନ୍ତର୍ଗତ ଭୌତିକ ପଦାର୍ଥ ସମୂହରେ ପୃଥକ୍‌କରଣ ଇତ୍ୟାଦିର ଜ୍ଞାନ ଜନ୍ମାଇ ତାହାକୁ ରସାୟନିକ ବିଜ୍ଞାନ ବୋଲି।''

୧୮୭୯ ସାଲରେ ସର୍ଜନ ମେଜର ଷ୍ଟିଓ୍ୟାର୍ଟ ନାମକ କଟକର ସିଭିଲସର୍ଜନ 'ଉତ୍କଳ ଦେଶୀୟ ଭର୍ଣ୍ଣାକୁଲର ସ୍କୁଲ ସମୂହର ପାଠ୍ୟର୍ଥେ' ଗୋଟିଏ ପଦାର୍ଥ ବିଜ୍ଞାନ ବହି ସଂକଳନ କରିଥିଲେ। କେଉଁ ବ୍ୟକ୍ତି ଏହି ବହିଟିର ବୈଜ୍ଞାନିକ ପରିଭାଷାର ଜନକ ତାହା ଜଣାପଡୁନାହିଁ। ତେବେ ରସାୟନ ବିଦ୍ୟା ଆଉ ପଦାର୍ଥ ବିଦ୍ୟାର ପାରିଭାଷିକମାନେ ସମାନ ସମାନ ଶବ୍ଦକୁ ସମାନ ସମାନ ଅର୍ଥରେ ବ୍ୟବହାର କରିଛନ୍ତି କି ନାହିଁ ଦେଖାଯାଉ।

ଯାହା ଇନ୍ଦ୍ରିୟ ଦ୍ୱାରା ଦୃଷ୍ଟିଗୋଚର ହୁଏ ବା ବୋଧହୁଏ ତାହାକୁ ଜଡ଼ ପଦାର୍ଥ(matter) କହନ୍ତି। (ଏଠାରେ 'ବୋଲି' ବ୍ୟବହାର ନ ହୋଇ 'କହନ୍ତି' ବ୍ୟବହାର ଦେଖିବାର କଥା।

(ପଦାର୍ଥ ବିଜ୍ଞାନ)

"ଯେଉଁ ଶକ୍ତି ଦ୍ୱାରା ଯୌଗିକ ପଦାର୍ଥ ମିଶ୍ରିତ ପଦାର୍ଥର ପ୍ରକୃତିକୁ ଯୋଗ କରି ଭିନ୍ନ ପ୍ରକୃତି ବିଶିଷ୍ଟ ହୁଏ ତାହାକୁ ରାସାୟନିକ ଆକର୍ଷଣ ବୋଲି' । ର:ବି:

ବୈଜ୍ଞାନିକ ଶବ୍ଦ	ରସାୟନ ବିଜ୍ଞାନ	ପଦାର୍ଥ ବିଜ୍ଞାନ
Matter	ଜଡ଼ପଦାର୍ଥ	ଜଡ଼ପଦାର୍ଥ
Compounds	ଯୌଗିକ ପଦାର୍ଥ	
Elements	ଭୌତିକ ପଦାର୍ଥ	
Atom	ପରମାଣୁ	ପରମାଣୁ
Elements	ରଢ଼ ପରମାଣୁ ବା ଭୂତ ଭୂତ ରଢ଼ ପଦାର୍ଥ	

Digitized by srujanika@gmail.com

Mechanical mixture	ଯୋଗାକର୍ଷଣ	
Chemical combination	ରାସାୟନିକ ଆକର୍ଷଣ	
Form	ଆକାର	ଆକାର
Dimension	ଆୟତନ	
Volume	ଆକୃତି	ଆକୃତି ,ଆୟତନ
Colour	ବର୍ଣ୍ଣ	ବର୍ଣ୍ଣ
Weight	ଭାର	ଭାର ବା ଗୁରୁତ୍ୱ
Density	ଘନତ୍ୱ	
Hydrogen (molecule)	ଜଳକର	
Oxygen(molecule)	ଅମ୍ଳକର	
Nitrogen (molecule)	ଯବକ୍ଷାରକର	
Mercuric Sulphide	ହିଙ୍ଗୁଳ	
Atomic weight	ପାରମାଣବିକ ଭାର	
Hydrogen Peroxide	ଅମ୍ଳ ଜଳକର	
Sulphurous Acid (SO_2 + H_2O)	ଗନ୍ଧକାୟାମ	
Sulphuric Acid	ମହାଦ୍ରାବକ	
Inorganic Elements	ଧାତବ ଜଡ଼ ପଦାର୍ଥ	
Organic Elements	ଅଧାତବ ଜଡ ପଦାର୍ଥ	
Oxygen (Atom)	ଅମ୍ଳଜାନ	
Hydrogen (Atom)	ଜଳଜାନ	
Nitrogen	ଯବକ୍ଷାରଜାନ	
Carbon	ଅଙ୍ଗାର	
Chlorine	ହରିତକ	
Bromine	ପୂତିକ	
Lodine	ଅରୁଣକ	
Flourin	କାଚଘ୍ନ	

Digitized by srujanika@gmail.com

Sulphur	ଗନ୍ଧକ	
Celenium	ଉପଗନ୍ଧକ	
Telurium	ଅନୁଗନ୍ଧକ	
Silicon	ସିକତାଦ୍	
Boron	ଉପାଙ୍ଗାର	
Phosphorous	ଦୀପକ	
Arsenic	ମନଃଶିଳା	
Gun powder	ରଞ୍ଜକ	
Tin	ଟିଣ	
Zinc	ଦସ୍ତା ରସାଞ୍ଜନ	
Elasticity	ସ୍ଥିତିସ୍ଥାପକତା	
General Property	ସ୍ଥିରଗୁଣ	ସ୍ଥିରଗୁଣ
Specific Property	ବିଶେଷ ଗୁଣ	ବିଶେଷ ଗୁଣ
Heat	ତାପ	
Light	ଆଲୁଅ	
Electricity	ବିଦ୍ୟୁତ	
Impenetrability	ସ୍ଥାନାବରୋଧକତା	
Divisibility	ବିଭାଜ୍ୟତା	
Indestructibility	ଅବିନାଶତା	
Porosity	ସଚ୍ଛିଦ୍ରତା	
Filter	ସ୍ରାବକ	
Filtration	ପରିସ୍ରାବଣ	
Compressibility	ସଂପେଷଣୀୟତା	
Inertia	ନିଶ୍ଚେଷ୍ଟତା	
Contraction	ସଂକୋଚ୍ୟତା	
Dilation	ବିସ୍ତାର୍ଯ୍ୟତା	
Solidity	ଘନତା	

Digitized by srujanika@gmail.com

Liquidity	ତରଳତା	
Gaseousness	ବାଷ୍ପୀୟତା	
Coldness	ଶୀତଳତା	
Heat		ଉଷ୍ଣତା
Softness	ନମନୀୟତା	
Hardness	କଠିଣତା	
Brittleness	ଭଙ୍ଗୁରତା	
Action	ଆଘାତ	
Reaction	ପ୍ରତ୍ୟାଘାତ	
Synthesis	ସଂଶ୍ଳେଷଣ	
Analysis	ବିଶ୍ଳେଷଣ	
Cohesion	ସନ୍ନିକର୍ଷିକା ଶକ୍ତି	
Uniform motion	ସମଭାବ ଗତି	
Common motion	ସମଗତି	
Relation motion	ପ୍ରତ୍ୟକ୍ଷ ଗତି	
Pressure	ଋପନ	
Accelerated motion	ବିବୃଦ୍ଧ ଗତି	
Retarded motion	ହ୍ରାସମାନ ଗତି	
Momentum	ମୋମେଣ୍ଟମ୍	
Mass	ପିଣ୍ଡତା	
Bulk		ସ୍ଥୂଳତା
Universal Attraction ବା Gravitation Gravity Attraction of cohesion		ବିଶ୍ୱବ୍ୟାପୀ ଆକର୍ଷଣ, ମାଧ୍ୟାକର୍ଷଣ ପାର୍ଥିବ ବା ମାଧ୍ୟାକର୍ଷଣ ସନ୍ନିକର୍ଷଣ ଯୋଗାକର୍ଷଣ
Capillary Attraction		କୈଶିକାକର୍ଷଣ
Chemical Attraction		ରାସାୟନିକ ଆକର୍ଷଣ
Centrifugal Force		କେନ୍ଦ୍ରାପସାରିଣୀ ବଳ

Digitized by srujanika@gmail.com

Centripetal Force		କେନ୍ଦ୍ରାଭିକର୍ଷଣୀ ବଳ
Centre of Gravity		ଭାରକେନ୍ଦ୍ର
Equillibrium balance		ଭାରସାମ୍ୟ
Tenacity		ଭେଦାବିରୋଧକତା
Hardness		କଠିଣତା
Malleabillity		ଘାତସହତ୍ୱ
Ductility		ତାନ୍ତବତା
Pressure		ପେଷଣ
Friction		ସଂଘର୍ଷଣ
Percussion		ସଂଘଟଣ
Chemical Action		ରସାୟନିକ କ୍ରିୟା
Combustion		ଦହନ
Expansion		ବିସ୍ତାରଣ
Barometer		ବାୟୁମାପ ଯନ୍ତ୍ର
Thermometer		ତାପମାନଯନ୍ତ୍ର
Alcohl		ସୁରାବୀର୍ଯ୍ୟ
Freezing Point		ବରଫଭାବ-ବୋଧିକା
Boiling Point		ବାଷ୍ପିଭାବବୋଧିକା
Extension		ପ୍ରସାରଣ
Contraction		ସଂକୋଚନ
Conduction		ସଂଚାଳନ
Convection		ସଂବାହନ
Rediation		ବିକିରଣ
Flow		ପ୍ରବାହନ
Reflection		ପ୍ରତିଫଳଣ
Convex		ଶୁବ୍‌ଜାକୃତି
Concave		କୁବ୍‌ଜାକୃତି

Digitized by srujanika@gmail.com

Focus		କିରଣ ସଂଗୃହୀତ,
		ମଧ୍ୟସ୍ଥଳ, ଫୋକସ୍
Absorption		ଶୋଷଣ
Ammonia		ନିଶାଦଳ
Latent Heat		ଗୁପ୍ତତାପ
Evaporation		ବାଷ୍ପିକରଣ
Specific Heat		ଆପେକ୍ଷିକ ତାପ
Pluviometer,		ବୃଷ୍ଟିମିତି
Rain gauge		
Humidity		ସାନ୍ତରତ୍ୱ ବା ଆଦ୍ରତା
Hygrometer		ବାଷ୍ପ ପରିମିତି
Hour Forst		ହିମ
Hail		ଶିଳା
Snow		ତୁଷାର
Ice		ବରଫ
Periodical winds		କାଳାନୁକ୍ରମିକ ପବନ
ପୃଥିବୀ ଏହି ବର୍ତ୍ତୁଳାକାର ଗମ୍ବୁଜର କେନ୍ଦ୍ରସ୍ଥାନ ଅଧିକାର କରିଛି ।		

ଜ୍ୟୋତିର୍ବିଜ୍ଞାନ

Constellation ତାରାପୁଞ୍ଜ		
Milky Way	ଛାୟାପଥ	
Twins	ମିଥୁନ	
Sisters	କୃତ୍ତିକା	
Planet	ଗ୍ରହ	
Mercury	ବୁଧ	
Mars	ମଙ୍ଗଳ	
Venus	ଶୁକ୍ର	
Earth	ପୃଥିବୀ	

Digitized by srujanika@gmail.com

Atmosphere	ବାୟୁମଣ୍ଡଳ	
Jupiter	ବୃହସ୍ପତି	
Saturn	ଶନି	
Uranus	ୟୁରାନସ୍	
Neptune	ବରୁଣ, ନେପଚ୍ୟୁନ୍	
Equator	ବିଷୁବରେଖା	
Cloud	ମେଘ	
Cirrus	ଅଳକ	
Latin	କୁଞ୍ଚତ କେଶ	
Feather Cirrus	ଅଳକ – 'ପର'	
Stratus	ସ୍ତର (ମେଘ)	
Latin	ଶଯ୍ୟା	
Cumulus	ସ୍ତୁପମେଘ	
Great Bear	ସପ୍ତର୍ଷି	
Plough	ଲଙ୍ଗଳ	
Pointers	ପ୍ରଦର୍ଶକ	
Little Bear	ଋକ୍ଷ ତାରାପୁଞ୍ଜ	
Pole Star	ଧ୍ରୁବତାରା	
Orion	କାଳପୁରୁଷ	
Big Dog	ବୃହତ୍ ଶ୍ୱାନ	
Little Dog	କ୍ଷୁଦ୍ର ଶ୍ୱାନ	
Bull	ବୃଷ	
Bull's Eye	ରୋହିଣୀ	
Rotation	ଘୂର୍ଣ୍ଣନ	
Revolution	ପରିକ୍ରମା, ପରିଭ୍ରମଣ	
New Moon	ଦ୍ୱିତୀୟା ଚାନ୍ଦ	

Digitized by srujanika@gmail.com

Horns	କୋଟି	
Crescent	କିଶୋର ଚନ୍ଦ୍ର	
First Quarter	ପ୍ରଥମ ପକ୍ଷାର୍ଦ୍ଧ	
Gibbons	କୁବ୍‌ଜଚନ୍ଦ୍ର	
ରେଳ ଇଞ୍ଜିନ୍‌ରୁ ସ୍ତୂପାକାରରେ ଯେଉଁ ବାମ୍ପ ବାହାରେ ସେ ସବୁ କୌଣସି ସ୍ଥାନରେ ଏକତ୍ରିତ ହେଲେ ଯେପରି ଦେଖାଯିବ ଏହି ମେଘଗୁଡ଼ିକ ସେହିପରି ଦେଖାଯାଏ		
Cirrocululus	ଅଳକସ୍ତୂପମେଘ ।	
Scud	ଧାବମାନ	
Passing Cloud	ଚଳା ବଉଦ	
Nimbus	ବର୍ଷଣ	
Barometer	ବାୟୁଚାପମାନ	
Cyclone	ବାତ୍ୟାବର୍ତ୍ତ	
Cyclonic weather	ବାତ୍ୟାବାହିକ ପାଗ	
Hurricane	ହରିକେନ, ହାରକିନି ହେଉଛି ଲଣ୍ଠନ	
Monsoon	ମୌସୁମୀ ବାୟୁ	
ବୀଜଜଳ, ବୀଜକାଣ୍ଡ, ଜୀବମଳ, ଅଙ୍କୁର, କାଣ୍ଡ, ପତ୍ର, ଅଙ୍ଗାର ।		

ଏହି ତାଲିକା ସଂପୂର୍ଣ୍ଣ ନୁହେଁ । ତେବେ ଆଜି ବିଚାରିବାର କଥା, ୧୭୭୮-୭୯ରେ ଓଡ଼ିଆ ଭାଷାରେ ବିଜ୍ଞାନର ପରିଭାଷାକୁ ମିଶାଇବା ଲାଗି ଏ ଯେଉଁ ପ୍ରୟାସ ହୋଇଥିଲା ତାହା କେତେଦୂର ସଫଳ ହୋଇଛି । ମନେହୁଏ ସଫଳ ହୋଇନାହିଁ । ଏହି ଶବ୍ଦଗୁଡ଼ିକ ଭିତରୁ କେତେଗୁଡ଼ିଏ ଅଲକ୍ଷିତରେ ଅବଶ୍ୟ ଓଡ଼ିଆ ଭାଷାର ଶବ୍ଦଭଣ୍ଡାରରେ ମିଶି ଯାଇଛନ୍ତି । କିନ୍ତୁ ଅଧିକାଂଶ ବାହାରେ ପଡ଼ି ରହିଛନ୍ତି । ଏ ଶବ୍ଦଗୁଡ଼ିକର ପ୍ରୟୋଗ ଓ ବ୍ୟବହାର ହୋଇ ପାରିନାହିଁ । କାରଣ ପରବର୍ତ୍ତୀ କାଳରେ ବିଜ୍ଞାନ ପୁସ୍ତକ ଲେଖକମାନେ ଏ ଶବ୍ଦଗୁଡ଼ିକ ଜନପ୍ରିୟ କରିନାହାନ୍ତି ।

ଓଡ଼ିଆ ଯାହାଙ୍କର ମାତୃଭାଷା ଏଭଳି କୌଣସି ବୈଜ୍ଞାନିକଙ୍କୁ ଆଜି ସାଧାରଣ ବିଜ୍ଞାନ ବିଷୟରେ ଇଂରାଜୀ ଅଜାଣିବାର ଲୋକଙ୍କୁ ବୁଝାଇବାକୁ କୁହାଗଲେ ସେ ନିଶ୍ଚୟ ଶବ୍ଦ ଅଭାବରୁ ଝୁଣ୍ଟିବେ । ଅଥଚ ଉପରୋକ୍ତ ଶବ୍ଦ ଭଳି ଶହ ଶହ ଶବ୍ଦ ପ୍ରଶଂସନୀୟ ଚିନ୍ତା ଓ ଅପାର ଗବେଷଣା ଫଳରେ ଜନ୍ମ ଲଭିଥିଲେ ।

❒ ❖ ❒

Digitized by srujanika@gmail.com

ଚଳନ୍ତି ଭାଷା ଓ ବ୍ୟାକରଣ

ଫକୀରମୋହନ ବା ପ୍ୟାରୀମୋହନଙ୍କର ଓଡ଼ିଆ ଉପନ୍ୟାସ ଆଲେଖ୍ୟ ଭାଷା ବହୁଳାଂଶରେ ଥିଲା କଥିତ ଭାଷା । ତେଣୁ ଏହି ଭାଷା ପାଇଁ ସେମାନେ ବ୍ୟାକରଣ ପ୍ରତି ଦୃଷ୍ଟି ଦେଇ ନଥିଲେ । ସେ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ନିଜର ବୋଲି କୌଣସି ବ୍ୟାକରଣ ନଥିଲା । ବ୍ୟାକରଣ ଶୁଦ୍ଧି ପାଇଁ ଓଡ଼ିଆ ଭାଷାରେ ଚନ୍ଦ୍ରମୋହନ ମହାରଣା ପ୍ରଥମ ଉଦ୍ୟମ କରିଥିଲେ । ଶୁଣାଯାଏ, କବିବର ରାଧାନାଥ ତାଙ୍କର ମହାଯାତ୍ରା ମହାକାବ୍ୟର କିଛି ଅଂଶ ମହାରଣାଙ୍କୁ ପଢ଼ିବାକୁ ଦେଇଥିଲେ ଓ ଦରକାର ପଡ଼ିଲେ ସେଥିରେ ଥିବା ଅଶୁଦ୍ଧି ସଂଶୋଧନ କରିଦେବାକୁ ଅନୁରୋଧ କରିଥିଲେ । ବୈୟାକରଣିକ ମହାରଣା ଉକ୍ତ ମହାଯାତ୍ରା କାବ୍ୟଟିରେ ଏତେ ବ୍ୟାକରଣ ଦୋଷ ବାହାର କଲେ ଯେ ତାହାଙ୍କର ସଂଶୋଧନକୁ ମାନିଥିଲେ ରାଧାନାଥଙ୍କୁ ଉକ୍ତ ମହାକାବ୍ୟକୁ ସାନି ଲେଖିବାକୁ ପଡ଼ିଥାଆନ୍ତା ।

ତେଣୁ ଚନ୍ଦ୍ରମୋହନଙ୍କ କଥାବଳିରେ ବୃଦ୍ଧବକ 'ବାର୍ଦ୍ଧକ୍ୟବଶତଃ ମତ୍ସ୍ୟାଦି ଧରିବାକୁ ସାମର୍ଥ୍ୟ ଊଣା ହେବାରୁ ଦିନକରେ କ୍ଷୁତ୍‌ପୀଡ଼ିତ ହୋଇ ସରୋବର କୂଳରେ ରୋଦନ କରିବାକୁ ଲାଗିଲା ଏବଂ କୂଳୀରବ ଦଶନ ସନ୍ଦେଶରେ ବକର ମୃଣାଳ ଧବଳ ମୃଦୁଗ୍ରୀବାକୁ କର୍ତ୍ତନ କଲା ।' ଅଥଚ 'ସମବେତ ଶୃଗାଳମାନେ ପୂର୍ବପରାମର୍ଶ ଅନୁସାରେ ହଠାତ୍ ବୋବାଇ ଉଠିଲେ ଚିରନ୍ତନ ଅଭ୍ୟାସର ବଶବର୍ତ୍ତୀ ହୋଇ ରାଜା ମଧ ମୁଖବ୍ୟାଦାନ କରି ଇତର ଶୃଗାଳ ପରି ବୋବାଇଲା । ଏହି କଥାବଳିରେ ବୃଦ୍ଧର ପୁତ୍ରମାନେ 'ଖଣ୍ଡ ଖଣ୍ଡ କାଷ୍ଠ ଭାଙ୍ଗିବାକୁ କ୍ଷମ' ହେଲେ ('ସକ୍ଷମ ହେବା ଏଇଠି ଚଳିବ ନାହିଁ) ଆଉ ଏହି 'ପରିଦୃଷ୍ଟ ଦୃଷ୍ଟାନ୍ତ ପୁତ୍ରତ୍ରୟର ଚିତ୍ତକୁ (ଏକବଚନ, ପୁତ୍ରତ୍ରୟଙ୍କର ଚିତ୍ତଗୁଡ଼ିକୁ ଏପରି ଆକର୍ଷଣ କଲା ଯେ) ସେମାନେ (ବହୁ ବଚନ ଅର୍ଥାତ୍ ପୁତ୍ରତ୍ରୟ) ଏକମେଳିରେ ଆନନ୍ଦରେ ବାସ କଲେ ।' ତେଣୁ 'ବୃଦ୍ଧ ପିତା....... ଜୀବନର ଅବଶିଷ୍ଟ ଅଂଶ ଆନନ୍ଦରେ ଓ ଅନ୍ତିମ କାଳ ଶାନ୍ତିରେ (ଆନନ୍ଦ ଓ ଶାନ୍ତିରେ ନୁହେଁ) ଯାପନ କଲେ ।'

Digitized by srujanika@gmail.com

ଆଜିର ଓଡ଼ିଆ ସମ୍ବାଦପତ୍ରମାନଙ୍କରେ 'ଓଡ଼ିଶା ସରକାରଙ୍କର ସୁଦୃଢ଼ ପଦକ୍ଷେପ' ବିଷୟରେ ଚର୍ଚ୍ଚା ହେଉଛି । ଅନେକଙ୍କର ମନେହୋଇପାରେ ଯେ ଏହି ପଦକ୍ଷେପ ଶବ୍ଦ ହେଉଛି ଆଜିର ଆବିଷ୍କାର, ବୋଧହୁଏ ଅଣଓଡ଼ିଆ ଭାଷାରୁ ଆମଦାନୀ । କିନ୍ତୁ ଚନ୍ଦ୍ରମୋହନଙ୍କର ଗୋଟିଏ ବିବେକୀ ଛାଗଳ ଅନ୍ୟଛାଗଳଟି ଉପରେ ଅତି ସାବଧାନ ହୋଇ 'ପଦକ୍ଷେପ' କରି ତାହାକୁ ଅତିକ୍ରମ କରିଥିଲା । " ଏହା ଉତ୍ତାରୁ ଶୟାନ ଛାଗଳଟି ଉତ୍‌ଥାନ କରି ଆନନ୍ଦରେ ଆପଣା ଦେହଟି ଝାଡ଼ିହେଲା ।" ଏଇଠି ଉତ୍‌ଥାନ କରି ଓ 'ପଦକ୍ଷେପ'ର ଆଜିର ଭଳି ରୂଢ଼ ଅର୍ଥ ନାହିଁ ।

କହିବାର କଥାର ପରିଧୀ ଭିତରେ ନୂତନ ଭାବ ଆସି ପହଞ୍ଚିଲେ ଭାଷା ସେଥି ପ୍ରତି ନଜର ଦେବାକୁ ବାଧ ହୁଏ । ସେତେବେଳେ ପ୍ରଥମ ଭାଷା ଟିକିଏ ଅତଡ଼ା ଖାଇଲା ପରି ପଡ଼ିଥାଏ । ଅମସୃଣ, ଅପ୍ରଚଳିତ ବ୍ୟବହାରରେ ଅଭିନବ ଶବ୍ଦ ଭିତରେ ଦେଖାଦିଏ । ଲୋକେ ତାକୁ ବିଦେଶରୁ ଆମଦାନୀ ଗଛର ଚାରା ଭଳି ଦେଖନ୍ତି । ବ୍ରଜସୁନ୍ଦରଙ୍କର କହିବା ପ୍ରକାରେ ତାହା ବନ୍ୟ ନୁହେଁ ତାହା ସଯତ୍ନ ବର୍ଦ୍ଧିତ । କିନ୍ତୁ ସେ ଭଳି ଚାରା ଯଦି ପରେ ବ୍ୟବହାରରେ ନ ଲାଗେ ତେବେ ତାହା ଶୁଖି ଶୁଖି ମରିଯାଏ । ଆଉ ତାକୁ କେହି ମନେ ରଖନ୍ତି ନାହିଁ ।

ଚନ୍ଦ୍ରମୋହନଙ୍କ କାଳର ବୟାକରଣିକମାନଙ୍କର ଏଭଳି ସମସ୍ୟା ନଥିଲା । ବିଜ୍ଞାନ ପାଠ୍ୟପୁସ୍ତକ ଲେଖକଙ୍କର ହିଁ ଥିଲା । ତେଣୁ ସେମାନଙ୍କର ଭାଷାରେ ଏହି ନୂତନତାର ପରୀକ୍ଷା ପ୍ରୟୋଗ ଥିଲା । ଦୁଃଖର କଥା ସେମାନେ କେବଳ ପାଠ୍ୟପୁସ୍ତକ ଲେଖିଥିଲେ । ସୋମାନେ ବିଜ୍ଞାନର ବିଭିନ୍ନ ବିଷୟକୁ ଜନସାଧାରଣଙ୍କର ସ୍ତରକୁ ଆଣିବାକୁ ଯତ୍ନ କରି ନାହାନ୍ତି । ତାଙ୍କର ପାଠକ ବା ଗ୍ରାହକଙ୍କ ସହିତ ପରିଚୟ ଥିଲା ପାଠପଢ଼ା ପିଲା ସହିତ ପରିଚୟ । ସାଧାରଣ ପାଠକଙ୍କୁ ବିଜ୍ଞାନର ଦୁରୂହ ଓ ଜଟିଳ ବିଷୟ ଗୁଡ଼ିକରେ ଧାରଣା ଦେବାକୁ ହେଲେ କି ଭଳି ଶବ୍ଦ ପ୍ରୟୋଗ କରାଯିବ ଏକଥା ଚିନ୍ତା କରିବାକୁ ସେମାନଙ୍କର ଅବକାଶ ନଥିଲା ।

ଓଡ଼ିଆ ଭାଷାରେ ମଧୁସୂଦନ ରାଓଙ୍କର ପ୍ରଭାବ କେବଳ ପୂର୍ବତନ ବିହାର ଓଡ଼ିଶା ପ୍ରଦେଶର ପାଠ୍ୟପୁସ୍ତକ ପଢ଼ାଳିମାନଙ୍କ ଭିତରେ ସୀମାବଦ୍ଧ ନଥିଲା । କାରଣ ତାଙ୍କର ଭାଷାର ମନୋବୃତ୍ତି ଥିଲା ବ୍ୟାକରଣ ଓ ପାଠ୍ୟର ମନୋବୃତ୍ତି । ଯେଉଁ ଭାଷାରେ ଓଡ଼ିଶାର ଲୋକେ ବିଭିନ୍ନ ଅଞ୍ଚଳରେ କଥାଭାଷା ହୁଅନ୍ତି ତାହାକୁ ଜୀବନ୍ତ ଲିଖିତ ସାହିତ୍ୟରେ ପରିଣତ କରିବା ପାଇଁ ସେ ଚିନ୍ତା କରି ନଥିଲେ । ଏହି ଚିନ୍ତା

Digitized by srujanika@gmail.com

ପ୍ରଥମେ ଆସିଲା ଗୋପବନ୍ଧୁ ଦାସଙ୍କ ଠାରେ । କାରଣ ସେ ଥିଲେ ଲୋକସଂଗ୍ରହର ନେତା । ଆଉ ତାଙ୍କ ସଙ୍ଗେ ସଙ୍ଗେ ସତ୍ୟବାଦୀ ବିଦ୍ୟାଳୟର ବିଭିନ୍ନ ଶିକ୍ଷକ ମଧ୍ୟ ଏ ଦିଗରେ ଧ୍ୟାନ ଦେଲେ । ତେବେ ବି ସେମାନଙ୍କର ନିବେଦନ ଥିଲା ପରମ୍ପରାଶ୍ରୟୀ । ସେମାନେ ଓଡ଼ିଶା ଆଉ ଭାରତର ଐତିହ୍ୟ ଆଡ଼କୁ ଦୃଷ୍ଟି ଫେରାଇଥିଲେ । ମଧୁସୂଦନଙ୍କର ସଂସ୍କୃତ ବହୁଳ ଗଦ୍ୟକୁ ପ୍ରାଞ୍ଜଳ ସାବଲୀଳ ଭାଷାରେ ସେମାନେ ଥୋଇବାର ଚେଷ୍ଟା କରିଥିଲେ । ନୀଳକଣ୍ଠଙ୍କର ଅଧିକାଂଶ ଗଦ୍ୟ ଲେଖା ଓ ଗୋଦାବରୀଶ ମିଶ୍ରଙ୍କର ପ୍ରାୟ ସମସ୍ତ ଲେଖାକୁ ବଡ଼ ପାଟିରେ ପଢ଼ା ହେବାର ଶୁଣିଲେ ଶ୍ରୋତା ମନେ କରିବେ ନାହିଁ ଏହି ଲେଖାଗୁଡ଼ିକ କେହି ଲେଖିଛନ୍ତି; ବରଂ ମନେ କରିବେ, ଯେପରି ଜଣେ କେହି ସେମାନଙ୍କୁ କଥାଗୁଡ଼ିଏ ମୁହଁରେ କଥାଭାଷା ଢଙ୍ଗରେ କହୁଛନ୍ତି ।

ମନେ ଅଛି, ଥରେ ପଣ୍ଡିତ ନୀଳକଣ୍ଠଙ୍କ ପାଖରେ ମୁଁ ବସିଥିଲାବେଳେ ତାଙ୍କର ଗୋଟିଏ ବହି ପାଠ୍ୟପୁସ୍ତକ ଭାବରେ ମନୋନୀତ ହୋଇ ନ ଥିବାର ଖବର ପହଞ୍ଚିଲା । ମନୋନୟନ ନହେବାର ପ୍ରଧାନ କାରଣ ଥିଲା ସେ ବହିର ବ୍ୟାକରଣ ଦୋଷ ! ଏଥିରେ ପଣ୍ଡିତ ନୀଳକଣ୍ଠ ବ୍ୟଥିତ ଓ କ୍ରୁଦ୍ଧ ହେବାର ମୁଁ ସେଦିନ ଲକ୍ଷ୍ୟ କରିଥିଲି । କିନ୍ତୁ ମୋ ବିଚାରରେ ଏପରି ବ୍ୟଥା ବା କ୍ରୋଧର କାରଣ ନଥିଲା । ସେଇ ଓଡ଼ିଆ ପାଠ୍ୟପୁସ୍ତକ ନିର୍ବାଚକମାନେ ଯେଉଁ ଧାରାରେ ବ୍ୟାକରଣ ପଦ୍ଧତି ଶିଖାଇବାକୁ ବ୍ୟାକୁଳ ଥିଲେ ସେ ଧାରା ହେଉଛି ସଂସ୍କୃତର ଧାରା । ତାହା ଓଡ଼ିଆ ଭାଷାର ବ୍ୟାକରଣର ଧାରା ନୁହେଁ । ସେତେଦିନ ଯାଏ ଓଡିଆ ଭାଷାର ବ୍ୟାକରଣ ବୋଲି ସେ ଭଳି କିଛି ନଥିଲା । ସେ ଦିନ ପଣ୍ଡିତ ନୀଳକଣ୍ଠ ଖୁବ୍ କ୍ଷୋଭରେ ଓଡ଼ିଆ ଭାଷାର ଗୋଟିଏ ବ୍ୟାକରଣ ଲେଖି ପକାଇଥିଲେ । ତାହା ବୋଧହୁଏ ଛାପାହୋଇ ବିକା ସରିଛି । ପରବର୍ତ୍ତୀ ମୁଦ୍ରଣ ହୋଇଛି କି ନାଁ ସନ୍ଦେହ ।

ଏବେ ମଧ ସେହି କନ୍ଦଳ ତୁଟିଲା ନାହିଁ । ଯାହା ସେଦିନ ନୀଳକଣ୍ଠଙ୍କୁ କ୍ଷୁବ୍ଧ କରିଥିଲା । ଏହି କନ୍ଦଳ ହେଉଛି ଯଥା ----

" ପଚାଶବର୍ଷ ପୂର୍ବେ ଭାରତବର୍ଷରେ ସାଇକେଲ ବା ଶୂନ୍ୟଗାଡ଼ି ଦେଖି ଲୋକେ ଆଚମ୍ୱିତ ହେଉଥିଲେ । ରେଳଇଞ୍ଜିନ ଓ ରେଳଗାଡ଼ି ଦେଖି ତଟସ୍ଥ, ବିସ୍ମିତ, ଭୟଭୀତ ହୋଇ ରେଳ ଆସିଲାବେଳେ ରେଲଲାଇନ୍ ପାଖରୁ ଛାଟି ପିଟି ହୋଇ ପଳାଇ ଯାଉଥିଲେ ।" (ସମାଜ ସମ୍ପାଦକୀୟ ୩୦ ଠାରୁ ୬୫)

'ଲୋକେ ଆଚମ୍ୱିତ ହେଉଥିଲେ' ରେ ଆଚମ୍ୱିତ' ହେଉଛି ବିଶେଷଣ । ଯେପରିକି "ଏ କିଭଳି ଆଚମ୍ୱିତ କଥା" ! ରେ 'ଆଚମ୍ୱିତ' ବିଶେଷଣ । କିନ୍ତୁ ଓଡ଼ିଆ ଭାଷାରେ ବିଶେଷ୍ୟ ଆଉ ବିଶେଷଣର ସୀମା ନାହିଁ କହିଲେ ଚଳେ । ଲୋକେ

Digitized by srujanika@gmail.com

ଆଚମ୍ବିତ ହେଉଥିଲେ ବୋଲି ନ କହି ଯଦି କେହି କହେ 'ଲୋକେ ଆଶ୍ଚର୍ଯ୍ୟ ହେଉଥିଲେ' ତେବେ ଠିକ୍ ହେବ କି ଭୁଲ ହେବ ? ବୟାକରଣିକ ପାଠ୍ୟପୁସ୍ତକ ବାଲାଏ କହିବେ ଭୁଲ, କିନ୍ତୁ ଆମର ଓଡ଼ିଆ ଭାଷାର ଅଭିଜ୍ଞ (ଯଥା ପଣ୍ଡିତ ନୀଳକଣ୍ଠ) କହିବେ ଠିକ୍ । କାରଣ ଆମ ଓଡ଼ିଶାରେ ପ୍ରଚଳିତ ଅଛି 'ଏ କିଭଳି ଆଶ୍ଚର୍ଯ୍ୟ କଥା ! (ଆଶ୍ଚର୍ଯ୍ୟଜନକ କଥା ନୁହେଁ) ତାଙ୍କୁ ଦେଖି ମୋତେ ଆନନ୍ଦ ଲାଗିଲା ସେ ଆନନ୍ଦ ମନରେ ସେଠାରେ ବିଚରଣ କରୁଥିଲେ । (ଆନନ୍ଦିତ ମନରେ ନୁହେଁ)

'ମୁଁ ତାର ବିକଳ ସହି ପାରିଲି ନାହିଁ ।' ଏଠାରେ ବିକଳକୁ ବିଶେଷ୍ୟ ଭାବରେ ବ୍ୟବହାର କରିବା ହେଉଛି ଭାଷାର ବଳିଷ୍ଠତାର ଚିହ୍ନ । ଇଂରାଜୀରେ ଓ ଅନ୍ୟାନ୍ୟ ଭାଷାମାନଙ୍କରେ ଏହାହିଁ ରୂଢ଼ ପ୍ରୟୋଗ । ଏବେ ଇଂରାଜୀରେ ପ୍ରାୟ ପ୍ରତ୍ୟେକ ବିଶେଷ୍ୟ ତ କ୍ରିୟାହେବାକୁ ବସିଲାଣି । ଯଥା - Condition, Partition, ଇତ୍ୟାଦି ଅଜସ୍ର ହଜାର ହଜାର ବିଶେଷ୍ୟ । ଓଡ଼ିଆର ପ୍ରାଚୀନ କାଳରୁ ବିଶେଷଣ ବା ବିଶେଷ୍ୟ ଭିତରେ, ବିଶେଷତଃ ଗୁଣ ପ୍ରକୃତି ଆଉ ଅବସ୍ଥାବାଚକ ବିଶେଷ୍ୟ ସହିତ ବିଶେଷଣ ଭିତରେ କେବେ ତଫାତ୍ ନ ଥିଲା । ଦୀନକୃଷ୍ଣ, ଅଭିମନ୍ୟୁ, ଉପେନ୍ଦ୍ରଙ୍କର ବହୁ କବିତା ଓ ଲେଖା ଏହାର ସାକ୍ଷୀ ।

ବିଶେଷଣ କଥା କହିଲାବେଳେ ରାଧାନାଥଙ୍କର -

ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରତୀତି
ସୁନ୍ଦର ପଣର ଚିରନ୍ତନ ରୀତି

ମନେପଡ଼େ । 'ସୁନ୍ଦର' ଶବ୍ଦର ବିଶେଷ୍ୟ ଓଡ଼ିଆରେ ସୁନ୍ଦରପଣ । ଏବେ ଆମେ ଅବଶ୍ୟ ସୌନ୍ଦର୍ଯ୍ୟ ଇତ୍ୟାଦି ସଂସ୍କୃତିଆ ଭାଷା କହିବାକୁ ଶିଖିଲୁଣି, କିନ୍ତୁ ଆମର ଓଡ଼ିଆରେ ବିଶେଷଣକୁ ବିଶେଷ୍ୟ ଭାବରେ ବ୍ୟବହାର ବେଳେ ଶୃତିକଟୁ ହେଲେ 'ପଣ' ବା' ପଣିଆ' ଯୋଗକରି ଦେବାର ପ୍ରଚଳନ ରହିଛି । ଠିକ୍ ସେହିପରି ବାଚକ ବିଶେଷ୍ୟ କଲାବେଳେ ଆମେ ଓଡ଼ିଆରେ ପଣର ସଂଯୋଗ କରିଥାଉ; ଯେପରି 'ଢିଆପଣକୁ ଓଟାରି ନେଉଛି କିଆବଣକୁ' ଅଥବା 'ଦେଖ ମୋ ପାରିବାର ପଣ, କାଟି ଆଣି ଦେବି ଚାକୁଣ୍ଡା ବଣ ।' କେତେକ ଓଡ଼ିଆ ବ୍ୟାକରଣରେ ଏହି 'ପଣ'କୁ ତଦ୍ଧିତ ପ୍ରତ୍ୟୟ ବୋଲି ଲେଖାଯାଇଛି ।

ହିନ୍ଦି ଭାଷାରେ 'ସେ ଏହି କାର୍ଯ୍ୟକୁ ସମ୍ପାଦିତ କଲେ' 'ଦୂତ ହାତରେ ସେ ପତ୍ରଟି ପ୍ରେରିତ କଲେ' ଏ ଭଳି ପ୍ରୟୋଗ ଅତ୍ୟନ୍ତ ସାଧାରଣ । ଓଡ଼ିଆ ଭାଷାରେ ଏହି ପ୍ରକାର ବ୍ୟବହାର ଏବେ ଦେଖା ଗଲାଣି । କିନ୍ତୁ ଓଡ଼ିଆ ପ୍ରୟୋଗରେ ସାଧାରଣତଃ ହେଉଥିଲା 'ସେ ଏହି କାର୍ଯ୍ୟ ସମ୍ପାଦନ କଲେ' 'ଦୂତ ହାତରେ ସେ

Digitized by srujanika@gmail.com

ପତ୍ରଟି ପ୍ରେରଣ କଲେ ।' ବିଶେଷତଃ ଇଂରାଜୀରେ କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟ ପରି ଓଡ଼ିଆରେ କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟର ବ୍ୟବହାର ଓଡ଼ିଆ ଗଦ୍ୟରେ ନିଆରା ଥିଲା । ଏ କାର୍ଯ୍ୟ ମୋ ଦେହି ତ ହୋଇପାରିବ ନାହିଁ ।' ଏଭଳି ପ୍ରୟୋଗ ହେଉଛି ଓଡ଼ିଆ । "ରାମଙ୍କଦ୍ୱାରା ରାବଣ ମରାହେଲା" ଏଭଳି ଭାବରେ ଓଡ଼ିଆ ଭାଷାରେ ଆଗେ ଲେଖାଯାଉ ନ ଥିଲା । ଏବେ ହୁଏତ କୃତ୍ରିମ ବିନୟ ଦେଖାଇବା ଇଚ୍ଛାରେ କେତେକ ଲେଖକ ଏଭଳି ପ୍ରୟୋଗ କରିବାର ଦେଖାଯାଉଛି ।

ଯଥା - ଏକ ସାମୟିକ ଭାବାବେଶ ଫଳରେ ଏହି ପୁସ୍ତକର ସନେଟ୍ ଗୁଡ଼ିକ ରଚିତ ହୋଇ ପଡ଼ିଥିଲା । (ମାୟାଧର ମାନସିଂ ଅକ୍ଷତର ଭୂମିକା) ଏହାର ଅର୍ଥ, ବୋଧହୁଏ 'ମୁଁ ଏଥିପାଇଁ ଜାଣିଶୁଣି କିଛି କରିନଥିଲି । ଭାବାବେଶରେ ଥିଲି । ଏଗୁଡ଼ିକ ସେହି ଭାବବେଶର ଫଳ ।' ତେଣୁ "ଏକ ସାମୟିକ ଭାବାବେଶରେ ଏହି ପୁସ୍ତକର ଚଉଦ-ପଦ୍ୟଗୁଡ଼ିକ ଲେଖି ପକାଇଥିଲି" ହୋଇଥିଲେ କ୍ଷତି ହୋଇ ନଥାନ୍ତା ବରଂ ଅର୍ଥ ଆହୁରି ସ୍ପଷ୍ଟ ହୋଇଥାଆନ୍ତା ।

ପୁଣି "ପୁସ୍ତକାକାରରେ ପ୍ରକାଶ କରିବାକୁ ଇଚ୍ଛା ହେବାରୁ ସମଧର୍ମୀ କେତେକ କବିତା ସେମାନଙ୍କ ସଙ୍ଗେ ଯୋଡ଼ି ଦିଆଯାଇଛି ।" ଏଠାରେ ଇଚ୍ଛା କାହାର ହେଲା ? ନିଶ୍ଚୟ କବିଙ୍କର ହୋଇଥିବ ! ତେଣୁ 'ପୁସ୍ତକାକାରରେ ପ୍ରକାଶ କରିବାକୁ ମୋର ଇଚ୍ଛା ହେଲାରୁ (ଅଥବା, ଇଚ୍ଛା କରି) ମୁଁ ସମଧର୍ମୀ କେତୋଟି କବିତା ସେମାନଙ୍କ ସଙ୍ଗରେ ଯୋଡ଼ି ଦେଇଛି ।' ଏହା ବୋଧହୁଏ ଏହି ବାକ୍ୟର ଅର୍ଥ । ଏଠାରେ ବିନୟ ପ୍ରକାଶ ପ୍ରଭାବ ଯୋଗୁ ଅଥବା ଇଂରାଜି ବାକ୍ୟ ଗଠନ ଶୈଳୀର ଗୁରୁତର ପ୍ରମାଦ ଘଟିଛି ।

ଅଥଚ ସେହି କର୍ମବାଚ୍ୟର କିପରି ପ୍ରୟୋଗ ଓଡ଼ିଆ ଭାଷାରେ ହୋଇଛି ତାହାର ଏଠାରେ ଗୋଟିଏ ପ୍ରମାଣ ନିଆଯାଉ । ଏହି ଲେଖାଟି ୧୯୧୭ ମସିହାର ।

"ସଂସାରରେ ନାନାକ୍ଷେତ୍ରରେ ଜାତି ଧର୍ମ ବର୍ଣ୍ଣଭେଦ ଦେଖାଯାଇଥାଏ । ଧଳା କଳାର ବିଚାର ହୋଇଥାଏ । କିନ୍ତୁ ଭାବରାଜ୍ୟରେ ଏହି ନୀତିର ବ୍ୟତିକ୍ରମ ଦେଖିବାକୁ ମିଳେ । ସେଠାରେ ହୋମର କାଳିଦାସଙ୍କର ଅନ୍ତରଙ୍ଗ ବନ୍ଧୁ, ଭବଭୂତିଙ୍କ ସହିତ ସେକ୍ସପିଅରଙ୍କର କୁଟୁମ୍ବିତା ଓ ପ୍ରାଚ୍ୟ ପଶ୍ଚାତ୍ୟର ସ୍ନେହଭରା କରମର୍ଦ୍ଦନ । ଭାବରାଜ୍ୟରେ ଏକଦେଶଦର୍ଶିତା ତିଷ୍ଠି ପାରିବାର ସମ୍ଭାବନା ନାହିଁ । ଭିନ୍ନ ଭାଷୀ ହେଲେହେଁ ଉଚ୍ଚଶିକ୍ଷିତ ଉତ୍କଳୀୟର ମୁହୂର୍ତ୍ତ ଆସିଯାଏ, ଯେତେବେଳେ ସେ ସଂସାରର ଭାବରାଜ୍ୟର ପଥିକ ହୋଇ ଭଞ୍ଜ, ସାରଳା, ଦୀନକୃଷ୍ଣ, ଅଭିମନ୍ୟୁ, ରାଧାନାଥ ପ୍ରଭୃତିଙ୍କ ସହିତ ସ୍କଟ୍, ବାଇରନ, ଟେନିସନ ପ୍ରଭୃତିଙ୍କୁ ପ୍ରାଣପ୍ରୀତି ପୁଷ୍ପାଞ୍ଜଳି ଅର୍ପଣ କରେ ।

(ଅଜୟ ଚନ୍ଦ୍ର ଦାସ, ଶ୍ୱେତଦୀପ ବୀଣାର ଭୂମିକା)

Digitized by srujanika@gmail.com

ଏଥିରେ ଶେଷ ବାକ୍ୟଟି ଛାଡ଼ିଦେଲେ ବାକିଗୁଡ଼ିକ ଓଡ଼ିଆ ରୀତିର କର୍ମବାଚ୍ୟ । ଆଧୁନିକ ପ୍ରତ୍ୟେକ ଭାଷାରେ ବ୍ୟାକରଣର ପାଞ୍ଚଟି ବିଭାଗ ସର୍ବବାଦି-ସମ୍ମତ । ସେଗୁଡ଼ିକ ହେଲା ବର୍ଣ୍ଣପ୍ରକରଣ, ଶବ୍ଦ ଓ ପଦ ପ୍ରକରଣ, ପଦବିନ୍ୟାସ, ବାକ୍ୟବିନ୍ୟାସ ଓ ଛନ୍ଦ ପ୍ରକରଣ । ଏଥିଭିତରୁ ବର୍ଣ୍ଣପ୍ରକରଣ ଏଠାରେ ଆଲୋଚ୍ୟ ନୁହେଁ ଓ ଛନ୍ଦ ପ୍ରକରଣ ସହିତ ବି ଓଡ଼ିଆ ଗଦ୍ୟର ସମ୍ପର୍କ ନାହିଁ । ହୁଏତ ଶୈଳୀରେ ଓ ବାକ୍ୟବିନ୍ୟାସ ପଦ୍ଧତିରେ ଗଦ୍ୟର ସାବଲୀଳତା ପାଇଁ ଛନ୍ଦର ଶ୍ରୁତି ଗଦ୍ୟଲେଖକ ପାଇଁ ଅପରିହାର୍ଯ୍ୟ । ଓଡ଼ିଆ ଭାଷାରେ ଶବ୍ଦ ଓ ପଦର ବିଚିତ୍ର ଗତି ଓ ପ୍ରକୃତି । ପଦବିନ୍ୟାସ, ବାକ୍ୟ ବିନ୍ୟାସର ଧାରା ଅନ୍ୟ ବହୁଭାଷା ସହିତ ମେଳ ଖାଏ କିନ୍ତୁ ବହୁତ ଭାଷା ସହିତ ଅମେଳ ମଧ୍ୟ ଖାଏ । ଏହି ମେଳ ଓ ଅମେଳର ଫରକ ବୁଝିବା ଓ ବ୍ୟବହାରରେ ତାହାର ସୌଷ୍ଠବ ରକ୍ଷା କରିବା ହିଁ ଲେଖକଙ୍କର କର୍ତ୍ତବ୍ୟ ହେବା ଉଚିତ ।

❐ ❖ ❐

Digitized by srujanika@gmail.com

ଶବ୍ଦ ସଂପଦ

ଗତ ପ୍ରାୟ ଏକଶତ ବର୍ଷ ଭିତରେ ଓଡ଼ିଆ ଭାଷା ଭିତରେ ନାନାବିଧ ପ୍ରଭାବ ପଡ଼ିଛି । ଏଥିରେ ପ୍ରଥମଟି ହେଲା ଅର୍ଥନୀତି ଓ ରାଜନୀତି । ଅନ୍ୟ ଭାବରେ କହିଲେ ଓଡ଼ିଶା ଭିତରେ ପ୍ରାଚୀନ ସାମନ୍ତବାଦୀ ରୀତି ଓ ଏହାର ସୀମିତତା କିଛି ପରିମାଣରେ ତୁଟି ଯାଇଛି । ଓଡ଼ିଶା ପ୍ରଦେଶ ଗଠିତ ହେବାପରେ ୧୯୩୬ ମସିହାଠାରୁ ସମ୍ବଲପୁର, ଗଞ୍ଜାମ, କୋରାପୁଟର ପ୍ରଚଳିତ ଶବ୍ଦ ଓ ପ୍ରକାଶଭଙ୍ଗୀ, ଆଦାନ ପ୍ରଦାନ ରାଜନୈତିକ ଏକତା ଓ ସହାବସ୍ଥାନ ଫଳରେ ଓଡ଼ିଆ ଭାଷା ଭିତରେ ସମ୍ମାନର ସ୍ଥାନ ଅଧିକାର କରିନେଇଛି ।

ଦ୍ୱିତୀୟ ହେଲା ଇଂରାଜୀ ରାଜଭାଷାର ପ୍ରଭାବ । ଏ ପ୍ରଭାବ ସାମାନ୍ୟ ନଥିଲା; ଏବେ ମଧ୍ୟ ନୁହେଁ । ଏକେତ ଇଂରାଜି ଓଡ଼ିଆ ଭାଷା ଅପେକ୍ଷା ଏକ ଉନ୍ନତ ସାମାଜିକ ସ୍ତରର ଭାଷା ଥିଲା । ଅର୍ଥାତ୍ ୧୮୦୩ ବେଳେ ଇଂରେଜମାନେ ଓଡ଼ିଶା ଅଧିକାର କଲାବେଳକୁ ଇଂରାଜି ଭାଷାରେ ଇଉରୋପର ଶିଳ୍ପବିପ୍ଳବ ଓ ରେନାସାନ୍ସ ବା ସଂସ୍କୃତିର ଅଭ୍ୟୁତ୍ଥାନର ଜୁଆର ମାଡ଼ି ଆସିଲାଣି । ତେଣୁ ଇଂରାଜରାଜ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରୁ ବା ନକରୁ ଇଂରାଜି ଅବଶ୍ୟ ଓଡ଼ିଆ ଭାଷାକୁ ପ୍ରଭାବିତ କରିଥାଆନ୍ତା । ଯେପରି ଫରାସି ଓ ପର୍ତ୍ତୁଗୀଜ ଭାଷାର କେତୋଟି ଶବ୍ଦ ସେହି ସମୟରେ ଓଡ଼ିଆରେ ପ୍ରଚଳନ ହୋଇ ଓଡ଼ିଆକୃତ ହୋଇ ମିଶି ଯାଇଛନ୍ତି, ସେଭଳି ହୁଏତ ଇଂରାଜି ବି ହୋଇଥାଆନ୍ତା । କିନ୍ତୁ ଇଂରାଜିର ଦୋହରି ପ୍ରଭାବ ଓଡ଼ିଆ ଭାଷା ଉପରେ ପଡ଼ିଲା । ଏକ, ରାଜଭାଷା, ତେଣୁ ତାହାହେଲା ସମ୍ଭ୍ରାନ୍ତ । ଦୁଇ, ଏକ ଉଚ୍ଚତର ଅର୍ଥନୈତିକ ଓ ସାମାଜିକ ସଂସ୍କାର ଭାଷା, ତେଣୁ ତାହା ହେଲା ନୂତନ ବିଜ୍ଞାନ ଓ କଳାକୁଶଳତାର ବାହକ ।

ତୃତୀୟ ହେଲା ଓଡ଼ିଶାର ପଡ଼ୋଶୀ ଭାଷାମାନଙ୍କର ପ୍ରଭାବ । ଏହି ପ୍ରଭାବ ଆଲୋଚନା କଲାବେଳେ ବଂଗଳା ଓ ହିନ୍ଦି ଭାଷାର ବହୁ ତତ୍‌ସମ ସଂସ୍କୃତ ଶବ୍ଦ ଓଡ଼ିଆ ଭାଷାକୁ ଆମଦାନି ହୋଇଛି । ସେ ଶବ୍ଦ ତ ଓଡ଼ିଆର, ବା ବଙ୍ଗଳାର ବା ହିନ୍ଦି ବା ଅସମିୟାଙ୍କର ମୌରସୀ ନୁହେଁ । ତେବେ ସେଗୁଡ଼ିକର ଆହରଣ ଓ ନିର୍ବାଚନରେ

Digitized by srujanika@gmail.com

କେତେକ ଓଡ଼ିଆ ବିଶେଷତ୍ୱ ଦେଖିବାକୁ ମିଳେ । ଏପଟେ ତେଲୁଗୁ ଭାଷାର ପ୍ରଭାବ ଶବ୍ଦ କ୍ଷେତ୍ରରେ ଓଡ଼ିଆ ଉପରେ ବେଶି ପଡ଼ିନାହିଁ । ପଡ଼ିଛି ଉଚ୍ଚାରଣ ଓ ବାକ୍ୟବିନ୍ୟାସ ଶୈଳୀ ଉପରେ, ଲିଙ୍ଗ ଓ ବଚନ ଉପରେ । ଏଗୁଡ଼ିକର ଆଲୋଚନା ଶବ୍ଦ ସଂପଦ କ୍ଷେତ୍ରରେ ନୁହେଁ । ତଥାପି ତେଲୁଗୁ ଭାଷାରେ ସଂସ୍କୃତର ବହୁ ଶବ୍ଦ ପ୍ରବେଶ କରିଛି । କିନ୍ତୁ ସେହି ଶବ୍ଦଗୁଡ଼ିକ ଯେଉଁ ଅର୍ଥରେ ତେଲୁଗୁ ଗଦ୍ୟରେ ଚଳିଛି, ଓଡ଼ିଆ ଗଦ୍ୟରେ ଠିକ୍ ସେହି ଶବ୍ଦଗୁଡ଼ିକ ସେହି ଅର୍ଥରେ ଚଳୁଛି ବୋଲି କହିବା ଠିକ୍ ହେବ ନାହିଁ ।

କେବଳ ଓଡ଼ିଆ ଭାଷା ଉପରେ ନୁହେଁ, ପୃଥିବୀର ପ୍ରତ୍ୟେକ ଭାଷା ଉପରେ ଅନ୍ୟ ଭାଷାର ପ୍ରଭାବ ପଡ଼େ । ଏହା ବିଶେଷତଃ ସେତିକିବେଳେ ବେଶୀ ପଡ଼େ ଯେତେବେଳେ ସେହି ଭାଷାରେ ଆଗରୁ ପ୍ରଚଳିତ ଓ ସେହି ଭାଷାଦ୍ୱାରା ଆଗରୁ ଚିହ୍ନିତ ଭାବଧାରା ଅନ୍ୟ ଭାଷାରେ ପ୍ରବେଶ କରେ । ଭାବର ବାହନ ଭାଷା । ତେଣୁ ସେହି ଭାବଗୁଡ଼ିକ ଯେଉଁ ଭାଷାର ବାହନରେ ପ୍ରଥମେ ଆସିଥାଆନ୍ତି ସେମାନେ ବାହନରୁ ଓହ୍ଲାଇ ଅନ୍ୟ ଭାଷାର ବାହନ ଧଇଲାବେଳେ ବି ପୁରୁଣାର ବେଶଭୂଷା ଓ ଭଙ୍ଗୀରୁ ବହୁତ କିଛି ରଖି ନେଇ ଥାଆନ୍ତି । ଏହାର ଏକ ଶ୍ରେଷ୍ଠ ଉଦାହରଣ ଇଂରାଜି ଭାଷା ।

ଇଂରାଜି ଏକ ଅଦ୍ଭୁତ ଭାଷା

ଇଂରାଜି ପୃଥିବୀରେ ସର୍ବବୃହତ୍ ଭାଷା । ଏହାର ଅର୍ଥ ପୃଥିବୀର ବହୁ ଭୂମିଖଣ୍ଡ ଏହି ଭାଷାକୁ ଆପଣାର କରି ନେଇଛନ୍ତି । ତେବେ ବି ଅନେକ ଖୋଦ ଇଂରାଜି ଭାଷାର ପଣ୍ଡିତମାନେ ପ୍ରଶ୍ନ କରନ୍ତି ଯଦି ଇଂରାଜି ଭାଷା ଆହୁରି ସରଳ, ଆହୁରି ବିଜ୍ଞାନସିଦ୍ଧ ଓ ପଦ୍ଧତି ଦୋରସ୍ତ ହୋଇଥାଆନ୍ତା ତେବେ କ'ଣ ଏହାର ପ୍ରସାର ଆହୁରି ବଢ଼ି ନଥାନ୍ତା ? ଏହାର ଉତ୍ତର ହେଉଛି, ନୁହେଁ । ଇଂରାଜି ଭାଷାର, ପଣ୍ଡିତ ନୀଳକଣ୍ଠଙ୍କ କହିଲା ପରି, କୌଣସି ମା' ବାପ ନାହିଁ । ଏକ କାଳରେ ବିଲାତ 'ରାଜା ବା ରାଣୀଙ୍କ ଇଂରାଜୀ'ର ସବୁଠାରୁ ଟେକସାର ବୋଲି ନାମଡ଼ାକ ଥିଲା । ତାହା ବି ଏବେ ନାହିଁ । ଏବେ ବି ଯେଉଁ ଇଂରାଜି ହଟାଇବା ବା ଇଂରାଜି ରଖିବା ପାଇଁ ଭାରତରେ ତୁମୁଳ ବାଡ଼ିଆବାଡ଼ି ଲାଗିଛି ତାହା କେଉଁ ଇଂରାଜି କିଏ ଜାଣେ ? ସେ ଇଂରାଜି କି 'ସୁନୀଳ ସାଗରେ ରାଜେ ଶ୍ୱେତଦ୍ୱୀପ, ଅଜେୟ ଜଗତେ ନାମ ବ୍ରିଟାନିୟା'ର ଭାଷା ? ନୁହେଁ ତ !

ମୋଟ କଥା ଇଂରାଜି ଭାଷାକୁ ଏକ ଭାଷା ବୋଲି ନ କହି ଏକ ଭାଷାର ସମଷ୍ଟି ବୋଲି କହିବା ବୋଧହୁଏ ଠିକ୍ ହେବ । କାରଣ ଇଂରାଜି ଭାଷା ଯେତେବେଳେ ଯେଉଁଠାରୁ ପାଇଛି ସେତେବେଳେ ଆପଣା ଗର୍ଭରେ ବିଭିନ୍ନ ଶବ୍ଦ ଭରିଛି । ୧୧୫୦ ରୁ ୧୨୫୦ ଯାଏ ଏକଶହ ବର୍ଷବେଳେ ବିଲାତରେ ନର୍ମାନ୍ ଫ୍ରେଞ୍ଚ ଭାଷାର ମଧ୍ୟାହ୍ନ

Digitized by srujanika@gmail.com

କାଳଠାରୁ ଆଜିଯାଏ ଇଂରାଜି ଭାଷା ଜଳ, ସ୍ଥଳ, ଆକାଶ ଯେଉଁଠାରୁ ଯାହା ବିଦ୍ୟା, ବିଭବ, ଭାବ ପାଇଛି ସବୁକୁ ଆପଣାର କରିଛି । ବିଜେତାମାନଙ୍କର ଭାଷାର ପ୍ରଭାବରେ ପଡ଼ିଲେ ଯାହା ହୁଏ - ଯାହା ଓଡ଼ିଆ କ୍ଷେତ୍ରରେ ହୋଇଥିଲା ଇଂରାଜି ଆକ୍ରମଣର ପ୍ରଥମ ଯୁଗରେ - ନରମ୍ୟାନ୍ ଆକ୍ରମଣର ପ୍ରଥମ ଯୁଗରେ ତାହା ବି ଇଂରାଜି ଭାଷାରେ ଘଟିଥିଲା । ସେତେବେଳେ ବିଲାତରେ ସେବର ଇଂରାଜିର ବିଶିଷ୍ଟତା ଲୋପ ପାଇବାକୁ ବସିଥିଲା । "କଥାଭାଷାରେ ବି ପରିବର୍ତ୍ତନ ଦେଖାଯାଇଥିଲା । ଫରାସୀ ଲେଖକମାନେ ଏତେ ପ୍ରଭାବଶାଳୀ ଥିଲେ ଯେ ଲାଟିନ ଲିପିର ବି ପ୍ରଚଳନ ହୋଇ ଯାଇଥିଲା ।"

ଭାଷାର ବାଡ଼ (ଦି ଲାଙ୍ଗୁଏଜ୍ ବାର), ଭିକ୍ଟର ଗ୍ରୋଭ ପୃ ୧୧ ଷ୍ଠା)

"ତେବେ ଲୋକମୁଖରେ ଭାଷା ବଞ୍ଚି ରହିଲା, ମରିଗଲା ନାହିଁ । ଚପିଗଲା । ଏହି ଭାଷାର ସାହିତ୍ୟିକମାନେ ଭୂଇଁତଳେ ଫଲ୍‌ଗୁ ଭଳି ବହିବାରେ ଲାଗିଲେ । ଦ୍ୱାଦଶ ଶତାବ୍ଦି ଯାଏ ଏହି ଭାଷାର ସାହିତ୍ୟକୁ ଲେଖି ରଖିବାକୁ କେହି ଗୋଟାଏ ବଡ଼ କଥା ବୋଲି ମଣିଲେ ନାହିଁ । ତେବେ କି ଏ ମଥାରୁ ସେ ମଥାକୁ ଏ ତୁଣ୍ଡରୁ ସେ ତୁଣ୍ଡକୁ ହୋଇ ଏକ ଚଳମାନ ସ୍ରୋତ ଭାବରେ ଏହି ସାହିତ୍ୟ ବଞ୍ଚି ରହିଲା । ମନେ ରଖିବାର କଥା ଏହି ଯେ ସେତେବେଳେ ସ୍ଥାନୀୟ ଭାଷା ଥିଲା ପରାଧୀନ ଲୋକର ଭାଷା ।"

(ସେହିବହି)

ଆହରଣ ପର୍ବ

ସେତେବେଳେ ବିଲାତର ଆଇନ ଅଦାଲତରେ ଫରାସି ଭାଷାର ଏକାଧିପତ୍ୟ । ଏ କଥା ଜଣାଶୁଣା ଯେ, ବର୍ତ୍ତମାନର ଇଂରାଜି ଆଇନ ସେ କାଳର ରୋମାନ୍ ଆଇନ ନିକଟରେ ବହୁ ଭାବରେ ଋଣୀ । ୧୨୭୫ ପର୍ଯ୍ୟନ୍ତ ସବୁତକ ଆଇନ କାନୁନ ଆଉ ଅନୁଶାସନ ଲାଟିନ ଭାଷାରେ ରଚିତ ହୋଇଥିଲା । ଆଇନ ସଂବନ୍ଧୀୟ ଧାରଣା ଓ ତତ୍‌ବିଷୟକ ପାରିଭାଷିକ ଶବ୍ଦ ଇଂରାଜିରେ ନଥିଲା । ଏଣେ ପ୍ରାୟ ତିନିଶହ ବର୍ଷ କାଳ ଫରାସୀ ଭାଷା ତ ଥିଲା ଆଇନର ଭାଷା । ତେଣୁ ଯେତେବେଳେ ୧୩୬୨ରେ ଇଂରାଜି ଭାଷାକୁ ଆଇନ ଅଦାଲତରେ ପ୍ରଚଳନ କରିବାକୁ ଆଇନ ପାସ୍ ହେଲା ସେତେବେଳକୁ ଇଂରାଜି ଭିତରେ ବହୁ ଫରାସୀ ଓ ଲାଟିନ (ରୋମାନ୍) ଶବ୍ଦ ପଶିଗଲାଣି । କେତେକାଳ ଉଭୟ ଭାଷା ଚାଲୁ ରହିଲା । ଇଂରାଜିରେ ମକଦ୍ଦମା ପେସ୍ କରିବା ବା ଇଂରାଜିରେ ବାଦନା କରିବା ବାଧ୍ୟତା ହୋଇଥିଲା । କିନ୍ତୁ ଫରାସୀ ଭାଷାରେ କୋର୍ଟ କଚେରୀ କାମ ଚଳିବାରେ ବାରଣ ନଥିଲା । ତେଣୁ କେବଳ ପ୍ରୟୋଜନ ଦୃଷ୍ଟିରୁ ଇଙ୍ଗ-ଫରାସୀ ଅଦାଲତି ଭାଷା କାଏମ

Digitized by srujanika@gmail.com

ହୋଇ ରହିଥିଲା । ଆଉ ଯେହେତୁ କୋର୍ଟକଚେରୀ ସହିତ ସାଧାରଣ ଲୋକଙ୍କର ସଂପର୍କ ଘନିଷ୍ଠ, ସେହି ହେତୁ କେତେକ ମୌଳିକ ଫରାସୀ ଅଦାଲତି ଶବ୍ଦ ଇଂଲଣ୍ଡର ସାଧାରଣ ନାଗରିକ ଭାଷାରେ ମିଶିଗଲା । ଏହି ସୂତ୍ରରେ ଜଷ୍ଟିସ୍, ଜଜ୍, ଜୁରି, କୋର୍ଟ, ସମନସ୍, ଫିସ୍, ଏକ୍ୟୁଜଡ୍, ପେନାଲ୍ଟି, କ୍ରାଇମ୍ ଇତ୍ୟାଦି ଅନେକ ଫରାସୀ ଭାଷାର ଅଦାଲତି ଶବ୍ଦ ଇଂରାଜିରେ ସ୍ଥାନ ମାଡ଼ିବସି ଯାଇଛନ୍ତି । ଏହି ଶବ୍ଦଗୁଡ଼ିକ ଯେ ଭାରତୀୟ ଭାଷା ଭିତରେ ମଧ୍ୟ ପ୍ରବେଶ କରି ଗଲେଣି ଓ ଉଚ୍ଚାରଣ ବଦଳାଇ ବା ଚଂଛା ଚଂଛି ହୋଇ ଏଥିରେ ଖାପ ଖାଇ ଏକାକାର ହେବାକୁ ବସିଲେଣି ଏଥିରେ କି ସନ୍ଦେହ ଅଛି ?

ସେଦିନ ଇଂରାଜି ଭାଷା ଯେଉଁଭଳି ଫରାସୀ ଅଦାଲତି ଶବ୍ଦଗୁଡ଼ିକୁ ଆପଣାର ଗଣ୍ଡି ଭିତରେ ସ୍ଥାନ ଦେଇଥିଲା, ସେଉଁଭଳି ଇଂରାଜି ଭାଷା ସେହି ଦିନଠାରୁ ଗଡି ଚାଲିଛି । ଫରାସୀ ଅଦାଲତି ଶବ୍ଦ ଇଂରାଜି ଭାଷାରେ ପ୍ରବେଶ କଲାବେଳେ ବୋଧହୁଏ ଇଂରାଜିର ଚାରା ନଥିଲା । କିନ୍ତୁ ପରବର୍ତ୍ତୀ କାଳରେ ଭେଷଜ, ଶଲ୍ୟଚିକିତ୍ସା, ଦର୍ଶନ, ଅର୍ଥନୀତି, ମନସ୍ତତ୍ତ୍ୱ, ପ୍ରାଣୀବିଜ୍ଞାନ ଇତ୍ୟାଦି ଯେତେ ବିଦ୍ୟାର ଭାବ ଇଂରାଜି ଭାଷାରେ ପଶିଛି ସେସବୁ ଭାବ ସହିତ ହଜାର ହଜାର ଶବ୍ଦ ଇଂରାଜି ଭାଷା ଭିତରେ ପ୍ରବେଶ କରି ଯାଇଛି ।

ଚିକିତ୍ସା ବିଦ୍ୟା ଓ ଭେଷଜ ବିଜ୍ଞାନର ଯାବତୀୟ ଶବ୍ଦ ଇଂରାଜି ଭାଷା ଲାଟିନରୁ ନେଇ ଆସିଛି । ଅପ୍‌ଟିକ୍ (ଚକ୍ଷୁ ସଂପର୍କୀୟ) ଅପଥାଲମଲୋଜି, ଗାଇନାକଲୋଜି, ପେଡ଼ିଆଟ୍ରିକସ, ଅରଥୋପୋଡ଼ି ଇତ୍ୟାଦି ହଜାର ହଜାର ଶବ୍ଦ ।

ସାଧାରଣତଃ ଇଂରାଜମାନଙ୍କୁ ଖୁବ୍ ପରମ୍ପରାଶ୍ରୟୀ ଓ ରକ୍ଷଣଶୀଳ ବୋଲି କୁହାଯାଇଥାଏ । ଇଂରାଜରେ ଯାହା ପୁରୁଣା, ତାହା ସମ୍ଭ୍ରାନ୍ତ । ତେଣୁ କେଉଁ ପୁରୁଣା ଯୁଗର ଯାଦୁଘର ସଂଖାଳି ହେବାର ଯୋଗ୍ୟ ରାଜତନ୍ତ୍ରକୁ ଇଂରାଜି ପୁରାଣ ମହିମାରେ ଗାଦିନସୀନ କରି ରଖିଛନ୍ତି । କିନ୍ତୁ ଭାଷା ରାଜ୍ୟରେ ଇଂରାଜି ଆଦୌ ରକ୍ଷଣଶୀଳ ହୋଇ ରହି ନାହିଁ । ତାର କାରଣ ବୋଧ ହୁଏ ଶିକ୍ଷା ବିକାଶ ଯୁଗରେ ଇଂରାଜିର ବିଶ୍ୱଚରାଚରରେ ପ୍ରବେଶ । ତେଣୁ ଅନ୍ୟ ଭାଷାମାନଙ୍କ ଭଳି ଏପରିକି ଜର୍ମାନ୍ ବା ଫ୍ରେଞ୍ଚ ଭାଷାଭଳି ଇଂରାଜି 'ମହାଦେଶୀୟ ଭାଷା' ବା ଅତି ବଡ଼ ହେଲେ ଭୂମଧ୍ୟ ସାଗରୀୟ ବା ବଲଟିକ ସାଗରୀୟ ଭାଷା ହୋଇ ରହିଲା ନାହିଁ । ଏହା ବିଶ୍ୱଭାଷାରେ ପରିଣତ ହୋଇଗଲା ।

ଗୋଟିଏ ନମୁନା ଦେଲେ ଯଥେଷ୍ଟ ହେବ । ଆଫ୍ରିକା ମହାଦେଶର ଅଭ୍ୟନ୍ତରରେ ଯେତେବେଳେ ୟୁରୋପୀୟ ଆବିଷ୍କାରକମାନେ ପଶିଲେ ସେମାନେ

Digitized by srujanika@gmail.com

କଙ୍ଗୋ, ଜାମ୍ବେଦି, ନାଇଜର ଇତ୍ୟାଦି ଆଫ୍ରିକୀୟ ନଦୀମାନଙ୍କରେ ଏକ ଧରଣର ଜନ୍ତୁ ଦେଖିବାକୁ ପାଇଲେ ସେ ଜନ୍ତୁ ୟୁରୋପୀୟ ନଦୀମାନଙ୍କରେ ଦେଖିବାକୁ ମିଳେ ନାହିଁ । ଜନ୍ତୁଟି ବିଶାଳକାୟ, ହାତୀ ପରି କିନ୍ତୁ ତାହାର ଶୁଣ୍ଢ ନାହିଁ । ପାଣି, ପଙ୍କ, କାଦୁଅ ତାହାର ଘର, ତାହା ନିରନ୍ତର ପାଣିରେ ବୁଡ଼େ । କିନ୍ତୁ ଅନ୍ୟ ବହୁ ଜଳଜନ୍ତୁ ପରି ପାଣି ଭିତରେ ବୁଡ଼ି ରହି ନିଶ୍ୱାସ ନେବାର ତାହାର ଶକ୍ତି ନଥାଏ । ତେଣୁ ଜନ୍ତୁଟି ବାରମ୍ବାର ନିଃଶ୍ୱାସ ନେବାକୁ ପାଣି ଉପରକୁ ମୁଣ୍ଡ ଟେକେ ; କାରଣ ମୁଣ୍ଡରେ ହିଁ ତାହାର ନାସିକା ଥାଏ । ଏଭଳି ଜନ୍ତୁର କଥା ଯେତେବେଳେ ଆମେ ଭାରତରେ ଶୁଣିଲୁଁ ,ସେତେବେଳେ ବିଭିନ୍ନ ଭାରତୀୟ ଭାଷାରେ ଏହି ଜନ୍ତୁର ନାମକରଣ ହେଲା । କେଉଁ ଭାଷାରେ କହିଲେ ଜଳହସ୍ତୀ ତ କେଉଁ ଭାଷାରେ ସିନ୍ଧୁଘୋଟକ । ଫରାସୀ ଓ ଜର୍ମାନ୍ ଇତ୍ୟାଦି ୟୁରୋପୀୟ ଭାଷାମାନଙ୍କରେ ମଧ୍ୟ ସେହି ସିନ୍ଧୁଘୋଟକ ଅର୍ଥ ବୁଝାଉଥିବା ଶବ୍ଦମାନ ତିଆରି ହୋଇ ଏହି ଜନ୍ତୁର ନାମକରଣ ହେଲା କିନ୍ତୁ ଇଂରାଜି ଭାଷାର ଭିନେ ଗୋଠ । ଇଂରାଜିଭାଷା ଏହି ଜନ୍ତୁକୁ ସି ହର୍ଷ (Sea Horse) ବା (Water Animal) ବୋଲି ନ କହି ସିଧାସଳଖ ଆପଣା ଭାଷା ଭିତରକୁ ଏକ ଗ୍ରିକ ସମାସଯୁକ୍ତ ଶବ୍ଦ ଆମଦାନୀ କଲା । ଶବ୍ଦଟିର ନାମ ହେଲା ହିପ୍‌ପୋ - ପଟମସ୍ । ଗ୍ରିକ୍ ଭାଷାରେ ହିପ୍‌ପୋର ଅର୍ଥ ହେଲା ଜଳ, ପଟମସ୍‌ର ଅର୍ଥ ହେଲା 'ଜନ୍ତୁ' ।

ଓଡ଼ିଆର ସେ ବ୍ୟାପ୍ତି ନାହିଁ

ଇଂରାଜି ଭାଷା ପରି ଓଡ଼ିଆ ହୋଇ ପାରିବ ନାହିଁ ; କାରଣ ଓଡ଼ିଆ ଭାଷାର ସେ ବ୍ୟାପ୍ତି ଆସିନାହିଁ । ପ୍ରାୟ ଦୁଇ ହଜାର ବର୍ଷ କାଳ ଏଠାରେ ସାମନ୍ତବାଦୀ ଯୁଗର ବଦ୍ଧ ଜଳାଶୟ । ଏଥି ଭିତରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବାହାର ସଂସାର ସଙ୍ଗେ ବୋଇତ ବ୍ୟବସାୟରେ ଯାହା ଟିକିଏ ସଂପର୍କ ଥିଲା ତାହା ବି କଟି ଯାଇଥିଲା । ବିଶେଷତଃ ପର୍ତ୍ତୁଗୀଜ, ଦିନାମାର, ଓଲନ୍ଦାଜ, ଫରାସୀ ଓ ଇଂରାଜ ଜଳଦସ୍ୟୁମାନଙ୍କର ଦାଉରେ ଓଡ଼ିଶାର ବନ୍ଦର ବାଣିଜ୍ୟ ଲୋପ ପାଇଗଲା । ୧୮ଶ ଶତାବ୍ଦିର ମୂଳ ବେଳକୁ ଯେଉଁ ସମୁଦ୍ର ଥିଲା ବୋଇତିଆଳର ନୀଳସେତୁ ତାହା ହୋଇଗଲା କଳାପାଣି । ଏପରିକି ଦରିଆ ପାରି ହୋଇ ବିଦେଶକୁ ଗଲେ ଜାତିରେ ବାସନ୍ଦ କରାଗଲା । ତେଣୁ ଓଡ଼ିଶା ଭାଷା ଭିତରକୁ ନୂତନ କିଛି ଆସି ପାରିଲା ନାହିଁ ।

ଉତ୍‌ପାଦନ ପ୍ରଣାଳୀରେ ବି ପରିବର୍ତ୍ତନ ଆସିଲା ନାଇଁ । ସେ କାଳର ଅରଟର ଗୀତ, ତନ୍ତୀର ତନ୍ତ କଣ୍ଡା, କମାରଶାଳ, ସେକାଳ ବଢ଼େଇ କାରିଗରର କୁଟୀରଶିଳ୍ପ ଓ ପଥୁରିଆ ସୁଆଁସିଆଙ୍କର ନିହଣ କାମ - ଏହା ଯେମିତି ପୂର୍ବରୁ ଥିଲା ସେମିତି

Digitized by srujanika@gmail.com

ରହିଲା । ଏଥିରେ କେବଳ ଥିଲା କୌଳିକତା, ନଥିଲା ନୂତନର ଉନ୍ମେଷ ; ତେଣୁ ନଥିଲା ମୌଳିକତା । ଓଡ଼ିଆ ଗଦ୍ୟକୁ ତା'ର ପ୍ରେମସୁଧାନିଧି କାଳର ସୁସୁପ୍ତି ଭିତରୁ ଉଠାଇବାକୁ ଚେଷ୍ଟା କରି ଫକୀରମୋହନ ଯେଉଁ ଚେଷ୍ଟା କଲେ, ତାହା ବି ମାଲମସଲା ଅଭାବରେ ବେଶି ଦିନ ଜାଗ୍ରତ ରଖି ପାରିଲା ନାହିଁ । ତେଣୁ ଓଡ଼ିଆ ଗଦ୍ୟ ପୁଣି ସୁସୁପ୍ତି ଭିତରେ ପଡ଼ିରହିଲା ।

"ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦିରେ ଇଂରାଜି ଭାଷାର ଲେଖକଙ୍କର ପାଠକଙ୍କ ସଂଖ୍ୟା ଅତି ସୀମିତ ଥିଲା । ଆଜିର ତୁଳନାରେ ତ ଅତି କ୍ଷୁଦ୍ର ଥିଲା । କେବଳ ଏଇଥିପାଇଁ ନୁହେଁ ଯେ ସେତେବେଳେ ଲୋକସଂଖ୍ୟା ଅତି ଅଳ୍ପ ଥିଲା । ଅନ୍ୟ କଥା ହେଉଛି ପାଠକ ସଂଖ୍ୟା ଅତ୍ୟନ୍ତ ଊଣା ଥିଲା । ଅନ୍ୟ ପକ୍ଷରେ ଲାଟିନ ଭାଷାର ଲେଖକ ସାରା ପଶ୍ଚିମ ଦୁନିଆର ପାଠକ ପାଖରେ ପହଞ୍ଚି ପାରୁଥିଲେ । ତେଣୁ ଜାତୀୟ ଭାଷାର ବ୍ୟବହାର ଥିଲା ଗୋଟିଏ ରକମର ସ୍ୱାର୍ଥତ୍ୟାଗ, ଯାହା ପ୍ରାୟ ଅଧଃପାତ ସଙ୍ଗେ ସମାନ । ଆଜି ଜଣେ ଆୟର୍ଲାଣ୍ଡର ଲୋକ ଇଂରାଜି ଭାଷାରେ ନ ଲେଖି ଗେଲିକ୍ ଭାଷାରେ ଲେଖିଲେ ତା'ର ଦେଶପ୍ରେମର ଉତ୍ସାହ ଯେଉଁ ଧରଣର ହୁଅନ୍ତା ସେତେବେଳର ଲେଖକ ଲାଟିନରେ ନ ଲେଖି 'ବଜାର'ର ଭାଷା ଇଂରାଜିରେ ଲେଖିଲେ ତାହା ଠିକ୍ ସେହି ଧରଣର ହୋଇଥାଆନ୍ତା । ତେଣୁ ଇଂରାଜି ଭାଷାର ଲେଖକମାନେ ଯେ ବହୁ ସନ୍ତର୍ପିତ ହୋଇ ସାଧାରଣତଃ ଲେଖନୀ ଚଳାଉଥିଲେ ଏଥିରେ ବିସ୍ମିତ ହେବାର କିଛି ନାହିଁ ।"

[ଭାଷାର ବାଡ଼ – ଦି ଲାଙ୍ଗୁଏଜ୍ ବାର, ଭିକ୍ଟର ଗ୍ରୋଭ । ୨୦ ପୃଷ୍ଠା]

ଓଡ଼ିଆ ଭାଷାର ବର୍ତ୍ତମାନ ଦଶା ଏହି ଦଶା ସଙ୍ଗେ ତୁଳନୀୟ । ସେଥିପାଇଁ ବହୁ ଓଡ଼ିଆ ଲେଖକ ଆକ୍ଷେପ କରି ଯୁକ୍ତି ବାଢ଼ିଥିଲେ "ଓଡ଼ିଆରେ ଲେଖିବି କାହିଁକି ?" ଏଥିପାଇଁ ସେମାନଙ୍କର ଯେଉଁ ଯୁକ୍ତି ଥିଲା, ସେ ଯୁକ୍ତି ଏବେ ବି ବଳବତ୍ତର ରହିଛି । ଠିକ୍ ସେହିଭଳି ଯୁକ୍ତି ହେଉଛି ସେ କାଳର ଇଂରାଜି ଲେଖକମାନଙ୍କର ଯୁକ୍ତିର ପ୍ରତିଧ୍ୱନି ।

ଇଂରାଜି ଭାଷା ଇତିହାସରେ ଲେଖା ଅଛି, ବିଖ୍ୟାତ ଇଂରାଜି କବି ସ୍ପେନସର ଯେତେବେଳେ ତାଙ୍କର ବିଖ୍ୟାତ 'ଫେଆରି କୁଇନ୍' ବା 'ପରୀ ରାଣି' କବିତା ଲେଖିଥିଲେ ସେତେବେଳେ ସେ ଇଂରାଜି କବିତା ସହିତ ଗୋଟିଏ ଫରାସୀ ଅନୁବାଦ ମଧ କରି ରଖିଥିଲେ । ତାଙ୍କବେଳେ ଇଂଲଣ୍ଡର ରାଣୀ ମହାଦେଈ ଇଂରାଜି ଭାଷା ଜାଣୁନଥିଲେ । ତେଣୁ କବି ସ୍ପେନସର ଯେତେବେଳେ ତାଙ୍କର କବିତା ବହିଟି ରାଣୀଙ୍କୁ ଭେଟି ଦେବାକୁ ନେଇ ଯାଇଥିଲେ ସେତେବେଳେ ଫରାସୀ ଅନୁବାଦଟି ହିଁ

Digitized by srujanika@gmail.com

ରାଜସଂସ୍କରଣ ରୂପେ ନେଇଥିଲେ । କିନ୍ତୁ ଜାତିପ୍ରେମ ବା ମାତୃଭାଷା ପ୍ରେମ ବଶରୁ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ତାଙ୍କ ପାଖରେ ଅସଲ ମୂଳ ଇଂରାଜି କବିତା ବି ଥିଲା । ରାଣୀଙ୍କୁ କବିତା ବହିଟି ଭେଟି ଦେଲାବେଳେ ଜାଣତରେ ବା ଅଜାଣତରେ ଇଂରାଜି କବିତା ବହିଟି ବାହାରି ପଡ଼ିଥିଲା । ସେଥିରୁ ରାଣୀ ତାଙ୍କୁ କହିବା ଆଜ୍ଞା ହେଲେ " କବିବର, ସେ ବହିଟି ପୁଣି କ'ଣ ?" କବି ସ୍ପେନସର ଅତ୍ୟନ୍ତ ସଙ୍କୋଚରେ ଉତ୍ତର ଦେଇଥିଲେ "ମହାରାଣୀ ସାହେବା, ଏଟା କିଛି ନୁହେଁ । ଆମର ଏଠାରେ ବଜାର ଲୋକଙ୍କ ପାଇଁ ଆମର ଏଠା ଭାଷାରେ ଏହି ଫରାସୀ କବିତା ବହିଟି ଅନୁବାଦ କରି ଦେଇଛି ମାତ୍ର !"

ସ୍ପେନସରଙ୍କ ସମୟର ବହୁ ବର୍ଷ ପରେ ଇଂରାଜି କବି ଡ୍ରାଇଡ଼େନ୍ ତାଙ୍କର 'ଟ୍ରୟଲସ ଓ କ୍ରିସେଡ଼ା' ନାମକ ବହିର ମୁଖବନ୍ଧରେ ଲେଖିଥିଲେ "ଶ୍ରୀହଜୁର ଜାଣନ୍ତି, ଆମେ ଯେତେ ଅସଭ୍ୟ ଭାବରେ ଲେଖୁଁ ବା କହୁଁ ନା କାହିଁକି, ତଥାପି ମୁଁ ମୋର ଇଂରାଜି ବିଷୟରେ ବେଶ୍ ସଚେତନ ଅଛି । ବେଳେବେଳେ ମୋର ସନ୍ଦେହ ହୁଏ ଯେ, ଖାଣ୍ଟି ଇଂରାଜିର ଆବରଣ ତଳେ ଆମର ନିଜର ରୂଢ଼ ପ୍ରୟୋଗରେ ଲେଖୁଛି ବୋଲି ମନମୋଟ କରି ମୁଁ ଭୁଲ ବ୍ୟାକରଣ ଆଉ ନିରର୍ଥକ କଥା ଲେଖୁନାହିଁ ତ ! ମୋର ଏହି ସନ୍ଦେହ ଦୂର କରିବା ପାଇଁ ମୁଁ ମୋର ଇଂରାଜି ଲେଖାଗୁଡ଼ିକୁ ସଦାବେଳେ ଲାଟିନରେ ଅନୁବାଦ କରି ପକାଇଥାଏ । ଏଭଳି ଭାବରେ ଇଂରାଜି ଶବ୍ଦଗୁଡ଼ିକର ଆହୁରି ସୁଦୃଢ଼ ଭାଷାରେ କି ଅର୍ଥ ହେଉଛି ତାହା ଦେଖିବାକୁ ଚେଷ୍ଟା କରେ ।"

ବ୍ୟାକରଣ କ୍ଷେତ୍ରରେ

ବ୍ୟାକରଣ କ୍ଷେତ୍ରରେ ଯେପରି ଓଡ଼ିଆ ଭାଷାରେ ସଂସ୍କୃତ ବ୍ୟାକରଣ ଥିଲା ଏକଛତ୍ରାଧିପତି ଠିକ୍ ସେହିପରି ଇଂରାଜି ଭାଷାରେ ଥିଲା ଲାଟିନ ବ୍ୟାକରଣ । ଅଷ୍ଟାଦଶ ଶତାବ୍ଦିରେ ଜଣେ ଇଂରାଜ ବୟାକରଣିକ ଇଂରାଜି ବ୍ୟାକରଣରେ ଲାଟିନ ସଂଜ୍ଞା ପ୍ରକରଣ ରଖିବା ପାଇଁ ଯୁକ୍ତି କରି କହିଥିଲେ "କେହି ଲୋକ କହି ପାରିବ ନାହିଁ ଭବିଷ୍ୟତରେ ତାକୁ ଆଉ କୌଣସି ଭାଷା ଶିକ୍ଷା କରିବାକୁ ପଡ଼ିନପାରେ ବୋଲି । ତେଣୁ ଉକ୍ତ ବ୍ୟକ୍ତିକୁ ଇଂରାଜି ମୂଳକଥା ଏପରି ଭାବରେ ଶିକ୍ଷା କରିବା ପ୍ରୟୋଜନ ଯେପରିକି ଅନ୍ୟଭାଷା ଶିଖିବା ତାହା ପକ୍ଷରେ ସହଜ ହେବ । (ଇଂରାଜି ଭାଷାର ବ୍ୟାକରଣ : ଉଇଲିଅମ୍ ଓ୍ୟାଡ୍ ୧୭୬୯) । ଠିକ୍ ଏହିପରି ଲିଣ୍ଡଲେ ମରେ ତାଙ୍କର ଇଂରାଜି ବ୍ୟାକରଣ (୧୭୯୫) ରେ ଲାଟିନ ବ୍ୟାକରଣକୁ ଅବିକଳ ଥୋଇ ଦେଇଥିଲେ । ଠିକ୍ ଯେପରି ସଂସ୍କୃତ ବ୍ୟାକରଣ ମାଧ୍ୟମରେ ସେ କାଳର ଅନ୍ୟାନ୍ୟ ଭାଷା ଶିକ୍ଷା କରିବା ସହଜ ହେଉଥିଲା ଠିକ୍ ସେପରି ମରେଙ୍କର ବହି ବି ବେଶ୍

Digitized by srujanika@gmail.com

ଉପଯୋଗୀ ହେଉଥିଲା । (ଓଡ଼ିଆରେ ମୃତ୍ୟୁଞ୍ଜୟ ରଥେ ବି ଏଭଳି ଅବିକଳ ସଂସ୍କୃତର ଅନୁସରଣରେ ଏକ ବ୍ୟାକରଣ ଲେଖିଥିଲେ) ତେବେ ବି ସେ କାଳରେ ଇଂରାଜି ଭାଷୀ ଲୋକେ ଏହି କୃତ୍ରିମ ପଦ୍ଧତି ପ୍ରତି ବିତସ୍ପୃହ ଥିଲେ ଓ ଇଂରାଜି ଭାଷାର ରୀତି ଅନୁସାରେ ବ୍ୟାକରଣ ରଚନା ପାଇଁ ଜିଗର ଧରୁଥିଲେ ।

ପୃଥିବୀରେ ସବୁ ଭାଷାରେ ଏକ ଧାରଣା ବଳବତ୍ତର ଯେ ପ୍ରତ୍ୟେକ ଭାଷାର ଗୋଟିଏ ଖାଣ୍ଟି 'ବ୍ୟାକରଣ ଶୁଦ୍ଧ' ଗଢ଼ଣ ଅଛି । ଏହି ଗଢ଼ଣଟି ସ୍ୱଭାବସିଦ୍ଧ । ଏହି ଗଢ଼ଣ ସହିତ ପ୍ରଚଳିତ ଧାରାର ବା ଚଳନ୍ତି ଭାଷାର କୌଣସି ସଂପର୍କ ନାହିଁ । ଯାହା ଥିଲା, ରହିଛି, ରହିବ; କାଳ ବା ଯୁଗ ପରିବର୍ତ୍ତନ ଏହା ଦିହରେ ଟିକିଏ ବି ମଳିଧୂଳି ଲଗାଇ ଦେବ ନାହିଁ । ଏହା କେବଳ ଗୋଟିଏ ଧାରଣା ନୁହେଁ । ଏଭଳି ଗୋଟିଏ ତତ୍ୱ ବି ରହିଛି । ଏହି ତତ୍ତ୍ୱବାଦୀମାନଙ୍କ ମତ ଯେ ସବୁ ଦେଶରେ ବା କାଳରେ ଭାଷାର ଶତ୍ରୁମାନେ ଭାଷାର ସଂହାର କରିବାରେ ଲାଗିଛନ୍ତି । ତେଣୁ ସେମାନଙ୍କର ଆଘାତ ଓ ଆକ୍ରମଣରୁ ଭାଷାକୁ ବଞ୍ଚାଇବାକୁ ହେବ । ଏହି ସଂହାରକମାନେ ହୁଏତ ବିକୃତମନା ନତୁବା ଆଳସ୍ୟପରାୟଣ । ହୁଏତ ଏମାନେ ଯତ୍ନହୀନ କଦର୍ଯ୍ୟ ଲେଖକ, ଯେଉଁମାନଙ୍କର ବ୍ୟାକରଣ ପ୍ରତି ଖାତିରି ନାହିଁ । ନୋହିଲେ ଏମାନେ ମୂର୍ଖ ଲୋକେ ଯେଉଁମାନଙ୍କର ଆପଣାର ଭାଷାର ବ୍ୟାକରଣ ପାଇଁ ନଜର ନାହିଁ ।

ଓଡ଼ିଆ ଭାଷା କଥା ଛାଡ଼ିଦେଲେ ବି ଯେଉଁ ଭାଷାମାନେ ଆଜି ଖୁବ୍ ବିଶ୍ୱବିଖ୍ୟାତ ପ୍ରତିଷ୍ଠିତ ଭାଷା, ସେହି ଭାଷାର ପଣ୍ଡିତମାନେ ବି ଏଭଳି ତତ୍ତ୍ୱକୁ ଗ୍ରାହ୍ୟ କରନ୍ତି ନାହିଁ ।

"ଆଜି ପ୍ରକୃତ ପକ୍ଷରେ କୌଣସି ଲେଖକ କିଛି ଲେଖିଲାବେଳେ କୌଣସି ନା କୌଣସି ବ୍ୟକ୍ତିର ଧାରଣା ପ୍ରତି ଦ୍ରୋହାଚରଣ କରିବ ହିଁ କରିବ । ନ କରି ଉପାୟ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଶବ୍ଦ ଓ ରଚନା ବିଷୟରେ ଯେଉଁ ଧାରଣା ଅଛି ତାକୁ ଜଗି ରଖି ଲେଖି ବସିଲେ ଲେଖନୀ ଚଳାଇବା ଅସମ୍ଭବ । କଥିତ ବା ଲିଖିତ ଭାଷାର ଏହି ପ୍ରହରୀମାନଙ୍କର ବିଭିନ୍ନ ଓ ପରସ୍ପର-ବିଚ୍ଛିନ୍ନ ନିର୍ଦ୍ଦେଶକୁ ମାନି ଚଳିବା ଲୋକ କାଳକ୍ରମେ ଦେଖିବ ଯେ କହିବାକୁ ବା ଲେଖିବାକୁ ତା'ର ଆଉ କୌଣସି ଭାଷା ନାହିଁ ।

(ଦି ଷ୍ଟାଣ୍ଡାର୍ଡ୍ ୟୁସେଜ - ଟି: ଆର: ଲାଉନ୍ସବରି)

ଖାଣ୍ଟି ଓଡ଼ିଆ –

ତେବେ ବି ଲୋକେ କହିଥାଆନ୍ତି, "ଖୋରଧା, ବାଣପୁର ଓ ଘୁମସରର ଓଡ଼ିଆ ନିରୁତା ଖାଣ୍ଟି ଓଡ଼ିଆ ।" କିନ୍ତୁ ଏଭଳି ଧାରଣା ଭୁଲ । ଏହି ଧାରଣା ବିରୁଦ୍ଧରେ ଆମ ଆଗରେ ପାରଳାଖେମଣ୍ଡି, ତାଳଚେର, ଅନୁଗୋଳ, ମୟୂରଭଞ୍ଜ ବା

Digitized by srujanika@gmail.com

ସମ୍ବଲପୁରର ଓଡ଼ିଆ ମଧ୍ୟ ଛିଡ଼ା ହେବ । "କେଉଁଠି ଉତ୍କୃଷ୍ଟ ଇଂରାଜୀ କହନ୍ତି ? ଫ୍ରାନ୍‌ସର କେଉଁ ଅଞ୍ଚଳରେ ସବୁଠୁଁ ଖାଣ୍ଟି ଫରାସି ଭାଷା ଶୁଣିବାକୁ ମିଳିବ ? କେଉଁଠି ବିଶୁଦ୍ଧତମ ଜର୍ମାନ ଭାଷାରେ ଲୋକେ କଥା କହନ୍ତି ?" ଏହି ସଂକ୍ରାନ୍ତରେ 'ଉତ୍କୃଷ୍ଟ' ବା 'ଖାଣ୍ଟି' ଶବ୍ଦର ମାନେ ହେଲା ପଚାରିବା ଲୋକର ମନରେ ଗୋଟେ ବଦ୍ଧମୂଳ ଧାରଣା ଅଛି ଯେ କେଉଁଠି ହେଲେ ଗୋଟାଏ ଷ୍ଟାଣ୍ଡାର୍ଡ଼ ବା ସର୍ବୋତ୍କୃଷ୍ଟ ବୋଲି ଅଛି ଯାହାର ବଡ଼ତି ବା ମଜ୍ଜାଗତ ବିଶୁଦ୍ଧତା ବିଷୟରେ ସନ୍ଦେହ ନାହିଁ । ଏଭଳି ପ୍ରଶ୍ନର ଏକମାତ୍ର ଉତ୍ତର ହେଉଛି 'ସବୁଠୁଁ ଭଲ ସ୍କଟ-ଇଂରାଜି ସ୍କଟଲାଣ୍ଡରେ ଲୋକେ କୁହନ୍ତି । ସବୁଠୁ ଭଲ ଆମେରିକାନ ଇଂରାଜି ଯୁକ୍ତରାଷ୍ଟ୍ର ଆମେରିକାରେ ହିଁ କୁହାଯାଏ । ବିଶୁଦ୍ଧ ଲଣ୍ଡନ-ଇଂରାଜି ଲଣ୍ଡନ ସହରରେ ହିଁ ମିଳିବ । ସବୁଠୁଁ ନିର୍ଭୁଲ ପାରିସୀୟ ଫରାସୀ ଭାଷା ପ୍ୟାରିସ୍ ସହରରେ ଚଳେ ଓ ଆଦର୍ଶ ଭିଏନୀୟ ଜର୍ମାନ ଅଷ୍ଟ୍ରିୟାର ଭିଏନା ସହରବାସୀ ହିଁ କହନ୍ତି' ।"

(କଥିତ ଇଂରାଜିର ବ୍ୟାକରଣ – ପାମର ଓ ବ୍ଲାଣ୍ଡଫୋର୍ଡ଼)

ଅନ୍ୟ କଥାରେ ଖାଣ୍ଟି ଇଂରାଜୀ ବା ଫରାସୀ ବା ଖାଣ୍ଟି ଓଡ଼ିଆ ବୋଲି କୌଣସି ଭାଷା କେଉଁଠି ଲେଖା ହୋଇନାହିଁ । ଭାଷାର କୌଣସି ଅଞ୍ଚଳ ବିଚାର ନାହିଁ । ଏଭଳି ଅଞ୍ଚଳ ବିଚାର କରିବା ବିଜ୍ଞାନର ଦ୍ରୋହାଚରଣ । ଭାଷା ହେଉଛି ଲୋକମୁଖର ବାହନ, ଲୋକାଚାରର ପ୍ରକାଶ । ତେଣୁ ଲୋକ ପ୍ରଚଳିତ ଜୀବନ୍ତ ଭାଷାକୁ ହିଁ ବ୍ୟାକରଣ ଅନୁସରଣ କରିଥାଏ । ଆଗେ ଆଗେ ଭାଷା, ପଛେ ପଛେ ବ୍ୟାକରଣ ।

ତେବେ ବ୍ୟାକରଣର ପ୍ରୟୋଜନ ? ଶୁଚିବାୟୀମାନଙ୍କର ନାକଟେକା ଓ ଭ୍ରୂକୁଟି ବ୍ୟାକରଣର ଉଦ୍ଦେଶ୍ୟ ନୁହେଁ । "ବ୍ୟାକରଣ ପାଠର ପହିଲି ଉଦ୍ଦେଶ୍ୟ ହେଲା ଭାଷା ବିଷୟକ ସତ୍ୟଗୁଡ଼ିକର ଅନୁସନ୍ଧାନ । ଯାହା ଅଛି ତାହାକୁ ବିଧିସିଦ୍ଧ କରିବା, ବିଧାନର ଛାଞ୍ଚରେ ଥୋଇବା । ଯାହା ହେବା ଉଚିତ ତାହା ଥୋଇବା ନୁହେଁ । ଯାହା ହୋଇଛି ବା ହୋଇ ଯାଉଛି ତାହାର ସତ୍ୟକୁ ପ୍ରକାଶ କରିବା । ଭାଷାର ପ୍ରାଥମିକ ସ୍ତରରେ ଯାହା ଥିଲା, ତାହାକୁ ମୂଳ କରି ରଦ୍ଦ ବାକ୍ୟ ସବୁକୁ କାଟଛାଣ୍ଟ କରିବା ନୁହେଁ ।"

(ସୁଇଟ : ନିଉ ଇଙ୍ଗଲିସ ଗ୍ରାମାର (ନୂତନ ଇଂରାଜୀ ବ୍ୟାକରଣ))

ଓଡ଼ିଆ ଅଭିଧାନର ସୂତ୍ର

ଓଡ଼ିଆ ଭାଷାର ଯେଉଁ କେତୋଟି ଅଭିଧାନ ଅଛି ସେ ସବୁରେ ଓ ସର୍ବୋପରି ଗୋପାଳଚନ୍ଦ୍ର ପ୍ରହରାଜଙ୍କର ଓଡ଼ିଆ ଭାଷାକୋଷରେ ଦେଶଜ, ସମ୍ବଲପୁରୀ, ଗଞ୍ଜାମ ଇତ୍ୟାଦି ବିଭିନ୍ନ ପ୍ରୟୋଗ ଚିହ୍ନଥିବା ଶବ୍ଦର ଅବତାରଣା କରାଯାଇଛି । ଏପରି ହେବା ଅଭିଧାନ ସୂତ୍ର ପାଇଁ ଠିକ୍ ହୋଇପାରେ କିନ୍ତୁ ଭାଷା

Digitized by srujanika@gmail.com

ଦୃଷ୍ଟିରୁ ଠିକ୍ ନୁହେଁ । କାରଣ ଦିନୁ ଦିନ ଦେଖୁଁ ଦେଖୁଁ ଏହି ପ୍ରକାର ଦେଶଜ, ସମ୍ବଲପୁରୀ, ଗଞ୍ଜାମୀ ବା ଦକ୍ଷିଣୀ ଶବ୍ଦ ବିନ୍ୟାସର ଧାରା ବଦଳିବାରେ ଲାଗିଛି । ଭାଷାର ଏକମାତ୍ର ମାପକାଠି ହେଲା ତାହାର ସାର୍ବଜନୀନତା । ତେଣୁ ଯେଉଁ ଶବ୍ଦ ବା ପଦବିନ୍ୟାସ, ଯେତିକି ସାର୍ବଜନୀନ, ତାହା ସେତିକି ସାଧାରଣ; ତେଣୁ ତା ଉପରେ ଦେଶଜ, ସମ୍ବଲପୁରୀ ବା ଗଞ୍ଜାମୀ ଇତ୍ୟାଦି ଗୋଷ୍ଠୀଗତ ଅପବାଦ ଯୋଗାଏ ନାହିଁ । ବରଂ ଏଭଳି ଅପବାଦ କେବଳ ଭାଷାର ସଂକୀର୍ଣ୍ଣତା ପ୍ରକାଶ କରେ । ଓଡ଼ିଆ ଶବ୍ଦ ଓ ବିନ୍ୟାସ ଧାରାରେ ଫକୀରମୋହନଙ୍କ ପରେ ଯେଉଁମାନେ ଗଦ୍ୟ ଶୈଳୀର ଏକ ପ୍ରାଣବନ୍ତ ଧାରା ଫିଟାଇଥିଲେ ସେମାନଙ୍କର ଲେଖାରୁ କିଛି ଦୃଷ୍ଟାନ୍ତ ଏଠାରେ ନିଆଯାଇପାରେ । ଏଥି ଭିତରୁ ବଡ଼ ହରଫ ଶବ୍ଦଗୁଡ଼ିକର ପ୍ରୟୋଗ କ୍ରମେ ଲୋପ ପାଇ ଯାଉଛି ।

୧ । "ଉତ୍କଳ ସାହିତ୍ୟ କ୍ଷେତ୍ରରେ ନାନାବିଧ ସାହିତ୍ୟ ବୃକ୍ଷ ବିଦ୍ୟମାନ । ତାହାର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଅଛି । **ତନ୍ମଧ୍ୟରୁ ଅଧିକାଂଶ ଅନାୟାସଜାତ** ଓ ବନ୍ୟ । ସଯତ୍ନବର୍ଦ୍ଧିତ, **ସୁଗନ୍ଧାମୋଦି, ଅମୃତ ଫଳସ୍ରାବୀ** ବୃକ୍ଷ ବିରଳ କହିଲେ ଚଳେ ।

(ବ୍ରଜସୁନ୍ଦର ଦାସ - ବିପିନବିହାରୀ ରାୟଙ୍କର ତର୍କ ବିଜ୍ଞାନର ଭୂମିକା)

୨ । "ତଥାପି ସେମାନେ କୋଣାର୍କକୁ ପୃଥିବୀର ଏକ ଶ୍ରେଷ୍ଠ ଦ୍ରଷ୍ଟବ୍ୟ ବୋଲି ସ୍ୱୀକାର କରି ଯାଇଛନ୍ତି ଏବଂ ଯେଉଁ କୋଣାର୍କ ପୃଥିବୀର ପ୍ରଦର୍ଶନୀରେ ଏତେ ଉଚ୍ଚ ସ୍ଥାନ ଲାଭ କରିଅଛି ତାହା ତତ୍କାଳୀନ ଉତ୍କଳୀୟମାନଙ୍କ ଦ୍ୱାରା ନିର୍ମିତ ବୋଲି ସ୍ୱୀକାର କରିବା ସେମାନଙ୍କ ପକ୍ଷରେ ସ୍ୱାଭାବିକ ନ ହେଲେ ସୁଦ୍ଧା କୋଣାର୍କର ଅବୟବରେ ସେମାନଙ୍କ ବଙ୍ଗୀୟ ଶିଳ୍ପୀର **କରକୌଶଳ** ବା ମୁସଲମାନ କାରିଗରର **ମସ୍ତିଷ୍କ - ବିଚକ୍ଷଣତା** ଦେଖିପାରି ନାହାନ୍ତି ।"

ଗୌଦାବରୀଶ ମିଶ୍ର – କୋଣାର୍କ ଦର୍ଶନ (ଉତ୍କଳ ସାହିତ୍ୟ ୧୯୧୧)

୩ । "ମନୁଷ୍ୟ ଯେତେବେଳେ ଉଚିତ ବୋଲି କୌଣସି ପରିବର୍ତ୍ତନ ସାଧନରେ ପ୍ରବୃତ୍ତ ହୁଏ, ଯେତେବେଳେ ତାହାର 'ହେବୁ' ଶକ୍ତି ଖୁବ୍ **ବଳବତୀ** ହୋଇ ଉଠେ, ସେତେବେଳେ ନାନା **କୁଶଙ୍କା, କୁତର୍କ** ଆସି ଦ୍ୱାର ରୋଧ କରେ । × × × × × ସେତେବେଳେ ସମସ୍ତ ସମାଜର 'ଅଛୁ' ଶକ୍ତି ନିକଟରେ ସମାଜସ୍ଥ ଅଳ୍ପ ସଂଖ୍ୟକ ମନସ୍ୱିଙ୍କ 'ହେବୁ' ଶକ୍ତି କି ଅକିଞ୍ଚିତକର ! ତାହା ସହଜରେ ଅନୁମେୟ ।

(ନୀଳକଣ୍ଠ ଦାସ – 'ଅଛୁଁ ଓ ହେବୁ' ଉତ୍କଳ ସାହିତ୍ୟ ୧୯୧୦)

Digitized by srujanika@gmail.com

୪ । ନିମ୍ନଶ୍ରେଣୀରୁ ଯେଉଁମାନେ ଭାଗ୍ୟକ୍ରମେ ଏ ବିଭାଗକୁ ଉଠନ୍ତି ସେମାନେ **ମୁକ୍ତିଶୀଳା** ବା **ବୈତରଣୀ ପାଞ୍ଚଦାନ ଘେନିବା** ବେଳକୁ ଏ ଦୁର୍ଲ୍ଲଭ ପଦ ସ୍ପର୍ଶ କରିଥାଆନ୍ତି । ପ୍ରଥମ ଶ୍ରେଣୀ ତ ଦେବଦୁର୍ଲ୍ଲଭ ପଦ, ସେଥିରୁ କାହାରି କିଛି କହିବାର ନାହିଁ । ଦିଅଁଙ୍କ ଗଛରେ କୁରାଢ଼ି ଲଗାଇବାକୁ କ୍ଷମତା କାହାର ? ଏହିଠାରେ ଯୋଗ୍ୟତା ବାଡ଼ରେ ଏମାନେ ଧକ୍କା ପାଆନ୍ତି ।

(ଗୋପବଂଧୁ ଦାସ – ସମାଜ ୫/୩/୨୬)

୫ । ପାଞ୍ଚପତିଙ୍କର ଗୋଟିଏ ଭାର୍ଯ୍ୟା । ଏହା ଅନେକଙ୍କୁ ଆଚମ୍ୱିତ ବୋଧ ହେବ କିନ୍ତୁ **ଆଚମ୍ୱିତ** ଲାଗିବାର ଏଥିରେ କିଛି ନାହିଁ । ଦ୍ରୌପଦୀଙ୍କର ପାଞ୍ଚପତି କିପରି ହେଲେ । କହେଁ, ତେବେ ଶୁଣ । ତାଙ୍କରି **କଥା**ରେ ତ ମହାଭାରତ ପରି ଏଡ଼େ ପୋଥି । ×××× ×××× ଗାନ୍ଧାରୀ ବଡ଼ ଧାର୍ମିକ, ମହାସତୀ ।

ସ୍ୱାମୀମାନଙ୍କର ବିଭବ ଦେଖି, ପ୍ରଶଂସା ଶୁଣି ଦ୍ରୌପଦୀଙ୍କ ଆନନ୍ଦ **ପେଟରେ** ଧରିଲା ନାହିଁ ।

(ବାସୁଦେବ ମହାପାତ୍ର – ଦ୍ରୌପଦୀ)

୬ । କପିଳେନ୍ଦ୍ର ଜଣେ ଦରିଦ୍ର ସୂର୍ଯ୍ୟବଂଶୀୟ କ୍ଷତ୍ରିୟ ସନ୍ତାନ । ଉଦର ପୋଷଣର ଅନ୍ୟ ଉପାୟ ନ ଦେଖି **ଜନୈକ** ବ୍ରାହ୍ମଣ ଘରେ ଗାଈରଖା କାର୍ଯ୍ୟ କରୁଥିଲେ । ଗାଈ ଜଗିବା କାର୍ଯ୍ୟଟି ବଡ଼ ସହଜ ନୁହେଁ । ସଦାସର୍ବଦା ଗାଈବାଛୁରୀଙ୍କଠାରେ ନଜର ଥିବ ନଚେତ୍ କାହା କିଆରିରେ **ଖଦା** କଲେ ସେ ଆସି ମାରଧର କରିବ । ଏଣେ ମନଦେଇ ଗାଈମାନଙ୍କୁ ପେଟପୂରା କରି ଚରେଇବାକୁ ହେବ, ନଚେତ୍ ଖାଉନ୍ଦ କହିବ, ମୋ ଗାଈ ଖାଇବା ବିନା **ହାରିଗଲେ** ।

(ଜଗବଂଧୁ ସିଂହ – ପ୍ରାଚୀନ ଉତ୍କଳ)

୭ । **ପୁରୁଷକାର**ର ପଦପ୍ରାନ୍ତରେ ସିଦ୍ଧି ଲୁଣ୍ଠିତ ଏବଂ ଏହି ସିଦ୍ଧି ଆକୃଷ୍ଟ ହୋଇ ସାଧନାର ଗଳାରେ ବରମାଲ୍ୟ ପିନ୍ଧାଇ ଦେବା ସ୍ୱାଭାବିକ ।

(ଶଶିଭୂଷଣ ରାୟ– ଉତ୍କଳ ସାହିତ୍ୟ)

୮ । **କାମୀ** ଲୋକଙ୍କୁ ନ ପଠାଇ ଅକାମୀ ଲୋକଙ୍କୁ ପଠାଇଲେ କ୍ଷତି ନାହିଁ । କେବଳ ଦେଖିବାକୁ ହେବ ଯେପରି କେହି **ଗଳାକଟା** ନ ଯାନ୍ତି ।

(ରାମଶଙ୍କର ରାୟ, ଦୀପିକା ୧୩।୫।୨୬)

Digitized by srujanika@gmail.com

୯ । ସେମାନେ ନିଜେ **ତୋଟିକଟା** ନ ହୋଇ ପାରନ୍ତି ମାତ୍ର ଅନ୍ୟ **ତୋଟି** କାଟିବାକୁ ବସିଲାବେଳେ ତା'ର ଦୁରଭିସନ୍ଧି ବୁଝିବାର କ୍ଷମତା ତାଙ୍କର ତ ଥିବା ଚାହି ।

(ଗୋପବନ୍ଧୁ ଦାସ – ସମାଜ)

ନଇ କେ ବାଙ୍କ

ଶୁଣାଯାଏ, ସେ ବର୍ଷ କଟକରେ ଉତ୍କଳ ସମ୍ମିଳନୀର ଅଧିବେସନ ବସିଥିଲା । ସେହି ସମ୍ମିଳନୀର ସଭାପତି ହୋଇଥିଲେ ଗୋପବନ୍ଧୁ ଦାସ । ଉକ୍ତ ସମ୍ମିଳନୀକୁ ରାଜନୈତିକ ଓ ପ୍ରାକୃତିକ ଓଡ଼ିଶାର ବିଭିନ୍ନ ଆଡୁ ପ୍ରତିନିଧିମାନେ ଆସିଥିଲେ । ସେତେବେଳେ ଗଞ୍ଜାମ ରାଜନୈତିକ ଓଡ଼ିଶା ଭିତରେ ସାମିଲ ହୋଇନଥାଏ । ଗଞ୍ଜାମରୁ ପ୍ରତିନିଧି ଭାବରେ ଆଉମାନଙ୍କ ସାଙ୍ଗରେ ଆସିଥାନ୍ତି ଶଶିଭୂଷଣ ରଥ । ସମ୍ମିଳନୀ ସରିଲା ପରେ ପ୍ରତିନିଧିମାନଙ୍କର ଯିବାର ପାଳି ଆସିଲା । ତେଣୁ ଶଶି ରଥେ, ଦାସେ ଆପଣେ (ଗୋପବନ୍ଧୁ)ଙ୍କ ଠାରୁ ବିଦା ହେବାକୁ ଆସିଲେ । ଗୋପବନ୍ଧୁ ଦାସ ସଙ୍ଖୋଳା ସଙ୍ଖୋଳି ପରେ ପଚାରିଲେ "ଆପଣ କ'ଣ ଆଜି ଚାଲିଯିବେ ।" ଏକଥା ଶୁଣି ଶଶି ରଥେ ତ କାବା ! ମନେ ମନେ ପାଞ୍ଚିଲେ କଟକକୁ ଗଞ୍ଜାମ ତ ଖଣ୍ଡେ ଦୂର ବାଟ ନୁହେଁ । ଦେଢ଼ଶ ମାଇଲ କାନ୍ତର ବାଟ । ଏତେ ବାଟ ଚାଲିଯିବି ବୋଲି କିପରି ଦାସେ ଆପଣେ ଭାବୁଛନ୍ତି ? ସେ ପ୍ରକାଶ୍ୟରେ କହିଲେ, "କି ଅଭାଗ୍ୟ କଥା । ଟିକଟ ବାନ୍ଧି ଗାଡ଼ିରେ ଯିବୁ । ଚାଲି କରି କେଣେ ଯିବୁ ହେ ।" ଏହି କଥା ସେତେବେଳେ ଏକ ହସସୃଷ୍ଟିର କାରଣ ହୋଇଥିଲା ଓ ଆଜିଯାଏ ବି କଥନୀ ହୋଇ ରହିଛି ।

ପୁଣି ଶୁଣାଯାଏ ହୀରାକୁଦ ବନ୍ଧ ଗଢ଼ା ହେଲାବେଳେ ସମ୍ବଲପୁର ବାସୀ ଆପଣା ଅଞ୍ଚଳର ହଜାର ହଜାର ସାରସୋତ କ୍ଷେତବାଡ଼ି ଓ ଗାଁଗଣ୍ଡା ପାଣିରେ ବୁଡ଼ିଯିବାର ଆସନ୍ନ ଆଶଙ୍କାରେ ଖୁବ୍ ବ୍ୟସ୍ତ ହୋଇପଡ଼ିଥିଲେ । ସେତେବେଳେ ସେମାନଙ୍କର ଏହି ଆଶଙ୍କାରେ ଇନ୍ଧନ ଯୋଗାଇବାର ଉପାଦାନ ଥିଲା ସମ୍ବଲପୁରର ଲୋକଭାଷା । ମନେପଡ଼େ, ସେତେବେଳେ ଓଡ଼ିଶାର ସାବାଳକ ଲୋକଙ୍କୁ ଅକ୍ଷର ପରିଚୟ କରାଇବା ପାଇଁ ଲୋବାକ୍ ସାହେବଙ୍କ ପଦ୍ଧତିର ଗୋଟିଏ ଚାର୍ଟର ପ୍ରଚଳନ ଥିଲା । ସେହି ଚାର୍ଟରେ ପ୍ରଥମ ପାଠ ଥିଲା, "ବିଲୁଆଟିଏ କିଆବାଡ଼ ପଛଆଡ଼େ ଧାଇଁ ଧାଇଁ କରି ପଳେଇଲା ।" ଖାଣ୍ଟି ସମ୍ବଲପୁରୀ ଓଡ଼ିଶାରେ ବିଲୁଆକୁ କହନ୍ତି କୁହିଁଆ; 'କିଆବାଡ଼' କ'ଣ ସେମାନେ ଜାଣନ୍ତି ନାହିଁ । ସେଠାରେ ସ୍ତ୍ରୀଲୋକ କିଆଫୁଲ ମୁଣ୍ଡରେ ଖୋସନ୍ତି । 'ଧାଇଁ ଧାଇଁ' କୁ ସେମାନେ କହନ୍ତି 'ନରଦି ନରଦି';

Digitized by srujanika@gmail.com

ପଳେଇଲାକୁ ସମ୍ବଲପୁରରେ କହନ୍ତି 'ଭାଗ୍‌ଲା' । ତେଣୁ ଓଡ଼ିଆ ଲିଖିତ ଭାଷା ସହିତ ସମ୍ବଲପୁରୀ କଥିତ ଭାଷାରେ ସମ୍ପର୍କ ଅତି କ୍ଷୀଣ ଏକଥା ପ୍ରମାଣ କରିବାର ଉଦ୍ୟମ ହୋଇଥିଲା । ଯାହା ଫଳରେ ସମ୍ବଲପୁରର ବିସ୍ତୃତ ଅଞ୍ଚଳକୁ ବୁଡ଼ାଇ ଓଡ଼ିଶାର ବନ୍ୟାଦାଉ ଲାଘବ କରିବାର ଯୋଜନାକୁ ସମ୍ବଲପୁରବାସୀଏ ବିନା ଦ୍ୱିଧାରେ ବିରୋଧ କରିପାରିବେ ।

ଏବେ ଓଡ଼ିଆ ଭାଷାରେ ନଇକେ ବାଙ୍କ ଓ ଦେଶକେ ଫାଙ୍କ ରହିଛି । କେଉଁ ଭାଷାରେ ବା ନାହିଁ ? କିନ୍ତୁ ଆଗେ ଯେପରି ପରସ୍ପରର ଭାଷା ଶୁଣିଲେ ବିଚିତ୍ର ଚମକ ଲାଗୁଥିଲା, ଯେପରି ମନେ ହେଉଥିଲା ନୂଆ ନୂଆ, ଏବେ ତାହା ବହୁ ପରିମାଣରେ କଟିଛି । ଏବେ କଟକ, ପୁରୀ, ବାଲେଶ୍ୱରର ଲୋକେ ବି କହୁଛନ୍ତି । 'ମୁଁ ପଳଉଛି ।' ଅର୍ଥାତ୍ 'ମୁଁ ଯାଉଛି ।' 'ସହି, କି ବ୍ରତ କରି ବର ପାଇଲୁ । ସେବି କେଉଁ ଦେବାତାଙ୍କୁ ମନାଇଲୁ ।' 'ବର ପାଇଲୁ' 'ପୁଅ ପାଇଲୁ', 'ସୁଖ ପାଇଲୁ' କିନ୍ତୁ 'ଚିଠି ପାଇଲୁ ?' ନୁହେଁ 'ଚିଠି ମିଳିଲା ?" ଥିଲା ଗଞ୍ଜାମର ରୂଢ଼ିପ୍ରୟୋଗ । ଏବେ ସବୁଠାରେ ଓଡ଼ିଆଏ 'ଚିଠି ପାଇଛି' ଓ 'ତୁମର ଚିଠି ମିଳିଛି' ଉଭୟକୁ ବହୁ ବ୍ୟବହାର କରୁଛନ୍ତି । ଏକଥା ବି ନିଃସନ୍ଦେହ ଭାବରେ ଧରି ନିଆଯାଇପାରେ ଯେ ବହୁ ସମ୍ବଲପୁରୀ, ଗଞ୍ଜାମୀ ଓ ବାଲେଶ୍ୱରୀ ଶବ୍ଦ ଓଡ଼ିଆ ଭାଷାର ସାର୍ବଜନୀନ ଶବ୍ଦରେ ପରିଣତ ହୋଇଯିବ ଓ ଆଜି ଯାହା ଆଞ୍ଚଳିକ ବା ଜିଲ୍ଲାଗତ ଶବ୍ଦ ମନେ ହେଉଛି ତାହା ଭାଷାର ଶବ୍ଦ ହେବ ।

ଏକ କାଳରେ ଯାହା କେବଳ ପୁରୀ, ଘୁମୁସର ଓ ଖୋର୍ଦ୍ଧାର ଲୋକଙ୍କର ରୂଢ଼ି ପ୍ରୟୋଗ ଥିଲା ତାହା ଏବେ ସାରା ଓଡ଼ିଆ ଭାଷାର ସମ୍ପଦରେ ପରିଣତ ହୋଇଛି । ଯେପରି –

(କ) ' ଅନ୍ନ **ବିହୁନେ** ହଂସ ହାନି, ଯୋଗ ସାଧିବୁ କାହା **ଘେନି** ।'

(ଖ) ତୋ ଆଉ ମୋ **ମଝିରେ** ସେ ଛିଡ଼ା ହୋଇଥିଲେ ।

କିମ୍ବା, ତାକୁ ମୋତେ ମଝି କରି ସେ ଛିଡ଼ା ହୋଇଥିଲେ ।

(ଗ) **କଟକକୁ** ନିକଟ, **ପୁରୀକୁ** ଦୂର ଭୁବନେଶ୍ୱର, (ଘ) ମିଛୁଆକୁ **ଉପରକଣ୍ଠା ଚଳକଣ୍ଠା** କର, (ଙ) ନଇ ବଢ଼ିକୁ ଦିଅଙ୍କ ରାଣ, (ଚ) **ଯେସାକୁ** ତେସା, (ଛ) ଭଲ **ଫୋଟକୁ** ଆଟା (ବ୍ରହ୍ମପୁରର ଏକ ସାଇନ୍‌ବୋର୍ଡ 'ଆଟା' ହେଉଛି ଦୋକାନର ନାମ(ଜ) ଗାଁର **ଚାରିଦିଗକୁ** ପାହାଡ଼ ଦିଶୁଛି,(ଝ) ମୋହରି କର୍ମକୁ ପ୍ରଭୁ ଚଟକା ପଥୁରୀ ହେ, ତିନିବେଳ ଖାଏ ବୋଲି ପଡ଼ିଥାଏ ହୁରି ହେ, (ଞ) କଥା **କାଳ କାଳକୁ** ରହିଯିବ, (ଟ) ସାତ ପୁରୁଷକୁ ବନ୍ଧୁ ବାନ୍ଧିଛୁଁ, (ଠ) **ତାଙ୍କୁ ଆମକୁ** ବଡ଼ ସ୍ନେହ ,

Digitized by srujanika@gmail.com

(ଡ) **ବେଳବୁଡ଼କୁ** ନାହା ବଡ଼ମୁଳ ନାଶୀ ଠାରେ ଲାଗିଲା (ଫକୀରମୋହନ), (ଢ) **ଦିନକରେ** ପାଠ ସରିଲା, (ଣ) ତା **ବୁଲେ ମିଶିଲ** ? (ତ) ଏଗ **କଥାକୁ**, ନାଥା ମେଲି ଦେଲି କଲିକତାକୁ, (ଥ) ସେଥିକି ଆମକୁ କି ଲୋଡ଼ା ? (ଦ) ମୋ ନିଦ **କେଣେ** ଦେଲୁ ଭାଙ୍ଗି ? ସ୍ୱପ୍ନେ ଦେଖୁଥିଲି ପ୍ରାଣ ସଙ୍ଗୀ, (ଧ) ମୋ ତହୁ **ଡେଙ୍ଗା** ରାମ ଖାଡ଼େଙ୍ଗା ହେବ ବୋଲି ମନେ ପାଞ୍ଚିଛି, (ନ) ଆମ ଜାତିଟାକୁ ତୁମେ ଅଗଁଠାଖିଆ କୁତିଙ୍କଠାରୁ ଆହୁରି **ବେହାଲ** କରି ରଖିଛ, (ପ) ପୋଥିରେ ଲେଖିବାରେ ତୁମର କୁତେଇ ନାହିଁ, (କାର୍ପଣ୍ୟ ନାହିଁ) ଗୋପାଳ ପ୍ରହରାଜ (ଫ) ଯେବେ ଆମେ ତୁଟ ସଙ୍ଗେ **ପଟ** କକାଇ ନପାରିବୁ (ଗୋପାଳ ପ୍ରହରାଜ,) (ବ) ସେଗୁଡ଼ିକ କେହି ଉଘା ଉଘେଇ ହେବ ନାହିଁ, (ଭ) **କଷ୍ଟ ପଢ଼ି** ରୋଜଗାର କରିବାକୁ ଯାହାର ସାହସ ଅଛି (ଗୋପବନ୍ଧୁ ଦାସ), (ମ) ଘୋଡ଼ାକୁ ଛାଟେ ମାରିବାକୁ ସେ **ଏକବାରିକି** ବାଇବିଛ ହୋଇ ଉଡ଼ି ପଳାଇଲା (ପ୍ରହରାଜ), (ଯ) ଦି ସଙ୍ଗାତ ଉଡ଼ି ଉଡ଼ିକା ସେଇଠେଇଁ ପହଞ୍ଚଗଲେ, (ର) ଯେ ମତେ ବାଘବଜାରୀ ଖେଳରେ ଜିଣିବ ଟାକୁ ମୁଁ ବାହା ହେବି ବୋଲି **ହାରଜିଦି** ମାରି ବସିଛି, (ଳ) ବୁଢ଼ି ଗାଈକୁ **ବୁଢ** କହନ୍ତି, (ବ) ଏଥିପାଇଁ ଆମ **ବଢ଼ ବଢ଼କେ** ଗୋରୁକୁ ମାଆ ବୋଲି କହି ଯାଇଛନ୍ତି, (ଶ) ଏହି **ମାଇପାରେ** ମାଛ ଭଜା ହୁଏ ଓ ଏହା ଖାଇବାକୁ **ସୁଆଦିଆ**, (ଷ) ସୁନୀତିଙ୍କର **ମାସ ଗଢ଼ିଲା** ଓ ଦଶ ମାସ ପରେ ସେ ଗୋଟିଏ ପୁଅ ଜନ୍ମ କଲେ । (ପ୍ରହରାଜ)

ଓଡ଼ିଆ ପ୍ରୟୋଗର ବିଶେଷତ୍ୱରେ ଓଡ଼ିଆ ଗଦ୍ୟ ସାହିତ୍ୟରେ ଗୋପବନ୍ଧୁଙ୍କର ଦାନ ଅତୁଳନୀୟ । ଆଗରୁ କୁହାଯାଇଛି ଏହାର କାରଣ ଥିଲା ଗୋଟିଏ ଓ ଏକମାତ୍ର । ଗୋପବନ୍ଧୁ ଲେଖିଲାବେଳେ, ବିଶେଷତଃ 'ସମାଜ' ରେ ଲେଖିଲାବେଳେ ତାଙ୍କର 'ସମାଜ'ର ଆଖି ପାହାନ୍ତା ଓଡ଼ିଆ ଲୋକଙ୍କୁ ଆଖି ଆଗରେ ରଖିଥିଲେ । ତେଣୁ ତାଙ୍କର ଭାଷା ଥିଲା ଏକ କଥାରେ ଲୋକଭାଷା । ଅନେକେ ସେ ପର୍ଯ୍ୟନ୍ତ ଧାରଣା କରୁଥିଲେ ଯେ କଠିନ ଓ ରାଜନୀତି ସମ୍ପର୍କୀୟ ବିଷୟ ଲୋକଙ୍କ ଭାଷାରେ ପ୍ରକାଶ କରିବାରେ ଭାବର ଗାମ୍ଭୀର୍ଯ୍ୟ ନଷ୍ଟ ହୋଇଯିବ । କିନ୍ତୁ ଗୋପବନ୍ଧୁଙ୍କର ଗଦ୍ୟ ପ୍ରମାଣ କରିଛି ଯେ ଏଭଳି ଧାରଣା ଭୁଲ, ଗୋପବନ୍ଧୁଙ୍କର ପ୍ରତିଷ୍ଠା ଅଛି ବୋଲି ଯେ ଏକଥା ମନେ କରାଯାଉଛି ତାହା ନୁହେଁ । ଅନ୍ୟ ପକ୍ଷରେ ଏ ଦିଗରେ ଗୋପବନ୍ଧୁଙ୍କର ଗଦ୍ୟର ଯଥୋଚିତ ଆଲୋଚନା ହୋଇନାହିଁ ବୋଲି କହିଲେ ଚଳେ ।

ଓଡ଼ିଶାର ଜନ ଜୀବନରେ ଗଦ୍ୟ ଭାଷା

ଓଡ଼ିଶାର ଜନ ଜୀବନରେ କେତୋଟି କଥା ଲକ୍ଷ୍ୟଣୀୟ । ତାହା ବିଲାତ ଶାସନ ପରେ ଖୁବ୍ ସ୍ପଷ୍ଟ ହୋଇଛି । ଯେ କେହି ଖବର କାଗଜର ପୃଷ୍ଠା ଖୋଲିଲେ ଏହାହିଁ ତାହାର ଆଖିରେ ପଡ଼ିବ । ଏ ଭିତରୁ ପ୍ରଧାନ କେତୋଟି ହେଲା –

Digitized by srujanika@gmail.com

(୧) ଓଡ଼ିଶାର ଦାରିଦ୍ର୍ୟ ଓ ଅନ୍ନ ସମସ୍ୟା । (୨) ବନ୍ୟା ଓ ତେଣୁ ଦୁର୍ଭିକ୍ଷ । (୩) ଭୋଟ ଓ ପ୍ରତିନିଧି ନିର୍ବାଚନ । (୪) ଚାଷୀ ଓ ଶ୍ରମିକମାନଙ୍କ ସମସ୍ୟା । (୫) ରାଜନୈତିକ ଦଳ । (୬) ବିଶିଷ୍ଟ ଲୋକଙ୍କର ଜୀବନୀ ବା ମୃତ୍ୟୁ – ପ୍ରଶଂସା ଓ ଶୋକ । ଲୋକସାଧାରଣଙ୍କର ନିତିଦିନିଆ ଜୀବନକୁ ଚହଲାଉ ଥିବା ଏହି କେତୋଟି ବିଭାବ ବୋଧହୁଏ ବର୍ତ୍ତମାନର ସାମାଜିକ ଓ ରାଜନୈତିକ ସଂସ୍କାର ସହଚର । ତେଣୁ ଓଡ଼ିଶାର ଚିନ୍ତା ବା ଭାବ, ସାମାଜିକ, ରାଜନୈତିକ ଓ ଅର୍ଥନୈତିକ (ବୈଜ୍ଞାନିକ ନୁହେଁ) ଏହି ବିଷୟ ଗୁଡ଼ିକରେ ହିଁ ଆବଦ୍ଧ ।

ସମାଜ ବିଜ୍ଞାନର ମତରେ ପ୍ରକୃତି ସହିତ ଉତ୍‌ପାଦନ ପାଇଁ ସଂଗ୍ରାମ ଓ ସେହି ଉତ୍‌ପାଦନ ସମ୍ପର୍କ ଭିତରେ ସଂଗ୍ରାମ ଓ ବୈଜ୍ଞାନିକ ଗବେଷଣା, ଅନ୍ୟ କଥାରେ ପ୍ରକୃତି ବିଜ୍ଞାନ,ସମାଜ ବିଜ୍ଞାନ ଓ ଗବେଷଣା ଏହି ତିନୋଟି ହେଲା ମନୁଷ୍ୟର ଜ୍ଞାନ ଆହରଣର ଉପାୟ । ଏହି ଉପାୟର ଶିକ୍ଷା, ବିଦ୍ୟା ଓ ପଦ୍ଧତିଗୁଡ଼ିକ ସାଧାରଣତଃ ଗଦ୍ୟରେ ହିଁ କୁହାଯାଏ, ଲେଖାଯାଏ । ଏଥି ଭିତରୁ ବୈଜ୍ଞାନିକ ଗବେଷଣା ଓ ପ୍ରକୃତି ବିଜ୍ଞାନର ଗଦ୍ୟ ଲେଖା ଓଡ଼ିଆ ଭାଷାରେ ଅତି ଅର୍ବାଚୀନ । ତାହାର ଆଲୋଚନା ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ହେବା ଦରକାର । କିନ୍ତୁ ଏହି ବୈଷୟିକ ବିଜ୍ଞାନ ଓ ଗବେଷଣାକୁ ଛାଡ଼ିଦେଲେ ସାମାଜିକ ବିଜ୍ଞାନ ଭିତରେ ଯାହା ଅବଶିଷ୍ଟ ରହିଲା ସାହିତ୍ୟ, ଶିଳ୍ପଭାସ୍କର୍ଯ୍ୟ, ଦର୍ଶନ, ରାଜନୀତି, ସମାଜ ନୀତି, ଅର୍ଥନୀତି ଇତ୍ୟାଦି ଏସବୁ ହେଲା ସାମାଜିକ ବିଜ୍ଞାନର ଶ୍ରେଣୀଭୁକ୍ତ ।

ଗୋପବନ୍ଧୁ ଦାସଙ୍କର ଅକାଳମୃତ୍ୟୁ ଲଭିଥିବା ଜୀବନ ଭିତରେ ସେ ତାଙ୍କର ପହୁଞ୍ଚ ଭିତରେ ଯେତେ ଓଡ଼ିଆଙ୍କୁ ପାଇଛନ୍ତି ସେମାନଙ୍କୁ ଶିକ୍ଷିତ ଓ ଦୀକ୍ଷିତ କରିବାକୁ ଲୋଡ଼ିଥିଲେ । ବହୁ ସମୀକ୍ଷକ ତାଙ୍କୁ କବି ଭାବରେ ବିଚାର କରିଛନ୍ତି । କିନ୍ତୁ ଗଦ୍ୟ ଲେଖାରେ ସେ ଯେଉଁ ଉଦାର ଭାଷା, ବଳିଷ୍ଠତା ଓ ତୀକ୍ଷ୍ଣତା ପ୍ରକାଶ କରିଥିଲେ ତାହାର ସମୀକ୍ଷା ହେବାକୁ ଆହୁରି ବାକି ଅଛି । ଉପରେ ଯେଉଁ ସାମାଜିକ ବିଭାବ ଗୁଡ଼ିକ ଏବେ ବି ଆମର ନିତିଦିନିଆ ଚିନ୍ତାର ଖୋରାକ ସେ ବିଷୟରେ ଗୋପବନ୍ଧୁ ଯେଉଁ ଅଜସ୍ର ଲେଖା ସମାଜର ପୃଷ୍ଠାରେ ଭର୍ତ୍ତି କରି ଦେଇଛନ୍ତି ତାହା ଲେଖିଲେ ଏକ ବିରାଟ ପୋଥି ହେବ । ତାହା ଲେଖିବାର ଅବକାଶ ଏଠି ନାହିଁ । ତଥାପି ଓଡ଼ିଆ ଗଦ୍ୟର ଯେଉଁ ବୁନିୟାଦ ସେ ପକାଇଛନ୍ତି ତାହାର ତୁଳନା କୌଣସି ଭାଷାର ସାହିତ୍ୟରେ ମଧ ଗୌରବର ବସ୍ତୁ ହୋଇଥାଆନ୍ତା । ଉପନ୍ୟାସ, କାହାଣୀ ଓ ଜୀବନୀ ଲେଖାରେ ଫକୀର ମୋହନଙ୍କର ଗଦ୍ୟ ଏପର୍ଯ୍ୟନ୍ତ ଅସାଧାରଣ ହୋଇ ରହି ଆସିଛି । କିନ୍ତୁ ଆଗରୁ ଦର୍ଶାଯାଇଛି ଧର୍ମ, ଦର୍ଶନ ଇତ୍ୟାଦି ବିଷୟର ଅବତାରଣା ବେଳେ

Digitized by srujanika@gmail.com

ତାଙ୍କର ଓଡ଼ିଆ ଗଦ୍ୟ କାଚଗିଲାସରେ ଗରମ ଚାହା ଢ଼ାଳିଲେ ତାହା ଯେପରି ଫାଟିଯାଏ ସେପରି ଫାଟି ଯାଇଛି । ହଠାତ୍ ସେଭଳି ଅବତାରଣା ବେଳେ ଫକୀରମୋହନଙ୍କର ଗଦ୍ୟ ତା'ର ସ୍ୱାଭାବିକ ସାବଲୀଳତା, ସ୍ୱଚ୍ଛନ୍ଦ ପ୍ରବାହ ଓ ତାରଲ୍ୟ ହାରି ଯାଇଛି । ଅଥଚ ଗୋପବନ୍ଧୁଙ୍କ ଭାଷାରେ ତାହା ଏଭଳି ଦୃଢ଼ ଭାବରେ ଫୁଟି ଉଠିଛି ଯେ ସେଥିରେ ଲୋକ ଆତ୍ମହରା ହୋଇଯିବ ।

ସମାଜ ଓ 'ସତ୍ୟବାଦୀ'ର ପୃଷ୍ଠାରେ

ଏକଥା ବହୁ ଭାଷା ପଣ୍ଡିତ ଗ୍ରହଣ କରିଛନ୍ତି ଯେ ପୃଥିବୀର ମାନବ ଯେପରି ବହୁ ପରିସ୍ଥିତିରେ ଆପଣାକୁ ଖାପ ଖୁଆଇ ନେଇ ଚଳିପାରେ, ଅରଣ୍ୟାନୀ, ସାଗରବକ୍ଷ, ମରୁଭୂମି ଓ ଶ୍ୟାମଳ ପ୍ରାନ୍ତର ଅଥବା ଲଣ୍ଡା ପରବତ ସବୁଠି ବହୁ ଜଳବାୟୁରେ, ବହୁ ପରିବେଶରେ ମନୁଷ୍ୟ ଶିଶୁ ଆପଣାର ଜୀବନ ସଂଗ୍ରାମ ଜାହିର କରିପାରେ, ଠିକ୍ ସେପରି କରିପାରେ ମାନବ ଭାଷା । ଶବ୍ଦ ସମ୍ପଦ, ଲୋକସଂଖ୍ୟା, ବ୍ୟାପ୍ତି ଇତ୍ୟାଦି ବହୁ ଭାବରେ ମନୁଷ୍ୟର ବିଭିନ୍ନ ଭାଷା ପରସ୍ପର ଠାରୁ ବିଭିନ୍ନ । ସେମାନେ ପରସ୍ପର ଠାରୁ ସମୃଦ୍ଧିରେ ମଧ୍ୟ ଉଣେଇଶ ବିଶ, ତଥାପି କେବେ କୌଣସି ଭାଷାର ଲେଖକ ଦୁଃଖ କରିବାର ଶୁଣା ଯାଇନାହିଁ ଯେ, ତା'ର ମାତୃଭାଷା ତା'ର କୌଣସି ରକମର ଭାବ ପ୍ରକାଶରେ ଅକ୍ଷମ ହୋଇଚି । ଯଦିଚ ଅନେକ ବିଖ୍ୟାତ ଲେଖକ ଯଥା ବେଲଜିୟମର ନାଟ୍ୟକାର ମରିଶ ମେଟାରଲିଙ୍କ ଆପଣାର ମାତୃଭାଷାରେ ନ ଲେଖି ଫରାସୀ ଭାଷାରେ ଲେଖିଥିଲେ ବା 'ବର୍ଣ୍ଣାଡ ଶ' ଗେଲିକ ବା ଆଇରିସରେ ନ ଲେଖି ଇଂରାଜୀରେ ଲେଖିଥିଲେ ; ତାହାର କାରଣ ଏହା ନୁହେଁ ଯେ ସେମାନଙ୍କର ସ୍ୱକୀୟ ଭାଷା ବେଲଜିୟାନ୍ ବା ଆଇରିଶ ସେମାନଙ୍କର ଭାବ ପ୍ରକାଶ ପାଇଁ ଯଥେଷ୍ଟ ନ ଥିଲା । ଏକଥା ସେମାନେ କସ୍ମିନକାଳେ ଅଭିଯୋଗ କରିନାହାନ୍ତି । ବରଂ ଆପଣାର ସଂକୀର୍ଣ୍ଣ ମାତୃଭାଷା ପ୍ରେମ ବଶରୁ ଶ' ଏତେ ବଡ଼ ବିଜ୍ଞାନବନ୍ତ ଲେଖକ ହୋଇ ମଧ୍ୟ ଇଂରାଜି ଭାଷାକୁ ନାନା ଭାବରେ ଥଟ୍ଟା କରିଛନ୍ତି । ଏପରିକି ଇଂରାଜି ବନାନର ସଂଶୋଧନ ପାଇଁ ଆପଣାର ସମୁଦାୟ ଉପାର୍ଜିତ ଅର୍ଥକୁ ଏକ ଟ୍ରଷ୍ଟ ହାତରେ ଦେଇଛନ୍ତି । ମେଟାରଲି ବା ବାର୍ନାଡ଼ ଶ'ଙ୍କର ମାତୃଭାଷା ଛାଡ଼ି ଅନ୍ୟ ଭାଷାରେ ଲେଖିବାର ଏକମାତ୍ର କାରଣ ଥିଲା ବିଶାଳତାର ପାଠକ ସମାଜ ସଙ୍ଗେ ସଂପର୍କ ସ୍ଥାପନ । ଏଥିରେ ସେମାନେ ଯେ ସଫଳ ହୋଇଛନ୍ତି, ଏହା ସ୍ୱୀକାର କରିବାକୁ ହେବ ।

ଯେପରି ଓଡ଼ିଶାର କେତେକ ଲେଖକ ସଟକୁ ସତ ଇଛା କରି ବଙ୍ଗଳା ଓ ହିନ୍ଦିରେ ଲେଖିବାକୁ ଉଦ୍ୟମ କରିଥିଲେ, ବରଂ ଲେଖିବାକୁ ବାଧ୍ୟ ହୋଇଥିଲେ; କିନ୍ତୁ

Digitized by srujanika@gmail.com

କୌଣସି କାରଣରୁ ପାରି ଉଠିଲେ ନାହିଁ ବା ଇଚ୍ଛା କରି ବି ଓହରି ଆସିଲେ । ସେପରି ଗୋପବନ୍ଧୁ କ'ଣ କରି ଥାଆନ୍ତେ ? ବୋଧହୁଏ କରି ନ ଥାନ୍ତେ । କାରଣ ଗୋପବନ୍ଧୁ ଚିରାଚରିତ ବୁଦ୍ଧି ବିକାଳିଙ୍କର କାଟର ଲୋକ ନଥିଲେ । ଆପଣା ଦେଶରେ ପୂଜା ନ ମିଳିଲା ବା ପୂଜାର ଅଭାବ ହେଲାରୁ ଅନ୍ୟ ଦେଶର ଅଧିକ ସମୃଦ୍ଧି ନତୁବା ସମ୍ମାନ ଆଶାରେ ଆପଣା ଦେଶ ପରିତ୍ୟାଗ କରିବା ଏକ ପଳାୟନ ପନ୍ଥା । ଏହାକୁ ବୁଦ୍ଧିଜୀବୀର ଯୁକ୍ତି ଦେଇ ଏ କାଳରେ ବହୁ ଭାବରେ ବୁଝାଇବାର ଚେଷ୍ଟା କରାଯାଏ । ଯେହେତୁ ସୁଯୋଗହୀନ ପରାହତ ବୁଦ୍ଧିଜୀବୀ ପକ୍ଷରେ ଏଭଳି ଭାବରେ ପଳାୟନ ଏକ ସୁବିଧାବାଦୀ ପନ୍ଥା । ତେଣୁ ଏହି ପଳାୟନକୁ ବି ଏବେ ନାନା ଯୁକ୍ତିରେ ଗ୍ରାହ୍ୟ କରିବାକୁ ଚେଷ୍ଟା ହେଉଛି । ଯେଉଁମାନେ ଏହି ପଳାୟନ ପରେ ଧନିକ ବୁର୍ଜୋୟା ସଭ୍ୟତାରେ କିଛି ଖାତିର ପ୍ରତିପତ୍ତି ଅର୍ଜନ କରୁଛନ୍ତି ସେମାନଙ୍କୁ ପଳାତକ ବୋଲି ମନେ ନ କରି ସେମାନେ ସଫଳ ମନସ୍ୱୀ ବୋଲି ଚିତ୍ରଣ କରାଯାଉଛି । ଏମାନେ ଯେ କୌଣସି ବିରାଟ ବିଶ୍ୱପ୍ରେମ ବା ବିଜ୍ଞାନ ପ୍ରେମ ଯୋଗୁଁ ଏ ପଳାୟନ କରି ନାହାନ୍ତି ଏକଥା ପ୍ରମାଣିତ ହେଲେ ବି ଏମାନେ ଘୃଣ୍ୟ ହୋଇନାହାନ୍ତି ।

ଗୋପବନ୍ଧୁ ତାଙ୍କର ଜୀବନକୁ କେବେ ଏଭଳି ପଳାୟନପନ୍ଥୀ ସୁବିଧାବାଦରେ ଗଢ଼ି ନ ଥିଲେ । ତାଙ୍କ ଆଖି ଆଗରେ ଅବଶ୍ୟ ଭବିଷ୍ୟତର ଦୃଷ୍ଟି ସେତେ ନିର୍ମଳ ନ ଥିଲା । ବିଜ୍ଞାନ ଓ ସମାଜ ବିପ୍ଳବର ଧାରା ସେ ଯାଏ ବି ଓଡ଼ିଶାରେ ପହଞ୍ଚି ନ ଥିଲା । ତଥାପି ସେ ଯେହେତୁ ସ୍ୱଭାବ ସୁଲଭ ଦେଶଭକ୍ତ ଥିଲେ ତେଣୁ ସେ ଓଡ଼ିଶାକୁ ହିଁ ଆପଣାର ଗତି ମୁକ୍ତି ବୋଲି ଧରି ନେଇଥିଲେ । ତେଣୁ ତାଙ୍କର ଗଦ୍ୟ ସେହି କୋଟି ଓଡ଼ିଆଙ୍କ ପାଖରେ ନିବେଦିତ ଗଦ୍ୟ । ସେମାନଙ୍କୁ ଶିକ୍ଷିତ ଓ ଦୀକ୍ଷିତ କରିବାର ଗଦ୍ୟ ।

ଦରିଦ୍ରତାର କାହାଣୀ

ଓଡ଼ିଶାରେ ବିଲାତି ବିଦେଶୀ ସରକାର ଅମଳରେ ଟିକସ ତ ବସୁ ଥିଲା । କିନ୍ତୁ ସେ ଟିକସ ଏବେ ଦେଶୀ ଲୋକଙ୍କର ସରକାରଙ୍କ ଅମଳ ଠାରୁ କମ୍ ଥିଲା । ସେତେବେଳେ ସରକାର ଓଡ଼ିଶାରେ ନୂଆ ବନ୍ଦୋବସ୍ତ କରି ଜମାବୃଦ୍ଧି କରିବାକୁ ନୋଟିସ ଦେଇଥିଲେ । ତାହାକୁ ଲକ୍ଷ୍ୟ କରି ଗୋପବନ୍ଧୁ ଲେଖିଥିଲେ –

"କିମ୍ବୀର ଆଣି ଅଧା ନଈରେ କଲାଣି ।" ×× ଜମାବୃଦ୍ଧି କରିବାକୁ ସରକାର **ଲେଶ ସଙ୍କୋଚ** କରୁନାହାନ୍ତି (ଧୋଇଆରେ ଆଦୌ ଟିକସ ବସିବାର ନଥିଲା ।) ସରକାର **ଦର ଧୋଇଆ** ଇଲାକାରେ କିଛି ବଢ଼ିବ ବୋଲି କହିଥିଲେ । (କିନ୍ତୁ ଏବେ ସରକାର ଘର କହିଲେଣି ସବୁଠି ବଢ଼ିବ । ସରକାରୀ ହାକିମେ କହିଛନ୍ତି ଏ ବର୍ଷ ଫସଲ ଭଲ ହୋଇଛି ।)

Digitized by srujanika@gmail.com

'ସେମାନେ **ସରକାର** ଦାନା ଖାଆନ୍ତି ।'

ବନ୍ୟା ଓ ବନ୍ଦୋବସ୍ତ ପ୍ରସଙ୍ଗରେ ସୁମୀମାଂସା ନ ହେଲେ **ସ୍ୱରାଜ ଭୋଗିବାକୁ** ଓଡ଼ିଶାରେ ଲୋକ ନଥିବେ ।

ଓଡ଼ିଶାର ଅଧିକାଂଶ ତ **ନିର୍ଘାତ** ମୂଲିଆ । କେତେଟା ବା ଚାଷୀ ? **ଦୁଇ ହଳ ଚାରି ହଳ ଧରି ବାଟିଏ ଦିବାଟି ଚଷନ୍ତି ।**

'ଯଥା ସମୟରେ ମେଘ ବର୍ଷିଲା ନାହିଁ । ପୁଣି ଯେବେ ବର୍ଷିଲା ଧୋଇ । ଆଗେ ଲୋକେ ମଲେ ସରକାରଙ୍କର ସେତେ ଭ୍ରୂଭଙ୍ଗ ନ ଥିଲା । **ବିଚାରିଲେ ଏବେ ସୁବା ରୋମ ଟାଙ୍କୋରି** ଆସେ ।..... **ନିତି ମଲୁକୁ ଚାହନ୍ତି ନାହିଁ କି ନିତି ମାଗନ୍ତାକୁ ଦିଅନ୍ତି ନାହିଁ** ।....... **ଯାଆନ୍ତୁ ସମସ୍ତେ ମରି** । ଓଡ଼ିଆ ଜାତି ଲୋପ ପାଉ । ପୃଥିବୀ ମୁହଁରୁ ଚିର ଦରିଦ୍ରତାର ଦାଗ ଲିଭିଯାଉ । ଚିର ଦୁର୍ଭିକ୍ଷ ଦ୍ୱନ୍ଦ୍ୱ ମେଣ୍ଟିଯାଉ ।

'ପୁଣି ବନ୍ୟା । ବିଲ ଉପରେ ୪/୫ ହାତ ପାଣି । **ଲୋକେ ପତ୍ର** ପକାଇ ବସିଥିଲେ । ବିଆଳି ଧାନ ଖାଇବେ ବୋଲି । ଭୁଞ୍ଜି ବସିଲାବେଳେ କୁଳିଶ ବୃଷ୍ଟି କଲୁ ! **ଶାରଦ ଲଗଳ ମରିଥିଲା** । ଚେର ଧରି ନ ଥିଲା । ସବୁ ଧୋଇ ଗଲା ।

ପୁଣି ସେଇ ଘର ଦ୍ୱାର ଭଙ୍ଗା । ଏ ଗାଁକୁ ସେ ଗାଁ ପଥରୋଧ । କିଏ ଘାଇ ସୁଅରେ ପଡ଼ି ମଲେ । କେତେ ଏ ପର୍ଯ୍ୟନ୍ତ ମିଳି ନାହାନ୍ତି ।

ବର୍ଷା ତ ନିଶ୍ଚୟ ହବ । ନ ହେଲେ ସୃଷ୍ଟି ରହିବ କିପରି ? କିନ୍ତୁ **ସୃଷ୍ଟିରକ୍ଷା** ସଙ୍ଗେ ସଙ୍ଗେ ଉତ୍କଳ ସୃଷ୍ଟିଧ୍ୱଂସ ! ବର୍ଷା ହେଲେ ପଛେ ପଛେ ବଢ଼ି । ବଢ଼ି କେବେ **ମାପ ମୁତାବକ** ହେବ ନାହିଁ । ସେପରି ନହେଲେ ଓଡ଼ିଶାର ସର୍ବନାଶ ।

ଆମ୍ଭେମାନେ ସରକାରଙ୍କୁ ବହୁତ ଦୋଷିନ୍ତୁ । ନିଜ ଭାଗ୍ୟକୁ ବାରମ୍ବାର ନିନ୍ଦିନ୍ତୁ । ଈଶ୍ୱରଙ୍କୁ ଡ଼ାକିଛୁଁ । କିଛି ଫଳ ହୋଇନାହିଁ । ବର୍ତ୍ତମାନ ବଞ୍ଚିବା ମରିବା ସମସ୍ୟା । ହୁଏତ ସ୍ଥାୟୀ ପ୍ରତିକାର କରିବାକୁ ହେବ ନ ହେଲେ ରାଜ୍ୟ ଛାଡ଼ି ଅନ୍ୟତ୍ର ଯିବାକୁ ହେବ ।' (ସମାଜ ୨୮/୮/୨୬)

ରାଜନୀତିର ଗଦ୍ୟ

'ମଧୁବାବୁ ସେ କାଳର ରାଜନୀତି କ୍ଷେତ୍ରରେ **ଖେଳାଳି** । ସେ କାହାରିଠାରୁ ପରାମର୍ଶ ପାଇ ନାହାନ୍ତି କି ସମାଲୋଚନା ସହି ନାହାନ୍ତି, ସୁତରାଂ **ଏକସିଙ୍ଗା ଷଣ୍ଢ** ପରି ଯେଉଁଆଡ଼େ ଯେତେବେଳେ ବିଚାରିଛନ୍ତି ଠେଲି ପେଲି ଚାଲି ଯାଇଛନ୍ତି । ଭଲ କରିଛନ୍ତି, ଭୁଲ କରିଛନ୍ତି .... ସେ କାଳର ଢ଼ଙ୍ଗରେ **ବଢ଼ି** ସୁବା ଘଟଣା ବିଶେଷରେ ସେ ସରକାରଙ୍କୁ ଯେପରି ସାହସ ଓ ସ୍ୱାଧୀନତା ସହକାରେ କର୍କଶ ପୌରୁଷ

Digitized by srujanika@gmail.com

ବାକ୍ୟମାନ ଶୁଣାଇଛନ୍ତି ତାହାର ତୁଳନା ନାହିଁ । ଦେଶବନ୍ଧୁ ଚିତ୍ତରଞ୍ଜନ ଶାସନ ସଂସ୍କାରର ଦୋଷ ଦେଖାଇବାକୁ ଯାଇ ଥରେ ମନ୍ତ୍ରୀ ମଧୁବାବୁଙ୍କ ଉକ୍ତିରୁ ପ୍ରମାଣ ଦର୍ଶାଇଥିଲେ । ମଧୁବାବୁ ବୟସରେ ପରିପକ୍ୱ । ଅଭିଜ୍ଞତାରେ ପ୍ରବୀଣ, ସରକାରୀ ସମ୍ପର୍କରୁ ବିରକ୍ତ, ସଂଗ୍ରାମ ନୀତିରେ ଧୁରନ୍ଧର ।'

× × × ×

ଲୋକଙ୍କର ଆସ୍ଥା ଭକ୍ତି ଅଛି ବୋଲି ମନେ ମନେ ଦମ୍ଭ କରି କଂଗ୍ରେସ ଯାହାକୁ ଇଚ୍ଛା ତାକୁ ଯେଠାରେ ସେଠାରେ ପ୍ରାର୍ଥୀ କରି ଛିଡ଼ା କଲେ (କରାଇଲେ ନୁହେଁ, ଲେଖକ) ଲୋକଙ୍କର ଆସ୍ଥା ଓ ବିଶ୍ୱାସ ଅଧିକ ଦିନ ନ ରହି ପାରେ । ଲୋକଙ୍କୁ ଯାହା ବୁଝାଯିବ ସେମାନେ ବୁଝିବେ, ଯାହାପାଇଁ କୁହାଯିବ ତାକୁ ଭୋଟ ଦେବେ । କୌଣସି କଂଗ୍ରେସ କର୍ମୀ ଏଭଳି ଯେପରି ନ ଭାବନ୍ତି । ଅନ୍ୟ କୌଣସି ଦଳ ବା ମତର ଲୋକ ଏହା ଭାବି ପାରନ୍ତି । ମାତ୍ର କଂଗ୍ରେସର ସ୍ୱରାଜ ଦଳ ପକ୍ଷରେ ଏହା ଭାବିବା ଅସଙ୍ଗତ ଓ ଅନ୍ୟାୟ । ଏପରି ଭାବିବାର ଅର୍ଥ ଏହି ଯେ ଲୋକେ ନିର୍ବୋଧ, ଆମେ ତାଙ୍କୁ (ସେମାନଙ୍କୁ ନୁହେଁ) ଯେପରି ଚଳାଇବା ସେମାନେ ସେପରି ଚଳିବେ । ମାତ୍ର ଯଥାର୍ଥରେ ତାହା ନୁହେଁ । ଲୋକେ ନିର୍ବୋଧ ନୁହନ୍ତି; ସେମାନେ ଭଲ ମନ୍ଦ ହିତାହିତ ବେଶ୍ ବୁଝନ୍ତି । ଏପରିକି କାହାର ପ୍ରବର୍ତ୍ତନା ପ୍ରରୋଚନାରେ ଭୁଲିଲେ ସୁଦ୍ଧା ଯଥାର୍ଥ କ'ଣ ସେମାନେ ବୁଝିପାରନ୍ତି ଏବଂ ଯେ ପ୍ରବର୍ତ୍ତନା ପ୍ରରୋଚନା ବା ଅନ୍ୟ କୌଣସି ପ୍ରଭାବରେ ସେମାନଙ୍କୁ ଭୁଲାନ୍ତି; ତାଙ୍କଠାରୁ ସେମାନଙ୍କର ମନେ ମନେ ଶ୍ରଦ୍ଧା ଭକ୍ତି ଆଦର ବିଶ୍ୱାସ କମିଯାଏ ।

"ଦେଶବାସୀ କିଛି ଜାଣନ୍ତି ନାଇଁ , ଆମ୍ଭେମାନେ ତାଙ୍କୁ ଯାହା ବୁଝାଇବା ତାହାହିଁ ବୁଝିବେ । ଯାହା କରାଇବା ତାହାହିଁ କରିବେ" ଏପରି ଯେଉଁମାନେ ମନେକରନ୍ତି ସେମାନେ କଦାପି ଉପଯୁକ୍ତ ଲୋକପ୍ରତିନିଧି ହୋଇ ପାରିବେ ନାହିଁ ।

× × × ×

କମ୍ୟୁନିଷ୍ଟ ଦଳ ଭାରତରେ ଦିନକୁ ଦିନ ବଢୁଛନ୍ତି । .... ସରକାରର ଏ ଦଳ ଉପରେ କଡ଼ା ନଜର ଅଛି ।

ଦେଶର ଭିନ୍ନ ଭିନ୍ନ ରାଜନୈତିକ ଦଳର ଲୋକେ ଏମାନଙ୍କ ସଙ୍ଗେ ସେତେ ଯୋଗଦେଉ ନାହାନ୍ତି । ଯୋଗ ନ ଦେବାର ପ୍ରଧାନ ଏକ କାରଣ ଭୟ । କମ୍ୟୁନିଷ୍ଟ ଦଳର ଆନ୍ତରିକ ଦୁରଭିସନ୍ଧି କ'ଣ ଅଛି କେଜାଣି; ମାତ୍ର ସେମାନେ ଯାହା କହୁଛନ୍ତି ତାହା ତେତେ ଦୋଷାବହ ନୁହେଁ । ବିଶେଷତଃ ସେମାନଙ୍କର ନୀତି ଭାରତ ପକ୍ଷରେ ନୂଆ କଥା ନୁହେଁ । ସେମାନେ କହନ୍ତି, ଦେଶରେ କାହିଁକି ଜଣକର ୫ ବାଟି ଜମି

Digitized by srujanika@gmail.com

ରହିବ ହୁଏତ ତା'ଘରେ ଖାଇବାକୁ ଦୁଇଜଣ ଲୋକ । ସେ ବିଳାସରେ ମାମଲା ମୋକଦ୍ଦମାରେ ମୌଜମଜଲିସରେ ଇଚ୍ଛାମତେ ଖର୍ଚ୍ଚ କରୁଛି । ତା'ର ଘରପାଖେ ଆଉ ଜଣଙ୍କର ୧୮ ଜଣ କୁଟୁମ୍ବ । ଦି ମାଣେ ଜମି, ପ୍ରାଣାନ୍ତକ ପରିଶ୍ରମ କରି ସୁଦ୍ଧା ସେମାନଙ୍କର ପେଟ ପୂରୁ ନାହିଁ । ଜଣେ କାହିଁକି କୋଟୀଶ୍ୱର, ଆଉ ଜଣେ କାହିଁକି ଦିନରାତି ଖଟି ଖଟି ପେଟପୁରା କରି ମୁଠେ ଖାଇବାକୁ ପାଇବ ନାହିଁ । ସମାଜରେ ଏ ବିଷମ ଅବସ୍ଥା ରହିବା ଉଚିତ ନୁହେଁ । ଦେଶର ସବୁ ସମ୍ପତ୍ତି ସମଗ୍ର ଜାତିର । ଅର୍ଥାତ୍ ଏହା ସମସ୍ତଙ୍କର କୋଠ ସମ୍ପତ୍ତି ।

× × × ×

ଯାହାର ଯାହା ନିର୍ଦ୍ଦିଷ୍ଟ କାର୍ଯ୍ୟ ସେ କରିବ ଏବଂ ତାହାର ଆବଶ୍ୟକମତେ ଏ ସମ୍ପତ୍ତିର ଉତ୍ପନ୍ନରୁ ହିସା ପାଇବ । ଆମ ଦେଶରେ ପୂର୍ବେ ଏହିପରି ଗ୍ରାମ ବ୍ୟବସ୍ଥା ଥିଲା । ସମ୍ପତ୍ତି କାହାରି ଜଣକର ନୁହେଁ, ସମସ୍ତଙ୍କର କୋଠ ।

× × × ×

ତଥାପି ଏହିମାନଙ୍କ ପରିଶ୍ରମରେ ଜଗତର ସମସ୍ତ ସମ୍ପଦର ଉତ୍ପତ୍ତି । ମାତ୍ର ଏ ସମ୍ପଦ ଭୋଗୁଛି କିଏ ? **ଭୋଗିବା** ଲୋକଙ୍କ ଦେହରେ ଧୂଳି ପଡୁ ନାହିଁ । ତାଙ୍କ ପାଦ ତଳେ ଲାଗୁନାହିଁ । ଷଡ୍‌ରସ, ଦିବ୍ୟ ଅଞ୍ଜନ ତାଙ୍କୁ **ରୁଚୁନାହିଁ** । ସେ **କୋଟୀପତି**, ସେ ଲକ୍ଷପତି, ସେ ରାଜା, ସେ ଜମିଦାର । ମାତ୍ର ଯେ ବିଚାରା ଉତ୍‌ପନ୍ନ କରୁଛି ସେ ମୂଲିଆ, ସେ ପ୍ରଜା । ଭିନ୍ନ ଭିନ୍ନ **ଶ୍ରେଣୀର ଲୋକଙ୍କ ମଧ୍ୟରେ** ଅବସ୍ଥାର ଏହି ବିଷମ ବିଭେଦ ଘୁଞ୍ଚାଇ ସମସ୍ତଙ୍କୁ ସମାନ ସୁଖଶାନ୍ତି ଅଧିକାର ଦେବା କମ୍ୟୁନିଷ୍ଟ ବା କୋଠବାଦୀମାନଙ୍କର ଯେବେ ନୀତି ହୁଏ ତାହା ଗରିବଙ୍କୁ ନିଶ୍ଚୟ ଭଲ ଲାଗିବ । **ପ୍ରଜା ଓ ମଜୁରିଦାରମାନେ** ଏକଥା ଶୁଣି **ମୁଣ୍ଡିଆ** ମାରିବେ । ମାତ୍ର ଯେଉଁମାନେ ଦେଶର ସଂପଦ ଧରି ବସିଛନ୍ତି, ସବୁ **ଅଧିକାରକୁ** ନିଜ ହାତରେ ରଖିଛନ୍ତି, ତଥାପି ତୃଷ୍ଣା ଯେଉଁମାନଙ୍କର ମେଣ୍ଟୁନାହିଁ, ସନ୍ନିପାତ ରୋଗୀ ପରି ଅଧିକ ପାଇବାକୁ ତୃଷ୍ଣା ଦିନକୁ ଦିନ ବଢୁଛି, ସେମାନେ ଏ କୋଠବାଦୀ ନୀତିରେ ଆପଣାର ପ୍ରମାଦ ଯେ ଗଣିବେ, ବିଚିତ୍ର କ'ଣ ?

ବର୍ତ୍ତମାନ ଯୁଗରେ ଯେ କୌଣସି ଦେଶର ସରକାର ଏ ନୀତିର ବିରୋଧୀ ହେବେ ହିଁ ହେବେ । ଏ ଅବସ୍ଥାରେ କାନପୁରଠାରେ କୋଠବାଦୀଙ୍କ ସମ୍ମିଳନୀରେ ଦେଶର ମୁଖିଆ ଲୋକେ ଯେ ଯୋଗଦେଇ ନଥିଲେ ଏଥିରେ **ଆଶ୍ଚର୍ଯ୍ୟ** କିଛି ନାହିଁ । ଏ ଦଳର କାର୍ଯ୍ୟ ଭାରତ ପରି ଦେଶରେ ଅଗ୍ରସର ହେବା ସହଜ ନୁହେଁ । ଏ ଦଳକୁ

Digitized by srujanika@gmail.com

ବହୁ ନିର୍ଯ୍ୟାତନା ଭୋଗିବାକୁ ହେବ । ମାତ୍ର ଏମାନଙ୍କର ନୀତି ଓ କାର୍ଯ୍ୟ ଯଦି ସମୟର ପ୍ରୟୋଜନ ଲାଗି ବିଧାତାଙ୍କର ଇଙ୍ଗିତରେ ଆସିଥାଏ, ତେବେ ଏଥିର ପ୍ରଭାବରେ ଦିନେ ସମାଜ ଶାସନର ଅବସ୍ଥା ନ ବଦଳିବ ବୋଲି କିଏ କହିପାରେ ?

(ସମାଜ ୨/୧/୨୬)

କାଉନ୍‌ସିଲ୍ ଭୋଟ ଓ ପ୍ରତିନିଧି ପ୍ରସଙ୍ଗ

'ଏଥର ବିହାର ଓ ଓଡ଼ିଶା କାଉନସିଲରେ ମେମ୍ବରମାନେ ପ୍ରଶ୍ନ ଆଉ ପ୍ରସ୍ତାବମାନ ପଣି ଦେଇଛନ୍ତି ।

'ତେଣିକି ପୁଣି ନିର୍ବାଚନ ଚିନ୍ତା ପଡ଼ିବ ।'

'ଏ ଶ୍ରେଣୀର ମେମ୍ବରଙ୍କ **ବଳପରାକ୍ରମ, ନାଡୀନକ୍ଷତ୍ର** ସରକାର ଲୋକେ ବେଶ୍ ବୁଝନ୍ତି ।

'ସରକାରଙ୍କର ପ୍ରାୟ ସାଢେ ପାଞ୍ଚକୋଟି ଟଙ୍କା ଆୟ । ସେଥିରୁ କେବଳ **ଦୁଇକୋଟି ନିଶା ବିକ୍ରିରୁ** । ନିଶା ବିକ୍ରି ବନ୍ଦ ହେଲେ ବିହାର ଓଡ଼ିଶା ସରକାର ଦେଉଳିଆ ହୋଇ ରସାତଳକୁ **ଯିବ** । ଲୋକେ ନିଶା ଖାଇ ଯେତିକି **ଶୁଖିବେ**, ସରାକାର ସେତିକି **ଫୁଲିବ** । ତେବେ ଫୁଲି ଫୁଲି ଈଶ୍ୱରଙ୍କ କୃପାରୁ କେବେ ଫାଟିବ ଏହାହିଁ ଦେଖିବାକୁ ବାସନା ରହିଲା । ଶୀଘ୍ର ନ ଫାଟିଲେ ଆଉ ରକ୍ଷା ନାହିଁ । ଏବେ ଲୋକେ ଶୁଖି ଶୁଖି ମରିଯାନ୍ତୁ, ନହେଲେ ଏ ଶାସନ ପଦ୍ଧତି ଫାଟିଯାଉ । ଏହାହିଁ ଏ ବର୍ଷ ସରକାରୀ ଆୟ ବ୍ୟୟରୁ ନୀତି ଶିକ୍ଷା । ଓଡ଼ିଶାବାସୀ ନିଶା ଖାଅ, ମଦ ପିଅ, ଭୋଳ ହୁଅ !

(ସମାଜ ୨୦/୨/୨୬)

'ଲୋକଙ୍କ ପ୍ରତି ସରକାରର ଅବହେଳା ଦେଖାଇ ଦେବାରେ ଆଉ କିଛି ନ ହେଲେ ସରକାରକୁ ଲଜ୍ଜିତ ହେବାକୁ ପଡ଼େ ଓ ଲୋକମାନଙ୍କ ମନର ଓରମାନ ମେଣ୍ଟେ ।'

କାଉନ୍‌ସିଲ ଏକ ଖେଳଘର ନୁହେଁ କି ବ୍ୟକ୍ତିବିଶେଷର ସମ୍ମାନ ସଂଗତି ବଢ଼ାଇବାର କ୍ଷେତ୍ର ନୁହେଁ ।

(ସମାଜ ୬/୩/୨୬)

କାଉନ୍‌ସିଲ ଏକ **ସୁଆଙ୍ଗ** । ସେଥିରେ ଏହିପରି **ପ୍ରବେଶ ପ୍ରସ୍ଥାନ** କେତେ ଲାଗିବ ।

Digitized by srujanika@gmail.com

ପ୍ରତିନିଧି ହୋଇଯାଇ ସୁଦ୍ଧା ଯେଉଁଠାରେ ସରକାରର କିଣାଦାସ ପରି ବ୍ୟବହାର କରୁଛନ୍ତି ଏବଂ ଯଥାର୍ଥରେ କିଣା ହେଉଛନ୍ତି ସେ ସ୍ଥଳେ ଓଡ଼ିଶାର ଜଣେ ଜମିଦାର ଏଭଳି ସାହସ, ସ୍ୱାଧିନତା ଓ ସମ୍ମାନବୋଧ ପ୍ରକାଶ କରିବା କମ୍ ଗୌରବର କଥା ନୁହେଁ ।

'ଦଣି ହରେ ଦୁଖ, ଦଣି ଭରେ ମୁଖ, ଦଣି ପୋଷେ ଦଶ, ପୋଷି ରଖେ ଯଶ ।'

ମାତ୍ର ଏ ଦେଶ ସରକାରକୁ ଯେତେ ବୋଲିବୁ ବୋଲ, ତା' ଦେହଟା ଯାକ ପୋଲ ।

କର ବକ୍ତୃତା, ଦିଅ ଭୋଟ, ଧାର୍ଯ୍ୟ କର ପ୍ରସ୍ତାବ । ନାଚ, କୁଦ, ବାହାଦୁରି କର । ରଜ୍ଜୁ ମୋ ହାତେ । ଯେଣେ ଟାଣିବି ତେଣେ ମାମଲତ ଚଳିବ । ଗ୍ରାମଦେବତାଙ୍କ ଇଚ୍ଛା ନାଁ ପଶୁପାଳକଙ୍କ ଇଚ୍ଛା ? କର୍ତ୍ତା ଯାହା ବିଚାରିବେ ତାହାହିଁ ହେବ ।

(ସମାଜ ୨୦/୩/୨୬)

'ଶାସନର କି ଇଙ୍ଗିତ ସେ ଦେବେ ବୋଲି ରାଜନୀତିଜ୍ଞମାନେ ସତୃଷ୍ଣ ନୟନରେ ଚାହିଁ ରହିଥିଲେ । ଦେଶଲୋକେ ତାଙ୍କଠାରୁ ଆଶାର ବାଣୀ ଶୁଣିବାକୁ କାନ ଡେ଼ରି ବସିଥିଲେ । ତାଙ୍କର ପ୍ରତି କଥା ଉପରେ ଟୀକା ଟିପ୍ପଣୀ ହେଉଥିଲା । କେତେ ଭାବାର୍ଥ ହେଉଥିଲା ମାତ୍ର ଏବେ ସେ ଦିନ ଯାଇଛି ।

ତାଙ୍କ ବ୍ୟକ୍ତୃତାକୁ ଲୋକେ ଜାଣି ସାରିଲେଣି । ଗୋଟାଏ ବନ୍ଧା ଧ୍ରୁବପଦ । ଦେବାବେଳକୁ ସାରୁମୁଣ୍ଡା ପର୍ଯ୍ୟନ୍ତ ହାତରୁ ବାହାରିବ ନାହିଁ ।

'ଏହି ସବୁ ଉନ୍ନତ ମହାଭାବ ଋଷିସଂଜାତ ଭାରତୀୟମାନଙ୍କୁ ଏବେ ସୁଦ୍ଧା ବଞ୍ଚାଇ ରଖିଛି ।'

'ମାତ୍ର ଯେଉଁମାନେ ସ୍ୱରାଜ ପାଇଛନ୍ତି ସେମାନଙ୍କର ଏହା ସବୁ ଭୁଲ୍ ।'

ମେମ୍ବରମାନଙ୍କର ଏଭଳି ଆଡ଼ମ୍ବରୁଷାର ଅର୍ଥ ବୁଝାପଡୁ ନାହିଁ । ହ୍ୱିଲର ସାହେବ ପୁରୁଣା ଓଡ଼ିଆ ସାହିତ୍ୟ ରସିକ ହୋଇଥିଲେ କହିଥାନ୍ତେ ଏ ଘୁମନ କରି ଗୋରି ରହି ପାରିବୁ କିରେ ?

ମେମ୍ବରମାନଙ୍କର ଏ ବ୍ୟବହାର ଦେଖି ଦେଶର ସାଧାରଣ ଲୋକ ଅନେକେ କହିବେ ଏ ମୃଦଙ୍ଗର ଦି ପଟେ ହାତ ପକାଇବା ନୀତି । ଏଣେ ଲୋକଙ୍କ ପାଖେ

Digitized by srujanika@gmail.com

ଟାଣ ଦେଖାଇବା ତେଣେ ସରକାର ପ୍ରୀତି ରଖିବା । ଏ ନୀତିରେ କୌଶଳ ଥାଇପାରେ, ମାତ୍ର ନିଷ୍ଠା ନାହିଁ ।

ତା ନ ହେଲେ ସାକ୍ଷୀଗୋପାଳ ବନି ସଂଖ୍ୟା ପୂରଣ କରିବାରେ କି ଲାଭ ?

ଲର୍ଡ଼ କର୍ଜନଙ୍କ ପରି ଦନ୍ତା ଜବରଦସ୍ତ ବଡ଼ଲାଟ ଥରେ ନିଜ ମୁହଁରେ ସ୍ୱୀକାର କରିଥିଲେ ।

ଦୁଇଜଣ ବିଚକ୍ଷଣ ନେତା ପଲେ ଛେଳିଙ୍କି ଧରି ସରକାର ସଙ୍ଗେ ମୁଣ୍ଡ ପକେଇବେ ।

ଏପରି ଲୋକ ବାଛିବାକୁ ହେବ ଯେ ମରିବେ ପଛକେ ଡ଼ରିବେ ନାହିଁ । ପଛଘୁଞ୍ଚା ଦେବେ ନାହିଁ । ଯାହାଙ୍କର କୂଟଚକ୍ର ଭେଦ କରିବାର ଶକ୍ତିସାମର୍ଥ୍ୟ ଥିବ, ଯେତେଦୂର ସମ୍ଭବ ବିଦ୍ୟାବୁଦ୍ଧି ବିଚକ୍ଷଣତା ଥିବ । ତ୍ୟାଗ,ନିଷ୍ଠା ଓ ଚରିତ୍ରବଳ ଥିବ, ସେ ଦଳ ବିଚାରରେ ଯୋଗ ଦେଇ ପାରିବେ, ପରାମର୍ଶରେ ମତାମତ ଦେଇପାରିବେ, ସର୍ବୋପରି ଶେଷରେ ଦଳର ନିର୍ଦ୍ଦେଶ ମାନିବାକୁ ସର୍ବଦା ପ୍ରସ୍ତୁତ ଥିବେ ।

ଅଗା ପ୍ରାର୍ଥୀ ବିଚାରୁଛନ୍ତି, କାଉନ୍‌ସିଲର ଅଗରେ ବସିବେ, ଅର୍ଥାତ୍ ପ୍ରେସିଡେଣ୍ଟ ହେବେ, ନ ହେଲେ ଦୋପଟି ପ୍ରେସିଡେଣ୍ଟ ହେବେ । ବଗା ପାଞ୍ଚୁଛନ୍ତି ମନ୍ତ୍ରୀ ହେବେ । କବି ଉପେନ୍ଦ୍ରଭଞ୍ଜଙ୍କ ବଗ ରାମଚନ୍ଦ୍ର ମହାପ୍ରଭୁଙ୍କ ପାଖରେ ବର ମାଗିଥିଲା ।

"ବକୀ ଚତୁର ମାସ ଆଣି ଦେଉ
ବର୍ଷାରେ ବସାରେ ମୋ ଦିନ ଯାଉ ।"

ବଗା ମନ୍ତ୍ରୀ କେହି କେହି ଲାଟଙ୍କ ଛାମୁରେ ମୁହଁରେ ସଫା ନ ହେଲେ ସୁଦ୍ଧା କାର୍ଯ୍ୟରେ ଇଙ୍ଗିତ ଦ୍ୱାରା ଜଣାଇବେ –

"ସେକ୍ରେଟରୀ ମୋର କାମ ଚଳାଉ
ବସାରେ ତିନିବର୍ଷ କଟିଯାଉ ।"

ଲଗା ପ୍ରାର୍ଥୀଙ୍କର ଏସବୁ ଫଳ କାମନା ନାହିଁ । ସେ ଚାହାନ୍ତି ମେୟର ହେଲେ କିପରି ମହାପ୍ରଭୁଙ୍କର ଦିବ୍ୟ ଅଙ୍ଗରେ ବାରମ୍ବାର କର ଲଗାଇବାର ସୁଯୋଗ ପାଇ କୃତାର୍ଥ ହେବେ ।

"ଆମ୍ବ କାଳେ ତମ୍ବ ରଙ୍ଗା
ଆମ୍ବ ସରିଲେ ଡ଼ିବି ଡ଼ିବି ବଙ୍ଗା ।"

× × ×

Digitized by srujanika@gmail.com

ଓଡ଼ିଆ କୁଲି, ଚାଷୀ, ମଜୁରିଦାର

ପତ୍ରରେ ଅଛି ଆମ୍ଭେମାନେ ଗରିବ ମୂର୍ଖ ବୋଲି ଆମ ଉପରେ ଏପରି ଅତ୍ୟାଚାର ହେଉଛି । ସେଥିଲାଗି ନୁହେଁ । ପଶ୍ଚିମା କୁଲିମାନେ ଓଡ଼ିଆଙ୍କଠାରୁ ବେଶ ପାଠୁଆ ବା ଧନୀ ନୁହନ୍ତି । କଲିକତାରେ ଯେଉଁମାନେ ଓଡ଼ିଶାରୁ ଯାଇ ମଜୁରି ଖଟନ୍ତି ସେମାନଙ୍କର ଗାଁରେ ଜମିବାଡ଼ି ଅଛି, ଏମାନେ ଚାଷ ଓ କେହି କେହି ଅନ୍ୟ କାରବାର କରନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ସାମାନ୍ୟ ଲେଖାପଢ଼ା ଜାଣନ୍ତି । ଭାଗବତ ପଢ଼ିପାରନ୍ତି । ମାତ୍ର ପଶ୍ଚିମା କୁଲିମାନେ କେହି ନାମ ସୁଦ୍ଧା ଲେଖି ଜାଣନ୍ତି ନାହିଁ । ଘରେ ସେମାନଙ୍କର କିଛି ନଥାଏ । ଅନେକଙ୍କର ଘର ପର୍ଯ୍ୟନ୍ତ ନାହିଁ । କିନ୍ତୁ ସେମାନଙ୍କୁ ରେଲରେ କିମ୍ୱା କୌଣସିଠାରେ ଏପରି ଦୁର୍ବ୍ୟବହାର ସହିବାକୁ ହୁଏ ନାହିଁ ।(ସମାଜ ୫/୩/୨୬)

ଝୋଟ ଚାଷରେ ଖୁବ୍ ଲାଭ ହୁଏ । ବଂଗ ଦେଶର ଅଧିକାଂଶ ଚାଷୀ ଝୋଟ ଚାଷ କରନ୍ତି ଓ ସେଥିରେ ବେଶ୍ ଆୟ କରନ୍ତି । ଝୋଟ ଚାଷ **ଯୋଗେ** ସେ ଦେଶର ପ୍ରଜାଙ୍କ ଅବସ୍ଥା ଭଲ । ଝୋଟଚାଷ ଅପେକ୍ଷା ଝୋଟ କାରବାରରେ ଅଧିକ ଲାଭ ।

ଯେ ସବୁ ଚଟକଳ ଅଛି ତାହା ଏହି ଝୋଟରେ ଚଳେ । ସେ ଲାଭ ତୁଳନାରେ ଝୋଟଚାଷୀ ଓ ଚଟକଳର **ମଜୁରିଦାର**ମାନେ କିଛି ପାଆନ୍ତି ନାହିଁ କହିଲେ ଚଳେ । ଚଟକଳର ମାଲିକମାନେ ଯାହା ଲାଭ କରିଛନ୍ତି, ତାହା **ଦେଖିଲେ** ଲୋକେ ଆଖି **ଖୋସିଦେବେ** । ଗଲା ଦଶବର୍ଷ ମଧ୍ୟରେ ଏମାନେ ଆଠଶହ କୋଟି ଟଙ୍କା **ଲାଭ ପାଇଛନ୍ତି** । ହାରାହାରି ବର୍ଷକୁ ଏମାନେ ଅଶି କୋଟି ଟଙ୍କା ଲାଭ ନେଉଛନ୍ତି ।

କୁଲିମାନଙ୍କର ସାମାନ୍ୟ ମଜୁରିରୁ ସର୍ଦ୍ଦାରମାନେ **ଦସ୍ତୁରି** ନିଅନ୍ତି । କୁଲିମାନେ ଲେଖାପଢ଼ା ଜାଣନ୍ତି ନାହିଁ । ତେଣୁ ସର୍ଦ୍ଦାରମାନେ ଦସ୍ତୁରି ଛଡ଼ା ଆଉ **ବାରବାଟକେ** ସେମାନଙ୍କୁ ଠକନ୍ତି ।

ଆମ ଦେଶର ମଜୁରିଆମାନଙ୍କର ସିନା ଏ ଦଶା, ମାତ୍ର ବିଲାତ ପ୍ରଭୃତି ଦେଶର ଶ୍ରମଜୀବୀମାନଙ୍କ ଅବସ୍ଥା ଏପରି ନୁହେଁ । ସେ ଦେଶରେ ମାଲିକମାନେ କୋଟି କୋଟି ଟଙ୍କା ଲାଭ ନେବେ; ଅଥଚ ମଜୁରିଆମାନେ ଖାଇବାକୁ ପିନ୍ଧିବାକୁ ପାଇବେ ନାହିଁ, ସେମାନଙ୍କ ପିଲାମାନେ ପାଠପଢ଼ି ପାରିବେ ନାହିଁ, ସେମାନଙ୍କର **ଦେହମୁଣ୍ଡ ହେଲେ** ଟିକିଏ ଔଷଧ ମିଳିବ ନାହିଁ, ମାଲିକ ମଜୁରିଦାରଙ୍କ ଭିତରେ ଅବସ୍ଥାର ଏପରି ପ୍ରଭେଦ ସେଠା ଲୋକ ଦିନେହେଲେ **ସହିବେ ନାହିଁ** । ଏପରି ଘଟିଲେ ମଜୁରିଆମାନେ ଧର୍ମଘଟ କରି ବସିବେ । କାରଖାନା ଲୁଟ ହୋଇଯିବ । ପାର୍ଲିଆମେଣ୍ଟରେ ଘୋର ଚହଳ ପଡ଼ିବ ଏବଂ ଦେଶସାରା ଆନ୍ଦୋଳନ ଆରମ୍ଭ

Digitized by srujanika@gmail.com

ହେବ । ଆମ ଦେଶର କୁଳିମାନେ ଏତେ **ଦୁଃଖ ଦୁର୍ଗତିରେ** ପଡ଼ି କାମ କରନ୍ତି କାହିଁକି ନା ସେମାନଙ୍କର କେହି ମା ବାପ ନାହିଁ । ସେମାନଙ୍କର ନିଜ ଭିତରେ ସେପରି ମେଳି, ସଭାସମିତି, ସଂଗଠନ ଆଦି ନାହିଁ । ସେମାନଙ୍କର **ତୁଣ୍ଡ ମୁଣ୍ଡ** ଫିଟେ ନାହିଁ ।

ଭାରତବର୍ଷ ମଧ୍ୟରେ ବମ୍ବେଇର ଶ୍ରମଜୀବୀମାନଙ୍କ ମଧ୍ୟରେ ଦଳବଦ୍ଧ ଉଦ୍ୟମ ଅଛି । ତେଣୁ ସେମାନେ ବେଳେ ବେଳେ ମାଲିକମାନଙ୍କୁ ଆଣ୍ଠୋଉଛନ୍ତି ଏବଂ ମାଲିକମାନେ **ବାପର ସୁପୁତ୍ର** ହୋଇ ସେମାନଙ୍କର ଆପତ୍ତିର କିଛି ପ୍ରତିକାର ମଧ୍ୟ କରୁଛନ୍ତି ।

× × × ×

"ବକ୍ତୃତାଟି ଦେଖା ସୁନ୍ଦର କଖାରୁବଡ଼ି ।"

ସରକାର ଭାରତବାସୀଙ୍କ ସହଯୋଗିତା ଚାହିଁଲେ ସେମାନେ ସହଯୋଗିତା କଲେ ନାହିଁ । ସହଯୋଗିତା କହିଲେ ଲର୍ଡ଼ ରିଡ଼ିଂ ମନେ କରନ୍ତି କି ଆତ୍ମସମର୍ପଣ ?"

(୨୩ / ୧/ ୨୬ ସମାଜ)

ଓଡ଼ିଆ ଦରିଦ୍ର ତେଣୁ ଦୁର୍ବଳ । ତାର ସମସ୍ତଙ୍କୁ ଡ଼ର । ସେ କାର୍ଯ୍ୟରେ ଅଳସୁଆ ଓ ନିରୁତ୍ସାହୀ ।

× × × ×

ବଢ଼ି ବର୍ଷାରେ ଗ୍ରାମମାନ **ନାରଖାର** ହୋଇଗଲା । କେହିହେଲେ ଥରେ ଲୋକଙ୍କ ଅବସ୍ଥା ଦେଖିବାକୁ ଗଲେ ନାହିଁ । ନ ଗଲେ ନାହିଁ, ମଫସଲକୁ ପାଣିକାଦୁଅରେ ଯିବା କଷ୍ଟସାଧ୍ୟ । ରେଲ, ମଟର ବା ଅନ୍ୟ ଯାତାୟାତ ଲାଗି ସୁବିଧା ନାହିଁ । ଗଲେ ଗସ୍ତଖର୍ଚ୍ଚ ମିଳିବ ନାହିଁ । ଘରୁ ଖାଇ ଘୋଡ଼ା ଆଗେ ଦୌଡ଼ିବାକୁ ହେବ । ମାତ୍ର ଲୋକଙ୍କ ଗୋଡ଼ହାତ ଧରି ସେ ଯେ ଘୋଡ଼ା ଉପରେ ବସିଛନ୍ତି, ସେ ଘୋଡ଼ାକୁ ଦରକାରବେଳେ ଚଲେଇବେ ନାହିଁ ।

(୩୦ / ୧/ ୨୬ ସମାଜ)

× × × ×

ହେଲେ **ଭୋବନା** ପରି ହେବି । ନୋହିଲେ ଖରା ଖାଉଥିବି । ରାଜନୀତି କ୍ଷେତ୍ରରେ ଅନେକ ସମୟରେ ଏହା ପ୍ରଶସ୍ତ ନୀତି ।

× × × ×

ଯବାନ କାମକା ଲୋକେ ଦେଶ ଛାଡ଼ି ବିଦେଶରେ ଯାଇ **ମଜୁରି ଖଟୁଛନ୍ତି** ।

Digitized by srujanika@gmail.com

ବିଶେଷରେ ଓଡ଼ିଆ ସମାଜର ଶକ୍ତ ଓ ବଳିଷ୍ଠ ଭାଗ ବହୁ ପରିମାଣରେ ଓଡ଼ିଶା ବାହାରେ ରହିଛି । ସେଥିପାଇଁ ଦୁଃଖ ନାହିଁ । ତାହା ନିନ୍ଦାର କଥା ନୁହେଁ ।

× × × ×

ପ୍ରୟୋଗର ବିଶେଷତ୍ୱ

ଗୋପବନ୍ଧୁଙ୍କର ଶୈଳୀ କେବଳ ଗୋପବନ୍ଧୁଙ୍କର ନ ଥିଲା । ସେତେବେଳେ ସତ୍ୟବାଦୀ ବାଣୀପୀଠର ପ୍ରାୟ ସମସ୍ତେ ଏହି ଗୋପବନ୍ଧୁ ମାର୍ଗର ପଥିକ ଥିଲେ । ଅବଶ୍ୟ ଏଥିର ଅର୍ଥ ନୁହେଁ ଯେ ପ୍ରତ୍ୟେକଙ୍କ ଶୈଳୀ ଏକାରକମର ଥିଲା । ତାହା ତ ହେବା ସମ୍ଭବ ନୁହେଁ, ସ୍ୱାଭାବିକ ନୁହେଁ ବା ବୈଜ୍ଞାନିକ ନୁହେଁ । ତଥାପି ଗୋପବନ୍ଧୁ, କୃପାସିନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ବାସୁଦେବ ମହାପାତ୍ର, ଆଚାର୍ଯ୍ୟ ହରିହର ଦାସ, ଲାଙ୍ଗୁଳାଜ ମିଶ୍ର ପ୍ରଭୃତିଙ୍କ ଅନେକ ବହୁତେ ଯାହା ଗଦ୍ୟ ଲେଖା, ବକ୍ତୃତା ମିଳିଛି ସବୁରି ଭିତରେ ଓଡ଼ିଆ ଗଦ୍ୟ ସାହିତ୍ୟର ଏକ ନବଜୀବନର ପ୍ରବାହ ସ୍ପଷ୍ଟ । ତାହା ହେଉଛି କଥିତ ଭାଷା ଓ କଥିତ ପ୍ରତ୍ୟୟ ସଙ୍ଗେ ଗଦ୍ୟଭାଷାର ମେଳକ । ଏମାନଙ୍କ ପାଇଁ କୌଣସି ଶବ୍ଦ ଅଛବ ନଥିଲା । ଦରକାର ପଡ଼ିଲେ ଏମାନେ ଓଡ଼ିଆ ଭାଷାର ନିଘୋଡ଼ ମଫସଲର ପ୍ରଚଳିତ ଶବ୍ଦକୁ ମଧ ବ୍ୟବହାର କରୁଥିଲେ । ଏମାନଙ୍କର ଗଦ୍ୟରେ କୌଣସି ଶାଳୀନତାର ବା ଶୁଚୀବାୟର ଆଡ଼ମ୍ବର ନଥିଲା ।

ଯଥା – "ପଣ୍ଡିତ କୃପାସିନ୍ଧୁଙ୍କର ଜର ଓ **ହଗା** ହୋଇ ପାଞ୍ଚ ଦିନ **ପଛେ** ୧୨ ତାରିଖ ଦିନ ୧୦ ଘଣ୍ଟା ବେଳେ ନିମୁନିଆରେ ନିଜ ଘରଠାରେ ତାହାଙ୍କର ମୃତ୍ୟୁ ଘଟିଅଛି ।''

"କାଉନ୍‌ସିଲ ବାହାରେ ସେ କ'ଣ କରିବେ ତାହାର ପରିସ୍ଥୟ କ'ଣ ? ଓଧ ସଙ୍ଗେ ବଣଭୁଆଁ ବାଇ ।"

ସେମାନଙ୍କ ଘରେ ଧାନ ଚାଉଳ ଗୋଟିଏ **ମୁଣ୍ଡରେ ଲଗାଇବାକୁ ନାହିଁ** ।"

"ଭାରତ ପରି କାନାଡ଼ା ଇଂରେଜଙ୍କର **ହସ୍ତଭୂକ୍ତି** ମାହାଲ ନୁହେଁ ; ସେଠା ଲୋକେ ଆପଣାର **ଆଦିସ୍ଥାନ** ବୋଲି ଇଂଲଣ୍ଡକୁ ଟିକିଏ ମାନନ୍ତି । ଉପନିବେଶ ରାଜ୍ୟ ସଙ୍ଗେ ବିଲାତର ଏହି ଅତି **ସରୁସୂତା** ଟିକିଏ ଲାଗିଛି ।

ଇଂରେଜ ଶାସନରେ ଏତେ ପ୍ରକାର ଆଇନ କାନୁନ ଥାଇ ସୁଦ୍ଧା ଲୋକଙ୍କ ସହିତ ସରକାରର ସବୁବେଳେ **ସଂଘର୍ଷଣ** ।

ଓଡ଼ିଶାର ନାନା ହିତକର କାର୍ଯ୍ୟରେ ତାଙ୍କର **ଯୋଗ** ଥାଏ । ମାତ୍ର କର୍ମୀ ନ

Digitized by srujanika@gmail.com

ରହିବା ଅର୍ଥ ସମସ୍ତ ସାଧୁ ଉଦ୍ୟମର ଲୋପ; ଯେ ସାଧାରଣ ଜୀବନ ଅଙ୍କୁରି ଆସୁଛି ତା'ର **ଗଳାମରୁଡ଼ି** । ଯେ କେତୋଟି ଅଛନ୍ତି ସେମାନେ ଆଉ କେତେ ଦିନ ?

ମାତ୍ର ସରକାରର ନିମକସଚ୍ଚା ମେୟରଙ୍କ ଦୃଷ୍ଟିରେ ଭାରତ ଗରିବ ପ୍ରଜାର ରକ୍ତ ମାଂସ ଏ ପର୍ଯ୍ୟନ୍ତ ନିଃଶେଷ ହୋଇନାହିଁ ।

'ପରେ **ଉପରୋଧ** ଏଡ଼ି ନପାରି ଏବଂ କେହି ଜଣେ ହେବା ଦରକାର ମଣି ରାଜି ହେଲି ।'

(ଗୋଦାବରୀଶ ମିଶ୍ର)

'ତାକୁ ଖଣ୍ଡେ ଅସ୍ଥାୟୀ ପଟ୍ଟାରେ ହେଉ ପଛକେ ଭୂଇଁଯାଗା ମିଳିଲେ ସେ ପ୍ରାଣପଣେ ତାକୁ ଭାଙ୍ଗି ସାରସୋତ କରି ଭଲ ଆମଦାନି କରି ସେଥିରୁ ଚଳିବା ବ୍ୟବସ୍ଥା କରେ ।'

'ଅଧିକାଂଶ ଲେଖକଙ୍କର ସାହିତ୍ୟରେ ହାତ ବଳିବା ଅବସ୍ଥା ପ୍ରାୟ ବିତିଯାଇଛି ।'

'ସର୍ବାପେକ୍ଷା ଅଧିକ ଦୁଃଖ ଯେ ଉତ୍କଳ ଟ୍ୟାନେରୀ କମ୍ପାନିର ଯେ ଅବସ୍ଥା ହେଲା ଏଥିରେ ଓଡ଼ିଶା ଲୋକେ ଅନେକ ଦିନ ପର୍ଯ୍ୟନ୍ତ ଏପରି କିଛି ଉଦ୍ୟମରେ **ପ୍ରବର୍ତ୍ତିବାକୁ** ସାହସ କରିବେ ନାହିଁ ।'

'ସରକାର ପାଖେ ଯେ **କାକୁତିମିନତି** ଚାଲିଛି ଚାଲିଥାଉ । ମାତ୍ର ଓଡ଼ିଆ ପିଣ୍ଡରେ ପ୍ରାଣ କିପରି ଜାଗିବ ଏବେ ସେହି ବ୍ୟବସ୍ଥା ହେଉ ।'

'ଏ **ମତଲୋଡ଼ା** ନୂଆ ନୁହେଁ । ଆମେ ଏଥିକି ପାତ୍ର ନୋହୁ ।' 'ଏପରିକି ବୈଠନକା ଜାଗା ପର୍ଯ୍ୟନ୍ତ ବିକି ସର୍ବସ୍ୱାନ୍ତ ହେଉଥାଇଁ ।'

ଲକ୍ଷ୍ୟ କରିବାର କଥା

ଉପରଲିଖିତ ଉଦାହରଣଗୁଡ଼ିକ ମାତ୍ର କେତୋଟି । ଏ ଭଳି ଅଜସ୍ର ଉଦାହରଣ ଗୋପବନ୍ଧୁ ଓ ତାଙ୍କର ସତ୍ୟବାଦୀ ସାହିତ୍ୟ ଗଦ୍ୟଲେଖାରେ ସୁନାରେଣୁ ଭଳି ବିଞ୍ଚି ହୋଇ ପଡ଼ିଛି । ଲକ୍ଷଣୀୟ ଏହି ଯେ ଏଠାରେ ଶବ୍ଦ ଆହରଣ, ନିର୍ବାଚନ, ପ୍ରୟୋଗ ରୀତି, ଅର୍ଥାତ୍ ପଦବିନ୍ୟାସ ବା ବାକ୍ୟରଚନା ସଂସ୍କୃତ ସାଧୁକୃତ ପଦ୍ଧତି ଠାରୁ ସଂପୂର୍ଣ୍ଣ ଅଲଗା । ଏହା ଅନ୍ୟ କଥାରେ ଓଡ଼ିଶାର ତତ୍କାଳୀନ ଗଦ୍ୟଲେଖାର ଶୈଳୀ ବିରୁଦ୍ଧରେ ଯେପରି ଏକ ନୀରବ ବିଦ୍ରୋହ ଘୋଷଣା ।

ଆଗରୁ କୁହାଯାଇଛି ଚଳନ୍ତି ଭାଷାକୁ ବ୍ୟାକରଣ ଅନୁସରଣ କରେ । ବ୍ୟାକରଣକୁ ଭାଷା ଅନୁସରଣ କରେ ନାହିଁ । ତାହାବୋଲି ଏକଥା ନୁହେଁ ଯେ ଯିଏ

Digitized by srujanika@gmail.com

ଯାହା ଲେଖିବେ ତାହା ଶୁଦ୍ଧ ବ୍ୟାକରଣସମ୍ମତ ହୋଇଯିବ । କିନ୍ତୁ କୌଣସି ଭାଷାର ଜୀବନରେ ନୂତନ ଭାବସ୍ରୋତର ପ୍ରବାହ ବେଳେ ଗଦ୍ୟଶୈଳୀ ଭାଷାର ଚଳନ୍ତି ଶକ୍ତି ବ୍ୟବହାର କରି ଯେତେବେଳେ ଆତ୍ମନିର୍ଭର ଧାରା ଫିଟାଏ, ଆପଣାର ଉଦ୍ୟମରେ; ସେତେବେଳେ ଗଦ୍ୟର ବଳିଷ୍ଠତା ନିଶ୍ଚିତ ଭାବରେ ପ୍ରକାଶ ପାଏ । ତେଣୁ ଗୋପବନ୍ଧୁ ଓ ସତ୍ୟବାଦୀ ସାହିତ୍ୟର ଏହି ଓଡ଼ିଆ ଗଦ୍ୟଭାଷା ହିଁ ପ୍ରକୃତରେ ଓଡ଼ିଆ ବ୍ୟାକରଣର ମୂଳଦୁଆ ପକାଇଛି । ଏହି ମୂଳଦୁଆ ଉପରେ ଯଥୋଚିତ ଆଲୋଚନା ଏକାନ୍ତ ପ୍ରୟୋଜନ ।

❒ ❖ ❒

Digitized by srujanika@gmail.com

ମୂଳଦୂଆ : ଭାଷା ଓ ଗଦ୍ୟ

ଭାଷା ବିଜ୍ଞାନ କହେ ପୃଥିବୀରେ ଭାଷାର ଜନ୍ମ ମନୁଷ୍ୟ ମୁହଁରୁ, ଏହି ଭାଷାହିଁ ଶ୍ରୁତିରୁ ଶ୍ରୁତି ଡେଇଁ ବହୁଦୂର ଅତିକ୍ରମିଯାଏ । ଏହି ଭାଷାକୁ ଲିପିବଦ୍ଧ ନ କରିଥିଲେ ଆମେ ତାହାର ତତ୍ତ୍ୱ ବୁଝିବାକୁ ସମର୍ଥ ହୁଅନ୍ତୁ ନାହିଁ । ଭୁବନେଶ୍ୱରର ମନ୍ଦିର ଲିପି ତ ଥିଲା, ମାଦଳାପାଞ୍ଜି ତ ଥିଲା, ରୁଦ୍ର ସୁଧାନିଧିର ଗଦ୍ୟ ତ ଥିଲା । ସେ କାଳର ସନନ୍ଦ ପଟ୍ଟା ସବୁ ତ ଥିଲା; ତେବେ ତାକୁ ଡେଇଁ ଆମେ ଆଗକୁ ବଢ଼ିଲୁ କାହିଁକି ? ଭବିଷ୍ୟତରେ ଆମର ଦାୟାଦମାନଙ୍କର ଭାଷା କେବେ ତ ନିଶ୍ଚୟ ବଦଳିବ । ତେଣୁ ଆଜିର ଏହି ଲେଖା ସମସାମୟିକ ଜୀବନର ଲିପିବଦ୍ଧ ଗଦ୍ୟକୁ କଳନା କରିଥିଲେ ସିନା ଭବିଷ୍ୟତରେ ଲୋକେ ଆଜିର ଗଦ୍ୟଭାଷାର ସୂତ୍ର ପାଇବେ । ଅବଶ୍ୟ ଏବେ ଗ୍ରାମ୍‌ଫୋନ ରେକର୍ଡ଼ ଓ ଟେପ୍‌ରେକର୍ଡ଼ ଇତ୍ୟାଦି ନାନା ଯନ୍ତ୍ର ମଣିଷର ବ୍ୟବହାର ପାଇଁ ଆସିଗଲାଣି । ତଥାପି ଲିଖନ ଓ ମୁଦ୍ରଣ ହିଁ ଭାଷାର ସଂରକ୍ଷକ ବା ଲିପିକାର ଭାବରେ ଭବିଷ୍ୟତଠାରେ ଦାୟୀ ରହିବ ।

ଭାଷାର ଆଦିସ୍ଥାନ – ମଣିଷର ମୁହଁ

ତେଣୁ ଭାଷାର ଆଦିସ୍ଥାନ ମଣିଷର ମୁଖ । ଅବଶ୍ୟ ଅନେକ ବେଳେ ରସାଳ ଭାବରେ ଆମେ କହୁଁ 'ମୁଗୁନି ପଥରର ଭାଷା' ବା 'ମୂକ-ବଧିରର ଭାଷା' ବା 'ଠାର - ଭଙ୍ଗୀର ଭାଷା' । ଜଣେ କବି ଲେଖିଛନ୍ତି; 'ମଥା ପୋତି କଥା ପୋଥିଏ କହେ ।' ଏସବୁ ରସାତ୍ମକ ଭାବପ୍ରକାଶ । କିନ୍ତୁ ଭାଷାର ସାହାଯ୍ୟ ବିନା ସାଧାରଣ ବା ଅସାଧାରଣ କୌଣସି ପ୍ରକାର ଭାବପ୍ରକାଶର ଶୃଙ୍ଖଳା ରକ୍ଷା କରାଯାଇ ନପାରେ । ଭାବ ହେଉଛି ଏକ ନିରାକାର ଗୌଣ ଜିନିଷ, ଏହାର ବାସ୍ତବ ରୂପ ହେଉଛି ଭାଷା । ବିଜ୍ଞାନ ଏ କଥା ସ୍ପଷ୍ଟ ସ୍ୱୀକାର କରେ ଯେ ଭାଷା ବିନା ଚିନ୍ତା, ଯୁକ୍ତି, ଭାବପ୍ରକାଶ ଅସମ୍ଭବ ।

ଏଥିରୁ ଦ୍ୱିତୀୟ କଥା ଉପୁଜୁଛି । ମୁହଁରୁ ଯଦି ଭାଷାର ଉତ୍‌ପତ୍ତି ତେବେ ତାହା ବଦଳିବାକୁ ବାଧ୍ୟ । ମୁହଁକୁ ଲିପିବଦ୍ଧ କରାଯାଏ ନାହିଁ । ଯାହା ଯିଏ କହିଲା, ତାହା ନିଜ ମୁହଁରେ ହିଁ କହିଯାଏ । ତେଣୁ କଥାରେ ଅଛି କିଏ କାହା ମୁହଁରେ ବାଡବତା

Digitized by srujanika@gmail.com

ଦେବ ? କେବଳ ମୁହଁର ଆକୃତି ବା ବାଚନ ଭଙ୍ଗୀରୁ ଯେ ଭାଷାରେ ପରିବର୍ତ୍ତନ ଘଟେ ତାହା ନୁହେଁ ଭାଷା ବି ଲୋକାଚାର, ପ୍ରକୃତି, ସମାଜ ଜୀବନର ପରିବର୍ତ୍ତନ ଅନୁସରଣରେ ବଦଳେ । ଏକଥା ଆମେ ମାଦଳାପାଞ୍ଜିଠାରୁ ଆଜିର ବେତାର ଖବର ପଢ଼ାଳିର ପର୍ଦ୍ଦ ପର୍ଯ୍ୟନ୍ତ ତୁଳନା କଲେ ହିଁ ଜାଣିପାରିବା । କେବଳ ଓଡ଼ିଆ ଭାଷା କ୍ଷେତ୍ରରେ ନୁହେଁ ଏହା ସବୁ ଭାଷା କ୍ଷେତ୍ରରେ ସମାନ ଭାବରେ ସତ୍ୟ ।

ଭାଷା ନିତ୍ୟ ସନାତନ ନୁହେଁ

ତଥାପି ଆମର ବହୁ ଲୋକଙ୍କର ଆପତ୍ତି ଏପରିକି ବୁଝିବା ଶୁଝିବା ଲୋକଙ୍କର ଆପତ୍ତି ଯେ ଭାଷାର ଗୋଟାଏ ଶୁଦ୍ଧତା ଅଛି ତାହାକୁ ନୟନ ପିତୁଳୀ ଭଳି ରକ୍ଷା କରିବାକୁ ହେବ । ଯେଝା ତା ଲେଖାକୁ ଶୁଦ୍ଧ ବୋଲି ଗ୍ରହଣ କରିନେଲେ ମହା ବିଭ୍ରାଟ ଉପୁଜିବ । ସେମାନଙ୍କ ମତରେ ଭାଷା ଏକ ନିତ୍ୟ ସନାତନ ଜିନିଷ । ସେଥିରେ ଆବର୍ଜନା ଭର୍ତ୍ତି କରିବା ପାଇଁ କାହାରି ଅଧିକାର ନାହିଁ । ପ୍ରତ୍ୟେକ ଭାଷାର ନିର୍ଦ୍ଦିଷ୍ଟ ଇଡ଼ିୟମ୍ ବା ରୂଢ଼ି ପ୍ରୟୋଗ ସବୁ ରହିଛି । ତାହା ସେଇ ଭାଷାର ସୌନ୍ଦର୍ଯ୍ୟ । ଅନ୍ୟାନ୍ୟ ଭାଷାର ସଂପର୍କରେ ଆସି ଏହି ଖାଣ୍ଟି ବିଶେଷତ୍ୱ ରୂଢ଼ି ପ୍ରୟୋଗକୁ କୌଣସି ମତେ ଜଳାଞ୍ଜଳି ଦିଆଯାଇ ପାରିବ ନାହିଁ । ଏକଥା କେବଳ ଓଡ଼ିଶାର ପଣ୍ଡିତ ଗୋପୀନାଥ ନନ୍ଦେ ବା ନୀଳକଣ୍ଠ ଦାସେ ଯେ ଦୁଃଖ କରିଛନ୍ତି ସେକଥା ନୁହେଁ । ଅନ୍ୟମାନେ ବି ଅନ୍ୟଭାଷାରେ ଏଥିପାଇଁ ଦୁଃଖ କରିଛନ୍ତି ।

ତଥାପି ଏହିମାନେ ବି ଭାଷାର ସଂସ୍କାର ଲୋଡ଼ିଥିଲେ । ଗୋପିନାଥ ନନ୍ଦେ ଓଡ଼ିଆ ବନାନଗୁଡ଼ିକ ଉଚ୍ଚାରଣ ଅନୁସାରୀ କରିବାକୁ ବହୁତ ବାହୁନି ହୋଇଥିଲେ । ଏଭଳି କଥା ତ ଇଂରାଜି ଭାଷାରେ ନାହିଁ । ବଂଗଳାରେ ବା ଓଡ଼ିଆରେ ନାହିଁ । ଶୁଣାଯାଏ ତାହା ଅଛି ଜର୍ମାନ, ଫରାସୀ ଇତ୍ୟାଦି କେତୋଟି ଭାଷାରେ । ଉଦାହରଣ ସ୍ୱରୂପ ଓଡ଼ିଆରେ ଆମେ ସବୁ ପ୍ରକାର ତାଲବ୍ୟ, ମୂର୍ଦ୍ଧନା ବା ଦନ୍ତ୍ୟ କ୍ଷେତ୍ରରେ କେବଳ ଦନ୍ତ୍ୟସ ଉଚ୍ଚାରଣ କରୁ । ଲେଖିବାବେଳେ ଲେଖୁଁ ଶନିବାର, ଉଚ୍ଚାରଣ କରୁଁ ସନିବାର । ଓଲଟା ଦିଗରେ ବଂଗଳାଭାଷାରେ ସବୁ ପ୍ରକାର ତାଲବ୍ୟ, ମୂର୍ଦ୍ଧନ୍ୟ, ବା ଦନ୍ତ୍ୟ ଉଚ୍ଚାରଣରେ ସେମାନେ ତାଲବ୍ୟ 'ଶ' ଉଚ୍ଚାରଣ କରନ୍ତି । ସେମାନେ ଲେଖନ୍ତି ସମୀର, ଉଚ୍ଚାରଣ କରନ୍ତି ଶମୀର । ଇଂରାଜିରେ ତ ଉଚ୍ଚାରଣ ସଙ୍ଗେ ବନାନର କୌଣସି ସଂପର୍କ ନାହିଁ । କେବଳ ଜର୍ମାନ ଓ ଫରାସୀ ଭାଷାରେ – ଅନ୍ୟ ଭାଷା କଥା କହି ହେବ ନାହିଁ । ଉଚ୍ଚାରଣ ବନାନର ଅନୁସରଣ କରେ; ଅର୍ଥାତ୍ କୌଣସି ଗୋଟିଏ ବନାନ ଦେଖିଲେ ଭାଷା ନ ଜାଣିବା ଲୋକ ବି ବନାନର ସୂତ୍ରକୁ ଧରି ଠିକଣା ଉଚ୍ଚାରଣ କରିପାରେ । ଗୋପିନାଥ ନନ୍ଦେ ଯାହା ଆଶା କରିଥିଲେ ତାହା

Digitized by srujanika@gmail.com

ଫଳନ୍ତି ହୋଇନାହିଁ । ଅଥଚ ଉଚ୍ଚାରଣ ବଦଳୁଛି । ବନାନ ବି ବଦଳି ଯାଉଛି । ଓଡ଼ିଆ ଭାଷାରେ 'ଗୋପିନାଥ ନନ୍ଦ'ର ବନାନ କେତେକ 'ଗୋପୀନାଥ ନନ୍ଦ' ବି ଲେଖୁଛନ୍ତି । ଜବାନ ଓ ଯବାନ, ଯାନ ଓ ଜାନ ଇତ୍ୟାଦି ସଂସ୍କୃତର ଉଚ୍ଚାରଣକୁ ଛାଡ଼ି ଓଡ଼ିଆ ଉଚ୍ଚାରଣ ପ୍ରକାରେ ଲେଖାଗଲାଣି । ଏପର୍ଯ୍ୟନ୍ତ ନଣର ବନାନ୍ ନଣ ରହିଛି କିନ୍ତୁ ଉଚ୍ଚାରଣ ହେଉଛି ନଇ । ଓଡ଼ିଆ ଉଚ୍ଚାରଣରେ ହଳନ୍ତର ପ୍ରୟୋଗ ବହୁତ ବଢ଼ିଛି । ଯାହା ଫଳରେ 'ପ୍ରତିଦିନ' ଖବର ପଢୁଛନ୍ତି .... ଆଜିକାର ପ୍ରଧାନ୍ ପ୍ରଧାନ୍ ଖବର୍ ହେଲା, ଅର୍ଥମନ୍ତ୍ରୀ ପ୍ରସ୍ତାବ୍ କରିଛନ୍ତି ଯେ ନାଇଲନ୍ କପଡ଼ା ଉପରେ ଆସନ୍ତା ମଙ୍ଗଳ୍‌ବାର୍ ଠାରୁ ନୂଆ ଟିକସ୍ ବସିବ ।' ଇତ୍ୟାଦି ।

ପଣ୍ଡିତ ନୀଳକଣ୍ଠ ବି ଲିପିସଂସ୍କାର ପ୍ରତି ଜୋର ଦେଇଥିଲେ । ଓଡ଼ିଆ ଭାଷାରେ ଙ,ଞ, ଣ, ନ, ମ ପ୍ରଭୃତି ସହିତ ମିଳାଇ ଯେଉଁ ଯୁକ୍ତାକ୍ଷର ମାନ ତିଆରି ହେଉଛି ତାହାକୁ ସେ ଉଡ଼େଇ ଦେବାକୁ ଚେଷ୍ଟା କରିଥିଲେ । ଯାହାଫଳରେ ପଣ୍ଡିତ ନୀଳକଣ୍ଠ ଦାସ ଲେଖା ନହୋଇ ଲେଖା ହୁଅନ୍ତା ପଂଡିତ ନୀଳକଂଠ ଦାସ । ଏହାଛଡ଼ା ରେଫ୍ ପ୍ରୟୋଗରେ ଦ୍ୱିତ ଉଠାଇ ଦେବା ଯଥା ଅନ୍ନପୂର୍ଣ୍ଣା ନଲେଖି ଅନ୍ନପୂର୍ଣା ଲେଖିବାକୁ ନିଜେ ବି ଆରମ୍ଭ କରିଥିଲେ । ପରବର୍ତ୍ତୀ କାଳରେ ଓଡ଼ିଆ ଲିପିର ଟାଇପରାଇଟର ଓ ଓଡ଼ିଆ ମୁଦ୍ରଣ ଶିଳ୍ପରେ ଲାଇନୋ ଓ ମନୋ ଟାଇପ୍ ପ୍ରଚଳନ ହେବାରେ ଲିପିରେ କେତେଗୁଡ଼ିଏ ସଂସ୍କାର ହୋଇଛି । କିନ୍ତୁ ତାହା ଏ ପର୍ଯ୍ୟନ୍ତ ନାହିଁ । କାରଣ ଏ ପର୍ଯ୍ୟନ୍ତ ବଂଗଳା ଦୈନିକ ଖବରକାଗଜର ଲିପି ଭଳି ତାହା ଓଡ଼ିଆ ପାଠକମାନଙ୍କର ଆଖିସୁହା ହୋଇଯିବ ଓ ତାହାର ପରିଚୟ ପଡ଼ିଯିବ ।

ଅଥଚ ସେହି ଗୋପିନାଥ ନନ୍ଦେ ବା ନୀଳକଣ୍ଠ ଦାସେ ଓଡ଼ିଆ ଭାଷାର ଅନ୍ୟାନ୍ୟ ପ୍ରୟୋଗ ବା ସଂସ୍କାରକୁ ସେତେ ଘେନା କରୁନାହାନ୍ତି । ଏକଥା ତାଙ୍କ କ୍ଷେତ୍ରରେ ନୁହେଁ, ଏକଥା ପୃଥିବୀ ସଚରାଚର ଦେଖାଯାଇଛି । ତେବେ ଭାଷା ଲିପିବଦ୍ଧ ହୋଇ ଦସ୍ତୁରୀ ତାଲିକାରେ ପଡ଼ିଗଲା ପରେ ତାହାର ପରିବର୍ତ୍ତନ ସେପରି ସହଜ ହୁଏ ନାହିଁ । ଆଜିକୁ ଶହେ ବର୍ଷ ତଳେ ରାଧାନାଥଙ୍କର 'ଇତାଲୀୟ ଯୁବା' ଠାରୁ ଆଜି ଭିତରେ ଭାଷାର ଯାହା ପରିବର୍ତ୍ତନ ହୋଇଛି ତାହାଠାରୁ ରାଧାନାଥଙ୍କର ପୂର୍ବ ଅମଳ ଶତାବ୍ଦୀରେ ନିଶ୍ଚୟ ଅଧିକ ପରିବର୍ତ୍ତନ ହୋଇଛି । ପାଣିନି ତାଙ୍କର ସଂସ୍କୃତ ବ୍ୟାକରଣ ଲେଖିବା ପୂର୍ବରୁ ସଂସ୍କୃତ ଭାଷାରେ ଯେଉଁ ପରିବର୍ତ୍ତନ ହୋଇଥିଲା ସୂତ୍ରବଦ୍ଧ ବ୍ୟାକରଣର ଶୃଙ୍ଖଳା ଭିତରେ ପଡିଯିବା ପରେ ସଂସ୍କୃତର ସେହି ପରିବର୍ତ୍ତନ କ୍ଷୀଣ ହୋଇଗଲା । ଏହା ସ୍ୱାଭାବିକ । କାରଣ ଲିପିବଦ୍ଧ ହେବା ପୂର୍ବରୁ ଭାଷା ଛୋଟ, ବିଚ୍ଛିନ୍ନ ଗୋଷ୍ଠିମାନଙ୍କ ଭିତରେ ସୀମିତ ଥାଏ । ଜୀବନର ଚାହିଦା ପାଇଁ ଯିଏ ଯେପରି

Digitized by srujanika@gmail.com

ଭାବପ୍ରକାଶ କଲେ ତତ୍‌କାଳର ଓ ସମ୍ମୁଖରେ ଲୋକ ବୁଝିପାରିବ ସେଭଳି ଭାବପ୍ରକାଶ କରେ । ତେଣୁ କଥାରେ ଚଞ୍ଚଳତା ବା ତରଳ ପ୍ରବାହ ଥାଏ । ଭାଷାର ସବୁଠାରୁ ଶିକ୍ଷଣୀୟ ଯୁଗାନ୍ତର ଘଟିଛି ସେତେବେଳେ ଯେତେବେଳେ ଦଲିଲ ଦୋରସ୍ତ ସାକ୍ଷ୍ୟପ୍ରମାଣ କିଛି ନଥିଲା । ତେଣୁ ସେ ପରିବର୍ତ୍ତନର କଳନା ଏକ ବିରାଟ ସନ୍ଧାନ, ଆବିଷ୍କାର; ଗୋଟିଏ ଗୋଟିଏ ଶବ୍ଦର ଉତ୍‌ପତ୍ତି, ଲାଳନ, ମୃତ୍ୟୁ ବା ଅସ୍ତ ଗୋଟିଏ ଜାତିର ସମସ୍ତ ସାମାଜିକ ଜୀବନର ଗଭୀର ସୂଚନା ଦେଇଯାଏ ।

ଅନ୍ୟ ଭାରତୀୟ ଭାଷା କ୍ଷେତ୍ରରେ

"ଯଦି ଆମେ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ବିକାଶକ୍ରମ ବିଷୟରେ ବିଚାର କରୁଁ ତେବେ ଏହି ନିଷ୍କର୍ଷରେ ପହଞ୍ଚିବା ଯେ ବୈଦିକ ଭାଷା ନିରନ୍ତର ବିକାଶ ଫଳରେ ଅଗ୍ରସର ହୋଇ ଆସିଛି । ଭାଷା ଯେତିକି ବଦଳି ଚାଲିଛି, ସେତିକି ପରବର୍ତ୍ତୀ ବଂଶର ଲୋକେ ପୂର୍ବବର୍ତ୍ତୀ ପିଢ଼ି ଲୋକଙ୍କର ଭାଷାକୁ ସେତିକି ଲୋକୋତ୍ତର ଶ୍ରଦ୍ଧା ଦେଇଛନ୍ତି ଓ ତାହାକୁ ଅକ୍ଷୁଣ୍ଣ ରଖିବାକୁ ସେହି ଭାଷା ଓ ସେହି ସ୍ମୃତିକୁ ବଂଚାଇ ରଖିବାକୁ ସେମାନେ ବହୁ ଉପାୟ କରିଛନ୍ତି । ଏଣୁ କଥାବାର୍ତ୍ତାର ଭାଷା ତ ଆଗକୁ ବଢ଼ି ଚାଲିଛି । ସମୟ ଗଡ଼ି ଚାଲିଛି । ସେଥୁଁ ଲୋକଙ୍କର ଚିନ୍ତା ପଡ଼ିଛି କିପରି ପୁରୁଣା ଭାଷାକୁ ସଜୀବ ଓ ସୁରକ୍ଷିତ କରି ରଖିବାକୁ ହେବ । ଏଥିପାଇଁ ସେମାନେ ବେଦମନ୍ତ୍ରଗୁଡ଼ିକୁ କେଉଁଠି ସଂହିତା, ପଦ, ଜଟା, ଘନ ଆଦି ନାନା ରୂପରେ ଉଚ୍ଚାରଣ ଓ କଣ୍ଠସ୍ଥ କରି ସୁରକ୍ଷିତ କରିଛନ୍ତି । ସେଇଠି ଏହି ପୁରୁଣା ଭାଷାର ଭିତର ଗଢ଼ଣ ଅତୁଟ ରଖିବାକୁ ଆପଣା ଆପଣା ଶାଖାରୁ ପ୍ରତିଶାଖା ସୃଷ୍ଟି କରିଛନ୍ତି ।

(ରାହୁଲ ସଂସ୍କୃତାୟନ – ପାଲି ସାହିତ୍ୟର ଇତିହାସ (ହିନ୍ଦି))

ପୂର୍ବପୁରୁଷର କୃତ୍ୟକୁ ସଂଖାଳି କରି ରଖିବା ପରପୁରୁଷର ଗୋଟାଏ ବଡ଼ ଖାନଦାନିର ପରିଚୟ । ଏଇଟା ସାମନ୍ତବାଦ ଅମଳରେ ଥିଲା । ପୁଞ୍ଜିବାଦ ଅମଳରେ ବି ଅଛି । ବାପ, ଗୋସାପଙ୍କର ଖଣ୍ଡା ତରୱାଲ, ଲେଖନ ପଟା, ସନନ୍ଦ, ଥିଲା ସେ କାଳର ସଂଖାଳି । ଏବେ ଆସିଲାଣି ଚଷମା, ଘଣ୍ଟା, ଫାଉଣ୍ଟେନପେନ, ଘଡ଼ି, ଫଟୋଗ୍ରାଫ । ଠିକ୍ ସେପରି ଭାଷା ଓ ଗଦ୍ୟକୁ ଅବିକଳ ସାଇତି ରଖିବାର ପତିଆରା । ନିଜକୁ ସମ୍ଭ୍ରାନ୍ତ ଓଡ଼ିଆ ବୋଲି ପରିଚୟ ଦେବାକୁ ହେବ । ନିଜେ ବି ଜଣେ ଅଘୋରି ଭାଗାବଣ୍ଡ ନୋହୁଁ । ଆମେ କାହୁଁ ଅଇଲା ନାହୁଁ । ଅର୍ଥାତ୍ ଆମର ଗୋଟାଏ ଚକ୍‌ଚକିଆ ଐତିହ୍ୟ ଅଛି । ଏ କଥା ବି ଦେଖାଇବାକୁ ହେବ । ସେହି ମନୋବୃତ୍ତିରେ ବି ଅନେକେ ପ୍ରାଚୀନକୁ ରକ୍ଷା କରିବାକୁ ବ୍ୟସ୍ତ ହୁଅନ୍ତି ।

Digitized by srujanika@gmail.com

କିନ୍ତୁ ଏପରି ବ୍ୟସ୍ତ ହେବାରେ ଯଦି ସେମାନେ ସଫଳ ହୋଇ ଥାଆନ୍ତେ , ତେବେ ପୃଥିବୀର ଭାଷା ସବୁ ଜନ୍ମ ହୋଇନଥାନ୍ତେ । କାରଣ କଥାବାର୍ତ୍ତାର ଭାଷା ଓ ଏହି ଲିଖିତ ସଂସ୍କୃତ ଭାଷା ଭିତରେ ପ୍ରଭେଦ ଯେତିକି ବଢ଼ିଲା ଓ ଏ ପ୍ରଭେଦ ଯେତିକି ଦୂର ଅତିକ୍ରମି ଗଲା ସେତିକି ତାହା ଲୋକସାଧାରଣଙ୍କଠାରୁ ବିଛିନ୍ନ ହୋଇଗଲା । ସଂସ୍କୃତ କ୍ଷେତ୍ରରେ ଖ୍ରୀଷ୍ଟପୂର୍ବ ଛଅ ଶତାବ୍ଦୀ ବେଳକୁ ବୁଦ୍ଧଦେବଙ୍କର ଜନ୍ମ ହୁଏ । ସେ ସାହିତ୍ୟିକ ଭାଷା ଛାଡ଼ି ପ୍ରଚଳିତ ତଥା ଉପଯୁକ୍ତ ହେବା ଭଳି ଲୋକଭାଷାରେ ହିଁ ଲୋକମାନଙ୍କୁ ଉପଦେଶ ଦେଲେ । ତେବେ ବୁଦ୍ଧଙ୍କର ଶିଷ୍ୟମଣ୍ଡଳି ଭିତରେ ମଗଧ, କୋଶଳ, କୁରୁ, ଅବନ୍ତୀ ଆଉ ଗାନ୍ଧାର ପ୍ରଦେଶର ଲୋକ ଥିଲେ । ସେମାନେ ବୁଦ୍ଧବଚନକୁ ଆପଣା ଆପଣା ଅଞ୍ଚଳର ଭାଷାରେ ପାଠ କରିବାକୁ ଆରମ୍ଭ କରିଦେଲେ । ତେଣୁ ସୂକ୍ତର ଭାଷାରେ ନାନାପ୍ରକାର ଭେଦ ଦେଖାଦେଲା । କେତେକ ଶିଷ୍ୟଙ୍କୁ ଏକଥା ଅଡୁଆ ଲାଗିଲା । ସେମାନେ ପ୍ରାଚୀନ ସାହିତ୍ୟିକ ଭାଷାରେ ବୁଦ୍ଧ ବଚନକୁ ସୁରକ୍ଷିତ କରିବା ଚିନ୍ତାରେ ରହିଲେ । ସେଥିପାଇଁ ବୁଦ୍ଧଦେବଙ୍କର ଅନୁମତି ଲୋଡ଼ିଲେ । କିନ୍ତୁ ବୁଦ୍ଧ ଏ କାର୍ଯ୍ୟରେ ସେମାନଙ୍କୁ ବାରଣ କଲେ ଓ କହିଲେ ଏଭଳି କାର୍ଯ୍ୟ ଯିଏ କରିବ ସିଏ ଅପରାଧୀ ହେବ । ତାପାଇଁ ମୃଦୁଦଣ୍ଡର ବ୍ୟବସ୍ଥା ବି କଲେ ।

"ବୁଦ୍ଧ-ନିର୍ବାଣର ତିନି ଚାରି ଶତାବ୍ଦୀ ପରେ ନୂତନ ସମୟର ଭାଷାର ବିବର୍ତ୍ତନରେ ପରବର୍ତ୍ତୀ ଶିଷ୍ୟମାନଙ୍କୁ ଅରୁଚି ଧରିଲା । ସେଠୁଁ କେତେ ଲୋକ ବୁଦ୍ଧ ବଚନକୁ ପ୍ରାଚୀନ ଭାଷାରେ ଗ୍ରହଣ କରିନେଲେ । ପରେ ଭାଷାର ଅଦଳବଦଳ ଫଳରେ ପୁଣି ଏହି ବଚନର ଯେଭଳି ଅଦଳବଦଳ ନହେବ ତାହାରି ଚେଷ୍ଟାରେ ରହିଲେ । ଆଉ ଥୋକେ ଶିଷ୍ୟ ବୁଦ୍ଧ ବଚନକୁ ସ୍ଥାୟୀ ସଂସ୍କୃତରେ ଲେଖି ପକାଇବାର ପ୍ରୟାସ କଲେ । ପ୍ରଥମ କିସମର ଲୋକେ ହେଉଛନ୍ତି ସିଂହଳର ସ୍ଥବୀରବାଦୀ ବୌଦ୍ଧଗଣ । ଏହିମାନେ ମାଗଧିର ସବୁଠାରୁ ପ୍ରଧାନ ବିଶେଷତ୍ୱ ଦନ୍ତ୍ୟସ ଜାଗାରେ ତାଲବ୍ୟ ଶ, ଦନ୍ତ୍ୟ ନ ଜାଗାରେ ମୂର୍ଦ୍ଧଣ୍ୟ ଣ ଆଉ 'ର' ଜାଗାରେ 'ଳ' ଇତ୍ୟାଦି ସହସ୍ର ବର୍ଷ ପୂର୍ବରୁ ଛାଡ଼ି ସାରିଥିଲେ ବି କହିବାରେ ଲାଗିଲେ 'ଆମର ଧର୍ମଗ୍ରନ୍ଥ ମୂଳ ମାଗଧି ଭାଷାରେ ହିଁ ଲେଖା ହେବ ।'

ଏହି ପ୍ରକାରେ ସ୍ଥବୀରବାଦୀ ତ୍ରିପିଟକ ଆମ୍ଭମାନଙ୍କୁ ଯେଉଁ ଭାଷାରେ ଉପଲବ୍ଧ ହେଲା ସେହି ଭାଷାହିଁ ପାଲିଭାଷା ନାମରେ ଅଭିହିତ । (ରାହୁଲ ସଂସ୍କୃତାୟନ – ପାଲି ସାହିତ୍ୟର ଇତିହାସ, ୫ପୃଷ୍ଠା)

ଲକ୍ଷ୍ୟ କରିବାର କଥା ଯେଉଁ ପ୍ରାକୃତରୁ ଓଡ଼ିଆ ଭାଷାର ଜନ୍ମ ତାହା ହେଲା ମାଗଧି ପ୍ରାକୃତ । ଏଠାରେ ରାହୁଲଜୀ ଯେଉଁ ଭାଷାକୁ ପାଲି ବୋଲି ଅଭିହିତ କରିଛନ୍ତି,

Digitized by srujanika@gmail.com

(ଓ ଯାହାକୁ ସଚରାଚର ଅଭିହିତ କରାଯାଇଥାଏ) ତାର ପରମ୍ପରା ପ୍ରଚଳିତ ନାମ ହେଲା ମାଗଧି । ତ୍ରିପିଟକ ଉପରେ ଲିଖିତ 'ଅଟ୍ଟକଥା' ଯୁଗରୁ ଲୋକେ ଏହି ଭାଷାକୁ ମାଗଧି କହି ଆସିଛନ୍ତି । ତେବେ ମାଗଧିର ପ୍ରାଚୀନତମ ଉପଲକ୍ଷ୍ୟ ରୂପ ଓଡ଼ିଶା, ବିହାର ଆଉ ଉତ୍ତରପ୍ରଦେଶରୁ ମିଳୁଥିବା ଅଶୋକଙ୍କର ଶିଳାଲେଖ । ଏହି ଶିଳାଲେଖର ଭାଷାଠାରୁ ମାଗଧି ବୋଲାଉଥିବା ପାଳି ଭାଷାର କିଛି ଭିନ୍ନତା ଅଛି । ଯଦି ପାଳି ପୂରାପୂରି ତାଲବ୍ୟଶ କୁ ବଏକଟ କରି ନଥାନ୍ତା, ତଥା ସଚରାଚର 'ର' ସ୍ଥାନରେ 'ଳ' ନ ଆଣିବାକୁ ଜିଗର କରି ନଥାନ୍ତା ତେବେ ଏହି ପାଳି ମାଗଧିର ପ୍ରାଚୀନତମ ରୂପର ସ୍ଥାନ ଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଥାଆନ୍ତା । କିନ୍ତୁ ସିଂହଳରେ ଯାଇ ପାଳିର ନୂତନ ବାସସ୍ଥାନ ହେଲା । ସେଠାର ଭାଷା ଥିଲା ପୁରୁଣା ଗୁଜରାଟି (ସୌରସେନି-ମହାରାଷ୍ଟ୍ରୀଭାଷା) । ତେଣୁ ସେଠି ଶତାବ୍ଦୀ ଶତାବ୍ଦୀ ଯାଏ ମାଗଧିର ଉଚ୍ଚାରଣକୁ ସେମାନେ କିପରି ବା ଅବିକଳ ରଖନ୍ତେ ? ତଥାପି ବି ପାଳିର ପୁରୁଣା 'ସୁରୋ'ରେ ସ ଜାଗାରେ ଶ ଓ ର ଜାଗାରେ ଲ କୁ ଭରଣା କରି ତାହାକୁ ମାଗଧିର ନିକଟବବର୍ତ୍ତୀ କରାଯାଇପାରେ ।

ପରିବର୍ତ୍ତନର ସୀମା ଅଛି

ତେବେ ଏକଥା କ'ଣ ସତ ଯେ, ଭାଷାରେ ପରିବର୍ତ୍ତନର ସୀମା ନାହିଁ ? ଯଦି ପରିବର୍ତ୍ତନ ଅଛି ତାହା କେତେଦୂର ? ମନେ କରାଯାଉ ଯଦି ସମାଜରେ ଗୋଟାଏ ପରିବର୍ତ୍ତନ ହେଲା ଅର୍ଥାତ୍ ରାଜାରାଜୁଡ଼ାଙ୍କର ଶାସନ ଯାଇ କଳକାରଖାନା ମାଲିକ ବୁର୍ଜୋୟାର ଶାସନ ପ୍ରତିଷ୍ଠା ହୋଇଗଲା ଅଥବା ବୁର୍ଜୋୟା ଶାସନ ଯାଇ ସର୍ବହରାର ଶାସନ ପ୍ରତିଷ୍ଠା ହୋଇଗଲା, ତେବେ କ'ଣ ଭାଷା ବଦଳି ଏକ ନୂଆ ରୂପ ନେଇଯିବ ? ତା'ର ଏକ ଘଟାନ୍ତର ଓ ରୂପାନ୍ତର ହୋଇଯିବ ? ନାଁ, ଏଭଳି ଭାବନା ଅବୈଜ୍ଞାନିକ ।

ନୈରାଜ୍ୟବାଦୀମାନେ ମନେ କରନ୍ତି ଏକ ବିରାଟ ବିପ୍ଲବ ବା ପରିବର୍ତ୍ତନ ବାସି ଦିନ ଲୋକେ ପୁରୁଣା ଭାଷା ଭୁଲି ଯାଇ ନୂତନ ଭାଷାରେ କଥା କହିବେ । ନ କହିଲେ ସେମାନଙ୍କୁ କୁହାଇବାକୁ ହେବ । ଲେଖକମାନେ ପୁରୁଣା ଭାଷା ଛାଡ଼ି ଏକ ନୂତନ ଭାଷାରେ ଲେଖିବେ । ନ ଲେଖିଲେ ସେମାନଙ୍କୁ ପ୍ରତିକ୍ରିୟାଶୀଳ ବୋଲି କୁହାଯିବ । ସେମାନଙ୍କ ମତରେ ସମାଜର ପରିବର୍ତ୍ତନ ଫଳରେ ଯଦି ମଣିଷର ସମାଜ-ଚେତନାର ପରିବର୍ତ୍ତନ ହେଉଛି ଓ ତେଣୁ ସମାଜ ଚେତନା ଉପରେ ପ୍ରତିଷ୍ଠିତ ସୌଧ ବା ଉପରିତଳ ଯଦି ପରିବର୍ତ୍ତନ ହୋଇଯାଉଛି ତେବେ ଭାଷା ପରିବର୍ତ୍ତନ ନ ହେବ କିପରି ?

Digitized by srujanika@gmail.com

ଏଭଳି ନୈରାଜ୍ୟବାଦୀ ବା ଅରାଜକତାବାଦୀମାନେ ପୃଥିବୀର ସବୁ ଦେଶରେ ମିଳନ୍ତି । ଏମାନେ ରୁଷ ବିପ୍ଲବ ପରେ ରୁଷ ଦେଶରେ ବି ପ୍ରଚାର କରିଥିଲେ, ପୁରୁଣା ସବୁ ଭାଙ୍ଗି ଦିଆଯାଉ; ପୁରୁଣା ସମାଜକୁ ଯେଉଁ ରେଳଗାଡ଼ି ସେବା କରୁଥିଲା ସେ ରେଳଗାଡ଼ିକୁ ଭାଙ୍ଗି ଦିଆଯାଉ; ଯେଉଁ ପୁରୁଣା କୋଠାବାଡ଼ିରେ ପୂର୍ବ କାଳର ରାଜା ସାମନ୍ତମାନେ ଆସନ ଜମାଇ ବସୁଥିଲେ ତାକୁ ଭାଙ୍ଗି ତା'ର ଚିହ୍ନବର୍ଣ୍ଣ ଲୋପ କରି ଦିଆଯାଉ; କାରଣ ସମାଜର ମୂଳଦୂଆ ଯଦି ନୂଆ ହେଲା ତେବେ ସେହି ମୂଳଦୂଆ ଉପରେ ଗଢ଼ା ହୋଇଥିବା ଉପରିତଳ ବା ସୌଧ ପୂରାପୂରି ନୂଆ ହେବା ଦରକାର; ଏଇ ହେଲା ସେମାନଙ୍କର ଯୁକ୍ତି ।

ରୁଷ ବିପ୍ଲବର ନେତା ଓ ମହାନ୍ ବିଜ୍ଞାନୀ ଲେନିନ୍ ନୈରାଜ୍ୟବାଦୀମାନଙ୍କର ଏ ଯୁକ୍ତିକୁ ବାଲୁତ-ବାତୁଳତା ବୋଲି ଆଖ୍ୟା ଦେଇଥିଲେ । ତଥାପି ଲେନିନଙ୍କର ମୃତ୍ୟୁର ବହୁବର୍ଷ ପରେ ରୁଷ ଦେଶର କେତେକ ନୈରାଜ୍ୟବାଦୀ ଭାଷା କ୍ଷେତ୍ରରେ ମଧ ଏହି ଯୁକ୍ତି ପ୍ରୟୋଗ କରିଥିଲେ । ସେମାନେ ଦାବୀ କରିଥିଲେ ଯେ ସର୍ବହରାର ଦୁନିଆରେ ସାହିତ୍ୟ, ଚିତ୍ରକଳା, ସଂସ୍କୃତି, ଦର୍ଶନ, ସାମାଜିକ ବିଜ୍ଞାନ ଇତ୍ୟାଦି ଯଦି ସର୍ବହରା ଶ୍ରେଣୀର ବିଶ୍ୱ ଦୃଷ୍ଟି କୋଣ କୋଣକୁ ଅନୁସାରେ ହେବା ଦରକାର, ତେବେ ବୁର୍ଜୋୟା ବିଶ୍ୱ ଦୃଷ୍ଟି ପରିହାର କରିବା ଆବଶ୍ୟକ । ତେଣୁ ଭାଷା କ୍ଷେତ୍ରରେ ମଧ 'ସର୍ବହରା । ଭାଷାର' ପ୍ରତିଷ୍ଠା ହେବା ଆବଶ୍ୟକ । ୧୯୪୬ ମସିହାରେ ଲେନିନଙ୍କର ଶିଷ୍ୟ ମାର୍କସର୍ବାଦୀ-ଲେନିନବାଦୀ ଷ୍ଟାଲିନ୍ ରୁଷ ଭାଷା କ୍ଷେତ୍ରରେ ଏହି ନୈରାଜ୍ୟବାଦକୁ ଖଣ୍ଡନ କରିଥିଲେ । ଷ୍ଟାଲିନ୍ ଉଲ୍ଲେଖ କରିଥିଲେ ଯେ ସମାଜ ବିପ୍ଲବ ଫଳରେ ପରିବର୍ତ୍ତନ ହୋଇଛି ସତ, କିନ୍ତୁ ତାହା ବୋଲି ଆମ୍ ଫଳଟାର ନାମ ଜାମୁ ହୋଇଯାଇନାହିଁ । ଅର୍ଥାତ୍ ଭାଷାର ମୌଳିକ ଶବ୍ଦ ଭଣ୍ଡାରର ପରିବର୍ତ୍ତନ ଘଟିନାହିଁ ; ହୁଏତ ନୂତନ ଭାବଧାରାର ଆମଦାନି ଫଳରେ ନୂତନ ଶବ୍ଦ ଭାଷା ଭିତରେ ପ୍ରବେଶ କରିଛନ୍ତି । ଦ୍ୱିତୀୟ କଥା, ଜାରତନ୍ତ୍ର ଅମଳରେ ରୁଷ ଭାଷା ଯେପରି ଜାରତନ୍ତ୍ରର ସମସାମୟିକ ସମାଜକୁ ସେବା କରୁଥିଲା; ସମାଜବାଦୀ କାଳରେ ସେହି ରୁଷ ଭାଷା ସେପରି ସମାଜବାଦୀ ସମାଜକୁ ସେବା କରୁଛି । ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ । ତୃତୀୟ କଥା, ଗୋଟିଏ ଭାଷାକୁ ଅନ୍ୟ ଗୋଟିଏ ଭାଷାଠାରୁ ବାରିବାକୁ ହେଲେ ତାହାର ଶବ୍ଦ ସଂପଦ, ପ୍ରୟୋଗର ବିଶେଷତ୍ୱ, ଇତ୍ୟାଦି ବହୁତ କଥା ଦେଖିବାକୁ ପଡ଼େ । ସାମାଜିକ ବିପ୍ଲବ ଫଳରେ ଏଥିରେ କୌଣସି ବିପ୍ଲବାତ୍ମକ ପରିବର୍ତ୍ତନ ଘଟେ ନାହିଁ । ହୁଏତ ଦୁଇଟି ଦେଶରେ ସମାନ ଧରଣର ସମାଜିକ ବିପ୍ଲବ ଫଳରେ ସମାଜର ଚିନ୍ତାଧାରାରେ ବହୁତ ମେଳ ଆସିଯାଏ; କିନ୍ତୁ ଭାଷାରେ ଅମେଳ ଥିଲେ ସେହି ଅମେଳ ସ୍ୱତନ୍ତ୍ର ରହେ ।

Digitized by srujanika@gmail.com

ଭାଷା ମୂଳଦୁଆର ସୌଧ ନୁହେଁ

ମୋଟକଥା, ଭାଷା ଉପରିତଳ ବା ସୌଧ ନୁହେଁ ଯେ ମୂଳଦୁଆର ପରିବର୍ତ୍ତନ ଫଳରେ ପରିବର୍ତ୍ତିତ ହୋଇଯିବ । ମାତୃଭାଷା ମନୁଷ୍ୟ ସମାଜର ଭାବ ପ୍ରକାଶର ବାହନ । ତେଣୁ ଏହାର ପରିବର୍ତ୍ତନ ଯାହା ଘଟେ, ତାହା ମୌଳିକ ପରିବର୍ତ୍ତନ ନୁହେଁ । ତାହାର ସମୃଦ୍ଧି ମାତ୍ର ସାଧିତ ହୁଏ ।

ଏହି ବୈଜ୍ଞାନିକ ତତ୍ତ୍ୱ ଏତେ ସ୍ୱତଃସିଦ୍ଧ ଯେ ଏହାର ଉଦାହରଣ ଆବଶ୍ୟକ ନାହିଁ । ଆଜି ଭାରତର ବା ଓଡ଼ିଶାର ସମାଜ ଶ୍ରେଣୀ ବିଭକ୍ତ । ତେଣୁ ଯେଉଁମାନେ ଶାସକ ବା ଶୋଷକ ଶ୍ରେଣୀ ସେମାନଙ୍କର ଆଶା ଆକାଙ୍‌କ୍ଷା, ଧ୍ୟାନ ଧାରଣା, ଜପତପ, ଧର୍ମାଧର୍ମ-ଜ୍ଞାନ ଶୋଷିତ ଓ ଶାସିତ ଶ୍ରେଣୀର ଆଶା ଆକାଙ୍‌କ୍ଷା ସହିତ ପରସ୍ପର ବିରୋଧୀ । ଏହି ବିରୋଧର ପରିଣତି ଏକ ବିରାଟ ଶ୍ରେଣୀ ସଂଘର୍ଷ । କିନ୍ତୁ ଉଭୟେ ଶାସକ ଓ ଶାସିତ,ଶୋଷକ ଓ ଶୋଷିତ ଶ୍ରେଣୀ ଗୋଟିଏ ଭାଷାରେ କଥା କହନ୍ତି । ପରସ୍ପରର ଜୀବନ ଦର୍ଶନକୁ ଆଘାତ ଆକ୍ରମଣ କଲାବେଳେ ସେହି ଗୋଟିଏ ଭାଷାରେ ଆଶ୍ରୟ ନିଅନ୍ତି । ହୁଏତ ଶୋଷକର ଭାଷା ଭିତରେ କିଛି ସମ୍ଭ୍ରାନ୍ତ ସାଧୁକୃତ ମାର୍ଜିତ ପଦ ଥାଏ ଯାହା ଶୋଷିତର ଭାଷାରେ ହୁଏତ ନଥାଏ । କିନ୍ତୁ ଉଭୟଙ୍କର ଏକ ଭାଷା । ତାହା ନ ଥିଲେ ସମାଜରେ ସଂଘର୍ଷ ମଧ୍ୟ ଚାଲି ପାରନ୍ତା ନାହିଁ ।

ତେଣୁ ଏ କଥା ସ୍ୱୀକାର କରିବାକୁ ହେବ ଯେ ଭାଷାର ପରିବର୍ତ୍ତନ ଘଟିପାରେ; କିନ୍ତୁ ଗତ ଦୁଇହଜାର ବର୍ଷ ଭିତରେ ସାମାଜିକ ପରିବର୍ତ୍ତନ ଯେତେ ଦ୍ରୁତତର ବେଗରେ ଘଟିଛି ତା'ର ତୁଳନାରେ ଭାଷାର ପରିବର୍ତ୍ତନ ସୀମିତ ଓ ସେହି ସୀମିତ ପରିବର୍ତ୍ତନ ବହୁ ସଂଖ୍ୟକ ଲୋକଙ୍କର ବ୍ୟବହାର, ବାଚନଭଙ୍ଗି ଓ ଚଳ ପ୍ରଚଳ ଉପରେ ନିର୍ଦ୍ଧାରିତ ହୁଏ । ସେହି ପରିବର୍ତ୍ତନ ଭାଷାର ମୌଳିକ ଶବ୍ଦ ସମ୍ପଦରୁ କିଛି ଶବ୍ଦକୁ ହୁଏତ ଲୋପ କରିଦିଏ; କିଛିକୁ ଭିନ୍ନ ଅର୍ଥରେ ପ୍ରୟୋଗ କରାଇଦିଏ ବା କିଛି ନୂତନ ଶବ୍ଦର ଆମଦାନି କରେ; କିନ୍ତୁ ଶବ୍ଦ ଭଣ୍ଡାରର ଅକ୍ଷୁନ୍ନତାକୁ ନଷ୍ଟ କରେ ନାହିଁ । ତା' ଛଡ଼ା ଏହା ଭାଷାର ପଦବିନ୍ୟାସର ବିଶେଷତଃ ବିଭକ୍ତି, କାରକ, ଲିଙ୍ଗ,ବଚନ, ପୁରୁଷ, କ୍ରିୟା, ବିଶେଷଣ ଇତ୍ୟାଦି ବିଭିନ୍ନ ବିଭାଗରେ ପରିଚିତ ବୈଶିଷ୍ଟ୍ୟକୁ ସ୍ୱୀକାର କରେ ।

ମାନଦଣ୍ଡ କ'ଣ ?

ବହୁ ବର୍ଷର, ବହୁ ମୁଖର ପ୍ରୟୋଗ ଫଳରେ ଯେଉଁ ଭାଷା ଯେପରି ଦୃଢ଼ ହୋଇଛି ଓ ନୂତନର ଆମଦାନିକୁ ସେହି ଭାଷା ଯେପରି ହଜମ କରିଛି ତାହାକୁ କଳନା

Digitized by srujanika@gmail.com

କରିବାହିଁ ଭାଷାତତ୍ତ୍ୱର କାର୍ଯ୍ୟ । କିପରି ଲେଖା ହେବ ଓ କିପରି ଲେଖିଲେ ଲେଖା ବଳିଷ୍ଠ ହେବ ଓ ଲେଖକର ଭାଷା ତାହାର ଭାବକୁ ପ୍ରକାଶ କରିବାରେ ସର୍ବାଧିକ କ୍ଷମତା ଅର୍ଜନ କରିବ ତା'ର ମାନଦଣ୍ଡ ହେଉଛି ପାଠକର ବୋଧଶକ୍ତି । ଯେଉଁ ଭାଷା ପାଠକର ବୋଧଶକ୍ତିର ଅଗମ୍ୟ, ଅର୍ଥାତ୍ ଯେଉଁ ଭାଷା ଲେଖକର ଭାବକୁ ପାଠକ ମନରେ ପ୍ରତିଭାତ କରାଇ ପାରେ ନାହିଁ ସେ ଭାଷାର କୌଣସି ମୂଲ୍ୟ ନାହିଁ । ଭାଷାର ଅର୍ଥ ବା ଟୀକା ହୁଏତ ଭାବ ସ୍ପଷ୍ଟ କରିବା ପାଇଁ ଆବଶ୍ୟକ ହୋଇ ପାରେ; କିନ୍ତୁ ଯେଉଁ ଭାଷା କେବଳ ଅର୍ଥ ବୁଝାଇବା ପାଇଁ ଟୀକାର ଅପେକ୍ଷା ରଖେ, ସେଭଳି ଭାଷାରେ ଲେଖିବାରେ କି ଲାଭ ସେଭଳି ଭାଷା ତ ଅଜଣା ଭାଷା ଭଳି ନିରର୍ଥକ । ସେ ଭଳି ଲେଖା ବି ମୂଲ୍ୟହୀନ ।

ଏକଥା ଅବଶ୍ୟ ସତ୍ୟ ଯେ ସବୁ ପାଠକ ସମାନ ନୁହନ୍ତି । ସେମାନଙ୍କର ଭାଷାରେ ପ୍ରବେଶ ବା ବ୍ୟୁତ୍ପତ୍ତି ସମାନ ନୁହେଁ । ତେଣୁ ସବୁ ପାଠକଙ୍କର ବୋଧଶକ୍ତି ସମାନ ନୁହେଁ । ହୁଏତ ଗୋଟିଏ ଧରଣର ଗଦ୍ୟଭାଷା ବା ପଦ୍ୟ ଭାଷା (କବିତା ନୁହେଁ) ବଡ଼ ପାଠୁଆ ପାଠକକୁ ଯେ ଭଳି ବୁଝାପଡ଼ିବ ଅଳ୍ପପାଠୁଆ ଦରପାଠୁଆ ପାଠକକୁ ସେଭଳି ବୁଝାପଡ଼ିବ ନାହିଁ । ତେଣୁ ଲେଖକ ପାଠକ ଆଡ଼କୁ ଝୁଙ୍କିବ ନାଁ ପାଠକ ଲେଖକର ଉଚ୍ଚତାକୁ ବଢ଼ିବାକୁ ଚେଷ୍ଟା କରିବ ? କେତେକ ଲେଖକଙ୍କର ମହାଗର୍ବ ଯେ ସେମାନେ ପାଠକ ଆଡ଼କୁ ଝୁଙ୍କିବେ ନାହିଁ । ପାଠକ ତାଙ୍କର ଭାବ ବୁଝିବାକୁ ଥିଲେ ବୁଝିବାକୁ ଚେଷ୍ଟା କରୁ । ସେମାନଙ୍କ ମତରେ ପାଠକକୁ ରୁଚିବ ବୋଲି ସେମାନେ ଭାଷାର ସୌନ୍ଦର୍ଯ୍ୟକୁ ନଷ୍ଟ କରି ପାରିବେ ନାହିଁ ।

ଏହି କଥାର ଉତ୍ତରହିଁ କେବଳ ପାଠକ ବା ଗ୍ରାହକ । ଲେଖକର ଗର୍ବ ହେଉଛି ତା'ର ଭାବ ପ୍ରକାଶ ସାର୍ବଜନୀନତା । କୌଣସି ଲେଖକ ଏକଥା ସାହସ କରି କହିପାରିବ ନାହିଁ ଯେ ସେ ଏପରି ଲେଖିପାରିବ ଯାହା ତାହାର ଭାଷାଭାଷୀ ଆବାଳବୃଦ୍ଧବନିତା ପ୍ରତ୍ୟେକ ସ୍ତରର ଗ୍ରାହକକୁ ସମାନ ପରିମାଣରେ ବୋଧଗମ୍ୟ ହେବ । ଯେଉଁଠି ପୁଣି ଭାଷାରେ ନାନାବିଧ ଆଞ୍ଚଳିକ ପ୍ରୟୋଗ ରହିଛି ସେଇଠି ତ ଗଦ୍ୟର ଭାଷା ସାର୍ବଜନୀନ ହେବା ଅସମ୍ଭବ । ଏହି ସମସ୍ତ କଥା ବିଚାରକୁ ନେଇ ଅର୍ଥାତ୍ ---

(୧) ଭାଷାର ସ୍ୱକୀୟତା, ଯାହା ତାହାର ସୌନ୍ଦର୍ଯ୍ୟ ଓ ପରିଚୟ --- (କ) ଶବ୍ଦ ସମ୍ପଦ (ଖ) ପ୍ରୟୋଗ ବିଧି ବା ପଦବିନ୍ୟାସ (ଗ)ବାକ୍ୟ ଗଠନ ଓ ବ୍ୟଞ୍ଜନାର ବିଶେଷତ୍ୱ ।

(୨) ପାଠକର ସ୍ତର ତେଣୁ ଭାଷାର ସାର୍ବଜନୀନତା ରକ୍ଷା । ତେଣୁ ସ୍ୱକୀୟତାର ବିଶେଷ ପ୍ରୟୋଗ ଓ ସାଧୁକୃତିର ପରିହାର ।

Digitized by srujanika@gmail.com

(୩) ପରିବର୍ତ୍ତନ ପାଇଁ ସାହସ କିନ୍ତୁ ସ୍ୱ-କୀୟତା ଓ ସୌନ୍ଦର୍ଯ୍ୟ ରକ୍ଷା ଲାଗି ସଂଯମ ଓ ସୀମା ଲଙ୍ଘନ ପ୍ରତି ସାବଧାନତା ।

ଏକଥା ନିଃସନ୍ଦେହ ଯେ ଓଡ଼ିଆ ଗଦ୍ୟର ଗତ ଶହେ ବର୍ଷ ଭିତରେ ଗୋପବନ୍ଧୁ ଦାସଙ୍କ ସମୟର ଗଦ୍ୟ କିଛି ସାର୍ବଜନୀନ ସ୍ତରରେ ପ୍ରବେଶ କରିଥିଲା । ଏହି ଯୁଗର ପ୍ରତିନିଧି ଥିଲେ ଗୋପବନ୍ଧୁ । ତେଣୁ ଓଡ଼ିଆ ବ୍ୟାକରଣର ଏକ ମୂଳଦୁଆ ପାଇଁ ତାଙ୍କରି ସମୟର ପ୍ରୟୋଗ ଓ ଶବ୍ଦ ସଂପଦ ଓ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତି ଲକ୍ଷ୍ୟ ରଖିବାକୁ ହେବ ।

❒ ❖ ❒

Digitized by srujanika@gmail.com

ଓଡ଼ିଆ ଶବ୍ଦ, ପଦ ଓ ପ୍ରୟୋଗବିଧି

ଫକୀରମୋହନ, ଗୋପବନ୍ଧୁଙ୍କର ଗଦ୍ୟଭାଷାକୁ କି କାରଣରୁ ଓଡ଼ିଆ ଭାଷାରେ ଷ୍ଟାଣ୍ଡାର୍ଡ ବା ମାନଦଣ୍ଡ ବୋଲି ଧାରାଯାଉଛି ? ତା'ର କାରଣ ସେମାନେ ଓଡ଼ିଆ ଭାଷାର ଶବ୍ଦ ସମାଜ ଭିତରୁ ଆପଣାର ସୌଧ ନିର୍ମାଣ କରିଥିଲେ । ଦ୍ୱିତୀୟ କଥା ସେମାନଙ୍କର ପ୍ରୟୋଗରେ ଖାଣ୍ଟି ଓଡ଼ିଆ ପ୍ରୟୋଗ ଦେଖିବାକୁ ମିଳେ । ସେମାନଙ୍କର ପଦବିନ୍ୟାସ, ବାକ୍ୟ ଗଠନ ଓଡ଼ିଆ ଚରିତ୍ର ଓ ରୂଢ଼ିପ୍ରୟୋଗ ପ୍ରତି ପ୍ରାୟ ନଜର ରଖି ଆସିଛି । ଏଥି ପୂର୍ବରୁ ଯେଉଁ ସବୁ ଅନୁଚ୍ଛେଦ ଓ ବାକ୍ୟାବଳୀ ଉଦାହରଣ ଭାବରେ ଦିଆ ଯାଇଛି ସେଗୁଡ଼ିକ ବିଶ୍ଳେଷଣ କଲେ ଏହାହିଁ ସ୍ପଷ୍ଟ ହେବ ।

ପ୍ରତ୍ୟେକ ଭାଷାର ଆତ୍ମା ହେଲା ଶବ୍ଦ । ଏହି ଶବ୍ଦ ହେଉଛି ନାନା ପ୍ରକାର । ଏଥି ଭିତରେ ଶବ୍ଦଗୁଡ଼ିକର ବାକ୍ୟରେ ପ୍ରୟୋଗ ହେଲା ପଦ ପ୍ରକରଣ । ଓଡ଼ିଆ ଭାଷାରେ ବିଶେଷ୍ୟ, ବିଶେଷଣ,କ୍ରିୟା, ସର୍ବନାମ, ଅବ୍ୟୟ ପଦ ଠିକ୍ ସଂସ୍କୃତ ଓ ପ୍ରାକୃତ ବ୍ୟାକରଣ ଅନୁକ୍ରମରେ ରହିଛି । ଏଥି ଭିତରୁ ସର୍ବନାମ ତ ମାତ୍ର କେତୋଟି । ଏକ ସମୟରେ ମୁଁ, ଆମେ, ନାମକ ଦିଓଟି ପ୍ରଥମ ପୁରୁଷ ସର୍ବନାମ ଥିଲା । ଏହାଛଡ଼ା ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷର ସର୍ବନାମ ଗୁଡ଼ିକ ତିଆରି ହୋଇଥିଲା । ଏବେ 'ମୁଁ' ରହିଛି । କର୍ମକାରକରେ ଏହି ମୁଁ ଓଡ଼ିଆରେ କେଉଁଠି କେଉଁଠି 'ମୋକେ' (ସରେଇକଳା, ସିଂହଭୂମି) ଭାବରେ ବ୍ୟବହୃତ ହେଉଛି । ସଂସ୍କୃତରେ 'ମୋଦ୍ୱାରା' ଭଳି କରଣ କାରକର ପ୍ରୟୋଗ ଓଡ଼ିଆରେ ନଥିଲା କହିଲେ ହୁଏ । କିନ୍ତୁ ଏବେ ଇଂରାଜୀ କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟର ଅନୁସରଣରେ ଓ ବେଳେ ବେଳେ ଇଂରାଜୀରୁ ଆକ୍ଷରିକ ଅନୁବାଦର ସୂତ୍ରରେ 'ମୋଦ୍ୱାରା' 'ମୋ କର୍ତ୍ତୃକ' ବ୍ୟବହାର ହେଉଛି । 'ଏକଥା ମୋ ଦେହିତ ହେବ ନାହିଁ ।' ଏ ଥିଲା ଖାଣ୍ଟି ଓଡ଼ିଆ ପ୍ରୟୋଗ । କିନ୍ତୁ ଏବେ ଭଲ ଭଲ ପାଠପଢୁଆ ଲେଖାଳି ଲେଖିଲେଣି 'ମୋ ଦ୍ୱାରା ଏ କାମ ହୋଇ ପାରିବ ନାହିଁ ।' କହିଲେଣି 'ମୋ ଦେଇ ଏକଥା ହେବ ନାହିଁ ।'

ଦ୍ୱିତୀୟ ପୁରୁଷରେ 'ତୁ', 'ତୁମେ', 'ତୁମ୍ଭେ', 'ଆପଣ'ର ବ୍ୟବହାର ମଧ୍ୟ ଓଡ଼ିଆ ଭାଷାରେ ଏବେ ଚଳି ଆସିଛି । ଏମାନଙ୍କ ଭିତରେ 'ତୁମ୍ଭେ' ଓ 'ତୁମ୍ଭେମାନେ'

Digitized by srujanika@gmail.com

ବର୍ତ୍ତମାନ ଧୀରେ ଧୀରେ ମଉଳି ଯିବାରେ ଲାଗିଛନ୍ତି । ବିମସ୍ ସାହେବ ତାଙ୍କର ଆଣ୍ଟିକ୍ୱାରିଜ ଅଫ ଇଣ୍ଡିଆ ପୋଥିରେ ଲେଖି ଥିଲେ ତାମିଲ ଓ ତେଲଗୁ ଭାଷାରେ ପ୍ରଥମ ପୁରୁଷ 'ମୁଁ' ବା ଦ୍ୱିତୀୟ ପୁରୁଷ 'ତୁମ୍ଭେ' ର ବହୁବଚନରେ ଏକାଧିକ ଶବ୍ଦର ପ୍ରୟୋଗ ଅଛି । ଏଥିରୁ ଗୋଟିଏ ବହୁବଚନ ମାନ୍ୟାର୍ଥେ ଏକବଚନ, ଅନ୍ୟଟି ଖାଣ୍ଟି ବହୁ ବଚନ । ଉଦାହରଣ ସ୍ୱରୂପ ତାମିଲର 'ନାନ୍' (ମୁଁ), 'ନି' (ତୁ), 'ତାନ୍' (ନିଜେ) 'ଋ ୟାମ୍' ବା 'ନାମ' (ଆମେ), 'ନିରା', 'ନିୟିର', ବା 'ନିଭିର' (ତୁମେ) ଆଉ 'ତାମ' (ଆପଣ ନିଜେ) । କିନ୍ତୁ ଏହି ବହୁବଚନ 'ନାମ', 'ନିର୍',ବା 'ତାମ୍'ରେ ଏବେ ଲୌକିକ ପ୍ରୟୋଗରେ 'ଗାଲ' (ମାନେ) ଲାଗି ଡ଼ବଲ ବହୁବଚନ କରାଗଲାଣି । ତେଲୁଗୁରେ ମଧ ଏଭଳି ଡ଼ବଲ ବହୁ ବଚନ ପଶିଗଲାଣି । ଯଥା 'ମିରାଲୁ' (ମିରୁ) 'ତୁମେ', 'ଭାରାଲୁ' (ଭାରୁ) 'ସେମାନେ' । ଏଭଳି କିଛି ଡ଼ବଲ ବହୁବଚନ କେତେକ ଗୌଡ଼ୀୟ ଭାଷାରେ ମଧ ଦେଖିବାକୁ ମିଳେ । ବିମସ୍ ସାହେବ ଲେଖିଛନ୍ତି 'ମୁଁ'ର ବହୁବଚନ 'ଆମ୍ଭେ' 'ତୁ'ର ବହୁବଚନ 'ତୁମ୍ଭେ' କିନ୍ତୁ ଏବେ ପଣ୍ଡିତମାନେ 'ଆମ୍ଭେ' ଆଉ 'ତୁମ୍ଭେ' କୁ ମାନ୍ୟାର୍ଥରେ ଏକବଚନ କରି ରଖିଲେଣି । ତେଣୁ ସେମାନଙ୍କ ପାଇଁ ଆହୁରି ନୂଆ ବହୁବଚନ ଲୋଡ଼ା । ଏଥିପାଇଁ ସେମାନେ 'ଆମ୍ଭେ' ଆଉ 'ତୁମ୍ଭେ'ରେ ବହୁବଚନ ଚିହ୍ନମାନ ଯୋଗକରି ଡ଼ବଲ ବହୁବଚନ ତିଆରି କରିଛନ୍ତି । ଦୀନକୃଷ୍ଣ ଦାସ (ଯିଏ ପଞ୍ଚଦଶ ଶତାବ୍ଦୀର ଆଖପାଖର ଲୋକ) କେବଳ 'ଆମ୍ଭେ' ଆଉ 'ତୁମ୍ଭେ' ଛଡ଼ା ଅନ୍ୟ ବହୁବଚନ ରୂପର ବ୍ୟବହାର ଜାଣି ନ ଥିଲେ । ତୁର୍କୀ ଭାଷାରେ ମଧ ଠିକ୍ ସେଇ କଥା । ସେଇ ଭାଷାରେ 'ବେନ୍' (ମୁଁ) ସଚରାଚର 'ବିଜ୍' (ଆମ୍ଭେ) ହୁଏ ଆଉ 'ସେନ୍' (ତୁ) 'ସିନ୍' (ତୁମ୍ଭେ) ହୁଏ । ତେବେ ବି ଏହି ବହୁବଚନ ଗୁଡ଼ିକରେ 'ଲେର' ଯୋଗ କରି ଦୋହରା ବହୁବଚନ କରାଗଲାଣି । ଯଥା 'ବିଜ୍ –ଲେର୍' ଆମ୍ଭେମାନେ ବା 'ସିଜ୍-ଲେର' ତୁମ୍ଭେମାନେ ।

(ବିମସ୍ – ଆଣ୍ଟିକାରିଜ୍ ଅଫ୍ ଇଣ୍ଡିଆ)

ସଂସ୍କୃତରେ ତିନୋଟି ଲିଙ୍ଗ ଅଛି । ପ୍ରାକୃତରେ ବି ରହିଛି । ସିନ୍ଧି, ପଞ୍ଜାବି ଆଉ ହିନ୍ଦିରେ କେବଳ ପୁଂଲିଙ୍ଗ ଓ ସ୍ତ୍ରୀ ଲିଙ୍ଗ ଅଛି । କିନ୍ତୁ ଓଡ଼ିଆ ବା ବଙ୍ଗଳାରେ ଆଦୌ ଲିଙ୍ଗ ନାହିଁ । କେବଳ ଖାଣ୍ଟି ସଂସ୍କୃତ ତତ୍‌ସମ ଶବ୍ଦରେ ସଂସ୍କୃତର ଲିଙ୍ଗ ପ୍ରକରଣ ଅବିଚଳ ଚାଲୁ ରହିଛି । .... ବଙ୍ଗଳାରେ ସେମାନେ କହନ୍ତି ଛୋଟ ବାଳକ, ଛୋଟ ବାଳିକା, ଛୋଟ ବସ୍ତୁ । ଖୁବ୍ ସାଧୁ ସାହିତ୍ୟିକ ବିଦଗ୍ଧ ଭାଷା ଲେଖିଲେ ବଙ୍ଗଳା ଭାଷାରେ ଲେଖିବ – 'ସୁନ୍ଦର ନର' ଆଉ 'ସୁନ୍ଦରୀ ସ୍ତ୍ରୀ' କିନ୍ତୁ ସାଧାରଣ ଶୈଳୀ ପ୍ରାକୃତ ଭାଷାରେ ସେହି ଶୈଳୀରେ 'ସୁନ୍ଦର ମେୟେ' ବା 'ସୁନ୍ଦର

Digitized by srujanika@gmail.com

ବାଳିକା' କୁହାଯାଏ, ଲେଖାଯାଏ । ଏଠାରେ ଲିଙ୍ଗ ବିଚାର ନଥାଏ । ଓଡ଼ିଆରେ ବି ଏଇ କଥା । ଆଉ ଉଭୟ ଭାଷାରେ ଉଚ୍ଚ ଶୈଳୀରେ ବି ପୁଂଲିଙ୍ଗ ଆଉ କ୍ଳୀବ ଲିଙ୍ଗ ଭିତରେ କିଛି ବୋଲି କିଛି ତଫାତ୍ ନାହିଁ ।

(ବିମସ୍ ତୁଳନାତ୍ମକ ବ୍ୟାକରଣ ୨ୟ ଖଣ୍ଡ ୧୪୭ ପୃଷ୍ଠା)

ବିଶେଷଣ କ୍ଷେତ୍ରରେ ବିମସ୍ ସାହେବଙ୍କର ଏହି ଉକ୍ତି ଯଥାର୍ଥ । କିନ୍ତୁ ବିଶେଷ୍ୟ କ୍ଷେତ୍ରରେ ଓଡ଼ିଆରେ କେତେଗୁଡ଼ିଏ ସ୍ତ୍ରୀଲିଙ୍ଗ ଶବ୍ଦ ଅଛି । ଯଥା ମିତଣୀ, ସଙ୍ଗାତୁଣୀ, କାମତୁଣୀ (ମୟୂରଭଞ୍ଜ), କୁଟେଇତୁଣୀ ।

ବହୁ ବଚନରେ 'ଆମ୍ଭେମାନଙ୍କର' 'ଆମ୍ଭେମାନେ' କେବଳ ମାନ୍ୟାର୍ଥେ ଚଳିଛି । ଖବରକାଗଜର ସମ୍ପାଦକ ଭାବରେ ଗୋପବନ୍ଧୁ ଠାଏ ଠାଏ ବ୍ୟବହାର କରିଛନ୍ତି ।

'ଆଜି କି ବିଷୟରେ ଆଲୋଚନା କରିବୁ । ପାଠକଙ୍କୁ କି ବିଷୟ କହିବୁ ? କି ସମ୍ବାଦ ଶୁଣାଇବୁ ? ଏବେ ଆମ୍ଭମାନଙ୍କର ସର୍ବନାଶ । ଆମ୍ଭେମାନେ ହତ – ବୁଦ୍ଧି । ଆମ୍ଭମାନଙ୍କର ବାହୁ ଛିଣ୍ଡି ପଡ଼ିଛି । 'ସମାଜ' ଶକ୍ତି ଅତି କ୍ଷୀଣ ହୋଇ ପଡ଼ିଛି । ଗଭୀର ଶୋକରେ ଆଖିରୁ ଲୁହ ବୋହୁ ନାହିଁ । ତୁଣ୍ଡରେ କଥା ଆସୁନାହିଁ । କଲମ ଚାଲୁ ନାହିଁ ।

(ସମାଜ ୧୯୧୬ ସାଲ)

ପୁଣି ଦେଖାଯାଉ –

"ଆମ୍ଭମାନଙ୍କର ବିଦ୍ୟାଳୟର ଟେକ୍ସଟବୁକ୍ ଶିକ୍ଷା ଏପରି କଠୋର ବାସ୍ତବ ସହଜରେ ସ୍ୱୀକାର କରିନେବାକୁ କୁଣ୍ଠା ଅନୁଭବ କରେ । ଆମ୍ଭମାନଙ୍କର ଉପନ୍ୟାସ ଯେପରି କେବଳ ଭାଷାବିନ୍ୟାସ ଏବଂ ଅଘଟଣ ଘଟଣାରେ ପୂର୍ଣ୍ଣ । ....

ଆଧୁନିକ ସାହିତ୍ୟ ବିଷୟରେ ସାମାନ୍ୟ ଆଭାସ ଦେବାକୁ ଯାଇ ପ୍ରଥମେ ଯାହା କହିଅଛୁଁ – ତାହାର ହିଁ ପୁନରାବୃତ୍ତି କରି ଏ ପ୍ରବନ୍ଧ ସାଙ୍ଗ କରିବୁଁ ।"

(ସାହିତ୍ୟିକ – କାଳନ୍ଦୀ ଚରଣ ପାଣିଗ୍ରାହୀ ୧୯୩୩)

ଓଡ଼ିଆ ଭାଷାର ବିଶେଷତ୍ୱ ଲିଙ୍ଗ ନାସ୍ତି । ଏହା ଭାଷାକୁ ବହୁ ଅସୁବିଧା ଓ ଅଯଥା ଶିକୁଳିକୁ ମୁକ୍ତ କରିଛି । କିନ୍ତୁ ତଥାପି ସଂସ୍କୃତ ଶବ୍ଦର ବ୍ୟବହାର ସଙ୍ଗେ ଏହି ଲିଙ୍ଗ ବି ପ୍ରବେଶ କରିଛି । 'ତାଙ୍କର ଧର୍ମରେ ବିଶ୍ୱାସ ଥିଲା । ଜଗନ୍ନାଥ ମହାପ୍ରଭୁଙ୍କ ଠାରେ **ଅଚଳା ଭକ୍ତି** ଥିଲା ।'

ଗୋପବନ୍ଧୁ ଦାସ (୨୦-୨-୨୬ ସମାଜ)

Digitized by srujanika@gmail.com

'ସକଳ ଲଳିତ କଳା କୁଶଳା, ସୂକ୍ଷ୍ମ କଟୀ, ବକ୍ରଗ୍ରୀବା, ବୀଣା ସ୍ୱର !'

(ସାହିତ୍ୟିକ କାଳିନ୍ଦୀ ଚରଣ ।୧୯୩୩)

ଓଡ଼ିଆ ଏକ ଯୌଗିକ ଭାଷା

ତାମିଲ ଭଳି ଓଡ଼ିଆ ଏକ ଯୌଗିକ ଭାଷା । ତାମିଲ ତିନୋଟି ଭାଷା ଉପାଦାନର ମିଶ୍ରଣ । ଉପାଦାନ ତିନୋଟି ଯଥା ମୁଣ୍ଡା, ଦ୍ରାବିଡ଼ ଓ ଆର୍ଯ୍ୟ । ତାମିଲ କ୍ଷେତ୍ରରେ ଏହି ତିନୋଟି ଭିତରେ ଦ୍ରାବିଡ଼ ଉପାଦାନର ଭାଗ ସର୍ବଶ୍ରେଷ୍ଠ । ତାମିଲରେ 'ଆଲ୍' ଶବ୍ଦର ଅର୍ଥ ମନୁଷ୍ୟ । ଏହି 'ଆଲ୍' ଶବ୍ଦଟି ବୋଧହୁଏ ମୁଣ୍ଡା ଭାଷାରୁ ଆସିଛି । ତାମିଲ ଭାଷା ଓ ସାହିତ୍ୟର ଇତିହାସ ଲେଖକ ଏସ. ଭାୟାପୁରି ପିଲାଇ ତାମିଲର ଏହି ଯୌଗିକ ଚରିତ୍ର କଥା ଉଲ୍ଲେଖ କଲାବେଳେ ଓଡ଼ିଆ ଭାଷାକୁ ମଧ୍ୟ ଏକ ଯୌଗିକ ଭାଷା ବୋଲି ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି । ତେବେ ତାମିଲ ଠାରୁ ଓଡ଼ିଆର ଏତିକି ପ୍ରଭେଦ ଯେ ଓଡ଼ିଆ ଭାଷାରେ ଆର୍ଯ୍ୟ ଭାଷାର ଉପାଦାନ ପରିମାଣ ବେଶୀ, ତା'ଠାରୁ ତଳକୁ ହେଉଛି ଦ୍ରାବିଡ଼ ଓ ତା' ତଳକୁ ହେଉଛି ମୁଣ୍ଡା ଓ ଅନାର୍ଯ୍ୟମାନଙ୍କର ଭାଷା । ଏକଥା ଜଣାଶୁଣା ଯେ କୌଣସି ଏକ ସଂସ୍କୃତିର କୌଣସି ଉପାଦାନ ଭିନ୍ନ ଜାତିର ସଂସ୍କୃତିର ପ୍ରବେଶ କଲେ ତାହା ବାହନ ଘେନି ପ୍ରବେଶ କରିଥାଏ । ଏହି ବାହନ ଭିତରେ ଭାଷା ହେଉଛି ସର୍ବବୃହତ୍ ବାହନ । ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଆମାନଙ୍କର ପର୍ବ ପର୍ବାଣି, ଚଳଣି ଓ ଚରିତ୍ରରେ ଯାହା କିଛି ଅନାର୍ଯ୍ୟ ସଂସ୍କୃତି ରହିଛି ସେ ସବୁ ସହିତ ଅନାର୍ଯ୍ୟ ବା ଆଦିବାସୀମାନଙ୍କର ଭାଷା ବହୁ ପରିମାଣରେ ଓଡ଼ିଆ ଭାଷାରେ ମିଶି ଯାଇଛି । ପଣ୍ଡିତ ନୀଳକଣ୍ଠ ଦାସ 'ଓଡ଼ିଆ ସାହିତ୍ୟରେ କ୍ରମ ପରିଣାମ' ନାମକ ପୁସ୍ତକରେ ଏହାର କିଛି କିଛି ସୂଚନା ଦେଇଛନ୍ତି ।

ଉଦାହରଣ ସ୍ୱରୂପ, କେନ୍ଦୁଝର ଅଞ୍ଚଳର ଯେଉଁ ଭୂୟାଁମାନେ ପାହାଡ଼ ଜଙ୍ଗଲ କୋଳରେ ବସିଛନ୍ତି ସେମାନଙ୍କର ଆଦିସ୍ଥାନ ହେଉଛି ଓଡ଼ିଶା । ସେମାନେ ଦ୍ରାବିଡ଼ । କେବଳ କେନ୍ଦୁଝରର ଭୂୟାଁପୀଢ଼ ନୁହେଁ ଉତ୍ତର ପ୍ରଦେଶ, ବଙ୍ଗଳା, ଆସାମ, କେନ୍ଦ୍ର ଭାରତୀୟ ଏଜେନସି (ଆଧୁନିକ ମଧ୍ୟପ୍ରଦେଶରେ ସାମିଲ) ଇତ୍ୟାଦି ଅଞ୍ଚଳରେ ଏହି ୨୦/୩୦ ଲକ୍ଷ ଭୂୟାଁ ପାହାଡ଼ିଆ ଜାତି ବସବାସ କରି ରହିଛନ୍ତି । ଆସାମରେ ଏକ ସମୟରେ ଏମାନେ ରାଜଗାଦି ଦଖଲ କରିଥିଲେ । ପାହାଡ଼ ଅଞ୍ଚଳ ଛାଡ଼ି ସମତଳ ଅଞ୍ଚଳରେ ବାସ କରୁଥିବା ଭୂୟାଁମାନେ ବେଳେ ବେଳେ କ୍ଷତ୍ରିୟ ବା ଖଣ୍ଡାୟତ ଇତ୍ୟାଦି ଭାବରେ ପରିଚୟ ଦିଅନ୍ତି । ତେବେ ଏମାନଙ୍କର ବନ୍ଧୁବାନ୍ଧବଙ୍କୁ ଏମାନେ କ'ଣ ବୋଲି ଡାକନ୍ତି ତାର ମଧ୍ୟରୁ ଏମାନେ ଦ୍ରାବିଡ଼ ହେଲେ ବି କେତେଦୂର ଆର୍ଯ୍ୟଭାଷା ବା ଓଡ଼ିଆର ପ୍ରଭାବରେ ପଡ଼ିଛନ୍ତି ତାହାର ଧାରଣା କରି ହୁଏ ।

Digitized by srujanika@gmail.com

ବିଭିନ୍ନ ସମ୍ପର୍କରେ ଗୋଟାଏ ତୁଳନା ଏଠାରେ ଦିଆଯାଇଛି –

ସଂସ୍କୃତ	ଓଡ଼ିଆ	ଭୂୟାଁ	ସମ୍ବଲପୁରୀ (ଓଡ଼ିଆ)
ପିତା	ବାପା	ବୁଆ	ବୁଆ
ମାତା	ମା	ମାଁ	ମାଁ
ପିତୃବ୍ୟ	କକାଦାଦି	କକା	କକା
ପିତୃବ୍ୟପତ୍ନୀ	କାକି, (ଖୁଡ଼ି)	କକି	କାକି
ସ୍ୱାମୀ	ଘଇତା	ଘଇତା	ଘଇତା
ସ୍ତ୍ରୀ	ମାଇପ,ଭାର୍ଯ୍ୟା	ଭାର୍ଯ୍ୟା	ଭାର୍ଯ୍ୟା
ଭ୍ରାତୃଜାୟା	ଭାଉଜ, ନୂଆବୋହୂ	ବହୁ	ବହୁ
ଜ୍ୟେଷ୍ଠ ତାତ	ଦଦେଇ	ବଡୁ	ବବା
ସାନଭାଇରପୁଅ	ପୁତୁରା	ବଡୁ	ବଡୁ
ମାତୃଷ୍ୟସାର	ସ୍ୱାମୀ ମଉସା	ବଡୁ	ମଉସା
ଗୋସାଇଁ ବାପ			
ପଣ ଅଜା		ବଡୁ	
ଗୋସାଇଁ ବାପର ଭାଇ		ବଡୁ	
ପଣ ଅଜାର ଭାଇ		ବଡୁ	
ଶାଳୀର ପୁଅ	ପୁତୁରା	ପୁତ୍‌ରା	
ଶାଳୀର ଝିଅ	ଝିଆରି	ମୋଷା, ପୁତି	

ଏହାଛଡ଼ା ଶଶୁର, ଦେର୍‌ଶୁର, ମଉଳାଶୁର, ବଡ଼ ଶଳା (ଡାକଦାଦା), ଶାସ୍, (ଶାଶୁ) ଦେଢ଼ ଶାଶୁ, ସାନ୍ତୋରା(ସଉତୁଣୀ), ଢିବା (ବଡ଼ଭାଇ) ନିନା (ବଡ଼ ଭଉଣୀ), ଢା (ନିନା) ଆଇ (ବାଇ) ଇତ୍ୟାଦି କେତୋଟି ସମ୍ପର୍କ ଛାଡ଼ି ଦେଲେ ବାକି ସତୁ, ଭିଣୋଇଁ,ଅଜା, ମାମୁଁ (ପିଉସାକୁ ବି ମାମୁଁ) ପିଉସୀ, ମାଇଁ ମାଉସୀ (ମା ଠାରୁ ଛୋଟ ଭଉଣୀ, ବନ ଭଉଣୀ, ବରାଇ), ମଉସା ସାନଜାଆ (ଭାଇନି, ସମ୍‌ଧି, ସମ୍‌ଧାଣି, ସାନଭାଇ, ଝିଅ, ପୋ, ପୁତ୍ରା, ଧାଙ୍ଗଡ଼ା (ଦିଅର) ଜୁଆଇଁ, ଭାଣଜି ଜୁଆଇଁ, ଭଣଜା, ବରାଇ (ସାନ ଭାଇର ଝିଅ) ଭାଣଜି, ଭଣଜା ବୋହୂ, ନାତି, ନାତିନ୍ ଇତ୍ୟାଦି ଶବ୍ଦ ସମ୍ବଲପୁର ଅଞ୍ଚଳର ପ୍ରଚଳିତ ଓଡ଼ିଆ ଘରର ଡାକ ନାମ ଭଳି ।

(ଓଡ଼ିଶାର ପାହାଡ଼ି ଭୂୟାଁ (ଇଂରାଜି ବହି) ଏସ,କେ ରାୟ)

Digitized by srujanika@gmail.com

ଭୂୟାଁ ଜାତିମାନଙ୍କର କଥା ଛାଡ଼ି ଦେଲେ ବି ମୁଣ୍ଡା, ଓରାଁ, ବିଞ୍ଝିଆ, ସାନ୍ତାଳ, କିଷାନ୍, ଖଡ଼ିଆ, ପରଜା, ବଣ୍ଡ ପରଜା, କନ୍ଧ, କୋଲ୍ହ, ଶବର ଇତ୍ୟାଦି ଆଦିବାସୀ ମାନଙ୍କର ଭାଷାର ପ୍ରଭାବ ଓଡ଼ିଆ ଉପରେ ପଡ଼ିଛି । ଓଡ଼ିଆ ଭାଷାର ପ୍ରଭାବ ମଧ୍ୟ ସେମାନଙ୍କର ଭାଷା ଉପରେ ଆହୁରି ଅଧିକ ଭାବରେ ପଡ଼ିଛି । ଯେହେତୁ ଆଦିବାସୀମାନଙ୍କର ଭାଷାର ବିକାଶ ଆଦିମ ଯୁଗରୁ ଖୁବ୍ ଅଳ୍ପ ହୋଇଛି ସେହି କାରଣରୁ ସେମାନେ ଆପଣାର ଦୈନନ୍ଦିନ ବ୍ୟବହାର ଉପଯୋଗୀ ବହୁ ଶବ୍ଦ ଓଡ଼ିଆ, ହିନ୍ଦି, ବଙ୍ଗଳା, ତେଲୁଗୁ, ଆସାମିୟା ଭାଷାମାନଙ୍କରୁ ସଂଗ୍ରହ କରିଛନ୍ତି । କିନ୍ତୁ ପ୍ରାଥମିକ ଅବସ୍ଥାର ଯେଉଁ ମୌଳିକ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାରେ ଆଦିବାସୀ ଭାଷା ଭିତରୁ ରହି ଆସିଛି, ସେଗୁଡ଼ିକ ଏପର୍ଯ୍ୟନ୍ତ ଅବିକଳ ସେହି ଅବସ୍ଥାରେ ରହି ଆସିଛି ।

ଖାଣ୍ଟି ଓଡ଼ିଆ

ଓଡ଼ିଶାର ପଶୁପକ୍ଷୀ, ଖାଦ୍ୟପଦାର୍ଥ, ଖରାବର୍ଷା ଓ ଋତୁ, ବିଭିନ୍ନ ଜୀବିକା, ନାନା ରକମର ଫସଲ, ଘରର ବାସନକୁସନ, ଫଳଫୁଲ, କୋଳି, ପୂଜାର ସାମଗ୍ରୀ, ଜଗନ୍ନାଥ ମହାପ୍ରଭୁଙ୍କର ମଣୋହି, ଧୂପ, ଉପଚାର, ରାଜାମାନଙ୍କର ବିଭିନ୍ନ ନିତ୍ୟକର୍ମ, ଚାଷବାସ ଓ ହଳକାମର ବିଭିନ୍ନ ଉପକରଣ, ସାଧବ ସୌଦାଗରମାନଙ୍କର ସମୁଦ୍ର ଯାତ୍ରା,ନୌକା, ନୌଚାଳନା ଓ ତାହାର ଉପକରଣ ଏଭଳି ଅନେକଗୁଡ଼ିଏ ଶବ୍ଦ ଖାଣ୍ଟି ଓଡ଼ିଆ ଶବ୍ଦ । ଗତ ହଜାରେ ବର୍ଷ ହେଲା ଏହି ଶବ୍ଦଗୁଡ଼ିକ ଓଡ଼ିଆ ଜୀବନର ଭାବଧାରା ତିଆରି କରିଛି । ତେଣୁ ଏହି ସଂକ୍ରାନ୍ତରେ ସମସ୍ତ ଶବ୍ଦ ଓଡ଼ିଆମାନଙ୍କର ଜୀବନର ଅଙ୍ଗରେ ପରିଣତ ହୋଇଯାଇଛି । ଅବଶ୍ୟ ଅଞ୍ଚଳ ଅନୁପାତରେ ଏହି ଶବ୍ଦମାନଙ୍କରେ ପ୍ରଭେଦ ରହିଛି ।

ତେବେ ଓଡ଼ିଆ ଭାଷାରେ କେତେଗୁଡ଼ିଏ ଶବ୍ଦର ଭବିଷ୍ୟତ ଧୀରେ ଧୀରେ ମଉଳି ଯାଉଛି । ଯଥା ପୁରୀ ଜଗନ୍ନାଥଙ୍କର ପହଡ଼, ଭୋଗ ମଣ୍ଡପ, ସେବାୟତ, ଡାହୁକ, ଦଇତାପତି, ମଣୋହି, ଆଟିକା, ଖିରିସା, ବଡ଼ିଖିରିସା, ଭୋଗ, ମାଣ୍ଡୁଅ, ଅଭଡ଼ା, ନିର୍ମାଲ୍ୟ, କୈବଲ୍ୟ, ଚନ୍ଦ୍ରେଇଲେଦା, ପୁରକାକରା, ପହିଲି ଶ୍ରୀଅଙ୍ଗ ଲାଗି, ଶ୍ରୀଅଙ୍ଗଫିଟା, ଝାଞ୍ଜପିଟା, ଦେବାର୍ଚ୍ଚନ, ଇତ୍ୟାଦି ଇତ୍ୟାଦି ।

ଏବେ ଗଣତାନ୍ତ୍ରିକ ଓଡ଼ିଆରେ ଆମେ କହୁଛୁ 'ଖାଇଲାଣି' ? ସେବେ ରସାଳ ଭାଷାରେ କୁହାଯାଉଥିଲା 'ଧୂପ ଚଢ଼ିଲାଣି ।' ଏବେ କହୁଛୁଁ 'ପ୍ରାତରାସ ହେଲାଣି' ଅର୍ଥାତ୍ ବ୍ରେକ୍‌ଫାଷ୍ଟ କଲଣି ?' ସେବେ କୁହାଯାଇଥିଲା 'ପହିଲିଭୋଗ ବଢ଼ିଲାଣି ?' ପୃଥିବୀର ସଚରାଚର ଯେଉଁଠାରେ ଯେଉଁ ଜିନିଷ ପ୍ରବଳ ସେହି ଜିନିଷ ଭାଷାରେ ନାନା ଶବ୍ଦ ରୂପରେ ପ୍ରଭାବ ପକାଇଥାଏ । ଯଥା ଏସ୍କିମୋମାନଙ୍କ ଭାଷାରେ

Digitized by srujanika@gmail.com

'ବରଫ'ର ପ୍ରାୟ ତିରିଶ ଚଉତିରିଶଟି ଶବ୍ଦ ମିଳେ । କିନ୍ତୁ ଓଡ଼ିଆରେ 'ବରଫ'ପାଇଁ ଗୋଟିଏ ଶବ୍ଦ । ବୋଧ ହୁଏ ଏହି ଶବ୍ଦ ବି ଓଡ଼ିଆ ନୁହେଁ । ଓଡ଼ିଆ କହନ୍ତି 'ସକାଳୁ ଉଠି ଲଙ୍ଗଳେ ଯାଆନ୍ତି ତୋଡ୍ରାଣି ହେମ କାକର ।' ଏବେ ହେମ କାକର ନ କହି ବରଫ ବୋଲି କହିବାର ଚଳଣି ଚଳିଲାଣି । ପୁରୀ, ଗଞ୍ଜାମ, କଟକ ଓ ବାଲେଶ୍ୱର ଅଞ୍ଚଳରେ ଯେଉଁଠି ନଡ଼ିଆଗଛ ଅଛି ଓ ନଡ଼ିଆର ବିଶେଷ ବ୍ୟବହାର ଅଛି ସେଇଠି ନଡ଼ିଆଗଛର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ନାମ ଅଛି ଯଥା କତା, ଖୋସା, ବରଡା, ଚଂଚି, ଫୋପଡ଼ା, ଗୋଟମା, ଅଦାକୁଆ, ଭୂତଖିଆ, ପଇଡ଼, ଖୁରୁଡ଼, ଶୁଖିଲା, ଚଅଁର ଇତ୍ୟାଦି ଇତ୍ୟାଦି । କିନ୍ତୁ ସମ୍ବଲପୁର ବା ପୂର୍ବତନ ଗଡ଼ଜାତ ଅଞ୍ଚଳରେ କୋରାପୁଟ, ଗଞ୍ଜାମ ମାଳରେ ନଡ଼ିଆ କେବଳ ଗୋଟିଏ ମାତ୍ର ଶବ୍ଦ ଭାବରେ ରହିଛି । ତାହାଛଡ଼ା ଅନ୍ୟ ବସ୍ତୁଗୁଡ଼ିକର ଦେଖାଦର୍ଶନ ନାହିଁ । ତେଣୁ ସେଗୁଡ଼ିକ ଲାଗି ଶବ୍ଦର ଲୋଡ଼ା ପଡ଼ିନାହିଁ ।

ଆଜିର ଗଳ୍ପ ଓ ଉପନ୍ୟାସ ଲେଖାଳିମାନେ ନାନା ସ୍ଥାନରୁ ଉପମା ମାନ ଆଣି କିମ୍ବା ଉପେନ୍ଦ୍ରଭଞ୍ଜ, ଅଭିମନ୍ୟୁରୁ ଖୋଜିଲୋଡ଼ି ଆପଣାର ନାୟିକାର ତୌଳପଣ ପ୍ରକାଶ କରୁଛନ୍ତି । ଆଜିକୁ ପ୍ରାୟ ୪୫ବର୍ଷ ତଳେ ଗୋଟିଏ ଅଧାବୟସୀ ହରିଜନର ସ୍ତ୍ରୀଠାରୁ ତା'ର ବିଭାକାଳର ରୂପଶ୍ରୀ ବର୍ଣ୍ଣନା ଶୁଣିବାକୁ ମିଳିଥିଲା । ଏହି ବର୍ଣ୍ଣନାଟି ଲକ୍ଷଣୀୟ ।

ଆପଣାର ପରବର୍ତ୍ତୀ ଜୀବନ ସଂଗ୍ରାମର ଦୁଃଖ ବର୍ଣ୍ଣନା କରି ସେହି ଅଧାବୟସୀ ବାଉରାଣିଟି କହିବାର ଶୁଣାଯାଇଥିଲା " ସାଆନ୍ତାଣି ଲୋ କ'ଣ କହିବି ? ଏବେ ସିନା କରମ ପୋଡ଼ିଗଲା । ସେତେବେଳେର କଥା ...... । ଦାସ କେରେନ୍ତେଇ; କରମ ନେନ୍ତେଇ, ମନ୍ଦାର ଫୁଲ, ଦିମାର ମୁଣ୍ଡରେ ଥାଇ, ବେକରେ ଦି ସୋରା କୁରୁଜାତକ ପଡ଼ିଥାଇ । ସୋରିଷିଆ ଦି ମାର ବୋଉ ପିନ୍ଧାଇ ଦେଇଥାଇ । ସାନ୍ତାଣିଲୋ କି କହିବି । ବଡ଼ ଦେଉରରେ ବିମରେଇ କିଏ ? ମୁଁ ତ ଜରୁଥାଇଁ .... ଜୋଇଁ ଯେତେବେଳେ ଚାହିଁଦେଲେ କହିଲେ ଆହା କି କଲା । ଏଡ଼େ ସୁନ୍ଦର ପେଣ୍ଡା ଗୋଡ଼ରେ ବରା ନାହିଁ । ଧଇଲେ କୋଡ଼ି – ବରା ଗଢ଼ିଗଲେ ।"

ଏହି କଥା ଗୁଡ଼ିକର ସାଧୁ ଉଚ୍ଚାରଣ ହେବ । "ଦାସକେରେଣ୍ଡା ଫୁଲ, କଳମଫୁଲ, ଆଉ ମନ୍ଦାର ଫୁଲ ଦି ମାଳ ମୁଣ୍ଡରେ ଖୋସା ହୋଇଥାଏ । ବେକରେ ଦି ସୋର କୁରୁଜାତକ (ଏକ ପ୍ରକାର ସୁନ ।ମୋହର) ପଡ଼ିଥାଏ । ସୋରିଷିଆ (ସୋରିଷ ଭଳି କଣ୍ଠିଥାଇ ସୁନାର ମାଳି) ଦି ମାଳ ବୋଉ ପିନ୍ଧାଇ ଦେଇଥାଏ । ସାଆନ୍ତାଣି ଲୋ, କି କହିବି । ବଡ଼ ଦେଉଳରେ ବିମଳେଇ କିଏ ? ମୁଁ ତ ଜଳୁଥାଏ ।

Digitized by srujanika@gmail.com

ଜୋଇଁ (ଅର୍ଥାତ୍ ତା'ର ବର) ଯେତେବେଳେ ଚାହିଁ ଦେଲେ, କହିଲେ ଆହା, କି କଲା, ଏତେ ସୁନ୍ଦର ପେଣ୍ଡା ଗୋଡ଼ରେ ବଳା ନାହିଁ । ଧଇଲେ କୋଡ଼ି, ବଳା ଗଢ଼ିବାକୁ ଗଲେ ।"

ଏଠାରେ ଦେଶଜ ଉପମା ଓ ଅଳଙ୍କାର ଲକ୍ଷଣୀୟ ।

ଓଡ଼ିଆ ଋତୁରେ ଗ୍ରୀଷ୍ମ ସବୁଠୁଁ ପ୍ରବଳ ଓ ତା'ପରେ ବର୍ଷା । ପାହାଡ଼ିଆ ଅଞ୍ଚଳରେ ଗ୍ରୀଷ୍ମ, ବର୍ଷା, ଆଉ ଶୀତ । ତେଣୁ ଖରା ଓ ବର୍ଷାର କେତେ ପ୍ରକାର ଭେଦ ରହିଛି । 'ହସି ପଶେ ଉଗଁ ନ ଦିଶେ' 'ଚାଉଚାଉଆ ଖରା' 'ଟାଇଁଟାଇଁଆ ଖରା' 'କନକନିଆଜାଡ଼', ଝିପିଝିପିଆ ବର୍ଷା', କୁଣ୍ଡାଝଡ଼ି, 'ଫରଫରା ଅସରାଏ', ଇତ୍ୟାଦି ଏହି ଶ୍ରେଣୀର ଶବ୍ଦ ଓଡ଼ିଆ ଭାଷାରେ ପ୍ରଚୁର ।

(୧) ଖେଳାଳି, ପଢ଼ାଳି, ଶୁଣାଳି, ବୁଣାଳି, ଲେଖାଳି, କଟାଳି, ବଟାଳି, ... ଏସବୁ କ୍ରିୟାରୁ ତିଆରି ପଦ .... ସଙ୍ଗାତିଆଳି, ଇଙ୍ଗୀତିଆଳି, ... ଇତ୍ୟାଦି ଇତ୍ୟାଦି ।

(୨) ପାଇଟିଆଳ, ବୋଇତିଆଳ, ମହିଷିଆଳ, ଗୋରୁଆଳ, ଗୁଆଳି, ରଖୁଆଳ, ମଙ୍ଗୁଆଳ, ଇତ୍ୟାଦି ଜୀବିକା ଓ ଜୀବିକା ଉପକରଣ ତିଆରି ଶବ୍ଦ ।

(୩) ପଥୁରିଆ, ବେଠିଆ, ମୂଲିଆ, ଗୁଲିଆ, ଜାଲିଆ, ଭାରିଆ, ବାରମାସିଆ, ହଳିଆ, ଡାହାଣ ପାଳିଆ, ବାଁ ପାଳିଆ, (ଓ ତାହା ସଙ୍ଗରେ ଗୋପାଳକୃଷ୍ଣଙ୍କର) ବରଜମୂଳିଆ, ମୟୂରଚୂଳିଆ, ନୀପମୂଳିଆ, ନଈକୂଳିଆ – (ଉଭୟ ବିଶେଷ୍ୟ ଓ ବିଶେଷଣ)

(୪) (ଏବେ ଚଳିଲାଣି) ମଜୁରିଦାର, ଚୌକିଦାର, ଜମାଦାର,ଇଜରାଦାର, ସରସ୍ତାଦାର, ଠାରୁ ପେଷାଦାର (ସାମ୍ପ୍ରଦିକ) ଯାଏ ବହୁତ ଶବ୍ଦ ।

(୫) ବାସନକୁସନ ସରଞ୍ଜାମ ବିଷୟରେ ଯଥା : – ଥାଳି, ବାଟି, ଗିନା, ଖୁରି, ଗିଲାସ, ଝରି (ପାଣି ପିଇବାର ଲୋଟା) , ଲୋଟା, ଗଡୁ, ପଥୁରି, ସାମୁସେଇ, ଡ଼ାଳ, କରଚୂଲୀ, ପିଠାପାତିଆ, ଜାଲିଚଟୁ, ଚଟୁ ଇତ୍ୟାଦି ଶହ ଶହ ଶବ୍ଦ ।

ବିଶେଷ୍ୟ ବିଶେଷଣ

ଓଡ଼ିଆ ଭାଷାରେ ଗୁଣ, ପରିମାଣ, ଅବସ୍ଥା ବୁଝାଉଥିବା ଶବ୍ଦ ଗୁଡ଼ିକ ଉଭୟ ବିଶେଷ୍ୟ ଓ ବିଶେଷଣରେ ବ୍ୟବହାର ହୋଇ ଆସିଛି ।

ଯେପରି : – (୧) ତା'ର ବିକଳ ମୁଁ ସହି ପାରିଲି ନାହିଁ ।

Digitized by srujanika@gmail.com

'ଜୀବନ ସହିତ ଏହି ଅବିଭାଜ୍ୟ ଯୋଗରକ୍ଷା କରିବା ସାହିତ୍ୟର କେବଳ **ଯଥାର୍ଥ** ନୁହେଁ ।'

(କାଳୀଚରଣ – ସାହିତ୍ୟିକ)

(୨) ବିଶେଷ୍ୟରେ ଈ କାରାନ୍ତ ଯୋଗକରି ବିଶେଷଣ କରାଯାଏ ଓ ତାହା ବି ବିଶେଷ୍ୟର କାର୍ଯ୍ୟ କରେ ।

"ଯେଉଁମାନଙ୍କୁ ଘେନି ମୁଁ ଆପଣାକୁ **କୁଟୁମ୍ବୀ** ବୋଲି ମନେ କରୁଥିଲି ।"

(ଗୋପବନ୍ଧୁ)

"**ସଂସାରୀ** ସଙ୍ଗତେ ସଙ୍ଗ ହେବା ପାଇଁ

କଦାପି ମୋହର ମନ ବଳେ ନାହିଁ ।" (ରାଧାନାଥ ରାୟ)

"ମୋତେ ଦଶ ତାରିଖରେ ଦଶହଜାର ଟଙ୍କା **ସଂସାରୀ ପାନ** ବାନ୍ଧିବାକୁ ପଡ଼ିବ । (ଗଞ୍ଜାମ ପ୍ରୟୋଗ)

(୩) କ୍ରିୟାର ପ୍ରୟୋଗରେ ବିଶେଷଣ ଓ ବିଶେଷ୍ୟ ଉଭୟ : – "ନିତି ମଲୁକୁ ଚାହାନ୍ତି ନାହିଁ କି ନିତି ମାଗନ୍ତାକୁ ଦିଅନ୍ତା ନାହିଁ ।"

ହାତ ପାହାନ୍ତା, ପୋଷନ୍ତା (ପୁଅ), ଚଳନ୍ତା (ଚଳନ୍ତି) ଭାଷା;

(୪) ଏ' କାର ପ୍ରୟୋଗରେ ପରିମାଣ; ବିଶେଷଣ – 'ହାତେ ମାପି ଚାଖଣ୍ଡେ ଚାଳ' । 'ଟୋକେଇଏ ଫୁଲ ତୋଳିଲେ ଟୋକେଇଏ ଟଙ୍କା ମିଳିବ ।'

'କୋଶେ ବାଟକୁ ଗଲେ ପୋସେ ବାନ୍ଧିଥିବା ଭଲ ।'

'ଅଧପାଏ ମାଲପାରେ କେତେ ମାମଲତ ?'

'ଯୋଜନେ ଦୂରକୁ ବୋଲି କୁହାଟ ଶୁଭୁଥାଏ ।'

'ଶଗଡ଼େ ଧାନ ପାଇଁ ବିଶା ଶହେ କୋଶ ଚାଲିଗଲା ।'

(୫) ବିଶେଷଣରେ 'ପଣ' ଯୋଗ କରି ବିଶେଷ୍ୟ ତିଆରି : – "ଦିଆ ପଣକୁ, ଓଟାରି ନେଉଛି କିଆବଣକୁ ।"

"ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରଣତି, ସୁନ୍ଦର ପଥର ଚିରନ୍ତନ ନୀତି ।"

(ରାଧାନାଥ ଇତ୍ୟାଦି)

(୬) କ୍ରିୟାରେ 'ଇଆ' ବା 'ଆ' ଯୋଗ କରି ବିଶେଷ୍ୟ ବା ବିଶେଷଣ –

ପଡିଆ ଜମିକୁ ଉଠିଆ କରିବା କମ କଷ୍ଟକଥା ନୁହେଁ ।

Digitized by srujanika@gmail.com

(୭) ଅଛି ଅର୍ଥରେ 'ଆକାର' ବିଶେଷଣ ଓ ବିଶେଷ୍ୟ : – 'ଲର୍ଡ କର୍ଜନଙ୍କ ଭଳି ଦନ୍ତା ବଡ଼ଲାଟ ବି ଥକିଗଲେ ।' (ଗୋପବନ୍ଧୁ) ।

'ବେଳେ ବେଳେ ଡେବରା ଲୋକର ହାତ ଲାଖ ଖୁବ୍ ପ୍ରଖର ।' ଲୋକଟା ଡାହାଣା ପରି ଚାହିଁଛି ।

(୮) ଅଭ୍ୟାସ ବା ଅମଳ ଅର୍ଥରେ 'ଆକାର' : –

ଚିଲିମା ଚୋର, ଆପୁଆ ଭୋଳ

ମଦୁଆଙ୍କ ଘରେ ନିତି ଲାଗେ ଗୋଳ (ଗୋପବନ୍ଧୁ)

(୯) କ୍ରିୟାର ରୂଢ଼ି ପ୍ରୟୋଗରେ ବିଶେଷଣ ଓ ବିଶେଷ୍ୟ : – 'ଭଙ୍ଗା ଚାଳ ।' 'ଗୁଣ୍ଡାଗୁଅ' । 'ଅଫଁଛା ବାଉଁଶ ।' 'କାର୍ତ୍ତିକ ନିଗଡା ପଡ଼ିଛି ।' 'ମୋତେ ଦେଖି ସେ ଏମିତି ବିଗିଡ଼ା ବିଗିଡ଼ିଲେ ।' 'ଥୁଆମାଲ ।' 'ଧୁଆମୂଳା ଅଧୁଆମୂଳା ସବୁ ସମାନ ।' 'ଦିଆକୁ ଦିଆ ଆଦିଆକୁ ଦୁଆର ଦିଆ ।'

(୧୦)କେତେଗୁଡ଼ିଏ କ୍ରିୟାରୁ ଉତ୍ପନ୍ନ ଶବ୍ଦ ଅନୁଚିତ ଅର୍ଥରେ ବ୍ୟବହାର କରାଯାଏ ।ଯେପରି – (କ) ପିଲା ବେଶି କୁହାଳିଆ ହୋଇ ଯାଇଛି । (ବିଶେଷଣ)

(ଖ) ଉପର ଠାଉରିଆ କଥାରେ କ'ଣ ଯାଏ ଆସେ ? (ବିଶେଷଣ)

(୧୧) କେତେଗୁଡ଼ିଏ ବିଶେଷଣ ଦେଶଜ ଶବ୍ଦ ..... ଯଥା – (କ) ଫଳନ୍ତି ଗଛ (ଖ) ଦୁହାଳିଆ ଗାଈ (ଗ) ଭରାନଈ (ଘ) ଚଳନ୍ତି ଭାଷା ଇତ୍ୟାଦି ।

(୧୨) କେତେଗୁଡ଼ିଏ ଯାଉଁଳି ବଶେଷ୍ୟ ଶବ୍ଦ : – ଓଲଟପାଲଟ, ଲୁଗାପଟା, କାନ୍ଦବୋବାଳି, ବାସନକୁସନ, ଘରବାଡ଼ି, ଠେଙ୍ଗାବାଡ଼ି, ବାଡ଼ିବଗିଚା, ଦାନଧର୍ମ, ଇତ୍ୟାଦି ।

(୧୩) ଅସମାପିକା କ୍ରିୟାର ବିଶେଷଣ –

(କ) 'ଦେଖ ମୋ ପାରିବାର ପଣ, କାଟି ଆଣିଦେବି ଚାକୁଣ୍ଡା ବଣ ।'

(ଖ) 'ତୁମେ ତ ଭାରି ଜାଣିବାର ଲୋକ ଜଣେ !

(ଗ) 'ଆମର ଦେଖିବାର କଥା ଯେ କେହି ଯେପରି ବାଦ ନ ପଡ଼ନ୍ତା'

(ଘ) 'ଏଥିରୁ ଅନେକ କଥା ଶିଖିବାର ଅଛି ।' ଇତ୍ୟାଦି

(୧୪) ଅସମ୍ବାଦ ଅର୍ଥରେ କେତେଗୁଡ଼ିଏ ଯୁଗ୍ମପରି (ଓଡ଼ିଶାର ସମାସ) ବିଶେଷଣ ଆଗଚଲା, ଆଗବେଲା, ଆଗତକୁହା, ପଛବୁଦ୍ଧିଆ, ବାହାପିଆ ଇତ୍ୟାଦି ।

Digitized by srujanika@gmail.com

(୧୫) ଶାରୀରିକ ଅବସ୍ଥା ବୁଝାଉଥିବା ବା କୌଣସି ବଦଗୁଣ ବୁଝାଉଥିବା ବିଶେଷଣ (ଓଡ଼ିଆ ସମାସ)

ଗଳାକଟା, ତୋଟିକଟା (ତଣ୍ଟିକଟା), ମୁଣ୍ଡପୋତା' (କେଳା), କିଳାପୋତା, ନାକଫୋଡ଼ା, ଚନ୍ଦାମୁଣ୍ଡା ।

ସୁତରାଂ ଏକଙ୍ଗିଘା ଷଣ୍ଢ ପରି ଯେଉଁଆଡ଼େ ଯେତେବେଳେ ବିଚାରିଛନ୍ତି ଠେଲି ପେଲି ଚାଲି ଯାଇଛନ୍ତି ।" – ଗୋପବନ୍ଧୁ ଦାସ

(୧୬) ଧ୍ୱନିର ଅନୁକରଣରେ ତିଆରି ବିଶେଷ୍ୟ ଓ ବିଶେଷଣ:

ଭରଭରା ବାଜିଲା ।' 'ଏଟା ଗୋଟାଏ ଢ଼ବଢ଼ବାଟାଏ ।' 'ଗମଗମିଆ ଝାଳ ।' 'ଘନଘନିଆ ନିଦ ।'

ଘଡ଼ଘଡ଼ି, ଚଡ଼ଚଡ଼ି, ଗଡ଼ଗଡ଼ିଆ (ଘାଟ), ରଡରଡିଆ ନିଆଁ, ଫଡ଼ଫଡ଼ିଆ ଲୋକ, ରଚରଚିଆ ଦିନ, ଇତ୍ୟାଦି ।

(୧୭) ଅତୀତକାଳର ନିତ୍ୟପ୍ରକୃତି କ୍ରିୟାରୁ ବିଶେଷଣ – ଇତ୍ୟାଦି

ହେଲାକଥା, ଥିଲାଲୋକ, ବଢ଼ିଲା ନଇ, ଜାଣିଲା କଥା, ଉପରେ ଯାହା ଦିଆଯାଇଛି ସେଗୁଡ଼ିକ ମାତ୍ର ଉଦାହରଣ । ଏଥିଭିତରୁ ଓ ଏହା ବାହାରେ ସହସ୍ର ସହସ୍ର ଶବ୍ଦ ଓଡ଼ିଶାର ଗାଁ ଗହଳରେ ସୁନାରେଣୁ ଭଳି ବିଞ୍ଚିହୋଇ ପଡ଼ିଛି । କେତେକ ଲୋକ ମୁଖରୁ ଲୋକ ମୁଖକୁ ଯାଇ ବଞ୍ଚିଛି । କେତେକ ଗୋପବଂଧୁଙ୍କ ଭଳି ଗଦ୍ୟ ଲେଖକଙ୍କର ମାଧ୍ୟମରେ ଲିଖିତ ଗଦ୍ୟଭାଷାରେ ସାମିଲ ହୋଇଛି । କେତେକ ବି ପ୍ରୟୋଗ ଅଭାବରୁ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଛି ।

କାରକ ଓ ବିଭକ୍ତି

ଓଡ଼ିଆ ଭାଷାରେ ପ୍ରଧାନ କାରକ କର୍ତ୍ତା, କର୍ମ, ଅପାଦାନ, ଅଧିକରଣ । ପୂର୍ବକାଳରେ ହିନ୍ଦ – ଇଉରୋପୀୟ ଭାଷାମାନଙ୍କରେ ଯଥା ରୁଷୀୟ, ଇଂରାଜୀ, ଲାଟିନ, ପ୍ରାଚୀନ ଗ୍ରୀକ୍, ଫରାସି, ପାରସିକ ଓ ଉତ୍ତର ଭାରତୀୟ ଭାଷାମାନଙ୍କରେ ଆଠଟି କାରକ ଥିଲା । ଯଥା କର୍ତ୍ତା, କର୍ମ, କରଣ, ସଂପ୍ରଦାନ, ଅପାଦାନ,ଅଧିକରଣ, ସମ୍ବୋଧନ, ସଂବଂଧ ପଦ । କିନ୍ତୁ ଆଜି ଏଭିତରୁ ବହୁ କାରକ ଲୋପ ପ୍ରାୟ । କାରଣ ଭାଷାର ବିକାଶ ସଙ୍ଗେ ସଙ୍ଗେ କାରକମାନଙ୍କର ବିଭକ୍ତିଗୁଡ଼ିକ ଲୋପ ପାଇ ଯିବାରେ ଲାଗିଛି । ତେଣୁ ସଂସ୍କୃତ ଭାଷାରେ ଯେପରି ପ୍ରତ୍ୟେକ କାରକ ବିଭକ୍ତି-ଯୁକ୍ତ ହୋଇ ଅଲଗା ଅଲଗା ଧାତୁ ରୂପ ନିଅନ୍ତି, ଓଡ଼ିଆ ଭାଷାରେ ତାହା ଏକାବେଳକେ ବଦଳି ଯାଇଛି ।

Digitized by srujanika@gmail.com

ଉଦାହରଣ ସ୍ୱରୂପ ଓଡ଼ିଆରେ ହୁଏ "ରେଲଗାଡ଼ି ଚାଲିଲା" ନୋହିଲେ ହେବ "ଚାଳକ ଗାଡ଼ି ଚଳାଇଲା" । ସାଧାରଣତଃ ଏକଥା ହୁଏ ନାହିଁ "ଚାଳକ ଦ୍ୱାରା ଗାଡ଼ି ଚଳା ହେଲା" । ଠିକ୍ ସେହିପରି ହେବ "ମୁଁ ଏକାର୍ଯ୍ୟ କରି ପାରିବି ନାହିଁ" । ନୋହିଲେ ହେବ "ମୋ ଦେହିତ ଏକାର୍ଯ୍ୟ ହୋଇ ପାରିବ ନାହିଁ ।" ତେଣୁ କରଣ କାରକରେ 'ମୋ' 'ତୋ' 'ତାଙ୍କ' ବା 'ରାମ' 'ଗୋପାଳ' ଇତ୍ୟାଦି ସର୍ବନାମ ଓ ବିଶେଷ୍ୟ ପଦର ରୂପ ଦେହରେ 'ଦେହିତ' 'ଦେଇ' 'ଦେହି' ଇତ୍ୟାଦି ଲଗାଯାଇ ସାଧାରଣତଃ କରଣ କାରକ କରା ଯାଇଥାଏ ।

ଓଡ଼ିଆରେ ସଂସ୍କୃତ ଭଳି 'ରଜକସ୍ୟ ବସ୍ତ୍ରଂ ଦେହି' ଅର୍ଥାତ୍ 'ଧୋବାକୁ ଲୁଗା ଦିଅ'ରେ ରଜକସ୍ୟ ଭଳି ବିଭକ୍ତି ସୂଚକ କାରକର 'ମୁଁ ଘଡ଼ିଟିକୁ ମରାମତ ପାଇଁ ଦୋକାନିକୁ ଦେଇଛି ।' ବା 'ମୁଁ ଧୋବା ଘରେ ଲୁଗା ଦେଇଛି ।' ବାକ୍ୟ ଭଳି ମାନଙ୍କରେ 'ଘଡ଼ି' ବା 'ଲୁଗା'ର ଯେ ଫେରି ପାଇବାର ସୁଚନା ଅଛି ଓ ଏଗୁଡ଼ିକୁ ଦେବା ଯେ ସଂପୂର୍ଣ୍ଣ ଦାନ ନୁହେଁ ଏକଥା ଭାଷାର ଇଙ୍ଗିତରୁ ବୁଝାପଡ଼େ । ଏଥିପାଇଁ ବିଭକ୍ତିର ବିଶେଷତ୍ୱ ଲୋଡ଼ା ପଡ଼େ ନାହିଁ ।

'ପୃଥିବୀ ମୁହଁରୁ ଚିର ଦରିଦ୍ରତାର ଦାଗ ଲିଭି ଯାଉ ।' ଗୋପବନ୍ଧୁଙ୍କର ଏହି ବିଖ୍ୟାତ ବାକ୍ୟଟିରେ ପୃଥିବୀ ପରେ ସମ୍ବନ୍ଧ ପଦ ନାହିଁ । 'ମୁହଁରୁ' ରେ ବିଭକ୍ତି 'ରୁ' ଯୋଗୁଁ ଏଠାରେ ଅପାଦାନ କାରକ ହେଉଛି 'ମୁହଁରୁ' । 'ଦରିଦ୍ରତାର ଦାଗ'ରେ ସଂବନ୍ଧ ପଦ ଦରିଦ୍ରତା ପାଖରେ 'ର' ଭାବରେ ଲାଗିଛି ।

'କିମ୍ବାର ଆଣି ଅଧା ନଈରେ କଲାଣି ।' ଏଠାରେ ନିଈରେ ଅଧିକରଣ କାରଣ । ବିଭକ୍ତ 'ରେ' ।

(ଲୋକେ) 'ଦୁଇହଳ ଚାରିହଳ ଧରି ବାଟିଏ ଦିବାଟି ଚଷନ୍ତି ।

ଏଠାରେ କର୍ତ୍ତା ଉହ୍ୟ । 'ଦୁଇହଳ ଚାରିହଳ ଧରି' ହେଲା ସଂସ୍କୃତରେ ଯାହାକୁ କହନ୍ତି କରଣ କାରକ । 'ବାଟିଏ ଦିବାଟି' ହେଲା କର୍ମକାରକ । ଏହି କର୍ମକାରକରେ ବିଭକ୍ତି ନାହିଁ ।

'ନଈ ବଢ଼ିକୁ ଦିଅଙ୍କ ରାଣ" "ଏ ଗାଁକୁ ସେ ଗାଁ ପଥରୋଧ' ପ୍ରଭୃତି ପ୍ରୟୋଗରେ କାରକଗୁଡ଼ିକ ଅସ୍ପଷ୍ଟ ହୋଇଯାଇଛି ।

"ଦେଶବାସୀ କିଛି ଜାଣନ୍ତି ନାଇଁ, ଆମ୍ଭେମାନେ ତାଙ୍କୁ ଯାହା ବୁଝାଇବା ତାହାହିଁ ବୁଝିବେ, ଯାହା କରାଇବା ତାହାହିଁ କରିବେ । ଏପରି ଯେଉଁମାନେ ମନେ କରନ୍ତି ସେମାନେ କଦାପି ଉପଯୁକ୍ତ ଲୋକ ପ୍ରତିନିଧି ହୋଇ ପାରିବେ ନାହିଁ ।"

Digitized by srujanika@gmail.com

"ଲୋକେ ନିର୍ବୋଧ ନୁହନ୍ତି; ସେମାନେ ଭଲମନ୍ଦ ହିତାହିତ ବେଶ୍ ବୁଝନ୍ତି । ଏପରିକି କାହାରି ପ୍ରବର୍ତ୍ତନା ପ୍ରରୋଚନାରେ ଭୁଲି ସୁଦ୍ଧା ଯଥାର୍ଥ କ'ଣ ସେମାନେ ବୁଝିପାରନ୍ତି ଏବଂ ଯେ ପ୍ରବର୍ତ୍ତନା ବା ପ୍ରରୋଚନା ବା ଅନ୍ୟ କୌଣସି ପ୍ରଭାବରେ ସେମାନଙ୍କୁ ଭୁଲାନ୍ତୁ ତାଙ୍କଠାରୁ ସେମାନଙ୍କର ମନେ ମନେ ଶ୍ରଦ୍ଧା ଭକ୍ତି ଆଦର ବିଶ୍ୱାସ କମିଯାଏ ।"

ଗୋପବନ୍ଧୁଙ୍କର ଉପରଲିଖିତ ବାକ୍ୟଗୁଡ଼ିକରୁ ଓଡ଼ିଆ ଭାଷାର କାରକ ଓ ବିଭକ୍ତି ପ୍ରୟୋଗରେ ଶୈଳୀ ଲକ୍ଷ୍ୟ କରାଯାଇପାରେ ।

ବାକ୍ୟର ଗୋଡ଼ କ୍ରିୟାପଦ

ଓଡ଼ିଆର କ୍ରିୟାପଦ ଯଥା, ମଣିବା, ଜାଣିବା, ଖାଇବା, ପିଇବା ଇତ୍ୟାଦି ସାଧାରଣ ଶବ୍ଦ ଅତି ଜଣାଶୁଣା । ଏଗୁଡ଼ିକ ସହିତ ଅନେକ ଗୁଡ଼ିଏ କ୍ରିୟାପଦ ନାମଧାତୁରେ ହୋଇଛି । ଯଥା, ପାଖେଇବା, ନାକେଇବା, ଆଖେଇବା, କାଖେଇବା, ବାଡ଼େଇବା, ଇତ୍ୟାଦି ।

ସମ୍ବଲପୁର ଅଞ୍ଚଳରେ କେତେଗୁଡ଼ିଏ ବିଶେଷ୍ୟରୁ କ୍ରିୟାପଦ ଓ ବିଶେଷଣ ବାଚକ ଶବ୍ଦରୁ କ୍ରିୟାପଦରୁ ଦୃଷ୍ଟାନ୍ତ ମିଳେ । ଯଥା " ନାହିଁରେ ବୁଆ ମରିଯିବି ବିଦରି ଯିବା ହାଡ୍ ।" 'ବିଦରି ଯିବା' ଅର୍ଥ ବିଦୀର୍ଣ୍ଣ ହୋଇଯିବା । ନାହିଁରେ ବାପା ମରିଯିବି ମୋ ହାଡ଼ ବିଦାରି ହୋଇଯିବ । 'କେନ୍ଦ୍ର' ବିଶେଷ୍ୟରୁ କିନ୍ଦ୍ରିବା ଯଥା, "ମୁଇଁ କିନ୍ଦ୍ରି କିନ୍ଦ୍ରି ଅଥା ହେଇଗଲିନ ।" ଅର୍ଥାତ୍ 'କୌଣସି ଗୋଟିଏ ଜାଗାକୁ କେନ୍ଦ୍ର କରି ବୁଲି ବୁଲି ଥକି ଗଲିଣି ।"

ଓଡ଼ିଆ କ୍ରିୟାପଦର ଜୀବନିଶକ୍ତି ବିଷୟରେ କେତୋଟି ଉଦାହରଣ ନିଆଯାଇପାରେ –

"ଆକାଶରେ ତାରା ଉଇଁଲେଣି, ବାରିରେ ମଲ୍ଲି ଫୁଟିଲେଣି, ଗଛରେ ବାଦୁଡ଼ି ଲାଗିଲେଣି, ଗୁହାଳରେ ଗୋରୁ ପଶିଲେଣି, ହଳିଆ ମୂଲିଆ କ୍ଷେତ କାମ ସାରି ବସାକୁ ବାହୁଡ଼ିଲେଣି, କୂଳବଧୂମାନେ ଜଳପୂର୍ଣ୍ଣ କଳସ ଘେନି ଗାଁକୁ ନେଉଟିଲେଣି ।"

(କୁନ୍ତଳା କୁମାରୀ – କାଳିବୋହୂ)

ତାହାଛଡ଼ା ପତ୍ର ଭାଙ୍ଗିବାରେ ଗଛର କିଛି କ୍ଷୀର ଚମକି କରି ଆଖିରେ ପଡ଼ିଲାଣି । ଅଳ୍ପ ସମୟ ମଧ୍ୟରେ ପେଟ ଭିତରେ ନିଆଁ ପରି ହାଉ ହାଉ ପୋଡ଼ିଲା ଏବଂ ଆଖି ଯୋଡ଼ିକ ଫୁଟିଗଲା । ଏଣେ ଗାଈଗୋରୁ ଗୋଟିଫିଟା ଦେଇ କିଏ କୁଆଡ଼େ ଗଲେ ।

(ଉପନିଷଦ ଗଳ୍ପ)

Digitized by srujanika@gmail.com

"ଆମ୍ଭେମାନେ ସରକାରଙ୍କୁ ବହୁତ ଦୋଷିନ୍ତୁ । ନିଜ ଭାଗ୍ୟକୁ ବାରବାର ନିନ୍ଦିନ୍ତୁ । ଈଶ୍ୱରଙ୍କୁ ଡ଼ାକିନ୍ତୁ । କିଛି ଫଳ ହୋଇନାହିଁ । ବର୍ତ୍ତମାନ ବଞ୍ଚିବା ମରିବା ସମସ୍ୟା । ହୁଏତ ସ୍ଥାୟୀ ପ୍ରତିକାର କରିବାକୁ ହେବ ନହେଲେ ରାଜ୍ୟ ଛାଡ଼ି ଅନ୍ୟତ୍ର ଯିବାକୁ ହେବ ।

(ଗୋପବଂଧୁ – ସମାଜ ୨୮/୮/୨୬)

"ଭୋଟ ସମ୍ବନ୍ଧରେ କେତେ କାଣ୍ଡକାରଖାନା ଲାଗିଗଲା; କେତେ କୁଘାରଟନା ହେଲା; କେତେ ଗାଳି ବର୍ଷିଲା; କେତେ କଳିକଜିଆ ଲାଗିଲା । କେତେ ନିନ୍ଦା ଅପମାନର ସୁଅ ବୋହିଲା । ଧନୀ ପ୍ରାର୍ଥୀମାନଙ୍କର କେତେ ଟଙ୍କା ପଇସା ଖର୍ଚ୍ଚ ହେଲା । କେତେ ଲୋକ କେତେ ଲାଞ୍ଚ ପାଇଲେ । କେତେ ଲୋକଙ୍କଠାରୁ କେତେ ନିୟମ ପ୍ରମାଣ ନିଆଗଲା । ଆମ୍ଭମାନଙ୍କ ଉପରେ ବହୁତ ଧମକ, ଚମକ, ଚପଟ ପଡ଼ିଲା । ବର୍ତ୍ତମାନ ସବୁ ଶାନ୍ତି । ଏହିଠାରେ ଏ ଉତ୍‌ପାତ ଶେଷ ହେଲେ ରକ୍ଷା ।"

(ଗୋପବଂଧୁ ଦାସ – ସମାଜ)

"ଆକାଶକୁ ବୋଲି ଉଠୁଛି ନିଆଁର ଶିଖ । ଆଉ ରହି ରହିକା ଅମାସ୍ୟା ରାତିରେ ସମୁଦ୍ରର ବିକଟ ଆଲୁଅର ହସପରି ପଶ୍ଚିମରୁ ପୂର୍ବକୁ ଲମ୍ବିଯାଇଛି । ଢେଉ ଢେଉକା ହୋଇ ନିଆଁର ବଂକା ଗାର କେତେଠି କୁଦାମାରି ଆକାଶକୁ ଉଠୁଛି । ଆଉ ଭୂଇଁ ଦୁଲୁକେଇ ଆକାଶ ଥରେଇ ଥରେଇ ଗର୍ଜି ଉଠୁଛି ଶହ ଶହ ଘଡ଼ଘଡ଼ିର ଶବଦ ।

ମାରକ ଦିଆଲି ଜଳୁଛି କୁହାଟ ଛାଡୁଛି ଘେର ଲମ୍ବେଇ ଲମ୍ବେଇ ଘୋଟି ଘୋଟି ଆସୁଛି ।"

(ଗୋପିନାଥ ମହାନ୍ତି, ରଣଧନ୍ଦୋଳ)

"ଏଇ ଗାଈଚରାଳି ବାପ୍‌ପା ଯେ ଦିନେ ମିବାର ପରି ଏଡ଼େ ବଡ଼ ରାଜ୍ୟର ରାଜା ହୋଇ ବସିବେ, ଶହ ଶହ ଯୁଦ୍ଧରେ ଶତ୍ରୁବଂଶ ଲୋପ କରିଦେବେ ଏକଥା ସେତେବେଳେ କିଏ କାହିଁକି ଭାବିବ ? "ବ୍ରାହ୍ମଣମାନେ ଭାବିଲେ ଯେ ବାପ୍‌ପା ଚରାଉ ଚରାଉ ଦୁଧଯାକ ପିଇ ଦେଉଛନ୍ତି । × × ×

"ମାତ୍ର ତାଙ୍କର ମନ ସେଠାରେ ଜାଗିଲା ନାହିଁ । ଅନ୍ୟ ରାଜାମାନଙ୍କର ଦେହ ସହିଲା ନାହିଁ । ତାଙ୍କ ସଙ୍ଗେ ଯୁଦ୍ଧ କରିବାକୁ ସେ ବୁକୁ ପତାଇ ପାରିଲା ନାହିଁ ।

"ଆପଣା ଭିତରେ ଯୁଦ୍ଧ ହାଣମାର ଲଗାଇଥିଲେ × × ଏତେବଡ଼ ବୀର ହୋଇ ଖୋମାନ୍ ଶେଷକୁ ମହାପାପ କରି ବସିଲେ । × × ସେମାନେ ଭେଣ୍ଡା ବୟସରେ ଯୁଦ୍ଧରେ ଅନେକ ଲୋକଙ୍କୁ ହତ୍ୟାକରି ପର ସଂପତ୍ତି ଲୁଟି କରି ବୁଢ଼ା

Digitized by srujanika@gmail.com

ବୟସକୁ ଦେଉଳ ତୋଳାଇ ପୋଖରୀ ଖୋଳାଇ ପାପର ପ୍ରାୟଶ୍ଚିତ କରୁଥିଲେ । ଦେଶରେ ଯୁଦ୍ଧ ନ ହେଲେ ସେମାନଙ୍କୁ ଭଲ ଲାଗୁ ନଥିଲା ।”

(ରାଜପୁତ କାହାଣୀ)

ଓଡ଼ିଆ କ୍ରିୟାର ରୂପ –

ଓଡ଼ିଆ କ୍ରିୟାପଦର ରୂପ ଭିତରେ ତିନୋଟି କାଳ । ପୁରୁଷ ଭେଦରେ ମଧ୍ୟ ଏହି ରୂପ ଭିନ୍ନ ଭିନ୍ନ । ଏକଥା ଯେ କେହି ଓଡ଼ିଆ ବ୍ୟାକରଣରୁ ଜାଣି ପାରିବେ । କ୍ରିୟା ଯେହେତୁ ଭାଷାର ବାହନ ତେଣୁ ଏହି କ୍ରିୟାର ରୂପ ଭିତରେ ଭାଷାର ମୌଳିକତା ବେଶି ଆଖିରେ ପଡ଼େ । ସେହି କାରଣରୁ କ୍ରିୟାର ରୂପ ବିଷୟରେ ସଂସ୍କୃତ, ପ୍ରାକୃତ, ବଂଗଳା ବା ଅସମିୟା, ମୈଥିଳୀ, ଭୋଜପୁରୀଠାରୁ ଓଡ଼ିଆର ପାର୍ଥକ୍ୟ ସୁସ୍ପଷ୍ଟ ।

(୧) ଓଡ଼ିଆରେ ଗୋଟିଏ ‘ଣି’ ଶବ୍ଦ ଯୋଗ କରି କାର୍ଯ୍ୟର ପୂର୍ଣ୍ଣତା ପ୍ରକାଶ କରାଯାଏ । ଯଥା –

ବର୍ତ୍ତମାନ କାଳରେ – ତୁମେ ଖାଇ ସାରିଲଣି ? କାମ ସରିଲାଣି ? ଭାତ ଫୁଟିଲାଣି ? ଖରା ଉଠିଲାଣି ।

ନିତ୍ୟପ୍ରବୃତ୍ତ ବର୍ତ୍ତମାନରେ ଯଥା – ‘ମୁଁ ଖାଏ’; ‘ଆମ୍ଭ ପାଚେ’;’ସୂର୍ଯ୍ୟ ନିତି ନିତି ପୂର୍ବଦିଗରେ ଉଠେ’; ‘ଶୀତଳଷଷ୍ଠୀରେ ଆମ ଗାଁରେ ବାଣ ଫୁଟେ’ ଇତ୍ୟାଦି ସ୍ଥଳରେ କାର୍ଯ୍ୟ ବା କ୍ରିୟାର ପୂର୍ଣ୍ଣତା ପ୍ରକାଶ ପାଏ ନାହିଁ । ତେଣୁ ଏଠାରେ ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ କ୍ଷେତ୍ରରେ ‘ଣି’ ର ପ୍ରୟୋଗ ନାହିଁ ।

କ୍ରିୟା ଯେତେବେଳେ ଚାଲୁ ରହିଛି – ଯଥା ‘ମୁଁ ଖାଉଅଛି’, ସେ ଖାଉଅଛି’ । ‘ତୁମେ ଖାଉଅଛ’, ‘ଲୋକେ ଖାଇ ବସୁଛନ୍ତି’ । ସେତେବେଳେ ଏଭଳି ‘ଣି’ ପ୍ରୟୋଗର କଥା ତ ଉଠୁନାହିଁ ।

‘ମୁଁ ଖାଇଛି’, ଓ ମୁଁ ଖାଇଲିଣି’ର ପ୍ରାୟ ସମାନ ଅର୍ଥ । ତେବେ ପରବର୍ତ୍ତୀ କଥାଟାର ନିର୍ଦ୍ଦେଶ ଆହୁରି ଗଭୀର ଓ ସ୍ପଷ୍ଟ । ଖାଇଛି କେବଳ ନିଶ୍ଚୟବାଚକ, ଖାଇଲିଣିଟା ଉଭୟ ନିଶ୍ଚୟବାଚକ ଓ କାଳବାଚକ ।

‘ବର୍ଷ ବର୍ଷ ହେଲା ଆମ୍ଭେମାନେ ଦଖଲକାର ଅଛୁଁ ।’

‘ବର୍ଷ ବର୍ଷ ହେଲା ଆମ୍ଭେମାନେ ଏହାର ଫଳ ଭୋଗ କରି ଆସିଅଛୁଁ ।’

‘ବର୍ଷ ବର୍ଷ ଆମ୍ଭେମାନେ ଏହାର ଫଳ ଭୋଗ କରୁଥିବାର’ । ‘ପୂର୍ବେ ଆମେ ଏବାଟେ ଯାଉଥିବାର, ଚଳପ୍ରଚଳ ହେଉଥିବାର’ ଯାହାକୁ ଇଂରାଜୀରେ ବର୍ତ୍ତମାନ ସଂପୂର୍ଣ୍ଣ ନିରବଚ୍ଛିନ୍ନ Present Perfect Continuous ବୋଲି କୁହାଯାଉଛି ଓଡ଼ିଆ ଭାଷାରେ ଏଭଳି କ୍ରିୟାର ତିନୋଟି ରୂପ ଉପରେ ଦିଆଗଲା ।

Digitized by srujanika@gmail.com

ଅତୀତ କାଳରେ – "ମୁଁ କୁଳକୁ ଜଳାଞ୍ଜଳି ଦେଇ ଦେଲି । ମୋହନ ପ୍ରୀତିକି ଜୀବନ ସଂଖାଳି କଲି । ଯେତେ ମୁଁ ବାରବ୍ରତାବଳି କରିଥିଲି ସବୁ କୃଷ୍ଣ ଶ୍ରୀପୟରରେ ନିଉଛାଳି କଲି ।"

ଏଠାରେ ଅତୀତକାଳର 'କଲି' ଓ 'କରିଥିଲି' ଭିତରେ ପ୍ରଭେଦ ଲକ୍ଷ୍ୟଣୀୟ ।

ଓଡ଼ିଆରେ 'ବସିଲେ' ବା 'ଖାଇଲେ' ଇତ୍ୟାଦି ଓ 'ସେ ଖାଇଲେଣି' ବା 'ସେ ବସିଲେଣି' 'ତୁମେ ବସିଲଣି' 'ମୁଁ ସେଠାକୁ ଯାଇ ଆସିଲିଣି ।' 'ମୁଁ ଗଲି, ସେ ଆସିଲେ । ମୁଁ ଆସିଲି, ସେ ଖାଇବସିଲେ ।' 'ମୁଁ ତାଙ୍କ ଘର ଛାଡ଼ିଲି, ବର୍ଷା ହେଲା ।' 'ମୁଁ ତାଙ୍କ ଘର ଛାଡ଼ିଛି, ବର୍ଷା ହୋଇଛି ।' 'ଗାଡ଼ି ଛାଡ଼ିଛି କି ନାହିଁ ମୁଁ ପହଞ୍ଚିଗଲି ।' 'ତାଙ୍କ କଥା ସରିଛି କି ନାହିଁ, ସେପଟୁ ଗର୍ଜନ ଶୁଭିଲା ।'

ପ୍ରାୟ ସମାନ ସମାନ । ତେଣୁ ଓଡ଼ିଆ ଭାଷାରେ ଅତୀତର ଅନିର୍ଦ୍ଦିଷ୍ଟକାଳ ବର୍ତ୍ତମାନର ନିର୍ଦ୍ଦିଷ୍ଟ କାଳଠାରୁ ବେଶି କିଛି ତଫାତ୍ ନୁହେଁ ।

କିନ୍ତୁ ଅତୀତର ଅସଂପୂର୍ଣ୍ଣ କ୍ରିୟାର କାଳ ଯଥା – 'ମୁଁ ଯାଉଥିଲି' 'ସେ ଯାଉଥିଲେ', 'ତୁମେ ଯାଉଥିଲ' ଇତ୍ୟାଦି ଅତୀତ କାଳର କ୍ରିୟା । ଖାଣ୍ଟି ଅତୀତ କାଳର କ୍ରିୟା ଯେପରି "ସେଠାରେ ଜଣେ ରାଜା ଥାଆନ୍ତି ।" ଐତିହାସିକ ବର୍ତ୍ତମାନ ।

'ମଦ୍ରଦେଶରେ ଅଶ୍ୱପତି ନାମରେ ଜଣେ ରାଜା ଥିଲେ ।'

'ସେ ବଣକୁ ପାରିଧିରେ ଯାଇଥିଲେ ।'

'ଦିନକର ରାଜା ବଣକୁ ପାରିଧିରେ ଯାଇଥାଆନ୍ତି ।'

ଅତୀତ କାଳରେ ସଂପୂର୍ଣ୍ଣ ନିରବଚ୍ଛିନ୍ନ କ୍ରିୟା ପ୍ରାୟ ବର୍ତ୍ତମାନ କାଳର କ୍ରିୟା ଭଳି ଯଥା – "ଆମ୍ଭେ ସେହି ସଂପତ୍ତି ପୁତ୍ର ପୌତ୍ରାଦି କ୍ରମେ ଭୋଗ ଦଖଲ କରି ଆସୁଥିଲୁଁ ।"

"ଆମ୍ଭେ ସେହି ସଂପତ୍ତି ପୁତ୍ର ପୌତ୍ରାଦି କ୍ରମେ ଭୋଗ ଦଖଲ କରି ଆସୁଥିବାର ।" (ଗଞ୍ଜାମ ପ୍ରୟୋଗ)

(୩) **ଭବିଷ୍ୟତ କାଳରେ** ଯିବ, ଯିବେ ଯିବି ଇତ୍ୟାଦିରେ ସମ୍ଭାବ୍ୟ ବର୍ତ୍ତମାନ ମଧ୍ୟ ହୋଇପାରେ । ଯଥା – 'ଆଠଟା ବାଜିଲାଣି । ଗାଡ଼ି ଚାଲିଯିବଣି ।'

'କାଲି ଏତେବେଳକୁ ସେ ଚାଲିଯାଇଥିବଣି ।'

'ତୁମେ ଏ ଚିଠି ପାଇଲାବେଳକୁ ମୁଁ ଏଠାରେ ନଥିବି ।'

ଅସଂପୂର୍ଣ୍ଣ ଭବିଷ୍ୟତ କାଳରେ ତାହା ସର୍ବଦା ନିରବଚ୍ଛିନ୍ନ ଯେପରି : –

Digitized by srujanika@gmail.com

'ଅଖା ଧୋଉଥିବୁ, ଗୁଣ ଗାଉଥିବୁ ।'

'ଏତେବେଳକୁ ସେ ଗାଁରେ ପହଞ୍ଚୁଥିବେ ।'

'ବର୍ତ୍ତମାନ ତା' ମନ କ'ଣ ହେଉଥିବ, କିଏ କହିବ ।'

'ତା' ଛାତି ଉଠୁଥିବ, ପଡୁଥିବ।' (ସଂଭାବ୍ୟ ବର୍ତ୍ତମାନ)

ମୋହନ ମାଧୁରୀ ଦେଖିଥିଲା ନାରୀ ଆହୁରି କି ନିଦଯିବ ?

ତାହା କି ମୋ ମନରୁ ପାଶୋର ଯିବ ? (ଗୋପାଳକୃଷ୍ଣ)

ଓଡ଼ିଆ ଭାଷାରେ ଅସମାପିକା କ୍ରିୟାରେ ଦୁଇବାର ପ୍ରୟୋଗ ଯଥା ଯାଉଁ ଯାଉଁ, ଖେଳୁ ଖେଳୁ, ବୁଲୁ ବୁଲୁ, ଚାଲୁ ଚାଲୁ ଇତ୍ୟାଦି ଏକ ବିଶେଷ ଓଡ଼ିଆ ସୁଲଭ ପ୍ରୟୋଗ ।

ଓଡ଼ିଆରେ କର୍ମବାଚ୍ୟ ନାହିଁ କିନ୍ତୁ କର୍ମବାଚ୍ୟବୋଧକ କେତେଗୁଡ଼ିଏ କ୍ରିୟା ଅଛି । ଯଥା – (୧) ମରିବା – ମାରିବା, କଟିବା–କାଟିବା,ଗଳିବା–ଗାଳିବା; ଜଳିବା –ଜାଳିବା; ଇତ୍ୟାଦି ।

(୨) ହସିବା-ହସେଇବା; କାନ୍ଦିବା-କନ୍ଦେଇବା; ହାରିବା-ହରେଇବା, ଜିଣିବା-ଜିଣେଇବା ଅଥବା ଜିତିବା-ଜିତେଇବା; ରାଗିବା-ରଗେଇବା; ବିଗିଡ଼ିବା-ବିଗଡ଼େଇବା; ମାତିବା-ମତେଇବା; ଚଳିବା-ଚଳେଇବା, ଅଥବା ଚିଡ଼ିବା-ଚିଡ଼େଇବା ଇତ୍ୟାଦି ।

କେତେକ ପ୍ରୟୋଗ - ବିଧି

ଓଡ଼ିଆର ନୂତନ ଶବ୍ଦର ଅଧିକାଂଶ ଆସିଛି ସଂସ୍କୃତରୁ । ଯେତେବେଳେ ଆମେ କୌଣସି ବୈଜ୍ଞାନିକ, ସାମାଜିକ ବା ଅର୍ଥନୈତିକ ଜୀବନର ବର୍ଣ୍ଣନା ପାଇଁ ନୂତନ ଶବ୍ଦ ଚାହିଁଛୁ ସେତେବେଳେ ସଂସ୍କୃତର ହିଁ ସାହାଯ୍ୟ ନେଇଛୁଁ । ଆଗରୁ ବିଜ୍ଞାନ ପରିଭାଷାର ଗୋଟିଏ ବିସ୍ତୃତ ତାଲିକା ଦିଆଯାଇଛି । କିନ୍ତୁ ଏହି ତାଲିକା ଶବ୍ଦ ଛଡ଼ା ବି ଆହୁରି ବହୁ ଶବ୍ଦ ଓଡ଼ିଆ ଭାଷାରେ ଏବେ ପ୍ରୟୋଜନ ପଡୁଛି । ଫକୀରମୋହନ ବା ଗୋପବନ୍ଧୁ ବା ବିଶ୍ୱନାଥ କର ବା ମଧୁସୂଦନ ରାଓଙ୍କ ସମୟରେ ଯେଉଁ ଶବ୍ଦଗୁଡ଼ିକ ଓଡ଼ିଆ ଭାଷା ବା କଥାରେ ବ୍ୟବହାର ପାଇଁ ଆସି ନଥିଲା ସେଗୁଡ଼ିକ ଏବେ ଆସି ଯାଇଛନ୍ତି । ତେବେ ବି ଓଡ଼ିଆ ଭାଷାରେ ସଂସ୍କୃତରୁ ଉଧାର ନ ହୋଇଥିବା ଅନେକ ଆଧୁନିକ ଶବ୍ଦର ପ୍ରଚଳନ ଦେଖିବାକୁ ମିଳେ । ଯେପରି ଡାକବାଜି ଯନ୍ତ୍ର, ନିଆପେଡ଼ି, କଳଗାଉଣା, ଦାନ୍ତପିଠୋଉ (ଟୁଥ୍‌ପେଷ୍ଟ), ନିଆଁଲିଭାଳି ଦଳ, ନିଆଁଲିଭା ଯନ୍ତ୍ର ପୋକମାରି ଚୂର୍ଣ୍ଣ ଇତ୍ୟାଦି ।

Digitized by srujanika@gmail.com

ଓଡ଼ିଆ ଭାଷାରେ ବିଶେଷ୍ୟରେ ବହୁବଚନରେ ମାନେ, ଗଣ, ଗୁଡ଼ିକ, ଇତ୍ୟାଦିର ପ୍ରୟୋଗ ପୂର୍ବେ ବିଶେଷ ଭାବରେ ନଥିଲା । ସର୍ବନାମରେ ସେ ଗୁଡ଼ିକ ଆସିଛି ଦ୍ରାବିଡ଼ ଭାଷାମାନଙ୍କରୁ ଏକଥା ଆଗରୁ କୁହାଯାଇଛି । ସାଧାରଣତଃ ବହୁବଚନକୁ ବାକ୍ୟର ସ୍ୱାଭାବିକ ଅର୍ଥ ଭିତରେ ହିଁ ଗ୍ରହଣ କରାଯାଏ । ଯଥା – 'ଏତେ ମଣିଷ ମୁଁ କେଉଁଠି ଦେଖି ନଥିଲି ।' 'ପୃଥିବୀର କୋଟି କୋଟି ଲୋକ ଆଶାରେ ବଞ୍ଚୁଛନ୍ତି ।

ଯେଉଁଠାରେ ବହୁବଚନ ଉପରେ ବିଶେଷ ଜୋର ଦେବା ପ୍ରୟୋଜନ ପଡ଼େ ସେଇଠି ଓଡ଼ିଆ ଭାଷାରେ ବିଶେଷ୍ୟ ଆଗରେ ସମସ୍ତେ, ସବୁ, ସକଳ ଇତ୍ୟାଦି ଯୋଗ କରାଯାଏ । ବହୁବଚନରେ 'ଏ' କରାନ୍ତ ପ୍ରୟୋଗ ଓ ମାନ୍ୟାର୍ଥେ ଏକାରନ୍ତ ପ୍ରୟୋଗ ବୋଧହୁଏ ଏକ ପ୍ରକାର ପ୍ରୟୋଗ – ଯଥା – 'ଲୋକେ କହନ୍ତି ।' 'ପଣ୍ଡିତେ କହନ୍ତି ।' 'ଅବଧାନେ ଆସି ଥିଲେ । 'ମିଶ୍ରେ ଯାଉଥିଲେ ।'

'ପଣ୍ଡିତ' ଙ୍କର ବହୁବଚନରେ ଏବେ ପଣ୍ଡିତମାନେ ଚଳିଲାଣି । ଅବଧାନଙ୍କର ବହୁବଚନରେ 'ଅବଧାନମାନେ' ହୁଏ ନାହିଁ ।

ଅନେକ ସମୟରେ ବିଶେଷଣକୁ ଦୁଇବାର ବ୍ୟବହାର କରି ବିଶେଷ୍ୟ ପଦର ବହୁବଚନ କରାଯାଏ । ଯଥା –

'ଗରମ ଗରମ ରୁଟି', 'ମୋଟା ମୋଟା ବାଡ଼ି', 'ଛୋଟ ଛୋଟ ପିଲା', 'ଉଞ୍ଚା ଉଞ୍ଚା ଗଛ', ଇତ୍ୟାଦି । ଏଭଳି ବିଶେଷ୍ୟ ପଦରେ ବିଶେଷ ଭାବରେ ବହୁବଚନରେ ଜୋର ଦେବାକୁ 'ମାନ'ର ପ୍ରୟୋଗ ହୁଏ ।

ଯଥା 'ଗରମ ଗରମ ରୁଟିମାନ', 'ଉଞ୍ଚା ଉଞ୍ଚା ଗଛମାନ ଇତ୍ୟାଦି ।

ଓଡ଼ିଆରେ ବାକ୍ୟର ସଂଯୋଗ ପାଇଁ 'ଓ' କିମ୍ବା 'ଏବଂ' ପ୍ରଭୃତିରେ ବ୍ୟବହାର ଅଛି; କିନ୍ତୁ ପଦର ସଂଯୋଗ ପାଇଁ 'ଓ' ବା 'ଏବଂ' ର ବ୍ୟବହାର ପୂର୍ବେ ଖୁବ୍ ବିରଳ ଥିଲା । ଏବେ ତାହାର ପ୍ରଚଳନ ପ୍ରାୟ ସ୍ୱାଭାବିକ ହୋଇଗଲାଣି ।

ଶ୍ୟାମସୁନ୍ଦର ରାଜଗୁରୁ ତାଙ୍କର ପ୍ରବନ୍ଧାବଳିରେ ୭୬ ଗୋଟି ଓଡ଼ିଆ ଅବ୍ୟୟ ଓ ସେମାନଙ୍କର ଆଦି ସ୍ଥଳ ଅର୍ଥାତ୍ ଆଦିମୂଳ ଭାଷାର ବିବରଣୀ ଦେଇଛନ୍ତି । ଅନ୍ୟ ଏକ ସ୍ଥଳରେ ଉକ୍ତ ବହିରେ ସେ ବିଭକ୍ତିଗୁଡ଼ିକର ଯେଉଁ ଜନ୍ମ ଜାତକ ତିଆରି କରିଛନ୍ତି ସେଥିରେ ସେ ସେଗୁଡ଼ିକୁ ପ୍ରାକୃତରୁ ଆମଦାନୀ ବୋଲି ଦର୍ଶାଇଛନ୍ତି । ତାଙ୍କର ଗଣନା ଅନୁସାରେ ଓଡ଼ିଆ ଅବ୍ୟୟ ଗୁଡ଼ିକ ଅଧିକାଂଶ ପ୍ରାକୃତରେ ତତ୍-ସମ । ଲକ୍ଷ୍ୟ କରିବାର କଥା ଯେ ଏଥିରେ 'ଏବଂ'ର ନାମ ନାହିଁ । 'ଯଦିଓ', 'ସତ୍ତ୍ୱେ' ପ୍ରଭୃତି ଯେଉଁ ଅବ୍ୟୟ ଗୁଡ଼ିକ ଗୋପବନ୍ଧୁଙ୍କ ପରେ ଓଡ଼ିଆ ଗଦ୍ୟରେ ପ୍ରବେଶ କରିଛି ସେଗୁଡ଼ିକ ଏଠାରେ ଦିଆଯାଇ ନାହିଁ ।

Digitized by srujanika@gmail.com

ବଳରାମ ଦାସଙ୍କର ରାମାୟଣ ଓ ଅନ୍ୟାନ୍ୟ ପ୍ରାଚୀନ ପୁସ୍ତକରେ କର୍ମ କାରକରେ 'କଇ' ଯେଭଳି 'କୁ' ରେ ପରିଣତ ହୋଇଛି ଓ ଏହି 'କୁ' ଯେ ତେଲଗୁ ତୁତୁକ ଷଷ୍ଠୀର 'କୁ' ନୁହେଁ ଏକଥା ଶ୍ୟାମସୁନ୍ଦର ରାଜଗୁରୁ ଦେଖାଇଛନ୍ତି । ଏହି 'କୁ' ଓଡ଼ିଆରେ ପ୍ରଶସ୍ତ । ତାହାଛଡ଼ା –

'କୋଇଲି ଲୋ ଖାଇବାକୁ ଘରେ ନାହିଁ ଦାନା

ଖାଲି ପେଟେ କେତେ କାଳ ଦେବା ଓଦା କନା ଲୋ କୋଇଲି ।'

ଏଠାରେ 'ଖାଇବାକୁ ଦାନା ନାହିଁ ।' 'ଯେସାକୁ ତେସା' । 'ଯିବାକୁ ବାଟ ନାହିଁ ।' ଇତ୍ୟାଦି ଓଡ଼ିଆ ଭାଷାରେ ବିଶିଷ୍ଟ ପ୍ରୟୋଗ ।

ଓଡ଼ିଆରେ 'ତୋତେ' ଓ 'ମୋତେ' 'ତୁକୁ' 'ମୁକୁ' ବୋଲି ଲୋକ ସାଧାରଣରେ ଚଳେ । ସାଧୁକୃତ ପଣ୍ଡିତିଆ ଓଡ଼ିଆରେ ତୋତେ ଓ ମୋତେ ହୋଇଗଲା ପରେ ଏବେ ସରେଇକଳା ଖରସୁଆଁ ପ୍ରଭୃତି ଉତ୍ତର ଉପାନ୍ତ ଅଞ୍ଚଳରେ 'ତୋକେ' 'ମୋକେ' ଭଳି ଚଳୁଛି ।

ଦ୍ୱିତୀୟା ବିଭକ୍ତିରେ 'କଇ', ବହୁବଚନ ଦ୍ୱିତୀୟାରେନ୍ତ, ଏବେ ଓଡ଼ିଆ ପ୍ରୟୋଗରେ (ଫକୀରମୋହନଙ୍କ କାଳରୁ) ଚଳୁନାହିଁ । କିନ୍ତୁ ଓଡ଼ିଆ ପ୍ରାଚୀନ ଗଦ୍ୟ ସାହିତ୍ୟ 'ରୁଦ୍ରସୁଧାନିଧି'ରେ ସେ କାଳେ (ବୋଧହୁଏ ସାରଳା ଦାସ ଓ ବଳରାମ ଦାସଙ୍କ ମଧବର୍ତ୍ତୀ କାଳରେ) ଦ୍ୱିତୀୟା ବହୁ ବଚନରେ 'ନ୍ତ'ର ବ୍ୟବହାର ଥିଲା ।

'ଅବଶ୍ୟ ପଚାରିବେ ଏ ପୁତ୍ରକଇ ଦେଖି' – ବଳରାମ ଦାସ

'ଲକ୍ଷ୍ମଣଙ୍କର ଏହି ପ୍ରକାରେ ବିଦ୍ୟା କହି' –

'ପୁତ୍ରନ୍ତ କୋଳେ ନେଇ ବୋଇଲେ ମୁନି ଶ୍ରେଷ୍ଠ' – ସାରଳା ଦାସ

'ବ୍ୟାସଙ୍କର କୋଳେ ନେଇ ଦେଲେ ସେ ଦୁହିନ୍ତି' –

"ଅନେକ ଚମତ୍କାରମାନନ୍ତ ହିଁ କଲା । ଚାମରମାନଙ୍କୁ ମଣ୍ଡନ୍ତେ କି ପର୍ବତେ ଚାମରୀମାନେ ଲାଞ୍ଜ ବାହାରକୁ ଦେଖାଉଛନ୍ତି ।"

– ରୁଦ୍ରସୁଧାନିଧି

ପଞ୍ଚମୀ ବିଭକ୍ତିରେ ହୁଁ, ତହୁଁ ପ୍ରତୀୟ ଏବେ ବି ଖୁବ୍ ବିରଳ ନୁହେଁ : –

'ତାହୁଁ ତାହୁଁ ରଥୀମାନେ ହାରିଗଲେ ।'

'ମୋ ତହୁଁ ଡେଙ୍ଗା, ରାମ ଖାଡେଙ୍ଗା ହେବ ବୋଲି ମନେ ପାଉଥିଲା ।'

Digitized by srujanika@gmail.com

ଏବେ ବି ସମ୍ବଲପୁର ଅଞ୍ଚଳରେ 'ହାଦେ' 'ଏ ହାଦେ'ର ପ୍ରୟୋଗ ଅଛି । ରୁଦ୍ର ସୁଧାନିଧିରେ ଏହି 'ହାଦେ' 'ଏ ହାଦେ'ର ପ୍ରୟୋଗ ବହୁଳ ଭାବରେ ଦେଖାଯାଏ । ଯଥା –

"ହେ ମିତ୍ର ହାଦେ ଏ ମାୟା ଅନ୍ତ କରି ନୁହଇ ।

ଏମନ୍ତ ବୋଲି ହାଦେ ବିଷ୍ଣୁ ପୁରାଣ କହଇ ।

ତୁ ହାଦେ କିଛି ହିଁ ନ ବିଚାର ।"

ପଞ୍ଚଦଶ ଶତାବ୍ଦିରେ

ପଞ୍ଚଦଶ ଶତାବ୍ଦିର ଓଡ଼ିଆ ଗଦ୍ୟ ଭିତରେ ଓ ଆଜିର ଗଦ୍ୟ ଭିତରେ ପାଞ୍ଚଶହ ବର୍ଷର ବ୍ୟବଧାନ । ଏହି ପୁରାତନ ଗଦ୍ୟ ଲେଖାର ପ୍ରଶସ୍ତ ଉଦାହରଣ ରୁଦ୍ର ସୁଧାନିଧି । ଏଥିରେ କେତୋଟି ବଛା ବଛା ଉଦାହରଣରୁ ଜଣାପଡ଼ିବ ଯେ ଆଜି ଯାହାକୁ ଆମେ ପ୍ରାଦେଶିକତା (ଗଞ୍ଜାମୀ, ବାଲେଶ୍ୱରୀ, ସମ୍ବଲପୁରୀ,) ବୋଲି ମନେ କରୁଛୁଁ ତାହା ସେ କାଳରେ ଖାଣ୍ଟି ଓଡ଼ିଆ ଭାଷା ଥିଲା । ତେଣୁ ରାଧାନାଥ, ଫକୀରମୋହନ ଓ ଗୋପବନ୍ଧୁଙ୍କ କାଳରେ ନୂତନ ସଂସ୍କାର, ବିଜ୍ଞାନ ଓ ପରିପାର୍ଶ୍ୱର କାରଣରୁ ଭାଷା ଯେତେବେଳେ ମାର୍ଜିତ ହେଲା ସେତେବେଳେ ଉପାନ୍ତ ଅଞ୍ଚଳର ଲୋକମୁଖରେ ପ୍ରାଚୀନ ଓଡ଼ିଆ ଗଦ୍ୟ ପୂର୍ବ ବିଶୁଦ୍ଧତା ବଜାୟ ରଖି ରହି ଯାଇଛି । ଯଥା –

"ସେ କୁମର **ବୋଇଲା** । ମୁଁ ଆଉ ବହୁତ ବେଳ କଥା କହି ନ ପାରଇ । ଗର୍ଭନିଦ୍ରା ମୋତେ ପୁନଃ ପୁନଃ **ଆକଷୁ** ଅଛି । ତୁ ଅଛକେ **ଶୁଣୁ** । ଯହୁଁ ତୁ ବଡ଼ ଦୁଃଖୀ ଅଟୁ **ହାଦେ** କଉଣସି ମାୟାରେ ଇନ୍ଦ୍ର ପଦ ପାଇ । × × × × କଉଣସି ମାୟାରେ ଶୂନ୍ୟରେ ଯାଉଥାଇ । କଉଣସି ମାୟାରେ ଦିବ୍ୟ ବିମାନରେ ଚଢ଼ିଥାଇ ଇନ୍ଦ୍ର ପ୍ରାୟେ ହୋଇ ଐଶ୍ୱର୍ଯ୍ୟ-ମାନନ୍ତ ଭୋଗ କରୁଥାଇ । କଉଣସି ମାୟାରେ ସହସ୍ରେ ଲୁଣ ବାରତା ଜାଣଇ । କେତେ କହିବା ଅନନ୍ତ ପ୍ରପଞ୍ଚମାୟା, ଦେବତା ମାନଙ୍କୁ ଅଗୋଚର ଅଟଇ । ଈଶ୍ୱର ଅତିରେକ କରି ଯେଉଁ ଜୀବକୁ ଅନୁଗ୍ରହ କରିବ ।"

ଏଠାରେ ଦେଖିବାର କଥା ଗଞ୍ଜାମର ଖଲିକୋଟ ଓ ପୁରୀର ବାଣପୁର ଅଞ୍ଚଳରେ ନିତ୍ୟପ୍ରବୃତ୍ତ ବର୍ତ୍ତମାନରେ 'ଯାଉଁଥାଏ' 'ଚଢ଼ିଥାଏ' ଇତ୍ୟାଦି ମୂଳରେ 'ଯାଉ ଥାଇ' 'ଚଢ଼ିଥାଇ'ର ପ୍ରୟୋଗ ଲୋକମୁଖରେ ବେଶ୍ ପ୍ରଶସ୍ତ । 'ପ୍ରପଞ୍ଚ' ଶବ୍ଦ ତେଲୁଗୁରୁ ଯେ ଆସିଛି ବୋଲି ଗଞ୍ଜାମ ଓଡ଼ିଆକୁ ପ୍ରାଦେଶିକତା ଆଖ୍ୟା ଦିଆଯାଏ ତାହା ଠିକ୍ ନୁହେଁ । କାରଣ ରୁଦ୍ର ସୁଧାନିଧିରେ 'ପ୍ରପଞ୍ଚ' ଶବ୍ଦ ଆଧୁନିକ 'ସଂସାର' ବା 'ଦୁନିଆ' ଅର୍ଥରେ ବାରମ୍ବାର ବ୍ୟବହୃତ ହୋଇଥାଏ ।

Digitized by srujanika@gmail.com

ବିମ୍ସ ସାହେବ ଆକ୍ଷେପ କରିଥିଲେ "ଓଡ଼ିଶାର ସ୍ଥାନୀୟ ପଣ୍ଡିତମାନେ ଆପଣାର ମାତୃଭାଷାକୁ ଉନ୍ନତ କରିବା ଅଭିପ୍ରାୟରେ ଗୁଡ଼ିଏ ସଂସ୍କୃତ ଶବ୍ଦ ପୁନଃପ୍ରଚଳନ ପାଇଁ ଲାଗିଛନ୍ତି । ଏହା ଦୁର୍ଭାଗ୍ୟର କଥା । ବରଂ ସେମାନେ ଆପଣାର ସମସାମୟିକ କାଳରେ ବ୍ୟବହୃତ ଶବ୍ଦ ଗୁଡ଼ିକୁ ନେଇ ଭାଷାର ପ୍ରକରଣ ଠିକ୍ କରିଥାନ୍ତେ ସିନା । ସେମାନଙ୍କର ଏଭଳି ଅଠିକଣା ପରିଶ୍ରମ ପ୍ରୟୋଗ ଫଳରେ ଭାଷାର ଗୋଟାଏ ଖାପ ଛଡ଼ା ବର୍ଣ୍ଣଶଙ୍କର ରୂପ ପ୍ରକଟିତ ହେଉଛି । ତାହାର ଗୋଟିଏ ଅଂଶ ଯଥା ବିଶେଷ୍ୟ ଓ ସମାସ ଭିତରେ ବିଶେଷ-ପଦୀୟ ଅଂଶ ସାଧୁକୃତ ଶାସ୍ତ୍ରୀୟ ସଂସ୍କୃତ ଭାଷା ହୋଇଯାଉଛି ଓ ଅନ୍ୟ ଭାଗଟା ଯଥା ବିଭକ୍ତି ଓ ସଂଯୋଜକ ଅଂଶ ଗୁଡ଼ିକ ଅତି ଅଚଳା ରୂପରେ ରହିଯାଉଛି ଓ ସେଗୁଡ଼ିକର ବର୍ଣ୍ଣ ପ୍ରକରଣର କୌଣସି ଠିକ୍ ଠିକଣା ରହୁ ନାହିଁ ।

(ତୁଳନାତ୍ମକ ବ୍ୟାକରଣ ୨ଖଣ୍ଡ ପୃଷ୍ଠା ୩୩୯)

ଏହି ଆକ୍ଷେପ ସୂଚନା ଅତ୍ୟନ୍ତ ସ୍ପଷ୍ଟ । ଏହି ଆକ୍ଷେପ ଯେ ଯଥାର୍ଥରେ ସତ୍ୟ ତାହାର ପ୍ରମାଣ ପାଇଁ ପୂର୍ବେ କ'ଣ ଥିଲା ଫକୀରମୋହନ ଓ ଗୋପବନ୍ଧୁ ଦାସ କ'ଣ କରିଥିଲେ ଓ ମଧୁସୂଦନ, ଚନ୍ଦ୍ର ମୋହନ , ବିଶ୍ୱନାଥ କର ପ୍ରଭୃତିଙ୍କର ସାଧୁକୃତ ଓଡ଼ିଆ କି ଭଳି ପ୍ରଭାବ ପକାଇଥିଲା ଓ ଶେଷରେ ଏ ସମସ୍ତ ପ୍ରଭାବ ଓ ପ୍ରତି-ପ୍ରଭାବର ଫଳ କ'ଣ ହୋଇଛି ? ଏକଥା କେବଳ ଉଦାହରଣରୁ ସୂଚନା ଦେବା ଦରକାର । ଆଲୋଚନା କଲେ ଗହଳ ଗୋଳକ ଧନ୍ଦା ଓ କନ୍ଦଳ ।

Digitized by srujanika@gmail.com

ଓଡ଼ିଆ ଗଦ୍ୟର ପ୍ରବୃତ୍ତି

'ରୁଦ୍ର ସୁଧାନିଧି' ଆଜିକୁ ପାଞ୍ଚଶହ ବର୍ଷ ତଳର ଲେଖା । ଏଥିରୁ କେତୋଟି ଗଦ୍ୟାଦର୍ଶ ଏଠାରେ ନମୁନା ରୂପେ ନିଆଯାଇଛି । ଏଥିରୁ କେତେକାଂଶ ସଂସ୍କୃତ ଶବ୍ଦ, କେତେକାଂଶ ଓଡ଼ିଆ ଶବ୍ଦ ଥିଲା ଓ ଏଥିରେ ପ୍ରୟୋଗର ଧାରା କିପରି ଥିଲା ତାହା ଲକ୍ଷ୍ୟଣୀୟ ।

(୧) ତକ୍ଷଣେ ସୂପକାରମାନେ ଠା କରାଇ ଚଉରାଶି ପ୍ରକାରେ ମଣୋହି କରାଇଲେ । ତଦନନ୍ତର ସ୍ତ୍ରୀମାନେ ଚାମର ଆଲଟ ଧରି ନୃତ୍ୟ କରିବାରେ ଲାଗିଲେ । ପଲଙ୍କରେ ଯୋଗୀ ବିଜେ କରିଅଛି । ଦୁଇ ମିତ୍ର ତ ଅନ୍ୟ ପଲଙ୍କ ଗୋଟିକେ ବସି ଅଛନ୍ତି । ପୁଣ ପୁଣ କରି ବିଚାରୁ ଅଛନ୍ତି ମନେ ମନେ । ରାଜ୍ୟ ନ ପୁଣ ଘେନଇ ମାୟା ପ୍ରକାରେ । ଏହାର ତଥ୍ୟ ଜାଣି ନୁହଇ । ପୁଣି ବିଚାରିଲେ ଏ ଯୋଗେନ୍ଦ୍ରମାନଙ୍କୁ ରାଜପଦ ସରି ନୁହଇ । ଏ ସମ୍ପଦକୁ ଚାହିଁଲେ ରାଜପଦ ଦରିଦ୍ର ସିନା । ଏମନ୍ତେ ଦୁଇ ମିତ୍ର କଥା ହୁଅନ୍ତେ ଯୋଗୀ ବୋଇଲା ବାବା ଆମ୍ଭ ଆଶ୍ରମ ଏହିଠାରେ ଏଠାକୁ ତୁମ୍ଭେ ଆସୁଥିବ । ସିଦ୍ଧଗଣ ପରାଏ ଦିଶୁଥିବ । ଉଲ୍ଲାସ ପାଇ ହସୁଥିବ । ପୂର୍ବ କର୍ମାଦି ଦୋଷ ନାଶୁଥିବ । ଏବେ ତୁମ୍ଭେ ବିଜେ କରି ଯାଅ । ନଗରେ ପ୍ରବେଶ ହୁଅ । ଶୀତଳ ମଣୋହି କରି ପଲଙ୍କରେ ଶୁଅ । ତୁମ୍ଭର ଯେବେ ଶ୍ରଦ୍ଧା ଥିବ ଏହିଠାରେ ଆମ୍ଭଙ୍କୁ ଦର୍ଶନ ପାଇବ ।

ନାରାୟଣ ଅବଧୂତ – ରୁଦ୍ର ସୁଧାନିଧି ।

(୨) ଏମନ୍ତ ମନ କଥା ଯୋଗୀ ଜାଣିଲା ଯହୁଁ ରାଜା ମହାଭୟ ପାଇ ପୂଜା କଲା ତହୁଁ । ଯୋଗୀକି ବନମାଳ ଗୋଟିଏ ହୃଦୟରେ ଲମ୍ବାଇ, ଚତୁସମ ଘସାଇ ହସ୍ତରେ ଦିବ୍ୟ ପଦାର୍ଥମାନ ଦେଉଅଛି । ଯୋଗୀ ସେହିକ୍ଷଣି ଉଲୂକ ବିଭୂତି କପାଳେ ଘଷିଲା । ଅଦୃଶ୍ୟ ହୋଇଲା । ମନରେ ସନ୍ଦେହ ପାଞ୍ଚିଲାକୁ ଅନ୍ତର୍ଦ୍ଧାନ ହୋଇଲା ବୋଲି ବୋଇଲା । କୁମର ସହିତେ ସମସ୍ତେ ହେଁ ଆକୁଳ ହୋଇଲେ । ହସ୍ତ ପ୍ରାପତ ନିଧି ଗଲା ବୋଲି ବୋଇଲେ । କାକୁସ୍ଥ ବଚନମାନ ଉଚ୍ଚାରିଲେ ଯହୁଁ ।ବିଭୂତି ପୋଛି

Digitized by srujanika@gmail.com

ରତ୍ନ ପଲଙ୍କେ ବିଜେ କଲା ତହୁଁ । ରାଜା ସହିତ ସମସ୍ତେ ହେଁ ପାଦପୂଜା କଲେ । ସ୍ୱୟଂ ଈଶ୍ୱର ବୋଲି ବୋଇଲେ । ଅନେକ ଧନ ରତ୍ନ ମାନ ଛାମୁରେ ଥୋଇଲେ । ମୁଖକୁ ଚାହିଁ ତୃଷ୍ଣୀଭୂତ ହୋଇଲେ ।

ନାରୟଣ ଅବଧୂତ-ରୁଦ୍ର ସୁଧାନିଧି

ବତ୍ରିଶ ସିଂହାସନ ଓ ଚତୁର ବିନୋଦ

(୩) ସେ ପିତୁଳୀ ହସିବା ଦେଖି ରାଜା ପଚାରିଲେ ତା କାହିଁପାଇଁ ହସିଲୁ କହ । ସେ ପିତୁଳୀ ବୋଇଲା ଭୋ ରାଜନ ଯେ ସିଙ୍ଘାସନ ବିକ୍ରମ ରାଜା ସେ ଭାଜନ । ଯେମନ୍ତେ ଶୁଣି ରାଜା ବୋଇଲେ ତାହାଙ୍କର କି ଗୁଣ ? ରାଜାର ଯେମନ୍ତ ବଚନ ଶୁଣି ପିତୁଳା ବୋଇଲା ତାହାଙ୍କର ମୁଁ ନିକି କହି ପାରଇ । ତାହାଙ୍କର କଥା ଦେଇଙ୍କୁ ଦୁର୍ଲଭ । ମୁଁ ତାହାଙ୍କର କଥା କିସ କହିବି । ଧ୍ୟାନ ପରିଗୁଣେ ତୁମ୍ଭେ ଶୁଣ । ଯେମନ୍ତ ଶୁଣି ଭୋଜ ରାଜା ବୋଇଲେ ସେ ଆମ୍ଭଠାରୁ ବଡ଼ ଦାନୀ । ଆମ୍ଭେ ଯାହା ଦେବାର କରୁ ଲକ୍ଷେ ସୁନିଆ ଦାନ ଦେଇପାରୁଁ । ରାଜାର ଏ ବଚନ ଶୁଣି ସେ ପିତୁଳୀ ବୋଇଲା ଭୋ ରାଜନ ଯେତକେ ଜାଣିଲଇଁ ତୁମ୍ଭେ ବଡ଼ କୃପଣ । ଯେତେବେଳୁ ଆପଣା ଗୁଣ କହିଲ, ତେତେବେଳୁ ଜଣିଲୁନି । ପୂର୍ବେ ଶୁଣିଅଛୁ ଆପଣା ପୁରୁଷାର୍ଥ ଆପଣେ କହିଲେ ସେ ନଷ୍ଟ । ଯେମନ୍ତ ଋଷି ବାକ୍ୟମାନ ଅଛି । ଯେତେ ଗୁଣବନ୍ତ ହେଲେ ଆପଣା ପୁରୁଷାର୍ଥ ନ କହିବ । ଯେ ରୂପେ ଶୁଣିଥାଇଁ । ଆପଣା ଗୁଣ ଯେବେ ପରକୁ କହଇ ତେବେ ସେ ବିକର୍ମ ଗୁଣରେ ଲେଖା । ତେଣୁ କରି ଆପଣାର ଗୁଣ ପରକୁ ନକହିବ । ଯେ ମାନ ଉତ୍ତମ ମାନଙ୍କର । କହିଲେ ତେଡ଼େ ନୀଚତା ହିଁ । ଯେ ପିତୁଳୀ ଏମନ୍ତ ରାଜାଙ୍କୁ କହିଲେ ।

(ଶିବ ଦାସ – ବତ୍ରିଶ ସିଂହାସନ; ଦ୍ୱିତୀୟ କଥା)

(୪)ଏହା ଦେହ ଏଡ଼େ ପୃଥୁଳ କାହିଁକି ହେଲା, ମୁଁ କାହିଁକି ଏଡ଼େ ଦୁର୍ବଳ ହେଲି । ବର୍ଣ୍ଣରେ ତ ମୁଁ ଏହା ଠାରୁ ଉଜ୍ଜ୍ୱଳ । ଚକ୍ଷୁ ହିଁ ମୋହୋର ସୁନ୍ଦର, ପକ୍ଷମାନେ ଅତି ଉତ୍ତମ, କେବଳ ଥଣ୍ଟ, ବେକ, ପାଦ ଏମାନେ ସରୁ ସରୁ ବୋଲି ଚାଲିବା ବେଳକୁ ମାନୁ ନଥିବ । ମୋର ଯେବେ ଏହାପରି ଦେହ ମୋଟା ହେବ ତେବେ ଏହାଠାରୁଁ ପ୍ରତି-ସୁନ୍ଦର ହେବି, ବକମାନଙ୍କ ଉପରେ ରାଜା ପ୍ରାଏ ଦିଶିବି । ଏବେ ଏହା ସଙ୍ଗେ ପ୍ରୀତି କରି ଏ ଯାହା ଖାଉଛି ମୁଁ ତାହା ଖାଇବି ।

(୫) ଅମୃତ ଯେ ସ୍ୱର୍ଗରେ ଅଛି ସେ କେଡ଼େ ସ୍ୱାଦ ତାହା କେହି ପାଇ ନାହିଁ । ସମସ୍ତେ କହନ୍ତି ସେ ବଡ଼ ମଧୁର, ଏମନ୍ତ କହିବାରୁ ତାହା ଖାଇବାକୁ ଲୋଭ ବଢ଼ୁଥାଇଁ । ଖାଇଲା ଠାରୁ, ଏ ରୂପେ ମଧୁର ସିନା- ଏମନ୍ତ ଜାଣି ଆଉ ତା'ଠାରେ

Digitized by srujanika@gmail.com

କି ତେତେ ଲୋଭ ହେବ ? ସେଠାରୁ ଆଶା ତୁଟିବ । ଆଶା ତୁଟିଲେ ଅମୃତ ଅନାସ୍ଥ ହେବ । ଭୋଗ ନ କରି ଥିଲାଯାକ ଆଶା ଟେକୁ ଥାଇ । ଭୋଗ କଲା ଠାରୁ ସୁଖ ଉଣା ହୁଅଇ ।

(୬) ଆଜି ନୋହିଲେ ଜୀବନ ନ ରହିବ । ନିକି ତୋ କଥା ସେ ଘେନି ନ ଥାଇଟି ? ମୋତେ ଭରସା କରି କୁହ ।

(୭)ଏଥି ଭିତରେ ଏକ ବୋହିତିଆଳ ସାଧବ ସେ ନଦୀ କୂଳେ ବୋହିତ ଖଟାଇ ରହିଥିଲା । ତା ଦୃଷ୍ଟି ବିମ୍ବା ଠାରେ ପଡ଼ନ୍ତେ ମକର ଛେଦନ ନାମେ ନାଉରିକି କହିଲା । ପିଲାଟିଏ ଭାସି ଯାଉଛି । ତୁ ନାହା ପକାଇ ତାକୁ ଆଣି ମୋତେ ଦିଏ । ମୁଁ ତୋତେ ଶହେ ଟଙ୍କା ଦେବି । ଏହା ଶୁଣି ସେ ନାଉରି ବହୁତ କଷ୍ଟରେ ଧଇଲା । ଆଣି ବୋହିତିଆଳ ସାଧବକୁ ଦିଅନ୍ତେ ସାଧବ ସେ ପିଲାକୁ ରଖି ନାଉରିକି ଶହେ ଟଙ୍କା ଗଣି ଦେଲା । ଅଗ୍ନି ତିକିଛା କରି ବହୁତ ଯତ୍ନରେ ସେ ପିଲାକୁ ବଞ୍ଚାଇଲା । × × ଶୁଣି ମାନଦତ୍ତ ଧାଇଁ ଆସି ଦେଖନ୍ତେ ବିମ୍ବାର ସଞ୍ଚାର କିଛି ନ ଦିଶିଲା । ନାବ ଘେନି ବହୁତ ଦୂରକୁ ବୋଲି ଖୋଜି ଗଲେ ଯେ କିଛି ଠଅର ନ ପାଇଲେ ।

(ଚତୁର ବିନୋଦ – ବ୍ରଜନାଥ ବଡ଼ଜେନା)

(୮) ସକାଳ ଓଳିଆ ମହନ୍ତ ମହାରାଜ ଗୋଟାଏ କାନ୍ଥୁଡ଼ା ଉପରେ ବସି ଗଞ୍ଜେଇ ଟିପୁଥିଲେ । ଦୂରକୁ ଅନେଇ ଦେଲେ ଯେ, ଗୋଟାଏ ଖୁବ୍ ଦନ୍ତା ହାତୀ ଉପରେ ଅମାରି କସା, ତା'ଉପରେ ପାଟଛତା ଉଡୁଛି, ଫୌଜଦାର ତା' ଉପରେ ବସି ଆସୁଛି । ମହନ୍ତ ମହାରାଜ ଖାଲି ଏତିକି କହିଲେ "ହୁଁ – ଚେଲ ବାବା, କାନ୍ଥୁଡ଼ା ଚେଲ ।" ଆଉ କ'ଣ କାନ୍ଥୁଡ଼ା ରହିପାରେ,ଚାଲିଲା । ତେଣୁ ଆସୁଛି ହାତୀ, ଏଣୁ ଯାଉଛି କାନ୍ଥୁଡ଼ା, ଅଧା ବାଟରେ ଭେଟା ଭେଟି । ଫୌଜଦାର ଯିମିତି ଅନାଇ ଦେଇଛି, ଆଉ କ'ଣ ହାତୀରେ ବସିପାରେ ! ଖପ୍ କରି ହାତୀରୁ ଡ଼େଇଁ ପଡ଼ି ଲମ୍ ତମ୍ ଗୋଡ଼ତଳେ ପଡ଼ିଗଲା ।

(ଫକୀର ମୋହନ – ଧୂଳିଆ ବାବା)

କେତୋଟି ତୁଳନା –

ଓଡ଼ିଆ ଗଦ୍ୟ ଭାଷାର ଆଦି କାଳରୁ ଫକୀରମୋହନଙ୍କ ପର୍ଯ୍ୟନ୍ତ ଯେଉଁ ଉଦାହରଣ ଗୁଡ଼ିକ ଏଇଠି ଦିଆଗଲା ସେ ଗୁଡ଼ିକରେ ସାଧୁକୃତ ଓଡ଼ିଆ ଶବ୍ଦ ଓ ସଂସ୍କୃତ-ନିୟମ-ଦୋରସ୍ତ ପ୍ରୟୋଗ ଖୁବ୍ କମ୍ । କିନ୍ତୁ ଫକୀରମୋହନଙ୍କ କାଳରେ ଯେଉଁ ଶୈଳୀ ଓ ଶବ୍ଦ ଯୋଜନା ମଧୁସୂଦନ ରାଓ ଓ ବ୍ରାହ୍ମ ସମାଜର ପ୍ରବକ୍ତାମାନେ ଆରମ୍ଭ

Digitized by srujanika@gmail.com

କଲେ ଓ ତାହାର ପୋଷକ ହେଲେ ବିଶ୍ୱନାଥ କର, କୁଳମଣି ଦାସ, ଚନ୍ଦ୍ରମୋହନ ମହାରଣା ଇତ୍ୟାଦି ସେହି ସମୟର ପ୍ରଭାବରେ ପଡ଼ି ପଲ୍ଲୀ କବି ନନ୍ଦକିଶୋର ବି ଠାଏ ଲେଖିଲେ –

"ଆହା ! କି ସୁନ୍ଦର, କେତକୀ ଗୌର, ତପ୍ତ କାଞ୍ଚନ ନିଭ ବର୍ଣ୍ଣ, ସ୍ୱର୍ଣ୍ଣତାଲ ସଦୃଶ ମସୃଣ ଦେହ କାନ୍ତି, ତହିଁରେ ଖେଳୁଥିବା ତରଙ୍ଗାୟିତ-ସ୍ୱପ୍ନାବେଶ ପୂର୍ଣ୍ଣ ଭ୍ରୂଭଙ୍ଗୀ, ଆକର୍ଣ୍ଣ ବିସ୍ତୃତ ନୀଳାବ୍ଜ ସଙ୍କାଶ ନେତ୍ର ଯୁଗଳ, ଅମଳ-ଗଣ୍ଡସ୍ଥଳ-ଶୋଭୀ ଚୂର୍ଣ୍ଣ-କୁନ୍ତଳ, ରକ୍ତାଭ ଅଧରୋଷ୍ଠ, ଶଙ୍ଖ ସଦୃଶ କଣ୍ଠ ।

ଅଥଚ ଏହି ଲେଖକ - କବି ଲେଖିଥିଲେ ....

ମେଘ ବରଷିଲା ଟପର ଟାପର
କେଶୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ତେଲଙ୍ଗୀ ବାଇଦ ବଜା ।

ଏଠାରେ ତୁଳନା କରାଯାଇ ପାରେ –

ଊନବିଂଶ ଶତାବ୍ଦିର ଭାରତୀୟ ନାରୀମାନଙ୍କର ଦୁର୍ଦ୍ଦଶା ଅବଲୋଚନ କରି କିଏ ବିଶ୍ୱାସ କରିବ ଯେ ଦିନେ ଏହି ଦେଶ ସମର ବିଳାସିନୀ, ମନସ୍ୱିନୀ ବୀର ବାଳାମାନଙ୍କର ବିଳାସ କ୍ଷେତ୍ର ଥିଲା । ଭାରତୀୟ ବୀର ନାରୀ ଏହି କଥାଗୁଡ଼ିକ ଆଜି ଅସାର ପ୍ରଳାପ ତୁଲ୍ୟ ପ୍ରତୀୟମାନ ହେଉଅଛି ସତ୍ୟ ମାତ୍ର ଏହା କାହାରି କପୋଳକଳ୍ପିତ ନୁହେଁ ।"

(ମଧୁସୂଦନ – ପ୍ରବନ୍ଧ ମାଳା)

ଲକ୍ଷ୍ମୀର ବିଲୋଳ କଟାକ୍ଷ, ସହାସ ମଧୁର ମୁଖ, ବୀଣା ବିନିନ୍ଦିତ ବାଣୀ ନାରାୟଣଙ୍କ ନିକଟରେ ଗଭୀର ଅପୂର୍ବ ପ୍ରହେଳିକାବତ୍ ପ୍ରତୀୟମାନ ହେଲା ।

(ନନ୍ଦ କିଶୋର ବଳ – ଲକ୍ଷ୍ମୀ)

ଗୋପବନ୍ଧୁ 'ଉତ୍କଳ ଇତିହାସ'ର ମୁଖବନ୍ଧରେ ଲେଖିଲେ –

(କ) କୃପାସିନ୍ଧୁଙ୍କ ଲିଖିତ ଉତ୍କଳ ଇତିହାସ ମୁଖବନ୍ଧ ଲୋଡ଼େ ନାହିଁ । ଇତିହାସ ଓ ପ୍ରତ୍ନତତ୍ତ୍ୱ ଆଲୋଚନାରେ କୃପାସିନ୍ଧୁ ନିଜ କାର୍ଯ୍ୟ ଓ ଗୁଣ ଯୋଗେ ସୁପରିଚିତ । ଅନ୍ୟର ସାର୍ଟିଫିକେଟ ଅନାବଶ୍ୟକ । ଏ ପୁସ୍ତକ ଲେଖିବା ପୂର୍ବରୁ 'ବାରବାଟୀ ଦୁର୍ଗ' ଓ 'କୋଣାର୍କ' ଲେଖି କୃପାସିନ୍ଧୁ ନିଜର ଯୋଗ୍ୟତାର ଅବିନଶ୍ୱର ସାର୍ଟିଫିକେଟ ହାସଲ କରିଛନ୍ତି । ଯେଉଁମାନେ ସେ ପୁସ୍ତକ ପଢ଼ିଛନ୍ତି କୃପାସିନ୍ଧୁଙ୍କ ଉତ୍କଳ ଇତିହାସ ପଢ଼ିବାକୁ

Digitized by srujanika@gmail.com

ସେମାନେ ଆକୃଷ୍ଟ ହେବେ ଏବଂ ମୋର ବିଶ୍ୱାସ ଇତିହାସ ପଢ଼ି ଶ୍ରମ ସଫଳ ମଣିବେ । ଏ ପୁସ୍ତକ ଉତ୍କଳର ସଂକ୍ଷିପ୍ତ ଇତିହାସ ମାତ୍ର । ସୁବିଶାଳ କଳିଙ୍ଗ ସାମ୍ରାଜ୍ୟର ଗୌରବାବହ ଇତିହାସ ବିସ୍ମୃତି ଗର୍ଭରେ ଲୀନ ପ୍ରାୟ । ଏ ଦିଗରେ ପ୍ରତ୍ନତତ୍ତ୍ୱର ଆଲୋଚନା ଅଧିକ ଦୂର ଅଗ୍ରସର ହୋଇନାହିଁ । ଗଲା କେତେ ବର୍ଷ ଭିତରେ ବିସ୍ମୃତି ଗର୍ଭରୁ ଯାହା ଉଦ୍ଧୃତ ହୋଇଅଛି କଳିଙ୍ଗ ରାଜ୍ୟର ବିଷୟ ଓ ବିସ୍ତୃତି ଦୃଷ୍ଟିରୁ ତାହା କିଛି ନୁହେଁ । ଏ ବିଷୟରେ ଆଲୋଚନାରେ କୃପାସିନ୍ଧୁ ଛାତ୍ର ଜୀବନରୁ ମନ ବଳାଇ ଥିଲେ, ସମୟ ସୁବିଧା ଅନୁକୂଳ ହୋଇଥିଲେ ତାଙ୍କୁ ସଂପୂର୍ଣ୍ଣ ରୂପେ ଏ କାର୍ଯ୍ୟରେ ଲଗାଇବା ମୋର ଅଭିପ୍ରାୟ ଥିଲା । ଏ ଅଭିପ୍ରାୟକୁ ନିକଟରେ ଚରିତାର୍ଥ କରିବି ବୋଲି ଭାବିଥିଲି । ମାତ୍ର ଦୈବ ସେ ସୁଖ ସୌଭାଗ୍ୟ ଦେଲା ନାହିଁ । ଭବିଷ୍ୟତରେ କୃପାସିନ୍ଧୁଙ୍କ ଠାରୁ ଯେ ବିଶାଳ ଇତିହାସର ମୁଁ ଆଶା ରଖିଥିଲି ଉପସ୍ଥିତ ଗ୍ରନ୍ଥ ତାହାର ହାତବଳା କାରିଗରି ମାତ୍ର । ଏ କ୍ଷୁଦ୍ର ପୁସ୍ତକର ଛାପା ନ ସରୁଣୁ କୃପାସିନ୍ଧୁ ଚାଲିଗଲେ । ମୋ ଆଖିରୁ ଲୁହ ଶୁଖି ନାହିଁ । ଏ ଉତ୍କଳ ଇତିହାସ ଦେଖିଲେ ମୋର ଅଧିକ କୋହ ଉଠୁଛି । ତେଣୁ ଭୂମିକା ଲେଖିବାକୁ ମୁଁ ଅକ୍ଷମ, କ୍ଷମା କରିବେ ।”

ପ୍ରଥମ ଧାଡ଼ିରେ ସମୁଦାୟ ପାରାର ଚିନ୍ତାଧାରାର ସାମାନ୍ୟ କଥନ ସରିଗଲା । ପ୍ରଥମ ଧାଡ଼ିର କଥନର ପ୍ରମାଣ ହେଲା ଦ୍ୱିତୀୟ ଧାଡ଼ି । ତୃତୀୟ ଧାଡ଼ି ସେହି ପ୍ରଥମ ଧାଡ଼ିକୁ ଆହୁରି ସ୍ପଷ୍ଟ ଭାବରେ ପାଠକ ମନରେ ଭେଦ କରି ଦେଲା । ଚତୁର୍ଥ ଧାଡ଼ି ପୁଣି ସେହି ତଥ୍ୟ ପାଇଁ ଆହୁରି ପ୍ରମାଣ ଯୋଗାଇ ଦେଲା । ତା'ପରେ ଆସିଲା 'ଉତ୍କଳ ଇତିହାସ'ର ସାର୍ଥକତା । ଏହାର ଗୁଣ-ଏହାର ସଂକ୍ଷିପ୍ତତା । ଏହା କେବଳ ହାତଗଢ଼ା କାରିଗରି କୃପାସିନ୍ଧୁଙ୍କ ଠାରୁ ଏହା ଅପେକ୍ଷା ବଡ଼ ଇତିହାସ ଆଶା କରାଯାଇଥିଲା । ମାତ୍ର "ଦୈବ ସେ ସୁଖ ସୌଭାଗ୍ୟ ଦେଲା ନାହିଁ" । ଏହା ପରେ ସାରା ପାରାଟିରେ ଶୋକଧାରାର ପ୍ରଚ୍ଛନ୍ନ ଫଲ୍‌ଗୁ ବୋହି ଯାଇଛି । ପାରା ଗଠନରେ ଏ ଲେଖା ଉଚ୍ଚ କୋଟିର ।

ଆଉ ଗୋଟିଏ ଲେଖା –

(ଖ) ସମ୍ଭୋଗ, ପ୍ରାଣୀର ନୈସର୍ଗିକ ବୃତ୍ତି (କମାର ପ୍ରୟୋଜନ ନ ଥିଲା) । ସମ୍ଭୋଗ ବିନା ସ୍ଥିତି ଅସମ୍ଭବ । ସମ୍ଭୋଗରେ ହିଁ ବାସ୍ତବ ଜଗତ୍ ସଙ୍ଗେ ମାନବର ସମ୍ବନ୍ଧ । ଏହି ସମ୍ଭୋଗରେ ହିଁ ବାସ୍ତବ ଜଗତର ମାନବ ପ୍ରାଣରେ ପ୍ରକାଶ । ସମ୍ଭୋଗ, ପ୍ରାଣରେ ଅନୁଭୂତିର ବୀଜ (କମାଅନାବଶ୍ୟକ) । ଏହି ସମ୍ଭୋଗହିଁ ବାସ୍ତବ ଜଗତରେ ସତ୍ୟ । ଅନନ୍ତ ବାସ୍ତବ ଘଟଣାରାଶି, ବିଶ୍ୱସତ୍ତା,

Digitized by srujanika@gmail.com

ବିଶ୍ୱଦେବତାଙ୍କର ବିଗ୍ରହ । (ଏଠାରେ ଅର୍ଥ ହେଲା ବିଶ୍ୱସତ୍ତାଙ୍କର ବିଗ୍ରହ ଓ ବିଶ୍ୱଦେବତାଙ୍କର ବିଗ୍ରହ । ଅନନ୍ତ ବାସ୍ତବ ଘଟଣା ରାଶି ପରେ 'କମା'ର ପ୍ରୟୋଜନ ନାହିଁ । ଗୋଟିଏ 'ହିଁ' ଅନନ୍ତ ବାସ୍ତବ ଘଟଣା ରାଶି ପଛରେ ଲାଗିଥିଲେ ଭାବପ୍ରକାଶ ସ୍ପଷ୍ଟ ହୋଇଥାନ୍ତା) ଅନୁଭୂତିର ଅନନ୍ତ ବିତାନରେ ମାନବ ପ୍ରାଣରେ ସେହି ବିଶ୍ୱସତ୍ତାର ବିକାଶ; ଏବଂ ସମ୍ଯୋଗ ବିନା ସେହି ଅନୁଭୂତି ଅସମ୍ଭବ । ('ସେମିକୋଲନ୍' ସ୍ଥାନରେ ପୂର୍ଣ୍ଣଚ୍ଛେଦ ଆହୁରି ଉପଯୁକ୍ତ ହୋଇଥାନ୍ତା') ଭଗବାନ ଶ୍ରୀକୃଷ୍ଣ ସ୍ପଷ୍ଟ ଆଭାସ ଦେଇଛନ୍ତି । "ଶରୀର ଯାତ୍ରା ପିଚତେ ନ ପ୍ରସିଦ୍ଧ୍ୟେନ୍ କର୍ମଣଃ" ଅର୍ଥାତ୍ କର୍ମ ବା ବାସ୍ତବ ଜଗତ୍ ସହିତ ସମ୍ପର୍କ ବିନା ଶରୀରୀର ଶରୀର ଯାତ୍ରା ଚଳିବ ନାହିଁ । ଭୌତିକ ବିଗ୍ରହ ବା ଜଡ଼ ପିଣ୍ଡ ଜୀବନ ନୁହେଁ, କେବଳ ରକ୍ତ ସମ୍ପର୍କ ବଂଶ ପରମ୍ପରା ନୁହେଁ; କିମ୍ବା ପିତୃ ପୁରୁଷ ଏକ ହେଲେ ହେଁ ସର୍ବଦା ଯେ ଜାତୀୟ ଜୀବନ ଏକ ହେବ, ଏହାର କୌଣସି କାରଣ ନାହିଁ ।"

(ନୀଳକଣ୍ଠ ଦାସ – ଆର୍ଯ୍ୟ ଜୀବନ)

ଏଠାରେ ବାକ୍ୟ ବିନ୍ୟାସ ଓ ପାରା ଗଠନରେ କିଛି ଖୁଣିବାର ନାହିଁ । ଭାଷା ଦାର୍ଶନିକ ଭାଷା ତେଣୁ ସଂସ୍କୃତର ପ୍ରାଦୁର୍ଭାବ ବେଶି । ଏଭଳି ଭାଷା ଲେଖିବା ଛଡ଼ା ଉପାୟ ନ ଥିଲା ବୋଲି କହିବା ଠିକ୍ ନୁହେଁ । କାରଣ ପ୍ରାୟ ସମାନ ଚିନ୍ତା ଓ ଧାରଣା ଘେନି ଓଡ଼ିଆ ଭାଷାର ସମ୍ଭାବନା ଏଠାରେ ତୁଳନାରେ ଅଣାଯାଇ ପାରେ ଯଥା –

(ଗ) ରାଜା ମୁକୁନ୍ଦଦେବଙ୍କର ରାଜ୍ୟ ନ ଥିଲା, କ୍ଷମତା ନ ଥିଲା, ପୂର୍ବର ଅଧିକାର ବା ଗୌରବ ନ ଥିଲା । ସେ ପଣ୍ଡିତ ନଥିଲେ, ଶାସନ କରିବାକୁ ତାଙ୍କର ରାଜ୍ୟ ନଥିଲା । ଜଗନ୍ନାଥ ମନ୍ଦିରର ସେ ତତ୍ତ୍ୱାବଧାରକ କିନ୍ତୁ ସେଥିର ପରିଚାଳନା ଲାଗି ତାଙ୍କର ସାମର୍ଥ୍ୟ ନ ଥିଲା । ସାଧାରଣଙ୍କ ସଙ୍ଗେ ତାଙ୍କର ସଂସ୍ରବ ନଥିଲା । ମୋଟରେ ତାଙ୍କର ବିୟୋଗରେ ମର୍ମାହତ ହେବା ଭଳି ତାଙ୍କର କିଛି ବିଶେଷତ୍ୱ ନ ଥିଲା । ତଥାପି ପୁରୀ ଜନସାଧାରଣ ଆଜି ତାଙ୍କର ଅଭାବ ଅନୁଭବ କରୁଛନ୍ତି । ତାଙ୍କ ଲାଗି ଦୁଃଖିତ ହେଉଛନ୍ତି । କାହିଁକି ? ସେ ଜଣେ ପୁରୁଣା ଢ଼ଙ୍ଗର ଲୋକଥିଲେ । ତାଙ୍କର ଧର୍ମରେ ବିଶ୍ୱାସ ଥିଲା । ଜଗନ୍ନାଥ ମହାପ୍ରଭୁଙ୍କଠାରେ ଅଚଳା ଭକ୍ତି ଥିଲା । ତାଙ୍କର ଲୋଭ ନଥିଲା । ସେ କେବେ ମିଥ୍ୟା କହୁ ନ ଥିଲେ । ବଂଶର ପୂର୍ବ ବଡ଼ିମାରେ ଅଭିମାନ କରୁଥିଲେ ଏବଂ ଆପଣାର ବର୍ତ୍ତମାନ ଅବସ୍ଥା ଅନୁଭବ କରି ମର୍ମାହତ ହେଉଥିଲେ । ହିନ୍ଦୁ ରାଜାର ଶୌଚ ଶୁଦ୍ଧାଚାର ତାଙ୍କଠାରେ ଯେତେ ଦୂର ଥିଲା ଆଜିକାଲି ସାଧାରଣରେ ତାହା ଦେଖିବାକୁ ମିଳେ ନାହିଁ । ଗୋ-ସେବା ତାଙ୍କର ନିତ୍ୟବ୍ରତ ଥିଲା । ଏପରିକି ତାହା ନ କରି ସେ ଜଳ ଗ୍ରହଣ କରୁ ନ ଥିଲେ ।

Digitized by srujanika@gmail.com

ଦୋଷ ଯେ ନଥିଲା, ନୁହେଁ । ଦୋଷ ଦୁର୍ବଳତା ନାହିଁ କାହାର ? ବିଶେଷତଃ ରାଜବଂଶରେ । ମାତ୍ର ଲୋକେ ପୁରୀ ରାଜାଙ୍କୁ ଯେ ଚଳନ୍ତି ବିଷ୍ଣୁ ବୋଲି କହନ୍ତି ଏବଂ ଠାକୁର ରାଜା ବୋଲି ମାନନ୍ତି, ପୂର୍ଣ୍ଣ ମାତ୍ରାରେ ନୋହିଲେ ସୁଦ୍ଧା ତହିଁର ଅଂଶିକ ସମର୍ଥନ ଲାଗି ତାଙ୍କଠାରେ ସତ୍ୟ ସରଳତା ଓ ନିଷ୍ଠା ଥିଲା । ତାଙ୍କର ନାନା ଦୋଷ ତ୍ରୁଟି ସତ୍ତ୍ୱେ ଆମ୍ଭେମାନେ ତାଙ୍କୁ ଶ୍ରଦ୍ଧା ଆଦର ଓ ଭକ୍ତି କରୁଥିଲୁଁ । ଦେଶବାସୀଙ୍କର ମଧ୍ୟ ତାଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା ସମ୍ମାନ ଥିଲା ।

(ଗୋପବନ୍ଧୁ – ସମାଜ ୨୦/୨//୨୬)

ପାରା ଆରମ୍ଭରୁ ଯୁକ୍ତି ଗୁଡ଼ିକର ମୁଣ୍ଡି ମଳା 'ମୋଟରେ ତାଙ୍କ ବିୟୋଗରେ ମର୍ମାହତ ହେବା ଭଳି ତାଙ୍କର କିଛି ବିଶେଷତ୍ୱ ନଥିଲା" ରେ ତଥାପି ...... ଏହି କେତୋଟି ଧାଡ଼ିରେ ତାଙ୍କର ଧର୍ମ ବିଶ୍ୱାସ, ସତ୍ୟବାଦୀତା, ଜଗନ୍ନାଥ ଭକ୍ତି, ନିର୍ଲୋଭତା, ବଂଶ ଗୌରବ ରେ ଗର୍ବ, ନିରହଂକାର, ଶୌଚ, ଶୁଦ୍ଧାଚାର ପାଇଁ ତାଙ୍କ ଲାଗି ଦୁଃଖର କାରଣକୁ ଉଦ୍‌ଜୀବିତ କରାଯାଇଛି ।

ବାକ୍ୟ ବିନ୍ୟାସ ଓ ପାରା ଗଠନରେ ଓ ଜଣେ ବିବଦମାନ ବ୍ୟକ୍ତିର ମୂଲ୍ୟାଙ୍କନରେ ତଉଲି କରି ଭାଷା ବ୍ୟବହାର କରିବାରେ, ଅତିରଞ୍ଜନ ଛାଡ଼ି ସଂଯମ ରକ୍ଷା କରିବାରେ ଏହି ପାରାଟି ଏକ ସାର୍ଥକ ସୃଷ୍ଟି ।

'ଗୁରୁଚାଣ୍ଡାଳ ଦୋଷ'

(ଘ) ସେ କାଳର ଗଦ୍ୟ ସାହିତ୍ୟରେ ଏକ ପକ୍ଷରେ ଫକୀରମୋହନ ଓ ଅନ୍ୟ ପକ୍ଷରେ ସାଧୁକୃତ ଭାଷାର ଯେଉଁ ଟଣାଓଟରା ଚାଲିଥିଲା ସେଥିରେ ଏକ ଧରଣର ତ୍ରିଶଙ୍କୁ ଶୈଳୀର ଭାଷା ତିଆରି ହୋଇଥିଲା । ଯାହାକୁ କେହି କେହି କହନ୍ତି 'ଗୁରୁ–ଚାଣ୍ଡାଳ'ଦୋଷ । ଅବଶ୍ୟ ଏଠାରେ 'ଗୁରୁ' କେହି ନୁହନ୍ତି । ସଭିଏଁ ଚାଣ୍ଡାଳ – ଓ ଚାଣ୍ଡାଳହିଁ ଜନସାଧାରଣ ! ଯଥା ....

" .... ପ୍ରତ୍ୟେକ ଘର ଛଣ ଛପର ଘୋଡ଼ି ବଂଶଦନ୍ତ ବିସ୍ତାର କରି ପ୍ରାଚୀନ ରୋଗୀ ପରି ଦଣ୍ଡାୟମାନ । ଚାଉଳ ଉବୁଜା, ଭୂଜା ଭଜା ପ୍ରଭୃତିର ମଧୁ ଆମୋଦବହ ଧୂମ୍ରରାଶିରେ ପରିବ୍ୟାପ୍ତ ହୋଇ ଗ୍ରାମଟି ଚିର ଧୂମ୍ରପାୟୀବତ୍ ପ୍ରତିଭାତ ହୁଏ । ଚୁଡ଼ାକୁଟାର ଅବିଚ୍ଛିନ୍ନ ଧୁକୁଡ଼ ଧୁକୁଡ଼ ଶବ୍ଦ ଆଗନ୍ତୁକ ହୃଦୟରେ କଳ ଚାଳନ – ମୁଖର ସହରର ସ୍ମୃତି ଜାଗରୂକ କରିଦିଏ ...." ଚିନ୍ତାମଣି ମହାନ୍ତି – ବେହେରା ଭୂଷଣ

ଅଥଚ ସେହି ଗପ 'ବେହେରା ଭୂଷଣ'ରେ ଯେତେବେଳେ ସାଧୁକୃତ ଭାଷାର ଦାପଟ ବା ନିଶା ଲେଖକଙ୍କୁ ଛାଡ଼ି ଯାଇଛି ସେତେବେଳେ ସେହି ଲେଖିଛନ୍ତି –

Digitized by srujanika@gmail.com

"ତୋତେ ଚେମି ଚେମି ବୋଲି ଡାକୁଛନ୍ତି । ବେହେରାଣି ବୋଲି ଡ଼ାକିବେ, ସେ ନାଙ୍କରା ହେବ ? ପେଟକୁ କିଏ ଖାଉ ନାହିଁ । ହାଡ଼ିଟା ଅସ୍କରା କାଢ଼ି ତ ଉପାସ ରହୁ ନାହିଁ ? ତୁ ରାଜପ୍ରସାଦୀ ପାଟଶାଢ଼ୀ ପିନ୍ଧିବୁ, ବାଉରି ହାତରେ ସୁନା କଙ୍କଣ ଝକ ଝକ ହୋଇ ଝଟକିବ, ତୁମ୍ଭେ ଦୁଇ ଜଣ ରାଢ଼ି ଜନ୍ମରୁ ଉଦ୍ଧାର ପାଇ ଯିବ, ରାଜ କଟାକ୍ଷ ପଡ଼ିଲେ ତୁ କି ଆଉ ଚୂଡ଼ା ଭାଡ଼ି ପକାଇବୁ ?"

(ଡ) ୧୮୮୦ ସାଲରେ ପ୍ରକାଶିତ ପ୍ରବନ୍ଧମାଳାରେ ମଧୁସୂଦନ ରାଓ ତାଙ୍କର 'ସୌନ୍ଦର୍ଯ୍ୟ ଓ ରୁଚି' ପ୍ରବନ୍ଧର ଶେଷ ବେଳକୁ ଲେଖିଲେ –

ଜାତି ବିଶେଷର ରୁଚି ସେହି ଜାତିର ନୈତିକ ଅବସ୍ଥାର ପରିଚୟ ପ୍ରଦାନ କରେ । ଯେଉଁ ଜାତୀୟ ଲୋକେ ପ୍ରତିଭାଶାଳୀ ବ୍ୟକ୍ତିର ସୁରୁଚି ସମ୍ଭୂତ ଗ୍ରନ୍ଥମାନଙ୍କୁ ଶ୍ରଦ୍ଧା କରନ୍ତି ସେମାନଙ୍କର ଧର୍ମନୀତି ଯେ ଉନ୍ନତ, ଏଥିରେ ସନ୍ଦେହ ନାହିଁ । ପକ୍ଷାନ୍ତରେ ଏହା ନିଃସଂଶୟ ଯେ ଯେଉଁ ଜାତୀୟ ଲୋକେ କୁରୁଚି ପ୍ରମୋଦିତ ହୋଇ ଅଶ୍ଳୀଳ ଏବଂ ଅପକୃଷ୍ଟ ଗ୍ରନ୍ଥମାନଙ୍କୁ ଆଦର କରନ୍ତି ସେମାନଙ୍କର ଧର୍ମନୀତି ଅତି ହୀନ ଅଟେ । ଦେଶର ରୁଚି ଓ ଧର୍ମନୀତି ଉନ୍ନତ କରିବା ଅତ୍ୟନ୍ତ ପବିତ୍ର କାର୍ଯ୍ୟ ଅଟେ । ଯେଉଁ ଗ୍ରନ୍ଥକାରମାନେ ଏହି କର୍ତ୍ତବ୍ୟର ଗୁରୁତା ହୃଦୟଙ୍ଗମ ନ କରି କେବଳ ଲୋକମାନଙ୍କର ନୀଚ ଆମୋଦ ପ୍ରକୃତି ପରିତୃପ୍ତ କରିବା ପାଇଁ ଯତ୍ନବାନ୍ ହୁଅନ୍ତି, ଯେଉଁମାନେ ଲୋକମାନଙ୍କର କଳ୍ପନା ସମକ୍ଷରେ କୁତ୍ସିତ ଚିତ୍ରମାନ ଉପସ୍ଥାପିତ କରି ହୃଦୟର ବିକୃତ ଭାବମାନଙ୍କୁ ଉତ୍ତେଜିତ କରନ୍ତି, ସେମାନେ ଦେଶର ପରମ ଶତ୍ରୁ ଅଟନ୍ତି ।"

ଏହି ଗଦ୍ୟ ଲେଖାରେ ସର୍ବନାମ ଓ କ୍ରିୟା ପଦ ଛଡ଼ା ବାକୀ ପ୍ରାୟ ସବୁ ସଂସ୍କୃତ ଶବ୍ଦ । ଏଥିଭିତରୁ ଅବଶ୍ୟ ଅନେକ ଶବ୍ଦ ଓଡ଼ିଆ ଲୋକେ ଆପଣାର କଥିତ ଭାଷାରେ ମିଶାଇ ନେଇଲେଣି, କିନ୍ତୁ ଏହି ଲେଖା ପଢ଼ିଲେ ଏହାର ଧ୍ୱନିରୁ ଏହା 'ସାଧୁକୃତ' ଭାଷା ବୋଲି ଜଣାପଡ଼େ ।

ସେଥିପାଇଁ ଗୋପବନ୍ଧୁ ଲେଖିଥିଲେ –

"ସାଧାରଣ ଓଡ଼ିଆ ଲୋକେ ବହୁ ସଂଖ୍ୟାରେ ନିରକ୍ଷର । ଯେଉଁମାନେ ବା ସାକ୍ଷର ସେମାନେ ସେହି ପୁରାତନ ମୌଳିକ ଭାଷା ବୁଝନ୍ତି । ତେଣୁ ବିଷୟକୁ ସେମାନଙ୍କର ବୋଧଗମ୍ୟ କରାଇବା ପାଇଁ ଯେତେଦୂର ସମ୍ଭବ ସେମାନଙ୍କ ଭାଷାରେ ବ୍ୟକ୍ତ କରିବା ଉଚିତ ।

ପରର ସାହିତ୍ୟ କଦାପି ଜାତୀୟ ସାହିତ୍ୟ ହୋଇ ନପାରେ । ତାହାର ବାଣୀ ପ୍ରାଣରେ ବାଜେ ନାହିଁ । ତାହା ସାଧାରଣ ଲୋକେ ଆମୋଦ ପାଇଁ ପଢ଼ନ୍ତି ।

Digitized by srujanika@gmail.com

ବଙ୍ଗଳାଦିର ଅନୁକରଣରେ ଯେଉଁ ଓଡ଼ିଆ ସାହିତ୍ୟ ଗଢ଼ା ଯାଉଛି ତାହା ପ୍ରକୃତ ସାହିତ୍ୟ ନୁହେଁ । ଲକ୍ଷ୍ମୀ ଅନୁକରଣରେ ପ୍ରୀତ ହୋଇପାରନ୍ତି, କିନ୍ତୁ ସରସ୍ୱତୀଙ୍କୁ ଆୟତ୍ତ କରି ନିଜର ନକଲେ ସେ ବର ଦିଅନ୍ତି ନାହିଁ ।

ଓଡ଼ିଆ ଜାତିର ହୃଦୟର ଭାବ ବୁଝିବା ଲାଗି ଯୋଗୀ ଭିଖାରୀଙ୍କ ଗୋବିନ୍ଦଚନ୍ଦ୍ର ଗୀତ ଶୁଣିବାକୁ ହେବ । ବିଲର ଚଷାର ହଳ ପଛେ ପଛେ ଯିବାକୁ ହେବ । ଗୋରୁ ଗୋଠରେ ଗଉଡ଼ର ପ୍ରାଣର ବାଣୀ ମିଶାଇ ଏକତାନରେ ବଂଶୀ ବଜାଇବାକୁ ହେବ । ଗ୍ରାମ ଭାଗବତ ଘରେ ଘୋଷୀ ମେଳରେ ଜଗନ୍ନାଥ ଦାସଙ୍କ ଭାଗବତ ପଦର ଦୁଆ ଧରିବାକୁ ହେବ ।"

(ଗୋପବନ୍ଧୁ – ସତ୍ୟବାଦୀ ମାସିକ ପତ୍ରିକା)

(ଚ) ସତ୍ୟବାଦୀ ଯୁଗର ଦାର୍ଶନିକ ଓ ଭାବଗର୍ଭକ ଭାଷା ବି ମଧୁସୂଦନଙ୍କର ଭାଷାଠାରୁ ବାରି ହୋଇପଡ଼େ । ଶବ୍ଦ ଯୋଜନା, ବାକ୍ୟବିନ୍ୟାସ ଓ ତରଳ ଝଙ୍କାର ଯୋଗୁଁ ଏହି ଭାଷା କ୍ଲିଷ୍ଟ ବା ଗମ୍ଭୀର ନୁହେଁ । ଏହା ସ୍ୱଚ୍ଛ ଓ ଭାବାନୁସାରୀ । ଯଥା –

"ପ୍ଳେଟୋଙ୍କର ଶିଷ୍ୟ ଆରିଷ୍ଟଟଲ୍ ସେହି ସ୍ୱପ୍ନ ରାଜ୍ୟରେ ଆହୁରି ଅଧିକ ଦୂରକୁ ଯାଇ ନିଷ୍କ୍ରିୟ, ନିର୍ବିକଳ୍ପ ସାଂଖ୍ୟବାଦର ପୁରୁଷ ପରି ନବ ସୃଷ୍ଟି ତତ୍ତ୍ୱ–ସମନ୍ୱିତ ନିଜର ଦର୍ଶନ–ମତ ପ୍ରଚାର କଲେ । ହୋଇପାରେ, ଏ ଦର୍ଶନବାଦ ସଙ୍ଗେ ସଙ୍ଗେ ଆରିଷ୍ଟଟଲ୍ ବାସ୍ତବୀ ଜଗତର ବିଭାଗମାନଙ୍କରେ ଚିନ୍ତା ଖେଳାଇବାର ଦେଖି, ସମାଲୋଚକମାନେ ତାହାଙ୍କୁ ସ୍ୱପ୍ନପଥର ପଥିକ ବୋଲି ବୁଝନ୍ତି ନାହିଁ ।"

(ନୀଳକଣ୍ଠଦାସ – ଆର୍ଯ୍ୟ ଜୀବନ)

ଅଥବା –

"କବି ବଡ଼ ପୁଣ୍ୟ ପଦାର୍ଥ । ସରସ୍ୱତୀଙ୍କ ପ୍ରସାଦ ଲାଭ କରି କବି ହେବା କେତେ ଜଣଙ୍କ ଭାଗ୍ୟରେ ଘଟେ ? ପୃଥିବୀରେ କେତେ ଜଣ ସେକ୍ସ୍‌ପିଅର, କାଳିଦାସ, ବାଇରନ୍, ବ୍ୟାସ, ଗେଟେ, ବାଲ୍ମୀକି, ହୋମର, ଉଆଡସ୍ – ଓ-ଆର୍ଥ, ଶେଲି ଜନ୍ମିଛନ୍ତି ? ଏମାନେ ପ୍ରତ୍ୟେକେ ଜଣେ ଜଣେ ମୂର୍ତ୍ତିମାନ କବି ।

"ଏ ଦେଶରେ ଜଣେ ପ୍ରକୃତ କବି ଜନ୍ମ ହେଲେ, ମୁଁ ଜାଣେ, ଏ ଦେଶର ଶାପ ମୋଚନ ହେବ । କବି ସକଳ ଲୋକଶକ୍ତିର ମୂଳାଧାର, ଜାତୀୟ ପ୍ରାଣ; ସେହି ପସ୍ରବଣରୁ ବାହାରି ଦେଶଯାକ ପ୍ଲାବିତ କରେ ।"

(ଗୋଦାବରୀଶ ମିଶ୍ର – ସତ୍ୟବାଦୀର ପତ୍ର)

Digitized by srujanika@gmail.com

ନୋହିଲେ –

ଭାଷାର ତୀବ୍ରତା, ମାଧୁରୀ ବା ମାଦକତାରେ ମନ ଓ ପ୍ରାଣ ଉଦ୍‌ବୁଦ୍ଧ ଓ ଉଦ୍‌ବେଳିତ ହୁଏ । ତେଜୋମୟୀ ଭାଷା ପ୍ରାଣରେ ଉତ୍ତେଜନା, ଉନ୍ମାଦନା ଓ ଉନ୍ନତ ଉଲ୍ଲାସ ସୃଷ୍ଟି କରି ଲୋକର କର୍ମକୁ ଉଦ୍ଦୀପିତ, ଜାଗ୍ରତ ଓ ସାହସିକ – ଶକ୍ତି – ସମ୍ପନ୍ନ କରିଦିଏ । ଭାଷାର ଉନ୍ମାଦନା ପ୍ରସୂତ ଭାବ – ଶକ୍ତିରେ ଲୋକ ଅସାଧ ସାଧନ କରିଥାଏ । ସେହିପରି ସ୍ନେହ ଓ ପ୍ରିତିବ୍ୟଞ୍ଜକ ଭାଷା ପ୍ରାଣ ଓ ମନକୁ ତରଳ ମଧୁରତା, ସରଳ ଓ କୋମଳ ଭାବପ୍ରବଣତା, ସର୍ବୋପରି ଅସୀମ ପ୍ରେମପୂର୍ଣ୍ଣ ଅଖଣ୍ଡ ଅତ୍ମୋତ୍ସର୍ଗରେ ଅଭିଭୂତ କରିଦିଏ । ଭାଷା ଓ ସାହିତ୍ୟ ବିନା ମାନବ ଯେପରି ମୂକ, ଜାତି ସେହିପରି ମୂକ, ନୀରସ ଓ ନିର୍ଜୀବ ହୋଇଥାଏ । ଭାଷାହିଁ ପ୍ରକୃତରେ ପ୍ରାଣ ସୃଷ୍ଟି କରେ ।

(ଗୋପବଂଧୁ ଦାସ – ଆଦର୍ଶ ଓ ଆକାଂକ୍ଷା, ସତ୍ୟବାଦୀ)

ସେ କାଳର ସମାଲୋଚନା ଭାଷା

(ଛ) ସେ କାଳରେ 'ଉତ୍କଳ ସାହିତ୍ୟ' ପୃଷ୍ଠାରେ ବିଶ୍ୱନାଥ କରଙ୍କର ସମାଲୋଚନା ଓଡ଼ିଆ ସମାଲୋଚନାର ମାନଦଣ୍ଡ ଥିଲା । ତାଙ୍କ ସହିତ ଶ୍ୟାମ ସୁନ୍ଦର ରାୟଗୁରୁଙ୍କର 'ଧ୍ରୁବ ଚରିତ' ନାଟକର 'ପ୍ରାଦେଶିକତା' ପୂର୍ଣ୍ଣ ଭାଷା ବିଷୟରେ ଏକ ବଡ଼ ବିତର୍କ ହୋଇଥିଲା । ଏହି ବିତର୍କର ଭାଷାରେ ଯୁକ୍ତି, କଟାକ୍ଷ ଓ ତୀବ୍ରତା ଯେତେ ହୋଇପାରି ଥାଆନ୍ତା ତାହା ନ ହେବାର କାରଣ 'ସାଧୁକୃତ' ଓଡ଼ିଆ ଭାଷା । ଯଥା;

ଏକ ଭାଷା ବିଭିନ୍ନ ପ୍ରଦେଶରେ ଅବସ୍ଥା ଭେଦରେ ଲୋକ ମୁଖରେ ଏବଂ ବହିଃ ପ୍ରଭାବର ସଂସ୍ପର୍ଶରେ ପରିବର୍ତ୍ତିତ ହୋଇ ଯେଉଁ ଆକାର ଧାରଣ କରିଥାଏ, ତାହା ଆମ୍ଭମାନଙ୍କ ମତରେ ପ୍ରାଦେଶିକତା । ପ୍ରତ୍ୟେକ ଭାଷାରେ ଏପରି ପରିବର୍ତ୍ତନର ଦୃଷ୍ଟାନ୍ତ ମିଳିବ । ମାତ୍ର ଲିଖିତ ଭାଷା ବା ସାହିତ୍ୟରେ ବିଶେଷ ପ୍ରୟୋଜନ ସ୍ଥଳ ଭିନ୍ନ ଏଗୁଡ଼ିକ ବ୍ୟବହୃତ ହୁଏ ନାହିଁ ଏବଂ ହେବା ଦୂଷଣୀୟ ବୋଲି ବିବେଚିତ ହୋଇଥାଏ । ପୂର୍ବ ବଙ୍ଗର କଥିତ ଭାଷା ବଙ୍ଗଳା ହେଲେ ମଧ ତାହା ଏପରି ବିକୃତ ହୋଇଯାଇଅଛି ଯେ ଅପରାଞ୍ଚଳବାସୀ ବଙ୍ଗ ସନ୍ତାନମାନଙ୍କର ଗୋଟିଏ ଆମୋଦର ବିଷୟ ହୋଇଅଛି । ମାତ୍ର ପୂର୍ବବଙ୍ଗର ଗ୍ରନ୍ଥକାରମାନେ ନିଜ ପ୍ରଦେଶର ବିଶେଷତ୍ୱ ରକ୍ଷା କରିବା ପାଇଁ ସାହିତ୍ୟରେ ତାହା ପ୍ରବର୍ତ୍ତିତ କରନ୍ତି କି ? କଲେ ଉପହାସାସ୍ପଦ ହେବେ ନାହିଁ କି ? × × × ଲିଖିତ ଭାଷାର ଗୋଟିଏ ଆଦର୍ଶ ହେବା ଉଚିତ ନୁହେଁ କି ? ତେବେ କାହାକୁ ଆଦର୍ଶ କରିବା ? ଆମ୍ଭମାନଙ୍କ ମତରେ ସର୍ବାଞ୍ଚଳ ପ୍ରଚଳିତ ଓ ସର୍ବଜନବୋଧ ବିଶୁଦ୍ଧ ଓଡ଼ିଆ ଗ୍ରାମ୍ୟ କଥା ଓ ଇଡ଼ିଅମ୍ ରକ୍ଷା କରି ଅଧିକ

Digitized by srujanika@gmail.com

ପରିମାଣରେ ସଂସ୍କୃତ ମୂଳକ ସହଜ ଶବ୍ଦମାନ ବ୍ୟବହାର କଲେ କାହାରି କୌଣସି ଆପତ୍ତି ରହିବ ନାହିଁ । କେବଳ ଗ୍ରାମ୍ୟ ଭାଷା ଦ୍ୱାରା ଯେ ବର୍ତ୍ତମାନ ସମୟୋପଯୋଗୀ ସକଳ ପ୍ରକାର ଲେଖା ଚଳି ପାରିବ, ଏପରି ଆଶା କରାଯାଇ ନପାରେ । ବିଷୟ ଭେଦରେ ଭାଷାର ମଧ୍ୟ ପ୍ରଭେଦ ଘଟିବା ଅନିବାର୍ଯ୍ୟ । କେବଳ ଘରୁଆ ବା ଗ୍ରାମ୍ୟ ଭାଷା ବ୍ୟବହାର କଲାବେଳେ କଥାଗୁଡ଼ିକର ବଳାବଳ ଓ ପ୍ରସାର ପ୍ରତି ଦୃଷ୍ଟି ରଖିବାକୁ ହେବ । ଯାହା ସମ୍ପୂର୍ଣ୍ଣ ରୂପେ ସ୍ଥାନୀୟ ଏବଂ ବିକାର ଗ୍ରସ୍ତ, ତାହା ସର୍ବଦା ବର୍ଜନୀୟ ।

(ବିଶ୍ୱନାଥ କର, ଉତ୍କଳ ସାହିତ୍ୟ, ୫ମ ଓ ୬ଷ୍ଠ ସଂଖ୍ୟା ୧୦ମ ଭାଗ)

'ଉତ୍କଳ ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କରଙ୍କର ଆଉ ଗୋଟିଏ ପ୍ରସିଦ୍ଧ ସମାଲୋଚନା ଏହି କାଳର ସମାଲୋଚନାର ଷ୍ଟାଣ୍ଡାର୍ଡ ଭାଷା ଭାବରେ ଗ୍ରହଣ କରାଯାଇଥାଏ । ଆଜିର ଓଡ଼ିଆ ଲେଖକ, ପାଠକ ଓ ଗ୍ରାହକ ଏହି ସମାଲୋଚନାର ଭାଷାରେ ଓଡ଼ିଆ 'ପ୍ରାଣରେ ବାଜିବା' ଭଳି ଭାଷା ଅଛି କି ନାହିଁ ଲକ୍ଷ୍ୟ କରିପାରନ୍ତି । ସଂସ୍କୃତ ବହୁଳତା ଏହି ଭାଷାର ବିଶେଷ ଉଲ୍ଲେଖନୀୟ ବିଭାବ ।

"ରାୟ କବି ଗମ୍ଭୀର ଓ ଉଚ୍ଚ ଭାବର ବର୍ଣ୍ଣନାରେ ଦକ୍ଷତାର ଯଥେଷ୍ଟ ପରିଚୟ ଦେଇ ଥିଲେ ହେଁ ପ୍ରେମ ଚିତ୍ର ବର୍ଣ୍ଣନା ପ୍ରତି ତାଙ୍କର ପ୍ରବଣତା ଯେ ଅଧିକ, ଏକଥା ସ୍ୱୀକାର କରିବାକୁ ହେବ । ଦୁର୍ଭାଗ୍ୟର ବିଷୟ, ଏ ପର୍ଯ୍ୟନ୍ତ ଆମ୍ଭେମାନେ ତାଙ୍କଠାରୁ ଗୋଟାଏ ଖୁବ୍ ଉନ୍ନତ ପ୍ରେମ ଚିତ୍ର ପାଇ ପାରି ନାହୁଁ । ବରଂ ବ୍ୟଥିତ ଚିତ୍ତରେ କହିବାକୁ ପଡ଼ୁଛି ଯେ ସେ ତାଙ୍କର ପ୍ରାୟ ସମସ୍ତ ନାୟକ ନାୟିକାଙ୍କ ଚିତ୍ତକୁ ଶାରୀରିକ ସୌନ୍ଦର୍ଯ୍ୟ ଓ ଇନ୍ଦ୍ରିୟ ସୁଖରେ ଅଭିନିବିଷ୍ଟ କରି ପକାଇଛନ୍ତି । ସ୍ଥଳ ବିଶେଷରେ ସେ ସୁରୁଚିର, ଏମନ୍ତ କି ସୁନୀତିର ସୀମା ଲଂଘନ କରି ଯାଇଅଛନ୍ତି । ସମାଲୋଚ୍ୟ ଗ୍ରନ୍ଥର ଶେଷ ଚିତ୍ରଟି ଏହି ଶେଷୋକ୍ତ ଶ୍ରେଣୀର ଅନ୍ତର୍ଗତ । ଏପରି ଚିତ୍ରରେ ସମାଜର ବା ଜଗତର କି ଇଷ୍ଟ ସାଧିତ ହେବ ! ଏଥିରେ କବି ସମାଜ ପ୍ରତିଷ୍ଠିତ ପବିତ୍ର ସମ୍ବନ୍ଧ ପ୍ରତି ମଧ୍ୟ ଅବଜ୍ଞା ପ୍ରଦର୍ଶନ କରିଅଛନ୍ତି । ବାସ୍ତବ ଜଗତରେ ଏପରି ଯେ ଚିତ୍ର ନାହିଁ ବା ଥାଇ ନପାରେ, ତାହା ଆମ୍ଭେମାନେ କହୁ ନାହୁଁ । ମାତ୍ର ତାହା ବୋଲି କବି ସେପରି କାଳିମାମୟ ଚିତ୍ର ଅଙ୍କନ କରି ସ୍ୱୀୟ ଲେଖନୀକୁ କଳଙ୍କିତ କରିବେ କାହିଁକି ? ସେପରି ଚିତ୍ର ଅଙ୍କନର ଯଦି ଆବଶ୍ୟକତା ଥାଇପାରେ, ତାହାର ସ୍ଥାନ ଓ ରୀତି ସ୍ୱତନ୍ତ୍ର ।

(ଉତ୍କଳ ସାହିତ୍ୟ, ୫/୩ ଆଷାଢ଼ ୧୩୦୮, ୧୯୦୧)

Digitized by srujanika@gmail.com

ଗଦ୍ୟ ଲେଖାର ବର୍ତ୍ତମାନ ପ୍ରସ୍ଥ

ଗୋପବଂଧୁଙ୍କ କାଳରୁ ଏ ପର୍ଯ୍ୟନ୍ତ ଓଡ଼ିଆ ଗଦ୍ୟ ସାହିତ୍ୟରେ ଯେଉଁ ନୂତନ ପ୍ରବାହ ଆସିଛି ତାହାକୁ ନୂତନ ପ୍ରସ୍ଥ ବୋଲି କୁହାଯାଇପାରେ । ଏହି ନୂତନ ପ୍ରସ୍ଥରେ ଭାଷା ବହୁ ପରିମାଣରେ 'ସାଧୁକୃତ' ଭାଷାର ନିଗଡ଼ ବନ୍ଧନ କାଟି ଦେଇଛି । ଏହାର ସମ୍ଭାବନା ବଢ଼ିଛି । ଗୋପବଂଧୁଙ୍କର ସାହସିକ କଥିତ ଭାଷାର ପ୍ରୟୋଗ ଦେଖି ଶୁଣି ମଧ୍ୟ ଏ କାଳର ଅଧିକାଂଶ ଗଦ୍ୟ ଲେଖକ ଓ ସାହିତ୍ୟିକ ଜାଣିଶୁଣି କଥିତ ଭାଷା ବା ସର୍ବଜନବୋଧଗମ୍ୟ ଭାଷାଠାରୁ ଆପଣାର ଭାଷାକୁ ଲକ୍ଷ୍ମଣ ତିନି ଗାରକାଟି ରଖିଥିବାର ମନେ ହୁଏ ।

ଗୋପବଂଧୁଙ୍କ ବେଳେ ଗଦ୍ୟଲେଖାର ବିଷୟବସ୍ତୁ ଥିଲା ସାଧାରଣ ବର୍ଣ୍ଣନା । ଓଡ଼ିଆ ଜାତିର ଐତିହ୍ୟ ଓ ପରମ୍ପରା, ଓଡ଼ିଆ ପତ୍ରପତ୍ରିକାରେ ବନ୍ୟା,ଦୁର୍ଭିକ୍ଷ, କାଉନ୍‌ସିଲ, ଭୋଟ, ସାହିତ୍ୟର 'ଇନ୍ଦ୍ରଧନୁ' ଓ 'ବିଜୁଳି'ର ଭଞ୍ଜୀୟ ଓ ଭଞ୍ଜପର ସାହିତ୍ୟର ଉତ୍‌କର୍ଷ ବିଷୟରେ ବାଦାନୁବାଦ ; ଓଡ଼ିଶା ଓ କଳିଙ୍ଗର ଇତିହାସ ; କିଛି କାହାଣୀ ଓ ଉପନ୍ୟାସ । ତାହା ପରେ ପରେ ଓଡ଼ିଆ ଗଦ୍ୟରେ ରାଜନୀତି, ସମାଜନୀତି, ସାହିତ୍ୟ, ବିଶ୍ୱସାହିତ୍ୟ ଓ ସୀମିତ ଭାବରେ ବିଜ୍ଞାନ ପ୍ରବେଶ କରିଥିଲା । ଏହା ଫଳରେ କି ପ୍ରଭେଦ ଘଟିଛି ତାହା ବି ଲକ୍ଷ୍ୟ କରିବାର କଥା । ଏଥି ଭିତରେ ଇଂରାଜ, ଫରାସୀ ଓ ଅନ୍ୟାନ୍ୟ ଭାଷାରେ ଆଙ୍ଗିକ ଓ ଭାଷାର ଯେଉଁ ପ୍ରୟୋଗ, ପରୀକ୍ଷା ବିଂଶ ଶତାବ୍ଦିର ପ୍ରଥମ ମହାଯୁଦ୍ଧ ପରଠାରୁ ଏଯାଏ ଚାଲିଥିଲା ତାହାର ପ୍ରତିଧ୍ୱନି ଓ ଆଘାତ ବି ଓଡ଼ିଆ ଗଦ୍ୟ ଉପରେ ପଡ଼ିଛି । ତେଣୁ କେତେ ପରିମାଣରେ 'ବୁଦ୍ଧିଜୀବୀ' ଭାଷା ବି ସାହିତ୍ୟରେ ପଶିଛି ।

ଏହି କାଳର ଓଡ଼ିଶାର ଅଧିକାଂଶ ଲେଖକ ସ୍କୁଲ କଲେଜର ବାଧ୍ୟତାମୂଳକ ଇଂରାଜି ପଢ଼ା ଓ ଇଂରାଜି ମାଧ୍ୟମରେ ବିଦ୍ୟା ଶିଖିଥିବା ପାଠପଢ଼ୁଆ ଲୋକ । ଆଗେ ରାଧାନାଥଙ୍କ କାଳରେ ଇଂରାଜି ଓ ସଂସ୍କୃତ ଉଭୟ ଭାଷାର ପ୍ରଭାବ ଓଡ଼ିଆ ଭାଷା ଉପରେ ପଡ଼ିଥିଲା । 'ସବୁଜ ସାହିତ୍ୟ'ର ରଥୀମାନେ ବଂଗଳା, ସଭ୍ୟତା ଓ ସଂସ୍କୃତି ଦ୍ୱାରା ବି ବହୁ ପରିମାଣରେ ଅନୁପ୍ରାଣିତ ହେଲେ । ତେବେ ସେ କାଳର ବଂଗଳା ବି

Digitized by srujanika@gmail.com

ଙଂରାଜି ସଙ୍ଗେ ତାଳ ଦେଇ ନପାରି ଙଂରାଜି ଧାଞ ମା ଠାରୁ ଚାଲି ଶିଖୁଥିଲା । ତାହାର ଅନୁକରଣ ଯୋଗୁଁ ସବୁଜ ଯୁଗର ସାହିତ୍ୟର ଗଦ୍ୟରେ ବଂଗଳାର 'ସବୁଜ' ଭାଷା ଗଦ୍ୟ ଲେଖକମାନଙ୍କୁ ତାଜା ତାଜା ମନେ ହୋଇଥିଲା । ତେଣୁ 'ସବୁଜ ଭାଷା' ଭିତରେ ବହୁ କୃତ୍ରିମତା ପଶିଯାଇଛି ବୋଲି ମନେ ହୁଏ ।

ଶେଷ କଥା ଜନସାଧାରଣ । ସେମାନେ ଓଡ଼ିଆ ଭାଷାଭାଷୀ **ଦୁଇଶହ ଲକ୍ଷ** । ଏମାନଙ୍କ ଭିତରେ ପ୍ରାୟ ତିରିଶ ଲକ୍ଷ ଅକ୍ଷର ପରିଚୟଠାରୁ ପଢ଼ିବା ଲେଖିବା ଓ ବୁଝିବାର ଦକ୍ଷତା ଯାଏ ବିଭିନ୍ନ ସ୍ତରର ଲୋକ ଥିବେ । ସେମାନଙ୍କ ଭିତରେ ଏହି ଗଦ୍ୟ କି ପ୍ରକାର ଆଲୋଡ଼ନ ଓ ଉନ୍ମେଷ ସୃଷ୍ଟି କରିଛି ସେଥିରୁ ହିଁ ଏହାର ସାର୍ଥକତା ବୁଝାପଡ଼େ ।

ତଳେ ଯେଉଁ ନମୁନାଗୁଡ଼ିକ ଦିଆଯାଇଛି ସେଗୁଡ଼ିକ ନମୁନା ମାତ୍ର । ଉକ୍ତ ନମୁନା ଯେଉଁ ନିର୍ଦ୍ଦିଷ୍ଟ ବିଭାଗରେ ରଖାଯାଇଛି ସେହି ବିଭାଗ ଛଡ଼ା ସେଥିରୁ ଯେ ଅନ୍ୟ ବିଭାଗର ଛାପ ନ ପଡ଼ିଛି ଯେ କଥା ନୁହେଁ । କିନ୍ତୁ ଯେଉଁ ବିଭାଗରେ ଗଦ୍ୟାଦର୍ଶଟିକୁ ରଖାଯାଇଛି ସେହି ବିଭାଗର ଛାପ ସେଥିରେ ପ୍ରଭାବଶାଳୀ ଥିବାରୁ ସେହି ବିଭାଗରେ ଏହାର ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇଛି ।

ଗଦ୍ୟ ଭାଷାର ଶହେବର୍ଷ ବା ପଚାଶବର୍ଷ ଭାଷା କ୍ଷେତ୍ରରେ ବଡ଼ କଥା ନୁହେଁ । ଅର୍ଥାତ୍ ଏଥିର ପରିବର୍ତ୍ତନ ଆଖିଦୃଶିଆ ନୁହେଁ । ଏହାର ବୈଜ୍ଞାନିକ କାରଣ ଓ ସମ୍ୟକ୍ ଆଲୋଚନା 'ଭାଷାବିଜ୍ଞାନ'ର ବିଷୟବସ୍ତୁ । ଓଡ଼ିଆ ଜୀବନଧାରାର ପ୍ରବାହ ଭାରତର ବଂଗଳା, ମରାଠି, ଗୁଜରାଟି ଓ ହିନ୍ଦି, ତାମିଲ, ତେଲୁଗୁ ଜୀବନଧାରାର ପ୍ରବାହ ତୁଳନାରେ ଅର୍ଥାତ୍ ଭାରତର କେତୋଟି ଭାଷାଭାଷୀମାନଙ୍କର ଜୀବନ ପ୍ରବାହ ତୁଳନାରେ ଶିଥିଳ, ମନ୍ଥର ଓ ଦୁର୍ବଳ । ଏହାର କାରଣ ଇତିହାସ, ସମାଜନୀତି ଓ ଆର୍ଥିକ ପରିବର୍ତ୍ତନର ମନ୍ଥରତା । ଓଡ଼ିଶା ଏପର୍ଯ୍ୟନ୍ତ ବିଶେଷକରି କୃଷି ସଭ୍ୟତା ଓ ତେଣୁ ଗାଁ ଗହଳି ସଭ୍ୟତା ଭିତରେ ବଞ୍ଚିଛି । ଏହାହିଁ ଏହି ମନ୍ଥରତା ଓ ଶିଥିଳତାର କାରଣ ।

ଭୂଗୋଳ ବି ଏହି ଶିଥିଳତା ପାଇଁ ଦାୟୀ । ଆଜକୁ ତିନିଶହ ବର୍ଷ ବା ଏକ ହଜାର ବର୍ଷ ତଳେ ବଢ଼ି, ମରୁଡ଼ି, ଦୁର୍ଭିକ୍ଷ ଯେପରି ନିୟମ ମୁତାବକ ଏହି ମାଟିକୁ ଚାଟି ଯାଉଥିଲା ଏବେ ବି ସେଭଳି ଚାଟିବାକୁ କୁଣ୍ଠିତ ହେଉ ନାହିଁ । ଏଠାରେ ପ୍ରତ୍ୟେକ ବିପର୍ଯ୍ୟୟ, ନାରଖାର, ହାହାକାର ବି ନିୟମିତ । ତେଣୁ ଏ ଭିତରେ ନବୀନତା ବା ବିଚିତ୍ରତା ନାହିଁ । ଭାରତର ଅନ୍ୟ ଅଞ୍ଚଳରେ ଯଥା ବଂଗଳାରେ ଯେପରି ଯୁଦ୍ଧ, ବିଭୀଷିକା, ଦେଶ ବିଭାଗ, ଦଙ୍ଗା, ଶ୍ରେଣୀ ସଂଘର୍ଷ ଇତ୍ୟାଦିର ପ୍ରଚଣ୍ଡ ଉନ୍ମେଷ

Digitized by srujanika@gmail.com

ଦେଖାଦେଇଛି ଓ ତେଣୁ ମନୁଷ୍ୟର ଚିନ୍ତା ଓ ସେହି ଚିନ୍ତାର ବାହନ ଭାଷାକୁ ସମସ୍ୟାର ସମ୍ମୁଖୀନ କରିବାକୁ ବାଧ କରିଛି ତାହା ଓଡ଼ିଶା କପାଳରେ ଆସି ନାହିଁ । ହୁଏତ ଭକ୍ତକବି ମଧୁସୂଦନଙ୍କ ଭାଷାରେ "ଆମ୍ଭେମାନେ ସେପରି ମହାର୍ଘ୍ୟ ବହୁଦର୍ଶିତାର ଆକାଙ୍କ୍ଷୀ ନୋହୁଁ " ବୋଲି ଚିନ୍ତା କରି କେହି ପୁରାତନ ନିଶ୍ଚିନ୍ତ ଥାଇ ପାରନ୍ତି । କିନ୍ତୁ ଏକଥା ସତ ଯେ, ଘାତ, ପ୍ରତିଘାତ ଓ ସଂଘାତ ଭିତରେ ମନୁଷ୍ୟର ଚିନ୍ତା ସମସ୍ୟା–ସଚେତନ ହୁଏ । ତେଣୁ ସେହି ଚେତନାକୁ ସମାଜ ଭିତରେ ସମାଧାନ କରିବାକୁ ଲୋଡ଼େ । ସେହି ସମାଧାନ ପାଇଁ ସାମାଜିକ ଆଦାନ ପ୍ରଦାନ ହିଁ ଭାଷା ।

ତଳର ନମୁନାଗୁଡ଼ିକୁ ମସିହା ଅନୁସାରେ କାଳଭେଦ କରାଯାଇ ନାହିଁ । ଏମାନଙ୍କ ଛଡ଼ା ଆହୁରିହଜାର ହଜାର ନିଦର୍ଶନ ବି ଓଡ଼ିଆ ଛାପାବହି ମାନଙ୍କରେ ମିଳିବ । ଏମାନଙ୍କୁ ଖାସ୍ ଗ୍ରହଣ କରାଯିବାରେ କେବଳ ନିର୍ଦ୍ଦିଷ୍ଟ ବିଭାଗରେ ସେହି ଗଦ୍ୟଲେଖାର ଆଖିଦୃଷ୍ଟିଆ ପ୍ରବଣତା ପ୍ରତି ଲକ୍ଷ୍ୟ ରଖାଯାଇଛି । ଯେଉଁ ଲେଖା ନିରୀହ, ବିବାଦଶୂନ୍ୟ ତାହା ଏଠାରେ ପ୍ରାୟ ସ୍ଥାନ ପାଇନାହିଁ ।

ଇଂରେଜ ଶୈଳୀର ପ୍ରଭାବ –

(କ) ୧ । ଜୀବନ ସହିତ ଏହି ଅବିଭାଜ୍ୟ ଯୋଗ ରକ୍ଷା କରିବା ସାହିତ୍ୟରେ କେବଳ ଯଥାର୍ଥ ନୁହେଁ, ତାହାର ଏକାନ୍ତ ସାର୍ଥକତା ।

୨ । କିନ୍ତୁ ଏହାରି ଲାଭ ଆଶାରେ ଯଦି ସାହିତ୍ୟ ସୃଷ୍ଟି କରାଯାଏ ତେବେ ତାହା ବିଶ୍ୱ ସାହିତ୍ୟ ପ୍ରତି ଦାନ **ହେବ ନାହିଁ** – ନିଦାନ ।

୩ । କିନ୍ତୁ ତାହା ମଧରେ ସୁନାର ପରିମାଣ କେତେ, ଓଜନ ଯାହାର ଭରିରେ ହୁଏ, ମହଣରେ ନୁହେଁ ।

୪ । ଆଧୁନିକ ହେବାପାଇଁ ସବୁ କ୍ୱାଲିଫିକେସନ ଦରକାର । ଟିକିଏ ଟେନିସ କି ଜିମନାଷ୍ଟିକ ଅଥବା ସାମାନ୍ୟ ମଟର ଡ୍ରାଇଭିଂ ।

୫ । ଯଥାର୍ଥରେ ଆର୍ଟ ବୁଝିବା କ୍ରୀଡ଼ାର ସାମଗ୍ରୀ ନୁହେଁ ।

୬ । ସାଧୁପୁରୁଷ ଯେ ଜଗତରେ ସବୁଠାରୁ ବେଶି ନିର୍ଯ୍ୟାତୀତ ଜେସସ୍ କ୍ରାଏଷ୍ଟଙ୍କର ପରିଣାମ ଏହାର ଜ୍ୱଳନ୍ତ ପ୍ରମାଣ । ତାହାରି ପାଇଁ ଯେ ସଂସାରର ଶିଳାବୃଷ୍ଟି ନିର୍ଦ୍ଦିଷ୍ଟ **ସେମାନଙ୍କର** ଜୀବନରୁ ହିଁ ଏହାର ଯଥେଷ୍ଟ ସାକ୍ଷ୍ୟ ମିଳେ । ଭାରତବର୍ଷର ମୁନିଋଷିମାନେ ମଧ ରାକ୍ଷସମାନଙ୍କ ଦ୍ୱାରା ଯେପରି ନିର୍ଯ୍ୟାତିତ ହେଉଥିଲେ; ପୁରାଣ ତାହାର ସାକ୍ଷ୍ୟ ଦିଏ ।

(କାଳିନ୍ଦୀଚରଣ – ସାହିତ୍ୟିକା)

Digitized by srujanika@gmail.com

(ସେମାନଙ୍କର କାହାର ସର୍ବନାମ ? ପୁରାଣ କାହାର ସାକ୍ଷ୍ୟ ଦିଏ ? ନିର୍ଯ୍ୟାତନା ବିଷୟର ?)

(ଖ) ବନସ୍ତର ପକ୍ଷୀମାନେ ଏଣିକି ଆଉ ଜନପଦର ବୃକ୍ଷଲତା ଗହଳକୁ କ୍ୱଚିତ ଆସୁଥିଲେ । କାରଣ ୧୯୪୩ ମସିହାର ସେହି ବିଳମ୍ବିତ ବସନ୍ତରେ ଏକାନ୍ତ ବିଷାକ୍ତ ହୋଇନଥିଲେ, ଫଳ ପୁଷ୍ପ ତ ନିଶ୍ଚୟ ନବୋଦ୍‌ଗତ କଅଁଳ ପତ୍ରସବୁ ମଧ୍ୟ ସର୍ବଦା ଭକ୍ଷଣ କରି ଚାଲିଥିଲେ ସୀମାହୀନ କ୍ଷୁଧାର ଏକ ଏକ ଚଳମାନ ଭୟାବହ ବିଗ୍ରହ ମାନବ ଶାବକ ବୃନ୍ଦ ।

(ମନୋଜ ଦାସ – ଅନ୍ନପୂର୍ଣ୍ଣା – (ନବପତ୍ର)

ଏ ଶୈଳୀ ଅତ୍ୟନ୍ତ ପ୍ରଚଣ୍ଡ । ଏହାର ଅର୍ଥ ବୋଧହୁଏ – ସେ ବର୍ଷର ବସନ୍ତ ଆସିଲା ବହୁ ବିଳମ୍ବରେ । ସାରା ସଂସାର ତ ଜଳି ଯାଇଥିଲା । କେବଳ ଗଛର କଅଁଳ ପତ୍ର ହିଁ ବଳିଥିଲା । ତାହାକୁ ଖାଇବାପାଇଁ ଚଢ଼େଇମାନଙ୍କ ସଙ୍ଗେ ଲାଗିଲା ମଣିଷର ଲଢ଼େଇ । ତାହାକୁ ଶେଷକରି ଅନନ୍ତ କ୍ଷୁଧାକୁ ପେଟରେ ଭରି ଭୋକିଲା ମଣିଷ ଦଳ ଚାଲିଥିଲେ ।

(ଗ) ଜାତୀୟ ଅର୍ଥନୀତିର ସକଳ କ୍ଷେତ୍ରରେ ନିରବଚ୍ଛିନ୍ନ କାରିଗରୀ ଅଗ୍ରଗତି, ରସାୟନୀକରଣ, ଯନ୍ତ୍ରପାତିର ମାନ ଓ ନିର୍ଭରଯୋଗ୍ୟତାର ବିକାଶ ତଥା ଯନ୍ତ୍ରପାତିର ଆଧୁନିକୀକରଣ; ସମନ୍ୱିତ ଯାନ୍ତ୍ରୀକରଣ ଉତ୍‌ପାଦନର ସ୍ୱୟଂତ୍ରୀକରଣ ଏବଂ ସକଳ ଶ୍ରମଜୀବୀ ଜନସାଧାରଣଙ୍କର ସାଂସ୍କୃତିକ ଓ କାରିଗରୀ ମାନଦଣ୍ଡର ବିକାଶର ଭିତ୍ତିରେ ଏହା କେବଳ ସାଫଲ୍ୟମଣ୍ଡିତ ହୋଇପାରେ ।

(କୌଣସି ଏକ ଅର୍ଥନୈତିକ ଲେଖା) ଲେଖକ – ଅଜ୍ଞାତ

ଓଡ଼ିଆ ଲୋକଙ୍କୁ ବୁଝେଇବା ପାଇଁ ବା କିଛି ସୂଚନା ଦେବା ପାଇଁ ଯଦି ଏ ଲେଖା ହୋଇଥାଏ ତେବେ ଏହାର ମୂଲ୍ୟ କଡ଼ାକର ନୁହେଁ । ଇଂରାଜି ଚିନ୍ତାକୁ ଓଡ଼ିଆରେ ଅକ୍ଷର ମିଳାଇ (ଶବ୍ଦ ମିଳାଇ ବି ନୁହେଁ) ଅନୁବାଦ କଲେ ଯେଉଁ ସନ୍ତୋଷ ମିଳେ ସେହି ସନ୍ତୋଷରେ ହିଁ ଲେଖକ ଏଠାରେ ସନ୍ତୁଷ୍ଟ !

(ଘ) ୧ । ସଙ୍ଗୀତର ଉଦାହରଣ ନେଲେ ଏକ ସ୍ୱଚ୍ଛନ୍ଦ ଐତିହ୍ୟ ସପକ୍ଷରେ ପ୍ରଧାନ ଯୁକ୍ତି ହେଉଛି କେତୋଟି ନିର୍ଦ୍ଦିଷ୍ଟ ରାଗର ଅସ୍ତିତ୍ୱ । ତାହା ପୁଣି କେତେଜଣ ଦକ୍ଷ ସଙ୍ଗୀତଜ୍ଞଙ୍କର କୃତି । ସାରା ଜାତିର ନୁହେଁ ତେଣୁ ତାହା ଖୁବ୍ ଦୁର୍ବଳ ଯୁକ୍ତି । ସେମାନଙ୍କଠାରୁ ଅଛବ ଓ ନୀଚ ଜାତୀୟ ଓଡ଼ିଆମାନଙ୍କ ଜରିଆରେ ଓଡ଼ିଶୀ ସଙ୍ଗୀତର ସୃଷ୍ଟି ବା ଉଲ୍ଲେଖଯୋଗ୍ୟ ଅଭିବୃଦ୍ଧି ଏକ ପ୍ରଣିଧାନ୍ୟ – ଯୋଗ୍ୟ ସମ୍ଭାବନା ।

(ରମାକାନ୍ତ ରଥ – 'କେତେ ଦିନର' ପୃଷ୍ଠବନ୍ଧ)

Digitized by srujanika@gmail.com

ଏହାର ଅର୍ଥ ହେଲା – ଓଡ଼ିଆର ଐତିହ୍ୟ ସଙ୍ଗୀତରେ ନାହିଁ । କେହି କେହି କେତୋଟି ଓଡ଼ିଆ ଛାନ୍ଦ ବା ଓଡ଼ିଶୀ ସଙ୍ଗୀତ କଥା ଦର୍ଶାଇ ଏଥିରେ ଆପତ୍ତି କରିପାରନ୍ତି । କିନ୍ତୁ ସେ ଛାନ୍ଦ ବା ସଙ୍ଗୀତ ତ କେତେଜଣ ଦକ୍ଷ ସଙ୍ଗୀତିଆଳିଙ୍କର କୃତି । ତାହା ସାରା ଜାତିର ନୁହେଁ । ('ତେଣୁ ତାହା ଖୁବ୍ ଦୁର୍ବଳ ଯୁକ୍ତି' ଏଠାରେ 'ତାହା' କାହାର ସର୍ବନାମ ? 'କେତୋଟି ନିର୍ଦ୍ଦିଷ୍ଟ ରାଗର ଅସ୍ତିତ୍ୱ'ର ?) ଉଚ୍ଚ ବର୍ଣ୍ଣର ଓଡ଼ିଆଏ କ'ଣ କେବେ ଓଡ଼ିଆ ସଙ୍ଗୀତର ଧାର ଧାରିଥିଲେ ? ଓଡ଼ିଆ ସଙ୍ଗୀତ କିଏ ତିଆରି କଲା ତା'ର ଅବଶ୍ୟ ଖୋଜ ନେଲେ ଜଣାପଡ଼ିବ ଯେ ଓଡ଼ିଶୀ ସଙ୍ଗୀତର ସୃଷ୍ଟିରେ ନହେଉ ପଛେ ପୁଷ୍ଟିରେ ଅଚ୍ଛବ ଆଉ ନିମ୍ନ ଜାତିର ଓଡ଼ିଆଏ ହିଁ ବେଶି ଦାୟୀ । ଉଚ୍ଚ ଜାତିର ଓଡ଼ିଆଏ ନୁହନ୍ତି ।

(୨) ତା'ଛଡ଼ା ଉନବିଂଶ ଶତାବ୍ଦିରେ ଭାରତୀୟ, ଚେତନାର ଜାଗରଣ, ଯେଉଁଥିରୁ ବହୁତ କିଛି ଆଶା କରାଯାଇଥିଲା, ପରିଶେଷରେ ତା'ର ସ୍ଖଳନ ଦ୍ୱାରା ଆମକୁ ନିରାଶ କଲା । କାରଣ ତାହା ଅତି ଶୀଘ୍ର ଏକ ଧର୍ମ ପୁନରୁତ୍‌ଥାନ ଆନ୍ଦୋଳନ ଭିତରେ ନିଶ୍ଚିହ୍ନ ହୋଇଗଲା ।

(ବାକ୍ୟଗଠନର ଧାରାରେ ଇଂରାଜି ଶୈଳୀର ପ୍ରଭାବ ସ୍ପଷ୍ଟ)

(୩) ଏ ବହି ସମ୍ବନ୍ଧରେ ଗଦ୍ୟରେ କିଛି ନ ଲେଖିବାକୁ ପ୍ରଥମରୁ ସ୍ଥିର କରିଥିଲେ ହେଁ ମୁଖ୍ୟତଃ ଦୁଇଟି କାରଣ ଯୋଗୁଁ ଏ ପୃଷ୍ଠବନ୍ଧ ଲେଖିଛି । ଯାହା ମଧ୍ୟରୁ ପ୍ରଥମ କାରଣ ଏହା ଯେ ସମ୍ଭବତଃ ମୋର ପାଠକମାନଙ୍କ ନିକଟରେ ଏହାହିଁ ସର୍ବଶେଷ; କିଛି ସମୟ ବ୍ୟାପୀ କଥାବାର୍ତ୍ତା, ଯେହେତୁ କୌଣସି ପ୍ରକାଶକ ମୋର ଦ୍ୱିତୀୟ କବିତା ସଂକଳନ (ଯଦି ତାହା କେବେ ହୁଏ) ପ୍ରକାଶ କରିବାର ଦୁଃସାହସ ପୁନଶ୍ଚ କରିବ ବୋଲି ମୋର ବିଶ୍ୱାସ ନାହିଁ । ଦ୍ୱିତୀୟତଃ କୌଣସି ପ୍ରଥମ ପୁସ୍ତକର ଲେଖକର କେତୋଟି ମୌଳିକ ପ୍ରାଥମିକ ବକ୍ତବ୍ୟର ଦାୟିତ୍ୱ ରହିଛି । ଯାହାକୁ ଏଡ଼ାଇ ଦେବା ଅସମ୍ଭବ ନ ହେଲେ ବି ରୁଚିଗର୍ହିତ । ସୁତରାଂ ଏ ପୃଷ୍ଠବନ୍ଧ, ଯାହାର ବିଷୟବସ୍ତୁ ହେଉଛି ସାହିତ୍ୟ ସୃଷ୍ଟିର କଷ୍ଟକାରିତା ।

(ରମାକାନ୍ତରଥ – ସେହି ବହି)

ଏଥିର ଅର୍ଥ ହେଲା – ପ୍ରଥମେ ମୁଁ ଭାବିଥିଲି ଏ କବିତାଗୁଡ଼ିକୁ ଠିକ୍ ସେପରି ଛାଡ଼ିଦେବି । କିନ୍ତୁ ଦୁଇଟି କାରଣ ମୋତେ ଏ ପୃଷ୍ଠବନ୍ଧ ଲେଖିବାକୁ ପ୍ରବୃତ୍ତି ଦେଲା । ପ୍ରଥମ କାରଣ, ବୋଧହୁଏ ମୋର ଏହି କବିତାଗୁଡ଼ିକ ପ୍ରକାଶ ପାଇଲା ପରେ ବୋଧହୁଏ ମୋର ଆଉ କବିତା ପ୍ରକାଶିତ ହେବ ନାହିଁ । କାରଣ ଏ କବିତାଗୁଡ଼ିକ ପ୍ରକାଶ କରିବା କୌଣସି ପ୍ରକାଶକଙ୍କୁ ପୋଷେଇବ ନାହିଁ । ଦ୍ୱିତୀୟ କାରଣ,

Digitized by srujanika@gmail.com

କୌଣସି ପୁସ୍ତକର ଲେଖକର କେତୋଟି ମୌଳିକ ପ୍ରାଥମିକ ବକ୍ତବ୍ୟର ଦାୟିତ୍ୱ ରହିଛି । ତାହାକୁ ଏଡ଼ିଯିବା ସମ୍ଭବ ହେଲେ ବି ରୁଚିସମ୍ମତ ନୁହେଁ । ତେଣୁ ଏ ପୃଷ୍ଠବନ୍ଧ, ଯାହାର ବିଷୟବସ୍ତୁ ହେଉଛି ସାହିତ୍ୟସୃଷ୍ଟିର କଷ୍ଟକର ପରିସ୍ଥିତି ।

(ଙ) ଯେଉଁମାନଙ୍କର ଚରିତ୍ର ଏବେ ସୁଦ୍ଧା ନଷ୍ଟ ହୋଇନାହିଁ ବୋଲି ଏକ ଗ୍ଲାନିକର ଖ୍ୟାତି ରହିଛି; ସେମାନେ ବି ଖୁବ୍ ଖୁସି ହୋଇଗଲେ ରାମଶଙ୍କର ବାବୁଙ୍କର ଏହି ଆକସ୍ମିକ ଅଧଃପତନରେ ।

ମହାପାତ୍ର ନୀଳମଣି ସାହୁ – କପୋତପକ୍ଷୀ ଗୁରୁ ମୋର ପଦବିନ୍ୟାସ ଅଙ୍ଗଲଗ୍ନ – ଇଂରାଜି ଶୈଳୀର ଛାପ ସୁସ୍ପଷ୍ଟ ।

(ଚ) ୧ । ଲଜ୍ଜା ବେଶ୍ୟାର ଅଳଙ୍କାର ନୁହେଁ । ତଥାପି ମାମୁଲି ସମୟ ପାଇଁ ହେଲେ ମଧ ସେ ସମ୍ମାନ ଚାହେଁ । ପବିତ୍ର ନ ହେଲେ ମଧ ଗୁପ୍ତ ନାରୀତ୍ୱର ସମର୍ପଣର ପ୍ରତିଦାନ । ପୃଥିବୀର ସମସ୍ତ ଖଣିର ସମସ୍ତ ସୁନା ମଧ ତା'ର ଯଥେଷ୍ଟ କ୍ଷତିପୂରକ ନୁହେଁ ।

(ଗୋବିନ୍ଦ ଦାସ – ଅମାବାସ୍ୟାର ଚନ୍ଦ୍ର)

ଭାଷା ଖୁବ୍ ତେଜିୟାନ୍ – ପୁର୍ତ୍ତିବାଲା ଫାଜିଲ ଭାଷା କିନ୍ତୁ ଇଡ଼ିଅମ୍ ବା ପ୍ରୟୋଗଶୈଳୀ ଓଡ଼ିଆ ନୁହେଁ, ଇଂରାଜି ।

୨ । ହଜାର ହଜାର ଚଢ଼େଇ ଆସି ସମୁଦ୍ର ଛାତିରେ ଖେଳୁ ଥାଆନ୍ତି । (ପ୍ରୟୋଗ ଶୈଳୀ ଚମତ୍କାର)

ନୀରା, ତୁମର ଅନେକ ଗର୍ବର ସାମଗ୍ରୀ ଅଛି ଇତିହାସରେ ।

(ଏହାର ଅର୍ଥ କ'ଣ) (ସେଇ ବହି)

୪ । ମୋର ଜୀବନ ଗୋଲାପ କାଠର ଚକ୍ତପୋଷ ପରି କୋମଳ ଓ ସୁଗନ୍ଧ ହୋଇ ଉଠିବ । (ସେଇ ବହି)

ଏ 'ଉଠିବ' ଓଡ଼ିଆରେ ଚଳେନାହିଁ । ତେଣୁ ଏ 'ଉଠିବ' ଉଠିବ ।

ଅତି ବୁଦ୍ଧିଜୀବୀ ଭାଷା

(କ) କ୍ରମେ ଶନିବାରର ସେ ସଂଧ୍ୟା ଯୁବତୀ ହେଲା ।

ରାତ୍ରିର ଯୌବନ ମଉଳି ଗଲାଣି ।

"ଦେଖୁଥାନ୍ତି, କାଳର ପ୍ରେକ୍ଷାଳୟରେ ଲଙ୍କା ରାଜ୍ୟ ଇତିହାସର ଗୋଟାଏ ରିଲ ।"

Digitized by srujanika@gmail.com

ଗୋଟିଏ ଅୟେଷ୍ଟର ତା'ର ବକ୍ଷ ଉନ୍ମୁକ୍ତ କରି ଟୋପାଏ ସ୍ୱଚ୍ଛ ବାରିଦ ଜଳପାଇଁ ସମୁଦ୍ର ଛାତି ଉପରେ ଅନେକ ଦିନ ଭାସି ବୁଲୁଥିଲା ।

ଦେବେନ୍ ବାବୁଙ୍କ ମୁଣ୍ଡରେ ପାଞ୍ଚଦଶଟା ଭେଟେରନାରୀ ଛୁରୀ ଚାଲିଗଲା ପରି ମନେହେଲା ।

ଦଳେ ଖାଲି ପୁରୀ ସଡ଼କରେ ସତୁରି ମାଇଲ ସ୍ପିଡ୍‌ରେ ଗାଡ଼ି ଚଳାଉଥିଲେ । ସ୍ପିଡ଼୍ୱୋ ମାନିଆକ୍ ଗୁଡ଼ାକ ।

କିନ୍ତୁ ହୁଏତ ତୁମେ ପାରନ୍ତ ମୋ ଜାତିର ପାଷ୍ଟରନିକଙ୍କର ବଂଶଧରମାନେ ବଜାର ସଉଦା ଛାଡ଼ି ଯଦି ଉଠାନ୍ତ କଲମ ।

ଏ ସମସ୍ତ ବାକ୍ୟ ଜଣେ ଲେଖକଙ୍କର ବିଭିନ୍ନ ବହିରୁ ନିଆଯାଇଛି । ଚନ୍ଦ୍ର 'ଦେଶେ ଦେଶେ' 'ମିଶ୍ର ରାଗ' ଇତ୍ୟାଦି ତାଙ୍କର ଗଦ୍ୟଭାଷା । ଓଡ଼ିଆ ଓ ଇଂରାଜି ମିଶ୍ରଣରେ ଏକ 'ମିଶ୍ର-ରାଗ' । ତାହା ଇଂରାଜି ଶିଖି ନଥିବା ଲୋକପାଇଁ ଏକାବେଳକେ ଖୁରାଣ୍ଟିଚୋବା । ଏଭଳି ଗଦ୍ୟ ବିଷୟରେ କିଛି କହିବାର ନାହିଁ । ଏହାର ଭାବପାଇଁ ଏଭଳି ଗଦ୍ୟ ବୋଧହୁଏ ଲେଖକଙ୍କର ପସନ୍ଦ ହୋଇଛି । ହେଉ, ଆପତ୍ତି ନାହିଁ । ତେବେ ଗଦ୍ୟରେ ଓଡ଼ିଆ ଶୈଳୀ କିଞ୍ଚିତ୍ ମାତ୍ର ରହିଲେ ଓଡ଼ିଆ ଭାଷା ବୋଲି ଚିହ୍ନି ହୁଅନ୍ତା । କିନ୍ତୁ, ଆହା : –

"କିଛି ପ୍ରତାରଣା ନାହିଁ, କିଛି ହିପୋକ୍ରିସି ନାହିଁ ।" "ତୁମର ଯନ୍ତ୍ରଣା ନାହିଁ, ନାହିଁ ଅନୁଶୋଚନା ।" "ତୁମ କଥା ଲେଖିଲେ ଲୋକେ ଅପବାଦ ଦେବେ ।"

(ହୋଇଥାନ୍ତା – ତୁମ କଥା ଲେଖିଲେ ଲୋକରେ ଅପବାଦ ..... ବା ତୁମ କଥା ଲେଖିଲେ ଅପବାଦ ମିଳିବ ।)

"କଲିକତା ସହରଟି ରବିବାରର ସକାଳେ ଗୋଟିଏ ସଦ୍ୟ ଜାତ ଶିଶୁପରି ମନେହୁଏ । କୋମଳ, ନିର୍ବିକାର ।"

"ଥରେ ବିଲାତର ଗୋଟିଏ କମ୍ପାନିର ପ୍ରତିନିଧି ଆସିଥିଲା । କିଛି କ୍ରକେରୀ ବିକିବା ପାଇଁ ।" "ଘୋଡ଼ା ସବୁ ପାଡ଼କ୍ ଭିତରକୁ ଆସିଗଲେଣି" ସେ ଦିନ ରେସକୋର୍ସକୁ ଆସିଲା ବେଳକୁ ଡ଼େରି ହୋଇ ଯାଇଥିଲା ।"

(ଗୋବିନ୍ଦ ଦାସ – ବିଭିନ୍ନ ବହି)

ହିପୋକ୍ରିସି, କ୍ରକେରୀ, ରେସକୋର୍ସ, ପାଡ଼କ୍ ଇତ୍ୟାଦିକୁ ଓଡ଼ିଆ ଶବ୍ଦ ଭଣ୍ଡାରରେ ପୂରାଇବା ପାଇଁ ଏବେ ବି ବାକୀ ଅଛି । ତେଣୁ ଏ ଗଦ୍ୟଭାଷା ସେତେଦିନ ଯାଏ ଅପେକ୍ଷାରେ ରହିଯିବ । ତଥାପି କହିବାକୁ ପଡ଼ିବ ଏ ଭାଷା ଖୁବ୍ ବୁଦ୍ଧିଦୀପ୍ତ !

Digitized by srujanika@gmail.com

(ଖ) ଦିଶିଯାଉଛି ନିତାର ମୁହଁ । ମୁହଁ ନୁହେଁ ମୁଖା, ନିର୍ବିକାର । ନିର୍ଲିପ୍ତ । ହେଉ ପଛେ ଖାଲଢ଼ିପ, ସତେକି ଗ୍ରାନାଇଟ୍ ପଥର । ଟେକି ହୋଇ ରହିଛି ଗୋଟାଏ କୋଣରେ । ଗୋଟିଏ ଭଂଗୀରେ ସିସାଳିଆ ଆଖି । ଆଖିପତାର ବାଳ ସରିଆସିଲାଣି । ତେଣୁ ଲାଗୁଛି ସତେ ଅବା ଅପଲକ ଆଖି । ଗ୍ରାନାଇଟ୍ ଆଖି । ନା – ୟୁରାନିଅମ୍ । ଆଦିମ ୟୁରାନିୟମ୍ । ପୃଥିବୀର ଗଢ଼େଇ ଦିନର । ହିଲିଅମ୍ ଛାଡ଼ି ଛାଡ଼ି ସିସା ପାଲଟିଲାଣି ଆଖି । ସିସା ତା'ର କପାଳ ବାଳ । ସେହି ସିସା ପଣରେ ଯଦି ଆଦିମ ପୃଥିବୀର ଆୟୁରେ କଳନା ତେବେ ନିତାର କଳନା କେତେ ?

(ଗୋପୀନାଥ ମହାନ୍ତି, ଦାନାପାଣି)

ୟୁରାନିୟମ୍, ହିଲିୟମ୍, ସିସା, – ୟୁରାନିୟମ୍ ଅଣୁ ଭାଙ୍ଗିଗଲେ ହିଲିୟମ୍ ବାଷ୍ପ ହୋଇ ଉଡ଼ିଯାଏ । ରହିଯାଏ ସିସା ଏକଥା ନ ବୁଝିଥିଲେ ଏହି ଗଦ୍ୟର ଭାଷା ବ୍ୟର୍ଥ ଓ 'ଆୟୁଷର କଳନା'ର ଅର୍ଥ ସାଧାରଣ ପାଠକ କିଛି ବୁଝି ପାରିବ ନାହିଁ ।

(ଗ) ଗୀତି କବିତା ଯେପରି ଭାବୋଚ୍ଛ୍ୱାସର ସ୍ଫଟିକାୟିକ ଅଭିବ୍ୟକ୍ତି । ଅଭିଜାତ ଶୈଳୀର ମାଧ୍ୟମରେ ଆଭିଜାତ୍ୟର ଆତ୍ମିକ ରୂପ ପରିସ୍ଫୁଟନରେ ତାଙ୍କର ପ୍ରତିଭା ଉଜ୍ଜ୍ୱଳତର ସିଦ୍ଧିର ଅଧିକାରୀ ।

(ଚିନ୍ତାମଣି ବେହେରା)

ଏ ଶୈଳୀ ବୁଝିବାରେ କାହାରି ବୋପାର କ୍ଷମତା ନାହିଁ । ବିଲକୁଲ ଅଭିଜାତ ଶୈଳୀ ! ତେଣୁ ଏହି ମୁଖବନ୍ଧ ପାଇଁ ମଧ୍ୟ ଆଉ ଏକ ମୁଖବନ୍ଧ ଲୋଡ଼ା ପଡ଼ିବ ।

(ଘ) ପ୍ରସାରିତ ଜୀବନର ନାନା ବିଚିତ୍ର ସଂଘାତ ଓ ସଂଘର୍ଷ ପରିପୂର୍ଣ୍ଣ ନାଟକୀୟ ଘଟଣା ବହୁଳତାର ମୁଖର ଆଲୋଡ଼ନରେ ସଞ୍ଜାତ ବିକ୍ଷୁବ୍‌ଧ 'ଚମକ' କୃଷି – ନିର୍ଭର ସମାଜ ସହ୍ୟ କରିପାରେ ନାହିଁ । ସେଇଥିଲାଗି ଏଠାରେ ସ୍ୱଚ୍ଛ ଘଟଣାର ମନ୍ଥର ଗତି ଭିତରେ ଗଭୀର ସମୀକ୍ଷାମୂଳକ ମନୋବୃତ୍ତି ଓ ଗଳ୍ପ ମଧ୍ୟରେ ତା'ର ସୁସ୍ଥ ପ୍ରକାଶ ହିଁ କୃଷି-ନିର୍ଭର ସମାଜରେ କଳାର ବିଶେଷ ସଂଜ୍ଞା ଓ ସଂପଦ ରୂପେ ବିଚାରିତ ହୋଇଅଛି ।

(ମହାପାତ୍ର ନୀଳମଣି ସାହୁ, ଧରା ଓ ଧାରା)

ମନେ ହୋଇପାରେ ଏଠାରେ ଏକ ଉଚ୍ଚ ଦର୍ଶନର ଭାବ ଦିଆଯାଇଛି । ଯାହାକୁ ଅନ୍ୟ ଭାଷାରେ କହିବା ଅସମ୍ଭବ । କିନ୍ତୁ କଥା ତାହା ନୁହେଁ । ବୋଧହୁଏ ଏହି ବାକ୍ୟଗୁଡ଼ିକର ଅର୍ଥ ହେଉଛି : – କୃଷିନିର୍ଭର ସମାଜ ଅତ୍ୟନ୍ତ ନିତିଦିନିଆ । ସେଥିରେ ଚମକର ଅବକାଶ ନାହିଁ । ସେଠି ଘଟଣା ଅତି ସାଧାରଣ, ତେଣୁ ନାଟକୀୟ ନୁହେଁ । ତେଣୁ ଏଠାରେ ଶିଳ୍ପକଳାରେ 'ଚମକ' ସୃଷ୍ଟି କରିବାକୁ ହେଲେ ଛୋଟ

Digitized by srujanika@gmail.com

ଛୋଟ ଘଟଣାକୁ ଗଭୀର ଭାବରେ ଦେଖିବାକୁ ପଡ଼େ ଓ ସେହି ଗଭୀର ସମୀକ୍ଷା ହିଁ ଗଳ୍ପରେ ଦେଖାଦିଏ । ତେଣୁ ଏଭଳି ସମାଜରେ ଗଭୀର ସମୀକ୍ଷା ଓ ତାହାର ଶିଳ୍ପରୂପକୁ କଳା ବୋଲି କୁହାଯାଇଥାଏ ।

(ଡ) ମନ ପ୍ରକୃତିର ଗୋଟାଏ ଶକ୍ତି । ଏହା ନିଜର ନିୟମ ମାନି ଚଳେ । ବିପ୍ଳବୀ ମନୋବୃତ୍ତି କହିଲେ, ମୁଁ ଏତିକି ବଝେ ଯେ, ଜୀବନର ବିଭିନ୍ନ ରୂପ ମଧ୍ୟରେ ଯେଉଁ ମନୋବୃତ୍ତି ଜୀବନର ଧାରା ସ୍ରୋତକୁ ରୋଧି ଦିଏ ନାହିଁ । ବିପ୍ଳବୀ ମନୋବୃତ୍ତି ସମାଜିକ ମିଥ୍ୟାଚାର ସହ୍ୟ କରେନା । ଅଦୃଶ୍ୟ ତୀରନ୍ଦାଜର, ଧନୁର, ନିକ୍ଷିପ୍ତ ମୁକ୍ତ ମନର ଶର, ନିଜର ଗତିପଥ ମାତ୍ର ଦେଖାଇଦେବ । ସେବା, ଦାସତ୍ୱର ଆରପାରିରେ ସ୍ୱାଧୀନ ବିବେକର ସ୍ୱଧର୍ମ, ସ୍ୱତନ୍ତ୍ର ଗଭୀର ନିର୍ଜନ ! ସତ୍ୟ ସଚେତନତାର, ଏହାହିଁ ଜୀବନ ବେଦ । କ୍ଷମତାଧିଷ୍ଠିତ ବଣିକ – ସ୍ୱାର୍ଥର ଆଶ୍ରୟଧୃତ ଚିନ୍ତ ସନ୍ତୋଷ ମୋତେ ବୁଦ୍ଧିଜୀବୀଙ୍କ ସଂପର୍କରେ ସଚେତ କରିଛି । ମୋର ଆତ୍ମଭିମାନୀ ସ୍ୱାଧିନତା ଓ ଯୁକ୍ତି ଅଭିମାନୀ ମାନବତା ମୋର ବିଶ୍ୱାସ ଆଦର୍ଶର ପାଥେୟ ।

(ମଧୁସୂଦନ ମହାନ୍ତି – ସ୍ମୃତଫେନରାଜି)

ଏଠାରେ ଚିନ୍ତାର ଆଡ଼ଚିରା ଏଭଳି ଏପଟ ସେପଟ ଡ଼ିଆଁ ମାରିଛି ଯେ ତାହା କେତେବେଳେ କେଉଁଠି ଯାଇ ଲାଖିବ, ତାହା ଧରିବା କାଠିକର ପାଠ । ଏହାକୁ ବୋଧହୁଏ କୁହାଯାଏ ବୁଦ୍ଧିଜୀବୀ ଭାଷା । ଏଥିରେ ମନେ ହେବ ବହୁତ କିଛି କୁହାହେଲା । କେଉଁ ଦୂର ଓ ନିକଟର ଲେଖକ, ଦାର୍ଶନିକଙ୍କର ହଜାର ରକମ ସଙ୍କେତ । କିନ୍ତୁ ଏଥିରେ ଶୃଙ୍ଖଳା ନାହିଁ । ଏହା ଶବ୍ଦ ଓ ଚିନ୍ତାର ଲୋଭ ଯୋଗୁଁ ଉଦ୍ଦେଶ୍ୟହୀନ ବାକ୍ୟସମ୍ଭାରର ଫୁଲଝୁରି !

ସାପ ମରିବ ନାହିଁ କିନ୍ତୁ ବାଡ଼ି ଭାଙ୍ଗିବ

କଥାକୁ ସ୍ପଷ୍ଟଭାବରେ ନ କହି ସାପୁଆ ଠାଣିରେ କହିବା ଇଂରାଜି କୂଟନୀତି ଭାଷାରେ ବେଶ୍ ଚଳେ । ସେଥିପାଇଁ ଇଂରାଜିରେ ସବୁ କଥାକୁ ରତିଏ ଅଧରତି ଗଅଣ୍ଠରତି କରି ବି କୁହାଯାଇପାରେ । ଓଡ଼ିଆରେ ସେଭଳି ଭାଷାର ଉଦ୍ୟମ କରି ଲେଖକମାନେ ଖୁବ୍ ବୁଦ୍ଧିର ବାହାଦୂରୀ କରିଛନ୍ତି କିନ୍ତୁ କେତେକ ହଟହଟା ବି ହୋଇଛନ୍ତି –

(କ)୧ । ଆମ ଦେଶରେ ଯେଉଁ ସମାଲୋଚକଙ୍କର ଆବିର୍ଭାବ ହେଲାଣି, ସେମାନେ ସାହିତ୍ୟକୁ ମଧ କୌପୁନି ନ ମରାଇ ଛାଡ଼ିବେ ନାହିଁ । ସେଥିପାଇଁ କେହି କେହି ଆଗେ ଓଡ଼ିଆ ଭାଷାର ବେଶଭୂଷା କିପରି ଥିଲା ଏବଂ ଆଜି ଅନ୍ୟାନ୍ୟ ଭାଷାର

Digitized by srujanika@gmail.com

ସମ୍ମିଶ୍ରଣରେ ତାହା କିପରି ରସାତଳକୁ ଯାଉଛି ଏହି କଥାଟା ଖଡ଼ି ଧରି ଶିଖାଇବା ପାଇଁ ଗୁରୁଗିରି କରିବାକୁ ବାହାରି ପଡ଼ିଲେଣି ଏବଂ ଏ ଦେଶର ଜଳବାୟୁ ଯେପରି, ସେଥିରେ ଗୁରୁ ହେଲେ ଯେ ତାଙ୍କର ଶିଷ୍ୟର ଅଭାବ ହେବ, ସେ କଥା ଚିନ୍ତା କଲେ ମଧ ଦେଶଦ୍ରୋହ ପାପରେ ଭାଗୀ ହେବାକୁ ପଡ଼ିବ ।

(କାଳନ୍ଦୀଚରଣ ପାଣିଗ୍ରାହୀ – ସାହିତ୍ୟିକା)

(୨) ତେବେ ଏହାର ଦଶା ଓଡ଼ିଶାର ମ୍ୟାଲେରିଆ ଓ ଦୁର୍ଭିକ୍ଷ ଠାରୁ ଆହୁରି ଲଜ୍ଜାକର ହେବ । ଓଡ଼ିଶାର ମ୍ୟୁନିସପାଲଟି ନିର୍ବାଚନଠାରୁ ବେଶି ବୀଭତ୍ସ ହେବ, ଓଡ଼ିଆ ନେତାମାନଙ୍କଠାରୁ ବେଶି ସ୍ୱାର୍ଥପର ହେବ, ଓଡ଼ିଆ ରାଜା ଜମିଦାରଙ୍କ ଘରଠାରୁ ବେଶି ଅସଂଯତ ଓ ଅସ୍ୱାସ୍ଥ୍ୟକର ହେବ, ଓଡିଆ ପ୍ରଜା ସାଧାରଣଙ୍କ ଅପେକ୍ଷା ଅଧିକ ମୂଢ଼ ଓ ଦୁର୍ବଳ ହେବ, ଓଡ଼ିଆ ଲୋକଙ୍କ ପାନଖିଆ ଅପେକ୍ଷା ବେଶି ଅପରିଚ୍ଛନ୍ନ ହେବ ଏବଂ ଓଡ଼ିଆ ବଳଦ ଗାଡ଼ିଠାରୁ ଅଧିକ ଶିଥିଳ ହେବ ଓ ଅତ୍ୟଧିକ ଧୈର୍ଯ୍ୟର ଦରକାର ହେବ ।

ଏହି ପାରାଗ୍ରାଫ୍‌ରେ ଶେଷଧାଡ଼ିଟି ଯୋଗୁଁ ପାରାଗ୍ରାଫ୍‌ଟି ଭାଙ୍ଗିଗଲା । ଏଠାରେ ଭାଷା ଯୁକ୍ତି-ରସାଣିତ କିନ୍ତୁ ଅତ୍ୟଧିକ ଫେନିଳ ।

(୩)ଘୋଟାଏ ଅଦ୍ଭୁତ ଚାଞ୍ଚଲ୍ୟର ଛଳନା କରି ତାକୁ ମାତାମହୀଙ୍କର ଅମରପୁରୀ ରାଜକନ୍ୟାର ବିକଳ ଅନୁକୃତି କରିବାକୁ ଯିବା, ନବଯୁଗର କଥକ ନିଃଶେଷ ଜଡତା ପରି ପରିହାର କରିଅଛି ।

(ଏହାର ଅର୍ଥ ବୋଧହୁଏ – ଆଜିର ଗଳ୍ପ ଲେଖକ ଆଉ ସେ ଉତ୍କଳ କାହାଣୀବାଲା ଗଳ୍ପ ଲେଖକ ନୁହେଁ । ସେ କାଳର ବୁଢ଼ିମା’ର କାହାଣୀର ପାତାଳ ଘରେ ବନ୍ଦିନୀ ରାଜକନ୍ୟା କଥା ଲେଖି ଚମକାଇବାର ବେଳ ଯାଇଛି । ଏବର ଗଳ୍ପ ଲେଖକ ଆହୁରି ଚେତନ; ତାର ଅତୀତର ଜଡ଼ତା ତୁଟି ଯାଇଛି ।)

(୪) ଯାହାର ଭାଷା କେବଳ ବର୍ଣ୍ଣମାଳାରେ ସମାପ୍ତ, ଯାହାର ସଙ୍ଗୀତ ଧୋବାୟା ଗୀତରୁ ଅଧିକ ଅଗ୍ରସର ହୋଇ ପାରିନାହିଁ ...... ଆମ୍ଭମାନଙ୍କର ବିଦ୍ୟାଳୟର ଟେକ୍‌ଷ୍ଟ ବୁକ୍‌ର ଶିକ୍ଷା ଏପରି କଠୋର ବାସ୍ତବ ସହଜରେ ସ୍ୱୀକାର କରିନେବାକୁ କୁଣ୍ଠା ଅନୁଭବ କରେ ।

(୫) ଯାହା ସତ୍ୟ, ଯାହା ଶିବ ଏବଂ ଯାହା ସୁନ୍ଦର, ଆର୍ଟ ସେହି ସତ୍ୟକୁ ହିଁ ପ୍ରକାଶ କରେ । ସତ୍ୟ ହେଲେ ମଧ ଯାହା ଅଶିବ, ଯାହା କୁତ୍ସିତ, ଶିବ ହେଲେ ମଧ ଯାହା ଅସତ୍ୟ, ଅସୁନ୍ଦର ହେଲେ ହେଁ ଯାହା ଅସତ୍ୟ ଓ ଅଶିବ ତାହା କଳାର ସୀମା ବହିର୍ଭୂତ । ଯଥାର୍ଥ କଳା ସୃଷ୍ଟି ତାହା ନୁହେଁ ।

(କାଳନ୍ଦୀଚରଣ ପାଣିଗ୍ରାହୀ – ସାହିତ୍ୟିକା)

Digitized by srujanika@gmail.com

ଏଇଠି ବାକ୍ୟ ଗଠନରେ ତ୍ରୁଟି ରହିଗଲା । ପ୍ରଥମ ଧାଡ଼ିରେ "ଯେଉଁ ସତ୍ୟ ଶିବ ଓ ସୁନ୍ଦର, ଆର୍ଟ ସେହି ସତ୍ୟକୁ ହିଁ ପ୍ରକାଶ କରେ" ହୋଇଥିଲେ ପରବର୍ତ୍ତୀ ଧାଡ଼ିଗୁଡ଼ିକ ସଂଗତ ହୋଇଥାଆନ୍ତା । ଶେଷ ଧାଡ଼ିରେ "ତାହା ଯଥାର୍ଥ କଳା ସୃଷ୍ଟି ନୁହେଁ ।" ହୋଇଥିଲେ ପାରାର ପୂର୍ଣ୍ଣତା ରକ୍ଷା ହୋଇଥାଆନ୍ତା ।

(ଖ) ପ୍ରାୟ ସମଧର୍ମୀ ମୋର କେତୋଟି ବଡ ଗଳ୍ପକୁ ଏକତ୍ର କରି ଗୋଟିଏ ସଞ୍ଚୟନ ରୂପେ ପ୍ରକାଶ କରୁଛନ୍ତି ଉତ୍କଳ ଗଳ୍ପ ସାହିତ୍ୟର ଅନ୍ୟତମ ବିଶିଷ୍ଟ ପ୍ରକାଶନ ସଂସ୍ଥା । (ଏହି ବାକ୍ୟ ଗଠନରେ ଓଡ଼ିଆ ପଦବିନ୍ୟାସ କାହିଁ ?)

ଗଳ୍ପଟିର ଶେଷାଂଶରେ ଉପସ୍ଥିତ ସମୟ ସମସ୍ୟା ଉପରେ ସଚେତନତା ପ୍ରକଟିତ ହୋଇଛି ସତ୍ୟ ମାତ୍ର ତାହା ଗଳ୍ପଟିର ଗୌଣାଙ୍ଗ ।:

(ଏଠାରେ 'ଉପସ୍ଥିତ ସମୟ ସମସ୍ୟା ଉପରେ ସଚେତନତା ପ୍ରକଟିତ ହୋଇଛି' ଅର୍ଥ କ'ଣ "ଗଳ୍ପଟିର ଶେଷାଂଶରେ ଆଜିର ସମସ୍ୟା ବିଷୟରେ ବିଚାର ବିଶ୍ଳେଷଣ ରହିଛି ?" ନାଁ ଆଉ କିଛି ? 'ତାହା ଗଳ୍ପଟିର ଗୌଣାଙ୍ଗ'ରେ 'ତାହା' କାହାର ସର୍ବନାମ ? ଶେଷାଂଶର ?)

ସେ ଗଳ୍ପଟିର ଶେଷାଂଶ (କୁ) ବାଦ ଦେଇ ମଧ୍ୟ ଗଳ୍ପଟିକୁ ଉପଭୋଗ କରାଯାଇପାରେ ।"

(ଇଯେ ପୁଣି କି ଭଳି ଓଡ଼ିଆ ଭାଷା – ଉପଭୋଗ କରାଯାଇପାରେ ? ଏଥିର କର୍ତ୍ତା କିଏ ?)

(ଗ) ଏକଦା ନିଜକୁ ଚତୁର ବୋଲି ଭାବୁଥିବା କଣ୍ଠିଦ୍‌ଶୃଗାଳ ଖୁବ୍ ତୃଷାର୍ଥ ହୋଇ ଉଠିଲା ।

(ଉଠିଲା ନାଁ ପଡ଼ିଲା ? ତୃଷାର୍ତ୍ତ ହେଲା ବା ତୃଷାର୍ତ୍ତ ହୋଇପଡ଼ିଲା । ତୃଷାର୍ଥ ହୋଇ ଉଠିଲା ଓଡ଼ିଆରେ ହୁଏ ନାହିଁ । 'ନିଜକୁ ଚତୁର ବୋଲି ଭାବୁଥିବା' କୌଣସି ଶୃଗାଳ ଅଛି କି ? ବରଂ 'ମନେ ମନେ ଚତୁର ଶୃଗାଳ ?' 'ଜଳାଶୟମାନ ପ୍ରସ୍ତୁତ ହୋଇ ରହିଥିଲେ ।')

ଏହାର ଅର୍ଥ ବୋଧହୁଏ ଜଳାଶୟମାନ ପ୍ରସ୍ତୁତ ଥିଲେ । 'ଶୃଗାଳଟି ଗୁଳ୍ମ ଓ କଲ୍ଲୀବଗୃହ ପରିବେଷ୍ଟିତ ଏକ ବିଳ ମଧ୍ୟରେ ଶରୀର ଗୋପନ କରି ବିଶ୍ରାମ ନେବାକୁ ଲାଗିଲା ।'

(ବିଶ୍ରାମ ନେବାକୁ ? ନାଁ ବିଶ୍ରାମ କରିବାକୁ ?)

Digitized by srujanika@gmail.com

(ଘ) ନରମା ସଂଜ୍ଞ ହେତୁ ଧାନ କିଆରି ଚିରା ମଫସଲ ବାଟ ଏବେ ମଧ୍ଯ ଚିହ୍ନିହୁଏ ।

ଏଠାରେ 'ନରମା ସଂଜ୍ଞ' ବୋଧହୁଏ 'ମୁହଁ ସଂଜ୍ଞ' ।

(ଙ) ଆଉ ଦଣ୍ଡେ ଗଲେ ଆକାଶର ସର୍ବାଙ୍ଗରୁ ଅନ୍ଧକାର ବହଳିଆ ହୋଇ ଝରିବ । ଏ ବ୍ୟଞ୍ଜନା ବେଶ୍ ଚମତ୍‌କାର ! ବୁଝିହେଉଛି । ତାହା ହିଁ ଲୋଡ଼ା ।

(ଚ) 'ତା' ହସରେ ବାଜି ଜିତିବାର ଠାର ଫୁଟି ଉଠୁଥିଲା ।' ବୋଧହୁଏ 'ବିଜୟୀର ଇଙ୍ଗୀତ ଥିଲା' ।

(ଛ) "ବର୍ତ୍ତମାନ ଯୁଗର ଶ୍ରେଷ୍ଠ ଶିଳ୍ପୀ ପାବ୍ଲୋ ପିକାସୋଙ୍କର ଚିତ୍ରର ବିଶେଷତ୍ୱ ହେଉଛି କେତୋଟି ମାତ୍ର ସରଳରେଖାର ଘନତ୍ୱ ଓ ଅକମ୍ପିତ ରେଖାର ବିଚକ୍ଷଣତା" ଏହାର ଅର୍ଥ ବୁଝିବା ଦୁଷ୍କର । ପରବର୍ତ୍ତୀ ଧାଡ଼ିଗୁଡ଼ିକରେ ଏଥିର କୌଣସି ବିଶ୍ଳେଷଣ ବି ନାହିଁ । ପୁଣି ଦେଖନ୍ତୁ : –

"ଆଧୁନିକ ଚିତ୍ରକଳାର ସୁରରିୟାଲିଜମ୍ ହେଉଛି ଗୋଟିଏ ବିଶିଷ୍ଟ ଅଙ୍ଗ । ନିର୍ଜ୍ଞାନ ମାନସଚକ୍ଷୁରେ କଳାକାର ଯାହା ଦେଖେ, ତାକୁହିଁ ପ୍ରକାଶ କରିବା ଏହାର ବିଶେଷତ୍ୱ । ବିନୋଦବାବୁ ଲେଖିଛନ୍ତି ଯେ, ଚିତ୍ରକାର ବଧୂ ନଈକୁ ପାଣି ଆଣିବାକୁ ଯାଇଥିଲା । ଆଣ୍ଠୁଏ ପାଣିରେ ପଶି ମାଠିଆ ବୁଡ଼ାଉଥିବା ବେଳେ ଗୋଟିଏ ବିରାଟକାୟ ଜନ୍ତୁର ଛାଇ ପାଣିରେ ପଡ଼ିଲା । ସେ କୌତୂହଳୀ ହୋଇ ଆକାଶକୁ ଚାହିଁଦେଲା ଏବଂ ଗଗନ ମାର୍ଗରେ ଅଦ୍ଭୁତ ଜୀବଟିଏ ସ୍ୱର୍ଗକୁ ଉଠି ଯାଉଥିବାର ଦେଖିଲା । ଅବିକଳ ଛବିଟିଏ ମାଠିଆ ପିଠିରେ ଆଙ୍କି ଆଣିଲା । ସେହି ଛବିଟି ଆଜି ସିଂହ ରୂପ ଗ୍ରହଣ କରି ଓଡ଼ିଶାର ସଂସ୍କୃତି ସହିତ ବଡ଼ ସ୍ଥାନ ପାଇ ଆସୁଛି ।"

ଏଠାରେ ପାରାଟି ଶେଷ କରି ଆଉ ଗୋଟିଏ ପାରା ଆରମ୍ଭ କରିବା ଉଚିତ ଥିଲା; କିନ୍ତୁ ସେହି ପାରାରେ ଚାଲିଲା .... "ଏହିା ଏକ ଲୋକ କାହାଣୀର ବିଷୟବସ୍ତୁ । ମୋ ମତରେ ଏହା ନିର୍ଜ୍ଞାନ ମନର କାରସାଦି ।"

ଆକାଶରେ ଭାସମାନ ମେଘଖଣ୍ଡ ଅନେକ ସମୟରେ ବହୁ ବିଚିତ୍ର ରୂପ ସୃଷ୍ଟିକରେ । ହୁଏତ ତା'ର ପ୍ରତିବିମ୍ବ ଚିତ୍ରକାର ବଧୂ ପାଣିରେ ଦେଖି ପାରିଥାଏ । ସେଇ ଦେଖିଥିବା ରୂପ ସହିତ ନିର୍ଜ୍ଞାନ ମନର ସଂପର୍କ ଜଡ଼ିତ କରି କଳ୍ପନାର ରଙ୍ଗ ଲଗାଇ ସେ ସିଂହ ସୃଷ୍ଟି କଲା ।"

"ଆଉ ଅବଚ୍ଛିନ୍ନ କଳା ହିଁ ଗୁଣବାଚକ କଳା – ଆମ ଲୋକଦେବତା ଜଗନ୍ନାଥ । ଜଗନ୍ନାଥ ମୂର୍ତ୍ତିର ପରିପୂର୍ଣ୍ଣ ଅବୟବ ନାହିଁ । ନିରାକାର ପୁରୁଷକୁ ଏକ

Digitized by srujanika@gmail.com

ଅବଚ୍ଛିନ୍ନ ରୂପ ଦେବାର ଦକ୍ଷତା ଓଡ଼ିଆ ଜାତିର ଥିଲା । ଏହା କମ୍ କଳାପ୍ରିୟତାର ସ୍ମାରକ ନୁହେଁ ।"

(ଶିଳ୍ପୀ ନିତ୍ୟାନନ୍ଦ ମହାପାତ୍ର, ନାନ୍ଦିମୁଖ – ଓଡ଼ିଶୀ ଚିତ୍ର)

ଏହି ପାରାଗ୍ରାଫ୍‌ଟି ଚାରୋଟି ଚିନ୍ତା ମିଶି ହୋଇଛି । ଅର୍ଥ ବେଶ୍ ବୋଧଗମ୍ୟ । ଭାଷାର ସୁସଂହତ ଓ ସାବଲୀଳ ଧାରା ଥିଲା କିନ୍ତୁ 'ସିଂହ ସୃଷ୍ଟି କଲା' ପରେ ଭାବଧାରା ଆଉ ଏକ ନୂତନ ଭାବଧାରାକୁ ଡ଼ିଂଫ ଦେଲା । ଏଭଳି ଘଟଣା ଆଧୁନିକ କବିତାରେ ଘଟୁଛି । ଗଦ୍ୟ ସାହିତ୍ୟରେ ଇଂରାଜି ଜେମସ୍ ଜଏସ୍ ଇତ୍ୟାଦି 'ନିର୍ଜ୍ଞାନ ମାନସଚକ୍ଷୁ'ରେ ଦେଖିବା ଲୋକ ଏଭଳି ଲେଖି ସେହି ଭାଷାମାନଙ୍କରେ କିଛି ଚହଳ ପକାଇ ଫେଣପରି କାହିଁ ମିଳାଇଗଲେ । କିନ୍ତୁ ଏ ପଦ୍ଧତି ଏବେ ବି ଆଧୁନିକ ଚିତ୍ରକଳାରେ ରହିଛି । କିନ୍ତୁ ଗଦ୍ୟ ଭାଷାରେ ଏ ରୀତି ଧଇଲେ ପାରାର ପରିପୂର୍ଣ୍ଣ ଅବୟବ ବିକଳାଙ୍ଗ ହୋଇଯିବ ।

ଗଦ୍ୟ ଭାଷାର ଉପଜୀବ୍ୟ ହେଉଛି ଯୁକ୍ତି, ନିର୍ଜ୍ଞାନ ମାନସ କ୍ରିୟା ନୁହେଁ । ବର୍ଣ୍ଣନାରେ ବି ଯୁକ୍ତି ଓ ହେତୁ ହିଁ ପ୍ରଧାନ । କାରଣ ଗଦ୍ୟଭାଷା କଠୋର ।

ଏହି ପାରାଗ୍ରାଫଟିରେ ଆଧୁନିକ ଚିତ୍ରଶିଳ୍ପୀ ପାବଲୋ ପିକାସୋଙ୍କର ପଦ୍ଧତିର ଛାପ ପଡ଼ିଥିଲା ପରି ଲାଗୁଛି । ଉଦାହରଣ, ପାବଲୋ ପିକାସୋଙ୍କର ବହୁବର୍ଷ ତଳର 'ଗୁଇର୍‌ନକା' ନାମକ ଚିତ୍ର । ଏହି ଚିତ୍ରରେ 'ଗୁଇରନକା' ସହରର ସବୁ ଉପାଦାନ ରହିଛି । କିନ୍ତୁ ସ୍ପେନୀୟ ଫାଷିଷ୍ଟ ଫ୍ରାଙ୍କୋଙ୍କର ସୈନ୍ୟବାହିନୀର ଯୁଦ୍ଧ ଆହବର ବୋମାକ୍ଷତରେ ଏହି ସହର ଏପରି ବିପର୍ଯ୍ୟସ୍ତ ଓ ଅସ୍ତବ୍ୟସ୍ତ ହୋଇଯାଇଛି ଯେ କୌଣସି ଉପାଦାନ ସହିତ ସମ୍ଭାବ୍ୟ ଯୋଗସୂତ୍ର ରହିନାହିଁ । ଏପରିକି ପରିଚିତ ଜିନିଷର ଉପାଦାନଗୁଡ଼ିକ ସହିତ ଅନ୍ୟ ପରିଚିତ ଜିନିଷ ଭାଙ୍ଗିରୁଜି ମିଶି ଏଭଳି କିମାକାର ନୂତନ ଜିନିଷ ସୃଷ୍ଟି କରିଛି ଯେ ସେ ଜିନିଷକୁ ଜିନିଷ କୁହାଯିବ ନାହିଁ । କୁହାଯାଇପାରେ ଅସଂଠଣା ଭଗ୍ନସ୍ତୂପ । ଉଦାହରଣ ସ୍ୱରୂପ ଗୋଟିଏ ଘୋଡ଼ାର ପଛଗୋଡ଼ ଆଉ ଫଡ଼ିଆ ଦୁଇଟା କୁଆଡ଼େ ଉଡ଼ିଯାଇଛି । ସେଇ ସ୍ଥାନରେ ବୈଠକିଖାନାର ଚୌକିର ଯୋଡ଼ିଏ ଗୋଡ଼ ଯୋଡ଼ା ଯାଇଛି ।

ଶିଳ୍ପ ସୃଷ୍ଟି ହିସାବରେ 'ଗୁଇରନକା' ଏକ ଅଦ୍ଭୁତ ମୌଳିକ ଚିତ୍ର ଭାବରେ ପ୍ରସିଦ୍ଧ । କିନ୍ତୁ ଗଦ୍ୟଭାଷା କ୍ଷେତ୍ରରେ ଏଭଳି ପଦ୍ଧତି ବଡ଼ ବିଷମ ।

ନିରୀହ ନିତିଦିନିଆ ଭାଷା

(କ) ସେ ସବୁ ଗାଁରୁ କେତେ ଗଲାଣି; ତଥାପି କେତେ ରହିଛି । କିନ୍ତୁ ସେ ଭଳି ବନସ୍ତ ଏବେ ଆଉ ନାହିଁ । ଘଟଣାଟା ତ ଏବର ନୁହେଁ, ତା'ପରେ ଅନନ୍ତ

Digitized by srujanika@gmail.com

କାଳ ପାରାବାର ବକ୍ଷରେ ତରଙ୍ଗ ଖେଳାଇ ଶହେ ବର୍ଷ ଉପରେ ବିତି ଗଲାଣି × × × × ଗୋଟାଏ ମସ୍ତ ଲମ୍ବ କାଳିଆ ବୁଢ଼ା ଅଜଗର ସାପ ପରି, ଏପାଖ ସେପାଖ ବାଙ୍କରେ ମୁଣ୍ଡ ଲୁଚାଇ, ଜଙ୍ଗଲ ମଧ୍ୟରେ ସଡ଼କଟାଏ ଶୋଇଛି । ମସ୍ତ ଡ଼ମଣା ସାପ ଭଳି ତା ସହିତ ଆସି ମିଶିଛି ପୁଣି ଏକ ଛୋଟିଆ ନାଲିଆ ସଡ଼କ । × × × ବାପ ଅଜା ଅମଳର ଅଭ୍ୟାସ ଯୋଗେ ବଣୁଆ ହାତୀ ଭୁଲରେ ସେ ବାଟେ ଚାଲିଗଲେ, ପରେ ଯାଇ ପୁଅ ଭାଇଙ୍କ ପାଖେ ଅନୁତାପ କରୁଥିବ ।

ଗୋଦାବରୀଶ ମିଶ୍ର – ବାଁ ଡାହାଣ (ଗଳ୍ପ)

(ଖ) ତା'ପରେ ଆରମ୍ଭ ହେଲା ଉମେଦ ବାରି । ଯା'ପାଖ, ତା' ପାଖ, ଯା'ଦୁଆର, ତା'ଦୁଆର ଘୁରି ଘୁରି ସୁର ହେଲା ନାକେଦମ୍ । ଖବରକାଗଜର ବିଜ୍ଞାପନ ଦେଖି ଦରଖାସ୍ତ ଲେଖିବା ହେଲା ତା'ର ପ୍ରଧାନ ଚାକିରୀ । ଶେଷକୁ ଯାହା କିଛି ଥିଲା ହାତରେ ସହରରେ ପଡ଼ି ପଡ଼ି ମେସ୍ ଖରଚା ଆଉ ଦରଖାସ୍ତର ରେଜେଷ୍ଟରି ଖରଚାରେ ତା ବି ହେଲା ଶେଷ । ଧାର ଉଧାର କାଳିବାସିରେ ଚଳିଗଲା କେତେଦିନ । ଦିନେ ଦେଖିଲା ବେଳକୁ ଶୂନ୍‌ସାନ । ଡାକଟିକଟ କିଣିବାକୁ ବି ନଦାରଦ । (ଲକ୍ଷ୍ମୀକାନ୍ତ ମହାପାତ୍ର – ମଙ୍ଗୁଳିଆଗଳ୍ପ)

(ଗ) ଚିତ୍ରକାରମାନଙ୍କର ଅଙ୍କପିତ ରେଖାର ନିଷ୍ଠା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ରେଖାର ବନ୍ଧନୀ ଭିତରୁ ଛବିର ଗଢ଼ଣ, ଗତି, ଆୟତନ, ଓଜନ ଓ ସ୍ପର୍ଶ୍ୟଗୁଣ ଉପଲବ୍ଧି କରାଇବା କମ୍ ସାଧନାର କଥା ନୁହେଁ ।

(ଏଠାରେ ଭାଷାର ସ୍ୱକୀୟତା ଲକ୍ଷଣୀୟ)

ଲିଖନ ଶିଳ୍ପ ଚୀନା ଜାତିର କୋଠ ସଂପତ୍ତି । ପିଲାଟି ଦିନରୁ ଚୀନ ଦେଶରେ ପ୍ରତି ଛାତ୍ର ରେଖାର କୋମଳତା, ସ୍ଥୂଳତା, ଏବଂ ନତୋନ୍ନତ ବିଷମତା ସଂପର୍କରେ ଜ୍ଞାନ ଲାଭ କରେ ।

ଓଡ଼ିଆ ସାହିତ୍ୟ ଓ କଳାରେ ମୋଗଲ କିମ୍ବା ଚୀନ ସଂସ୍କୃତିର ଛାଇ କେତେ ପଡ଼ିଛି (ତାହା) କହି ହେଉ ନାହିଁ । ତେବେ 'ଚିତ୍ରକାବ୍ୟ ବନ୍ଧୋଦୟ'ର ଧାରା ଆସିଛି ଦକ୍ଷିଣରୁ । ଖ୍ରୀଷ୍ଟୀୟ ୭ମ ଓ ୮ମ ଶତକ ବେଳକୁ ଦାକ୍ଷିଣାତ୍ୟର ଶ୍ରେଷ୍ଠ ଆଳଙ୍କାରିକ ମମ୍ମଟ ଭଟ୍ଟଙ୍କ 'କାବ୍ୟ ପ୍ରକାଶରେ ବନ୍ଧକାବ୍ୟ ବିଷୟ ଉଲ୍ଲେଖ ଅଛି । ପୁଣି ଆଳଙ୍କାରିକ ଆନନ୍ଦ ବର୍ଦ୍ଧନ 'ଧ୍ୱନ୍ୟାଲୋକ' ରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର (ମୟ) ସମସ୍ତ କାବ୍ୟକୁ ଚିତ୍ରକାବ୍ୟ କହିଛନ୍ତି । ତେଲଗୁ କବି ଆପ୍‌ପା ଲିଖନ ଶିଳ୍ପ ସହିତ ଅଳଙ୍କାର ଶାସ୍ତ୍ରକୁ ମିଳାଇ ବନ୍ଧକାବ୍ୟ ରଚନା କରିଥିଲେ ବୋଲି ଜଣାଯାଏ ।

(ବିନୋଦ ରାଉତରାୟ – ଓଡ଼ିଶୀ ଚିତ୍ର)

Digitized by srujanika@gmail.com

(ଏଠାରେ ପାରା ଗଠନର ସଂଗତି ଅଛି । ବନ୍ଧନୀ ଭିତରେ ଥିବା ଶବ୍ଦଗୁଡ଼ିକ ନ ଥିଲେ ଶୈଳୀ ଆହୁରି ବଳିଷ୍ଠ ଓଡ଼ିଆ ଶୈଳୀ ହୋଇଥାଆନ୍ତା ।)

(ଘ) ଏକା ପାଖକୁ ଚାଳ ବନ୍ଧାବନ୍ଧି ଘର । ଦ୍ୱାରରେ ନିଆଁ ଲାଗିଲାଣି । ତୁମେ ଯଦି ପଡ଼ୋଶୀକୁ କହ ଯେ ଚାଲ ତୁମ ଚାଳରେ ପାଣି ବାଲଟି ଧରି ବସିବା ସେ କ'ଣ ସେଥିରେ ଅମତ ହେବ ? ଯାର ନିଜ ଘର ପୋଡ଼ିବାକୁ ଇଚ୍ଛା ନ ଥିବ, ସେ ତ ସେଥିରେ ଆଗ୍ରହରେ ହଁ ଭରନ୍ତା । କିନ୍ତୁ ଫିନ୍‌ଲ୍ୟାଣ୍ଡର ଶାସକଶ୍ରେଣୀ ଏବଂ ବେରନ୍ ମାନହାରିମ୍ ଏଥିରେ ରାଜି ହେଲେ ନାହିଁ । ତା'ର କାରଣ ଇଂରାଜୀ ପ୍ରରୋଚନା । ତା'ର କାରଣ ଆପଣା ଦେଶରେ ଚାଷୀ ମୂଲିଆ ବିପ୍ଳବ କାଳେ ଲାଲ ଫୌଜ ପ୍ରବେଶ ଖବରରେ ତେଜି ଉଠିବ । ତା'ର କାରଣ, ଲାଲ ଫୌଜ ସହିତ କାନ୍ଧକୁ କାନ୍ଧ ମିଳିଲେ ଆପଣାର ଭଡ଼ାଖିଆ ସୈନ୍ୟ କାଳେ ଚାଷୀ ମୂଲିଆ ପଟକୁ ଆଉଜି ଯିବେ । ତାର କାରଣ, କାଳେ ବିଲାତ ଏବଂ ଆମେରିକାର ସାହୁକାରମାନେ ସେମାନଙ୍କର ଲୋକ - ବିରୋଧୀ ସରକାରକୁ ଆଉ ଟଙ୍କା ଦେବେ ନାହିଁ ।

(ଏହି ଲେଖକ – ଗଲା ମହାଯୁଦ୍ଧ ଓ ତା'ପରେ)

(ଙ) ପ୍ରତ୍ୟେକ ଦେଶ ସାହିତ୍ୟର ଆଦିମଯୁଗରେ ମଣିଷର ଜୀବନ ଚିତ୍ରିତ ହୋଇଛି । ପାରିପାର୍ଶ୍ୱିକ ଘଟଣାବଳୀ ଓ ପ୍ରକୃତିରୁ ଉପକରଣ ନେଇ ଅଳଙ୍କାର ସାହିତ୍ୟର ନିଗଡ଼ ନିୟମ – ଲୌହ – ଶୃଙ୍ଖଳ ଏତେବେଳେ ବାହାରି ନଥିବାରୁ ଏ ଯୁଗର ସାହିତ୍ୟରେ ବହୁ ପରିମାଣରେ ସ୍ୱଭାବୋକ୍ତି ଅଳଙ୍କାର ଦେଖିବାକୁ ମିଳେ । ସେ ସମୟରେ ମଧ ଉପମା, ରୂପକ, ପ୍ରଭୃତି କେତୋଟି ଅର୍ଥାଳଙ୍କାର ଯେ କବିମାନଙ୍କୁ ଅଜଣା ଥିଲା, ଏହା ନୁହେଁ । ଏଇ ସ୍ୱଭାବୋକ୍ତି ଅଳଙ୍କାରରେ କବିମାନେ ପ୍ରକୃତିର ପ୍ରକୃତ ଚିତ୍ର ଯଥାଯଥ ଭାବେ ସାହିତ୍ୟରେ ସନ୍ନିବିଷ୍ଟ କରାଇଥିଲେ ।

(ନଟବର ସାମନ୍ତରାୟ – ସାହିତ୍ୟାଦର୍ଶ ୧୦୬ପୃଷ୍ଠା)

(ଚ) "ଦିନ ଚାରିଟା ହେଲା" ବୋଲି କହିଲେ ସାଧାରଣତଃ ଏହାର ବାଚ୍ୟାର୍ଥ ହେଉଛି, ଅପରାହ୍ଣର ଚତୁର୍ଥ ଘଣ୍ଟା ସୂଚିତ ସମୟ ସମାପ୍ତ ହେଲା । ଏହା ଭିନ୍ନ ଅନ୍ୟ ପ୍ରକାର ବାଚ୍ୟାର୍ଥ ଏଥିରୁ ଜଣାଯାଏ ନାହିଁ, ଏଣୁ ଏହାର ବାଚ୍ୟାର୍ଥ ସଂଖ୍ୟା ହେଲା ଏକ, ଏବଂ ପ୍ରତ୍ୟେକ ଶ୍ରୋତା ଏହି ବାକ୍ୟରୁ ଏହି ଅର୍ଥକୁ ସମାନଭାବେ ଗ୍ରହଣ କରିଥାନ୍ତି । କିନ୍ତୁ ଧ୍ୱନ୍ୟାଲୋକ ବିଚାର ଦୃଷ୍ଟିରୁ ଦେଖିବାକୁ ହେଲେ ଏହି ବାକ୍ୟର ବ୍ୟଙ୍ଗାର୍ଥ ଅସୀମ, ଏବଂ ସେହି ସବୁ ପ୍ରକାର ବ୍ୟଙ୍ଗାର୍ଥ, ବାଚ୍ୟା ଠାରୁ ସମ୍ପୂର୍ଣ୍ଣ ରୂପେ ପୃଥକ । ଏହି ବ୍ୟଙ୍ଗାର୍ଥ ଦେଶ, କାଳ, ବକ୍ତା ଓ ବୋଦ୍ଧା ଭେଦରେ ବିଭିନ୍ନ ରୂପ ଧାରଣ କରେ ।

(ପଣ୍ଡିତ କୁଳମଣି ମିଶ୍ର – ଧ୍ୱନ୍ୟାଲୋକର ସୂଚନା)

Digitized by srujanika@gmail.com

(ଭାଷାର ଭାବ ପ୍ରକାଶ ସୁସ୍ପଷ୍ଟ । ତେବେ ସଂସ୍କୃତ ଅପରିଚିତ ଶବ୍ଦ ଯଥା 'ବୋଦ୍ଧା' ବ୍ୟବହାର ନ କରିଥିଲେ ଚଳିଥାନ୍ତା)

(ଛ) ଗୋପବନ୍ଧୁ କାବ୍ୟ ବା ଉପନ୍ୟାସ ଆକାରରେ ପଦ୍ୟ ବା ଗଦ୍ୟ ଅଳ୍ପ ଲେଖିଛନ୍ତି, ମାତ୍ର ତାଙ୍କର ପ୍ରତିଷ୍ଠିତ 'ସମାଜ' ସମ୍ବାଦପତ୍ର ସାହାଯ୍ୟରେ ସେ ଓଡ଼ିଆ ଭାଷାକୁ ଏକ ନୂତନ ରୂପ ଦେଇଥିଲେ । ପ୍ରାଚୀନ ଓଡ଼ିଆ ସାହିତ୍ୟର ସରଳ ଲଳିତ ଭାଷାରେ ସେ ସମସ୍ତ ଆଧୁନିକ ରାଜନୈତିକ ଓ ସାମାଜିକ ଚିନ୍ତା ପ୍ରଥମେ 'ସମାଜ'ରେ ପ୍ରକାଶ କଲେ । ସେ ଭାଷା ଏପରି ଜୀବନ୍ତ ଥିଲା ଯେ, ତାହା ସମସ୍ତ ଶ୍ରେଣୀର ପାଠକଙ୍କ ଚିତ୍ତ ଆକର୍ଷଣ କରୁଥିଲା । ସମାଜ ପଢ଼ିଲେ ଓଡ଼ିଶାର ସାଧାରଣ ଲୋକ ମନେ କରୁଥିଲେ, ଯେପରି ସେମାନଙ୍କ ଘରର ଲୋକ କେହି ଆସି କଥାବାର୍ତ୍ତା କରୁଛି । ରାଧାନାଥଙ୍କ ପ୍ରବର୍ତ୍ତିତ ସାହିତ୍ୟ ଜନତାଠାରୁ ଯେତିକି ଦୂରେଇ ଯାଇଥିଲା ଗୋପବନ୍ଧୁଙ୍କ ପ୍ରବର୍ତ୍ତିତ ସାହିତ୍ୟ ତେତିକି ଜନତାର ନିକଟବର୍ତ୍ତୀ ହୋଇଥିଲା । × × × ତାପରେ ସେହି ଭାଷା ହିଁ ଓଡ଼ିଆ ଭାଷାର ମାପ କାଠି ହୋଇଗଲା । ସେହି ସମୟରୁ 'ସମାଜ'ର ଭାଷା ଅନୁସାରେ ସମସ୍ତ ଲେଖକର ଭାଷା ପ୍ରଭାବିତ ହେଲା ।

(ହରେକୃଷ୍ଣ ମହତାବ, ଓଡ଼ିଶା ଇତିହାସର ପରିଶିଷ୍ଟ)

(ରାଧାନାଥଙ୍କ ପ୍ରବର୍ତ୍ତିତ 'ସାହିତ୍ୟ' ଓ ଗୋପବନ୍ଧୁଙ୍କ ପ୍ରବର୍ତ୍ତିତ 'ସାହିତ୍ୟ' ସ୍ଥଳରେ 'ଭାଷା' ହେବାର ଥିଲା)

(ଜ) ପ୍ରକୃତରେ ରକେଟ ଭିତରେ ଥାଏ ଏକ ରାସାୟନିକ ଜାଳେଣି । ଏଥିରେ ନିଆଁ ଲଗେଇ ଦେଲେ ତାହା ଜଳିବାକୁ ଲାଗେ । ଫଳରେ ରକେଟ୍‌ର ସେହି ନିବୁଜ କୋଠରୀ ଭିତରେ ପ୍ରଚୁର ଗ୍ୟାସ ଜନ୍ମେ । ଗ୍ୟାସର ଚାପ ଦେଖୁ ଦେଖୁ ସେଇ ତାତିରେ ଅନେକ ଗୁଣ ବଢ଼ିଯାଏ । ସେଇ କୋଠରୀର ଏକ ସୂକ୍ଷ୍ମରନ୍ଧ୍ର ଦେଇ ଏହି ଗ୍ରାସ୍ ଭୟଙ୍କର ଗତିରେ ବାହାରକୁ ବାହାରେ । ଫଳରେ ରକେଟ୍ ଆଗକୁ ଠେଲି ହୋଇ ଗତି କରେ । ରନ୍ଧ୍ରର ଆକାର ଗ୍ୟାସର ପରିମାଣ ଓ ଚାପ ଅନୁସାରେ ରକେଟର ଗତି ବଦଳେ । ଏତେ ବେଗରେ ରକେଟ ଛୁଟିଲେ ପବନ ଘଷି ହୁଏ । ଫଳରେ ପବନ ବାଧାରେ ତାର ଗତି କମିଯାଏ । ତେଣୁ ପବନ ବାଧା କମେଇବା ପାଇଁ ରକେଟର ଆକାରରେ ଅଦଳ ବଦଳ କରିବାକୁ ପଡ଼େ । ରକେଟ ଦେହ ତିଆରି କଲାବେଳେ ଏଭଳି ପଦାର୍ଥ ବାଛିବାକୁ ପଡ଼େ ଯେ ପବନରେ ଘଷି ହେଲେ ବି ତା ଦେହରେ ଯେଉଁ ତାତି ହୁଏ ସେଥିରେ ତାହା ଜଳିଯିବ ନାହିଁ ।

(କୁଳମଣି ସାମଲ, ମହାଶୂନ୍ୟରେ ମନୁଷ୍ୟ)

Digitized by srujanika@gmail.com

(ଝ) ସତରେ ନୂଆ ରାଜଧାନୀରେ ରହିବା ଦିନଠାରୁ ମୋର ଡ଼େଇଁବାକୁ ପ୍ରବଳ ଇଚ୍ଛା ହୋଇଛି – ରାସ୍ତା ଡ଼େଇଁବାକୁ, ବାଡ଼ ଡେଇଁବାକୁ, ସେହି ବିରାଟ ସେକ୍ରେଟେରିଏଟ୍‌ର ଅସୁର ପରି କୋଠାଟାକୁ ଡ଼େଇଁବାକୁ ରାତିରେ ନିଦ ହୋଇନାହିଁ । ମୋ ଘର ବାରଣ୍ଡାରେ ଠିଆ ହୋଇ ମୁଁ ସେମାନଙ୍କର କ୍ୱାଟର୍ସ ଆଡ଼କୁ ଚାହିଁଛି ଘଣ୍ଟା ଘଣ୍ଟା ଧରି । କେଉଁ ପାପ ଯୋଗୁଁ ମୁଁ ମୁଁ ଓ କେଉଁ ପୁଣ୍ୟ ଯୋଗୁଁ ସେମାନେ ସେମାନେ ? କେଉଁ ଯୋଗ୍ୟତା ଯୋଗୁଁ ମନୋରମା ତାଙ୍କର ମୁକ୍ତାମାଳା ତାଙ୍କ ଗଳାରେ ଶୋଭା ପାଉଛି, ଆଉ କେଉଁ ଅପକର୍ମ ପାଇଁ ଦୀନାରମା ମୋର ଓ ତାଙ୍କ ଗଳାରେ ଆମେରିକାନ୍ ସୁନାର ସରୁ ଚେନ୍‌ଟିଏ ସୁଦ୍ଧା ନାହିଁ ? ପ୍ରଶ୍ନର ସମାଧାନ ମୁଁ କରିପାରିଲି ନାହିଁ ।

(କୃଷ୍ଣ ପ୍ରସାଦ ମିଶ୍ର, କ୍ରୀତଦାସୀର କାବ୍ୟ)

(ଞ) ଭିତରେ ବାଣ ମରାମରି ଲାଗିଥିଲା ବେଳେ ପଦାରେ ସମସ୍ତେ କାନ ଡେରି ଶୁଣୁଥାଆନ୍ତି । ପାଟିର କଥାଗୁଡ଼ାକ ଆଉ ଅଣ୍ଟିଲା ନାହିଁ । କ୍ରମେ ହାତ ଗୋଡ଼ ବି କଥା କହିବାକୁ ଆରମ୍ଭ କଲେ । ଶେଷକୁ ଚଉକିର ହାତ ଗୋଡ଼ ଚଞ୍ଚଳ ହୋଇ ଉଠିଲେ । ଏଥରକ ଅନ୍ୟମାନେ ଆଉ ପଦାରେ ଲୁଚି ରହି ପାରିଲେ ନାହିଁ । ଘର ଭିତରକୁ ପଶିଯାଇ ଅଟକା ଅଟକି କରିଦେଲେ । ସେତେବେଳକୁ କିନ୍ତୁ ଦୁହିଁଙ୍କର ଲୁଗା କାମିଜ ଲାଳଝଣ୍ଡାରେ ପରିଣତ ହୋଇ ସାରିଥାଏ । ଆମ୍ବୁଲାନ୍‌ସରେ ଦୁଇ ରଣପା କବିଯାକ ବୁହାହୋଇ ଡ଼ାକ୍ତରଖାନାକୁ ଗଲେ । ଘରକୁ ଫେରିବାକୁ ଉଭୟଙ୍କୁ ପ୍ରାୟ ବଜରା ମାସେ ଲାଗିଗଲା ।

(ଫତୁରାନନ୍ଦ, ମଙ୍ଗଳବାରିଆ ସାହିତ୍ୟ ସଂସଦ)

(ଟ) ଆକାଶରେ ଶୁକ୍ଳା ତିଥିରେ ଜହ୍ନ ଉପରକୁ ଉଠି ଯାଇଥିଲା । ମାଛକାତିଆ ଛିଣ୍ଡା ଛିଣ୍ଡା ବଉଦ ଉହାଡ଼ରେ, ଜହ୍ନଟା ମୁଣ୍ଡାଏ ନିଆଁରଡ ପରି ଅସ୍ୱାଭାବିକ ଭାବରେ ଲାଲ ଦିଶୁଥିଲା । ରାତିର ଶିଶିର ବିନ୍ଦୁ ଆଶ୍ରମ ପଡ଼ିଆରେ ଘାସ ଓ ଅରମା ଗଛପତ୍ର ଉପରେ ବୁନ୍ଦା ବୁନ୍ଦା ଲୁହ ପରି ଝରି ପଡ଼ିଥିଲା । ଆଶ୍ରମରେ ସମସ୍ତେ ନିଘୋଡ଼ ନିଦରେ ଶୋଇ ପଡ଼ିଥିଲେ । ଆମ୍ବତୋଟାର ପତ୍ର ଗହଳି ଭିତରେ କେତେଟା ରାତିର ପକ୍ଷୀ ବେଳେବେଳେ ତାର ସ୍ୱରରେ ଚିତ୍‌କାର କରି ଉଠୁଥିଲେ । ପାଣିରେ ବୁଦ୍‌ବୁଦ ମିଳାଇ ଯିବା ପରି ରାତିର ନିଶୁତି ଭିତରେ ସେ ଶବ୍ଦ ପୁଣି ମିଳାଇ ଯାଉଥିଲା ।

(ସୁରେନ୍ଦ୍ର ମହାନ୍ତି, ଅନ୍ଧ ଦିଗନ୍ତ)

(ଶୁକ୍ଳାତିଥି, ତାର ସ୍ୱର, ବୁଦ୍‌ବୁଦ୍ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାକୁ ସଂସ୍କୃତରୁ ଆମଦାନୀ । ଏଗୁଡ଼ିକ ସାଧାରଣ ଓଡ଼ିଆ ବୁଝନ୍ତି କମ୍ ।)

Digitized by srujanika@gmail.com

(ଠ) ଯେତେବେଳେ ବଳଦଗାଡ଼ି ଖଣ୍ଡକରେ ଜିନିଷପତ୍ର ବୋଝେଇ କରି ଆଣି ବାପଘରେ ପହଞ୍ଚିଲା ସେତେବେଳେ ବୁଢ଼ା ଦିଲିର ଖାଁ ଦାଣ୍ଡପିଣ୍ଡାରେ ବସି ବିଡ଼ି ତିଆରି କରୁଥିଲା ।

ଟିକିଏ ରହମଠ ହୋଇ କଅଣ ଗୋଟାଏ ସତେ ଯେମିତି ଘଟିଛି ତାହା ଦେଖିବା ଲାଗି ଦିଲିର ଖାଁର ଘର ଆଡ଼ିକି ରହି ରହି ଅନାଉଛନ୍ତି ।

ତା ଆଗରେ ସାକୁଲେଇ ହେଇ ସବୁ କଥା ଗୁହାରି କଲା । ସେ ଓଲଟି ସ୍ତ୍ରୀ ପାଖରେ କୈଫିୟତ ଦେଇ କଥାଟାକୁ ସମ୍ଭାଳି ନେବାକୁ ଉପରୋଧ କଲା ।

(ସଚ୍ଚି ରାଉତରାୟ, ମାଟିର ତାଜ)

(ଏଠାରେ ଜବରଦସ୍ତି ଗ୍ରାମ୍ୟତା ଭର୍ତ୍ତି କରିବାର ଚେଷ୍ଟା କରାଯାଇଛି ।)

(ଡ) କ୍ଷୁଧାର୍ତ୍ତୀମାନଙ୍କ ଆର୍ତ୍ତନାଦରେ ଦେଶ ଉଛୁଳି ପଡ଼ିଲା । ପତ୍ର ପାଇବା ମାତ୍ରେ ବାଦ୍‌ଶାହାଙ୍କ ଚକ୍ଷୁରୁ ରକ୍ତ ବର୍ଷିବାକୁ ଲାଗିଲା । ସେ ରାଗରେ ପାଗଳ ହୋଇଗଲେ ।

ରାମକୃଷ୍ଣ ଦାସ – ବିଚିତ୍ର ବିଭୂତି

(ଢ) ଚାଟଶାଳିରେ ପଢ଼ିଲାବେଳକୁ କାଳିନ୍ଦୀ ନସ୍ତର କରୁଥିଲେ । ନିକଟବର୍ତ୍ତୀ ଗାଁ ସିମିଳା ଓ କେଶରପୁରରେ ତାଙ୍କୁ ସମସ୍ତେ ରୋଗ ଦେଖିବାକୁ ଲୋଡ଼ନ୍ତି । ଏହିପରି ତାଙ୍କର ଖ୍ୟାତି କ୍ରମେ ଗ୍ରାମ ଗ୍ରାମାନ୍ତରରେ ବିକାଶିଲା ।

ଲକ୍ଷ୍ମୀନାରାୟଣ ସାହୁ – କାଳିନ୍ଦୀ କମିଳା

(ଣ) ଏଥିମଧ୍ୟରେ ମଧୁ ଉନ୍ନତି–ନିଶୁଣିର ଦୁଇ ତିନି ଫଳି ଉପରକୁ ଉଠିଯାଇଛି । ମଧୁର ସେହି ଚାରିତ୍ର୍ୟ ବଳରେ ସାହେବ ସନ୍ତୁଷ୍ଟ । କିଛିଦିନ ପରେ ଜଣେ ଜମିଦାର ଆକଣ୍ଠ ଋଣଗ୍ରସ୍ତ ହୋଇ ସ୍ୱୀୟ ବିଶାଳ ଜମିଦାରୀ ଦୁଇଲକ୍ଷ ଟଙ୍କା ମୂଲ୍ୟରେ ମଧୁକୁ ବିକ୍ରୟ କଲା । ସେ ସମୟରେ ଜମିଦାରୀର ମୂଲ୍ୟ ଅଧିକ ନ ଥିଲା । 'ଟଙ୍କାଗଛ' – (ଅତ୍ୟନ୍ତ ଆଞ୍ଚଳିକ ଭାଷା, ଦୁର୍ବଳ ଶୈଳୀ)

(ତ) 'କାହାକୁ କିପରି ମଙ୍କୁରା କରିବାକୁ ହୁଏ ଜାଣିରଖ । × × × × × × ଏ ସ୍କୁଲ କଲେଜର ବାଇଜା ଟୋକା ଗୁଡ଼ାଙ୍କୁ ଦେଖୁନୁ × × × × × ମୋ ଭେକାଳ ବୁଡ଼ିଲା ମାଁ । ତୁ ଏ କେଲେଙ୍କାରିରେ ପଶନା । × × × × ବଡ଼ ହାତ ଭାରି ମାଇପିଟା ।

– ଯଥା ନଳସ୍ୟ ଦମୟନ୍ତୀ

(ଶୈଳୀ ଦୁର୍ବଳ । ଅହେତୁକ ଭାବରେ 'ଘରୁଆ' ଭାଷା ।)

Digitized by srujanika@gmail.com

(ଥ) ମାଳଟୀ ସାବୀର କୁଡ଼ିଆରେ ପାଖକୁ ଯାଇ ଦେଖିଲା, ଘରଟା ଖଣ୍ଡିଆଭୂତ ପରି ଦାନ୍ତନିକୁଟି କରି ଛିଡା ହୋଇଛି । ଘରର ନଡ଼ାକୁଟା ସବୁ ପବନରେ ତଳେ ଓଜାଡ଼ି ହୋଇ ପଡ଼ିଛି । ଆଉ ଘର ଭିତରେ ଜର ଜର ହୋଇ ବର୍ଷାପାଣି ପଡୁଛି । ଚାରିଆଡ ଖାଲି ଖାଁ ଖାଁ ହେଉଛି ।

(ବାଙ୍କନିଧି ପଟ୍ଟନାୟକ, ଧୂପଛାୟା)

(ଦ) ଷ୍ଟେସନରୁ ଗଡ଼କୁ ସିଂହଙ୍କ ବସ୍ ଚାଲିଲା । ମାଗୁଣୀର ଶଗଡ଼ ମଧ ଚାଲିଲା । କିନ୍ତୁ ବସ୍ ପୂର୍ଣ୍ଣ, ଶଗଡ଼ ଖାଲି । ମାଗୁଣୀ ଯେତେ ଆଗରୁ ରାତି ଅଧରୁ ଷ୍ଟେସନରେ ଶଗଡ଼ ହାଜର କଲେ ମଧ ଲୋକେ ଗଲେ ବସ୍‌ରେ । ଯେତେ ନୂଆ ଅଖାର ଗଦି ପକାଇଲେ ମଧ ଲୋକେ ଧାଇଁଲେ ବସ୍ ମୁହଁକୁ । ଯେତେ ହାତଧରି ଡାକିଲେ ମଧ ଲୋକେ ଚାହିଁଲେ ବସ୍ ଆଡକୁ । ଦିନେ ଗଲା, ଦୁଇ ଦିନ ଗଲା । ସେ ଦୁଇ ଓଳି ଖାଇକରି ଆସୁଥିଲା । ଓଳିଏ ଖାଇ ଅଇଲା । ସେ ଭାତ ଖାଇ ଆସୁଥିଲା, କ୍ରମେ ତିନିଓଳି, ଚୁଲି ଜଳିଲା ନାହିଁ । କାଳିଆ କସରାର ଛାତି ହାଡ଼ ଦେଖାଗଲା । ସେମାନଙ୍କୁ ଧରି ସେ ଯେତେବେଳେ କାନ୍ଦିଲା – କିଏ କହିଲା ପାଗଳ, କିଏ ବା କହିଲା ବାୟା ।

(ଗୋଦାବରୀଶ ମହାପାତ୍ର, ମାଗୁଣୀର ଶଗଡ଼ ।
'ଏବେ ମଧ ବଞ୍ଚିଛି' ବହିରୁ ।)

ଓଡ଼ିଆ ଭାଷାର ଆଜିର ଗଦ୍ୟ ଭାଷାର ରୂପ କେଉଁ ଦିଗରେ ଗତି କରିବ ତାହା କଳନା କରିବା ସହଜ ନୁହେଁ । ଆଗରୁ କେବେ ଉଦ୍ୟମରେ ପଡ଼ିନଥିବା ଭାବ ବା ଚିନ୍ତା ପ୍ରକାଶ କରିବାକୁ ଓଡ଼ିଆଭାଷାର ଗଦ୍ୟ ଏବେ ଚେଷ୍ଟା କରିଛି । ବେଳେ ବେଳେ ଅତି ବୁଦ୍ଧିମାନର ଭାଷାରେ ପଡ଼ି ଆପଣାର ପାଠକ ବା ଗ୍ରାହକ ବା ଶ୍ରୋତାମାନଙ୍କୁ ଭୁଲି ଯାଇ ଭାଷା ଆପଣାର ବୋଧିକା ସୀମା ହୁଡ଼ିଛି ଓ ବୈତରଣୀ ନଦୀ ପରି କୂଳ ଲଂଘିଛି । ବିଶେଷତଃ ଯେଉଁଠାରେ ଆଧୁନିକ ବିଜ୍ଞାନ, ପ୍ରକୃତି ବିଜ୍ଞାନ ବା ମାନବ ବିଦ୍ୟା-ବିଜ୍ଞାନ-କଥା ଆସିଛି ଅଥବା ସେହି ବୈଜ୍ଞାନିକ ପ୍ରଣାଳୀରେ ବର୍ଣ୍ଣନା କରିବାର ଉଦ୍ୟମ ହୋଇଛି (ଯଥା ଗୋପୀନାଥ ମହାନ୍ତିଙ୍କର ଲେଖା) ସେଠାରେ ଭାଷା ତାର ସ୍ୱଚ୍ଛନ୍ଦ ଗତ ହରାଇବାର ଆଶଙ୍କା ଆସିଛି ଓ ତାହା ସଙ୍କୁଚିତ ହୋଇ ଯାଇଛି ।

ଭବିଷ୍ୟତ ପାଇଁ ଅନ୍ୟ ଭାଷାର ଉଦାହରଣରୁ ଓ ଆମର ନିଜର ଅଭିଜ୍ଞତାରୁ ଏତିକି କୁହାଯାଇପାରେ ଯେ (୧) ଓଡ଼ିଆ ଭାଷାରେ ସର୍ବନାମରେ ଦ୍ୱିତୀୟ ପୁରୁଷରେ 'ତୁ', 'ତୁମ୍ଭେ' ଓ 'ଆପଣ' ତିନୋଟି ନରହି 'ତୁମେ ବୋଲି ବା ଆପଣ ବୋଲି ଗୋଟିଏ ସର୍ବନାମ ରହିଯିବ । (୨) ତୃତୀୟ ପୁରୁଷରେ ସେ, ତାଙ୍କେ ଓ ସେମାନେ

Digitized by srujanika@gmail.com

(କଟକ ସହରରେ ଏକବଚନରେ ବେଳେ ବେଳେ ବ୍ୟବହାର ହୁଏ) ଉଠିଯାଇ 'ସେ' ହିଁ ରହିବ ଓ (୩) ସବୁ ତୃତୀୟ ପୁରୁଷର ସର୍ବନାମ ଓ ବିଶେଷ୍ୟ କର୍ତ୍ତା ପଦର ଗୋଟିଏ ପ୍ରକାର କ୍ରିୟା ହୋଇଯିବ । ଯଥା, "ତୁ ଯେତେ ବୋଲିବୁ ବୋଲ, ସରକାରର ଦେହଟାଯାକ ପୋଲ ।" ଏଠାରେ ସରକାରର ମାନ୍ୟାର୍ଥ ଲୋପ ପାଇଛି । ଅଥବା ଯଥା "ଏବେ ଆମର ଯେଉଁ ସାହେବ ଆସିଛି ସେଟା ବଡ଼ କଡ଼ା ଲୋକ ।" "ଏବେଁ ଆମର ଯେଉଁ ସାହେବ ଆସିଛନ୍ତି ସେ ବଡ଼ କଡ଼ା ଲୋକ" ଏ'କଥା ଆଉ ବ୍ୟବହାରରେ ରହିବ ନାହିଁ ।

କ୍ରିୟାପଦର ଯାହା ପରିବର୍ତ୍ତନ ହେବ ତାହା ଭାଷା ବିଜ୍ଞାନର ଆଲୋଚନାରୁ ସ୍ପଷ୍ଟ ହୋଇଯିବ । ତେଣୁ ସେ ବିଷୟରେ ଏଠାରେ ଉତ୍‌ଥାପନ କରିବା ଅନାବଶ୍ୟକ ।

❑ ❖ ❑

Digitized by srujanika@gmail.com

ଓଡ଼ିଆ ଭାଷାର ଜନ୍ମ କଥା

ଏ ଦୁନିଆ ଭାଷାର ରତ୍ନାକର । ଏବେ ଯେତେବେଳେ ଦାବି ଉଠିଲାଣି ଯେ ଭାରତରେ ଚଉଦଟା ଭାଷା ଚଳୁ, କାଲି ନିଶ୍ଚୟ ଦାବି ଉଠିବ ଚଉଦଟା କାହିଁକି ଯେତେ ଭାଷାରେ ଭାରତଭୂମିର ଲୋକେ କଥା କହନ୍ତି ସବୁ ଭାଷା ଚଳୁ ।

ସେତେବେଳେ ମନେ ମନେ ଆସେ, ଏତେ ଗୁଡ଼ିଏ ଭାଷା ହେଲା କାହିଁକି ? ହାତୀ, ଚଢ଼େଇ, ମେଣ୍ଢା, ଭଅଁର, ଶିଆଳ, ଘୋଡ଼ା,ଗୋରୁ ପ୍ରଭୃତି ବିଭିନ୍ନ ଜୀବ ଜନ୍ତୁଙ୍କର ଗୋଟିଏ ରାହା, ଗୋଟିଏ ଭାଷା । ସେମାନେ ଏକଭାଷୀ ; କେବଳ କୁଆଟୁ ଜଣାପଡୁଛି, ବହୁଭାଷୀ । ତେବେ ମନୁଷ୍ୟ କାହିଁକି ଏକଭାଷୀ ହେଲା ନାହିଁ ?

ଖୀରଷ୍ଟାନଙ୍କର ବାଇବେଲର ବାବେଲ ଗମ୍ବୁଜ କାହାଣୀରେ ଅଛି ଯେ, ପୂର୍ବେ ମଣିଷ ଏକଭାଷୀ ଥିଲା । ଅର୍ଥାତ୍, ସବୁ ମଣିଷ ଗୋଟିଏ ଭାଷାରେ କଥା କହୁଥିଲେ । ସେମାନେ ଈଶ୍ୱରଙ୍କ ସାଙ୍ଗରେ ବାଦ ସାଧିଲେ; ତେଣୁ ମହାପ୍ରଭୁ ପରମେଶ୍ୱର ସେମାନଙ୍କର କଥାର ଭାଙ୍ଗ ଅଡୁଆ ତଡୁଆ କରିଦେଲେ । ଏ ହେଉଛି ଖ୍ରୀଷ୍ଟ ଜନ୍ମ ପୂର୍ବର ଛଅଶହ ବର୍ଷ ତଳର କଥା । ତେବେ ଏହି କାହାଣୀରେ ବୋଧହୁଏ ଏତିକି ସତ୍ୟ ଅଛି ଯେ, ପୃଥିବୀର ଅନେକଗୁଡ଼ିଏ ଭାଷାରେ ବହୁତ ମେଳ ଅଛି । ତେଣୁ ଭାଷାମାନଙ୍କର ବଂଶାବଳି ଠିକ୍ କରାଯାଇପାରେ । କେତେକ ଭାଷା ପରସ୍ପର ନିକଟ ସଂପର୍କ । କେତେକ ଦୂର, କେତେକ ବହୁଦୂର । ଭାଷା ଏବେ ପରସ୍ପରଠାରୁ ଚେହେରାରେ ଭିନ୍ନ ଦେଖାଯାଉଥିଲେ ବି କେତେକ ସେମାନେ ଜ୍ଞାତି ଭାଇ ଭଉଣୀ । ଏଠାରେ ଚେହେରା ବୋଇଲେ ଉଚ୍ଚାରଣ, ବ୍ୟାକରଣ, ଶବ୍ଦସମ୍ଭାର, ବାକ୍ୟବିନ୍ୟାସ ଇତ୍ୟାଦିର ସମନ୍ୱୟ ।

ଓଡ଼ିଆ ଭାଷା ଏଭଳି ଗୋଟିଏ ବଂଶାବଳିର ଶାଖା । ଭାଷାତତ୍ତ୍ୱଜ୍ଞାନୀମାନଙ୍କ ମତରେ ୟୁରୋପର ଅଧିକାଂଶ ଓ ଏସିଆର କେତୋଟି ଭାଷା ଗୋଟିଏ ଗୋତ୍ରର ବା ଗୋଷ୍ଠୀର । ଏବେ ଆମେ ଓଡ଼ିଆ ଭାଷାର ଭଗିନୀ ହିସାବରେ ବଂଗ, ଅସମିୟା, ମୈଥିଳୀ, ବ୍ରିଜ ଭାଷା ଇତ୍ୟାଦିମାନଙ୍କୁ ଚିହ୍ନି ପାରିବା । ତେବେ ଓଡ଼ିଆ ସାଙ୍ଗରେ

Digitized by srujanika@gmail.com

କାଶ୍ମୀର ବା ଏପରିକି ଇଂରାଜ, ଜର୍ମାନ, ଫରାସୀ ଇତ୍ୟାଦି ଭାଷା ବି ଯେ ଏକା ଗୋତ୍ରର ଏକଥା ବାହାରୁ ଠଉରାଇବା କଷ୍ଟ । ତେବେ ପଣ୍ଡିତମାନେ ନିଶ୍ଚିତ ଯେ ଏମାନେ ଏକା ବଂଶର । ଏମାନଙ୍କର ପିତୃପୁରୁଷ ଜଣେ ।

ଏହି ପିତୃପୁରୁଷଙ୍କୁ କେତେକ କହନ୍ତି ଆର୍ଯ୍ୟ, କେତେକ (ହିନ୍ଦ୍‌-ଜର୍ମାନିକ୍), କେତେକ ହିନ୍ଦ-ଇଉରୋପୀୟ । ତେବେ ଏବେ ଆଉ ଆର୍ଯ୍ୟ ଭାଷା ବ୍ୟାପକ ଅର୍ଥରେ ଚଳୁନାହିଁ । ଆର୍ଯ୍ୟଭାଷା ବୋଲି କହିଲେ କେବଳ ସଂସ୍କୃତ, ପ୍ରାକୃତ ଓ ଆଜିର ସଂସ୍କୃତ – ପ୍ରାକୃତର ଅପଭ୍ରଂଶ ଉତ୍ତର ଭାରତୀୟ ଭାଷା ଓ ପାରସ୍ୟର ଭାଷାକୁ ବୁଝାଉଛି । ତା'ଛଡ଼ା ହିଟଲର ଏହି ଆର୍ଯ୍ୟ ଶବ୍ଦକୁ ତ ଦୁଷିତ କରି ଦେଇଛି । ତେଣୁ ଏହି ଶବ୍ଦକୁ ଇଉରୋପରେ ବ୍ୟବହାର ନ କଲେ ତ୍ରାହି । ଆର୍ଯ୍ୟ ଶବ୍ଦଟା ବହୁ କାରଣରୁ ଏଭଳି ଗୋଟିଏ ବିଗଡ଼ା ଶବ୍ଦ ହୋଇଯାଇଛି ଯେ, ଦକ୍ଷିଣ ଭାରତର ଦ୍ରାବିଡ଼ ଭାଷାମାନଙ୍କର ବିପରୀତ ଭାବରେ ଆର୍ଯ୍ୟ ବୋଲି କହିବାକୁ ଅନେକଙ୍କର ଶଙ୍କା । ହିନ୍ଦ – ଜର୍ମାନୀୟ ଭାଷା କହିଲେ ବି ଫରାସୀ, ଇଟାଲୀୟ, ସ୍ପେନୀୟ, ରୁମାନୀୟ ଭାଷାମାନେ ଓ ରୁଷ ଜାତୀୟ ସ୍ଲାଭମାନେ ମୁହଁ ଶୁଖାଇବେ । କାରଣ ଏ ଦୁଇଟି ଗୋଷ୍ଠୀ, ରୋମାନ୍‌ସ ଓ ସ୍ଲାଭ, ଜର୍ମାନ ପଙ୍ଗତରେ ବସନ୍ତି ନାହିଁ, (ଇଂରେଜମାନେ ବସନ୍ତି) ତେଣୁ ଏହି ପିତୃପୁରୁଷଙ୍କର ନାମ ହିନ୍ଦ୍‌-ଇଉରୋପୀୟ ବୋଲି କହିବା ସବୁଠୁଁ ନିର୍ଭୁଲ ହେବ ।

ପରପୃଷ୍ଠାରେ ଏହି ହିନ୍ଦ୍ – ଇଉରୋପୀୟ ବଂଶାବଳୀର ବଂଶବୃକ୍ଷ ଦିଆଯାଇଛି ।

ଯିଶୁଖ୍ରୀଷ୍ଟ ଜନ୍ମ ହେବାର ୩୦୦୦ ଠାରୁ ୩୫୦୦ ବର୍ଷ ପୂର୍ବେ ଦଳେ ବାରବୁଲା ଲୋକ କୃଷ୍ଣସାଗର କୂଳରେ ଏଠା ସେଠା ହେଉଥିଲେ । କେତେକଙ୍କ ମତରେ ସେମାନେ ସାଇବିରିଆ ଷ୍ଟେପିସ୍ ପଡ଼ିଆ ପର୍ଯ୍ୟନ୍ତ ବି ଚମକି ଯାଇଥିଲେ । ଏମାନେ ଆପଣା ଚଲାବାଟରେ ନିଜ ଭିତରେ ବିଭକ୍ତ ହୋଇଗଲେ ଓ ଇଉରେସିଆ ମହାଭୂଖଣ୍ଡରେ ଚତୁର୍ଦ୍ଦିଗରେ ଦଳ ଦଳ ହୋଇ ଖେଦିଗଲେ । ଗଲାବେଳେ ଅବଶ୍ୟ ସମସ୍ତଙ୍କ ମୁହଁରେ ପୈତୃକଭାଷା (ବା ମାତୃଭାଷା) ଥିଲା । କିନ୍ତୁ ପରସ୍ପରଠୁଁ ବିଭିନ୍ନ ହୋଇ ସେମାନେ ଦେଶ-କାଳ-ପରିବେଶ-ପାତ୍ର ଭେଦରେ ଯେଝା ବାଟରେ କଥାର ରାହା ମେଲିଦେଲେ । ଏଭଳି କେତେ ବର୍ଷ ପରେ କେତେଗୁଡ଼ିଏ ଉପଭାଷା ବି ଚାଲୁ ହୋଇ ଯାଇଥିଲା । ଯାହାକୁ ବୋଲିବା ଭାଷା ବା ଡାଏଲେକ୍ଟ କହୁଛନ୍ତି । ପୁଣି ଯେ ଦେଶେ ଯାଇ ସେ ଫଳ ଖାଇ ରୀତିରେ ସେମାନେ ବି ନୂଆ ନୂଆ ପଦାର୍ଥ ଆଉ ନୂଆ ନୂଆ ବୃତ୍ତି ବା ପେଷା ପାଇଁ ନୂଆ ପଦମାନ ଆପଣା କଥାଭାଷାରେ ଯୋଡ଼ିଲେ । ଯେଉଁମାନେ ଆମ୍ବ ଦେଶକୁ ଗଲେ ସେମାନେ ଆମ୍ବ ଫଳକୁ ଆମ୍ବ ବୋଲି ନାଁ ଦେଲେ ।

Digitized by srujanika@gmail.com

ଯେଉଁମାନେ ବରଫ ଦେଶକୁ ଗଲେ ସେମାନେ ବରଫକୁ ଆଗେ ଚିହ୍ନି ତା'ପରେ ତା'ର ନାଁ ରଖିଲେ । ଯେଉଁ ଅଞ୍ଚଳରେ ଯିଏ ଯେଉଁ ଜୀବିକାକୁ ପ୍ରଧାନ କରି ଆଦରିଲେ ସେହି ଜୀବିକାକୁ କେନ୍ଦ୍ର କରି କ୍ରିୟାପଦ ତିଆରି କଲେ । ଯଥା – ମାଛ ଧରିବା, କାଠ କାଟିବା, ଗାଈ ଦୁହିଁବା, ଜମି ଚଷିବା ଇତ୍ୟାଦି ।

ଏତିକିବେଳେ ଏହି ସାବକ ପୈତୃକ ଭାଷାରୁ ସର୍ବମୋଟ ଆଠୋଟି ଭାଇ ଭଉଣୀ ବାହାରିଥିଲେ । ଏମାନେ ସେ ଯାଏ ଉପଭାଷା ଥିଲେ । ଏମାନେ ବି କାଳକ୍ରମେ ଛାଡ଼ବାଡ଼ ହୋଇଗଲେ । ଏହି ଚିରନ୍ତନ ଧାରା ତ ଛୁଟିଲା । ଶେଷରେ ଏମାନଙ୍କ ଭିତରେ ଛାଡି ଛାଡିରେ ସଂବଂଧ ବା ବନ୍ଧୁରେ ବନ୍ଧୁ ହୋଇ ନାନାପ୍ରକାର ଭେଦର ଭାଷା-ସର୍ଜନା ହେବାରେ ଲାଗିଲା । ପୂର୍ବରେ ଦିଆଯାଇଥିବା ଚିତ୍ରରୁ ଏହି ବଂଶାବଳି ବିଷୟରେ କିଛି ଧାରଣା କରିହେବ । ତେବେ ଦ୍ରାବିଡ଼, ଅଷ୍ଟ୍ରିକ (ମୁଣ୍ଡା, ଓରାଁ, ନାଗା, ମିଜୋ ଇତ୍ୟାଦି ଆଦିବାସୀ) ସେମିଟିକ (ହିବ୍ରୁ, ଆରବ ଇତ୍ୟାଦି) ଓ ଚୈନିକ ପ୍ରଭୃତି ଭାଷାମାନଙ୍କର ଏହି ବଂଶ ସାଙ୍ଗରେ ସଂପର୍କ ଏପର୍ଯ୍ୟନ୍ତ ସ୍ଥିର ହୋଇ ନ ଥିବାରୁ ସେମାନେ ଏହି ବଂଶାବଳିରେ ସାମିଲ ନୁହନ୍ତି । ସେମାନେ ଏଥିରେ ସାମିଲ ନ ଥିବାରୁ ବି ଅନେକ ଭାଷାବିଦ୍‌ଙ୍କର ଧାରଣା ଯେ ଏମାନେ ବୋଧହୁଏ ପୃଥିବୀର ବିଭିନ୍ନ ସ୍ଥାନରେ ଏକ ସମୟରେ ଜନ୍ମ ହୋଇଥିଲେ । କିନ୍ତୁ ଏକଥା ଠିକ୍ ଯେ ଏହି ଭାଷାମାନେ କେବଳ ହିନ୍ଦୋ-ଇଉରୋପୀୟଙ୍କ ଠାରୁ ଭିନ୍ନ ନୁହନ୍ତି, ଏମାନେ ମଧ୍ୟ ପରସ୍ପର ଭିତରେ ଏକା ଗୋଷ୍ଠୀର ନୁହନ୍ତି ।

ହିନ୍ଦ୍-ୟୁରୋପୀୟ ବଂଶବୃକ୍ଷ

ଭାଷାମାନଙ୍କର ସାଦୃଶ୍ୟ

ହିନ୍ଦ-ଇଉରୋପୀୟ ଭାଷା ବିଷୟରେ ଆମର ଏ ଯାଏ ପ୍ରତ୍ୟକ୍ଷ ସିଧାସଳଖ ଧାରଣା ନାହିଁ । ଏମାନଙ୍କର ଶବ୍ଦସମ୍ଭାର ସୀମିତ ଥିଲା । ତେବେ ଏ ଭାଷାଗୁଡ଼ିକ ଖୁବ୍ ସରଳ ଭାଷା ନଥିଲେ । ବରଂ, କହିବାକୁ ହେଲେ, ଜଟିଳ ଥିଲେ । ଭାବ ପ୍ରକାଶରେ ସରଳତା ଆଉ ସଳଖପଣ ଉଚ୍ଚକୋଟିର ବୁଦ୍ଧି ଓ ସଭ୍ୟତାର ଲକ୍ଷଣ । ସେଥିପାଇଁ ଭାଷାର ବିକାଶ ସଙ୍ଗେ ସଙ୍ଗେ ଶବ୍ଦରେ ଅନାବଶ୍ୟକ ବିଭକ୍ତି ଯୋଗ, ଅନା ବନା ଓ ଓଲଟା ସିଧା ପଦ ଲୋପ ପାଇଥାଏ । ପୁରୁଣା ଭାଷାରେ ଲିଙ୍ଗ, ବଚନ, କାରକ, ବିଭକ୍ତିର ଯେତେ ଶାଙ୍କୋଳି ଥାଏ ତାହା ଏବର ଭାଷାରେ ସେତେ ଦେଖିବାକୁ ମିଳେ ନାହିଁ । ଏହି କାରଣରୁ ଅଷ୍ଟ୍ରେଲିଆର ଆଦିମ ଅଧିବାସୀଙ୍କ ଭିତରେ ଚଳୁଥିବା ଭାଷାସବୁ ଆଧୁନିକ ଭାଷାମାନଙ୍କ ଭିତରେ ସବୁଠୁଁ ଜଟିଳ । ଜଣେ ଅଧାପାଠୁଆ ବା ଅଳ୍ପ ବୁଦ୍ଧିଆ ଲୋକ ନିଜ କଥା କହିଲା ବେଳେ ଯେଉଁଳି ଗୋଳିଆ

Digitized by srujanika@gmail.com

ପୋଳିଆ କରି କଥା କହେ ଜଣେ ପୂରା ପାଠୁଆ ବା ପୂରା ବୁଦ୍ଧିଆ ଲୋକ ସେଭଳି କହେ ନାହିଁ ।

ଉଦାହରଣ ସ୍ୱରୂପ, (ଭାଷାର ଜଟିଳତାର ଗୋଟିଏ ନମୁନା) ଆଗେ ଇଣ୍ଡୋ-ଇଉରୋପୀୟମାନେ (ହିନ୍ଦ-ଇଉରୋପୀୟ) 'ମୁଣ୍ଡ' ପାଇଁ ଯୋଡ଼ିଏ ଶବ୍ଦ ରଖିଥିଲେ । 'ମୋ ମୁଣ୍ଡ' ପାଇଁ ଗୋଟିଏ ଶବ୍ଦ ଓ 'ତୋ ମୁଣ୍ଡ' ପାଇଁ ଆଉ ଗୋଟିଏ । ତା'ପରେ ଯେତେବେଳେ ବିଚାରବୁଦ୍ଧିର ବିକାଶ ହେଲା ସେତେବେଳେ ଲୋକଙ୍କର ଖିଆଲ ହେଲା ଯେ, 'ମୁଣ୍ଡ' ଗୋଟିଏ ଜିନିଷ । ବ୍ୟକ୍ତିବିଶେଷର 'ମୁଣ୍ଡ' ଭିତରେ କିଛି ଫରକ ନାହିଁ । କେବଳ 'ମୁଣ୍ଡ' ବୋଲି ଗୋଟିଏ ଶବ୍ଦ ରଖି ସେଥିରେ 'ତୋର' 'ମୋର' ଲୋଡ଼ା ମୁତାବକ ଯୋଡ଼ିଲେ କାମ ଚଳିବ ।

ଏବେ ବି ପୈତୃକ ଭାଷାର ଚିହ୍ନ ସବୁ ହିନ୍ଦ-ଇଉରୋପୀୟ ଗୋତ୍ରର ଭାଷାରେ ଖୋଜିଲେ ମିଳିବ, ଠିକ୍ ଯେମିତି ମାଟି ତଳର ପଥର ଦେହରେ ଫସିଲର ଚିହ୍ନ ମିଳୁଛି । ଆଜିର ୟୁରୋପୀୟ ଭାଷାମାନଙ୍କରେ (ଆଉ ପୁରୁଣା କାଳର ଭାଷାରେ) ବ୍ୟକ୍ତିଗତ ସର୍ବନାମଗୁଡ଼ିକ ଏକବଚନରେ ପ୍ରାୟ ଏକାଭଳି । ଆଜିର ଇଂରେଜ କ୍ରିୟାର 'to have' ର ଆଧୁନିକ ଜର୍ମାନ୍, ଓଲନ୍ଦାଜ ଭାଷା ଓ ଅନ୍ୟାନ୍ୟ ଭାଷାର ସେହି କ୍ରିୟା ସଙ୍ଗେ ମେଳ ଅଛି ।'father', 'mother', 'brother' ପ୍ରଭୃତି ସହିତ ପିତର, ମାତର, ଭ୍ରାତର, ଇତ୍ୟାଦି ଶବ୍ଦର ମେଳ ବି ସ୍ପଷ୍ଟ । ତେବେ ଖୁଡ଼ୀ, କକେଇ, ଭଣଜା, ଭାଣଜୀ ପ୍ରଭୃତି ଟିକିଏ ଦୂର ସଂପର୍କ ବେଳକୁ ଏହି ମେଳ ଦୂର ହୋଇଯାଇଛି । ଏଥିରୁ ମନେ କରିବାର କାରଣ ଅଛି, ଯେ ହିନ୍ଦ-ଇଉରୋପୀୟ ଭାଷାର ପହିଲି ଭୋର ବେଳେ ସେମାନେ ବାପ, ମା, ଭାଇ ପ୍ରଭୃତି ନିକଟ ସଂପର୍କ ଛଡ଼ା ଅନ୍ୟ ସଂପର୍କକୁ ଚିହ୍ନଟ କରିବାକୁ ଶିଖି ନଥିଲେ । ତେଣୁ ଏସବୁ ଦୂର ସଂପର୍କଙ୍କ ଲାଗି ସେତେବେଳକୁ ଶବ୍ଦ ଆହୁରି ତିଆରି ହୋଇ ନ ଥିଲା । ଏଠାରେ ସଂଖ୍ୟାଗୁଡ଼ିକର ନାମକରଣ ବି ଲକ୍ଷ୍ୟ କରିବାର କଥା । ଏକ, ଦୁଇ,ତିନି, ଚାରି, ପାଞ୍ଚ, ଛଅ, ସାତ, ଆଠ, ନଅରୁ, ଦଶ ସଂସ୍କୃତ ଏକ, ଦୁଇ, ତ୍ରି, ଚତୁଃ, ପଞ୍ଚ, ଷଟ୍, ସପ୍ତ, ଅଷ୍ଟ, ନବ, ଦଶ ସାଙ୍ଗରେ ଲାଟିନ୍ ଉନସ୍ (ଗ୍ରିକ୍ ଆଇସ୍) ଦ୍ୱୋ (ଦ୍ୱୋ); ଟ୍ରେସ (ତ୍ରିସି); କ୍ୱାର୍ଟୁଆର, ଟେସାରା (କ୍ୱିନକ୍ୱେ), ପେଣ୍ଟେ; ସେକ୍ସ୍ (ହେକ୍ସ) ସିକ୍ସ; ସେପଟେମ୍, ହେପ୍‌ଟା; ଅକ୍ଟୋ, ଅକ୍‌ଟୋ; ନୋଭେସ୍,ଏନିଆ, ନାଇନ୍, ଡ଼ିସେମ୍, ଡ଼େକା ଇତ୍ୟାଦି ପରସ୍ପରଠାରୁ କେତେ ନିକଟବର୍ତ୍ତୀ ତାହା ବୁଝିବା କଷ୍ଟକର ନୁହେଁ ।

ତେବେ 'ଦଶ' ତେଇଁ 'ଏଗାର', 'ବାର', 'ତେର', ବେଳକୁ ଏହି ମେଳକ ଆଉ ରହୁନାହିଁ । ଓଡ଼ିଆ, ବଂଗଳା, ଅସମିୟା ଇତ୍ୟାଦିର କିଛି କିଛି ମେଳକ ଅଛି କାରଣ ଏମାନଙ୍କର ପ୍ରାକୃତରୁ ବିଭାଗ ହେଲାବେଳକୁ ଦଶ-ପର ସଂଖ୍ୟାର ପ୍ରଚଳନ

Digitized by srujanika@gmail.com

ହୋଇ ଯାଇଥିଲା । ବୋଧହୁଏ ଦଶରୁ କୋଡ଼ିଏ ଯାଏ ହିସାବ ପ୍ରଥମେ ଚଳୁଥିଲା । ତେଣୁ ଏବେ ବି ସାଧାରଣ ପାଠୁଆ-ଅପଢୁଆ ଲୋକେ କୋଡ଼ିରେ ହିସାବ କରନ୍ତି ଓ ଚାରି କୋଡ଼ିକୁ ପଣ ପଣ ବୋଲି ଓଡ଼ିଆରେ ହିସାବ କରାଯାଏ । 'କୋଡ଼ି' ବୋଧହୁଏ ହାତରେ ଦଶୋଟି ଆଙ୍ଗୁଠି ଓ ଗୋଡ଼ର ଦଶୋଟି ଆଙ୍ଗୁଠିକୁ ଘେନି ହିସାବ ହେଉଥିଲା । ମୋଟ କଥା, ସେ କାଳ ମଣିଷମାନେ ଆଙ୍ଗୁଠିରେ ଗଣୁଥିଲେ । ତେଣୁ ପହିଲି ପ୍ରଥମ ଦଶରୁ ଆଉ ବେଶି ଦୂରକୁ ଯିବାର ସୁବିଧା ନଥିଲା । ହିନ୍ଦ - ଇଉରୋପୀୟମାନେ ଆପଣା ଭିତରେ ଛାଡ଼ବାଡ଼ ହେବାଯାଏ ଏହି ଦଶ ପର୍ଯ୍ୟନ୍ତ ଗଣି ଶିଖିଥିଲେ । ଦଶରୁ ଉପରକୁ ଗଣିବାର ରୀତି ହେଉଛି ଏହି ଛାଡ଼ବାଡ଼ର ପରବର୍ତ୍ତୀ କାଳର କଥା । ତେଣୁ ପ୍ରତ୍ୟେକ ଭାଷା ସ୍ୱତନ୍ତ୍ର ଭାବରେ ଏଗାର, ବାର, ତେର ପାଇଁ ଯେଝା ଶବ୍ଦ ତିଆରି କରିଥିବେ ।

ଡକ୍ଟର ହେନରି ବେଟ୍ ତାଙ୍କର ଶବ୍ଦ ରାଜ୍ୟର ବିଚରଣ (୧୯୩୬) (Wandering Amongst Words) ନାମକ ପୋଥିରେ ଦର୍ଶାଇଛନ୍ତି ଯେ ଲାବ୍ରାଡ଼ରରେ 'ପାଞ୍ଚ' ଆଉ 'ହାତ' ଏଇ ଦୁଇଟା ଅର୍ଥ ବୁଝାଇବା ପାଇଁ ଗୋଟିଏ ଶବ୍ଦ ରହିଛି । କାହିଁ କାନାଡ଼ାର ଲାବ୍ରାଡ଼ର କାହିଁ ଦକ୍ଷିଣ ପୂର୍ବ ଏସିଆର ଶ୍ୟାମ (ଥାଇଲ୍ୟାଣ୍ଡ) ! ତେବେ ଏଥିରୁ ଏହି ଗୋଟିକ ସୂତ୍ର ମିଳୁଛି ଯେ ପାଞ୍ଚଯାଏ ଗଣିଲେ ଗୋଟିଏ ହାତର ଆଙ୍ଗୁଠି ସରୁଛି । ତେଣୁ 'ପାଞ୍ଚ' ହେଲା ଗୋଟିଏ ହାତ ଆହୁରି କୌତୁକ କଥା ଯେ ରୋମାନ୍ ମାନଙ୍କର i, ii, iii, iiii, v ବେଳକୁ ଗୋଟିଏ ନୂଆ ଚିହ୍ନ ଚଳୁଛି । ଏହାର ଅର୍ଥ ପାଞ୍ଚ ପୂରା ହୋଇଗଲେ ଗୋଟିଏ ନୂଆ ଥାକ ସରିଲା ବୋଲି ରୋମାନ୍‌ମାନେ ବୁଝୁଥିଲେ ।

ହାତରେ ଗଣିବା ଅଭ୍ୟାସ ଏବେ ବି ଚାଲିଛି । ହାଟୁଆ ବାଟୁଆ ଲୋକେ, ବାଳୁତ ସ୍କୁଲ ପିଲାଏ ମିଶାଣ ଫେଡ଼ାଣ ବେଳେ ଆଙ୍ଗୁଠି ପଗ ଗଣିବାକୁ ଏବେ ବି ଛାଡ଼ି ନାହାନ୍ତି । ଏହାଠାରୁ ଆହୁରି ଜଟିଳ ଗଣନା ପାଇଁ ପୂର୍ବେ ବାଲିଗରଡ଼ା ବ୍ୟବହାର ହେଉଥିଲା । ଏବେ ତାହାକୁ ଗଣ୍ଠିମାଳାରେ କରୁଛନ୍ତି । ଲାଟିନ୍‌ରେ ବାଲିଗରଡ଼ାକୁ କାଲକ୍ୟୁଲସ୍ କହନ୍ତି । ଏଥିରୁ ଇଂରାଜୀ ଶବ୍ଦ ବାହାରିଛି 'କାଲକ୍ୟୁଲେସନ୍' ଯାର ଅର୍ଥ ହେଲା 'ହିସାବ କରିବା' । କାଲକ୍ୟୁଲସ ଭଳି ଏକ ସରଳ ବ୍ୟାପାର ଆଜି ଗଣିତ ଶାସ୍ତ୍ରରେ ସର୍ବୋଚ୍ଚ ଗଣନା ରୀତିର ନାମ ହୋଇଯାଇଛି । ଏହା ହିଁ ଶବ୍ଦର ଅଦ୍ଭୁତ କ୍ରିୟାକଳାପ ।

ଭାରତୀୟ ଭାଷାମାନଙ୍କର ଉତ୍ପତ୍ତି

ଡକ୍ଟର ସୁନୀତି ଚାଟାର୍ଜୀ ତାଙ୍କର 'ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟ' ନାମକ ପୋଥିରେ ଦର୍ଶାଇଛନ୍ତି ଯେ ହିନ୍ଦ୍-ଇଉରୋପୀୟ ମୂଳ ଭାଷାର ଏକ ଶାଖା,

Digitized by srujanika@gmail.com

ହିଟାଇଟ୍‌ମାନେ, ପ୍ରାୟ ଖ୍ରୀଷ୍ଟପୂର୍ବ ୨୦୦୦ ସାଲରେ ଏସିଆ ମାଇନର ଅଞ୍ଚଳରେ ବସତି କରିଥିଲେ । ଏଇଠି ସେମାନେ ଏକ ବିଶାଳ ସାମ୍ରାଜ୍ୟ ଗଢ଼ିଥିଲେ । ହିନ୍ଦ-ଇଉରୋପୀୟମାନଙ୍କର ଆଉ ଏକ ଶାଖା ବଲଟିକ୍ ଆଉ ସ୍ଲାଭ ଭାଷା ଭିତରୁ ଫିଟି ୨୨୦୦ ଖ୍ରୀଷ୍ଟପୂର୍ବ ବେଳକୁ ମେସୋପୋଟାମିଆ ବା ଆଜିର ଇରାକ ବାଟ ହେଇ ଆସିଥିଲେ । ସେଇଠି କେତେକ ବସବାସ କରି ରହିଗଲେ । ଆଉ ସେମେଟିକ ଭାଷା ଭିତରେ ହଜମ ହୋଇ ହଜିଗଲେ । ଆଉ ଥୋକେ ପୂର୍ବକୁ ମାଡ଼ି ଚାଲିଲେ । ବାଟରେ ପାରସ୍ୟ ବା ଇରାନ୍‌ରେ ଥୋକେ ରହିଲେ । ଏମାନେ ମାଡା, ପାର୍ସୀ ଓ ଶକନାମରେ ବିଦିତ । ବାକି କେତେକ ଉପଜାତି ଯଥା ଭାରତ, ଭୃଗୁ, ଧୃହ୍ୟୁ, ଦ୍ରୁହ୍ୟ, ସଞ୍ଜୟ ଅଇଳାସ ଭାରତ ଆଡ଼କୁ ମାଡ଼ି ଆସିଥିଲେ । ଏଇଟା ଖ୍ରୀଷ୍ଟପୂର୍ବ ୧୫୦୦ ବେଳର ଘଟଣା ।

ଏହିମାନେ ଭାରତର ବିଭିନ୍ନ ଅଞ୍ଚଳରେ ବିଭକ୍ତ ହୋଇଯାଇଥିଲେ । ସେତେବେଳେ ଭାରତ ଥିଲା ଅଣ-ଆର୍ଯ୍ୟମାନଙ୍କର ସଭ୍ୟତାର ଲୀଳାଭୂଇଁ । ଦ୍ରାବିଡ଼ମାନେ ନଗରରେ ଆଉ ଅଷ୍ଟ୍ରିକମାନେ ଗାଁ ଗହଳରେ ସେତେବେଳେ ବସତି କରିଥାଆନ୍ତି । ଆର୍ଯ୍ୟମାନେ ସେତେବେଳେ ବହୁ ପରିମାଣରେ ଗୋଚାରଣ-ଜୀବୀ ଓ ଅଧା-ଯାଯାବର ଥିଲେ । ସାମାନ୍ୟ କୃଷି ବୃତ୍ତି ବି ଧରିଥିଲେ । ଭାରତୀୟ ଅଣ-ଆର୍ଯ୍ୟ ସଭ୍ୟତା ସହିତ ମିଶିବା ପୂର୍ବରୁ ପାରସ୍ୟଠାରେ ସେମାନେ ସେହି ସଭ୍ୟତାର ପ୍ରଭାବରେ ପଡି ସାରିଥିଲେ । ଭାରତରେ ତେଣୁ ଆର୍ଯ୍ୟ ଭାଷା ପାରସ୍ୟ ଭାଷାଠାରୁ ବ୍ୟାକରଣ ଓ ଉଚ୍ଚାରଣରେ ବହୁତ ଫରକ ହୋଇଯାଇଥିଲା । ତେଣୁ ବି ପୁରୁଣା ଇରାନୀୟ ଭାଷାଠାରୁ ପୁରୁଣା ହିନ୍ଦ – ଆର୍ଯ୍ୟ ଭାଷାରେ ପ୍ରଭେଦ ଏଇଠି ଆସି ଯାଇଥିଲା ।

ଏତିକିବେଳେ ହିଁ ବେଦର ଉତ୍ପତ୍ତି । ସିଏ ଖ୍ରୀଷ୍ଟ ଜନ୍ମର ଏକ ହଜାର ବର୍ଷର ପୂର୍ବକାଳ । ଆର୍ଯ୍ୟଭାଷାରେ ଲୋକେ ମୁଖରେ ଯେଉଁ ସ୍ତୋତ୍ର, ମନ୍ତ୍ର ଆଉ ନାନା କର୍ମକର୍ମାଣିର ରୀତିପଦ୍ଧତି ଧରି ରଖିଥିଲେ ସେଥିରୁ କ୍ରିଷ୍ଣ ଦ୍ୱୈପାୟନ ବ୍ୟାସ ଚାରିବେଦ ସଂକଳନ କରିଥିଲେ । ଡକ୍ଟର ସୁନୀତି ଚାଟର୍ଜୀ କହିଛନ୍ତି ବ୍ୟାସଦେବ ଅଣ-ଆର୍ଯ୍ୟ-ରକ୍ତ-ସଂଭୂତ ଥିଲେ ।

ଋକ ବେଦର ସଂହିତାର ଭାଷା ହେଉଛି ଭାରତୀୟ ଆର୍ଯ୍ୟଭାଷାର ପୁରାତନ ରୂପ । ଆର୍ଯ୍ୟମାନେ ଭାରତକୁ ଯେଉଁ ବିଭିନ୍ନ ଉପଭାଷା ଆପଣା ମୁହେଁ ମୁହେଁ ଘେନି ଆସିଥିଲେ, ବୈଦିକ ଭାଷା ହେଉଛି ତାହାର ସାହିତ୍ୟିକ ରୂପ । ପ୍ରାୟ ଖ୍ରୀଷ୍ଟପୂର୍ବ ୬୦୦ ସାଲରେ ଗଂଗା କୂଳେ କୂଳେ ଏହି ଭାଷା ସମସ୍ତ ଉତ୍ତର ଭାରତରେ

Digitized by srujanika@gmail.com

ବିସ୍ତରିଗଲା । ଅଣ-ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକ ଉପଭାଷାମାନେ ଆର୍ଯ୍ୟଭାଷା ଆଗମନରେ ବିଲୟ ଭଜିଲେ । ଆର୍ଯ୍ୟଭାଷା ବି ପ୍ରାକୃତିକ ପରିବର୍ତ୍ତନ ଓ ଅନ୍ୟ ଭାଷାମାନଙ୍କର ସଂସ୍ପର୍ଶରେ ବଦଳିବାକୁ ଲାଗିଲା । ବିଶେଷତଃ ଦ୍ରାବିଡ଼ ଓ ଅଷ୍ଟ୍ରିକ ଭାଷାର ପ୍ରଭାବ ଏହି ଅଦଳବଦଳରେ ବହୁପରିମାଣରେ ସକ୍ରିୟ ହୋଇଥିଲା । ଆର୍ଯ୍ୟଭାଷାର ଏହି ବିକାଶ-ବିବର୍ତ୍ତନରେ ପଞ୍ଜାବର ଆର୍ଯ୍ୟ-ଭାଷୀମାନେ ଆପଣାର ଭାଷା-ଶୁଦ୍ଧି ରକ୍ଷା କଲେ । ଏପରିକି ଖ୍ରୀଷ୍ଟପୂର୍ବ ୩୦୦ ସାଲ ଯାଏ ସେମାନଙ୍କର ଭାଷା ପ୍ରାଚୀନ ଆର୍ଯ୍ୟଭାଷା ଭାବରେ ରହିପାରିଲା । କିନ୍ତୁ ବିହାର, ପୂର୍ବ ଉତ୍ତର ପ୍ରଦେଶ ଅଞ୍ଚଳରେ ଏହି ଆର୍ଯ୍ୟଭାଷାର ବିବର୍ତ୍ତନ ଦ୍ରୁତ ଗତିରେ ଚାଲିଲା । ଖ୍ରୀଷ୍ଟପୂର୍ବ ୫୦୦ ସାଲ ବେଳକୁ **ହିନ୍ଦ - ଆର୍ଯ୍ୟଭାଷା**, ପ୍ରାକୃତ ବା ପ୍ରକୃତିର ଜନ୍ମ । ଏହି କଥିତ ଭାଷା ପ୍ରାକୃତ ସିନ୍ଧୁ, ରାଜସ୍ଥାନ, ଗୁଜରାଟ, ଉତ୍ତର ଦାକ୍ଷିଣାତ୍ୟ, ବଂଗଳା ଓ ହିମାଳୟ ତଳ ଅଞ୍ଚଳ ଦେଶରେ ପ୍ରବେଶ କଲା ।

ପ୍ରାକୃତ, ସଂସ୍କୃତ, ଓଡ଼ିଆ

ଏଣେ ପ୍ରାକୃତ ଭାଷା ଉତ୍ତର ଭାରତ ଓ ଉତ୍ତର ଦାକ୍ଷିଣାତ୍ୟରେ ପ୍ରସାର ଲାଭ କରୁଥାଏ । ତେଣେ ବୈଦିକ କଥାକୁ ବ୍ରାହ୍ମଣମାନେ ଗୋଟିଏ ନିର୍ଦ୍ଦିଷ୍ଟ ସାହିତ୍ୟ ଭାଷାରେ ସଂଯୋଜିତ କରିବା ଲାଗି ବର୍ତ୍ତମାନର ପୂର୍ବ ପଞ୍ଜାବ ଓ ପଶ୍ଚିମ ଉତ୍ତରପ୍ରଦେଶ ଅଞ୍ଚଳରେ ଚେଷ୍ଟା ଚଳାଇଥିଲେ । ଏହି ପରବର୍ତ୍ତୀ ବୈଦିକ ଭାଷା ବା ପୁରାଣ ହିନ୍ଦ୍-ଆର୍ଯ୍ୟଭାଷା ସଂସ୍କୃତ ଭାଷା ନାମରେ ବିଦିତ ହେଲା । ଏହି ଭାଷା ମନୁଷ୍ୟ ସଭ୍ୟତାର ଅନ୍ୟତମ ଶ୍ରେଷ୍ଠ ଭାଷାର ସ୍ଥାନ ଅଧିକାର କଲା । ଭାରତୀୟ ଚିନ୍ତା, ଦର୍ଶନ, ଅନୁଭବ, ବିଜ୍ଞାନବିଦ୍ୟା, କାବ୍ୟ, ନାଟକ ଓ ଶିଳ୍ପକଳାର ବାହନ ରୂପେ ସଂସ୍କୃତ ୨୫୦୦ ବର୍ଷରୁ (ବା ପଞ୍ଜାବରେ ଏହାର ଜନ୍ମର ପାଞ୍ଚଶହ ବର୍ଷ ଧରିଲେ)୩୦୦୦ ବର୍ଷ ଯାଏ ନିଜର ଅପ୍ରତିହତ ଆସନ ବଜାୟ ରଖି ଆସିଛି । ବୋଧହୁଏ ଲିଖିତ ଚୀନ ଭାଷା ଆଉ ହିବ୍ରୁ ଭାଷାକୁ ଛାଡ଼ିଦେଲେ ବୈଦିକ-ସଂସ୍କୃତ ଧର୍ମ ଓ ସଂସ୍କୃତିର ଭାଷା ରୂପେ ପୃଥିବୀରେ ଅଗ୍ରଜ, ହୋମରୀୟ ଗ୍ରୀକ୍ ଓ ଆଟିକ୍ ଭିତରେ ଯେଉଁ ସଂପର୍କ, ସଂସ୍କୃତ ସଙ୍ଗେ ବୈଦିକର ସେହି ସଂପର୍କ ବୋଲି ଧରିନିଆ ଯାଇପାରେ । (ପୃଥିବୀର ଭାଷା ରାଜ୍ୟରେ ସଂସ୍କୃତର ଭୂମିକା ବିଷୟରେ ପରେ ଆଲୋଚନା ଆସୁଛି । ଲେଖକର 'ଚଳନ୍ତି ଭାଷାର ବିଜ୍ଞାନ' ଦେଖନ୍ତୁ ।)

ଏହିଭଳି ଭାବରେ ଭାରତୀୟ ସଂସ୍କୃତି ଭାରତର ଭୂମ ମୂଳେ ମୂଳେ, ସ୍ତରେ ସ୍ତରେ ସଞ୍ଚରି ଗଲା ଓ ତାହାର ବାହନ ହେଲା ସଂସ୍କୃତ । ଠିକ୍ ଯେପରି ବୀଣାର ତାରରେ ସୁରର ମୂର୍ଚ୍ଛନା ଯାଏ ସେପରି ହିନ୍ଦୁର ଆଚାର, କର୍ମ, ପର୍ବ, ସ୍ତୋତ୍ର,

Digitized by srujanika@gmail.com

ପୂଜାପାଠରେ ମାଧ୍ୟମ ହେଲା ସଂସ୍କୃତ । ଏଥିରେ ଅଷ୍ଟ୍ରିକ, ମଙ୍ଗୋଲଏଡ୍, ଦ୍ରାବିଡ଼ ଓ ଆର୍ଯ୍ୟ ସବୁର ସମାହାର ଘଟିଲା । ଭାରତ ଭୂମି ଡେଇଁ ଏହି ସଂସ୍କୃତ ଏସିଆର ଦୂର ଦୂରାନ୍ତରେ, ଜାଭା, ବାଲି ,ବୋର୍ଣ୍ଣିଓ ଦ୍ୱୀପରେ କେନ୍ଦ୍ରଏସିଆ ଓ ଉତ୍ତର ପଶ୍ଚିମରେ ଏପରିକି ଚୀନ, କୋରିଆରେ ବ୍ୟାପ୍ତ ହୋଇଗଲା । ଯେଉଁଠି ଭାରତୀୟ ଧର୍ମ (ବ୍ରାହ୍ମଣ, ଶୈବ ବା ବୌଦ୍ଧ) ପ୍ରବେଶ କଲା ସେଇଠିକି ଗଲା ସଂସ୍କୃତ ଭାଷା । ତେଣୁ ଏହି ଭାଷାର ସାହିତ୍ୟ ହେଲା ଭାରତୀୟ ଭାବଧାରାର ପାରାବାର ।

"ଇତ୍ୟବସରରେ ବିଭିନ୍ନ ପ୍ରାକୃତ ଭାଷାର ବି ବିକାଶ ଚାଲିଥାଏ । ଏମାନଙ୍କ ଭିତରୁ କେତୋଟି ପୁରାଣ ଭାରତର ବୌଦ୍ଧ ଓ ଜୈନ ସଂପ୍ରଦାୟମାନଙ୍କ ଦ୍ୱାରା ଗୃହୀତ ହୋଇଗଲେ । ବିଶେଷତଃ ପାଲି ହେଲା ହୀନଯାନ ବା ଦକ୍ଷିଣ ବୌଦ୍ଧଙ୍କର ଧାର୍ମିକ ଭାଷା ।"

(ରାହୁଲ ସଂସ୍କୃତାୟନ, ପାଲିଭାଷାର ଇତିହାସ ପୃ ୨୨-୨୪ଷା)

ଆର୍ଯ୍ୟଭାଷାର ସରଳ ରୂପ ଦ୍ୱିତୀୟ ଓ ମଧ୍ୟ ହିନ୍ଦ-ଆର୍ଯ୍ୟ ସ୍ତର ପାର ହୋଇ ପ୍ରାୟ ଖ୍ରୀଷ୍ଟାବ୍ଦ ୬୦୦ ସାଲ ବେଳକୁ ଅପଭ୍ରଂଶ ସ୍ତରର ପହଞ୍ଚିଥିଲା । ଆଞ୍ଚଳିକ ଅପଭ୍ରଂଶରେ ବି ପରିବର୍ତ୍ତନ ଘଟିଲା ।୬୦୦ରୁ ୧୦୦୦ ସାଲ ଭିତରେ ବା ୧୦୦୦ ସାଲ ଆରମ୍ଭ ବେଳକୁ ନୂତନ ହିନ୍ଦ-ଆର୍ଯ୍ୟ ଭାଷାଗୁଡ଼ିକର ଉତ୍ପତ୍ତି ଘଟିଗଲା ।

ତେଣୁ ଆଧୁନିକ ଉତ୍ତର ଭାରତୀୟ ଆର୍ଯ୍ୟଭାଷାମାନଙ୍କର ଆଦି ମୂଳ ହେଉଛି ବୈଦିକଭାଷା । ସଂସ୍କୃତ ଏହି ବୈଦିକ ଭାଷାର ସଂସ୍କୃତ ରୂପ । ତେଣୁ ଏମାନେ ପରସ୍ପରର ନିକଟ ଜ୍ଞାତି । କେତେବେଳେ ଉତ୍ତର ଭାରତୀୟ ଭାଷାମାନେ ଯଥା ବଂଗଳା, ଓଡ଼ିଆ, ଅସମିୟା, ମୈଥିଳୀ, ଭୋଜପୁରୀ, ଖଡ଼ବୋଲି, ଅଉଧି, ବ୍ରିଜଭାଷା, କଇଥୀ, ନେପାଳି, ଗୁଜରାଟୀ, ପଞ୍ଜାବୀ, ମରାଠି, ସିନ୍ଧି ଇତ୍ୟାଦି ପ୍ରାକୃତ ଠାରୁ ଅଲଗା ହେଲେ, ପ୍ରାକୃତର ବିଭାଗ କି ରୀତିରେ ହେଲା, ଏ ବିଷୟରେ ଏବେ ବି ଖୋଜା ଲୋଡ଼ା ଚାଲିଛି ।

'ବୌଦ୍ଧ ଗାନ ଓ ଦୋହା' ରେ ଯେଉଁ ଭାଷା ସଙ୍ଗରେ ଭେଟ ହୁଏ ସେ କେଉଁ ଭାଷା ? ସେହି ଭାଷାକୁ ବଂଗଳା, ଓଡ଼ିଆ, ଅସମିୟା ଇତ୍ୟାଦି ସଭିଏଁ ଆପଣାର ବୋଲି ଦାବି କରନ୍ତି, ଏହି ଦାବି ଅଂଶିକ ଭାବରେ ପ୍ରତ୍ୟେକ ଭାଷା କ୍ଷେତ୍ରରେ ଯଥାର୍ଥ କାରଣ ସେହି ଭାଷାହିଁ ଆଧୁନିକ ପୂର୍ବ ଭାରତୀୟ ଭାଷାଗୋଷ୍ଠୀର ଜନନୀ ।

ଓଡ଼ିଆଭାଷା ଏଥିମଧ୍ୟରେ ଥିଲା ଅନ୍ୟତମ ।

❑ ❖ ❑

Digitized by srujanika@gmail.com

ବାଚନ ଶକ୍ତିର ଉତ୍ପତ୍ତି

ଅନ୍ୟ ଜୀବଜନ୍ତୁ ଠାରୁ ମନୁଷ୍ୟର ପ୍ରଧାନ ବିଶେଷତ୍ୱ ହେଉଛି ତାହାର ଭାଷା । ପ୍ରତ୍ୟେକ ମାନବଗୋଷ୍ଠୀ କୌଣସି ନା କୌଣସି ଭାଷାରେ କଥା କହେ । ମନୁଷ୍ୟ - ଇତର ଜନ୍ତୁମାନେ ନାନାପ୍ରକାର କଳରବ କରନ୍ତି । ତାକୁ ଆମେ ଗୁଞ୍ଜନ, ବୃଂହିତ, ଝଙ୍କାର, ନାଦ, ଧ୍ୱନି, ତାଳ ଇତ୍ୟାଦି ନାନାଭାବରେ ନାମିତ କରିଛନ୍ତି । ଯେ ବହୁ ପ୍ରାଣୀଙ୍କର ମନୁଷ୍ୟ ଭଳି ଆବଶ୍ୟକୀୟ ବାଚନ ଉପାଦାନ ଏଥି ଭିତରୁ କେତେଗୁଡ଼ିଏ ଯଦିବା ହେଉଛି ସ୍ୱତଃସ୍ଫୂର୍ତ୍ତ ଅଥବା ଅର୍ଥହୀନ । କେତେକଙ୍କର ଅର୍ଥ ବି ଥାଏ । ସେହି ନାଦ ଯୋଗେ ବହୁ ପ୍ରାଣୀ ସେମାନଙ୍କର ପ୍ରକୃତିଗତ ଭାବ – ଯଥା, ଭୟ, କ୍ରୋଧ, ଯୌନ, ଆଶା, ଉଲ୍ଲାସ ଇତ୍ୟାଦି ପ୍ରକାଶ କରନ୍ତି । ତେବେ ଅଧ୍ୟାପକ ଲଏଡ୍ ଜେମସ୍ ତାଙ୍କର 'ଆମର କଥିତ ଭାଷା' ନାମକ ଆଲୋଚନା ପୁସ୍ତକରେ ପ୍ରତିପାଦନ କରିଛନ୍ତି । ଏହି ଉପାଦାନଗୁଡ଼ିକ ହୁଏତ ଏକାବେଳକେ ଭ୍ରୂଣ ବା ଅଙ୍କୁର ଅବସ୍ଥାରେ ରହିଛି । ଆଦିମ ମନୁଷ୍ୟ ଆପଣାର ବାଚନ ଯନ୍ତ୍ରଗୁଡ଼ିକୁ ଯେଉଁଭଳି ବ୍ୟବହାର କରି ତାହାକୁ ପାକଳ ଓ ଉପଯୋଗୀ କରି ଆସିଛି ସେହି ଜନ୍ତୁମାନେ ସେକଥା ଯେପରି କରିଥିଲେ ହୁଏତ ଅବସ୍ଥା ଭିନ୍ନ ପ୍ରକାର ହୋଇ ଥାଆନ୍ତା । ଆଜି ବି ଶୁଆ ସାରୀ ବା ଏଭଳି ପକ୍ଷୀ ଜନ୍ତୁ ଯେ ମନୁଷ୍ୟର କଥାକୁ ଅବିକଳ ଅନୁକରଣ କରି ପାରନ୍ତି ତାହା ବୋଧହୁଏ ଏହାରି ପ୍ରମାଣ । ତେବେ ମନୁଷ୍ୟ ଯେ ଗୋଟିଏ ଗୋଟିଏ ଭାଷା ମୁଖରୁ ବାହାର କରିପାରିଲା ଆଉ ଏହି ଜନ୍ତୁମାନେ ଅର୍ଥହୀନ ବୋବାଳିରେ ହିଁ ରହିଗଲେ ତାର କାରଣ ମନୁଷ୍ୟର ମନନଶକ୍ତି । ଅନ୍ୟ କଥାରେ ଯେଉଁ ଜନ୍ତୁ ମନନଶକ୍ତି ଓ ବ୍ୟକ୍ତିତ୍ୱକୁ ପ୍ରକଟ କରି ପାରିଲା ସେ ହିଁ ଭାଷାର ଅଧିକାରୀ ହେଲା । ତେବେ ଭାଷା ମନନଶକ୍ତି ଓ ବ୍ୟକ୍ତିତ୍ୱକୁ ସାହାଯ୍ୟ କଲା ନାଁ ମନନଶକ୍ତି ଓ ବ୍ୟକ୍ତିତ୍ୱ ଯୋଗୁଁ ଭାଷାର ବିକାଶ ହେଲା ସେକଥା କହିବା ଦୁରୂହ । ହୁଏତ ଉଭୟେ ଉଭୟର ପରିପୋଷକ, ତେବେ ସାର ଜର୍ଜ ଏଲିୟଟ ସ୍ମିଥ୍ ନାମକ ଭାଷାପଣ୍ଡିତ ଆପଣାର ଯୁକ୍ତିରେ ବୋଧହୁଏ ନିର୍ଭୁଲ । ତାଙ୍କର ଯୁକ୍ତି ହେଉଛି ଭାଷାର ଆବିଷ୍କାର ହିଁ ମନୁଷ୍ୟର ଜନ୍ମକାଳରୁ ହୋଇଛି ।

Digitized by srujanika@gmail.com

ବିଭିନ୍ନ ମତ

ବାଚନଶକ୍ତି କିଭଳି ଜନ୍ମଲାଭ କଲା ଏ ବିଷୟରେ ନାନା ମୁନିଙ୍କର ନାନା ମତ । ଗୋଟିଏ ମତ ହେଉଛି ଯେ ମନୁଷ୍ୟ ଯେଉଁ ଜୀବ ବା ବସ୍ତୁ ବିଷୟରେ କହିବାକୁ ଇଚ୍ଛା କଲା ସେହି ଜୀବ ବା ବସ୍ତୁର ଧ୍ୱନି ଅନୁକରଣ କଲା । ବାଲୁତ ବୟସରେ ଶିଶୁ ବିରାଡ଼ିକୁ ମିଆଉଁ କହେ । ଏପରି କହିବାରେ ଶିଶୁ କେବଳ ସହସ୍ର ସହସ୍ର ବର୍ଷ ପୂର୍ବେ ତା'ର ପୂର୍ବ ପୁରୁଷ ଯେଉଁ ରୀତିରେ ବିରାଡ଼ିକୁ ନାଁ ଦେଇଥିଲେ ତାହାକୁ ଆଉଥରେ ଦୋହରାଉଛି ।

ବାଚନଶକ୍ତିର ଉତ୍ପତ୍ତି ସମ୍ବନ୍ଧରେ ଆଉ ଗୋଟିଏ ପ୍ରସିଦ୍ଧ ମତ ଅଛି । ଏହାର ପ୍ରଧାନ ପ୍ରବର୍ତ୍ତକ ହେଉଛନ୍ତି ଜର୍ମାନ୍ ପଣ୍ଡିତ ମାକ୍ସ ମୁଲାର । ତାଙ୍କର ମତ ହେଉଛି ଯେ ପୃଥିବୀର ସବୁ ଶବ୍ଦର ଏକ ଛନ୍ଦ ରହିଛି । ସମୁଦ୍ରର ନିର୍ଘୋଷ, ପତ୍ରର ମର୍ମର, ପବନର ସିଞ୍ଜିତ । ସବୁ ଭିତରେ ଏଭଳି ଏକ ତାଳ ମାନ ଲୟ ରହିଛି । ତେବେ ମନୁଷ୍ୟ ଏହି ଛନ୍ଦର ଅନୁବର୍ତ୍ତୀ ହୁଏ । ଶବ୍ଦର ଅନୁକରଣରେ ନୁହେଁ ତାଳର ଲୟରେ ମଣିଷ ଆପଣାର ବାଚନଶକ୍ତିର ବିକାଶ କରିଛି । ଏହି ମତ ଅନୁସାରେ ଆଉ ଜଣେ ଜର୍ମାନ ପଣ୍ଡିତ ବୁଚର ସାହେବ କହିଛନ୍ତି ଯେ ମନୁଷ୍ୟର ଆଦିମ କଥା ଏକ ସରଳ ଛାନ୍ଦୋମୟ ଗୁଞ୍ଜନ ବା ମନ୍ତ୍ର ଉଚ୍ଚାରଣରୁ ଜନ୍ମିଥିଲା । ଏହି ଗୁଞ୍ଜନ ଇତ୍ୟାଦି ପାଦ ବା ହାତର ଚାଳନା ସହିତ ତାଳ ଦେଇ ସୃଷ୍ଟି ହୋଇଥିଲା । ଏହି ମତ ଅନୁସାରେ କଥାର ଉତ୍ପତ୍ତି ମନୁଷ୍ୟର ସେହି ପ୍ରେରଣାରୁ ଜନ୍ମ, ଯାହା ପରବର୍ତ୍ତୀ ସ୍ତରରେ ପାହାଡ଼ିଆ ଲୋକଙ୍କର ଯୁଦ୍ଧନୃତ୍ୟ ବା ମଧ୍ୟଯୁଗୀୟ ଗୀତିନାଟ୍ୟ ବା ପାଲିଙ୍କିଗୀତ ଇତ୍ୟାଦିରେ ପ୍ରତିଫଳିତ ହୋଇଥିଲା । ଆଜି ବି କୌଣସି ସାମୂହିକ ପରିଶ୍ରମ ବେଳେ କ୍ଳାନ୍ତି ବା ଅବସାଦ ରୋକିବା ପାଇଁ ବା କାର୍ଯ୍ୟରେ ସହଯୋଗିତା ବା ଉତ୍ସାହ ସୃଷ୍ଟି କରିବା ପାଇଁ ମନୁଷ୍ୟ ଆପଣାଛାଏଁ ଏଭଳି ବାଚନ ଭଙ୍ଗୀକୁ ଆଦରିଥାଏ ।

ତା ଛଡ଼ା ଆଉ ଗୋଟିଏ ମତ ହେଲା ଯେ ବାଚନଶକ୍ତି ମଣିଷର ଭାବ ପ୍ରକାଶରୁ ଉଦ୍‌ଭୂତ । ବେଦନା, ବିସ୍ମୟ, ଆନନ୍ଦ, ଚମତ୍କାର ବା ସେଥିପାଇଁ ଆଗ୍ରହ, ବ୍ୟାକୁଳତା ମଣିଷ ମୁଖରେ ତ ନିଶ୍ଚୟ ଫୁଟିଥିବ । ଠିକ୍ ପଶୁ, ଜନ୍ତୁ ବା ଅନ୍ୟାନ୍ୟ ନୀଚତର ପ୍ରାଣୀମାନଙ୍କର ପ୍ରବୃତ୍ତିଗତ ନାଦ ଭଳି । ଏଭଳି ଭାବରେ ପ୍ରବୃତ୍ତିଗତ ଧ୍ୱନିଗୁଡ଼ିକ ଶେଷରେ ନିର୍ଦ୍ଦିଷ୍ଟ ରୂପରେ ଭାଷାର ଛାଞ୍ଚ ନେଲା ।

ସବାଶେଷରେ ବିଖ୍ୟାତ ଭାଷାତତ୍ତ୍ୱବିଦ୍ ଉଇଲିୟମ୍ ଉଣ୍ଡଟ୍‌ଙ୍କ ମତ । ଏହି ମତ ସାର ରିଚାର୍ଡ୍ ପେଜେଟ୍ ତାଙ୍କର 'ମନୁଷ୍ୟର କଥା' ବହିରେ ପ୍ରାଞ୍ଜଳ ଭାବରେ ବୁଝାଇଛନ୍ତି । ଉଣ୍ଡଟ କହନ୍ତି ଯେ ପ୍ରଥମେ ଭାବର ବିନିମୟ ପାଇଁ ମନୁଷ୍ୟ ହସ୍ତ

Digitized by srujanika@gmail.com

ସଂଚାଳନ ଆଶ୍ରୟ ନେଉଥିଲା । ଏହାହିଁ ଥିଲା ଭଙ୍ଗୀ ବା ଠାର ଭାଷା । ଏବେ ବି କୌଣସି ଲୋକକୁ ପାଖକୁ ଡାକିଲା ବେଳେ ବା ବିଦାୟ ଦେଲାବେଳେ ଆମ୍ଭେମାନେ ଏହି ନିର୍ବାକ ଭଙ୍ଗୀ ବ୍ୟବହାର କରୁଁ । ମନେକର ଏଭଳି ଭଙ୍ଗୀ ଆମେ ବ୍ୟବହାର କଲୁଁ ତଥାପି ସେଥିରେ ଆମର ଅଭୀଷ୍ଟ ପୂରଣ କଲା ନାହିଁ । ଅଥବା ଏକଥା ବି ହୋଇପାରେ ଯେ ହାତର ଚାଳନା ସଙ୍ଗେ ସଙ୍ଗେ ଓଠ, ଜିଭ ବା ତଳ ଉପର ପାଟି ବି ଆପେ ଆପେ ଚଳିଲା । ତେଣୁ ମଣିଷ ଭଙ୍ଗୀଭାଷାରୁ ବାକ୍ ଭାଷାକୁ ଘେନିଲା । ଗୋଟିଏ ଶାସ୍ତ୍ରୀୟ ଉଦାହରଣ ହେଉଛି ଏହି ଉପରର କୌଣସି ଜିନିଷକୁ ବାହା ଟେକି ଦେଖାଇଲା ବେଳେ ଜିଭ ମଧ୍ୟ ଯାଇ ତାଲୁରେ ଲାଗେ । ଏଭଳି ଅବସ୍ଥାରେ 'ଆଲ' ଧ୍ୱନି ଉପୁଜେ । ଏହି 'ଆଲ' ହେଉଛି ଏକ ମୌଳିକ ଧ୍ୱନି ଯେଉଁଥିରୁ ଉଚ୍ଚ ସ୍ଥାନ ବା ଉପରର ଭାବ ପ୍ରକାଶ କରୁଥିବା ବହୁତ ଶବ୍ଦ ପୃଥିବୀର ବହୁ ଭାଷାରେ ପ୍ରଚଳିତ ଅଛି । ସାର ପରସିନନ୍ ତାଙ୍କର 'ଶିକ୍ଷା, ଗୃହୀତ ବିଷୟ ଓ ପ୍ରାଥମିକ ତତ୍ତ୍ୱ' ବହିରେ ଏହି ମତକୁ ବିଶେଷ ଭାବରେ ଦର୍ଶାଇଛନ୍ତି । ତାଙ୍କର କହିବାର ଏହି ଯେ ମୁଁ ବା ମୋତେ ବା ଇଂରାଜି 'ଆଇ' ବା 'ମି' ପ୍ରଭୃତି ଶବ୍ଦରେ କହିବା ଲୋକ ଆପଣା ଆଡ଼କୁ ଓଠକୁ ଖିଂକି ନିଏ । ଅଥଚ ତୁ ତୁମେ ଭଳି ଶବ୍ଦରେ ଓଠ ବାହାରକୁ ପ୍ରସରି ଯାଏ । 'ଏଇଠି' ବୋଲି କହିଲାବେଳେ ନିକଟତା ଆଉ 'ସେଇଠି' ବୋଲି କହିଲା ବେଳେ ଦୂରତା ସୂଚାଏ । ଲକ୍ଷ୍ୟ କରିବା କଥା ଯେ କଥା କହିଲା ବେଳେ ଅତ୍ୟଧିକ ଉତ୍ସାହ ବା ଉତ୍ତେଜନାରେ ଯେତେବେଳେ ବାକ୍‌ଶକ୍ତି ସମତାଳ ଦେଇପାରେ ନାହିଁ ସେତେବେଳେ ଜିଭକୁ ସାହାଯ୍ୟ କରିବାକୁ ଅମକୁ ହାତର ଭଙ୍ଗୀ ବ୍ୟବହାର କରିବାକୁ ପଡ଼ିଯାଏ ।

ମନୁଷ୍ୟର ବାକ୍‌ଶକ୍ତିର ଜନ୍ମ ବିଷୟରେ ଏହାହିଁ ଚାରୋଟି ବିଭିନ୍ନ ମତ । ପ୍ରତ୍ୟେକ ମତରେ କିଛି କିଛି ସାର ଅଛି, ଅସାର ବି ଅଛି । କିନ୍ତୁ ପ୍ରତ୍ୟେକ ପୂରାପରି ବାକ୍‌ଶକ୍ତିର ଜନ୍ମଧାରଣା ଦେଇ ପାରି ନାହାନ୍ତି । ଡକ୍ଟର ଭୀଲକର ଏମ୍ ଅରବାନ୍ ତାଙ୍କର 'ଭାଷା ଆଉ ବାସ୍ତବ' (୧୯୩୯) ପୋଥିରେ ପ୍ରଥମ ତିନୋଟି ମତକୁ ଏକାବେଳକେ କାଟି ଦେଇଛନ୍ତି । ଏପରିକି ଏହି ତିନି ମତକୁ ଏକଯୋଗ କଲେ ବି ସେମାନେ ବାକ୍‌ଶକ୍ତିର ଉତ୍ପନ୍ନର ଯଥେଷ୍ଟ କାରଣ ଯୋଗାଇ ପାରିବେ ନାହିଁ; ତାଙ୍କର ଯୁକ୍ତି ହେଉଛି ମନୁଷ୍ୟର ଭାବ-ବିନିମୟ ପାଇଁ ଗୋଟାଏ ଶବ୍ଦ ତ କାମିକା ନୁହେଁ । ଶବ୍ଦ କେବେ ଏକୁଟିଆ ବାଉଳା ଭଳି ହୋଇ ଭାବପ୍ରକାଶ କରେ ନାହିଁ । ତେଣୁ ଗୋଟାଏ ଗୋଟାଏ ବାକ୍ୟ ବା ବାକ୍ୟାଂଶ ବା ତା'ର ଆଦିମ ଅଚଞ୍ଚା ରୂପ ହିଁ ପ୍ରଥମ ବାକ୍-ସ୍ଫୂର୍ତ୍ତିରେ ଦେଖା ଦେଇଥିଲା । ଶବ୍ଦଗୁଡ଼ିକ ବିଶ୍ଳେଷଣ ପରେ ବା ଲିଖିତ ଭାଷାର ଉତ୍ପତ୍ତି ପରେ ଜନ୍ମଲାଭ କରିଛି ।

Digitized by srujanika@gmail.com

ତେବେ ଏକଥା ସତ ଯେ ଆଜି ବାକ୍ୟ ତିଆରି ନ ହେଲେ ବି, ବାକ୍‌ଶକ୍ତିର ପ୍ରଥମ ଉନ୍ମେଷ ପାଇଁ ଯେଉଁ ମତଗୁଡ଼ିକ ଅନୁମାନ କରାଯାଇ ଥିଲା ସେହି ଅନୁମାନ ଭିତ୍ତିରେ ଏବେ ବି ଶବ୍ଦ ତିଆରି ଚାଲିଛି । ଯେଉଁ ବାଦ୍ୟ ଭର ଭର ଶବ୍ଦ କରେ ତା ନାଁ ଭରଭରା, ଯେଉଁ ଅଙ୍ଗକାର ଖୁବ୍ ପାତଳ ତାହା ଫିରଫିରା, ଯେଉଁ ବର୍ଷା ଖାଲି ଉପରେ ଫରଫର କରି ଡେଣା ଝାଡ଼ିଯାଏ ତାହା ଫରଫରା ବର୍ଷା, ଯିଏ କଥା କହି ନ ଜାଣି ଗଁ ଗଁ ହୁଏ ସେ ଘୁଙ୍ଗା । ଏଭଳି ବହୁ ନାମ ଆଉ ଅନେକ କ୍ରିୟା ଆମେ ତିଆରି କରି ଭାଷାରେ ସଂପାଦି ରଖିଛୁ । ତେଣୁ ବାକ୍‌ଶକ୍ତିର ଉତ୍ପତ୍ତିର ଏହି ତତ୍ତ୍ୱଗୁଡ଼ିକ ଭୁଲ ହେଉ ବା ନିର୍ଭୁଲ ହେଉ, ଆଜି କୌଣସି ବିଶେଷ ନୂତନ ଭାବ ପ୍ରକାଶ କରିବାକୁ ଗଲାବେଳେ ଏଥିରୁ କୌଣସି ଗୋଟିକର ବା ସମସ୍ତଙ୍କର ଚିନ୍ତା ଅନୁସାରେ ନାମ ବା କ୍ରିୟା ତିଆରି କରିବାକୁ ପଡୁଛି । ପଣ୍ଡିତ ବିନାୟକ ମିଶ୍ର ତାଙ୍କର "ଓଡ଼ିଆ ଭାଷାର ପୁରାତତ୍ତ୍ୱ" ରେ ଥମାସ ହକ୍‌ସଲିଙ୍କର ମତ ଉଦ୍ଧାର କରି କହିଛନ୍ତି ଯେ ମନୁଷ୍ୟର ବାଚନଶକ୍ତି ବିଷୟରେ ଓ ମନୁଷ୍ୟର କଥାର ଜନ୍ମ ବିଷୟରେ ଏ ପର୍ଯ୍ୟନ୍ତ ଯାହାସବୁ କୁହାଯାଇଛି ତାହା ସବୁ ନିଷ୍ଫଳ । ଉକ୍ତ ଭାଷାବିଦ୍‌ଙ୍କର ପ୍ରମାଣ ଅନୁସାରେ ମୁଖ ଭିତରର ମନୁଷ୍ୟର ବାଚନ ନଳୀରେ ଧ୍ୱନି-ଲହରୀର ଅଭିନୟ କ୍ରିୟା ଘେନି ଭାଷାର ପ୍ରକାଶ । ସ୍ଥାନ ଓ କାଳଭେଦ ଅନୁସାରେ ଏହି ଅଭିନୟ କ୍ରିୟା ସମାନ ଛାଞ୍ଚରେ ପଡ଼ିଥିବା ବସ୍ତୁପରି ଏକ ପ୍ରକାର ହୋଇ ନ ପାରେ । ଏଣୁ ଭାଷା ପ୍ରକାଶ ବେଳରେ ଏକ ଶବ୍ଦର ଉଚ୍ଚାରଣରେ ବହୁ ବର୍ଣ୍ଣର ଧ୍ୱନି ଏକ ବ୍ୟକ୍ତିର ମୁଖରେ ବିଭିନ୍ନ ଅବସ୍ଥାରେ ଫରକ ଫରକ ହୁଏ । ଏଥିରୁ ପଣ୍ଡିତ ମିଶ୍ର ସାର ଉଇଲିୟମ୍ ଜୋନ୍‌ସଙ୍କ ମତ ଖଣ୍ଡନ କରି ଗ୍ରୀକ୍, ଲାଟିନ୍ ଓ ସଂସ୍କୃତ ବ୍ୟାକରଣରୁ ଯେଉଁ ରୀତିର ସୌସାଦୃଶ୍ୟ ବିଚାରରେ ଭାଷାବିଜ୍ଞାନ ପ୍ରତିଷ୍ଠିତ ହୋଇଛି, ତାହାକୁ ଭ୍ରାନ୍ତ ବୋଲି କହିଛନ୍ତି । ତାଙ୍କ ମତରେ ଏକ ଆର୍ଯ୍ୟଜାତି ଓ ଆର୍ଯ୍ୟଭାଷା ଇଉରୋପ ଓ ଭାରତରେ ବିଭିନ୍ନ ହୋଇଥିବା ବିଶ୍ୱାସଯୋଗ୍ୟ ନୁହେଁ ।

ପଣ୍ଡିତ ମିଶ୍ର ଯାହା ସବୁ ଉଲ୍ଲେଖ କରିଛନ୍ତି ତାହାର ମୋଟାମୋଟି କଥା ହେଲା ଭାରତର ବେଦର ଭାଷା ହେଲା ପୃଥିବୀରେ ପ୍ରାଚୀନତମ । ଏହା ଦେବଭାଷା ଅର୍ଥାତ୍ ଏହାହିଁ ପ୍ରଥମେ ମନୁଷ୍ୟର ମୁହଁକୁ ଆସିଥିଲା । ପାଣିନୀଙ୍କ ପୂର୍ବରୁ ଏହି ଭାଷାର ବ୍ୟାକରଣ ଥିଲା ଓ ପାଣିନୀ ଅର୍ଦ୍ଧମାଗଧୀ ପ୍ରାକୃତକୁ ଘସିମାଜି ସଂସ୍କୃତରେ ପରିଣତ କରିଥିଲେ । ସଂସ୍କୃତ ଭାଷାର ନାଟକରେ ବିଭିନ୍ନ ପାତ୍ର ପାତ୍ରୀମାନଙ୍କ ଭିତରେ କେବଳ ପ୍ରଧାନ ନାୟକ ଓ ନାୟିକାମାନଙ୍କ ଛଡ଼ା ଅନ୍ୟମାନଙ୍କ ପାଇଁ ଯେଉଁ କଥାର ନିର୍ଦ୍ଦେଶ

Digitized by srujanika@gmail.com

ଅଛି, ତାହା ବିଭିନ୍ନ ପ୍ରକାର ପ୍ରାକୃତରେ ଲେଖାହୋଇଥିଲା । ଏହାର ଅର୍ଥ ଭାରତର ବିଭିନ୍ନ ଅଞ୍ଚଳରେ ଏକ ସମୟରେ ବର୍ଣ୍ଣାଶ୍ରମର ବିଭିନ୍ନ ବର୍ଣ୍ଣ ଭିତରେ ବିଭିନ୍ନ ପ୍ରାକୃତ ଚଳୁଥିଲା । ତେଣୁ ମହାରାଷ୍ଟ୍ରୀ, ମାଗଧୀ, ଅର୍ଦ୍ଧମାଗଧୀ, ଶୌରସେନୀ, ପୈଶାଚୀ ଇତ୍ୟାଦି ପ୍ରାକୃତ ଯେ କୌଣସି ଏକ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଭାଷା ଥିଲା ଏକଥା ମନେ କରିବା ଠିକ୍ ନୁହେଁ; ତେଣୁ ତାଙ୍କ ମତରେ ଓଡ଼ିଆ ଭାଷା ସିଧାସଳଖ ବୈଦିକ ଭାଷାରୁ ଆସିଛି, ସବୁ ଦ୍ରାବିଡ଼ ଭାଷା ଓ ଅଷ୍ଟ୍ରିକ୍ ଭାଷାମାନେ ବୈଦିକ ଭାଷାରୁ ଆସିଛନ୍ତି ।

ପଣ୍ଡିତ ବିନାୟକ ମିଶ୍ରଙ୍କର ଗବେଷଣା ପ୍ରକୃତରେ ପ୍ରଶଂସାଯୋଗ୍ୟ । ତେବେ କଥା ହେଉଛି ତାଙ୍କର ପ୍ରତିପାଦନ କେବଳ ପୁରାଣ ଓ କେତେଗୁଡ଼ିଏ ଜନଶ୍ରୁତିର ପ୍ରବାଦ ଉପରେ ଓ ବେଳେ ବେଳେ ଅଶୋକ ଓ ଖାରବେଳ ଇତ୍ୟାଦିଙ୍କର ଶିଳାଲେଖ ଉପରେ ପ୍ରତିଷ୍ଠିତ । ଏଗୁଡ଼ିକରୁ ସେ ଯେଉଁ ଅନୁମାନ କରିଛନ୍ତି ତାହା କେବଳ ଅନୁମାନ । ତାହାକୁ ପ୍ରମାଣ କରିବାକୁ ସହାୟକ ସାକ୍ଷ୍ୟ କିଛି ଥିଲା ପରି ଜଣାପଡ଼େ ନାହିଁ । ସେ ବି ଯାହାହେଉ, ବେଦର ଭାଷା ପୃଥିବୀର ଆଦିମ ଭାଷା ଥିଲା କି ନାହିଁ ଓ ଭାରତର ବିଭିନ୍ନ ଭାଷା ଭାଷୀଙ୍କର, କି ଆର୍ଯ୍ୟ ବା ଦ୍ରାବିଡ଼ ବା ଅଷ୍ଟ୍ରିକ୍, ଏକ ସମୟରେ ଏକ ଭାଷାରୁ ଆସିଛନ୍ତି ଏହାର କୌତୂହଳୀ ମୂଲ୍ୟ ଯାହା; ଆଉ ବୈଜ୍ଞାନିକ ମୂଲ୍ୟ ଅଳ୍ପ । ଏହି ସଂକ୍ରାନ୍ତରେ ମନୁଷ୍ୟର ସ୍ୱର, ନାଦ, ଘୋଷବର୍ଣ୍ଣ, ଅଘୋଷବର୍ଣ୍ଣ, ବର୍ଣ୍ଣମାଳାର ଅଣଚାଶ ଅକ୍ଷର ଅଣଚାଶ ବାୟୁ ଇତ୍ୟାଦିର ବର୍ଣ୍ଣନା ଏକ ନୂତନ ଦିଗ ପାଇଁ ଦ୍ୱାର ଉଦ୍‌ଘାଟନ କରିଥିଲେ ମଧ୍ୟ ସାରା ସଂସାରର ବିଭିନ୍ନ ଭାଷାର ତୁଳନା ବିନା ଏ ଗୁଡ଼ିକ ଏକତରଫା ହୋଇଯିବାର ଭୟ ରହିଛି । ଦୁର୍ଭାଗ୍ୟର କଥା, ପଣ୍ଡିତ ବିନାୟକ ମିଶ୍ର ତାଙ୍କର ଅନୁମାନଗୁଡ଼ିକ ପ୍ରମାଣସିଦ୍ଧ କରିବା ପୂର୍ବରୁ ଚାଲିଗଲେ । ତେଣୁ ତାଙ୍କର କାର୍ଯ୍ୟ ଅପୂର୍ଣ୍ଣ ରହିଯାଇଛି ।

ଓଡ଼ିଆ ଦେଶଜ ଶବ୍ଦଗୁଡ଼ିକ ସମସ୍ତ ପ୍ରାୟ ବୈଦିକ ବା ସଂସ୍କୃତରୁ ଆସିଛନ୍ତି ଓ ସେମାନଙ୍କର ଦ୍ରାବିଡ଼ ବା ଅଷ୍ଟ୍ରିକ ଭାଷାର ସଂପର୍କ ହେଉଛି ବୈଦିକ ଓ ସଂସ୍କୃତର ସଂପର୍କରୁ ନିୟନ୍ତିତ ଏକଥା ପଣ୍ଡିତ ମିଶ୍ରଙ୍କର ଅନୁମାନ । ଏହି ଅନୁମାନ ଦ୍ୱାରା ଓଡ଼ିଆ ଭାଷାର ଭବିଷ୍ୟତ ବିଷୟରେ କୌଣସି କଥା ନିର୍ଣ୍ଣୟ କରିବା କଠିଣ । ଏହି କାରଣରୁ ଆମକୁ ଆଧୁନିକ ଭାଷାବିଜ୍ଞାନ, ପୃଥିବୀର ବିଭିନ୍ନ ଭାଷାମାନଙ୍କର ତୁଳନାତ୍ମକ ବିଶ୍ଳେଷଣ, ପୃଥିବୀର ବର୍ତ୍ତମାନ ଭାଷାମାନଙ୍କର ଲକ୍ଷଣକୁ ମୋଟାମୋଟି ଅନୁଧ୍ୟାନ କରିବାକୁ ପଡ଼ିବ । ଏଥିପାଇଁ ଓଡ଼ିଆ କିମ୍ବଦନ୍ତୀ, ଓଷାବ୍ରତ, ପୁରାଣର କାହାଣୀ ଓ ପ୍ରତ୍ୟେକ ଶ୍ଳୋକର ସାଙ୍କେତିକ ଓ ରୂପକ ଅର୍ଥ ଅପେକ୍ଷା ଗଣିତ, ଧ୍ୱନିତତ୍ତ୍ୱ, ସୂଚନାତତ୍ତ୍ୱ, ପ୍ରତ୍ନତତ୍ତ୍ୱ, ମନସ୍ତତ୍ତ୍ୱ ଇତ୍ୟାଦି ଆଧୁନିକ ବିଜ୍ଞାନଗୁଡ଼ିକ ଅଧିକ ସହାୟକ ।

Digitized by srujanika@gmail.com

ବିଶେଷତଃ ଆଜିର କମ୍ପୁଟର ଯନ୍ତ୍ର ଯୁଗରେ ଭାବ ଆଦାନ ପ୍ରଦାନ ଏଭଳି ସ୍ତରରେ ଆସି ପହଞ୍ଚିଛି ଯେ ମନୁଷ୍ୟ ବାଧହୋଇ ଭାଷାବିଜ୍ଞାନରେ ଗାଣିତିକ ଯୁକ୍ତି ନିର୍ଭୁଲତା ଓ ରୋକ୍‌ଠୋକ୍ ଚିନ୍ତା ଗ୍ରହଣ କରିଛି । ପୃଥିବୀର ବହୁ ଭାଷାର ପ୍ରୟୋଗକୁ ଏହି ଚିନ୍ତାରେ ବିଶ୍ଳେଷଣ କରିବା ଆରମ୍ଭ ହୋଇଛି । ଏ ଗାଣିତିକ ଯୁକ୍ତି ଓ ବିଜ୍ଞାନ କ'ଣ ତାହା ଜାଣିବା ଓ ତାହାକୁ ଓଡ଼ିଆ ଭାଷା କ୍ଷେତ୍ରରେ ପରଖ କରି କଳନା କରିବା ଏ ଯାଏ ଆରମ୍ଭ ହୋଇନାହିଁ । ସେଗୁଡ଼ିକ 'ଚଳନ୍ତି ଭାଷାର ବିଜ୍ଞାନ'ର ବିଷୟ । ତାହାର ପ୍ରୟୋଗ ହେଲେ ଓଡ଼ିଆଭାଷା ଆହୁରି ବୈଜ୍ଞାନିକ ହେବ ଓ ଭାବପ୍ରକାଶ ପାଇଁ ଆହୁରି ବଳିଷ୍ଠ ହେବ ବୋଲି ନିଶ୍ଚିତ ଭାବରେ ଆଶା କରାଯାଇ ପାରେ ।

❒ ❖ ❒

Digitized by srujanika@gmail.com

Digitized by srujanika@gmail.com

ଚଳନ୍ତି ଭାଷାର ବିଜ୍ଞାନ

ଦ୍ୱିତୀୟ ଭାଗ

ମନମୋହନ ମିଶ୍ର

Digitized by srujanika@gmail.com

Digitized by srujanika@gmail.com

ଧ୍ୱନି ଓ ଭାଷା

(ଲୋକେ କିପରି କହନ୍ତି ? ଆମେ କାହିଁକି ପରସ୍ପରକୁ ବୁଝିପାରୁ ? ଏହାର ଚର୍ଚ୍ଚା କରେ ଧ୍ୱନିତତ୍ତ୍ୱ । ପ୍ରାକୃତିକ ବିଜ୍ଞାନ ପାଇଁ ପରମାଣୁ ପଦାର୍ଥବିଦ୍ୟା ଯେତିକି ଉପଯୋଗୀ, ମାନବ ବିଦ୍ୟାମାନଙ୍କ ପାଇଁ ଏହି ଧ୍ୱନିତତ୍ତ୍ୱ ଠିକ୍ ସେତିକି ଉପଯୋଗୀ ।

ଏହି ତତ୍ତ୍ୱହିଁ ମନୁଷ୍ୟର ସବୁଠାରୁ ମହାନ୍ ଚମତ୍କାରିତା ତାହାର 'ବାକ୍‌ଶକ୍ତି' ବିଷୟରେ ସନ୍ଧାନ ଦିଏ ।

ଆମେ ଭାରତୀୟ ଲୋକେ ପୂର୍ବେ ମନେ କରିଥିଲୁଁ ବାକ୍‌ଦେବୀ ଆମକୁ ବାକ୍‌ଶକ୍ତି ଦେଇଛନ୍ତି । କୌଣସି ଲୋକ ମୁହଁରୁ ଭଲ କଥା ଶୁଣିବାକୁ ମିଳିଲେ କୁହାଯାଏ "ତା କଣ୍ଠରେ ସରସ୍ୱତୀ ବିଜେ କଲେ ।" ଏହି ବାକ୍‌ଦେବୀ ବିଜ୍ଞାନ ଭାଷାରେ କ'ଣ ତାହା ଏଠାରେ କୁହାଯାଇଛି ।)

ଭାଷାର ବିଶେଷତ୍ୱ

ପୃଥିବୀରେ ଅସଂଖ୍ୟ ଭାଷା । ଏପରିକି ୧୯୬୧ ଜନଗଣନାରେ କୁଆଡ଼େ ଗୋଟିଏ ଭାଷାର ସନ୍ଧାନ ମିଳିଛି ଯେଉଁ ଭାଷାରେ ଭାରତର ମାତ୍ର ଜଣେ ଲୋକ କଥା କହେ । ଭାଷାଟି ନାଁ ଥିଲା ଗୋରା । ୧୯୬୫ ମାର୍ଚ୍ଚ ପହିଲାରେ କଲିକତାର ଷ୍ଟେଟ୍‌ସମ୍ୟାନ୍ କାଗଜ ଲେଖିଥିଲା, "ଅଧିକାଂଶ ଭାରତୀୟ ଲୋକ ବିଭିନ୍ନ ପରିମାଣର ଉତ୍ତାପ ଓ ଉତ୍ତେଜନା ଘେନି ବିଭିନ୍ନ ପ୍ରଧାନ ପ୍ରଧାନ ଭାଷାରେ କଥାବାର୍ତ୍ତା ହୁଅନ୍ତି । ଏହି ଭାଷାଗୁଡ଼ିକ କୋଟି କୋଟି ଲୋକମୁଖର ଭାଷା । ଏହି ଭାଷାମାନଙ୍କରୁ ବହୁ ଦ୍ୱେଷସଙ୍କୁଳ କଳିତକରାଳର ଉତ୍‌ପତ୍ତି । ଏଥିରୁ ବି ଜନ୍ମ ହୁଏ ଫରମୁଲା, କୋଟା ଇତ୍ୟାଦି । ଏହି ଫରମୁଲା (ସୂତ୍ର) ଇତ୍ୟାଦିରୁ ପୁଣି ଆହୁରି ନିଘନ କନ୍ଦଳ ଉପୁଜି ଥାଏ । ଏଭଳି କାଳଚକ୍ରର ଘୂର୍ଣ୍ଣନ ବହୁ ଲୋକଙ୍କୁ ବିଜାର କରି ସାରନ୍ତାଣି । ଏଥିରେ କେତେକ ବେଦନାମୟ ବା ଅନ୍ୟ ଧରଣର ପରିଣାମ ଥିବାରୁ ହିଁ ଏହି ଭାଷାର ଚକ୍ର ଏବେ ବି ଖୁବ୍ ଉତ୍ତେଜକ । ତେଣୁ ଛୋଟ ଛୋଟ ଭାଷାମାନଙ୍କୁ ନଜର ଦେବା ବରଂ ଆମୋଦ-ଦାୟକ । ୧୯୬୧ ମସିହାର ଜନଗଣନା ଅନୁସାରେ ଏଭଳି ଛୋଟ ଭାଷା

Digitized by srujanika@gmail.com

ମାନଙ୍କର ସଂଖ୍ୟା ବେଶ୍ ଅନେକ । ଉଦାହରଣ ସ୍ୱରୂପ ଆସୁରି ବୋଲି ଗୋଟିଏ ଭାଷାକୁ ମାତ୍ର ୪୫୪୦ ଜଣ ଲୋକ କହନ୍ତି । ଏହି ଲୋକମାନେ ଆପଣା ଭାଷାକୁ ରାଜଭାଷାରେ ପରିଣତ କରିବାର ଅଭିଳାଷୀ ନୁହନ୍ତି । ଆପଣା ଆପଣାର ଛୋଟ ପରିସର ଭିତରେ ଆପଣାର ଛୋଟ ଭାଷାଟିକୁ ଚଳେଇ ସେମାନେ ବେଶ୍ ସନ୍ତୁଷ୍ଟ । ତା'ପରେ ଆସିଲା ଆଉ ଏକ ଭାଷା । ତା ନାଁ ହେଲା ପାହାଡ଼ି-ବିରଜିଆ । ଏହି ଭାଷାଭାଷୀ ଅଖିଳ ଭାରତୀୟ ସଂଖ୍ୟା ହେଲା ଗଣି ଗଣି ଚାରି । ଏହି ଚାରିଜଣ ଯେ ଆପଣା ଭାଷା ଘେନି ଆପଣା ଆପଣା ଭିତରେ ଝଗଡ଼ା କରୁଥିବେ ଏକଥା ଅନୁମାନ କରି ହେଉନାହିଁ । ତେବେ କ୍ଷୁଦ୍ରତାର ଗୁଣରେ ଶେଷ ସୀମା ହେଲା ଏକ ସଂଖ୍ୟକ ଭାଷାଭାଷୀ ଲୋକଭାଷାର ନାମ ହେଲା ଗୋରା । ଏହି ଭାଷାଟି ସାନ୍ତାଳୀ ଭାଷା ତାଲିକାରେ ସ୍ଥାନ ପାଇଛି । ଏମାନଙ୍କ ସଙ୍ଗରେ ଟକ୍କର ଦେଲା ଭଳି ସମାନ ଭାବରେ ଆପଣା ସୁଖେ କାଳ କଟାଉଥିବା ଭାଷା ହେଲା ଆସକାର୍‌ତି, ବଲଟି ସିମଙ୍ଗ (ଆରବ) ଗିର୍ଦୁ (ତିବ୍ବତୀୟ) । କେତେକ ମନେ କରିପାରନ୍ତି ଯେଉଁ ମାତୃଭାଷାକୁ ଜଣକ ଛଡ଼ା ଆଉ କେହି ନ କହନ୍ତି ସେଭଳି ଭାଷାରେ କି ପ୍ରକାର କଥାଭାଷା ଚଳିବ ? ତେବେ, ବୋଧ ହେଉଛି, ଆପଣାକୁ ଆପେ କଥା କହିବାରେ ଆନନ୍ଦ ଅଛି । କାରଣ ଅନ୍ତତଃ ସେପରି ସ୍ଥଳେ ତୁମେ ଶ୍ରୋତା, ତୁମେ ବକତା, ତୁମେ କଥକ, ତୁମେ ଗ୍ରାହକ ।

ଜଣେ ଲୋକର ଗୋଟିଏ ଭାଷା ! ଏହା ଅସମ୍ଭବ, ହାସ୍ୟାସ୍ପଦ କଥା । ଯଦି ଭାରତରେ ଭାଷାର ବିଚିତ୍ରତା ଓ ବହୁଳତା ଦର୍ଶାଇବାପାଇଁ ଏଭଳି ଉଦ୍ଭଟ ପରିସଂଖ୍ୟାନ କେହି କରିଥାଏ ତାହା ତ ନିଆରା କଥା । କିନ୍ତୁ ଭାଷା ବୋଲିଲେ ଯାହା ବୁଝାଯାଏ ତାହା ଜଣେ ଲୋକରେ କେବେ ହୁଏ ନାହିଁ । ଭାଷା ହେଉଛି ସମାଜର ଭାବ ପ୍ରକାଶର ବାହନ । ଜଣେ ଲୋକରେ କେବେ ସମାଜ ହୁଏ ନାହିଁ । ଅଥବା ଚାରି ଜଣରେ ବି ଗୋଟିଏ ସମାଜ ବା ଗୋଟିଏ ଭାଷା ହୁଏ ନାହିଁ । ଆମେ ଯେଭଳି ବିନା ଆୟାସରେ ଖାଉ, ଚଲାବୁଲା କରୁଁ ବା ଶୋଉ ସେଭଳି କଥା ଭାଷା କରୁଁ । ଆମ୍ଭେମାନେ କେବେ ଏକଥା ବିଚାର କରି ନାହୁଁ ଯେ, ଆମର ଭାଷା ଯାହା ମାତୃଭାଷା ଛଳରେ ଆମକୁ ମିଳିଛି ତାହା ଆମର ସ୍ୱଭାବସିଦ୍ଧ ନାଁ ତାହାକୁ ଆମେ ହାସଲ କରିନ୍ଥୁଁ ? ବାସ୍ତବିକ ଦେଖିଲେ ତାହା ଆମେ ଅଲକ୍ଷିତରେ ଶିଖିଥାଉ । ମଣିଷର ଭାଷା ତାର ଜନ୍ମଗତ ନୁହେଁ । ଏହା ତାକୁ ଶିଖିବାକୁ ହୋଇଥାଏ । ଯେଉଁ ସମାଜରେ ସେ ବାସ କରେ ସେହି ସମାଜ ହିଁ ତାକୁ ଏହି ଭାଷା ଶିଖାଇଥାଏ ।

ଭାଷା ଜନ୍ମଗତ ନୁହେଁ

ଜନ୍ମ ହେଲା ମାତ୍ରେ ମଣିଷ ଶିଶୁ ଜୋରରେ ପାଟି କରେ । ପାଟି କରେ କିନ୍ତୁ କଥା କହେ ନାହିଁ । ଅଶାନ୍ତି ହେଲେ କାନ୍ଦେ କିମ୍ବା ଶାନ୍ତି ହେଲେ ସନ୍ତୋଷରେ ଚିତ୍କାର

Digitized by srujanika@gmail.com

କରେ । ନବଜାତକର ଏହା ହିଁ ହେଲା ତାର ଚଉଦିଗର ସଂସାର ବିଷୟରେ ପ୍ରତିକ୍ରିୟା । ଏଭଳି ପାଟିତୁଣ୍ଡ, ରଡ଼ି ହେଉଛି ଜୈବିକ; ଏହା କଥା ନୁହେଁ । ଏଭଳି ପାଟିତୁଣ୍ଡ ବା ରଡ଼ି ତାକୁ କେହି ଶିଖାଇ ନଥାଏ । ଜନ୍ତୁ ଜାନୁଆରଙ୍କ ପରି ଏହା ଆପଣା ଛାଏଁ ତା ମୁହଁରୁ ବାହାରି ଆସିଥାଏ ।

କିନ୍ତୁ ଦିନୁ ଦିନ ବଢେ, ତା'ର ଦୁନିଆର ପରିସର ବି ଆହୁରି ଫରଚା ହୋଇ ଆସେ । ତା'ର ମୁହଁର ଧ୍ୱନି ବି ନାନାବିଧ ଆକାର ଧରେ । ପ୍ରଥମେ ପ୍ରଥମେ ବିରକ୍ତି, ଚିତ୍‌କାର ବା ଆନନ୍ଦର କୁରୁଳିବା କୁହାଟ-ଗୁଡ଼ିକ ହୁଏ ସ୍ୱରବର୍ଣ୍ଣର ଧ୍ୱନି । ମଣିଷର କଥା ସହିତ ତାକୁ ତୁଳନା କଲେ ତାହା ଅତି ପ୍ରାଥମିକ ଶବ୍ଦ । ତା'ପରେ ତା'ର କୁହାଟରେ ବ୍ୟଞ୍ଜନ ବର୍ଣ୍ଣର ଧ୍ୱନି ପ୍ରକାଶ ପାଏ ।

ଶିଶୁ ପ୍ରଥମେ ସ୍ୱରବର୍ଣ୍ଣ ଧ୍ୱନି କରେ କାହିଁକି ? କାରଣ ମନୁଷ୍ୟର କଣ୍ଠ ସ୍ୱରବର୍ଣ୍ଣର ଧ୍ୱନି ସହଜରେ ଉଚ୍ଚାରଣ କରିପାରେ । ଶିଶୁ କଥା କହେ ନାହିଁ । ଅନ୍ୟାନ୍ୟ ଜନ୍ତୁଙ୍କ ଭଳି ଖାଲି ଶବ୍ଦ ବାହାର କରେ ଯେପରି ସେ ଦୁନିଆକୁ ଜଣାଏ ଯେ ତା'ର କଣ୍ଠନଳୀ ଅଛି ଆଉ ସେଥିରେ ଜୋର ଅଛି ।

ପରେ ପରେ ସହଜଜ୍ଞାନରୁ, ଶରୀର ଗଠନ କ୍ରିୟାରୁ ଏହି ଧ୍ୱନି ଭିତରର କଥା ବା ଭାଷାରେ ରୂପାନ୍ତର ନିଏ । ଏଭଳି ରୂପାନ୍ତର ଆପଣା ଛାଏଁ ହୁଏ ନାହିଁ । ତା'ର ଚତୁଃପାର୍ଶ୍ୱର ଜନସମାଜର ପ୍ରଭାବ, ଯଥା ମାଆ, ବାପା ଓ ଅନ୍ୟମାନଙ୍କର ପ୍ରଭାବରୁ ହୁଏ ।

ପୃଥିବୀର କୌଣସିଠାରେ କୌଣସି ଶିଶୁ ଭିତରୁ କୌଣସି ଜନ୍ମଗତ କଥାର ପ୍ରମାଣ ମିଳେ ନାହିଁ । ବୁଶମ୍ୟାନ ଘରର ବାଳୁତ, ଜର୍ମାନୀ ବା ଜାପାନୀ ଶିଶୁ ବା ଅନ୍ୟ ଯେ କୌଣସି ଦେଶର ଭାଷାର ବାଳୁତ ପିଲା ସମସ୍ତେ ଜନ୍ମ ବେଳେ ସମାନ ପ୍ରକାର ଧ୍ୱନି କରନ୍ତି । ଯଦି ଗୋଟିଏ ମାସିକିଆ ଠାରୁ ତିନିମାସିଆ ବୁଶମ୍ୟାନ ଛୁଆକୁ ଏକ ଇଂରେଜୀ ପରିବାରରେ ରଖିଦିଆଯିବ ତେବେ ଆପଣାର ମାତୃଭାଷା ଭଳି ଇଂରେଜୀ ଭାଷା ହିଁ କହିବ । ଓଲଟା ଭାବରେ ଗୋଟିଏ ଇଂରେଜ ବାପ ମାଙ୍କର ଛୁଆ ଯଦି ବାଣ୍ଟୁ ପରିବାର ଭିତରେ ଜନ୍ମରୁ ବଢେ ତେବେ ସେ ବାଣ୍ଟୁ ଭାଷାରେ ପୂରାପୂରି ଦୋରସ୍ତ ହୋଇଯିବ ।

କିନ୍ତୁ ଏମିତି ବି ବେଳକାଳ ଥିଲା, ଯେତେବେଳେ ଲୋକେ ଭାବୁଥିଲେ ଯେ ପୃଥିବୀର ସବୁ ଲୋକଙ୍କର ଜନ୍ମଗତ ଗୋଟାଏ ଭାଷା ଅଛି ।

ମିଶର ଦେଶରେ ଏକ ପୁରାଣ କଥା ଅଛି । ମିଶରର ରାଜା ଫାରାଓ ପସାମେଟିକୁସ୍ ମନେ ମନେ ପାଞ୍ଚିଲେ ଯେ ପୃଥିବୀର କେଉଁ ଭାଷାଟା ସବାଆଗ

Digitized by srujanika@gmail.com

ତାହା ସ୍ଥିର କରିବେ । ତେଣୁ ସେ ଦୁଇଟି ସଦ୍ୟଜାତ ଶିଶୁଙ୍କୁ ନେଇ ଗୋଟିଏ ବୁଢ଼ା ଘୁଙ୍ଗା ଲୋକ ପାଖରେ ଛାଡ଼ିଦେଲେ ଯେପରି କି ସେ ଶିଶୁମାନେ କୌଣସି ଭାଷା ଶିଖିବାକୁ ପାଇବେ ନାହିଁ । ତାଙ୍କର ଉଦେଶ୍ୟ ଥିଲା ଶିଶୁ ଯୋଡ଼ିକ ସ୍ୱାଭାବିକଭାବରେ କେଉଁ ଭାଷା ଆଦରିବେ ତାହା ଦେଖିବା । ଶିଶୁମାନେ ଯେଉଁ ଭାଷାରେ କଥା କହିବେ ତାହା ହିଁ ପୃଥିବୀର ଆଦିଭାଷା ବୋଲି ସାବ୍ୟସ୍ତ ହୋଇଯିବ । ଉକ୍ତ ପୁରାଣ କଥାରେ କଥିତ ଅଛି ଶିଶୁ ଦୁଇଟି ଫ୍ରିଜିୟାନ ଭାଷାରେ କଥା କହିବା ଆରମ୍ଭ କରିଥିଲେ ।

ଏଭଳି ଯେ ଗୋଟିଏ ପରୀକ୍ଷା ହୋଇଥିଲା ଏକଥା କେବଳ କାହାଣୀର କଥା । ଏହା ସତ କି ନୁହେଁ ଜଣା ନାହିଁ । ଯଦି ସତ ହୋଇଥାଏ ତେବେ ଉକ୍ତ ଫାରାଓଙ୍କୁ କେହି ଜଣେ ନିଶ୍ଚୟ ବୋକା ବନେଇ ଥିଲା । କେହି ନିଶ୍ଚିତ ଭାବରେ ଶିଶୁ ଦିଓଟିଙ୍କୁ ଫ୍ରିଜିୟାନ ଭାଷା ଶିଖାଇଥିଲା, ତାଁ ନୋହିଥିଲେ ସେମାନେ କୌଣସି ପ୍ରକାର ମନୁଷ୍ୟ ଭାଷା ଶିଖି ପାରି ନ ଥାନ୍ତେ । ଏହା ହିଁ ଭାଷା ତତ୍ତ୍ୱର ପ୍ରମାଣ । ଅବଶ୍ୟ ଏବେ ଫାରାଓଙ୍କର ଏ ପ୍ରକାର ମେରିରାୟ ନିର୍ଦ୍ଦୟ ପରୀକ୍ଷା କରିବାକୁ କେହି ମଙ୍ଗିବେ ନାହିଁ; କିନ୍ତୁ ଏଭଳି ପରୀକ୍ଷା ତ ବାରମ୍ବାର ପ୍ରାକୃତିକ କାରଣରୁ ହୋଇଯାଇଛି । ସେଥିରୁ କଣ ଶିକ୍ଷା ମିଳିଛି ?

ଏଭଳି ବହୁ ଦୃଷ୍ଟାନ୍ତ ଅଛି ଯେ, ଘଟଣା ଚକ୍ରରେ ମଣିଷର ପିଲାମାନେ ବନ୍ୟଜନ୍ତୁଙ୍କ ଲାଳନପାଳନରେ ବଢ଼ିଛନ୍ତି । ଗଧିଆ, ଚିତାବାଘ, ମାଙ୍କଡ଼, ଭାଲୁ ଏପରିକି ମେଣ୍ଢାଙ୍କ ପଲରେ ବି ମଣିଷ ଶିଶୁ ଜନ୍ମରୁ ରହି ଯାଇଥିବାର ବହୁ ଦୃଷ୍ଟାନ୍ତ ମିଳିଛି । ଏଭଳି ବନ୍ୟ ମଣିଷ ଶିଶୁମାନେ ଫ୍ରିଜିୟାନ, ବା ଓଡ଼ିଆ ବା ସଂସ୍କୃତ ଭାଷାରେ କଥା କହି ନାହାନ୍ତି ସେମାନେ ଏକପ୍ରକାର ଜାନ୍ତବ ଭାଷାରେ କଥା କହିବା ଶିଖିଛନ୍ତି । ସେମାନଙ୍କର କଣ୍ଠନଳୀରୁ ଯେଉଁ ଯେଉଁ ବନ୍ୟଜନ୍ତୁଙ୍କର ପ୍ରତିପାଳନରେ ସେମାନେ ବଢ଼ିଥିଲେ ସେହି ସେହି ଜନ୍ତୁଙ୍କର ସଙ୍କେତ ଗର୍ଜନ ହିଁ ବାହାରିଥିଲା । ସେମାନେ ଗଧିଆ ବାଘ ପରି ହେଣ୍ଟାଳିଛନ୍ତି କିମ୍ବା ମାଙ୍କଡ଼ ଭଳି କିଚିରି ମିଚିରି କରିଛନ୍ତି ଅଥବା ମେଣ୍ଢା ଭଳି ବୋବାଳି ଛାଡ଼ିଛନ୍ତି । ପରେ ବହୁ କଷ୍ଟରେ ସେମାନଙ୍କୁ କୌଣସି ଏକ ମନୁଷ୍ୟ ଭାଷା ଶିକ୍ଷା ଦିଆଯାଇ ପାରିଛି ।

ଶିଶୁର ଭାଷା ଶିକ୍ଷା ଅନୁକରଣ

ତେବେ ମନୁଷ୍ୟ ସମାଜରେ ଯେଉଁ ଶିଶୁ ଜନ୍ମ ହୁଏ ସେଭଳି ଶହ ଶହ, ଲକ୍ଷ ଲକ୍ଷ ସାଧାରଣ ଶିଶୁ କି ଭଳି କଥା କହିବା ଶିଖନ୍ତି ?

ଜନ୍ମର ପ୍ରଥମ କେତୋଟି ହପ୍ତା ଭିତରେ ଶିଶୁ ବିଭିନ୍ନ ପ୍ରକାର ଶବ୍ଦ ଶୁଣି ସେଥିପ୍ରତି ଆକୃଷ୍ଟ ହୁଏ । ତେବେ ଏ ଆକର୍ଷଣ ସରଳ ଆକର୍ଷଣ ନୁହେଁ । ଏହି

Digitized by srujanika@gmail.com

ଆକର୍ଷଣ ଓ ବିରକ୍ତି ଉଭୟ ଭିତରେ ତାରତମ୍ୟ ଥାଏ । ଯେଉଁ ଶବ୍ଦଗୁଡ଼ିକ ବିରକ୍ତିକର, ତୀକ୍ଷ୍ଣ ବା ଖୁବ୍ ଜୋର ତାହା ପ୍ରତି ତା'ର ବିରକ୍ତି ଜନ୍ମେ । ଯେଉଁ ଶବ୍ଦଗୁଡ଼ିକ ପରିତୋଷକ, ସଙ୍ଗୀତମୟ ବା ମିଠା ସେଥିପ୍ରତି ତାର ଆକର୍ଷଣ ବଢେ । ଛୋଟ ଛୁଆ ପକ୍ଷରେ ତା'ର ମା'ର କଣ୍ଠସ୍ୱର ସବୁଠାରୁ ସୁମିଷ୍ଟ ଶୁଭେ । ଏକଥା ନିଛକ ଅନୁମାନ ନୁହେଁ । ଏହା ବୈଜ୍ଞାନିକ ପ୍ରମାଣସିଦ୍ଧ । ଏହି ମାତାର କଣ୍ଠସ୍ୱରକୁ ନାନା ପ୍ରକାର ବିସ୍ୱାଦ ଶବ୍ଦ ଭିତରୁ ସେ ଠିକ୍ ବାରି ନେଇପାରେ ଓ ଏହା ଶୁଣିଲା ମାତ୍ରେ ସେ ଉଲ୍ଲସିତ ହୋଇଥାଏ ।

ଏଭଳି ଭାବରେ କେବଳ ବାକ୍‌ଶକ୍ତି ବା ଧ୍ୱନି ସୃଷ୍ଟିର ଶକ୍ତି ପାଇଁ ସେ ଯେ ତିଆରି ହୁଏ ସେତିକି ନୁହେଁ, ଶିଶୁ ଏଭଳି ଭାବରେ ଗୋଟିଏ ପ୍ରକାର ଧ୍ୱନି ଠାରୁ ଅନ୍ୟ ପ୍ରକାର ଧ୍ୱନିର ପ୍ରଭେଦ ବାରିପାରେ ଓ ଠିକ୍ ଠିକ୍ ରୂପେ ମନୁଷ୍ୟର କଥା ଶିଖିବାକୁ ଆରମ୍ଭ କରେ । ସେ ଅନ୍ୟକୁ ଅନୁକରଣ କରେ । ଯେଉଁ ଧ୍ୱନିକୁ ଶୁଣେ ତାହାକୁ ନିଜେ କରିବାକୁ ଚେଷ୍ଟାକରେ (ଅବଶ୍ୟ ଏକଥା ସତ୍ୟ ଯେ ଏଭଳି ଅନୁକରଣ କେବଳ ମନୁଷ୍ୟ ଶିଶୁ କ୍ଷେତ୍ରରେ ନୁହେଁ, ଶୁଆ, ସାରୀ ପ୍ରଭୃତି ଜନ୍ତୁଙ୍କ କ୍ଷେତ୍ରରେ ମଧ୍ୟ ଦେଖାଯାଏ) । ମନୁଷ୍ୟ ଶିଶୁ ବିଭିନ୍ନ ଧ୍ୱନିକୁ ବିଲିବିଲାଏ ଓ ତାହାର ନାଦ ସହିତ ଖେଳିବା ଆରମ୍ଭ କରେ । ଠିକ୍ ଯେପରି ମନୁଷ୍ୟ ଶିଶୁ ହିଁ କରନ୍ତା ସେପରି ହିଁ କରିବା ଆରମ୍ଭ କରେ ।

ବୟସ୍କ ଲୋକ ଦରୋଟି କଥା କହିଲେ, ଅଥବା ଖନେଇ ଖନେଇ କଥା କହିଲେ ତାହା ନାପସନ୍ଦ ହୁଏ; କିନ୍ତୁ ବାଳୁତର ଜୀବନରେ ଏହି ଦରୋଟି କଥାର ସ୍ଥାନ ଖୁବ୍ ଉଚ୍ଚରେ । କାରଣ ଏଗୁଡ଼ିକର ବିରକ୍ତିକର ଅବସ୍ଥା ବିରୁଦ୍ଧରେ ଜାନ୍ତବ ଚିତ୍‌କାର ନୁହେଁ ବା ଆନନ୍ଦର କୁହାଟ ନୁହେଁ । ଏମାନେ ଏକ ଧରଣର ଶବ୍ଦ ସମ୍ଭାର । ଏହି ଶବ୍ଦ ସମ୍ଭାର ହିଁ ପରେ ଏକ ସୁସଂହତ ଭାଷାରେ ଶୃଙ୍ଖଳାରେ ଛନ୍ଦୋବଦ୍ଧ ହୁଏ ।

ତିନି ଚାରି ମାସ ବୟସ ବେଳକୁ ମଣିଷ ଶିଶୁ ମୁହଁରେ ନାନାପ୍ରକାର ଅବୋଧ ଧ୍ୱନି କରେ । ପୃଥିବୀର ସବୁ ଭାଷାର ଓ ଅଞ୍ଚଳର ଶିଶୁ ମୁହଁରେ ଏଭଳି ଧ୍ୱନି ସମାନ । ଶିଶୁଧ୍ୱନି ଗବେଷକମାନେ ଏ ବିଷୟରେ ଏକମତ ହୋଇଛନ୍ତି ଯେ, ଦରୋଟି ଧ୍ୱନି ଭିତରେ ନାନା ଅଦ୍ଭୁତ ଧରଣର ଶବ୍ଦ ଥାଏ । ଏଥିରେ ଉଚ୍ଚ ସ୍ୱର ଶବ୍ଦ ଏପରିକି ବୁଶମ୍ୟାନ୍ ବା ହୋଟେନ୍‌ଟୋଟ ଆଦିବାସୀମାନଙ୍କର ଟାକରା ପୁଟାଇବାର ଶବ୍ଦ ମଧ୍ୟ ଥାଏ ।

ଯଦି ସାରା ସଂସାରରେ ଶିଶୁ ଧ୍ୱନି ପ୍ରାୟ ଏକ ରକମର ତେବେ ସେହି ଶିଶୁ ବୟସ୍କ ହୋଇଗଲେ ପୁଣି ବିଭିନ୍ନ ଭାଷା କିପରି କହେ ? କାହିଁକି ତେବେ ପୃଥିବୀର

Digitized by srujanika@gmail.com

ଭାଷା ସବୁ ନିଆରା ନିଆରା ହୁଏ । କାହିଁକି ସାରା ପୃଥିବୀ ପାଇଁ ସମାନ ପ୍ରକାରର ବୟସ୍କ ଭାଷା ହେଉ ନାହିଁ ।

ଏହାର କାରଣ ମନୁଷ୍ୟର ଭାଷା ଆପଣାଛାଏଁ ବିକାଶ ଲାଭ କରେ ନାହିଁ । ଏହାକୁ ଶିକ୍ଷା ଦେବାକୁ ପଡ଼େ । ସମାଜ ହିଁ ଏହି ପ୍ରକାର ଶିକ୍ଷକ । ଏହା ବାଳୁତର ବିକାଶ ସଙ୍ଗେ ସଙ୍ଗେ ସମାଜ ମାଧମରେ ତାହାରି ମୁହଁରେ ଫୁଟିଥାଏ । ବୟସ୍କ ଲୋକଙ୍କର ପ୍ରଭାବ ଯୋଗୁଁ ଶିଶୁମାନଙ୍କର ଅବୋଧ ଧ୍ୱନି ଶିଶୁର କଥାରେ ପରିଣତ ହୋଇଥାଏ । ଯେଉଁ ନାଦ ବା ଧ୍ୱନି ଗୁଡ଼ିକ ମାତୃଭାଷାରେ ନ ଥାଏ ସେଗୁଡ଼ିକ ପାଶୋରି ଯାଏ । ବୟସ୍କମାନେ ସେଗୁଡ଼ିକ ବ୍ୟବହାର ନ କରିବାରୁ ସେଗୁଡ଼ିକ ଶିଶୁର ମନରୁ ମଧ ପୋଛି ହୋଇଯାଏ । କାରଣ ବୟସ୍କମାନେ ଆପଣା କଥାଭାଷାରେ ସେଭଳି ଧ୍ୱନିର ପାଖ ପଶନ୍ତି ନାହିଁ ।

ଭାଷାର ସଂସ୍ଥା ହେଉଛି ଚାଲୁଣି ପରି । ଯାହା ଅଲୋଡ଼ା ତାହାକୁ ଚାଲୁଣିରେ ଚଲେଇ ଦେଲା ପରି ଭାଷା ଚଲେଇ ଫିଙ୍ଗିଦିଏ । କେବଳ ଜନ୍ମଭୂମିର ଭାଷାର ଧ୍ୱନିତକ ଶିଶୁ ସାଇତି ରଖେ । ତେବେ ଏହି ଚାଲୁଣିଟି କେବଣ ପଦାର୍ଥ ? ଆମ୍ଭେମାନେ ବିଭିନ୍ନ ଭାଷାରେ ବିଭିନ୍ନ ପ୍ରକାରେ କହୁ କାହିଁକି ? ଗୋଟିଏ ଭାଷାର ସଂସ୍ଥାଟା କ'ଣ ? ଏହା କାହିଁକି ଲୋଡ଼ା ପଡ଼େ ?

କଣିକାଏ କଥା

ଯେ କୌଣସି ଅବିଧାନ ଖୋଲିଲେ ଅ, ଆ, କ, ଖ ରେ ବହୁତ ଅକ୍ଷର ଆଖିରେ ପଡ଼ିବ । ଏଥିରୁ ଗୋଟିଏ ଅକ୍ଷରର ମନେକର ଗୋଟିଏ ଶବ୍ଦ ହେଲା ସରସ । ଏହି ସରସରେ 'ସ' ଜାଗାରେ 'ସା' ଲେଖିଲେ ହେଲା ସାରସ । ଏହା ଆଉ ଗୋଟିଏ ଶବ୍ଦ । ସରସର ଶେଷ ଦନ୍ତ୍ୟ 'ସ' ସ୍ଥାନରେ 'ସୀ' ଲେଖିଲେ ହେଲା ସରସୀ । ସରଳରୁ 'ର' ଜାଗାରେ 'ବ' ଲେଖିଲେ ହେଲା ସବଳ । ବ ନ ଲେଖି ଜ ଲେଖିଲେ ସଜଳ । ଏଭଳି ଗୋଟିଏ ଅକ୍ଷର, ଗୋଟିଏ ମାତ୍ରା, ଗୋଟିଏ ଧ୍ୱନିର ଅଦଳବଦଳରେ ଶବ୍ଦର ଅର୍ଥ ବଦଳିଯାଏ, ତେଣୁ ଧ୍ୱନିର ଅଦଳବଦଳରେ ଶବ୍ଦର ଅର୍ଥ ବଦଳିଯିବାର ଯେଉଁ ଗୁଣ ଅର୍ଥାତ୍ ଧ୍ୱନିର ଏହି ଯେ ଗୁଣ ଏହାକୁ ଶବ୍ଦର ଧ୍ୱନି ତତ୍ତ୍ୱମୂଳକ ପ୍ରଭେଦ ବୋଲି କୁହାଯାଏ । ପ୍ରତ୍ୟେକ ଭାଷାରେ ଏପରି ମାଳମାଳ ଶବ୍ଦ ଅଛନ୍ତି ଯେଉଁମାନେ ଗୋଟିଏ ଗୋଟିଏ ଧ୍ୱନିର ପ୍ରଭେଦରେ ପ୍ରଭେଦ ହୋଇଯାଆନ୍ତି । ପ୍ରଭେଦକାରୀ ଧ୍ୱନିର ନିଜସ୍ୱ କୌଣସି ଅର୍ଥ ନାହିଁ କିନ୍ତୁ ଏହା ଗୋଟିଏ ଶବ୍ଦକୁ ଭିନ୍ନାର୍ଥବୋଧକ ଶବ୍ଦରେ ପରିଣତ କରିଦିଏ । ଉପରର ଉଦାହରଣ ପରି ଅଜସ୍ର ଉଦାହରଣ ପୃଥିବୀର ବହୁ ଭାଷାରେ ମିଳିବ ।

Digitized by srujanika@gmail.com

କିନ୍ତୁ ତାହା ବୋଲି କେବଳ ସ୍ୱରର ପରିବର୍ତ୍ତନରେ କ'ଣ ଅର୍ଥର ପରିବର୍ତ୍ତନ ହୋଇଯିବ ? ମନେକର ଗୋଟିଏ ସାନ ପିଲା ଚାଇଁ-ଚାଇଁଆ ସ୍ୱରରେ କିଛି କଥା କହିଲା କୌଣସି ବୟସାଧିକ ଲୋକ ନିମ୍ନ ସ୍ୱରରେ କିଛି କହିଲା । ଏଥିରେ ଅବଶ୍ୟ ମୋଟାମୋଟି ଧ୍ୱନିରେ ତାରତମ୍ୟ ହେଲା । କିନ୍ତୁ ଏହାଦ୍ୱାରା ଅର୍ଥର କିଛି ବ୍ୟତିକ୍ରମ ତ ହେବ ନାହିଁ ।

କେତେ ଭାଷା ଅଛନ୍ତି ଯେଉଁଠି ଦୀର୍ଘ ସ୍ୱରବର୍ଣ୍ଣ ବା ହ୍ରସ୍ୱସ୍ୱର-ବର୍ଣ୍ଣ ଭିତରେ କୌଣସି ପ୍ରଭେଦ ନାହିଁ । ଶବ୍ଦର ଅର୍ଥରେ କିଛି ବ୍ୟତିକ୍ରମ ହୁଏ ନାହିଁ । ଯେପରି ଓଡ଼ିଆରେ ନଇ ଓ ନଈ । ଉଭୟ ହ୍ରସ୍ୱବା ଦୀର୍ଘ ସ୍ୱରରେ ଉଚ୍ଚାରଣ କଲେ ଏଠାରେ କୌଣସି ଅଲଗା ଅର୍ଥ ବୁଝାଏ ନାହିଁ । ରୁଷ ଭାଷାରେ 'STVL' ଶବ୍ଦକୁ ଜର୍ମାନ ଭାଷାରେ 'STUHL' ବା ଇଂରେଜି 'Few' ଭଳି ଉଚ୍ଚାରଣର ଅର୍ଥ ବଦଳିଯିବାର ସମ୍ଭାବନା ନାହିଁ କିନ୍ତୁ ଜର୍ମାନୀ ଭାଷାରେ 'ଷ୍ଟେହଲେଲେନ୍' ଦୀର୍ଘସ୍ୱରରେ ଅର୍ଥହୁଏ ଚୋରି କରିବା କିନ୍ତୁ 'ଷ୍ଟେଲେନ୍' ହ୍ରସ୍ୱ ସ୍ୱରରେ ଅର୍ଥ ହେଲା 'ଶୋଇବା' ।

ଓଡ଼ିଆ ଭାଷାରେ ସଂସ୍କୃତର ଗୁରୁ ଲଘୁ ନିୟମ ନାହିଁ । ଅର୍ଥାତ୍ ଏଠାରେ ହ୍ରସ୍ୱ ସ୍ୱର ବା ଦୀର୍ଘ ସ୍ୱର ଫଳରେ ଶବ୍ଦର ଅର୍ଥରେ ପ୍ରଭେଦ ବାରି ହୁଏ ନାହିଁ । ଅବଶ୍ୟ ବହୁତ ସଂସ୍କୃତ ଶବ୍ଦ ରହିଛି ଯାହାର ବନାନ ଆମେ ଓଡ଼ିଆ ଭାଷାରେ ବି ସଂସ୍କୃତ ଭଳି କରିଥାଉଁ । ଯଥା ଚିର ଅର୍ଥାତ୍ ଚିରକାଳ ଓ ଚୀର ଅର୍ଥାତ୍ ଛିଣ୍ଡାକନା । କିନ୍ତୁ ଏହି ଶବ୍ଦଗୁଡ଼ିକ ଓଡ଼ିଆ ନୁହେଁ । ଏ ଗୁଡ଼ିକ ମୂଳତଃ ସଂସ୍କୃତ ଶବ୍ଦ ।

ଓଡ଼ିଆ ଭଳି ରୁଷ ଭାଷାରେ ଲଘୁ ବା ଗୁରୁ ସ୍ୱର ଅର୍ଥାତ୍ ହ୍ରସ୍ୱ ବା ଦୀର୍ଘ ସ୍ୱରର ଉଚ୍ଚାରଣରେ ଶବ୍ଦାର୍ଥର କୌଣସି ପରିବର୍ତ୍ତନ ହୁଏ ନାହିଁ । କିନ୍ତୁ ଜର୍ମାନ, ଇଂରେଜ ଓ ଚୀନ ଭାଷାରେ ଅର୍ଥର ପରିବର୍ତ୍ତନ ହୁଏ ।

ଉପରୁ ଏକଥା ସ୍ପଷ୍ଟ ଯେ, ଭାଷାର ଧାରାରେ ସବୁ ପ୍ରକାର ଧ୍ୱନିର ପ୍ରଭେଦ ସେତେ ଗୁରୁତର ନୁହେଁ । ଯେଉଁ ସବୁ ଧ୍ୱନିର କୌଣସି ଗୁରୁତା ନାହିଁ ସେମାନଙ୍କୁ ଭାଷାର ଗୋଟିଏ ଗୋଟିଏ କଣିକା ବୋଲି ଧରାଯାଏ । ପ୍ରତ୍ୟେକ ଭାଷାରେ ଏଭଳି ଧ୍ୱନିକୁ ଗୋଟିଏ ଗୋଟିଏ 'ଫୋନିମ୍' ବୋଲି ଭାଷାତତ୍ତ୍ୱବିଦ୍‌ମାନେ କହିଛନ୍ତି ।

ଏଭଳି 'ଫୋନିମ୍'କୁ କଥକର ସ୍ୱର ଅନୁସାରେ ଓ ସ୍ୱରର ବିଶେଷତ୍ୱ ଅନୁସାରେ ବିଭିନ୍ନ ଭାବରେ ଉଚ୍ଚାରଣ କରାଯାଇପାରେ । 'ମାଆ'କୁ ବିଭିନ୍ନ ଲୋକେ ବିଭିନ୍ନ ଭାବରେ ଉଚ୍ଚାରଣ କରନ୍ତି । ଓଠର ଭଙ୍ଗୀକୁ ବିଭିନ୍ନ ରକମ କରି ଏହି ଉଚ୍ଚାରଣକୁ ନାନା ରୂପ ଦିଆଯାଇପାରେ କିନ୍ତୁ ସେହି ଶବ୍ଦ 'ମା' 'ମା' ହୋଇ ହିଁ ରହିବ । ଅଥଚ ସେହି 'ମା' ଜାଗାରେ ଯଦି ଆମେ 'ବା' ବୋଲି କହିଦେଉଁ ତେବେ ଅର୍ଥ ଅଲଗା

Digitized by srujanika@gmail.com

ହୋଇଯିବ । ତେଣୁ ମ ଓ ବ ହେଉଛି ଦୁଇଟି ଅଲଗା ଅଲଗା 'ଫୋନିମ୍' ଓ ସେମାନଙ୍କର ଉଚ୍ଚାରଣରୁ ଅଲଗା ଅଲଗା ଶବ୍ଦର ଉତ୍ପତ୍ତି ହୁଏ । ଏକଥା ପ୍ରାୟ ଦେଖାଯାଇଛି ଯେ, ଗୋଟିଏ ଫୋନିମ୍‌ର ବିଭିନ୍ନ ବିକାଶ ଫଳରେ ଏକପ୍ରକାର ଧ୍ୱନି ଜନ୍ମ ହୁଏ ଯେଉଁଥିରୁ ଗୋଟିଏ ଭାଷାର ବହୁତ ଶବ୍ଦ ବାହାରେ । ଅନ୍ୟ ପକ୍ଷରେ ସେହି ଶବ୍ଦମାନେ ଅନ୍ୟ ଭାଷାରେ କଥାର ଅନ୍ୟ କଣିକା ଭାବରେ ଦେଖାଯାଆନ୍ତି ।

ଇଂରାଜିରେ 'K' ଗୋଟିଏ ପ୍ରକାର ମୌଳିକ ଉଚ୍ଚାରଣ; କିନ୍ତୁ ହିନ୍ଦି ବା ଓଡ଼ିଆରେ କ, ଖ ଦୁଇଟି ଉଚ୍ଚାରଣ ସୃଷ୍ଟି କରେ ଓ ଏହି ଦୁଇଟି ଉଚ୍ଚାରଣ ଫଳରେ କର, ଖର, କଳ, ଖଳ, କଟ, ଖଟ ଇତ୍ୟାଦି ନାନାଦି ଶବ୍ଦ ଉତ୍ପନ୍ନ ହୁଏ ।

ରୁଷିଆର କକେସସ୍ ଅଞ୍ଚଳରେ ଡାଗୋଷ୍ଟାନ ଅଛି । ସେଠାରେ ଆଭାର ନାମକ ଭାଷାରେ 'କ'ର ଉଚ୍ଚାରଣ ଚଉଦ ପ୍ରକାର । ତେଣୁ 'କ'ର ଚୌଦଟି ବିଭିନ୍ନ ଫୋନିମ୍ ରହିଛି । ଏହି ଉଚ୍ଚାରଣଗୁଡ଼ିକ ଠିକ୍ ନ ଧରି ପାରିଲେ ସେହି ଆଭାର ଭାଷାର ଶହ ଶହ ଶବ୍ଦକୁ ଜାଣି ହେବ ନାହିଁ ।

ଗୋଟିଏ ବାଳୁତ ପିଲା ଓ ଜଣେ ବୟସ୍କ ଲୋକ ସମାନ ସମାନ ଧ୍ୱନି ଉଚ୍ଚାରଣ କରିପାରେ । କିନ୍ତୁ କହିବାର ଦକ୍ଷତା ସେତେବେଳେ ଯାଇ ଆସେ ଯେତେବେଳେ ଜଣେ ଗୋଟିଏ ଧ୍ୱନିରୁ ଅନ୍ୟ ଧ୍ୱନିକୁ ବାରିପାରେ, କେବଳ ଉଚ୍ଚାରଣ କରିପାରିଲେ କହିବାର ଦକ୍ଷତା ଆସେନାହିଁ । ପୁଣି କେବଳ ଧ୍ୱନିଗୁଡ଼ିକ କରିପାରିଲେ ବି ଯଥେଷ୍ଟ ହେଲା ନାହିଁ । ବାରିବା ସଙ୍ଗେ ସଙ୍ଗେ ଯେଉଁ ଧ୍ୱନି ଫଳରେ ଭାଷାର ଶବ୍ଦଗୁଡ଼ିକ ବାରି ହୋଇପଡ଼େ ସେଗୁଡ଼ିକ ବି ଜାଣିବା ଦରକାର ହୁଏ ।

ମୋଟ ଉପରେ ତେବେ, ଧ୍ୱନିର ସବୁ ପ୍ରକାର ପ୍ରଭେଦ ଯେ ଅର୍ଥବ୍ୟଞ୍ଜକ ସେ କଥା ନୁହେଁ । 'ଫୋନିମ୍' ଭିତରେ ଯେଉଁ ପ୍ରଭେଦଗୁଡ଼ିକ ନିହିତ ରହିଛି ସେଗୁଡ଼ିକ ହିଁ ଅର୍ଥବ୍ୟଞ୍ଜକ । ଏଭଳି ଗୋଟାଏ କଥାକୁ ବିଧାନ ବୋଲି ମାନିନେବା କ'ଣ ଠିକ୍ ? ହଁ ଠିକ୍ ପୁଣି ଠିକ୍ ବି ନୁହେଁ । ଠିକ୍ ଏହି ଅର୍ଥରେ ଯେ ଶବ୍ଦର ଅର୍ଥ କ୍ଷେତ୍ରରେ ଫୋନିମ୍‌ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଆମେ ତାହାକୁ କଥା କହିବାର ଶୁଣିଲାବେଳେ କେବଳ ଶବ୍ଦର ଅର୍ଥରୁ ତା'ର କଥିତବ୍ୟକୁ ଗ୍ରହଣ କରୁନାହିଁ । ସେ ଲୋକର କହିବା ଭଙ୍ଗିରୁ ବି ତା'ର ମାନସ କ୍ରିୟାକୁ ଆମେ ଧରି ନେଇପାରୁଁ, ତେଣୁ ଏହି ମାନସ କ୍ରିୟା କଥିତ ଶବ୍ଦର ଅର୍ଥରୁ କେବଳ ଧରାଯାଏ ନାହିଁ ।

ସେଇ ଗୋଟିଏ ବାକ୍ୟ ବା ବାକ୍ୟାଂଶ । ସମାନ ଅର୍ଥ, ସମାନ ଭାବ କିନ୍ତୁ ତାହା ବି ନାନାବିଧ ଢଙ୍ଗରେ କୁହାଯାଇପାରେ । ଏଭଳି କହିବାର ଭଙ୍ଗି କଥକର ମାନସକ୍ରିୟା ଉପରେ ନିର୍ଭର କରେ । ଗୋଟାଏ ଶବ୍ଦ 'ଓହୋ' ଭିତରେ କଥକ

Digitized by srujanika@gmail.com

ନାନାବିଧ ଉଲ୍ଲାସକୁ ଭରି ଦେଇପାରେ । ତାହା ଆନନ୍ଦ ଓ ଉତ୍‌ଫୁଲ୍ଲତାର 'ଓହୋ' ହୋଇପାରେ, ସନ୍ତୋଷ ଓ ପରିତୃପ୍ତିର ହୋଇପାରେ ଓ ବିଷାଦ ହତାଶାର ବି ହୋଇପାରେ । କୌଣସି ପାଶୋରା ଲୋକ ବି ହଠାତ୍ ତା'ର କଥନଭଙ୍ଗୀ ଓ ବାଚନଢଙ୍ଗ ବା ଉଚ୍ଚାରଣ ଯୋଗୁଁ ହଠାତ୍ ଆମର ସ୍ମୃତି ପଥରେ ଛିଡ଼ା ହୋଇ ଯାଇପାରେ ।

ସବା ଶେଷରେ ଆମେ କଥକର ବୟସ, ସେ ଶିଶୁ କି ଯୁବା କି ବୃଦ୍ଧ, ସେ ପୁରୁଷ ନାଁ ନାରୀ ଓ ଏପରିକି ତା'ର ଜନ୍ମସ୍ଥାନ କେଉଁଠି (ତା'ର ଭାଷାର ଢଙ୍ଗ ବା Accentରୁ) ଆମେ ମଧ୍ୟ ଠଉରାଇ ନେଇପାରୁଁ ।

ହେଲେ ହେଁ, ଲଣ୍ଡନ ଲୋକ ପାଇଁ ନିଉୟର୍କ ବା ନିଉଜିଲେଣ୍ଡ ଲୋକ ପାଇଁ ଇଂରାଜି ଇଂରାଜି ହିଁ ହୋଇ ରହିବ । ଶବ୍ଦତତ୍ତ୍ୱବିଦ୍ ଓ ଭାଷାତତ୍ତ୍ୱବିଦ୍‌ମାନେ ଏକଥା ପ୍ରମାଣ କରିଛନ୍ତି ଯେ, ଦୁଇଜଣ ଲୋକ ଏକାପ୍ରକାରେ କଥା କହନ୍ତି ନାହିଁ, ସେମାନେ ଶବ୍ଦ ଉଚ୍ଚାରଣ ବେଳେ ପ୍ରତ୍ୟେକ ଲୋକର ଅନ୍ୟ ଲୋକଠାରୁ ଉଚ୍ଚାରଣରେ ପ୍ରଭେଦ ଥାଏ । ତେବେ ବି ପରସ୍ପରକୁ ବୁଝିବାକୁ ଅସୁବିଧା ହୁଏ ନାହିଁ । ଏପରିକି ସେହି ଏକା ଜଣେ ଲୋକ ବିଭିନ୍ନ ଘଟଣାରେ ବିଭିନ୍ନ ଭାବରେ କଥା କହେ । ମାମୁଲି କଥାଭାଷାରେ ଆମେ କେତେଗୁଡ଼ାଏ ଉଚ୍ଚାରଣ ଢୋକି ଦେଉଁ, ବେଳେବେଳେ ଗୋଟା ଗୋଟା ପଦାଂଶ ବି ଢୋକି ଦେଉଁ କିନ୍ତୁ ରେଡ଼ିଓ ବା ଟେଲିଭିଜନ୍‌ର ଖବର ପଢ଼ାଳି ବା ନିର୍ଘୋଷକ କ୍ଷେତ୍ରରେ ଏଭଳି ଢୋକି ଦେବା ଚଳେ ନାହିଁ ।

କଥାର ଧ୍ୱନି ଅସଂଖ୍ୟ ରକମର । ତେଣୁ ଭାଷାର ଯାହା ମୂଳଦୁଆ ସେତିକି ହିଁ କେବଳ ବାଛିନେବା ହେଉଛି ଗୁରୁତ୍ୱପୂର୍ଣ୍ଣ । ସେଗୁଡ଼ିକ ହେଲା ଶବ୍ଦ ଓ ଶବ୍ଦର ଅର୍ଥ ଅର୍ଥାତ୍ ଅର୍ଥବ୍ୟଞ୍ଜକ ଶବ୍ଦ । ଯାହାର କୌଣସି ଅର୍ଥ ନାହିଁ ତାହାକୁ ଶବ୍ଦ ବୋଲି ତ କେହି ଗଣନ୍ତି ନାହିଁ । ବାଚନଭଙ୍ଗୀରେ ବି ସବୁ ପ୍ରକାରର ଭଙ୍ଗିମାକୁ କେହି ଲୋଡ଼ନ୍ତି ନାହିଁ । କେବଳ ସାଧାରଣତଃ ଯେଗୁଡ଼ିକ ସମସ୍ତେ ବୁଝିପାରନ୍ତି ସେ ପ୍ରକାର ବାଚନଭଙ୍ଗିକୁ ହିଁ ବାଛନ୍ତି । ଏଭଳି ବାଚନଭଙ୍ଗୀକୁ 'ଇଣ୍ଟୋନିମ୍' କୁହାଯାଏ ବା ବାଚନଭଙ୍ଗୀର ପ୍ରକାରଭେଦ କୁହାଯାଏ । ଏ ବିଷୟରେ ବିଚାରପାଇଁ ଏବେ ଏକ ନୂଆ ବିଜ୍ଞାନର ସୃଷ୍ଟି ହୋଇଛି । ଯାହାର ନାମ ହେଲା 'ଫେନୋଲଜି' ବା 'ବାଚନତତ୍ତ୍ୱ' । କାରଣ 'ଫୋନିମ୍' ଓ 'ଇଣ୍ଟୋନିମ୍'ରେ କଥାର ଏକ ଅର୍ଥପୂର୍ଣ୍ଣ ପର୍ଯ୍ୟାୟ ଏକଥା ଆଜି ସ୍ୱୀକୃତ ହୋଇଯାଇଛି ।

ବିଦେଶୀ ବାଚନଭଙ୍ଗୀ

ଅନେକ ବେଳେ କୌଣସି ଲୋକର କଥାରୁ ଜଣାପଡ଼େ ସେ ଆପଣାର ମାତୃଭାଷାରେ କହୁଚି ନାଁ ନାହିଁ । ଅର୍ଥାତ ଯେଉଁ ଭାଷାରେ ସେ କଥା କହୁଛି ସେ

Digitized by srujanika@gmail.com

ଭାଷା ତା'ର ମାତୃଭାଷା ବି ନୁହେଁ । ବାଚ୍‌ନଭଙ୍ଗୀ ଯଦି ପରଦେଶୀ ହୁଏ ତେବେ ତାହା କାନକୁ ଅଡୁଆ ଲାଗେ । କହିବା ଲୋକ ଧରାପଡ଼ିଯାଏ । ଏହା ଘଟେ କାରଣ କହିବା ଲୋକର ଉଚ୍ଚାରଣ ନିର୍ଭୁଲ ନୁହେଁ, ତା'ର ମାତୃଭାଷା ଅଲଗା ।

ଜଣେ ଲୋକ ଯଦି ପ୍ରକୃତରେ ଶିଶୁ ବୟସରୁ ଓଡ଼ିଆ ସମାଜ ଭିତରେ ନ ବଢ଼ିଛି ତେବେ ସେ ଯେତେ ଭଲଭାବରେ ଓଡ଼ିଆ ଶବ୍ଦ ସମ୍ଭାରରେ ଗମିଥାଉ ବା ଓଡ଼ିଆ ବ୍ୟାକରଣ ବିଧି ବିଧାନରେ ଯେତେ ବି ଦୋରସ୍ତ ହେଉ ଓ ଓଡ଼ିଆ ମୌଳିକ ଧ୍ୱନି ଉପରେ ତା'ର ଯେତେ ବି ଦଖଲ ଥାଉ ତଥାପି ତା'ର ବାଚନଭଙ୍ଗୀରେ ଗଲତି ଦେଖାଦିଏ । ଏକଥା ଆମେ ସଚରାଚର ଆମର ଏହି ଜନ୍ମ ମାଟିରେ ଦେଖୁଥାଉଁ ? ଏପରି କାହିଁକି ହୁଏ ?

ଏ ପ୍ରଶ୍ନଟି ଅତି ସରଳ ପ୍ରଶ୍ନ ଭଳି ଜଣାପଡ଼େ । କିନ୍ତୁ କେବଳ 'ଫୋନୋଲଜି' ବା 'ବାଚନତତ୍ତ୍ୱ' ହିଁ ଏହାର ଯଥାଯଥ ଉତ୍ତର ଦେଇଥାଏ ।

କଥାର ଧ୍ୱନି ଗୋଟାଏ ଧାରାବାହିକ ପରଦା । ପ୍ରତ୍ୟେକ ଭାଷାରେ ଏହି ପରଦାର କୌଣସି କୌଣସି ଜାଗାରେ ଥାକ ଥାଏ । ଭାଷା ଅନୁସାରେ ସେହି ଥାକର ଗତି ପ୍ରକୃତି ଠିକ୍ ହୁଏ । ଜଣେ ଲୋକ ବିଦେଶୀ ଭାଷାରେ କଥା କହିଲା ବେଳେ ଆପଣାର ମାତୃଭାଷା କଥାର ଥାକକୁ ଅଜାଣତରେ କଥା ଭିତରେ ଗୁଞ୍ଜି ଦିଏ । ଏଗୁଡ଼ିକ ଖୁବ୍ ବେଶୀ ପ୍ରଘଟ ହୁଏ ଯେତେବେଳେ କଥିତ ଭାଷା ଓ କଥକର ମାତୃଭାଷା ଭିତରେ ଧ୍ୱନିର ମେଳ ଥାଏ । ଯେପରି ବଙ୍ଗଳା ଓ ଓଡ଼ିଆ ଭାଷାରେ ଳ, ଡ଼, ର ଉଚ୍ଚାରଣ ଭିତରେ ସାମାନ୍ୟ ପ୍ରଭେଦ । ତେଣୁ ବଙ୍ଗଳାଭାଷୀ ଓଡ଼ିଆ ଉଚ୍ଚାରଣ ବେଳେ 'ଳ' ଉଚ୍ଚାରଣ ନ କରି ସଚରାଚର ଲ ଉଚ୍ଚାରଣ କରିଥାଏ । ରୁଷୀୟ ଭାଷାରେ 'pot' ପଟ୍ ଓ ଇଂରାଜିରେ 'pot' ର ଉଚ୍ଚାରଣ ପ୍ରାୟ ସମାନ କିନ୍ତୁ ରୁଷୀୟ 'p' ଓ ଇଂରାଜି 'p'ର ଉଚ୍ଚାରଣ ଭିତରେ ଲକ୍ଷଣୀୟ ପ୍ରଭେଦ ଅଛି । ରୁଷୀୟ ଲୋକ ଇଂରାଜିରେ 'pot' କହିଲା ମାତ୍ରେ ତାହା ବାରି ହୋଇପଡ଼େ । ସ୍ୱରବର୍ଣ୍ଣର ଧ୍ୱନିଗୁଡ଼ିକରେ ଏହି ପ୍ରଭେଦ ଆହୁରି ସ୍ପଷ୍ଟ ହୋଇ ଜଣାପଡ଼େ । ଏଡ୍‌ୱାର୍ଡ଼ ସାପିରଙ୍କ ମତରେ ଇଂରାଜୀ ଓ ରୁଷ ଭାଷାରେ ସ୍ୱରବର୍ଣ୍ଣ ଧ୍ୱନିଗୁଡ଼ିକ ପୂରାପୂରି ଅଲଗା । କୌଣସି ରୁଷ ସ୍ୱରଧ୍ୱନି ସହିତ କୌଣସି ଇଂରାଜି ସ୍ୱରବର୍ଣ୍ଣ ଧ୍ୱନିର ମେଳକ ନାହିଁ ।

ପ୍ରଥମ ଶୈଶବରୁ କେହି ଜଣେ ମାତୃଭାଷାରେ ଦଖଲ ନିଏ, ଏହି ମାତୃଭାଷା ଶିଶୁ ଶିଖୁ ଶିଖୁ ତା' ମନ ଭିତରେ ଚେରମୂଳ ମାଡ଼ି ବସିଯାଏ । ଏହା ଲୋକର ଜୀବନବ୍ୟାପୀ ବ୍ୟବହାରରେ ଲାଗେ । ତେଣୁ ଏହା ଆପଣାଛାଏଁ ଲୋକର ପାଟିକୁ ଆସିଥାଏ । କିନ୍ତୁ ବିଦେଶୀ ଭାଷା କ୍ଷେତ୍ରରେ ଏକଥା ନୁହେଁ । ସ୍ୱାଭାବିକ ଭାବରେ

Digitized by srujanika@gmail.com

ସେହି ଭାଷାର ବାଚନ-ତତ୍ତ୍ୱର ପ୍ରଧାନ ପ୍ରଧାନ ବିଭାଗଗୁଡ଼ିକ ଆୟତ୍ତ କରିବା ଦରକାର ପଡ଼େ । ଏକ ବିଦେଶୀ ଭାଷାର 'ଫୋନିମ୍' ଗୁଡ଼ିକର ସୀମା ବି ଶିଖିବାକୁ ପଡ଼େ । ଏକଥା କଲାବେଳେ ଆମେ ଅଭ୍ୟାସ ମୁତାବକ ଆମର ମାତୃଭାଷାର ଅଭ୍ୟାସଗୁଡ଼ିକ ନେଇ ଏହି ନୂଆ କଥାର କମକୂଟ ଭିତରେ ଗୁନ୍ଥି ଦେଉଁ । ଫଳରେ ଏକ ଅଲଗା ବାଚନଭଙ୍ଗୀ ତିଆରି ହେଇଯାଏ । ଉଦାହରଣ ସ୍ୱରୂପ ଓଡ଼ିଆଭାଷୀମାନେ ସାଧାରଣତଃ ହିନ୍ଦି କହିଲା ବେଳେ ଆକାରନ୍ତ ଶବ୍ଦଗୁଡ଼ିକ ଅକାରନ୍ତ କରିଦିଅନ୍ତି । ଏପରିକି ଓଡ଼ିଆରେ ଆମେ କହୁଁ 'କେରଳ' କିନ୍ତୁ ଯାର ଉଚ୍ଚାରଣ ହେବା ଉଚିତ 'କେରଲା' । ଏହା ଫଳରେ କେବଳ 'ଫୋନିମ୍' ବା ଧ୍ୱନି କଣିକା ଯେ ବିକଳ ହୁଏ ତାହା ନୁହେଁ, ଏହା ଫଳରେ ବାଚନଭଙ୍ଗୀ ବି ବିକଳ ହୁଏ ଅର୍ଥାତ୍ ଆମରି ମାତୃଭାଷାର କଥନର ଛନ୍ଦକୁ ଆମେ ଅମାତୃଭାଷା ବା କଥିତ ଭାଷାରେ ଗୁନ୍ଥି ଦେଉ । ଆଜି ବାଲ୍ୟକାଳରୁ ସେ କଥାର ଅଭ୍ୟାସ ଆମ ଭିତରେ ଚେକାମାଡ଼ି ବସିଛି ତାହାକୁ ସହଜରେ ଭୁଲି ଆଉ ଗୋଟାଏ କଥାର ଅଭ୍ୟାସକୁ ପୂରାପୂରି ଦୋରସ୍ତ କରିବା ସହଜ ହୁଏ ନାହିଁ ।

ଆମ ଦେଶରେ ଯେଉଁମାନେ ପୂର୍ବେ ଇଂରାଜି ଶିଖୁଥିଲେ ସେମାନଙ୍କର ଇଂରାଜି ଉଚ୍ଚାରଣ ଶୁଣିଲେ ବି କହିଦେଇ ହେବ ସେମାନେ ମାନ୍ଦ୍ରାଜ ବା ବଙ୍ଗଳା ନା ପଞ୍ଜାବୀ ନା ହିନ୍ଦି । କାରଣ ସେମାନେ ଆପଣାର ଇଂରାଜି ଉଚ୍ଚାରଣରେ କୌଣସି ଖାଣ୍ଟି ମାତୃଭାଷୀ ଇଂରାଜିକୁ ବହୁକାଳ ଯାଏ ଅନୁସରଣ ନ କଲେ ତାଙ୍କର ଇଂରାଜି ଉଚ୍ଚାରଣ ତାଙ୍କର ମାତୃଭାଷାର ଉଚ୍ଚାରଣ ସହିତ ମିଶ୍ରିତ ହେବାକୁ ବାଧ । ଆଗେ ଖାଣ୍ଟି ଇଂରାଜି-ମାତୃଭାଷୀ ଶିକ୍ଷକ ଓ ସେହି ଭାବରେ ଅନ୍ୟ ଭାଷାର ଶିକ୍ଷକ ଜଣକୁ ବହୁକାଳଯାଏ ପାଇବା ଓ ତାହାରି ତତ୍ତ୍ୱାବଧାନରେ ଆପଣା ମାତୃଭାଷାର ବାଚନଭଙ୍ଗୀ ଓ ଉଚ୍ଚାରଣର ଅଭ୍ୟାସକୁ ଦୂରକୁ ଠେଲି କଥିତ ଭାଷାକୁ ଆୟତ୍ତ କରିବା ଏକ କାଠିକର ପାଠ ଥିଲା । କିନ୍ତୁ ଏବେ 'ଲିଙ୍ଗୁଆଫୋନ୍' 'ଟେପ୍‌ରେକର୍ଡ଼ର' ପ୍ରଭୃତିର ପ୍ରଚଳନ ପରେ ଏହି ଅସୁବିଧା ଦୂର ହୋଇଛି । ଉକ୍ତ ଫୋନ୍‌ଗ୍ରାଫରେ ପୃଥିବୀର ପ୍ରତେକ ଭାଷାର ସବୁଠାରୁ ସ୍ପଷ୍ଟ, ଶୁଦ୍ଧ ଉଚ୍ଚାରଣବାଲା ଲୋକମାନଙ୍କର କଣ୍ଠସ୍ୱର ଓ କଥାକୁ ରେକର୍ଡ଼ କରାଯାଇଛି । ଉକ୍ତ କଣ୍ଠସ୍ୱରକୁ ଅନୁସରଣ କରି ଉଚ୍ଚାରଣ ଓ ବାଚନଭଙ୍ଗୀ ଆୟତ୍ତ କରିବା ଓ ଆପଣାର ଟେପରେକର୍ଡ଼ ବାଚନଭଙ୍ଗୀ ଓ ଉଚ୍ଚାରଣକୁ ସେମାନଙ୍କର ଖାଣ୍ଟି ଶୁଦ୍ଧ ଉଚ୍ଚାରଣ ସଙ୍ଗେ ମିଳାଇ ଆପଣାର ଭୁଲକୁ ସୁଧାରିନେବା ସହଜ ହୋଇଯାଇଛି । ଏବେ ପୃଥିବୀର ବହୁ ଦେଶରେ ଏହି କାର୍ଯ୍ୟ ସୁଗମ କରିବା ପାଇଁ ଭାଷାର ଲାବରେଟରୀ ଖୋଲିଛି । ସେଠାରେ ଶହ ଶହ ଲୋକ ଆପଣାର

Digitized by srujanika@gmail.com

ଦରକାର ମୁତାବକ ବିଭିନ୍ନ ଦେଶର ଭାଷାକୁ ଶୁଦ୍ଧ ଓ ଖାଣ୍ଟି ଉଚ୍ଚାରଣ ଦ୍ୱାରା ଆୟତ୍ତ କରିପାରୁଛନ୍ତି ।

ମନୁଷ୍ୟର ଭାବୋଚ୍ଛ୍ୱାସ ଓ ଚିନ୍ତାଧାରାକୁ ଅନ୍ୟଠାରେ ନିବେଦନ କରିବାର ସବୁଠାରୁ ସୂକ୍ଷ୍ମ ହତିଆର ହେଲା ଭାଷା । ଅନ୍ୟ ଭାଷା ବିଷୟରେ ଆମର ଜ୍ଞାନ ଥିଲେ ଅନ୍ୟ ଲୋକଙ୍କ ବିଷୟରେ ଆମର ଜ୍ଞାନ ଜନ୍ମେ । ତେଣୁ ଅନ୍ୟମାନଙ୍କ ସଙ୍ଗେ ତୁଳନା କରି ଆମେ ଆମକୁ ଆହୁରି ଭଲ ଭାବରେ ଚିହ୍ନି ପାରୁ । ଅନ୍ୟ ଭାଷାକୁ ଜାଣିଲେ ହିଁ ଆପଣା ମାତୃଭାଷାର ବିଶେଷତ୍ୱ ଆମର ନଜରରେ ପଡ଼େ ।

ଧ୍ୱନିରେ ଶୈଳୀ

'ଫୋନିମ୍' ବୋଲି ଯାହା କୁହାଯାଉଛି ସେଗୁଡ଼ିକ ହେଉଛି 'ଭାଷାର କଣିକା' ଅଥବା 'ଭାଷାର ଅଣୁ' । ଏହି ଅଣୁଗୁଡ଼ିକ ଘେନି ଭାଷା ତିଆରି ହୋଇଛି । ଧ୍ୱନିର ସ୍ରୋତକୁ ମନୁଷ୍ୟର କଥାରେ ପରିଣତ କରିବା ହେଉଛି ଏମାନଙ୍କର କାମ । ଆମକୁ ଏକଥା ଆଗରୁ ଜଣାଅଛି ଯେ, କଥାରୁ ଲୋକର ବୟସ ଓ ଲିଙ୍ଗ ବାରି ହେବ, ତା'ର ମନର କ୍ରିୟା ବି ଧରି ହେବ । ତା' ଛଡ଼ା ଆହୁରି କିଛି ଜାଣିହେବ ।

ବେଳେବେଳେ କଥକକୁ ଆଖିରେ ନ ଦେଖି ପାରିଲେ ବି କହିହେବ ସେ ମୋଟା କି ସରୁ । ତା'ର ଶ୍ୱାସ କି ପେଟମରା ଶୂଳ ବେମାରି ଅଛି କି ନାହିଁ । ଏସବୁ କଥାରୁ ଧରିନେଇ ହେବ ।

କିନ୍ତୁ ଏସବୁ ଭାଷାର ଦୟାରୁ ଜଣାପଡ଼ିବ ନାହିଁ । ଜଣାପଡ଼ିବ ସଙ୍କେତରୁ । କୌଣସି ଲୋକର ମନ ଖରାପ ଥିଲେ ସେ ଆପଣା କଥାରେ ଏକ ବିଶେଷ ଧରଣର ବ୍ୟଥା ଦେଇ କଥା କହିବ । ଏଇଟା ତାହାର ଭାଷାର ଦୟା ନୁହେଁ । ତାର ଭାଷା-ଧରନ୍ତୁ ଓଡ଼ିଆ ବା ଇଂରାଜି ଏପରି ଏକ ନିର୍ଦ୍ଦିଷ୍ଟ ବାହନ ନୁହେଁ ଯାହା କି ତାର ମାନସକ୍ରିୟାକୁ ପ୍ରକାଶ କରିବାରେ ସମର୍ଥ । ଠିକ୍ ସେପରି ବେମାରି, ବାର୍ଦ୍ଧକ୍ୟ ବା ନାନା ଧରଣର ମାନସକ୍ରିୟାଗୁଡ଼ିକ ଭାଷାର ଧାର ଧାରନ୍ତି ନାହିଁ । କୌଣସି ନିର୍ଦ୍ଦିଷ୍ଟ ଭାଷା ବା ଭାଷାର ନିର୍ଦ୍ଦିଷ୍ଟ ଢଙ୍ଗ କୌଣସି ନିର୍ଦ୍ଦିଷ୍ଟ ବେମାରି, ବୃଦ୍ଧାବସ୍ଥା ବା ହତାଶା ବା କ୍ରୋଧର ବାହନ ନୁହେଁ ।

ତଥାପି, ଭାଷା ଭିତରେ ଏଭଳି ଉପାଦାନ ଅଛି, ଏଭଳି ସଙ୍କେତର ଧାରା ଅଛି ଯାହା ଫଳରେ କେବଳ ସରଳାର୍ଥ ଛଡ଼ା ଆଉ ଅନେକ କଥା ଜଣା ପଡ଼ିପାରେ ।

ଭାଷା ଏକ ସାମାଜିକ ଘଟଣା । ଧ୍ୱନିର ଉଚ୍ଚାରଣରେ ଉଚ୍ଚାରଣ କଲା ଲୋକର ସାମାଜିକ ଶ୍ରେଣୀ, ତା'ର ପାଠପଢ଼ାର ସ୍ତର, ତା'ର ପୃଷ୍ଠଭୂମି ଇତ୍ୟାଦି

Digitized by srujanika@gmail.com

ଇତ୍ୟାଦି ଅନେକ କଥା ପ୍ରଘଟ କରିଦିଏ । ଏଗୁଡ଼ିକ ନିତିଦିନିଆ ସଙ୍କେତର ଉପାଦାନ ।

'ଫୋନୋଲୋଜି' ବା 'ବାଚନତତ୍ତ୍ୱ' ଶାସ୍ତ୍ରର ବିଧାତାଙ୍କ ଭିତରେ ଜଣେ ପ୍ରଧାନ ଲୋକ ହେଉଛନ୍ତି ରୁଷ ବୈଜ୍ଞାନିକ ଏନ.ଏସ.ଥ୍ରୁବେଟସ୍କୋୟା । ସେ ଦର୍ଶାଇଛନ୍ତି ଯେ ଉପଜାତି ଗୋଷ୍ଠୀର ନିମ୍ନ ସ୍ତରରେ ଯେଉଁ ସମାଜ ରହିଛି ସେହିମାନଙ୍କର ଲିଙ୍ଗ ଓ ବୟସର ପ୍ରଭେଦରେ କଥା ଭିତରେ ପ୍ରଭେଦ ଖୁବ୍ ଜଣାପଡ଼େ । ସମାନ ସମାନ 'ଫୋନିମ୍'ରେ ପୁରୁଷ ଓ ସ୍ତ୍ରୀ ଭେଦରେ ଉଚ୍ଚାରଣ ବି ଅଲଗା ଅଲଗା ହୁଏ । ଏଠାରେ ଉଚ୍ଚାରଣ କଣ୍ଠନାଳୀର ଗଢଣ ଯୋଗୁ ଅଲଗା ଅଲଗା ହୁଏ ନାହିଁ । ଅର୍ଥାତ ପୁରୁଷର କଣ୍ଠ ଗମ୍ଭୀର ଓ ସ୍ତ୍ରୀର କଣ୍ଠ ଖୁବ୍ ତୀକ୍ଷ୍ଣ ହୁଏ ଏକଥା ନୁହେଁ । ଏହି ସମାଜରେ ସାମାଜିକ କାରଣ ଯୋଗୁ ବି 'ଫୋନିମ୍'ର ଉଚ୍ଚାରଣ ଅଲଗା ହୁଏ ।

ଉଦାହରଣ ସ୍ୱରୂପ ରୁଷିଆର ଉତ୍ତର ସାଇବେରିଆ ଅଞ୍ଚଳରେ ଚୁକ୍‌ଚି ନାମକ ଏକ ଆଦିମ ଜାତି ଅଛନ୍ତି । ସେମାନଙ୍କର ଗୋଟିଏ ରକମର ଧ୍ୱନି ଅଛି ଯାହାକୁ ପୁରୁଷମାନେ 'ର' ଭାବରେ ଉଚ୍ଚାରଣ କରନ୍ତି କିନ୍ତୁ ମହିଳାମାନେ 'ସ୍' ଭାବରେ ଉଚ୍ଚାରଣ କରନ୍ତି । ରୁଷିଆ ଭାଷାର ଗୋଟିଏ ଉପନ୍ୟାସ 'କୁକୋଟ୍‌କା' ରେ ରୁଷ ଭାଷାର ଶିକ୍ଷକ ତାଙ୍କର ଚୁକ୍‌ଚି ଜାତିର ଛାତ୍ରୀକୁ କହିଛନ୍ତି, "ଉଚ୍ଚାରଣ କର ତ 'ର'" । ଛାତ୍ରୀଟି ଶିକ୍ଷକଙ୍କୁ କହିଛି "ଏଭଳି ଉଚ୍ଚାରଣ ପାଇଁ କହିବା ଭଲ ନୁହେଁ ।"

ୟୁକାଗିରମାନଙ୍କର ଭାଷାରେ (କୋଲିମା, ସାଇବିରିଆ) ଏଭଳି ଧ୍ୱନି ଅଛି ଯାହା ପୁରୁଷ, ମହିଳା, ବାଳ, ବୃଦ୍ଧ ବିଭିନ୍ନ ବୟସ ଓ ଲିଙ୍ଗ ପାଇଁ ବିଭିନ୍ନ ଭାବରେ ଉଚ୍ଚାରଣ କରାହୁଏ ।

ଶ୍ରେଣୀ-ବିଭକ୍ତ ସମାଜରେ ବିଭିନ୍ନ ଦଳ ବା ଶ୍ରେଣୀ ଭିତରେ ଉଚ୍ଚାରଣରେ ପାର୍ଥକ୍ୟ ବେଶ୍ ବାରି ହୋଇପଡ଼େ । ଉକ୍ତ ବାଚନତତ୍ତ୍ୱବିତ୍ ଟ୍ରୁବେଟ୍‌ସ୍‌କୋଇ ଏକଥା ମଧ୍ୟ କହିଛନ୍ତି ଯେ, ଭିଏନାରେ ଏକ ମନ୍ତ୍ରୀମଣ୍ଡଳର ନୌକରମାନଙ୍କର କଥା ଦୋକାନର ବିକାଳିର କଥା ଠାରୁ ଭିନ୍ନ ଥାଏ । ରୁଷ ଭାଷାର ସାହିତ୍ୟିକ କଥାରେ ଜଣେ ସମ୍ଭ୍ରାନ୍ତ ବଂଶର ଲୋକ ଓ ଜଣେ ବ୍ୟବସାୟୀ ମହାଜନର କଥାରେ ତାରତମ୍ୟ ଥାଏ । ସବୁ ଭାଷାରେ ବୋଧହୁଏ ସହରିଆ ଆଉ ମଫସଲିଆଙ୍କର ଉଚ୍ଚାରଣରେ ଫରକ ଥାଏ । ଅର୍ଥାତ୍ ପାଠୁଆ ଓ ଅପାଠୁଆଙ୍କ ଉଚ୍ଚାରଣରେ ଫରକ ଥାଏ । ଓଡ଼ିଆରେ ଅପାଠୁଆ ଲୋକ ସଂସ୍କୃତ ଶବ୍ଦର ଉଚ୍ଚାରଣରେ ପର୍ବତକୁ ପ୍ରବତ, ସମ୍ମାନକୁ ସନମାନ ଇତ୍ୟାଦି କହି ଶେଷରେ ଏଥିଭିତରୁ କେତେଗୁଡ଼ିକୁ ଓଡ଼ିଆ ରୁଢ଼ି ପ୍ରୟୋଗରେ ପରିଣତ କରିଦେଲେଣି । ଏହାଛଡ଼ା ଏକପ୍ରକାର ଉଚ୍ଚାରଣ ଏବେ ଓଡ଼ିଆର ସମ୍ଭ୍ରାନ୍ତ

Digitized by srujanika@gmail.com

ଇଂରାଜି ନକଲିଆ ଲୋକଙ୍କର ଫେସନ ହୋଇଯାଇଛି । ଆଉ ବି ବାବୁଆନି ଲଫଙ୍ଗାଙ୍କର ବି ଗୋଟିଏ ପ୍ରକାର ଓଡ଼ିଆ ଉଚ୍ଚାରଣ ଆମ୍ଭେମାନେ କେତେ କେତେ ବେଳେ ଶୁଣିବାକୁ ପାଉ ।

ଦକ୍ଷିଣ ଭାରତର ତାମିଲମାନଙ୍କ ଭିତରେ ଜାତିଭେଦ ପ୍ରଥା ଅତ୍ୟନ୍ତ ପ୍ରବଳ । ଏମାନଙ୍କର ଉଚ୍ଚ ବର୍ଣ୍ଣ ହେଉଛନ୍ତି ବ୍ରାହ୍ମଣ, ଏମାନଙ୍କ ତଳକୁ କ୍ଷତ୍ରିୟ, ତାଙ୍କ ତଳକୁ ବୈଶ୍ୟ ଓ ସବା ତଳକୁ ଶୂଦ୍ର । ଏହି ଜାତିଭେଦ ତାମିଲ ଭାଷାରେ ବି ପ୍ରତିଫଳିତ ହୋଇଛି । ବ୍ରାହ୍ମଣମାନେ ଗୋଟିଏ 'ଫୋନିମ୍'କୁ ତାଲଖ 'ଖ' ଭଳି ଉଚ୍ଚାରଣ କଲାବେଳେ କ୍ଷତ୍ରିୟ ଓ ବୈଶ୍ୟମାନେ ତାହାକୁ 'ଚ' ଭଳି ଉଚ୍ଚାରଣ କରନ୍ତି ଓ ଶୂଦ୍ରମାନେ 'ସ' ଭଳି ଉଚ୍ଚାରଣ କରନ୍ତି । ଓଡ଼ିଆଙ୍କର ବ୍ରାହ୍ମଣ ଘରେ ବି 'ଶ୍ୟନିବାର' 'ଶ୍ୟନିସପ୍ତା' 'ଶ୍ୟାନ୍ତି' ଏଭଳି ଉଚ୍ଚାରଣ ଦେଖାଯାଏ । ବୈଶ୍ୟ ଓ ଶୂଦ୍ରମାନେ 'ଆ'ର ପ୍ରୟୋଗ ବେଶୀ କରନ୍ତି । 'ନ'କୁ 'ଲ' ଭାବରେ ଯଥା ନଖ ବା 'ଲଖ', ଆସିଲୁକୁ 'ଅଇଲୁ' ଯଥା 'ଅଇଲା କଳାପାହାଡ଼ ଭାଙ୍ଗିଲା ଲୁହାର ବାଡ଼' ଇତ୍ୟାଦି ପ୍ରଚଳନ ଏବେ ବି ବ୍ରାହ୍ମଣଙ୍କ ଭିତରେ ରହିଛି ।

ରୁଷ ଭାଷାରେ 'a' ଓ 'o' ଅକ୍ଷର ଦୁଇଟିର ପ୍ରାୟ ସମାନ ଉଚ୍ଚାରଣ । ଯଦି ଏହା ଉପରେ ଥାକ ପଡ଼େ ତେବେ ସେମାନଙ୍କର ଉଚ୍ଚାରଣରେ ତାରତମ୍ୟ ହୁଏ । ଅଥଚ ପୁରୁଣା ରୁଷୀୟ ଭାଷାରେ ଧର୍ମଯାଜକମାନେ ସାଧାରଣତଃ 'o' କୁ ଜୋର ଦେଇ ଉଚ୍ଚାରଣ କରନ୍ତି । କାରଣ ସେମାନେ ଏହାଦ୍ୱାରା ସେମାନଙ୍କର ଧର୍ମୀୟ ବଡ଼ିମା ଦେଖାଇବାକୁ ଚାହାନ୍ତି ।

ପୃଥିବୀର ପ୍ରତ୍ୟେକ ଭାଷାରେ ଅଞ୍ଚଳ ଅନୁସାରେ ବି ଉଚ୍ଚାରଣରେ ଫରକ ହୁଏ । ବାଚନଭଙ୍ଗୀର ବି ଫରକ ହୁଏ । ଗଞ୍ଜାମରେ କାଶୀ, ଦଣ୍ଡାସୀ ଇତ୍ୟାଦି ଶବ୍ଦରେ ଆକାରର ଦୀର୍ଘ ସ୍ୱର ହୁଏ । ଅନୁଗୋଳ ଓ ଢେଙ୍କାନାଳ ଅଞ୍ଚଳରେ ଭାଷାର ବାଚନଭଙ୍ଗୀରେ ଏକ ବିଶେଷ ଧରଣର ସ୍ୱର ଲହର ଶୁଣିବାକୁ ମିଳେ । ବାଲେଶ୍ୱରରେ 'ଓ' କାର ସଧାରଣତଃ 'ଉ' କାର ଭଳି ଉଚ୍ଚାରିତ ହୁଏ । ଯଥା 'ଗୋଡ଼'= ଗୁଡ଼ । ଏଥିରୁ ଏହା ସ୍ପଷ୍ଟ ଯେ, କେବଳ ବାଚନଭଙ୍ଗୀ ନୁହେଁ, ଅଥବା ବଡ଼ ପାଟି ନୁହେଁ, ସ୍ୱରର ତୀକ୍ଷ୍ଣତାର ଫରକରେ ନୁହେଁ ଭାଷାର ପ୍ରବାହ ଶୃଙ୍ଖଳାରେ ଅର୍ଥାତ ଏହାର 'ଫୋନିମ୍'ରେ ମଧ ଉତ୍ପତ୍ତି, ଅଞ୍ଚଳ, ଶିକ୍ଷା, ଲାଳନପାଳନ ଓ ଲିଙ୍ଗ ଇତ୍ୟାଦିର ସୁରାକ୍ ମିଳିଥାଏ । ଏଗୁଡ଼ିକ ଅବଶ୍ୟ ବାଚନତତ୍ତ୍ୱର ବିଷୟ ନୁହେଁ, ଏଗୁଡ଼ିକ ଭାଷାତତ୍ତ୍ୱର ଆଉ ଗୋଟିଏ ବିଭାଗ ଶୈଳିତତ୍ତ୍ୱର ଗବେଷଣାର ବିଷୟ ।

Digitized by srujanika@gmail.com

ତେବେ ପୃଥିବୀର ସବୁ ଭାଷାର ବାଚନତତ୍ତ୍ୱ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କାରଣ ଏହା ମନୁଷ୍ୟର ଭାଷାର ଧ୍ୱନିର ବିଜ୍ଞାନ । ଏଥିରୁ ମନୁଷ୍ୟର ଭାଷାର ଏକତା ବହୁ ପରିମାଣରେ ସ୍ଥିର କରାଯାଇପାରେ ।

ଭାଷା ଓ ତାହାର ଧ୍ୱନି ଶୃଙ୍ଖଳା

ପ୍ରତ୍ୟେକ ଭାଷାରେ ଆପଣାର ଧ୍ୱନି ଜଗତର ବିଭାଗ ଓ ଉପବିଭାଗ ରହିଛି । ପୃଥିବୀର ବିଭିନ୍ନ ଧ୍ୱନି ଭିତରୁ ପ୍ରତ୍ୟେକ ଭାଷା ଆପଣାର 'ଫୋନିମ୍' ବା ସ୍ୱକୀୟ ଧ୍ୱନି ଗୁଡ଼ିକ ଚାଲୁଣୀରେ ଛାଣିଲା ପରି ଛାଣି ନିଏ ।

ଆଗରୁ କୁହାଯାଇଛି, ଗୋଟିଏ ଭାଷାରେ କେତେଗୁଡ଼ିଏ ଧ୍ୱନିଅଣୁ ଅଛି, ଯାହାର ନାମ 'ଫୋନିମ୍' । ତେବେ ଗୋଟିଏ ଭାଷାରେ କେତୋଟି 'ଫୋନିମ୍' ଅଛି ତାହା କିପରି ଜଣାଯାଏ ? ପ୍ରକୃତ ପକ୍ଷରେ କୌଣସି ଭାଷାରେ ଅଭିଜ୍ଞ କେହି ଲୋକ ସେହି ଭାଷାର ଧ୍ୱନିଅଣୁକୁ ହିସାବ କରିପାରେ ଯଦି ସେ ଶବ୍ଦଗୁଡ଼ିକୁ ପରସ୍ପର ତୁଳନା କରେ ଓ ଯେଉଁ ମୂଳ ସୂତ୍ର ବା ଫୋନିମ୍ ଧ୍ୱନି ବା ନାଦ ପ୍ରକାରରେ ଶବ୍ଦମାନଙ୍କର ଫରକ ଦର୍ଶାଏ ସେଗୁଡ଼ିକୁ ଅଲଗା ଅଲଗା କରି ଗଣନା କରେ ।

ଏହି ବହିଟି ଓଡ଼ିଆ ଭାଷାରେ ଲେଖା ହୋଇଛି । ଏଥିରେ ଯେ କେହି ଓଡ଼ିଆ ଭାଷାର ଧ୍ୱନିଅଣୁ ବା ଫୋନିମ୍‌ଗୁଡ଼ିକ ହିସାବ କରି ପାରିବ । ଏହି ହିସାବର ସୂତ୍ର ହେଉଛି ହଳେ ହଳେ ଶବ୍ଦ ନେଇ ତାହାକୁ ପରୀକ୍ଷା କରିବା ଯେଉଁଠି ଗୋଟିଏ ଧ୍ୱନିର ପରିବର୍ତ୍ତନରେ ଶବ୍ଦର ଅର୍ଥ ବଦଳି ଯାଉଛି; ଯଥା -- ଚଳ, ମଳ, ଖଳ, ଢଳ, ତଳ, ବଳ, ଜଳ ଇତ୍ୟାଦି । ଲକ୍ଷ୍ୟ କରିବାର କଥା ଯେ, ସଧାସିଧା ଗୋଟିଏ ପଦାଂଶ ଥିବାର ପଦଗୁଡ଼ିକ ନେଲେ ଏଭଳି ଧ୍ୱନିଅଣୁକୁ ସହଜରେ ବାଛି ନିଆଯାଇପାରେ । ଇଂରାଜିରେ ସେହିପରି top, tap, tip, bit, bat, but, sun, sin, son ଏହିଭଳି ଭାବରେ ଧ୍ୱନିଅଣୁର ହିସାବ କରାଯାଇପାରେ ।

ବିଭିନ୍ନ ଭାଷାର ଏହି ଧ୍ୱନିତାତ୍ତ୍ୱିକ ପ୍ରବାହ ଶୃଙ୍ଖଳା ଭିତରେ ଫରକ ଥାଏ । ରହିବାକୁ ବାଧ; ଯଥା - ରୁଷ ଭାଷାରେ 'a' ଧ୍ୱନି ଗୋଟିଏ ଲାଟିନରେ 'a' ଧ୍ୱନି ଦିଓଟି (ଗୋଟାଏ ହ୍ରସ୍ୱସ୍ୱର ଆଉଟି ଦୀର୍ଘ ସ୍ୱର) ଲାଟିନରେ 'malum' ର ଯଦି a ଟା ହ୍ରସ୍ୱ ହୁଏ ତାର ଅର୍ଥ ହୁଏ 'ଖରାପ', ଯଦି a ଟା ଦୀର୍ଘ ହୁଏ ଶବ୍ଦର ଅର୍ଥ ହୁଏ 'ସେଓଫଳ' । ଠିକ୍ ସେହିପରି ଲାଟିନ ଭାଷାରେ 'i' ଅର୍ଥାତ୍ ଇ ଉଚ୍ଚାରଣର ଦୁଇଟି 'ଫୋନିମ୍' ବା ଧ୍ୱନିଅଣୁ ରହିଛି । ଦୁଇଟି 'o' ଦୁଇଟି 'u' ବା ଉ ବା ଦୁଇଟି 'e' ଧ୍ୱନିଅଣୁ ରହିଛି । ଏହାର ଅର୍ଥ ଲାଟିନରେ ପାଞ୍ଚୋଟି ଅକ୍ଷର ଉପରେ ନିର୍ଭର କରି ଦଶଟି ଧ୍ୱନିଅଣୁ ଥିଲା । ପୂର୍ବକାଳରେ ମାୟା ସଭ୍ୟତାର ଯେଉଁ ଭାରତୀୟ ଭାଷା

Digitized by srujanika@gmail.com

'ମାୟା' ପ୍ରଚଳିତ ଥିଲା, ସେଥିରେ ପାଞ୍ଚୋଟି ଅକ୍ଷର ଉପରେ ନିର୍ଭର କରି ପନ୍ଦରଟି ଧ୍ୱନିଅଣୁ ଥିଲା । ହ୍ରସ୍ୱ ସ୍ୱର ଓ ଦୀର୍ଘ ସ୍ୱର ଛଡ଼ା ମଧ୍ୟ ଗୋଟାଏ ପ୍ରକାର ଉଦ୍ଧୃତ ଚିହ୍ନବାଲା ଧ୍ୱନିଅଣୁ ବି ରହିଥିଲା । ଏଭଳି ଧ୍ୱନି ହଠାତ୍ କଣ୍ଠନାଳୀକୁ ରୁନ୍ଧି ଦେଇ ସ୍ୱରର ଲୋପ ଦ୍ୱାରା ସୃଷ୍ଟି କରାଯାଉଥିଲା ।

ଅନ୍ୟ ପକ୍ଷରେ 'ମାୟା' ଭାଷାରେ ଅତ୍ୟନ୍ତ ସାଧାରଣ ଧ୍ୱନି, ଯଥା - ସ୍, ଦ୍, ଭ୍ ଓ ପ୍ ଦ୍ ଓ ତ୍ ର ପ୍ରଭେଦ ନଥିଲା । ତେଣୁ ସେମାନେ ଦାନ ଓ ତାନ ଉଭୟକୁ ଏକ ପ୍ରକାର ଧ୍ୱନି ଭାବରେ ଗ୍ରହଣ କରୁଥିଲେ ।

କେତେକ ଭାଷାରେ ଧ୍ୱନିଅଣୁ ବା ଫୋନିମ୍ ଛଡ଼ା ବି ଉଚ୍ଚାରଣରେ ପ୍ରଥମ ଅକ୍ଷର ବା ଶେଷ ଅକ୍ଷର ବା ମଝି ଅକ୍ଷରରେ ଜୋର ଦେଇ ଅର୍ଥର ପ୍ରଭେଦ କରାଯାଏ । ଯଥା - ଇଂରାଜିରେ subject (ବିଶେଷ୍ୟ) ଓ subject (କ୍ରିୟା) । କିନ୍ତୁ ଫରାସୀ , ଫିନିଶ, ଚେକ୍, ଜର୍ଜିୟ, ହଙ୍ଗେରୀୟ ଭାଷାରେ ଏହି ପ୍ରଚଳନ ନାହିଁ । ଭାଷାମାନଙ୍କ ଭିତରେ ବି ଆଉ ଏକ ପ୍ରକାର ପ୍ରଭେଦ ଅଛି । ତାହା ହେଉଛି ଧ୍ୱନିର ସମାହାର । କେତେକ ଭାଷାରେ କେତେକ ଧ୍ୱନି ଏକାଠି ମିଳିବାର ପ୍ରଚଳନ ଅଛି । ଆଉ କେତେକ ଧ୍ୱନିର ମିଳନ ଅଚଳ । ରୁଷ ଭାଷାରେ କୌଣସି ଶବ୍ଦ 'y' ର ଆରମ୍ଭରେ ହୋଇ ପାରେନା । ଠିକ୍ ଯେପରି ଓଡ଼ିଆ ଭାଷାରେ ଦୀର୍ଘ 'ର' '....' ବା 'ଙ' 'ଞ' 'ଣ' ଇତ୍ୟାଦି ଧ୍ୱନି ଶବ୍ଦର ମୂଳରେ ରହିପାରେ ନାହିଁ । ଅଥଚ ଏସ୍ତୋନିୟ, ତୁର୍କି, ମାରି ପ୍ରଭୃତି ଭାଷାରେ ଅସଂଖ୍ୟ ଶବ୍ଦ ଅଛି ଯେଉଁମାନଙ୍କର ଆଗ ଅକ୍ଷର 'y' ।

ଦକ୍ଷିଣ ପ୍ରଶାନ୍ତ ମହାସାଗରର ପଲିନେସିୟ ଭାଷାରେ ଦୁଇଟି ବ୍ୟଞ୍ଜନବର୍ଣ୍ଣ ଏକାଠି ରହିବାର ବ୍ୟବସ୍ଥା ନାହିଁ । ଅର୍ଥାତ୍ ଦୁଇଟି ବ୍ୟଞ୍ଜନ ଧ୍ୱନି ଏକାଠି ରହିପାରନ୍ତି ନାହିଁ । ତାହାଛଡ଼ା ଓଡ଼ିଆ ପରି ଏଠାରେ ପ୍ରତ୍ୟେକ ଶବ୍ଦ ଏକ ସ୍ୱର ଧ୍ୱନିରେ ହିଁ ଶେଷ ହେବା ଦରକାର । ଓଡ଼ିଆରେ ସଂସ୍କୃତର ବଳବାନ, ଧନବାନ, ହଠାତ୍ ଇତ୍ୟାଦି କେତୋଟି ବ୍ୟତିକ୍ରମ ଛାଡ଼ିଦେଲେ ଠିକ୍ ସେହି ଏକା କଥା । ଏମାନଙ୍କ ପାଇଁ ଏକାଧିକ ବ୍ୟଞ୍ଜନ ଧ୍ୱନି ଥିବା ଶବ୍ଦ ଉଚ୍ଚାରଣ ଅତ୍ୟନ୍ତ କଷ୍ଟଦାୟକ । ଅଥଚ ଏହି ଭାଷାମାନଙ୍କରେ ଖୁବ୍ ଲମ୍ବା ଲମ୍ବା ଶବ୍ଦ ଅଛି ଯେଉଁଥିରେ ଗୋଟିଏ ବି ବ୍ୟଞ୍ଜନ ଧ୍ୱନି ନାହିଁ । ହାଉଆଇ ଶବ୍ଦ 'ଓଇଆଇଓ' ଅର୍ଥାତ୍ 'ମୁଖ' ଏଭଳି ଗୋଟିଏ ଶବ୍ଦ । ଏଥିରେ ପାଞ୍ଚୋଟି ସ୍ୱର ଧ୍ୱନି ଅଛି କିନ୍ତୁ ଗୋଟିଏ ବି ବ୍ୟଞ୍ଜନ ଧ୍ୱନି ନାହିଁ ।

ଏଭଳି ଭାଷା ବି ଅଛି ଯାହାଙ୍କର ଧ୍ୱନି ଇଂରାଜି, ରୁଷ ବା ସଂସ୍କୃତ, ଓଡ଼ିଆ କୌଣସି ଭାଷାର ଧ୍ୱନି ସଙ୍ଗେ ମିଳେ ନାହିଁ । ଯଥା - ବୁଶମ୍ୟାନ, ହୋଟେନ୍‌ଟଟ୍ ବା ଜୁଲୁମାନଙ୍କର ଟାକରା ଫୁଟାଇଲା ଭଳି ଧ୍ୱନି ।

Digitized by srujanika@gmail.com

ପ୍ରତ୍ୟେକ ଭାଷା ଧ୍ୱନିର ଅବିଚ୍ଛିନ୍ନ ପରଦା ଦେହରୁ ଆପଣାର ଦରକାରୀ ଧ୍ୱନିକୁ ଙ୍ଗଛି ନେଇ ଆପଣାର ଭାଷାକୁ ତିଆରି କରେ ।

ପଲିନେସୀୟ ଭାଷାମାନଙ୍କରେ ଏଭଳି 'ଫୋନିମ୍' ବା ଧ୍ୱନିଅଣୁର ସଂଖ୍ୟା ସବୁଠାରୁ କମ୍ । ଅଷ୍ଟ୍ରେଲିଆର ଆଦିମ ବାସିନ୍ଦାମାନଙ୍କର ଭାଷାରେ ବି ଏଭଳି ଧ୍ୱନିଅଣୁ ବା ଫୋନିମ୍‌ର ସଂଖ୍ୟା ମାତ୍ର ୧୨ ରୁ ୧୫ ଯାଏ ହେବ ।

ହାଓଉଆଇ ଭାଷାରେ ସାତୋଟି ବ୍ୟଞ୍ଜନବର୍ଣ୍ଣ ଓ ପାଞ୍ଚୋଟି ସ୍ୱରବର୍ଣ୍ଣ ରହିଛି । ରୁଷୀୟ ଭାଷାରେ ୫ ଗୋଟି ସ୍ୱରବର୍ଣ୍ଣ ଓ ୩୫ ଗୋଟି ବ୍ୟଞ୍ଜନବର୍ଣ୍ଣ, ଓଡ଼ିଆରେ ବାରଟି ସ୍ୱରବର୍ଣ୍ଣ ଓ ୩୪ଟି ବ୍ୟଞ୍ଜନବର୍ଣ୍ଣ ଅଛି । କିନ୍ତୁ ୧୨ଟି ସ୍ୱରବର୍ଣ୍ଣର ଧ୍ୱନି ଭିତରୁ ୫ଟି ବା ୬ଟି ସ୍ୱରଧ୍ୱନିର ଉଚ୍ଚାରଣ ଅଛି । କେତେଗୁଡ଼ିଏ କକେସସ୍ ଭାଷା ଅଛନ୍ତି ଯେଉଁମାନଙ୍କର ଧ୍ୱନିଅଣୁର ସଂଖ୍ୟା ୭୦ ଯାଏ ହେବ । ଉଦାହରଣ ସ୍ୱରୂପ ଆବ୍‌ବାସି ଭାଷାର ସତୁରିଟି ଯାଏ ବ୍ୟଞ୍ଜନ ବର୍ଣ୍ଣ ଅଛି ଓ କେବଳ ଯୋଡ଼ିଏ ସ୍ୱରବର୍ଣ୍ଣ ଅଛି । କେତେକ ଗବେଷକଙ୍କ ମତରେ ବୋଧହୁଏ ଗୋଟିଏ ମାତ୍ର ସ୍ୱରଧ୍ୱନି ଅଛି; ଅନ୍ୟ ସ୍ୱରଧ୍ୱନିଟି ପୂର୍ବ ସ୍ୱରଧ୍ୱନିର ଏକ ବିକଳ୍ପ ।

ବାରଟି ସ୍ୱତନ୍ତ୍ର ଧ୍ୱନି ବା ସାର୍ବଜନୀନ ଧ୍ୱନି

ମୋଟ ଉପରେ ପୃଥିବୀରେ ବହୁ ସହସ୍ର ଭାଷା ଅଛନ୍ତି । କେବଳ ଆମେରିକା ମହାଦେଶରେ ପ୍ରାୟ ଦୁଇହଜାର ସରିକି ଭାଷା ଅଛି । ଏହାର ଅର୍ଥ ଆମ ପୃଥିବୀରେ କେତୋଟି ହଜାର ନିର୍ଦ୍ଦିଷ୍ଟ ଧ୍ୱନିତାତ୍ତ୍ୱିକ ପ୍ରବାହଧାରା ରହିଛି । ତେବେ ଗୋଟିଏ ଭାଷାରେ ଯେଉଁ ଉପଭାଷା ବା ବୋଲି ରହିଛି ସେଗୁଡ଼ିକ ହିସାବକୁ ନେଲେ ଆଉ ଏହି କେତୋଟି ହଜାରଠାରୁ ଆଉ କିଛି ବେଶି ଧ୍ୱନିତାତ୍ତ୍ୱିକ ପ୍ରବାହଧାରା ମିଳିବେ । ପ୍ରତ୍ୟେକ ବୋଲି ବା ଉପଭାଷାର ମଧ୍ୟ ନିଜସ୍ୱ ଧ୍ୱନିତାତ୍ତ୍ୱିକ ପ୍ରବାହଧାରା ରହିଛି । ଏପରିକି ଘନିଷ୍ଠ ସଂପର୍କିତ ଭାଷାମାନଙ୍କ ଭିତରେ ବି ପ୍ରଭେଦ ରହିଛି । କିନ୍ତୁ ଏସମସ୍ତ ଫରକ ସତ୍ତ୍ୱେ ଗବେଷଣାରୁ ଜଣାଯାଇଛି, ସାରା ସଂସାରରେ ହଜାର ହଜାର ଭାଷାର ହଜାର ହଜାର ଧ୍ୱନିପ୍ରବାହ ଥିଲେ ବି ସେମାନଙ୍କ ଭିତରେ କେତେଗୁଡ଼ିଏ ସାଧାରଣ ଚେହେରା ରହିଛି । ଏଥରୁ ଏକଥା ବି ମନେ ହେଉଛି ଯେ ଏହି ସାଧରଣ ଚେହେରାଗୁଡ଼ିକୁ ଅଲଗା କରିନେଇ ଓ ବିଶେଷ ବିଶେଷ ଚେହେରାଗୁଡିକୁ ତା ସାଙ୍ଗରେ ଯୋଖି ପୃଥିବୀର ସବୁ ଭାଷା ପାଇଁ ଏକ ଧ୍ୱନି ସଙ୍ଗମ ବା ଏକ ସାର୍ବଜନୀନ ଧ୍ୱନି ତିଆରି କରାଯାଇପାରେ ।

ଏବେ ଭାଷା ତତ୍ତ୍ୱବିତ୍‌ମାନେ ଅବାକ୍ ହେଲେଣି ଯେ ଅଷ୍ଟ୍ରେଲିୟା, ଦୁଇ ଆମେରିକା, ଏସିଆ, ଓସେନିଆ (ଅର୍ଥାତ୍ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ),

Digitized by srujanika@gmail.com

ଇଉରୋପ ଓ ଆଫ୍ରିକାରେ ସବୁ ଭାଷାରେ ଭାଷାର ଗଢଣ ବା ଶବ୍ଦଭଣ୍ଡାରର ବିଭିନ୍ନତା ସତ୍ତ୍ୱେ କେତେଗୁଡ଼ିଏ ସାଧାରଣ ଚେହେରାର ଲକ୍ଷଣ ମିଳୁଛି । ମାର୍କିନ ଯୁକ୍ତରାଷ୍ଟ୍ରର ଭାଷାବିତ୍ ଏଡ୍‌ୱାର୍ଡ୍ ସାପିର ମନେ କରନ୍ତି ଯେ ଏହି ଚେହେରାର ଲକ୍ଷଣଗୁଡ଼ିକ ପୃଥିବୀର କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମାବଦ୍ଧ ନୁହେଁ । ସେଗୁଡ଼ିକ ସାରା ପୃଥିବୀର ସବୁ ଅଞ୍ଚଳରେ ଭାଷାର ଗଢଣ ବା ଶବ୍ଦସଂପଦର ତାରତମ୍ୟ ନିର୍ବିଶେଷରେ ବ୍ୟାପ୍ତ ।

ଅ ଆଉ କ୍ ଭିତରେ ପ୍ରଭେଦ ହେଲା, ଅ ଏକ ସ୍ୱର, କ୍ ଏକ ବ୍ୟଞ୍ଜନ । ତେଣୁ ଧ୍ୱନିଅଣୁ ଗୁଡ଼ିକର ଶ୍ରେଣୀ ବିଭାଗରେ ଆମକୁ ଗୋଟିଏ ପ୍ରଥମ ସୂତ୍ର ମିଳିଲା – ସ୍ୱରବର୍ଣ୍ଣ ଓ ଅ ସ୍ୱରବର୍ଣ୍ଣ; ଅର୍ଥାତ୍ ସ୍ୱର ଧ୍ୱନି ଓ ନିଃ-ସ୍ୱରଧ୍ୱନି । ତେଣୁ ପୃଥିବୀରେ ସବୁ ଭାଷାରେ ଏହି ଏକ ପ୍ରକାର ବିଭାଗ କରାଯାଇପାରେ – ସ୍ୱର ଓ ଅଣସ୍ୱର । ଓଡ଼ିଆ ଭାଷା ଭଳି ବହୁଭାଷାରେ ଅନେକଗୁଡ଼ିଏ ସ୍ୱରବର୍ଣ୍ଣ ଅଛି ଓ ମନେ ହେବ ବ୍ୟଞ୍ଜନ ବର୍ଣ୍ଣ ଅଛି । ଏମାନଙ୍କ ଭିତରେ ଅର୍ଥାତ୍ ବ୍ୟଞ୍ଜନଙ୍କ ଭିତରେ ତଫାତ୍ କଣ ?

ବ ଓ ପ ଦୁଇଟି ବ୍ୟଞ୍ଜନବର୍ଣ୍ଣ ନିଆଯାଉ । ଏମାନଙ୍କ ଭିତରେ ଗୋଟିଏ ଶବ୍ଦାୟିତ ଆରଟି ନିଃଶବ୍ଦ । ସାରା ପୃଥିବୀର ସବୁ ଭାଷାରେ ଏପରି ବି ଦୁଇଟି ଶ୍ରେଣୀର ବ୍ୟଞ୍ଜନ ବର୍ଣ୍ଣ ଅଛି । ଗୋଟିଏ କିସମର ବ୍ୟଞ୍ଜନବର୍ଣ୍ଣରେ ଶବ୍ଦ ହୁଏ ଆଉ ଗୋଟିଏ ବ୍ୟଞ୍ଜନ ଧ୍ୱନି ନିଃଶବ୍ଦ ।

ଆଉ ଏକପ୍ରକାର ଧ୍ୱନିଗତ ଶ୍ରେଣୀ ବିଭାଗ କରାଯାଇପାରେ । କେତେଗୁଡ଼ିଏ ଧ୍ୱନି ହେଉଛି ଲଗାତର ଆଉ କେତେଗୁଡ଼ିଏ ବିଖଣ୍ଡିତ । ଓଡ଼ିଆରେ 'ର୍' ଏକ ଲଗାତର ଧ୍ୱନି କିନ୍ତୁ 'ଚ' ଏକ ବିଖଣ୍ଡିତ ଧ୍ୱନି ।

ଆହୁରି ଏକ ଅବାକ୍ ହେବାର କଥା ଅଛି ଯେ, ପୃଥିବୀର ସବୁ ଭାଷାରେ ମିଶି ପ୍ରାୟ ଏକଲକ୍ଷ ଧ୍ୱନିଅଣୁ ଥିଲେ ବି ଉପରୋକ୍ତ ଶ୍ରେଣୀବିଭାଗରେ ସେମାନଙ୍କୁ ରଖିଲେ ସେମାନେ ବାରଗୋଟି ବିଭାଗ ଭିତରକୁ ସମସ୍ତେ ଆସିଯିବେ । ଏହାର ଅର୍ଥ ମନୁଷ୍ୟର ମୁଖର ଧ୍ୱନି ଭିତରେ ବହୁ ପାର୍ଥକ୍ୟ ସତ୍ତ୍ୱେ ଗୋଟାଏ ଏକତା ରହିଛି ।

କଥିତ ଭାଷାକୁ ଦୁଇଟି ଦିଗରୁ ଦେଖାଯାଇପାରେ । ଗୋଟିଏ ଦିଗ ହେଉଛି ଲହରୀର କମ୍ପନ ଅର୍ଥାତ୍ ଏକ ନିରବିଚ୍ଛିନ୍ନ ଧ୍ୱନିର ଝରଣା; ଅନ୍ୟ ପକ୍ଷରେ ଏହାକୁ ଧରାଯାଇପାରେ ମଣିଷର କଣ୍ଠନାଳୀ, ଜିଭ ଓ ଓଠର ଚାଳନା ।

ଏଥିରୁ ଧ୍ୱନିର ଲହରୀଗୁଡ଼ିକୁ ଆମେ ଟେପରେକର୍ଡ଼ରେ ବା ଓସିଲୋଗ୍ରାଫ ବା ଦୋଳାୟମାନ ଯନ୍ତ୍ରରେ ରେକର୍ଡ଼ କରୁ । ଅନ୍ୟପକ୍ଷରେ ମଣିଷର ଅଙ୍ଗପ୍ରତ୍ୟଙ୍ଗର ଯନ୍ତ୍ରପାତି ସରଞ୍ଜାମ, ଯଥା- କଣ୍ଠନାଳୀ, ଓଠ ଓ ଜିଭର ଚଳପ୍ରଚଳ ଓ ଗତିକୁ ଆମେ ପରଖ କରୁଁ । ଏଭଳି ଭାବରେ ଆମେ ଧ୍ୱନିଅଣୁ ବା ଫୋନିମ୍‌ର ରୂପରେଖ ବିଷୟରେ

Digitized by srujanika@gmail.com

ଦୁଇଦିଗରୁ ବର୍ଣ୍ଣନା ପାଇଁ । ଗୋଟିଏ ହେଲା ଶବ୍ଦତରଙ୍ଗ ତରଫରୁ, ଅନ୍ୟଟି କଥା ଓ ବାଚନ ଯନ୍ତ୍ର ତରଫରୁ ।

ତେଣୁ ଯଦି ଆମେ ଶବ୍ଦତରଙ୍ଗ ଦିଗରୁ ଧ୍ୱନିଅଣୁକୁ ପରୀକ୍ଷା କରୁଁ ,ତେବେ ଆମେ ପ୍ରାୟ ବାରଗୋଟି ଯୋଡ଼ିର ଶ୍ରେଣୀବିଭାଗ ବା ପାର୍ଥକ୍ୟ ପାଇବା । ଏଗୁଡ଼ିକ ଭିତରେ ପୃଥିବୀର ସବୁ ଭାଷା ଆସିଯିବେ । କେହି ବାଦ୍ ପଡ଼ିଯିବେ ନାହିଁ ।

ତେବେ ଏ ଯେ ବାରଯୋଡ଼ା ଶ୍ରେଣୀ ବା ପାର୍ଥକ୍ୟ ତିଆରି ହୋଇଛି ଏଥିରେ ଏ 'ଯୋଡ଼ା' କାହିଁକି ? 'ଯୋଡ଼ା' 'ଯୋଡ଼ା' ନ କରି 'ତିନିଟିକିଆ' 'ଚାରିଟିକିଆ' କରିଥିଲେ କ୍ଷତି କ'ଣ ହୋଇଥାନ୍ତା ?

କାରଣ ଏହା ହିଁ ଶ୍ରେଣୀବିଭାଗର ସ୍ୱାଭାବିକ ମାନବିକ ଢଙ୍ଗ । କଳା, ଧଳା, ଆଲୁଅ, ଅନ୍ଧାର ଯେପରି ଗୋଟିଏ ଭାବ ଓ ଅନ୍ୟଟି ଅଭାବ (କଳା ରଙ୍ଗର ଅଭାବ, ଧଳା ରଙ୍ଗର ସଂପୂର୍ଣ୍ଣ ଭାବ) । ଠିକ୍ ସେପରି ଛୋଟ ଶିଶୁର ଏହି ଶ୍ରେଣୀ ବିଭାଗ ହିଁ ପିଲାଦିନେ ଭାଷା ଶିକ୍ଷାର ଅବଲମ୍ବନ । ଏଭଳି ଭାବରେ ଶିଶୁ ଶହ ଶହ କଥାର ଧ୍ୱନି ଭିତରୁ ଆପଣାର ଅନୁକରଣର ଧ୍ୱନିଗୁଡ଼ିକ ବାଛିଦିଏ । ପିଲାଦିନେ ଶିଶୁ ଯେ ପ୍ରଥମେ ଦା, ଦା, ବା, ବା ଇତ୍ୟାଦି ଧ୍ୱନିକୁ ପ୍ରଥମେ ଉଚ୍ଚାରଣ କରିବାକୁ ଶିଖେ ତା'ର କାରଣ ସେ ଭାଷାର ଶହ ଶହ ଧ୍ୱନି ଭିତରୁ ସ୍ୱର ଓ ବ୍ୟଞ୍ଜନର ଗୋଟିଏ ଗୋଟିଏ ସ୍ୱର ଓ ନିଃସ୍ୱର ବର୍ଣ୍ଣକୁ ବାଛିନିଏ । ଏହା ହିଁ ମନୁଷ୍ୟ ଶିଶୁର ଚରିତ୍ରଗତ ଲକ୍ଷଣ । ଅବଶ୍ୟ ୬ରୁ ୧୦ ମାସ ଯାଏ ଶିଶୁ କେବଳ କୌଣସି ଧ୍ୱନିଅଣୁ ବା ଫୋନିମ୍‌କୁ ବାଛିଲା ତାହା ଚିନ୍ତା କରିବାର କ୍ଷମତାରେ ନଥାଏ । ଏପରିକି ବିଂଶ ଶତାବ୍ଦୀ ଯାଏ ଭାଷାବିତ୍‌ମାନେ ବି ଧ୍ୱନିଅଣୁର ପତ୍ତା ପାଇ ନଥିଲେ; କିନ୍ତୁ ଶିଶୁ ଅବଚେତନ ଭାବରେ ସ୍ୱରଯୁକ୍ତ ଓ ସ୍ୱରହୀନ ବ୍ୟଞ୍ଜନ ବର୍ଣ୍ଣର ପ୍ରଭେଦ ବାରିନେଇଥାଏ ।

ତେବେ ଏହି 'ଯୋଡ଼ି ଯାଉଁଳି' ଭାବରେ ଧ୍ୱନିଅଣୁର ତାରତମ୍ୟ ବାଛିବା କେବଳ ମଣିଷ ଶିଶୁ ପାଇଁ ସୁବିଧା ନୁହଁ; କଂପ୍ୟୁଟର ଯନ୍ତ୍ର ପାଇଁ ବି ସୁବିଧା । ଯାହା ଫଳରେ ଉକ୍ତ ଯନ୍ତ୍ର ବି କଥା ଶୁଣିପାରେ, ସେ କଥାଗୁଡ଼ିକ ମନେ ରଖେ ଓ ତାହାରି ଅନୁସାରେ କାମ କରେ ।

ଶୁଣ, ଯନ୍ତ୍ର-ମଣିଷ !

ଯନ୍ତ୍ରର ନାମ କଂପ୍ୟୁଟର । ଏହା ସଂସାରରେ ଚହଳ ପକାଇଛି । ଏହାର ଦୃଷ୍ଟିଶକ୍ତି ଅଛି । ଏହାର ଅଛି ବିଶ୍ୱଚକ୍ଷୁ, ଏକ ଇଲେକ୍‌ଟ୍ରୋନିକ୍ ଆଖି । ତାହା ଫଟୋ ବୈଦ୍ୟୁତିକ ପ୍ରଣାଳୀରେ ତିଆରି । ଏହାର ସ୍ପର୍ଶଶକ୍ତି ଅଛି । ଏଥିରେ ମୋହରମରା କାର୍ଡ୍, ଟେପ୍ ଚୁମ୍ବକୀୟ ଥାଳୀ ଓ ଟେପ୍ ଓ ଡ୍ରମ୍ ସାହାଯ୍ୟରେ ସ୍ପର୍ଶରେ ଅନୁଭବ

Digitized by srujanika@gmail.com

ଅଣାଯାଇପାରେ । ଗୋଟାଏ ମାଇକ୍ରୋଫୋନ ବା ଡ଼ାକବାଜି ଯନ୍ତ୍ର ଖଞ୍ଜିଲେ ଏହାର ଶୁଣିବାର ଶକ୍ତି ହୋଇ ଯାଇପାରେ । ତେବେ ଏଭଳି ମେସିନ୍ ସାଙ୍ଗରେ ପ୍ରୋଗ୍ରାମ୍ ଓ ଗଣିତ ସୂତ୍ର ବା ଟେଲିଗ୍ରାଫର କୋଡ୍‌ଭଳି କୌଣସି ଠାର ଭାଷାରେ କଥାବାର୍ତ୍ତା ନ ହୋଇ ମଣିଷ ଭାଷାରେ କଥାବାର୍ତ୍ତା ହେଲେ ହୁଅନ୍ତା ନାହିଁ !

ତେଣୁ ଏଭଳି ଗୋଟାଏ ଗଣକ ଯନ୍ତ୍ରକୁ ମନୁଷ୍ୟର ଭାଷା କେମିତି ଶିଖାଇବା ? ତେବେ ବହୁ ଝଞ୍ଜଟରୁ ରକ୍ଷା ମିଳନ୍ତା, ଜଣେ କେହି କୌଣସି ଭାଷାରେ ଛିଡ଼ା ହୋଇ ବକ୍ତୃତା ଦେଇଦେଲା ତେବେ ଯନ୍ତ୍ର ତାକୁ ବିଭିନ୍ନ ଭାଷାରେ ଅନୁବାଦ କରି ଦିଅନ୍ତା, ଅଥବା ବଡ଼ ବଡ଼ କଳକାରଖାନା ବିରାଟ ବ୍ୟାପାର ଚଳାଉଥିବା କୌଣସି କମ୍ପାନିର ଡ଼ିରେକ୍ଟର ଟେଲିଫୋନ୍ ଧରି କମ୍ପ୍ୟୁଟର ଯନ୍ତ୍ରକୁ କହି ଦିଅନ୍ତେ - "ଦେଖ, ଯନ୍ତ୍ର-ମଣିଷ, ଆମର ଏଭଳି ସାମ୍ପଲରୁ ଚାଳିଶି ଲକ୍ଷ ଦରକାର । ତୁମେ ଏଥିପାଇଁ କ'ଣ କ'ଣ ସରଞ୍ଜାମ ଲୋଡ଼ା ଗୋଟାଏ ପ୍ଲାନ ଚିଠା କରି ଦିଅ ।"

ଏହା କ'ଣ ସମ୍ଭବ ? ଯନ୍ତ୍ରଟାଏ ମନୁଷ୍ୟର ଭାଷା ଶୁଣିବ, ତାହା ବୁଝିବ ଓ ସେ ଅନୁସାରେ କାର୍ଯ୍ୟ କରିବ ଅଥବା ଉତ୍ତର ଦେବ ? ହେଲେ ଯନ୍ତ୍ର ଯଦି ମଣିଷର କଥିତ ଭାଷାକୁ ବିଶ୍ଳେଷଣ କରିପାରୁଛି, ତେବେ ଯନ୍ତ୍ର କାହିଁକି ମଣିଷର କୌଣସି ହୁକୁମକୁ ବୁଝି ନ ପାରିବ ବା ମଣିଷର କଥନ ଭଳି କହି ନ ପାରିବ ? ଏହା କେବଳ ମେସିନ ଅନୁବାଦକ ପାଇଁ ସୁବିଧା ନୁହଁ; ଏଥିରେ ଅନ୍ଧମାନଙ୍କ ପାଇଁ ଯନ୍ତ୍ରର ସୁବିଧା ଆଉ ମନୁଷ୍ୟଚାଳିତ ବହୁ ଯନ୍ତ୍ର ପାଇଁ ଏ ବି ଅନେକ ସୁବିଧା । ଉଡ଼ାଜାହାଜରେ ପାଇଲଟ ବି ଏଭଳି ସୁବିଧା ଥିଲେ ନାନା ପ୍ରକାର ଜଟିଳ ମେସିନକୁ ନ ଦେଖି କଥାର ସଙ୍କେତରେ ସବୁ ଜାଣିପାରନ୍ତା । ମହାକାଶଯାନରେ ବି ପାଇଲଟ କଣ୍ଟ୍ରୋଲରଠାରୁ ଏସବୁ ସମ୍ବାଦ କଥାଭାଷା ଛଳରେ ପାଇଯାଆନ୍ତେ (ଏବେ କେବଳ ବିଜ୍ଞାନ-ଉପନ୍ୟାସରେ ଏହାର କଳ୍ପନା ହିଁ କରାଯାଉଛି ?) । କଥା ହେଲା, ମଣିଷ ସାଙ୍ଗରେ ଯନ୍ତ୍ରର କାରବାର ଯନ୍ତ୍ରର ଭାଷାରେ ନ ହୋଇ ମଣିଷର ଭାଷା ହୋଇ ପାରିବ କି ?

କଂପ୍ୟୁଟର ଯନ୍ତ୍ରର ଉଦ୍‌ଭାବନ ପୂର୍ବରୁ ଅଷ୍ଟାଦଶ ଶତାବ୍ଦୀରେ ଏଭଳି ଏକ କଥାକୁହା ଯନ୍ତ୍ର ପାଇଁ ଉଦ୍ୟମ ହୋଇଥିଲା । ୧୭୮୦ ମସିହାରେ ରୁଷିଆର ବିଜ୍ଞାନ ଏକାଡ଼େମୀ ନିମ୍ନଲିଖିତ ସମସ୍ୟାର ସମାଧାନ ପାଇଁ ଡ଼ାକରା ଦେଇଥିଲେ (୧) ଇଂରାଜି ବର୍ଣ୍ଣମାଳାର a, e, i, o, u ସ୍ୱରବର୍ଣ୍ଣ ଗୁଡ଼ିକର ଉଚ୍ଚାରଣରେ ଗୁଣ ଓ ଚରିତ୍ର କ'ଣ (୨) ମଣିଷର କଣ୍ଠନାଳୀ ପରି ଏପରି କୌଣସି ନାଳୀ କ'ଣ ତିଆରି କରାଯାଇ ପାରିବ ଯାହା ଏହି ସ୍ୱରବର୍ଣ୍ଣର ଧ୍ୱନିଗୁଡ଼ିକ ଅନୁକରଣ କରିପାରିବ ?

Digitized by srujanika@gmail.com

ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ହଙ୍ଗେରୀ ଦେଶର ଜଣେ ଚମତ୍କାର ଇନ୍‌ଜିନିଅର ଓ ଯାନ୍ତ୍ରିକ ଏକ 'କଥାକୁହା ଯନ୍ତ୍ର' ତିଆରି କରିଥିଲେ । କିନ୍ତୁ ତାଙ୍କର ଯନ୍ତ୍ର ଓ ତାଙ୍କ ପରେ ପରେ ୧୮ଶ, ୧୯ଶ ଓ ୨୦ଶ ଶତାବ୍ଦୀର ପ୍ରଥମ ଭାଗରେ ଯେତେ ଯନ୍ତ୍ର ତିଆରି ହେଲା ସେ ସବୁ ଯନ୍ତ୍ର ସେପରି କିଛି କାମୀ ଜିନିଷ ନଥିଲା । ସେଗୁଡ଼ିକ ଥିଲା ଖେଳନା, କଂପ୍ୟୁଟର ଯନ୍ତ୍ରର ଉଦଭାବନ ପରେ ଯାଇ ମନୁଷ୍ୟ ସାଙ୍ଗରେ ଯନ୍ତ୍ରର କଥାଭାଷା ବିଷୟ ପ୍ରକୃତରେ ବ୍ୟାବହାରିକ ପର୍ଯ୍ୟାୟରେ ପଡ଼ିଲା । ଏବେ ଏହାର ଫଳ ବହୁ ଦୂର ଆଗେଇ ଯାଇଛି ।

ପ୍ରଥମେ ଯେଉଁମାନେ ଏହି ଦିଗରେ ଆଗେଇଲେ ସେମାନେ ଧ୍ୱନିଅଣୁ ବିଷୟ ଜାଣି ନ ଥିଲେ । ସେମାନେ ବିଭିନ୍ନ ଭାଷାର ଶବ୍ଦକୁ ହିଁ ସେମାନଙ୍କର ପ୍ରାଥମିକ ପଦ ଭାବରେ ନେଇଥିଲେ । ଯୁକ୍ତରାଷ୍ଟ୍ର ଆମେରିକାରେ ଏବେ ହାଲି ଗୋଟିଏ ପରୀକ୍ଷାରେ ଗୋଟିଏ କଂପ୍ୟୁଟର ଯନ୍ତ୍ରକୁ ଗୋଟିଏ ଆଲୋକ-ପରଦା-ବୀକ୍ଷଣ ବା ସ୍ପେକ୍ଟ୍ରୋସ୍‌କୋପରେ ଯୋଡ଼ି ଦିଆଯାଇଥିଲା । ଉକ୍ତ ଆଲୋକ ପରଦା-ବୀକ୍ଷଣ ଯନ୍ତ୍ରର କାମ ଥିଲା ଧ୍ୱନିଗୁଡ଼ିକର ଝରଣାର ବିଶ୍ଳେଷଣ । ଏହି ବୀକ୍ଷଣ ଯନ୍ତ୍ରର ଫଳଗୁଡ଼ିକୁ ତା'ପରେ ସଂଖ୍ୟାରେ ପରିଣତ କରାଯାଇ କଂପ୍ୟୁଟର ଭିତରେ ସାମିଲ କରାଯାଇଥିଲା ।

ଏଥିରେ ବକ୍ତା ପ୍ରଥମେ ଗୋଟିଏ ନିର୍ଦ୍ଦିଷ୍ଟ ଶବ୍ଦ ବାରମ୍ବାର ଉଚ୍ଚାରଣ କରନ୍ତି । ମନେକର ଶବ୍ଦଟି ହେଲା ଦୁଇ । ଏଭଳି ବାରମ୍ବାର ଉଚ୍ଚାରଣ କରିବାରେ ଯନ୍ତ୍ରଟି ଆପଣାର ସ୍ମୃତି ଭିତରେ ସେହି 'ଦୁଇ'ଟିକୁ ସାଇତି ରଖେ । ତା ପରେ 'ଦୁଇ' ଶବ୍ଦଟିକୁ ଛାପା ଅକ୍ଷରରେ ମେସିନ ଭିତରେ ପ୍ରବେଶ କରାଇ ଦିଆଯାଏ । ତା'ପରେ ମେସିନ ଏହି 'ଦୁଇ'ଟିକୁ ପଢିବାର ଧାରା ଭିତରେ ଆପଣାର ଶିକ୍ଷା କରିନିଏ ।

ଏଭଳି ଶିକ୍ଷା ସମାପ୍ତ ହେଲାପରେ ଯନ୍ତ୍ରଟି ବିନା ଦ୍ୱିଧାରେ ବକ୍ତାଙ୍କର ବା ଶିକ୍ଷକଙ୍କର ଶିଖାଇଥିବା ଶବ୍ଦଟିର ଉଚ୍ଚାରଣକୁ ଧରିପାରେ ଓ ଆପଣାର ସ୍ମୃତିର ଗନ୍ତାଘରେ ଯେଉଁ 'ଦୁଇ' ଶବ୍ଦଟି ସାଇତି ରଖିଥାଏ ତାହା ସଙ୍ଗରେ ମିଳାଇ ନିଏ । ଏଭଳି ଭାବରେ ଯୁକ୍ତରାଷ୍ଟ୍ରର ସେହି ପ୍ରୟୋଗ ପରୀକ୍ଷାରେ ସାତ ଜଣ ମହିଳା ଓ ସାତ ଜଣ ପୁରୁଷ ଲୋକ ଏଭଳି ଶିକ୍ଷକର କାର୍ଯ୍ୟ କରିଥିଲେ ଓ ସେମାନେ ଯନ୍ତ୍ରକୁ ଶିକ୍ଷା ଦେବାରେ ଲାଗିଥିଲେ । ଯନ୍ତ୍ର ଶବ୍ଦଗୁଡ଼ିକ କେବଳ ଯେ ସ୍ମୃତିରେ ସାଇତି ରଖିଥିଲା ସେତିକି ନୁହେଁ, ବକ୍ତାମାନଙ୍କୁ ମଧ୍ୟ ଠଉରାଇ ନେଇଥିଲା; ମହିଳାମାନଙ୍କର କଣ୍ଠ ତ ନିର୍ଭୁଲ ଭାବରେ ଠଉରାଇ ନେଇଥିଲା । ପୁରୁଷମାନଙ୍କର କଣ୍ଠ ଶତକଡ଼ା ୯୩ ଠିକ୍ ଭାବରେ କହି ପାରିଥିଲା ।

Digitized by srujanika@gmail.com

ଏଭଳି ଗୋଟାଏ ଶିକ୍ଷା ଅଧ୍ୟାୟ ସରିଲା ପରେ ଗବେଷକମାନେ ଠିକ୍ କଲେ ଯେ, 'ଆତ୍ମଶିକ୍ଷା'ର ଅଧ୍ୟାୟଟାଏ ଆରମ୍ଭ ହେଉ । ଯନ୍ତ୍ର ତା'ପରେ ନୂଆ ନୂଆ ବକ୍ତାଙ୍କର ଧ୍ୱନି ଶୁଣିଲା ଓ ଆଗରୁ ଶିଖିଥିବା କଥାଗୁଡ଼ିକ ସଙ୍ଗରେ ସେଗୁଡ଼ିକୁ ମେଳ ଖୁଆଇ ନେଲା ଓ ସେହି ସେହି ଶବ୍ଦଗୁଡ଼ିକର ସାଧାରଣ ଧ୍ୱନିକୁ ପୈଠ କରିନେଲା । ଅର୍ଥାତ୍ ବେଳେବେଳେ ପୁରୁଣା ଶିକ୍ଷକମାନଙ୍କର ଧ୍ୱନି ସହିତ ନୂଆ ବକ୍ତାଙ୍କର ଧ୍ୱନିର କିଛି କିଛି ପ୍ରଭେଦ ଥିଲେ ତାହାକୁ ଠିକ୍ କରିନେଲା ।

କିନ୍ତୁ ଯେଉଁଠି ଶବ୍ଦର ସଂଖ୍ୟା ସୀମାବଦ୍ଧ ସେଇଠି ଏଭଳି କାର୍ଯ୍ୟ ସଫଳ ହେବ । ଯନ୍ତ୍ର କ୍ଷେତ୍ରରେ ଦେଖାଗଲା ଯେ, ଦେଢ଼ ସେକେଣ୍ଡରେ ଗୋଟିଏ ଲେଖାଏଁ ଶବ୍ଦ ସଙ୍ଗରେ ଚିହ୍ନା ପରିଚୟ ହେବା ଫଳରେ ଯନ୍ତ୍ର ୮୩ ଗୋଟି ଇଂରାଜି ଶବ୍ଦ ଶିଖିଗଲା । କିନ୍ତୁ ଏଥିରୁ ଆହୁରି ଅଧିକ ଶବ୍ଦକୁ ସ୍ମୃତିର ଗନ୍ତାଘରେ ରଖିବାକୁ ହେଲେ ଯନ୍ତ୍ରର ସ୍ମୃତିର ପରିଧି ବଢ଼ାଇବା ଦରକାର ।

ଫଳରେ ଦେଖାଗଲା, ଶବ୍ଦର ସଂଖ୍ୟା ଯେତେ ବଢ଼ିଲା ତାହାକୁ ସ୍ମୃତିରେ ସାଇତି ରଖିବାର ଅସୁବିଧା ସେତିକି ବଢ଼ିଲା । ଯେତେବେଳେ କେତୋଟି ଶବ୍ଦର କଥା ଉଠୁଥିଲା, 'ଦୁଇ' 'ତିନି' 'ଚାରି' ସେତେବେଳେ ସେଗୁଡ଼ିକ ସ୍ମୃତିସ୍ଥ କରିବାରେ କୌଣସି କଷ୍ଟ ନ ଥିଲା । କିନ୍ତୁ ଯେତେବେଳେ ସମାନ ସମାନ ଧ୍ୱନିର ଓ ସମାନ ସମାନ ଅର୍ଥର ଶବ୍ଦମାନେ ଆସି ପଶି ହୋଇଗଲେ ଯଥା 'ଦୁଇ' 'ଉଇ' 'ଦୁଇ' ଅଥବା 'ତିନି' 'ତ୍ରି' ସେତେବେଳକୁ ଯନ୍ତ୍ରର ଅକଲ ଗୁଡ୍ଡୁମ ହୋଇଗଲା ।

ଚିହ୍ନାପରିଚୟ ବେଳକାଳ ଭିତରେ ବି ବିଭ୍ରାଟ ଦେଖାଦେଲା । ଯେତେଯେତେ ଶବ୍ଦର ସଂଖ୍ୟା ବଢ଼ିଲା, ଜଟିଳତା ବଢ଼ିଲା । ତେଣୁ ଯନ୍ତ୍ରକୁ ଶବ୍ଦଗୁଡ଼ିକ ଠଉରାଇବା କାଠିକର ପାଠ ହେଲା; ଯଥା ସମୟରେ ଠଉରାଇ ପାରିଲା ନାହିଁ । ତେଣୁ ଯନ୍ତ୍ରଟା ଗୋଟାଏ ନିର୍ବୋଧ ପାଲଟିଯିବା ଭୟରେ ତାର ଯାନ୍ତ୍ରିକ ବେଗ ଆହୁରି ବଢ଼ାଇବା ଦରକାର ପଡ଼ିଲା । ପୁଣି ଯେତେ ଯେତେ ସ୍ମୃତି ଭଣ୍ଡାର ବଢ଼ିବାକୁ ଲାଗିଲା ସେଥିରୁ ଶବ୍ଦଗୁଡ଼ିକ ଖୋଜି ବାହାର କରିବାକୁ ଯନ୍ତ୍ରକୁ ସେତିକି କଷ୍ଟ କରିବାକୁ ପଡ଼ିଲା ଓ ଯେତେ ଶବ୍ଦ ସଂପଦ ବଢ଼ିଲା ତା'ରି ଅନୁପାତରେ ସେତିକି ସ୍ମୃତିକୁ ବୃଦ୍ଧି କରିବାକୁ ପଡ଼ିଲା ।

ଶେଷକୁ ଭାଷାବିଦ୍‌ମାନେ ଏହି ମତ ଦେଲେ ଯେ, କଥିତ ଶବ୍ଦ ବା ପଦ ଯଦି ଶିଖିବାର ମୂଳ କଣିକା ହୁଏ, ତେବେ ବଡ଼ ଶବ୍ଦଭଣ୍ଡାର କ୍ଷେତ୍ରରେ ସମସ୍ୟା ଗୁରୁତର ହେବ ଓ ଯନ୍ତ୍ର କଦାପି ସେଥିରେ ପାରି ଉଠିବ ନାହିଁ । କାରଣ ଆଧୁନିକ କଂପ୍ୟୁଟର ଯନ୍ତ୍ରର ସଂପାଦିବାର ଶକ୍ତି ଏତେ ନୁହେଁ ଯେ କୌଣସି ଭାଷାର ସବୁଠାରୁ ପ୍ରଚଳିତ

Digitized by srujanika@gmail.com

ହଜାରେ ହେବ ଶବ୍ଦ ତାହା ସ୍ମୃତି ଭଣ୍ଡାରରେ ସାଇତି ଦେଇପାରିବ । ଏହାର ଅର୍ଥ ହେଲା ଯନ୍ତ୍ରର ସ୍ମୃତି ଭଣ୍ଡାରକୁ ବହୁଗୁଣ ବଢାଇବାକୁ ପଡ଼ିବ; କିନ୍ତୁ ଏବେଯାଏ କଂପ୍ୟୁଟର ଯନ୍ତ୍ରର ଯେତିକି ବିକାଶ ହୋଇଛି ସେତିକିରେ ଏଭଳି ବୃଦ୍ଧି ଅସମ୍ଭବ । (ଏହା ୧୯୭୧ର ଲେଖା ସଂପାଦକ)

ରୁଷ ଭାଷାବିଦ୍ ଇଭାନୋଭ ଲେଖିଛନ୍ତି, "ଅକାଟ୍ୟ ଯାନ୍ତ୍ରିକ ପ୍ରତିବନ୍ଧକ ଆସି ପହଞ୍ଚିଗଲାଣି । ଯନ୍ତ୍ରର ସ୍ମୃତିରେ ଆୟତନ ବଢେଇବା ଗୋଟାଏ ଅସୁବିଧା । ୨ୟ ଅସୁବିଧା ହେଲା ଶବ୍ଦଭଣ୍ଡାର ଭିତରୁ ଅତି ଅଳ୍ପ ସମୟ ଭିତରେ ଦରକାରୀ ଶବ୍ଦକୁ ବାହାର କରି ଆଣିବା ଓ ଏହି ବାହାର କରିବା କାର୍ଯ୍ୟ ଏତେ ଚଟାପଟ ହେବା ଚାହି ଯେପରିକି ଗୋଟିଏ ଶବ୍ଦ ବାହାର କରି ଆଣିବା ବେଳକୁ ବାକ୍ୟର ପର ଶବ୍ଦଟିକୁ ସମଝି ପୁଣି ସ୍ମୃତିଭଣ୍ଡାରରୁ ତାକୁ ଦରାଣ୍ଡି ବାହାର କରିବାକୁ ହେବ ।

ତେଣୁ ଯନ୍ତ୍ରକୁ କେତୋଟି ମନୁଷ୍ୟର କହିବା କଥାରୁ ଶବ୍ଦ ଶିଖାଇ ଦେବା ସହଜ (କେତେକ ଯନ୍ତ୍ର ଏକଥା ଶିଖିଗଲେଣି); କିନ୍ତୁ ତାହା ଦ୍ୱାରା କୌଣସି କାର୍ଯ୍ୟ ହେବ ନାହିଁ । ତେଣୁ ଶବ୍ଦର କଣିକା ଘେନି ଯନ୍ତ୍ରର ଭାଷା ଶିକ୍ଷା ପ୍ରକୃତ ଶିକ୍ଷା ନୁହେଁ । ତେଣୁ ମଣିଷ ସଙ୍ଗରେ ଯନ୍ତ୍ରର କଥୋପକଥନ ପାଇଁ ଶବ୍ଦ ବଦଳରେ ଆଉ କୌଣସି ଧ୍ୱନିକଣିକାକୁ ବ୍ୟବହାର କରିବାକୁ ହେବ ।

ସେଠୁ 'ଫୋନିମ୍' ବା 'ଧ୍ୱନିଅଣୁ'ର କଥା ଉଠିଲା । କାରଣ ଧ୍ୱନିଅଣୁର ସଂଖ୍ୟା ପୃଥିବୀର କୌଣସି ଭାଷାରେ ୭୦/୮୦ରୁ ବେଶି ନୁହେଁ । ତେଣୁ ଏହି ୭୦/୮୦ ଗୋଟି 'ଧ୍ୱନିଅଣୁ' ବା ଫୋନିମ୍‌କୁ ମନେ ରଖିବାକୁ ଯନ୍ତ୍ରକୁ ଗୋଟାଏ ବିଶାଳ ସ୍ମୃତିଭଣ୍ଡାର ଦରକାର ପଡ଼ିବ ନାହିଁ । ତେଣୁ ହଜାରେ ଶବ୍ଦ ମନେ ରଖିବାକୁ ଯେତେ ବଡ଼ ସ୍ମୃତିଭଣ୍ଡାର ଦରକାର ତାହାଠାରୁ ଛୋଟ ହେଲେ ବି ଚଳିବ ।

ଗତ ପନ୍ଦରବର୍ଷ ଭିତରେ ସାରା ପୃଥିବୀରେ ବୈଜ୍ଞାନିକମାନେ ଏହି କାର୍ଯ୍ୟରେ ତତ୍‌ପର ହୋଇଛନ୍ତି । ସେମାନେ କଂପ୍ୟୁଟର ଯନ୍ତ୍ରକୁ ଧ୍ୱନିଅଣୁ ଶିଖାଉଛନ୍ତି । ତେବେ ଦୁର୍ଭାଗ୍ୟର କଥା କଂପ୍ୟୁଟର ଯନ୍ତ୍ର ଏଥିକି ଭାଜନ ହେଉନାହିଁ । କଥାର ଧ୍ୱନିର ସ୍ରୋତ ଲହରୀରେ ନିରବିଚ୍ଛିନ୍ନ ସ୍ରୋତ ପରି ବହି ଚାଲେ; ତେଣୁ କଂପ୍ୟୁଟର ଯନ୍ତ୍ରମାନେ ଏଥିରୁ ଧ୍ୱନିଅଣୁର କଣିକାଗୁଡ଼ିକୁ ବାଛି କରି ସ୍ମୃତିସ୍ଥ କରିପାରୁ ନାହାନ୍ତି ।

ଆଉ ଏକ ଅସୁବିଧା ଅଛି । ଧ୍ୱନିଅଣୁଗୁଡ଼ିକର ଉଚ୍ଚାରଣ ଲୋକର ବୟସ, ଲିଙ୍ଗ, ଜନ୍ମମାଟି ବା ଅଞ୍ଚଳ ଭେଦରେ ବିଭିନ୍ନ ହୁଏ । ଆମେ ମନୁଷ୍ୟ ମାନେ ତାହା ଶୁଣିଲା ବେଳେ ଆମର ମସ୍ତିଷ୍କର ସହଜଜ୍ଞାନ ବଶରୁ ସେଗୁଡ଼ିକ ଭିତରେ ଥିବା ବେଆଡ଼ା ପଣକୁ ସଜାଡ଼ି ନେଉ ଓ ଆମର ଗନ୍ତାଘରେ ଯେଉଁ ଧ୍ୱନିଅଣୁଗୁଡ଼ିକ ରହିଛି

Digitized by srujanika@gmail.com

ତାହା ସଙ୍ଗେ ତୁଳନା କରି ଆମେ ମନେ ମନେ କୌଣସି ଗୋଳମାଳିଆ ଧ୍ୱନିଅଂଶ୍ର ଉଚ୍ଚାରଣକୁ ବି ସମଝି ଯାଉଁ । କିନ୍ତୁ ଯନ୍ତ୍ରକୁ ଏ ମାମଲତ ଶିଖାଇବା ତ ସହଜ ନୁହେଁ । ତେବେ ଏହି ସମସ୍ୟାର ଗୋଟିଏ ସମାଧାନ ସୂତ୍ର ହୋଇପାରେ । ସୂତ୍ରଟି ହେଲା ବାରଟି ସାର୍ବଜନୀନ ଧ୍ୱନିଅଣ୍ଣ୍ର ସୂତ୍ର । ଯାହା ସବୁ ଭାଷାର ମୌଳିକ ସାଧାରଣ ଗୁଣନୀୟକ । ଯନ୍ତ୍ର ଯେତେବେଳେ ମନୁଷ୍ୟର କଥାର ଧ୍ୱନି ଶୁଣିପାରେ ତା'ର ପ୍ରଥମ କର୍ତ୍ତବ୍ୟ ହେଲା, ଏହି ଧ୍ୱନି ବା ନାଦକୁ ବାରୋଟି ସାର୍ବଜନୀନ ଧ୍ୱନିରୁ ଗୋଟିକରେ ପରିଣତ କରିଦେବା ଓ ତାହା ପରେ ଏହି ସାର୍ବଜନୀନ ଧ୍ୱନିକୁ ଗୋଟିଏ ପୂରା ଶବ୍ଦର ବଟକରା ସଙ୍ଗେ ତୁଳନା କରିଦେବା । ଏଭଳି ଶବ୍ଦ ଯନ୍ତ୍ରର ସ୍ମୃତି ଗନ୍ତାଘରେ ଆଗରୁ ସାଇତା ଥିବା ଚାହି । ତେବେ ଯାଇ ଯନ୍ତ୍ର କୌଣସି ଭାଷାର ଧ୍ୱନି ଉପରେ ଦଖଲକାର ହୋଇପାରିବ ।

ଆଧୁନିକ କଂପ୍ୟୁଟର ଯନ୍ତ୍ରର ଦୁଇ କିସମର ସ୍ମୃତି ରହିଛି । ଏକ ହେଉଛି ଛୋଟ ଆକାରର ଅଧିକ ବେଗର ସ୍ମୃତି, ଅନ୍ୟଟି ବଡ଼ ଆକାରର ଓ ଅପେକ୍ଷାକୃତ ଅଳ୍ପ ବେଗର ସ୍ମୃତି । ଅଧିକ ବେଗର ସ୍ମୃତିର କାର୍ଯ୍ୟ ହେଲା କଥାର ଧ୍ୱନିଗୁଡ଼ିକୁ ଶ୍ରେଣୀବିଭାଗ କରି ଦେବା ଓ ସେମାନଙ୍କୁ ପରସ୍ପରର ବିଶେଷଗୁଣ ଅନୁକ୍ରମରେ ପରୀକ୍ଷା କରିନେବା ଓ ବଡ଼ ଆକାରର ସ୍ମୃତିର କାମ ହେଲା ସମସ୍ତ ଶବ୍ଦ ଭଣ୍ଡାରକୁ ସାଇତି ରଖିବା ।

ତେଣୁ ଯଦି ଏପରି ଏକ କଂପ୍ୟୁଟର ଯନ୍ତ୍ର ତିଆରି ହୁଏ, ଯାର ଗୋଟିଏ ସ୍ମୃତି ଭଣ୍ଡାର ବଦଳରେ ଦୁଇଟି ସ୍ମୃତି ଭଣ୍ଡାର ରହେ, ଗୋଟିଏ ଛୋଟ ବେଗ-ବେଗା ସ୍ମୃତିଭଣ୍ଡାର ଆରଟି ବଡ଼ ଚିର-ବେଗା ସ୍ମୃତିଭଣ୍ଡାର, ତେବେ ଯାଇ କାମ ଚଳିବ । ଏଭଳି ଗୋଟିଏ ମଡ଼େଲ ପାଇଁ ଭାଷାବିଦ୍‌ମାନେ ଖୁବ୍ ଆଗ୍ରହୀ ହୋଇ ପଡ଼ିଛନ୍ତି । ପୃଥିବୀର ବହୁ ଦେଶରେ ଭାଷାତତ୍ତ୍ୱାନ୍ୱେଷୀମାନେ ମନେ କରୁଛନ୍ତି ଯେ, ମନୁଷ୍ୟ ମଧ ତା'ର କଥାକୁ ଚିହ୍ନିବା ପାଇଁ ଏହି ଢଙ୍ଗ ଧରେ । ଅର୍ଥାତ୍ କୌଣସି କଥାର ଧ୍ୱନି ଶୁଣି ମନୁଷ୍ୟ ପ୍ରଥମେ ତାହାକୁ ଠଉରାଇ ଦିଏ ଓ ତା'ପରେ ଆପଣାର ସ୍ମୃତିଭଣ୍ଡାରରେ ସାଇତା ଶବ୍ଦର ଧ୍ୱନି ସାଙ୍ଗରେ ତାହାକୁ ମିଳାଇ ସେହି କଥାର ଅର୍ଥକୁ ସମଝିନିଏ ଓ ସେହି କଥାଟିକୁ ବାରମ୍ବାର ଶୁଣି ସ୍ମୃତିଭଣ୍ଡାରରେ ରଖିନିଏ ।

ତେଣୁ କଂପ୍ୟୁଟର ଯନ୍ତ୍ରକୁ ଏଭଳି ମନୁଷ୍ୟ ଭାବରେ ହିଁ କଥା ସମଝିବାକୁ ପଡ଼ିବ ଓ ତାହାକୁ ସଂପାଦିବାକୁ ପଡ଼ିବ । ତେଣୁ ଶିଖିବାକୁ ପଡ଼ିବ ଯେ, ମଣିଷ ସାଙ୍ଗରେ କଥାଭାଷା କଲାବେଳେ ମଣିଷର ମସ୍ତିଷ୍କ ଭଳି ଯନ୍ତ୍ରର ମସ୍ତିଷ୍କ ହେବା ଚାହି । ମଣିଷ ଯେପରି କରୁଛି ସେପରି କରିବା ଚାହି ।

ଆଧୁନିକ ବିଜ୍ଞାନର ଆଶା ଯେ, ଏକଥା ହୋଇ ପାରିବ ।

Digitized by srujanika@gmail.com

ମଣିଷର ଭାଷା ଓ ପଶୁର ଭାଷା

ମନୁଷ୍ୟର ଭାଷାରେ ହାରାହାରି ତିରିଶ ରୁ ଚାଳିଶ ଯାଏ ଧ୍ୱନିଅଣୁ ଅଛି । ଜୀବ-ମନସ୍ତତ୍ତ୍ୱବିତ୍‌ମାନଙ୍କର ପ୍ରୟୋଗ ପରୀକ୍ଷାରୁ ଜଣାପଡ଼ିଛି ଯେ, ଏହି ତିରିଶ ବା ଚାଳିଶ ଧ୍ୱନି କଣିକା ବି ଜୀବଜନ୍ତୁମାନଙ୍କର ସଙ୍କେତ-ଭାଷା ଭିତରେ ମିଳିଥାଏ । ଏଭଳି ଜୀବଜନ୍ତୁ ହେଲେ ସିଂପାଜି ଓ ଡ଼ଲଫିନ୍ ।

ବୋଧହୁଏ ଏହି ମେଳକଟା ଆକସ୍ମିକ ନୁହେଁ । ମନୁଷ୍ୟମାନଙ୍କ ଭିତରେ ଭାଷାର ପାର୍ଥକ୍ୟ ଏହିଠାରେ ଯେ ପ୍ରାଥମିକ ୟୁନିଟଗୁଡ଼ିକ ଯଥା 'ଫୋନିମ୍'ଗୁଡ଼ିକ ମିଶି ଶବ୍ଦାଂଶ ତିଆରି କରନ୍ତି, ଶବ୍ଦ ତିଆରି କରନ୍ତି ଓ ଶେଷରେ ବାକ୍ୟ ଗଢନ୍ତି । କିନ୍ତୁ ଜୀବଜନ୍ତୁଙ୍କ ସ୍ଥଳେ ଏକଥା ହୁଏ ନାହିଁ । ସେମାନଙ୍କର ସଙ୍କେତ-ଚିତ୍କାରରେ ବ୍ୟାକରଣର ଚିହ୍ନବର୍ଣ୍ଣ ନାହିଁ; ଅର୍ଥାତ୍ ସେମାନେ ଆପଣାର ସଙ୍କେତ ଧ୍ୱନିକୁ ସଂଯୋଗକରି ଜଟିଳ ଭାଷାଗତ ୟୁନିଟ ଗଢିପାରନ୍ତି ନାହିଁ ।

କାହିଁକି ମନୁଷ୍ୟ ପକ୍ଷରେ ଯାହା ସମ୍ଭବ ତାହା ଅନ୍ୟ ଜୀବଜନ୍ତୁଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ ? କାହିଁକି ମନୁଷ୍ୟ ପ୍ରାଥମିକ ନାଦ ବା ଧ୍ୱନିର ୟୁନିଟ ଭିତରେ ଶବ୍ଦ ତିଆରି କରି ପାରିଲା; କିନ୍ତୁ ପଶୁମାନେ ବା ଅନ୍ୟ ଜୀବଜନ୍ତୁମାନେ ପାରିଲେ ନାହିଁ । ପୁଣି ଯେତେବେଳେ ଉଭୟ କ୍ଷେତ୍ରରେ ସମାନ ସୁବିଧା ଥିଲା ଅର୍ଥାତ୍ ଆମର ବାସଭୂମି ଏହି ପୃଥିବୀର ଉଚ୍ଚତର ସଂଗଠିତ ବାସିନ୍ଦାମାନେ ମଣିଷ ହୁଅନ୍ତୁ, ଡ଼ଲଫିନ୍ ହୁଅନ୍ତୁ ବା ମାଙ୍କଡ଼ ହୁଅନ୍ତୁ ; ସେମାନଙ୍କୁ ସମସ୍ତଙ୍କର ସ୍ୱର ବା ଚିତ୍କାରରେ ସମାନ ପରିମାଣର ଧ୍ୱନିର ୟୁନିଟ ପ୍ରକୃତି ଦେଇସାରିଛି ?

ଏହାର ଉତ୍ତର ଭାଷାତତ୍ତ୍ୱରୁ ମିଳିବ ନାହିଁ । ଏହାର ଉତ୍ତର ମିଳିବ ଇତିହାସ, ମନସ୍ତତ୍ତ୍ୱ ଓ ସମାଜ ବିଜ୍ଞାନରୁ ।

ଡ଼ଲଫିନ୍ ଓ ସିଂପାଜିମାନେ ଆପଣାର ସଙ୍କେତ ଭାଷା ପାଇଁ ଦୁଇ ଚାରି ଡ଼ଜନ୍ ଧ୍ୱନି କରି ପାରିଲେ ତାଙ୍କର ଚଳିଯାଏ । ତାଙ୍କର ଏହାଠାରୁ ଆଉ ବେଶି କିଛି ଲୋଡ଼ା ପଡ଼େନାହିଁ । ସେମାନେ ଜଟିଳ ଭାବନା, ଧାରଣା, ଅନୁଭୂତି, ଅଭିଳାଷ ଇତ୍ୟାଦିର ପ୍ରକାଶ କରିବାର ଆବଶ୍ୟକତା ବୁଝନ୍ତି ନାହିଁ । ତେଣୁ ସେମାନେ ପ୍ରାଥମିକ ସଙ୍କେତଗୁଡ଼ିକୁ ଅଧିକ ଏକକରେ ପରିଣତ କରିବାକୁ ଆଗେଇ ଯାଆନ୍ତି ନାହିଁ ।

ଏହାର କାରଣ ହେଲା ସେମାନଙ୍କର ସମାଜ ନାହିଁ । ସେମାନେ କେବଳ ଏକ ପଲ ଜନ୍ତୁ ବା ଜୀବ । ଆଗରୁ ଆମେ କହିଥାଉଁ ଯେ ଜଣେ ଲୋକରେ ଗୋଟାଏ ଭାଷା ହୁଏ ନାହିଁ । ଶହେ ଗୋଟି ଜନ୍ତୁରେ ବି ଗୋଟାଏ ଭାଷା ହୁଏ ନାହିଁ । କାରଣ ଉଭୟ କ୍ଷେତ୍ରରେ ଅଭାବ ହେଲା ସମାଜ । ଯେଉଁଠି ଭାବର ଆଦାନ ପ୍ରଦାନ ନାହିଁ ;

Digitized by srujanika@gmail.com

ସେଇଠି ଧ୍ୱନିର ଶବ୍ଦ ହେବାର ପ୍ରୟୋଜନ ନାହିଁ । ସେଇଠି ପଦବିନ୍ୟାସ ଓ ବାକ୍ୟଗଠନର ପ୍ରୟୋଜନ ନାହିଁ । ଜନ୍ତୁମାନେ କେବଳ ଚାହାନ୍ତି କେତୋଟି ଅତ୍ୟନ୍ତ ଜୀବନ୍ତ ବିଷୟ- ସତର୍କତା, ପରିତୃଷ୍ଟି, ଅନ୍ୱେଷଣ । ଏଗୁଡ଼ିକ ଅତି ପ୍ରାଥମିକ ସଙ୍କେତ ଧ୍ୱନି । ଏଭଳି ବିଷୟଗୁଡ଼ିକ ପୂରଣ କରିବାକୁ କୋଡ଼ିଏ ବା ତିରିଶି ରକମର ଧ୍ୱନି ତ ଯଥେଷ୍ଟ ।

ଆମର ପୂର୍ବକାଳର ପୂର୍ବପୁରୁଷମାନଙ୍କର ଖପୁରିକୁ ବିଶ୍ଳେଷଣ କରିବାରେ ଏକଥା ପ୍ରମାଣ ମିଳିଛି ଯେ ଆମେ ଆଜି କଥା ବୋଲି କହିଲେ ଯାହା ବୁଝୁ ତାହା ସେମାନଙ୍କ କ୍ଷେତ୍ରରେ ନ ଥିଲା । ପିଥେକାନ୍ଥ୍ରୋପସ୍, ନର-ବାନର, ଗୃହାବାସୀଗଣ ଓ ନିଏନଡ଼ରଥାଲ ମଣିଷମାନେ ଏହି ଗୋଷ୍ଠୀର ଅନ୍ତର୍ଗତ ଥିଲେ । ଏମାନଙ୍କୁ ଉଚ୍ଚାରଣ-ଦୋରସ୍ତ ମନୁଷ୍ୟର କଥା ଅଜଣାଥିଲା । ଅପାତତଃ, ସେମାନଙ୍କ ଭିତରେ ମାଙ୍କଡ଼ମାନଙ୍କ ଭଳି ଏକ ଆଦିମ ସଙ୍କେତ ପ୍ରଥା ଚଳୁଥିଲା ।

ପରିଶ୍ରମ କରିବାର ଧନ୍ଦା ଯେତେବେଳେ ମନୁଷ୍ୟ ଶିଖିଲା ସେତେବେଳେ ତା'ର ନୂଆ ଶବ୍ଦ ଓ ନୂଆ ସଙ୍କେତର ଆବଶ୍ୟକତା ଆସିଲା । ତେଣୁ ଶବ୍ଦ ସବୁ ତିଆରି ହେବାରେ ଲାଗିଲେ । ପଣ ପଣ, ହଜାର ହଜାର ଶବ୍ଦ । ଏହି ସମସ୍ୟା ସମାଧାନ ପାଇଁ ଜୀବଜନ୍ତୁମାନଙ୍କର କଠିନ ଅଚ୍ଛେଦ୍ୟ ସଙ୍କେତକୁ ଅଲଗା ଅଲଗା କରି ପ୍ରାଥମିକ ଧ୍ୱନିଅଣୁ ଓ ସଙ୍କେତ ଶବ୍ଦରେ ପରିଣତ କରିବାକୁ ହୋଇଥିଲା ।

ଭବିଷ୍ୟତର ବୈଜ୍ଞାନିକମାନେ ହୁଏତ ନିଷ୍ପତ୍ତି କରି ପାରିବେ ଠିକ୍ କିଭଳି ଭାବରେ ପ୍ରାଚୀନ ବାନର, ମଣିଷର ପୂର୍ବ ପୁରୁଷର ସଙ୍କେତ ପ୍ରଥା ଭିତରୁ ମନୁଷ୍ୟ ଭାଷା ଜନ୍ମ ନେଲା । କିପରି କର୍ମ ଓ କାର୍ଯ୍ୟପ୍ରବାହ ନୂତନ ସଙ୍କେତ ପାଇଁ ବାଟ ଫିଟାଇଲା । କିପରି ବଢୁଥିବା ଶବ୍ଦ ଭଣ୍ଡାର ଯୋଗୁଁ ଆଦିମ ମନୁଷ୍ୟର ସ୍ମୃତିର ଘର ବଢ଼ିବାରେ ଲାଗିଲା । କିପରି ପରିଶ୍ରମର ଅଭ୍ୟାସ ଓ ବୃଦ୍ଧିପ୍ରାପ୍ତ ଶବ୍ଦଭଣ୍ଡାର ମସ୍ତିଷ୍କର ବିକାଶ ଦିଗରେ ସହାୟକ ହେଲା, କିପରି ମସ୍ତିଷ୍କର ବିକାଶ ସଙ୍ଗେ ସଙ୍ଗେ ସମାନ୍ତର ଭାବରେ ମଣିଷ କଥନ ଯନ୍ତ୍ର ଗଳା, ଜିଭ, ତାଲୁ ଏବଂ ଓଠର ବିକାଶ ହେଲା ଓ କିପରି ଭାଷାର ବିଧିବିଧାନ ସମାଜ ଭିତରେ ପ୍ରତିଷ୍ଠିତ ହେଲା; ଧୀରେ ଧୀରେ କିପରି ଏହି ଭାଷା ସମାଜର ଲୋକଙ୍କ ମନରେ ଦୃଢ଼ ଭାବରେ ମୂଳଦୁଆ ପକାଇଲା, ଅର୍ଥାତ୍ ମୋଟ ଉପରେ କିପରି ମଣିଷର ଭାଷାର ଜନ୍ମ ହେଲା ।

ଧ୍ୱନିତତ୍ତ୍ୱ ହିଁ ମନୁଷ୍ୟର କଥା ବିଷୟରେ ଅଧ୍ୟୟନ ପାଇଁ ବହୁ ପରିମାଣରେ ସାହାଯ୍ୟ କରିଛି । ଏହା ମଧ୍ୟ 'ଜୀବଜନ୍ତୁଙ୍କର ଭାଷା'ର ଠିକଣା ଅଧ୍ୟୟନରେ ସାହାଯ୍ୟ କରିଛି ଓ ଡ଼ଲଫିନ୍, ବାନର, ମହୁମାଛି ଓ ପିମ୍ପୁଡ଼ିମାନଙ୍କର ସଙ୍କେତ ପ୍ରଥା ବିଷୟରେ ଆଲୋକପାତ କରିଛି ।

Digitized by srujanika@gmail.com

ଅଳ୍ପ କାଳ ପୂର୍ବେ ସୋଭିଏଟ୍ ଗବେଷକ ଏନ୍.ଆଇ.ଝିନ୍‌କିନ୍ ଆପଣାର ଗବେଷଣାରେ ବଚନ ବା କଥାର ଶରୀରତତ୍ତ୍ୱ ଓ ମନସ୍ତତ୍ତ୍ୱ ଉପରେ ଅଧ୍ୟୟନ କରି 'ହାମାଡ୍ରାୟାଡ୍ ବ୍ୟାବୁନ୍' ନାମକ ଏକପ୍ରକାର ବାନରଙ୍କର ସ୍ୱର ସଙ୍କେତ ପ୍ରଥାର ବିଶ୍ଳେଷଣ କରିଛନ୍ତି । ଏହି ଅଧ୍ୟୟନଟି ପୂରାପୂରି ବିଜ୍ଞାନ ଗବେଷଣାର ସାହାଯ୍ୟରେ କରାଯାଇଥିଲା । ଏଥିରେ ଆଧୁନିକ ଭାଷାତତ୍ତ୍ୱର ସବୁ ଆଇନ କାନୁନକୁ ଉପଯୋଗ କରାଯାଇଥିଲା । 'ବ୍ୟାବୁନ୍'ର ଚିତ୍କାରକୁ ଦୋଳନ-ମାନରେ ଅର୍ଥାତ୍ ଓସିଲୋଗ୍ରାଫ୍‌ରେ ମାପି ଝିନ୍‌କିନ୍ ସେହି ଜନ୍ତୁର ଧ୍ୱନିର ଏକ 'ଅଣୁବୀକ୍ଷଣିକ ବିଶ୍ଳେଷଣ' କରିଥିଲେ । ତାହାର 'କଥା'କୁ ଏକ ରଟ୍‌ଜେନ୍-ମାନ ଯନ୍ତ୍ରରେ ପରୀକ୍ଷା କରାଯାଇ ଉକ୍ତ ଜନ୍ତୁର 'କଥା କହିବା' ବେଳେ ବାଚନଭଙ୍ଗିର ଗତିକୁ ସ୍ଥିର କରାଯାଇଥିଲା ।

ଶେଷରେ ଯେଉଁ ଫଳ ମିଳିଛି ସେଥିରୁ ଜଣାପଡ଼ିଛି ଯେ, ମନୁଷ୍ୟ ଭାଷା ଭିତରେ ଯେଉଁ ବାରଟି ସାର୍ବଜନୀନ ଧ୍ୱନିର ପ୍ରମାଣ ମିଳୁଛି ସେଗୁଡ଼ିକ ସବୁ 'ବ୍ୟାବୁନ୍'ର ଧ୍ୱନି ଭିତରେ ରହିଛି ।

ଜୀବଜନ୍ତୁଙ୍କର ଭାଷାର ଅଧ୍ୟୟନ ଭାଷାତତ୍ତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ଦ୍ୱାରା ଜଣାପଡ଼େ କିଭଳି ମନୁଷ୍ୟର ଭାଷା ଜୀବଜନ୍ତୁଙ୍କର ସଙ୍କେତ ପ୍ରଥା ଠାରୁ ଫରକ । ଏହା ମଧ୍ୟ ସଙ୍କେତତତ୍ତ୍ୱ ପାଇଁ ପ୍ରୟୋଜନ; କାରଣ ସଙ୍କେତତତ୍ତ୍ୱ ହିଁ ସବୁପ୍ରକାରର ସଙ୍କେତ ବିଷୟରେ ଆଲୋଚନା କରେ । ସେ ସଙ୍କେତଗୁଡ଼ିକ ପ୍ରାକୃତିକ ହେଉ ବା କୃତ୍ରିମ ହେଉ ସେଗୁଡ଼ିକୁ ମନୁଷ୍ୟ ବ୍ୟବହାର କରୁଥାଉ ନାଁ ତାହା ଜୀବଜନ୍ତୁ ବା ଯନ୍ତ୍ର ବ୍ୟବହାର କରୁଥାଉ । ଶେଷରେ ସାଇବରନେଟିକସ ବା କଂପ୍ୟୁଟରତତ୍ତ୍ୱ ମଧ୍ୟ ପଶୁପକ୍ଷୀଙ୍କର ସଙ୍କେତ ଧ୍ୱନି ବିଷୟରେ ଆଗ୍ରହୀ; କାରଣ ଏହାରି ଭିତରୁ ଅଧିକ ସ୍ପଷ୍ଟ ଭାବରେ ମଣିଷ ଭାଷା ପାଇଁ ସୁରାକ ମିଳେ ।

ଶେଷରେ ଜୀବଜନ୍ତୁଙ୍କର ଭାଷାର ସର୍ବଶ୍ରେଷ୍ଠ ଗୁରୁତ୍ୱ ହେଲା ମହାଶୂନ୍ୟର ଅନ୍ୟାନ୍ୟ ସୌରଜଗତ ସହିତ ମଣିଷର କଥାଭାଷାକୁ ନିର୍ଣ୍ଣୟ କରିବା । ଯାହାକୁ କୁହାଯାଏ ମହାଶୂନ୍ୟର ଭାଷା । ଏଭଳି ଭାଷା ଏବେ କେବଳ ବିଜ୍ଞାନ କଳ୍ପନା ଉପନ୍ୟାସ ଭିତରେ ବଞ୍ଚିଛି । କିନ୍ତୁ ଯଦି ଏହି ମହାଶୂନ୍ୟରେ ଭାସମାନ କୌଣସି ସୂର୍ଯ୍ୟ, ତାରା, ଗ୍ରହ, ବା ଉପଗ୍ରହରେ ବୁଦ୍ଧିମାନ ପ୍ରାଣୀ ଥାଆନ୍ତି ତେବେ ଦିନେ ନା ଦିନେ ପୃଥିବୀର ମନୁଷ୍ୟର ସେମାନଙ୍କ ସହିତ ଯୋଗାଯୋଗ ପ୍ରତିଷ୍ଠା ହେବ । ସେହି ଯୋଗାଯୋଗ ରକ୍ଷା ପାଇଁ ମନୁଷ୍ୟ କି ଭାଷା ବ୍ୟବହାର କରିବ ? ପୃଥିବୀର ମନୁଷ୍ୟ ଭାଷା ଏତେ ବିଭିନ୍ନ ଓ ପାର୍ଥକ୍ୟପୂର୍ଣ୍ଣ ଯେ ସେ ଭାଷା ତ ପୃଥିବୀର ବିଭିନ୍ନ

Digitized by srujanika@gmail.com

ଛାଟି ପରସ୍ପରକୁ ବୁଝିପାରୁନାହିଁ, ତେଣୁ ଏଭଳି ଏକ ସାଙ୍କେତିକ ଭାଷା ଦରକାର ପଡ଼ିବ ଯାହାକି ଅନ୍ୟ ତାରକା ବା ଗ୍ରହ ଲୋକ ସମଝିବାକୁ ସମର୍ଥ ହେବେ । ସେହି ଠାର ବା ସଙ୍କେତର ଭାଷାର ଆଦିମୂଳ ହେଲା ଜୀବଜନ୍ତୁଙ୍କର ସଙ୍କେତ ଭାଷା । ତାହାରି ଧ୍ୱନିଅଣୁ ଉପରେ ଭରସା କରି ଏହି ଆନ୍ତର୍ଜାତିକ ଭାଷା ଗଢ଼ିବାକୁ ପଡ଼ିବ ।

❐ ❁ ❐

Digitized by srujanika@gmail.com

ଇଙ୍ଗିତ, ସଙ୍କେତ, ଭଙ୍ଗୀ ଓ ଭାଷା

ଭାଷା ମନୁଷ୍ୟ ସମାଜର ଏକ ବିଚିତ୍ର ସୃଷ୍ଟି । ଏହା ଭାବ ଆଦାନ ପ୍ରଦାନର ଅନ୍ୟ ସମସ୍ତ ମାଧମ ବା ବାହନ ଠାରୁ ଅଲଗା । ଏହା ସଙ୍କେତ, ଭଙ୍ଗୀ, ଇଙ୍ଗିତ ବା ଠାର ଠାରୁ ଊର୍ଦ୍ଧ୍ୱରେ । ଏହା ସବୁ ପ୍ରକାର ପଶୁପକ୍ଷୀଙ୍କର ଭାଷା ଓ ତଥାକଥିତ ଯନ୍ତ୍ରର ଭାଷାଠାରୁ ସ୍ୱତନ୍ତ୍ର ।

ଗଛବୃଛ କ'ଣ କଥା କହନ୍ତି ?

କବି ଲେଖିଛନ୍ତି -

'ପ୍ରେମେ ଉନ୍ମାଦିନୀ ହୋଇ ସେ ଚରା କି ଚଳିଲା ଉତର ମୁଖେ
ଶିଶିର ଛଳେ କି ମୁଞ୍ଚୁଥିଲେ ଅଶ୍ରୁ ତରୁଲତା ତା'ର ଦୁଃଖେ'

ଗଛପତ୍ର, ଘାସ, ମେଘ ଓ ବନର ଭାଷା ? ପର୍ବତ ଓ ନିର୍ଝରର ଭାଷା ? କବିର କଳ୍ପନାରେ ଏହା ପୃଥିବୀର ବହୁ ସାହିତ୍ୟରେ ଆସନ ଲାଭ କରିଛି ? ଏହା କ'ଣ ସତ୍ୟ ନାଁ କବି କଳ୍ପନା ?

ଆଦିମ ମନୁଷ୍ୟ ମନେ କରିଥିଲା ଏହା ସତ୍ୟ । ପ୍ରକୃତି ମଣିଷ ସଙ୍ଗରେ କଥା କହେ । ମଣିଷକୁ ଆସନ୍ନ ବିପଦର ବାର୍ତ୍ତା ଜଣାଇଦିଏ । ତାହାକୁ ଚେତାବନି ଦିଏ । କେବେ ମନୁଷ୍ୟକୁ ଉତ୍ସାହିତ କରେ । ସୂର୍ଯ୍ୟ ବାଦଲ ପଛପଟୁ ପ୍ରୀତିର ସମ୍ଭାଷଣ ଜଣାନ୍ତି । ହଠାତ୍ ଆଲୋକମାଳା ଡ଼ାକି ଦିଅନ୍ତି । ଘଡ଼ଘଡ଼ିର ନିର୍ଘୋଷରେ ପାପାତ୍ମା ପ୍ରତି ଦେବତାର ଅସନ୍ତୋଷ ଜଣାପଡ଼େ । ଇତ୍ୟାଦି ।

ଏସବୁ ଏବେ କେବଳ କବି କଳ୍ପନା । କିନ୍ତୁ ଦିନେ ଏଗୁଡ଼ିକ ପ୍ରତ୍ୟକ୍ଷ ବୋଲି ଲୋକେ ମଣୁଥିଲେ । ଲୋକେ ଏହାକୁ ପ୍ରକୃତିର ଭାଷା ବୋଲି ନ ମଣି ଏହା ଦେବଦେବୀଙ୍କର ଭାଷା ବୋଲି ମଣୁଥିଲେ । ଏହି ଆଦିମ ବିଶ୍ୱାସ ଏବେ ଉଭେଇ ଗଲାଣି । ଏବେ ଲୋକଙ୍କ ଭିତରେ ଏହି ଧାରଣା ପ୍ରାୟ ସ୍ପଷ୍ଟ ହୋଇ ଗଲାଣି ଯେ କେବଳ ଜୀବନ୍ତ ପଦାର୍ଥର ଧ୍ୱନି ଅଛି ବା ଜୀବନ୍ତ ପଦାର୍ଥ ଭିତରେ କେବଳ ପ୍ରାଣୀ ହିଁ ଶବ୍ଦ କରନ୍ତି; ଆଉ କେହି କରନ୍ତି ନାହିଁ ।

Digitized by srujanika@gmail.com

ତେବେ, ବାର୍ତ୍ତା ବା ସନ୍ଦେଶ ପ୍ରେରଣ ଯଦି ଏକରକମର କଥା ତେବେ ପ୍ରକୃତି ବି ଏଭଳି କଥା କହେ । ଗଛର ପତ୍ର ଦୋହଲିଲେ ଏକ ପ୍ରବଳ ପବନର ସୁରାକ ମିଳେ । ପତ୍ରର ମର୍ମରରେ ମୃଦୁ ପବନର ସଙ୍କେତ ମିଳେ । କଳାହାଣ୍ଡିଆ ମେଘ ଦେଖିଲେ ବର୍ଷାର ଆଗମନର ସୂଚନା ମିଳେ ।

ପ୍ରକୃତିର ଏହି ପ୍ରକାର ଭାଷା କୌଣସି କଥୋପକଥନର ଭାଷା ନୁହେଁ । ଏହା ମନୁଷ୍ୟମାନଙ୍କ ଭିତରେ ଭାବ ଆଦାନ ପ୍ରଦାନ ନୁହେଁ । ମନୁଷ୍ୟ ଛଡ଼ା ଅନ୍ୟ ପ୍ରାଣୀମାନଙ୍କର ଭାବ ଆଦାନ ପ୍ରଦାନର ମଧ୍ୟ ଏହି ପ୍ରକାର ଭାଷାରେ ହୁଏ ନାହିଁ । ପ୍ରାଣୀମାନେ ଯେଉଁ ସଙ୍କେତ ଚିତ୍କାର କରନ୍ତି ତାହା କୌଣସି ନିର୍ଦ୍ଦିଷ୍ଟ ଅନ୍ୟ ପ୍ରାଣୀର ଲକ୍ଷ୍ୟରେ କରନ୍ତି । କିନ୍ତୁ ପ୍ରକୃତି କାହାକୁ ନିର୍ଦ୍ଦିଷ୍ଟଭାବରେ ଲକ୍ଷ୍ୟ ରଖି ନିବେଦନ କରେ ନାହିଁ । ମେଘମାଳା ଇଚ୍ଛା କରି ଝଡ଼ର ସୂଚନା ଦିଅନ୍ତି ନାହିଁ କିମ୍ବା ଗଛବୃକ୍ଷ ଇଚ୍ଛା କରି ପବନ ବିଷୟରେ ସଙ୍କେତ ଦିଅନ୍ତି ନାହିଁ । ତେଣୁ ପ୍ରକୃତି ବାର୍ତ୍ତା ଦିଏ କିନ୍ତୁ କଥୋପକଥନ କରେ ନାହିଁ ।

ଓଡ଼ିଆରେ ଆମେ ଯାହାକୁ ସଙ୍କେତ ବୋଲି କହୁ ତାହାର ଅର୍ଥ ଅନେକ ପ୍ରକାର । କିନ୍ତୁ ବିଜ୍ଞାନରେ ସଙ୍କେତ ବୋଇଲେ ଗୋଟିଏ କଥା – ଗୋପବନ୍ଧୁ ଦାସ 'ବନ୍ଦୀର ଆତ୍ମକଥା'ରେ ଲେଖିଛନ୍ତି ।

ଛାଡ଼ିଲାଣି ଗାଡ଼ି, ଦେଲାଣି ସଙ୍କେତ
ବାଜିଲାଣି ଘଣ୍ଟା, ଉଡ଼େ ନୀଳକେତ ।

ଏଥିରେ ସଙ୍କେତ ଅର୍ଥ ଇଂରାଜିରେ ସିଗ୍ନାଲ । ଓଡ଼ିଆ ଗଣିତରେ ସାଙ୍କେତିକ ବୋଲି ଯେଉଁ ପଦ୍ଧତି ଅଛି ତାହା ବି ସଙ୍କେତ ଶବ୍ଦରୁ ଆସିଛି । ଏହି 'ସାଙ୍କେତିକ' ଇଂରାଜିର ସିମ୍ବଲ ଶବ୍ଦର ନିକଟବର୍ତ୍ତୀ ପ୍ରତିଶବ୍ଦ । ମନୁଷ୍ୟ ଛଡ଼ା ଅନ୍ୟ ଯେଉଁ ଜନ୍ତୁମାନେ ଚିତ୍କାର, କଳରବ, ବୃଂହିତ, ହ୍ରେଷା ଇତ୍ୟାଦି ଶବ୍ଦ କରନ୍ତି ସେଗୁଡ଼ିକ ହେଲା ସଙ୍କେତ । ଏହାଛଡ଼ା ଭାଷା ବାହାରେ ଯେଉଁ ଅସଂଖ୍ୟ ଓ ନାନାବିଧ ଠାର ବା ଭଙ୍ଗୀ ବା ସଙ୍କେତ ରହିଛି ଯଥା ରାସ୍ତାର ସଙ୍କେତ, ରେଳଗାଡ଼ିର ନାଲି ନୀଳ ସଂକେତ ବା ନାଲ ନୀଳ ଲଣ୍ଠନ, ଦୋକାନ ଆଗରେ ଜିନିଷପତ୍ର ପ୍ରଦର୍ଶନୀର ସଙ୍କେତ; ମାନଚିତ୍ର, ନକ୍ସା ଇତ୍ୟାଦି ସେଗୁଡ଼ିକ ବି ଏକ ପ୍ରକାର ସନ୍ଦେଶ ପ୍ରେରଣ କରନ୍ତି । ଏହି ସଙ୍କେତ ବିଷୟରେ ଚର୍ଚ୍ଚାପାଇଁ ଭାଷା ବିଜ୍ଞାନର ଏକ ନୂତନ ବିଭାଗ ହୋଇଛି । ତାହାର ନାମ ସଙ୍କେତ-ତତ୍ତ୍ୱ । ଏହି ସଙ୍କେତ - ତତ୍ତ୍ୱ ସହିତ ଏବର ଅତ୍ୟାଧୁନିକ ସାଇବରନେଟିକ୍ସ ବା କଂପ୍ୟୁଟର ତତ୍ତ୍ୱର ଖୁବ୍ ନିକଟ ସଂପର୍କ ଅଛି । କାରଣ ସଙ୍କେତ

Digitized by srujanika@gmail.com

ତତ୍ତ୍ୱ ଅନୁସାରେ ମଣିଷ, ଜୀବଜନ୍ତୁ ବା ଯନ୍ତ୍ର ସଭିଏଁ ଏକ ଏକ କଂପ୍ୟୁଟରେ କପିକଳ । ଏମାନଙ୍କର ସଙ୍କେତ, ଠାର, ଭଙ୍ଗୀ, ଇଙ୍ଗିତ କେବଳ ପରସ୍ପର ଠାରୁ ଭିନ୍ନ ଭିନ୍ନ ।

ସଙ୍କେତର 'ବର୍ଣ୍ଣମାଳା'

ଭଙ୍ଗୀ, ଠାର ଓ ସଙ୍କେତ ଏମାନଙ୍କ ଭିତରେ ଆମେ ସାଧାରଣ କଥନରେ ବିଶେଷ କୌଣସି ପାର୍ଥକ୍ୟ ରଖୁନାହିଁ । କିନ୍ତୁ ସଙ୍କେତ ତତ୍ତ୍ୱରେ ଏଗୁଡ଼ିକର ପାର୍ଥକ୍ୟ ରୋକଠୋକ୍ । ଠାର ଓ ସଙ୍କେତ ଭିତରେ ବିଜ୍ଞାନର ଫାଙ୍କା ରହିଛି ।

ପୃଥିବୀରେ ଯେଉଁ ଯେଉଁ ସହସ୍ର ପଦାର୍ଥ ବା ଘଟଣା ମାଧ୍ୟମରେ ଆମେ ଖବର ବା ସୂଚନା ଲାଭ କରୁ, ସେହି ସୂଚନା ବା ଖବରର ବାହକ ହେଉଛି ସଙ୍କେତ । ଯେପରି ଏହି ବହିର ଅକ୍ଷର ଏକ ସଙ୍କେତ ।

ଖବରକାଗଜରେ ଫଟୋଗ୍ରାଫ, ବିଦ୍ୟୁତ୍ ସ୍ରୋତର ତରଙ୍ଗ, ରେଳଗାଡ଼ିର ନୀଳ ପତାକା ଗୋଟିଏ ଗୋଟିଏ ସଙ୍କେତ । ଠାର ହେଉଛି ଏହି ଧରଣର ସଙ୍କେତ । ସବୁ ଠାର ହେଉଛି ସଙ୍କେତ କିନ୍ତୁ ସବୁ ସଙ୍କେତ ଠାର ନୁହେଁ । ନିଆଁର ଧୂଆଁ ହେଉଛି ସଙ୍କେତ (ଅର୍ଥାତ୍ ଏକ ପ୍ରାକୃତିକ ଠାର ବା ତର୍ଜନୀ ଠାର) । ଏହା ନିଆଁର ଅସ୍ତିତ୍ୱ ସୂଚାଇ ଦିଏ, ଆମେ ନିଆଁ ଦେଖୁ ବା ନ ଦେଖୁ । କିନ୍ତୁ ଯଦି ଆମେ କାହାକୁ କହିଥାଉ ଯେ ତୁମେ ଧୂଆଁ ଦେଖିଲେ ବୁଝିବ ଯେ ସବୁ ଠିକ୍ ଅଛି ତେବେ ଏଇଠି ଧୂଆଁ କେବଳ ସଙ୍କେତ ନୁହେଁ । ତାହା ଠାର । ଓଡ଼ିଆରେ 'କାଳ ଠାର କାଳ ମା ଜାଣେ' ବୋଲି କୁହାଯାଏ । ଏଠାରେ ଠାର ହେଉଛି ବୈଜ୍ଞାନିକ ପରିଭାଷାର ଠାର ।

ସଙ୍କେତ ହେଉଛି ସୂଚନାର ବାହକ । ନୌକାରେ ଲାଲ, କଳା ଓ ଧଳା ପାଲ ଦେଖିଲେ ଆମେ ତା ଉପରେ କୌଣସି ଗୁରୁତ୍ୱ ଦେଉନାହୁଁ । ମାମୁଲି ଭାବରେ କେହି ଲାଲ, କେହି ଧଳା, କେହି କଳା । କିନ୍ତୁ ଗ୍ରୀକ୍ ପୁରାଣରେ ଥେସିୟସ ଯେତେବେଳେ ନୌକାରେ ବିଦେଶ ଗଲା ସେତେବେଳେ ସେ ବୃଦ୍ଧ ବାପା ରାଜା ଏଜିୟସଙ୍କୁ କହିଯାଇଥିଲା ଯେ, ଜାହାଜରେ କଳା ପାଲ ଟଣା ଥିଲେ ବିପଦର ସଙ୍କେତ ବୋଲି ବୁଝିବେ । ଧଳା ପାଲ ଟଣା ଥିଲେ ବୁଝିବେ ସର୍ବ ଶୁଭ । ଏହି ପ୍ରାଥମିକ ସଙ୍କେତ ପଦ୍ଧତି ହେଲା ଏକପ୍ରକାର ଠାର । ଏଠାରେ ପାଲର ରଙ୍ଗ କେବଳ ରଙ୍ଗ ବୁଝାଏ ନାହିଁ । ଏହା ଠାର ଦ୍ୱାରା ସୂଚନା ଦିଏ ।

କଳା ପାଲ ଏଜିୟସଙ୍କୁ ଜଣାଇଦେଲା ଯେ, ପୁଅ ମରିଯାଇଛି । ୧୬ଶ ଓ ୧୭ଶ ଶତାବ୍ଦୀରେ ସମୁଦ୍ରବାହୀ ନାବିକମାନେ କଳା ପାଲ ଦେଖିଲେ ତାକୁ ଜଳଦସ୍ୟୁର ସଙ୍କେତ ବୋଲି ମନେ କରୁଥିଲେ । ଏଠାରେ କଳା ପାଲ ଏକ ସଙ୍କେତ । ତାହା ଠାର ନୁହେଁ । ଠାରରେ ଜଣେ ପ୍ରେରକ ଥାଏ ଆଉ ଜଣେ ଗ୍ରାହକ ଥାଏ । ସଙ୍କେତରେ

Digitized by srujanika@gmail.com

ଉଭୟ ପ୍ରେରକ ଓ ଗ୍ରାହକ ଥିବା ଦରକାର ନାହିଁ । ଗୋଟିଏ ପାହାଡ଼ ଉପରୁ ଧୂଆଁ ଉଠିବାର ଦେଖିଲେ ଆମେ ଅନୁମାନ କରୁ ଯେ ପାହାଡ଼ରେ ନିଆଁ ଲାଗିଛି । ଧୂଆଁ ହେଉଛି ଏହାର ସଙ୍କେତ କିନ୍ତୁ ଏହି ସଙ୍କେତରେ ପ୍ରେରକ କେହି ନାହିଁ । କେହି ଏହି ପାହାଡ଼ ନିଆଁର ସୂଚନା ଦେବାକୁ ଏହି ଧୂଆଁ ପଠାଇ ନାହିଁ ।

ସଙ୍କେତ ତତ୍ତ୍ୱରେ ତିନିପ୍ରକାର ସଙ୍କେତ ଥାଏ । ଏକ ତର୍ଜନୀ ସଙ୍କେତ ଯାହାକୁ ବି ପ୍ରାକୃତିକ ସଙ୍କେତ କୁହାଯାଇପାରେ । ଏହା ହେଉଛି ପ୍ରାକୃତିକ କାରଣ । ଏଥିପୂର୍ବରୁ ଏହି ସଙ୍କେତ ମିଳିଲେ କ'ଣ ବୁଝାଯିବ ସେପରି କୌଣସି ବୁଝାମଣା ନାହିଁ । ଉଦାହରଣ ସ୍ୱରୂପ ଗୋଟିଏ ହନୁମାଙ୍କଡ଼ ବାଘର ଗନ୍ଧ ଜାଣିପାରିଲା । ଏହି ଗନ୍ଧ ହେଲା ଗୋଟିଏ ସଙ୍କେତ ଯେ ପାଖଆଖରେ କୋଉଠି ବାଘ ଅଛି । ଯଦିଓ ହନୁମାନ ଏ ପର୍ଯ୍ୟନ୍ତ ବାଘଟିକୁ ଦେଖିନାହିଁ ଠିକ୍ ସେପରି କାଚ ଭଙ୍ଗାର ଝଣ ଝଣ ଶୁଭିଲା ଓ ଆମେ ଜାଣିଲୁ ଗୋଟିଏ କାଚଝିଡ଼ିକୀ ଭାଙ୍ଗିଗଲା । ଅଥଚ ଆମେ ଝିଡ଼ିକୀଭଙ୍ଗା ପ୍ରତ୍ୟକ୍ଷ କରିନାହୁଁ । ଓଡ଼ିଆରେ କଥା ଅଛି- "ନିଆଁ ନଥିଲେ ଧୂଆଁ ନାହିଁ ।" ତେଣୁ ଧୂଆଁ ହେଲା ନିଆଁର ପ୍ରାକୃତିକ ଚିହ୍ନ । ରାସ୍ତାରେ ଲୋକ ଘୋଡ଼ିଘାଡ଼ି ହୋଇ ଯାଉଛନ୍ତି । ତେଣୁ ଆମେ ଜାଣୁଥାଇ ଯେ ବାହାରେ ଥଣ୍ଡା ପଡୁଛି । ଏହା ବି ଏକ ପ୍ରାକୃତିକ ଚିହ୍ନ ବା ତର୍ଜନୀ ଚିହ୍ନ । ସଧାରଣତଃ ପ୍ରାକୃତିକ ଘଟଣାରୁ ଯେଉଁ ସୂଚନା ମିଳେ ସେଗୁଡ଼ିକ ଓ ଜୀବଜନ୍ତୁଙ୍କଠାରୁ ଯେଉଁ ସୂଚନା ମିଳେ ସେଗୁଡ଼ିକ ଏହି ପ୍ରାକୃତିକ ବା ତର୍ଜନୀ ଚିହ୍ନ । କିନ୍ତୁ ସବୁ ଚିହ୍ନ ତର୍ଜନୀ ବା ପ୍ରାକୃତିକ ଚିହ୍ନ ନୁହେଁ ।

ଜୀବଜନ୍ତୁଙ୍କର ଖୋଜ କି ତର୍ଜନୀ ସଙ୍କେତ ? ବାହାରକୁ ଜଣାପଡ଼ିବ ଏଗୁଡ଼ିକ ତର୍ଜନୀ ସଙ୍କେତ କାରଣ ବାଘ କି ବାର୍‌ହା ସାଙ୍ଗରେ ଆମେ ତ କୌଣସି ବୁଝମଣା କରିନାହୁଁ ଯେ ଏଭଳି ଖୋଜ ଦେଖିଲେ ବାଘ କି ବାର୍‌ହା ଗତାଗତ ହୋଇଛି ବୋଲି ଧରାଯିବ । ତେଣୁ ମନେ ହୋଇପାରେ ଏହା ପ୍ରାକୃତିକ ସଙ୍କେତ କିନ୍ତୁ ସବୁ ଖୋଜ-ଗୋରୁ ଖୋଜ ହେଉ ବା ବାଘ ଖୋଜ ହେଉ ଏକ ଚରିତ୍ରଗତ ବିଶେଷତ୍ୱ ଅଛି ଯାହା ପ୍ରାକୃତିକ ଚିହ୍ନ ଠାରୁ ଅଲଗା । ଗୋରୁ ଖୋଜର ଗୋଟାଏ ନିର୍ଦ୍ଦିଷ୍ଟ ଆକୃତି । ସାପ ଖୋଜର ଆଉ ଏକ ନିର୍ଦ୍ଦିଷ୍ଟ ଆକୃତି ଓ ବିସ୍ତୃତି । ଏହି ପ୍ରକାର ସଙ୍କେତର କେବଳ ଅର୍ଥ ନାହିଁ ଏହାର ବହିରାକୃତି ଅଛି । ଏଭଳି ସଙ୍କେତକୁ 'ନମୁନା ସଙ୍କେତ' ବା 'ପ୍ରତିଛବି ସଙ୍କେତ' ବୋଲାଯାଏ । ଏହାର କାରଣ ଏହାର ଅର୍ଥ (ଆଧାର) (ଏଠାରେ ମନେ କରନ୍ତୁ ଗୋରୁ ଖୋଜ) ତାହାର ବହିରାକୃତ (ପ୍ରକାଶ) ସଙ୍ଗେ ମେଳ ଖାଏ । ଏଭଳି ନମୁନା ସଙ୍କେତ ବା ପ୍ରତିଛବି ସଙ୍କେତ ହେଲେ ଫଟୋଗ୍ରାଫ୍ ଛାଞ୍ଚ, ମୁଦ୍ରିତ ବ୍ଲକ୍ ଇତ୍ୟାଦି ।

Digitized by srujanika@gmail.com

ତୃତୀୟ ପ୍ରକାର ସଙ୍କେତ ହେଲା ଭାବ ଆଦାନ ପ୍ରଦାନର ସଙ୍କେତ ଅଥବା ଚିରାଚରିତ ଠାର । ଏମାନଙ୍କୁ ସଂକୀର୍ଣ୍ଣ ଅର୍ଥରେ କୁହାଯାଏ ଠାର । ଲୋକେ ଯେତେ ପ୍ରକାର ଠାର ବ୍ୟବହାର କରନ୍ତି ସେସବୁ ପ୍ରାୟ ଏହି ଧରଣର । ମନେକର '!' ଚିହ୍ନ ଆମେ ରାସ୍ତାରେ କୌଣସି କାଠ ଫଳକରେ ଦେଖିଲୁ । ଆମେ ଜାଣୁ ଯେ '!'ର ବିପଦ ସଙ୍ଗେ କୌଣସି ସଂପର୍କ ନାହିଁ । ତଥାପି ଆମେ '!'କୁ ବିପଦ ସଙ୍କେତ ବୋଲି ମନେ କରୁଁ । 'ହାତୀ' ବୋଲି ଶବ୍ଦଟି ଆଫ୍ରିକାର ବା ଭାରତର ଏକ "ଅଧା ତାଳଗଛ କାଳିଆ" ଜନ୍ତୁ ସହିତ କିଛି ସଂପର୍କ ନାହିଁ । କିନ୍ତୁ ଯେତେବେଳେ ଢଗରେ ପଚରାଯାଏ

"ଅଧା ତାଳଗଛ କାଳିଆ
ତହିଁ ଭଲ ଭଲ ଲୋକେ ମେଳିଆ
ତହିଁ ଆଲଟ ଚାମର ପଡ଼ିଛି
ତହିଁ ନାଗ ସାପ ଦୋଳି ଖେଳୁଛି ।"

ସେତେବେଳେ ଜାଣିବା ଶୁଣିବା ଲୋକ କହନ୍ତି 'ହାତୀ' । ମୁଣ୍ଡକୁ ହଲାଇଲେ ଆମେ ବୁଝୁଁ ନାସ୍ତି । କିନ୍ତୁ ବୁଲଗେରିଆରେ ଲୋକେ ବୁଝନ୍ତି ଯେ ଲୋକ ରାଜି ହେଲା । ଗଞ୍ଜାମରେ ବି ଏଭଳି ମଥାଭଙ୍ଗୀ ଯାହାକୁ ଆମେ 'ନାସ୍ତି' ବୋଲି ବୁଝନ୍ତୁ ତାହାକୁ ସେମାନେ ହଁ ଭରିବା ବୁଝନ୍ତି । ଏଥିରୁ ଜଣାପଡ଼େ ଯେ, ଏଭଳି ଭଙ୍ଗୀ ହେଉଛି ସମାଜର ପ୍ରଚଳିତ ଯୁଗସମର୍ଥିତ ଠାର । ଏଗୁଡ଼ିକ ପ୍ରକୃତିଦତ୍ତ ନୁହଁ ବା ପ୍ରାକୃତିକ ନୁହଁ ।

ଏଭଳି ପ୍ରଚଳିତ ଠାର ଓ ସୂଚକ ଠାର ଜୀବଜନ୍ତୁଙ୍କ ଭିତରେ ଦେଖିବାକୁ ମିଳେ । ବ୍ୟାବୁନ୍ ନାମକ ବାନରର 'ଆକ୍-ଆକ୍-ଆକ୍' ଚିତ୍କାର ହେଉଛି ଏକ ସାବଧାନୀ ସଙ୍କେତ । ଏହା ଫଳରେ ଯନ୍ତା ବ୍ୟାବୁନ୍ ଦଳର ଅନ୍ୟମାନଙ୍କୁ ସାବଧାନ କରାଇଦିଏ । ଖାଲି ଥରେ ଛୋଟ 'ଆକ୍'ଟିଏ କଲେ ସାରା ଦଳକୁ ସଙ୍କେତ ଦିଏ, ପଳାଅ । କୁକୁର, ବିରାଡ଼ି, ଓ ନାନାବିଧ ଚଢ଼େଇଙ୍କର ଏହିଭଳି ପ୍ରଚଳିତ ଠାର ସବୁ ଅଛି ।

ସବୁ ଠାର ଓ ସଙ୍କେତରେ ଗୋଟିଏ କଥା ନିଶ୍ଚୟ ଥିବ । ତାହା ହେଲା-କେଉଁ ଜିନିଷ ଠାରୁଛି ଓ କେଉଁ କଥା ଠାରୁଛି ? ଅର୍ଥାତ୍ ଠାରିବା ବିଷୟଟା ଓ ଠାରିବା ଜିନିଷଟା କ'ଣ ?

ଏହି ବହିର ପୃଷ୍ଠାଗୁଡ଼ିକର ଅକ୍ଷର ଟାଇପ ସବୁ ସଜା ହୋଇଛି । କଳା କଳା ଅକ୍ଷରଗୁଡ଼ିକ ଯେଉଁ ଥିରେ ଶବ୍ଦ ତିଆରି ହୋଇଛି ଓ ଦୁଇଟି ଶବ୍ଦ ଭିତରେ ଯେଉଁ

Digitized by srujanika@gmail.com

ଶୂନ୍ୟସ୍ଥାନ ଅଛି, ତାହା ହେଉଛି ବହିଟିର ଫର୍ମା । ଶବ୍ଦଗୁଡ଼ିକର ଅର୍ଥ ହେଉଛି ଏହି ବହିଟିର ବିଷୟବସ୍ତୁ । ଅର୍ଥାତ୍ ଏହି ବହିର ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ ଫର୍ମା ଅଛି ଓ ଆଉ ବହିର ଗୋଟାଏ ଅର୍ଥ ଅଛି । ଯିଏ ଫର୍ମା ସଜାଉଛନ୍ତି ସେ ଯେ ବହିର ଅର୍ଥ ବୁଝୁଛନ୍ତି ତା ନ ହୋଇପାରେ, କିନ୍ତୁ ଫାର୍ମା ନ ସଜଡ଼ା ହେଲେ ଏ ବହିର ବିଷୟବସ୍ତୁ କେହି ଜାଣିପାରନ୍ତେ ନାହିଁ । ତେଣୁ ପ୍ରତ୍ୟେକ ଠାର ଓ ସଙ୍କେତରେ ଗୋଟାଏ ଥାଏ ଫର୍ମା ଅର୍ଥାତ୍ ନୀଳନେତ, ବା ' ! ', ବା ଆକ୍-ଆକ୍-ଆକ୍ ଶବ୍ଦ ଓ ତାହାର ଥାଏ ଅନ୍ତର୍ନିହିତ ଅର୍ଥ, (ବିଷୟବସ୍ତୁ) ଯଥା ଏ ବହିର ବିଷୟବସ୍ତୁ ଅଥବା 'ଗାଡ଼ି ଛାଡୁ' ବା 'ଶତ୍ରୁ ଆସୁଛି' ଇତ୍ୟାଦି ।

ଠାରର କିଛି ଶୃଙ୍ଖଳା ନ ଥିଲେ ଠାର ତ ନିରର୍ଥକ ! ଉଦାହରଣ ସ୍ୱରୂପ ' ! 'କୁ ନିଆଯାଉ । ସ୍କୁଲ ପିଲାଙ୍କୁ ଏହି ଚିହ୍ନ ଦେଖାଇଲେ ସେ କହିବ 'ବିସ୍ମୟ ସୂଚକ ଚିହ୍ନ'ମଟରଗାଡ଼ି ଡ୍ରାଇଭରକୁ ଦେଖାଇଲେ ସେ କହିବ 'ସାବଧାନ' ତ ଜଣେ ଚେସ୍ ଖେଳାଳିକୁ ଦେଖାଇଲେ ସେ କହିବ 'ବଢ଼ିଆ ଚାଲ' । ଜଣେ ଗଣିତଜ୍ଞଙ୍କୁ ଦେଖାଇଲେ ସେ କହିବେ 'Factorial' । ତେଣୁ ଏହି ଚିହ୍ନଟି ଏହି ବିଭିନ୍ନ ଧନ୍ଦାର ବା ବିଷୟର କାରବାରୀଙ୍କ ପାଇଁ ଭିନ୍ନ ଭିନ୍ନ ଅର୍ଥର ସୂଚନା ଦେଉଛି ।

କାକ ଚରିତ

ପ୍ରକୃତିରେ ବିଭିନ୍ନ ଘଟଣା ଓ ବିଘଟଣରୁ ଆମେ ବିଭିନ୍ନ ସନ୍ଦେଶ ପାଉଁ; କିନ୍ତୁ ପ୍ରକୃତି ଆମ ସାଙ୍ଗରେ ତ କଥା ହୁଏ ନାହିଁ । ଜୀବଜନ୍ତୁଙ୍କ କଥା ପ୍ରକୃତିଠାରୁ ଅଲଗା । ସେମାନଙ୍କର ଗୋଟିଏ 'ଭାଷା' ଅଛି । ସେହି ଭାଷା ମନୁଷ୍ୟ ଭାଷାଠାରୁ କିଭଳି ଭିନ୍ନ ଓ ସେମାନଙ୍କ ଭାଷାରେ କିଭଳି ମେଳ ଅଛି ?

ଆଦିମ ମନୁଷ୍ୟ ପ୍ରକୃତି ଭିତରେ ଆତ୍ମା ଆରୋପି ଥିଲା । ତା'ପରେ ମଧ୍ୟଯୁଗରେ ଆଉ ଏକ ଧାରଣା ବଳବତ୍ତର ହୋଇଗଲା ଯେ ମନୁଷ୍ୟ ଛଡ଼ା ଆଉ କୌଣସି ଜୀବଜନ୍ତୁର ଭାଷା ନାହିଁ । କିନ୍ତୁ ଏବେ ବିଜ୍ଞାନୀମାନେ ନିଃସନ୍ଦେହ ଭାବରେ ପ୍ରମାଣ କରୁଛନ୍ତି ଯେ, ପ୍ରାଣୀମାନଙ୍କର ଗୋଟିଏ ଭାଷା ଅଛି, ତାହା ଖୁବ୍ ବନ୍ୟ ଓ ସରଳ । ମନୁଷ୍ୟର ଭାଷା ସଙ୍ଗରେ ସେ ଭାଷା ତୁଳନୀୟ ନୁହେଁ । କିନ୍ତୁ କୁକୁଡ଼ା ଛୁଆ, କାକ ତୁଆ, ମାଙ୍କଡ଼, ବିରାଡ଼ି, ମହୁମାଛି, ହାତୀ, ପକ୍ଷୀ ଓ ପିମ୍ପୁଡ଼ି ଏମାନେ ଯେ ଠାର ଭାଷା ବ୍ୟବହାର କରନ୍ତି ଏକଥା ନିଃସନ୍ଦେହ । ଏଗୁଡ଼ିକ ମାମୁଲି ସଙ୍କେତ ନୁହେଁ; ଠାର ଭାଷା ! ମହୁମାଛିମାନଙ୍କର ଏକ ଖୁବ୍ ଉଚ୍ଚ ଧରଣର 'ନୃତ୍ୟ'ପଦ୍ଧତି ଅଛି । କେତେକ ଜନ୍ତୁଙ୍କର ଅଣ୍ଡିରା ଓ ମାଈ ଭେଦରେ ଠାରର ତାରତମ୍ୟ ଅଛି ।

Digitized by srujanika@gmail.com

ବ୍ୟାବୁନ (ବାନର) ମାନଙ୍କର ୧୭ ପ୍ରକାର ଶବ୍ଦ ଠାର ଅଛି ଓ ବଣମଣିଷମାଙ୍କଡ଼ଙ୍କର ତିରିଶ ପ୍ରକାର ଶବ୍ଦ ଠାର ଅଛି ।

ଅବଶ୍ୟ ଜୀବଜନ୍ତୁଙ୍କର ଠାରରେ ସେଭଳି କିଛି ନିୟମ ଶୃଙ୍ଖଳା ନାହିଁ । ବେଳେବେଳେ ଏଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ସୂଚନା ସାଙ୍ଗରେ ବନ୍ଧା ନୁହନ୍ତି (ଯଥା ବିରାଡ଼ିର ମିଆଉଁ ବା ଘୁଡୁ ଘୁଡୁ ଶବ୍ଦ) । କିନ୍ତୁ କେତେକ ଜନ୍ତୁଙ୍କର ଏହି ବିଚ୍ଛିନ୍ନ ଠାର ବି ଗୋଟିଏ ନିୟମବଦ୍ଧ ଶୃଙ୍ଖଳା ଗ୍ରହଣ କରିନିଏ ଓ ସେଥିରୁ ବି କେତେ ପ୍ରକାରର ବିଭିନ୍ନ ଠାରର ସମନ୍ୱୟ ସୃଷ୍ଟି ହୋଇପାରେ । ଯଥା, କୁକୁଡ଼ା ଛୁଆଙ୍କର ମାମୁଲି ସତର୍କ ଚିତ୍କାର ଚାରିଗୋଟି ବିଭିନ୍ନ ଧରଣର ଠାର ବା ଚିତ୍କାର ହୋଇପାରେ 'ପାଖ ଆଖରେ ବିପଦ', 'ବିପଦ ଦୂରରେ', 'ମଣିଷଠାରୁ ବିପଦ' ଓ ଛଞ୍ଚାଣଠାରୁ ବିପଦ । କୁକୁଡ଼ା ଛୁଆଙ୍କ ଭାଷାରେ ଦଶଟି ମୌଳିକ ଠାର ଅଛି ଓ ବିଭିନ୍ନ ଠାରର ବିଭିନ୍ନ ପ୍ରକାର ଯୋଟ ଅଛି; ଏଥିରୁ ପ୍ରାୟ କୋଡ଼ିଏଟି ଯାଏ 'ସମାହିତ ଠାର' ରହିଛି ଯଥା- 'ନିଶ୍ଚୟାର୍ଥବୋଧକ ଆଦେଶ' ଯେଉଁଥିରେ ଦୁଇଥର ସେହି 'କକ୍‌ରେକ' ଉଚ୍ଚାରିତ ହୋଇଥାଏ ।

ଆମର ପୂର୍ବପୁରୁଷଙ୍କ ଅନୁମାନ ଥିଲା କୁଆ ଓ ଡ଼ାମରା କାଉ, ଉଭୟ ସନ୍ଦେଶବାହକ ଓ ଏମାନଙ୍କର ଭାଷାରେ ବହୁକଥାର ସୂଚନା ମିଳେ । ଏବେ ବିଜ୍ଞାନର ଗବେଷଣା ବଳରେ ଜଣାପଡ଼ିଛି ଯେ, କୁଆମାନଙ୍କର ନାନାବିଧ ଭାଷା ଅଛି । ସହରର କୁଆ ମଫସଲର କୁଆର କଥା ବୁଝି ପାରେ ନାହିଁ । କଟକିଆ କୁଆ ବାଣପୁରିଆ କୁଆ ସାଙ୍ଗରେ କଥାଭାଷା ହୋଇପାରିବ ନାହିଁ । କିନ୍ତୁ ତା'ଛଡ଼ା ଆଉ ବି ବୁଲା କୁଆ ଅଛନ୍ତି ଯେଉଁମାନେ ସହରରୁ ମଫସଲକୁ ଯାଆନ୍ତି; ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଆନ୍ତି । ଏଭଳି କୁଆମାନଙ୍କର ଭିତରେ ଆଉ ଏକ ରକମର ଭାଷା ଚଳେ । ଏହି ବୁଲା କୁଆମାନେ ସହର କୁଆଙ୍କ କଥା କହି ପାରନ୍ତି, ମଫସଲ କୁଆଙ୍କୁ ବି । ତେଣୁ ଏମାନେ ଏକ ପ୍ରକାର ବହୁଭାଷୀ କୁଆ । ଏଥିରୁ ଜଣାପଡୁଛି ମନୁଷ୍ୟର କେବଳ ବହୁଭାଷା ଶିଖିବାର ସାମର୍ଥ୍ୟ ନାହିଁ, କୁଆର ବି ଅଛି (ଅବଶ୍ୟ କୁଆ ସ୍ଥଳେ କୁଆ ଭାଷା) ।

ତେବେ ଜୀବଜନ୍ତୁଙ୍କର ଭାଷା ମନୁଷ୍ୟ ଭାଷା ଠାରୁ କି ଭାବରେ ଫରକ୍ ? ବିଶେଷତଃ ଯେତେବେଳେ ଜୀବଜନ୍ତୁମାନେ ଲୋକଙ୍କ ଭଳି ସବୁ ରକମ ଠାର ବ୍ୟବହାର କରନ୍ତି, (୧) ତର୍ଜନୀ ଠାର (୨) ପ୍ରତିଛବି ଠାର ଓ (୩) ଭାବ-ଆଦାନ ପ୍ରଦାନ ଠାର ।

Digitized by srujanika@gmail.com

ଗୋଟିଏ ପ୍ରଭେଦ ରହିଛି; ଜୀବଜନ୍ତୁଙ୍କର ଠାର ହେଲା ସାକାର । ସେଗୁଡ଼ିକ ମୂର୍ତ୍ତ ଘଟଣା ସଙ୍ଗେ ସଂପୃକ୍ତ । ଗୋଟିଏ କୁକୁଡ଼ା ତା' ଛୁଆକୁ ଗତକାଲି କଣ ଘଟିଥିଲା ଓ ଆସନ୍ତା କାଲି କଣ ଘଟିବାର ଅଛି; ସେସବୁ କିଛି କହିପାରିବ ନାହିଁ; ଏପରିକି ଅତି ଗପୁଡ଼ି ସିଂପାଜୀ ବି ଏକଥା କହିପାରିବ ନାହିଁ । ସେମାନଙ୍କ ଠାର କେବଳ ଗୋଟିଏ କାଳ ପାଇଁ (ତାହା ହେଉଛି ବର୍ତ୍ତମାନ) ଓ କୌଣସି ନିର୍ଦ୍ଦିଷ୍ଟ ସାକାର ଅବସ୍ଥା ପାଇଁ । ଅନ୍ୟ କୌଣସି ସମୟ ବା ଅବସ୍ଥା ପାଇଁ ଏହାର ଉପଯୋଗିତା ବା ବ୍ୟବହାର ନାହିଁ ।

କେବଳ ମଣିଷର ଭାଷା ହିଁ ଠାର ଠାରୁ ପରିସ୍ଥିତିର ପ୍ରଭେଦ ବାରି ପାରେ । କେବଳ ମନୁଷ୍ୟ ହିଁ ଭବିଷ୍ୟତର ଘଟଣା ଓ ଅତୀତ ବିଷୟରେ କାଳ୍ପନିକ ବାସ୍ତବ ଓ କାଳ୍ପନିକ ଅବାସ୍ତବ ବିଷୟରେ କହିପାରେ । ବହୁଭାଷୀ କୁଆ ଯେତେ କୁଆ ଭାଷା ଜାଣିଥିଲେ ବି ଆପଣାର ପିଲାଝିଲାଙ୍କୁ ଗୋଟିଏ କାହାଣୀ ବା ଗପ ଶୁଣାଇପାରିବ ନାହିଁ । କାରଣ କୁଆର ଭାଷା ହେଲା ସାକାର ତାତ୍‌କାଳିକ ଘଟଣା ବା ଅବସ୍ଥାର ଭାଷା । ମଣିଷ ଆପଣାର ଭାଷାକୁ ଏକ ସ୍ୱତନ୍ତ୍ର ଠାରରେ ପରିଣତ ଓ ରୂପାନ୍ତରିତ କରିପାରିଛି । ତେଣୁ ମଣିଷ ଅନ୍ୟ ଜୀବଜନ୍ତୁଙ୍କଠାରୁ ଆହୁରି ଉନ୍ନତ ସାମର୍ଥ୍ୟ ହାସଲ କରିଛି ।

ପଞ୍ଜୁରୀର ପକ୍ଷୀ ଯେତେବେଳେ ଖାଦ୍ୟ ଆଶାରେ ଚିତ୍କାର କରେ ଓ ମଣିଷର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରେ ସେତେବେଳେ ଏହା ଜାଣେ ନାହିଁ ଯେ, ଏହା ଗୋଟିଏ ଠାର ବ୍ୟବହାର କରୁଛି । ଜୀବଜନ୍ତୁଙ୍କ ଭାଷାରେ ଠାର ଓ ଯେଉଁ କଥା ପାଇଁ ଠାରର ପ୍ରୟୋଜନ ଏ ଦୁଇଟା ଭିତରେ କୌଣସି ପ୍ରକାର ପ୍ରଭେଦ ନଥାଏ । ତେଣୁ ସେମାନଙ୍କ ଭାଷାର ବିକାଶ ହୁଏ ନାହିଁ ବା ସେ ଭାଷାର କୌଣସି ପରିବର୍ତ୍ତନ ନାହିଁ । ଆଜିକୁ ଶହେ ବା ହଜାରେ ବର୍ଷ ତଳେ ବ୍ୟାବୁନ, ସିଂପାଜି ବା କୁକୁଡ଼ା ଛୁଆମାନେ ଯେଉଁ ଠାର ବ୍ୟବହାର କରୁଥିଲେ, ଏବେ ବି ଠିକ୍ ସେହି ଠାର ବ୍ୟବହାର କରୁଛନ୍ତି ଓ ଭବିଷ୍ୟତରେ ବି କରୁଥିବେ ।

ଏହାଛଡ଼ା ଜୀବଜନ୍ତୁଙ୍କ ଲାଗି ଠାର ଉଲ୍ଲାସ, ଭୟ, ଭୋକ ବା ନିବେଦନ ହୋଇପାରେ । ଏଗୁଡ଼ିକ ମନୁଷ୍ୟର ଭାଷାରେ କହିଲେ ହୁଏତ ଗୋଟାଏ ଶବ୍ଦରେ ନ ହୋଇ ଗୋଟିଏ ବାକ୍ୟରେ କୁହାଯାଇପାରେ । କିନ୍ତୁ ଜୀବଜନ୍ତୁ କେବେ ବାକ୍ୟ ବା ବାକ୍ୟାଂଶ କହନ୍ତି ନାହିଁ । ସେମାନଙ୍କର ଚିତ୍କାର, କଥା ଓ ବାକ୍ୟାଂଶ ବା ଠାର ଗୋଟିଏ ଜିନିଷ ।

ତେଣୁ ଜୀବଜନ୍ତୁଙ୍କର ଭାଷା ଓ ମନୁଷ୍ୟର ଶବ୍ଦମୟ ଭାଷା ଭିତରେ କାର୍ଯ୍ୟରେ ଓ ଗଢ଼ଣରେ ବି ପ୍ରଭେଦ ଥାଏ ।

Digitized by srujanika@gmail.com

ଆଉ ଗୋଟିଏ କଥା, ମନୁଷ୍ୟମାନେ ସବୁବେଳେ ଶବ୍ଦ ଉଚ୍ଚାରଣ କରି କଥା କହନ୍ତି ନାହିଁ । ବେଳେ ବେଳେ ଏହି କଥା ଆହୁରି ଅନେକ ଧ୍ୱନି ଦ୍ୱାରା ଗଠିତ ହୁଏ ।

ବିନା ଶବ୍ଦରେ କଥା କହିବା

କାଳିଦାସ ବିଷୟରେ କାହାଣୀ ଅଛି ଯେ, କାଳିଦାସ ଯୁବାକାଳ ଯାଏ ମୂର୍ଖ ଥିଲେ । କିନ୍ତୁ ତାଙ୍କୁ ବିଦ୍ୟାନଗରୀର ରାଜଜେମାଙ୍କ ସହିତ ବିବାହ ଦେବା ପାଇଁ ଦଳେ ଖଳ ଲୋକ ସ୍ଥିର କରିଥିଲେ । ବିଦ୍ୟାନଗରୀ ରାଜଜେମାଙ୍କର ଖୁବ୍ ଜ୍ଞାନଗର୍ବ ଥିଲା । ସେ ପଣ କରିଥିଲେ ଯେ ଯେଉଁ ପୁରୁଷ ତାଙ୍କୁ ବିଦ୍ୟାରେ ହଟାଇ ଦେଇ ପାରିବ ତାଙ୍କୁ ହିଁ ସେ ବରଣମାଳା ଦେଇ ବିବାହ କରିବେ । ତେଣୁ କାଳିଦାସଙ୍କୁ ଉକ୍ତ ଜେମାଙ୍କ ଆଗରେ ନେଇ ପହଞ୍ଚାଇ ଦିଆଯାଇଥିଲା । ରାଜଜେମା କାଳିଦାସଙ୍କୁ ଗୋଟିଏ ଆଙ୍ଗୁଠି ଦେଖାଇଲେ । କାଳିଦାସ ତ ସହଜେ ମୂର୍ଖ; ସେ ଦୁଇଟି ଦେଖାଇଲେ । ଏଥିରେ ରାଜଜେମାଙ୍କର ମନ ମାନିଗଲା । କାରଣ ସେ ଏକ ଆଙ୍ଗୁଠି ଦେଖାଇ କହିବାକୁ ଚାହିଁଥିଲେ ଯେ ଈଶ୍ୱର ଏକ । ରାଜଜେମା ମନରେ ପାଞ୍ଚିଲେ କାଳିଦାସ ଦୁଇଟି ଆଙ୍ଗୁଠି ଦେଖାଇ କହିବାକୁ ଚାହାନ୍ତି ଯେ ଦ୍ୱିତୀୟ ନାସ୍ତି । ଅର୍ଥାତ୍ ଈଶ୍ୱର ଅଦ୍ୱିତୀୟ ।

ଏଭଳି କାହାଣୀ କେବଳ ଭାରତରେ ପ୍ରଚଳିତ ନାହିଁ । ସ୍କାଣ୍ଡିନେଭିଆ ପୁରାଣଗାଥାରେ ସ୍କାଲ୍ଡ୍ ବା ଚାରଣମାନେ ବି ଏଭଳି ଏକ କାହାଣୀ ଗାନ କରିଛନ୍ତି । ଏଥିରୁ ଜଣାପଡୁଛି ଯେ, ଠାରର ଭାଷା କଥୋପକଥନ ପାଇଁ ଖୁବ୍ ସୁବିଧା ନୁହେଁ । କାରଣ ପ୍ରଥମ ଲୋକ କ'ଣ ଠାରିଲା ଓ ଦ୍ୱିତୀୟ ଲୋକ ସେଥିରୁ କ'ଣ ବୁଝି ପ୍ରତି-ଠାର ଦେଲା ତାହା ଜାଣିବା ସବୁବେଳେ ସହଜ ନୁହେଁ । ତେଣୁ ରାଜଜେମାଙ୍କର ଯେଉଁ ଭୁଲ କାଳିଦାସଙ୍କର ପାଣ୍ଡିତ୍ୟ ବିଷୟରେ ଘଟିଲା ସେ ଭୁଲ ଠାର ଭାଷାରେ ଘଟିବା ସମ୍ଭବ ।

ଠାର ଭାଷାରେ ମୁଣ୍ଡ ହଲାଇବା ଗୋଟିଏ ଲୋକ ପାଇଁ ହୁଏତ 'ହଁ' ଅନ୍ୟ ଲୋକ ପାଇଁ ହୁଏତ ହୋଇପାରେ 'ନାହିଁ' । ତେଣୁ ପ୍ରଧାନ କଥା ଠାର ନୁହେଁ, ପ୍ରଧାନ କଥା ହେଲା ଠାରର ଶୃଙ୍ଖଳାବିଧି ।

କେତେକ ଭଙ୍ଗୀରେ ମୁଣ୍ଡକୁ ଆଗକୁ ଲାଡ଼ିଲେ ତାହାର ଅର୍ଥ ହେଲା 'ରାଜି' । ମୁଣ୍ଡକୁ ହଲାଇଲେ ତାର ଅର୍ଥ ହେଲା 'ନାହିଁ' । ଆମେରିକାର 'ଭାରତୀୟ' ମାନଙ୍କର ଆହୁରି ସରଳ ଠାର ଶବ୍ଦ ଅଛି । ସେମାନେ ଗଛ ଓ ପତ୍ରକୁ ଠାରରେ ପ୍ରକାଶ କରନ୍ତି । ପ୍ରଥମେ ସେମାନେ ଗଛର ଭାବକୁ ଠାରରେ ଜଣାନ୍ତି ଓ ତା ପରେ ଗଛରୁ ପତ୍ର ଝଡ଼ିବାକୁ ଠାରରେ ଜଣାନ୍ତି । ଗଛରୁ ପତ୍ରଝଡ଼ାକୁ ବାରମ୍ବାର ଦେଖାଇ ସେମାନେ ଶରତ ଋତୁର

Digitized by srujanika@gmail.com

ଭାବ ପ୍ରକାଶ କରନ୍ତି । ଠାର ବଳରେ ଆମେରିକା 'ଭାରତୀୟ'ମାନେ ଅନେକ କଥା ପ୍ରକାଶ କରନ୍ତି, ଯଥା-ଯୁଦ୍ଧର ଆରମ୍ଭ, ସନ୍ଧିର ଶେଷ । ଏପରିକି ଠାରର ଭାଷାରେ ସେମାନେ ଜଟିଳ ପୁରା-କାହାଣୀ ଓ କିମ୍ବଦନ୍ତୀକୁ ପ୍ରକାଶ କରିପାରନ୍ତି ।

ଆମରି ଭାରତୀୟ ନୃତ୍ୟକଳାରେ ବିଶେଷତଃ ଓଡ଼ିଶୀ ଓ ଭାରତ ନୃତ୍ୟରେ ମୁଦ୍ରାର ପ୍ରୟୋଗ ଦେଖାଯାଏ । ଏହା ସବୁ ଭଙ୍ଗୀ ଓ ଠାର । ଭାରତର ପୁରୋହିତ ଓ ବ୍ରାହ୍ମଣମାନେ ପୂଜା ଓ ଅର୍ଚ୍ଚନାରେ ବି ଆବାହନ, ସଂସ୍ଥାପନ, ଧେନୁମୁଦ୍ରା, ଧ୍ୟାନମୁଦ୍ରା ଇତ୍ୟାଦି ନାନା ପ୍ରକାର ଭଙ୍ଗୀ ବ୍ୟବହାର କରନ୍ତି । ଅଷ୍ଟ୍ରେଲିଆର ଆଦିବାସୀଙ୍କ ଭିତରେ ବେଶ ଉନ୍ନତ ଧରଣର ଠାର ଭାଷା ରହିଛି । ଏହା ନାନାବିଧ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଯଥା, ଯେଉଁଠି ବହୁଦୂରରୁ ସୂଚନା ପଠାଇବାକୁ ପଡ଼େ ତେଣୁ ତୁଣ୍ଡରେ ଆବାଜ ଶୁଭେ ନାହିଁ, ଯେଉଁଠି ଭିନ୍ନ ଭିନ୍ନ ଭାଷାଭାଷୀ ଉପଜାତିମାନଙ୍କର ମେଳା ବସେ, ଅଥବା ଯେଉଁଠି କଥା କହିବା ହେଉଛି ଗର୍ହିତ କାର୍ଯ୍ୟ । ଅଷ୍ଟ୍ରେଲିଆରେ ସଦ୍ୟମୃତ ବ୍ୟକ୍ତିର ବିଧବା ପକ୍ଷରେ କଥା କହିବା ମନା ଅଥବା ସାବାଳକ ହେବାକୁ ଯାଉଥିବା କିଶୋର ପାଇଁ କଥାଭାଷା ମନା ଇତ୍ୟାଦି । ଭାରତର ଅନ୍ୟ ଅଞ୍ଚଳରେ ଅଛି କି ନାହିଁ କହିହେବ ନାହିଁ କିନ୍ତୁ ଓଡ଼ିଶାରେ ବିଶେଷତଃ ଉଚ୍ଚବର୍ଣ୍ଣର ବ୍ରାହ୍ମଣଙ୍କ କୁଳରେ ପୂର୍ବେ ଚଳଣି ଥିଲା ନବପରିଣିତା ବୋହୂ ଶ୍ୱଶୁର ଘରେ ଗୁରୁଜନମାନଙ୍କୁ କଥା କହେ ନାହିଁ । ଏକ ପ୍ରକାର ଚୁଟୁକାର କରି ହାତ ଭଙ୍ଗୀରେ ଭାବ ପ୍ରକାଶ କରେ । ଖ୍ରୀଷ୍ଟିଆନମାନଙ୍କର ମୌନି ବାବାମାନେ ବର୍ଷ ବର୍ଷ କାଳ ମୁହଁ ଖୋଲି କଥା କୁହନ୍ତି ନାହିଁ । କାରଣ କଥା କହିବା ସେମାନଙ୍କ ମତରେ ପାପ କାର୍ଯ୍ୟ ।

ଅଷ୍ଟ୍ରେଲିଆର ଆରାଣ୍ଡା ଗୋଷ୍ଠୀ ହାତର ଭଙ୍ଗୀରେ ପ୍ରାୟ ୫୦୦ ଗୋଟି ବିଭିନ୍ନ ରକମର ଠାର ଶିଖି ଥାଆନ୍ତି । ଏହି ଠାରରେ ପଦାର୍ଥ, କାର୍ଯ୍ୟ, ପଦାର୍ଥମାନଙ୍କର ଗୁଣ, ସାମାଜିକ ରୀତି ନୀତି ଏପରି କି ଗୋଟା ଗୋଟା ପ୍ରଶ୍ନ ଓ ଗୋଟା ଗୋଟା ବାକ୍ୟାଂଶ ବି କୁହାଯାଇଥାଏ ।

ଅଧିକାଂଶ ସ୍ଥଳରେ ଅବଶ୍ୟ, ଯଥା ଆମେରିକା 'ଭାରତୀୟ'ମାନଙ୍କ କ୍ଷେତ୍ରରେ ଗୋଟା ଗୋଟା ସଂପୂର୍ଣ୍ଣ ବାକ୍ୟର ଭାବକୁ ତିନୋଟି ବା ଚାରୋଟି ବା ଅଧିକ ଠାରରେ ବ୍ୟକ୍ତ କରାଯାଏ । ଉଦାହରଣ ସ୍ୱରୂପ 'ଭାଇ ମରିଗଲେ' ବୋଲି କହିବା ବେଳେ 'ଭାଇ' 'ମରିଯିବା' ଓ 'ଅତୀତ କାଳ' ଏହି ତିନୋଟି ଭାବକୁ ତିନୋଟି ଠାରରେ ବ୍ୟକ୍ତ କରାଯାଏ । କେତେକ ଶବ୍ଦ ଚିହ୍ନ ପାଇଁ ଅଷ୍ଟ୍ରେଲିଆ ଆଦିମ ଲୋକେ କେବଳ

Digitized by srujanika@gmail.com

ଆଙ୍ଗୁଠି ବ୍ୟବହାର କରନ୍ତି । କିନ୍ତୁ ଆଙ୍ଗୁଠି ତ ବେଶିଦୂର ଯାଏ ଦେଖାଯାଏ ନାହିଁ । ତେଣୁ ବେଶି ଦୂର କଥୋପକଥନ ପାଇଁ ସାରା ବାହୁ, ମୁଣ୍ଡ ଓ ଏପରିକି ଦେହର ଉପରିଭାଗ ମଧ୍ୟ କାର୍ଯ୍ୟରେ ଲଗାଯାଇଥାଏ ।

ଇଂରାଜ, ରୁଷ ଫରାସୀ ଓ ଜର୍ମାନ୍‌ମାନେ 'ମୁଁ ଜାଣେ ନାହିଁ', କହିବାକୁ ଠାରିଲେ କାନ୍ଧକୁ ଲୋଚା କରି ଝାଡ଼ି ଦିଅନ୍ତି । (ଏବେ ଭାରତରେ ବି କେତେକ ନବ୍ୟସଭ୍ୟ ତାଙ୍କର ଦେଖାଶିଖା ଏଭଳି କାନ୍ଧ ଝାଡ଼ିବା କରୁଛନ୍ତି । କିନ୍ତୁ ଏପରି ଭାରତୀୟ ଚଳଣି ଥିବାର ପ୍ରମାଣ ନାହିଁ ।) କେତେକ ଦେଶରେ ଯଥା – ରୁଷରେ ଆଙ୍ଗୁଠିଗୁଡ଼ିକ ଏକାଠି କରି ହଲାଇବା ହେଉଛି ବିଦାୟର ସମ୍ଭାଷଣ, କିନ୍ତୁ ବ୍ରାଜିଲ ଦେଶରେ ଏହାର ଅର୍ଥ ହେଲା 'ଏଠାକୁ ଆସ' । ଆମ ଦେଶରେ ଓଡ଼ିଶାରେ ଓଳଗି ହେବା, ସାଷ୍ଟାଙ୍ଗ ଦଣ୍ଡବତ, ପ୍ରଣାମ, ନମସ୍କାର ଓ ନୃତ୍ୟର ନମସ୍କାର ମୁଦ୍ରା ଏକ ଏକ କସରତ । ରୁଷ ଦେଶରେ କାହାକୁ ଡ଼ାକିବାକୁ ଥିଲେ ପାପୁଲିକୁ ଉପରକୁ ବୁଲାଇ ଏପଟ ସେପଟ ହଲାଇବାକୁ କହନ୍ତି 'ଏଠାକୁ ଆସ' । ଭାରତରେ ପାପୁଲିକୁ ଉପରକୁ ଉଠାଇ ଆଙ୍ଗୁଠିକୁ ନିକଟକୁ ସଙ୍କୋଚନ ଓ ପ୍ରସାରଣ କରିବା ଠାର ହେଉଛି 'ଏଠାକୁ ଆସ' । ୟୁରୋପର ବହୁ ଦେଶରେ ଓ ଭାରତରେ ପାପୁଲିକୁ ଦୂରରେ ରଖି ହାତ ହଲାଇବା ହେଉଛି ବିଦାୟ ସମ୍ଭାଷଣ ।

ରୁଷ ଦେଶରେ ବୁଢ଼ା ଆଙ୍ଗୁଠିକୁ ଟେକି ରଖି ବାକୀ ସମସ୍ତ ହାତ ମୁଠା ରଖିବାର ଅର୍ଥ ହେଲା – ବଢ଼ିଆ । ଫରାସୀ ଦେଶରେ ଏହି 'ବଢ଼ିଆ'ର ଠାର ହେଲା ବୁଢ଼ା ଆଙ୍ଗୁଠି ଓ ବିଶି ଆଙ୍ଗୁଠିରେ ଗୋଟାଏ ମୁଣ୍ଡୁଳା କରି ସେଇ ଆଙ୍ଗୁଠି ଦୁଇଟିକୁ ଓଠ ପାଖକୁ ନେଇ ଚୁମା ଦେବାର ଶବ୍ଦ କରିବା । ବ୍ରାଜିଲରେ ଆଙ୍ଗୁଠିରେ କାନର ତଳ ପାଖ ଧରିଲେ ତାହା ହେଲା 'ବଢ଼ିଆ' ।

ୟୁରୋପରେ ଏବକାଳର ଲୋକେ କଥା କହିଲାବେଳେ କଥା ଉପରେ ଗୁରୁତ୍ୱ ଦେବାପାଇଁ ହାତରେ ଠାରନ୍ତି ଓ ମୁହଁର ଭଙ୍ଗୀ ବି କରନ୍ତି । ଭଙ୍ଗୀରୁ ଲୋକର ଉଲ୍ଲାସ ଧରିହୁଏ, ଭଙ୍ଗୀରେ କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଉପରେ ବେଶି ଜୋର ଦିଆଯାଏ, ଅର୍ଥାତ୍ ନୂତନ ବ୍ୟଞ୍ଜନା ବି ଦିଆଯାଏ । ବେଳେ ବେଳେ ଏଭଳି ଭଙ୍ଗୀ ଯୋଗୁଁ ବ୍ୟଙ୍ଗ ବା ବିଦ୍ରୂପରେ ଓଲଟା ଅର୍ଥର ସୂଚନା ବି ଦିଆଯାଏ । ବେଳେ ବେଳେ ଶ୍ଳେଷଭରା କଣ୍ଠରେ ଅନ୍ୟର ଗଳା ଅନୁକରଣ କରିବାରେ ବା ଆଖି ମିଟିକା ମାରିବାରେ କହୁଥିବା କଥାର ପ୍ରକୃତ ଅର୍ଥ ବଦଳରେ ଅନ୍ୟ ଅର୍ଥ ପ୍ରକାଶ କରାଯାଏ । ବେଳେ ବେଳେ ବକ୍ତା ଆପଣାର ବାଚନଭଙ୍ଗୀ ଓ ମୁଖାକୃତି ବିଷୟରେ ଶବ୍ଦ ଅପେକ୍ଷା ବେଶି ତତ୍ପର ହେବାର ଦେଖାଯାଏ ।

Digitized by srujanika@gmail.com

ଜଣେ ପ୍ରଧାନ ଫରାସୀ ଭାଷାବିଦ୍ ଜେ. ମୋରୋଜେ ମୁଖଭଙ୍ଗୀ ଓ ଚାତୁରି ବିଷୟରେ କହିଛନ୍ତି, "ଆଖିମିଟିକା ମାରିବା ଅର୍ଥ ଷଡ଼ଯନ୍ତ୍ର କରିବା, ସନ୍ଦେହ, ଚତୁରତା, ଧୂର୍ତ୍ତତା ଇତ୍ୟାଦି ଜଣାପଡ଼େ । ଏହା ଓଠର ବିସ୍ତୃତି ଓ ବିକୃତି ଅନୁସାରେ ଜଣାଯାଏ । ଆଖିକୁ ଏକାବେଳକେ ସାହାଣ ମେଲା କରିଦେଲେ ଜଣାଯାଏ କୌତୂହଳ ବା ବିସ୍ମୟ । ମୁହଁକୁ କୁଞ୍ଚିତ କଲେ ଅସନ୍ତୁଷ୍ଟ ପ୍ରକାଶ ପାଏ । ମୃଦୁ ହସରେ କୋମଳତା, ସନ୍ଦେହ ବା ବିଦ୍ରୂପ ମିଶିପାରେ । କପାଳରେ କୁଞ୍ଚିତ ରେଖା ଯଦି ଉପରୁ ତଳକୁ ଲମ୍ବିଥାଏ ତେବେ ତାହା ଗଭୀର ଚିନ୍ତା ବା ବିସ୍ମୟ ପ୍ରକାଶ କରେ; ଆଉ ଯେଉଁ କପାଳରେ ପାର୍ଶ୍ୱରୁ ପାର୍ଶ୍ୱ ଯାଏ କୁଞ୍ଚିତ ରେଖା ଦେଖାଯାଏ ତାହା କ୍ରୋଧ ବା ଧମକ ପ୍ରକାଶ କରେ ।"

ହାତର ଭଙ୍ଗୀର ସେ ଗୁଡ଼ିଏ ଅର୍ଥ ଦେଇଛନ୍ତି, ଯଥା-ଗୋଟିଏ ଖୋଲା ସମତଳ କାଚଟି ପାପୁଲିଗୁଡ଼ିକ ଊର୍ଦ୍ଧ୍ୱମୁଖ ହୋଇଥିଲେ ତାହାର ଅର୍ଥ ସଙ୍କୋଚ ଭାବର ରାଜି । ଯଦି ପାପୁଲିଗୁଡ଼ିକ ଓଲଟା ଦିଗରେ ଅର୍ଥାତ୍ ନିମ୍ନମୁଖ ତେବେ ତାହା ହେଲା ଅସ୍ୱୀକାର । ଦୁଇ ପାପୁଲି ଏକାଠି ହେଲେ ତାହା ହେଲା ଅନୁରୋଧ । ବିଶି ଆଙ୍ଗୁଠିକୁ ଟେକି ରଖିଲେ ତାହା ହେଲା ସାବଧାନ ବାଣୀ । ସେହି ବିଶି ଆଙ୍ଗୁଠିକୁ କପାଳରେ ଲଗାଇଲେ ତାହା ହେଲା ଗଭୀର ଚିନ୍ତାର ଚିହ୍ନ । ସେହିତ ବିଶି ଆଙ୍ଗୁଠିକୁ ଓଠରେ ଲଗାଇଲେ ତାହାର ଅର୍ଥ ହେଲା 'ତୁନି ହୁଅ' । ଜଙ୍ଘରେ ହାତ ମାରିବା ହେଲା ଏକ ରଣଡ଼ାକରା । ଛାତିରେ ହାତ ମାରିବା ହେଲା ସାହସ-ଗର୍ବ ।

ଏହି ଫରାସୀ ଲେଖକଙ୍କର ଲେଖାରେ ବିସ୍ତାରିତ ଭଙ୍ଗୀଗୁଡ଼ିକ ଏବେ ରୁଷ, ବିଲାତ, ଯୁକ୍ତରାଷ୍ଟ୍ର ଓ ଅନ୍ୟାନ ଦେଶର ଭଙ୍ଗୀ ଭଳି ପ୍ରାୟ ଏକା । ଅବଶ୍ୟ କେଉଁଠି କିପରି ପ୍ରଭେଦ ଥାଇପାରେ । ବେଳେ ବେଳେ ଭଙ୍ଗୀର ବର୍ଣ୍ଣନାକୁ ଶବ୍ଦରେ କହିଲେ ବା ଲେଖିଲେ ତାହା ଅତ୍ୟନ୍ତ ସ୍ଥୂଳ ଅଭିନୟ-ପଟୁତା ଭଳି ମନେ ହେବ । କାରଣ ଭଙ୍ଗୀ ବା ଠାରକୁ କଥାରେ ବର୍ଣ୍ଣନା କରିବା ସହଜ ନୁହେଁ ।

ମନୁଷ୍ୟର ଭଙ୍ଗୀ ଓ ଠାରର ଭାବକୁ ବୈଜ୍ଞାନିକ ଭାଷାରେ କହନ୍ତି ମେଟାଲାଙ୍ଗୁଏଜ ବା ଅଧି-ଭାଷା । ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଓ ନନ୍ଦିକେଶ୍ୱରଙ୍କ ଅଭିନୟ ଦର୍ପଣରେ ଶିର-ଗ୍ରୀବା ଭଙ୍ଗୀ ଓ ହସ୍ତ-ମୁଦ୍ରା ବୋଲି ନାମକରଣ ଯାହା କରାଯାଇଛି ସେଗୁଡ଼ିକ ଭଙ୍ଗୀ ବା ଠାର ଛଡ଼ା ଆଉ କିଛି ନୁହେଁ । ଏଗୁଡ଼ିକ ସାମାଜିକ ଜୀବନ ଭିତରୁ ସବୁ ଆସି ନଥିଲେ । ଏଗୁଡ଼ିକ ପରବର୍ତ୍ତୀ କାଳରେ ଶିଖିବାକୁ ପଡ଼ିଛି । ତେବେ ତନ୍ତ୍ରର ବା ପୂଜାଆରାଧନାର ମୁଦ୍ରାଗୁଡ଼ିକ ବୋଧହୁଏ ସାମାଜିକ ବା ଅର୍ଦ୍ଧ-ସାମାଜିକ । ଆଙ୍ଗିକ ଅଭିନୟର ଏହି ମୁଦ୍ରାଗୁଡ଼ିକ ଯାହା ଭାରତ ନାଟ୍ୟମ୍, ଓଡ଼ିଶୀ ଓ କିଛି କିଛି କଥକ ନୃତ୍ୟରେ ଦେଖିବାକୁ ମିଳେ ସେଗୁଡ଼ିକ ପୂରାପୂରି ନିର୍ଦ୍ଦିଷ୍ଟ

Digitized by srujanika@gmail.com

କୃତ୍ରିମ ଶୈଳୀ ନୁହନ୍ତି । କାରଣ ସେଗୁଡ଼ିକ ମଧ୍ୟରୁ କେତେକ ଜୀବନ କ୍ଷେତ୍ରରେ ବ୍ୟବହାରରେ ଲାଗନ୍ତି ।

ଭାରତୀୟ ନୃତ୍ୟରେ ଶିର, ଗ୍ରୀବା ଭଙ୍ଗୀ ଓ ହସ୍ତମୁଦ୍ରା, କାରୀ ଓ ମଣ୍ଡଳ ପ୍ରଭୃତିର ବ୍ୟବହାର ଗୋଟିଏ ବିଷୟରେ ଗୋଟିଏ ଅର୍ଥ ଘେନି ହୁଏ ନାହିଁ । ଯଥା-ପତାକା ହସ୍ତମୁଦ୍ରା ସାରା ଜୀବନର ବହୁ ଘଟଣା, ଭାବ, ପରିବେଶ ସଙ୍ଗେ ଜଡ଼ିତ ରହିଛି । ଏହି ସବୁ ଭଙ୍ଗୀ ଭାଷାରେ ପୃଥିବୀର ବିଭିନ୍ନ ଜାତିର ଜୀବନ ଖୁବ୍ ସମୃଦ୍ଧ । ଦୁଇ ହଜାର ବର୍ଷ ତଳେ ସିସେରୋ ବାଗ୍ମୀମାନଙ୍କୁ ଶିକ୍ଷାଛଳରେ କହିଥିଲେ, "ଆମ୍ଭର ସକଳ ଗତି ଯଥାଯୋଗ୍ୟ ଭଙ୍ଗୀ ଦ୍ୱାରା ପରିସ୍ଫୁଟ ହେବା ଉଚିତ, ଯେପରିକି କାର୍ଯ୍ୟ ଓ ଚିନ୍ତାର ସମସ୍ତ କଥା ବୁଝାଯାଇ ପାରିବ । କଚଟି, ଅଙ୍ଗୁଳି, ସାରା ହାତର ପ୍ରସାରଣ, ମାଟି ଉପରେ ପଦାଘାତ, ଆଖିର ବିଭିନ୍ନ ଭଙ୍ଗୀ, ଏସବୁ ହେଲା ଠାର ଯାହା ଅଙ୍ଗର ଭାଷା ବା ଆଙ୍ଗିକ, ଯାହାକୁ ଅସଭ୍ୟ ବର୍ବର ଲୋକ ବି ବୁଝିବାକୁ ସମର୍ଥ ହୁଅନ୍ତି ।" ସେତେବେଳେ ଜଣେ ରୋମାନ୍ ବାଗ୍ମୀ କୁଇନ୍‌ଟିଲିଆନ ଭଙ୍ଗୀମାନଙ୍କର ଗୋଟିଏ ଅଭିଧାନ ବି ପ୍ରଣୟନ କରିଥିଲେ । କିନ୍ତୁ ଏହାପରେ ଦୁଇ ହଜାର ବର୍ଷ ଗତ ହୋଇଯାଇଛି । କିନ୍ତୁ ଭଙ୍ଗୀର ଭାଷା ବିଷୟରେ ମନୁଷ୍ୟର ଜ୍ଞାନ ରୋମାନ୍‌ମାନଙ୍କର ଜ୍ଞାନଠାରୁ ବିଶେଷ କିଛି ଉନ୍ନତ ହୋଇ ନାହିଁ । କାରଣ ଭଙ୍ଗୀଗୁଡ଼ିକ ଲିପିବଦ୍ଧ କରିବାର ଭଙ୍ଗୀଲିପି ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ଏହି ଭଙ୍ଗୀଲିପି ବା ଅଧି-ଭାଷା ଠିକ୍ ରସାୟନ ସୂତ୍ର ବା ଚେସ୍ ଖେଳର ଲିପି ଭାବରେ ହୋଇଗଲେ ପୃଥିବୀର ପ୍ରତ୍ୟେକ ଜାତିର ଲୋକେ ଓ ପ୍ରତ୍ୟେକ ଭାଷାଭାଷୀ ଏହି ଭଙ୍ଗୀଲିପିକୁ ବୁଝିପାରନ୍ତେ । ତାହା ନ ହେଲେ ଭରତ ମୁନି ବା ନନ୍ଦିକେଶ୍ୱରଙ୍କ ଭଳି କେହି ଯଦି ସଂସ୍କୃତ ଅଥବା ସିସେରୋ ବା କୁଇନ୍‌ଟିଲିଆନଙ୍କ ଭଳି କେହି ଯଦି ଲାଟିନ୍ ଭାଷାରେ ଏହି ଭଙ୍ଗୀଗୁଡ଼ିକର ବର୍ଣ୍ଣନା ଲିପିବଦ୍ଧ କରନ୍ତି ତାହା ସାରା ସଂସାରର ସବୁ ଭାଷାଭାଷୀଙ୍କର ବୋଧଗମ୍ୟ ହେବ ନାହିଁ ।

ସଙ୍କେତରେ ଭାଷା-ସୁରସୁରି ଓ ଫିସ୍‌ଫିସ୍ ଶବ୍ଦ

କଥିତ ଭାଷା ସାଙ୍ଗରେ ଭଙ୍ଗୀ ଓ ଅନୁକରଣର ବେଶ୍ ରାଜଯୋଟକ ହୁଏ; କିନ୍ତୁ କଥିତ ଭାଷାକୁ ଅଲଗା କରି ଭଙ୍ଗୀ ଓ ଅନୁକରଣ ଘେନି ମଣିଷ ଚଳିପାରିବ ନାହିଁ ।

ମୁହଁର କଥାଭାଷା ମଣିଷର ପ୍ରଧାନ ଭାବ-ଆଦାନ ପ୍ରଦାନର ବାହନ । କିନ୍ତୁ କଥା ତ ବହୁ ଦୂରକୁ ଶୁଭେ ନାହିଁ । ରେଡ଼ିଓ ଓ ଟେଲିଭିଜନ ଆଜିତ ଏବର ସୃଷ୍ଟି । ତେଣୁ ଏହି ସୃଷ୍ଟି ପୂର୍ବରୁ ମଣିଷ ଦୂରକୁ ସମ୍ବାଦ ପଠାଇବାକୁ ହୁଏତ ଦୂତ ହାତରେ ବାର୍ତ୍ତା ପଠାଉଥିଲା ଅଥବା ଅନ୍ୟ କୌଣସି ସଙ୍କେତର ଆଶ୍ରା ନେଉଥିଲା ।

Digitized by srujanika@gmail.com

ଆମେରିକାର 'ଲୋହିତ ଭାରତୀୟମାନେ' ଏ ଦିଗରେ ଖୁବ୍ ଧୂରନ୍ଧର ଥିଲେ । ସେମାନେ ଗୋଟାଏ ପୂରା ସଙ୍କେତମାଳା ତିଆରି କରିଥିଲେ । ବିନା ଦୂତରେ ସେମାନେ ଦୂରଦୂରାନ୍ତକୁ ନିମିଷକେ ଖବର ପଠାଉଥିଲେ । ସବୁଠୁ ସାଧାରଣ ହେଲା ନିଆଁ ଓ ଧୂଆଁ । ନିଆଁର ସଙ୍କେତ ରାତିରେ କାମ ଦେଉଥିଲା । ଉଞ୍ଚା ଜାଗା ଦେଖି ନିଆଁ ଜାଳିଲେ ତାହା ବହୁଦୂରକୁ ସମୁଦ୍ର କୂଳେ କୂଳେ ଦିଶୁଥିଲା । ଏହି ନିଆଁର ସଙ୍କେତରେ ଶତ୍ରୁର ପ୍ରବେଶ ବା ସମୁଦ୍ରବେଳାରେ ତିମି ମାଛର ସଞ୍ଚାର ଇତ୍ୟାଦିର ସନ୍ଦେଶ ଦିଆଯାଉଥିଲା ।

ଧୂଆଁ ଦିନବେଳିଆ କାମରେ ଲାଗୁଥିଲା । କଞ୍ଚା ଓଦା ଘାସ ଓ ତାଜା ଶାଗୁଆ ଗଛ ଡ଼ାଳ ନିଆଁରେ ପକାଇଦେଲେ ତାହା ଜଳିବାରେ ବିଳମ୍ବ ହୁଏ, ଖୁବ୍ ମୋଟା ଧୂଆଁ ହୁଏ ଓ ବହୁ ଦୂରକୁ ଦେଖାପଡ଼େ । ଖବରଟାର ଆଦି ସ୍ଥାନ ଜଣାଇବାକୁ ନିଆଁ ବା ଧୂଆଁର ସଂଖ୍ୟା ଆଗରୁ ଠିକ୍ ହୋଇଥାଏ । ମନେକର ଗୋଟିଏ ଜାଗା ଏକ, ଦ୍ୱିତୀୟ ଜାଗାଟି ଦୁଇ ଏଇଭଳି । ଦୁଇଟି ଜାଗାରେ ଧୂଆଁ ବା ନିଆଁ (ଦିନ ଓ ରାତି ଭେଦରେ) ଦେଖାଗଲେ ଜଣାଯାଏ ଦ୍ୱିତୀୟ ଜାଗାରୁ ଖବର ଆସୁଛି । ନିଆଁ ଉପରେ ଗୋଟାଏ ଚମଡ଼ା କମ୍ବଳ ଫୋପାଡ଼ି ଦେଲେ ଯେତେଥର ଧୂଆଁର ପଟଳ ଦେଖାଇବା ଦରକାର ସେତେଥର କମ୍ବଳ ଫୋପଡ଼ା କଢ଼ା କଲେ ବି ଧୂଆଁର ସଂଖ୍ୟା ଜଣାପଡ଼େ । ଏଭଳି ଧୂଆଁର ବା ନିଆଁର ଥର, ପୁନଃ ପୁନଃତା, କାଳବ୍ୟାପ୍ତି ଅନୁସାରେ ଅନ୍ୟାନ୍ୟ ଉପଜାତିମାନେ ବା ପଡ଼ୋଶୀ ଉପଜାତି ବିଭିନ୍ନ ବିଷୟ ବୁଝନ୍ତି ।

ସଙ୍କେତ ଭାଷା ପାଇଁ ନିଆଁ, ଧୂଆଁ ଛଡ଼ା କମ୍ବଳ ବି ବ୍ୟବହାର ହୁଏ । ପାଦରେ ତାଳି ବା ଘୋଡ଼ାରେ ଚକ୍ରର ମାରି ବି ସଙ୍କେତ ଦେବାର ପ୍ରଣାଳୀ ସେହି ଆମେରିକାର 'ଭାରତୀୟ'ମାନଙ୍କ ଭିତରେ ଥିଲା । ଆମେରିକାର ବଂଶତତ୍ତ୍ୱ ଗବେଷକ ରିଗେନ୍ ବର୍ଣ୍ଣନା କରିଛନ୍ତି କିପରି କେତେଜଣ 'ସେବିକ୍ ଭାରତୀୟ'ଙ୍କ ସଙ୍ଗେ ସାଥୀ ହୋଇ ଏକ ପାହାଡ଼ ରାସ୍ତାରେ ତଳକୁ ଓହ୍ଲାଉଥିଲାବେଳେ ଉକ୍ତ ସେବିକ୍ ଭାରତୀୟମାନେ ତାଙ୍କର ଉପଜାତି ଲୋକଙ୍କୁ ଦର୍ପଣରେ ସୂର୍ଯ୍ୟ କିରଣର ପ୍ରତିବିମ୍ବର ଆଲୁଅ ସାହାଯ୍ୟରେ ସଙ୍କେତ ଦେଉଥିଲେ । ଦର୍ପଣରେ ତଳୁ ଯେଉଁ ସଙ୍କେତ ମିଳିଲା ତାହାର ଅର୍ଥ ଥିଲା 'ଆମର ସମସ୍ତ କୁଶଳ । ଆମର ଏଠାରେ ଖାଇବା ଦରବ ବି ପ୍ରଚୁର ଅଛି ।' ପାହାଡ଼ ଛାଡ଼ି ସେମାନେ ସମଭୂମିରେ ଯାଇ ଯେତେବେଳେ ଉପତ୍ୟକାରେ ପହଞ୍ଚିଲେ ସେତେବେଳେ ଦେଖନ୍ତି ତ ସାରା ଉପଜାତି ଲୋକେ ରୁଣ୍ଡ ହୋଇ ଯାଇଛନ୍ତି, କାରଣ ଦର୍ପଣର ସଙ୍କେତ ସେମାନଙ୍କୁ ଏମାନଙ୍କର ଆସି ପହଞ୍ଚିବାର ସନ୍ଦେଶ ଜଣାଇ ଦେଇଛି ।

Digitized by srujanika@gmail.com

ବିଶେଷତଃ ଯେଉଁଠି ଖୋଲା ଟାଙ୍ଗୀ ବା ପଡ଼ିଆ ସେଠାରେ ଏଭଳି ନିଆଁ, ଧୂଆଁ, ଦର୍ପଣ, ଚଲାବୁଲା, ଘୋଡ଼ାଚଢ଼ା ଇତ୍ୟାଦି ଦୃଶ୍ୟମାନ ସଙ୍କେତ ଚଳିବ । କିନ୍ତୁ ସାନ୍ଦ୍ର ଜଙ୍ଗଲ ଅଞ୍ଚଳରେ ଦୃଶ୍ୟମାନ ସଙ୍କେତ କାମ ଦିଏ ନାହିଁ । ସେଠାରେ ନାଗରା ବାଜା, ଘଣ୍ଟା ଇତ୍ୟାଦି ସଙ୍କେତ କାମ କରେ । ପେରୁ ଓ ଇକ୍ୱେଡ଼ର ଆଦିବାସୀ 'ଭାରତୀୟ'ମାନେ ମନେ କରନ୍ତି ଯେ ବଡ଼ ପାଟିରେ ବା ବଡ଼ ଜୋର ଶବ୍ଦରେ ସେମାନଙ୍କର ପରଲୋକଗତ ପୂର୍ବପୁରୁଷଙ୍କର ଆତ୍ମା ସେମାନଙ୍କୁ ଶୁଣି ପାରିବ । କିନ୍ତୁ ଏହା ଛଡ଼ା ନାନା ଇହଲୌକିକ କାର୍ଯ୍ୟ ପାଇଁ ନାଗରାର ପ୍ରଚଳନ ଏସିଆର ନିଉଗିନି ଓ ଭାରତର ଆଦିବାସୀମାନଙ୍କ ଭିତରେ ରହିଛି । ବିଶେଷତଃ କୌଣସି 'ଶେଷ ଖବର' ବା 'ବିଶେଷ ଘୋଷଣା' ଏବେବି ଭାରତରେ ନାଗରା ଦ୍ୱାରା ଘୋଷିତ ହୁଏ । ଓଡ଼ିଆରେ ଏହି ବାଜା ବଜାଇବା ଏକ ଗୂଢ଼ ପ୍ରୟୋଗରେ ପରିଣତ ହୋଇଛି । ଯଥା "ତୋ ନାଁରେ ବ୍ରଜ୍ ବଜାରେ ବାଜା ବାଜୁଛି ।" ଏସିଆ ଛଡ଼ା ଦକ୍ଷିଣ ଆମେରିକା ଓ ଆଫ୍ରିକାର ବହୁ ଉପଜାତି ବିଭିନ୍ନ ଧରଣର ନାଗରା ବାଦନରେ ବିଭିନ୍ନ ଧରଣର ସୂଚନାର ସଙ୍କେତ ଦିଅନ୍ତି । ଯଥା ବିଦେଶୀ ଯାହାଜର ଆଗମନ, ବାର୍‌ହା ଶିକାର । ନିଉଗିନିର ପପୁଆବାସୀମାନେ ଏଭଳି ସୂକ୍ଷ୍ମ ଭାବରେ ଏହି ସଙ୍କେତ ତିଆରି କରିଛନ୍ତି ଯେ ଜଣେ ମରଦ ତାର ସ୍ତ୍ରୀକୁ ଖାଇବା ବାଢ଼ିବା ପାଇଁ ବାଢ଼ିବାକୁ ଡ଼ାକିବାକୁ ବି ବାଜାରେ ସଙ୍କେତ ଦେଇପାରେ । ତେଣୁ ସେଠାରେ ବାଜା କେବଳ ସାଧାରଣ ଘୋଷଣା ପାଇଁ ବ୍ୟବହାରରେ ନ ଲାଗି ଘରୋଇ କଥୋପକଥନରେ ବି ବ୍ୟବହାରରେ ଲାଗେ ।

କ୍ୟାନାରୀ ଦ୍ୱୀପପୁଞ୍ଜର ବାସିନ୍ଦାମାନେ ମନୁଷ୍ୟର ଭାଷାକୁ ଦୂରକୁ ପଠାଇବା ପାଇଁ ତ ସେତେବେଳେ ଟେଲିଫୋନ୍ ବା ରେଡ଼ିଓ ପ୍ରେରଣର ବ୍ୟବହାର ଜାଣି ନଥିଲେ । କିନ୍ତୁ ସେମାନେ ସେଥିପାଇଁ ସଙ୍କେତ ବ୍ୟବହାର କରୁ ନଥିଲେ । ସେମାନେ ମଣିଷର କଥାକୁ ପିଲାମାନେ ସୁରସୁରି ଫୁଙ୍କିଲା ପରି ମୁହଁରେ ସୁରସୁରି କରି ପ୍ରେରଣ କରୁଥିଲେ ।

ଏବେ ଟେଲିଗ୍ରାଫ୍ ହୋଇ ଯିବାରୁ ଏହି ସୁରସୁରିରେ ଭାଷା ପଠାଇବା ସେଭଳି ଅଦ୍ଭୁତ ଜଣା ପଡୁନାହିଁ । କିନ୍ତୁ ସେକାଳେ ଏହା ନିଶ୍ଚିତ ଭାବରେ ଅଦ୍ଭୁତ ଥିଲା । ଭାଷାର ପ୍ରତ୍ୟେକ ଶବ୍ଦର ଧ୍ୱନିକୁ କୋଡ୍ କରି ଦିଆଯାଇଥିଲା । ଅର୍ଥାତ୍ 'ଗୋରୁ ଗୋଠରେ ବାଘ ପଶିଛି', ଏତକ କହିବା ପାଇଁ ଗୋରୁ ପାଇଁ ସୁରସୁରିର ଗୋଟାଏ ପ୍ରକାର ଧ୍ୱନି, ତାପରେ ବିରାମ ପାଇଁ ଆଉ ଏକ ଧ୍ୱନି, ଗୋଠ ପାଇଁ ଆଉ ଏକ ଧ୍ୱନି ଓ ତା'ପରେ ବିରାମ ଇତ୍ୟାଦି । ଏହି ଧରଣର ସୁରସୁରି ପ୍ରେରଣରୁ ହିଁ ଟେଲିଗ୍ରାଫର

Digitized by srujanika@gmail.com

ମୋର୍ସ କୋଡ୍ ପରେ ବାହାରିଥିଲା ଯାହା ରୋମାନ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷରକୁ ବିନ୍ଦୁ ଓ ଗାରର ସଙ୍କେତରେ ପରିଣତ କରିଛି ।

କ୍ୟାନାରୀ ଦ୍ୱୀପପୁଞ୍ଜକୁ ପ୍ରଥମେ ଇଟାଲୀୟମାନେ ଆବିଷ୍କାର କରିଥିଲେ । ସେତେବେଳେ ପୋପ ଥିଲେ ଇଟାଲୀୟମାନଙ୍କର ହର୍ତ୍ତାକର୍ତ୍ତା ଓ ଦୈବବିଧାତାଙ୍କର ଡେପୁଟି । ସେ ଥିଲେ ପୃଥିବୀରେ ଭଗବାନଙ୍କର ପ୍ରତିନିଧି । ପୋପ ଏହି ଅଧିକାର ବଳରେ ଏହି କ୍ୟାନାରୀ ଦ୍ୱୀପପୁଞ୍ଜକୁ ସ୍ପେନର ରାଜାଙ୍କୁ ଉପହାର ଦେଲେ । ଏହାର ନାମ ହୋଇଥିଲା 'ଭାଗ୍ୟଶାଳୀ ରାଜ୍ୟ' । ସେଇଠୁ ଏହି ଦ୍ୱୀପରେ ସ୍ପେନୀୟମାନେ ବସତି ଆରମ୍ଭ କଲେ ଓ ଫଳରେ ସେଠାରେ ଥିବା ଆଦିବାସୀ 'ଗାରଖେ'ମାନଙ୍କୁ ମୂଳପୋଛ କରିଦେଲେ । ଏବେ ସେଠାରେ ଆଉ ସେମାନଙ୍କର ଚିହ୍ନବର୍ଣ୍ଣ ନାହିଁ । କେବଳ ଏହି ଦ୍ୱୀପପୁଞ୍ଜର ଗୋଟିଏ ଦ୍ୱୀପ ଲଗୋମେରା ରେ 'ସୁରସୁରି ଭାଷା' ବଞ୍ଚି ଯାଇଛି । କ୍ୟାନାରୀ ଦ୍ୱୀପପୁଞ୍ଜ ଅତ୍ୟନ୍ତ ପାହାଡ଼ିଆ, ଅତଟ ପର୍ବତ ଢ଼ାଲୁ ଓ ଗଭୀର ଗିରିନଦୀ ଦ୍ୱାରା ପାହାଡ଼ରେ ଗଭୀର ଖାଡ଼ି ହୋଇଯାଇଛି; ତେଣୁ ଗମନାଗମନର ସୁବିଧା ନାହିଁ । ସୁରସୁରିରେ ପ୍ରାୟ ପାଞ୍ଚ କିଲୋମିଟର ଆକ୍ରାନ୍ତ ଅଞ୍ଚଳରେ ସେମାନେ ପୂର୍ବେ ବାର୍ତ୍ତା ଆଦାନପ୍ରଦାନ କରୁଥିଲେ । ଏବେ ସେ ଆଦିବାସୀ ନାହାନ୍ତି କିନ୍ତୁ ଲଗୋମେରାରେ ଅଧୁନା ବାସ କରୁଥିବା ସ୍ପେନୀୟମାନେ ଏହି ହୁଇସିଲ ବା ସୁରସୁରି କଥାଭାଷା ବ୍ୟବହାର କରୁଛନ୍ତି ।

ସୁରସୁରି କଥାଭାଷା ସାରା ପୃଥିବୀରେ ଏହି ଗୋଟିଏ ସ୍ଥାନରେ ମିଳୁଛି କିନ୍ତୁ ଫିସ୍‌ଫିସ୍ କଥା ସିଂହଳ ଜଙ୍ଗଲର ଭେଡା ଓ କେନ୍ଦ୍ର ଆଫ୍ରିକାର ମାଳରେ ବାସ କରୁଥିବା ବାମନ ଆକୃତି ମନୁଷ୍ୟଙ୍କ ଭିତରେ ମିଳୁଛି । ଏଭଳି ଫିସ୍‌ଫିସ୍ କଥା ମାମୁଲି ଫିସ୍‌ଫିସ୍ ନୁହେଁ; ଏହା ଏକ ବିଶେଷ ଧରଣର ଏକସୁରିଆ କଥା । ଏହାକୁ ଧ୍ୱନିରେ 'ଏକ ଅଦ୍ଭୁତ ଲଗାତାର ଭାବରେ ଜମିଉଠୁଥିବା ଶବ୍ଦ' ବୋଲି କୁହାଯାଇଛି । ଯେଭଳି ଶବ୍ଦ 'ଦଳେ ଧକଉଥିବା କୁକୁରଙ୍କର, ମୁହଁରୁ ଶୁଣାଯାଏ ।

ଏଭଳି ଧ୍ୱନିର କାରଣ ବେଶ୍ ପରିଷ୍କାର ରାତିରେ ଶିକାର ବେଳେ ହାତୀ ବା ହରିଣମାନଙ୍କର ପତଳା କାନକୁ ଏଡ଼ାଇ ସନ୍ଦେଶ ପଠାଇବା ହେଲା ଏଭଳି ଧ୍ୱନିର ଉଦ୍ଦେଶ୍ୟ । ବାର୍ତ୍ତା ପ୍ରେରଣର ମାଧମ ହେଲା ଫିସ୍‌ଫିସ୍‌ର ଭାଷା ।

ସାମାଜିକ ବ୍ୟବହାର ଓ ମାନ୍ୟ ଆଦିର ଅର୍ଥାତ୍ ଭଦ୍ରାମି, ଲୋକେତ୍ର ପୂଜ୍ୟପୂଜା ଇତ୍ୟାଦି ବି ଏକ ପ୍ରକାର ପ୍ରତଳିତ ମନୁଷ୍ୟ ପଦ୍ଧତି । ଏହାର ଉଦ୍ଦେଶ୍ୟ ହେଲା ଆଦରଣୀୟ ଓ ଅଦରକାରୀ ଭିତରେ ବାର୍ତ୍ତା ବିନିମୟ । ଜଣେ ଲୋକତ୍ର ଓ ଆଦବଗୁଡ଼ିକ ମାନେ ଅନ୍ୟ ଜଣେ ତାର ଯଥାବିଧି ପରିବର୍ତ୍ତନ କରେ । ଏଗୁଡ଼ିକ

Digitized by srujanika@gmail.com

ପୃଥିବୀର ବିଭିନ୍ନ ଦେଶରେ ବିଭିନ୍ନ ରୂପରେ ଦେଖାଦିଏ । ସାମାଜିକ ରୀତିନୀତି, ସାମାଜିକ ବିବର୍ତ୍ତନ, ପରିବର୍ତ୍ତନରେ ଏହାର ତାରତମ୍ୟ ଘଟେ କିନ୍ତୁ କେତେଗୁଡ଼ିଏ ମୌଳିକ ପୂଜ୍ୟପୂଜା, ଅତିଥି ସତ୍କାର, ଅଭ୍ୟାଗତ ଅଭ୍ୟର୍ଥନା ନିଶ୍ଚୟ ସଭ୍ୟତାର ଅଙ୍ଗ ହୋଇ ରହିବ । ଅବଶ୍ୟ କେହି ଜଣେ ପ୍ରଚଳିତ ବିଧାନରେ ଯଥାବିଧି କଲେ ତାହାର କୌଣସି ମୂଲ୍ୟ ନାହିଁ । କାରଣ ତାହା ହେବାର ଥିଲା । ଯଦି ସେ ଓଲଟା କଲା ତେବେ ତାହାର ନାସ୍ତିମୂଳକ ବାଚାଶାମୂକ ମୂଲ୍ୟ ହୁଏ । ଯଦି କାଏଦାରୁ ଟିକିଏ ବଢ଼ିଲା ତେବେ ତାହା ମୂଲ୍ୟବାନ ହୁଏ । ଯଦି ବେଶି ବଢ଼ିଗଲା ତେବେ "ଅତିଭକ୍ତି ଚୋରର ଲକ୍ଷଣ ।"

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଙ୍କେତ

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଠାର ହେଲା ଭାଷା ସଙ୍କେତତତ୍ତ୍ୱ ଅନୁସାରେ ଭାଷା ହେଉଛି ଠାରର ଶୃଙ୍ଖଳିତ ସମାହାର । ଏହା ସମାଜ ପାଇଁ ସମାଜରେ ତିଷ୍ଠିଛି । ଏହାର ଉଦ୍ଦେଶ୍ୟ ଉପରଲିଖିତ ସଙ୍କେତ ଓ ବିଶେଷ ସଙ୍କେତ ବା ଠାର ଠାରୁ ଭିନ୍ନ ନୁହେଁ । କେବଳ ଏହାର କେତେଗୁଡ଼ିଏ ବିଶେଷତ୍ୱ ଅଛି ଯାହା ଅନ୍ୟ କୌଣସି ସଙ୍କେତ ବା ଠାରରେ ଦେଖାଯାଏ ନାହିଁ ।

ଆମର ମାତୃଭାଷା ଆମପାଇଁ – ଆମର ଯେ କୌଣସି ଲୋକ ପାଇଁ ଜଳବତ୍ ତରଳ । ତେବେ ପ୍ରକୃତରେ ଏହା ଏତେ ସରଳ ତରଳ ନୁହେଁ । ଅତି ଶୈଶବରୁ ଆମେ ଏଥିରେ ମଜ୍ଜି କରି ଅଛୁ । ଆମର ଅଜ୍ଞାତରେ ଆମେ ଏହାର ବିଧିବିଧାନ ହାସଲ କରିଛୁଁ । ଯେଉଁ ଧାରାରେ ବି କରିଛି ତାହା ବି ଆମର ଗୋଚରରେ ନାହିଁ । ପରେ ଯେତେବେଳେ ସ୍କୁଲରେ ପାଠପଢ଼ିଛୁଁ ସେତେବେଳେ ଜାଣିପାରିଛୁଁ ଯେ ଏହି ମାତୃଭାଷାର ବିଧିବିଧାନ, ରୀତିପଦ୍ଧତି କ'ଣ ।

ଆମେ ବିମୁକ୍ତ ଓ ସହଜ ଭାବରେ କଥା କହୁଛୁଁ ସତ, କିନ୍ତୁ କହିବା କଥା ହେଉଛି ଏକ ଅତ୍ୟନ୍ତ ଜଟିଳ ଠାର । ଶୃଙ୍ଖଳାର ସମାହାର ଯାହା ସବୁ କଳ୍ପନାଯୋଗ୍ୟ ଧାରଣା, ଚିନ୍ତା ଓ ଭାବର ପ୍ରକାଶ ପାଇଁ ସାମର୍ଥ୍ୟ ଅର୍ଜନ କରିଛି । ଏକଥା ଆମେ ପ୍ରାୟ ଭୁଲି ଯାଇଥାଉଁ ।

ମନେକରନ୍ତୁ ଆମର ଭାଷା ନାହିଁ । ଅଥବା ଦିନେ ଆମେ ସବୁ ଓଡ଼ିଆଭାଷୀ ସ୍ଥିର କଲୁ ଯେ ଓଡ଼ିଆ ଭାଷାରେ କଥା ନ କହି ଆଉ ଏକ ଠାରର ଶୃଙ୍ଖଳା ବ୍ୟବହାର କରିବା । ତେବେ କ'ଣ ହେବ ?

ଇଂରାଜି ବ୍ୟଙ୍ଗରସିକ ଲେଖକ ସୁଇଫ୍ଟ୍ ତାଙ୍କର 'ଗଲିଭର ଭ୍ରମଣକାହାଣୀ'ରେ ଏଭଳି ଏକ ଅସମ୍ଭବ ଉଦ୍ଭଟ ପରିସ୍ଥିତି କଥା ଲେଖିଛନ୍ତି ।

Digitized by srujanika@gmail.com

ଗଲିଭର ବୁଲୁ ବୁଲୁ ଯାଇଁ ଲାପୁଟା ଦେଶରେ ପହଞ୍ଚିଲେ । ସେ ଏକ ଉଦ୍ଭଟ ସଭ୍ୟତା । ସେଠାରେ କିଛି ଉଦ୍ଭଟ ପଣ୍ଡିତ ଥିଲେ ଯେଉଁମାନେ ନିଷ୍ପତ୍ତି କଲେ ଯେ ସେମାନେ ଭାଷାରେ କଥାବାର୍ତ୍ତା ନହୋଇ ବସ୍ତୁ ଜରିଆରେ କଥାବାର୍ତ୍ତା ହେବେ । ଯଦି ଆପଣଙ୍କର ରୋଟି ଦରକାର ତେବେ ଆପଣ ରୋଟିଟିଏ ଦେଖାଇବେ । ଯଦି ଆପଣଙ୍କୁ ଶୋଷ କରୁଛି ତେବେ ପାଣି ବୋତଲଟାଏ ଦେଖାଇବେ । ପ୍ରତ୍ୟେକ ପଣ୍ଡିତଙ୍କ ସାଙ୍ଗରେ ଜଣେ ଜଣେ ଚାକର ଥିବେ ଯିଏ ଦରକାର ଥିବା ଜିନିଷଗୁଡ଼ିକ ଗୋଟିଏ ମୁଣିରେ ପୂରାଇ ପଣ୍ଡିତଙ୍କ ସଙ୍ଗେ ସଙ୍ଗେ ଚାଲିଥିବ । ତେବେ ଯଦି ପଣ୍ଡିତ ଜଣକ କହିବେ 'ମୁଁ ପୋଲ ଉପରେ ଯିବି' ତେବେ ସେ କଣ ମୁଣି ଭିତରେ ଗୋଟିଏ ପୋଲ ରଖିପାରିବେ ? ତା'ଛଡ଼ା ସେ ଯଦି କହିବେ 'ଏକଥା ମୋର ବିବେକ କହୁନାହିଁ' ତେବେ ମୁଣି ଭିତରୁ 'ବିବେକ' ନାମକ କେଉଁ ପଦାର୍ଥ କାଢ଼ିବେ ?

ଯଦି ପ୍ରକୃତ ସାକ୍ଷାତ ବସ୍ତୁ ବଦଳରେ ତା'ର ଚିତ୍ର ବି ବ୍ୟାଗରେ ଭରି କରି ନିଅନ୍ତା ତେବେ ବି ଲାପୁଟା ପଣ୍ଡିତ କାହିଁତକ ଚିତ୍ରକୁ ଦରାଣ୍ଡୁ ଥିବେ ? ତେବେ ବି 'ବିବେକ'ର କିଭଳି ଚିତ୍ର ହେବ ? ତାକୁ କିଏ ବୁଝିବ ? ତେଣୁ ଏହି ଉଦ୍ଭଟ ପଣ୍ଡିତମାନଙ୍କର ପ୍ରସ୍ତାବ ଶେଷରେ ଅସମ୍ଭବ ହିଁ ହୋଇଗଲା । ସୁଇଫ୍‌ଟ ଏଥିରୁ ଏକଥା ଛଳୋକ୍ତିରେ ପ୍ରମାଣ କଲେ ଯେ ଆମରି କଥିତ ଭାଷା ଠାରୁ ଭାବ ଆଦାନ ପ୍ରଦାନ କ୍ଷେତ୍ରରେ ଆଉ କୌଣସି ଠାର ବା ସଙ୍କେତ ଅଧିକ ସମୃଦ୍ଧ ନୁହେଁ ।

ଏହାର କାରଣ ? ସଙ୍କେତତତ୍ତ୍ୱ ଅନୁସାରେ ଏହାର କାରଣ ହେଉଛି ଭାଷା "ମୂଳରୁ ପାହାଚ ପାହାଚ ।" ଅନ୍ୟାନ୍ୟ ଠାର ସମାହାରରେ ଆମର ଚିହ୍ନାଳି ଓ ଚିହ୍ନ ଏ ହଳକ ଥାଆନ୍ତି, ଯାହା ହେଉଛି ପ୍ରକାଶ ଓ ଯାହା ହେଉଛି ପ୍ରକାଶର ଆଧାର । ଭାଷା ଆହୁରି ବହୁ ଜଟିଳତା ଭିତରେ ତିଆରି ହୁଏ । ଆମର ପୁରୁଣା ଚିହ୍ନ '!' ଚିହ୍ନକୁ ଧରାଯାଉ । ଟ୍ରାଫିକ୍ ଚାଳନାରେ ଏହା ବିପଦ ସଙ୍କେତ; ଲିଖିତ ଭାଷାରେ ଏହା ବିସ୍ମୟ ସୂଚକ ଚିହ୍ନ । ଲିଖିତ ଭାଷାରେ ଏହା କ'ଣ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ, ଗୁଣ ବା ବସ୍ତୁକୁ ବୁଝାଏ ? ସେପରି 'ହାତୀ' ଶବ୍ଦ ଗୋଟିଏ ଜନ୍ତୁକୁ ବୁଝାଏ । ଏକ ନିର୍ଦ୍ଦିଷ୍ଟ ଜନ୍ତୁ । କିନ୍ତୁ 'ହ ଆ ତ ଈ' ଏଇ ଚାରୋଟି ଅକ୍ଷରରେ ଗୋଟିଏ ଗୋଟିଏ ଚିହ୍ନ । ଏମାନେ ପ୍ରତ୍ୟେକ କି କିଛି ବୁଝନ୍ତି ? ନାହିଁ । ତେବେ ଏମାନେ ଠାର କିପରି ହେଲେ ?

ଆଧୁନିକ ଭାଷାବିଦ୍‌ଙ୍କ ମତରେ ଏହି ଗୋଟିଏ ଗୋଟିଏ ଠାରର କିଛି ଅର୍ଥ ନାହିଁ । ସବୁତକ ଠାର ଯୋଡ଼ା ହେଲେ ଯାଇ ଅର୍ଥ ବାହାରିବ । 'ଅ' ଅକ୍ଷରର ଅର୍ଥ ହେଉଛି ଏହା 'ଅ' ଏହା 'କ' ନୁହେଁ ବା 'ବ୍' ନୁହେଁ ବା ଏହା ଗୁଡ଼ିଏ ରେଖାର ସମଷ୍ଟି

Digitized by srujanika@gmail.com

ନୁହେଁ । ଏହା ଗୋଟିଏ ଅକ୍ଷର ଗୋଟିଏ ଶୃଙ୍ଖଳା ବା ସଂସ୍କାର ଏକ କଣିକା ବା ପରମାଣୁ । ଏହି ପରମାଣୁ ଯୋଡ଼ି ଆମେ ଅଣୁ ତିଆରି କରୁ ଯାହା ହେଲା ଭାଷାର ଶବ୍ଦ । ଯେଉଁଥିରୁ ଆମେ ପଦବିନ୍ୟାସ କରି ବାକ୍ୟ ଗଠନ କରୁ ଓ ଲେଖା ଲେଖୁଁ ବା କଥା କହୁଁ ।

କଡ଼ା ହୋଇ ଧଇଲେ, ମନୁଷ୍ୟ ଭାଷାରେ ଶବ୍ଦ ହିଁ ଠାର ଅକ୍ଷର ବା କଥାରେ ହେଉଥିବା ଧ୍ୱନି ବା ଫୋନିମ୍ (ଧ୍ୱନିଅଣୁ) ଠାର ନୁହେଁ କାରଣ ଅର୍ଥ ଅଛି ଶବ୍ଦରେ, ଅକ୍ଷରରେ ନାହିଁ କି ଧ୍ୱନି-ଅଣୁରେ ନାହିଁ । ଅକ୍ଷରଗୁଡ଼ିକ ସହିତ ଏ ବାସ୍ତବ ସଂସାରର କୌଣସି ବସ୍ତୁକୁ ମେଳକ ନାହିଁ । ସେମାନେ ଠାର ନୁହନ୍ତି ସେମାନେ ଏକାଠି ମିଶି ଠାର ତିଆରି କରନ୍ତି । ଯଥା ହାତୀ, ଯାହାର ଚାରିଗୋଟି ଅକ୍ଷର ହେଉଛନ୍ତି ପ୍ରତ୍ୟେକ ଅର୍ଥହୀନ । ତେଣୁ ବିଜ୍ଞାନ ପରିଭାଷାରେ ଅକ୍ଷରଗୁଡ଼ିକୁ କୁହାଯାଏ 'କାରି' ବା 'ଫିଗାର' ବା ବର୍ଣ୍ଣ, ତେବେ ଏଗୁଡ଼ିକ ମଣିଷ ସମ୍ପାଦିଲା କାହିଁକି ? ଖାଲି ଶବ୍ଦରେ ତ ମଣିଷ କଥା କହୁଛି ? ତେଣୁ ଶବ୍ଦଗୁଡ଼ିକୁ ତ ଗୋଟିଏ ଗୋଟିଏ ଚିହ୍ନ କରିଦେଲେ କାମ ତୁଟି ଯାଆନ୍ତା । କାହିଁକି ଭାଷାଟାରେ ଟ୍ରାଫିକ୍ ସଙ୍କେତ ଭଳି କେତେଗୁଡ଼ିଏ ଶବ୍ଦର ପ୍ରତି - ଠାର କରି ଦିଆ ନଗଲା ? ଏହି ପ୍ରଶ୍ନର ଉତ୍ତର ମିଳିଛି ଭାଷାତତ୍ତ୍ୱବିତ୍‌ଙ୍କଠାରୁ ନୁହଁ କଂପ୍ୟୁଟରତନ୍ତ୍ରବିତ୍‌ଙ୍କଠାରୁ । ସେମାନେ କହୁଛନ୍ତି ମନୁଷ୍ୟର ସ୍ମୃତିଶକ୍ତିର ଦୌଡ଼ ବା ମଣିଷ ସ୍ମୃତିଭଣ୍ଡାର ଆୟତନ ତ ଅସୀମ ନୁହେଁ । ମଣିଷ ତା'ର ମସ୍ତିଷ୍କରେ ସବୁ ଠାର ଶବ୍ଦକୁ ମହଜୁଦ ରଖି ପାରିବ ନାହିଁ । ଟ୍ରାଫିକ୍ ସଙ୍କେତରେ ଚାଳିଶ ପଚାଶ ଯୋଡ଼ା ଯାଏ ଠାର ଥିବ କିନ୍ତୁ ଭାଷାରେ ତ ଏଭଳି ଅଯୁତ ଅଯୁତ । ଇଂରାଜି ଜ୍ୟୋତିପଦାର୍ଥବିଦ୍ ଓ ବିଜ୍ଞାନ-ଉପନ୍ୟାସର ଲେଖକ ହୟଲ ଗୋଟିଏ ଅଦ୍ଭୁତ ଶୂନ୍ୟବାସୀ ଜୀବର ବର୍ଣ୍ଣନା ଦେଇଛନ୍ତି । ତାର ସ୍ମୃତିଶକ୍ତି କଳ୍ପନାତୀତ । ଏଭଳି ଜୀବ ପାଇଁ ଟ୍ରାଫିକ୍ ସଙ୍କେତ ରୂପରେ ଗୋଟିଏ ଭାଷା ଚଳିଯିବ, ଏଭଳି ଭାଷାରେ ଗୋଟିଏ ଠାରରେ ଗୋଟିଏ ଶବ୍ଦ । ଏଭଳି ଲକ୍ଷ ଲକ୍ଷ ଶବ୍ଦ ପାଇଁ ଲକ୍ଷ ଲକ୍ଷ ଠାର । ଏସବୁ ସେଭଳି ଜୀବ ସ୍ମୃତିରେ ସାଇତି ରଖି ପାରିବ । କିନ୍ତୁ ସାଧାରଣ ମନୁଷ୍ୟ ପାଇଁ ଏଭଳି ଭାଷା ଗଢ଼ଣ ଚଳିବ ନାହିଁ ।

ଏହାର ଉଦାହରଣ ପାଇଁ ଗୋଟିଏ ସ୍କୁଲରେ ପ୍ରାଥମିକ ଭାଷା କ୍ଲାସରେ ପ୍ରୟୋଗ ପରୀକ୍ଷା ହୋଇଥିଲା । ଗୋଟିଏ ଫଣ୍ଡା ପିଲାଙ୍କୁ ଗୋଟି ଗୋଟି ଅକ୍ଷର ('m', 'a') ଓ ତା'ପରେ (ma, ma) ଏଭଳି ଶିଖାଗଲା । ଆଉ ଗୋଟିଏ ଫଣ୍ଡା ପିଲାଙ୍କୁ ଏକାବେଳକେ 'ମାମା', 'କ୍ୟାଟ', 'ର୍‌ୟାଟ' ଇତ୍ୟାଦି ଗୋଟା ଗୋଟା ଶବ୍ଦ ଶିଖାଗଲା । (ଏହା ଇଂରାଜି ଭାଷା ସ୍କୁଲରେ ହୋଇଥିଲା । ତେଣୁ ଅକ୍ଷର ଓ ଶବ୍ଦ ଥିଲା ଇଂରାଜି) ।

Digitized by srujanika@gmail.com

ପ୍ରଥମେ ପ୍ରଥମେ ସବୁ ଠିକ୍ ଚାଲିଥିଲା । କିନ୍ତୁ ପଛକୁ ପିଲାମାନେ ଆଗେଇ ପାରିଲେ ନାହିଁ । ସେମାନେ ପ୍ରାୟ ଚାଳିଶଟା ଶବ୍ଦରୁ ଆଉ ବେଶି ମନେ ରଖିପାରିଲେ ନାହିଁ । ବହୁ ଚେଷ୍ଟାରେ ଆଉ ଦଶଟା ଶବ୍ଦ ଶିଖାଇ ଦେଲେ ମୂଳରୁ ଶିଖିଥିବା ଚାଳିଶରୁ ଦଶଟା ମନରୁ ବାହାରି ଗଲା । ପିଲାମାନେ ତ ମନୁଷ୍ୟ ଛୁଆ, ସେମାନେ ତ ହୟଗ୍ରୀବଙ୍କର ଶୂନ୍ୟବାସୀ ଜୀବ ନୁହଁନ୍ତି ଯେ ସେମାନେ ଅସୀମ ବିଷୟବସ୍ତୁକୁ ମନରେ ରଖି ପାରିବେ ।

ମନେକରାଯାଉ ଯେ, ମନୁଷ୍ୟର କାନକୁ ଯେଉଁ ଧ୍ୱନି ଅନ୍ୟ ଧ୍ୱନି ଠାରୁ ଅଲଗା ଶୁଭିଲା ତାହାକୁ ଗୋଟିଏ ଶବ୍ଦ ବୋଲି ଧରାଗଲା । ଏଥିରେ ନାନା ଗଣ୍ଡଗୋଳ, ଭୁଲ ବୁଝମଣା ହେବ ଯଦି କଣ୍ଠରେ, ଗଳାର ତାର ସ୍ୱର ବା ନିମ୍ନ ସ୍ୱରର ତାରତମ୍ୟ ବା ତୀକ୍ଷ୍ଣତା ବା କର୍କଶତାରେ ଟିକିଏ ଓଲଟ ବିଲଟ ହୁଏ ଓ ତାହା ଫଳରେ ନୂଆ ଶବ୍ଦ ସୃଷ୍ଟି ହୁଏ । ବେଶି ବେଶି ସଂଖ୍ୟାର ଧ୍ୱନି-ଶବ୍ଦ ହେଲେ ବାଚନ-ନଳୀ ପାଇଁ ବି ନାନା ଝଞ୍ଜଟ ଉପୁଜିବ । ଶେଷରେ, ସବୁ ଶବ୍ଦ ପାଇଁ ଯଥେଷ୍ଟ ଧ୍ୱନି ତରଙ୍ଗ ବି ମିଳିବ ନାହିଁ । ପ୍ରତ୍ୟେକ ଭାଷାର ହଜାର ହଜାର, ଲକ୍ଷ ଲକ୍ଷ ଶବ୍ଦ ରହିଛି । କାନ ଏତେ ପ୍ରକାର ଧ୍ୱନିରୁ ଠିକ୍ ଭୁଲ ବାରି ପାରିବ ନାହିଁ ।

ତେଣୁ ଆମର ଧ୍ୱନିଗତ ଭାଷା ହେଉଛି ବହୁସ୍ତରିକ ଗଢ଼ଣ । ଏହାର ପ୍ରଥମ ସ୍ତର ହେଲା ଧ୍ୱନି-ଅଣୁ, ତା'ପରେ ଶବ୍ଦ ଓ ଶେଷରେ ବାକ୍ୟାଂଶ ଓ ବାକ୍ୟ । ବିଭିନ୍ନ କଥିତ ଭାଷାରେ ଏହି ଧ୍ୱନ-ଅଣୁ ସଂଖ୍ୟା କେଉଁଠି ୧୦-୧୨ ଯାଏ ତ କେଉଁଠି ୭୦-୮୦ । ପୃଥିବୀରେ ସବୁଠାରୁ ଅଳ୍ପ ବିକଶିତ ଭାଷାରେ ବି ହଜାର ହଜାର ଶବ୍ଦ ରହିଛି । ତେଣୁ ଏହି ଶବ୍ଦମାନଙ୍କ ଦ୍ୱାରା କେତେ ଯେ ବାକ୍ୟ ତିଆରି ହୋଇ ପାରିବ ତାହା ହିସାବ କରି ହେବ ନାହିଁ ।

ଡେନମାର୍କର ବୈଜ୍ଞାନିକ ଲୁଇସ୍ ଓହେଲ୍‌ମସ୍ଲେଭଙ୍କ ଭାଷାରେ "ତେଣୁ, ଭାଷା ଏଭଳି ତିଆରି ହୋଇଛି ଯେ ମୁଷ୍ଟିମେୟ ବର୍ଣ୍ଣ ବା କାରୀ ସାହାଯ୍ୟରେ ଜଣେ ଅସଂଖ୍ୟ ଠାର ବା ଶବ୍ଦ ତିଆରି କରିପାରିବ ।" ସେ ଆହୁରି ମଧ୍ୟ କହିଛନ୍ତି "ଉଦ୍ଦେଶ୍ୟ ଦୃଷ୍ଟିରୁ ଭାଷାଗୁଡ଼ିକ ହେଲେ ମୂଳରୁ ଠାର ସମଷ୍ଟିର ଶୃଙ୍ଖଳା, କିନ୍ତୁ ଆଭ୍ୟନ୍ତରୀଣ ଅବୟବ ଗଠନ ଦୃଷ୍ଟିରୁ ସେମାନେ ଏହାଠାରୁ ଭିନ୍ନ ଆଉ ଏକ ଜିନିଷ । ଅର୍ଥାତ୍ ଅକ୍ଷରର ସମାହାର ଯାହା ନେଇ ଏହି ଠାରଗୁଡ଼ିକ ତିଆରି କରାଯାଇଥାଏ ।" ଏହିଭଳି ଭାବରେ ଉକ୍ତ ବୈଜ୍ଞାନିକ ଭାଷାତତ୍ତ୍ୱ ଓ ସଙ୍କେତତତ୍ତ୍ୱ ଭିତରେ ଥିବା ବ୍ୟବଧାନରେ ସେତୁବନ୍ଧ ରଚନା କରିଛନ୍ତି ।

ଭାଷାର ଏହି ଗୁଣ ଥିବାରୁ ଆମେ ଯେ କୌଣସି ସମୟରେ ଯେ କୌଣସି ଭାବନା ବା ଉଚ୍ଛ୍ୱାସ ପ୍ରକାଶ କରିପାରୁଛୁ । କେତୋଟି ଅକ୍ଷର ସାହାଯ୍ୟରେ ବା

Digitized by srujanika@gmail.com

କେତୋଟି ଧ୍ୱନିଅଣୁ ସାହାଯ୍ୟରେ ଆମେ ଭାଷାର ଅଗାଧ ସାଗର ଓ ସମୃଦ୍ଧି ସୃଷ୍ଟି କରି ପାରିଛୁ ଠିକ ଯେପରି କେତୋଟି ରାସାୟନିକ ମୌଳିକ ବସ୍ତୁରୁ ଆମର ବାସଭୂମି ଏହି ବୈଚିତ୍ର୍ୟମୟ ପୃଥିବୀ ସୃଷ୍ଟି ହୋଇଛି ।

ସଙ୍କେତତତ୍ତ୍ୱ କଣ କହେ ?

ବିଲାତର ବିଖ୍ୟାତ ନାଟ୍ୟକାର ବର୍ନାଡ୍ ଶ ଥରେ କହିଥିଲେ " ଜଣେ ବିଶେଷଜ୍ଞ ହେଉଛି ସେହି ଲୋକ ଯିଏ ଟିକକରୁ ଟିକିଏ ବିଷୟରେ ବେଶିରୁ ବେଶି କଥା ଜାଣିବାକୁ ଚେଷ୍ଟା କରି କରି ଶେଷରେ ଶୂନ୍ୟ ବିଷୟରେ ସବୁ ଜାଣିପାରେ ।"

ଏକଥା ବୋଧହୁଏ ବର୍ନାର୍ଡ଼ଶଙ୍କ କାଳରେ ସତ୍ୟ ଥିଲା କିନ୍ତୁ ବିଂଶ ଶତାବ୍ଦୀର ମଝିଲା କାଳ ବେଳକୁ ବିଭିନ୍ନ ବିଜ୍ଞାନ ଭିତରେ ଏକରକମ ସମନ୍ୱୟ ଓ ସହଯୋଗ ଆରମ୍ଭ ହୋଇଗଲାଣି । ଏହାର ଆରମ୍ଭ ମୂଳ ହେଲା କଂପ୍ୟୁଟର ତତ୍ତ୍ୱ । ହଠାତ୍ ଦେଖାଗଲା ଯେ ଇଲେକ୍‌ଟ୍ରୋନିକ, ବୈଜ୍ଞାନିକ, ମନସ୍ତାତ୍ତ୍ୱିକ, ପ୍ରାଣୀ ବୈଜ୍ଞାନିକ, ଗଣିତଜ୍ଞ, ଇଞ୍ଜିନିୟର, ଓ ଗାଣିତିକ ଯୁକ୍ତିବିଦ୍, ଭାଷାବିଦ୍ ଓ ପଦାର୍ଥବିଦ୍ୟା ବିଶେଷଜ୍ଞଙ୍କ ଭିତରେ ସମଭାବରେ ଚିନ୍ତା କରିବାର ବେଳ ଆସିଯାଇଛି । ହଠାତ୍ ଦେଖାଗଲା ଯେ ମାନବବିଦ୍ୟା ଓ ବିଜ୍ଞାନ ଭିତରେ ଚିନ୍ତା ଓ ଧାରଣାରେ ଯେଉଁ କୁମେରୁ ଓ ସୁମେରୁ ବ୍ୟବଧାନ ଥିଲା ତାହା ଆଉ ନାହିଁ । ପ୍ରାକୃତିକ ବିଜ୍ଞାନ ଓ ଇଞ୍ଜିନିୟରିଂ ମାନବବିଦ୍ୟାର ବହୁ ସମସ୍ୟା ଉପରେ ଆପଣାର ପଦ୍ଧତିରେ ଗବେଷଣା ଆରମ୍ଭ କରିଦେଲେଣି ।

ସଙ୍କେତତତ୍ତ୍ୱ ଏହି ଭଳି ଏକ ଯୌଗିକ ବୈଜ୍ଞାନିକ ତତ୍ତ୍ୱ । ଏହା ଏବେ ନୂତନ କିନ୍ତୁ ଯେଉଁ ବିଷୟରେ ଏହା ଚର୍ଚ୍ଚା ଆରମ୍ଭ କରିଛି ତାହା ମନୁଷ୍ୟ ସୃଷ୍ଟି ଦିନର, ତେଣୁ ସବୁଠାରୁ ପୁରାତନ ।

ପ୍ରଥମେ ଗଣିତ ଏହି ସଙ୍କେତ ତତ୍ତ୍ୱ ବିଷୟରେ ଚର୍ଚ୍ଚା ଆରମ୍ଭ କରିଥିଲା । ଗତ ଶତାବ୍ଦିର ମଝିଲା ବେଳକୁ ଗାଣିତିକ ଯୁକ୍ତି ପ୍ରଥମେ ମନୁଷ୍ୟର ଚିନ୍ତା ଜଗତରେ ଦେଖାଗଲା । ଏହା ପ୍ରଥମେ ସଂସାରକୁ ଦର୍ଶାଇଦେଲା ଯେ ଗଣିତ ଓ ଯୁକ୍ତିଶାସ୍ତ୍ର ହେଉଛି ଗୋଟିଏ ଧରଣର ଠାର, ଯାହା ଏକାବେଳକେ କଡ଼ାକଡ଼ି ବିଧିବିଧାନରେ ବନ୍ଧା । ଏହାର ବହୁ ବର୍ଷ ପରେ ଏହି 'ବିଶୁଦ୍ଧ ତତ୍ତ୍ୱ' କଂପ୍ୟୁଟର ବିଜ୍ଞାନ କ୍ଷେତ୍ରରେ ବ୍ୟବହାରରେ ଲାଗିଲା । ଯନ୍ତ୍ରସବୁ ଯେ ହିସାବ, ଗଣିତ ଇତ୍ୟାଦି କରିପାରିଲେ ତାର କାରଣ ସେମାନେ ନିରାଟ କଡ଼ାକଡ଼ି ଆଇନ ଓ ବିଧିବିଧାନର ଶୃଙ୍ଖଳାରେ ବନ୍ଧା ହୋଇ ରହିଛନ୍ତି ।

Digitized by srujanika@gmail.com

ଗଣିତ ପଛେ ପଛେ ଚାଲିଲା ଭାଷାବିଦ୍ ଦଳ । ସେମାନେ କହିଲେ କୌଣସି ଭାଷା ଠିକ୍ କିଭଳି ଜିନିଷ ତାହା ଜାଣିବାକୁ ହେଲେ ତାହାକୁ ପୃଥିବୀର ଅନ୍ୟ ଭାଷା ସହିତ ତୁଳି ପରଖି ଦେଖିବାକୁ ହେବ । ମନେ କରନ୍ତୁ ଓଡ଼ିଆ ଭାଷା । ଏହାକୁ ଜାଣିବାକୁ ହେଲେ ଏହି ଭାଷାକୁ ଇଂରାଜି, ଜର୍ମାନ, ଚୀନ, ବଙ୍ଗଳା, ଏସ୍କିମୋ ଇତ୍ୟାଦି ଭାଷା ସାଙ୍ଗରେ ତୁଳିବାକୁ ହେବ । ଏହା ସଙ୍ଗେ ସେମାନଙ୍କର କି କି ଜିନିଷରେ ମେଳ ଅଛି ଓ କି କି ପ୍ରଭେଦ ଅଛି ତାହାକୁ ବାହାର କରିବାକୁ ହେବ । ତା'ପରେ ମନୁଷ୍ୟର ଭାଷାଟା କଣ ତାହା ଜାଣିବାକୁ ହେଲେ ଅନ୍ୟାନ୍ୟ ଭାଷା-ଇତର ସଙ୍କେତ ବା ଠାରକୁ ମଧ ବୁଝିବାକୁ ହେବ । ଯଥା ଟ୍ରାଫିକ ଠାର, ଆଦବ କାଏଦା, ଖେଳ କସରତ, ଭଙ୍ଗୀ, ନୃତ୍ୟ ଓ ଅନ୍ୟାନ୍ୟ ।

ଭାଷା ସମାଜ ପାଇଁ ତିଷ୍ଠିଛି, ଏହି ସମାଜରେ ତିଷ୍ଠିଛି । ଏହା ଅନ୍ୟାନ୍ୟ ଭାବରେ ବାହନ ଭଳି ତିଷ୍ଠିଛି । ମନୁଷ୍ୟ ସମାଜ ଭାଷା ବିନା ଚଳି ପାରିବ ନାହିଁ । ସେହି କାରଣରୁ ଏବେ ସଙ୍କେତତତ୍ତ୍ୱ, ସମାଜବିଜ୍ଞାନୀ, ବଂଶାବଳିତତ୍ତ୍ୱଜ୍ଞ ଓ ଅର୍ଥନୀତି ବିଶାରଦମାନଙ୍କର ଧାନ ଆକର୍ଷଣ କରିଛି ।

ଭାଷାର ଶବ୍ଦଭଣ୍ଡାର ମସ୍ତିଷ୍କର ଠିକ୍ କେଉଁ ଜାଗାରେ ରହିଛି ? କେଉଁ ଜୀବକୋଷ ଗୁଡ଼ିକ କଥା କହିବା ପାଇଁ ପୂରା ଦାୟିତ୍ୱ ନେଇଛନ୍ତି ? ବାଚନ କଥା ବୁଝିବା ପାଇଁ କେଉଁ ଜୀବକୋଷ ଗୁଡ଼ିକ ସକ୍ରିୟ ? କେଉଁଠି ମନୁଷ୍ୟର ବାଚନକେନ୍ଦ୍ର ? ସଙ୍କେତତତ୍ତ୍ୱର ଏହି ସମସ୍ୟାଗୁଡ଼ିକ ଶରୀର ବିଜ୍ଞାନ ଓ ମନସ୍ତତ୍ତ୍ୱ ସମାଧାନ କରିଛି । ଏବେ ମନୋବ୍ୟାଧି ବିଶେଷଜ୍ଞ ଓ ଚିକିତ୍ସକମାନେ ବିକଳ ବାଚନଶକ୍ତିକୁ ସଚଳ କରିବାରେ ଲାଗି ପଡ଼ିଛନ୍ତି (ଆହୁରି ବ୍ୟାପକ ଭାବରେ କହିଲେ ଠାର କ୍ରିୟାକୁ ସଜାଡ଼ିବାରେ ଲାଗି ପଡ଼ିଛନ୍ତି) । ସେମାନେ ଏକଥା ପ୍ରମାଣ କରିଛନ୍ତି ଯେ ମନୁଷ୍ୟର ମସ୍ତିଷ୍କର ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରରେ କୌଣସି ଗୋଳମାଳ ହୋଇଗଲେ ବା ତାହା ଅଚଳ ହୋଇ ଗଲେ ବାକ୍ଶକ୍ତି ଲୋପ ପାଇଯାଏ ବା ବିକଳ ହୋଇଯାଏ । ସ୍ମୃତିଭ୍ରଂଶ ହୋଇଯାଏ ଓ ଶବ୍ଦଭଣ୍ଡାର ଉଜୁଡ଼ିଯାଏ । ଆମେ ସାଧାରଣ ମଣିଷ ପ୍ରଥମ ଶୈଶବରୁ ଠାର ଶିଖୁ ଅର୍ଥାତ୍ ଭାଷା ଶିଖୁ । କିନ୍ତୁ ଯେଉଁମାନେ ଦେଖିପାରନ୍ତି ନାହିଁ ଅର୍ଥାତ୍ ଜନ୍ମାନ୍ଧ ବା ଯେଉଁମାନେ ଶୁଣିପାରନ୍ତି ନାହିଁ ଅର୍ଥାତ୍ ଜନ୍ମରୁ କାଲ, ସେମାନେ ତେବେ ଭାଷା ଶିଖନ୍ତି କିପରି ?

ଏକଥା ଏବେ ଜଣାଶୁଣା ଯେ କାଲ ଓ ଜଡ଼ାଙ୍କ ପାଇଁ ଏବେ ଏକ ବିଶେଷ ଠାର ଭାଷା ତିଆରି ହୋଇଛି । ଅନ୍ଧଙ୍କ ପାଇଁ ସ୍ପର୍ଶର ଓ ଘ୍ରାଣର ଶକ୍ତି ପ୍ରବଳ ଥିବା ଦୃଷ୍ଟିରୁ ସେମାନେ ବି ଆଜି ବିଶେଷ କୋଡ୍ ବା ବ୍ରେଲ କୋଡ୍ ଦ୍ୱାରା ସବୁ କଥା ପଢ଼ିପାରୁଛନ୍ତି । ଏବେ ପୃଥିବୀର ବହୁ ଇନ୍ଦ୍ରିୟ ବିକଳ ମଣିଷ ଯେ ଆପଣା ଜୀବନକୁ

Digitized by srujanika@gmail.com

ବ୍ୟର୍ଥ ମଣ୍ଣ ନାହାନ୍ତି ତାହା ଆଜିର ସଙ୍କେତତତ୍ତ୍ୱର ଦାନ । ଅବଶ୍ୟ ସମାଜରେ ଆଜି ଶ୍ରେଣୀ ଭେଦ ଥିବାରୁ କୋଟି କୋଟି ବିକଳ ଇନ୍ଦ୍ରିୟ ଲୋକେ ସାଧାରଣ ମଣିଷ ପରି ଆତଜାତ ହୋଇ ପାରୁ ନାହାନ୍ତି । ତେବେ ସେସବୁ ବିଜ୍ଞାନ, ସଙ୍କେତତତ୍ତ୍ୱ ବା ଚିକିତ୍ସାର ଦୋଷ ନୁହେଁ ଦୋଷ ହେଉଛି ଆଜିର ସାମାଜିକ ବ୍ୟବସ୍ଥାର ।

ସଙ୍କେତତତ୍ତ୍ୱର ଆବିଷ୍କାର ଏ ଯୁଗରେ ପ୍ରଶିକ୍ଷଣ କ୍ଷେତ୍ରରେ ଖୁବ୍ ସାହାଯ୍ୟକାରୀ ହୋଇଛି । କାରଣ ଶିକ୍ଷାଦାନର ପଦ୍ଧତି ବହୁ ପରିମାଣରେ ସଙ୍କେତ ଶିକ୍ଷାଦାନ ବା ପ୍ରଶିକ୍ଷଣ ଉପରେ ନିର୍ଭର କରେ । ବର୍ଣ୍ଣମାଳା, ମାତୃଭାଷାର ହେଉ ବା ବିଦେଶୀ ଲିପିର ହେଉ, ଗଣିତର ସଙ୍କେତ, ପଦାର୍ଥବିଦ୍ୟା, ରସାୟନ ଓ ଅନ୍ୟାନ୍ୟ ବିଜ୍ଞାନର ସଙ୍କେତ ସବୁ ବିଦ୍ୟା ତ ସଙ୍କେତର ବିଦ୍ୟା ହୋଇଗଲାଣି । ଶେଷରେ ସଙ୍କେତତତ୍ତ୍ୱ ଆବିଷ୍କାର ନ ହୋଇଥିଲେ କମ୍ପ୍ୟୁଟର ଯନ୍ତ୍ରର ଚମତ୍କାର ଏ ସଂସାର ଜାଣି ନଥାନ୍ତା । ମନୁଷ୍ୟର ସଙ୍କେତଧାରାକୁ ଯନ୍ତ୍ରର କଡ଼ା ଶୃଙ୍ଖଳା, ଶାସନ ଓ ରୋକଠୋକ ବିଧିବିଧାନ ଭିତରେ ରଖିବା ପାଇଁ ସଙ୍କେତତତ୍ତ୍ୱ ବହୁଭାବରେ ସାହାଯ୍ୟ କରିଛି ।

ହେଲେ, ଏକଥା ଜୋର ଦେଇ କହିଦେବା ଉଚିତ ଯେ ମନୁଷ୍ୟର ସକଳ ପ୍ରକାର ସଙ୍କେତକୁ ଯନ୍ତ୍ର ବା ବିଜ୍ଞାନର ସୂତ୍ର ବା ରେଖା ବା ଠାରରେ ପରିଣତ କରାଯାଇ ପାରିବ ନାହିଁ । ମହାନ ଚିତ୍ରକରମାନଙ୍କର ତୂଳିକାର ଛବି ବା କବିର କବିତା କେତେ ଯନ୍ତ୍ରର ସଙ୍କେତମାଳାର ଚଉହଦି ଭିତରେ ରହି ପାରିବେ ନାହିଁ । ସଙ୍କେତତତ୍ତ୍ୱର କାର୍ଯ୍ୟ ହେଲା କୌଣସି 'ଭାଷା'ର ବିଧିବିଧାନକୁ ଆବିଷ୍କାର କରିବା । ଏହି ବିଧିବିଧାନକୁ ମାନି ଚଳିଲେ ଏକ ଗଦ୍ୟାଦର୍ଶ ବା 'ବିଷୟବସ୍ତୁ' ବାହାରି ପାରିବ । ଏହି 'ବିଷୟବସ୍ତୁ' ଆମରି ମାମୁଲି ଭାଷାର ଓ ଗୋଟିଏ ବାକ୍ୟ ବା ବାକ୍ୟାଂଶ ହୋଇପାରେ ବା ମନୁଷ୍ୟର ବା ଜୀବଜନ୍ତୁର ଚାଲିଚଳଣିର ଗୋଟିଏ ବିଭାଗ 'ବିଷୟବସ୍ତୁ' ହୋଇପାରେ ଅଥବା ଏକ ଶିଳ୍ପକଳାର ନମୁନା ହୋଇପାରେ । କିନ୍ତୁ ଶିଳ୍ପକଳା, କବିତା, ଚିତ୍ର ଇତ୍ୟାଦିର ସଙ୍କେତମାଳା ଆଉ ଆଉ ସଙ୍କେତମାଳା ଠାରୁ ନିଆରା । କାରଣ ଏହାର 'ବିଷୟବସ୍ତୁ' ଭାଷାର ବା ସଙ୍କେତର ବା ଠାରର ଆଇନ କାଇଦାକୁ ଅନୁସରଣରେ ମିଳେ ନାହିଁ । ଠିକ୍ ଯେପରି ଯେକୌଣସି ଲୋକ ଜ୍ୟାମିତି ଜାଣିଥିଲେ ପିଥାଗୋରାସଙ୍କର ଉପପାଦ୍ୟଟିକୁ ସୂତ୍ର ଅନୁସାରେ ଲେଖିଯିବ, ଠିକ୍ ସେପରି କେହି କାଳିଦାସ ଜାଣିଥିବା ସବୁ ସଂସ୍କୃତ ପଦ ଜାଣିଥିଲେ ବି 'ମେଘଦୂତ' ଲେଖିପାରିବ ନାହିଁ । ଠିକ୍ ସେପରି ସପ୍ତବର୍ଣ୍ଣର ସବୁ ରଙ୍ଗ ଓ ବିଜ୍ଞାନର ସବୁ ଆବିଷ୍କାର ରଙ୍ଗକୁ ଓ ତାହାକୁ ମିଶାଇବାର ସବୁ କାଇଦାକୁ ଦୋରସ୍ତ କରିଥିଲେ ବି ଜଣେ କେହି ଲିଓନାର୍ଡ୍ଦା ଭିନ୍‌ଚି ବା ପିକାସୋ ବା ଯାମିନୀ ରାୟଙ୍କର ଚିତ୍ର ଭଳି ଅବିକଳ ଚିତ୍ର

Digitized by srujanika@gmail.com

ଆଙ୍କି ଦେଇ ପାରିବ ନାହିଁ । ବରଂ ଏଭଳି 'ମନ୍ଦ-କବି-ଯଶପ୍ରାର୍ଥୀ' ସେଭଳି ଆଇନ ଦୋରସ୍ତ କବିତା ଲେଖିଲେ ତାହା କେବଳ ଆଇନର ପାଣ୍ଡିତ୍ୟ ପୂର୍ଣ୍ଣ ପ୍ରୟୋଗ ହେବ । ତାହା କେବଳ ଏକ ପାଟର୍ଣ୍ଣ ହେବ, ତାହା ହେବ କେବଳ ଅନୁକରଣ ବା ବିକଳ୍ପ ।

ଅବଶ୍ୟ ଏକଥାର ଏହା ଅର୍ଥ ନୁହେଁ ଯେ ସଙ୍କେତତତ୍ତ୍ୱ କୌଣସି ଶିଳ୍ପକଳା, କବିତା ବା ଚିତ୍ର ବିଷୟରେ ଆପଣାର ବୈଜ୍ଞାନିକ ସଙ୍କେତ ବିଧିବିଧାନ ଅନୁସାରେ ଚର୍ଚ୍ଚା କରିପାରିବ ନାହିଁ । ଏହା ଶିଳ୍ପକଳାର ବିଶେଷତ୍ୱକୁ ଚିହ୍ନାଇ ଦେଇ ପାରିବ କିନ୍ତୁ ତାହାକୁ ବିଜ୍ଞାନର ସଙ୍କେତରେ ବା ସାଙ୍କେତିକ ଭାଷାରେ ପରିଣତ କରିପାରିବ ନାହିଁ ।

ଗଣିତର ସୂତ୍ର ଓ ସଙ୍କେତ 'ଭାଷା' ନଥିଲେ ପଦାର୍ଥବିଦ୍ୟାର ଧାରଣା ମନୁଷ୍ୟ ମନ ଭିତରେ ପ୍ରବେଶ କରିବା ଅସମ୍ଭବ ହୋଇଯାଆନ୍ତା । ଆଇନ୍‌ଷ୍ଟାଇନଙ୍କର ଆପେକ୍ଷିକ-ତତ୍ତ୍ୱ କିଏ ବୁଝିଥାନ୍ତା ଯଦି ଗଣିତର ସୂତ୍ର ଅନୁସାରେ ତାହାର ଜଟିଳ ଅଙ୍କଗୁଡ଼ିକ କଷାଯାଇ ନଥାନ୍ତା । ରସାୟନର ସମସ୍ତ ନୂତନ ଉଦ୍ଭାବନ ରାସାୟନିକ ଫରମୂଲା ବିନା ଚିନ୍ତା କରାଯାଇ ପାରନ୍ତା ନାହିଁ । ଜୀବବିଜ୍ଞାନ, ଶରୀର ବିଜ୍ଞାନ ଇତ୍ୟାଦିରେ ମଧ୍ୟ ଏକ ଗଣିତର ସୂତ୍ର ବହୁ ପରିମାଣରେ ଜଟିଳ ବିଷୟଗୁଡ଼ିକ ଧାରଣାରେ ରଖିବାରେ ସାହାଯ୍ୟ କରିଛି । ଠିକ୍ ଗଣିତ ପରି ସଙ୍କେତତତ୍ତ୍ୱ ଆଜିର ଦୁନିଆରେ ମାନବ ବିଦ୍ୟା ପାଇଁ ନୂତନ ସଙ୍କେତର ଭାଷା ଆଣି ଦେଇଛି । ଏପର୍ଯ୍ୟନ୍ତ ଯେଉଁ ବିଜ୍ଞାନଗୁଡ଼ିକ କେବଳ ବର୍ଣ୍ଣନାରେ ସୀମାବଦ୍ଧ ଥିଲେ, ସେମାନେ ସଙ୍କେତତତ୍ତ୍ୱ ଦୟାରୁ ଏକ ରୋକଠୋକ୍, ନିରାଟ, ସ୍ପଷ୍ଟ ସଙ୍କେତ ଭାଷାରେ ଆପଣାକୁ ପ୍ରକାଶ କରିବାକୁ ଆରମ୍ଭ କରିଛନ୍ତି । ଏହା ଫଳରେ ବିଦ୍ୟାର ଧାରଣା ସହଜ ହୋଇଛି, ମାନବବିଦ୍ୟା ଖିଆଲି ବର୍ଣ୍ଣନାର ଗୋଳମାଳରୁ ଉଦ୍ଧୁରିଯାଇଛି । ସ୍ମୃତିରେ ସବୁ କଥା ରଖିବା ସମ୍ଭବ ହୋଇଛି ।

ସଙ୍କେତତତ୍ତ୍ୱ ଅବଶ୍ୟ ଏକ ବିଶୁଦ୍ଧତତ୍ତ୍ୱ ନୁହେଁ । ଏହା ଏକ ବ୍ୟବହାରିକ ବିଜ୍ଞାନ । ତେବେ ବ୍ୟବହାରିକ କାର୍ଯ୍ୟ ଛଡ଼ା ଠାର ବା ସଙ୍କେତ ବିଦ୍ୟାର ଆଉ ଏକ ବିଭାଗ ଅଛି, ଏହା ମନୁଷ୍ୟକୁ ତାର ପାରିପାର୍ଶ୍ୱିକ ସଂସାର ଭିତରେ ଚିହ୍ନାଇ ପାରିଛି । ମଣିଷ ଏହା ବଳରେ ଆପଣାକୁ ଚିହ୍ନିବାକୁ ଶିଖିଛି ।

ମଣିଷ କିଭଳି ପ୍ରାଣୀ ? ଅନ୍ୟାନ୍ୟ ଜୀବ ଭିତରେ ତା'ର ସ୍ଥାନ କେଉଁଠି ? ଆମେ ମନୁଷ୍ୟ ଅନ୍ୟ ଜୀବଠାରୁ କିଭଳି ଅଲଗା ? ଅଥବା ମନୁଷ୍ୟକୃତ ସ୍ୱୟଂକ୍ରିୟା ଯନ୍ତ୍ର ବା ଯନ୍ତ୍ର-ମଣିଷଠାରୁ କି ଭାବରେ ତଫାତ୍ ? ଯଦି ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କେଉଁ ସୌରଜଗତରେ ବୁଦ୍ଧିମନ୍ତ ଜୀବ ଥାଆନ୍ତି ତେବେ ସେମାନଙ୍କ ସହିତ ଆମର

Digitized by srujanika@gmail.com

କି ପ୍ରଭେଦ ବା ସାମଞ୍ଜସ୍ୟ ଥିବ ? ସେମାନଙ୍କ ସହିତ ଯୋଗସୂତ୍ର ହେଲେ ଆମେ ସେମାନଙ୍କ ସହିତ ଭାବର ବା ସୂଚନାର ଆଦାନ ପ୍ରଦାନ କରିପାରିବା କି ନାହିଁ ?

ଏହି ସମସ୍ତ ସମସ୍ୟାର ସଙ୍କେତତତ୍ତ୍ୱ ବିନା ସମାଧାନ ଅସମ୍ଭବ । ଏହି ତତ୍ତ୍ୱ ହିଁ ବିଭିନ୍ନ ଜୀବ ଜନ୍ତୁଙ୍କର ଠାର ବା ସଙ୍କେତ ଭିତରେ ମେଳ ବା ଅମେଳ ବିଷୟ ଚର୍ଚ୍ଚା କରେ । ମଣିଷ ଓ ଯନ୍ତ୍ରର ଭାଷା ଭିତରେ ମେଳ ଓ ଅମେଳକୁ ଲକ୍ଷ୍ୟ କରେ । ଏହି ତତ୍ତ୍ୱ ହିଁ ଧରାତଳବାସୀଙ୍କ ସହିତ ଲୋକୋତ୍ତରବାସୀଙ୍କ ଭାବ ଆଦାନ ପ୍ରଦାନର ଧାରା କଣ ହେବା ସମ୍ଭବ ତାହା ଆଲୋଚନା କରେ ।

ସୃଷ୍ଟି ସ୍ଥିତିର ଭାଷା ଠାରୁ ଭଙ୍ଗୀର ଭାଷା ପର୍ଯ୍ୟନ୍ତ, ପଶୁପକ୍ଷୀଙ୍କର ପ୍ରାଥମିକ ଚିତ୍କାର ଠାରୁ ଅସାଧାରଣ ଭାବରେ ଜଟିଳ ଶିଳ୍ପକଳାର ଭାଷାର ମହିମା ପର୍ଯ୍ୟନ୍ତ ଓ ଚିତ୍ର, ସଙ୍ଗୀତ, କବିତା ଓ ସ୍ଥାପତ୍ୟର ବ୍ୟଞ୍ଜନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଠାରତତ୍ତ୍ୱର ପ୍ରବେଶ । ଭବିଷ୍ୟତ ଦୁନିଆର ବିଜ୍ଞାନ ରାଜ୍ୟରେ ଏହାର ଅଧିଷ୍ଠାନ ବହୁ ଉଚ୍ଚରେ ପ୍ରତିଷ୍ଠିତ । ଏ ବିଷୟରେ ବିଜ୍ଞାନର ସୁଧୀ ମହଲରେ ଆଉ ସନ୍ଦେହ ନାହିଁ ।

❐ ❁ ❐

Digitized by srujanika@gmail.com

ଭାଷା ଓ କୋଡ୍

ଆମର ମାମୁଲି ମନୁଷ୍ୟ ଭାଷା ସବୁ ଧରଣର ଭାବ ଆଦାନ ପ୍ରଦାନର ମାଧମ । ପତାକା, ଭଙ୍ଗୀ ଓ ରାସ୍ତାର ସଙ୍କେତ; ସଙ୍ଗୀତ, ଶିଳ୍ପକଳା ଓ ନୃତ୍ୟର ବିସ୍ମୟକର ଭାଷା; ଡ୍ରିଲ ଓ କସରତର ବିଶେଷ ଭାବରେ କଡ଼ା ଓ କର୍କଶ ଭାଷା; କମ୍ପ୍ୟୁଟର ଯନ୍ତ୍ରର ଗାଣିତିକ ଭାଷା ଏବଂ ଏସବୁ ଆଦାନ ପ୍ରଦାନର ବାହାନ ; ଏସବୁ ସୂଚନାର ବାହକ । ଗୋଟିଏ ସୂଚନାରେ କେତେ ପରିମାଣରେ ସାରସ୍ୱତ ରହିଛି ତାହାକୁ ଅଧ୍ୟୟନ କରି ତାକୁ ନିକିତିରେ ତଉଲିଲା ପରି ତଉଲା ଯାଇପାରେ । ତା'ର ନିର୍ଭୁଲତା ଓ ନିରାଟତାକୁ ରୋକଠୋକ ମପା ଯାଇପାରେ । ଏହା କିପରି କରାଯାଏ ତାହାହିଁ ଏଠାରେ ଆଲୋଚିତ ହୋଇଛି ।

ସୂଚନାତତ୍ତ୍ୱ

ମନୁଷ୍ୟ କାହିଁକି କଥା କହେ ? ଆଦାନ ପ୍ରଦାନର ଲକ୍ଷ୍ୟ କ'ଣ ? ଏଭଳି ଦୂରକୁ ସୂଚନା ପ୍ରେରଣ ପାଇଁ ଟେଲିଭିଜନ, ରେଡ଼ିଓ ଓ ଟେଲିଗ୍ରାଫ୍‌ର କି ଲୋଡ଼ା ? ସୂଚନାର ପ୍ରେରଣ ପାଇଁ ସ୍ପଷ୍ଟ ଭାବରେ ଏସବୁ ନିର୍ଦ୍ଧାରିତ ।

ବହୁକାଳଯାଏ ସୂଚନାର ଭାବ ଧୂଆଁଳିଆ ଓ ଅନିର୍ଦ୍ଦିଷ୍ଟ ଥିଲା । ଚିରକାଳ ଏଭଳି ରହିବା ବୋଧହୁଏ ଘଟିଥାଆନ୍ତା । କେଉଁଟା ଓଜନଦାର ଓ କେଉଁ କଥାଟା ଉଣ୍ୱାସିଆ ଏକଥା ମଣିଷ ଚିନ୍ତା କରି ନଥାନ୍ତା । ଅର୍ଥାତ୍ ଜଣେ ପଚାରିଲା 'ନଦୀକୂଳକୁ ବାଟ କିଏ ? ଆଉ ଜଣେ ପଚାରିଲା ଆଜି ହୀରକୁଦରେ କେତେ ଫୁଟ ଉଚ୍ଚ ପାଣି ହୋଇଛି ।" ଏଦୁଇଟି ପ୍ରଶ୍ନ ଭିତରେ କେଉଁଟିର ଗୁରୁତ୍ୱ କେତେ ତାହା ସେର ତରାଜୁରେ ଓଜନ ହୋଇ ପାରି ନଥାନ୍ତା ।

ଏବେ ଏହା ହେଲାଣି । ଏବେ ଅଳ୍ପକାଳ ହେଲା ଏକ ନିର୍ଦ୍ଦିଷ୍ଟ ଗାଣିତିକ ପଦ୍ଧତିରେ ଏହା ପଡ଼ିଗଲାଣି । ଏଥିରେ ଗୋଟିଏ ସମ୍ବାଦ ବା ସୂଚନାର ଦାମ କେତେ ତାହା ତୁଳନା କରି କୁହାଯାଇ ପାରୁଛି । ଏହା ଗୋଟିଏ ଚାକିରୀ ପାଇଁ ଦରଖାସ୍ତ ନା ଏହା ଜୟଦେବଙ୍କର ଗୀତଗୋବିନ୍ଦ, ଏହା ଫୋନରେ କଥାଭାଷା ନା ତ୍ୟାଗରାଜାଙ୍କର

Digitized by srujanika@gmail.com

ସଙ୍ଗୀତର ଗୋଟିଏ ଆଳାପ, ଏହା ପାଣିପାଗର ସୂଚନା ନା ବିଜ୍ଞାନର ଏକ ଯୁଗାନ୍ତକାରୀ ଆବିଷ୍କାର । ଏଭଳି ଏକ ତତ୍ତ୍ୱ ହେଲା ସୂଚନା ତତ୍ତ୍ୱ ।

ଏ ତତ୍ତ୍ୱ କେହି ଅବଶ୍ୟ ଭାବନାରୁ ବା ଶୂନ୍ୟମନରୁ ବାହାର କରିନାହିଁ । ଏହା ସାଂସାରିକ କର୍ମ ବ୍ୟବହାର ଭିତରୁ ବାହାରିଛି । ଯଥା ଟେଲିଗ୍ରାମ କଲାବେଳେ ବା ରେଡ଼ିଓରେ ବାର୍ତ୍ତା ପ୍ରେରଣବେଳେ ଯେପରି ସୂକ୍ଷ୍ମରେ, ସଂକ୍ଷେପରେ, ବେଶି ଦାମୀ ଓଜନଦାର କଥା ଚଳାଇ ଦେଇ ହେବ; ଏହି କଥା ପାଇଁ ମଣିଷ ମନ ଦେଇ ହେବ, ଏହି କଥା ପାଇଁ ମଣିଷ ମନ ଦେଉ ଦେଉ ଏହି ସୂଚନା ତତ୍ତ୍ୱରେ ଆସି ପହଞ୍ଚିଛି ।

୧୯୪୮ରେ ଆମେରିକାର କ୍ଲାଡି ଶାନନ୍ ସୂଚନାର ଘଟଣ-ଘଟଣା ସମ୍ଭାବନା ତତ୍ତ୍ୱର ମୂଳଦୁଆ ପକାଇଥିଲେ । ଏ ତତ୍ତ୍ୱ ଉପରେ ଖୁବ୍ ତୁମୁଳ ଗବେଷଣା ଚାଲିଥିଲା । ପ୍ରାଣୀ ବିଜ୍ଞାନୀ, ଭାଷାବିଦ୍, ଦାର୍ଶନିକ, ପ୍ରଜନନତତ୍ତ୍ୱବିଦ୍, ଶିଳ୍ପବିଶାରଦ, ଗଣିତଜ୍ଞ ଓ ମନସ୍ତାତ୍ତ୍ୱିକମାନେ ଏହି ନୂତନ ତତ୍ତ୍ୱକୁ କେହି ଖୁବ୍ ଉପଯୋଗୀ ଓ କେହି ବା ଅତ୍ୟନ୍ତ ଭ୍ରାନ୍ତ ବୋଲି କହିବାରେ ଲାଗିଲେ । ଯେମିତି ସୂଚନା ବା ଖବର ପଠାଇବା ପାଇଁ ସଙ୍କେତ ତିଆରି କରାଯାଏ ବା କୋଡ୍ ତିଆରି ହୁଏ ସେପରି ଗୋଟିଏ କୋଡ୍ ତିଆରି ହେଲା । କୌଣସି ସୂଚନା ମିଳିଲେ ଗ୍ରାହକ ଶରୀରରେ କେତେ ପରିମାଣରେ ନ୍ୟୁକ୍ଲିକ୍ ଏସିଡ୍‌ର ସଞ୍ଚାର ହୁଏ ତାହାକୁ ମାପିବାର ପଦ୍ଧତି ବାହାର କରାଗଲା । ତେବେ କୁହାଯାଇ ପାରିବ ଉକ୍ତ ସନ୍ଦେଶ ବା ସୂଚନାର ଗୁରୁତ୍ୱ କେତେ ? ଏଥିରେ ମରୁଥିବା ଲୋକ ବି ଆଶ୍ୱାସ ପାଇ ବଞ୍ଚିଯିବ, ବଞ୍ଚୁଥିବା ଲୋକ ବି ହାର୍ଟଫେଲରେ ମରିଯିବ । ମଣିଷ ଭିତରେ କ୍ରୋଧ, ପ୍ରେମ, କରୁଣା ଇତ୍ୟାଦି ରସର ସଞ୍ଚାର ହେବ । ମଣିଷର ମନ ବିଗିଡ଼ି ଯିବ ଓ କର୍ତ୍ତବ୍ୟରେ ହାନି ଘଟିବ, ତେଣୁ ସାମାଜିକ ଉତ୍ପାଦନ ବଢ଼ିବା ବା ଛିଡ଼ିବା ଇତ୍ୟାଦି ଇତ୍ୟାଦି ଏହି ସୂଚନା ବାକ୍ୟ ବା ପଦରେ ଓଜନରୁ ବା ମାପରୁ ଜଣାପଡ଼ିବ ।

ଗୋଟିଏ ସୂଚନା ତ ବାଇଗଣ ବା ବିଲାତିଆଳୁ ନୁହେଁ ; ତେବେ ଏହାକୁ ମାପିବା କିପରି ? ଆଧୁନିକ ଗଣିତର ସୂଚନାତତ୍ତ୍ୱର ମୂଳକଥା ହେଲା ଅନିର୍ଦ୍ଦିଷ୍ଟତା ଭାବ । ଅର୍ଥାତ୍ ଗୋଟିଏ ଟଙ୍କାକୁ ଆଙ୍ଗୁଠିରେ ମାରି ଉପରକୁ ଛାଡ଼ିଲେ ଏହା ହୁଏତ ଚିତ୍ ବା ପଟ୍ (ଇଂରାଜୀରେ ମୁଣ୍ଡ ବା ଲାଙ୍ଗୁଡ଼) ବାଗରେ ପଡ଼ିବ । ଆମେ ପଶାକାଠିଟିଏ ଗଡ଼ାଇଲେ ଏଭଳି ଅନିର୍ଦ୍ଦିଷ୍ଟତା ଆହୁରି ବଢ଼ିଯିବ ଅର୍ଥାତ୍ ପଶାର ଛଅଟି ଧାର ଭିତରୁ ଯେ କୌଣସି ଧାର ବା ଦାନଟି ପଡ଼ିବ । ସୂଚନା ହେଉଛି ସେହି ବିଷୟ ଯାହା ଏକ ଅନିର୍ଦ୍ଦିଷ୍ଟକୁ ଦୂର କରେ, ଅର୍ଥାତ୍ ଅଜ୍ଞତାକୁ ଦୂର କରେ ।

Digitized by srujanika@gmail.com

ସ୍ୱଭାବତଃ ଏଭଳି ଅଜ୍ଞତା ନାନାବିଧ ପରିସ୍ଥିତି ମୂଳରେ ଗୋଟିଏ ପ୍ରଶ୍ନର ଦୁଇଟି ଉତ୍ତର ସମ୍ଭବ ? ହୁଏତ ହଁ, ନୋହିଲେ ନାହିଁ । କିନ୍ତୁ ଏଭଳି ବି ପରିସ୍ଥିତି ଉପୁଜିପାରେ ଯେଉଁଠି ଏଭଳି ଉତ୍ତର-ସଂଖ୍ୟା ଅସଂଖ୍ୟ ହୋଇପାରେ । ଉଦାହରଣ ସ୍ୱରୂପ, ପ୍ରୋଟିନ୍ ମଲ୍ୟୁକୁଲ ବା ଯୌଗିକ ଅଣୁର ସମ୍ଭାବ୍ୟ ମିଶାଣ ହୋଇପାରେ 10^{1300} , ଅର୍ଥାତ୍ ଦଶର ତେର ଶହ ଶକ୍ତି ଅର୍ଥାତ୍ ଦଶକୁ ଦଶରେ ଥର ଥର କରି ତେର ଶହ ଥର ଗୁଣିଲେ ଯେଉଁ ଫଳ ହେବ ସେତିକି ସଂଖ୍ୟାର ଉତ୍ତର ହୋଇପାରେ । ଏହାର ଅର୍ଥ ଏକ୍‌ର ପଛରେ ଏକ ହଜାର ତିନିଶହ ଶୂନ ବସିଲେ ଯେଉଁ ସଂଖ୍ୟା ହେବ ସେତିକି ସଂଖ୍ୟାର ଉତ୍ତର ।

କିଭଳି ସ୍ଥଳେ କୌଣସି ଖବରରେ କୌଣସି ପ୍ରକାର ସୂଚନା ନଥାଏ ? ଏଭଳି ଖବର ଯାହା ଆମେ ଆଗରୁ ଜାଣୁ, ଯେପରି "ଧାନଟି ଭିତରେ ଚାଉଳଟିଏ ।" ଅଥବା ୨×୨=୪ ଅର୍ଥାତ୍ "ଦୁଇ ଦୁଗୁଣେ ଚାରି ।" ଏଭଳି ଗୋଟିଏ ଖବର ଯଦି କାହାକୁ ପଠାଯାଏ, ତେବେ ତା'ର ଜ୍ଞାନର କିଞ୍ଚିତ ମାତ୍ର ବୃଦ୍ଧି ହେବ ନାହିଁ । ଉପରକୁ ଗୋଟିଏ ପେଣ୍ଡୁ ଫୋପାଡ଼ି ଦେଲେ ତାହା ନିଶ୍ଚୟ ତଳକୁ ଖସିବ । ତେଣୁ ଯଦି କୌଣସି ଖବର ଏକଥା ଜଣାଏ ଯେ ପେଣ୍ଡୁଟି ତଳକୁ ଖସିଲା ତେବେ ତାହା କୌଣସି ଖବର ନୁହେଁ । ଖବରକାଗଜବାଲାଏ କହନ୍ତି ମଣିଷକୁ କୁକୁର କାମୁଡ଼ିଲେ, ସେ ଖବର-ଖବର ନୁହେଁ । କାରଣ ତାହା ତ ସ୍ୱାଭାବିକ ଘଟଣା । କିନ୍ତୁ ମଣିଷ କୁକୁରକୁ କାମୁଡ଼ିଲେ ସେ ଖବର ଗୋଟାଏ ଖବର ଭଳି ଖବର । କାରଣ ଏଭଳି ଖବର କେହି ଆଶା କରେ ନାହିଁ, ତେଣୁ ଜାଣେ ନାହିଁ । ସେ ଖବର ସ୍ୱାଭାବିକ ନୁହେଁ । ପୁଣି ସେହି ପେଣ୍ଡୁର ଉଦାହରଣ ନିଆଯାଉ । ଯଦି ପେଣ୍ଡୁଟି ବାସ୍କେଟ୍‌ବଲ ଖେଳରେ ବାସ୍କେଟ୍‌ରେ ପଡ଼ିଲା, ତେବେ ତାହା ଏକ ଖବର । କାରଣ ବାସ୍କେଟ୍‌ରେ ପଡ଼ିବା ନ ପଡ଼ିବା ଦୁଇଟି କଥା ରହିଛି ।

ଏଠାରେ ଅନିଶ୍ଚିତତା ବା ଅନିର୍ଦ୍ଦିଷ୍ଟତା ରହିଛି । ହୁଏତ ପେଣ୍ଡୁଟି ବାସ୍କେଟ୍‌ରେ ପଡ଼ିପାରେ ବା ନ ପଡ଼ିପାରେ ।

ପୁଣି କିଏ ପେଣ୍ଡୁଟିକୁ ମାରୁଛି ତ କେତେ ଦୂରକୁ ଫୋପାଡୁଛି ତାହା ଉପରେ ବି ଅନେକ କଥା ନିର୍ଭର କରେ । ଯୁକ୍ତରାଷ୍ଟ୍ର ଆମେରିକା ନିଗ୍ରୋ ଖେଳାଳିମାନେ ବାସ୍କେଟ୍‌ବଲ ଖେଳରେ ପାଞ୍ଚଶହ ଥର ଏକା ବେଳକେ ଲକ୍ଷ୍ୟ ଭେଦ କରି ଗୋଲ କରି ପାରନ୍ତି । ସେମାନଙ୍କ ଭିତରେ ବିଖ୍ୟାତ ହାରଲେମ୍ ଟିମର କେହି ଖେଳାଳି ଯଦି ପେନାଲଟି ଫୋପାଡ଼େ ତେବେ ସେ ନିଶ୍ଚୟ ଲକ୍ଷ୍ୟ ଭେଦ କରିବ । ତେଣୁ ଏହା ସ୍ୱାଭାବିକ ଘଟଣା, ଏଥିରେ ବିଚିତ୍ର କିଛି ନାହିଁ । ଏହା ଏକ ଖବର ନୁହେଁ । ଅଥଚ

Digitized by srujanika@gmail.com

ଯଦି ଜଣେ ନୂଆ ଖେଳାଳି ପ୍ରଥମ ଉଦ୍ୟମରେ ବଲ ଫୋପାଡ଼େ ଓ ସେ ବଲ୍ ଯଦି ଲକ୍ଷ୍ୟରେ ଯାଇ ନ ପଡ଼େ ତେବେ ସେଥିରେ ବିଚିତ୍ର କଥା କିଛି ନାହିଁ । ସେଭଳି ଖବର ବିଶେଷ କିଛି ଖବର ନୁହେଁ । କିନ୍ତୁ ଯଦି ଜଣେ ନୂଆ ଖେଳାଳି ପ୍ରଥମଥରକରେ ଲକ୍ଷ୍ୟ ଭେଦ କରେ, ଏଭଳି ବି ଆଶ୍ଚର୍ଯ୍ୟ କଥା ଘଟେ, ତେବେ ଆମେ ଖୁବ୍ ଉଚ୍ଚ ଧରଣର ଖବର ପାଇଲୁ ବୋଲି ଧରାଯାଏ ।

ଉକ୍ତ ଆମେରିକା ବୈଜ୍ଞାନିକ ଶାନନ୍‌ଙ୍କର କୃତିତ୍ୱ ଏହିଠାରେ ଯେ ବିଭିନ୍ନ ସମ୍ଭାବନାମୟ ଘଟଣାମାଳା ଭିତରେ ସେ କେତୋଟି ବଛାବଛା ଘଟଣାକୁ ନେଇ ସେଥିରେ ସୂଚନାର ପରିମାଣ ନିର୍ଣ୍ଣୟ କରିବାର ବାଟ ବତାଇଥିଲେ । ତାଙ୍କ ପୂର୍ବରୁ ସମାନ ସମ୍ଭାବନାର ଘଟଣାଗୁଡ଼ିକ ହିଁ ବିଚାରକୁ ନିଆଯାଉଥିଲା । ଏହି ସଂକ୍ରାନ୍ତରେ ଆମର ଉଲ୍ଲିଖିତ ପଶାକାଠିର ଉଦାହରଣ ନିଆଯାଉ । ଗୋଟିଏ ପଶାକାଠିରେ ଛଅଟି ଦାନ ଥାଏ । ଛଅଟି ମୁହଁରେ ଛଅଟି ଦାନ । ଯିଏ ଦାନ ପକାନ୍ତି ସିଏ ଚାହାନ୍ତି ସବୁଠୁ ବଡ଼ ଦାନଟି ଅର୍ଥାତ୍ ଛଅ ପଡ଼ୁ । ତିନୋଟି କାଠି ଥିଲେ ତିନୋଟି ଯାକ ଛଅରେ ପଡ଼ିଲେ ଅଠର ହୁଏ । ଅଠର ହେଉଛି ପଶାର ସବୁଠାରୁ ବଡ଼ ଦାନ । ତେବେ ପଶାକାଠିର ଏହି ଛଅଦାନ କାଠି ଗଡ଼ାଇଲେ ହୁଏତ ଏକ ପଡ଼ିବ, ନୋହିଲେ ଆଉ କିଛି ପଡ଼ିବ ନୋହିଲେ ଛଅ । ଯେତେଥର ଏକ ପଡ଼ିବ ସେତିକି ଥର ଛଅ ପଡ଼ି ବି ପାରେ । ତେବେ ଏକ ଓ ଛଅର ସମ୍ଭାବନା ସମାନ ସମାନ । ୧୯୨୮ ସାଲରେ ଜଣେ ଆମେରିକା ଇଞ୍ଜିନିୟର ହାର୍ଟଲେ ପାରିମାଣିକ ମାପର ଚିନ୍ତା ପ୍ରଥମେ ସୂଚନା କ୍ଷେତ୍ରରେ ଭର୍ତ୍ତି କଲେ । ହାର୍ଟଲେ ପ୍ରସ୍ତାବ କଲେ ଯେ ଗୋଟିଏ କାର୍ଯ୍ୟ ହେଲେ ତାହାର ଯଦି ଗୋଟିଏ ଫଳ ନ ଫଳି ବିଭିନ୍ନ ଫଳ ବିଭିନ୍ନ ସମୟରେ ଫଳେ, ଅର୍ଥାତ୍ ଯାହାର ଦୈବାଧୀନତା ବା ସମ୍ଭାବନା କେତୋଟି ଫଳ ଭିତରୁ ଗୋଟିଏ; ତେବେ ସମ୍ଭାବ୍ୟ ଘଟଣାର ପରିମାଣ ହେଉଛି ସମ୍ଭାବ୍ୟ ଘଟଣାବଳି ସଂଖ୍ୟାର ଲଗାରିଥମ୍ । ଗୋଟିଏ ଘଟଣାର ଦୁଇଟି ଉତ୍ତର ହେଲା ହଁ ବା ନାହିଁ । ତାହାକୁ ୟୁନିଟ୍ ବା ଏକକ ବୋଲି ଧଇଲେ ଏଭଳି ମାପର ଏକକ ହେଲା ଦ୍ୱିକ । ତେଣୁ ସ୍କୁଲ କଲେଜରେ ଯେପରି ଲଗାରିଥମ୍ ଦଶକ ସାଙ୍ଗେ ଯୁକ୍ତ ହୋଇଥାଏ, ଏ କ୍ଷେତ୍ରରେ ସେପରି ନ ହୋଇ ଲଗାରିଥମ୍ ଦ୍ୱିକ ସାଙ୍ଗେ ଯୁକ୍ତ ହୋଇଛି ।

ଟଙ୍କା ବା ମୁଦ୍ରାଟିଏ ଆଙ୍ଗୁଠିରେ ମାରି ଚକର କଟାଇ ଦେଲେ ତାହାର ଦୁଇଟି ଫଳ ହେବ-ଚିତ୍ ବା ପଟ୍-(ମୁଣ୍ଡ ବା ଲାଙ୍ଗୁଡ଼) । ତେଣୁ ଯେଉଁଟା ବି ହେଉ ତାହା ଆମକୁ ଦୁଇଟି ସମ୍ଭାବନାରୁ ଗୋଟିଏ ସମ୍ଭାବନା ଉତ୍ତର ଭାବରେ ଦେଲା । ତେଣୁ ଏଠାରେ $\log_2 2 = 1$ ଅର୍ଥାତ୍ ଏଠାରେ ସମ୍ଭାବନା ଦୁଇରୁ ଏକ, ଦ୍ୱିକ ଜଣେ ଲୋକ,

Digitized by srujanika@gmail.com

ମନେକରନ୍ତୁ, ଗୋଟିଏ ତାସ ବିଡ଼ାରୁ ଗୋଟିଏ ତାସ କାଢ଼ି ନେଲା । ତାସ ବିଡ଼ାରେ ଚାରୋଟି ରଙ୍ଗ ଯଥା କଳାପାନ, ଚିଡ଼ିଆ, ନାଲିପାନ ଓ ଠିକିରି ଚାରିପ୍ରକାର ତାସରୁ ଗୋଟିଏ ସେ ନେଇଥିବ । ତେଣୁ ତାର ସମ୍ଭାବନା ଚାରୋଟିରୁ ଗୋଟିଏ । ତେଣୁ ସେ ଯେଉଁ ତାସଟି ପାଇଲା ତାହା ଜାଣି ପାରିଲେ ଆମକୁ ଯେଉଁ ସୂଚନା ମିଳିଲା ତାହା ଟଙ୍କାର ଚିତ୍ ପଟ୍ ସୂଚନା ଅପେକ୍ଷା ଦୁଇଗୁଣ । ସେଥିରେ ସୂଚନାଥିଲା ଏକ, ଏଠାରେ ହେଲା ଦୁଇ କାରଣ $Log_2 4 = 2$ । କୌଣସି ଗୋଟିଏ ସମସ୍ୟାରେ ମନେକରନ୍ତୁ ଆଠଟି ସାମ୍ଭାବ୍ୟ ଉତ୍ତର ରହିଛି । ଏଠାରେ ଆମକୁ ଉତ୍ତରର ସୂଚନା ମିଳିଲା । ଏହି ଉତ୍ତରର ମୂଲ୍ୟ ତିନ୍ 'ଦ୍ୱିକ' (କାରଣ $Log_2 8 = 3$ ବା $2^3 = 8$ କାରଣ ଯେ କେତୋଟି ଦ୍ୱିକ ସଂଖ୍ୟା ଅଛି ତାହା ସଂଖ୍ୟା 2ର ଶକ୍ତି) ।

ଯେତେବେଳେ ସମ୍ଭାବନା ପ୍ରାୟ ଶହେରେ ପଚାଶ ବା ସମାନ ସମାନ ସେତେବେଳେ ଏଭଳି ସଂଖ୍ୟାମାନ ନେଲେ ଚଳିଯିବ । ଚିତ୍ ଓ ପଟ୍ ଦୁଇଟି ଭିତରେ ଉଭୟଙ୍କର ପଡ଼ିବାର ସମାନ ସମ୍ଭାବନା ଅଛି । ଇସ୍ କା, ଚିଡ଼ିଆ, ରୋହିତନ୍, ଠିକିରି ଭିତରେ ଏ ଚାରି ରଙ୍ଗରୁ କୌଣସି ଗୋଟିଏ ରଙ୍ଗର ତାସ ବି କାଢ଼ି ନିଆଯାଇଥିବା ତାସଟି ହୋଇପାରେ; ତେଣୁ ଏହି ଚାରି ରଙ୍ଗ ଭିତରେ ସମ୍ଭାବନା ସମାନ ସମାନ । ଯଦି ସମ୍ଭାବନା ସମାନ ସମାନ ନୁହେଁ ତେବେ କିଭଳି ସୂଚନାର ପରିମାଣ ହିସାବ ହେବ ? ମନେକରନ୍ତୁ ସମ୍ଭାବନା ଅଛି ଯେ ଜୁଲାଇ ମାସରେ କଟକ ସହରରେ ପ୍ରବଳ ବର୍ଷା ହେବ; କିନ୍ତୁ ଜୁଲାଇ ମାସରେ ନିରାଟ ଖରା ହେବାର ସମ୍ଭାବନା ଅତ୍ୟନ୍ତ ଅଳ୍ପ; କିନ୍ତୁ ଗଣିତଜ୍ଞ ହାର୍ଟଲେଙ୍କ ମତରେ ଉଭୟ ଧରଣର ପାଣିପାଗ ସମ୍ଭାବନା କ୍ଷେତ୍ରରେ ସମାନ ସମାନ । ତେଣୁ ଜୁଲାଇ ମାସରେ କଟକରେ ପ୍ରବଳ ବର୍ଷା ହୋଇଥିଲା, ଏହି ରିପୋର୍ଟରେ ଯେତିକି ସୂଚନା ରହିଲା । ଜୁଲାଇ ମାସରେ କଟକରେ ନିରାଟ ଖରା ହୋଇଥିଲା ଏଥିରେ ଯେତିକି ସୂଚନା ରହିଲା, ଅଥଚ ଜୁଲାଇ ମାସରେ ପ୍ରବଳ ବର୍ଷା କାହା ମନରେ ଚମକ ସୃଷ୍ଟି କରିବ ନାହିଁ । ବରଂ ଜୁଲାଇ ମାସରେ ନିରାଟ ଖରାରେ ଅନେକ ଲୋକ 'ଅକାଳ' କଥା ବୋଲି ମନେ କରିବେ ।

ତେବେ ହାର୍ଟଲେ କ'ଣ ବୁଝୁ ନଥିଲେ ଯେ କୌଣସି ଘଟଣାର ଫଳାଫଳର ସମ୍ଭାବନାରୁ ସୂଚନାର ପରିମାଣ (ଯାହା ଟିକକ ବାର୍ତ୍ତା ବା ଖବରରେ ରହିଛି) ବେଶି ବା କମ୍ ହୋଇପାରେ । ଘଟଣାର ଯେଉଁ ସମ୍ଭାବନା ଶହେକେ ଶହେ ତା'ର ସୂଚନାର ମୂଲ୍ୟ ବା ପରିମାଣ ଯେତେ, ଘଟଣାର ଯେଉଁ ସମ୍ଭାବନା ଶହେକେ ପାଞ୍ଚ ବା ଚାରି ; ତାର ସୂଚନାର ପରିମାଣ ନିଶ୍ଚୟ ବେଶି ହେବ । ହାର୍ଟଲେ ଏକଥା ବୁଝୁଥିଲେ । କିନ୍ତୁ ତାଙ୍କର ପ୍ରତ୍ୟୟ ଥିଲା ଯେ ସମ୍ଭାବନା ଭିତରେ ପାର୍ଥକ୍ୟକୁ ସଂଖ୍ୟା ପରିମାଣରେ

Digitized by srujanika@gmail.com

ପ୍ରକାଶ କରିହେବ ନାହିଁ । ସେଗୁଡ଼ିକ ମନସ୍ତାତ୍ତ୍ୱିକ (ମନୁଷ୍ୟ କ୍ଷେତ୍ରରେ) ଅଥବା ପାଣିପାଗ ସଂକ୍ରାନ୍ତୀୟ ଓ ଅନ୍ୟାନ୍ୟ କାରଣମାନଙ୍କ ଦ୍ୱାରା ନିୟନ୍ତ୍ରିତ ଓ ନିର୍ଦ୍ଦିଷ୍ଟ । ସେମାନଙ୍କ ଉପରେ ଗାଣିତିକ ପଦ୍ଧତିର ଲଗାମ ଲଗାଇବାର ଯୁକ୍ତି ନାହିଁ ।

ଅନ୍ୟ ପକ୍ଷରେ କ୍ଲଡ଼ି ଶାନନ୍ ପ୍ରମାଣ କରି ଦର୍ଶାଇଲେ ଯେ ଏଭଳି ଦୃଷ୍ଟିକୋଣ ହେଉଛି ଭୁଲ ଦୃଷ୍ଟିକୋଣ । କାରଣ ଯାହା ବି ହେଉ, ମନସ୍ତାତ୍ତ୍ୱିକ, ପାଣିପାଗ ସଂକ୍ରାନ୍ତୀୟ ବା ଆଉ କିଛି, ଏ ସବୁକୁ ସମ୍ଭାବନାତତ୍ତ୍ୱର ସାହାଯ୍ୟରେ ହିସାବ କରାଯାଇ ପାରିବ । ତେଣୁ ସେ ଗୋଟିଏ ଗାଣିତିକ ସୂତ୍ର ବାହାର କଲେ ଯାହାର ନାମ ହେଲା ଶାନନ୍ ସୂତ୍ର, ଯାହାକୁ ବିଭିନ୍ନ ବିଷମତାର ସମ୍ଭାବନା ଥିବା ଘଟଣା କ୍ଷେତ୍ରରେ ଲଗାଯାଇ ପାରିବ । ସୂତ୍ରଟି ହେଲା $H_1 = -(P_1 \text{Log}_2 P_1 + P_2 \log_2 P_2 \ldots Pn \log_2 Pn)$

H_1 ହେଲା ଅନିଶ୍ଚିତତାର ପରିମାଣ ଯାହାକୁ ଖବର ବା ରିପୋର୍ଟ ଦୂର କରେ । ତେଣୁ ଏହା ହେଲା ସୂଚନାର ପରିମାଣର ପରିମାପକ । କାରଣ ସୂଚନା ଯେତେ ଜୋରଦାର ହେବ, ଅନିଶ୍ଚିତତା ସେତିକି ବିନଷ୍ଟ ହେବ । n ହେଉଛି ଫଳର ସଂଖ୍ୟା ଓ P_1, P_2, Pn ହେଉଛି ସମ୍ଭାବନା ଓ ସେମାନଙ୍କର ସଙ୍ଘଠନ ।

ଏହି ସୂତ୍ର ବଳରେ ଆଜିର ବୈଜ୍ଞାନିକମାନେ ଅତି ଭିନ୍ନ ଭିନ୍ନ ରକମ ଖବରଗୁଡ଼ିକ ମାପି ପାରୁଛନ୍ତି । କଥା ହେଉଛି ପ୍ରତ୍ୟେକ କୋଡ଼୍ ଠାର । ଏଠାରେ ସ୍ମରଣ ରଖିବା କଥା ଯେ କୌଣସି କୋଡ଼୍ ହେଉଛି ବିଭିନ୍ନ ଠାର ଶୃଙ୍ଖଳାରୁ ଗୋଟିଏ । ଏକ ନିଶ୍ଚିତ ଘଟଣା ସମ୍ଭାବନା ମୁତାବକ ଆବିର୍ଭୁତ ହେବ ଓ ତାହା ଏକ ନିର୍ଦ୍ଦିଷ୍ଟ ପରିମାଣର ସୂଚନା ବହନ କରିବ । ଉକ୍ତ ସୂଚନା ବି ମାପିବା ସମ୍ଭବ । ଏହାଛଡ଼ା ଯେହେତୁ ଆମେ ଲଗାରିଥମ୍‌କୁ ସୂଚନାର ମାପ ଭାବରେ ଗ୍ରହଣ କରିଛୁ, ସେହେତୁ ଆମେ ଖବରରେ ଥିବା ପ୍ରତ୍ୟେକ କୋଡ଼୍ ଚିହ୍ନରେ କେତେ ପରିମାଣ ସୂଚନା ଅଛି ସେଗୁଡ଼ିକର ଯୋଗଫଳ ବାହାର କରିପାରିବୁ ଓ ଏହି ଉପାୟରେ କୌଣସି ବର୍ଣ୍ଣନା ବା ବିବୃତିରେ ସୂଚନାର ପରିମାଣ ହିସାବ କରିପାରିବୁ ।

ବାସ୍ତବିକ୍, ସମ୍ଭାବନାତତ୍ତ୍ୱ ଘୋଷଣା କରେ ଯେ ଦୁଇଟି ଘଟଣାର ସମ୍ଭାବନା ସେ ଘଟଣାଯୁଗଳର ସମ୍ଭାବନାଗୁଡ଼ିକର ଗୁଣନ ଫଳ । ତେଣୁ ଲଗାରିଥମ୍‌ଗୁଡ଼ିକ ଲଗାରିଥମ୍‌ର ସମଷ୍ଟି ସଙ୍ଗେ ସମାନ । କୋଡ଼୍ ଚିହ୍ନଗୁଡ଼ିକଦ୍ୱାରା ଯେତେଗୁଡ଼ିଏ ସୂଚନା ସୂଚୀତ ହୁଏ ସେଗୁଡ଼ିକର ମିଶାଣଫଳ ଏହି କୋଡ଼୍ ଚିହ୍ନଗୁଡ଼ିକ ଦ୍ୱାରା ଗଠିତ ସମସ୍ତ ଲେଖାର ସୂଚନା ସଙ୍ଗେ ସମାନ । ଲଗାରିଥମ୍ ସୂତ୍ର ନଥିଲେ ଏହି ଚିହ୍ନଗୁଡ଼ିକର ଆବିର୍ଭାବର ସମ୍ଭାବନାଗୁଡ଼ିକୁ ଆମକୁ ଗୁଣନ ଦ୍ୱାରା ବାହାର କରିବାକୁ ପଡ଼ନ୍ତା ।

Digitized by srujanika@gmail.com

ଶାନନ୍‌ଙ୍କର ସୂତ୍ରରେ ଏତିକି ସୁବିଧା ହୋଇଛି ଯେ ଗୋଟିଏ ବହିର ଦୁଇଟି ପୃଷ୍ଠାରେ ଥିବା ସୂଚନା ବହିଟିର ପ୍ରଥମ ପୃଷ୍ଠାର ସୂଚନା ଓ ଦ୍ୱିତୀୟ ପୃଷ୍ଠାର ସୂଚନାର ମିଶାଣ ଫଳ ସଙ୍ଗେ ସମାନ ହୋଇ ଥିବାରୁ ତାହାକୁ ସହଜରେ ଧରାଯାଇ ପାରୁଛି । ସମସ୍ତ ବହିଟିର ସୂଚନା ତାର ସବୁ ପୃଷ୍ଠାର ସୂଚନାର ମିଶାଣ ଫଳ ହୋଇ ଥିବାରୁ ବହିଟିର ମୋଟ ସୂଚନା ବାହାର କରିବାରେ କୌଣସି ଅସୁବିଧା ପଡୁ ନାହିଁ ।

ତେବେ ଗଣିତର ରାଜ୍ୟ ଛାଡ଼ି ଆମକୁ ଗାଣିତିକ ଭାଷାତତ୍ତ୍ୱରାଜ୍ୟରେ ପ୍ରବେଶ କରିବାକୁ ହୋଇଛି ।

ଗୋଟିଏ ବର୍ଣ୍ଣରେ ସୂଚନାର ପରିମାଣ

ଗୋଟିଏ ଭାଷାର ଗୋଟିଏ ବର୍ଣ୍ଣ ବା ଅକ୍ଷରରେ କେତେ ପରିମାଣ ସୂଚନା ଅଛି ? ସୂଚନାତତ୍ତ୍ୱର ଜନ୍ମ ପରେ ଏହି ପ୍ରଶ୍ନଟି ବାହାରିଛି ? ଇଂରାଜି ବା ରୁଷ ଭାଷାର ବର୍ଣ୍ଣ କ୍ଷେତ୍ରରେ ଏହାର ଆଲୋଚନା ସେହି ଦେଶର ଭାଷାବିଦ୍‌ମାନେ କରିଛନ୍ତି । (ଇଂରାଜିରେ ୨୬ଟି ଅକ୍ଷର, ରୁଷ ଭାଷାରେ ତେତ୍ରିଶଟି ଅକ୍ଷର); ଆମର ଓଡ଼ିଆ ଭାଷାରେ ୩୪ଟି ଅକ୍ଷର ବୋଲି ଧରାଗଲେ ଓ ଶବ୍ଦମାନଙ୍କ ମଝିରେ ଯେଉଁ ଶୂନ୍ୟସ୍ଥାନ ରହିଛି ସେ ଗୁଡ଼ିକ ଶୂନ୍ୟ ଅକ୍ଷର ବୋଲି ଧରାଗଲେ ଓଡ଼ିଆ ଅକ୍ଷର ହେଲେ ସର୍ବମୋଟ ୩୫ଟି ଅର୍ଥାତ୍ ପଇଁତ୍ରିଶ । ଏଥିଭିତରୁ ଓଡ଼ିଆରେ ବ ଓ ୱ ର ପ୍ରଭେଦ ଉଚ୍ଚାରଣରେ କ୍ୱଚିତ ଜଣାପଡ଼େ । ତେଣୁ ଏହାକୁ କାଟି ଦେଲେ ଓଡ଼ିଆ ଅକ୍ଷର ଯେଉଁ ଚଉତିଶାକୁ ସେହି ଚଉତିଶା । ଏଥିରୁ ସ୍ୱରବର୍ଣ୍ଣର ଌ କୁ ଓ ବ୍ୟଞ୍ଜନର କ୍ଷ କୁ ବାଦ ଦିଆଯାଇ ଆମେ ୩୨ଟି ଅକ୍ଷର ନେଲେ ସୁବିଧା । କାରଣ ତାହାହେଲେ ଦ୍ୱିଶକ୍ତି ଲଗାରିଥମ୍ ଅନୁସାରେ ୨୫=୩୨ । ଓଡ଼ିଆ ଭାଷାର କୌଣସି ଗୋଟିଏ ଅକ୍ଷର ବିଷୟରେ ସୂଚନା ପାଇବା ପୂର୍ବରୁ ଆମର ୩୨ ଗୋଟି ଫଳାଫଳ ବିଷୟରେ ଅନିଶ୍ଚିତତା ରହିଛି । କାରଣ ୩୨ଟି ଅକ୍ଷରରୁ ଯେ କୌଣସିଟି ଆମ ଆଗରେ ପହଞ୍ଚିଯାଇପାରେ । ଯେପରି ତାସ ଖେଳରେ ଚାରୋଟିରୁ ଗୋଟିଏ ଭାବରେ ସମ୍ଭାବନା ରହିଛି । ଏହି କ୍ଷେତ୍ରରେ ସେପରି ୩୨ଟିରୁ ଗୋଟିଏ ସମ୍ଭାବନା ରହିଛି । ଏହାର ଅର୍ଥ ଓଡ଼ିଆ ଭାଷାରେ ଗୋଟିଏ ବର୍ଣ୍ଣ ବା ଅକ୍ଷରରେ ସୂଚନାର ପରିମାଣ ହେଲା $\mathrm{Log}_2\ 32 = 5$ ଦ୍ୱିକ । ତେଣୁ ଗୋଟିଏ ଓଡ଼ିଆ ବର୍ଣ୍ଣରେ ବା ଅକ୍ଷରରେ ସବୁଠାରୁ ବେଶି ପରିମାଣ ସୂଚନା ହୋଇପାରେ 5 ଦ୍ୱିକ ।

ତେବେ ଓଡ଼ିଆରେ କ'ଣ ଅକ୍ଷର ଭିତରେ ଅନାବଶ୍ୟକ ନାହିଁ ? ସବୁ ଭାଷାରେ ଅଛି । ଓଡ଼ିଆ ଭାଷାରେ ବି ଶବ୍ଦରେ ଅନାବଶ୍ୟକ ଅକ୍ଷର ଅଛି । ଏହି ଅନାବଶ୍ୟକତାର ହିସାବ ମିଳିଲେ ଆମେ କହିପାରିବା ଗୋଟିଏ ଠୁଙ୍କାଠୁଙ୍କି କୋଡ୍

Digitized by srujanika@gmail.com

ଚିହ୍ନ କେତେ ଅଧିକ ପରିମାଣ ସୂଚନା ଆପଣା ଭିତରେ ସମ୍ଭେଇ ପାରନ୍ତା, ଅଥଚ ପ୍ରକୃତ ପକ୍ଷରେ ଏହା କେତେ ପରିମାଣର ସୂଚନା ଆପଣା ଭିତରେ ରଖିଛି । ତେଣୁ ଅନାବଶ୍ୟକତା ଗୋଟିଏ କୋଡ୍ ଭାଷାରେ ଅକ୍ଷରର ଅପବ୍ୟୟ ପରିମାଣ ମାପିଥାଏ । ପୃଥିବୀର ସବୁ ପ୍ରାକୃତିକ ମନୁଷ୍ୟ ଭାଷା ଯଥା ଇଂରାଜି, ଜର୍ମାନ ବା ରୁଷ ଭାଷାରେ ଶବ୍ଦମାନଙ୍କରେ ଏଭଳି ଅନାବଶ୍ୟକତା ଥାଏ । କେବଳ ବିଜ୍ଞାନର କୋଡ୍ ଭାଷା ଯେହେତୁ ବୈଜ୍ଞାନିକର ତିଆରି ସୂତ୍ର ତେଣୁ ସେଥିରେ ଏହି ଅନାବଶ୍ୟକତା ନଥାଏ । ଓଡ଼ିଆ ଭାଷାରେ ଏଭଳି ଅନାବଶ୍ୟକ ଅକ୍ଷର ଯେ ଅନେକ ଶବ୍ଦରେ ରହିଛି ଏକଥା ଜଣାଶୁଣା । ଏହାଛଡ଼ା ଓଡ଼ିଆ ଭାଷାର ଲିପିରେ ଯେତେଗୁଡ଼ିଏ ବର୍ଣ୍ଣ ଅଛି ସେହି ବର୍ଣ୍ଣଗୁଡ଼ିକର ସଂଯୋଗ ଯଦି ପ୍ରତ୍ୟେକ କ୍ଷେତ୍ରରେ ଶବ୍ଦ ସୃଷ୍ଟି କରୁଥାନ୍ତା ଅର୍ଥାତ୍ ପ୍ରତ୍ୟେକ ବର୍ଣ୍ଣ ସମଷ୍ଟି ବା ଯୋଗବିଯୋଗ, ସ୍ଥାନ ପରିବର୍ତ୍ତନ, ଫଳରେ ଯଦି ନୂଆ ନୂଆ ଅର୍ଥ ପ୍ରକାଶନ ଶବ୍ଦ ସବୁ ହୋଇପାରନ୍ତେ ଓ ଭାଷା କ୍ଷେତ୍ରରେ ଯଦି ପ୍ରତ୍ୟେକ ଅକ୍ଷର ସମାନ ସମାନ ଥର ବ୍ୟବହୃତ ହେଉଥାଆନ୍ତେ ତେବେ ବର୍ଣ୍ଣନା ଅକ୍ଷର କ୍ଷେତ୍ରରେ ଅନାବଶ୍ୟକତା ରହନ୍ତା ନାହିଁ । ଅର୍ଥାତ୍ ଆମର ଓଡ଼ିଆ ଭାଷା ସବୁଠାରୁ ଉଚ୍ଚ ବା ଉଚ୍ଚତମ ମିତବ୍ୟୟ ଓ ଭାଷା ଭାବରେ ବିରାଜମାନ କରନ୍ତା । କିନ୍ତୁ ବାସ୍ତବ ଜୀବନରେ ପୃଥିବୀର କୌଣସି ଭାଷାରେ ଏଭଳି ମିତବ୍ୟୟିତା ନାହିଁ, ଅର୍ଥାତ୍ ଅକ୍ଷରର ଅନାବଶ୍ୟକତା ସବୁ ଭାଷାରେ ରହିଛି । ଓଡ଼ିଆ ଭାଷାରେ ତ ରହିଛି ।

ଏଭଳି ଅନାବଶ୍ୟକତାକୁ ବାଦ ଦେଲେ କଣ ଚଳନ୍ତା ନାହିଁ ? ଓଡ଼ିଆ ଭାଷାରେ ଆମେ ଯଦି ଯେ କୌଣସି ଅକ୍ଷର ସଙ୍ଗେ ଏକ, ଦୁଇ ବା ତିନି ଅକ୍ଷର ଯୋଡ଼ିଲେ, ସେମାନଙ୍କ ସ୍ଥାନ ଅଦଳ ବଦଳ କଲେ ଅର୍ଥାତ୍ ସେମାନଙ୍କୁ ଯେତେ ପ୍ରକାର ପାରୁ ଗୋଳିଆ ଗୋଳି କଲେ ପ୍ରତ୍ୟେକ ସମଷ୍ଟି ଗୋଟିଏ ଗୋଟିଏ ଶବ୍ଦ ହୁଅନ୍ତେ ଅର୍ଥାତ୍ ସେଗୁଡ଼ିକର ଯଦି ଅର୍ଥ ଥାଆନ୍ତା, ତେବେ ଅକ୍ଷରର ଅନାବଶ୍ୟକତା ଶୂନ ହୋଇ ଯାଆନ୍ତା ? ଏଭଳି ଏକ ଭାଷା ତିଆରି କଲେ କ'ଣ ହୁଅନ୍ତା ନାହିଁ ? ହଁ, ତତ୍ତ୍ୱ ଦୃଷ୍ଟିରୁ ଓ ବିଜ୍ଞାନର କଡ଼ାକଡ଼ି ଆଇନ ଦୃଷ୍ଟିରୁ ଠିକ୍ ହୁଅନ୍ତା । ଏହା ବି ଅନ୍ୟ ଭାଷାମାନଙ୍କ କ୍ଷେତ୍ରରେ ହିସାବ କରି ଦେଖା ଯାଇଛି । ଫଳରେ ଭାଷା ଅନେକ ଅପଚୟରୁ ବଞ୍ଚି ଯାଆନ୍ତା । ଓଡ଼ିଆ ଭାଷା କ୍ଷେତ୍ରରେ ମଧ୍ୟ ହିସାବ କରି ଏକଥା ଦେଖାଇ ଦିଆଯାଇପାରେ । ମନେକର ଆମ ଭାଷାର ବର୍ଣ୍ଣମାଳାର ୩୦ଟି ଅକ୍ଷରକୁ ତିରିଶଟି ଶବ୍ଦ ହୁଅନ୍ତା । ଏକ ଅକ୍ଷରରେ ଗୋଟିଏ ଗୋଟିଏ ଶବ୍ଦ (ଓଡ଼ିଆ ଭାଷାରେ ସ୍ୱରବର୍ଣ୍ଣରେ ତ କେବଳ ଅକ୍ଷର ହୋଇପାରିବ ଯେଭଳି ଇଂରାଜିରେ I, A, O ଅକ୍ଷରରେ ଶବ୍ଦ ହୋଇଛି) ତେଣୁ ଓଡ଼ିଆରେ 'ଓ' ଗୋଟିଏ ମାତ୍ର ଶବ୍ଦ ଗୋଟିଏ ଅକ୍ଷରରେ । ତା'ପରେ ଦୁଇ ଅକ୍ଷରରେ ଶବ୍ଦ ସଂଖ୍ୟା (ମନେକରନ୍ତୁ ଅକ୍ଷର ଯଦି

Digitized by srujanika@gmail.com

୩୦ ହୁଏ) ତେବେ $30^2 = 900$ ହେବ । ଏଥିରେ ଆସିବେ ବ୍‌ଆ ବା, ଠ୍‌ ଆ ଠା, ଚ୍‌ ଉ ଚୁ, ମ୍‌ ଉ ମୁଁ ଇତ୍ୟାଦି । ଏଭଳି ଭାବରେ ଆମେ ତିନୋଟି ଅକ୍ଷରକୁ ଏକାଠି କଲେ ଆମେ ୨୭,୦୦୦ ତିନି ଅକ୍ଷର ବାଲା ଶବ୍ଦ ପାଇପାରନ୍ତେ । କିନ୍ତୁ ଅର୍ଥ ନ ଥାଇ ତ ଶବ୍ଦ ନାହିଁ । ତେଣୁ ଏହି ୨୭୦୦୦ ତିନି-ଅକ୍ଷର ବାଲା ଶବ୍ଦଗୁଡ଼ିକ ଭିତରୁ ଅଧିକାଂଶ ଅକାମୀ ଅକ୍ଷର ସମଷ୍ଟି । ସେହିପରି ଚାରୋଟି ଅକ୍ଷରର ଶବ୍ଦ ସଂଖ୍ୟା ହୁଅନ୍ତା 30^4 ଅର୍ଥାତ୍‌ ଆଠ ଲକ୍ଷ ଦଶ ହଜାର । ପାଞ୍ଚୋଟି ଅକ୍ଷର ଥିଲା ଶବ୍ଦ ହୁଅନ୍ତା 30^5 ଅର୍ଥାତ୍‌ ଦୁଇକୋଟି ୪୩ ଲକ୍ଷ । ଇଂରାଜି ଭଳି ଗୋଟିଏ ଭାଷାର (ଯାହାର ୨୬ଟି ଅକ୍ଷର ଅଛି) ଦଶ ଲକ୍ଷ ଅର୍ଥ ଥିଲା ଶବ୍ଦ ଅଛି । ଅସଂକ୍ଷିପ୍ତ ଇଂରାଜି ଉଯେବଷ୍ଟର ଅଭିଧାନରେ ପ୍ରାୟ ପାଞ୍ଚ ଲକ୍ଷ ଶବ୍ଦ ରହିଛି । ଅର୍ଥାତ୍‌ ୨୬ ଅକ୍ଷର ଥିବା ବର୍ଣ୍ଣମାଳାର ଇଂରାଜି ଭାଷାରେ $26, 26^2, 26^3, 26^4, 26^5$ ଏଭଳି ପାଞ୍ଚୋଟି ଯାଏ ଅକ୍ଷର ଥିବା ଶବ୍ଦର ଯଦି ପ୍ରତ୍ୟେକଟିର ଅର୍ଥ ଥାଆନ୍ତା ତେବେ କୋଟିଏ ଠାରୁ ବେଶି ସଂଖ୍ୟାର ଶବ୍ଦ ଥାଆନ୍ତା । କିନ୍ତୁ ତାହା ଇଂରାଜିରେ ନାହିଁ । ଓଡ଼ିଆରେ ତ ନାହିଁ । ରୁଷ ଭାଷାରେ ଯେତେ ଶବ୍ଦ ତିଆରି ହୋଇ ପାରନ୍ତା ତା'ର ତୁଳନାରେ ରୁଷ ଭାଷାର ପ୍ରକୃତ ଶବ୍ଦ ସଂଖ୍ୟାର ଅନୁପାତ ହେଲା ଶତକଡ଼ା 0.0002 ଅର୍ଥାତ୍‌ $\frac{2}{10000}$ ବା $\frac{1}{5000}$ ଏହାର ଅର୍ଥ ପାଞ୍ଚୋଟି ଅକ୍ଷର ଥିଲା ଯେତେ ଶବ୍ଦ ହୋଇପାରନ୍ତା ସେଥିରୁ ୫୦୦୦ ତଥାକଥିତ 'ଶବ୍ଦ' ଭିତରୁ ମାତ୍ର ଦୁଇଟି ହିଁ ଅର୍ଥ ଥିଲା ଶବ୍ଦ । ବାକୀ ୪୯୯୮ ହେଉଛନ୍ତି ଅକାମୀ, ଅଶବ୍ଦ ବା ସେମାନେ କୌଣସି ବ୍ୟବହାରରେ ଲାଗନ୍ତି ନାହିଁ ।

ତେବେ ଏତେଗୁଡ଼ିଏ ଅକ୍ଷର ସମଷ୍ଟିର ଏତେ ଗୁଡ଼ିଏ ସମ୍ଭାବନା ଯେ ବୃଥା ଯାଉଛି ଏହା କଣ ପୂରାପୂରି ବୃଥା ? ଏତେ ଗୁଡ଼ିଏ ଅକ୍ଷର କଣ ଦେଖାସୁନ୍ଦର କଖାରୁବଡ଼ି ? ଅର୍ଥାତ୍‌ କୌଣସି କାମକୁ ନୁହନ୍ତି ? ନାଁ ଏତେ ଗୁଡ଼ିଏ ଅନାବଶ୍ୟକତା ଫଳରେ ଆମେ ବହୁ ବିପଦରୁ ବଞ୍ଚୁଛୁ । ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ । ମହାନଦୀର ହୀରାକୁଦ ବନ୍ଧରେ ଯେତେ ପାଣି ରହିଲେ ବନ୍ଧ ପାଇଁ କୌଣସି ବିପଦ ରହିବ ନାହିଁ ତାହାର ଗୋଟିଏ ଅଟକଳ ଅଛି । ସେହି ଅଟକଳ ଯାଏ ପାଣି ରହିଲେ ବିପଦ ନାହିଁ ବୋଲି କୁହାଯାଏ । ତଥାପି ତାହା ବାହାରେ ବି ଆଉ କିଛି ପରିମାଣରେ ନିରାପତ୍ତା ଥାକ ଥାଏ । ଯାହା ଯୋଗୁ କଣ୍ଠରୁ ପାଣି ବଳିଲେ ବି ବନ୍ଧ ରକ୍ଷା ପାଏ । ରେଳ ପୋଲ, ସଡ଼କ ପୋଲ ଉପରେ ଯେତେ ଓଜନର ଗାଡ଼ି ମଟର ବା ରେଳ ଡ଼ବା ଯିବାର ସମ୍ଭାବନା ତାହାଠାରୁ ଶତକଡ଼ା ପଚିଶି, ତିରିଶି ଏପରିକି ପଚାଶ ଯାଏ 'ସିକ୍ୟୁରିଟି ଫାକ୍ଟର' ବା 'ନିରାପତ୍ତା' 'ହାତର ପାଞ୍ଚ' ରଖାଯାଇ ଥାଏ । ଏହାକୁ ଓଡ଼ିଆରେ ଆମେ କହିବା ହାତର ପାଞ୍ଚ । ଭାଷା କ୍ଷେତ୍ରରେ ବି ଅକ୍ଷରର

Digitized by srujanika@gmail.com

ଅନାବଶ୍ୟକତା ଏଭଳି ହାତର ପାଞ୍ଚ । ମନେ କରନ୍ତୁ ଗୋଟିଏ ବହିରେ ମୁଦ୍ରଣ ଦୋଷରୁ ଛାପା ହୋଇ ଯାଇଛି "ମୋର ଆର୍ଥିକ ଦୁଭାବସ୍ଥା ଯୋଗୁ ମୁଁ ଅତି ବିଫଦରେ ପଡ଼ିଛି ।" ଏଠାରେ 'ଦୁଭାବସ୍ଥା' ଓ 'ବିଫଦ' ବୋଲି ଯେଉଁ ଦୁଇଟି ଶବ୍ଦ ଭୁଲରେ ରହି ଯାଇଛି ସେ ଦୁଇଟି ପ୍ରକୃତରେ 'ଦୁରବସ୍ଥା' ଓ 'ବିପଦ' । ଏ ଦୁଇଟି ଶବ୍ଦକୁ ଚିହ୍ନିବାରେ କୌଣସି ଅସୁବିଧା ହେଉ ନାହିଁ କାରଣ 'ଦୁଭାବସ୍ଥା' ଓ 'ବିଫଦ' ଏଭଳି ଦୁଇଟି ଭିନ୍ନ ଅର୍ଥ-ବୋଧକ ଶବ୍ଦ ଆଉ ନାହିଁ । ଯଦି ସେଭଳି ଭିନ୍ନ ଅର୍ଥ ବୋଧକ ଶବ୍ଦ ଥାଆନ୍ତା ଅର୍ଥାତ୍ ଅକ୍ଷରର ସଂଯୋଗରେ ପ୍ରତ୍ୟେକ କ୍ଷେତ୍ରରେ ଯଦି ଅର୍ଥ ଥିଲା ଶବ୍ଦ ହୁଅନ୍ତା ତେବେ 'ଦୁଭାବସ୍ଥା' ଓ 'ବିଫଦ' ଯୋଡ଼ିଏ ଅଲଗା ଶବ୍ଦ ହୋଇ ଯାଇ ଥାଆନ୍ତା । ତେଣୁ କଥାଟି ବୁଝିବାରେ ଭୁଲ ହୋଇ ଥାଆନ୍ତା ଓ ଓଲଟା ବି ହୋଇଯାଇ ଥାଆନ୍ତା । ବା ମନେକରନ୍ତୁ ଜଣେ ଡାକ୍ତର ଗୋଟିଏ ବ୍ୟବସ୍ଥାପତ୍ର ଲେଖିଛନ୍ତି ଯେଉଁଥିରେ ଡାକ୍ତରମାନଙ୍କର ଲେଖିବାର ଢ଼ଙ୍ଗ ଯୋଗୁଁ ଗୋଟିଏ ଅକ୍ଷର ଉଡ଼ି ଯାଇଛି ବା ଏପଟ ସେପଟ ହୋଇ ଯାଇଛି । ଏକଥା ଇଂରାଜି ଡାକ୍ତରୀ ବ୍ୟବସ୍ଥାପତ୍ରରେ ତ ହରୁହର୍ଦ୍ଦମ ଘଟିପାରେ । (ଓଡିଆରେ ଏଭଳି ବ୍ୟବସ୍ଥାପତ୍ର ଲେଖା ଡାକ୍ତରିରେ ଚଳିନାହିଁ, କବିରାଜିରେ ଚଳୁଥିବ) ଯଦି ଏଭଳି ଗୋଟିଏ ଅକ୍ଷର ଉଡ଼ିଯାଇଥିଲେ ବା ଏପଟ ସେପଟ ହୋଇଯାଇଥିଲେ ବ୍ୟବସ୍ଥାପତ୍ରର ଅର୍ଥ ବଦଳି ଯାଆନ୍ତା ବା ଔଷଧ ନ ହୋଇ ଗୋଟାଏ କିଛି ବିଷାୟନ ହୋଇଯାଆନ୍ତା ତେବେ ତ ବିଷମ କଥା । ଏଥିରୁ ଜଣା ପଡୁଛି ଯେ ଅନାବଶ୍ୟକତା ସେମିତି ଫାଲ୍‌ତୁ କଥା ନୁହେଁ; ଏହା ଦରକାରୀ ଓ ଗୁରୁତ୍ୱପୂର୍ଣ୍ଣ । ହଜାର ହଜାର ବର୍ଷ ତଳୁ ଭାଷାର ଅକ୍ଷର ସମାବେଶ ଭିତରେ ଏହି ଅନାବଶ୍ୟକତା ରହିଛି । ଯାହା ଫଳରେ ମନୁଷ୍ୟ ଆପଣା ବୁଦ୍ଧି ଓ ସହଜ ଜ୍ଞାନରୁ 'ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇଛି' । କିନ୍ତୁ ଏକଥା ଏ ପର୍ଯ୍ୟନ୍ତ ଭାଷାତତ୍ତ୍ୱର ଚିନ୍ତା ଭିତରକୁ ଆସି ନଥିଲା । ଠିକ୍ ଯେପରି ପଦାର୍ଥ ବିଦ୍ୟାର ଆଲୋକ ପ୍ରତିବିମ୍ବ ତତ୍ତ୍ୱରୁ ଆମେ ଜାଣୁ ଯେ ମଣିଷ ଯାହା ଦେଖେ ତାହା ଓଲଟା ଭାବରେ ଦେଖେ ଅର୍ଥାତ୍ ଆଖିର ରେଟିନା ବା ପରଦାରେ ବାହାର ବସ୍ତୁର ଯେଉଁ ପ୍ରତିବିମ୍ବ ପଡ଼େ ତାହା ଓଲଟା ପ୍ରତିବିମ୍ବ ଅର୍ଥାତ୍ ଗୋଡ ଉପରକୁ ଓ ମୁଣ୍ଡ ତଳକୁ ତଥାପି ଆମର ମସ୍ତିଷ୍କ ତାହାକୁ ସଜାଡ଼ି ନିଏ ଏକଥା ମନୁଷ୍ୟ ତାର ଦୃଷ୍ଟିରେ ଦେଖିବା କାଳରୁ କରିଆସିଛି । ମାତ୍ର ପଦାର୍ଥ ବିଦ୍ୟାର ଆଲୋକ-ପ୍ରତିବିମ୍ବ-ତତ୍ତ୍ୱ ବା ଅପ୍‌ଟିକ୍‌ସ ବିଦ୍ୟାର ଆବିଷ୍କାର ଯାଏ ଏହାର ହେତୁ ଜାଣି ନଥିଲା ଠିକ୍ ସେପରି ମଣିଷ ଆପଣା ଭାଷାରେ କେତେଗୁଡ଼ିଏ ଅକ୍ଷରର ଯୋଗ-ଯୋଜନା ନିରର୍ଥକ ରଖି ଆସିଛି ତାହାର ସୁବିଧା ପାଇଁ । ଅଥଚ ସୂଚନା ତତ୍ତ୍ୱ ଏକଥା ଆବିଷ୍କାର କରି ନଥିବାରୁ ମଣିଷ ଏକଥା ଧରିପାରି ନଥିଲା । ଏହା ଥିଲା ମଣିଷ ଭାଷାରେ, "ନିରାପଦ ହାତର ପାଞ୍ଚ" 'Safety margin' 'ନିରାପଦ ଦୂରତ୍ୱ ।'

Digitized by srujanika@gmail.com

ଅକ୍ଷରମାନଙ୍କର ସଞ୍ଜୋଗ, ଯୋଡ଼, ତିନିଯୋଡ଼, ଚାରିଯୋଡ଼, ସମାସ, ସନ୍ଧିରେ କେତେକଙ୍କର ଅର୍ଥ ରହିଛି କେତେକଙ୍କର ଅର୍ଥ ନାହିଁ । କେତେକ ଶବ୍ଦ, କେତେ ନୁହନ୍ତି । କିନ୍ତୁ ସଂଖ୍ୟା କ୍ଷେତ୍ରରେ ଅର୍ଥାତ୍ 1, 2, 3, 4, 5, 6, 7, 8, 9 ରେ ଯେତେ ଯୋଗ ଯୋଡ଼, ତିନିଯୋଡ଼ ଇତ୍ୟାଦି କରାଯିବ ସେ ସବୁର କିଛି କିଛି ଅର୍ଥ ଅଛି । ଏଥିରୁ ଗୋଟିଏ ସମଷ୍ଟି ବି ପାଣିରେ ପଡ଼ିବ ନାହିଁ । ତଥାପି ସଂଖ୍ୟା କ୍ଷେତ୍ରରେ ବି 'ଅନାବଶ୍ୟକତା' ଏକାବେଳକେ ଶୂନ୍ୟ ନୁହେଁ । ମନେ କରନ୍ତୁ ଆମେ ଲେଖିଲେ 78 ତାହାକୁ 078, 0078, 00078 ଲେଖିଲେ ବି ଭୁଲ ହେବ ନାହିଁ । ଅଥବା ଦଶମିକ ପରେ ଗୋଟିଏ ସଂଖ୍ୟାର ପରବର୍ତ୍ତୀ ଶୂନ୍ୟ ଗୁଡ଼ିକ ଲେଖିଲେ (ଯଥା 0.50 - 0.5) ତାହା ଭୁଲ ହେବ ନାହିଁ । ଏଠାରେ ଅନାବଶ୍ୟକତା ରହିଛି । କିନ୍ତୁ ଅକ୍ଷର ଯୋଡ଼ିବା କ୍ଷେତ୍ରରେ ଅନାବଶ୍ୟକତା ଯେତେ ପରିମାଣରେ ରହିଛି ତାହା ତୁଳନାରେ ସଂଖ୍ୟା ଯୋଡ଼ିବାର ଅନାବଶ୍ୟକତା ନଗଣ୍ୟ ।

ଏକଥା କେବଳ ଯେ ବୈଜ୍ଞାନିକମାନେ ଜାଣନ୍ତି ସେ କଥା ନୁହେଁ, ନାନା କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମୀମାନେ ବି ଏକଥା ଜାଣନ୍ତି । ସଂଖ୍ୟା ଥିବା କୌଣସି ଲେଖାରେ ଟାଇପ୍ କଲା ଲୋକକୁ ଅକ୍ଷର ଥିବା ଲେଖା ଅପେକ୍ଷା ବେଶି ପଇସା ଦେବାକୁ ପଡ଼େ । ଅନୁବାଦ ଲେଖାଳିମାନେ ନାମବାଚକ ବିଶେଷ୍ୟ ଓ ସଂଖ୍ୟାର ହିସାବ କଲାବେଳେ ବଡ଼ ଅସୁବିଧାରେ ପଡ଼ନ୍ତି । ଏହାର କାରଣ ଅତ୍ୟନ୍ତ ସ୍ପଷ୍ଟ, କାରଣ ଅନୁବାଦକ ଜାଣନ୍ତି ନାହିଁ ଗୋଟିଏ ନାଁ ପରେ ପୁଣି କେଉଁ ନାଁ ପଡ଼ିବ ବା ଗୋଟିଏ ସଂଖ୍ୟା ପରେ ପୁଣି କେଉଁ ସଂଖ୍ୟା ପଡ଼ିବ, ଅଥଚ ସାଧାରଣ କଥାଭାଷାରେ ଯେହେତୁ ଭାଷାରେ ଏହି 'ଅନାବଶ୍ୟକତା' ରହିଛି । ତେଣୁ ପାଞ୍ଚୋଟି ବା ଛଅଟି ଅକ୍ଷରବାଲା ଶବ୍ଦରୁ ଚାରୋଟି ଅକ୍ଷର ପଢ଼ିଗଲେ ବାକୀ ଗୋଟିଏ ବା ଯୋଡ଼ିଏ ଅକ୍ଷର ଅନୁମାନ କରିନେବା ସେମାନଙ୍କ ପକ୍ଷରେ ଅସୁବିଧା ହୁଏ ନାହିଁ ।

ପୃଥିବୀର ସବୁ ପ୍ରାକୃତିକ ଭାଷାରେ ଏହି ଅନାବଶ୍ୟକତା ରହିଛି । ନିକଟରେ ପୃଥିବୀର କେତୋଟି ପ୍ରଧାନ ପ୍ରଧାନ ଭାଷା କ୍ଷେତ୍ରରେ ଏଥିର ଅନୁସନ୍ଧାନ ହୋଇଥିଲା । ସେଥିରୁ ଜଣାପଡ଼ିଛି ଯେ ପ୍ରତ୍ୟେକ ଭାଷାରେ ମୋଟା ମୋଟି ଶତକଡ଼ା ୭୦ ଠାରୁ ୮୦ ଯାଏ ଅନାବଶ୍ୟକତା ରହିଛି । ୧୯୬୭ ମସିହାରେ ଓଆରେନ୍ ଉଇଭର ତାଙ୍କର 'ବିଜ୍ଞାନ ଓ କଳ୍ପନା' ନାମକ ପ୍ରାମାଣିକ ପୋଥିରେ ଲେଖିଛନ୍ତି ; "ଇଂରାଜି ଭାଷାର ଶତକଡ଼ା ୫୦ ଯାଏ ଅନାବଶ୍ୟକ ।" ଏହାର ଅର୍ଥ ହେଉଛି ଗୋଟିଏ ଲେଖାରେ ଶହେଟି ଅକ୍ଷର ଥିଲେ ତା' ଭିତରୁ ୭୦ରୁ ୮୦ ଯାଏ ଅକ୍ଷର ଆମେ ଅନୁମାନ କରିପାରିବା ଯଦି ଆମେ ସେହି ଭାଷାଟିକୁ ଜାଣିଥାଉ । (ଅବଶ୍ୟ ଲେଖାରେ କ'ଣ ଅଛି ତାହା ଆମେ ନ ଜାଣିଥିଲେ ବି) ଭାଷାରେ 'ଅନାବଶ୍ୟକତା'

Digitized by srujanika@gmail.com

କଥା ଧରିଲାବେଳେ ଆମେ ମୋଟା ମୋଟି ଭାବରେ ସେହି ଭାଷାକୁ ଧରୁନ୍ତି । ଯାହା ହେଲା ସାହିତ୍ୟିକ ଓଡ଼ିଆ, ଇଂରାଜି, ରୁଷ, ଜର୍ମାନୀ, ଫରାସୀ, ସ୍ପେନୀୟ, ଚୀନାଭାଷା । ଏଭଳି ଭାଷାରେ 'ଅନାବଶ୍ୟକତା' ଶତକଡ଼ା ୭୦ରୁ ୮୦ ଯାଏ ଏପଟ ସେପଟ ହୁଏ । କିନ୍ତୁ କୌଣସି ବୈଷୟିକ ଭାଷାରେ ଅର୍ଥାତ ପାରିଭାଷିକ ଭାଷାରେ ବା ପରିଭାଷାରେ ଯଥା କାରିଗରୀ, ବିଜ୍ଞାନ, କୋର୍ଟ କଚେରୀ ଅଦାଲତ ବା କୌଣସି ପ୍ରକାର 'ଶଣି ଠାର' ବା ସଙ୍କେତରେ 'ଅନାବଶ୍ୟକତା'ର ପରିମାଣ ସାଧାରଣ ସାହିତ୍ୟ ଭାଷାର ପରିମାଣ ଠାରୁ ଅଧିକ । କାରଣ ପରିଭାଷିକ ଭାଷାରେ ଶବ୍ଦର ସଂଖ୍ୟା କମ୍ । ତାହାର ଅର୍ଥ ଅକ୍ଷର ସମଷ୍ଟି ବା ସମାହାର ହେଉଛି ସୀମିତ । ଏଥିରେ କେତେଗୁଡ଼ାଏ ମାର୍କାମରା ଶବ୍ଦ ବାରମ୍ବାର ଆସେ, ସେହି ସେହି ଶବ୍ଦର ପୁନରାବୃତ୍ତି ହୁଏ । ତେଣୁ ଏଭଳି ଭାଷା ଏକ ଖୋଲା ସାଧାରଣ ଭାଷାଠାରୁ ନିର୍ଦ୍ଧନ । ଏହି କାରଣରୁ ବିଲାତର ଜଣେ ଆଇନଜ୍ଞ ସେହି ଭାଷା ନ ଜାଣି ଥିଲେ ବି ଭାରତର କୌଣସି ଭାଷାରେ ବା ଜର୍ମାନୀ ଭାଷାରେ ଆଇନ ବହି ପଢ଼ିଦେବା ଯେତେ ସହଜ ସାଧାରଣ ପାଠକ ଗୋଟିଏ ସାଧାରଣ ଅପରିଭାଷିକ ବହି ପଢ଼ି ଦେବା ସହଜ ନୁହେଁ ।

ଅଭିଜ୍ଞ ଟାଇପବାଲାମାନେ କହିବେ କୌଣସି ଦରଖାସ୍ତ ବା କୌଣସି ଅଦାଲତର ପିଟିସନକୁ ଟାଇପ ବାଡ଼େଇ ଦେବା ସହଜ ; ମାତ୍ର କବିତାକୁ ଟାଇପ କରିବା ସହଜ ନୁହେଁ । କାରଣ କବିତାରେ ଅପ୍ରତ୍ୟାଶିତ ଶବ୍ଦ ଓ ବାକ୍ୟାଂଶ ଆସି ପହଞ୍ଚେ ଯାହା ଟାଇପ୍ କଲାବାଲାର ଗୋଚରରେ ନଥାଏ ।

ସୋଭିଏଟ ଗବେଷକ ପିଏଟ୍ରୋଭସ୍କି ନିର୍ଣ୍ଣୟ କରିଛନ୍ତି ଯେ ରୁଷ ଭାଷାରେ 'ସରକାରୀ ଢ଼ଙ୍ଗ'ର ଲେଖାରେ ଅନାବଶ୍ୟକତା ହେଉଛି ପ୍ରାୟ ଶତକଡ଼ା ୮୫ (ଏହି କ୍ଷେତ୍ରରେ ସେ ବୈଜ୍ଞାନିକ ଓ ରାଜନୈତିକ ଲେଖାଗୁଡ଼ିକ ଆଲୋଚନାକୁ ନେଇଥିଲେ) । ଆମେରିକାର ବୈଜ୍ଞାନିକମାନେ ଆଉ ଏକ ଅତିରେକ ବିଶେଷକ ଭାଷାର ବିଶ୍ଳେଷଣ କରିଥିଲେ । ଏହି ଭାଷା ହେଲା ଉଡ଼ାଜାହାଜ ଚାଳକ ଓ ଉଡ଼ାଜାହାଜ ଷ୍ଟେସନ ଅଫିସରମାନଙ୍କ ଭିତରେ ଚଳୁଥିବା କଥାଭାଷା । ଏକଥା ସ୍ୱାଭାବିକ ଯେ ଏମାନଙ୍କ ଭାଷାରେ କେତୋଟି ସୀମାବଦ୍ଧ ବିଷୟରେ ଆଲୋଚନା ଛଡ଼ା ଆଉ କିଛି ନଥାଏ । ତା'ଛଡ଼ା ସେହି କଥା ସେହି କଥା ବାରବାର ଦୋହରାଯାଏ । ଏଥିରେ ବି ବହୁ ପରିମାଣରେ ଫର୍ମା ଦୋରସ୍ତ ରୋକଠୋକ ଶବ୍ଦ ଥାଏ, ଯେଉଁଥିରୁ ଏପଟ ସେପଟ ହେବାର ଉପାୟ ନାହିଁ ।

ଏଭଳି ସ୍ଥଳେ ଅନାବଶ୍ୟକତା ପ୍ରାୟ ଶହେକେ ୯୬ ଅକ୍ଷର ଯାଏ ହୋଇଯିବ । ଅର୍ଥାତ୍ ଏହି ପ୍ରକାର କଥାଭାଷାଳିମାନଙ୍କ ଲାଗି ଭାଷାର ବର୍ଣ୍ଣମାଳା ଭିତରେ ଶହେ ଅକ୍ଷରରୁ ୯୬ ଅକ୍ଷର ପ୍ରାୟ ଅନାବଶ୍ୟକ ।

Digitized by srujanika@gmail.com

ଅବଶ୍ୟ ଏଭଳି ଅନାବଶ୍ୟକତା ଉଡ଼ାଜାହାଜ ଚାଳକ ଓ କର୍ମଚାରୀଙ୍କର ନିଜ କାର୍ଯ୍ୟ କ୍ଷେତ୍ରରେ ଅତ୍ୟନ୍ତ ପ୍ରୟୋଜନ । କାରଣ ସେମାନଙ୍କର କଥାଭାଷାରେ ଟିକିଏ ଯଦି କେଉଁଠି ବୁଝିବାରେ ଭୁଲ ହୋଇଯିବ ଯଦି ଗୋଟିଏ ଅକ୍ଷରର ଭୁଲ ହୋଇଯିବ – ତେବେ ତାହା ଜୀବନ ମରଣ ସମସ୍ୟା ଭାବରେ ଦେଖାଦେବ । ପୁଣି ଯେଉଁଭଳି ସଦାସର୍ବଦା ଗୋଳମାଳ ଓ ବିମାନର ନିର୍ଘୋଷ ଇତ୍ୟାଦି ଚାଲିଥାଏ, ସେଥିରେ ଏଭଳି ଭାବରେ ଅକ୍ଷର ଏପଟ ସେପଟ ହୋଇଯିବାର ମଧ୍ୟ ସମ୍ଭାବନା ଅଛି । ଶବ୍ଦର ତାରତମ୍ୟର ସମ୍ଭାବନା ଅଛି । ତେଣୁ ଏଭଳି ଶବ୍ଦ କହିବାକୁ ହେବ ଯାହାର ନିକଟତମ ଧ୍ୱନିର କୌଣସି ଅର୍ଥ ନଥିବ; ଯେପରି ଶବ୍ଦର ଧ୍ୱନିରୁ ଗୋଟିଏ ମାତ୍ର ଅର୍ଥ, ଧ୍ୱନି ଯେତେ ବିକୃତ ବା ବିକଳ ହେଲେ ବି ହେଉଥିବ । ସେହି କାରଣରୁ ଚାଳକ ଓ ତଳର ଡ଼ିୟୁଟି ଅଫିସର କଥାରେ ଶତକଡ଼ା ୯୬ 'ଅଧିକା' ଥାଏ ଯେପରିକି ତାହା 'ନିରାପଦ ହାତର ପାଞ୍ଚ' ଯେଉଁଥିରେ ବୁଝିବାରେ କୌଣସି ପ୍ରକାର ଗୋଳମାଳ ନ ରହେ ।

ସୂଚନା ତତ୍ତ୍ୱର ଆବିଷ୍କାର ଅନୁସାରେ ଏବେ ବ୍ୟବସାୟ କ୍ଷେତ୍ରରେ ନୂଆ କୋଡ଼୍ ଭାଷା ତିଆରି ହୋଇଛି । ତେଣୁ ସୂଚନା ତତ୍ତ୍ୱ ବିଶାରଦମାନେ ଏବେ ନାନା ଧରଣର ବ୍ୟବସାୟ ପାଇଁ ସ୍ୱତନ୍ତ୍ର ସ୍ୱତନ୍ତ୍ର କୋଡ଼୍ ଭାଷା ତିଆରି କରିବାରେ ଲାଗିଛନ୍ତି । ଗୋଟାଏ ଶବ୍ଦ ବା ବାକ୍ୟାଂଶ ବାରମ୍ବାର ବ୍ୟବହାର ହେଉଥିବାରୁ ତାକୁ ଆଉ ବାରମ୍ବାର ବ୍ୟବହାର ନକରି ତାହାରି ଜାଗାରେ ଗୋଟାଏ ଚିହ୍ନ ବ୍ୟବହାର କରିଦେଲେ ସମୟ ବଞ୍ଚୁଛି ଓ ଜାଗା ବି ବଞ୍ଚୁଛି । ଟେଲିଗ୍ରାଫ ମୋର୍ସ କୋଡ଼୍‌ରେ ଅଲଗା ଅଲଗା ଅକ୍ଷରର ଅଲଗା ଅଲଗା ଚିହ୍ନ ଥିଲା । କିନ୍ତୁ ଏବେ ଗୋଟା ଗୋଟା ଶବ୍ଦ ପାଇଁ ଏପରିକି ଦୁଇଟା ଶବ୍ଦ ପାଇଁ ବି ଗୋଟାଏ ଚିହ୍ନ ଦେଲେ ବି ଚଳୁଛି । ଯଥା 'Dear sir' ଗୋଟିଏ ଚିହ୍ନ 'Yours faithfully' ପାଇଁ ଆଉ ଗୋଟିଏ ଚିହ୍ନ । 'Thanking you' ପାଇଁ ଆଉ ଗୋଟିଏ ଚିହ୍ନ 'with our best compliments' ପାଇଁ ଆଉ ଗୋଟିଏ ଇତ୍ୟାଦି ଇତ୍ୟାଦି ।

ବିଶେଷ ଧରଣର ଲେଖା ଯଥା ବ୍ୟବସାୟ, ମାଲ ବିକାକିଣା, ରେଳବାଇ ରିସିଟ୍ ଇତ୍ୟାଦିରେ ଅନାବଶ୍ୟକତାର ପରିମାଣ ବେଶି କିନ୍ତୁ ଉପନ୍ୟାସ ଇତ୍ୟାଦି ଗଦ୍ୟରେ ଅନାବଶ୍ୟକତାର ପରିମାଣ ଅପେକ୍ଷାକୃତ କମ୍ । ଜଣେ ଭଲ ଲେଖକ କେବେ କେତୋଟି ଶବ୍ଦର ସୀମା ଭିତରେ ଷ୍ଟାଣ୍ଡାର୍ଡ଼ ରଖି ଲେଖନ୍ତି ନାହିଁ । ତାଙ୍କର ଭାଷା ବର୍ଣ୍ଣିଳ ହୁଏ । ସେଥିର ବିବିଧ ଶବ୍ଦର ପ୍ରାଚୁର୍ଯ୍ୟ ଥାଏ । ସେଥିରେ ନାନା ଉପମା ଓ ଅପ୍ରତ୍ୟାଶିତ ଭାବ ଥାଏ । ତେଣୁ ଏଭଳି ଭାଷାରେ ଅନାବଶ୍ୟକତା ସାଧାରଣ ଭାଷାର ଅନାବଶ୍ୟକତାଠାରୁ ନିଶ୍ଚିତ ଭାବରେ କମ୍ ହେବ ।

Digitized by srujanika@gmail.com

ଅନାବଶ୍ୟକତା ନଥିଲେ...

ମନେକରନ୍ତୁ ଆମେ ଗୋଟିଏ ମୂଣି ଭିତରେ ଓଡ଼ିଆ ଭାଷା ଉପରେ ହିସାବ ହୋଇଥିବା ବର୍ଣ୍ଣମାଳାର ଅକ୍ଷରତକ ସମାନ ସଂଖ୍ୟାରେ ପୂରାଇ ରଖିଲୁ ଓ ସେଗୁଡ଼ିକୁ ଅନ୍ଧାଧୁନିଆ ମୂଣିରୁ ବାହାର କରି ତାକୁ ଯେଭଳି ଭାବରେ କରିଥିଲୁ ସେଭଳି ଗୋଟିକ ପରେ ଗୋଟିଏ ସଜାଡ଼ି ରଖିଲୁ । ତାହାହେଲେ ଏଭଳି ଗୋଟିଏ ଶବ୍ଦ ବାହାରିବ ଯାହା ପଢ଼ାଯାଇ ପାରିବ ନାହିଁ । ଏଥିରେ ବି କିଛି ଭୁଲ ଅଛି କି ନାହିଁ ତାହା ବି ଧରିବା କାଠିକର ପାଠ ହେବ ।

ଏକଥା ଆଗରୁ କୁହା ସରିଛି ଯେ ଗୋଟିଏ ସନ୍ଦେଶରେ କେତେ ପରିମାଣରେ ସୂଚନା ଅଛି ତାହା ସୂଚନା ତତ୍ତ୍ୱର ପଦ୍ଧତି ଅନୁସାରେ ଠିକ୍ କରାଯାଇ ପାରିବ । ଏପରିକି କୋଡ୍‌ର ଚିହ୍ନ ଅର୍ଥାତ୍ ଅକ୍ଷରଗୁଡ଼ିକ ସମାନ ସମାନ ସମ୍ଭାବନାରେ ଦେଖା ଦିଅନ୍ତୁ ବା ଅସମାନ ସମ୍ଭାବନାରେ ଦେଖା ଦିଅନ୍ତୁ ଅର୍ଥାତ୍ ଅ, କ୍, ମ୍, ର୍, ଭଳି ଶବ୍ଦ ସମାନ ସମାନ ଥର ସେହି ଲେଖାରେ ପ୍ରକାଶ ପାଆନ୍ତୁ ବା କେହି ବେଶି ଥର ଓ କେହି କେହି କମ୍ ଥର ପ୍ରକାଶ ପାଆନ୍ତୁ । ଭାଷା ବି ଏଭଳି ଗୋଟିଏ କୋଡ୍ ଓ ଅକ୍ଷରଗୁଡ଼ିକ ଏଭଳି କୋଡ୍‌ର ଚିହ୍ନ-ସଙ୍କେତ ।

ତେବେ ଦେଖାଯାଉ ଓଡ଼ିଆ ଲିପିର ସେହି ଅକ୍ଷର ବାରମ୍ବାର ଗୋଟିଏ ଲେଖାରେ ଆତ୍ମପ୍ରକାଶ କରିବାର ସମ୍ଭାବନା କେତେ ଦୂର ? ତାହା ଜାଣିବାକୁ ହେଲେ ଆମକୁ ଗୋଟିଏ ବେଶ ବଡ଼ ଧରଣର ଓଡ଼ିଆ ଲେଖା ନେଇ ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଷର କେତେ ଥର ସେହି ଲେଖାରେ ଆତ୍ମପ୍ରକାଶ କରିଛି ତାହାକୁ ଗଣିବାକୁ ହେବ । ବସ୍ତୁତଃ, ଅକ୍ଷରର ପୌନପୌନିକ ବ୍ୟବହାର ଠିକ୍ ରୋକଠୋକ ଭାବରେ ଜାଣିବାର ଥିଲେ କେତେଗୁଡ଼ିଏ ଲେଖା ନେବାକୁ ହେବ କାରଣ ଗୋଟିଏ ଲେଖାରେ କବି ବା ଲେଖକଙ୍କର ଝୁଙ୍କ ଅନୁସାରେ ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଷର-ଥିବା ଶବ୍ଦ ବେଶି ସଂଖ୍ୟାରେ ରହିଯିବାର ସମ୍ଭାବନା । ଉଦାହରଣ ସ୍ୱରୂପ କୌଣସି ଆଧୁନିକ ଅର୍ଥନୀତି ବିଷୟକ ପୋଥିରେ 'ଣ' ଅକ୍ଷରର ବହୁଳ ପ୍ରୟୋଗ ଦେଖିବାକୁ ମିଳିବ ଯାହା ସାଧାରଣତଃ ଓଡ଼ିଆ ପ୍ରୟୋଗରେ ଅନ୍ୟତ୍ର ଦେଖାଯାଏ ନାହିଁ । ସରଳୀକରଣ, ଯନ୍ତ୍ରୀକରଣ, ବ୍ୟାଙ୍କ ଜାତୀୟକରଣ, ବିଶ୍ଳେଷଣ, ସଂଶ୍ଳେଷଣ, ଶିଳ୍ପୀକରଣ, ଆୟର ସମୀକରଣ ଇତ୍ୟାଦି । ଏହାଛଡ଼ା ସାଧାରଣ ଗଦ୍ୟଭାଷାରେ ଅକ୍ଷରର ବ୍ୟବହାରଠାରୁ କବିତାରେ ଅକ୍ଷର ବ୍ୟବହାରର ସ୍ୱତନ୍ତ୍ରତା ବି ଲକ୍ଷ୍ୟ କରିବାର କଥା । କାରଣ କବିମାନେ ଅନୁପ୍ରାସ ଓ ଯମକ ଇତ୍ୟାଦି ଅଳଙ୍କାର ବ୍ୟବହାରରେ ଅଘଟଣ ଘଟଣ କରନ୍ତି ଯଥା-

Digitized by srujanika@gmail.com

ଶୁକ୍ତି ତାରକିତ ସୈକତେ ଫେନଚୂଡ଼ ଲହରୀ
ବୃନ୍ଦେ ଚନ୍ଦ୍ରଚୂଡ଼ ଚରଣ ସ୍ତରେ ସ୍ତରେ ସଞ୍ଚରି ।

– ରାଧାନାଥ

ଏଠାରେ 'ସ'ର ବ୍ୟବହାର ଓଡ଼ିଆ ଭାଷାର ଶବ୍ଦରେ ସେତେ ଅପାଂକ୍ତେୟ ନୁହେଁ; କିନ୍ତୁ 'ଚ'ର ବ୍ୟବହାର ଏତେ ଅଧିକ ହୁଏ ନାହିଁ । ଅଥବା ଆଉ ଗୋଟିଏ ଉଦାହରଣ ନିଆଯାଉ-

ଚାଳି ଚଲାଇ ଚଳୁଛି କେହି   କାହା ଟାଙ୍ଗଣ ଯାଉଛି ବହି
କେ ଯୋଡ଼ି ଅଡ଼ି ରହନ୍ତେ ଲେଡ଼ି ଯୋଡ଼ି ଲଗାଇ ଯେ
କେଉଁଠି ଚାଳେ ଦୁଇ ଗୋଡ଼ରେ   ସୁଆର ଖସି ପଡ଼ିବା ଡ଼ରେ
କଣ୍ଠକୁ ଭିଡ଼ି ଧରି ଦୃଢ଼ରେ ସମ୍ଭାଳି ରହେ ଯେ
କାହା ଘୋଡ଼ା ଘୋଡ଼ିକି ଦେଖି ଆଗରେ
ମରେ ମିଶି ଆସନ୍ତେ ଅତି ବେଗରେ
ବାମ ହାଥକୁ ଅଳପ ମୋଡ଼ି   ଆଡ଼େ ସଳଖି ଲଗାନ୍ତେ ଲେଡ଼ି
ପବନ ପରି ଗଲା ସେ ଉଡ଼ି ସେହି ଲାଗରେ ।

(ବ୍ରଜନାଥ ବଡ଼ଜେନା)

ଏଠାରେ ମଧ 'ଚ', ଡ଼, ପ ଓ 'ଳ' ଭଳି ଅଳ୍ପ ବ୍ୟବହାରରେ ଲାଗୁଥିବା ଅକ୍ଷର ବହୁ ପରିମାଣରେ ଲାଗିଛି ।

କିନ୍ତୁ ସାଧାରଣ ଗଦ୍ୟ ଭାଷାରେ ଉପର ଲିଖିତ ବ୍ୟତିକ୍ରମ ଭଳି ସଚରାଚର ବ୍ୟତିକ୍ରମ ହୁଏ ନାହିଁ । ଓଡ଼ିଆ ଭାଷାରେ ସବୁଠାରୁ ବହୁଳ ପ୍ରଚଳିତ ଅକ୍ଷର ହେଉଛି ଅ, ଏ, ମ୍, କ୍, ସ୍, ର୍ ଇତ୍ୟାଦି ଅକ୍ଷର । ରୁଷ ଭାଷାରେ ଏଭଳି ଗୋଟିଏ ହିସାବରେ ଦେଖାଯାଇଛି ସେମାନଙ୍କର ଗୋଟିଏ ଅକ୍ଷର ଏକ ହଜାର ଅକ୍ଷର ଭିତରେ ୬୨ ଥର ମିଳିଛି । ଆଉ ଗୋଟିଏ 'O' (ଓ) ଅକ୍ଷର ୯୦ ଥର ମିଳିଛି ଅଥଚ 'ଏଫ' ଅକ୍ଷର ଏକ ହଜାର ଅକ୍ଷର ଭିତରେ ମାତ୍ର ଦୁଇଥର ମିଳିଛି ।

ଯେହେତୁ ଓଡ଼ିଆ ଭାଷା ବିଭିନ୍ନ ଅକ୍ଷରର ଶବ୍ଦରେ ବ୍ୟବହାରରେ ପୌନପୌନିକତା ଭିନ୍ନ ଭିନ୍ନ ଅର୍ଥାତ୍ ଗୋଟିଏ ଅକ୍ଷର ହଜାରେ ଅକ୍ଷର ଭିତରେ ଚାଳିଶି ଥର ଆତ୍ମପ୍ରକାଶ କଲେ ର ଭଳି ଅକ୍ଷର ବା ଞ ଭଳି ଅକ୍ଷର .୦୫ ଥର ଆତ୍ମପ୍ରକାଶ କରେ; ତେବେ ଏକଥା ସୂଚନା ତତ୍ତ୍ୱର ସୂତ୍ର କହୁଛି ଯେ ର ବା ଞ

Digitized by srujanika@gmail.com

ଯେତେ ସୂଚନା 'ବହନ' କରେ 'ଅ' 'କ' ବା 'ର' ଅକ୍ଷର ସେତେ ସୂଚନା ବହନ କରେ ନାହିଁ । ମୋଟା ମୋଟି ଭାବରେ ଆମେ ଗୋଟିଏ ଓଡ଼ିଆ ଶବ୍ଦ ଯଦି ହାରାହାରି ୫ ଗୋଟି ଅକ୍ଷରରେ ତିଆରି ବୋଲି ଧରୁଁ ତେବେ ଏଥିରେ ଯେଉଁ ପାଞ୍ଚଟି 'ଦ୍ୱିକ' ସୂଚନା ଥିବାର କଥା, ତାହା ନ ରହି ୪.୩୫ ବା ସେଭଳି କିଛି 'ଦ୍ୱିକ' ବା Bit ସୂଚନା ରହିବ । ଓଡ଼ିଆ ଭାଷାରେ ଏ ବିଷୟରେ ଆଦୌ ଗବେଷଣା ନ ହୋଇଥିବାରୁ ଏହି ଅନୁମାନ କେବଳ ଭାଷା ବିଜ୍ଞାନର ମୋଟାମୋଟି ସୂତ୍ର ଅନୁସରଣରେ ଦିଆଯାଇଛି । କାରଣ ପ୍ରତ୍ୟେକ ଗବେଷିତ ଭାଷାରେ ଏହି 'ଦ୍ୱିକ' ହେଉଛି ୪.୩୫ ଠାରୁ ୪.୫ ଭିତରେ । ତେଣୁ ଓଡ଼ିଆ ଭାଷାରେ ଗୋଟିଏ ଅକ୍ଷରର ସୂଚନା ପରିମାଣ ଏହାରି ଭିତରେ କେଉଁଠି ଠାଏ ହେବ ।

ଆଗରୁ ଯେଭଳି ମୁଣିରେ ଗୁଡ଼ିଏ ଓଡ଼ିଆ ଟାଇପ୍ ନେଇଥିଲେ, ସେଥିରେ ଆମେ ସବୁ ଅକ୍ଷରରୁ ସମାନ ସମାନ ସଂଖ୍ୟାରେ ନେଇଥିଲୁ । ତାହାରୁ ଅନ୍ଧାଧୂନିଆ ବାହାରକରି ଯୋଡ଼ିଲାରୁ ଏଭଳି ଶବ୍ଦ ସବୁ ବାହାରିଲା ଯେ ଯାହା ଓଡ଼ିଆ ଭାଷାରେ କେବେ ଶୁଣାଯାଇ ନଥିବ । ତେବେ କମ୍ପୋଜିଟର ବା ପ୍ରେସ ମାଲିକମାନେ ଜାଣନ୍ତି ସାଧାରଣତଃ ଛପେଇ କାର୍ଯ୍ୟରେ କେଉଁ କେଉଁ ଓଡ଼ିଆ ଅକ୍ଷର ବେଶି ବ୍ୟବହାର ହୁଏ । ତେଣୁ ବିଶେଷତଃ 'ର' ଉପରେ ବେଶି ଜୋର ପଡ଼ିବାରୁ ତାର ଲାଙ୍ଗୁଳ କଟିଯାଏ । ଏଭଳି କେତେଗୁଡ଼ିଏ ବେଶି ବ୍ୟବହାରରେ ଲାଗୁଥିବା ଅକ୍ଷରରୁ ମନେକରନ୍ତୁ ଶତକଡ଼ା ୪୦ ଓ ଅଳ୍ପ ବ୍ୟବହାରରେ ଲାଗୁଥିବା ଞ, ଙ, ଠ, ଢ ରୁ ଅଳ୍ପ ଅଳ୍ପ ନେଇ ଆମେ ଗୋଟିଏ ମୁଣିରେ ରଖି ପୁଣି ଅନ୍ଧାଧୂନିଆ ଶବ୍ଦ ତିଆରି କଲୁ । ଏଥରକ ଗତଥର ଅପେକ୍ଷା ଅକ୍ଷର ସମଷ୍ଟି ଗୁଡ଼ିକ ଓଡ଼ିଆ ଶବ୍ଦ ଭଳି ଲାଗିବ । ତେବେ ବି ସେ ବାକ୍ୟ ଓଡ଼ିଆ ବାକ୍ୟ ହେବ ନାହିଁ ।

ଏଥିରେ ପୁଣି ଅଟକିଲା କ'ଣ ? ପ୍ରଥମ କଥା ଓଡ଼ିଆ ଅକ୍ଷର ସବୁ କି ଭଳି ପୌନପୌନିକତାରେ ଆତ୍ମପ୍ରକାଶ କରନ୍ତି ବା ଗୋଟିଏ ହଜାର ଅକ୍ଷରରେ କେଉଁ ଅକ୍ଷର କେତେଥର ହାରାହାରି ଦେଖା ଦିଅନ୍ତି, ତାହା ସିନା ଆମକୁ ମିଳିଗଲା; ତାହାଛଡ଼ା ଆମେ ଜାଣୁଥାଉଁ ଯେ କେତେଗୁଡ଼ିଏ ଅକ୍ଷର ଶବ୍ଦର ଆରମ୍ଭରେ ଲାଗନ୍ତି ନାହିଁ ଯଥା 'ଣ' ଓ 'ଞ' । ତେଣୁ ଏଭଳି ଭାବରେ ଅକ୍ଷର ବିନ୍ୟାସର ପଦ୍ଧତିରେ ନାନା ସୀମାବଦ୍ଧତା ରହିଛି । ତେଣୁ ଗୋଟିଏ ଛାପା ଅକ୍ଷର କେତେ ପରିମାଣରେ ସୂଚନା ବହନ କରୁଛି ତାହା ଏହା ଫଳରେ କମିଯାଉଛି । ଯଦି ଆମେ ଗୋଟିଏ ଖୁବ୍ ବଡ଼ ପରିମାଣର ଗଦ୍ୟାଦର୍ଶ ନେଉ ଓ ସେଥିରେ ଦୁଇଟି ଅକ୍ଷରର ଯୋଡ଼ିର ପୌନପୌନିକତାକୁ ହିସାବକରୁ (ଏହା ଇଂରାଜି, ରୁଷ, ଜର୍ମାନ, ବଂଗଳା ଯେ

Digitized by srujanika@gmail.com

କୌଣସି ଭାଷା କ୍ଷେତ୍ରରେ ହୋଇପାରେ) ଓ ତାହା ପରେ ଆମେ ଏଥିରେ ଥିବା ସୂଚନା ପରିମାଣକୁ ହିସାବ କରୁ ତେବେ ଆମେ ଗୋଟିଏ 'ବାକ୍ୟାଂଶ ମଡ଼େଲ' ପାଇବା । ଏଭଳି ଭାବରେ ଦେଖିଲେ ଓଡ଼ିଆ ଭାଷାରେ ଗୋଟିଏ ଅକ୍ଷର ଯେଉଁ ପରିମାଣର ସୂଚନା ବହନ କରେ ତାହା ହେବ 3.52 ଦ୍ୱିକ (ଏକକ ନୁହେଁ) ।

ଏଭଳି ଭାବରେ ଦୁଇଟିକିଆ ଅକ୍ଷରବାଲା ଶବ୍ଦ, ତିନିଟିକିଆ ଅକ୍ଷରବାଲା ଶବ୍ଦ ଓ ଏଭଳି ଚାରି ବା ପାଞ୍ଚ ଟିକିଆ ଅକ୍ଷରବାଲା ଶବ୍ଦଗୁଡ଼ିକରେ ଆମେ ଦେଖିବା ଯେ ଶବ୍ଦରେ ଅକ୍ଷର ସଂଖ୍ୟା ଯେତିକି ବଢ଼ିଥିବ ସେତିକି ଅକ୍ଷରର ସୂଚନା ପରିମାଣ କମୁଥିବ । ଓଡ଼ିଆ ଭାଷାରେ ଏଭଳି ତିନିଟିକିଆ ଅକ୍ଷର ଶବ୍ଦରେ ଗୋଟିଏ ଅକ୍ଷରର ସୂଚନା ପରିମାଣ 3.52 ନ ହୋଇ ପ୍ରାୟ 3.01 ଯାଏ ହୋଇଯିବ । ତେବେ ଗୋଟିଏ ଅର୍ଥପୂର୍ଣ୍ଣ ଓଡ଼ିଆ ବାକ୍ୟରେ ଗୋଟିଏ ଅକ୍ଷରର ସୂଚନା ପରିମାଣ ମୋଟ ଉପରେ କେତେ ?

ଯେତେବେଳେ ଦୁଇ, ତିନି ବା ତାହାଠାରୁ ଅଧିକ ଅକ୍ଷର ସାଙ୍ଗକୁ ଆମେ ବ୍ୟାକରଣ, ଶୈଳୀ ଓ ପଦବିନ୍ୟାସ ଯୋଗୁଁ ଯେଭଳି ଗୋଟିଏ ବାକ୍ୟର ଗୋଟିଏ ଯଥାଯଥ ଅର୍ଥ ବାହାରେ (ଏପର୍ଯ୍ୟନ୍ତ ଆମେ ବାକ୍ୟର ଅର୍ଥ ବିଷୟ ଧରି ନ ଥିଲେ) ତେବେ ଆମେ ଏକ ଜଟିଳ ଓ ରୋକ୍ ଠୋକ୍ ସୀମାଭିତରେ ପଡ଼ିଯାଉ ଥାଇଁ ।

କାରଣ କୌଣସି ଆଦାନ ପ୍ରଦାନର ମାଧମରେ ଆମେ ଯେଉଁ ଖବର ପଠାଉଁ ତାହାତ କେବଳ ଅକ୍ଷର ସମଷ୍ଟି ନୁହେଁ ବା ଅନ୍ୟ କୌଣସି ମାମୁଲି କୋଡ୍ ସଙ୍କେତ ନୁହେଁ । ଭାଷା ଆଦାନ ପ୍ରଦାନର ମୁଖ୍ୟ କାର୍ଯ୍ୟ ହେଲା ଖବର ଯାହା କୌଣସି ବିଷୟ ବସ୍ତୁ ଓ ଯାହାର ନିର୍ଦ୍ଦିଷ୍ଟ ଅର୍ଥଅଛି । ମନେକରନ୍ତୁ ଗୋଟିଏ ସମ୍ବାଦ ଆସି ପହଞ୍ଚିଲା "କାଲି ପହଞ୍ଚିବି, ବିଜୟ" ଏଥିରେ ଆମର ଦେଖିବାର କଥା ଏହି ସମ୍ବାଦର ଅର୍ଥ କ'ଣ । ଏଥିରେ କି କି ଅକ୍ଷର ଯୋଡ଼ା ହୋଇଛି ସେ ବିଷୟରେ ଆମେ ଆଦୌ ମୁଣ୍ଡ ପୂରାଉ ନାହିଁ ।

ଆମେ ବୁଝିବାକୁ ଚାହୁଁ ଏହି ସମ୍ବାଦର ଅକ୍ଷର ଗୁଡ଼ିକରେ କି ଅର୍ଥ ନିହିତ ରହିଛି ବା କୋଡ୍‌ର ସଙ୍କେତ କ'ଣ କହୁଛି ? ଯେଉଁ ଲୋକ ବିଜୟ ନାମକ ସମ୍ବାଦପ୍ରେରକକୁ ଚିହ୍ନେ ତା'ପାଇଁ ସମ୍ବାଦଟି ଅତି ସ୍ପଷ୍ଟ ; କିନ୍ତୁ ଯେଉଁ ଲୋକ ବିଜୟ ନାମକ ସମ୍ବାଦ ପ୍ରେରକକୁ ଚିହ୍ନେ ନାହିଁ ତା ପାଇଁ ଟେଲିଗ୍ରାମର ସେପରି କିଛି ଅର୍ଥ ନାହିଁ । ବାସ୍ତବରେ ଏହି ସମ୍ବାଦ, ଯେଉଁ ଲୋକ ପାଇଁ ଉଦ୍ଦିଷ୍ଟ ନୁହେଁ, ତା' ପାଇଁ କୌଣସି ଖବର ବହନ କରୁନାହିଁ ।

Digitized by srujanika@gmail.com

ଗୋଟିଏ ବାକ୍ୟର ଗଢ଼ଣ ହୁଏତ ବେଶ୍ ଢ଼ଉଲଢ଼ାଉଲ । ଶୁଣିବାକୁ ବି ବେଶ୍ ଲାଗିପାରେ ତଥାପି ତାହା କୌଣସି ଲୋକ ପାଇଁ କୌଣସି ଅର୍ଥ ବୁଝାଇ ନ ପାରୁଥାଏ । ତେଣୁ ଆମର ଦେଖିବାର କଥା ବାକ୍ୟର ଅର୍ଥ କ'ଣ ? ଏଥିରୁ ଆମେ ଏକଥା ମଧ୍ୟ ବୁଝିବାକୁ ଚେଷ୍ଟାକରିବା ଅର୍ଥର କି ଅର୍ଥ ? ଅର୍ଥାତ୍ ଅର୍ଥ କାହାକୁ କହନ୍ତି ? ଉଦାହରଣ ସ୍ୱରୂପ ଜଣେ ଆଧୁନିକ ପଦାର୍ଥବିଦ୍ କହନ୍ତି ଯେ ଗୋଟିଏ ଫୋଟନ୍ ହେଉଛି ଏକାଧାରରେ ଗୋଟିଏ ବସ୍ତୁକଣା ଓ ଗୋଟିଏ ତରଙ୍ଗ । ଏକଥା ୧୯ଶ ଶତାବ୍ଦୀରେ ଜଣେ ବୈଜ୍ଞାନିକ ଶୁଣିଲେ କହନ୍ତା ଏଭଳି କଥାର ଅର୍ଥ କିଛି ନାହିଁ । ଏହା ଅସମ୍ଭବ, ତେଣୁ ନିରର୍ଥକ ।

ତେଣୁ ଆମର ଆଦାନ ପ୍ରଦାନର ଅର୍ଥକୁ ଅସଲ ଭାବରେ ପରସି ନେବାର ଉପାୟ ହେଉଛି ଯାହାକୁ କୁହାଗଲା ସେ ଆମର ମନୋଗତ ଭାବ ବୁଝିପାରିଲା ନା ନାହିଁ । କିନ୍ତୁ ଏଇଠି ବି ଅନେକଗୁଡ଼ିଏ ସୂକ୍ଷ୍ମ ବାଧା ଆଗରେ ଛିଡ଼ା ହେବ । ବାଧା ହେଲା ଏଇୟା : କାହାକୁ ଆମେ ଅର୍ଥପୂର୍ଣ୍ଣ ଓ କାହାକୁ ଅର୍ଥହୀନ ବୋଲି କହିବା ?

ପଦାର୍ଥ ବିଦ୍ୟା, ଜ୍ୟୋତିର୍ବିଦ୍ୟା, ରସାୟନଶାସ୍ତ୍ର ଇତ୍ୟାଦିରେ କୌଣସି ଗୋଟିଏ ବାକ୍ୟ ପ୍ରକୃତରେ ଅର୍ଥଗର୍ଭକ ନାଁ ଅର୍ଥହୀନ ତାହା ଜାଣିବା ପାଇଁ ଆମେ ପ୍ରୟୋଗ ପରୀକ୍ଷା କରି ଠିକ୍ କରି ନେଇ ପାରିବା ଅଥବା କୌଣସି ମାପଯନ୍ତ୍ର ବା ମାନଦଣ୍ଡରୁ ବି ଠିକ୍ କରି ନେଇ ପାରିବା । ମନେକରନ୍ତୁ ଆମର ସୌରଜଗତରେ ନେପ୍‌ଚ୍ୟୁନ ନାମକ ଗୋଟିଏ ଗ୍ରହ ଅଛି । ଏକଥାଟି ଆମେ ଦୂରବୀକ୍ଷଣ ସାହାଯ୍ୟରେ କହିଦେଇ ପାରିବା । ଅଥବା ଏଭଳି ଗୋଟିଏ ସମ୍ବାଦ ଯଥା ଆୟୋଡ଼ିନକୁ ଶ୍ୱେତସାର ଦ୍ରବଣରେ ମିଶାଇଲେ ଶ୍ୱେତସାରର ଶ୍ୱେତବର୍ଣ୍ଣ ନୀଳବର୍ଣ୍ଣ ହୋଇଯିବ । କଥାଟିକୁ ଆମେ ପରଖି କରି ଅର୍ଥପୂର୍ଣ୍ଣ ବୋଲି କହିଦେଇ ପାରିବା । ଗଣିତରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସତ୍ୟ ଅଛି ବୋଲି କେହି ଘୋଷଣା କଲେ ଆମେ ପୂର୍ବରୁ ଜାଣିଥିବା ସୂତ୍ର ବା ସ୍ୱତଃସିଦ୍ଧଗୁଡ଼ିକ ଉପରେ ଭରସା କରି ଏହି ସତ୍ୟ ପ୍ରକୃତରେ ସତ୍ୟ କି ମିଥ୍ୟା କହିଦେଇ ପାରିବା । କିନ୍ତୁ ଆମର ସାଧାରଣ ଜୀବନରେ ଯଦି କେହି କହେ ମୁଁ କାଲି ରାତିରେ ଗୋଟାଏ ଭୂତ ଦେଖିଥିଲି, ତେବେ ତାକୁ ଆମର ସହଜ ଜ୍ଞାନ ଦ୍ୱାରା ହୁଏତ ସତ୍ୟ ସାବ୍ୟସ୍ତ କରିବା ଅଥବା ତାହା ଏକ ମନଗଢ଼ା କଳ୍ପନା ବୋଲି ଉଡ଼ାଇ ଦେବା । ଯଦି କେହି କୁହେ "ଚିନିକୁ ଲୁଣ ସାଙ୍ଗରେ ମିଶାଇ ଖାଇଲେ ଭଲ ଲାଗେ" ତେବେ ଆମେ ହୁଏତ ବିଚାରିବା ଏଇଟା ଗୋଟିଏ ବିଦ୍ରୂପ ଅଥବା ଯେଉଁ ଲୋକ ଏଭଳି କଥା ବିଚାରୁଛନ୍ତି ତାଙ୍କର ରୁଚି ଉଦ୍ଭଟ ।

ଯଦି ଆମେ ଉପନ୍ୟାସ ବା କାବ୍ୟ ଆଡ଼କୁ ଦୃଷ୍ଟି ଫେରାଉ ତେବେ ଦେଖିବା ଅର୍ଥର ଭାବ ଆହୁରି ଗୋଳମାଳିଆ ହୋଇଯାଉଛି । ଏଜରା ପାଉଣ୍ଡ, ଏଲିଅଟ ପ୍ରଭୃତି

Digitized by srujanika@gmail.com

କବିମାନଙ୍କର କବିତା ବା କାବ୍ୟ ଅଥବା ହେମିଙ୍ଗଓୟେ, ଜେମସ୍ ଜଏସଙ୍କ ଭଳି ଔପନ୍ୟାସିକମାନଙ୍କର କାହାଣୀରେ ଗଭୀର ଅର୍ଥ ରହିଛି । କିନ୍ତୁ ସେଗୁଡ଼ିକୁ ସିଧାସଳଖ ବୁଝିବାର ଉପାୟ ନାହିଁ ।

ବିଭିନ୍ନ ଧରଣର ଲେଖା ଯଥା ବୈଜ୍ଞାନିକ ଲେଖା, କବିତା ଓ କାବ୍ୟ ଓ ନିତିଦିନିଆ କଥାଭାଷାରେ ଅର୍ଥର ପ୍ରାଚୁର୍ଯ୍ୟ ରହିଛି, ତଥାପି ସର୍ବସାଧାରଣ ଗ୍ରହଣ କଲା ଭଳି ଗୋଟିଏ ମାନଦଣ୍ଡ ଅଛି ଯାହା ଅନୁସାରେ ଲୋକେ କହନ୍ତି "ଏହି କଥାଟି ଅର୍ଥପୂର୍ଣ୍ଣ" ଅଥବା "ଏହି କଥାଟି ଅର୍ଥହୀନ ପ୍ରଳାପ" । ଅର୍ଥାତ "ଏହି କଥାରେ କିଛି ସୂଚନା ମିଳୁଛି" ବା "କିଛି ଜାଣିବାର ଅଛି" "ଏହି କଥାରେ କିଛି ସୂଚନା ନାହିଁ ।" ବା "ଏହି କଥାରୁ କିଛି ବୁଝାପଡୁ ନାହିଁ ।" କୌଣସି ସଜ୍ଞାନରେ ଥିବା ଲୋକର ମୌଳିକ ଭାବରେ ଅର୍ଥ ଓ ଅର୍ଥହୀନ ଭିତରେ ବାଛିବାର କ୍ଷମତା ଥାଏ, ଯଦିଚ କାହାକୁ ଅର୍ଥପୂର୍ଣ୍ଣ କହିବା ଓ କାହାକୁ ଅର୍ଥହୀନ କହିବା ଏଥିପାଇଁ କୌଣସି ଅନୁଷ୍ଠାନିକ ଆଇନକାନୁନ ନାହିଁ । କିନ୍ତୁ ଗାଣିତିକ ଭାବରେ ଗୋଟିଏ ବାକ୍ୟ ବା ବାକ୍ୟାଂଶ କେତେ୍ ପରିମାଣରେ ଅର୍ଥପୂର୍ଣ୍ଣ ବା ଅର୍ଥଶୂନ୍ୟ ଏହା କଣ ନିର୍ଣ୍ଣୟ କରାଯାଇ ପାରିବ ? ଅନ୍ୟ କଥାରେ କହିଲେ ଗୋଟିଏ ଅର୍ଥପୂର୍ଣ୍ଣ ବାକ୍ୟରେ ଗୋଟିଏ ଅକ୍ଷର କେତେ ରତି ବା କେତେ ପରିମାଣ ଅର୍ଥ ବହନ କରୁଛି ଏହା କ'ଣ ମପାଯାଇ ପାରିବ ?

ଜଣା ପଡୁଛି ଏହା ଏକ ଗହନ କଥା; କିନ୍ତୁ ଏହାକୁ ସମାଧାନ କରିବାକୁ ଆମର ପୂର୍ବ ପରିଚିତ ବୈଜ୍ଞାନିକ କ୍ଲଡ଼ି ଶାନନ୍ ଗୋଟିଏ ପଦ୍ଧତି ବାହାର କରିଛନ୍ତି । ତାଙ୍କର ଏହି ପଦ୍ଧତିଟିକୁ ପୃଥିବୀର ବିଭିନ୍ନ ଦେଶର 'ସମ୍ଭାବନାତତ୍ତ୍ୱ' (Theory of probability)ର ବିଜ୍ଞାନୀମାନେ ଆହୁରି ଶାଣିତ ଓ ମାର୍ଜିତ କରିଛନ୍ତି । ଏଥିରୁ ବାହାରୁଛି ଯେ ଅକ୍ଷରରେ କେତେ ରତି ବା ପରିମାଣର ଅର୍ଥ ନିହିତ ଅଛି ତାହା ତଥାକଥିତ 'ଅନୁମାନ ପଦ୍ଧତି' ବଳରେ ସ୍ଥିର କରାଯାଇ ପାରିବ ।

ଅନୁମାନ କଲା ଲୋକକୁ ମନେ କରନ୍ତୁ, ଗୋଟିଏ ଲେଖା ପଢ଼ିବାକୁ ଦିଆଗଲା । ସେଥିରୁ ସେ ଲେଖାଟିର ଶୈଳୀକୁ ଠଉରାଇ ନେଲା । ତାହା ପରେ ଲେଖାଟିର ଏକ ନିର୍ଦ୍ଦିଷ୍ଟ ସ୍ଥାନ ପର୍ଯ୍ୟନ୍ତ କାଗଜରେ ଘୋଡ଼ାଇ ଦିଆଗଲା ଯେପରି ସେହି ଅକ୍ଷରଗୁଡ଼ିକ ସେହି ଅନୁମାନ କଲାଲୋକ ପଢ଼ି ପାରିବ ନାହିଁ । ତା'ପରେ ତାଙ୍କୁ କୁହାଯିବ ଯେ ଯେଉଁ ଅକ୍ଷରଗୁଡ଼ିକ ହଜି ଯାଇଛି ସେଗୁଡ଼ିକ ଅନୁମାନ କରି ଯୋଡ଼ିବାକୁ ।

ମନେକରନ୍ତୁ ଆମର ବାକ୍ୟଟି ହେଲା :

"ଦିନେ ବଡ଼ି ସକାଳୁ ମୁଁ ରାସ୍ତାରେ ଚାଲି ଯିବା ବେ ଗୋଟି ସାପ ଦେଖି...ପାଇଲି ।"

Digitized by srujanika@gmail.com

ଏଠାରେ "ଚାଲିଯିବା ବେ 'ଳକୁ' "ରେ ଅକ୍ଷର ହେଲେ 'ଳକୁ' ତା'ପରେ 'ଗୋଟି'ରୁ ଅକ୍ଷର ବାହାରି ଯାଇଛି ଯାହା ହେଲା 'ଏ' ସାପ ଦେଖି... 'ବାକୁ' ପାଇଲି । ଏଭଳି ଭାବରେ ଅନୁମାନ କଲା ଲୋକଟି କେତୋଟି ଅକ୍ଷର ଠିକ୍ ଠିକ୍ ଅନୁମାନ କରିପାରିଲା ଓ କେତୋଟି ଅକ୍ଷର କରି ନ ପାରିଲା ଓ ମୋଟ ଅକ୍ଷର ସଂଖ୍ୟାରୁ ଠିକ୍ କେତେ, ଠିକ୍ ଓ ଭୁଲ କେତେ ହେଲା ଏଥିରୁ ସ୍ଥିର କରାଯାଇ ପାରେ । ଜଣେ ଲୋକ ଗୋଟିଏ ଅର୍ଥପୂର୍ଣ୍ଣ ଲେଖାରେ ଗୋଟିଏ ଅକ୍ଷର ଦିହରୁ କେତେ ପରିମାଣର ସୂଚନା ନିଗାଡ଼ି ନେଇପାରେ ତାହା ବି ସ୍ଥିର କରାଯାଇ ପାରେ ।

ମସ୍କୋ ବିଶ୍ୱବିଦ୍ୟାଳୟରେ ଏହି ସଂକ୍ରାନ୍ତରେ ଯେଉଁ ପ୍ରୟୋଗ ପରୀକ୍ଷା ହୋଇଥିଲା ସେଥିରୁ ଜଣାଗଲା ଯେ ରୁଷ ଭାଷାର ଗୋଟିଏ ଅକ୍ଷର ଅର୍ଥପୂର୍ଣ୍ଣ ବାକ୍ୟରୁ ଯେତକ ସୂଚନା ବହନ କରେ ତାହା ହେଉଛି ଏକ ଦ୍ୱିକ । ମୋଟେ ଏକ ଦ୍ୱିକ । ଏହି କଥା ବି ଆହୁରି ସ୍ପଷ୍ଟ ଭାବରେ ସାବ୍ୟସ୍ତ ହେଲା ଲେନିନଗ୍ରାଡ଼ର ଭାଷାବିଦ୍ ଆର. ଜି. ପିୟେଟ୍ରୋଭସ୍କିଙ୍କର ଗବେଷଣାରୁ । ଆଗରୁ ଆମେ ଜାଣିଥାଉଁ ଯେ ଗୋଟିଏ ଅକ୍ଷର ସବୁଠାରୁ ବେଶି ନେଲେ ପାଞ୍ଚ ଦ୍ୱିକ ବା ବିଟ୍ ସୂଚନା ବହନ କରିପାରେ । କିନ୍ତୁ ଯେହେତୁ ଅକ୍ଷରମାନଙ୍କର 'ଅନାବଶ୍ୟକତା' ରହିଛି, ପଦବିନ୍ୟାସ ବିଷୟରେ ଯେହେତୁ କଟକଣା ରହିଛି, ବ୍ୟାକରଣର ଆଇନ ବି ଅଛି ଓ ଅର୍ଥପୂର୍ଣ୍ଣ କଥାର ତାଗିଦା ବି ରହିଛି । ଏସବୁ ଏକାଠି ମିଳି ପରିସ୍ଥିତି ଏଭଳି ହୋଇଛି ଯେ ଯେଉଁ ଅକ୍ଷର ସ୍ୱାଭାବିକ ଭାବରେ ପାଞ୍ଚଟି ସୂଚନାକଣା ବା ଦ୍ୱିକ ବହନ କରିବାର ଶକ୍ତି ରଖିଛି ତାହା ଗୋଟିଏ ସୂଚନାକଣା ବା ଦ୍ୱିକ ବହନ କରୁଛି ।

ଜଗଜିତ୍ ସିଂହ ନାମକ ଜଣେ ଭାରତୀୟ ବିଜ୍ଞାନପୋଥି ଲେଖକ ତାଙ୍କର ଇଂରାଜି ପୋଥି "ସୂଚନାତତ୍ତ୍ୱ, ଭାଷା ଓ କଂପ୍ୟୁଟର ତତ୍ତ୍ୱ"ରେ ଲେଖିଛନ୍ତି-

"ଇଂରାଜି ଭାଷାରେ ଶହେ ଚବିଶଟି ଅକ୍ଷର ଥିବା ଏକ ସତକୁ ସତ ଅନୁମାନ ଖେଳରେ ଚୌରାଅଶିଟି ଅକ୍ଷର ନିର୍ଭୁଲ ଭାବରେ ଅନୁମାନ କରାଯାଇ ପାରିଲା, ଆଉ ଚାଳିଶ ଗୋଟି ଅକ୍ଷରକୁ ଜଣେଇବାକୁ ହେଲା ।" ଏହା ଫଳରେ ହାରାହାରି ୧.୯୩ ଦ୍ୱିକ ଲେଖାଏଁ ଅକ୍ଷର ପିଛା ସୂଚନା ପରିମାଣ ପଡ଼ିଲା । ତେଣୁ ଇଂରାଜି ବର୍ଣ୍ଣମାଳାର ବର୍ଣ୍ଣଗୁଡ଼ିକର ସୂଚନାର ପରିମାଣ ହେଉଛି ଅକ୍ଷର ପିଛା ଦୁଇ ଦ୍ୱିକ । ଅନାବଶ୍ୟକତା ଯୋଗୁଁ ଯାହା ସବୁ କଟକଣା ଅଛି ସେସବୁକୁ ମନରେ ରଖି ଏହି ପରିମାଣ ମାପ ସ୍ଥିର କରାଯାଇଛି ।

ଅକ୍ଷରର ସୂଚନା-ପରିମାଣର ଏହି ହିସାବ ସବୁ ପ୍ରକାର ଅର୍ଥପୂର୍ଣ୍ଣ ବାକ୍ୟ କ୍ଷେତ୍ରରେ ପ୍ରଯୁଜ୍ୟ । ସବୁପ୍ରକାର ଅର୍ଥ ଉପନ୍ୟାସ ସାହିତ୍ୟ ବା ଅଣ-ଉପନ୍ୟାସ

Digitized by srujanika@gmail.com

ଗଦ୍ୟ । ତେବେ ଲେଖକ ଭେଦରେ ଗୋଟିଏ ଅକ୍ଷରର ସୂଚନା ପରିମାଣ ବି ବିବିଧ ହୋଇପାରେ । ଯଥା ସ୍ୱଭାବତଃ ଜଣେ କଲମ-ନବୀଶ ଖାଲି ଧାମାଧରା ଲେଖାରେ ରିମ୍ ରିମ୍ କାଗଜ ଭର୍ତ୍ତି କରିବାକୁ ଯେଉଁ ଅକ୍ଷରସବୁ ଲେଖେ ସେହି ଅକ୍ଷରର ସୂଚନା ପରିମାଣ ନିଶ୍ଚିତଭାବରେ ଜଣେ କୁଶଳୀ ଲେଖକଙ୍କର ଉଚ୍ଚକୋଟିର ସାହିତ୍ୟିକ ଶୈଳୀର ଲେଖାର ଅକ୍ଷର ସୂଚନା ପରିମାଣ ଠାରୁ ନ୍ୟୁନ ହେବ ।

ଲେଖା ଓ କଥା

ଏତେବେଳଯାଏ ଲେଖାରେ ବା ଲିଖିତ ଭାଷାରେ ସୂଚନା ପରିମାଣ କେତେ ଏକଥା ଆମେ ଚର୍ଚ୍ଚା କରିଥାଇଁ ; କିନ୍ତୁ କଥିତ ଭାଷାରେ (ଯାହା ମନୁଷ୍ୟର ଭାବ ଆଦାନ ପ୍ରଦାନର ପ୍ରଧାନ ମାଧ୍ୟମ) କେତେ ସୂଚନା ପରିମାଣ ଅଛି ? କଥିତ ଭାଷାର ଅକ୍ଷରରେ ଯେତିକି ସୂଚନା ଲିଖିତ ଭାଷା ଅକ୍ଷରରେ କ'ଣ ସେତିକି ସୂଚନା ନାଁ କମ୍ ନାଁ ବେଶି ?

ଆମେ ଆଗରୁ ଜାଣିଥାଇଁ ଯେ କଥିତ ଭାଷାରେ ଅନେକଗୁଡ଼ିଏ ଧ୍ୱନି-ଅଣୁ ଅଛି ଯାହା ଜରିଆରେ ଭାବ ପ୍ରକାଶ ପାଏ । ଲିଖିତ ରୁଷ ଭାଷାରେ ୩୨ଗୋଟି ଓ ଲିଖିତ ଓଡ଼ିଆ ଭାଷାରେ ୩୨ଗୋଟି ଅକ୍ଷର ଅଛି ବୋଲି ଆମେ ଆଗରୁ ବାହାର କରିଥାଇଁ । କଥିତ ରୁଷ ଭାଷାରେ ଚାଳିଶି ଗୋଟି କୋଡ୍ ସଙ୍କେତ ବା ଧ୍ୱନି-ଅଣୁ ଅଛି ଲିଖିତ ଇଂରାଜି ଭାଷାରେ ଛବିଶଟି ଅକ୍ଷର ଅଛି କିନ୍ତୁ ସେଥିରେ ବି ଚାଳିଶଟି ଧ୍ୱନି-ଅଣୁ ଅଛି । ଓଡ଼ିଆ ଭାଷାରେ କେତୋଟି ଧ୍ୱନି-ଅଣୁ ଅଛି ତାହା ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇ ନାହିଁ । କିନ୍ତୁ ଆମେ ଆଗରୁ ଜାଣିଥାଇଁ ଯେ ସାରା ପୃଥିବୀର ମନୁଷ୍ୟର ଭାଷା ଭିତରେ ଧ୍ୱନି-ଅଣୁ କ୍ଷେତ୍ରରେ ମେଳକ ଅଛି । ତେଣୁ ଏକଥା ବି ଠିକ୍ ଯେ ଓଡ଼ିଆ କଥିତ ଭାଷାରେ ଯେତେ ଧ୍ୱନିଅଣୁ ଥାଉ, ତାହା ତିରିଶଠାରୁ ପଚାଶ ଭିତରେ ହେବ । ଏଥିରୁ ଏପଟେ ବା ସେପଟେ ବଳି ପାରିବ ନାହିଁ ।

ଲିଖିତ ଭାଷା କ୍ଷେତ୍ରରେ ଆମେ ଜାଣୁ ଯେ ଯଦି ଭାଷାରେ, ଉଭୟ ଲିଖିତ ଓ କଥିତରେ 'ଅନାବଶ୍ୟକତା' ନଥାନ୍ତା ତେବେ ଅକ୍ଷର ତୁଳନାରେ ଧ୍ୱନି-ଅଣୁରେ ଅଧିକ ପରିମାଣ ସୂଚନା ଭର୍ତ୍ତି ହୋଇ ପାରନ୍ତା । କିନ୍ତୁ ଆମେ ଜାଣୁ ଯେ ଲିଖିତ ଓ କଥିତ ଉଭୟ ଭାଷାର ଭାବ ଆଦାନ ପ୍ରଦାନ ନାନା କଟକଣାରେ ବନ୍ଧା । ଆମେ ଏବେ ଜାଣିଲୁ ଯେ ଅକ୍ଷରଟିରେ ସୂଚନା ପରିମାଣ ହେଉଛି ଏକ ଦ୍ୱିକ ବା ଖୁବ୍ ବେଶି ହେଲେ ଦୁଇ ଦ୍ୱିକ । ତା'ଠାରୁ ବେଶି ନୁହେଁ ଯଦିଚ ପ୍ରତ୍ୟେକ ଅକ୍ଷରର ପାଞ୍ଚ ଦ୍ୱିକ ଯାଏ ସୂଚନା ବୋହିବାର ଶକ୍ତି ଅଛି ।

Digitized by srujanika@gmail.com

ଲିଖିତ ଭାଷା କଥିତ ଭାଷା ଠାରୁ ଆଉ ଟିକିଏ ମାଠେଇମଠେଇ ହୋଇ ଚାଲେ । ତା'ଛଡ଼ା ଲେଖାରେ ଲେଖକ ଶବ୍ଦ ବାଛିଲାବେଳେ ଅଧିକ ଯତ୍ନର ସହ ବାଛେ । ବେଶ୍ ମିତବ୍ୟୟୀ ହୁଏ । ଏହା ଫଳରେ କଥିତ ଭାଷାରେ ବକ୍ତା ଯେପରି 'ହେଲେ' 'ମୋର କହିବାର କଥା' 'ମୁଁ ଯାହା କହୁଥିଲି' ଇତ୍ୟାଦି ବ୍ୟବହାରକରି ପ୍ରସଙ୍ଗକୁ ପ୍ରାସଙ୍ଗିକ କରେ । ଲିଖିତ ଭାଷାରେ ଲେଖକ ତାହା କରେ ନାହିଁ । ବରଂ ପାରାଗ୍ରାଫ ବା ଶୂନ୍ୟସ୍ଥାନ ବା ବିରତିର ସୂଚନା ଦେଇ ଆପଣାର ଭାବ ପରିସ୍ଫୁଟ କରେ । କଥିତ ଭାଷାରେ ବ୍ୟାକରଣ ଓ ଶୈଳୀ ପ୍ରତି ଆମେ ବେଶି ନିଘା ଦେଉ ନାହିଁ । ବେଳେ ବେଳେ ଅଦରକାରୀ ଶବ୍ଦ ଓ ବାକ୍ୟାଂଶ ବି କଥା ଭିତରେ ଯୋଡ଼ି ଦେଉଁ କଥୋପକଥନକୁ ଚାଲୁ ରଖିବା ପାଇଁ ; କିନ୍ତୁ ଲିଖିତ ଭାଷାରେ ବ୍ୟାକରଣ ଓ ଶୈଳୀ ଉପରେ ନଜର ବେଶି ଥାଏ ଏବଂ ଶବ୍ଦ ବା ବାକ୍ୟାଂଶ ବ୍ୟବହାରରେ ସଂଯମ ଥାଏ ।

ଅକ୍ଷର ବେଳକୁ ଆମେ ଯେଉଁ ଅନୁମାନ ପଦ୍ଧତିର ଆଶ୍ରା ନେଇ ଅକ୍ଷରର ସୂଚନା ପରିମାଣ ସ୍ଥିର କରିଥିଲୁ , ଧ୍ୱନି-ଅଣୁ ବେଳକୁ ବି ଆମକୁ ସେହି ଅନୁମାନ ପଦ୍ଧତି ଉପରେ ନିର୍ଭର କରିବାକୁ ହେବ । ଗୋଟିଏ ଲିଖିତ ବିଷୟରେ ହଜିଲା ଅକ୍ଷର ଅନୁମାନକଲା ବେଳେ ଅନୁମାନ କଲା ଲୋକ ତାଙ୍କର ଭାଷା ଉପରେ ଥିବା ଦଖଲକୁ କାର୍ଯ୍ୟରେ ଲଗାଏ, କିନ୍ତୁ ଧ୍ୱନି-ଅଣୁକୁ ଅନୁମାନ କଲାବେଳେ ଏହା ତ କଷ୍ଟକର କଥା । କଥା ହେଉଛି ପିଲାଟି ଦିନରୁ ଆମେ ଅକ୍ଷରରେ ଲେଖା ଗଦ୍ୟାଦର୍ଶ ପଢ଼ି ଆସୁଛୁ । କେବେ ଧ୍ୱନି-ଅଣୁର ସଙ୍କେତ ଦ୍ୱାରା ଲେଖା ଆମର ଦୃଷ୍ଟି ଗୋଚର ହୋଇ ନାହିଁ ।

ତେବେ ଗବେଷକମାନେ ବାହାର କରିଛନ୍ତି ଯେ ଗୋଟିଏ ଲେଖା ଉଭୟ ଅକ୍ଷର ସାହାଯ୍ୟରେ ରେକର୍ଡ଼ କରାଯାଇପାରେ; ଧ୍ୱନି-ଅଣୁ ମାଧ୍ୟମରେ ବି ରେକର୍ଡ଼ କରାଯାଇପାରେ । ଆମେ କୌଣସି ଲିଖିତ ଗଦ୍ୟାଦର୍ଶ ପଢ଼ିଲାବେଳେ ତାହାକୁ ଧ୍ୱନିରେ ଉଚ୍ଚାରଣ କରି ପଢୁଁ । ହୁଏତ ବଡ଼ ପାଟିରେ ପଢୁ ବା ତୁନି ତୁନି କରି ପଢୁ । ଆଉ ଆମେ କୌଣସି କଥିତ ଭାଷା କହିଲା ବେଳେ ତାହାକୁ ବି ଅକ୍ଷର ମାଧ୍ୟମରେ ଲିପିବଦ୍ଧ କରିପାରୁଁ । ଅନ୍ୟ କଥାରେ କହିଲେ ଉଭୟ ଲିଖିତ ଓ କଥିତ କ୍ଷେତ୍ରରେ 'ମୋଟ ସୂଚନା' ଠିକ୍ ଥାଏ ଓ ସେଥିରେ କୌଣସି ପ୍ରଭେଦ ନଥାଏ । ତେଣୁ ସେହି 'ସୂଚନା' ଲିଖିତ ହୋଇଛି ବା କଥିତ ହୋଇଛି ସେଥି ସଙ୍ଗେ କିଛି ଯାଏ ଆସେ ନାହିଁ ।

ସଂକ୍ଷେପରେ, ଏହି ମୋଟ ସୂଚନାର ପରିମାଣ ହେଲା ଯେତେଗୁଡ଼ିଏ ଅକ୍ଷର ଏହି ସୂଚନା ଜଣାଇବାକୁ ବ୍ୟବହାର କରାଯାଇଛି ଓ ସେହି ଅକ୍ଷରମାନଙ୍କର ପ୍ରତ୍ୟେକରେ ଥିବା ସୂଚନାର ପରିମାଣ (ଏଠାରେ ଏକ ଦ୍ୱିକ)ର ଗୁଣଫଳ । ଏହାକୁ ଗାଣିତିକ ସଙ୍କେତରେ ଲେଖିଲେ ହେବ : –

Digitized by srujanika@gmail.com

ସୂଚନାର ପରିମାଣ=ଅକ୍ଷର ସଂଖ୍ୟା × ଅକ୍ଷରର ସୂଚନା ପରିମାଣ । ଅନ୍ୟ କ୍ଷେତ୍ରରେ କଥିତ ଭାଷାର ମୋଟ ସୂଚନା ପରିମାଣ=ଧ୍ୱନି-ଅଣୁର ସଂଖ୍ୟା ×ଏକ ଧ୍ୱନି-ଅଣୁର ସୂଚନା ଶକ୍ତି । ଏହି ସୂତ୍ରକୁ କଷିଲେ ଗୋଟିଏ ଧ୍ୱନି-ଅଣୁରୁ ସୂଚନା ଶକ୍ତି ସହଜରେ ବାହାର କରିହେବ ।

ଇଂରାଜି ଭାଷାରେ ଧ୍ୱନିଅଣୁର ସୂଚନା ପରିମାଣ ଅକ୍ଷରର ସୂଚନା ପରିମାଣ ସଙ୍ଗେ ପ୍ରାୟ ସମାନ । ଏହାର ଅର୍ଥ ଧ୍ୱନି ଅଣୁ ଓ ଅକ୍ଷର ଉଭୟେ ମୋଟାମୋଟି ଭାବରେ ସମାନ ।

ତେବେ ଲିଖିତ ଭାଷା ଓ କଥିତ ଭାଷାରେ ସୂଚନାର ପରିମାଣ ସମାନ ହେଲେ ବି ଗୋଟିଏ ଶବ୍ଦରେ ସୂଚନାର ବଣ୍ଟନ ଭିତରେ ତଫାତ୍ ରହିଛି । ଏକଥା ଦେଖାଯାଇଛି ଯେ ଲେଖାରେ ସୂଚନାର ବେଶି ଭାଗ ଓଜନ ରହେ ପ୍ରଥମ ଅକ୍ଷରଗୁଡ଼ିକରେ । କଥାରେ ସୂଚନାର ବେଶୀଭାଗ ରହେ ସେହି ଶବ୍ଦାଂଶ ଉପରେ, ଯାହା ଉପରେ ସାଧାରଣତଃ କହିଲାବେଳେ ଜୋର ଦିଆଯାଏ । ଲିଖିତ ଶବ୍ଦ ହେଉଛି ପ୍ରାଥମିକ ସଙ୍କେତ ବା ଅକ୍ଷରର ଏକ ଧାଡ଼ି । କଥିତ ଶବ୍ଦ ଅଥବା ଶବ୍ଦାଂଶକୁ ଏକ ସମୁଦାୟ ଭାବରେ ଗଣାଯାଏ ।

ଏହାର ଉଦାହରଣ ସଂକ୍ଷିପ୍ତ ଶବ୍ଦ କ୍ଷେତ୍ରରେ ବେଶ୍ ଜଣାପଡ଼େ । ଯଥା NATO, U.N. ଅଥବା ଓଡ଼ିଆରେ ଏବେ ଚଳିଲାଣି ରେ.କ.ସ୍କୁ. ରେଭେନ୍‌ସା କଲିଜିଏଟ ସ୍କୁଲ । ଏପରିକି ପୁରାଣ ରୋମରେ ବି ଲୋକମାନଙ୍କର ନାମରେ ପ୍ରଥମ ଅକ୍ଷରଗୁଡ଼ିକ କେବଳ ଠାରି ଦିଆଯାଉଥିଲା । ଏବେ ଅଧା ଦସ୍ତଖତରେ ଆମେ ଯେପରି ଲେଖୁଁ ସେପରି ଯଥା-Marcus Tullius cicero ସ୍ଥଳେ M. Tullius cicero. ପୁରାକାଳରେ ସ୍ପେନ ଦେଶରେ ଗୋଟା ଗୋଟା ବାକ୍ୟାଂଶ ମଧ ଏଭଳି ସଂକ୍ଷିପ୍ତ କରି ଦିଆଯାଉଥିଲା ଯଥା-SSS Q B V M ଏହାର ଅର୍ଥ "ସୁ ସେଗୁରୋ ସର୍ଭିଡ଼ୋର କ୍ୟୁ ବେସା ଏ ଉସଟେଡ଼ ଲା ମାନୋ" ଆପଣଙ୍କର ଆଜ୍ଞାଧୀନ ଭୃତ୍ୟ ଆପଣଙ୍କର ହସ୍ତ ଚୁମ୍ବନ କରୁଛି । ଇଂରାଜିରେ ମିଷ୍ଟରରୁ ମଝିତକ କାଢ଼ିନେଇ ଲେଖନ୍ତି Mr. ସ୍ପେନୀୟ ଭାଷାରେ ସେନରରୁ ମଝିତକ କାଢ଼ି ନେଇ ଲେଖନ୍ତି Sr. ଆରବମାନେ ନମାଜ ପଢ଼ିଲାବେଳେ ଆଲ୍ଲାଙ୍କର ଗୁଣ କୀର୍ତ୍ତନକୁ ବାରମ୍ବାର ଉଚ୍ଚାରଣ କଲାବେଳେ ସଂକ୍ଷିପ୍ତସାର କରିଦିଅନ୍ତି । ଏଥିପାଇଁ ସବୁତକ ଜଣାଣ ବେଳେ ବେଳେ ଗୋଟିଏ ଅକ୍ଷର ଭିତରେ ଖୁନ୍ଦି ଦିଆଯାଇଥାଏ । ତେଣୁ ସେମାନେ ପ୍ରଥମ ତିନୋଟି ଶବ୍ଦର ପ୍ରଥମ ଅକ୍ଷରଗୁଡ଼ିକ ଓ ବାକ୍ୟାଂଶର ଶେଷ ବ୍ୟଞ୍ଜନବର୍ଣ୍ଣଟିକୁ ବ୍ୟବହାର କରି ସେମାନଙ୍କର ନମାଜ ପଢ଼ନ୍ତି ।

Digitized by srujanika@gmail.com

ଏହି ଉଦାହରଣଗୁଡ଼ିକରୁ ଏହାହିଁ ପ୍ରମାଣ ମିଳୁଛି ଯେ ଶବ୍ଦର ମୂଳରେ (କ୍ୱଚିତ ଶେଷ) ବେଶି ସୂଚନା ଥାଏ, ଆଉ ଶବ୍ଦର ମଧ୍ୟସ୍ଥଳରେ କୌଣସି ସୂଚନା ନଥାଏ କହିଲେ ଚଳେ ।

କିନ୍ତୁ ଏକଥା ଲିଖିତ ଭାଷା କ୍ଷେତ୍ରରେ ପ୍ରଯୁଜ୍ୟ । କଥିତ ଭାଷାରେ ବି ଶବ୍ଦଗୁଡ଼ିକ ସଂକ୍ଷେପ କରାହୁଏ । କିନ୍ତୁ ଏଭଳି କ୍ଷେତ୍ରରେ ସାଧାରଣତଃ ଶବ୍ଦର ମୂଳ ଅଂଶକୁ ଉହ୍ୟ କରି ଦିଆଯାଏ, ଯେଉଁ ମୂଳ ଅଂଶଗୁଡ଼ିକ ଲେଖା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

ଏଥିରୁ ଏକଥା ସ୍ପଷ୍ଟ ଯେ ଲିଖିତ ଭାଷାରେ ଶବ୍ଦର ପ୍ରଥମ ଅଂଶଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ; କିନ୍ତୁ କଥିତ ଭାଷାରେ କଥାରେ ବା ଶବ୍ଦାଂଶରେ ଯେଉଁ ସ୍ଥାନରେ ଜୋର ଦିଆଯାଏ ସେଗୁଡ଼ିକ ହିଁ ଗୁରୁତ୍ୱପୂର୍ଣ୍ଣ, ପ୍ରଥମ ଅଂଶଗୁଡ଼ିକ ନୁହେଁ ।

ଭାଷା ଓ କଂପ୍ୟୁଟର ତତ୍ତ୍ୱ

ସୂଚନା ତତ୍ତ୍ୱ ପହିଲୁ ପ୍ରଥମ କୋଡ୍ ତିଆରି, ସତ୍ୟାସତ୍ୟ ନିର୍ଣ୍ଣୟ ଓ ଆଦାନ ପ୍ରଦାନର ଭାଷାର ସାମର୍ଥ୍ୟ କଥା ବିଚାରକୁ ନେଇଥିଲା । ପରବର୍ତ୍ତୀ କାଳରେ ଦେଖାଗଲା ଯେ ଏହି ଭାବନାଗୁଡ଼ିକ ଜୀବନ୍ତ ବସ୍ତୁମାନଙ୍କର ଇନ୍ଦ୍ରିୟ ମାଧ୍ୟମରେ ଗ୍ରହଣ କରୁଥିବା ସୂଚନା ପାଇବା ପାଇଁ 'ଭାବ ଆଦାନ ପ୍ରଦାନର ଲାଇନ' ପ୍ରତି ମଧ୍ୟ ପ୍ରୟୋଗ କରାଯାଇ ପାରେ । ସ୍ୱୟଂକ୍ରିୟ ଯନ୍ତ୍ର ଓ ଜୀବନ୍ତ ବସ୍ତୁମାନେ ସୂଚନା ଗ୍ରହଣ, ନିର୍ବାଚନ ଓ ସେଗୁଡ଼ିକର ସମ୍ବାଦ ରଖିବା କାର୍ଯ୍ୟରେ ସମାନ ପ୍ରକାର ଆଇନରେ ବଶବର୍ତ୍ତୀ ହୋଇ ଚଳନ୍ତି । ଏହି ଧାରଣାରୁ ଏକ ନୂଆ ଧରଣର ବିଜ୍ଞାନର ଉତ୍ପତ୍ତି ହେଲା, ଯାହାକୁ ଓଡ଼ିଆରେ କୁହାଯିବ କଂପ୍ୟୁଟର ତତ୍ତ୍ୱ । ଇଂରାଜି ଓ ବିଦେଶୀ ବିଜ୍ଞାନ ଭାଷାରେ ସାଇବରନେଟିକସ । ସେଇଠୁ ସୂଚନା ତତ୍ତ୍ୱ ଏହି କଂପ୍ୟୁଟର ତତ୍ତ୍ୱର ମୂଳଭିତ୍ତି ହେଲା । କାରଣ କଂପ୍ୟୁଟର ତତ୍ତ୍ୱର ମୂଳକାର୍ଯ୍ୟ ହେଲା "ଯେଉଁ ବ୍ୟବସ୍ଥା ସୂଚନାକୁ ଗ୍ରହଣ କରିବା, ସାଇତି ରଖିବା, ନିର୍ବାଚନ କରିବା ଓ ତାକୁ ନିୟନ୍ତ୍ରଣାଧୀନ କରିବାରେ ସମର୍ଥ ହେବା, ସେଭଳି ବ୍ୟବସ୍ଥା ଉପରେ ଯେ କୌଣସି ଧରଣର ଅଧ୍ୟୟନ ।"

ଯେ କୌଣସି ଧରଣର ବ୍ୟବସ୍ଥା ବୋଲି କହିଲେ ଏଥିରେ ମନୁଷ୍ୟ, ଜୀବଜନ୍ତୁ ଓ ସ୍ୱୟଂକ୍ରିୟ ଯନ୍ତ୍ର ବି ଆସି ଯାଉଛି । ଏହି ସକଳ ପ୍ରକାର ବସ୍ତୁକୁ ଏକତ୍ର ଭାବରେ ସୂଚନା ତତ୍ତ୍ୱର ଭାଷାରେ ଏକରକମ ବସ୍ତୁ ବୋଲି ଧରାଯାଇପାରେ ।

ମନୁଷ୍ୟର ମସ୍ତିଷ୍କ ଏକ ସୂଚନାର ଗନ୍ତାଘର । ପ୍ରତି ମୁହୂର୍ତ୍ତରେ ଏହି ମସ୍ତିଷ୍କ ସୂଚନା ଗ୍ରହଣ କରେ ଓ ତାହାକୁ ବାଛିବୁଛି ସାଫ କରି ସାଇତି ରଖେ (ସ୍ୱାଭାବିକଭାବରେ ଏଭଳି ଗୃହୀତ ସୂଚନାର ପରିମାଣ ସ୍ଥିର କରିବାକୁ ହେଲେ

Digitized by srujanika@gmail.com

ଆମକୁ ଏହି ସୂଚନା ଗ୍ରହଣର ସମୟ ବି ଜାଣିବାକୁ ପଡ଼ିବ । ସମୟର ଏକକ ଭିତରେ ମନେକରନ୍ତୁ ଏକ ସେକେଣ୍ଡରେ କେଉଁ ହାରରେ ସୂଚନା ମସ୍ତିଷ୍କରେ ପ୍ରବେଶ କରୁଛି ତାହାର ହିସାବ ଅନୁସାରେ ବ୍ୟବସ୍ଥାର ସାମର୍ଥ୍ୟ ବୁଝା ପଡ଼େ) । ଏହି ପ୍ରଶ୍ନର ଉତ୍ତର ଲାଗି ଆମକୁ ପ୍ରଥମେ ମଣିଷର ଇନ୍ଦ୍ରିୟମାନଙ୍କର ସାମର୍ଥ୍ୟ ସ୍ଥିର କରିବାକୁ ହେବ ।

ମଣିଷର ଆଖିର ପରଦାରେ ପ୍ରାୟ ଏକ କୋଟି ସ୍ନାୟୁ କୋଷ ଅଛି । ଏମାନେ ହେଉଛନ୍ତି କୋଣାକୃତି ଓ ଯଷ୍ଟି ଆକୃତି । ଦୁଇ ଆଖିରୁ ପ୍ରାୟ ଦଶ ଲକ୍ଷ ସ୍ନାୟୁ ତନ୍ତୁ ମସ୍ତିଷ୍କ ଭିତରକୁ ପ୍ରବେଶ କରିଛନ୍ତି । ଯଦି ଆମେ ଧରିନେଉ ଯେ ଆଖିର ଗୋଟିଏ ସ୍ନାୟୁ ତନ୍ତୁ ଗୋଟିଏ ସେକେଣ୍ଡରେ ଗୋଟିଏ ଦ୍ୱିକ ସୂଚନା ଗୋଚରୀଭୂତ କରେ (ଅର୍ଥାତ୍ ସେହି ଆଖି ଆଲୋକ ପ୍ରତି ସ୍ପର୍ଶାତୁର ହୁଏ ବା ନହୁଏ) ତେବେ ଆମେ ଏକ ସେକେଣ୍ଡରେ ଦଶ ଲକ୍ଷ ଦ୍ୱିକ ସୂଚନା ପାଇଲୁ । ତେବେ ମନୁଷ୍ୟ ଆଖି ସେକେଣ୍ଡରେ ଗୋଟିଏ ପ୍ରକ୍ଷେପ ଠାରୁ ଅଧିକ ସଂଖ୍ୟାରେ ପ୍ରତିକ୍ରିୟା ସୃଷ୍ଟି କରେ । ସେଥିପାଇଁ ବୈଜ୍ଞାନିକମାନେ ହିସାବ କରନ୍ତି ଯେ ଆଖି-ମସ୍ତିଷ୍କ ବ୍ୟବସ୍ଥାର ସାମର୍ଥ୍ୟ ହେଉଛି ସେକେଣ୍ଡରେ ପଚାଶ ଲକ୍ଷ ଦ୍ୱିକ ସୂଚନା ।

ଆଖିଠାରୁ କାନର ସ୍ନାୟୁ ତନ୍ତୁର ସଂଖ୍ୟା କମ୍ । ଆଖିର ଦଶଲକ୍ଷ ସ୍ନାୟୁ ତନ୍ତୁ ଅଛି କାନର ଅଛି ପ୍ରାୟ ୩୦,୦୦୦ । ଅର୍ଥାତ୍ ଆଖିର ସଂଖ୍ୟାର ତିରିଶି ଭାଗରୁ ଭାଗେ । କାନ ମସ୍ତିଷ୍କ ବ୍ୟବସ୍ଥାର ସାମର୍ଥ୍ୟ ହେଉଛି ୫୦,୦୦୦ ଦ୍ୱିକ ସେକେଣ୍ଡରେ । ପ୍ରସଙ୍ଗତଃ ଆମେ ଟେଲିଫୋନରେ ଏଥିରୁ କମ୍ ପଠାଇ ଥାଉ ପ୍ରାୟ ସେକେଣ୍ଡକେ ୩୦,୦୦୦ଦ୍ୱିକ । ଯେଉଁ ୨୦,୦୦୦ ଦ୍ୱିକ ନଷ୍ଟ ହୋଇଯାଏ ତାହାର କାରଣ ହେଉଛି ଟେଲିଫୋନ ଆଦାନ ପ୍ରଦାନରେ ମନୁଷ୍ୟ ଭାଷା ବିକଳ୍ପ ଯୋଗଯାଏ ।

ତେବେ ୫୦,୦୦୦ ତ ଊଣା ସଂଖ୍ୟା ନୁହେଁ । ଏହାର ଅର୍ଥ ହେଲା ଯେ ଆମର କାନ-ମସ୍ତିଷ୍କ ବ୍ୟବସ୍ଥା ୨୫୦୦,୦୦୦ ସମ୍ଭାବନା ଭିତରୁ ନିର୍ବାଚନ କରିଥାଏ (ଦ୍ୱିକ ଗୁଡ଼ିକ ହେଉଛନ୍ତି ଏହାର ପ୍ରବର୍ତ୍ତକ ଶାନନ୍‌ଙ୍କର ସୂତ୍ର ଅନୁସାରେ) । ଏହି ସଂଖ୍ୟା ହେଉଛି ଏକରେ ଦଶହଜାର ଶୂନ ଦେଲେ ଯେଉଁ ସଂଖ୍ୟାହେବ ତା'ଠାରୁ ବି ବଡ଼ । ଏଥି ସଙ୍ଗରେ ଦଶ ଲକ୍ଷକୁ ତୁଳନା କରାଯାଏ ତେବେ ଦଶଲକ୍ଷ ହେଉଛି ଏକରେ ଛଅଟି ଶୂନ । କାହିଁ ଦଶ ହଜାର କାହିଁ ଛଅ ? ଏକ ସେକେଣ୍ଡରେ ଏକ କରି ଗଣିଲେ ଏକ ଶହ କୋଟିକୁ ଦିନକୁ ଦଶଘଣ୍ଟା ଲେଖାଏଁ ଗଣିଲେ ଆମକୁ ୯୦ ବର୍ଷ ଲାଗିବ । ସମଗ୍ର ମନୁଷ୍ୟ ଇତିହାସର ସମସ୍ତ କାଳତକ ଜଣେ ଲୋକ ଯଦି ଗଣିବାରେ ଲାଗିବ ତେବେ ବି ସିଏ ୨୫୦୦,୦୦୦ରେ ପହଞ୍ଚି ପାରିବ ନାହିଁ ।

ତେଣୁ ସେକେଣ୍ଡକରେ ୫୦,୦୦୦ ଦ୍ୱିକ ସୂଚନା ମସ୍ତିଷ୍କରେ ପ୍ରବେଶ କଲେ ଏକ ପ୍ରଚଣ୍ଡ ପରିମାଣ ପ୍ରବେଶ କଲାବୋଲି ଧରିବାକୁ ହେବ । ତେବେ ଏଥିରୁ

Digitized by srujanika@gmail.com

କେତେ ପରିମାଣ ସୂଚନାକୁ ମସ୍ତିଷ ବାଛିବୁଛି ଆପଣାର ଗନ୍ତାଘରେ ସଂପାଦି ରଖି ପାରିବ ?

ମନୁଷ୍ୟ ମସ୍ତିଷର ଗୋଚରୀଭୂତ ଧାରଣା କ୍ଷମତାର ସୀମା ହେଲା ୫୦ ସୂଚନା ଦ୍ୱିକ ଅର୍ଥାତ୍ ୫୦ ଦ୍ୱବଲ ଏକକ ସୂଚନା । ଖୁବ୍ ଜଲଦି କଥାଭାଷା ବା ଚଞ୍ଚଳ ପଠନ ଓ ବକ୍ତବ୍ୟକୁ ଶର୍ଟହ୍ୟାଣ୍ଡରେ ଲେଖିଦେବାରେ ଏହି ଧାରଣ କ୍ଷମତା ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭବ । ଯେଉଁ ସୂଚନା ସେକେଣ୍ଡକରେ ୫୦ ଦ୍ୱିକରୁ ବେଶି ଜୋରରେ ଆସେ ତାକୁ ମନୁଷ୍ୟ ମସ୍ତିଷ ଧାରଣ କରିପାରେ ନାହିଁ । ଯଦିଚ ଶୁଣିଲାବେଳେ ଆମେ ଏହାଠାରୁ ହଜାରେ ଗୁଣ ଶୀଘ୍ର ଶୁଣିପାରୁଁ ବା ଦେଖିଲାବେଳେ ଏହାଠାରୁ ଲକ୍ଷେ ଗୁଣ ଶୀଘ୍ର ଦେଖିପାରୁଁ କିନ୍ତୁ ମୁଣ୍ଡରେ ଧରି ରଖି ପାରିଲେ ତ ? ସ୍ପର୍ଶେନ୍ଦ୍ରିୟର ସାମର୍ଥ୍ୟ ଏହି ଦର୍ଶନ ଓ ଶ୍ରବଣ ଇନ୍ଦ୍ରିୟର ସାମର୍ଥ୍ୟର ମଝାମଝି ।

ତେବେ କୌଣସି ଲୋକର ବ୍ୟକ୍ତିଗତ ଚରିତ୍ର ଉପରେ ବି ଅନେକ କଥା ନିର୍ଭର କରେ । ଲୋକର ଶାରୀରିକ ଓ ମାନସିକ ଅବସ୍ଥା, ତାର ଆଖି ବା କାନ ବା ଚମଡ଼ାର ତାଲିମ୍ ଓ ଅନ୍ୟାନ ଅନେକ ଅବସ୍ଥା ଏଥିରେ ତାରତମ୍ୟ କରେ । ଜଣେ କୁଶଳୀ ଟାଇପ କଲାଲୋକ ବା ପିଆନୋ ବାଦକ ସେକେଣ୍ଡକେ ୨୫ ଦ୍ୱିକ ଯାଏ ସୂଚନା ପ୍ରେରଣ କରିପାରେ; ଅଥଚ ଜଣେ ଅନଭିଜ୍ଞ ଲୋକ ସେକେଣ୍ଡକେ ପାଞ୍ଚଦ୍ୱିକ ପଠାଇ ପାରିବ କି ନା ସନ୍ଦେହ ।

ତେବେ ଏକ ଚଞ୍ଚଳ କଥୋପକଥନ ଶୁଣିଲାବେଳେ ମନୁଷ୍ୟ ମସ୍ତିଷ ତାର ସାମର୍ଥ୍ୟର ଶେଷ ସୀମା ଯାଏ କାମ କରେ ଓ ସେକେଣ୍ଡକେ ୪୦ ରୁ ୫୦ ଦ୍ୱିକ ଯାଏ ସୂଚନା ଗ୍ରହଣ କରିନିଏ । କିନ୍ତୁ ଏହା ହେଲା ସୂଚନା ପରିମାଣ । ସୂଚନା ତତ୍ତ୍ୱ ଗୃହୀତ ସୂଚନାର ମୂଲ୍ୟ ଉପରେ କେବେ ଚିନ୍ତା କରେ ନାହିଁ । ଖାଲି ଅଳସୁଆ ଗପ ପାଇଁ ଏହି ସୂଚନାର ମୂଲ୍ୟ ଶୂନ ବି ହୋଇପାରେ । ହୋଇପାରେ ଆମେ ପ୍ରତି ସେକଣ୍ଡେରେ ସୀମାବଦ୍ଧ ପରିମାଣ ସୂଚନା ପାଉଛୁଁ ଓ ମସ୍ତିଷ ତାହାକୁ ବଛାବଛି କରୁଛି । କିନ୍ତୁ ସେ ସୂଚନାର ମୂଲ୍ୟ ହୁଏତ ନଗଣ୍ୟ ।

ବ୍ୟବହାର ଓ ତତ୍ତ୍ୱ

ସ୍ୱାଭାବିକ ଭାବରେ ସୂଚନା ତତ୍ତ୍ୱର କାମ ନୁହେଁ ପ୍ରତିଦିନ କେତେ ବାଜେ ଗପ ହେଲା ତାହାର ଅଟକଳ କରିବା । ମନୁଷ୍ୟ ମସ୍ତିଷର ସାମର୍ଥ୍ୟ କେବଳ ତତ୍ତ୍ୱଦର୍ଶୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବା ମନସ୍ତାତ୍ତ୍ୱିକ ବା କଂପ୍ୟୁଟର ବିଶାରଦଙ୍କ ପାଇଁ ନୁହେଁ । ଏହାର ଗୁରୁତ୍ୱ ବି ଇଞ୍ଜିନିୟର ଓ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞଙ୍କ ପାଇଁ ବି ରହିଛି । ଅପରେଟର, ଚିଠିପତ୍ର ଓ ଖବର ଅନ୍ତର ପ୍ରେରକ, ଉଡ଼ାଜାହାଜ ଚାଳକ

Digitized by srujanika@gmail.com

ଇତ୍ୟାଦ ଇତ୍ୟାଦି ପ୍ରାୟ ପୂର୍ଣ୍ଣତଃ ଦରକାରୀ ସୂଚନା ଆହରଣରେ ଲାଗିଥାନ୍ତି । ସେଥିପାଇଁ ଆମେ ସବୁବେଳେ ଏ ପ୍ରକାର ସୂଚନାର ପରିମାଣ ଓ ମନୁଷ୍ୟ ମସ୍ତିଷ୍କର ସାଧାରଣ କ୍ଷମତାକୁ ହିସାବରେ ନେଉ ଓ ସେହି ଅନୁସାରେ କେତୋଟି ଯନ୍ତ୍ରପାତି ବା ଟେଲିଫୋନ ବା ଅନ୍ୟାନ ଜିନିଷ ସେ କାର୍ଯ୍ୟରେ ଲଗାଇ ପାରିବ ଓ ତାହାକୁ କିଭଳି ସଜାଡ଼ି ରଖିଲେ ଲୋକର ସୂଚନା ଧାରଣରେ ଅସୁବିଧା ହେବ ନାହିଁ ଇତ୍ୟାଦି ହିସାବ କରି ପନ୍ଥା ନିର୍ଣ୍ଣୟ କରିଥାଉଁ ।

ମନୁଷ୍ୟ ସମାଜରେ ଭାବ ଆଦାନ ପ୍ରଦାନର ଯେତେଗୁଡ଼ିଏ ବ୍ୟବସ୍ଥା ଅଛି ସେ ସବୁ ବ୍ୟବସ୍ଥାରେ ମନୁଷ୍ୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗସୂତ୍ର । ତେଣୁ ବ୍ୟବହାର କ୍ଷେତ୍ରରେ ମନୁଷ୍ୟର ବର୍ଣ୍ଣନ ଓ ଯୋଗାଯୋଗ ସ୍ଥାପନର ଯାନ୍ତ୍ରିକ ସୁବିଧାର ବର୍ଣ୍ଣନ ଗୋଟିଏ ପ୍ରକାର ଭାଷା ଓ ଭାବନା ଜରିଆରେ କରାଯାଇଥାଏ । ସୂଚନା ତତ୍ତ୍ୱ ହିଁ ଏହାର କର୍ତ୍ତା । କେବଳ ବର୍ଣ୍ଣନା କରିଦେବା ଯଥେଷ୍ଟ ନୁହେଁ, ଏହି ବ୍ୟବସ୍ଥାକୁ ଦିନୁଦିନ ଉନ୍ନତତର କରିବା ବି ଆବଶ୍ୟକ । ଉଦାହରଣ ପାଇଁ ଟେଲିଫୋନ୍ ବ୍ୟବସ୍ଥାକୁ ବି ନିଆଯାଇପାରେ ।

ଅଫିସ ବେଳେ ବା କାମଦାମ ବେଳେ ଟେଲିଫୋନ ଲାଇନ ଅତ୍ୟନ୍ତ ବ୍ୟସ୍ତ ରହେ । ତଥାପି ଏକଥା ଜଣାଶୁଣା ଯେ ଚଳନ୍ତି ଟେଲିଫୋନ୍ ଲାଇନ୍ ଏବେ ବି ବର୍ତ୍ତମାନ ଠାରୁ ଦଶ, ଶହ ଓ ହଜାରେ ଗୁଣ ଅଧିକା ସୂଚନା ପ୍ରେରଣ କରି ପାରନ୍ତେ ।

ଏକଥା ଆଗରୁ କୁହାଯାଇଛି ଯେ ଗୋଟିଏ ଟେଲିଫୋନ କଥାବାର୍ତ୍ତାରେ ସେକେଣ୍ଡରେ ତିରିଶି ହଜାର ଦ୍ୱିକ ସୂଚନା ପଠାଯାଇପାରେ । ଏକଥା ବି ଆମେ ଜାଣୁ ଯେ ଚଞ୍ଚଳତମ କଥା ଭାଷାରେ ମନୁଷ୍ୟ ମସ୍ତିଷ୍କ ୪୦ ରୁ ୫୦ ଦ୍ୱିକ ସୂଚନା ଧାରଣ କରିପାରେ । ତା ଠାରୁ ବେଶି ନୁହେଁ । ଏଥିରୁ ଜଣାପଡୁଛି ଯେ ଶତକଡ଼ା ୯୯.୯ ସୂଚନା ଯାହା ଟେଲିଫୋନରୁ ମିଳେ ତାହା ବେକାର ହୋଇଯାଏ କେବଳ $\frac{1}{1000}$ ଭାଗ ଟେଲିଫୋନ୍ ସୂଚନାରେ ଦରକାରୀ ଜିନିଷ ଥାଏ । ତେବେ ଏଥିରୁ ଅନାବଶ୍ୟକତା ବାଦ୍ ଦେଇଦେଲେ (ଏପରିକି ଏଥିରୁ କିଛି ଅଂଶ ବି ବାଦ୍ ଦେଲେ) ଟେଲିଫୋନ୍ ଲାଇନର କ୍ଷମତା ବର୍ତ୍ତମାନର କ୍ଷମତା ଠାରୁ ଦଶଗୁଣ, ଶହେ ଗୁଣ ବଢ଼ି ଯାଇପାରେ ।

ଏବେ ପୃଥିବୀର ବହୁ ଦେଶର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ପଦ୍ଧତି ବାହାର କରିବା ପାଇଁ ଲାଗିଛନ୍ତି । ଯାହା ଫଳରେ 'ପ୍ରବେଶ' ସ୍ଥଳରେ ମନୁଷ୍ୟର କଥାରୁ ଅନାବଶ୍ୟକ ସଙ୍କେତତକ ବାଦ୍ ଦିଆଯାଇପାରିବ ଓ କେବଳ ଦରକାରୀ ଓ ଉପଯୋଗୀ ସୂଚନାତକ ଦିଆଯାଇ ପାରିବ । ତା'ପରେ ତାହାକୁ 'ବହିର୍ଗମନ'କୁ

Digitized by srujanika@gmail.com

ପ୍ରେରଣ କରାଯାଇ ପାରିବ ଯେଉଁଠି ଅନ୍ୟାନ ପଦ୍ଧତି ଉକ୍ତ ସଙ୍କେତ ଦ୍ୱାରା ଚାଳିତ ହୋଇ ଉକ୍ତ ଧ୍ୱନିଗୁଡ଼ିକୁ ଅର୍ଥପୂର୍ଣ୍ଣ ବାକ୍ୟରେ ପରିଣତ କରିପାରିବେ ।

ଗବେଷକମାନେ ଏକଥା ମଧ୍ୟ ଆଶା କରୁଛନ୍ତି ଯେ ଟେଲିଫୋନରେ ଯେତେ କଥା ବା ଧ୍ୱନି ଅକାରଣେ ବ୍ୟୟ ହେଉଛି ତା'ଠାରୁ ଅନ୍ୟ ଆଦାନ ପ୍ରଦାନ ବ୍ୟବସ୍ଥା ଯେଉଁଥିରେ ଅଳ୍ପ ଅକାରଣ ବ୍ୟୟ ହେବ ତାହାକୁ ଆହୁରି ଉନ୍ନତ କରିବା । ଏହି ଦିଗରେ ଫଟୋ-ଟେଲିଗ୍ରାଫ ଓ ରେଡ଼ିଓ-ରିଲେ ଲାଇନ ପଦକ୍ଷେପ । କିନ୍ତୁ ଏଥିରେ ବି ଅପବ୍ୟୟର ରେକର୍ଡ୍‌ତକ ଟେଲିଭିଜନରେ ଲାଗୁଛି ।

ଟେଲିଭିଜନ ହେଲା ବେତାର-ଦୃଶ୍ୟ । ଏଥିରେ ଗୋଟିଏ ପରଦାରେ ଦୂର ଦୂରାନ୍ତରର ଚିତ୍ର ଦର୍ଶକ ସମକ୍ଷରେ ଭାସି ଉଠେ । ଏହି ପରଦାରେ ଯେଉଁ ଛବି ବା ପ୍ରତିବିମ୍ବ ପଡ଼େ ସେଗୁଡ଼ିକ ଆସେ ଛୋଟ ଛୋଟ ବିନ୍ଦୁ ଆକାରରେ । ଏଗୁଡ଼ିକ ହେଉଛନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଚିତ୍ରର କଣିକା । ଏହି ବିନ୍ଦୁ ଗୁଡ଼ିକର ପ୍ରତ୍ୟେକ ଗୋଟିଏ ଗୋଟିଏ ସଙ୍କେତ ଓ ପ୍ରତ୍ୟେକର ନାନା ପ୍ରକାର ଅର୍ଥରେ ବ୍ୟବହାର ହେବାର କ୍ଷମତା ଥାଏ । ଯେତେ ଉଜ୍ଜ୍ୱଳ ହୁଏ ସେତିକି ବିଭିନ୍ନ ପ୍ରକାରର ଅର୍ଥ ବାହାରେ ।

ଏଭଳି ଲକ୍ଷ ଲକ୍ଷ ଛବି ବିନ୍ଦୁରେ ଗୋଟିଏ ଛବି ହୁଏ । ଆମେରିକାର ଟେଲିଭିଜନ ବା ବେତାର-ଦୃଶ୍ୟରେ ଗୋଟିଏ ଛବି ପାଇଁ ଦୁଇଲକ୍ଷରୁ ତିନି ଲକ୍ଷ ଯାଏ ଛବି ବିନ୍ଦୁ ଖଟାଯାଏ । ସୋଭିଏଟ ରୁଷରେ ୪ ଲକ୍ଷରୁ ୫ ଲକ୍ଷ ଯାଏ ଓ ବିଲାତ, ଫ୍ରାନସ ପ୍ରଭୃତି ପଶ୍ଚିମ ଇଉରୋପୀୟ ଦେଶରେ ବେତାର ଦୃଶ୍ୟର ଗୋଟିଏ ଛବି ପ୍ରାୟ ଦଶଲକ୍ଷ ଯାଏ ଛବି ବିନ୍ଦୁରେ ଗଢ଼ା ହୋଇଥାଏ ! ଯଦି ଆମେ ଏହି ଛବି-ବିନ୍ଦୁ ଗୁଡ଼ିକୁ କୋଡ୍‌ରେ ନିମ୍ନତମ କଣିକା ସଙ୍ଗେ ତୁଳନା କରୁଁ ଅଥବା ଗୋଟିଏ ଛବି-ବିନ୍ଦୁକୁ ଓଡ଼ିଆର 'ଇ' ସଙ୍ଗେ ତୁଳନା କରୁଁ ତେବେ କ'ଣ ମିଳିବ ?

ଠିକ୍ ଯେମିତି ଓଡ଼ିଆ ଅକ୍ଷର ଭିତରୁ କେତୋଟି ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ଅକ୍ଷର ସଂଯୋଗ ନହେଲେ ଅର୍ଥପୂର୍ଣ୍ଣ ଶବ୍ଦ ହୋଇ ପାରେ ନାହିଁ । ତେଣୁ ଅଧିକାଂଶ ଅକ୍ଷର ସଂଯୋଗ ଅନାବଶ୍ୟକ ହୋଇ ରହିଯାଏ, ଠିକ୍ ସେହିପରି ବେତାର-ଦୃଶ୍ୟ ବା ଟେଲିଭିଜନର ଅଧିକାଂଶ ଚିତ୍ର-ବିନ୍ଦୁ ସଂଯୋଗରେ କୌଣସି ଅର୍ଥପୂର୍ଣ୍ଣ ନିର୍ଦ୍ଦିଷ୍ଟ ଚିତ୍ର ହୁଏ ନାହିଁ ।

ଏକଥା ଆଗରୁ ଦର୍ଶାଯାଇଛି ଯେ ରୁଷ ଭାଷାରେ ଅକ୍ଷର ସଂଯୋଗରେ ଶତକଡ଼ା 0.0002 କେବଳ ଅର୍ଥପୂର୍ଣ୍ଣ ଶବ୍ଦ ଗଢ଼େ । ପୃଥିବୀର ଅଧିକାଂଶ ଭାଷାରେ ଏକଥା ପ୍ରାୟ ଠିକ୍ ଓ ସମାନ । ଓଡ଼ିଆ ଭାଷାରେ ଆମେ ଏହାର ବୈଜ୍ଞାନିକ ହିସାବ ନ କରିଥିଲେ ବି ଏକଥା ଠିକ୍ । କାରଣ ପାଞ୍ଚଟା ଅକ୍ଷର ବିଶିଷ୍ଟ ଓଡ଼ିଆ 'ଶବ୍ଦ'ର ସଂଖ୍ୟା

Digitized by srujanika@gmail.com

ଯେତେବେଳେ ଦୁଇକୋଟି ଯାଏ ହୋଇ ପାରେ ସେତେବେଳେ ଆମର ଭାଷାରେ ଅର୍ଥପୂର୍ଣ୍ଣ ଶବ୍ଦ କେତେଟା ଅଛନ୍ତି, ତାହାର ସର୍ବୋଚ୍ଚ ସଂଖ୍ୟାକୁ ଏହି ଦୁଇ କୋଟିରେ ହରିଲେ ଏକ ମୋଟା ମୋଟି ଅନୁପାତ ବାହାରି ପାରିବ । ତାହାଛଡ଼ା ତ ଦୁଇଟି ଅକ୍ଷର, ତିନୋଟି ଅକ୍ଷର ଓ ଚାରୋଟି ଅକ୍ଷର ଥିବା ଓଡ଼ିଆ ଶବ୍ଦର ସଂଖ୍ୟାରୁ ପ୍ରକୃତରେ ହୋଇପାରିବା ଭଳି ଶବ୍ଦ କେତେ ବେଶି ।

ତେଣୁ ଧରାଯାଉ ଯେ ଏକ ଶହ ଅକ୍ଷର-ସଂଯୋଗ ବା ଅକ୍ଷର ବିନ୍ୟାସ ଭିତରେ ୯୯.୯୯୯୮ ଅକ୍ଷର ବିନ୍ୟାସ ହେଉଛି ଅର୍ଥହୀନ । ଠିକ୍ ସେହି ଭାବରେ ଟେଲିଭିଜନ ବା ବେତାର-ଦୃଶ୍ୟରେ ଛବି-ବିନ୍ଦୁ-ସଂଯୋଗ ବା ଛବି-ବିନ୍ଦୁ-ବିନ୍ୟାସର ଅଧିକାଂଶ ଅର୍ଥହୀନ; ତାହା କୌଣସି ନିର୍ଦ୍ଦିଷ୍ଟ ଚିତ୍ର ସୃଷ୍ଟି କରେ ନାହିଁ । ଏପରିକି ଏ କ୍ଷେତ୍ରରେ ଅନାବଶ୍ୟକତା ଭାଷା କ୍ଷେତ୍ରରେ ଅନାବଶ୍ୟକତା ଠାରୁ ମଧ୍ୟ ଅଧିକ !

ଆମେ ଆଗରୁ ଜାଣିଛୁଁ, କାନ-ମସ୍ତିଷ୍କ ବ୍ୟବସ୍ଥା ସେକେଣ୍ଡକେ ପଚାଶ ହଜାର ଦ୍ୱିକ ସୂଚନା ଗ୍ରହଣ କରିବାର କ୍ଷମତା ରଖେ । ତେବେ ଏହି ସୂଚନାରୁ $\frac{1}{1000}$ ଭାଗ ସୂଚନା ମଣିଷ ବଛାବଛି କରି ସାଇତି ପାରେ ! କାରଣ ମସ୍ତିଷ୍କର ଏଥିରୁ ବେଶି ଧାରଣ କ୍ଷମତା ନାହିଁ । ଆଖି-ମସ୍ତିଷ୍କ ବ୍ୟବସ୍ଥାରେ ପ୍ରାୟ ପଚାଶ ଲକ୍ଷ ଦ୍ୱିକ ସେକେଣ୍ଡକେ ସୂଚନା ଭାବରେ ମିଳେ । ଟେଲିଭିଜନ ବା ବେତାର ଦୃଶ୍ୟର ତରଙ୍ଗ ଧାରାରେ କୋଟି କୋଟି ଓ ଅର୍ବୁଦ ଅର୍ବୁଦ ସୂଚନା ଦ୍ୱିକ ପ୍ରେରିତ ହୋଇଥାଏ । କିନ୍ତୁ ଏକଥା ତ ଜଣାଅଛି ଯେ ମନୁଷ୍ୟର ଚେତନା ମସ୍ତିଷ୍କ ସେକେଣ୍ଡକେ ଚାଳିଶ ଠାରୁ ପଚାଶ ଯାଏ ସୂଚନା ଦ୍ୱିକ ଧାରଣ କରିପାରେ । ତା'ଠାରୁ ବେଶି ନୁହେଁ । ଏହା ହେଉଛି ଯାହା ସୂଚନା ପଠାଯାଏ ତାହାର ଏକ ଲକ୍ଷ ଭାଗରୁ ଭାଗେ ଏପରିକି ଏକ ନିୟୁତ ଭାଗରୁ ଭାଗେ ?

ଏବେ ଉଦ୍ୟମ ହେଉଛି, ଯଦି କୌଣସି ଉପାୟରେ ଟେଲିଭିଜନ ବା ବେତାର ଦୃଶ୍ୟର ଏହି ଅନାବଶ୍ୟକ ଅପବ୍ୟୟକୁ କୌଣସିମତେ କମ୍ କରାଯାଇ ପାରେ ।

ଅନ୍ୟାନ୍ୟ ପ୍ରକାର ଆଦାନ ପ୍ରଦାନର ପଦ୍ଧତି କ୍ଷେତ୍ରରେ ମିତବ୍ୟୟିତା ବଡ଼ କଥା ନୁହେଁ ; ବଡ଼ କଥା ହେଲା ସୂଚନାର ସତ୍ୟତା । ଯଥା ବୈଦ୍ୟୁତିକ ଆଦାନ ପ୍ରଦାନରେ ବିଜୁଳି ଲୋଡ଼ର ତାରତମ୍ୟରେ ସୂଚନାର ତେଜ ଓ ସତ୍ୟତା ବା ସ୍ୱଚ୍ଛତା ବାଧାପାଏ । ରେଡ଼ିଓ ଆଦାନ ପ୍ରଦାନରେ ମେଘବର୍ଷା ଦିନର ବିଦ୍ୟୁତ ସ୍ଫୁରଣ ଫଳରେ ସୂଚନାର ଲାଇନରେ ବିଭ୍ରାଟ ଘଟେ । ଉଡ଼ାଜାହାଜ ଚାଳକ ଓ ମହାକାଶଯାତ୍ରୀମାନେ ସୂଚନାରେ କେତେ ଅପବ୍ୟୟ ହେଲା ଓ କେତେ କାମରେ ଲାଗିଲା ସେଥିପାଇଁ ବ୍ୟସ୍ତ ହୁଅନ୍ତି ନାହିଁ । ବରଂ ସେମାନେ ସୂଚନାର ନିର୍ଭରତା, ସ୍ୱଚ୍ଛବାଦିତା, ଉପରେ ବେଶି

Digitized by srujanika@gmail.com

ଆସ୍ଥା ରଖନ୍ତି । ସୂଚନା ତତ୍ତ୍ୱ ଏବେ ଆଦାନ ପ୍ରଦାନର ବିଶେଷଜ୍ଞ, ରେଡ଼ିଓ ଇଞ୍ଜିନିୟର ଓ ଡ଼ିଜାଇନ ନିର୍ମାତାମାନଙ୍କର ଅଶେଷ ସାହାଯ୍ୟରେ ଲାଗୁଛି । କାରଣ ଏହାର ଆବିଷ୍କାର ଉପରେ ନିର୍ଭରକରି ଦୂରଦୂରାନ୍ତ ଆଦାନ ପ୍ରଦାନର ସୁବିଧା ନିର୍ମାଣ କରାଯାଇ ପାରୁଛି ।

ସୂଚନା ତତ୍ତ୍ୱର ବିଭିନ୍ନ ବିଶାଳ କାର୍ଯ୍ୟ ଏଠାରେ ଆଲୋଚନା ହେଉ ନାହିଁ । କାରଣ ତାହା ପାଇଁ ଏକ ବିଶେଷ ବହି ଲେଖା ଦରକାର । ଆମର ଦେଖିବାର କଥା ସୂଚନାତତ୍ତ୍ୱର ଆବିଷ୍କାରଗୁଡ଼ିକ କି ଭାବରେ ଭାଷାତତ୍ତ୍ୱର ସମସ୍ୟାଗୁଡ଼ିକ ସମାଧାନରେ ଲାଗିପାରିଛି । କାରଣ ଭାଷାକୁ ଗୋଟିଏ କୋଡ଼ ଭାବରେ ଅଧ୍ୟୟନ କରିବାରେ ଭାଷାତତ୍ତ୍ୱବିଦମାନଙ୍କର କେବଳ ଦରକାରୀ କାର୍ଯ୍ୟ ନୁହେଁ; ଯେତେ ଲୋକ କୋଡ଼ର ପ୍ରତ୍ୟକ୍ଷ ଅର୍ଥରେ କୋଡ଼ ବିଷୟରେ ଗବେଷଣା କରୁଛନ୍ତି ସେମାନଙ୍କର ଦରକାରୀ କାର୍ଯ୍ୟ, ଯଥା ଟେଲିଗ୍ରାଫ ଅପରେଟର ଓ ଆଦାନ ପ୍ରଦାନ କାର୍ଯ୍ୟରେ ନିଯୁକ୍ତ ଲୋକେ ।

ଟେଲିଭିଜନ ଓ ଟେଲିଗ୍ରାଫ୍ କୋଡ୍ (ବେଲଡ୍)

ଆଧୁନିକ କାଳର ଟେଲିଗ୍ରାଫ କୋଡ଼ ଭିତରେ ସବୁଠାରୁ ପୁରୁଣା କୋଡ଼ ହେଉଛି ମୋର୍ସ କୋଡ଼ । ସୂଚନାତତ୍ତ୍ୱର ଜନ୍ମର ବହୁ ବର୍ଷ ପୂର୍ବରୁ ଏହି କୋଡ଼କୁ ପ୍ରତିଷ୍ଠା କରାଯାଇଥିଲା । ଏହି କୋଡ଼ ଭାଷାର ଆଇନ ମାନି ଚଳି ଆସିଛି । ଯେଉଁ ଅକ୍ଷରଗୁଡ଼ିକ ବେଶିଥର ବ୍ୟବହାର ହୁଏ ଓ ବାରମ୍ବାର ଦୋହରା ହୁଏ ସେହି ଅକ୍ଷରଗୁଡ଼ିକ (ଯଥା ଇଂରାଜିର 'e' ଓ 's', ରୁଷିଆର 't' ଓ 'a') ଅନ୍ୟାନ୍ୟ ଅକ୍ଷର ଅପେକ୍ଷା ସହଜ ଓ ଛୋଟ ସଙ୍କେତରେ ଚିହ୍ନିତ ହୋଇଛି । ସୂଚନାତତ୍ତ୍ୱର କଲ୍ୟାଣରୁ ଏହି ମୋର୍ସ କୋଡ଼ ଠାରୁ ଆହୁରି ସରଳ ଓ ମିତବ୍ୟୟୀ କୋଡ଼ ତିଆରି ହୋଇ ପାରିବ । ଉଦାହରଣ ସ୍ୱରୂପ ଭାରତର ହିନ୍ଦି ଭାଷାର କୋଡ଼ ଭାଷାର ଅନାବଶ୍ୟକତା ବିଷୟରେ ସର୍ବାଧୁନିକ ଆବିଷ୍କାର ଉପରେ ପ୍ରତିଷ୍ଠିତ ।

ମୋର୍ସ କୋଡ଼ ମୂଳରୁ ଇଂରାଜି ଅକ୍ଷର ଓ ଭାଷା ଉପରେ ପ୍ରତିଷ୍ଠିତ ହୋଇଥିଲା । ଇଂରାଜି ଭାଷାରେ 'e' ଅକ୍ଷର ହେଉଛି ସବୁଠାରୁ ଅଧିକ ପ୍ରଚଳିତ ଅକ୍ଷର । ତେଣୁ ସହଜିକ ଭାବରେ ମୋର୍ସ କୋଡ଼ରେ 'e' କୁ ଗୋଟିଏ ବିନ୍ଦୁ ଭାବରେ ଚିହ୍ନିତ କରାଯାଇଛି । ଇଂରାଜି ଭାଷାରେ 'o' ଅକ୍ଷରର ବହୁଳ ପ୍ରୟୋଗ ନାହିଁ । ତେଣୁ ଏଥିପାଇଁ 'ତିନୋଟି ଗାର' ଚିହ୍ନିତ କରାଯାଇଛି । ଅନ୍ୟପକ୍ଷରେ ରୁଷ ଭାଷାରେ 'o' ହେଉଛି ସବୁଠାରୁ ବହୁଳ ପ୍ରଚଳିତ ଅକ୍ଷର । ତେଣୁ ଏହି 'ତିନୋଟି ଗାର' ଚିହ୍ନ ରୁଷ ଭାଷାର ଟେଲିଗ୍ରାଫ କରିବାରେ ଅସୁବିଧା । କିନ୍ତୁ ରୁଷ ଭାଷାର ଟେଲିଗ୍ରାଫରେ

Digitized by srujanika@gmail.com

କୋଡ୍ ହେଲାବେଳେ ସୂଚନାତତ୍ତ୍ୱର ଜନ୍ମ ହୋଇ ନଥିଲା । ତେଣୁ ରୁଷ ଭାଷାର ଟେଲିଗ୍ରାଫ ସଙ୍କେତ ଭାବରେ ମୋର୍ସ କୋଡ୍‌କୁ ଧରି ନିଆଯାଇଥିଲା ଓ ସେଠାରେ ଆଦାନ ପ୍ରଦାନ କାର୍ଯ୍ୟରେ ନିଯୁକ୍ତ ଲୋକେ ଏହି କୋଡ୍‌କୁ ବିନା ସଂଶୋଧନରେ ଗ୍ରହଣ କରି ନେଇଥିଲେ । କିନ୍ତୁ ହିନ୍ଦି ଓ ହିନ୍ଦି ଭଳି ଆଧୁନିକ ଭାରତୀୟ ଭାଷାରେ ଏହି ତ୍ରୁଟି ରହିବ ନାହିଁ । କାରଣ ଏବେ ସୂଚନାତତ୍ତ୍ୱର ସାହାଯ୍ୟରେ ସବୁଠାରୁ ବେଶି ପୌନପୌନିକତାରେ ପ୍ରଚଳିତ ଅକ୍ଷର ପାଇଁ ସରଳତମ ସଙ୍କେତ ଠିକ୍ କରାଯାଇ ପାରିବ ।

ତେଣୁ, ଫଳିତ ବିଜ୍ଞାନ ପାଇଁ ସୂଚନା ତତ୍ତ୍ୱର ଗୁରୁତ୍ୱ ସର୍ବାଧିକ । ତେବେ ବି ବିଶୁଦ୍ଧ ତାତ୍ତ୍ୱିକ ବିଜ୍ଞାନବିଦ୍ୟା କ୍ଷେତ୍ରରେ ଯଥା ପ୍ରଜନନତତ୍ତ୍ୱରେ ଏହାର ଗୁରୁତ୍ୱ ସାମାନ୍ୟ ନୁହେଁ । ପ୍ରଜନନ ତତ୍ତ୍ୱରେ ଯେଉଁ ପ୍ରଜନନ ସୂଚନାକୁ ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ ପ୍ରେରଣ କରାଯାଏ ତାହାର ଅଧ୍ୟୟନ ହୁଏ । ଏହାଛଡ଼ା ଶରୀରତତ୍ତ୍ୱ, ମନସ୍ତତ୍ତ୍ୱ ଓ ଅନ୍ୟାନ୍ୟ ବିଜ୍ଞାନ କ୍ଷେତ୍ରରେ ସୂଚନାତତ୍ତ୍ୱର ଆବଶ୍ୟକତା ଯଥେଷ୍ଟ ବେଶି । ସୂଚନାତତ୍ତ୍ୱର କଲ୍ୟାଣରୁ ବୈଜ୍ଞାନିକମାନେ ନିର୍ଲିପ୍ତ ଭାବରେ ବିଭିନ୍ନ ଭାଷାର ତୁଳନା କରିପାରୁଛନ୍ତି । ବିଭିନ୍ନ ଭାଷା ଯଥା ଆମର ପ୍ରଚଳିତ ଭାଷା, ଜୀବଜନ୍ତୁଙ୍କ ଭାଷା, ଆମର ସ୍ନାୟବିକ ବ୍ୟବସ୍ଥା ବା ଅବୟବର ସାଙ୍କେତିକ ପଣ, ଟେଲିଗ୍ରାଫ୍ କୋଡ, ମେସିନ ଭାଷା ଓ କ୍ରୋମୋସୋନମ୍ କୋଡ୍ ବା ବଂଶାନୁଗୁଣ କୋଡ୍ ଯେଉଁଥିରେ ପ୍ରଜନନ ସୂଚନା ପ୍ରେରିତ ହୁଏ । ଗୋଟିଏ କଥାରେ, ସୂଚନାତତ୍ତ୍ୱର କାରବାର ସବୁ ରକମର ସୂଚନା ପ୍ରେରଣ ବ୍ୟାପାରରେ ମଣିଷଠାରୁ ମଣିଷ, ଜୀବଠାରୁ ଜୀବ, ମଣିଷଠାରୁ ଯନ୍ତ୍ର ଓ ଯନ୍ତ୍ରଠାରୁ ଯନ୍ତ୍ର ପାଇଁ ଲାଗିଥାଏ ।

ମନୁଷ୍ୟ ଭାଷାର ଅନାବଶ୍ୟକତା ତାହାର ଗଢ଼ଣ ଦ୍ୱାରା ଅବଧାରିତ । କାରଣ ଭାଷାର ସମନ୍ୱୟତା ଓ ସମ୍ପର୍କ ରହିଛି । ଏହାର ଅର୍ଥ ହେଲା ଗୋଟିଏ ଭାଷାର ଗଠନ ବା ସଙ୍ଗଠନ କ୍ରିୟାର ମାନଦଣ୍ଡ ବା ସୂଚକ ଭାବରେ ଏହି ଅନାବଶ୍ୟକତାକୁ ରୋକଠୋକ ସଂଖ୍ୟାର ହିସାବରେ ଦର୍ଶାଯାଇପାରେ । ଏହାଛଡ଼ା ଏହି ସୂଚନା ତତ୍ତ୍ୱର ନିର୍ଦ୍ଧାରଣ ଫଳରେ କୌଣସି ଭାଷାର କ୍ଷମତା, ଦକ୍ଷତା ଓ ସାମର୍ଥ୍ୟ ବିଷୟରେ ନିର୍ଦ୍ଦିଷ୍ଟ କଳନା କରାଯାଇପାରେ । କୌଣସି ଭାଷାର ଅର୍ଥ ମଣିଷର ଭାଷା, ଜୀବଜନ୍ତୁର ଭାଷା, ଯନ୍ତ୍ରର ଭାଷା ଇତ୍ୟାଦି ।

ଏ ପର୍ଯ୍ୟନ୍ତ କେବଳ ପହିଲି ପାଦଯାଏ ଯିବା ହୋଇଛି । ଭାରତର ଦୁଇ ଗଣିତଜ୍ଞ ରାମାକ୍ରିଷ୍ଣନ ଓ ସୁବ୍ରମନିୟମ୍ ଏକଥା ନିର୍ଣ୍ଣୟ କରି ସାରିଛନ୍ତି ଯେ ଇଂରାଜି ଭାଷାରୁ ଜର୍ମାନ ଭାଷାକୁ ଅନୁବାଦ କଲାବେଳେ ଇଂରାଜି ଲେଖାର ୧ ସୂଚନା ଦ୍ୱିକ,

Digitized by srujanika@gmail.com

ଜର୍ମାନ ଭାଷାର ୧.୨୨ ଦ୍ୱିକ ସଙ୍ଗେ ସମାନ । ଜର୍ମାନ ଭାଷାରୁ ଇଂରାଜି ଭାଷାକୁ ପାଲଟା ଅନୁବାଦରେ ଗୋଟିଏ ଜର୍ମାନ ସୂଚନା ଦ୍ୱିକ ପାଇଁ ଇଂରାଜି ସୂଚନାର ୧.୦୬ ଦ୍ୱିକ ଦରକାର ପଡ଼େ ।

ଅନୁବାଦ ଫଳରେ ମୂଳ ଲେଖା ଠାରୁ ଅନୁବାଦ ଯେ ବଡ଼ ହୋଇଯାଏ ଏକଥା ସବୁ ଅନୁବାଦକ ଜାଣନ୍ତି । ଏଠାରେ କିନ୍ତୁ ଏକ ନୂତନ ତଥ୍ୟ ଉଦଘାଟିତ ହେଲା ଯେ ଇଂରାଜି ଭାଷାକୁ ଜର୍ମାନ ଭାଷାର ଅନୁବାଦ କଲାବେଳେ ଅନୁବାଦର ଆକାର ଠାରୁ ଅନୁପାତରେ ଅପେକ୍ଷାକୃତ ଅଳ୍ପ । ଏଥିରୁ ରାମାକ୍ରିଷ୍ଣନ ଓ ସୁବ୍ରମନିୟମ ଏହି ଉଚିତ ଉପସଂହାର କରିଛନ୍ତି ଯେ ଇଂରାଜି ଲେଖାର ଗୋଟିଏ ସୂଚନା ଦ୍ୱିକ ମୋଟାମୋଟି ଜର୍ମାନ ଲେଖାର ୧.୧୫ ସୂଚନା ଦ୍ୱିକର ସହିତ ହିସାବରେ ସମାନ । ଅତଏବ, ଇଂରାଜି ଭାଷା ଜର୍ମାନ ଭାଷା ଅପେକ୍ଷା ଅଧିକ ମିତବ୍ୟୟୀ ଭାଷା । ଅର୍ଥାତ୍ କୌଣସି ନିର୍ଦ୍ଦିଷ୍ଟ ବିଷୟ ଜର୍ମାନ ଭାଷାଠାରୁ ଇଂରାଜି ଭାଷାରେ ଅଳ୍ପ କଥାରେ କୁହାଯାଇ ପାରିବ ।

ଓଡ଼ିଆ ଭାଷାରେ ଇଂରାଜିରୁ ଅନୁବାଦ କଲା ଲୋକେ ଜାଣନ୍ତି ଯେ ଇଂରାଜିରେ ଯାହା ଦଶୋଟି ଧାଡ଼ିରେ ହେବ ତାହା ଓଡ଼ିଆରେ ଅନ୍ତତଃ ବାର ତେର ଧାଡ଼ି ନ ହେଲେ ହେବ ନାହିଁ । ଓଲଟା ଭାବରେ, ଓଡ଼ିଆରୁ ଇଂରାଜି ଅନୁବାଦ କଲାବେଳେ ଯାହା ଓଡ଼ିଆରେ ଦଶଧାଡ଼ିର ଲେଖା ତାହା ଇଂରାଜିରେ ଖୁବ୍ ବେଶି ହେଲେ ଏଗାର ଧାଡ଼ି ଲାଗିବ । ଏଥିରୁ ଜଣାପଡୁଛି ଯେ ଓଡ଼ିଆ ଅକ୍ଷରର ସୂଚନା-ଶକ୍ତି ଇଂରାଜି ଅକ୍ଷରର ସୂଚନା- ଶକ୍ତି ଅପେକ୍ଷା କମ୍ । ଅନ୍ୟାନ୍ୟ କାରଣ ଛାଡ଼ି ଦେଲେ ବି ଏହାର ଗୋଟିଏ ବିଶେଷ କାରଣ ହେଲା ଇଂରାଜିରେ ୨୬ଟି ଅକ୍ଷର ଓ ଓଡ଼ିଆରେ ୩୨ଟି ଅକ୍ଷର ।

ଅନାବଶ୍ୟକତା ଦୃଷ୍ଟିରୁ ବିଭିନ୍ନ ଭାଷାକୁ ବିଚାର କଲେ 'ଭାଷାର ପ୍ରଗତି' ବୋଲି ଯାହା କୁହାଯାଏ ତାହାର ଭାବ ବୈଜ୍ଞାନିକ ଭାଷାରେ ପ୍ରକଟ ହୋଇପାରିବ । ଏଥିରୁ ଜଣାପଡ଼ିବ ବିଭିନ୍ନ ଭାଷାର ପ୍ରଗତି ସଙ୍ଗେ ସଙ୍ଗେ ଅନାବଶ୍ୟକତା କେତେ ପରିମାଣରେ କମିଯାଇଛି ବା ବଢ଼ିଯାଇଛି । ଏହି ବୃଦ୍ଧି ବା କ୍ଷୟ ସମାନ ଭାବରେ ଘଟୁଛି ନାଁ ଖାମ ଖିଆଲି ହାରରେ ଘଟୁଛି । ଏଭଳି ଏକ ପାରିମାଣିକ ଆଇନକୁ ବିଶ୍ଳେଷଣ କଲେ ଭାଷାର ବିକାଶ ପ୍ରବୃତ୍ତିକୁ ଧରି ହେବ ଓ ଭବିଷ୍ୟତରେ କି କି ପରିବର୍ତ୍ତନ ଘଟିବ ତାହା କୁହାଯାଇ ପାରିବ ।

ଏହା ହେଲା ଭାଷାର ଭବିଷ୍ୟତ କଳନା ।

Digitized by srujanika@gmail.com

କୋଡ୍‌ଠାରୁ ଭାଷାର ପାର୍ଥକ୍ୟ

'କୋଡ୍' ଶବ୍ଦ ହଠାତ୍ ମୋର୍ସ କୋଡ୍, ବାଉଡ୍‌ଟ୍ କୋଡ୍ ଓ ଅନ୍ୟାନ ବୈଷୟିକ କୋଡ୍ କଥା ମନେ ପକାଇ ଦିଏ । ସୂଚନାତତ୍ତ୍ୱ ଅନୁସାରେ 'କୋଡ୍'ର ଆହୁରି ବ୍ୟାପକ ଅର୍ଥ ରହିଛି (ଠିକ୍ ଯେପରି ଭାଷା କହିଲେ ସଙ୍କେତତତ୍ତ୍ୱରେ ଭାଷାର ବ୍ୟାପକ ଅର୍ଥ ବୁଝାଏ) । ଆଦାନ ପ୍ରଦାନକୁ ଲେଖିରଖିବାର କୌଣସି ପଦ୍ଧତିକୁ ସୂଚନାତତ୍ତ୍ୱ ଅନୁଯାୟୀ କୋଡ୍ ବୋଲାଯାଏ । କୋଡ୍ ହେଉଛି ସୂଚନା ପ୍ରେରଣର ଏକ ସାଙ୍କେତିକ ବ୍ୟବସ୍ଥା । ଏଥିରେ ଉଭୟ ପ୍ରେରକ ଓ ଗ୍ରାହକ ଆଗରୁ ଏକମତ ହୋଇ ଥାଆନ୍ତି । ଆମେରିକା ଭାଷାବିଦ୍ ଜି. ମିଲରଙ୍କର ମୋଟାମୋଟି ଭାବରେ କୋଡ୍ ର ଏହି ସଂଜ୍ଞା ନିର୍ଦ୍ଧାରିତ ହୋଇଛି ।

ଏହି ସଂଜ୍ଞାରେ ଆମର ନିତିପ୍ରଚଳ ଭାଷା ବି ପଡ଼ିବ । ଅବଶ୍ୟ ଭାଷା ଆପଣା ଗୁଣ ଓ ପ୍ରକୃତିରେ ଅନ୍ୟାନ୍ୟ ଆଦାନ ପ୍ରଦାନ ପଦ୍ଧତି ସହିତ ଅନେକ ଭାବରେ ତୁଳନୀୟ । ତଥାପି ଏହାକୁ ବିଭିନ୍ନ ବୈଷୟିକ କୋଡ୍ ଭଳି ସୂଚନାତତ୍ତ୍ୱର ନିର୍ଦ୍ଧାରଣ ଅନୁସାରେ ବି ପକାଯାଇ ପାରିବ । ତେବେ ଭାଷା ଓ ବୈଷୟିକ କୋଡ୍ ଭିତରେ ଫରକ କ'ଣ ?

ବୈଷୟିକ କୋଡ୍ ର ବ୍ୟାକରଣ ଅତ୍ୟନ୍ତ ସରଳ । କୋଡ୍‌ର ବିଭିନ୍ନ କଣିକାଗୁଡ଼ିକ ସଂଯୋଗ କରିବା ପାଇଁ ଏଥିରେ କେତେଗୁଡ଼ିଏ ସରଳ ସୂତ୍ର ଅଛି । କିନ୍ତୁ ମନୁଷ୍ୟ ଭାଷା ବହୁ କିଟିମିଟିଆ, ଏହା ବହୁ ଅଙ୍ଗ ବିଶିଷ୍ଟ ।

ଗୋଟିଏ ବୈଷୟିକ କୋଡ୍‌ର ଗଢ଼ଣକ୍ରିୟା, ଯଥା ମୋର୍ସ କୋଡ୍‌ର ଗଢ଼ଣକ୍ରିୟା ଯୋଡ଼ିଏ ପୃଷ୍ଠାରେ ଲେଖି ଦେଇ ହେବ, କିନ୍ତୁ ଓଡ଼ିଆ ଭାଷା ଭଳି ବା ସେହିଭଳି ଯେ କୌଣସି ଆଧୁନିକ ଭାଷାର ସମୁଦାୟ ଜ୍ଞାତବ୍ୟ ବିଷୟ ଲେଖିଲେ ବିରାଟ ବିରାଟ ପୋଥିମାନ ଲେଖା ହେବ । ବିବରଣୀ ପୂର୍ଣ୍ଣଭାବରେ ଥୋଇଲେ ଭାଷାର ବିଭିନ୍ନ ଧ୍ୱନି ଉଚ୍ଚାରଣ, ବ୍ୟାକରଣ, ଶବ୍ଦ ସମ୍ପଦ, ରୂଢ଼ି ପ୍ରୟୋଗ, ସମାସ ଇତ୍ୟାଦି ଦୈନନ୍ଦିନ କଥାରେ ପ୍ରଚଳିତ ସମସ୍ତ ବିଭାଗ ଥୋଇବାକୁ ପଡ଼ିବ ।

ବୈଷୟିକ କୋଡ୍‌ଗୁଡ଼ିକ ମାଧ୍ୟମିକ, ଏମାନେ କୌଣସି ସାଧାରଣ ଭାଷାର ପ୍ରାଥମିକ ଗଢ଼ଣ ଉପରେ ଆଶ୍ରିତ ଅଥବା କୌଣସି ସଙ୍କେତ ବ୍ୟବସ୍ଥା ସଙ୍ଗେ ଜଡ଼ିତ । ଆମର ସାଧାରଣ ଭାଷା ହେଉଛି ପ୍ରାଥମିକ । ଏହା ଅନ୍ୟ କୌଣସି ସଙ୍କେତ ବା କୋଡ୍ ବା ଠାର ବ୍ୟବସ୍ଥା ଉପରେ ଆଶ୍ରିତ ନୁହେଁ । ବିଦେଶୀ ଭାଷା ଶିଖିବା, କହି ଶିଖିବା ଓ ଉକ୍ତ ଭାଷାରେ ଦଖଲ କରିବା ପାଇଁ ଲୋକକୁ ବର୍ଷ ବର୍ଷ କଠିନ ପରିଶ୍ରମ

Digitized by srujanika@gmail.com

କରିବାକୁ ପଡ଼ିପାରେ । କିନ୍ତୁ ମୋର୍ସ କୋଡ୍ ଭଳି କୋଡ୍ ଶିଖିବାକୁ ଗୋଟିଏ ମାସ ବା ଗୋଟିଏ ସପ୍ତାହ ଯଥେଷ୍ଟ ।

ବୈଷୟିକ କୋଡ୍‌ରେ ସଙ୍କେତଗୁଡ଼ିକ ସଂଯୋଗ କରିବାର ପ୍ରଣାଳୀ କୋଡ୍ ର ଆବିଷ୍କର୍ତ୍ତାଙ୍କର ପ୍ରଣାଳୀ । କିନ୍ତୁ ଭାଷାରେ ଅବସ୍ଥା ଏକାବେଳକେ ନିଆରା । ଭାଷାର ବିଧାତା ହେଉଛି ସାରା ଜାତି । ସମାଜ ବିକାଶର ହଜାର ହଜାର ବର୍ଷର ପରିଣତି ହେଲା ମନୁଷ୍ୟର ଭାଷା ।

କୋଡ୍ ର ନିୟମ ଶୃଙ୍ଖଳା ଆଗରୁ ବନ୍ଧାଯାଏ । କିନ୍ତୁ ଭାଷାର ନିୟମ ଶୃଙ୍ଖଳା ଆଗରୁ ବନ୍ଧା ନ ଥାଏ । ଭାଷାରେ ବ୍ୟାକରଣ ଭାଷାକୁ ଅନୁସରଣ କରେ । ଭାଷା ବ୍ୟାକରଣକୁ ଅନୁସରଣ କରି ନ ଥାଏ । ଭାଷାର ପ୍ରଧାନ ଉପଜିବ୍ୟ ହେଲା ଲେଖା ବା କଥା, ବାକ୍ୟାଂଶ, ଭାବପ୍ରକାଶ ଶବ୍ଦ ଓ ପ୍ରୟୋଗ । ଏହି ଗୁଡ଼ିକ ବିଶ୍ଳେଷଣ କଲେ ଯାଇଁ ଭାଷାର ବିଧି-ଆଇନ ବାହାରି ପାରେ । ଏଥିରୁ ଭାଷା ଲେଖିବାର ବ୍ୟବସ୍ଥାଟି ଧରାପଡ଼େ । ତେଣୁ ଏହି ଆଇନଗୁଡ଼ିକ କୋଡ୍ ର ଆଇନ ଭଳି କଠୋର ଓ ନିୟମଦୋରସ୍ତ ନୁହେଁ ।

ଏକଥା ଜଣାଇବା ଦରକାର ଯେ ଭାଷାର ଆଇନଗୁଡ଼ିକ ସାଧାରଣତଃ କୋହଳ । ବିଦେଶୀ ଲୋକଙ୍କର ଦରଦର ଖଣ୍ଡିଆ ଓଡ଼ିଆ ବି ଆମେ ବୁଝିପାରୁଁ । ହୁଏତ ସେ ଓଡ଼ିଆ ଭାଷାର ସବୁତକ ବ୍ୟାକରଣ ନିୟମ ଭାଙ୍ଗି ଦେଇ ପାରିଥାଆନ୍ତି । ଉଚ୍ଚାରଣ କ୍ଷେତ୍ରରେ ବି ଏକଥା ପ୍ରଯୁଜ୍ୟ ଉଚ୍ଚାରଣ ହୁଏତ ବହୁତ ବିକଳ ହୋଇପାରେ ତଥାପି ଅର୍ଥ ଧରିହୁଏ । କିନ୍ତୁ ବୈଷୟିକ କୋଡ୍‌ରେ ଏଭଳି ବିଭ୍ରାଟର ସ୍ଥାନ ନାହିଁ । ତାହାହେଲେ କୋଡ୍ ଅର୍ଥହୀନ ହୋଇଯିବ ।

ଶେଷରେ ଭାଷା ଓ ବୈଷୟିକ କୋଡ୍ ଭିତରେ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଭେଦ ହେଲା ଯେ ଭାଷା କେବଳ ଆଦାନ ପ୍ରଦାନର ମାଧ୍ୟମ ନୁହେଁ । ଏହା କେବଳ ସୂଚନା ପ୍ରେରକ ନୁହେଁ । ଏହା ଆମର ଚତୁର୍ଦ୍ଦିଗରେ ଥିବା ବସ୍ତୁଜଗତ ବିଷୟରେ ଜ୍ଞାନ ଅର୍ଜନର ବାହନ । ଏହା ପୃଥିବୀକୁ 'ମଡ଼େଲ' କରିବାର ଗୋଟିଏ ସୁନ୍ଦର ପଦ୍ଧତି । ଏହି 'ମଡ଼େଲ' କରିବାର କ୍ଷମତା ହେଉଛି ଭାଷାର ପ୍ରଚଣ୍ଡ ଅପୂର୍ବ କ୍ଷମତା । ତେଣୁ କେବଳ ଦୁନିଆ ବିଷୟରେ ସୂଚନା ପ୍ରେରଣ ନୁହେଁ ସେହି ଦୁନିଆକୁ ଗଢ଼ିବାର ବା ମଡ଼େଲ କରିବାର ସାମର୍ଥ୍ୟ ଯୋଗୁଁ ଭାଷା ବୈଷୟିକ କୋଡ୍, ସଙ୍କେତ ବ୍ୟବସ୍ଥା ଓ ଯନ୍ତ୍ର ଭାଷା ଠାରୁ ବୈଚିତ୍ର୍ୟମୟ ଓ ଉନ୍ନତ ।

❒ ❄ ❒

Digitized by srujanika@gmail.com

ଲୋକ, ବସ୍ତୁ ଓ ଶବ୍ଦ

ଭାଷା, ସଂସ୍କୃତି ଓ ଚଉଦିଗର ଦୁନିଆ ଭିତରେ ପରସ୍ପର ସଂପର୍କ କ'ଣ ? ଭାଷାତତ୍ତ୍ୱ, ପୁରାତତ୍ତ୍ୱ, ଇତିହାସ ଓ ସଂସ୍କୃତିର ସୀମାରେ ଏହି ବିଷୟ ଏବେ ବି ରହିଛି । ଏବେ ଭାଷାତତ୍ତ୍ୱର ଗୋଟିଏ ବିଭାଗ ପୁରା-ଭାଷାତତ୍ତ୍ୱ ଏହାର ଆଲୋଚନାର ଭାର ନେଇଛି ।

ବସ୍ତୁ ଓ ନିର୍ଦ୍ଦେଶକ ଶବ୍ଦ

ଗୋଟିଏ ସାଧା ବୋତଲରେ ପାଣି ପୂରାଇ ରଖିଲେ ଓ ଆଉ ଗୋଟିଏ ବୋତଲରେ ତେଜ୍‌ଆପ୍ ବା ଏସିଡ୍ ପୂରାଇ ରଖିଲେ ଦୁଇଟି ବୋତଲ ବାହାରକୁ ଏକାପରି ଦେଖାଯାଆନ୍ତି । ତେଣୁ ବୋତଲ ଦୁଇଟିକୁ ଚିହ୍ନିତ କରିବା ପାଇଁ ପାଣି ବୋତଲରେ କାଗଜର ଲେବେଲ ମାରି ଲେଖାଯାଏ 'ପାଣି' ଓ 'ତେଜ୍‌ଆପ' ବୋତଲରେ ଲେଖାଯାଏ 'ତେଜ୍ ଆପ' । ଏପରି ନ ଲେଖିଲେ ପାଣି ବୋଲି ତେଜ୍‌ଆପକୁ ବ୍ୟବହାର କରିବାର ବିପଦ ରହିଛି ।

ପ୍ରତ୍ୟେକ ବସ୍ତୁକୁ ଆମର ଭାଷା ଏପରି ଗୋଟିଏ ଗୋଟିଏ ଲେବେଲ ଦେଇଛି । ଦୁଇଟି ଜନ୍ତୁ ଭିତରେ ଯେତେବେଳେ କୁହାଯାଏ ଗୋଟିଏ 'ଗୋରୁ' ଆରଟି 'ଘୋଡ଼ା' ସେତେବେଳେ ଆମେ ଏଭଳି ଗୋଟିଏ ଗୋଟିଏ ଅଦୃଶ୍ୟ ଲେବେଲ ମାରି ଦେଉଁ । ତେବେ ସବୁ ଜିନିଷ ପାଇଁ ସବୁ ଭାଷାରେ କି ଶବ୍ଦ ବା ଲେବଲ ଅଛି ?

ଗୋଟିଏ ଉଦାହରଣ ନିଆଯାଉ । ଆମେ ଓଡ଼ିଆରେ ପଢ଼ିଛୁ, 'ସପ୍ତବର୍ଣ୍ଣ ସୁବିଶାଳ ଚାରୁ ଇନ୍ଦ୍ରଧନୁ' । ଏଠାରେ ଇନ୍ଦ୍ରଧନୁର ସାତୋଟି ବର୍ଣ୍ଣ କଥା କୁହାଯାଇଛି । ଓଡ଼ିଆରେ ଏହା ହେଲା ସଂକ୍ଷିପ୍ତରେ 'ବାଘନିଶହଲାନା'-ବାଇଗଣୀ, ଘନ ନୀଳ, ନୀଳ, ଶାଗୁଆ, ହଳଦିଆ, ଲାଲ, ନାରଙ୍ଗ । ଏତେଗୁଡ଼ିଏ ରଙ୍ଗ ଆଖିକୁ ଦିଶନ୍ତି । ସୂର୍ଯ୍ୟ କିରଣକୁ କୌଣସି ତ୍ରିକୋଣ ଘନ କାଚ ଫଳକରେ ଦେଖିଲେ ଏହି ସାତଗୋଟି ରଙ୍ଗ ଦେଖାଯାଏ । ଏକଥା ବିଜ୍ଞାନ ଦୃଷ୍ଟିରୁ ଠିକ୍ । କିନ୍ତୁ ଇଂରାଜି ଓ ଜର୍ମାନ୍ ଭାଷାରେ ଛଅଟି ରଙ୍ଗର ପ୍ରଚଳନ ଅଛି । ଆଲୋକ ବିଜ୍ଞାନରେ ଯାହା ହେଉଛି ଭାୟୋଲେଟ,

Digitized by srujanika@gmail.com

ଇଣ୍ଡିଗୋ, ବ୍ଲୁ, ଗ୍ରିନ୍, ୟେଲୋ, ଅରେଞ୍ଜ ଓ ରେଡ୍ । ଇଂରାଜି ଓ ଜର୍ମାନ ଭାଷାରେ ଇଣ୍ଡିଗୋ ବା ଘନ ନୀଳ ନାହିଁ । ଓଡ଼ିଆରେ ବି ନୀଳରେ ଘନ ଯୋଡ଼ା ହୋଇ ଘନ ନୀଳ ହୋଇଛି । ଘନନୀଳ ପାଇଁ ଏକ ଅଲଗା ଶବ୍ଦ ନାହିଁ । ଲାଇବିରିଆ ଦେଶର ଲୋକେ ସବୁ ବର୍ଣ୍ଣ ପାଇଁ ଯୋଡ଼ିଏ ଶବ୍ଦ ବ୍ୟବହାର କରି ଥାଆନ୍ତି । ଗୋଟିଏ ଉଷ୍ଣ ବର୍ଣ୍ଣ (ଲାଲ, ନାରଙ୍ଗ, ହଳଦିଆ) ଆଉଟି ଶୀତଳ ବର୍ଣ୍ଣ (ନୀଳ, ବାଇଗଣୀ ଇତ୍ୟାଦି) ।

କେବଳ ସେତିକି ନୁହେଁ । କେତେକ ଭାଷାରେ ବର୍ଣ୍ଣ ବା ରଙ୍ଗର ପୁଣି ବିଭିନ୍ନ ବିଭାଗ ଅଛି । ଯଥା ଶାଗୁଆ, ନୀଳ, ପାଉଁସିଆ, ବାଦାମି । ବିଲାତର ଓୟେଲସ୍ ଅଞ୍ଚଳର ଲୋକେ ଏଥିପାଇଁ ତିନୋଟି ଶବ୍ଦ ବ୍ୟବହାର କରନ୍ତି : ଗିର୍ଡ୍, ଗ୍ଲାସ, ଲ୍ଲିଡ୍ । ସବାଶେଷ ଶବ୍ଦଟି ପାଉଁସିଆ, ବାଦାମି, ଗାଢ଼ ପାଉଁସିଆ ଏଭଳି ସବୁ ପ୍ରକାର ରଙ୍ଗକୁ ବୁଝାଏ । ଗ୍ଲାସ ବୁଝାଏ ଫିକା-ପାଉଁସିଆକୁ ଓ ତାହାଛଡ଼ା ନୀଳ (ଫିକା ଓ ଗାଢ଼)କୁ ଆଉ ଗିର୍ଡ୍ ବି ଆଲୋକ-ପରଦାର 'ଶାଗୁଆ' ବର୍ଣ୍ଣଟିକୁ ବୁଝାଇ ଥାଏ ।

ଏଥିରୁ ଜଣାପଡ଼ିବ ଯେ ପୃଥିବୀରେ ଗୋଟିଏ ଘଟଣା ବା ଦୃଶ୍ୟମାନ ବସ୍ତୁ ବିଭିନ୍ନ ଭାଷାରେ ବିଭିନ୍ନ ନାମରେ ନାମିତ ହୁଏ । ଅର୍ଥାତ୍ ଏଠାରେ ଲେବଲ ହୁଏ ନିଆରା ନିଆରା । ପୃଥିବୀର ସବୁ ଭାଷାଭାଷୀ ଲୋକ ଠିକ୍ ସେହି ଗୋଟିଏ ବର୍ଣ୍ଣର ଜିନିଷ ଦେଖେ କିନ୍ତୁ ବିଭିନ୍ନ ଭାଷା ବିଭିନ୍ନ ରଙ୍ଗ ଉପରେ ଜୋର ଦିଏ, ଆଲୋକ ପରଦାର ଗୋଟିଏ ଭାଗ ଉପରେ ଅନ୍ୟ ଭାଗ ଅପେକ୍ଷା ଅଧିକ ଗୁରୁତ୍ୱ ଦିଏ ।

ବାହାର ଦୁନିଆର ବିଭିନ୍ନ ପ୍ରକାର ବିଷୟରେ କେବଳ ଭାଷାମାନଙ୍କର ଅଲଗା ଅଲଗା ବିଚାର ନାହିଁ । ଏକଥା କୁହାଯାଇଛି ଯେ କେତେକ ଭାଷାରେ କେତେଗୁଡ଼ିଏ ଭାବ ବା ବିଷୟ ସଂପର୍କରେ ସ୍ୱତନ୍ତ୍ର ଶବ୍ଦ ନାହିଁ । ଓଡ଼ିଆ, ଇଂରାଜି, ରୁଷ, ଜର୍ମାନ୍ ଇତ୍ୟାଦି ଭାଷାରେ 'ଭଉଣୀ' ଓ 'ଭାଇ' ବୋଲି ଶବ୍ଦ ଅଛି । କିନ୍ତୁ ହଙ୍ଗେରୀୟ ଭାଷାରେ 'ଭଉଣୀ' ଓ 'ଭାଇ' ବୋଲି ଶବ୍ଦ ନାହିଁ । ଆପଣାଠାରୁ ସବୁ ବଡ଼ ଭାଇଭଉଣୀଙ୍କ ପାଇଁ ଗୋଟିଏ ଶବ୍ଦ ଓ ଆପଣାଠାରୁ ଛୋଟଙ୍କ ପାଇଁ ଆଉ ଗୋଟିଏ ଶବ୍ଦ ରହିଛି । ମାଲୟମାନଙ୍କ ଭାଷାରେ ଉଭୟ ଭାଇ ଓ ଭଉଣୀଙ୍କୁ 'ସହୋଦର' କୁହାଯାଏ । ସଂସ୍କୃତ ବା ତେଲୁଗୁରେ 'ସହୋଦର' ଓ 'ସହୋଦରା' ଯୋଡ଼ିଏ ଶବ୍ଦ ଅଛି । ଇଉରୋପୀୟ ଭାଷାମାନଙ୍କ ଠାରୁ ସ୍ୱତନ୍ତ୍ର ଭାବରେ ଭାରତୀୟ, ମେଲାନେସିଆ, ଆଫ୍ରିକା, ଆମେରିକା, ଏସିଆ ଓ ଅଷ୍ଟ୍ରେଲିଆର ଭାଷାମାନଙ୍କରେ ପୃଥିବୀର ବିଭିନ୍ନ ପଶୁପକ୍ଷୀ, ସଂପର୍କ, ଜ୍ଞାତି, ଫଳପୁଷ୍ପ ପାଇଁ ବିଭିନ୍ନ ଶବ୍ଦର ତାରତମ୍ୟ ରହିଛି । କେଉଁଠାରେ କୌଣସି ବସ୍ତୁ ପାଇଁ ନିର୍ଦ୍ଦିଷ୍ଟ ବହୁ ଶବ୍ଦ ଅଛି ତ କେଉଁଠି ବିଲକୁଲ ନାହିଁ ।

Digitized by srujanika@gmail.com

ବିଶେଷ୍ୟଗୁଡ଼ିକ ସାଧାରଣତଃ ବସ୍ତୁ ବା ବ୍ୟକ୍ତି, ଗୁଣ ବା କ୍ରିୟାର ନାମ ବୁଝାନ୍ତି । ଏହା ଓଡ଼ିଆ, ବଂଗଳା, ସଂସ୍କୃତ,ଇଂରାଜି, ଫରାସୀ, ଜର୍ମାନ, ରୁଷ ଓ ଆହୁରି ଅନେକ ଭାଷା କ୍ଷେତ୍ରରେ ଚଳେ । ଆମେ ଓଡ଼ିଆରେ ପୃଥିବୀକୁ ଦୁଇଟି ଭାବରେ ଦେଖୁଁ ; ଗୋଟିଏ ବସ୍ତୁ ଓ ଆରଟି ପ୍ରବାହମାନ ଘଟଣାସ୍ରୋତ । କିନ୍ତୁ ବିଶୁଦ୍ଧ ବିଜ୍ଞାନ ଦୃଷ୍ଟିରୁ ଏହା ଠିକ୍ ନୁହେଁ । ଯଦି ଚ ଭାଷାର ସୁବିଧା ପାଇଁ ଆମେ ଏଭଳି ଭାବରେ ଚିହ୍ନିତ କରୁଁ, ବରଂ ଏହି ପୃଥିବୀର ପ୍ରତ୍ୟେକ ଘଟଣା ଓ ବସ୍ତୁ ଚିରନ୍ତନ ଗତି, ରୂପାନ୍ତର ଓ ପରିବର୍ତ୍ତନ ଭିତରେ ଦେଇ ଚାଲିଛି ।

ଆକ୍ରମଣ କରିବା, ଦୌଡ଼ିବା ଇତ୍ୟାଦି ହେଉଛି କାର୍ଯ୍ୟର ଧାରାକ୍ରିୟା । ଏଗୁଡ଼ିକ କାଳ ଅନୁସାରେ ଘଟୁଛି । ତେବେ ଆକ୍ରମଣ ବା ଦୌଡ଼ ଇତ୍ୟାଦି ବିଶେଷ୍ୟ କାହିଁକି ? ଏମାନେ ତ ବି କାଳର ଗତିରେ ଏକ ଏକ ଧାରା ! କି କାରଣରୁ ବିଜୁଳି, ଲହରୀ, ନାଡ଼ିସ୍ପନ୍ଦନ ବିଶେଷ୍ୟ ପଦ ? ଏମାନେ ବସ୍ତୁର ବାଚକ କି ଘଟଣାର ସ୍ରୋତ ନୁହଁନ୍ତି ? କାରଣ ସେଭଳି ଭାବରେ ଆମର ଭାଷା ସେମାନଙ୍କ ଶ୍ରେଣୀ ବିଭାଗ କରିଛି । ତେବେ ଏହା ଛଡ଼ା ଆଉ ଏକ ଶ୍ରେଣୀ ବିଭାଗ ମଧ୍ୟ ସମ୍ଭବ । ଯୁକ୍ତରାଷ୍ଟ୍ରର 'ହୋପି ଭାରତୀୟ'ମାନଙ୍କ ଭାଷାରେ ଏହି ଶବ୍ଦଗୁଡ଼ିକ ବିଶେଷ୍ୟ ନୁହେଁ ଏଗୁଡ଼ିକ କ୍ରିୟାପଦ । ଓଡ଼ିଆ ବା ଇଂରାଜି ଦୃଷ୍ଟିରୁ ଯେଉଁଗୁଡ଼ିକ ବିଶେଷ୍ୟ ହୁଅନ୍ତେ ସେଭଳି ଶବ୍ଦ ନୂଟକା ନାମକ ଭାଙ୍କୋବର ଦ୍ୱୀପବାସୀ ଲୋକଙ୍କର ଭାଷାରେ କ୍ରିୟାପଦ । ବାସ୍ତବ ପକ୍ଷରେ ଏହି ନୂଟକା ଭାଷାରେ ପୃଥିବୀର ବିଭିନ୍ନ କ୍ରିୟା ଓ କର୍ମ ଭିତରେ କୌଣସି ପ୍ରଭେଦ ନାହିଁ । ସେମାନଙ୍କର ପ୍ରକୃତି-ଧାରଣା ହେଉଛି ଏକକ; ତେଣୁ ସେମାନଙ୍କର ସବୁ ଶବ୍ଦର ଗୋଟିଏ ମାତ୍ର ଶ୍ରେଣୀ ଅଛି । ଅର୍ଥାତ୍ ଏଥିରେ ସବୁ କର୍ମ ହିଁ କ୍ରିୟା । ଉଦାହରଣ ସ୍ୱରୂପ, ଏହି ଅଦ୍ଭୁତ ଭାଷାରେ 'ଘର' ବୋଲି ଶବ୍ଦ ନାହିଁ । 'ଇୟେ ମୋର ଘର' ବୋଲି ନ କହି ସେମାନେ କହନ୍ତି 'ଘରାଏ' ବା 'ଘର ରହେ' । 'ନିଆଁ' ନ କହି ସେମାନେ କହନ୍ତି 'ଜଳେ' । ଶବ୍ଦ ଆଗରେ ଉପପଦ ବା ଉପସର୍ଗ ଯୋଡ଼ି ବା ପଛରେ ଯୋଡ଼ି ସେମାନେ ଘରକୁ ଏ ପଟ ସେପଟ ମୋଡ଼ି କହନ୍ତି "ଘରଟି ଅନେକ ଦିନ ହେଲା ଏଇଠି ଅଛି" । 'ଅସ୍ଥାୟୀ ଘର' 'ଆମର ଭବିଷ୍ୟତ ଘର' "ଆମର ପୂର୍ବେ ଯେଉଁ ଘର ଥିଲା" 'ଯେଉଁ ଘର ତୋଳା ହେବାକୁ ଯାଉଛି' ଇତ୍ୟାଦି ।

'ହୋପି ଭାରତୀୟ'ମାନଙ୍କର ଗୋଟିଏ ବିଶେଷ୍ୟ ପଦ ଅଛି ତାହା କେବଳ ପକ୍ଷୀ ଛଡ଼ା ଯେ କୌଣସି ଉଡ଼ନ୍ତା ଜିନିଷ ବା ଜୀବ ପାଇଁ ବ୍ୟବହାର ହୋଇପାରେ । ପକ୍ଷୀମାନଙ୍କ ପାଇଁ ଆଉ ଏକ ବିଶେଷ ବିଶେଷ୍ୟପଦ ଅଛି । ପ୍ରଥମ ବିଶେଷ୍ୟଟି F-

Digitized by srujanika@gmail.com

B ଭାବରେ ଚିହ୍ନିତ ହୁଏ । ଅର୍ଥାତ୍ ଉଡ଼ନ୍ତା ଜିନିଷ – ପକ୍ଷୀ । ମୋଟ ଉପରେ 'ହୋପି ଭାରତୀୟ'ଙ୍କ ଭାଷାରେ ପତଙ୍ଗ, ପ୍ରଜାପତି, ଉଡ଼ାଜାହାଜ, ଉଡ଼ାଜାହାଜ ଚାଳକ ଇତ୍ୟାଦି ସବୁ ଗୋଟିଏ ଶବ୍ଦ । ପକ୍ଷୀ ଯଥା-କୁଆ, କୋଇଲି, ଘରଚଟିଆ, ବାଦୁଡ଼ି ଇତ୍ୟାଦି ଆଉ ଗୋଟିଏ ଶବ୍ଦ ।

ବିଭିନ୍ନ ଭାଷାରେ ଦେଶ ଓ କାଳର ସଂଜ୍ଞା ବି ଭିନ୍ନ ଭିନ୍ନ । ଆମେ ଓଡ଼ିଆମାନେ ଓ ଆମଭଳି ପ୍ରାୟ ସବୁ ହିନ୍ଦି-ଇଉରୋପୀୟ ଭାଷାଭାଷୀମାନେ ତିନୋଟି କାଳ ଜାଣନ୍ତି- ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ।

କିନ୍ତୁ ଉକ୍ତ 'ହୋପି ଭାରତୀୟ'ମାନଙ୍କର କାଳ ନାହିଁ । ସେମାନେ ଖାଲି mood ବା କ୍ରିୟାର ଅବସ୍ଥା ଉପରେ ଚଳନ୍ତି । ମନେ କରନ୍ତୁ ଇଂରାଜିରେ Affirmative mood (ମୁଁ ତାଙ୍କର ଆସିବା କଥା ଜଣାଇଲି) I report about his arrival. ଏତକ କହିଲେ ଅତୀତ ଓ ବର୍ତ୍ତମାନର ସବୁ ପ୍ରକାର ଆସିବାକୁ ବୁଝାଇବ । ଏଥିରୁ ହେବ ସେ 'ଆସି ସାରିଛନ୍ତି', 'ସେ ଆସୁଛନ୍ତି' ଅଥବା ସମ୍ଭାବନା ଅବସ୍ଥା, "ମୋର ସମ୍ଭବ ହେଉଛି ବା ମୁଁ ସମ୍ଭାବନା କରୁଛି ଯେ ସେ ଆସିଛନ୍ତି ।" ଏକଥା ସେମାନେ କହିଲେ ଆମେ ବୁଝିପାରୁ 'ସେ ଆସିବେ' । "ସେ ବୋଧହୁଏ ଆସିବେ ବା ଆସିପାରନ୍ତି ।" ବା "ସେ ବୋଧହୁଏ ଅପାତତଃ ଆସି ଯାଇଛନ୍ତି ।"

ଆମ ଭାଷାରେ ଆମେ ଦିନ, ଦଣ୍ଡ, ଲିତା, ବର୍ଷରେ ସମୟ ମାପୁଁ । 'ମାନବ ଜୀବନ ନୁହଇ କେବଳ ବର୍ଷ, ମାସ, ଦିନ, ଦଣ୍ଡ' ଏଥିରେ ବର୍ଷ, ମାସ, ଦିନ, ଦଣ୍ଡ ଏହାର ସେହି ଗୋଟିଏ ଗୋଟିଏ ଅର୍ଥ । କିନ୍ତୁ 'ହୋପି ଭାରତୀୟ' ମାନେ କୌଣସି ଅଦୃଶ୍ୟ ବସ୍ତୁର ନାମରେ ଶବ୍ଦ କରିନାହାନ୍ତି । ବର୍ଷ, ମାସ, ଦିନ, ଦଣ୍ଡ ତ ଦେଖାଯାଏ ନାହିଁ । ଆମେ କହୁଁ "ଦିନଟିଏ ବିତିଗଲା" ହୋପିମାନେ କହନ୍ତି "ଆଜି ଦ୍ୱିତୀୟଥର ପାଇଁ ଆଲୁଅହେଲା" । ସେମାନେ ଏହି ସଂଗତିରେ ସମୟଟାକୁ ମଧ୍ୟ ଉଠାନ୍ତି ନାହିଁ ତେଣୁ ସେମାନେ କହନ୍ତି " ଦ୍ୱିତୀୟଥର ଆଲୁଅ ହେଲା" । ହିନ୍ଦିରେ କୁହାଯାଏ "ଦୋ ଦିନ ଗୁଜର ଗିୟା" ବା ଓଡ଼ିଆରେ 'ଦୁଇଦିନ ଚାଲିଗଲା' । ତେବେ 'ହୋପି'ମାନଙ୍କ ଭାଷାରେ ଏହାକୁ ଅନୁବାଦ କଲେ ସେମାନେ ହସିବେ । ଦିନ ଗୁଡାକର କ'ଣ ଗୋଡ ଅଛି ଯେ ସେମାନେ ଚାଲିଗଲେ ।

ପ୍ରକୃତ ପକ୍ଷରେ ଗୋଟିଏ 'ହୋପି'କୁ ଦୁଇଦିନ ବା ତିନିଦିନ ବୋଲି କହିଲେ ସେ ତାହା ବୁଝିପାରିବ ନାହିଁ । କାରଣ ତା'ପାଇଁ ଦ୍ୱିତୀୟ ଦିନଟା ଗୋଟିଏ ନୂଆ ଦିନ ନୁହେଁ ତାହା ହେଉଛି ପୁରୁଣା ଦିନଟା ଚାଲିଛି । କେବଳ ମଝିରେ ରାତି ଯୋଗୁଁ ବାଧା ପଡ଼ିଛି ମାତ୍ର । ଯଥା ଆମେ ଯେତେବେଳେ କହୁଁ "ଅଧ୍ୟାପକ ଜେନା ତାଙ୍କର

Digitized by srujanika@gmail.com

ଚତୁର୍ଥ ବକ୍ତୃତା ଆରମ୍ଭ କଲେ” ସେତେବେଳେ ଆମେ ତ ଚତୁର୍ଥ ଅଧ୍ୟାପକ ଜଣା ତାଙ୍କର ବକ୍ତୃତା ଆରମ୍ଭ କଲେ ବୋଲି କହୁନାହିଁ, ତେବେ ଦିନ ଯେତେବେଳେ ଆଉଥରେ ଆରମ୍ଭ ହେଲା ସେତେବେଳେ ଆମେ ତାକୁ ଦ୍ୱିତୀୟ ଦିନ ବୋଲି କାହିଁକି କହିବୁ ?

ପୃଥିବୀର ବିଭିନ୍ନ ଜିନିଷର ଏଭଳି ଅଦ୍ଭୁତ ବିଭାଗ କେବଳ ‘ହୋପି’ମାନଙ୍କ ଭାଷାରେ ନାହିଁ । ପୃଥିବୀର ଚହୁଁ ଚହୁଁ ବଡ଼ ଭାଷାମାନଙ୍କରେ ଏପରି କି ହିନ୍ଦୋ-ଇଉରୋପୀୟ ଭାଷାମାନଙ୍କରେ ବି ଅଛି । ରୁଷ ଭାଷାରେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ଯାଏ ଚବିଶି ଘଣ୍ଟା ସମୟକୁ ସେମାନେ ‘ସକାଳ’ ‘ଦିନ’ ସନ୍ଧ୍ୟା ଓ ରାତି ଭାବରେ ଚାରି ଭାଗ କରନ୍ତି । ଆମେ ଓଡ଼ିଆରେ ‘ଭୋର’ ‘ସକାଳ’ ଦ୍ୱିପ୍ରହର, ଛାଇଳେଉଟାବେଳ, ସନ୍ଧ୍ୟା, ରାତି ଏଭଳି ଭାବରେ ଛଅଭାଗ କରୁ । ଇଂରାଜି ଭାଷାରେ ସକାଳ, ଫୋରନୁନ୍, ଆଫଟରନୁନ୍, ଇଭିନିଙ୍ଗ ଓ ନାଇଟ ହିସାବରେ ପାଞ୍ଚଭାଗ କରନ୍ତି ।

ଜର୍ମାନ ଓ ଇଂରାଜି ଭାଷାରେ ହାତ ଓ ବାହୁ ଭିତରେ ପ୍ରଭେଦ ଅଛି । ଓଡ଼ିଆରେ ବି ଆମେ ହାତ କହୁଁ କହୁଣୀର ତଳରୁ ଆଙ୍ଗୁଠିଯାଏ । ଉପରଟାକୁ କହୁଁ ‘ବାହା’ ବା ‘ଡ଼େଣା’ । ରୁଷ ଭାଷାରେ ଏଥିପାଇଁ ମାତ୍ର ଗୋଟିଏ ଶବ୍ଦ ଅଛି ‘ରୁକା’ । ଓଡ଼ିଆ ବା ଇଂରାଜିରେ ଆମେ ‘ଦୁଇଟି ଆଖି’ ବୋଲି କହୁଁ,କିନ୍ତୁ ଆଇରିଶ ଭାଷାରେ ଦୁଇଟିଯାକ ଆଖି ଗୋଟିଏ ଇନ୍ଦ୍ରିୟ ତେଣୁ ତାହା ଗୋଟିଏ ବସ୍ତୁ । ସେମାନେ ଆଖି ପାଇଁ ଏକବଚନ ବ୍ୟବହାର କରନ୍ତି । ଗୋଟିଏ ଆଖିକୁ କହନ୍ତି ‘ଦର୍ଶନ ଇନ୍ଦ୍ରିୟର ଅର୍ଦ୍ଧେକ’ । ଇଂରାଜି, ଜର୍ମାନ, ଫରାସିରେ ହାତର ଆଙ୍ଗୁଳି ଓ ଗୋଡ଼ର ଆଙ୍ଗୁଳି ପାଇଁ ଦୁଇ ପ୍ରକାର ଦୁଇଟି ଶବ୍ଦ ଅଛି । ରୁଷ ଭାଷାରେ ଗୋଟିଏ ଶବ୍ଦ ଓଡ଼ିଆରେ ଗୋଟିଏ ଶବ୍ଦ, ଆଙ୍ଗୁଠି । ହାତ ଆଙ୍ଗୁଠିକୁ ଆମେ ହାତ ଆଙ୍ଗୁଠି ଓ ଗୋଡ଼ ଆଙ୍ଗୁଠିକୁ ଆମେ ଗୋଡ଼ ଆଙ୍ଗୁଠି କହୁ । ରୁଷ ଭାଷାରେ ବି ସେଭଳି କହନ୍ତି ।

ହୋରଫଙ୍କର ଅନୁମାନ

ତେଣୁ ଆମ ଚତୁର୍ଦ୍ଦିଗର ଦୁନିଆ ବିଭିନ୍ନ ଭାଷାରେ ବିଭିନ୍ନ ଭାବରେ ପ୍ରତିଫଳିତ ହୁଏ । ଏପରିକି ନିରବିଚ୍ଛିନ୍ନ ଓ ସାଧାରଣ ଭାବ ଯଥା ମହାଶୂନ୍ୟ ବା ମହାକାଳ ପାଇଁ ମଧ୍ୟ ବିଭିନ୍ନ ଭାଷା ବିଭିନ୍ନ ଲେବେଲ ଲଗାଇ ଦେଇଛନ୍ତି । ବସ୍ତୁ, ବର୍ଣ୍ଣ, ଘଟଣା, କାଳ ଓ ଗୁଣ ଇତ୍ୟାଦି ବାଚକ ଶବ୍ଦ ବି ବିଭିନ୍ନ ଭାଷାରେ ବିଭିନ୍ନ ବିଚିତ୍ର ରୂପ ଘେନି ରହିଛନ୍ତି । ଭାଷା ବିଜ୍ଞାନର ଏଗୁଡ଼ିକ ଅକାଟ୍ୟ ସତ୍ୟ । ତେବେ ଏହି ସତ୍ୟଗୁଡ଼ିକୁ ନାନା ଭାବରେ ଟୀକା କରାଯାଇ ପାରେ ।

Digitized by srujanika@gmail.com

ପହିଲା ଶୈଶବରୁ ମଣିଷ ଆପଣାର ଭାଷା ଶିଖେ । ବହୁ ଛୋଟ ବୟସରୁ ଆପଣାର ମାତୃଭାଷାର ଫର୍ମା ଭିତରେ ସେ ସଂସାରକୁ ଦେଖେ । ତାର ଚତୁର୍ଦ୍ଦିଗର ଦୁନିଆ ଯେତେ ବି ଧନ୍ୟ ହେଉ, ଯେତେ ବି ବହୁବିଧ ହେଉ ସେହି ଦୁନିଆକୁ ଦେଖିବାରେ ଓ ତାହାକୁ ଆୟତ୍ତରେ ଆଣିବାରେ ଶିଶୁ ସେହି ଦୃଶ୍ୟମାନ ଘଟଣା ଉପରେ ନଜର ଦିଏ; ଯେଉଁଗୁଡ଼ିକ ଭାଷାରେ ଚିହ୍ନିତ ହୁଏ । ଶିଶୁ ନାନା ରଙ୍ଗର ପତଙ୍ଗ ଦେଖେ, ନାନା ପ୍ରକାର ମେଘ ଦେଖେ, ନାନା ତାରା ଆକାଶରେ ଦେଖେ, ନାନା ପ୍ରକାର ଚଢ଼େଇ ଦେଖେ କିନ୍ତୁ ତାକୁ ସେସବୁ ଚିହ୍ନେଇ ନ ଦେଲେ ସେ ତାହାକୁ ଆଡ଼େଇ ଯାଏ ତାହାକୁ ପ୍ରତ୍ୟକ୍ଷ ଜ୍ଞାନ ଭିତରକୁ ଆଣେ ନାହିଁ । ଆମରି ମାତୃଭାଷା ପୃଥିବୀକୁ ଆପଣାର ରୀତିରେ ବିଶ୍ଳେଷଣ କରେ ଓ ଆମ ସମସ୍ତଙ୍କ ଉପରେ ଏଭଳି ଏକ ବିଶ୍ଳେଷଣ ଓ ବିଶ୍ୱ ଦର୍ଶନ ବା ବିଶ୍ୱର ବିଭକ୍ତି କରଣ ଲଦି ଦିଏ । ତେଣୁ ଜର୍ମାନମାନେ କହନ୍ତି 'ଡ଼ି ଓରତୁଙ୍ଗ ଡାର ଉୟେଲଟ୍' ବା 'ପୃଥିବୀର ଶବ୍ଦ ବିଶ୍ଳେଷଣ' ।

ଏହି ଘଟଣା ବୈଜ୍ଞାନିକ ଭାବେ ସତ୍ୟ । କିନ୍ତୁ ଏହି ସତ୍ୟରୁ ଅଗ୍ରସର ହୋଇ ହୋରଫ ନାମକ ଜଣେ ବ୍ୟକ୍ତି ଗୋଟିଏ ଅନୁମାନ ବାହାର କରିଥିଲେ । ଏହି ଅନୁମାନ ପାଇଁ ହୋରଫ କେବଳ ଆପଣା କଳ୍ପନା ଉପରେ ଆଶ୍ରା କରି ନ ଥିଲେ । ହୋରଫ ଥିଲେ ଜଣେ ନିଆଁ ବିମା କମ୍ପାନି ଚାକିରିଆ । କିନ୍ତୁ ହେଲେ ବି ସେ ଆପଣା ଅବସର ସମୟରେ ପୁରାଣ ଆଜ୍ -ଟେକ୍ ଓ ମାୟା ମାନଙ୍କର ଲେଖାଗୁଡ଼ିକ ଅଧ୍ୟୟନ କରୁଥିଲେ । ଏହା ପରେ ସେ ଆମେରିକାର 'ଭାରତୀୟ' ମାନଙ୍କ ଭାଷାଗୁଡ଼ିକ ମଧ୍ୟ ଅଧ୍ୟୟନ କରିଥିଲେ । ଧୀରେ ଧୀରେ ଗୋଟିଏ ଅନୁମାନ ତାଙ୍କର ମନକୁ ଆଚ୍ଛନ୍ନ କଲା । ଏହାକୁ ଏକ ତତ୍ତ୍ୱ ବୋଲି କେତେକ ପ୍ରଚାର କଲେ ଓ ଏହା ସାରା ପୃଥିବୀରେ ବହୁ ସ୍ଥାନରେ ଚର୍ଚ୍ଚା ହେଲା । ହୋରଫଙ୍କ ମୃତ୍ୟୁ ପରେ ବି ଏବେ 'ହୋରଫଙ୍କ ଅନୁମାନ' ନାମରେ ତାଙ୍କର 'ତତ୍ତ୍ୱ' ପୃଥିବୀରେ ବହୁ ସ୍ଥଳରେ ବହୁ ତର୍କ ବିତର୍କ ସୃଷ୍ଟି କରିଛି । 'ହୋରଫ ଅନୁମାନ'ର ମୂଳକଥା ହେଲା ଯେ ବ୍ୟକ୍ତିଗତ ମନୁଷ୍ୟର ଚିନ୍ତା ଓ ଚଳଣି ତାହାରି ଭାଷା ଉପରେ ପୂରାପୂରି ନିର୍ଭର କରେ ।

ହୋରଫଙ୍କର ବକ୍ତବ୍ୟ ହେଲା- ଏହି ଯେଉଁ ବସ୍ତୁର ଦୁନିଆ ଭିତରେ ଆମେ ବାସ କରିଥାଉଁ ବା ଯେଉଁ ସାମାଜିକ ଦୁନିଆ ଭିତରେ ଆମେ ବୁଡ଼ି ରହିଥାଉଁ ତାହା ଛଡ଼ା ଆଉ ଏକ ଦୁନିଆ ରହିଛି । ତାହା ହେଲା ମାତୃଭାଷାର ଦୁନିଆ । ଚତୁର୍ଦ୍ଦିଗର ଦୁନିଆ 'ଭାଷାର ଦୁନିଆ' ଅନୁସାରେ ହିଁ ତିଆରି । ପ୍ରତ୍ୟେକ ଭାଷାରେ, ତାଙ୍କ ମତରେ, କେବଳ ଶବ୍ଦ ନାହିଁ ଅଛି ଦୃଷ୍ଟି ବିନ୍ଦୁ ଓ ଅନ୍ୟାନ୍ୟ ଦୃଷ୍ଟିକୋଣ ବିରୁଦ୍ଧରେ ନିର୍ବିଚାର ବିରୋଧ ।

Digitized by srujanika@gmail.com

ହୋରଫଙ୍କର ଅନୁମାନ ଏତିକିରେ ଇତିଶ୍ରୀ କରିନାହିଁ । ସେ କହିଛନ୍ତି ଭାଷାମାନେ ବଦଳନ୍ତି ଓ ଏହି ବଦଳି ସଙ୍ଗେ ସଙ୍ଗେ ସେହି ଭାଷାଭାଷୀ ଲୋକ ଚତୁର୍ଦ୍ଦିଗରେ ଥିବା ଦୁନିଆ ବଦଳି ଯାଏ । ଆହୁରି ରୋକଠୋକ ଭାଷାରେ କହିଲେ ପୃଥିବୀ ରକ୍ତମାଂସ ବା ମାଟି ପଥର ଦୃଷ୍ଟିରୁ ଠିକ୍ ଆଗ ଭଳି ରହେ କିନ୍ତୁ ମନୁଷ୍ୟର ଚେତନାରେ ତାହା ଆଉ ଏକ ଦୁନିଆ ହୋଇଯାଏ ।

ଏପରିକି ଗୋଟିଏ ଭାଷା ବି ବିଭିନ୍ନ ସମୟରେ ଏ ଦୁନିଆକୁ ବିଭିନ୍ନ ରୂପରେ ବିଶ୍ଳେଷଣ କରି ଦେଖେ । ଉଦାହରଣ ସ୍ୱରୂପ ପୁରୁଣା ଜର୍ମାନ ଭାଷାରେ ଆମେ ପଶୁମାନଙ୍କର ନାମକରଣ ସହିତ ଆଧୁନିକ ଜର୍ମାନ ନାମକରଣ ତୁଳନା କଲେ ଏହି ପାର୍ଥକ୍ୟ ଦେଖି ପାରିବା । ଏବେ ଜର୍ମାନ ଶବ୍ଦ 'ଟାଇର୍' ସବୁ ପ୍ରକାର ପଶୁକୁ ବୁଝାଉଛି । କିନ୍ତୁ ପୁରୁଣା ଭାଷାରେ 'ଟାଇର' ବୋଲି କହିଲେ ଜଙ୍ଗଲ ଚାରିଗୋଡ଼ିଆ ପଶୁକୁ ବୁଝାଉ ଥିଲା । ଘରୁଆ ପଶୁକୁ କେହି 'ଟାଇର' କହୁ ନ ଥିଲେ । ଏବେ ଘର ଜଙ୍ଗଲ ସବୁଠି ପଶୁ ହେଲେ ଜର୍ମାନରେ 'ଟାଇର' । ପୁରୁଣା ଜର୍ମାନ୍ 'ଉଅରମ୍'ରେ ପୋକ, ସାପ, ଡ୍ରାଗନ ଓ ବୃଢ଼ିଆଣି ସବୁ ଯାଉଥିଲେ । ଆଧୁନିକ ଜର୍ମାନରେ ଏ ସମସ୍ତଙ୍କ ପାଇଁ ଅଲଗା ଅଲଗା ଶବ୍ଦ ହୋଇ ଯାଇଛି । ପୁରୁଣା ଜର୍ମାନ ଭାଷାରେ 'ଫୋଗେଲ' ସବୁ ପ୍ରକାର ପକ୍ଷୀକୁ ଓ ତାହାଛଡ଼ା ମହୁମାଛି, ପ୍ରଜାପତି ଓ ମାଛିକୁ ବି ବୁଝାଉ ଥିଲା । ଏବେ ଆଧୁନିକ ଜର୍ମାନ ଭାଷାରେ 'ଫୋଗେଲ' ହେଉଛି କେବଳ ପକ୍ଷୀ । ତେଣୁ ପୂର୍ବକାଳରେ ଜର୍ମାନମାନେ ଜୀବଜନ୍ତୁଙ୍କୁ ବନ୍ୟ ଓ ଗୃହପାଳିତ ଭାବରେ ଦୁଇ ଶ୍ରେଣୀରେ ବିଭକ୍ତ କରିଥିଲେ । ବନ୍ୟ ଜନ୍ତୁମାନଙ୍କୁ ସେମାନଙ୍କର ଗତିର ଢଙ୍ଗ ଅନୁସାରେ ଯଥା 'ଟିଅର' (ଧାବନ୍ତ) ଫୋଗେଲ (ଉଡ଼ନ୍ତ) ଉଅରମ୍ (ହାମୁଡ଼ା) ଓ ଫିଶ୍ (ପହଁରା) ନାମକରଣ କରିଥିଲେ ।

ଏ ଶ୍ରେଣୀ ବିଭାଗ ସାଫ୍ ସାଫ୍ ଶ୍ରେଣୀ ବିଭାଗ । କିନ୍ତୁ ଏହା ପ୍ରାଣୀବିଜ୍ଞାନର ଶ୍ରେଣୀ ବିଭାଗ ବା ଆଜିର ଜର୍ମାନ୍ ଭାଷାର ଶବ୍ଦ ବିଭାଜନ ମେଳ ଖାଉ ନାହିଁ । ପୁରାତନ ଭାଷା ପୃଥିବୀ ବିଷୟରେ ଏକ ନିର୍ଦ୍ଦିଷ୍ଟ ଧରଣର ଧାରଣା ଦେବାକୁ ଚେଷ୍ଟା କରିଛି । ଏବେ ବି ସେହି ଜନ୍ତୁ ଜଗତ ସେପରି ଅଛି, କିନ୍ତୁ ଆଧୁନିକ ଜର୍ମାନ୍‌ମାନେ ସେମାନଙ୍କର ପୂର୍ବପୁରୁଷଙ୍କଠାରୁ ସେହି ଜନ୍ତୁଜଗତକୁ ଏକ ଭିନ୍ନ ମାନଦଣ୍ଡରୁ ଦେଖୁଛନ୍ତି । ହୋରଫଙ୍କ ମତରେ କେବଳ ଭାଷାରେ ଗଢ଼ଣ ଯୋଗୁଁ ଏହି ଭିନ୍ନତା ଆସି ଯାଇଛି ।

ତେଣୁ ହୋରଫଙ୍କ ଅନୁମାନର ସାରସତ୍ୱ ହେଲା ବିଭିନ୍ନ ଭାଷା ପୃଥିବୀକୁ ବିଭିନ୍ନ ଓ ପରସ୍ପର ଠାରୁ ଅଲଗା ଭାବରେ ପ୍ରତିଫଳିତ କରି ଥାଆନ୍ତି । ଜଣେ ଲୋକ ତାର

Digitized by srujanika@gmail.com

ମାତୃଭାଷାକୁ ଜୀବନର ପହିଲି କାଳରେ ଆଦରିଥାଏ ତେଣୁ ସେ ସାରା ସଂସାରକୁ ଆପଣାର ପ୍ରଥମ ଶୈଶବ କାଳରୁ ମାତୃଭାଷାର ତ୍ରିକୋଣ ଘନଫଳକରେ ଦେଖିବାକୁ ଶିଖି ଥାଏ ।

ତେଣୁ ହୋରଫଙ୍କର ବକ୍ତବ୍ୟ ହେଲା ଆମେ ମନୁଷ୍ୟ ହେଉଛୁ ଶବ୍ଦର ବନ୍ଦୀ । ପହିଲି ଶୈଶବରୁ ଆମେ ମାତୃଭାଷାର ବିଧିଆଇନକୁ ପ୍ରତ୍ୟକ୍ଷ କରି କରି ଅଚେତନ ଭାବରେ ସ୍ୱୟଂକ୍ରିୟ ଯନ୍ତ୍ର ପରି ହୋଇଯାଉଁ । ତେଣୁ ଆମର ଚିନ୍ତା ବି ଏକ ନିର୍ଦ୍ଦିଷ୍ଟ ଧରଣା ଧରେ ଓ ଆମର ଏକ ଧରଣର 'ଆଧ୍ୟାତ୍ମବାଦ' ବି ଗଢ଼ି ଉଠେ ।

ଭାଷାମାନେ ଆପଣା ଆପଣା ବ୍ୟାକରଣ ଭେଦରେ ବିଭିନ୍ନ । ତେବେ ଏହାଠାରୁ ଆଉ ଏକ ପ୍ରଭେଦ ବାରି ହୋଇ ପଡ଼େ ଯେ ବିଭିନ୍ନ ଭାଷା ପୃଥିବୀକୁ ଶବ୍ଦ ଦ୍ୱାରା ଆପଣା ରୀତିରେ ବିଭକ୍ତ କରନ୍ତି । ଆଜଟେକ୍ ଭାଷାରେ ବରଫ, ଥଣ୍ଡା, କାକର, ତୁଷାର ଏସବୁ ପାଇଁ ମାତ୍ର ଗୋଟିଏ ଶବ୍ଦ ଅଛି । ଓଡ଼ିଆରେ ତ 'ବରଫ' ପାଇଁ ମାତ୍ର ସେଇ ଗୋଟିଏ ଶବ୍ଦ । ଏସକିମୋ ଭାଷାରେ ଏହି ତୁଷାର ବା ବରଫ ପାଇଁ କୋଡ଼ି କୋଡ଼ି ଶବ୍ଦ ଅଛି ଯେତେ ପ୍ରକାର ଅବସ୍ଥାରେ ବରଫର କଳ୍ପନା କରାଯାଇପାରେ ପ୍ରତ୍ୟେକ ଅବସ୍ଥା ପାଇଁ ଗୋଟାଏ ଗୋଟାଏ ଶବ୍ଦ !

ଏଭଳି ଅଜସ୍ର ଉଦାହରଣ ମିଳିବ । ଏସବୁ ଉଦାହରଣକୁ ସାମାନ୍ୟକରଣ କରି ହୋରଫ ଏହା ସିଦ୍ଧ କରିଥିଲେ ଯେ ଭାଷା, ସଂସ୍କୃତି ଓ ଚିନ୍ତା ପରସ୍ପର ଦ୍ୱାରା ପ୍ରଭାବିତ ।

ଭାଷା ଓ ସଂସ୍କୃତି

ଏଭଳି ସିଦ୍ଧାନ୍ତ କ'ଣ ଠିକ୍ ? ପ୍ରତ୍ୟେକ ଭାଷାର ନିଜସ୍ୱ 'ଆଧ୍ୟାତ୍ମବାଦ' ଅଛି ବା ନିଜସ୍ୱ ଦର୍ଶନ ଅଛି ? ମନେ କରାଯାଉ ନିଉଟନ୍ ଇଂରାଜି ଭାଷାରେ ଚିନ୍ତା ନ କରି ବା ନ ଲେଖି ନ କହି ଯଦି 'ହୋପି' ଭାଷାରେ ଚିନ୍ତା କରି ଥାଆନ୍ତେ, ଲେଖି କହି ଥାଆନ୍ତେ ତେବେ ତାଙ୍କର ପ୍ରଣୀତ ପଦାର୍ଥ ବିଜ୍ଞାନ କ'ଣ ଏବର ନିଉଟନ୍ ପଦାର୍ଥ ବିଜ୍ଞାନ ଠାରୁ ଅଲଗା ହୋଇଥାଆନ୍ତା । (ବାସ୍ତବିକ, ହୋରଫ ଆପଣାର ଗୋଟିଏ ଲେଖାରେ ଠିକ୍ ଏହି କଥା କହିଛନ୍ତି) ଆମରି ପରିବେଷ୍ଟନୀ ଏହି ଦୁନିଆକୁ ପ୍ରତ୍ୟକ୍ଷ କରିବା ଓ ବୁଝିବାରେ ଭାଷାର ଭୂମିକା କ'ଣ ?

ଏ ଛୋଟ ସମସ୍ୟା ନୁହେଁ । ଏହାକୁ ସମାଧାନ କରିବାକୁ ଯେଉଁ ଦାର୍ଶନିକ ଦୃଷ୍ଟିକୋଣ ନେବା କଥା ତାହା ବି ଏଠାରେ ବିଚାରଣୀୟ । ପ୍ରଶ୍ନ ହେଉଛି ଆଗ ଶବ୍ଦ ନାଁ ଆଗ ବସ୍ତୁ । ଯଦି ବସ୍ତୁ ଆଗ ତେବେ ଶବ୍ଦ ଯାହା କେବଳ ବସ୍ତୁର ଗୋଟିଏ ନାମ, ତାହା କେବେ ବସ୍ତୁକୁ ପ୍ରଭାବିତ କରିପାରିବ ନାହିଁ । ତେବେ ଭାଷା କଣ

Digitized by srujanika@gmail.com

ଚିନ୍ତା ଉପରେ କୌଣସି ପ୍ରଭାବ ପକାଏ ? ହଁ ପକାଏ, ତେବେ ଚିନ୍ତା ବା ଭାବ ପ୍ରକାଶ କ୍ଷେତ୍ରରେ ପ୍ରଭାବ ପକାଏ । କିନ୍ତୁ ଭାବର ମୌଳିକ କ୍ଷେତ୍ରରେ ନୁହେଁ, ଚିନ୍ତାର ସାର ହେଲା ବାସ୍ତବତାର ପ୍ରତିଫଳନ । ଭାଷାର ଉଦ୍ଦେଶ୍ୟ ହେଲା ଏହି ବାସ୍ତବତା ବିଷୟରେ ସୂଚନା ପ୍ରେରଣ । ଏହା ଚିନ୍ତା ପ୍ରକାଶ କରିବାର ପଦ୍ଧତି ।

ଜଣେ ରୁଷ ଲୋକ କହିବ ମସ୍କୋ ଠାରୁ ଲେନିନ୍‌ଗ୍ରାଡ୍ ୬୪୦ କିଲୋମିଟର । ଜଣେ ପୁରୁଣା ଓଡ଼ିଆ କହିବ ମହାନଦୀର ସାତକୋଶିଆ ଗଣ୍ଡର ଲମ୍ବ ସାତକୋଶ । ଜଣେ ଇଂରାଜି ଲୋକ କହିବ ଲଣ୍ଡନରୁ ପ୍ୟାରିସ୍ ହେଉଛି ୫୪ ମାଇଲ । ଏମାନେ ପ୍ରତ୍ୟେକ ଦୂରତ୍ୱକୁ ବିଭିନ୍ନ ଭାବରେ ଭେଟୁଛନ୍ତି । ସେମାନଙ୍କର କିଲୋମିଟର, କୋଶ ବା ମାଇଲ ପରସ୍ପର ସଙ୍ଗେ ମେଳ ଖାଆନ୍ତି ନାହିଁ । କିନ୍ତୁ ଏହି ପ୍ରତିଫଳନ ପଛରେ ଯେଉଁ ବାସ୍ତବତା ରହିଛି, ତାହା ସବୁବେଳେ ରହିଛି ଓ ପ୍ରତିଫଳନ ମଧ୍ୟ ବଳବତ୍ତର ଅଛି ।

ପୃଥିବୀର ବିଭିନ୍ନ ଭାଷାର ବୈଷୟିକ ସୁବିଧା ଓ ଦୃଷ୍ଟିକୋଣ ଭିତରେ ତଫାତ୍ ରହିଛି । ତେଣୁ ଚିନ୍ତାର ଢ଼ଙ୍ଗରେ ବି ପ୍ରଭେଦ ରହିଛି । କିନ୍ତୁ ପ୍ରତ୍ୟେକ ଭାଷା ଚତୁର୍ଦ୍ଦିଗର ଦୁନିଆ ବିଷୟରେ ଏକ ପ୍ରକୃତ ଚିତ୍ର ଉପସ୍ଥାପିତ କରି ପାରନ୍ତି ।

ଏ ପୃଥିବୀରେ ବହୁ ବୈଜ୍ଞାନିକ ହୁଏତ ନାନାବିଧ ଦାର୍ଶନିକ ଦୃଷ୍ଟିକୋଣ ଧରି ପାରନ୍ତି; କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏକଥା ମାନନ୍ତି ଯେ ଭାଷାରେ ସାନ ବଡ଼ ବୋଲି କିଛି ନାହିଁ । ଆଉ ଭାବ ବା ଚିନ୍ତାକୁ ଭାଷା କେବଳ ପ୍ରକାଶ କରି ତାହାକୁ ମାର୍ଜିତ, ସଂଶୋଧନ ବା ରୂପାନ୍ତର କରି ଦିଏ ନାହିଁ ।

ଆଜିକୁ କିଛି ବର୍ଷ ତଳେ ଆମେରିକାର ଚିକାଗୋ ସହରରେ ଏକ ବୈଜ୍ଞାନିକ ସମ୍ମିଳନୀ ବସିଥିଲା । ଆଲୋଚ୍ୟ ବିଷୟ ଥିଲା ହୋରଫଙ୍କ ଅନୁମାନ । ଏହି ସମ୍ମିଳନୀରେ ଭାଷାବିଦ୍ ଥିଲେ ଓ ସେମାନଙ୍କ ଛଡ଼ା ଗାଣିତିକ, ଯୁକ୍ତିବିଦ୍, ମନସ୍ତତ୍ତ୍ୱବିଦ୍, ପୁରାତତ୍ତ୍ୱବିଦ୍, ଦାର୍ଶନିକ ଓ ବଂଶାବଳିତତ୍ତ୍ୱବିଦ୍ ମାନେ ଉପସ୍ଥିତ ଥିଲେ । ସେଠାରେ ଏହି ପ୍ରଶ୍ନ : 'ମନୁଷ୍ୟର ବିଶ୍ୱ ଦର୍ଶନକୁ ଭାଷା କ'ଣ ନିୟନ୍ତ୍ରଣ କରେ' ? ଉତ୍ତର ହେଲା ବିପୁଳ ସଂଖ୍ୟାଧିକ ବୈଜ୍ଞାନିକଙ୍କ ମତରେ, 'ନାଁ' । ହୋରଫଙ୍କର 'ତତ୍ତ୍ୱ' କହିଥିଲା 'ହଁ' ।

ମନସ୍ତତ୍ତ୍ୱବିଦ୍‌ମାନଙ୍କ ମତରେ ଶୈଶବରୁ ଭାଷା ଶିଖିବା ପୂର୍ବରୁ ଶିଶୁ ତାର ଚତୁର୍ଦ୍ଦିଗର ଦୁନିଆକୁ ଦେଖିବାକୁ ଆରମ୍ଭ କରେ । ତେଣୁ 'ଭାଷା ଇରିଆରେ ଚିନ୍ତା' କରିବା ପୂର୍ବରୁ ମଣିଷ ଏ ସଂସାରକୁ ବିଶ୍ଳେଷଣ କରିବା ଆରମ୍ଭ କରି ଦେଇଥାଏ । ପରେ ଯେତେବେଳେ ଶିଶୁ କଥା କହିବାକୁ ଶିଖେ ସେତେବେଳେ ଯାଇ ଆପଣାର

Digitized by srujanika@gmail.com

ପ୍ରତ୍ୟକ୍ଷଲବ୍ଧ ଅଭିଜ୍ଞତାର ବସ୍ତୁ ଉପରେ ଭାଷାର ଶବ୍ଦର ଲେବେଲ ଲଗାଏ । ତେଣୁ ଆଗ ବସ୍ତୁ ଆସିଲେ ଯାଇ ଶବ୍ଦ ଆସେ । ଆଗେ ଶବ୍ଦ ଆସି ତା'ପରେ ବସ୍ତୁ ଆସେ ନାହିଁ ।

ଚିକାଗୋର ଉକ୍ତ ଆଲୋଚନାରେ ଆମେରିକାର ପ୍ରସିଦ୍ଧ ଭାଷାବିଦ୍ ଚନ୍ଦ୍ର ଉପଗ୍ରହରେ ଦୁଇଟି ଅଲଗା ଅଲଗା ଭାଷା ଭାଷୀ ମନୁଷ୍ୟଙ୍କର କାଳ୍ପନିକ ଅବତରଣ କଳ୍ପନା କରି ମନ୍ତବ୍ୟ କରିଥିଲେ ଯେ ଏମାନେ ମନେକରନ୍ତୁ ପୃଥିବୀଠାରୁ ଏକ ଅଲଗା ପରିବେଶ ଯଥା ଚନ୍ଦ୍ରରେ ଯାଇ ପହଞ୍ଚିଛନ୍ତି । ସେମାନେ ସେଠାରୁ ଫେରି ଆପଣା ଆପଣାର ଅଭିଜ୍ଞତା ବଖାଣିଛନ୍ତି । ଯଦି ହୋରଫଙ୍କର ମତ ଠିକ୍ ତେବେ ଆମେ ତ ଉଭୟଙ୍କର ବର୍ଣ୍ଣନାରେ ଚନ୍ଦ୍ର ବିଷୟରେ ଦୁଇଟା ସଂପୂର୍ଣ୍ଣ ଅଲଗା ଅଲଗା ଚିତ୍ର ପାଇଥାନ୍ତେ । ଗୋଟାଏ ହୁଅନ୍ତା ମନେକର ରୁଷ ଚନ୍ଦ୍ର ଆରଟି ଆମେରିକା ଚନ୍ଦ୍ର ବିଷୟର ଅଭିଜ୍ଞତା । କିନ୍ତୁ ଏହା ତ ହୋଇ ନାହିଁ ବା ହୁଏ ନାହିଁ । ତେଣୁ ହୋରଫଙ୍କର ଅନୁମାନ ଠିକ୍ ନୁହେଁ ।

ଚନ୍ଦ୍ର ପର୍ଯ୍ୟନ୍ତ କାହିଁକି ଯିବା, ଆମରି ଏହି ଧରାତଳରେ ତ ଏକ ହଜାର ବର୍ଷ ତଳେ ଆରବ ବଣିକମାନେ ଉତ୍ତର ସାଗର ଅଞ୍ଚଳକୁ ବାଣିଜ୍ୟ ବ୍ୟବସାୟ କାର୍ଯ୍ୟରେ ଗଲାବେଳେ ନରମ୍ୟାନ୍ ଭାଇକିଂମାନଙ୍କୁ ଭେଟିଥିଲେ । ସେମାନଙ୍କର ଚରିତ୍ର, ଚାଲିଚଳଣ ଓ ରୀତିଗତି ତ ଆରବ ବଣିକ ଜଳଯାତ୍ରୀମାନଙ୍କର ଗୋଚରରେ ପୂର୍ବରୁ ନଥିଲା ବରଂ ଏବେ ଚନ୍ଦ୍ରଜଗତ ଠାରୁ ପୃଥିବୀ ଜଗତର ଯେଉଁ ପାର୍ଥକ୍ୟ ସେବେ ଏହି ଦୁଇ ଅଞ୍ଚଳ ଭିତରେ ସେଭଳି ପାର୍ଥକ୍ୟ ଥିଲା । ତା'ଛଡ଼ା ଆରବୀ ଭାଷା ନରମ୍ୟାନମାନଙ୍କ ଭାଷାଠାରୁ ବି ସଂପୂର୍ଣ୍ଣ ଭିନ୍ନ ଥିଲା । ତଥାପି ଆରବ ବଣିକ ଯାତ୍ରୀମାନେ ସେତେବେଳର ଉତ୍ତର ମହାସାଗର ଅଞ୍ଚଳର ଯେଉଁ ବର୍ଣ୍ଣନା ଦେଇଛନ୍ତି ତା' ସଙ୍ଗେ ନରମ୍ୟାନମାନଙ୍କର ସେବେଳର ଆପଣା ଭାଷାର ବର୍ଣ୍ଣନା ତ ମିଳିଯାଉଛି । ଆମେ ସେହି ଦୃଶ୍ୟମାନ ଦୁନିଆ, ସେହି ଘଟଣା, ବସତି ଓ ପର୍ବତମାଳାର ବର୍ଣ୍ଣନା ଉଭୟ ଆରବୀ ଓ ନରମ୍ୟାନ ଭାଷାରେ ପାଉଛୁଁ । ଅବଶ୍ୟ ପ୍ରତ୍ୟେକ ଭାଷା ଆପଣା ରୀତିରେ ପୃଥିବୀର ଚିତ୍ରଣ କରିଛି କିନ୍ତୁ ସେମାନଙ୍କର ଶେଷ ସନ୍ଦେଶ ଯାହା ମିଳିଛି ସେଥିରେ ତ ପରସ୍ପର ବିରୋଧାଭାସ କିଛି ନାହିଁ କହିଲେ ହୁଏ ।

ହୋରଫ ସେ ପର୍ଯ୍ୟନ୍ତ ଠିକ୍ ଥିଲେ ଯେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଭାଷା ଆମରି ଚିନ୍ତା ଉପରେ ପ୍ରଭାବ ପକାଏ (ଚିନ୍ତାର ରୀତିରେ କିନ୍ତୁ ଚିନ୍ତାର ସାରସ୍ୱତରେ ନୁହେଁ, ଏକଥା କୁହା ସରିଛି) । ତେଣୁ ବେଳେ ବେଳେ ଲୋକଙ୍କର ଆଚରଣ ଉପରେ ବି ପ୍ରଭାବ ପକାଏ । ହୋରଫ ତାଙ୍କର ଭାଷାତତ୍ତ୍ୱ ଆଲୋଚନା ପାଇଁ ପ୍ରବୃତ୍ତ ହେବାର

Digitized by srujanika@gmail.com

ପ୍ରଥମ ଘଟଣା ଥିଲା ପେଟ୍ରୋଲ ଟ୍ୟାଙ୍କରେ ନିଆଁ । ଖାଲି ପେଟ୍ରୋଲ ଟ୍ୟାଙ୍କରେ ନିଆଁ ଲାଗେ ନାହିଁ ଏକଥା ଉପରେ ନିର୍ଭର କରି କେହି କେହି 'ଖାଲି' ଲେଖା ଥିବା ପେଟ୍ରୋଲ ଟ୍ୟାଙ୍କରେ ଜଳନ୍ତା ଦିଆସିଲି ବା ସିଗାରେଟ୍ ଫୋପାଡୁଥିଲେ । କିନ୍ତୁ ଖାଲି ପେଟ୍ରୋଲ ଟ୍ୟାଙ୍କରେ ନିଆଁ ଧରିଲା । ଏହାର କାରଣ ଥିଲା ପେଟ୍ରୋଲ ଟ୍ୟାଙ୍କରେ ତରଳ ପେଟ୍ରୋଲ ସିନା ନଥିଲା ସେଥିରେ ପେଟ୍ରୋଲ ବାଷ୍ପ ଥିଲା । ତେଣୁ ନିଆଁ ଧରିବା ସ୍ୱାଭାବିକ ଥିଲା । ହୋରଫ ଏଥିରୁ ସ୍ଥିର କଲେ ଯେ 'ଖାଲି' ଏହି ଶବ୍ଦର ଭାଷାଗତ ଅର୍ଥ ହିଁ ମନୁଷ୍ୟର ଜଳନ୍ତା ସିଗାରେଟ ବା ଦିଆସିଲି କାଠି ଫିଙ୍ଗିବାର କାରଣ ହେଲା । ମନୁଷ୍ୟର ଆଚରଣରେ ତାରତମ୍ୟ ହେଲା । କିନ୍ତୁ ହୋରଫ ଏକଥା ଭୁଲି ଯାଇଥିଲେ ଯେ ଚିନ୍ତା ସବୁବେଳେ ବାସ୍ତବ ଦ୍ୱାରା ପ୍ରଭାବିତ ହୁଏ, ମନୁଷ୍ୟର ବ୍ୟାବହାରିକ ଅଭିଜ୍ଞତା ହିଁ ଓ ବାସ୍ତବ ଜୀବନ ହିଁ ଚିନ୍ତାର ପ୍ରଧାନ ଉପଜୀବ୍ୟ । ତେଣୁ ଶେଷ କଥାରେ, ଜୀବନ ଓ ବାସ୍ତବତା ହିଁ ସବୁଠାରୁ ପ୍ରଭାବଶାଳୀ ଭୂମିକାରେ ରହେ, ଭାଷା ରହେ ନାହିଁ ।

ସେହି ଖାଲି ପେଟ୍ରୋଲ ଟାଙ୍କି କଥା ବି ଧରାଯାଉ । ଏଭଳି ଭୁଲ ଆଚରଣ ସବୁ ଦେଶରେ ତ ଘଟିପାରେ । 'ଖାଲି' ବା 'ଶୂନ୍ୟ' ବୋଲି ଭାବି ସବୁ ଦେଶରେ 'ଖାଲି' ବା 'ଶୂନ୍ୟ' । ଫରାସୀ ଏହାକୁ 'ଭାଇଡସ୍'କହନ୍ତି; ରୁଷ କହନ୍ତି 'ପୁଷ୍ଟି' ବା 'ପୁସ୍ତି; ଜର୍ମାନ କହନ୍ତି 'ଲେ...ର', ଇଂରାଜି କହନ୍ତି 'ଏମ୍ପଟି' ଜାପାନୀ କହନ୍ତି 'କାରା' ଇତ୍ୟାଦି । ତେବେ ଏଭଳି ନିଆଁ ଲାଗିବା କାର୍ଯ୍ୟ କୌଣସି ପେଟ୍ରୋଲ ତିଆରି ହେଉଥିବା ସହର ବା ଅଞ୍ଚଳରେ ଘଟିବ ନାହିଁ । କାରଣ ସେଠାରେ ଖାଲି ପେଟ୍ରୋଲ ଟ୍ୟାଙ୍କି ବୋଲି କହିଲେ ତରଳ ପେଟ୍ରୋଲରେ ଖାଲି ବୋଲି ବୁଝାଯାଏ ନାହିଁ । ସେଠାରେ 'ଖାଲି' ବୋଲି କହିଲେ ତରଳ ପେଟ୍ରୋଲ ଛଡ଼ା ପେଟ୍ରୋଲ ବାମ୍ପ ବି ବୁଝାଏ । ତେଣୁ ଏଠାରେ ମୁଖ୍ୟ କଥା ଇଂରାଜି କି ରୁଷ ଭାଷା ନୁହେଁ, ମୁଖ୍ୟ କଥା ଯେଉଁ ଲୋକେ ପେଟ୍ରୋଲର ଗତିପ୍ରକୃତି ଜାଣନ୍ତି ନାହିଁ ତାଙ୍କର ଭାଷା ଓ ଯେଉଁ ଲୋକେ ପେଟ୍ରୋଲ ବିଷୟରେ ଜାଣନ୍ତି ନାହିଁ ତାଙ୍କର ଭାଷା ଭିତରେ ପ୍ରଭେଦ । ନୂଆ ଅଭିଜ୍ଞତା ଫଳରେ ଆପଣାର ଜ୍ଞାନ ବଢେ, ଚିନ୍ତା ସମୃଦ୍ଧ ହୁଏ, ନୂଆ ଭାବ ଉଦ୍ରେକ ହୁଏ ଓ ସେହି ଭାବ ପ୍ରକାଶ ପାଇଁ ଶବ୍ଦ ବି ଉଦ୍ରେକ ହୁଏ ।

ଆମର ଓଡ଼ିଆ ଭାଷାରେ ଯେଉଁ ଶବ୍ଦ ପୂର୍ବେ ନଥିଲା ଅଥବା ଯେଭଳି ଶବ୍ଦର ସମାସ ପୂର୍ବେ ଦରକାର ପଡୁ ନଥିଲା ତାହା ତ ଏବେ ଦରକାର ପଡୁଛି । କାରଣ ନୂତନ ଭାବ ପ୍ରକାଶ ପାଇଁ ଏହି ଶବ୍ଦର ସମାହାର ବା ନୂତନ ଶବ୍ଦର ଉତ୍ପତି ଦରକାର ହେଉଛି । ଏ ଘଟଣା ସବୁ ଭାଷାରେ ଚାଲିଛି । ଆଲୋକ ପରଦା କ୍ଷେତ୍ରରେ ଆମେ

Digitized by srujanika@gmail.com

ଆଗରୁ ଦେଖି ସାରିଥାଇଁ ରୁଷ ଭାଷାରେ ଦୁଇ ଧରଣର ନୀଳ ଅଛି ଓ ସେଥିପାଇଁ ଦୁଇଟି ଶବ୍ଦ ଅଛି । ଓଡ଼ିଆରେ ଏହାକୁ ଆମେ ନୀଳ ଓ ଘନନୀଳ ବୋଲି ଦୁଇଟି ଶବ୍ଦ କରିଛୁଁ । କିନ୍ତୁ ନୀଳ ହେଉଛି ଏକକ ଶବ୍ଦ; ଘନ ନୀଳ ସମାସ ବା ଯୌଗିକ ଶବ୍ଦ । ଇଂରାଜିରେ ସେପରି 'ଲାଇଟ୍-ବ୍ଲୁ' ବା 'ରୟେଲ-ବ୍ଲୁ' ଓ ଡ଼ାର୍କ ବ୍ଲୁ ବା ନେଭି ବ୍ଲୁ ବୋଲି ଯୌଗିକ ଶବ୍ଦ ଗଢ଼ାଯାଇଛି । ଜର୍ମାନ ଭାଷାରେ ବି ସେପରି ହୋଇଛି 'ହେଲାବ୍ଲାଉ' ଓ 'ଡ଼ାଙ୍କେବ୍ଲାଉ' ଦୁଇଟି ଯୌଗିକ ଶବ୍ଦ । କାରଣ ଯେତେବେଳେ ଇଂରାଜି ଓ ଜର୍ମାନ ଭାଷାଭାଷୀଙ୍କର ପ୍ରତୀତ ହେଲା ଯେ ଏଭଳି ଦୁଇଟି ରଙ୍ଗକୁ ଅଲଗା ଅଲଗା କରି ଚିହ୍ନେଇବା ଦରକାର ସେତେବେଳେ ସେମାନେ ଏଭଳି ଯୌଗିକ ଶବ୍ଦ ଗଢ଼ିବାକୁ ବାଧ ହେଲେ ।

ଏ ଦୁନିଆ ବହୁବିଧ ଘଟଣାମୟ , ଅନନ୍ତ ବସ୍ତୁମୟ, ଯେ କୌଣସି ଭାଷାର ଶବ୍ଦ ସଂଖ୍ୟା ତା ତୁଳନାରେ ସୀମିତ । ସ୍ୱାଭାବିକ ଭାବରେ ପୃଥିବୀର ଅସଂଖ୍ୟ ବିଚିତ୍ରତାକୁ (ମନେ କର ବହୁ ବର୍ଣ୍ଣର ଛଟା) କେତୋଟି ସଂଖ୍ୟାର ଭାବ ଶବ୍ଦରେ ପ୍ରକାଶ କରିବାକୁ ହେଲେ ଆମକୁ କେତେଗୁଡ଼ିଏ ଅପ୍ରଧାନ ବିଭାଗକୁ ଛାଡ଼ି ଦେବାକୁ ପଡ଼େ ଓ କେତେଗୁଡ଼ିଏ ପ୍ରଭାବଶାଳୀ ବିଭାଗକୁ ଧରିବାକୁ ପଡ଼େ । ଜଣେ ଚିତ୍ରକର ଯେତେବେଳେ ବିଭିନ୍ନ ରଙ୍ଗର ସୂକ୍ଷ୍ମ ପ୍ରଭେଦ ଦର୍ଶାଇ ଆପଣାର ଚିତ୍ର ରଞ୍ଜିତ କରିବାକୁ ଲୋଡ଼େ ସେତେବେଳେ ସେ ବିଭିନ୍ନ ରଙ୍ଗର ନାମକରଣ କରିବାକୁ ବାଧ ହୁଏ । ଅଥଚ ସାଧାରଣ ଜୀବନରେ ଆମର ସେତେଗୁଡ଼ିଏ ରଙ୍ଗର ନାମକରଣ ଦରକାର ହୁଏ ନାହିଁ । ସାଧାରଣ ଲୋକ ପାଇଁ 'କୁକୁର' ବୋଲି ଶବ୍ଦଟି ଯଥେଷ୍ଟ କିନ୍ତୁ ଜଣେ କୁକୁର ପ୍ରିୟ ଲୋକ ପାଇଁ କୁକୁରଟି ଡ଼ାହଳ କୁକୁର, ଛେଳିଆ କୁକୁର ନାଁ ଆଉ କିଛି ଏଭଳି ଭାବରେ ବାଛିବାକୁ ପଡ଼େ । ଯେଉଁତକ ଯାଏ ବର୍ଣ୍ଣନା କଲେ ଚଳିବ ସେତିକି ଯାଏ ବର୍ଣ୍ଣନା ପାଇଁ ଆମେ ଆମ ଭାଷାକୁ ଚଳାଉ ; କିନ୍ତୁ ଯଦି ବେଶି ଖୁଣ୍ଟି ନାଣ୍ଟି ବର୍ଣ୍ଣନା ଆବଶ୍ୟକ ହୁଏ ଓ ଅଧିକା ଅର୍ଥର ପାର୍ଥକ୍ୟ ଦେଖାଇବାକୁ ପଡ଼େ ସେତେବେଳେ ଭାଷା ଆମକୁ ସେହି ନୂତନ ଭାବ ପାଇଁ ଖୋରାକ ବା ଶବ୍ଦ ଯୋଗାଏ । ଜୀବନର ଅଭିଜ୍ଞତାରୁ ଆମେ ଚିନ୍ତାର ମାର୍ଜିତ ଅବସ୍ଥା ଶିଖୁଁ ।

ତେବେ ଏଭଳି ଅବସ୍ଥା ବି ଉପୁଜି ପାରେ ଯେତେବେଳେ ଅଭିଜ୍ଞତା ନ ଥାଏ ଅଥଚ ଦରକାର ଆସିଥାଏ । ଜୀବନ ଆମକୁ କୌଣସି ନିର୍ଦ୍ଦିଷ୍ଟ ଧରଣର ବସ୍ତୁକୁ ଶ୍ରେଣୀ ବିଭାଗ କରିବା ଶିଖାଇବା ପୂର୍ବରୁ ଆମକୁ ବସ୍ତୁ ବିଷୟରେ ଧାରଣ କରିବାକୁ ପଡ଼େ । ସେଭଳି ଅବସ୍ଥାରେ ଆମେ କିଛି କାଳ ଉକ୍ତ ବିଷୟରେ ଅଜ୍ଞ ରହୁ । ଏଭଳି ସ୍ଥଳେ ହିଁ ସାଧାରଣତଃ ଭୁଲ ଦେଖାଦିଏ । ବିଷୟଟି ବିଷୟରେ ଅଜ୍ଞତା ହେତୁ ଭୁଲ

Digitized by srujanika@gmail.com

ଚିନ୍ତାଧାରା ହୁଏ ଓ ଦୁର୍ଘଟଣା ଘଟେ ଯେପରି ପେଟ୍ରୋଲ ଟ୍ୟାଙ୍କରେ ନିଆଁ ଲାଗିବା କଥା । ଯଦି ଆମର ଚିନ୍ତାରେ ଭଲ ଭାଷା ପ୍ରୟୋଗ ଫଳରେ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ପୃଥିବୀର ଏକ ବିକଳାଙ୍ଗ ଚିତ୍ର ପ୍ରକାଶ ପାଇଲା ତେବେ ଜୀବନର ବ୍ୟାବହାରିକ ଅଭିଜ୍ଞତା ଶୀଘ୍ର ହେଉ ବା ବିଳମ୍ବରେ ହେଉ ସେ ଚିତ୍ରକୁ ସଜାଡ଼ି ଠିକ୍ କରିଦେବ ।

ବାସ୍ତବ ଜୀବନ କ୍ଷେତ୍ରରେ ଏଭଳି ବିଭାଗ ଅଛି ଯେଉଁଗୁଡ଼ିକ ଅଳ୍ପଦିନ ଅଭିଜ୍ଞତାରୁ ବା ସୀମିତ ପ୍ରୟୋଗ ପରୀକ୍ଷାରୁ ଧରି ହୁଏ ନାହିଁ । ସେଥିପାଇଁ ବହୁ ଅଭିଜ୍ଞତା ଦରକାର ହୁଏ । ତେଣୁ ସିନା କୁହାଯାଏ ବହୁ ଧକ୍କା ଖାଇଲେ ଲୋକ ଶିଖେ । ହଜାର ହଜାର ବର୍ଷ ହେଲା ମଣିଷ ପୃଥିବୀର ଏକ ସୁସ୍ପଷ୍ଟ ଚିତ୍ର ପାଇବାକୁ , ଏହାର ଗଢ଼ଣ ବୁଝିବାକୁ ଚେଷ୍ଟା କରି ଆସିଛି । ନୋହିଲେ ଜୀବନ୍ତ ପ୍ରକୃତିରେ ଯାହା ଘଟୁଛି ତାହାର ଯୁକ୍ତିସଙ୍ଗତ ଓ ଲକ୍ଷ୍ୟସମ୍ମତ ଦିଗଟା ବାହାର କରିବାକୁ ମଣିଷ ଉଦ୍ୟମ କରିଛି । ମଣିଷ ବୁଝିବାକୁ ଚେଷ୍ଟା କରିଛି ବଂଶାନୁଗୁଣ ପଛରେ କେତେ ସତ୍ୟ ଅଛି ? ପିଲାମାନେ ବାପାମାନଙ୍କର ଭଳି ଦିଶନ୍ତି କାହିଁକି ? ମନୁଷ୍ୟ ମସ୍ତିଷ୍କରେ ଯେଉଁ କ୍ରିୟା ଚାଲେ ତାହା ପଛରେ କି ଶକ୍ତି କାର୍ଯ୍ୟ କରୁଛି ଇତ୍ୟାଦି ।

ଏପର୍ଯ୍ୟନ୍ତ ଏସବୁ ବିଷୟରେ ଖାଲି କଳ୍ପନା ଓ ଅନୁମାନ ହିଁ ସାର ଥିଲା । ମନୁଷ୍ୟ ଏବେ ଏହାକୁ ବିଶ୍ଳେଷଣ ଓ ପରୀକ୍ଷାର ନିୟମିତ ଧାରାରେ ପକାଇବାରେ ସମର୍ଥ ହୋଇଛି । ଏବେ ବି ମଣିଷ ଭିତରେ ପୁରାଣ କିମ୍ବଦନ୍ତୀ, ଅନ୍ଧବିଶ୍ୱାସ, ଅତୀନ୍ଦ୍ରିୟବାଦ ଓ ଧର୍ମ ବସା ବାନ୍ଧିଛି । ତା'ର କାରଣ ହେଉଛି ଏହି ରହସ୍ୟ ପ୍ରହେଳିକାକୁ ଏବେ ବି ମନୁଷ୍ୟ ବିଜ୍ଞାନର ଆଲୋକରେ ପରୀକ୍ଷା କରି ନଥିଲା । ଏଇଠି ଭାଷା ବି ମନୁଷ୍ୟ ଚିନ୍ତା ଉପରେ ପ୍ରଭାବ ପକାଉଛି ବୋଲି ଆମେ କହିପାରୁଁ । ଆମେ ଯେତେବେଳେ କହୁଁ 'ବୋଧହୁଏ' ସେତେବେଳେ ଆମେ ନିଶ୍ଚିତ ନୋହୁଁ କାରଣ ସମସ୍ୟାଟି ସାକାର ଭାବରେ ବିଜ୍ଞାନ ଆଲୋଚନାରେ ସାବ୍ୟସ୍ତ ହୋଇନାହିଁ । କିନ୍ତୁ ଯେଉଁ ମୁହୂର୍ତ୍ତରେ ବିଜ୍ଞାନ ସମସ୍ୟାଟିକୁ ଧର୍ମ ହାତରୁ କାଢ଼ିନେଇ ଓ ସବୁ ପ୍ରକାର କଳ୍ପନା ଜଳ୍ପନାକୁ ଇତିଶ୍ରୀ କରି ସମାଧାନ କରିବାରେ ପ୍ରବୃତ୍ତ ହୁଏ ସେତେବେଳେ ଏହି କ୍ଷେତ୍ରରେ ଭାଷାର ପ୍ରଭାବ ଆଉ କାବୁ ଖଟେଇ ପାରେ ନାହିଁ । ଏବେ ବି ଭାଷାରେ ଆମେ କହୁଁ "ସୂର୍ଯ୍ୟ ଉଇଁଲେ" "ମୁଁ କ୍ରୋଧରେ ହତଜ୍ଞାନ ହୋଇଗଲି ।" କିନ୍ତୁ ଏବେ ବି ପ୍ରତ୍ୟେକ ସ୍କୁଲ ପିଲା ଜାଣେ ସୂର୍ଯ୍ୟ ପୃଥିବୀ ଚାରିପଟରେ ଘୂରେ ନାହିଁ ବା ଆମ ଦେହରୁ କେବେ ଜ୍ଞାନ ବା ଆତ୍ମା ଛୁଟି ବାହାରିଗଲେ ତାହା ଫେରିଆସେ ନାହିଁ ।

Digitized by srujanika@gmail.com

ପୁରାଣ କାହାଣୀ ଓ ସାହିତ୍ୟରେ ଭାଷାର ପ୍ରଭାବ ଚିନ୍ତା ଉପରେ ପଡ଼େ । କାରଣ ଏହି କାହାଣୀମାନଙ୍କର ଉପମା ଓ ତୁଳନା ସବୁ ଲିଙ୍ଗର ବିଭିନ୍ନତାରେ ଦେଖାଦିଏ ।

'ପାହିଲାଣି ଘୋର ତାମସୀ ରଜନୀ'

– ରାଧାନାଥ

ଏଠାରେ ରଜନୀ ବା ରାତ୍ରୀ ଏକ ସ୍ତ୍ରୀ ଓ ତାହା ଆଗରେ ବିଶେଷଣ ତାମସୀ । ଆମରି ପୁରାଣ ଅନୁସାରେ ଚନ୍ଦ୍ର ଏକ ପୁରୁଷ ଓ ରାତ୍ରି ଛାୟା, ରୋହିଣୀ ଇତ୍ୟାଦି ତାଙ୍କର ସ୍ତ୍ରୀ; କିନ୍ତୁ ପୃଥିବୀରେ ବହୁତ ଭାଷା ଅଛନ୍ତି ଯେଉଁ ଭାଷାରେ ଚନ୍ଦ୍ର ଏକ ସ୍ତ୍ରୀ । ପୁଂଲିଙ୍ଗ ଓ ସ୍ତ୍ରୀ ଲିଙ୍ଗର ତାରତମ୍ୟ ଉପରେ ପ୍ରକୃତିର ବସ୍ତୁ ବିଷୟରେ କେତେକ ଭାଷାରେ ବହୁ ପୁରୁଣା କାହାଣୀ ରହିଛି । କିନ୍ତୁ ଅନ୍ୟ ଭାଷାରେ ଏଭଳି କାହାଣୀ ଅର୍ଥହୀନ ହୋଇଯାଏ । ଭାଷା କ୍ଷେତ୍ରରେ ଏହି ପ୍ରଭେଦର ଅନୁସିଦ୍ଧାନ୍ତ ଆହୁରି ହେବାକୁ ବାକୀ ଅଛି । ହେଲେ ସେଥିରୁ କେତେକ କୌତୂହଳକର ବିଷୟ ବାହାରିବ ।

ଦୁନିଆର 'ମଡ଼େଲ'

ଏ ଦୁନିଆ ବିଷୟରେ ଦର୍ଶନ, ବିଜ୍ଞାନ ଓ ଶିଳ୍ପକଳା ବହୁ ପ୍ରକାର ମଡ଼େଲ କରିଛନ୍ତି ।

ଏହି ମଡ଼େଲ ବ୍ୟବସ୍ଥାର ଗୋଟିଏ ବଡ଼ ଉପକରଣ ହେଲା ଆମର ନିତିଦିନିଆ ଜୀବନର ଭାଷା । ମନୁଷ୍ୟ ସମାଜରେ ସୂଚନା ପ୍ରେରଣର ପ୍ରଧାନ ବାହନ ହେଲା ଭାଷା । ତେବେ, ଆଗରୁ କୁହାଯାଇଛି, ଭାଷା କେବଳ ସୂଚନା ପ୍ରେରଣ କରେ ନାହିଁ ଏହା ସେହି ସୂଚନାକୁ ଆପଣାର ଛାଞ୍ଚରେ ଢାଳି ଆପଣା ଢଙ୍ଗରେ ପଠାଏ । ଭାଷାର ତ୍ରିକୋଣ ଘନକାଚ ଫଳକ ଭିତରେ ବାହାର ବସ୍ତୁ ବା ଘଟଣାର ପ୍ରତିଛବି ପଡ଼ି ସେଥିରୁ ଯେଉଁ ଭାବ ପ୍ରକାଶ ପାଏ ତାହା ହିଁ ଭାଷାର ସୂଚନା । ଏହା ହିଁ ଭାଷାଠାରୁ ଅନ୍ୟ ବୈଷୟିକ କୋଡ୍ ର ପ୍ରଭେଦ । କୋଡ୍ ନିର୍ବିକାରଭାବରେ ସୂଚନା ପ୍ରେରଣ କରେ । କିନ୍ତୁ ଭାଷା ତାହାକୁ ମଡ଼େଲ କରେ ଓ ତାହାକୁ ତଉଲି ମୂଲ୍ୟାଙ୍କନ କରି ପ୍ରେରଣ କରେ ।

କାର୍ଲମାର୍କସ କହିଥିଲେ "**ଭାଷା ହେଲା ନିରାକାର ଚିନ୍ତାରେ ସାକାର ବାସ୍ତବ ରୂପ** ।" ଏହା ଯଥାର୍ଥ । ହୋରଫଙ୍କର ଅବଦାନ ହେଲା ଏହି ଯେ ସେ ଏହି ସାକାର ଜିନିଷ ଉପରେ ପ୍ରଥମେ ତର୍ଜମା ତୋଳି ଦେଖାଇ ଦେଲେ । ବିଭିନ୍ନ ଭାଷାରେ ବାସ୍ତବତା ଯେଉଁ ମଡ଼େଲ ବା ରୂପ ପରିଗ୍ରହ କରୁଛି ତାହା ଦେଖାଇବାରେ ହୋରଫ ଭାଷାବିଜ୍ଞାନର ବହୁତ ଉପକାର କରିଛନ୍ତି ।

Digitized by srujanika@gmail.com

ଅବଶ୍ୟ ହୋରଫ ଅତ୍ୟନ୍ତ ଉତ୍ସାହରେ ଭାଷାକୁ ଏହି ରୂପ ପରିଗ୍ରହଣର ପ୍ରଧାନ ହତିଆର ଓ ମୂଳ ହତିଆର ବୋଲି କହିଛନ୍ତି । ତଥାପି ଏକଥା ସବୁବେଳେ ଚିନ୍ତା ଜଗତରେ ଦେଖାଯାଇଥାଏ ଯେ ଯେଉଁ ତଥ୍ୟ ବା ଅନୁମାନରେ ଯୁକ୍ତି ବା ସନ୍ଦେହର ଅବକାଶ ଅଛି, ଅର୍ଥାତ୍ ଯାହା ବିତର୍କ-ସାପେକ୍ଷ ସେଥିରୁ ସତ୍ୟ ବାହାରି ଥାଏ । ସେହି ଦୃଷ୍ଟିରୁ ଭାଷା ବିଜ୍ଞାନ ହୋରଫଙ୍କ ନିକଟରେ ନିଶ୍ଚୟ ଋଣୀ ।

ଆଧୁନିକ ପୃଥିବୀରେ ଭାଷା ପୃଥିବୀକୁ ଚିହ୍ନିବା ଓ ଅନୁସନ୍ଧାନ କରିବାରେ ଏକମାତ୍ର ହତିଆର ନୁହେଁ । କିନ୍ତୁ ଅନ୍ୟ ସବୁ ପ୍ରକାର ଚିହ୍ନିବା ଓ ଅନୁସନ୍ଧାନ କରିବାର ହତିଆର ଉପରେ ଆପଣାର ପ୍ରଭାବ ପକାଇଥାଏ ।

ପ୍ରାକୃତିକ ବିଜ୍ଞାନ, ଗଣିତ ଓ ଶିଳ୍ପକଳା ଶିଖିଲା ବେଳକୁ ଆମ୍ଭେମାନେ ଏପରି ଏକ ବୟସର ସୀମାରେ ପହଞ୍ଚି ସାରି ଥାଉଁ ଯେ ସେତେବେଳେ ଆମେ ଆମ ଚତୁର୍ଦ୍ଦିଗର ଦୁନିଆ ବିଷୟରେ ସମ୍ୟକ ଧାରଣା ଗ୍ରହଣ କରି ସାରିଥାଉଁ । କିନ୍ତୁ ଭାଷା ପହିଲି ଶୈଶବ ବୟସରୁ ଆମର ଖଡ଼ିଛୁଆଁ ଭିତରେ ପଡ଼େ । ଭାଷା ହେଉଛି ଏ ସବୁଠାରୁ ପୁରୁଣା ଓ ତାହା ସାଧାରଣ ମୂଳଦୁଆ । ଭାଷାର କଲ୍ୟାଣରୁ ଆମେ ଏଉଳି ଦୃଶ୍ୟମାନ ଘଟଣା ଆଲୋଚନା କରୁଁ ଯାହା ବିଜ୍ଞାନ ଏ ପର୍ଯ୍ୟନ୍ତ ଯଥାଯଥ ଭାବରେ ନିର୍ଣ୍ଣୟ କରି ପାରି ନାହିଁ । ଭାଷା ବଳରେ ଆମେ ଅଗୋଚର, କାଳ୍ପନିକ ଓ ଏପରିକି ଅସମ୍ଭବ ବିଷୟ ବି ଚିନ୍ତା କରିବାର କ୍ଷମତା ଅର୍ଜନ କରିଛୁଁ । ଭାଷା ଆମକୁ କେବଳ ସୂଚନା ପ୍ରେରଣର ଅଧିକାର ଦେଇ ନାହିଁ ତାହା ଆମକୁ ଉକ୍ତ ସୂଚନା ପ୍ରତି ଆମର ମନୋଭାବ ବ୍ୟକ୍ତ କରିବାର ଶକ୍ତି ବି ଦେଇଛି ।

ବିଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ ଥରେ କହିବାର ଶୁଣାଯାଇଥିଲା ଯେ **"କୌଣସି ବୈଜ୍ଞାନିକ ସୂତ୍ର ମାଧ୍ୟମରେ ଚିନ୍ତା କରେ ନାହିଁ । ଭାଷା ଇତର ସବୁ ସଙ୍କେତ ବ୍ୟବସ୍ଥା ହେଉଛନ୍ତି ଶାଖା, ସାହାଯ୍ୟକାରୀ , ଅସଂପୂର୍ଣ୍ଣ । ସେଭଳି ସଙ୍କେତ ଅତ୍ୟନ୍ତ କଠୋର, ଅତ୍ୟନ୍ତ ନିୟମ-ଦୋରସ୍ତ ଓ ଅତ୍ୟନ୍ତ ସ୍ଥାଣୁ । ସେମାନଙ୍କ ତୁଳନାରେ ଭାଷା ଚଞ୍ଚଳ, ନମନୀୟ ଓ ବହୁ ପରିମାଣରେ ସଂପୂର୍ଣ୍ଣ ।"**

ଏହାଛଡ଼ା ବି ଭାଷାର ଅନ୍ୟ ସବୁ ସଙ୍କେତଠାରୁ ଆଉ ଏକ ପ୍ରଚଣ୍ଡ ସୁବିଧା ରହିଛି । ଭାଷା ସବୁ ଲୋକ ପହଞ୍ଚରେ ରହିପାରେ, ଏହାରି ସାହାଯ୍ୟରେ ଆମେ ଦୁନିଆର ମଡ଼େଲ କରିପାରୁଁ । ବିଜ୍ଞାନର ଭାଷା ବା ଶିଳ୍ପକଳାର ସଙ୍କେତ ବୁଝିବାକୁ ହେଲେ ଆମକୁ ସ୍ୱତନ୍ତ୍ର ତାଲିମ ନେବାକୁ ପଡ଼େ । ଭାଷା କ୍ଷେତ୍ରରେ ତାହା ପଡ଼େ ନାହିଁ । ଭାଷା ସାର୍ବଜନୀନ ।

Digitized by srujanika@gmail.com

ଜଣେ ଅସାଧାରଣ ଶିଳ୍ପୀ ଆପଣାର ନିଜସ୍ୱ ଶୈଳୀ ଗଢ଼ିପାରେ, ତାର ନିଜର ଶିଳ୍ପର 'ଭାଷା' ଗଢ଼ିପାରେ । ଜଣେ ବୈଜ୍ଞାନିକ ତାର ନିଜ ବିଦ୍ୟାରେ ପଦାର୍ଥବିଦ୍ୟା, ରସାୟନ, ଗଣିତ, ବା ଯୁକ୍ତି ଗଣିତରେ ଆପଣାଲାଗି ଏକ ନୂତନ ସଙ୍କେତ ବ୍ୟବସ୍ଥା ବନେଇ ପାରେ । କିନ୍ତୁ ଯେତେ ପ୍ରତିଭାଶାଳୀ ହେଲେ ବି , ଏମାନଙ୍କ ଭିତରୁ କେହି ଗୋଟିଏ ଜାତିର ମାତୃଭାଷା ବଦଳରେ ଆଉ ଏକ ଭାଷା ଚଳେଇ ପାରିବେ ନାହିଁ । କେହି କେହି ମାତୃଭାଷାଠାରୁ ଅଲଗା ବା ଆଉ ଏକ କୃତ୍ରିମ ଭାଷା କୌଣସି ଭାଷାଭାଷୀ ଜନତା ମୁହଁରେ ଭରି ଦେଇ ପାରିବ ନାହିଁ । ପହିଲି ଶୈଶବରୁ ଆମେ ଭାଷା ଶିଖୁ, ଅଜ୍ଞାନରେ ଶିଶୁ କେବଳ ପଛେ ପାଠପଢ଼ାରେ ଆଗୁସାର ହେଲେ ଆମେ ଭାଷାର ଆଇନ ବିଷୟରେ ଜ୍ଞାନ ଲାଭ କରୁ । ସେତେବେଳେ ପଢ଼ିବା ବା ଲେଖିବା ଆମକୁ ପଡଟେ ।

ଯେଉଁ ସମସ୍ୟାଗୁଡ଼ିକ ଆପାତଃ ଦୃଷ୍ଟିରେ ସଂସାର ବାହାରେ ବୋଲି ମନେ ହୁଅନ୍ତି ପ୍ରଥମେ ବୈଜ୍ଞାନିକମାନେ ଏହି ଭାଷା ସାହାଯ୍ୟରେ, ଏହି ଭାଷାକୁ ଉପଜୀବ୍ୟ କରି ସେହି ସମସ୍ୟାଗୁଡ଼ିକର ସମାଧାନରେ ଲାଗନ୍ତି । ଏହି ଭାଷା ସାହାଯ୍ୟରେ ଆମେ ଯୁଗଯୁଗର ଅତୀତ ଅଭ୍ୟନ୍ତର ଭିତରେ ପ୍ରବେଶ କରୁଁ । ଆମେ ଐତିହାସିକ ଲେଖା, ପ୍ରତ୍ନତାତ୍ତ୍ୱିକ ଭଗ୍ନାବଶେଷ ଗୁଡ଼ିକୁ ଅଧ୍ୟୟନ କରୁ । ସେଗୁଡ଼ିକୁ ପରୀକ୍ଷା କରୁ ଓ ବାହାର କରୁ ଶତଶତ ବର୍ଷ ପୂର୍ବେ ବା ହଜାର ହଜାର ବର୍ଷ ପୂର୍ବେ ଆମର ପୂର୍ବ ପୁରୁଷମାନେ କିଭଳି ଭାବରେ ଚଳପ୍ରଚଳ ହେଉଥିଲେ । କିନ୍ତୁ ମନୁଷ୍ୟ ଇତିହାସରେ ଏଭଳି ଯୁଗ ଥିଲା ଯାହା ବିଷୟରେ କୌଣସି ପ୍ରମାଣ ମିଳି ନାହିଁ । ହେରୋଡ଼ୋଟସ୍ ବା ଟାସିଟସ୍‌ଙ୍କ ଭଳି ପୁରାତତ୍ତ୍ୱଦର୍ଶୀମାନେ ମଧ୍ୟ ସେ ବିଷୟରେ ନୀରବ ।

ତଥାପି ଆମର ଏକ ବାହନ ଅଛି ଯାହା ବଳରେ ଆମେ ଆମର ବହୁ ପୂର୍ବଯୁଗର ପୂର୍ବସୂରୀଙ୍କ ପାଖରେ ପହଞ୍ଚି ପାରୁଁ । ସେମାନଙ୍କର ଉତ୍ପାଦନ କ୍ଷମତା ଓ ବୈଷୟିକ ସଂସ୍କୃତିର ସମ୍ବାଦ ବି ଆହରଣ କରି ପାରୁଁ । ଏହି ବାହନ ଯେ କୌଣସି ବାହନ ଅପେକ୍ଷା ଶକ୍ତିଶାଳୀ । କାରଣ ଏହାରି ବଳରେ ଆମେ ସେମାନଙ୍କର ଅଭ୍ୟନ୍ତର ମାନସିକ ଗଢ଼ଣ ଓ ଜୀବନ ବିଷୟରେ ଧାରଣା କରିପାରୁ ଓ ଯାହା ଆମ ପାଇଁ ଚିରକାଳ ଲାଗି ହଜିଯାଇଛି ବୋଲି ପହିଲୁ ପ୍ରଥମ ମନେହେଉଥିଲା ସେହି ଇତିହାସକୁ ଉଦ୍ଧାର କରି ନେଇପାରୁଁ । ଏହି ବାହନ ହେଉଛି ଭାଷା ।

ପୃଥିବୀ ଏକ ମଡ଼େଲର ସନ୍ଧାନରେ

ଅନୁସନ୍ଧାନର ହତିଆର ଭାବରେ ଓ ସଂସାରକୁ ମଡ଼େଲ କରି କଳ୍ପନା କରିବାରେ ଭାଷା ହେଉଛି ସର୍ବୋତ୍ତମ । ଏହା ସାର୍ବଜନୀନ । ମନୁଷ୍ୟ ସମାଜର ସମସ୍ତେ ଏହାର ସାହାଯ୍ୟ ନେଇ ପାରନ୍ତି । ରାଜା, ପ୍ରଜା, ଧନୀ, ଦରିଦ୍ର ସମସ୍ତେ ଗୋଟିଏ

Digitized by srujanika@gmail.com

ଓ ଏକମାତ୍ର ଭାଷା ବ୍ୟବହାର କରିଥାଆନ୍ତି । ପରବର୍ତ୍ତୀ ଅଧ୍ୟାୟରେ ଏକ 'ଭାଷା ଘଡ଼ି'ର ଅବତାରଣା କରାଯାଇଛି । ଏଥିରେ ପୁଙ୍ଖାନୁପୁଙ୍ଖ ରୂପେ କୁହାଯାଇଛି ଭାଷା କିପରି ଦୂର ଅତୀତର ଘଟଣା ବର୍ଣ୍ଣନା କରିବାରେ ଏକ ସ୍ୱତନ୍ତ୍ର ଧରଣର ଘଡ଼ି ପରି କାର୍ଯ୍ୟ କରେ । ଏହା ସମ୍ଭବ କାରଣ ଭାଷା ହେଉଛି ବିଶ୍ୱଜନୀନ, ଏହାକୁ ମନଇଚ୍ଛା ପରିବର୍ତ୍ତନ କରାଯାଇ ପାରେ ନାହିଁ । ଶବ୍ଦ ସଂପଦ ଓ ଶବ୍ଦର ଅର୍ଥ ଉଭୟେ ଅତ୍ୟନ୍ତ ମନ୍ଥର ଭାବରେ ପରିବର୍ତ୍ତିତ ହୋଇଥାଆନ୍ତି ।

କୌଣସି ଭାଷାର ଶବ୍ଦ କୋଷ କୌଣସି ରାଜ୍ୟର ଅର୍ଥ ବିଭାଗ ସଙ୍ଗେ ସମାନ ପର୍ଯ୍ୟାୟଭୁକ୍ତ । ଯେଉଁଭଳି କୌଣସି ରାଜ୍ୟର ସୁଦୃଢ଼ତା, ତାହାର ପ୍ରତ୍ୟେକ ବିଭାଗର ସ୍ୱାସ୍ଥ୍ୟପୂର୍ଣ୍ଣ ପ୍ରଗତି, ଶକ୍ତି ଓ ଆଧାର ସେହି ରାଜ୍ୟର ଅର୍ଥକୋଷ ଉପରେ ନିର୍ଭରଶୀଳ; ଠିକ୍ ସେହିଭଳି କୌଣସି ଭାଷାର ବିକାଶଶୀଳ ନିର୍ମାଣ, ତାହାର ସର୍ବାଙ୍ଗରେ ସୁଗଠନ, ଢ଼ିଲାପଣ, ସ୍ଥାୟିତ୍ୱ ଓ ବିସ୍ତାର ଇତ୍ୟାଦି ପ୍ରାୟ ସମସ୍ତ କଥା ତାହାର ଶବ୍ଦ ଭଣ୍ଡାର ବା ଶବ୍ଦକୋଷ ଉପରେ ଭରସା ରଖି ରହିଥାଏ । କୌଣସି ଭାଷାର ବାସ୍ତବିକ ସ୍ଥିତି ଓ ଉନ୍ନତି ଯେଉଁଭଳି ପୂର୍ଣ୍ଣଭାବରେ ତାହାର ଶବ୍ଦକୋଷରେ ପ୍ରତିବିମ୍ବିତ ହୁଏ, ସେଉଁଭଳି ଭାବରେ ଅନ୍ୟ କେଉଁଠି ହୁଏ ନାହିଁ । ସବୁ ପ୍ରକାଶମୟ ଜ୍ଞାନ ହିଁ ଶବ୍ଦ ରୂପରେ ପ୍ରକଟିତ ହୁଏ । କୌଣସି ଭାଷାର ସକଳ ଶବ୍ଦର ବିଭିନ୍ନ ରୂପର ପରିଚୟ ଏହି ଶବ୍ଦ କୋଷରେ ହିଁ ମିଳେ । ତେଣୁ ଶବ୍ଦ କୋଷ ହେଉଛି ଭାଷାର ସ୍ୱରୂପଜ୍ଞାନର ନିୟାମକ । ଶବ୍ଦ କୋଷ ବା ଅଭିଧାନ ଭଳି ଭାଷାର ସ୍ୱରୂପଜ୍ଞାନ ପାଇଁ ଶ୍ରେଷ୍ଠ ସାଧନ ନାହିଁ ।

ଅଭିଧାନ ଲେଖିବାର ଢ଼ଙ୍ଗ କିଭଳି ପହିଲୁ ଆରମ୍ଭ ହେଲା ଏହି ଅଭିଧାନ ରଚନାର ବିଦ୍ୟାରେ ବିସ୍ତାର କେଉଁ ରେଖା ବା ଲାଇନ ଉପରେ ପ୍ରତିଷ୍ଠିତ ହେଲା ଏ ବିଷୟରେ ଯଦି ଏକ କ୍ରମବଦ୍ଧ ଇତିହାସ ଲେଖାଯାଏ ତେବେ ତାହା ଖୁବ୍ ମନୋରଞ୍ଜକ ହେବ । ସେହି ଇତିହାସରୁ ଆମର ଯେଉଁ ସିଦ୍ଧାନ୍ତ ଓ ପଦ୍ଧତି ସହିତ ପରିଚୟ ମିଳିବ ସେଥିରୁ ଆମର ନିର୍ମାଣ ଓ ବିକାଶର ମୂଳ ସୂତ୍ର ବାହାରି ପାରିବ ।

ସାଧାରଣ ପତ୍ରପତ୍ରିକା ପ୍ରବନ୍ଧରେ ଆମେ 'ଶବ୍ଦର ବିଚିତ୍ର ଗତି' ବିଷୟରେ ବହୁ ଲେଖା ଦେଖିବାକୁ ପାଉଁ । ପୃଥିବୀର ବିଭିନ୍ନ ଭାଷାର ଭାଷାବିଦ୍‌ମାନେ ଶବ୍ଦର ମୂଳ ଓ ତାହାର ଅର୍ଥ ଅର୍ଥାନ୍ତର ଭିତରୁ ଗୋଟା ଗୋଟା ଜାତିର ଚଳଣି, ଆଚାର, ଭୂଗୋଳ, ଇତିହାସ, ସଂସ୍କୃତି ସର୍ଜନା କରିଛନ୍ତି । ଯେଉଁ ବିଜ୍ଞାନ ଶବ୍ଦମାନଙ୍କର ମୂଳ ଓ ବିସ୍ତାର ଅର୍ଥ ଅର୍ଥାନ୍ତର ବିଷୟରେ ଆଲୋଚନା କରେ ତାକୁ ବିଜ୍ଞାନ କହେ ପଦପ୍ରକରଣ ବା ଇଟିମଲୋଜି । ଏଥିରୁ ଜଣାପଡ଼େ ଏକ ଦର ଶବ୍ଦ କେବେ ଭାଷାରେ ଆବିର୍ଭାବ ହେଲା, କି କାରଣରୁ ଦେଖାଗଲା ଓ ଏହାର ମୂଳ ଅର୍ଥ କଣ

Digitized by srujanika@gmail.com

ଥିଲା ଓ ଆଜି ସେହି ଅର୍ଥରେ କି ପରିବର୍ତ୍ତନ ଘଟିଛି ? ଏହାଛଡ଼ା ପଦପ୍ରକରଣରେ ଆହୁରି ଚମତ୍କାର ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭରି ରହିଛି । ଗୋଟିଏ ଶବ୍ଦର ଉତ୍ପତ୍ତି ବା ଗୋଟିଏ ବସ୍ତୁର ନାଁର ଇତିହାସ କେବଳ ବସ୍ତୁର ଇତିହାସ ଜଣାଏ ନାହିଁ ,ଯିଏ ନାମକରଣ କଲା ସେହି ଜାତି ବା ବ୍ୟକ୍ତି ସମଷ୍ଟିର ସଂସ୍କୃତି ଓ ଆଚାରର ବି ସୂଚନା ଦିଏ ।

ଓଡ଼ିଆ ଭାଷାର ବହୁ ଶବ୍ଦ ଅଛି ଯାହାର ମୂଳ ବିଷୟରେ ବହୁ ଅନୁସନ୍ଧାନ ହୋଇଛି ବୋଲି ଆମେ ଜାଣୁ । ଯେପରି ଗୋଟିଏ ଶବ୍ଦ ମୃଦୁସୁଲି । ଏହି ଶବ୍ଦ ଓଡ଼ିଆ ଛଡ଼ା ମାଗଧୀ ପ୍ରାକୃତରୁ ଜାତ କୌଣସି ଭାଷା ଭିତରେ ନାହିଁ । ଜଣେ ଓଡ଼ିଆ ଭାଷା ପଣ୍ଡିତ ଏହାକୁ 'ମୃଦୁହାସିନୀ'ରୁ ଅପଭ୍ରଂସ ବୋଲି କହିଛନ୍ତି । ତାଙ୍କ ମତରେ ବଗ ରୁ ଯଦି ବଗିନୀ ବୋଲି ଭୁଲରେ ସ୍ତ୍ରୀଲିଙ୍ଗ ହୁଏ ତେବେ ଓଡ଼ିଆରେ ବଗରୁ ବଗୁଲି ହେଉଛି ସଂସ୍କୃତର ବଗିନୀ ବିଧିରେ ସମ୍ପାଦିତ ଶବ୍ଦ । ସେପରି ମୃଦୁହାସିନୀରୁ ମୃଦୁହସୁଲି ଓ ସେଥିରୁ କାଳକ୍ରମେ ମୃଦୁସୁଲି । ଏହାର ଅର୍ଥ ଅଭ୍ୟର୍ଥନାକାରିଣୀ ବା ଇଂରାଜିରେ ଯାର ନାମ ରିସେପ୍‌ଶନିଷ୍ଟ । ଉକ୍ତ ଭାଷାପଣ୍ଡିତଙ୍କ ମତରେ ପ୍ରାଚୀନ ଓଡ଼ିଶାରେ ଅତିଥି ବା ଅଭ୍ୟାଗତମାନଙ୍କୁ ଯେଉଁ ନାରୀ ଅଭ୍ୟର୍ଥନା କରୁଥିଲେ ସେ ମୃଦୁହାସ ସହିତ ତାହା କରୁଥିଲେ । ଏହା ସେକାଳର ଓଡ଼ିଆ ଲୋକଙ୍କର ଉଚ୍ଚ ସଂସ୍କୃତିର ପରିଚୟ ଦିଏ ।

ଓଡ଼ିଆ ଶବ୍ଦମାନଙ୍କର ଏଭଳି ମନୋଜ୍ଞ ଓ ରୁଚିକର ଇତିହାସ କେତେଦୂର ବିଜ୍ଞାନ ସମ୍ମତ ତାହା ଏପର୍ଯ୍ୟନ୍ତ ପରୀକ୍ଷିତ ହୋଇ ନାହିଁ । ଆରତବଲ୍ଲଭ ମହାନ୍ତିଙ୍କର ଏଭଳି ବିଶ୍ଳେଷଣରେ କେବଳ ଜାତିପ୍ରେମ ଅଛି ନାଁ ବିଜ୍ଞାନ ବି ଅଛି କହିହେବ ନାହିଁ । ତେବେ ଓଡ଼ିଆଙ୍କର ଶତ ଶତ ଶବ୍ଦର ଇତିହାସ ଯେ ବିଚିତ୍ର ଓ ଅର୍ଥପୂର୍ଣ୍ଣ ଏହା ନିଃସନ୍ଦେହ । ଏ ବିଷୟରେ ଏ ପର୍ଯ୍ୟନ୍ତ ଗବେଷଣା ପ୍ରଥମ ପର୍ଯ୍ୟାୟରେ ରହିଛି ।

ତେବେ ହଜାର ହଜାର ବର୍ଷ ତଳେ ଯେଉଁ ମଣିଷ ମରିଯାଇଛନ୍ତି, ସେମାନଙ୍କର ଅଭ୍ୟନ୍ତର ଦୁନିଆକୁ ପ୍ରକାଶ କରିଦେବାକୁ ଶବ୍ଦମାନଙ୍କର ଜୀବନୀ ବିଜ୍ଞାନ ହିଁ ସମର୍ଥ ।

ମନେକରନ୍ତୁ, 'ଭାଲୁ' ଶବ୍ଦଟି ନିଆଗଲା । ଗ୍ରୀକ୍‌ମାନେ ଏହାକୁ କହନ୍ତି 'ଆର୍‌କଟସ୍' ଲାଟିନରେ ହେଲା 'ଉରୁଷ' । ପ୍ରାଚୀନ ଭାରତୀୟ ସଂସ୍କୃତରେ ହେଲା 'ଋକ୍ଷ' । ଏହି ସବୁ ଶବ୍ଦ ପ୍ରାଚୀନ ହିନ୍ଦୋ–ଇଉରୋପୀୟ ଗୋଟିଏ ଶବ୍ଦରୁ ଆସିଛି ଯାହା ଉଚ୍ଚାରଣ ଥିଲା ରକ୍ଷୋସ । ଏହି ହିନ୍ଦୋ–ଇଉରୋପୀୟ ଶବ୍ଦ ରୁଷ ବା ଅନ୍ୟ ସ୍ଲାଭ ଭାଷାରେ ନାହିଁ ।

Digitized by srujanika@gmail.com

କାହିଁକି ନାହିଁ ? ରୁଷ ଭାଷାରେ 'ପାଣି' ହେଲା 'ଉଦା' ସଂସ୍କୃତ ଉଦଃ, ପାନୀୟ ହେଲା ଉଦକଃ (ଭୋଡ୍‌କା-ରୁଷ) ନାକ, ଦୁଇ, ତିନି, ମୁଁ, ମା ଓ ଆହୁରି ଅନେକ ଶବ୍ଦ ହିନ୍ଦୋ – ଇଉରୋପୀୟ ସାଦୃଶ୍ୟ ବହନ କରି ରହିଛନ୍ତି । ତେବେ 'ଭାଲୁ' ବୋଲି ଶବ୍ଦଟା ଗଲା କୁଆଡ଼େ ?

ଭାଷାବିଦ୍‌ମାନଙ୍କର ତର୍ଜମା ହେଲା, ସ୍ଲାଭ ଲୋକଙ୍କର ପୂର୍ବପୁରୁଷମାନଙ୍କର ଅନ୍ଧବିଶ୍ୱାସ ଯୋଗୁଁ ସେମାନେ 'ଭାଲୁ'ର ନାମୋଚ୍ଚାରଣ କରୁ ନଥିଲେ । ଯେପରି ଆମ ଓଡ଼ିଆରେ 'ସାପ' ବୋଲି ନ କହି ପୁରୁଣାକାଳିଆ ଲୋକେ 'ଲମ୍ବା ଜନ୍ତୁ' ବୋଲି କହୁଥିଲେ । ଠିକ୍ ସେହିପରି ସ୍ଲାଭମାନେ ଅର୍ଥାତ୍ ରୁଷ ଇତ୍ୟାଦି ଭାଷାଭାଷୀମାନଙ୍କର ପୂର୍ବଜମାନେ 'ଭାଲୁ' ବୋଲି ନ କହି ତାହାକୁ ନାନା ପ୍ରକାର ଭାବରେ କହୁଥିଲେ । କେହି କେହି କହୁଥିଲେ 'ମଧୁ-ଭକ୍ଷୀ' । ପୁରାତନ ଜର୍ମାନ ଲୋକ 'ଭାଲୁ' ବା ଆର୍‌କଟସ୍ ନକହି କହୁଥିଲେ 'ବବିର' ଅର୍ଥାତ୍ ବାଦାମି । ତେଣୁ ଏଥିରୁ ଇଂରାଜି 'ବେଆର' ହୋଇଛି । ଭାଷାର ଏହି ଗୋଟିଏ ଶବ୍ଦ ଯେପରି ଆମର ସୁଦୂରପୂର୍ବ ପୂର୍ବଜମାନଙ୍କର ମାନସିକ ଗଢ଼ଣ ପ୍ରକାଶ କରୁଛି, ସେପରି ହଜାର ହଜାର ଶବ୍ଦର ଆଲୋଚନା କଲେ ଏକ ସ୍ପଷ୍ଟ ଚିତ୍ର ବାହାରି ପାରିବ ।

ଶବ୍ଦ ଓ ସଂଖ୍ୟା

ଆଦିମ ଚିନ୍ତାର ସ୍ୱତନ୍ତ୍ରତା ସଂଖ୍ୟାର ନାମ ଅନୁସାରେ ଅତି ଜ୍ୱଳନ୍ତ ଭାବରେ ଜଣାପଡ଼େ । କେବଳ ନାମରୁ ନୁହେଁ, ଗଣନାର ପଦ୍ଧତିରୁ ବି ସଂଖ୍ୟାର ତିଆରି ଓ ସେମାନଙ୍କର ବ୍ୟବହାରରୁ ବି ଅନେକ ସ୍ୱତନ୍ତ୍ରତାର ଆଭାସ ମିଳିଥାଏ ।

ଗଣିତ ସବୁ ବିଜ୍ଞାନ ଭିତରେ ପ୍ରାଚୀନତମ । ତେବେ ବି ସାଧାରଣ ଭାଷା ତୁଳନାରେ ଗଣିତର ଠାର ବ୍ୟବସ୍ଥା ହେଉଛି ଆଧୁନିକ । କେତେକ ଗବେଷକଙ୍କର ମତ ହେଉଛି ଯେ ଅନେକ ଜାତି ଅଛନ୍ତି ଯେଉଁମାନେ ତିନିରୁ ବେଶି ଗଣି ପାରନ୍ତି ନାହିଁ । ଏହା କେତେକାଂଶରେ ସତ୍ୟ, କେତେକାଂଶରେ ନୁହେଁ । କେତେକ ଅଷ୍ଟ୍ରେଲିୟ ଉପଜାତିଙ୍କର ତିନୋଟି ସଂଖ୍ୟା ଏକ, ଦୁଇ ତିନି ଛଡ଼ା ଅନ୍ୟ ସଂଖ୍ୟା ନାହିଁ । କିନ୍ତୁ ତା'ବୋଲି ଅଷ୍ଟ୍ରେଲିୟା ଆଦିବାସୀମାନେ ତିନୋଟି କଙ୍ଗାରୁଠାରୁ ଚାରୋଟି କଙ୍ଗାରୁର ପାର୍ଥକ୍ୟ ବୁଝନ୍ତି ନାହିଁ, ଏକଥା ନୁହେଁ । ଏହାର ଏକମାତ୍ର ଅର୍ଥହେଲା ତାଙ୍କ ଭାଷା ତିନିଠାରୁ ଅଧିକ ସଂଖ୍ୟାର ଲେବଲ ତିଆରି କରିନାହିଁ । ଅଷ୍ଟ୍ରେଲିୟ ଆଦିବାସୀମାନଙ୍କର ଆର୍ଥିକ ଜୀବନ ପ୍ରଣାଳୀ ସହିତ ଏହାହିଁ ସଂପୃକ୍ତ, ଏତିକିମାତ୍ର ।

ପୃଥିବୀର ବହୁ ଭାଷାରେ କିନ୍ତୁ ତିନି ଉପରକୁ ସଂଖ୍ୟା ଅଛି । କେବଳ କେତୋଟି

Digitized by srujanika@gmail.com

ଭାଷାରେ ନାହିଁ । କେତେକ ଆଦିବାସୀ ଅଛନ୍ତି ଯେଉଁମାନେ ଚାରିକୁ 'ଦୁଇ ଯୋଡ଼ା' ବୋଲି କହନ୍ତି । ପାଞ୍ଚକୁ କହନ୍ତି 'ଦୁଇଯୋଡ଼ା ଏକ' ।

ଆଣ୍ଡାମାନ ଦ୍ୱୀପର ଆଦିବାସୀମାନେ ଆଙ୍ଗୁଠି ଅଗରେ ଚାରିଯାଏ ଗଣନ୍ତି ତା'ପରେ କହନ୍ତି 'ଆଉ ଏକ' ଯଥା 'ବୁଢ଼ା ଆଙ୍ଗୁଠି' ତାହା ସରିଗଲେ ନାକକୁ ଛୁଅନ୍ତି 'ଆଉ ଏକ' ଏପରି ସେମାନଙ୍କର ଗଣନା ଚଳେ ।

ପୂର୍ବେ ଲୋକେ ଆଙ୍ଗୁଠିରେ ଗଣୁଥିଲେ ଅଥବା ଗଛର ଡ଼ାଳ ବା ଗଛରେ ଚିହ୍ନ ଦେଇ ଗଣୁଥିଲେ । ସଂଖ୍ୟାଟା ଯେ କୌଣସି ବସ୍ତୁର ଦ୍ରବ୍ୟଗୁଣ ନୁହେଁ, ଏହା ଯେ ଏକ ସ୍ୱତନ୍ତ୍ର ଜିନିଷ ଏକଥା ହୃଦୟଙ୍ଗମ କରିବାକୁ ମନୁଷ୍ୟକୁ ହଜାର ହଜାର ବର୍ଷ ଲାଗିଛି । ତା'ପରେ ଶତାବ୍ଦୀ ଶତାବ୍ଦୀ ବିତି ଯାଇଛି, ଯାହାପରେ ସଂଖ୍ୟାଗୁଡ଼ିକୁ ଦ୍ରବ୍ୟ ଗୁଣରୁ ଅଲଗା କରାଯାଇଛି । ସେମାନଙ୍କର ଗୁଣ ଓ କାର୍ଯ୍ୟକୁ ଏକ ସ୍ୱତନ୍ତ୍ର ଠାର ବ୍ୟବସ୍ଥାରେ ସଂଯୋଜିତ କରାଯାଇଛି ।

ହଜାର ହଜାର ବର୍ଷ ତଳେ ଯେଉଁ ମଣିଷ ବାସ କରୁଥିଲେ ସେମାନଙ୍କର ଆଭ୍ୟନ୍ତରୀଣ ମାନସିକ ଦୁନିଆକୁ ପୁନର୍ଗଠନ କରିବା ଅସାଧାରଣ ଅୟାସର କଥା । କିନ୍ତୁ ଏବେ କ୍ରମେ କ୍ରମେ ଅସ୍ପଷ୍ଟ ଚିତ୍ର ଦିନକୁ ଦିନ ସ୍ପଷ୍ଟ ହେଉଛି । କେତୋଟି ହାଡ଼ରୁ କଳ୍ପନା କରି ବୈଜ୍ଞାନିକମାନେ ବହୁ ପୁରୁଣା କାଳର ଗୋଟା ଗୋଟା ପଶୁମାନଙ୍କର ସାରା ଅବୟବ ଓ ଶରୀରର ରୂପ ତିଆରି କରି ପାରୁଛନ୍ତି । ଭାଷା ଅଧ୍ୟୟନରୁ ମଧ୍ୟ ବିଜ୍ଞାନ ଆମର ଇତିହାସ-ପୂର୍ବ ପୂର୍ବସୂରୀମାନଙ୍କର ଦୁନିଆକୁ ପୁନର୍ଗଠନ କରିବାରେ ସମର୍ଥ ହୋଇଛି ।

ଭାଷାତତ୍ତ୍ୱ ଓ ସମାଜ ବିଜ୍ଞାନ

ଭାଷା ବିଜ୍ଞାନ ଦିନକୁଦିନ ଅଧିକରୁ ଅଧିକ ସାମାଜିକ ବିଜ୍ଞାନମାନଙ୍କ ସହିତ ସମ-ସଂପର୍କ ସ୍ଥାପନକରି ଚାଲିଛି । କାରଣ ସମାଜରେ ହିଁ ଭାଷା ତିଷ୍ଠିଛି ଓ ସମାଜ ଭିତରେ ହିଁ ଭାଷାର ବିକାଶ ହେଉଛି । ତେଣୁ ଏଭଳି ସଂପର୍କ ସ୍ୱାଭାବିକ । ମନେକରନ୍ତୁ ଆମର ଓଡ଼ିଆ ଭାଷାରେ ମୋଗଲମାନଙ୍କ ଯୁଗରେ ଆଇନକାନୁନ ଶବ୍ଦଗୁଡ଼ିକ ଭାଷାରେ ପ୍ରବେଶ କଲା ; ତାହା ପୂର୍ବରୁ ଓଡ଼ିଆରେ ନଥିଲା । ରୁଷ ଦେଶରେ ରାଜା ପିଟରଙ୍କ ବେଳେ ରୁଷ ଦେଶର ବଣିକମାନେ ବହୁଳ ଭାବରେ ସମୁଦ୍ର ଯାତ୍ରାରେ ଯିବା ଆରମ୍ଭ କରିଥିଲେ । ତେଣୁ ସେହି ସମୟରେ ରୁଷ ଦେଶର ସାମୁଦ୍ରିକ ଜାହାଜାତି କଥାଭାଷାରେ ବହୁ ସଂଖ୍ୟାରେ ଡ଼ଚ୍ ବା ଓଲନ୍ଦାଜ ଶବ୍ଦ ରୁଷ ଭାଷାରେ ପ୍ରବେଶ କରିଥିଲା । ମାଡ଼ାଗାସ୍କର ନାମକ ଆଫ୍ରିକାର ଦକ୍ଷିଣ ପୂର୍ବରେ ଯେଉଁ ଦ୍ୱୀପଅଛି ସେଠାର ବାସିନ୍ଦାମାନଙ୍କ ଭାଷାରେ ବହୁ ଆରବୀ ଓ ଫରାସୀ ଭାଷାର

Digitized by srujanika@gmail.com

ଶବ୍ଦ ଭରି ଯାଇଛି । ତା'ଛଡ଼ା ସେମାନଙ୍କର ନିଜସ୍ୱ ଭାଷା ମାଲାଗାସି ହେଉଛି ଇଣ୍ଡୋନେସିଆ ଓ ପଲିନେସିଆ ଭାଷାମାନଙ୍କ ସଙ୍ଗେ ସମଗୋତ୍ରୀ । ଏହାର କାରଣ ଭୂଗୋଳ ନ ଜାଣିଲେ ବୁଝିହେବ ନାହିଁ । ଭୂଗୋଳରୁ ଆମେ ଜାଣୁ ଯେ ଇଣ୍ଡୋନେସିଆ, ପଲିନେସିଆ ଓ ମାଡ଼ାଗାସ୍କର ଇତ୍ୟାଦି ଏକ ସମୟରେ ଗଣ୍ଡଓ୍ୟାନା ନାମକ ଏକ ଭୂଖଣ୍ଡ ଭିତରେ ଥିଲା । ତେଣୁ ହିଁ ପଲିନେସିୟ ଓ ଇଣ୍ଡୋନେସୀୟ ଭାଷା ସହିତ ମାଲାଗାସି ସମଗୋତ୍ରୀ । ଆରବ ବଣିକମାନଙ୍କର ବାଣିଜ୍ୟ କାରବାର ଫଳରେ ସମସ୍ତ ଭାରତ ମହାସାଗରର ପଶ୍ଚିମ ଉପକୂଳରେ ଆରବ ସଭ୍ୟତା ମଧ୍ୟଯୁଗରେ ବ୍ୟାପ୍ତ ହୋଇଥିଲା । ଭୂଗୋଳ ମଧ୍ୟ ଏକଥା ଶିକ୍ଷା ଦେଇଛି (ଇତିହାସ ମଧ୍ୟ) ଯେ ଫରାସୀମାନେ ବହୁକାଳ ମାଡ଼ାଗାସ୍କରକୁ ଆପଣାର ଉପନିବେଶ କରି ରଖିଥିଲେ । ତେଣୁ ଆରବ ଓ ଫରାସୀ ଭାଷାର ବହୁ ଶବ୍ଦ ମାଲାଗାସି ଭାଷାରେ ପ୍ରବେଶ କରିଯାଇଛି ।

ବଂଶାବଳିତତ୍ତ୍ୱ ଓ ଏପରିକି ପ୍ରାଣୀବିଜ୍ଞାନ ବିଷୟରେ ଜ୍ଞାନ ନ ଥିଲେ କେତେଗୁଡ଼ିଏ ବିଶୁଦ୍ଧ ଭାଷାଗତ ଘଟଣା ବୁଝିବା ସହଜ ହେବ ନାହିଁ । ଉଦାହରଣ ସ୍ୱରୂପ ବ୍ରାଜିଲ ଦେଶର ଆଦିବାସୀ 'ଭାରତୀୟ' ମାନଙ୍କ ଭାଷାରେ 'ଶୁଆ' ପକ୍ଷୀ ପାଇଁ କୌଣସି ଶବ୍ଦ ନାହିଁ । ଅଥଚ ବିଭିନ୍ନ ଜାତିର 'ଶୁଆ'ମାନଙ୍କ ପାଇଁ ବିଭିନ୍ନ ନାମ ରହିଛି । ଏହାର ସହଜ ଓ ସରଳ କାରଣ ହେଉଛି 'ଶୁଆ' ବୋଲି କହିଲେ ସଂପୂର୍ଣ୍ଣ ଅଲଗା ଓ ବହୁ ଦୂର ସଂପର୍କର ଏକ ପ୍ରାଣୀବୈଜ୍ଞାନିକ ପକ୍ଷୀଜାତିକୁ ବୁଝାଏ । ଯେଉଁ ଲୋକେ 'ଶୁଆ' କେବେ ଦେଖି ନାହାନ୍ତି ସେମାନେହିଁ ସେହି ଜାତିର ବା ତା'ଠାରୁ ଅତି ସାମନ୍ୟ ସାଦୃଶ୍ୟଥିବା ପକ୍ଷୀ ସଭିଙ୍କୁ 'ଶୁଆ' ବୋଲି ଅଭିହିତ କରିଥାଆନ୍ତି । କିନ୍ତୁ ଯେଉଁମାନଙ୍କ ଦେଶରେ ଜାତି ଜାତିକା 'ଶୁଆ' ଅଛନ୍ତି ଓ ସେମାନଙ୍କର ଧରଣ,ଧାରଣ ପରସ୍ପର ଠାରୁ ବିଭିନ୍ନ ସେମାନଙ୍କ ପକ୍ଷରେ ଏଭଳି ସବୁ ପକ୍ଷୀଙ୍କୁ 'ଶୁଆ' ବୋଲି ଆଖ୍ୟା ଦେବା ଚଳେ ନାହିଁ ।

ବଂଶାବଳିତତ୍ତ୍ୱ ଓ ସମାଜବିଜ୍ଞାନ ସହିତ ·ଭାଷାର ସଂପର୍କର ଆଉ ଗୋଟିଏ ଜ୍ୱଳନ୍ତ ଉଦାହରଣ ନିଆଯାଇପାରେ । ଏହା ପ୍ରମାଣକରେ ଯେ ଗୋଟିଏ ଭାଷାର ଶବ୍ଦ ସମ୍ଭାର ସେହି ଭାଷା ଭାଷୀ ଲୋକଙ୍କର ସାମାଜିକ ଆବଶ୍ୟକତା ସହିତ କଡ଼ା କଡ଼ି ସଂପର୍କ ରଖି ଚାଲେ । ସାହାରା ମରୁଭୂମିର ବାସିନ୍ଦାମାନେ ତାଳଗଛର ବିଭିନ୍ନ ଜାତି ପାଇଁ ପ୍ରାୟ ଷାଠିଏଟି ଶବ୍ଦ ବ୍ୟବହାର କରନ୍ତି, କିନ୍ତୁ 'ବରଫ' ପାଇଁ ସେମାନଙ୍କର ଗୋଟିଏ ବି ଶବ୍ଦ ନାହିଁ । କାରଣ ସେମାନେ ଆପଣା ଦେଶରେ କେବେ ବରଫ ଦେଖି ନାହାନ୍ତି । ବରଫ କ'ଣ ଜାଣନ୍ତି ନାହିଁ ।

Digitized by srujanika@gmail.com

ଉତ୍ତରାଞ୍ଚଳ ଦୃଷ୍ଟିରୁ ଏହି ବିଷୟଟିକୁ ଦେଖିଲେ, ଜଣାଯିବ ଯେ **ନାନଟସିଙ୍କର** ସବୁପ୍ରକାର ବରଫ ଯଥା କଠିନ, ଫସଫସିଆ, ଅଠାଳିଆ, ତାଜା ଇତ୍ୟାଦି ବରଫ ପାଇଁ ବିଭିନ୍ନ ଚାଳିଶଟି ଭିନ୍ନ ଭିନ୍ନ ଶବ୍ଦ ରହିଛି । କାରଣ ବରଫ ସେମାନଙ୍କ ପାଇଁ ସବୁ । ବରଫ ଉପରେ ସେମାନଙ୍କର ଶିକାର, ବଲଗା ହରିଣ ପାଳନ ଓ ସକଳ ଜୀବନଯାତ୍ରା ନିର୍ଭର କରେ ।

ଯେଉଁ ଲୋକେ ବିକାଶର ନିମ୍ନ ସ୍ତରରେ ଅଛନ୍ତି ସେମାନଙ୍କ ଭାଷାରେ ଗୁଣବାଚକ ଓ ନିରାକାର ବସ୍ତୁବାଚକ ଶବ୍ଦ ବହୁତ କମ୍ । ବୁଶମ୍ୟାନମାନଙ୍କ ଭାଷାରେ ପଦାର୍ଥ ବିଦ୍ୟା କଥା ଲେଖିବା ଅବଶ୍ୟ କଷ୍ଟକର । ଅଷ୍ଟ୍ରେଲିଆ ଆଦିବାସୀମାନଙ୍କ ଭାଷାରେ ବି ସେଇ ଅବସ୍ଥା । ତେବେ ପରମାଣୁ ପଦାର୍ଥବିଦ୍ୟାର ମୂଳସୂତ୍ରଗୁଡ଼ିକ ସାଧା ଇଂରାଜି ବା ରୁଷ ବା ଜର୍ମାନ ଭାଷାରେ କହିଲେ ବା ଲେଖିଲେ ବା କ'ଣ ବୁଝାଯିବ ବା ଆଦୌ ଲେଖିବା କ'ଣ ସମ୍ଭବ ହେବ ? କାରଣ ଏହି ଭାଷାରେ 'କ୍ୱାଣ୍ଟମ୍' 'ମଲଟିପ୍ଲ' 'ମାଇନସ' ଇତ୍ୟାଦି ଶବ୍ଦ ବ୍ୟବହାର କରିବାକୁ ହେବ ଯାହା ରୁଷ ନୁହେଁ, ଇଂରାଜି ନୁହେଁ, ଜର୍ମାନ ନୁହେଁ (ଓଡ଼ିଆ ତ ନୁହେଁ) । ଏହି କଥା ସମାନ ଭାବରେ ବୁଶ୍‌ମ୍ୟାନ ଓ ଅଷ୍ଟ୍ରେଲିୟ ଆଦିବାସୀମାନଙ୍କ ଭାଷା ପାଇଁ ପ୍ରଯୁଜ୍ୟ । ଏହି ଭାଷାମାନଙ୍କରେ ନୂତନ ଭାବ ଓ ସେହି ଭାବବୋଧକ ଶବ୍ଦ ମାନ ଯୋଡ଼ିଲେ ଏମାନେ ବି ପରମାଣୁ ପଦାର୍ଥବିଦ୍ୟା ଚର୍ଚ୍ଚାର ଭାଷା ହୋଇପାରିବ । ରୁଷ ଦେଶରେ ଚୁକ୍‌ଚି ଲୋକେ ଏବେ ବିଶ୍ୱବିଦ୍ୟାଳୟ ଶେଷ ଯାଏ ଆପଣା ଭାଷାରେ ସବୁ କଥା ଶିଖୁଛନ୍ତି । ଅଥଚ ଏକ ସମୟରେ ସେମାନଙ୍କ ଭାଷାରେ ସାତ, ଆଠ, ନଅ ବୁଝାଇଲା ଭଳି ଧାତୁ ନଥିଲା ।

କୌଣସି ଭାଷାକୁ ଜଙ୍ଗଲୀ ଭାଷା ଆଉ କୌଣସି ଭାଷାକୁ ମାର୍ଜିତ ଭାଷା ବୋଲି କହିବା ଦାରୁଣ ଭ୍ରମ । ପ୍ରତ୍ୟେକ ଭାଷାରେ ଯେତେବେଳେ ନୂତନ ଭାବ ପାଇଁ ତାଗିଦା ଆସେ ସେତେବେଳେ ଭାଷା ନୂତନ ଶବ୍ଦ ଯୋଗାଇଦିଏ । ପୃଥିବୀର କୌଣସି ଭାଷାର ଲେଖକ କେବେ ଅବଶୋଷ କରି ନାହିଁ ଯେ ତାର ଭାବପ୍ରକାଶ ପାଇଁ ତାର ଭାଷା ଯଥେଷ୍ଟ ହେଲା ନାହିଁ । ମଙ୍ଗୋଲମାନଙ୍କ ଭାଷାରେ ଏକ ଜଟିଳ ଭାଷା ବ୍ୟବସ୍ଥା ରହିଛି । ଏଥିରେ ବହୁ ଗୁଣାତ୍ମକ ଶବ୍ଦ ରହିଛି । କାରଣ ମଙ୍ଗୋଲମାନେ ବୌଦ୍ଧଧର୍ମ ଗ୍ରହଣକଲାପରେ ସେମାନଙ୍କ ଭିତରେ ଆତ୍ମଶୁଦ୍ଧି, ନିର୍ବାଣ, ଆତ୍ମାର ଅବିନଶ୍ୱରତା ଇତ୍ୟାଦିର ଧାରଣା ପ୍ରବଳ ଭାବରେ ପ୍ରବେଶ କରିଥିଲା । କିନ୍ତୁ ବୌଦ୍ଧଧର୍ମ ପୂର୍ବରୁ ଏଭଳି ଆଧାତ୍ମିକ, ନିରାକାର, ପାରମାର୍ଥିକ ଶବ୍ଦ ସେମାନଙ୍କ ଭାଷାରେ ନଥିଲା । ଅଷ୍ଟାଦଶ ଶତାବ୍ଦୀରେ ବିଖ୍ୟାତ ରୁଷ ବୈଜ୍ଞାନିକ ପ୍ରତିଭାବାନ ଲୋମୋନୋସବ

Digitized by srujanika@gmail.com

ଯେତେବେଳେ 'ପିରିଅଡ଼ିକ ଟେବଲ' ବାହାର କଲେ ବା ବିଭିନ୍ନ ମୌଳିକ ବସ୍ତୁର ଦ୍ରବ୍ୟଗୁଣ ଓ ସଂଖ୍ୟା ସ୍ଥିରକଲେ ସେତେବେଳେ ସବୁ ମୌଳିକ ବସ୍ତୁ ପାଇଁ ରୁଷ ଭାଷାରେ ଶବ୍ଦ ନଥିଲା । ତା'ଛଡ଼ା ଅନେକ ବୈଜ୍ଞାନିକ ଭାବ-ଧାରଣା ପାଇଁ ବି ଯଥେଷ୍ଟ ଗୁଣାତ୍ମକ ଶବ୍ଦ ନଥିଲା । ତେଣୁ ସେ ସାହସ ସହକାରେ ଭାଷା ବାହାରୁ ଶବ୍ଦ ଆଣି ବ୍ୟବହାର କରିଗଲେ ।

ଯେତେବେଳେ ସାମାଜିକ ଗଢ଼ଣ ଆଦିମ ଥିଲା, ସେତେବେଳେ ସ୍ୱାଭାବିକଭାବରେ ସଂସ୍କୃତି ବାଚକ ଓ ସଂସ୍କୃତିର ବିଭିନ୍ନ ବିଭାଗର ଶବ୍ଦ ଅଳ୍ପ ଥିଲା । ଏହାର ଅର୍ଥ ହେଲା ସେତେବେଳର ସଂସ୍କୃତି ଦରିଦ୍ର ଥିଲା । ଏହାର ଅର୍ଥ ନୁହେଁ ଯେ ଭାଷା ଦରିଦ୍ର ଥିଲା । ଅନ୍ୟପକ୍ଷରେ ସେତେବେଳେ ଓ ଆଉ ବି ସବୁ ସ୍ତରରେ ଜୀବନ ସହିତ ଜୀବନ୍ତ ଭାବରେ ସଂପର୍କିତ ସମସ୍ତ ବିଷୟର ଯାବତୀୟ କଥା ଭାଷା ଯୋଗାଉଥିଲା । ଏବେ ବି ସେହି ଅବସ୍ଥା । ପରିବାର, ଜ୍ଞାତି ଓ ବନ୍ଧୁଜନ ବୋଧକ ଶବ୍ଦଗୁଡ଼ିକ ସାମାଜିକ ଜୀବନରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଅଷ୍ଟ୍ରେଲିୟାର କୁରନାଇ ଉପଜାତିରେ ଜ୍ଞାତି ସଂପର୍କ ବୁଝାଉଥିବା କୋଡ଼ିଏଟି ଶବ୍ଦ ଅଛି । ଓଆଟି ଓ ଆଟି ଉପଜାତିଙ୍କର ଅନ୍ତତଃ ୨୨ଟି ଓ କଲର-କୁରିଡ଼ିଟ୍ ଉପଜାତିଙ୍କର ୫୦ଟି ଶବ୍ଦ ଅଛି ।

ବୟସ ବା ଆୟୁଷର ଅବସ୍ଥା ବିଷୟରେ ଆଦିବାସୀ ଓ ଅନ୍ୟ ପାହାଡ଼ିଆ ଉପଜାତିମାନଙ୍କର ଯେତେ ଶବ୍ଦ ଅଛି ତାହା ଇଉରୋପୀୟ ବା ହିନ୍ଦ-ଇଉରୋପୀୟ ଭାଷାମାନଙ୍କରେ ବି ନାହିଁ । ଆମେ କହୁଛୁଁ ପିଲା, ଯୁବା,ପ୍ରୌଢ଼, ବୁଢ଼ା କିନ୍ତୁ ଆରାଣ୍ଡା ଉପଜାତିମାନଙ୍କ ଭିତରେ ଏହି ସଂକ୍ରାନ୍ତରେ ୧୫ଟି ଶବ୍ଦ ଅଛି ଯାହା ମରଦର ବିଭିନ୍ନ ବୟସର ଅବସ୍ଥାକୁ ବୁଝାଏ ।

ଯେଉଁଭଳି ପରିସ୍ଥିତି ଭିତରେ ଲୋକେ ବାସକରନ୍ତି, ଭାଷା ସେଭଳିଭାବରେ ଆପଣାକୁ ସଜ୍ଜିତ କରେ । ବୁଶମ୍ୟାନ ଓ ଅଷ୍ଟ୍ରେଲିଆ ଆଦିବାସୀମାନଙ୍କର ଭାଷା ଆମରି ତଥାକଥିତ 'ସଭ୍ୟ' ଭାଷା ପରି ସେମାନଙ୍କର ପରିପାର୍ଶ୍ୱ ସହିତ ପୂରାଦମରେ ଖାପଖୁଆଇ ଚାଲେ । ଆରାଣ୍ଡା ଭାଷାରେ 'ପାହାଡ଼', 'ପର୍ବତ', 'ନଦୀ' ବୋଲି କୌଣସି ଶବ୍ଦ ନାହିଁ । ଏଭଳି ଭାଷାରେ ଭୂଗୋଳ ପାଠ ପଢ଼େଇଲେ ଶିକ୍ଷକ ନାକେଦମ ହୋଇଯିବେ । କିନ୍ତୁ ଏହି ଉପଜାତିଙ୍କର ଭାଷାରେ ପ୍ରତ୍ୟେକ ପାହାଡ଼, ପର୍ବତ ଓ ନଦୀର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ନାଁ ଅଛି । ଏପରିକି ଛୋଟ ମୁଣ୍ଡିଆ ପାହାଡ଼ର ବି ସ୍ୱତନ୍ତ୍ର ନାଁ ଅଛି । ତେଣୁ ଏ ଅଞ୍ଚଳର କୌଣସି ଲୋକ ବାଟବଣା ହେବା ସହଜ ନୁହେଁ । ଇଂରାଜି, ରୁଷିଆ ବା ଅନ୍ୟ କୌଣସି ଦେଶରେ ଏଭଳି ସୁବିଧା ନାହିଁ । କାରଣ ଭାଷା ସେଭଳି ସୁବିଧା ଯୋଗାଇ ନାହିଁ ।

Digitized by srujanika@gmail.com

ଆରାଣ୍ଡା ଭାଷାରେ ବିଭିନ୍ନ ଜାତିର ସାପ ପାଇଁ ଅଲଗା ଅଲଗା ନାଁ ଅଛି ଓ ସବୁ ଜାତିର ସାପ ପାଇଁ ଏକ ସାଧାରଣ ନାଁ ବି ଅଛି । କିନ୍ତୁ ଅଷ୍ଟ୍ରେଲିୟା ଭାଷାମାନଙ୍କରେ (ଯାହା ଭିତରେ ଏହି ଆରାଣ୍ଡା ଉପଜାତିମାନେ ଏକ ଅଂଶ) ସାପର ସାଧାରଣ ନାଁ କେହି ପଚାରନ୍ତି ନାହିଁ । ଆମେ ଯେମିତି କହୁଛୁ "ମୁଁ ବାଟରେ ଗଲାବେଳେ ସାପଟାଏ ମରି ପଡ଼ିଥିବାର ଦେଖିଲି ।" ସେମାନେ କହିବେ "ମୁଁ ବାଟରେ ଗଲାବେଳେ ଗୋଟାଏ ମରି ପଡ଼ିଥିବାର ଦେଖିଲି ।" ବା 'ମୁଁ ଢ଼ମଣାଟାଏ' ବା 'ରଣାଟାଏ' 'ଗୋଖୁରଟାଏ', 'ଚିତିଟାଏ' ଏହିଭଳି । ତେଣୁ ତାଙ୍କ ପାଇଁ ସାପ ବୋଲି କହି ଦେଲେ କଥା ଛିଡ଼ିବ ନାହିଁ । ବିଷଧର ସାପ ନାଁ ନୁହେଁ ଖାଦ୍ୟ ସାପ ନାଁ ଅଖାଦ୍ୟ ସାପ ଏହିଭଳି କହିଲେ ଯାଇ ଚଳେ ।

ବିଭିନ୍ନ ସାମାଜିକ ଅବସ୍ଥା ଓ ବିଭିନ୍ନ ଗତି ପ୍ରଗତିର ବିକାଶ ଧାରାର ଅନୁବର୍ତ୍ତନ ବିଭିନ୍ନ ଭାଷାର ବିଚିତ୍ରତା ଓ ବିବିଧ ଶବ୍ଦ ଭଣ୍ଡାର ସୃଷ୍ଟି କରିଛି । ତେଣୁ ଗୋଟିଏ ଭାଷା ସର୍ବୋତ୍ତମ ଓ ଆରଟି ନିକୃଷ୍ଟ ବା ସର୍ବନିକୃଷ୍ଟ ଏହିଭଳି କହିବାର କୌଣସି ଅର୍ଥ ନାହିଁ । ଠିକ୍ ଯେମିତି ଚାଇଗଛ ଉତ୍କୃଷ୍ଟ ନାଁ ପାଇନ ଗଛ ଉତ୍କୃଷ୍ଟ କହିବାର କୌଣସି ମାନେ ହୁଏ ନାହିଁ । ଆଫ୍ରିକା ଉତ୍କୃଷ୍ଟ କି ୟୁରୋପ ଏଭଳି ପ୍ରଶ୍ନର ବି କିଛି ମାନେ ନାହିଁ ।

ଆମରି ବାସଭୂମି ଏହି ଗ୍ରହର ଲୋକ ସଂଖ୍ୟା ଏବେ ତିନିଶହ ପଚାଶ କୋଟିକୁ ଧାପ ଦେଲାଣି । ଏହି ତିନିଶହ ପଚାଶ କୋଟି ଲୋକ ହଜାର ହଜାର ଭାଷାରେ କଥା କହନ୍ତି । ଏହା ୧୯୭୦ ମସିହାର ହିସାବ । (ବର୍ତ୍ତମାନ ୨୦୧୧ ଜନଗଣନା ଅନୁସାରେ ବିଶ୍ୱର ଜନସଂଖ୍ୟା ୭୦୦ କୋଟି) । ସବୁ ମନୁଷ୍ୟ ହେଉଛନ୍ତି ଲିଙ୍ଗ, ସଂସ୍କୃତି ଓ ବଂଶ ନିର୍ବିଶେଷରେ ସମାନ । ଠିକ୍ ସେଭଳି ପୃଥିବୀର ସବୁ ଭାଷା ସମାନ ମୂଲ୍ୟବାନ ଓ ସମସ୍ତଙ୍କର ସମାନ ଅଧିକାର ରହିଛି ।

❒ ❃ ❒

Digitized by srujanika@gmail.com

ସଂଖ୍ୟା ଓ ଭାଷା

କାର୍ଲ ମାର୍କସ କହିଥିଲେ "ଯେଉଁ ବିଜ୍ଞାନ ଯେତେବେଳେ ଗଣିତର ବ୍ୟବହାର କରିବାରେ ସମର୍ଥ ହୁଏ, ସେତେବେଳେ ସେ ବିଜ୍ଞାନ ହୁଏ ପ୍ରକୃତ ବିଜ୍ଞାନ, ସଂପୂର୍ଣ୍ଣ ବିଜ୍ଞାନ ।" ସଂଖ୍ୟା ଓ ଠିକ୍ ଠିକ୍ ମାପଚୁପ ବର୍ତ୍ତମାନ ପ୍ରାଣୀ ବିଜ୍ଞାନ , ପ୍ରତ୍ନତତ୍ତ୍ୱ, ଅର୍ଥନୀତି ଓ ମନସ୍ତତ୍ତ୍ୱର ଆଲୋଚନାର ବ୍ୟବହାରରେ ଲାଗୁଛି । ଏପରିକି ଭାଷାତତ୍ତ୍ୱ ମଧ ଏବେ ଗାଣିତିକ ସଂଖ୍ୟା ଓ ମାପଚୁପ ବ୍ୟବହାର କରିବାକୁ ଆରମ୍ଭ କରିଛି । ତେଣୁ ଭାଷାତତ୍ତ୍ୱ ଏକ ରୋକଠୋକ ଦସ୍ତୁରୀ ବିଜ୍ଞାନରେ ପରିଣତ ହେଉଛି ।

ଭାଷାର ଶବ୍ଦ ସଂପଦ

କୌଣସି ଭାଷାରେ ତା'ର ପ୍ରଧାନ ସମ୍ବଳ ତା'ର ଶବ୍ଦ ସଂପଦ । ପୃଥିବୀର ବିକଶିତ ଭାଷାମାନଙ୍କରେ ଶବ୍ଦର ଭଣ୍ଡାର ବିଶାଳ । ହଜାର ହଜାର ଠାରୁ ଅୟୁତ ଅୟୁତ । ଏତେ ଶବ୍ଦ କେହି ଶିଖେ ନାହିଁ । କେହି ବ୍ୟବହାରରେ ଲଗାଏ ନାହିଁ । ଯେଉଁମାନେ ବିଦେଶୀ ଭାଷା ଶିଖନ୍ତି, ସେମାନେ ଜାଣନ୍ତି ସେହି ଭାଷାର ସବୁଠାରୁ ପ୍ରଚଳିତ ଶବ୍ଦଗୁଡ଼ିକର ପ୍ରୟୋଗ ଜାଣିଲେ ଯଥେଷ୍ଟ ।

ଆମେରିକା ସ୍କୁଲମାନଙ୍କରେ ଫରାସୀ ଭାଷାର ଯେଉଁ ପଢ଼ାପୋଥି ଚଳୁଛି ସେଥିରୁ ଷୋହଳଟି ନମୁନା ନିଆ ଯାଇଥିଲା । ଏଭଳି ଧାରଣା ହେବା ସ୍ୱାଭାବିକ ଯେ ଏଥିରୁ ଅଧିକାଂଶ ବହିରେ ଯାହା ସବୁ ଶବ୍ଦ ଥିବ ସେଗୁଡ଼ିକ ପ୍ରାୟ ଶତକଡ଼ା ୭୦ ରୁ ୮୦ ଯାଏ ମେଳ ଖାଉଥିବ । ବିଶେଷତଃ ମୁଁ, ତୁମେ, ମା, ଖାଇବା, ଶୋଇବା ଇତ୍ୟାଦି ଶବ୍ଦ ତ ନିଶ୍ଚିତ ଭାବରେ ମୌଳିକ ଭାବ ପ୍ରକାଶର ଶବ୍ଦ ।

କିନ୍ତୁ ଲକ୍ଷ୍ୟ କରାଗଲା ଯେ ପ୍ରତ୍ୟେକ ପଢ଼ା ପୋଥିରେ ଯେତେ ଶବ୍ଦ ଅଛି ସେଥିରୁ ମାତ୍ର ଶତକଡ଼ା ଦୁଇର ପରସ୍ପର ସାଥିରେ ମେଳ ଅଛି । ବାକୀ ଅନ୍ୟ ଶବ୍ଦଗୁଡ଼ିକରେ ମେଳ ନାହିଁ । ଷୋହଳଟି ପଢ଼ା ପୋଥିରେ ଛଅ ହଜାର ଫରାସୀ ଶବ୍ଦ ଅଛି ତା ଭିତରୁ ୧୩୦ଟି ସାଧାରଣ ଶବ୍ଦ । ବାକ୍ୟ ଗୁଡ଼ିକ ପରସ୍ପର ଠାରୁ ଅଲଗା ।

Digitized by srujanika@gmail.com

ମନେକର ଦୁଇଜଣ ଲୋକ ଯିଏ ଫରାସୀ ଭାଷା ପଢ଼ିଛନ୍ତି କିନ୍ତୁ ଦୁଇଟି ଅଲଗା ଅଲଗା ପଢ଼ା ପୋଥିରୁ ପଢ଼ିଛନ୍ତି ସେମାନେ ଫରାସୀ ଭାଷାରେ କଥାଭାଷା ହେବେ । ତେବେ କେହି କାହାକୁ ବୁଝିପାରିବେ ନାହିଁ । ୧୩୪ ଗୋଟି ଶବ୍ଦ ଭିତରେ ସେମାନେ କି ପ୍ରକାର କଥାବାର୍ତ୍ତା କେତେ କାଳ ଚଳାଇ ପାରିବେ ?

ମନେହୋଇପାରେ ଏଭଳି ଘଟଣା ଗୋଟାଏ ବ୍ୟତିକ୍ରମ । ଏହା ସଚରାଚର ସତ୍ୟ ନୁହେଁ । ଅର୍ଥାତ୍ ଅନ୍ୟାନ କ୍ଷେତ୍ରରେ ଏଭଳି ପଢ଼ା ପୋଥିର ଶବ୍ଦଗୁଡ଼ିକର ତୁଳନା କଲେ ଏଥିରୁ ଆହୁରି ବେଶି ଶବ୍ଦର ମେଳ ଦେଖିବାକୁ ମିଳିବ । କିନ୍ତୁ ଦୁର୍ଭାଗ୍ୟର କଥା ଏକଥା ନୁହେଁ । ସ୍ପେନୀୟ ଭାଷାରେ ଦଶଟି ପଢ଼ା ବହିର ସର୍ବମୋଟ ୪୫୦୦ ଶବ୍ଦ ଭିତରୁ ୨୪୯ଟି ଶବ୍ଦ ସାଧାରଣ ଶବ୍ଦ ମିଳିଥିଲା । ବାକୀ ସବୁଗୁଡ଼ିକ ପରସ୍ପର ଠାରୁ ଭିନ୍ନ । ସେହି ସ୍ପେନୀୟ ଭାଷାରେ ୨୬ ଗୋଟି ପଢ଼ା ବହିରେ ୧୩,୦୦୦ ବିଭିନ୍ନ ଶବ୍ଦ ମିଳିଛି ଯେଉଁଗୁଡ଼ିକ ହେଉଛି ମୌଳିକ ସ୍ପେନୀୟ ଶବ୍ଦ । ତେବେ କିଭଳି ସବୁଠାରୁ ଲୋଡ଼ା ଶବ୍ଦଗୁଡ଼ିକୁ ସଜାଡ଼ି ଗୋଟିଏ ଅଭିଧାନ ତିଆରି କରାଯାଇ ପାରନ୍ତା ଯାହା ଫଳରେ ହୁଏତ ଦିନେ ଆମେ ଆମରି ଓଡ଼ିଆଭାଷାକୁ ବିଦେଶୀଙ୍କୁ ଶିଖେଇବାର ସୁବିଧା କରି ପାରନ୍ତେ ? ଅର୍ଥାତ୍ ଏପରି ତ କୌଣସି ଉପାୟ ବାହାର କରାଯାଇ ପାରିବ ନାହିଁ ଯାହା ଫଳରେ କୌଣସି ସଂକଳୟିତାର ମନମଉଜିରେ ନ ପଡ଼ି ଯେ କୌଣସି ଭାଷା ପାଇଁ ମୌଳିକ ଶବ୍ଦ ସଂପଦର ଗୋଟିଏ ତାଲିକା ହୋଇ ପାରିବ ?

ଅବଶ୍ୟ ପ୍ରତ୍ୟେକ ଭାଷାରେ ପ୍ରଥମ ଦଶଟି ଯାଏ ଶବ୍ଦ ବାହାର କରିବା ସହଜ । ଯଥା ଏକ ଠାରୁ ଦଶଯାଏ ସଂଖ୍ୟା, ସର୍ବନାମ ଗୁଡ଼ିକ, ଆଉ ମା, ନିଆଁ, ପ୍ରଭୃତି ବିଶେଷ୍ୟ ପଦ ଆଉ ଶୋଇବା, ରହିବା,ଖାଇବା ଭଳି କେତୋଟି କ୍ରିୟା । କିନ୍ତୁ ତାଲିକାର ଶବ୍ଦ ସଂଖ୍ୟା କେତେ ଶହ ଶବ୍ଦ ହେଲା ମାତ୍ରକେ-ହେବାତ ନିଶ୍ଚୟ-ବିଭିନ୍ନ ସଙ୍କଳୟିତା ବିଭିନ୍ନ ଶବ୍ଦକୁ ଆଣିବାରେ ଲାଗିବେ । କେହି ଯଦି ଭାବିବ ଯେ ସର୍ଜନା କରିବା ବା 'ସରଜିବା' ବା 'ବନାଇବା' ଶବ୍ଦଟା ରହିବା ଅତ୍ୟନ୍ତ ଲୋଡ଼ା; ଆଉ ଜଣେ ହୁଏତ ଭାବିବ 'କରିବା' ଶବ୍ଦଟା ହେଲେ ଚଳିଯିବ । ତେଣୁ 'ବନାଇବା' ବା 'ତିଆରି କରିବା' ଶବ୍ଦ ଲୋଡ଼ା ନାହିଁ, ବରଂ 'ତିଆରି କରିବା'କୁ ତାଲିକାରୁ ବାଦ ଦେଇ ତା ଜାଗାରେ 'ଶିକାର କରିବା' ଲେଖିଲେ ଆହୁରି ଠିକ୍ ହେବ । ଏଭଳି ସଂକଳୟିତା ଭେଦରେ ବିଭିନ୍ନ ଶବ୍ଦ ଯାଇ ଏହି ମୌଳିକ ଶବ୍ଦପଞ୍ଜୀରେ ସ୍ଥାନ ପାଇବ ଓ ଫଳରେ ଉପରେ ଦୃଷ୍ଟାନ୍ତଭାବେ ଦିଆଯାଇଥିବା ଆମେରିକାର ସ୍କୁଲମାନଙ୍କରେ ଷୋହଳଟି ଫରାସୀ ପଢ଼ା ପୋଥିରେ ୧୩୪ ଗୋଟି ମୌଳିକ ଶବ୍ଦ ମିଳିବ, ଆଉ ସ୍ପେନୀୟ ଭାଷାରେ ୨୬ଟି ବହିରେ ୧୩,୦୦୦

Digitized by srujanika@gmail.com

ମୌଳିକ ଶବ୍ଦ ମିଳିବ ଯାହା ଗୋଟାଏ ବିଶାଳ ପାରାବାର ଓ ଯାହା ଶିଖିବା ତେଣୁ କାଠିକର ପାଠ ହୋଇଯିବ । ତେଣୁ ଜଣେ ନୂଆ ଶିଖାଳିକୁ ଏଭଳି ଭାଷାର ଢିଙ୍କି ଗିଳାଇବାକୁ ବସିବା ତ ଅସମ୍ଭବ କଥା ।

ତେବେ ଏଭଳି ଗୋଟିଏ ମୌଳିକ ଶବ୍ଦ ଥିବା ପଢ଼ା ବହି କ'ଣ ତିଆରି ହୋଇ ପାରିବ ନାହିଁ ? ଅଥବା କେଉଁ ଭାଷାର କେଉଁ ଶବ୍ଦ ସବୁଠାରୁ ମୌଳିକ ଏକଥା କଣ ଠିକଣା କରାଯାଇ ପାରିବ ନାହିଁ ? କେଉଁ ଶବ୍ଦଗୁଡ଼ିକ ବହୁତ ବ୍ୟବହାର ହୁଏ ସେଗୁଡ଼ିକ କଣ ବାଛି ହେବ ନାହିଁ ? ଅପେକ୍ଷାକୃତ ଅଲୋଡ଼ା ଶବ୍ଦଗୁଡ଼ିକ ଛାଡ଼ିଦେଇ ହେବ ନାହିଁ ?

ଏହି କାର୍ଯ୍ୟରେ ଗଣିତ ଭାଷାତତ୍ତ୍ୱ ସହାୟ । ବୈଜ୍ଞାନିକ ଭାଷାରେ କହିଲେ ଗାଣିତିକ ସଂଖ୍ୟାତତ୍ତ୍ୱ ଓ ଭାଷା ଶିକ୍ଷାର ସରଳ ପଦ୍ଧତି ହେଉଛି ଏହି ସମସ୍ୟା ସମାଧାନର ଏକମାତ୍ର ସୂତ୍ର ।

ବହୁ-ବ୍ୟବହୃତ ଶବ୍ଦ ଅଭିଧାନ

ବହୁ-ବ୍ୟବହୃତ ଶବ୍ଦ କାହାକୁ କହିବା ? ଯେଉଁ ଶବ୍ଦ ବକ୍ତୃତା, ଭାଷଣରେ ଓ ଲେଖା ଲେଖିରେ ବେଶି ଭାଗ ବାରମ୍ବାର ବ୍ୟବହାରରେ ଆସେ । ଯେତେ ବେଶି ଥର ଶବ୍ଦ ସାଙ୍ଗରେ ଭେଟ ହୁଏ ସେତିକି ତା'ର ବହୁ ବ୍ୟବହାରରେ ଉଚ୍ଚମାନ ଅଛି ବୋଲି ଧରାଯାଏ ।

ସ୍ୱାଭାବିକ ହେଉଛି ଯେ ଯେଉଁ ରକମର ବହିକୁ ଆମେ ଏହି ନମୁନା କରି ନେଉଛୁଁ ସେହି ବହି ଉପରେ ବି ଶବ୍ଦର ବ୍ୟବହାର ନିର୍ଭର କରେ । ଆମେ ଯଦି ଶରୀର ବିଜ୍ଞାନ ବିଷୟରେ ଗୋଟିଏ ବହି ନେଇ ସେଥିରେ ସର୍ବାପେକ୍ଷା ବହୁ ବ୍ୟବହୃତ ଶବ୍ଦକୁ ଖୋଜୁ ତେବେ ବୋଧହୁଏ ପ୍ରଥମ ଶବ୍ଦ ହୋଇ ବାହାରି ଆସିବ 'ଶରୀର' । ଠିକ୍ ସେହି ପରି ଉଦାହରଣ ସ୍ୱରୂପ ଆମେ ଯଦି 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସଟି ନେଉଁ ତେବେ ତାହାର ପ୍ରଥମ ଦଶ ପୃଷ୍ଠାରେ ଯେଉଁ ଶବ୍ଦଗୁଡ଼ିକ ସବୁଠାରୁ ବେଶି ବ୍ୟବହୃତ ଶବ୍ଦ ବୋଲି ଧରା ପଡ଼ିବ ହୁଏତ ମଝି ବା ଶେଷ ଦଶ ପୃଷ୍ଠାରେ ସେ ଗୁଡ଼ିକ ଭିତରୁ ଅଧିକାଂଶ ବେଶି ବ୍ୟବହୃତ ଶବ୍ଦ ହୋଇ ନଥିବେ । ଓଡ଼ିଆ ଭାଷାରେ ଏଭଳି ପରୀକ୍ଷା ତ ଏପର୍ଯ୍ୟନ୍ତ ହୋଇ ନାହିଁ । ତେବେ ପୃଥିବୀର ଅନେକ ଭାଷାରେ ଏଭଳି ପରୀକ୍ଷା ହୋଇଛି । ଉଦାହରଣ ସ୍ୱରୂପ ରୁଷୀୟ ଭାଷାର ଲେଖକକବି ପୁଷ୍କିନଙ୍କର ଗୋଟିଏ ଗଳ୍ପ "କ୍ୟାପଟେନଙ୍କର ଝିଅ" ରେ ଏକଥା ପରଖ କରାଯାଇଥିଲା । ସେହି ଗଳ୍ପରେ 'ଦୁର୍ଗ' ଶବ୍ଦଟି ୯୮ଥର ମିଳିଥିଲା । କିନ୍ତୁ ରୁଷୀୟ ଭାଷାରେ ଆଉ ଗୋଟିଏ

Digitized by srujanika@gmail.com

ସମାନ ସଂଖ୍ୟକ ଶବ୍ଦ ବିଶିଷ୍ଟ ଗଳ୍ପ (ମୋଟା ମୋଟି ୩୦,୦୦୦ ଶବ୍ଦ) ନିଆଯାଇ ଦେଖାଗଲା ଯେ ସେଥିରେ ଅତି ଜୋରରେ 'ଦୁର୍ଗ' ଶବ୍ଦଟି ଥରେ ବା ଦୁଇଥର ବ୍ୟବହୃତ ହୋଇଛି ।

ଏ ତ ଏକ ବିଷମ ସମସ୍ୟା ! ଗୋଟିଏ ନିର୍ଦ୍ଦିଷ୍ଟ ବହିର ଶବ୍ଦ ଚରିତ୍ର ଖାଲି ଦେଖିଲେ ତ ଏ ସମସ୍ୟା ଉପୁଜିବ ହିଁ ଉପୁଜିବ । ତେଣୁ ସର୍ବଶ୍ରେଷ୍ଠ ଉପାୟ ହେଲା, ଅନେକ ଗୁଡ଼ିଏ ବହି ନେବା ଓ ସେହି ବହି ଗୁଡ଼ିକରୁ ବିଭିନ୍ନ ଶବ୍ଦ କେତେଥର ଲେଖାଏଁ ଦେଖା ପଡୁଛନ୍ତି ତାହାର ହିସାବ ନେବା ଓ ସେଥିରେ ଫଳ ମିଶାଇ ଗୋଟିଏ ମୋଟାମୋଟି ବହୁ ବ୍ୟବହୃତ ଶବ୍ଦର ତାଲିକା ଠିଆ କରାଇବା । ଏଭଳି ଯେତେ ବିଭିନ୍ନ ରକମର ବହିର ନିର୍ଦ୍ଦିଷ୍ଟ ୩୦,୦୦୦ ଯାଏ ଶବ୍ଦ ନିଆଯିବ ଓ ସେଥିରୁ ଏଭଳି ମଧ୍ୟମା ବାହାର କରାଯିବ; ତେବେ ବ୍ୟବହାରର ସଂଖ୍ୟା ଅନୁସାରେ କେତେ ଗୁଡ଼ିଏ ବହୁ-ବ୍ୟବହୃତ ଶବ୍ଦ ମିଳିପାରିବ । ଯଦି ମନେକରନ୍ତୁ 'ଦୁର୍ଗ' ଶବ୍ଦଟି ଏଭଳି ସଂଚୟନରେ ଛଣାହୋଇ ନିମ୍ନସ୍ତରରେ ପଡ଼ିଲା ତେବେ ତାହା ଅଳ୍ପ ବ୍ୟବହୃତ ଶବ୍ଦ ହୋଇ ରହିବ । ରୁଷ ଭାଷାରେ ଏଭଳି ୧୩୩ ଗୋଟି ଗଦ୍ୟାଦର୍ଶକୁ ଘେନି ପରୀକ୍ଷା କରିବାର ଦେଖା ଯାଇଛି ଯେ କେବଳ ୧୪ ଗୋଟି ଗଦ୍ୟାଦର୍ଶରେ 'ଦୁର୍ଗ' ଶବ୍ଦଟି ମିଳୁଛି । ତେଣୁ ଏହା ପ୍ରମାଣ କରୁଛି ଯେ 'ଦୁର୍ଗ' ଶବ୍ଦଟି ବହୁ ବ୍ୟବହୃତ ଶବ୍ଦ ଭିତରୁ ଗୋଟିଏ ନୁହେଁ । ତେଣୁ ରୁଷ ଭାଷାରେ ଏକ ବହୁ ବ୍ୟବହୃତ ଶବ୍ଦ କୋଷ ତିଆରିରେ ଏହି ଶବ୍ଦର ସ୍ଥାନ ବହୁତ ପଛରେ ।

ହେଲେ ବିଭିନ୍ନ ଗଦ୍ୟାଦର୍ଶର ସଂଖ୍ୟା ବଢ଼ାଇ ଦେଲେ ଓ ମନେକରନ୍ତୁ ୩୦,୦୦୦ ଶବ୍ଦ ଭିତରେ ଆପଣାର ଗଣନାକୁ ସୀମାବଦ୍ଧ ରଖିଲେ ଗୋଟିଏ ପ୍ରକାର ଫଳ ମିଳିପାରେ । କିନ୍ତୁ ଏହାଠାରୁ ଆହୁରି ବହୁ ସଂଖ୍ୟକ ଶବ୍ଦ ଥିଲା ବହିଗୁଡ଼ିକ ପରୀକ୍ଷା କଲେ ଫଳରେ ପାର୍ଥକ୍ୟ ଆସିପାରେ ।

ଓଡ଼ିଆ ଭାଷାରେ ଆମେ ଏହିଭଳି ପ୍ରକ୍ରିୟା ଘେନି ବହୁ ବ୍ୟବହୃତ ଶବ୍ଦ କୋଷ ତିଆରି କରିନାହୁଁ । କିନ୍ତୁ ପୃଥିବୀର ବହୁ ଭାଷାରେ ଯଥା ଇଂରାଜି, ଜର୍ମାନ, ରୁଷ, ପୋଲ, ଚେକ, ପର୍ତ୍ତୁଗିଜ, ସ୍ପେନୀୟ ଇତ୍ୟାଦି ଭାଷାମାନଙ୍କରେ ଏଭଳି ଶବ୍ଦ କୋଷମାନ ତିଆରି ହେଲାଣି ।

ସ୍ପେନୀୟ ଭାଷାର ଏହି ବହୁବ୍ୟବହୃତ ଶବ୍ଦ କୋଷର ସଙ୍କଳୟିତା ହେଉଛନ୍ତି ଗାରସିଆ ହୋଜ୍ । ସେ ପ୍ରାୟ ଚାରି ଲକ୍ଷ ସ୍ପେନୀୟ ଶବ୍ଦକୁ ବିଭିନ୍ନ ଗଦ୍ୟାଦର୍ଶରୁ ପରୀକ୍ଷା କରି ଏହି ପୋଥି ସଙ୍କଳନ କରିଛନ୍ତି । ଠିକ୍ ସେପରି ଚେକ୍ ଭାଷାରେ ଦୁଇ ଲକ୍ଷ ଶବ୍ଦରୁ , ପୋଲ ଭାଷାରେ ୭ ଲକ୍ଷ ଶବ୍ଦରୁ, ଫରାସୀ ଭାଷାରେ ପନ୍ଦର ଲକ୍ଷ

Digitized by srujanika@gmail.com

ଶବ୍ଦରୁ ଜର୍ମାନ ଭାଷାରେ ଏକ କୋଟି ଅଣି ଲକ୍ଷ ଶବ୍ଦରୁ ଓ ଶେଷରେ ଇଂରାଜି ଭାଷାରେ ଏକ କୋଟି ଅଣି ଲକ୍ଷ ଶବ୍ଦରୁ ବଛା ହୋଇ ଏଭଳି ଶବ୍ଦ କୋଷ ତିଆରି କରାଯାଇଛି ।

ଏହି ବହୁ ବ୍ୟବହୃତ ଶବ୍ଦକୋଷରେ ସାଧାରଣତଃ ଯେଉଁ ଶବ୍ଦଗୁଡ଼ିକ ସବୁଠାରୁ ଅଧିକ ବ୍ୟବହୃତ, ସେଗୁଡ଼ିକୁ ସବା ଆଗ ସ୍ଥାନ ଦିଆଯାଇ ତା'ପଛକୁ ଅପେକ୍ଷାକୃତ ଅଳ୍ପ ବ୍ୟବହୃତ ଶବ୍ଦର ସ୍ଥାନ ସ୍ଥିର କରାଯାଇଥାଏ । ପୃଥିବୀରେ ଏହି ଧରଣର ସବୁଠାରୁ ବଡ଼ ଶବ୍ଦକୋଷ ହେଉଛି ଅର୍ଥଡ଼ାଇକ ଓ ଲର୍ଜଙ୍କର ଇଂରାଜି ଭାଷାର ଅଭିଧାନ ବହି । ପ୍ରାୟ ଏକ କୋଟି ଅଣି ଲକ୍ଷ ଶବ୍ଦ ଭିତରୁ ବଛା ହୋଇ ଯେଉଁ ଶବ୍ଦମାନେ ଚାରି ବା ତତୋଧିକ ଥର ବ୍ୟବହୃତ ହୋଇଛନ୍ତି ଏଭଳି ତିରିଶ ହଜାର ଶବ୍ଦ ଏହି ଅଭିଧାନରେ ସ୍ଥାନ ପାଇଛି ।

ରୁଷ ଭାଷାରେ ପ୍ରାୟ ଦଶ ଲକ୍ଷ ଶବ୍ଦକୁ ୧୩୩ ଗୋଟି ଗଦ୍ୟାଦର୍ଶ ଭିତରୁ ପରୀକ୍ଷାକରି ତେର ବା ତତୋଧିକ ଥର ବ୍ୟବହୃତ ହୋଇଥିବା ୫୨୩୦ ଗୋଟି ଶବ୍ଦକୁ ରୁଷର ବହୁ ବ୍ୟବହୃତ ଶବ୍ଦ କୋଷରେ ସ୍ଥାନ ଦିଆଯାଇଛି ।

ପଢ଼ା ବହିର ଶବ୍ଦ କ'ଣ ହେବ ?

ପରିସଂଖ୍ୟାନର ସାହାଯ୍ୟ ନେଇ ଆମେ ସବୁଠାରୁ ବେଶି ଦେଖା ପଡୁଥିବା ଓ ସବୁଠାରୁ ଲୋଡ଼ା ଶବ୍ଦଗୁଡ଼ିକ ବାଛି ପାରିଲୁ ।

ତେବେ ଆମର ସର୍ବନିମ୍ନ ଶବ୍ଦ ଭଣ୍ଡାର ଲାଗି ଆମ ପାଇଁ କେତୋଟି ଶବ୍ଦ ହେଲେ ଚଳିବ ? ଇଂରାଜି ଭାଷାର ଶିକ୍ଷକଙ୍କର ବହୁ ବ୍ୟବହୃତ ଭାଷାକୋଷରେ ଏଭଳି ୩୦,୦୦୦ ଶବ୍ଦ ଦେଖିବାକୁ ମିଳିବ । କିନ୍ତୁ ମୌଳିକ ଶବ୍ଦ ତାଲିକାରେ ଏହି ତିରିଶ ହଜାର ଶବ୍ଦ ଲୋଡ଼ା ପଡ଼ିବେ ନାହିଁ । ତେବେ କେତେ ହଜାର ହେଲେ ଚଳିବ, ସେକଥା କିପରି ସ୍ଥିର କରାଯିବ ?

ମନଇଚ୍ଛା ଏକ, ଦୁଇ, ତିନି ବା ଚାରି ହଜାର ଶବ୍ଦ ନେବାରୁ ରକ୍ଷା ପାଇବାକୁ ହେଲେ ଆମକୁ ପୁଣି ପରିସଂଖ୍ୟାନର ସାହାଯ୍ୟ ନେବାକୁ ପଡ଼ିବ । ଭାଷା ଭିତରେ ସବୁଠୁଁ ଲୋଡ଼ା ଶବ୍ଦଗୁଡ଼ିକ ବାସ୍ତବ କ୍ଷେତ୍ରରେ କେତେ ତାହା ବାହାର କରିବାକୁ ପଡ଼ିବ । କିନ୍ତୁ ଆମେ ଯଦି ମନଇଚ୍ଛା ଶବ୍ଦର ସଂଖ୍ୟାକୁ ସ୍ଥିର କରିନେଉ ତେବେ ତ ପୁଣି ଅଡୁଆ ହୋଇଯିବ ।

ତେଣୁ ପୁଣି ଗଣିତର ଆଶ୍ରା ନେବାକୁ ପଡ଼ିବ । ରୁଷ ଭାଷାରେ ପୂର୍ବରେ କୁହାଯାଇଥିବା ପୁସ୍କିନଙ୍କର 'କପ୍ତନର ଝିଅ' ଗଳ୍ପରେ 'ମୁଁ' ଏହି ସର୍ବନାମ ୨୯୦୦୦ ଶବ୍ଦ ଭିତରେ ୧୧୬୦ ଥର ଦେଖା ଦେଇଛି । ତେଣୁ ପ୍ରତି ପଚିଶ ଶବ୍ଦରେ ଥରେ

Digitized by srujanika@gmail.com

ଲେଖାଏଁ 'ମୁଁ' ଶବ୍ଦଟି ପଡ଼ିଛି । ଏହି ପରୀକ୍ଷା କରିଥିବା ଗବେଷକ ୟୁ. ମାର୍କୋଭ ଦର୍ଶାଇଛନ୍ତି ଯେ ଗଳ୍ପଟିରେ ଲେଖକଙ୍କର ବ୍ୟବହୃତ ଅଂଶ ଭିତରେ ଭାଷାର ଗଢ଼ଣ-ସୂଚକ ଶବ୍ଦ ଭିତରୁ ଶତକଡ଼ା ୩୫.୩ ଆସିଛି ଖୋଦ୍ ଲେଖକଙ୍କର ବର୍ଣ୍ଣନା ଭିତରେ ଓ ୪୫.୯% ଆସିଛି ଗଳ୍ପର ବିଭିନ୍ନ ଚରିତ୍ରଙ୍କର କଥା ବା ବକ୍ତବ୍ୟରେ ।

ପ୍ରତ୍ୟେକ ଜାତୀୟ ଶବ୍ଦ ଭଣ୍ଡାର ଭିତରେ କେତେଗୁଡ଼ିଏ ମନପୋଲି ଶବ୍ଦ ଅଛି; ସେଗୁଡ଼ିକ କେବଳ ଭାଷା ଗଢ଼ଣ ପାଇଁ ଲୋଡ଼ା ଶବ୍ଦ ନୁହେଁ । ପ୍ରତ୍ୟେକ ଗଦ୍ୟାଦର୍ଶ ଭିତରେ ଅୟୁତ ଅୟୁତ ବିରଳ ଶବ୍ଦ ଅଛି ଯେଉଁମାନେ ଥରେ ବା ଦୁଇଥରରୁ ବେଶି ବ୍ୟବହାରରେ ଲୋଡ଼ା ପଡ଼ନ୍ତି ନାହିଁ । ତେଣୁ କୌଣସି ଭାଷାକୁ ମୋଟାମୋଟି ଆଲୋଚନା କଲେ ସେଥିରେ ବାରମ୍ବାର ବ୍ୟବହୃତ ହେଉଥିବା ଶବ୍ଦର ସଂଖ୍ୟା ଅଳ୍ପ ବୋଲି ଜଣାପଡ଼େ । ଏହାର ବୈଜ୍ଞାନିକ ଅର୍ଥ ହେଲା ବିଭିନ୍ନ ଶବ୍ଦର ବିଭିନ୍ନ ପରିମାଣର ଗଦ୍ୟାଦର୍ଶ ପଠନର କ୍ଷମତା ବା ଦକ୍ଷତା ରହିଛି ।

ହିସାବରୁ ଜଣାଯାଇଛି ଯେ କୌଣସି ଇଂରାଜି ଗଦ୍ୟାଦର୍ଶ ଭିତରେ ଶତକଡ଼ା ୭୫ ଶବ୍ଦ ହେଉଛନ୍ତି ୭୩୬ଟି ଶବ୍ଦ । ଏହାର ଅର୍ଥ ହେଲା ଯଦି ଆମେ ୭୩୬ଟି ଇଂରାଜି ଶବ୍ଦ ଆୟତ୍ତ କରି ନେଇପାରୁ ତେବେ ଆମେ ଯେ କୌଣସି ଇଂରାଜି ଗଦ୍ୟାଦର୍ଶରେ ତିନି ଚଉଠ ଶବ୍ଦ ସହିତ ପରିଚିତ ହୋଇପାରିବା । ସବୁ ଇଂରାଜି ଗଦ୍ୟାଦର୍ଶର ଶତକଡ଼ା ୮୦.୫ ଶବ୍ଦକୁ ଇଂରାଜି ଭାଷାର ବହୁ ବ୍ୟବହୃତ ହଜାରେଟି ଶବ୍ଦରେ ବୁଝି ହୋଇଯିବ । ସେହିପରି ହଜାରେଟି ଶବ୍ଦରେ ଫରାସୀ ଗଦ୍ୟାଦର୍ଶରେ ଶତକଡ଼ା ୮୩.୫, ସ୍ପେନୀୟ ଗଦ୍ୟାଦର୍ଶରେ ଶତକଡ଼ା ୮୧ ଶବ୍ଦ ବୁଝା ପଡ଼ିବ । ଇଂରାଜି ଭାଷାର ଦୁଇ ହଜାର ସବୁଠାରୁ ସାଧାରଣ ଶବ୍ଦ ଆୟତ୍ତ କରି ପାରିଲେ ଯେ କୌଣସି ଇଂରାଜି ଗଦ୍ୟାଦର୍ଶର ଶତକଡ଼ା ୮୬ ଶବ୍ଦ ଆୟତ୍ତରେ ଆସିବ । ତିନି ହଜାର ହେଲେ ଶତକଡ଼ା ୯୦ ଓ ପାଞ୍ଚ ହଜାର ହେଲେ ଶତକଡ଼ା ୯୩.୫ । ଏହାର ଅର୍ଥ ହେଲା ଯେ ଯଦି ଆମେ ୫୦୦୦ ସବୁଠୁଁ ବହୁବ୍ୟବହୃତ ଇଂରାଜି ଶବ୍ଦରେ ଦଖଲ ରଖୁଁ ତେବେ କୌଣସି ତିନି ଶହ ଶବ୍ଦ ସମ୍ବଳିତ ଗୋଟିଏ ଇଂରାଜି ବହିର ଗୋଟିଏ ପୃଷ୍ଠାରୁ ତିନି ଶହ ଶବ୍ଦ ଭିତରୁ ୨୮୧ ଗୋଟି ଶବ୍ଦ ବୁଝିପାରିବୁ ଓ କେବଳ ୧୯ଟି ଶବ୍ଦ ଆମର ପରିଚୟର ବାହାରେ ରହିଯିବ । ତେବେ ଇଂରାଜି ଶିଖୁଥିବା ଜଣେ ବିଦେଶୀ ଲୋକ ପ୍ରାୟ ପାଞ୍ଚ ହଜାର ବଛା ବଛି ଶବ୍ଦ ଆୟତ୍ତ କଲେ ଯେ କୌଣସି ଇଂରାଜି ଗଦ୍ୟାଦର୍ଶ ପଢ଼ି ବୁଝି ପାରିବ ।

ଶତକଡ଼ା ୯୩.୫ ସିନା ହେଲା, ତେବେ ବି ୬.୫% ରହିଗଲା । ତେବେ ଆମେ ଏହି ଶବ୍ଦର ତାଲିକା ଆଉ ଟିକିଏ ବଢ଼ାଇଲେ କଣ ହେବ ? ଯଦି ଆମେ

Digitized by srujanika@gmail.com

୫୦୦୦ ଶବ୍ଦ ସ୍ଥଳରେ ୧୦,୦୦୦ ଶବ୍ଦକୁ ଆୟତ୍ତ କରୁଁ ତେବେ ଏହି ଶତକଡ଼ା ୯୩.୫ ବୃଦ୍ଧି ପାଇ ଶତକଡ଼ା ୯୫.୪ ହେବ । ତେଣୁ ଆମେ ଶବ୍ଦ ଭଣ୍ଡାର ଦୁଇଗୁଣ ବଢ଼ାଇଲେ ବି କେବଳ ଶତକଡ଼ା ୨.୯ ପର୍ଯ୍ୟନ୍ତ ଶବ୍ଦ ପରିଚୟ ବଢ଼ାଇ ପାରିଲେ ।

ଏଇଟା ଇଂରାଜି ଭାଷାର ବିଶେଷ ଚରିତ୍ର ଲକ୍ଷଣ ନୁହେଁ । ଊଣାଅଧିକେ ସବୁ ଭାଷାରେ ଏହାହିଁ ମୋଟା ମୋଟି ଅବସ୍ଥା । ସବୁଠାରୁ ବହୁ ବ୍ୟବହୃତ ଶବ୍‌ଦରୁ ୩୦୦ ଯାଏ ଶବ୍‌ଦ ଯେ କୌଣସି ଭାଷାର ଗଦ୍ୟାଦର୍ଶର ଶତକଡ଼ା ୬୫ ଶବ୍‌ଦକୁ ଆପଣା ସୀମା ଭିତରେ ନେଇଯିବେ । ୫୦୦ ଶବ୍‌ଦ ହେଲେ ଶତକଡ଼ା ୭୦ ଯାଏ ସୀମାର ପରିଧି ଭିତରକୁ ଆସିଯିବ । ୧୦୦୦ ଶବ୍‌ଦ ଶିଖିଲେ ଶତକଡ଼ା ୮୦ ଯାଏ ଗଦ୍ୟାଦର୍ଶ ଆୟତ୍ତ କରିହେବ । ଆହୁରି ଏକ ହଜାର ଶବ୍‌ଦ ବଢ଼ାଇ ପାରିଲେ ଆହୁରି ମାତ୍ର ଶତକଡ଼ା ୬ ଅର୍ଥାତ୍ ୮୬% ଯାଏ ପଦ୍ୟାଦର୍ଶ ଦଖଲରେ ହିଁ ଆସିବ । (ଇଂରାଜି ୬.୧% ଫରାସି ୫.୯% ଜର୍ମାନ ୫.୬%) ଆହୁରି ଏକ ହଜାର ବହୁବ୍ୟବହୃତ ଶବ୍‌ଦ ଏହି ତାଲିକାରେ ଯୋଡ଼ିଲେ ଅର୍ଥାତ୍ ଶବ୍‌ଦ ଭଣ୍ଡାର ୩୦୦୦ ହେଲେ ଆଉ ଶତକଡ଼ା ୩ ଆୟତ୍ତରେ ଆସିବ, ଶବ୍‌ଦ ଭଣ୍ଡାର ୪୦୦୦ ହେଲେ ଆଉ ଶତକଡ଼ା ୨ ଓ ୫୦୦୦ ହେଲେ ତାହାପରେ ଶତକଡ଼ା ୧ ଯାଏ ଆସିବ । ତେଣୁ ମୋଟ ଉପରେ ଗଣିତ ବିଦେଶୀ ଭାଷା ଶିକ୍ଷକକୁ କେବଳ ସବୁଠାରୁ ବେଶି ବ୍ୟବହୃତ ଶବ୍‌ଦର ଗୋଟାଏ ତାଲିକା ଦେଇ ଚୁପ ରହେ ନାହିଁ , ଗଣିତ ଆଉ ମଧ କହିଦିଏ କେତେ ସର୍ବନିମ୍ନ ଶବ୍‌ଦ ହେଲେ ଚଳିବ । ତେଣୁ ଭାଷା ଶିକ୍ଷାବିଦ୍ ବିଶାରଦ ଏପରି ସ୍ଥଳେ କିଭଳି ପଢ଼ା ପୋଥି ତିଆରି କଲେ ସବୁଠାରୁ କମ୍ ସଂଖ୍ୟାର ଶବ୍‌ଦ ନେଇ କାମ ଚଳାଇ ପାରିବ ତାହା ସ୍ଥିର କରିପାରେ । ଏସବୁ କାର୍ଯ୍ୟଗୁଡ଼ିକ ଭାଷା ଶିକ୍ଷା ବିଶାରଦର କାମ । ଏହା ଗଣିତ ବା ଗଣିତଜ୍ଞର କାମର ବାହାରେ । ଅବଶ୍ୟ ଗଣିତ ଖାସ୍ ପ୍ରଣାଳୀ ନିର୍ଣ୍ଣୟ କରିବାର ସମସ୍ୟା ସମାଧାନ କରିବାରେ ଓ କିପରି ବିଦେଶୀ ଭାଷାର ଉଚ୍ଚାରଣ ଅଭ୍ୟାସ କରିବାକୁ ହେବ ସେ ବିଷୟରେ ମଧ ପଦ୍ଧତି ଯୋଗାଇ ଦେଇପାରେ ।

.କଥାଭାଷା ପାଇଁ ଏକ ମୌଳିକ ଶବ୍ଦ ତାଲିକା

ଗୋଟିଏ ଭାଷା ଜାଣିବା ଅର୍ଥ ହେଲା ସେହି ଭାଷାରେ କଥା କହିବାର ଦକ୍ଷତା । ଗୋଟିଏ ବିଦେଶୀ ଭାଷାରେ ସ୍ୱଚ୍ଛନ୍ଦ ଭାବରେ କଥା କହିବାକୁ ହେଲେ ଅବଶ୍ୟ ନାନା ରକମ ଅସୁବିଧା ପାର ହେବାକୁ ପଡ଼େ । ଯଥା ମାତୃଭାଷାର ଅଭ୍ୟାସରୁ ମୁକ୍ତି । ବିଦେଶୀ ଭାଷାର ଧ୍ୱନିଗୁଡ଼ିକ ଉପରେ ଦଖଲ, ବ୍ୟାକରଣଗତ ରଚନା ଓ ଠିକ୍ ଠିକ୍ ବାକ୍ୟବିନ୍ୟାସ ପଦ୍ଧତିକୁ ଆୟତ୍ତ କରିବା ଇତ୍ୟାଦି ଇତ୍ୟାଦି । ତେବେ କଥନ ପାଇଁ

Digitized by srujanika@gmail.com

ଲିଖନ ଭଳି ପ୍ରଥମ କଥା ହେଲା ଏକ ଶବ୍ଦ ଭଣ୍ଡାର ହାସଲ କରିବା । ସବୁବେଳେ କଥା କହିବାକୁ ହେଲେ ଶବ୍ଦଗୁଡ଼ିକ ଜିଭ ଅଗରେ ଥିବା ଲୋଡ଼ା । ଲିଖନ ବେଳେ ଯଦି ନ ପଇଟିଲେ ଅଭିଧାନ ଦେଖିଲେ ଚଳିବ କିନ୍ତୁ କଥନ ବେଳେ ତ ଅଭିଧାନ ଦେଖି ହେବ ନାହିଁ ।

କଥାବାର୍ତ୍ତା ପାଇଁ କଣ ଏକ ଶବ୍ଦକୋଷ ତିଆରି କରିବା ସମ୍ଭବ ? ହଁ ନିଶ୍ଚୟ ସମ୍ଭବ । ପ୍ରକୃତରେ ଏକଥା ମନେ ହୋଇପାରେ ଯେ ଏଭଳି ଅଭିଧାନରେ ଶବ୍ଦଗୁଡ଼ିକ ଯଥାସମ୍ଭବ ପୋଥିଗତ ଶବ୍ଦ ହୋଇ ନଥିବ, ସେଗୁଡ଼ିକ କଥାବାର୍ତ୍ତାର ଶବ୍ଦ ହୋଇଥିବ । ତେଣୁ କଥାବାର୍ତ୍ତା ଶବ୍ଦକୋଷ ଭିତରେ ପୋଥିଗତ ଶବ୍ଦକୁ ଯଥା ସମ୍ଭବ ବାଦ ଦେବା ହିଁ ପ୍ରଧାନ ଲକ୍ଷ୍ୟ ହେବା ଉଚିତ ।

ଏହି ଧାରଣାକୁ ପରଖ କରାଯାଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାରେ ଗୋଟିଏ ପ୍ରୟୋଗ ପରୀକ୍ଷାରେ ୬୦୭ ଗୋଟି କଥାବାର୍ତ୍ତା ୨୭୪ ଜଣ କଲେଜ ଛାତ୍ରଙ୍କ ମୁହଁରୁ ଟେପରେକର୍ଡ଼ କରାଯାଇଥିଲା । ଏ ରେକର୍ଡ଼ଗୁଡ଼ିକ ଉକ୍ତ ଛାତ୍ରମାନଙ୍କୁ ନ ଜଣାଇ କରାଯାଇଥିଲା । କାରଣ ସେମାନେ ଜାଣିପାରିଥିଲେ ହୁଏତ ଅସ୍ୱାଭାବିକ ଢ଼ଙ୍ଗରେ କଥାବାର୍ତ୍ତା କରିଥାଆନ୍ତେ ଓ ସେମାନଙ୍କର କଥାବାର୍ତ୍ତାରେ ପୋଥି ଶବ୍ଦ, ବକ୍ତୃତା ଢ଼ଙ୍ଗ ଓ ଅନ୍ୟାନ୍ୟ ସେହି ଧରଣର ଅଲୋଡ଼ା ଶବ୍ଦ ଆସିଯାଇ ଥାଆନ୍ତା ।

ଏହି ପ୍ରୟୋଗ ପରୀକ୍ଷା ଫଳରେ ଦେଖାଗଲା ଯେ ପ୍ରଥମ ପାଞ୍ଚଶହ ଶବ୍ଦ ଭିତରେ ମାତ୍ର ପାଞ୍ଚୋଟି ଶବ୍ଦ ରହିଛି ଯେଉଁଗୁଡ଼ିକୁ ପୋଥିଗତ ଶବ୍ଦ ବା ପୋଥି ଶବ୍ଦ ବୋଲି କୁହାଯାଆନ୍ତା । ପ୍ରଥମ ହଜାରେ ଶବ୍ଦରେ ଏଭଳି ପୋଥିଗତ ଶବ୍ଦ ହେଲା ୩୫ଟି ; ଦୁଇ ହଜାର ଶବ୍ଦରେ ବା ଦ୍ୱିତୀୟ ହଜାରକ ଶବ୍ଦରେ ପୋଥିଗତ ଶବ୍ଦର ସଂଖ୍ୟା ହେଲା ୧୭୮ ଓ ପାଞ୍ଚ ହଜାର ଶବ୍ଦ ଭିତରେ ପୋଥିଗତ ଶବ୍ଦ ହେଲା ୧୫୦୦ । ଏଥିରୁ ଏହା ହିଁ ପ୍ରମାଣ ମିଳିଲା ଯେ ଯେତେ ବାଛିଲେ ବି ପୋଥିଗତ ଶବ୍ଦ କୌଣସି କଥାବାର୍ତ୍ତା ଶବ୍ଦକୋଷ ଭିତରେ ଏକ ତୃତୀୟାଂଶ ଭାଗ ସ୍ଥାନ ଅଧିକାର କରିବ ।

ତେବେ କଥା ହେଉଛି ଏହି ୩୫୦୦ ଶବ୍ଦ (ପୋଥିଗତ ଶବ୍ଦ ବାଦ ଯାଇ) ଜାଣିଲେ ଜଣେ କଣ ଇଂରାଜି ଭାଷାରେ ସ୍ୱଚ୍ଛନ୍ଦରେ କଥାବାର୍ତ୍ତା ଚଳାଇ ପାରିବ ?

ହିସାବରୁ ଜଣାଯାଇଛି ଯେ ମାତ୍ର ୨୦୦୦ ଶବ୍ଦ ଜାଣିବା ଯଥେଷ୍ଟ । କଥାବାର୍ତ୍ତାର ଗଦ୍ୟାଦର୍ଶ ତିଆରିର କ୍ଷମତା ଲିଖିତ ଭାଷାର ଗଦ୍ୟାଦର୍ଶ ତିଆରି କ୍ଷମତା ଠାରୁ ବି ବେଶି । ପ୍ରଥମ ପର୍ଯ୍ୟାୟର ଏକ ହଜାର ଶବ୍ଦ ଆୟତ୍ତକୁ ଆସିଲେ ଜଣେ ଲୋକ ଶତକଡ଼ା ୯୦ କଥିତ ଭାଷାରେ ଦଖଲ ଆଣି ପାରିବ । (ଆଗରୁ କୁହାଯାଇଛି ଲିଖିତ ଭାଷାରେ ଏତକ ହାସଲ ହେଲେ ଶତକଡ଼ା ୮୦ ଦଖଲ ଆସି ପାରିବ) ।

Digitized by srujanika@gmail.com

ଦୁଇହଜାର କଥାବାର୍ତ୍ତାର ଶବ୍ଦ ଆୟତ୍ତରେ ଆସିଲେ ଶତକଡ଼ା ୯୫ କଥିତ ଭାଷାକୁ ଦଖଲରେ ଆଣି ହେବ । ଲିଖିତ ଶବ୍ଦ କ୍ଷେତ୍ରରେ ୫୦୦୦ ଶବ୍ଦ ଥିଲେ ଲିଖିତ ଭାଷାର ଶତକଡ଼ା ୯୫ ଦଖଲରେ ଆସିପାରିବା କଥା ଆଗରୁ ଦର୍ଶାଯାଇଛି । ଏହାର ଅର୍ଥ ହେଉଛି କଥାବାର୍ତ୍ତାର ଶବ୍ଦ ଭିତରୁ ପ୍ରଥମ ଦୁଇ ହଜାର କଥାବାର୍ତ୍ତା ପାଇଁ ଯେତିକି କାମ ଦେବ, ଲିଖିତ ଭାଷାର ଶବ୍ଦ ଭିତରୁ ପାଞ୍ଚହଜାର ଲେଖା ଗଦ୍ୟାଦର୍ଶ ପାଇଁ ସେତିକି କାମ ଦେବ । ମାଇକେଲ ଓୟେଷ୍ଟ ନାମକ ଭାଷାବିତ୍‌ଙ୍କର ମତରେ ଇଂରାଜି ଭାଷା ପାଇଁ ଏକ କଥନ ଶବ୍ଦକୋଷ ମାତ୍ର ନିମ୍ନଲିଖିତ ଶବ୍ଦ ସଂଖ୍ୟା ଦ୍ୱାରା ଅକ୍ଳେଶରେ ତିଆରି ହୋଇଯିବ ।

ପରୀରାଇଜ ଭଳି ପୁରାଣ ଗପକାହାଣୀ କହିବା ଲାଗି ମାତ୍ର ପାଞ୍ଚଶହ ଇଂରାଜି ଶବ୍ଦ ଯଥେଷ୍ଟ । ଏଭଳି କାହାଣୀକୁ ଟିକିଏ ବଢ଼େଇ କରି ବର୍ଣ୍ଣନାରେ ସଜାଇ କହିଲେ ସାତଶହ ପଚାଶ ଶବ୍ଦ ହେଲେ ଚଳିବ । ଦୁଃସାହସିକ କାହାଣୀ କହିବା ପାଇଁ ୧୪୦୦ ଯାଏ କଥିତ ଭାଷାର ଶବ୍ଦ ଲୋଡ଼ା ପଡ଼େ । ଆଉ ତିନିହଜାର କଥାବାର୍ତ୍ତାର ଶବ୍ଦରେ ଦଖଲଥିଲେ ସାହିତ୍ୟର ଯେକୌଣସି କଥା ବା କାହାଣୀକୁ ବର୍ଣ୍ଣନା ବିଚିତ୍ରତା ସଙ୍ଗେ ଅକ୍ଳେଶରେ କୁହାଯାଇ ପାରିବ ।

ଲେଖକର ଶବ୍ଦକୋଷ

ଲେଖକମାନଙ୍କର ଶବ୍ଦକୋଷର ଅଭିଧାନ ଅନେକ କାଳରୁ ପ୍ରଚଳନ ହେଲାଣି । ଏହି ଅଭିଧାନରେ ନିର୍ଦ୍ଦିଷ୍ଟ ଲେଖକ ଆପଣା ଲେଖାରେ ଯେଉଁ ଶବ୍ଦ ବ୍ୟବହାର କରନ୍ତି ତାହା ସନ୍ନିବିଷ୍ଟ ହୋଇଥାଏ । ଯେତେବେଶି ଶବ୍ଦ ସେ ବ୍ୟବହାର କରନ୍ତି, ସେତେ ତାଙ୍କର ଶବ୍ଦଭଣ୍ଡାର ସମୃଦ୍ଧ ବୋଲି ଧରାଯାଏ ।

ଇଂରାଜି କବି ମିଲଟନ ଆପଣାର କବିତା ଓ ଲେଖାରେ ୮୦୦୦ ବିଭିନ୍ନ ଶବ୍ଦ ବ୍ୟବହାର କରିଛନ୍ତି । କବିବର ଦାନ୍ତେ ତାଙ୍କର ‘ଡ଼ିଭାଇନ କମେଡ଼ି’ ନାମକ ବିଖ୍ୟାତ କବିତା ପୋଥିରେ ୫୮୬୦ ଗୋଟି ଶବ୍ଦ ବ୍ୟବହାର କରିଛନ୍ତି । ଆରିଷ୍ଟୋ ନାମକ ଲାଟିନ ଲେଖକ ତାଙ୍କର ସ୍ୱନାମଧନ୍ୟ ବହି ‘ଓରଲାଣ୍ଡୋ ଫିଉରିଓସୋ’ରେ ୮୪୭୪ଟି ବିଭିନ୍ନ ଶବ୍ଦ ଖଟାଇ ଥିଲେ । ହୋମରଙ୍କର ପଦ୍ୟାବଳିରେ ୯୦୦୦ ଯାଏ ଶବ୍ଦ ଦେଖିବାକୁ ମିଳେ । ସେକ୍‌ସପିଅର ୧୫୦୦୦ ବିଭିନ୍ନ ଶବ୍ଦ ପ୍ରୟୋଗ କରିଥିଲେ (କେତେକ ସଂଗ୍ରାହକଙ୍କର ହିସାବ ଯେ ସେ ୨୪୦୦୦ ଶବ୍ଦ ବ୍ୟବହାର କରିଛନ୍ତି) । ରୁଷୀୟ କବି ପୁଷ୍କିନ ୨୧୦୦୦ ବିଭିନ୍ନ ଶବ୍ଦ ଆପଣା ଲେଖାରେ ନିୟୋଗ କରିଛନ୍ତି ।

ସାଧାରଣ ଲୋକଙ୍କର ଶବ୍ଦ ବ୍ୟବହାର ସହିତ ମହାନ୍ ଲେଖକମାନଙ୍କର ଶବ୍ଦ ବ୍ୟବହାରର ତୁଳନା ବେଶ ଚମକପ୍ରଦ । ମନସ୍ତତ୍ତ୍ୱବିତ୍‌ମାନେ ଦାବିକରନ୍ତି ଯେ

Digitized by srujanika@gmail.com

ଗୋଟିଏ ଛୋଟ ପିଲା ୩୬୦୦ ଶବ୍ଦ ପ୍ରୟୋଗ କରେ, ୧୪ ବର୍ଷର ଗୋଟିଏ ପିଲାର ଶବ୍ଦ କୋଷରେ ୯୦୦୦ ଯାଏ ଶବ୍ଦ ସାଧାରଣତଃ ଥାଏ । ଜଣେ ବୟସ୍କ ଲୋକ ୧୧୭୦୦ ଠାରୁ ୧୩୦୦୦ ଯାଏ ଶବ୍ଦ ବ୍ୟବହାର କରିଥାଏ ।

ତେବେ, ଦାନ୍ତେ ଯେ 'ଡ଼ିଭାଇନ କମେଡ଼ି' ନାମକ ତାଙ୍କର ବିଶ୍ୱବରେଣ୍ୟ ବହିରେ ମାତ୍ର ୫୮୬୦ଟି ଶବ୍ଦ ପ୍ରୟୋଗ କରିଥିଲେ । ଏଥିରୁ କି ବୁଝାଯିବ ଦାନ୍ତେଙ୍କୁ ମାତ୍ର ଏହି ୫୮୬୦ଟି ଶବ୍ଦରୁ ଆଉ ବେଶି ଜଣା ନଥିଲା ? ନା ତାହା ନୁହେଁ । ପ୍ରକୃତ ପକ୍ଷରେ ଏହି ମହାନ୍ ଫ୍ଲୋରେନସ୍‌ବାସୀ କବି ଅୟୁତ ଅୟୁତ ଶବ୍ଦ ଜାଣିଥିଲେ କିନ୍ତୁ ଏହି ନିର୍ଦ୍ଦିଷ୍ଟ ମହାକାବ୍ୟରେ ସେ ଆପଣାର ଶବ୍ଦକୋଷରୁ ଗୋଟିଏ ଅଂଶ ହିଁ ବ୍ୟବହାର କରିଥିଲେ । ଏହି ଅଂଶଟିକୁ 'ଦାନ୍ତେଙ୍କର ଶବ୍ଦଭଣ୍ଡାର' କହନ୍ତି ।

କୌଣସି ଲେଖକର ଶବ୍ଦକୋଷକୁ ଏକ ବହୁବ୍ୟବହୃତ ଶବ୍ଦ ଅଭିଧାନରେ ପରିଣତ କରିବା ସମ୍ଭବ । ଏଥିରୁ ଜଣାପଡ଼େ ଜଣେ ନିର୍ଦ୍ଦିଷ୍ଟ ଲେଖକ ଏକ ନିର୍ଦ୍ଦିଷ୍ଟ ଶବ୍ଦକୁ କେତେ କେତେ ଥର ବ୍ୟବହାର କରିଛନ୍ତି । ଏଭଳି ବହୁ ବ୍ୟବହୃତ ଶବ୍ଦ ଅଭିଧାନ ତିଆରି ଗୋଟିଏ ସାଧାସିଧା ଲେଖକର ଶବ୍ଦକୋଷ ଅଭିଧାନ ତିଆରି ଠାରୁ କଷ୍ଟକର । ଏଥିରେ ବହୁ ପରିଶ୍ରମ, ମେଳକ, ପରିସଂଖ୍ୟାନ ହିସାବ ଲୋଡ଼ାପଡ଼େ । ରୁଷ ଭାଷାରେ ରୁଷୀୟ କବି ପୁଷ୍କିନଙ୍କର ଏଭଳି ଏକ ବହୁବ୍ୟବହୃତ ଶବ୍ଦକୋଷ ଅଭିଧାନ ତିଆରି କରାଯାଇଛି । ଏଥିରୁ ମୋଟାମୋଟି ଜଣାପଡ଼ିଛି ଯେ ପୁଷ୍କିନ ତାଙ୍କର ସମୁଦାୟ ଲେଖାବଳିରେ ଛଅ ଲକ୍ଷ ଶବ୍ଦ ବ୍ୟବହାର କରିଥିଲେ । ଏଥିଭିତରୁ ୨୧,୨୦୦ ବିଭିନ୍ନ ରକମର ଶବ୍ଦ ଥିଲା ଓ ଏହି ଶବ୍ଦମାନଙ୍କ ଭିତରୁ ୭୨୦ଟି ଶବ୍ଦ ଶହେ ଥରରୁ ଅଧିକ ଥର ବ୍ୟବହାରରେ ଲାଗିଛନ୍ତି ।

ପୃଥିବୀର ବିଭିନ୍ନ ଭାଷାରେ ବିଭିନ୍ନ ଲେଖକର ଶବ୍ଦକୋଷ ବାକ୍ୟରେ ହାରାହାରି ଶବ୍ଦର ସଂଖ୍ୟା ଓ ସେଥିରୁ ଲେଖକର ଶୈଳୀ ଇତ୍ୟାଦି ଏବେ ବି ହିସାବ କରାଯାଉଛି (ଅବଶ୍ୟ ଓଡ଼ିଆ ଭାଷାରେ ଏକଥା ହେବାକୁ ଏବେ ଟିକିଏ ଡ଼େରି ଅଛି !)

ସୋଭିଏଟ ଗଣିତଜ୍ଞ ଆର. ଏଲ. ଡ଼ୋବ୍ରୁଶିନ କହିଛନ୍ତି "ଉଦାହରଣ ସ୍ୱରୂପ ଆମେ କହିପାରୁଁ ଯେ ଆଲେକ୍‌ସି ଟଲଷ୍ଟୟ ବଡ଼ ବଡ଼ ବାକ୍ୟ ଲେଖିବାକୁ ପସନ୍ଦ କରୁଥିଲେ । କିନ୍ତୁ କୁପ୍ରିନ ଛୋଟ ଛୋଟ ବାକ୍ୟକୁ ସୁଖ ପାଉଥିଲେ । ଆମେ ଆଉ ଟିକିଏ ଦୂରକୁ ଗଲେ ଏକଥା ବି କହିପାରୁଁ ଯେ ଆଲେକ୍‌ସି ଟଲଷ୍ଟୟଙ୍କର 'ଭଗିନୀ' ନାମକ ବହିରେ ବାକ୍ୟ ପିଛା ହାରାହାରି ୧୧.୯ ଟି ଲେଖାଏଁ ଶବ୍ଦ ପଡ଼ୁଛି । କିନ୍ତୁ କୁପ୍ରିନଙ୍କର 'ମଲ୍ଲଯୁଦ୍ଧ'ରେ ବାକ୍ୟ ପିଛା ୯.୫ଟି ଲେଖାଏଁ ଶବ୍ଦ ପଡ଼ୁଛି । ଗଣିତର କଥାରେ ଏଭଳି କହିଲେ କଥାଟା ରୋକଠୋକ ହୁଏ ଓ ପ୍ରମାଣଟା ବେଶ ସ୍ପଷ୍ଟ ହୁଏ ।"

Digitized by srujanika@gmail.com

ଭବିଷ୍ୟତରେ ଓଡ଼ିଆ ଭାଷାରେ ଏଭଳି ଗାଣିତିକ କଳନା ଜରିଆରେ ଲେଖକର ଶୈଳୀର ବିଚାର ହୋଇପାରେ । ସେଭଳି ବିଚାର ହେଲେ ଫକୀରମୋହନ, ଗୋପବନ୍ଧୁ, ଗୋପିନାଥ ମହାନ୍ତି, କାହ୍ନୁଚରଣ, କାଳିନ୍ଦୀଚରଣ, ଇତ୍ୟାଦି ଗଦ୍ୟଲେଖକମାନଙ୍କର ଶୈଳୀର ବିଚାର, ଶବ୍ଦକୋଷର ସମୃଦ୍ଧି, ଓଡ଼ିଆ ଶବ୍ଦର ବ୍ୟବହାର, ପଦ ବିନ୍ୟାସର ଧାରା ଇତ୍ୟାଦି ଅନେକ ବିଷୟରେ ନିର୍ଭୁଲ ଗାଣିତିକ ପ୍ରମାଣ ମିଳିଯିବ । ତେଣିକି ସମାଲୋଚନା, ଖିଆଲ ଓ ମରଜି ମନଖୁସି ଉପରେ ଚଳି ପାରିବ ନାହିଁ । ତେଣୁ ସାହିତ୍ୟର ଇତିହାସ ଲେଖକଙ୍କ ପାଇଁ ସୁବିଧା ଯେତିକି ହେବ, ଆପଣାର ଏକସିଂଘା ବୁଦ୍ଧି ଯୋଗୁଁ ବା କୌଣସି ପକ୍ଷପାତ ଦୋଷ ଯୋଗୁଁ ପଥଚ୍ୟୁତି ହେବାର ଲୋଭ ସେତିକି କମିଯିବ ।

ଭାଷାତତ୍ତ୍ୱରେ ଗଣିତର ପ୍ରୟୋଗ

ଗଣିତକୁ ଭାଷାତତ୍ତ୍ୱ କ୍ଷେତ୍ରରେ ପ୍ରୟୋଗ କରିବା କଥା ବିଚିତ୍ର ଲାଗିପାରେ । ଏଭଳି ପ୍ରୟୋଗ ଏବେକାର କଥା । ମୂଳରୁ ଗଣିତ,ସଂଖ୍ୟା ଓ ପରିସଂଖ୍ୟାନ ପଦ୍ଧତି ପ୍ରୟୋଗ ବିଦ୍ୟା ବା ଇଞ୍ଜିନିୟରିଂ, ଆଦାନ ପ୍ରଦାନ ଓ ମାନସିକ ବ୍ୟାଧି କ୍ଷେତ୍ରରେ ଚଳୁଥିଲା । ଉଦାହରଣ ସ୍ୱରୂପ, ଗୋଟିଏ ଟାଇପ ମେସିନରେ ଅକ୍ଷର ଫଳକରେ ଅକ୍ଷର ଗୁଡ଼ିକ ସବୁଠୁ ସୁବିଧା ମୁତାବକ କିପରି ସଜଡ଼ା ଯିବ ? ଏକଥା ହିଁ ପରିସଂଖ୍ୟାନ ଓ ଗଣିତ ସ୍ଥିର କରିଦେଉଥିଲା । କାରଣ ଯେଉଁ ଅକ୍ଷରଗୁଡ଼ିକ ସବୁଠାରୁ ବେଶି ବ୍ୟବହୃତ ହୁଏ ସେଗୁଡ଼ିକୁ ଠିକ୍ ହାତ ପାହାନ୍ତା ବା ଆଙ୍ଗୁଠି ପାହାନ୍ତାରେ ରଖିବା ଓ ବିରଳ ଅକ୍ଷରଗୁଡ଼ିକୁ ଆଙ୍ଗୁଠିର ଦୂରରେ ସ୍ଥାନ ଦେବା ଥିଲା ଗଣିତର ଦେଖିବାର କଥା । ତେଣୁ ହିସାବ ହିଁ ଠିକ୍ କରିପାରିବ ଗୋଟିଏ ଅକ୍ଷର ଗୋଟିଏ ଲେଖାରେ କେତେ ଶହ ବା କେତେ ହଜାର ଥର ବ୍ୟବହାରରେ ଆସେ ଓ ସବୁଠାରୁ ବେଶି ବ୍ୟବହାରରେ କେଉଁ କେଉଁ ଅକ୍ଷର ଆସନ୍ତି ?

ତା'ଛଡ଼ା 'ପ୍ରୟୋଗ ଭାଷାତତ୍ତ୍ୱ'ର ଆଉ ଗୋଟିଏ ଉଦାହରଣ ହେଲା କଥା ବା ଲେଖାକୁ ଚିଠି, ଟେଲିଗ୍ରାମ, ଟେଲିଫୋନ କଥାରେ ପରିଣତ କରିବା । ଏବେ ଯେ ଆଦାନ ପ୍ରଦାନ ଓ ସନ୍ଦେଶ ପ୍ରେରଣର ପଦ୍ଧତିରେ ଦ୍ରୁତ ଉନ୍ନତି ଘଟୁଛି ତାହା ଫଳରେ ଗଣିତର କାମ ଖୁବ ବଢ଼ି ଯାଇଛି । ଏବେ ଖବର ଅନ୍ତର ଏଭଳି ଗହଳ ଭାବରେ ନିଆଆଣ ହେଲାଣି ଯେ ବେତାର ବିଦ୍ୟୁତଚୁମ୍ବକ ଶକ୍ତି ବି ହାଲିଆ ହୋଇପଡ଼ିଲାଣି । ଇଥରରେ ଆଉ ଲହରୀ ତରଙ୍ଗ ପାଇଁ ବି ଜାଗା ନାହିଁ । ତେଣୁ ଖବର ଅନ୍ତର ପଠାଇବା ପାଇଁ ଅଳ୍ପ କଥାରେ, ଅଳ୍ପ ଖର୍ଚ୍ଚରେ କିପରି ହେବ ତାହା ଏବେ ଗଣିତ ବିଦ୍ୟାର ପ୍ରଧାନ ବିଚାରବସ୍ତୁ ହୋଇଛି ।

Digitized by srujanika@gmail.com

କିଭଳି ଶବ୍ଦ ଓ ଅକ୍ଷରଗୁଡ଼ିକ ବୈଦୁତିକ ସଙ୍କେତରେ ପରିଣତ କରିବା ସବୁଠୁଁ ସୁବିଧାଜନକ ? ଯେଉଁ ଅଂଶଗୁଡ଼ିକ ଅଲୋଡ଼ା ସେଗୁଡ଼ିକ ଅଲଗା କରି ଠୋକଠୋକ ବିଷୟବସ୍ତୁକୁ ତୁଳିଲା ପରି ଓଜନ କରି କିପରି ପଠାଯିବ ? ଏଭଳି ପ୍ରଶ୍ନ ସବୁ କେବଳ ଭାଷାର ସଂଖ୍ୟାତତ୍ତ୍ୱ ପଦ୍ଧତିର ଠୋକଠୋକ ଜବାବ ଦ୍ୱାରାହିଁ ସମାଧାନ କରାଯାଇ ପାରିବ ।

ବିଦେଶୀ ଭାଷା ଶିକ୍ଷକ ଓ ଛାତ୍ରଙ୍କ ପାଇଁ ବହୁବ୍ୟବହୃତ ଶବ୍ଦ ଦରକାର । ଏ ଦିଗରେ ବହୁବ୍ୟବହୃତ ଶବ୍ଦକୋଷ ଅଭିଧାନ କଥା ଆଗରୁ କୁହାଯାଇଛି । ଏହା ଫଳରେ ମୌଳିକ ଶବ୍ଦମାନଙ୍କର ତାଲିକା ପ୍ରସ୍ତୁତ ହୋଇପାରିଛି ଓ ପରିସଂଖ୍ୟାନ ନିର୍ଣ୍ଣୟ କରିପାରିଛି ଗୋଟିଏ ବିଦେଶୀ ଭାଷାରେ ଚଳିବାଭଳି ଦକ୍ଷତା ହାସଲ କରିବାକୁ କେତୋଟି ଶବ୍ଦ ଅତି ନ୍ୟୁନରେ ଦରକାର ।

ଆଜିକୁ କୋଡ଼ିଏ ତିରିଶ ବର୍ଷ ତଳେ ଅନେକ ଗୁଡ଼ିଏ ବିଷୟ ବିଜ୍ଞାନ-ଉପନ୍ୟାସର ବିଷୟବସ୍ତୁ ଥିଲା । ଅର୍ଥାତ୍ ସେଗୁଡ଼ିକ ଥିଲା ମଧୁର କଳ୍ପନା । ଏବେ ସେଗୁଡ଼ିକ ବାସ୍ତବ ସତ୍ୟରେ ପରିଣତ ହେଲାଣି । ଏବେ କଂପ୍ୟୁଟର ଯନ୍ତ୍ରର ଆବିର୍ଭାବ ହେଲାଣି । ଏହି ଯନ୍ତ୍ର ଗୋଟିଏ ଭାଷାରୁ ଆଉ ଗୋଟିଏ ଭାଷାକୁ ଅନୁବାଦ କରି ଶିଖିଲାଣି । ଏହା ଆପଣାର 'ସ୍ମୃତିଭଣ୍ଡାର'ରେ ବହୁଶବ୍ଦ ଓ ନାନବିଧ ଜ୍ଞାନ ସଜାଡ଼ି କରି ରଖିବା ବି ଶିଖିଲାଣି । ଯନ୍ତ୍ର ବି କଥାକୁ ଶୁଣି ତାହାକୁ ଲେଖି କରି ଅର୍ଥାତ୍ ଟାଇପ କରି ଦେଇ ପାରୁଛି । ତା'ଛଡ଼ା ମନୁଷ୍ୟ ସାଙ୍ଗରେ ଯନ୍ତ୍ରର କଥାବାର୍ତ୍ତା ମଣିଷର ଭାଷାରେ ନ ହୋଇ କେଉଁ ଭାଷାରେ ହେଲେ ଚଳିବ ତାହାର ପ୍ରଶ୍ନ ବି ଆସି ପହଞ୍ଚିଲାଣି ।

ଭାଷାର ଧ୍ୱନିଅଣୁ, ଲେଖାର ଅକ୍ଷର କଣିକା ଇତ୍ୟାଦି ଏପର୍ଯ୍ୟନ୍ତ ମନୁଷ୍ୟକୃତ ବସ୍ତୁଗୁଡ଼ିକୁ ଯନ୍ତ୍ରର ପରଦା ଭିତରକୁ ଆଣିବା ଦରକାର ପଡ଼ିଲାଣି । ଯନ୍ତ୍ର ତ ମନୁଷ୍ୟ ନୁହେଁ ଯେ " ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବ ।" ଯନ୍ତ୍ର ଅତ୍ୟନ୍ତ କଠୋର ନିୟମ ଦୋରସ୍ତ, ଦ୍ୱିଧାହୀନ ଗଣିତର ସଂଖ୍ୟାକୁ ହିଁ ଲୋଡ଼େ । ଯନ୍ତ୍ର ଚାହେଁ ତା ପ୍ରତି ମଣିଷର ଯାହା ଆଜ୍ଞା ହେଉଛି ତାହା ଯେପରି ଠୋକଠୋକ ହେବ, ସେଥିରେ ଦୁଇ ପ୍ରକାର ତିନି ପ୍ରକାର ଅର୍ଥ ନଥିବ, ତାହା ଯେପରି ହେବ ଦୁଇରେ ଦୁଇ ମିଶାଇଲେ ଚାରି ପରି ନିର୍ଭୁଲ, ନିର୍ମଳ ଓ ନିରପେକ୍ଷ । ଗଣିତ ଛଡ଼ା ଏକଥା କରିପାରିବାର ଶକ୍ତି ଆଉ କେଉଁ ବିଦ୍ୟାର ଅଛି ?

ସଂଖ୍ୟା ଓ ଠୋକଠୋକ ପଦ୍ଧତି କେବଳ ଯେ ଯାନ୍ତ୍ରିକ ଭାଷା ପାଇଁ ତାହା ନୁହେଁ ଏବେ ଭାଷା କ୍ଷେତ୍ରରେ ଅନେକ ବ୍ୟାବହାରିକ ସମସ୍ୟା ଦେଖାଦେଉଛି ଯାହା ଗଣିତ ବିନା ସମାଧାନ ହୋଇ ନପାରେ । ଉଦାହରଣ ସ୍ୱରୂପ ଗୋଟିଏ ଭାଷା ଅନ୍ୟ କୌଣସି ଗୋଟିଏ ଭାଷାର ଶବ୍ଦକୋଷରୁ କେତେ ପରିମାଣରେ ଉଧାର କରିଛି ?

Digitized by srujanika@gmail.com

ହିସାବ କିତାବରୁ ଜଣାଯାଇଛି ଯେ ଆଲବେନିୟା ଭାଷାରେ ପ୍ରତି ୫୧୪୦ଟି ଶବ୍ଦ ଭିତରୁ ମାତ୍ର ୪୩୦ଟି ଶବ୍ଦ ତାର ନିଜସ୍ୱ ମୌଳିକ ଶବ୍ଦକୋଷରୁ ଆସିଛି । ବାକୀ ସବୁ ଶବ୍ଦଗୁଡ଼ିକ ଉଧାର ଶବ୍ଦ । କୋରିୟ ଭାଷାରେ ଶତକଡ଼ା ୭୫ ଶବ୍ଦ ଚୀନା ଭାଷାରୁ ଉଧାର ନିଆ ହୋଇଛି । ଆଧୁନିକ ଇଂରାଜି ଭାଷା, ଫରାସୀ, ଲାଟିନ ଓ ଅନ୍ୟାନ୍ୟ ରୋମାନ୍ ଭାଷାମାନଙ୍କରୁ ଯାହା ଶବ୍ଦ ଉଧାର ଆଣିଛି ତାହା ମୋଟ ଇଂରାଜି ଶବ୍ଦ ଭଣ୍ଡାରର ଶତକଡ଼ା ୫୦ରୁ ୭୫ ଯାଏ ହେବ ।

ଅବଶ୍ୟ ଉଧାର କଲାବୋଲି କୌଣସି ଭାଷା ଖାତକ ହୋଇଗଲା, ତେଣୁ ଛୋଟ ହୋଇଗଲା ଏକଥା ନୁହଁ । ପୃଥିବୀର ସବୁ ଭାଷା ହେଉଛନ୍ତି ସମାନ । ଲୋକଙ୍କ ଜୀବନ କ୍ଷେତ୍ରରେ ଯାହା ସବୁ ବିଷୟ ଦେଖାଦିଏ ସେହି ବିଷୟ ପ୍ରକାଶ କରିବାରେ ସବୁ ଭାଷାର ସମାନ ଦକ୍ଷତା ଅଛି । ସାଧାରଣତଃ ଦୈନନ୍ଦିନ ଜୀବନର, ସଂସ୍କୃତିର ଓ କର୍ମପ୍ରବାହର ଯେଉଁ ଉପାଦାନଗୁଡ଼ିକ ସେହି ଭାଷାଭାଷୀଙ୍କର ଜୀବନରେ ପୂର୍ବରୁ ଦେଖାଯାଇ ନଥିଲା ସେହିଗୁଡ଼ିକ ପ୍ରକାଶ କରିବାକୁ ଏଭଳି ଉଧାର କରଜ ଚଳି ଆସିଛି । ଏକଥା ପୃଥିବୀର ସର୍ବବୃହତ ଭାଷା ଇଂରାଜି ଭାଷାରେ ବି ଚଳି ଆସିଛି । ତେବେ କଥା ହେଉଛି ବ୍ୟକ୍ତିଗତ ଲେଖକ କ୍ଷେତ୍ରରେ ଏକଥା ଦେଖିବାର ଅଛି ଯେ ସେ ଯେଉଁ ଭାଷା ବ୍ୟବହାର କରୁଛି ତାହା ତାର ଭାଷାଭାଷୀ ଲୋକଙ୍କ ଭିତରେ ଶତକଡ଼ା କେତେ ଜଣ ସମଝି ପାରୁଛନ୍ତି । ଏହି ଶତକଡ଼ା ମାନ ଯେତେ ଉଚ୍ଚ ସେହି ଲୋକଙ୍କର ଲେଖା ସେତିକି ପ୍ରଭାବଶାଳୀ ଓ କାର୍ଯ୍ୟକାରୀ ବୋଲି ଧରି ନିଆଯିବ । ଠିକ୍ ଯେପରି ଗଣିତର କାର୍ଯ୍ୟ ହେଲା ଯାନ୍ତ୍ରିକ ଭାଷା କେତେ ପରିମାଣରେ କେତେ ଅଙ୍କ ଭାଷାରେ ବା କଥାରେ ସବୁଠାରୁ ବେଶି ପରିମାଣରେ ଖବର, ଅନ୍ତର, ବାର୍ତ୍ତା ପୋଷ୍ଟାନ କରି ପାରୁଛି । ତାହାରି ଉପରେ ହିଁ ଆଦାନ ପ୍ରଦାନର ସଫଳତା ନିର୍ଭର କରୁଛି ।

ତେଣୁ ଏକଥା ସ୍ପଷ୍ଟ ଯେ ଗଣିତ ହେଉଛି ଅଭିଧାନ ତତ୍ତ୍ୱ ବା ଶବ୍ଦ-ବିଚାର-ବିଜ୍ଞାନ କ୍ଷେତ୍ରରେ ଏକ ପ୍ରଧାନ ଆୟୁଧ । କିନ୍ତୁ ଏହାଛଡ଼ା ଗଣିତର ସଂଖ୍ୟା ଦୋରସ୍ତ ପଦ୍ଧତି ମଧ ଭାଷା, ଶବ୍ଦ ଓ ଧ୍ୱନି ପ୍ରତ୍ୟେକ କ୍ଷେତ୍ରରେ ଏକ ବୈଜ୍ଞାନିକ ନିର୍ଭୁଲତାର ମାପକାଠି ତିଆରି କରି ପାରିଛି । ଏହାହିଁ ଭାଷାତତ୍ତ୍ୱରେ ଗଣିତର ପ୍ରୟୋଗର ସବୁଠାରୁ ଶ୍ରେଷ୍ଠ ଉପଯୋଗିତା ।

ସଂଖ୍ୟା ଓ କାରକ

ଡେନମାର୍କର ଭାଷାତତ୍ତ୍ୱବିଦ୍ ଲୁଇସ୍ ଓ ହେଲସ୍‌ମ୍‌ଲେବ୍ ହିସାବ କରି ସ୍ଥିର କରିଛନ୍ତି ଯେ କାଗଜ କଲମରେ ଗୋଟିଏ ଭାଷାରେ ୨୧୬ଟି କାରକ ବି ହୋଇପାରେ ! ପୃଥିବୀର ଜୀବନ୍ତ ଭାଷା ଭିତରୁ ସୋଭିଏଟ ଦେଶରେ ଦାଘେସ୍ଥାନରେ ଗୋଟିଏ ଭାଷା ଚଳୁଛି ଯାହାର ୫୨ଟି କାରକ ଅଛି ।

Digitized by srujanika@gmail.com

ଋଷ, ଇଂରାଜି, ଲାଟିନ, ପୁରୁଣା ଗ୍ରୀକ୍, ଫରାସୀ, ପାରସିକ ଓ ଉତ୍ତର ଭାରତୀୟ ଭାଷାମାନଙ୍କର ଆଦିମୂଳ ଏକ । ତାହା ହେଉଛି ବହୁ ପୁରାତନ କୁଟୁମ୍ବ । ଯାହାକୁ ଇଣ୍ଡୋ –ଇଉରୋପୀୟ ଭାଷାବଳି ବୋଲି କୁହାଯାଉଛି । ଏମାନଙ୍କର ଆଠଟି କାରକ ମୂଳରୁ ଥିଲା । କର୍ତ୍ତା, କର୍ମ, କରଣ, ସଂପ୍ରଦାନ, ଅପାଦାନ, ସମ୍ବନ୍ଧ ପଦ, ଅଧିକରଣ ଓ ସମ୍ବୋଧନ ।

ବର୍ତ୍ତମାନ ଇଉରୋପ ଓ ଏସିଆର ଗୋଟିଏ ବି ଭାଷା ନାହିଁ ଯେଉଁଥିରେ ଏହି ଆଠଟି ଯାକ କାରକ ଏବେ ଚଳୁଛି । ବିଭିନ୍ନ କାରକ ଏକାଠି ମିଶି ଏକାକାର ହୋଇ ଯାଇଛନ୍ତି ଓ ସେମାନଙ୍କର ସଂଖ୍ୟା ତେଣୁ କମି ଯାଇଛି । ପୁରୁଣା ଗ୍ରୀକ ଭାଷାରେ କରଣ, ଅଧିକରଣ ଓ ସଂପ୍ରଦାନ କାରକ ମିଶି ଗୋଟିଏ ସଂପ୍ରଦାନ କାରକ ହୋଇଯାଇଛି । ଲାଟିନରେ ଅପାଦାନ, କରଣ ଓ ଅଧିକରଣ ମିଳି ଗୋଟିଏ ଅପାଦାନ କାରକରେ ପରିଣତ ହୋଇଛି । ସ୍ପେନୀୟ, ଇତାଲୀୟ ଓ ଫରାସୀ ଭାଷା ସମସ୍ତେ ଲାଟିନ ବଂଶରୁ ବାହାରିଛନ୍ତି । ଏବେ କାରକ ଚିହ୍ନ ସବୁ ଛାଡ଼ିବୁଡ଼ି ଦେଇ ବସିଛନ୍ତି ।

ପୁରୁଣା ସ୍ଲାଭ ଭାଷାରେ ସାତୋଟି କାରକ ଥିଲା । ଏଥିରେ ସମ୍ବନ୍ଧ ପଦ ଓ ଅପାଦାନ ମିଳି ଗୋଟିଏ ସମ୍ବନ୍ଧ ପଦ ସୃଷ୍ଟି ହୋଇଛି । ଆଧୁନିକ ଋଷ ଭାଷାରେ ଆଉ ସମ୍ବୋଧନ ନାହିଁ ।

ଉଲ୍ଲେଖନୀୟ ହେଉଛି ଯେ ବର୍ତ୍ତମାନ ଯୁଗରେ ଏହି କାରକ ବିଭକ୍ତି ଲୋପ ସବୁ ଭାଷାରେ ଏକ ସାଧାରଣ ଘଟଣା । ଓଡ଼ିଆ ଭାଷା କ୍ଷେତ୍ରରେ ଏକଥା ଆଗରୁ ଲକ୍ଷ୍ୟ କରାଯାଇଛି । ତେବେ ଆଉ ଏକ ଲକ୍ଷ୍ୟଣୀୟ କଥା ହେଉଛି ଏ କାଳରେ କେତେଗୁଡ଼ିଏ କାରକ ଅନ୍ୟାନ୍ୟ କାରକମାନଙ୍କ ତୁଳନାରେ ବେଶି ବ୍ୟବହାରରେ ଲାଗୁଛନ୍ତି । ବିଶେଷତଃ ବିଭିନ୍ନ ପ୍ରକାର ଲେଖା ଯଥା ବୈଜ୍ଞାନିକ ଲେଖା, ଗଳ୍ପ ଉପନ୍ୟାସ ଲେଖା, ନଚେତ୍ ସାମାଜିକ ଓ ଅର୍ଥନୈତିକ ସନ୍ଦର୍ଭ ପ୍ରଭୃତି ଲେଖା ଭେଦରେ କାରକ ପ୍ରୟୋଗରେ ତଫାତ୍ ଦେଖାଯାଉଛି ।

ଆଧୁନିକ ବୈଜ୍ଞାନିକ, ସରକାରୀ ଓ ରାଜନୈତିକ ବ୍ୟାପାର କାରବାରରେ ସମ୍ବନ୍ଧ ପଦର ସବା ଆଗ ସ୍ଥାନ, ଅର୍ଥାତ୍ ସମ୍ବନ୍ଧ ପଦ କାରକର ୩୬ ଠାରୁ ୪୬ ଯାଏ ମାଡ଼ି ବସିଛି । ଦ୍ୱିତୀୟ ସ୍ଥାନ ନେଇଛି କର୍ତ୍ତାକାରକ (୨୦ରୁ ୨୫%) । ଅନ୍ୟାନ୍ୟ କାରକଗୁଡ଼ିକ ସର୍ବମୋଟ ୩୫ରୁ ୪୦% ଯାଏ ସ୍ଥାନର ଅଧିକାରୀ, ଯେତକ ସମ୍ବନ୍ଧ ପଦର ସ୍ଥାନଠାରୁ ବି କମ୍ ।

ଗଳ୍ପ ଉପନ୍ୟାସ କ୍ଷେତ୍ରରେ ଏହାର ଠିକ୍ ଓଲଟା ଚିତ୍ର ଦେଖିବାକୁ ମିଳିବ । ଏଇଠି କର୍ତ୍ତାକାରକ ହେଉଛି ଆଗତୁରା(ଶତକଡ଼ା ୩୩) । ଦ୍ୱିତୀୟ ସ୍ଥାନ ହେଲା

Digitized by srujanika@gmail.com

କର୍ମର (୨୧ରୁ୨୩%) ଓ ତୃତୀୟ ସ୍ଥାନ ସମ୍ବନ୍ଧ ପଦର (୧୬ରୁ ୧୮%) । କଥିତ ଭାଷାରେ, ଆଉ ସବୁ କାରକ ଯେତେ ଥର ଏକାଠି ଚଳନ୍ତି, କର୍ତ୍ତାକାରକ ଏକା ସେତିକିଥର ଚଳେ (ଅର୍ଥାତ୍ କର୍ତ୍ତାକାରକ ୬୦% ଆଉ ସବୁ ମିଶି ୫୦%) । ଦ୍ୱିତୀୟ ସ୍ଥାନ ଏକଦମ୍ ରୋକଠୋକ କର୍ମକାରକର ଦଖଲ । ସମ୍ବନ୍ଧ ପଦ ୧୧ରୁ ୧୬% ଯାଏ । ତା'ଠାରୁ କୌଣସି ମତେ ବେଶି ନୁହେଁ । ରୁଷ ଦେଶର ଭାଷାତତ୍ତ୍ୱବିଦ୍ ନିକୋନଭଙ୍କ ମତରେ ଭାଷାର ବିଭିନ୍ନ ରକମ କାରକ ବିଷୟରେ ଉଦାସୀନ ନୁହନ୍ତି । ବୈଜ୍ଞାନିକ ଗଦ୍ୟଭାଷା ସଂବନ୍ଧପଦକୁ ଖୁବ ଆଦର କରେ; କିନ୍ତୁ କର୍ତ୍ତା କାରକକୁ ଅଣହେଳା କରେ । କଥିତ ଭାଷାରେ ଏହାର ଠିକ୍ ଓଲଟା କଥା ଘଟେ । ଏଭଳି ଯେ କାରକ ପରିବର୍ତ୍ତନ ହୁଏ ଏଗୁଡ଼ିକ କାହାରି ଖିଆଲି ନୁହେଁ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଗୁଡ଼ିକ ଧାରାବଦ୍ଧ ଓ ବିଧିବଦ୍ଧ ଭାବରେ ଘଟିଲାପରି ଘଟିବାର ଦେଖାଯାଉଛି । ଏଗୁଡ଼ିକ ବି ଠାଏ ଘଟୁଛି ଆଉ ଠାଏ ଘଟୁନାହିଁ ଏକଥା ବି ନୁହେଁ । ଗାଣ ଦେଲାପରି ବୈଜ୍ଞାନିକ ଲେଖା, ରାଜନୈତିକ ଲେଖା, ଗଳ୍ପ ଉପନ୍ୟାସ, କଥିତ ଭାଷା ଓ ଲିଖିତ ଭାଷାରେ ଏଭଳି ଘଟଣା ବିଧିମତେ ଘଟୁଛି । ବିଭିନ୍ନ ପ୍ରକାରର କଥାବାର୍ତ୍ତା ଓ ଲେଖାର ଗୋଟାଏ କାରକ ପରଦା ନିୟମମୁତାବକ ହେଲା ପରି ହୋଇଗଲାଣି ।

ପ୍ରଶ୍ନ ହେଲା ଏବେ ଯେଭଳି ଦଶାରେ ଏହି କାରକଗୁଡ଼ିକୁ ଦେଖୁଥାଇଁ ସବୁକାଳେ ସେମାନଙ୍କର ଏହି କାରକ ପରଦା ଏପରି ଥିଲା କି ? ଆଉ ଥରେ ସଂଖ୍ୟାର ପଦ୍ଧତି ଏହି ସମସ୍ୟା ସମାଧାନରେ ସାହାଯ୍ୟ କରିବ । ଆଠଗୋଟି କାରକକୁ ଗୋଟିଏ ଆଲୋକ ରଶ୍ମିର ବିଭକ୍ତ ଆଲୋକର ବିଭିନ୍ନ ରଙ୍ଗବୋଲି ଧରିଲେ ଆମର ସାତଗୋଟି କାରକ ସାତଗୋଟି ରଙ୍ଗ ହେବ । ଏହି ସାତଗୋଟି ରଙ୍ଗର ପରଦା ଭଳି ହେଲା କାରକ ପରଦା । ଭାଷା ସୃଷ୍ଟିର ଆରମ୍ଭ ଦିନୁ ଏହି ସାତଗୋଟି କାରକ ବିଭିନ୍ନ ଭାଷାରେ ବିଭିନ୍ନ ଭାବରେ ତିଷ୍ଠିଛନ୍ତି, ବା ଲୋପପାଇ ଯାଇଛନ୍ତି ।

ଏଥିଭିତରୁ ସବୁଠାରୁ ମୁଖ୍ୟ ପରିବର୍ତ୍ତନ ଘଟିଛି ରାଜନୈତିକ ଓ ବୈଜ୍ଞାନିକ ଲେଖାରେ । ୧୭ଶ ଶତାବ୍ଦି ଓ ୧୮ଶ ଶତାବ୍ଦିର ଆରମ୍ଭ ବେଳେ ସବୁ କାରକର ଏକ ପଞ୍ଚମାଂଶ (ଶତକଡ଼ା ୨୦ରୁ ୨୩ଯାଏ) କର୍ମକାରକରେ ସୀମାବଦ୍ଧ ଥିଲା ।

ରୁଷ ଦେଶରେ ଯେତେବେଳେ ରାଜା ପିଟର ରାଜୁତି କରୁଥିଲେ ସେତେବେଳେ ସେହି ଦେଶର ଭାଷାରେ କାରକ ପରିସ୍ଥିତିର ଏକ ବିଶେଷ ପରିବର୍ତ୍ତନ ଦେଖାଦେଲା । କର୍ମକାରକର ବ୍ୟବହାର କେତେ ବେଳେ ବଢ଼ିଗଲା ତ କେତେବେଳେ ଛିଡ଼ିଗଲା । ୧୯ଶ ଶତାବ୍ଦି ବେଳେ ଏହି କର୍ମକାରକର ସ୍ତର ପ୍ରାୟ ୧୩ରୁ ୧୮% ଯାଏ ସ୍ଥିର ହୋଇ ରହିଲା । ସେ ପରିସ୍ଥିତି ଏବେ ବି ରହିଛି ।

Digitized by srujanika@gmail.com

ସଂପ୍ରଦାନ କାରକ କ୍ଷେତ୍ରରେ କିଛି ପରିବର୍ତ୍ତନ ହେଲା । ଅବଶ୍ୟ ଏଭଳି ପରିବର୍ତ୍ତନ ସେପରି କିଛି ମୌଳିକ ପରିବର୍ତ୍ତନ ନଥିଲା । ବର୍ତ୍ତମାନର ବୈଜ୍ଞାନିକ ଲେଖାରେ ସବୁ ପ୍ରକାର କାରକ ପ୍ରତ୍ୟୟରେ ସଂପ୍ରଦାନ ୩ ରୁ ୬% ଯାଏ ସ୍ଥାନ ନେଇଥାଏ । ଅର୍ଥାତ୍ ଏହାର ସ୍ଥାନ ସର୍ବଶେଷ ସ୍ଥାନ । ଆଜିକୁ ଶହେ ବର୍ଷ ତଳେ ଏହାର ସ୍ଥାନ ୫ରୁ ୭% ଯାଏ ଥିଲା । ଦୁଇ ଶହ ବର୍ଷ ତଳେ ଥିଲା ପ୍ରାୟ ୧୦% । ତିନି ଶହ ବର୍ଷ ତଳେ ସବୁ ପ୍ରକାର କାରକ ପ୍ରତ୍ୟୟ ଭିତରେ ସଂପ୍ରଦାନ ଥିଲା ଏକଚଉଠ । କଳନା କରିବାର କଥା ଯେ ନଗଣ୍ୟ ତିନିଶହ ବର୍ଷ ଭିତରେ ଦୁଇଟି କାରକ (କର୍ମ ଓ ସଂପ୍ରଦାନ)ର ବ୍ୟବହାର ବହୁ ପରିମାଣରେ ଛିଡ଼ି ଯାଇଛି ଓ ଅନ୍ୟପକ୍ଷରେ ସମ୍ବନ୍ଧ ପଦ ଧାପେ ଧାପେ ବିଜୟ ଗର୍ବରେ ଆଗେଇ ଚାଲିଛି ।

୧୭ଶ ଶତାବ୍ଦୀର ଦ୍ୱିତୀୟ ପଚାଶ ବର୍ଷମଧ୍ୟରେ ସମ୍ବନ୍ଧପଦ ସବୁ କାରକ ପ୍ରୟୋଗ ଭିତରେ ଥିଲା ଶତକଡ଼ା ୧୯ ଭାଗ । ଲୋମୋନୋସୋଭଙ୍କର "ପିରିଅଡ଼ିକ୍ ଟେବଲ"ରେ ଏହା ଶତକଡ଼ା ୩୦ରୁ ଟିକିଏ ତଳେ ଅବସ୍ଥାନ କରୁଥିଲା । ଉନବିଂଶ ଶତାବ୍ଦୀରେ ଏହା ଶତକଡ଼ା ୩୫ ଯାଏ ଚାଲୁ ରହିଥିଲା । ବିଂଶ ଶତାବ୍ଦୀରେ ଶତକଡ଼ା ୪୬ ଅର୍ଥାତ୍ ପ୍ରାୟ ଅର୍ଦ୍ଧେକ ପ୍ରୟୋଗ ସ୍ଥାନ ମାଡ଼ି ବସିଛି । ଭାଷାତତ୍ତ୍ୱବିଦ୍ ନିକୋନୋଭଙ୍କ ମତରେ ସମ୍ବନ୍ଧପଦ ସାଂପ୍ରତିକ କାଳରେ ରାଜନୈତିକ ଓ ବୈଜ୍ଞାନିକ ଲେଖାରେ ଖୁବ୍ ପ୍ରବଳଭାବରେ ଆସ୍ଥାନ ମାଡ଼ି ବସିଛି । ଏହାର କାରଣ ଏହି କାରକର ସାହାଯ୍ୟରେ ଖୁବ୍ ରୋକଠୋକ ଓ ସିଧାସଳଖ ଶୈଳୀ ତିଆରି ହୋଇ ପାରୁଛି । ସମ୍ବନ୍ଧପଦର ବ୍ୟାପକ ବ୍ୟବହାର ନଥିଲେ ଯେ କୌଣସି ଭାଷା; ରୁଷ ଭାଷା, ଓଡ଼ିଆ ଭାଷା, ଇଂରାଜି ଭାଷା- ନାନା ପ୍ରକାର ଗୋଳମାଳିଆ ସମ୍ପର୍କ ଓ କଠିଣ, ଅଖାଡୁଆ ରଚନାରେ ପୂର୍ଣ୍ଣ ହୋଇ ଯାଆନ୍ତା । ଏହା ବି ଲକ୍ଷଣୀୟ ଯେ ବୈଜ୍ଞାନିକ ଭାଷାରେ ଏଭଳି କାରକ ପ୍ରୟୋଗର ପରିବର୍ତ୍ତନ ହେଉଥିଲା ବେଳେ ଲୋକମାନଙ୍କର ମାମୁଲି ନିତିଦିନିଆ ଭାଷାରେ ଏହାର କୌଣସି ପ୍ରଭାବ ପଡ଼ି ନାହିଁ । ଅର୍ଥାତ୍ ଲୋକଙ୍କର ମାମୁଲି ଭାଷାରେ ସଂପ୍ରଦାନ ଓ କର୍ମକାରକର ବ୍ୟବହାରରେ ଭଟ୍ଟା ପଡ଼ି ନାହିଁ ବା ସମ୍ବନ୍ଧପଦ ବ୍ୟବହାରରେ ଉନ୍ନତି ଦେଖାଦେଇ ନାହିଁ ।

କାର୍ଲ ମାର୍କସ ତାଙ୍କର ଜୀବନ କାଳରେ କଥିତ ଭାଷାର ବ୍ୟାକରଣ ଗଢ଼ଣର ସ୍ଥାୟିତ୍ୱର ବିଶେଷ ପ୍ରକୃତିକୁ ଲକ୍ଷ୍ୟ କରିଥିଲେ ଓ ଆଜି କାରକ ପ୍ରୟୋଗର ପରିସଂଖ୍ୟାନ ତାଙ୍କର ଏହି ଲକ୍ଷ୍ୟକୁ ସତ୍ୟ ବୋଲି ପ୍ରମାଣ କରୁଛି ।

କଥିତ ଭାଷାରେ ଆମେ ବାଚନଭଙ୍ଗୀ ଓ ସଙ୍କେତ ଠାର ଉପରେ ମଧ୍ୟ ନିର୍ଭର କରିପାରୁଁ । ତେଣୁ ସମ୍ବନ୍ଧପଦ ବୈଜ୍ଞାନିକ ଭାଷାରେ ଯେଉଁ ରୋକଠୋକ ଓ ଦ୍ୱିଧାହୀନ

Digitized by srujanika@gmail.com

ଭାବ ଦିଏ ବୋଲି ତାର ବ୍ୟବହାର ରହିଛି, କଥିତ ଭାଷା ସେଭଳି ବ୍ୟବହାରର ଆବଶ୍ୟକତା ଅନୁଭବ କରିନାହିଁ । ଏଥିରୁ ବୁଝାପଡ଼େ କାହିଁକି ବୈଜ୍ଞାନିକ ଲେଖାରେ ସମ୍ବନ୍ଧପଦ ଏତେ ଉଚ୍ଚସ୍ଥାନ ପାଇ ଆସିଥିଲେ ବି ସେହି ଗତ ତିନିଶହ ବର୍ଷ ଭିତରେ କଥିତ ଭାଷାରେ କାରକ ପ୍ରୟୋଗ ପ୍ରାୟ ପୂର୍ବ ଭଳି ଅପରିବର୍ତ୍ତିତ ରହି ଆସିଛି ।

ଗାଣିତିକ ଭାଷାତତ୍ତ୍ୱ

ବିଜ୍ଞାନକୁ ବେଳେ ବେଳେ ନଦୀ ସାଙ୍ଗରେ ତୁଳନା କରାଯାଏ । ଯାର ଉତ୍ପତ୍ତି ସ୍ଥଳ ହେଲା ଦୁଇଟି, ଗୋଟିଏ ତତ୍ତ୍ୱ ଓ ଆରଟି ବ୍ୟବହାର । ଗୋଟିଏ ବିଚାର ଓ ଆରଟି ଆଚରଣ । ତତ୍ତ୍ୱ ବା ବିଚାର ହେଲା ବିଜ୍ଞାନର ବିଶୁଦ୍ଧ ଆଭ୍ୟନ୍ତରୀଣ ସମସ୍ୟା । ବ୍ୟବହାର ବା ଆଚରଣ ହେଲା ତତ୍ତ୍ୱ ବା ବିଚାରର ଜୀବନ ଓ ସମାଜର ବ୍ୟାବହାରିକ ପ୍ରୟୋଗ ।

ପ୍ରତ୍ୟେକ ବିଜ୍ଞାନର ଧର୍ମ ହେଲା ନିର୍ଭୁଲ ମାପଚୁପ, ଭୁଲଭଟକା ନଥିବା ସଂଖ୍ୟା ଓ ଦ୍ୱିଧାହୀନ ରୋକଠୋକ ଗଣନା ଉପରେ ଭରସା । କୌଣସି ବିଜ୍ଞାନ ଆପଣାର ବିକାଶର ପ୍ରଥମ ସ୍ତରରେ ଅନେକ ଗୁଡ଼ିଏ ତଥ୍ୟ ସଂଗ୍ରହ କରେ ଓ ସେଗୁଡ଼ିକ ଯଥାଯଥ ଭାବରେ ଉଲ୍ଲେଖ କରେ । ତାହାପରେ ଏହି ତଥ୍ୟଗୁଡ଼ିକ ଉପରେ ନିର୍ଭର କରି ଏକ ବିଚାର ବା ତତ୍ତ୍ୱ ଛିଡ଼ା କରାଯାଏ । ଏହି ତତ୍ତ୍ୱଗୁଡ଼ିକ ଅଧିକରୁ ଅଧିକ ପ୍ରମାଣ ସଂଗ୍ରହ କରିବାରେ ଲାଗେ । ସଂଖ୍ୟା ଓ ମାପଚୁପ ସାହାଯ୍ୟରେ ଏହି ପ୍ରମାଣଗୁଡ଼ିକ ସଂଗ୍ରହ ହେଲେ ବଖାଣୁଥିବା ବା ବର୍ଣ୍ଣନାତ୍ମକ ବିଜ୍ଞାନ ଦସ୍ତୁରୀ ବିଜ୍ଞାନରେ ପରିଣତ ହୁଏ । ସମାଜ ବିଜ୍ଞାନର ବିନ୍ଧାଣି ମାର୍କସ୍ ମନୁଷ୍ୟର ଚିନ୍ତାର ପ୍ରବାହଧାରାର ବିଜ୍ଞାନର ବିଧାତା ପାଭଲଭ ଓ ଆହୁରି ବଡ଼ ବଡ଼ ମନୀଷୀମାନେ ଅତୀତରେ ସ୍ୱପ୍ନ ଦେଖିଥିଲେ ଯେ ଏପରି ଏକ ଦିନ ଆସିବ ଯେତେବେଳେ ହ୍ୟୁମାନିଟିଜ ବା ମାନବବିଦ୍ୟା ଓ ସମାଜିକ ବିଜ୍ଞାନଗୁଡ଼ିକ ପ୍ରକୃତ ଦସ୍ତୁରୀ ବିଜ୍ଞାନର ରୋକଠୋକ ଓ ଦ୍ୱିଧାହୀନ ଶକ୍ତି ହାସଲ କରିବ । ବିଜ୍ଞାନର ବିକାଶ ହେଲେ ସବୁ ବୈଜ୍ଞାନିକ ତତ୍ତ୍ୱଗୁଡ଼ିକ ଯେ ଠିକଣା ଅଭ୍ରାନ୍ତ ସତ୍ୟ ହୋଇଯିବ ଏକଥା ନୁହେଁ । ସମାଜର ଓ ସମାଜିକ ବ୍ୟବହାରର କର୍ତ୍ତବ୍ୟ ହେଲା ସବୁଗୁଡ଼ିକ ଲିଖିତ ତଥ୍ୟକୁ ଠିକ୍ ଠିକ୍ ମାପଚୁପ ଓ ସଂଖ୍ୟାର ପଦ୍ଧତି ଦ୍ୱାରା ନିଖୁଣ ରଖିବା । ଏବେ କଂପ୍ୟୁଟର ଯନ୍ତ୍ର କ୍ଷେତ୍ରରେ ଏହାର ଉପଯୋଗିତା ପ୍ରମାଣିତ ହୋଇଛି । କୌଣସି ଗୋଟିଏ କଂପ୍ୟୁଟର ଯନ୍ତ୍ର ଘଣ୍ଟା ଘଣ୍ଟାକରେ ଏପରିକି ମିନିଟ ମିନିଟକରେ ଜଟିଳ ବୈଜ୍ଞାନିକ ସମସ୍ୟାଗୁଡ଼ିକୁ ସମାଧାନ କରୁଛି । ଏହା ଏଭଳି ସବୁ ଗଣନାମାନ କରି ପାରୁଛି ଯାହା ପାଇଁ ପୂର୍ବ କାଳରେ ବର୍ଷ ବର୍ଷର କଠୋର ପରିଶ୍ରମ ଲାଗୁଥିଲା । ଏବର ଦୁନିଆରେ ଯୁକ୍ତିବିଦ୍ୟା, ମନସ୍ତତ୍ତ୍ୱ, ଅର୍ଥନୀତି ଓ ଶରୀର

Digitized by srujanika@gmail.com

ତତ୍ତ୍ୱ ଭଳି ବିଦ୍ୟାମାନେ ପ୍ରକୃତ ସିଦ୍ଧାନ୍ତିକ ବିଜ୍ଞାନରେ ପରିଣତ ହୋଇଛନ୍ତି । ଭାଷାତତ୍ତ୍ୱ ବି ଠିକ୍ ସେଭଳି ଏକ ବିଜ୍ଞାନରେ ପରିଣତ ହେବାରେ ଲାଗିଛି ।

ଏହାର ଦୁଇଟି କାରଣ ଅଛି । ଗୋଟିଏ ହେଲା ତାତ୍ତ୍ୱିକ (ଆଭ୍ୟନ୍ତରୀଣ) ଓ ଦ୍ୱିତୀୟଟି ହେଲା ବ୍ୟାବହାରିକ (ବାହ୍ୟ) । ବହୁ ବର୍ଷ ହେଲା, ଭାଷାତତ୍ତ୍ୱ ପର୍ବତ ପ୍ରମାଣ ତଥ୍ୟ ସଂଗ୍ରହ କରି ଗଦା କରି ରଖିଛି । ୧୯୪୯ରେ ବିଶ୍ରୁତ ଫରାସୀ ପଣ୍ଡିତ ମାର୍‌ସେଲ କୋହେନ ଲେଖିଥିଲେ ଯେ ଭାଷାତତ୍ତ୍ୱ ସଂକ୍ରାନ୍ତିୟ ଘଟଣାବଳିରେ ସଂଖ୍ୟାକୁ ଅବହେଳା କରିବାର ଅର୍ଥ ହେଲା ଭାଷାତତ୍ତ୍ୱର ବିକାଶରେ ବ୍ରେକ ଲଗାଇ ଦେବା ଅର୍ଥାତ୍ ଭାଷାତତ୍ତ୍ୱର ବିକାଶକୁ ରୋକି ଦେବା ।

ଏତ ଗଲା ଆଭ୍ୟନ୍ତରୀଣ ଆବଶ୍ୟକତା । ଏହାଛଡ଼ା ଅସଂଖ୍ୟ ବ୍ୟାବହାରିକ ସମସ୍ୟା ରହିଛି ; ସେଗୁଡ଼ିକ ସମାଧାନ ପାଇଁ ଟାକି ବସିଛନ୍ତି । ଏ ଭିତରେ ପୁରାତନ ଓ ପରମ୍ପରାଗତ ସମସ୍ୟା ଯଥା ବିଦେଶୀ ଭାଷା ଶିକ୍ଷା, ଅର୍ଥନୈତିକ ଠାର, ଭାଷାର ସର୍ଜନା ଓ ଶେଷରେ ଏଭଳି ନାହିଁ ନଥିବା ସମସ୍ୟା (ଯାହା କେବଳ ବିଜ୍ଞାନ କାହାଣୀ ବହିରେ ହିଁ କଳ୍ପନା କରାଯାଇଥିଲା) ଯଥା ଯନ୍ତ୍ର ସହିତ କଥାବାର୍ତ୍ତା ଚଳାଇବା, ଗୋଟିଏ ଭାଷାରୁ ଆଉ ଏକ ଭାଷାରେ କୌଣସି ଲେଖା ବା କଥା ଅନୁବାଦ କରିବା । ଏବେ ଯନ୍ତ୍ରକୁ ଦୋଭାଷୀ ଏପରିକି ତ୍ରିଭାଷୀ, ଚତୁର୍ଭାଷୀ ଓ ବହୁଭାଷୀ କରିବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ତେଣୁ ଗଣିତ ବିଦ୍ୟାର ସଂଖ୍ୟାତତ୍ତ୍ୱ ଉପରେ ନିର୍ଭର ନକଲେ ଏଭଳି ସମସ୍ୟାର ସମାଧାନ ହୋଇ ପାରିବ ନାହିଁ ।

ତେବେ 'ଗାଣିତିକ ଭାଷାତତ୍ତ୍ୱ' କଥାଟି ସଙ୍ଗେ "ଗାଣିତିକ ପଦାର୍ଥବିଦ୍ୟା" ତୁଳନା ହୋଇ ନପାରେ । "ଗାଣିତିକ ପଦାର୍ଥବିଦ୍ୟା" କଥାଟି ଏବେ ଖୁବ୍ ପ୍ରସିଦ୍ଧ । ଏହାର କାର୍ଯ୍ୟ ହେଲା ପଦାର୍ଥ ବିଦ୍ୟାର ତାତ୍ତ୍ୱିକ ଓ ପ୍ରଯୁକ୍ତ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଗଣିତର ଗୋଟିଏ ବିଭାଗ । ଏଠାରେ ଗଣିତ ପଦାର୍ଥ ବିଦ୍ୟାର କେବଳ ଏକ ସହାୟକ ନୁହେଁ, ତାହାରି ଅପରିହାର୍ଯ୍ୟ ଅଙ୍ଗ । ପଦ୍ଧତି ଦିଗରୁ ବିଚାର କଲେ, ଗଣିତରେ ଅନ୍ୟ କୌଣସି ବିଭାଗଠାରୁ ଗାଣିତିକ ପଦାର୍ଥ ବିଦ୍ୟା କୌଣସି ପ୍ରକାରେ କମ୍ ଜଟିଳ ନୁହେଁ । ଅନ୍ୟପକ୍ଷରେ 'ଗାଣିତିକ ଭାଷାତତ୍ତ୍ୱ'ରେ ବର୍ତ୍ତମାନ ପହିଲି ପାହାଚ ଯାଏ ମଣିଷ ଯାଇଛି । ଏଥିପାଇଁ କୌଣସି ବିଶେଷ ଗାଣିତିକ ଯନ୍ତ୍ରାବଳି ବ୍ୟବହାର କରାଯାଇ ନାହିଁ । ଗଣିତର ଚିରାଚରିତ ପଦ୍ଧତି ଏଠାରେ କାର୍ଯ୍ୟରେ ଲଗାଯାଇଛି ।

ପ୍ରାଥମିକ ସ୍ତରର ଗଣିତ କେବଳ ଯେ ଭାଷାତତ୍ତ୍ୱ କ୍ଷେତ୍ରରେ କାର୍ଯ୍ୟରେ ଲାଗିଛି ତାହା ନୁହେଁ , ଅନ୍ୟାନ୍ୟ ବିଜ୍ଞାନ କ୍ଷେତ୍ରରେ ଯଥା ପ୍ରାଣୀତତ୍ତ୍ୱ, ମନସ୍ତତ୍ତ୍ୱ, ନନ୍ଦନତତ୍ତ୍ୱ (ଶିଳ୍ପକଳା,ସାହିତ୍ୟତତ୍ତ୍ୱ) କ୍ଷେତ୍ରରେ ବି କାର୍ଯ୍ୟରେ ଲାଗିଛି । କିନ୍ତୁ ଏସବୁ ବିଜ୍ଞାନରେ

Digitized by srujanika@gmail.com

ଗଣିତର ପ୍ରୟୋଗ ହେଉଛି ପ୍ରାଥମିକ ସ୍ତରର ପ୍ରୟୋଗ । ଭବିଷ୍ୟତରେ ଯେତେବେଳେ ଉଚ୍ଚସ୍ତରର ପ୍ରୟୋଗ ଲୋଡ଼ା ପଡ଼ିବ ସେତେବେଳେ ନିର୍ଦ୍ଦିଷ୍ଟ ବିଜ୍ଞାନର ବିଭାଗ ଲାଗି ଗଣିତ ନିର୍ଦ୍ଦିଷ୍ଟ ଭାବରେ ଆପଣାର ସାଜସରଞ୍ଜାମ ନିଶ୍ଚୟ ପ୍ରସ୍ତୁତି କରିବ ।

ପଦାର୍ଥ ବିଦ୍ୟାରେ ଗଣିତର ଓ ଉଚ୍ଚଗଣିତର ପ୍ରୟୋଗ କର୍ତ୍ତା ଥିଲେ ନିଉଟନ, ବୋଲଇମ୍ୟାନ ଓ ଅନ୍ୟାନ ପଦାର୍ଥବିଦ୍‌ଗଣ । ଅର୍ଥନୀତିରେ ଗାଣିତିକ ପ୍ରୟୋଗ ଏବେ ଆମର ଆଖି ଆଗରେ ପ୍ରତିଭାତ ହେଉଛି ଓ ଏକ ବିଶେଷ ଗାଣିତିକ ସାଜସରଞ୍ଜାମ ଏଥିପାଇଁ ତିଆରି ହେଉଛି । 'ରେଖା କାର୍ଯ୍ୟକ୍ରମ' 'ଧାଡ଼ିବନ୍ଧା ତତ୍ତ୍ୱ' ଓ 'ଖେଳତତ୍ତ୍ୱ' ଇତ୍ୟାଦି ଶହ ଶହ ଗାଣିତିକ ତତ୍ତ୍ୱ ବାହାରି ଗଲାଣି, ଯାହା ଏବେ ଅର୍ଥନୀତି ବିଦ୍ୟାରେ କାମରେ ଲାଗୁଛି । ତେଣୁ ସମୟ ଆସିଗଲାଣି ଯେତେବେଳେ ଭାଷାତତ୍ତ୍ୱ ବି ତାର ଗାଣିତିକ ସାଜସରଞ୍ଜାମ ସଜାଡ଼ିବ ଓ ତାହାରି ବଳରେ ଆପଣାର ପ୍ରଗତି ସମସ୍ୟା ସମାଧାନ କରିବାର ଉଦ୍ୟମ କରିବ । କାରଣ ଆଧୁନିକ ବିଜ୍ଞାନ ସଙ୍ଗେ ତାଳଦେଇ ଗଣିତ ଓ ଭାଷାତତ୍ତ୍ୱ ଏବେ ହାତ ଧରାଧରିହୋଇ ଆଗକୁ ମାଡ଼ି ଚାଲିଛନ୍ତି । ଏକଦା ଗଣିତ ଜଡ଼ ପଦାର୍ଥର ବିଜ୍ଞାନ ଅର୍ଥାତ୍ ଜ୍ୟୋତିର୍ବିଦ୍ୟାରୁ ଓ ପଦାର୍ଥ ବିଦ୍ୟାରୁ ଆପଣାର ପ୍ରେରଣା ଆହରଣ କରୁଥିଲା । ଆଜି ଆଉ ସେ କାଳ ନାହିଁ । ଏବେ ଗଣିତର କାର୍ଯ୍ୟ ବହୁତ ବଢ଼ିଯାଇଛି, ବହୁ ଗୋଳିଆପୋଳିଆ ହୋଇ ଯାଇଛି । କାରଣ ଜୀବତତ୍ତ୍ୱ, ଭାଷାତତ୍ତ୍ୱ ଓ ମନସ୍ତତ୍ତ୍ୱ ଆଦି ଜୀବଜନ୍ତୁ ସଂକ୍ରାନ୍ତୀୟ ବିଜ୍ଞାନର ସମସ୍ୟା ଏବେ ଗଣିତକୁ ଘାରିଛି । ଏଥିପାଇଁ ତାକୁ ସ୍ପେସିଆଲ ସାଜ ସଂରଜାମ ତିଆରି କରିବାକୁ ହେବ, ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ଇତିହାସର ଭାଷା-ଘଡ଼ି

କାଳ ଠାର କାଳ ମା' ଜାଣେ, କିନ୍ତୁ ଭାଷାର ଠାର ସବୁ ଭାଷାଭାଷୀ ଜାଣନ୍ତି । ଭାଷା ତ ଗୋଟିଏ ରକମର ଠାର । ଏହା ଗୋଟିଏ ପ୍ରକାରର ବନ୍ଧାଗତ । ଏହି ଗତ ଖବରତତ୍ତ୍ୱ ଓ ଗାଣିତିକ ପରିସଂଖ୍ୟାନ ସାହାଯ୍ୟରେ ବୁଝାଯାଏ । ଏହା ଅନୁସନ୍ଧାନର କେବଳ ହତିଆର ନୁହେଁ ବା ଚଉଦିଗରେ ବିସ୍ତୃତ ସଂସାରର ପ୍ରତିଫଳନ ନୁହେଁ । ଏହା ଏକ ପ୍ରକାରର ଘଡ଼ି ଯାହାଦ୍ୱାରା ଶବ୍ଦର ବିବର୍ତ୍ତନ ଓ ପରିବର୍ତ୍ତନ ମପାଯାଏ ।

ଭାଷା ହେଉଛି ସେଇ ଘଡ଼ି ।

ଠିକ୍ ଟାଇମ୍‌ଟା କେତେ ?

ଆଜିକୁ ଦୁଇଶହ ବର୍ଷ ତଳେ ଇଉରୋପର ବାସିନ୍ଦାଙ୍କ ଲାଗି ମଣିଷର ଇତିହାସ ଆରମ୍ଭ ହୋଇଥିଲା ପ୍ରାଚୀନ ଗ୍ରୀକ୍‌ଙ୍କର ହୋମର ଓ ବାଇବେଲର କାହାଣୀ ଯୁଗର । ୧୯ଶ ଶତାବ୍ଦି ବେଳକୁ ଇଉରୋପର ଚିନ୍ତାରେ ଏକ ବିପ୍ଲବ ଦେଖାଦେଲା । ସେଇ ଚିନ୍ତାର ବିପ୍ଲବର କାରଣ ହେଲା ପ୍ରାକୃତିକ ବିଜ୍ଞାନ ଓ ମଣିଷର ଅନ୍ୟାନ୍ୟ ସକଳ ବିଜ୍ଞାନ, ଯଥା ପୂରା ମାନବ ତତ୍ତ୍ୱ, ଭାଷାତତ୍ତ୍ୱ, ବଂଶାବଳିତତ୍ତ୍ୱ, ପ୍ରତ୍ନତତ୍ତ୍ୱ ଓ ଶିଳ୍ପକଳାର ଅଧ୍ୟୟନ । ସେଥିଁ ମଣିଷର ଇତିହାସ ଆହୁରି ବିସ୍ତୃତ ହୋଇଗଲା । ବାଇବେଲ ମଣିଷକୁ ଯେଉଁ କେତୋଟି ହଜାର ବର୍ଷର ଇତିହାସ ଦେଇଥିଲା ସେ କେତେ ହଜାର ଜାଗାରେ ମଣିଷର ଇତିହାସ ଅତୀତର ପଛକୁ ୭୦,୦୦୦ ବର୍ଷ ଯାଏ ଲମ୍ବିଗଲା । ୭୦ ହଜାର ତା'ପରେ ହେଲା ସାତ ଲକ୍ଷ ଓ ଶେଷରେ ହେଲା ଦଶ ଲକ୍ଷ । ସବୁଠାରୁ ଆଧୁନିକ ମାନବତତ୍ତ୍ୱବିଦ୍ ଫରାସୀ ପଣ୍ଡିତ ଲୁଇସ. ଏସ. ବି. ଲିକେଙ୍କର ଗଣନା ଅନୁସାରେ ମନୁଷ୍ୟର ଧରାତଳରେ ତିଷ୍ଠିବାର କାଳ ପନ୍ଦର ଲକ୍ଷ ବର୍ଷ ବୋଲି ଅବଧାରିତ ହୋଇଛି । ତେବେ ୧୯ଶ ଶତାବ୍ଦିର ବୈଜ୍ଞାନିକ ବିପ୍ଲବ କେବଳ ଯେ ମନୁଷ୍ୟ ଜାତିର ପରମାୟୁଟା ବଢ଼ାଇ ଦେଲା ସେତିକି ନୁହେଁ । ଏହି ବୈଜ୍ଞାନିକ ବିପ୍ଲବ ଫଳରେ ଭାଷା, ଲୋକ ସଂସ୍କୃତି ଓ ଘଟଣାବଳି ବିଷୟରେ

Digitized by srujanika@gmail.com

ବର୍ଣ୍ଣନାଗୁଡ଼ିକ କେବଳ ଏଣୁତେଣୁ କେତେଗୁଡ଼ିଏ କୌତୁକକଥା ହୋଇ ରହିଲା ନାହିଁ; ସେଗୁଡ଼ିକ ବୈଜ୍ଞାନିକ ସତ୍ୟର ମର୍ଯ୍ୟାଦା ଲଭିଲା ।

ଏହି ବିଂଶ ଶତାବ୍ଦୀରେ ମାନବିକ ବିଜ୍ଞାନର ଜ୍ଞାନଗୁଡ଼ିକ ଆଉ କେବଳ ଅନୁମାନ ନୁହେଁ । ସେ ସବୁ ଏବେ ପ୍ରାୟ ସିଦ୍ଧାନ୍ତ । ଭାଷାତତ୍ତ୍ୱ, ଇତିହାସ, ମନସ୍ତତ୍ତ୍ୱ, ବଂଶାବଳିତତ୍ତ୍ୱ, ଶିଳ୍ପକଳାର ଅଧ୍ୟୟନ ବିଦ୍ୟା, ପ୍ରତ୍ନତତ୍ତ୍ୱଗୁଡ଼ିକ ଆଗେ ଯେଭଳି ବ୍ୟକ୍ତିବିଶେଷଙ୍କ ଅନୁସନ୍ଧାନ ଓ ଚିନ୍ତାର ଉନ୍ମେଷ ହୋଇ ରହିଥିଲା; ତେଣୁ ସେଗୁଡ଼ିକ ଅମୁକଙ୍କର ସିଦ୍ଧାନ୍ତ ବା ସମୁକଙ୍କର ଧାରଣା ଭାବରେ ବିଚାର ଅପେକ୍ଷାରେ ରହୁଥିଲା । ଏବେ ତାହା ବି ଧୀରେ ଧୀରେ କଟିଗଲାଣି । ଗବେଷକ ବା ଅନୁସନ୍ଧାନକାରୀଙ୍କର ସିଦ୍ଧାନ୍ତ ଯଦି ବିଜ୍ଞାନର କଷଟିରେ ପରଖ ହୋଇ ସତ୍ୟ ସାବ୍ୟସ୍ତ ହେଲା ତେବେ ତାହା ବୈଜ୍ଞାନିକ ସତ୍ୟ ହୋଇଗଲା । ତାହାକୁ ଗବେଷକଙ୍କର ସମ୍ମାନ ପାଇଁ ତାଙ୍କର ସିଦ୍ଧାନ୍ତ ବା ତତ୍ତ୍ୱ ନାମରେ ନାମିତ କରାଯାଇପାରେ । ତେଣୁ ତାହା ବୈଜ୍ଞାନିକ ସତ୍ୟର ମର୍ଯ୍ୟାଦା ଲାଭ କଲା । ଆଗେ ପଦାର୍ଥବିଦ୍ୟା, ଜ୍ୟୋତିର୍ବିଦ୍ୟା ଓ ଗଣିତରେ ଏଭଳି ନିରାଟ ବୈଜ୍ଞାନିକ ସତ୍ୟର ପ୍ରଚଳନ ଥିଲା । ସବୁ ପ୍ରକାର ମାନବବିଦ୍ୟା ବା ମାନବ ସମାଜ ବିଜ୍ଞାନ ବା ମନୁଷ୍ୟର ମନନ, ଚିନ୍ତନ, ଭାଷା, ବଂଶାବଳି, କଳାସଂସ୍କୃତିର ବିଜ୍ଞାନରେ ବହୁ ଅନୁମାନ, ବହୁ ସିଦ୍ଧାନ୍ତ, ବହୁ ଯୁକ୍ତିତର୍କ, ନାନାବିଧ ମତ ଓ ତେଣୁ ମତାନ୍ତରର ଅବକାଶ ରହୁଥିଲା । କିନ୍ତୁ ଏବେ ଗଣିତ, ପଦାର୍ଥ ବିଦ୍ୟା, ଜ୍ୟୋତିର୍ବିଦ୍ୟା, ରସାୟନ ଇତ୍ୟାଦି ପ୍ରାକୃତିକ ଓ ରୋକଠୋକ ବିଜ୍ଞାନମାନେ ପୁରାକାଳର ମାନବବିଦ୍ୟାକୁ ସାହାଯ୍ୟ କରିବାକୁ ଆଗଭର ହୋଇ ଆସିଲେଣି । ଗଣିତ ଏବେ ମନସ୍ତତ୍ୱ ଓ ଭାଷାତତ୍ତ୍ୱର ସାହାଯ୍ୟ ପାଇଁ ବାହାରିପଡ଼ିଛି । ଜ୍ୟୋତିର୍ବିଦ୍ୟା ଇତିହାସକୁ ଉଦ୍‌ଘାଟନ କରିବାରେ ପ୍ରସ୍ତୁତ । ପଦାର୍ଥବିଦ୍ୟା ଓ ରସାୟନ ଦୁହେଁ ବର୍ତ୍ତମାନ ପ୍ରତ୍ନତତ୍ତ୍ୱର ଅନୁସନ୍ଧାନରେ ସାଥୀ ହୋଇଛନ୍ତି ।

ମଣିଷର ବିଜ୍ଞାନରେ ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମୟ ବା କାଳର ନିରୂପଣ । କେବେ କୌଣସି ନିର୍ଦ୍ଦିଷ୍ଟ ଘଟଣା ଘଟିଥିଲା ଏହା କେଉଁଠି ଘଟିଥିଲା ବା କାହିଁକି ଘଟିଥିଲା ଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ ନୁହଁ । ଅତୀତର ଘଟଣାବଳିର ଠିକି ନିଖି ତାରିଖ ନିର୍ଣ୍ଣୟ କରିବା ପାଇଁ ଏବେ ବହୁତ ସୂକ୍ଷ୍ମ ପଦ୍ଧତି ବାହାରି ଗଲାଣି । କିପରି ଆମେ କହୁଁ ଯେ ପୁରୀର ବଡ଼ ଦେଉଳ ଦ୍ୱାଦଶ ଶତାବ୍ଦିର ମଧ୍ୟ ଭାଗରେ ତିଆରି ହୋଇଥିଲା ? ଅଥବା ଆଜିକୁ ଚାରି ହଜାର ବର୍ଷ ପୂର୍ବେ ବୁଦ୍ଧଦେବ ଜନ୍ମ ହୋଇଥିଲେ ? ଏଭଳି କଥା ଅନେକ ବେଳେ ନ ଭାବି ନ ଚିନ୍ତି କେତେକ ଲୋକ ନୁଖୁରା ବାହାଦୁରି ଦେଖାଇ ବା ଦେଶପ୍ରେମ ଦେଖାଇ କହି ଦେଇଥାଆନ୍ତି । କିନ୍ତୁ

Digitized by srujanika@gmail.com

କିଏ କହିପାରିବ ଯେ ଭୁବନେଶ୍ୱର ମନ୍ଦିରରେ ଲେଖା ହୋଇଥିବା ରାମାୟଣ ଓ ମହାଭାରତ ହେଉଛି ଆଧୁନିକ ଭାରତୀୟ ଭାଷାମାନଙ୍କ ଭିତରେ ପ୍ରାଚୀନତମ ଗଦ୍ୟ ? କିଏ କହି ପାରିବ ଯେ ଅଶୋକ ଓଡ଼ିଶାକୁ ୪୩୬ ଖ୍ରୀ.ପୂ ରେ ଆକ୍ରମଣ କରିଥିଲେ, ତା ପୂର୍ବରୁ ନୁହେଁ କି ପରେ ନୁହେଁ ? ଏଥିପାଇଁ ସାକ୍ଷୀ କାହିଁ ?

ଏଥର ଜୀବନ୍ତ ସାକ୍ଷୀ ନାହାନ୍ତି କିନ୍ତୁ ବହୁତ ମଲା ସାକ୍ଷୀ ତ ଅଛନ୍ତି । ପ୍ରଥମ କଥା, ଆମର ଲିଖିତ ଦଲିଲ ଅଛି । କେଉଁଠି କିଏ ପାଞ୍ଜିକାର ଲେଖିଛନ୍ତି ଯେ ପୃଥିବୀକୁ ଭଗବାନ ତିଆରି କରିବାର ୬୩୫୧ ରେ ଏଇଠି ଗୋଟାଏ ବଡ଼ ଅଗ୍ନିକାଣ୍ଡ ହୋଇ ଯାଇଥିଲା । ସେ ସହରର ନାମଟା ବି ଅଛି । ସମୟର ଏହି ନିର୍ଦ୍ଧାରଣକୁ ଧରି ଅର୍ଥାତ୍ ୭୦୦୦ ବର୍ଷ ତଳର ଏହି ଘଟଣାକୁ ହିସାବକୁ ନେଇ ଆମେ ଏହି ବାଇବେଲର ଘଡ଼ିକୁ ବର୍ତ୍ତମାନର ଆମର ବୈଜ୍ଞାନିକ ଘଡ଼ି ସାଙ୍ଗରେ ମିଳାଇ ନେଇ ପାରିବୁଁ ଓ ଦେଖି ପାରିବୁ ମେଳ ଖାଉଛି କି ନାହିଁ ।

ଏହି ନିର୍ଦ୍ଦିଷ୍ଟ କାଳର ପ୍ରମାଣ ନ ମିଳିଲେ କ'ଣ କରାଯାଏ ? ଏଥିପାଇଁ ବିଜ୍ଞାନ ଗୋଟାଏ ବାଟ ଫିଟାଇଛି । ସବୁତକ ପ୍ରାଚୀନ ପାଣ୍ଡୁଲିପି (ପାଣ୍ଡୁଲିପି କହିବା ଠିକ୍ ହେବ ନାହିଁ କାରଣ ଏ ଭିତରୁ ବହୁତ ହେଉଛି 'ପଥରର ବହି, ମନ୍ଦିର ଗାତ୍ରରେ ଖୋଦିତ ଲେଖା, ମାଟି ପାତ୍ର ଇତ୍ୟାଦି ଯଥା ସୁମେରୀୟ, ବାବିଲୋନୀୟ ବା ଆସେରୀୟ ମାଟିର ଚତୁଷ୍କୋଣ)ରେ କିଛି ନା କିଛି 'ସ୍ୱର୍ଗୀୟ ସଙ୍କେତ' ଥାଏ । କେଉଁଠି ଥାଏ ସୂର୍ଯ୍ୟ ପରାଗ ବା ଚନ୍ଦ୍ରଗ୍ରହଣ, ଉଜ୍ଜ୍ୱଳ ଜଙ୍ଗାତାରାର ଆବିର୍ଭାବ, ବା କେବେ କେବେ ଉଲକା ପିଣ୍ଡର ଶିଳାବୃଷ୍ଟି । ଜ୍ୟୋତିର୍ବିଦ୍‌ମାନେ ଏହି ସବୁ ସଙ୍କେତରୁ ଭବିଷ୍ୟତର ହଜାର ହଜାର ବର୍ଷ ଆଗକୁ ଯେମିତି ଗଣନା କରି ପାରନ୍ତି ଅତୀତର ହଜାର ହଜାର ବର୍ଷ ପଛକୁ ବି ଗଣନା କରି ପାରନ୍ତି । ତେଣୁ 'ଆକାଶର ଚିହ୍ନ'ରୁ ପ୍ରାଚୀନ ପାଞ୍ଜିକାରମାନେ ଯାହା ସଙ୍କେତ ଦେଇ ଯାଇଛନ୍ତି ତାହା ଆଜିର ଐତିହାସିକ ପାଇଁ ଖୁବ୍ ମୂଲ୍ୟବାନ ପ୍ରମାଣ ଯୋଗାଇଥାଏ । ଏଥିରୁ ଜ୍ୟୋତିର୍ବିଦମାନେ ଦୁଇ, ତିନି, ଚାରି, ପାଞ୍ଚ, ଛଅ ହଜାର ବର୍ଷ ତଳର ଘଟଣାକୁ ନିର୍ଭୁଲ ଭାବରେ ଗଣନା କରି ଥୋଇ ଦେଇ ପାରିଛନ୍ତି ।

ଯଦି ଲିଖିତ ଦଲିଲ କିଛି ନାହିଁ, ତେବେ କ'ଣ ହେବ ? କାରଣ ଆମର ଭାରତ ପରି ଦେଶରେ ଲିଖିତ ଇତିହାସ ରଖିବାର ପରମ୍ପରା ନ ଥିଲା । ଏପରି ଆହୁରି ବି ଅନେକ ଦେଶରେ ପୂର୍ବେ ନ ଥିଲା । ତା ଛଡ଼ା ବି ପୃଥିବୀରେ ଲେଖା ସୃଷ୍ଟି ହେବାର ବହୁ ପୂର୍ବରୁ ମଣିଷର ଇତିହାସ ଆରମ୍ଭ ହୋଇଛି । ଏପରିକି କେତେକ ଜାତି ଏହି ବିଂଶ ଶତାବ୍ଦିରେ ଆପଣା ଭାଷାରେ ଲେଖିବା ଆରମ୍ଭ କରିଛନ୍ତି । କେତେକଙ୍କର

Digitized by srujanika@gmail.com

ଲିପି ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ । ଏସିଆ, ଆଫ୍ରିକା, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆମେରିକାରେ ଏଭଳି ବହୁ ଭାଷା ଭାଷୀ ଜାତି ଅଛନ୍ତି । ସେପରି ସ୍ଥଳରେ ବର୍ଣ୍ଣମାଳାର ପୂର୍ବ ଯୁଗର ଇତିହାସର କାଳ ଆମେ କି ଭାବରେ ନିରୂପଣ କରିବା ?

ଏଥିପାଇଁ କେତେଗୁଡ଼ିଏ ପଦ୍ଧତି ଏବେ ବିଜ୍ଞାନର ନିତ୍ୟ ବ୍ୟବହାର୍ଯ୍ୟ ହୋଇ ଯାଇଛି । ଗୋଟିଏ ସରଳ ପଦ୍ଧତି ହେଉଛି ଗବେଷକ ଯାଇ ଲୋକଙ୍କ ଭିତରୁ ସନ୍ଧାନ ବୁଝିବା । ଅର୍ଥାତ୍ ଗବେଷକ ମନେକରନ୍ତୁ, ଆଫ୍ରିକାର ଏକ ଉପଜାତିର କିଛି ପୁରୁଣା କାହାଣୀ କିମ୍ବଦନ୍ତୀ ବିଷୟରେ ଜ୍ଞାନ ଥିବା ଲୋକଙ୍କୁ କୁହା ପୁଚ୍ଛା କରି ବୁଝିଲା ଯେ ପ୍ରଥମ କିମ୍ବଦନ୍ତୀର ନେତା ଠାରୁ ସେମାନଙ୍କର ଉପଜାତିର ପୂର୍ବ ପୁରୁଷର ଦଳପତିମାନଙ୍କର ନିର୍ଦ୍ଦିଷ୍ଟ ସଂଖ୍ୟା ହେଉଛି ଚାଳିଶ ; ତେବେ ସେହି ଉପଜାତି ସେହି ଅଞ୍ଚଳରେ କେତେ ବର୍ଷ ହେଲା ବସତି କରି ରହିଛନ୍ତି ତାହାରି ଗୋଟାଏ ଅନ୍ଦାଜି ଧରଣା କରିପାରିବ ।

ତେବେ ଏ ପଦ୍ଧତି ନିର୍ଭୁଲ ନୁହେଁ ଓ ଏହା ଇତିହାସର ଖୁବ୍ ବେଶି ହେଲେ ୧୦୦ କି ୩୦୦ ବର୍ଷ ପର୍ଯ୍ୟନ୍ତ ଠିକ୍ ଠିକ୍ ମିଳିପାରେ । ଅତୀତରେ ତେଣୁ ଜାତିର କାହାଣୀ, କିମ୍ବଦନ୍ତୀ ଇତିହାସ-ପଣ୍ଡିତମାନଙ୍କୁ ଯେତିକି ପ୍ରମାଣ ଯୋଗାଇଛି ତାହା ଯଥେଷ୍ଟ ନୁହେଁ । ତେଣୁ ଏହି ସହଜ ପଦ୍ଧତି ଛାଡ଼ି ଏବେ ଗବେଷଣା କର୍ମୀମାନେ ଆହୁରି ଜଟିଳ ଉନ୍ନତି ପଦ୍ଧତି ଧରିଲେଣି । ଏହା ଫଳରେ ଇତିହାସ-ଲେଖାର ପୂର୍ବ କାଳର ଘଟଣାର ଠିକ୍ ଠିକ୍ ସମୟ ପ୍ରାୟ ନିର୍ଭୁଲ ଭାବରେ କଳନା କରାଯାଇ ପାରୁଛି । ଏହି ଜଟିଳ ପଦ୍ଧତି ଭିତରୁ ସବୁଠାରୁ ନିର୍ଭରଯୋଗ୍ୟ ହେଉଛି ରେଡ଼ିଓ-କାରବନ କାଳ-ନିରୂପଣ ।

ସବୁ କାଳରେ ଓ ସ୍ଥାନରେ ପ୍ରତ୍ୟେକ ଜୀବଜନ୍ତୁ ଓ ଉଦ୍ଭିଦ ଭିତରେ ସମାନ ଶତକଡ଼ା ଅନୁପାତରେ ରେଡ଼ିଓ କ୍ରିୟାଯୁକ୍ତ କାରବନ୍ ରହିଛି । (ଜୀବ ଓ ଉଦ୍ଭିଦର ପ୍ରାଣକୋଷର ଉପାଦାନ ହେଲା କାରବନ, ଅକ୍ସିଜନ୍ ଓ ହାଇଡ୍ରୋଜନ୍) । କୌଣସି ନିଦ୍ଦିଷ୍ଟ ଜୀବକୋଷର ମୃତ୍ୟୁ ହୋଇଗଲେ ଏହି ଅସ୍ଥିର ରାସାୟନିକ ମିଶ୍ରଣ ଧୀରେ ଧୀରେ କ୍ଷୟପାଇଯାଏ କିନ୍ତୁ ଏହି କ୍ଷୟର ଗତିବେଗ ବି ଏକ ନିର୍ଦ୍ଦିଷ୍ଟ ନିୟମ ମୁତାବକ ହୁଏ । ତେଣୁ କେତେ ବର୍ଷରେ କେତେ କ୍ଷୟ ପାଇବା ସମ୍ଭବ ତାହାର ଏକ ନିର୍ଦ୍ଦିଷ୍ଟ କଳନା କରାଯାଇପାରେ । ତେଣୁ ହାଡ,ଗଛ ବା ଅନ୍ୟାନ୍ୟ ପଦାର୍ଥ ଯେଉଁଥିରେ ଏହି ରେଡ଼ିଓ-ସକ୍ରିୟ-କାରବନ ଥାଏ ତାହା ମୃତ୍ୟୁ ପରେ ଜଳି ଜଳି ପାଉଁସ ହେଉଥିବା କାଠ ପରି ଶତାବ୍ଦି ଶତାବ୍ଦି ଧରି କ୍ଷୟ ପାଉଥାଏ ଓ ଗୋଟିଏ ଘଣ୍ଟାପରି କେତେ ସମୟର ଦଣ୍ଡ ଲିଡାକୁ ଟିକ୍ ଟିକ୍ କରି ଜ୍ଞାପନ କରିଯାଏ । ଯେତେବେଳେ ପ୍ରତ୍ନତାତ୍ତ୍ୱିକମାନେ

Digitized by srujanika@gmail.com

ମାଟିତଳୁ କୌଣସି ଜୀବଜନ୍ତୁ ବା ଗଛପତ୍ରର ମୃତାବଶେଷ ଉଦ୍ଧାର କରନ୍ତି ସେମାନେ ଏହି 'ରେଡ଼ିଓ-ସକ୍ରିୟ-ଘଡ଼ି' ସାହାଯ୍ୟରେ ଉକ୍ତ ପଦାର୍ଥର ମୃତ୍ୟୁର ତାରିଖ ନିର୍ଣ୍ଣୟ କରି ନିଅନ୍ତି । ଉଦାହରଣ ସ୍ୱରୂପ ଆଗେ ଧାରଣା ଥିଲା ଯେ ଆମେରିକାର ଗହନ ଜଙ୍ଗଲ ଭିତରେ ମଣିଷର ଅଗ୍ନିସଂଯୋଗର ୩୦,୦୦୦ ବର୍ଷ ପୂର୍ବେ ଅଗ୍ନି ଜଳିଥିଲା । କିନ୍ତୁ ଏବେ ଏହି ରେଡ଼ିଓକ୍ରିୟାର ପରିମାପରୁ ଜଣାପଡ଼ିଛି ତାହା ୫ରୁ ୬ ହଜାର ବର୍ଷ ପୂର୍ବରୁ ଘଟି ନଥିଲା । ଏହି କାଳ ନିରୂପଣ ଇତିହାସ ଦୃଷ୍ଟିରୁ କମ୍ ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ । ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକମାନେ ଏହି ଭଳି ଅତୀତ ଘଟଣାର ସମୟ ପାଞ୍ଜି ପାଇଁ ଏକ ଖୁବ୍ ବିଶ୍ୱାସଯୋଗ୍ୟ ସାକ୍ଷୀ ଠିକଣା କରିଛନ୍ତି ।

ଜିହ୍ୱା-ବଂଶାବଳୀର ପଦ୍ଧତି

ଯଦି ମାଟିତଳୁ ଖୋଳିବାରେ ହାଡ଼, ଗଛପତ୍ରର ମୃତ ଅବଶେଷ ନ ବାହାରିଲା ? ତେବେ ବିଜ୍ଞାନ ଆଉ ଏକ ଜଟିଳ ପଦ୍ଧତିର ଆଶ୍ରୟ ନେଇଛି । ତାହା ହେଉଛି ଭାଷାର ଘଡ଼ି । ଏହି ପଦ୍ଧତି ଗ୍ରୀକ୍ ଭାଷାର ଗୋଟିଏ ଶବ୍ଦ ଦ୍ୱାରା ବିଜ୍ଞାନରେ ପରିଣତ ହୋଇଛି । ଶବ୍ଦଟି ହେଲା "ଗ୍ଲୋଟୋକ୍ରନଲୋଜି" । ଓଡ଼ିଆରେ ଏହାର ଅର୍ଥ ହେବ ଗ୍ଲୋଟୋ-ଜିଭ, କ୍ରନଲୋଜି-ବଂଶାବଳୀ । ଏହାର ଆଉ ଗୋଟିଏ ନାମ ହେଲା "ଲେକ୍ସିକୋଷ୍ଟାଟିଟିକ୍ସ" ଅର୍ଥାତ୍ ଶବ୍ଦ-ପରିସଂଖ୍ୟାନ ।

ଏହି ପଦ୍ଧତି ସବୁକାଳେ ସବୁଯୁଗରେ ଥିଲା । କିନ୍ତୁ ଆଜି ଏହାକୁ ବିଜ୍ଞାନର ହତିଆର ଭାବରେ ନୂତନକରି ମାଜି ଘଷି ଉପଯୁକ୍ତ କରାଯାଇଛି । ଆମେ ଜାଣୁ ଭାଷା ନିରନ୍ତର ବଦଳିବାରେ ଲାଗିଛି । କିନ୍ତୁ ଗୋଟିଏ ହାତ ଘଡ଼ିର ସେକେଣ୍ଡ କଣ୍ଟାର ଗତି ଯେପରି ଆମର ସ୍ପଷ୍ଟ ଆଖି ଦୃଶିଆ ହୁଏ,ଏହି ଭାଷାର ଗତି ସେପରି ସ୍ପଷ୍ଟ ତ ହେବ ନାହିଁ । ଅନନ୍ତକାଳ ଭିତରେ ଭାଷାର କିଛି କିଛି ଆଖି ଦୃଶିଆ ପରିବର୍ତ୍ତନ ହୋଇପାରେ । ତେଣୁ ଭାଷା ଘଡ଼ିର ସେକେଣ୍ଡ କଣ୍ଟା ସମୟର ଘଣ୍ଟା କଣ୍ଟା ଅପେକ୍ଷା ଆହୁରି ମନ୍ଥର ଗତିରେ ଚାଲେ । ଏହା ଛଡ଼ା ଏହି ଭାଷା ଘଡ଼ିର ସବୁ ଅଂଶର ଗତି ବି ସମାନ ତାଳରେ ହୁଏ ନାହିଁ । ଭାଷାର ଶବ୍ଦ ଭଣ୍ଡାର ଭିତରୁ କେତେଗୁଡ଼ାଏ ଶବ୍ଦ ଖୁବ୍ ଜୋର ଗତିରେ ଆଗେ ବଢ଼ନ୍ତି, ଆଉ କେତେଗୁଡ଼ିଏ ଅତ୍ୟନ୍ତ ଶ୍ଲଥ ଗତିରେ ଯାଆନ୍ତି । ନୂତନ ଯୁଗରେ କେତେକ ନୂତନ ପ୍ରକ୍ରିୟାର ଅନୁରୂପ ଶବ୍ଦ ଦେଖା ଦିଅନ୍ତି, କେତେକ ବି ଲୋପ ପାଇ ଯାଆନ୍ତି । ନୂଆ ସାମାଜିକ ପରିସ୍ଥିତି କେତେଗୁଡ଼ିଏ ଅନୁଭୂତି ଓ ଘଟଣାରୁ ଜନ୍ମନିଏ । ଯେଉଁମାନେ ଆଗେ ନଥିଲେ ତେଣୁ ସେମାନଙ୍କୁ ବର୍ଣ୍ଣନା କରିବାକୁ ଭାଷା ବି ନଥିଲା ।

Digitized by srujanika@gmail.com

ମୌଳିକ ଶବ୍ଦ ଭଣ୍ଡାର

ତେବେ ଭାଷାର ଶବ୍ଦକୋଷର ଦ୍ରୁତ ପରିବର୍ତ୍ତନ ହେଲେ ବି ବାପା, ମା ତ ପିଲାମାନଙ୍କ କଥା ବୁଝିପାରନ୍ତି । ପିଲାମାନେ ଗୋସବାପା ଓ ଅଜାଙ୍କ ସାଙ୍ଗରେ ବି କଥାବାର୍ତ୍ତା କରି ପାରନ୍ତି । ଏପରିକି ପଣ ଅଜା ଓ ପଣଗୋସବାପାଙ୍କ ସଙ୍ଗେ ବି । ଆମେ ତ ଏବେ ବି 'ରୁଦ୍ରସୁଧାନିଧି' ଓ 'ଚତୁର ବିନୋଦ' ପଢ଼ି ବୁଝିପାରୁଁ । କାରଣ କୌଣସି ଭାଷାର ବିରାଟ ପାରାବାର ଭିତରେ କେତେଗୁଡ଼ିଏ ଶବ୍ଦ ଅଛନ୍ତି ଯେଉଁମାନେ ହେଉଛନ୍ତି ଅନ୍ତଃସାର ଶବ୍ଦ । ଜଣେ ଲୋକକୁ ଏବେ ନିଆଁ ଲିଭାଳି ଦଳ, ସ୍ପୁଟନିକ, ରକେଟ, ପାଇଲଟ ଇତ୍ୟାଦି ଭଳି ଶବ୍ଦ ନୂଆ ଲାଗିପାରେ । ତଥାପି ସେ ଓଡ଼ିଆଭାଷୀ ହୋଇ ରହିବ କାରଣ ସେ ଓଡ଼ିଆ ଭାଷାର ମୌଳିକ ଅନ୍ତଃସାର ଶବ୍ଦ ଯଥା ପାଣି, ଭାତ, ବିଲ, ଏକ, କାମ, ଘର, ମୁଣ୍ଡ, ଗୋଡ଼ ଇତ୍ୟାଦି ଗୁଡ଼ିକ ଜାଣେ ।

ଏହି ଏକାନ୍ତ ଲୋଡ଼ା ଶବ୍ଦଗୁଡ଼ିକ ହେଲା ଭାଷାର ଅନ୍ତଃସାର । ଏହି ଅନ୍ତଃସାରକୁ ଆମେ କହୁ ଧାତୁ । ଏହି ଧାତୁରୁ ନୂତନ ନୂତନ ଶବ୍ଦ ଜନ୍ମ ନିଅନ୍ତି । ଏହି ଧାତୁଗୁଡ଼ିକ ଭାଷା ଭିତରେ ବହୁକାଳ ଯାଏ ବଞ୍ଚି ରହନ୍ତି । ଏହି ଅନ୍ତଃସାର ବା ଧାତୁରେ କି ପରିବର୍ତ୍ତନ ଘଟେ, ନ ଘଟେ ବୋଲି ନାହିଁ କିନ୍ତୁ ସେ ପରିବର୍ତ୍ତନ ଅତ୍ୟନ୍ତ ମନ୍ଥର । ଶହ ଶହ ବର୍ଷ ବିତି ଗଲେ ବି କୌଣସି ଭାଷାର ଅନ୍ତଃସାର ଶବ୍ଦରେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଏ ନାହିଁ ।

ଏପରି ହେବାର କାରଣ ହେଉଛି ମନୁଷ୍ୟ ସମାଜର ଆବଶ୍ୟକତା । ଅନ୍ତଃସାର ଶବ୍ଦଗୁଡ଼ିକ ଯଦି ଦ୍ରୁତଗତିରେ ବଦଳେ ତେବେ ଭାଷାର ତ ଅସ୍ତିତ୍ୱ ରହିବ ନାହିଁ । ତୋଫାନରେ ଯଦି ଘରର ମୂଳଦୁଆ ଉଡ଼ିଯାଏ ତେବେ ରହିବା କେଉଁଠି ? ତେଣୁ ଅନ୍ତଃସାର ଶବ୍ଦଗୁଡ଼ିକ ପରସ୍ପରକୁ ବୁଝିବା ଓ ବୁଝାଇବା ପାଇଁ ଅପେକ୍ଷାକୃତ ସ୍ଥିର ରହେ ।

ତେବେ ଭାଷାଘଡ଼ିର ଦୁଇପ୍ରକାର କଣ୍ଟା ଥାଏ । ଗୋଟିଏ ହେଉଛି ମିନିଟ ଘଡ଼ି । ଯାହା ଡ଼େଇଁ ଡ଼େଇଁ ଯାଏ । ସବୁପ୍ରକାର ସଂସ୍କୃତି, ପରିବେଶ ଓ ପରିସ୍ଥିତିର ପରିବର୍ତ୍ତନର ପ୍ରତିକ୍ରିୟାରେ ବଦଳି ବଦଳି ଚାଲିଥାଏ । ଏହି ଭାଷାଘଡ଼ିର ମିନିଟ କଣ୍ଟାର ଗତି ଭାଷାଭାଷୀ ଲୋକେ ଧରିବାରେ ସକ୍ଷମ ହୁଅନ୍ତି । ସଂସ୍କାର, ଯୁଦ୍ଧ, ବୈଜ୍ଞାନିକ ଆବିଷ୍କାର, ଆମର ଦୈନନ୍ଦିନ ଜୀବନର ପରିବର୍ତ୍ତନ; ଯେଉଁଗୁଡ଼ିକ ଆମର ଶବ୍ଦକୋଷର ସାଂସ୍କୃତିକ ବହିରାବରଣକୁ ନୂତନ ରଙ୍ଗରେ ରଂଜିତ କରେ, ତାହା ଆମର ମୌଳିକ ଶବ୍ଦର ମହତ୍ତ୍ୱ ଶକ୍ତିକୁ ସାଧାରଣତଃ ପ୍ରଭାବିତ କରେ ନାହିଁ ।

Digitized by srujanika@gmail.com

ଓଡ଼ିଆ ଭାଷାରେ ହଳ, ଲଙ୍ଗଳ, ଗୋରୁ, ହଡ଼ା, ପାଣି, ମାଆ, ଆକାଶ, ଦୁଇ, ନିଆଁ ଇତ୍ୟାଦି ଶବ୍ଦ କେଉଁ ଆଦିକାଳରୁ ଶହ ଶହ ବର୍ଷ ହେଲା ଓଡ଼ିଆ ଲୋକଙ୍କର ସେବାରେ ଲାଗିଛି । ଏଥିଭିତରେ ବହୁ ଓଲଟପାଲଟ, ଯୁଦ୍ଧ, ଦୁର୍ଭିକ୍ଷ, ବିଦ୍ରୋହ, ଆନ୍ଦୋଳନ ହୋଇ ଯାଇଛି; କିନ୍ତୁ ଏହି ଶବ୍ଦମାନେ ସେଭଳି ପୁରୁଣା ମହିମାରେ ତିଷ୍ଠି ରହିଛନ୍ତି । ଅନ୍ୟ ପକ୍ଷରେ ମହାଶୂନ୍ୟଯାତ୍ରା, ହାବେଳି ରକେଟ, କଂପ୍ୟୁଟର, କମ୍ୟୁନିଷ୍ଟ ପାର୍ଟି, କୀଟନାଶକ ଏଣ୍ଡ୍ରିନ୍ ଇତ୍ୟାଦି ହଜାର ହଜାର ଶବ୍ଦ ଭାଷା ଭିତରକୁ ଆସିବାରେ ଲାଗିଛି ।

ତଥାପି କୌଣସି ଭାଷାର ମୌଳିକ ଭାଷାର ମହଜୁଦ ଶବ୍ଦ ଭିତରେ ବି ପରିବର୍ତ୍ତନ ହୁଏ । ପରିବର୍ତ୍ତନ ଯେତେ ମନ୍ଥର ହେଲେ ବି ଏହାର କାରଣ ଭାଷା ହେଉଛି ମନୁଷ୍ୟ ଚିନ୍ତାର ସବୁଠାରୁ ନମନୀୟ ଓ ସୂକ୍ଷ୍ମ ଆୟୁଧ ଓ ତାହା କୌଣସିମତେ ସ୍ଥିର ରହି ପାରେ ନାହିଁ । ଏପରିକି ସବୁଠାରୁ ଲୋଡ଼ା ପଦଗୁଡ଼ିକ, ମୌଳିକ ମହଜୁଦ ଶବ୍ଦ ଧୀରେ ଧୀରେ ବଦଳେ ।

ଏହା ଏକ ନିତି ପ୍ରଚଳିତ ଘଟଣା । କୌଣସି ଲକ୍ଷ୍ୟ କଲା ଲୋକ କହିବ ଯେ ତା'ର ଭାଷା ଏକ ଚଳମାନ ଅବସ୍ଥାରେ ରହିଛି । ତେବେ ୧୯୪୦ ମସିହା ବେଳକୁ ଏକ 'ଭାଷା ଘଡ଼ି'ର ଧାରଣା ମଣିଷ ମୁଣ୍ଡରେ ଢୁକିଲା । ସେତେବେଳେ ମନରେ ଏକଥା ଜାଗିଲା ଭାଷାଘଡ଼ିର ଘଣ୍ଟାକଣ୍ଟାର ମନ୍ଥର ଗତିରେ ରେଟ୍ କ'ଣ ସବୁ କାଳରେ ସମାନ ? କୌଣସି ଭାଷାର ମୌଳିକ ଶବ୍ଦଭଣ୍ଡାରର ପରିବର୍ତ୍ତନ ରେଟ୍ ସବୁବେଳେ ଏକ କି ନୁହେଁ ? ଆମେ କ'ଣ କୌଣସି ଭାଷାର ମୌଳିକ ଶବ୍ଦ ଭିତରେ କୌଣସି ଧରଣର 'ରେଡ଼ିଓ-ସକ୍ରିୟ କ୍ଷୟ' ଦେଖିବାକୁ ପାଉଁ ? ଏହି କ୍ଷୟର ଗତି କେତେ ? ଅର୍ଥାତ୍ କେତେ ହଜାର ବର୍ଷରେ କେତେ ଯାଏ କ୍ଷୟ ?

ଆମେରିକାର ଭାଷାବିଦ୍ ମରିସ୍ ସ୍ୱଦେଶ ଏଇ କଥା ସୂଚନା ଦେଇଥିଲେ । ସେ କହିଥିଲେ ଯେ ରେଡ଼ିଓ-କାରବନ କାଳ ନିରୂପଣ ପଦ୍ଧତିରୁ ତାଙ୍କ ମନରେ ଏକଥା ଢୁକିଲା ଯେ ଭାଷାମାନଙ୍କର ଶବ୍ଦ ସମ୍ପଦରୁ କାଳ ନିରୂପଣ କରାଯାଇ ପାରେ କି ନାଁ ?

ସଂପାଦି ରଖିବାର ପରିମାପ ସଂଖ୍ୟା

ରେଡ଼ିଓ-ସକ୍ରିୟ ଘଡ଼ି ଭଳି ଭାଷା ଘଡ଼ି ଏତେଟା ରୋକ ଠୋକ ନିର୍ଭୁଲ ନୁହେଁ । କାରଣ ରେଡ଼ିଓ-ସକ୍ରିୟ ଘଡ଼ି ହେଉଛି ପ୍ରାକୃତିକ, କିନ୍ତୁ ଭାଷା ହେଉଛି ମନୁଷ୍ୟ ଚିନ୍ତାର ବାହନ । ଏହା ସାମାଜିକ, ତା'ଛଡ଼ା ପରିବର୍ତ୍ତନର ରେଟ ହେଉଛି ଅତ୍ୟନ୍ତ ମନ୍ଥର ଓ କୌଣସି ଲୋକ ଏହି ଘଡ଼ି ଉପରେ ନିର୍ଭର କଲେ ତାକୁ ଶହେ ବର୍ଷର ସମୟ ନେବାକୁ ହେବ ନାହିଁ । ତାକୁ ହଜାର ସଂଖ୍ୟାର ବୟସ ନେବାକୁ ହେବ ।

Digitized by srujanika@gmail.com

ଏହି ଭାଷାଘଡ଼ିର ଘଣ୍ଟା କଣ୍ଟାର ଗତିବେଗ ଜାଣିବା ପାଇଁ ଗବେଷକମାନଙ୍କୁ ଏକ ଯଥେଷ୍ଟ ସମୟ ନେବା ଦରକାର । ତେଣୁ ଆଧୁନିକ ଇଂରାଜି ସହିତ ୯୫୦ ଖ୍ରୀଷ୍ଟାବ୍ଦର ଆଙ୍ଗ୍‌ଲୋସାକ୍‌ସନ ଭାଷାର ତୁଳନା କରିବା ଦରକାର । ଆପଣାର ଆଙ୍ଗଲୋସାକ୍‌ସନ ପୂର୍ବପୁରୁଷଙ୍କ ଠାରୁ ଇଂରାଜମାନେ କେତେଗୁଡ଼ିଏ ମୌଳିକ ଶବ୍ଦ ସଂପଦ ସଂଗ୍ରହ କରିଛନ୍ତି ? ପରିସଂଖ୍ୟାନ ହିସାବରୁ ଏହାର ଉତ୍ତର ମିଳୁଛି ।

୨୧୫ ଗୋଟି ସାଧାରଣତଃ ବ୍ୟବହୃତ ଅନ୍ତଃସାର ଶବ୍ଦର ଗୋଟିଏ ତାଲିକା ତିଆରି ହେଲା । ହିସାବରୁ ଦେଖାଗଲା ଯେ ୧୯୦ ଗୋଟି ଇଂରାଜି ଶବ୍ଦ ଅର୍ଥାତ୍ ଶତକଡ଼ା ୮୫ ଯାଏ ଶବ୍ଦ ଗତ ଏକହଜାର ବର୍ଷ ଭିତରେ ଆଦୌ ବଦଳି ନାହାନ୍ତି ।

ତେବେ ସବୁଠାରୁ ଲକ୍ଷ୍ୟଣୀୟ କଥା ହେଲା ଇଂରାଜି ଭାଷା କ୍ଷେତ୍ରରେ ଏହି ମୌଳିକ ଅନ୍ତଃସାର ଶବ୍ଦର ଯେଉଁ ଅପରିବର୍ତ୍ତନୀୟତା ଦେଖାଦେଇଛି ତାହା ଇଂରାଜି ଭାଷାର ବିଶେଷତ୍ୱ ନୁହେଁ । ଅର୍ଥାତ୍ ରୁଷ ଭାଷାରେ ଏଭଳି ୨୧୫ ଗୋଟି ଶବ୍ଦରେ ଶହେକୁ ଶହେ ଶବ୍ଦ କ'ଣ ସେପରି ରହିଛନ୍ତି ? ନାଁ ସେମାନେ ଇଂରାଜି ଭାଷା ଠାରୁ ଶତକଡ଼ା ବେଶି ଅନୁପାତରେ ବଦଳିଛନ୍ତି ନାଁ କମ୍ ? ଅଥବା ଚୀନ ଭାଷାରେ ବା ଜର୍ମାନ ଭାଷାରେ ? ନାଁ ଦେଖାଗଲା ପ୍ରତ୍ୟେକ ଭାଷାରେ ଏକ ହଜାର ବର୍ଷ ଭିତରେ ୨୧୫ ଗୋଟି ଅନ୍ତଃସାର ଶବ୍ଦର ପରିବର୍ତ୍ତନ ପ୍ରାୟ ସମାନ ରେଟରେ ଓ ସମାନ ଶତକଡ଼ା ହାରରେ ହେଉଛି । ଆଧୁନିକ ଫରାସୀ, ପର୍ତ୍ତୁଗିଜ, ଇଟାଲୀୟ, ସ୍ପେନୀୟ, ରୁମାନୀୟ ଭାଷାମାନେ ସମସ୍ତେ ଲାଟିନର ସନ୍ତାନ । ଏହି ଭାଷାମାନଙ୍କରେ ଏହି ୨୧୫ ଗୋଟି ଅନ୍ତଃସାର ମୌଳିକ ଶବ୍ଦ ଭିତରୁ ରୁମାନୀୟ ଭାଷା ଶତକଡ଼ା ୭୭, ଫରାସୀ ୭୯, ପର୍ତ୍ତୁଗିଜ ୮୨, ଇଟାଲୀୟ ୮୫ ଓ ସ୍ପେନୀୟ ୮୫ ଶବ୍ଦ ବିନା ପରିବର୍ତ୍ତନରେ ଯଥା ପୂର୍ବ ଅବସ୍ଥାରେ ରଖିଛନ୍ତି !

ପୁରୁଣା ଜର୍ମାନ ଓ ବର୍ତ୍ତମାନ ଜର୍ମାନର ତୁଳନାରୁ ଦେଖାଯାଇଛି ଯେ ନୂଆ ଜର୍ମାନ୍ ପୁରୁଣା ଜର୍ମାନରୁ ମୌଳିକ ଅନ୍ତଃସାର ଶବ୍ଦ ଭିତରୁ ଶତକଡ଼ା ୭୮ଟି ଏବେ ବି ଅପରିବର୍ତ୍ତନୀୟ ରଖିଛି ।

ଏହି ହିସାବ କଅଣ କେବଳ ୟୁରୋପୀୟ ଭାଷା କ୍ଷେତ୍ରରେ ଠିକ୍ ? ଅନ୍ୟମାନଙ୍କ କ୍ଷେତ୍ରରେ ଭୁଲ ? ତାହା ବି ନୁହେଁ । ଏକଥା ମଧ୍ୟ ଗଣନା କରାଯାଇଛି ୯୫୦ ଖ୍ରୀଷ୍ଟାବ୍ଦର ଶାସ୍ତ୍ରୀୟ ଚୀନ ଭାଷାର ମୌଳିକ ଅନ୍ତଃସାର ଶବ୍ଦରୁ ଶତକଡ଼ା ୭୯ ଶବ୍ଦ ଏବେ ବି ଆଧୁନିକ ଚୀନ ଭାଷାରେ ମହଜୁଦ ଅଛି । ମିସର ବା ଇଜିପ୍ଟର ମଧ୍ୟମ ରାଜ୍ୟର ପ୍ରାଚୀନ ଇଜିପ୍ଷୀୟ ଭାଷା (୨୧୦୦-୧୭୦୦ ଖ୍ରୀଷ୍ଟପୂର୍ବ) ଆପଣାର କୋପ୍‌ଟ ଭାଷାରେ ପ୍ରାୟ ଏକ ହଜାର ବର୍ଷଯାଏ ଶତକଡ଼ା ୭୫ ଧରି ରଖିଥିଲା । ତେବେ ତ ସବୁ ଆଡ଼େ ଅଦ୍ଭୁତ ଘଟଚକ୍ର ଯୋଗ !

Digitized by srujanika@gmail.com

କିନ୍ତୁ ପ୍ରକୃତରେ ଏହା ଘଟଚକ୍ର ଯୋଗ ନୁହେଁ । କାରଣ ଦୁନିଆରେ ଦୈବ ଯୋଗରେ କିଛି ଘଟେ ନାହିଁ । ସବୁ କଥାର ଏକ ବୈଜ୍ଞାନିକ ଆଇନ ରହିଛି ।

ଏକ ହଜାର ବର୍ଷ କାଳ ଭିତରେ ପୃଥିବୀର ବିଭିନ୍ନ ଭାଷାମାନେ ପ୍ରାୟ ସମାନ ରେଟରେ ବଦଳିବାରେ ଲାଗିଛନ୍ତି । ହିସାବର ପରୀକ୍ଷାରୁ ଏହି ରେଟ ପ୍ରାୟ ଉଣେଇଶ ବିଶ ଠିକ୍ ହେଉଛି । ତେବେ ଏହାକୁ ଆମେ ଏକ ନିୟମ ମଣିବା । ଏହାକୁ ଘଟଚକ୍ର ଯୋଗ ବୋଲି ମଣିବା ଠିକ୍ ହେବ ନାହିଁ । ତେଣୁ ଭାଷାଘଡ଼ିର ରେଟ ହେଉଛି ଏକ ନିର୍ଦ୍ଦିଷ୍ଟ ରେଟ୍, ଏଥିରେ ବ୍ୟତିକ୍ରମ ଖୁବ୍ କମ୍ ।

ଶତକଡ଼ା ୭୬ରୁ ୮୫ ଭିତରେ ପରିବର୍ତ୍ତନ ! ଅନ୍ତଃସାର ମୌଳିକ ଶବ୍ଦ ମାନଙ୍କରେ ! ତାହା ପୁଣି ହଜାରେ ବର୍ଷରେ ! ତେବେ ହଜାର ବର୍ଷଟା ଟିକିଏ ଏପାଖ ସେପାଖ ହେବାରୁ ୭୬ ଠାରୁ ୮୫ ଅର୍ଥାତ୍ ଶତକଡ଼ା ୯ର ଫରକ୍ ମିଳୁଛି । ଉଦାହରଣ ସ୍ୱରୁପ ଯେଉଁ ପ୍ରାଚୀନ ମିସରୀୟ ଭାଷା ସାଙ୍ଗରେ 'କପ୍‌ଟ' ଭାଷାର ତୁଳନା ହୋଇଛି, ତାହା ହେଉଛି ଖ୍ରୀଷ୍ଟପୂର୍ବ ୨୧୦୦ ଠାରୁ ୧୭୦୦ ସାଲର ଭାଷା । ତେଣୁ ଏହି ଭାଷାର କଳନାରେ ପ୍ରାୟ ୪୦୦ ବର୍ଷ ଏପଟ ସେପଟ ହୋଇ ଯାଇଛି । ଏ ସ୍ଥଳରେ ଭାଷାର ଅନ୍ତଃସାର ମୌଳିକ ଶବ୍ଦର ସ୍ଥାୟୀତ୍ୱ ଶତକଡ଼ା ୭୬ ପର୍ଯ୍ୟନ୍ତ ରହିବାର ଏହା ଗୋଟିଏ କାରଣ । ଏପରି ସ୍ଥଳେ ଦୋଷଟା ଭାଷାଘଡ଼ିର ନୁହେଁ, ଦୋଷ ହେଉଛି ଇତିହାସର କାଳନିରୁପଣ ଘଡ଼ିର ।

ବହୁ ସଂଖ୍ୟକ ଭାଷାର ହିସାବରୁ ଗବେଷକମାନେ ନିର୍ଦ୍ଧାରଣ କରିଛନ୍ତି ଯେ ଭାଷାର 'ହାରାହାରୀ ପରିବର୍ତ୍ତନର ରେଟ' ହେଲା ହଜାର ବର୍ଷରେ ମୋଟା ମୋଟି ଶତକଡ଼ା ୮୧+୨ । ଭାଷା ଘଡ଼ିର ଘଣ୍ଟା କଣ୍ଟାର ଏହାହିଁ ରେଟ୍ ।

ପରୀକ୍ଷାର ଉପାୟ

କୌଣସି ଏକ ତତ୍ତ୍ୱ ଠିକ୍ ନାଁ ଭୁଲ ତା'ର ମାପକାଠି ହେଲା ସେଥିରୁ ଗଣନା କରି ଭବିଷ୍ୟତବାଣୀ କଲେ ତାହା ଫଳୁଛି କି ନାଁ ? ମାଧ୍ୟାକର୍ଷଣତତ୍ତ୍ୱ ଆବିଷ୍କାର ହେଲାପରେ ତାହାରି ଗଣନା ଅନୁସାରେ ନେପଟ୍‌ଚୁନ୍ ନାମକ ଗ୍ରହର ଅବସ୍ଥିତି ଧରାପଡ଼ିଥିଲା । ପରେ ଗଣନା ଅନୁସାରେ ଖୋଜିବାକୁ ଦୁରବୀକ୍ଷଣରେ ଉକ୍ତ ଗ୍ରହର ଅସ୍ତିତ୍ୱ ଧରାପଡ଼ିଥିଲା । ଏଭଳି ମଧ ଉତ୍ତରମେରୁ ଅଞ୍ଚଳରେ ଶହ ଶହ ଦ୍ୱୀପ ଗବେଷକ ତା'ର ଗବେଷଣା ଘରେ ବି ଆବିଷ୍କାର କରିଛି । ପରେ ଜଣାପଡ଼ିଛି ସତକୁ ସତ ଏଭଳି ଦ୍ୱୀପର ଅସ୍ତିତ୍ୱ ଅଛି ।

ଏସ୍‌କିମୋ ଏବେ ବି ଅଛନ୍ତି । ବର୍ତ୍ତମାନ ଯେଉଁ ଦ୍ୱୀପପୁଞ୍ଜକୁ ଆଲ୍ୟୁସୀୟ ଦ୍ୱୀପପୁଞ୍ଜ କୁହାଯାଉଛି, ଆଲ୍ୟୁସିୟମାନେ ସେହି ଦ୍ୱୀପପୁଞ୍ଜରେ ଓ ଆଲାସ୍କାର କିଛି

Digitized by srujanika@gmail.com

ଅଂଶରେ ବସତି ସ୍ଥାପନ କରିଥିଲେ । ଆଲାସ୍କାରେ ବସିଥିବା ଜଣେ ଏସ୍‌କିମୋ ସୁଦୂର ଗ୍ରିନ୍‌ଲ୍ୟାଣ୍ଡର ଏସ୍‌କିମୋ ସାଙ୍ଗରେ କଥାବାର୍ତ୍ତା କରି ପାରେ; କିନ୍ତୁ ତାର ପଡ଼ୋଶୀ ଆଲ୍ୟୁସିୟ ସାଙ୍ଗରେ କଥାବାର୍ତ୍ତା କରିପାରେ ନାହିଁ । କିନ୍ତୁ ବଂଶାବଳିତତ୍ତ୍ୱବିଦ୍‌ମାନେ କହନ୍ତି ଯେ ଏକ ସମୟରେ ଏସ୍‌କିମୋ ଓ ଆଲ୍ୟୁସିୟମାନେ ଗୋଟିଏ ବଂଶର ଲୋକ ଥିଲେ । ଭାଷାତତ୍ତ୍ୱ ବିଜ୍ଞାନ ଗ୍ରହଣ କରେ ଯେ ଏବେ ଏସ୍‌କିମୋ ଓ ଆଲ୍ୟୁସିୟଙ୍କ ଭାଷାରେ ଅନେକ ପ୍ରଭେଦ ଥିଲେ ବି ସେ ଦୁଇଟି ଭାଷା ଦିନେ ଗୋଟିଏ ଭାଷା ଥିଲା ଯାହାର ନାମ ଥିଲା ଏସ୍‌କାଲିଭଟ୍ ।

ତେବେ ଏ ଦୁଇଟି ଭାଷା କେବେ ଭିନେ ହେଲେ ? ମୌଳିକ ଶବ୍ଦ ଭଣ୍ଡାରରୁ ଶତକଡ଼ା ୮୧ 'ପରିବର୍ତ୍ତନ ସୂତ୍ର'କୁ ଏକ ହଜାର ବର୍ଷ ଭିତରେ ଗ୍ରହଣ କଲେ ଓ ଉଭୟ ଭାଷା ସମାନ କାଳ ଭିତରେ ଏହି ପରିବର୍ତ୍ତନ ସ୍ରୋତରେ ଯାଇଛନ୍ତି ବୋଲି ମାନି ନେଲେ । ଏହି ଭାଷାମାନେ ପରସ୍ପରଠାରୁ ୮୧ର ୮୧ ଅର୍ଥାତ୍ ପୂର୍ବରୁ ଶତକଡ଼ା ୬୬ ପର୍ଯ୍ୟନ୍ତ ଫରକ ହୋଇଥିବେ । ଏହି ପ୍ରକାର ଗଣନାରୁ ଗବେଷକମାନେ ଏକଥା ସ୍ଥିର କରିଛନ୍ତି ଯେ ଭାଷାଗୁଡ଼ିକ ପରସ୍ପରଠାରୁ ଅଲଗା ହେବାର ମୋଟାମୋଟି ୨୯୦୦ ବର୍ଷ ହେବ । ସେହି ସଂକ୍ରାନ୍ତରେ ଭାଷା-ଘଡ଼ିକୁ ରେଡ଼ିଓ-ସକ୍ରିୟା ଘଡ଼ି ଦ୍ୱାରା ଦୋହରି ଚେକ୍ କରାଗଲା । ଏଲ୍ୟୁସୀୟମାନଙ୍କର ସବୁଠାରୁ ପୁରାତନ ବସତିମାନଙ୍କରେ ରେଡ଼ିଓ-ସକ୍ରିୟ କାରବନ ମିଳିଛି ଓ ଯନ୍ତ୍ ସହିତ ସେଗୁଡ଼ିକ ପରୀକ୍ଷା କରିବାରେ ଜଣାପଡ଼ିଛି । ଯେ ସେମାନଙ୍କର ଆୟୁଷ ତିନିହଜାର ବର୍ଷ ହେବ । ତେଣୁ ରେଡ଼ିଓ-ସକ୍ରିୟ ଘଡ଼ି ଓ ଭାଷାଘଡ଼ିର ଟାଇମ ବିଲକୁଲ ମେଳ ଖାଇଯାଉଛି ।

ତେଣୁ ଏଭଳି ଭାଷାଘଡ଼ିର କାଳ ସହିତ ଅନ୍ୟାନ୍ୟ ବିଜ୍ଞାନ ଯଥା Ethnography, ଇତିହାସ, ପ୍ରନ୍‌ତତ୍ତ୍ୱ ଇତ୍ୟାଦି ସହିତ ମେଳକ କରି ବୈଜ୍ଞାନିକମାନେ ଅତୀତରେ ମନୁଷ୍ୟ ଏସିଆରୁ ଉତ୍ତର ଆମେରିକା ମହାଦେଶକୁ ଯେ ସଞ୍ଚାର କରିଥିଲା ତାହାର ସମୟ ଓ ତାରିଖ ଠିକ୍ କରନ୍ତି । ଆମେରିକା ମହାଦେଶରେ ଶେଷ ବସତିକଲା ଲୋକେ ହେଉଛନ୍ତି ଏସକାଲିଉଟ୍ (ଏସକିମୋ+ଏଲ୍ୟୁଟ) । ତେଣୁ ସେମାନଙ୍କର ଭାଷା ଭଳି ଭାଷା କହୁଥିବା ଉପଜାତିମାନଙ୍କୁ ଆଉ ସେଠାରେ ନ ଖୋଜି ପୁରୁଣା ବିଶ୍ୱ ଅର୍ଥାତ୍ ଏସିଆ, ଆଫ୍ରିକାରେ ହିଁ ଖୋଜିବା ଅଧିକ ସମିଚୀନ ।

ଏହି ସଂଚାର କାଳର ସମୟ ଥିଲା ଆଜିକୁ ତିନିହଜାର ବର୍ଷ ଆଗେ । ଏହି କାଳନିରୂପଣରୁ ଏଭଳି ଆଶା କରାଯାଉଛି ଯେ ଏହିମାନଙ୍କ ଭାଷା ଭଳି କେତେକ ନିକଟ ଆତ୍ମୀୟ ଭାଷା ଆଜିର କେତେ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିବ । କେତେକ

Digitized by srujanika@gmail.com

ବିଶ୍ୱାସ କରୁଛନ୍ତି ଯେ ତୁର୍କି, ଫିନ୍ ଓ ଆଉ କେତେକ ଇଣ୍ଡୋ-ଇଉରୋପୀୟ ଲୋକେ, ସ୍ଲାଭ, ଜର୍ମାନ, ଭାରତୀୟ ଓ ପାରସିକମାନେ ଏମାନଙ୍କର ଜ୍ଞାତି ଭାଇ ହେବା ସମ୍ଭବ ।

ଏକ ବିଶ୍ୱଭାଷାର ସଂଧାନ

ତେଣୁ, ଭାଷା-ଘଡ଼ିର ଘଣ୍ଟା କଣ୍ଟା ସମୟ ସଙ୍ଗେ ସଙ୍ଗେ ଧୀର ମନ୍ଥର ଗତିରେ ଚାଲିବାରେ ଲାଗିଛି । ବୈଜ୍ଞାନିକମାନେ ପରିବର୍ତ୍ତନକୁ ଖାତିର ନକରି ତିଷ୍ଠିଥିବା ଶବ୍ଦ, ଅର୍ଥାତ୍ ସ୍ଥିର ଶବ୍ଦଗୁଡ଼ିକର ତାଲିକା କରିବାରେ ଲାଗିଛନ୍ତି ।

କେତେଗୁଡ଼ିଏ ପଦ ଅତ୍ୟନ୍ତ ବିଳମ୍ବରେ ବଦଳନ୍ତି । ସର୍ବନାମ ଏଥିଭିତରୁ ସବୁଠୁ ଜ୍ୱଳନ୍ତ ଉଦାହରଣ । ମୁଁ, ତୁ, ମୁହିଁ, ତୁଇ, ତୁମେ, ସେ, ସେମାନେ, କିଏ, କ'ଣ । ତା'ଛଡ଼ା ସଂଖ୍ୟା ମାନେ, ଏକ, ଦୁଇ, ତିନି, ଦଶ, ଦେହର ଅଙ୍ଗପ୍ରତ୍ୟଙ୍ଗ କାନ, ନାକ, ଆଖି, ଜିଭ, ଇତ୍ୟାଦି ଓ ବହୁଳ ବ୍ୟବହାର ଶବ୍ଦ ଯଥା ପାଣି, ଖରା, ମରିବା, ନାଁ, ଗାଁ ଇତ୍ୟାଦି । ସୋଭିଏଟ ଭାଷାବିଦ୍ ଏ.ବି. ଡ୍ରୋଲଗୋପୋଲେସ୍କି ହିସାବ କରିଛନ୍ତି ଯେ ଇଉରୋପ ଓ ଏସିଆର ୧୪୦ଟି ଭାଷା ଭିତରୁ 'ମୁଁ' ଓ 'ଦୁଇ' ଶବ୍ଦ ଦିଓଟି ଏ ପର୍ଯ୍ୟନ୍ତ ଥରେ ବି ବଦଳି ନାହାନ୍ତି । ୧୪୦ଟି ଭାଷା ଭିତରେ କେବଳ ଦୁଇଟି କ୍ଷେତ୍ରରେ 'ତୁମେ'ର ପରିବର୍ତ୍ତନ ହୋଇଛି । 'କାନ'ର ପରିବର୍ତ୍ତନ ହୋଇଛି ଦଶଟି ଭାଷାରେ । ଅନ୍ୟ ପକ୍ଷରେ ଆଉ ଗୁଡ଼ିଏ ପଦ ସେତେ ସ୍ଥାୟୀ ନୁହନ୍ତି; ସେମାନେ ଚଞ୍ଚଳ ବଦଳି ଯାଉଛନ୍ତି । 'ପାଦ' ୩୪ଟି ଭାଷାରେ ବଦଳିଛି, 'ନଦୀ' ବଦଳିଛି ୩୩ଟି ଭାଷାରେ, 'ପିଲା' ପଦଟି ପ୍ରତ୍ୟେକ ଭାଷାର ଇତିହାସରେ ବହୁବାର ବଦଳିଛି ।

ଠିକ୍ ସେପରି ଭାଷାଘଡ଼ିକୁ ଇତିହାସର ସମୟ ଘଡ଼ିହିଁ ଚଳାଇଛି । ଇତିହାସର ମାଲମସଲା ନ ଥିଲେ କେବଳ ଭାଷାଘଡ଼ିକୁ ଦେଖି ଓ ତହିଁରୁ ଭାଷାର ପରିବର୍ତ୍ତନର ରେଟକୁ ମାପି ସେଥିରୁ ଇତିହାସର କାଳ କଣ ସ୍ଥିର କରିପାରିବା ? ଏହାର ଉତ୍ତର ହଁ, ନିଶ୍ଚୟ ପାରିବା । ଆମକୁ କେବଳ ଜନନୀ ଭାଷା ସହିତ ସନ୍ତାନ ଭାଷାକୁ ତୁଳନା କରିବାକୁ ହେବ । ସେଥିରୁ ଆମେ ମୌଳିକ ଶବ୍ଦର ପରିବର୍ତ୍ତନର ରେଟ ଠିକ୍ କରି ପାରିବା ଯଦି ଶତକଡ଼ା ୮୦।୮୧ ବା ୭୭।୭୮ ଯାଏ ପରିବର୍ତ୍ତନ ହୋଇଥାଏ ତେବେ ଅକ୍ଳେଶରେ ଏକ ହଜାର ବର୍ଷର ବ୍ୟବଧାନ ବୋଲି ଧରି ନେଇ ପାରିବା । ଯଦି ଶତକଡ଼ା ହାର ଏଥିରୁ ବେଶି ତେବେ ନିଶ୍ଚୟ ବ୍ୟବଧାନ ବେଶି । ଯଦି ଶତକଡ଼ା ହାର ଏଥିରୁ କମ୍ ତେବେ ସମୟର ବ୍ୟବଧାନ ନିଶ୍ଚୟ ହଜାର ବର୍ଷରୁ କମ୍ ।

Digitized by srujanika@gmail.com

ଭାଷା-ଘଡ଼ି ହେଉଛି ଭାଷାବିଦ୍‌ମାନଙ୍କର ଗୋଟିଏ ପ୍ରଧାନ ହତିଆର । କାରଣ ଏହାରି ସାହାଯ୍ୟରେ ଗୋଟିଏ ଭାଷାକୁ ଅନ୍ୟ ଭାଷାଠାରୁ ବୟସ ଓ କାଳ ହିସାବରେ ବାରି ହୁଏ । ଅର୍ଥାତ୍ ସ୍ଥିର କରିହୁଏ ଇତିହାସର କେଉଁ ଯୁଗରେ, ମନେ କରନ୍ତୁ, ରୁମାନୀୟ,ସ୍ପେନୀୟ, ଫରାସୀ ଭାଷା ସେମାନଙ୍କର ଜନନୀ ଭାଷା ଲାଟିନରୁ ଜନ୍ମ ହୋଇଥିଲେ ତାହାରି ଗଣନା କରିହୁଏ । ଭାଷା ବିଷାରଦ ସହଜରେ ଧରି ପାରେ ନାହିଁ କେବେ ଭାଷାଗୁଡ଼ିକ ଆପଣାର ସାବକ ଭାଷାର ଗଣ୍ଡିରୁ ବାହାରି ଶାଖାପ୍ରଶାଖା ମେଲିଲେ । ବର୍ତ୍ତମାନ କିନ୍ତୁ ଯଥେଷ୍ଟ ନିର୍ଭୁଲ ଭାବରେ କହିବା ସମ୍ଭବ ଯେ ରୁଷୀୟ, ବାଇଲୋରୁଷୀୟ ଓ ୟୁକ୍ରେନୀୟ ଭାଷାଗୁଡ଼ିକ କେବେ ଆପଣାର ଜନନୀଭାଷା ସ୍ଲାଭଠାରୁ ଅଲଗା ହେଲେ ?

କିନ୍ତୁ ଯେଉଁ ଭାଷା ଲିଖିତ ନୁହେଁ ତାର କେଉଁ କାଳରେ ଜନନୀ ଭାଷାରୁ ଅଲଗା ହେଲା ତାହା ଠିକଣା କରିବା ସୁବିଧା ମୁତାବକ ହୋଇ ପାରିବ ନାହିଁ । କାରଣ ଲିଖିତ ଭାଷାରେ ମୌଳିକ ଅନ୍ତଃସାର ଶବ୍ଦର ପରିବର୍ତ୍ତନ ଧରି ହେବ, ଅଲିଖିତ ଭାଷାରେ ଧରି ହେବ ନାହିଁ ।

ଏହା ଛଡ଼ା ଭାଷା-ଘଡ଼ିର ଆଉ ଏକ ବ୍ୟାପକ ଉପଯୋଗିତା ଅଛି । ଭାଷା-ଘଡ଼ି ମଣିଷର ଇତିହାସ ପୂର୍ବ ଘଟଣାକୁ ଆଉ ଥରେ ନିଖୁଣ ନିର୍ଭୁଲ ରୂପେ ଠିକ୍ କଣ୍ଟା କଣ୍ଟାରେ ନିର୍ଦ୍ଧାରଣ କରି ଦେଇପାରେ । ପ୍ରତ୍ନତତ୍ତ୍ୱ, ଜ୍ୟୋତିର୍ବିଦ୍ୟା ଓ ରେଡ଼ିଓ-ସକ୍ରିୟ-ଘଡ଼ି ସହିତ ମିଳାଇ ଭାଷା ଘଡ଼ିକୁ ଦେଖିଲେ ଯେଉଁ ଘଟଣାଗୁଡ଼ିକର ଐତିହାସିକ ଚିହ୍ନ ବର୍ଣ୍ଣର ଲେଶମାତ୍ର ନ ଥିଲା ସେଗୁଡ଼ିକ କାଳ ଦୃଷ୍ଟିରୁ ସ୍ପଷ୍ଟ ହୋଇ ଉଠନ୍ତି ।

ଇତିହାସ, ପ୍ରତ୍ନତତ୍ତ୍ୱ, ବଂଶାବଳୀତତ୍ତ୍ୱ ଓ ଭାଷାତାତ୍ତ୍ୱିକ ଭୂଗୋଳ ସହିତ ସମତାଳ ରଖି, ଅର୍ଥାତ୍ ଯେଉଁ ଯେଉଁ ବିଦ୍ୟାଗୁଡ଼ିକ ସାରା ଭୂଲୋକର ଭାଷାଗୁଡ଼ିକ କିପରି ଦିଗବିଦିଗ ବ୍ୟାପିଗଲେ ତାହାର ହିସାବ ରଖିଛନ୍ତି ସେମାନଙ୍କର ସହିତ ମିଶି ଇତିହାସ-ପୂର୍ବ ମାନବ ବସତିର ଧାରା ଓ ମାନବର ବିଭିନ୍ନ ଅଞ୍ଚଳରେ ପ୍ରବେଶ ଖସଡ଼ା ସ୍ଥିର କରାଯାଏ । ତେଣୁ ଭାଷା ଘଡ଼ି ଆବିଷ୍କାର ହେବା ପରେ ପରେ ଏହାକୁ ମନୁଷ୍ୟ ଅସ୍ତିତ୍ୱର ସବୁଠାରୁ ଆଦିମ ସମୟର ଅନ୍ଧକାର ଉପରେ ଆଲୋକପାତ ପାଇଁ ବ୍ୟବହାର କରାଯାଇଥିଲା ଓ ସଙ୍ଗେ ସଙ୍ଗେ ସଂଗୃହୀତ ତଥ୍ୟଗୁଡ଼ିକର ନିର୍ଭୁଲତାକୁ କଷି ପରଖି ରଖାଯାଇଥିଲା ।

ଆମେରିକା ମହାଦେଶରେ ମନୁଷ୍ୟର ଆଦିମ ବସବାସ ବିଷୟରେ ଏପର୍ଯ୍ୟନ୍ତ ଇତିହାସରେ ବେଶି କିଛି ମାଲମସଲା ନାହିଁ । ମଣିଷ ପୁରାତନ ବିଶ୍ୱ ଅର୍ଥାତ୍ ଏସିଆ,

Digitized by srujanika@gmail.com

ଆଫ୍ରିକାରେ ପ୍ରଥମ ଉଦ୍ଭବ ହେଲା ବୋଲି ଧାରଣା ରହି ଆସିଛି । ଅଧିକାଂଶ ବିଦ୍ୱାନଙ୍କ ମତରେ ଏସିଆର ଲୋକେ ଯାଇ ଉଭୟ ଆମେରିକାରେ ବସତି ସ୍ଥାପନ କରିଛନ୍ତି । ଏସିଆର ଉପଜାତିମାନେ ଗୋଟିଏ ପରେ ଗୋଟିଏ ନୂତନ ମହାଦେଶରେ ଯାଇ ପହଞ୍ଚିଛନ୍ତି । କେତେକ ବିଶ୍ୱାସ କରନ୍ତି ଯେ ଏହି ବସତି-ସ୍ଥାପନ ହଜାର ହଜାର ବର୍ଷ ଯାଏ ଚାଲିଆସି ଥିଲା । ଆମେରିକା ମହାଦେଶରେ ଶେଷ ବସତି ସ୍ଥାପନ କରିବା ଲୋକେ ହେଉଛନ୍ତି ଆଧୁନିକ ଏସ୍‌କିମୋ ଓ ଆଲ୍ୟୁସିୟମାନଙ୍କର ପୂର୍ବପୁରୁଷ ।

ଏସ୍‌କିମୋ ଜାତି ସମଗ୍ର ଉତ୍ତର ଆମେରିକାର ଉତ୍ତରତମ ଅଞ୍ଚଳରେ ବସତି ସ୍ଥାପନ କରିଥିଲେ । ଏହି ଅଞ୍ଚଳ ଏବର ଭୌଗୋଳିକ ଆଲାସ୍କା ଠାରୁ ଗ୍ରୀନ୍‌ଲ୍ୟାଣ୍ଡ ଯାଏ ବ୍ୟାପ୍ତ । ଏମାନଙ୍କ ଭିତରୁ ମୁଷ୍ଟିମେୟ ଲୋକ ଏସିଆରେ ରହିଯାଇଥିଲେ । ଏବେ ବି ସେମାନଙ୍କର ଚିହ୍ନ ସାଇବେରିଆର ଚୁକୋଟ୍‌କା ଅଞ୍ଚଳରେ ଦେଖିବାକୁ ମିଳେ । ମୋଟ ଉପରେ, ବିଭିନ୍ନ ଶବ୍ଦର ବିଭିନ୍ନ ଅନୁପାତରେ ସ୍ଥିରତା ଅଛି । ଏଥିରୁ କି ପ୍ରମାଣ ମିଳୁଛି ? ମନେ କରାଯାଉ ଯେକୌଣସି ଜନନୀ ଭାଷା ୬୦୦୦ ବର୍ଷତଳେ ଭାଗ ବିଭାଗ ହୋଇଗଲା ଓ କେତୋଟି ଶାଖାରେ ବିଭକ୍ତ ହୋଇଗଲା । ପ୍ରଥମ ଏକହଜାର ବା ଦୁଇ ହଜାର ବର୍ଷ ଯାଏ ଏହି ଜନ୍ମିତ ଭାଷାଗୁଡ଼ିକ ସବୁଠାରୁ ଅସ୍ଥିର ଶବ୍ଦଗୁଡ଼ିକୁ ସର୍ବସାଧାରଣ ତାଲିକାରେ ରଖିଦେଲେ, ଯାହାର ମୂଳଭାଷା ସହିତ ମେଳରହିଛି । ଏହି ସ୍ଥିର ଶବ୍ଦଗୁଡ଼ିକ ବହୁତ ବିଳମ୍ବରେ ବଦଳିବେ । ତେଣୁ ସ୍ଥିରତାର ମାପକାଠିର ସଂଖ୍ୟାନୁପାତ ଏଠାରେ ଭାଙ୍ଗିଗଲା !

କେବଳ ସେତିକି ନୁହେଁ । ଉପରେ ୨୧୫ ଗୋଟି ଅନ୍ତଃସାର ମୌଳିକ ଶବ୍ଦର କଥା କୁହାଯାଇଛି । ସେଗୁଡ଼ିକ ଭିତରେ ଏଭଳି କେତେଗୁଡ଼ିଏ ଶବ୍ଦ ଅଛି ଯେଉଁ ଗୁଡ଼ିକ ଭାଷା ଭାଷୀ ଜାତିର ସଂସ୍କୃତିକୁ ଚିହ୍ନାଇ ଦିଅନ୍ତି । ଯେପରିକି ଦଉଡ଼ି, ବର୍ଚ୍ଛା, ଲୁଣ ଇତ୍ୟାଦି । ଉପମା ଦେଇ କହିଲେ ଏହାର ଅର୍ଥ ହେଲା ଭାଷାଘଡ଼ିର ଘଣ୍ଟାକଣ୍ଟାର ବୈଜ୍ଞାନିକ ନିରପେକ୍ଷ ଗତି, ସଂସ୍କୃତି ଓ ଚଳଣିର ମିନିଟକଣ୍ଟାର ଗତି ଦ୍ୱାରା କିଛି କିଛି ପ୍ରଭାବିତ ହୁଏ । ଏଭଳି ହେଲେ ତ ଘଣ୍ଟା କଣ୍ଟାର ନିରପେକ୍ଷତା ରହିବ ନାହିଁ । ତାହା ଖିଆଲି ଚାଲରେ ଚାଲିବ । ତେଣୁ ଆମେରିକାର ଭାଷାତତ୍ତ୍ୱବିଦ୍ ସ୍ୱଦେଶ ଏହି ୨୧୫ ଶବ୍ଦକୁ କାଟି କୁଟି ୧୦୦ରେ ନେଇ ରଖିଛନ୍ତି ।

ତେବେ ବି ଗୋଟିଏ ଅଛିଣ୍ଡା ସମସ୍ୟା ରହି ଯାଉଛି । ସାରା ବିଶ୍ୱର ଭାଷା ତାଲିକାରେ କେଉଁ ଶବ୍ଦଗୁଡ଼ିକ ରଖିବା ଓ କେଉଁ ଗୁଡ଼ିକ କାଟିଦେବା ? କେଉଁ ଶବ୍ଦ ଗୁଡ଼ିକ ହୋଟେନ୍‌ଟୋଟ୍, ଚୀନ, ରୁଷ, ଏସ୍‌କିମୋ, ଜର୍ମାନ, ଅଷ୍ଟ୍ରେଲିୟ ଇତ୍ୟାଦି ହରେକ ରକମ ଭାଷାରେ ସମାନଧର୍ମୀ ? ତା'ଛଡ଼ା ଏଭଳି କଣ ଏକ ବିଶ୍ୱ-ଶବ୍ଦ ଭଣ୍ଡାର ସମ୍ଭବ ? ଯାହା ସାରା ବିଶ୍ୱର ସବୁ ଭାଷା ପାଇଁ ପ୍ରଯୁଜ୍ୟ ହୋଇ ପାରିବ ।

Digitized by srujanika@gmail.com

ଅତି ସ୍ପଷ୍ଟ କଥା ଯେ ଭୂଗୋଳ, ପାଣିପାଗ, ବିଭିନ୍ନ ଜୀବଜନ୍ତୁ ବା ଗଛପତ୍ର ସାଙ୍ଗରେ ସଂପର୍କ ଥାଇ ଯେଉଁ ଶବ୍ଦଗୁଡ଼ିକ ଉଦ୍ଭବ ହୋଇଛନ୍ତି ସେ ଗୁଡ଼ିକ ତ କୌଣସି ବିଶ୍ୱଭାଷା ଭଣ୍ଡାରରେ ସ୍ଥାନ ପାଇବେ ନାହିଁ । କାରଣ ସାରା ବିଶ୍ୱର ପାଣିପାଗ, ଭୂଗୋଳ, ଜୀବଜନ୍ତୁ, ଗଛପତ୍ର ତ ଏକାରକମର ନୁହନ୍ତି । ଏଭଳି ଶବ୍ଦ ତ ସବୁ ଭାଷାରେ ଥିବ । କେତେ ଭାଷାରେ ସେ ଶବ୍ଦ ନଥାଇ ଆଉ କୌଣସି ବିଷୟକୁ ବୁଝାଉଥିବା ଶବ୍ଦ ଥିବ । ତା'ଛଡ଼ା ଏଭଳି ଶବ୍ଦ ତ ସହଜରେ ଧାର ଉଧାର ସୂତ୍ରେ ଗୋଟିଏ ଭାଷାରୁ ଯାଇ ଅନ୍ୟ ଭାଷାରେ ପଶିଯିବା ସମ୍ଭବ । ଉଦାହରଣ ସ୍ୱରୂପ 'ଜିରାଫ' ଶବ୍ଦଟି । ଏହା ଏକ ଉଦ୍ଦାମରା ଆରବ ଶବ୍ଦ । ଆରବୀ ଭାଷାରେ 'ଜିରାଫ' ଶବ୍ଦର ଅର୍ଥ 'ଡ଼ଉଲ' । ଅନେକ ଇଉରୋପୀୟ ଭାଷାରେ ପ୍ରାଚୀନ ଅଷ୍ଟ୍ରେଲିୟ ଶବ୍ଦ 'କଙ୍ଗାରୁ' ପଶି ଗଲାଣି ଓ ଆମେରିକାର 'ଲୋହିତ ଭାରତୀୟ' ଙ୍କର ଭାଷାର 'ଓପୋସମ' ବି ପୃଥିବୀର ବହୁ ଭାଷା ଅବିକଳ ଆପଣା ଶବ୍ଦ ଭଣ୍ଡାର ଭିତରେ ରଖି ନେଲେଣି । ଲକ୍ଷ୍ୟ କରିବା କଥା ଏହି ଜିରାଫ, କଙ୍ଗାରୁ, ଓପୋସମ୍‌ର ଓଡ଼ିଆରେ ପ୍ରତିଶବ୍ଦ ନାହିଁ । ତେଣୁ ଆମେ ବି ଏହି ଶବ୍ଦ ଦରକାର ପଡ଼ିଲେ ବ୍ୟବହାର କରୁଛୁଁ । କାରଣ ଆମ ଦେଶରେ ଏଭଳି ଜନ୍ତୁ ନଥିଲେ । ତେଣୁ ଆମ ଭାଷାରେ ସେମାନଙ୍କୁ ନାଁ ଦେବା ଲୋଡ଼ା ପଡ଼ି ନଥିଲା ।

ଏତ ଗଲା ଜୀବଜନ୍ତୁଙ୍କ କଥା । ସବୁଠାରୁ ସ୍ଥିର ବୋଲି ଯାହାକୁ ଧରାଯାଏ ଯଥା ସଂଖ୍ୟା ତାହା ବି ଦେଶ ଦେଶକେ ଭିନ୍ନ । ଆମେ ଅନ୍ୟଠି ଦର୍ଶାଇଛୁଁ ଯେ ଏପରି ଲୋକେ ପୂର୍ବେ ଥିଲେ ଯେଉଁମାନେ ଦୁଇରୁ ବେଶି ଗଣି ଜାଣି ନଥିଲେ । ଏବେବି ଦଶ ବା କୋଡ଼ିଏ ଯାଏ ଗଣିଲାପରେ ଆମ ଲୋକେ ଦୁଇକୋଡ଼ି, ତିନିକୋଡ଼ି ଏଭଳି ଭାବରେ ହିସାବ କରନ୍ତି । ଏହାଛଡା ସଂଖ୍ୟା ତ ଧାର ଉଧାର ପାଇଁ ଯେମିତି ଜନ୍ମ ହୋଇଛି । ମେକ୍‌ସିକୋ ଦେଶର ପୂର୍ବତନ ଭାରତୀୟ 'ମାୟା' ସଭ୍ୟତାରେ ବହୁତ ସଂଖ୍ୟା ସ୍ପେନ ଭାଷାରୁ ଆମଦାନୀ ହୋଇଛି । ଜାପାନୀ ଭାଷା ବି ତାର ସଂଖ୍ୟାଗୁଡ଼ିକୁ ଚୀନ ଭାଷାରୁ ଉଧାର କରିଛି ।

କେତେକ ଭାଷାରେ ଗୋଟିଏ ପ୍ରକାର ପଦାର୍ଥ ପାଇଁ କୌଣସି ନାମ ନାହିଁ । କେତେକ ଭାଷାରେ ଅଛି । ଯଥା 'ଭାରିଜା' । ଏହି ଶବ୍ଦକୁ ବି ବିଶ୍ୱଶବ୍ଦ ଭଣ୍ଡାରରୁ ବାଦ୍ ଦେବାକୁ ପଡ଼ିବ । କାରଣ ଅନେକ ଭାଷାରେ 'ତିରଲା' 'ମାଇକିନିଆ' 'ମାଇପି' ଇତ୍ୟାଦି ଶବ୍ଦରେ 'ଭାରିଜା' ନାମିତ ହୋଇଥାଏ ।

ତା'ଛଡ଼ା ମନୁଷ୍ୟର ଇନ୍ଦ୍ରିୟ, ଅଙ୍ଗ ପ୍ରତ୍ୟଙ୍ଗ ଇତ୍ୟାଦି ବୁଝାଇବା ଶବ୍ଦ ଭିତରୁ କେତେକ ଶବ୍ଦ କୋଉ ଭାଷାରେ ଅଛି ତ ଅନ୍ୟ କୋଉ ଭାଷାରେ ନାହିଁ । ପଶ୍ଚିମ ଅଷ୍ଟ୍ରେଲିଆର ଏକ ଉପଜାତୀୟ ଭାଷାରେ 'ବାହା'ର ଉପର ଅଂଶ, ବାହାର ତଳ

Digitized by srujanika@gmail.com

ଅଂଶ ଇଂରାଜିରେ ଯାହାକୁ କହନ୍ତି 'ଫୋର ଆର୍ମ', 'ଡ଼ାହାଣ ହାତ', 'ବାଁ ହାତ' ଏସବୁ ପାଇଁ ଅଲଗା ଅଲଗା ନାଁ ଅଛି ଅଥଚ ସମୁଦାୟ ହାତ ପାଇଁ ଗୋଟାଏ ନାଁ ନାହିଁ । ଇଂରାଜିରେ 'ହ୍ୟାଣ୍ଡ' ଓ 'ଆର୍ମ' ବୋଲି ଯୋଡ଼ିଏ ଶବ୍ଦ ଅଛି ଅଥଚ ରୁଷ ଭାଷାରେ ଅଛି ଗୋଟିଏ ଶବ୍ଦ 'ରୁକା' ।

ଏକ ବିଶ୍ୱ ଶବ୍ଦଭଣ୍ଡାରର ତିଆରି କରିବା ଦିଗରେ ଆଉ ଏକ ବିଷମ ସନ୍ଧି ହେଲା ବିଭିନ୍ନ ଜାତିର ଚଳଣି, ଆଚାର ଓ ଆଚାରଣ । କୌଣସି କୁଳାଚାର ପାଇଁ ଗୋଟିଏ ଶବ୍ଦର ଖୁବ୍ ଲୋଡ଼ା ଅଛି । ଯଥା ସଂସ୍କୃତରେ ଶ୍ରୁବ, ଶ୍ରୁଚ, ପାତ୍ରୀ, ଗଣ୍ଡୁଷ ଇତ୍ୟାଦି ଓଡ଼ିଶାର ଗୋଟିଏ ଅଞ୍ଚଳରେ ମାଟିଘରେ ଜିନିଷପତ୍ର ବା ଜାଳ ସାଇତି ରଖିବା ପାଇଁ ଘରର ଚାଳ ତଳେ ଗୋଟିଏ ଭାଡ଼ି ଥାଏ । ତାହାକୁ କହନ୍ତି 'ଉଘାଡ଼' । ଜିନିଷ ପତ୍ର ରଖିବା ଦୁଆର ବନ୍ଧର ଉପରେ ଚଉକାଠରେ ଗୋଟିଏ ପଟା ଯୋଡ଼ା ଥାଏ । ତାହାକୁ କହନ୍ତି 'ସାକର ପଟା' । ଆମାଜନ୍ ନଦୀ ଉପତ୍ୟକାର ଯେଉଁ ଆଦିବାସୀମାନେ ଅଛନ୍ତି ସେମାନଙ୍କ ଭାଷାରେ ଘଣ୍ଟା, ରେଳଗାଡ଼ି, ଷ୍ଟେସନ୍ ଇତ୍ୟାଦି ଶବ୍ଦ ନାହିଁ । ଏସବୁ ଶବ୍ଦ ତ ଆଗେ ଓଡ଼ିଆରେ ନଥିଲା । ଆମେରିକାରେ ୟୁରୋପୀୟମାନେ ବସତି କରିବା ପୂର୍ବରୁ ସେଠାରେ ଯେତେ ଆଦିବାସୀ ଥିଲେ ସେମାନଙ୍କୁ କଲମ୍ବସଙ୍କର ଭ୍ରାନ୍ତି ଯୋଗୁଁ ଭାରତୀୟ ବୋଲି କୁହାଯାଉଥିଲା । ଏବେ ତ ସଭ୍ୟ ଲୋକ ଜାଣି ସାରିଲେଣି ଯେ ହିନ୍ଦ-ଭାରତୀୟମାନଙ୍କ ଭିତରୁ କେହି କେହି ହୁଏତ ୟୁରୋପୀୟ ପୂର୍ବ ଯୁଗରେ ଆମେରିକା ମହାଦେଶରେ ଓହ୍ଲାଇଥିଲେ । ମାୟା ଓ ଆଜଟେକ ସଭ୍ୟତାରେ ପ୍ରାଚୀନ ଭାରତୀୟ ଜୀବନ ଓ ଚଳଣିର କିଛି କିଛି ନିଶାଣ ମିଳୁଛି । କିନ୍ତୁ ତାହା ବୋଲି ତ ତାହା ସମଗ୍ର ଆଦିମ ଆମେରିକାର ଆଦିବାସୀଙ୍କର ଚଳଣି ବା ଜୀବନ ସଙ୍ଗେ ସମାନ ନୁହେଁ । ତଥାପି ବି ଏବେ ଇଉରୋପର ଲୋକେ ଆମେରିକାରେ ଯାହା କିଛି ଅଣ-ଆମେରିକୀୟ ତିଷ୍ଠିଛନ୍ତି ତାକୁ ସବୁ ଭାରତୀୟ (ଲୋହିତ, ଶ୍ୱେତ, ପୀତ ଭାରତୀୟ) ବୋଲି ନାମ ଦେଇଛନ୍ତି । ସେମାନେ ଏହି ଆଦିମ ସଭ୍ୟତା ପାଇଁ ନୂଆ ନାମ ତିଆରି କରି ନାହାନ୍ତି ।

ଏଭଳି ଶହ ଶହ, ହଜାର ହଜାର ଉଦାହରଣ ମିଳିବ ଯେଉଁଥିରୁ ବୁଝାଯିବ ଯେ ଗୋଟିଏ ଭାଷାପାଇଁ ଯାହା ଖୁବ୍ ମହତ, ଆଉ ଏକ ଭାଷାପାଇଁ ତାହା ନୁହେଁ । ରୁଷ ବା ଇଂରାଜି ଭାଷାରେ ସେମାନେ ଜମିକୁ ପାଦରେ ମାପୁଥିଲେ । ତେଣୁ ସେମାନଙ୍କ ମାପକାଠିର ନାମ ରହିଛି 'ଫୁଟ୍' । ଓଡ଼ିଆରେ ଆମର ହାତରେ ମାପୁଥିଲେ । ତେଣୁ ଆମର ମାପକାଠି ଥିଲା ହାତ । (ଏକ କ୍ରୋଶ ହେଉଛି ୮୦୦୦ ହାତ) ଆମେ 'ହାତେ ମାପି ଚାଖଣ୍ଡେ ଚାଲିବା'କୁ କହିଲେ ଠିକ୍ ଶବ୍ଦର ଅନୁବାଦ କଲେ ଫିରିଙ୍ଗି ସାହେବ ମାନେ ବୁଝିପାରିବେ ନାହିଁ । କାରଣ ଇଂରାଜି, ରୁଷରେ

Digitized by srujanika@gmail.com

'ଚାଖଣ୍ଡେ' ବୁଝାଉଥିବା ଶବ୍ଦ ନାହିଁ । (ଇଂରାଜିର 'ସ୍ୱାଦ' ଚାଖଣ୍ଡେ ନୁହେଁ) କିନ୍ତୁ ୟାକୁଟମାନଙ୍କ ଭାଷାରେ 'ଖାରିସ' ବୋଲି ଶବ୍ଦ ଅଛି,ଯାର ଅର୍ଥ 'ଚାଖଣ୍ଡେ' । ସେହି ୟାକୁଟମାନଙ୍କର 'ତୃଟ' ବୋଲି ଶବ୍ଦ ଅଛି ଯାର ଅର୍ଥ ବରଫରେ ଯିବାର ଏକ କିସମର ଯାନ, 'ସୋବୂ' ବୋଲି ଶବ୍ଦ ଅଛି ଯାର ଅର୍ଥ ହେଉଛି ହାଲିଆ ହୋଇଥିବା ଜନ୍ତୁର ସିଠାଳିଆ ମାଉଁସ, 'ଓଲ୍ସ' ଅର୍ଥ ହେଉଛି ଘାଷର ଅଗମା ଭିତରେ ଶୀତଳଜଳ ପ୍ରୁହାଇ ଦେବା (ଘୋଡା ପାଇଁ ପ୍ରଯୁଜ୍ୟ) ଇତ୍ୟାଦି । ଏଭଳି ଶବ୍ଦ ଇଂରାଜି, ଋଷ, ଫରାସୀ ଭାଷାମାନଙ୍କରେ ନଥିଲା, ନାହିଁ ।

ଏଭଳି ଭାବ ଅଛି ଯାହା ଗୋଟିଏ ଭାଷାରେ ଗୋଟିଏ ପଦରେ ସ୍ୱଚ୍ଛନ୍ଦରେ ପ୍ରକାଶ ପାଏ । ଆଉ ଗୋଟିଏ ଭାଷାରେ ସେଥିପାଇଁ ଜଟିଳ ପଦବିନ୍ୟାସ ଲୋଡ଼ା ପଡ଼େ । ଯେପରି ଓଡ଼ିଆରେ "ପ୍ରାଣଠାରୁ ଅଧିକ ଯେଉଁ ଘେନା ଘେନି" । ଏଠାରେ ଘେନା ଘେନି ଅର୍ଥ ଇଂରାଜିର 'ଲଭ୍' ନୁହେଁ । ସେପରି ସୁଦାନରେ ପ୍ରଚଳିତ ଶିଲୁକ ଭାଷାରେ 'କ୍ଷମା' ପାଇଁ କୌଣସି ଶବ୍ଦ ନାହିଁ । ସେମାନଙ୍କର ଏଥିପାଇଁ ଗୋଟିଏ ପ୍ରବଚନ ଅଛି । "ଜଣକ ସାମନାରେ ମାଟିରେ ଛେପ ପକେଇବା ।" ସୁଦାନର ଉଦୁକ୍ ଭାଷା ଭାଷୀ ତାଙ୍କର 'ବିବାଦ ତୁଟେଇ ଦେଲେ' ବା 'ତାଙ୍କ ସହିତ କଳି ତକରାଳ ମେଣ୍ଟିଗଲା, କହନ୍ତି ନାହିଁ । ସେମାନେ "ଆଙ୍ଗୁଠି ଜାବୋଡ଼ି ଧରି ଏକାଠି ମିଳିବାକୁ ଚାହାନ୍ତି" ଏହାର ଅର୍ଥ ହେଲା କନ୍ଦଳ ତୁଟାଇ ଦେଇ ମିଳିମିଶି ଯିବାକୁ ଚାହାନ୍ତି । ପେରୁର ଇଂକାମାନଙ୍କର ବଂଶଧର କୁଇଚୁଆମାନେ ବର୍ଷକୁ କହନ୍ତି 'ସୂର୍ଯ୍ୟ ବନ୍ଧନ'। କାରଣ ସେମାନଙ୍କର ବର୍ଷ ଶେଷରେ ସେମାନଙ୍କ ଦେଶରେ ସୂର୍ଯ୍ୟ ପୂଜା ପ୍ରଚଳିତ ଥିଲା ।

ତେଣୁ ଜଣେ ମଣିଷର ଭାଷା ଭିତରୁ ତା'ର ସ୍ୱକୀୟ ସଂସ୍କୃତି, ସମାଜ ଓ ଜାତିର ଶହ ଶହ ଶବ୍ଦ କାଢ଼ି ନେବାର ସାମର୍ଥ୍ୟ କାହାର ? ଜିଭ କାଟି ଦେବା ସଙ୍ଗେ ତ ଇଯେ ସମାନ । ତେଣୁ ବହୁ ଗବେଷକମାନେ କହନ୍ତି ଯେ ସାରା ମନୁଷ୍ୟ ଜାତି ପାଇଁ ଗୋଟିଏ ବିଶ୍ୱ ଭାଷା ତିଆରି କରିବା କାଠିକର ପାଠ, ହୁଏତ ଅସମ୍ଭବ । ସେମାନେ ବିଶ୍ୱାସ କରନ୍ତି ଯେ ଲୋକେ କେବଳ ବସ୍ତୁ ପଦାର୍ଥ ଓ ଘଟଣାର ଦୁନିଆରେ ରହନ୍ତି ନାହିଁ ; ସେମାନେ ଆପଣାର ମାତୃଭାଷାର ପ୍ରଭାବ ଭିତରେ ବି ଆଚ୍ଛାଦିତ ହୋଇ ରହନ୍ତି । ସେଇ ମାତୃଭାଷା ହିଁ ସେମାନଙ୍କର ନିର୍ଦ୍ଦିଷ୍ଟ ସମାଜର ଭାବ ବିନିମୟର ବାହନ । ତେଣୁ ବାସ୍ତବ ଦୁନିଆହିଁ ଭାଷାର ତ୍ରିକୋଣଘନକାଚରେ ପ୍ରତିବିମ୍ବିତ ହୋଇଥାଏ ।

ତେବେ ବି ଅଧିକାଂଶ ଗବେଷକଙ୍କର ମତ ଯେ ଏକ ବିଶ୍ୱଭାଷା ତିଆରି ହୋଇପାରିବ । ଭାଷାର ପାଚେରୀକୁ ଦୂର କରାଯାଇ ପାରିବ । କାରଣ ଯେଉଁ

Digitized by srujanika@gmail.com

ସଂସାରରେ ଆମେ ଅଛୁଁ, ସେହି ସଂସାର ତ ଏକକ ସଂସାର । ଯେତେ ପ୍ରକାର ଭୌଗୋଳିକ, ଭାଷାଗତ, ସଂସ୍କୃତିକ ଓ ଐତିହାସିକ ପ୍ରଭେଦ ଥାଉ ପଛକେ ଆମେ ଓଡ଼ିଆ, ବଙ୍ଗଳା, ଅସମୀୟା, ହିନ୍ଦି, ଜର୍ମାନ, ଇଂରାଜି, ରୁଷ, ଚୀନ, ଆଫ୍ରିକୀୟ, ଖଉଅଲି, ଏସ୍‌କିମୋ ସମସ୍ତେ ଏହି ଦୁନିଆରେ ଆତଜାତ ହେଉ ଥାଇଁ । ଆମର ଚଉଦିଗର ସଂସାର ଆମ ସମସ୍ତଙ୍କ ପାଇଁ ଏକ ହୋଇ ରହିଛି । ତେଣୁ ଏପରି ଗୋଟାଏ ଭାଷା ବାହାରିବ, ଯାହା ସମସ୍ତେ ବୁଝିବେ, ସମସ୍ତେ କହିବେ ।

ଏକ ନିର୍ଭୁଲ କଳ

ତେଣୁ ଉପରେ କୁହାଯାଉଥିବା ସବୁ କାରଣ ଓ ଯୁକ୍ତି ଉପରେ ନିର୍ଭର କରି ଭାଷା ବିଶାରଦମାନେ ୨୧୫ ଗୋଟି ଶବ୍ଦରୁ କାଟି ପ୍ରତ୍ୟେକ ଭାଷାର ସବୁଠାରୁ ମୌଳିକ ଅନ୍ତଃସାର ଶବ୍ଦକୁ ୧୦୦ରେ ନେଇ ଥୋଇଲେଣି । ତେବେ ବି ଏତେ ଛୋଟିଆ ତାଲିକା ବି ବୈଜ୍ଞାନିକଙ୍କ ମନକୁ ପାଉ ନାହିଁ । ତେଣୁ ପୁଣି ବିଚାର ଚାଲିଛି । କେବେ ଯେ ଏଭଳି ଏକ ଚୂଡ଼ାନ୍ତ ତାଲିକା ହେବ ତାହା ଏବେଠୁଁ କୁହାଯାଇ ପାରିବ ନାହିଁ । ତାହା ହୋଇଗଲେ ଭାଷାଘଡ଼ିର ଘଣ୍ଟା କଣ୍ଟା କଣ୍ଟେ କଣ୍ଟେ କାଳ ନିରୂପଣ କରିବ । ସେଥିରେ ଆଉ ଅନ୍ଦାଜି ରହିବ ନାହିଁ । ସେତେବେଳେ ଭାଷା-ଗଣନାର ପଦ୍ଧତି ରେଡ଼ିଓ-ସକ୍ରିୟ-କାରବନର ପଦ୍ଧତି ପରି ଏକାବେଳେ ନିଶ୍ଚିତ ପ୍ରମାଣ ବୋଲି ଗଣା ହେବ । ତେଣୁ ଏବେ ଯେମିତି ସତ ଘଣ୍ଟା ଦେଖି ଆମେ ସମୟ କହି ପାରୁଛୁ, ସେତେବେଳେ ଆମେ ଭାଷାଘଡ଼ିକୁ ଅଧ୍ୟୟନ କରି ଯେ କୌଣସି ସଭ୍ୟତାର କାଳ ନିରୂପଣ କରି ପାରିବା ।

ଏକଥା ହୋଇ ପାରିବ ଯେତେ ଭାଷାଘଡ଼ିର ମିନିଟକଣ୍ଟାର ଗତିବେଗ ବିଷୟରେ ଟିକିନିଖି ଓ ପୂରା ଦସ୍ତୁର ତଦନ୍ତ ହୁଏ । ଆଶା କରାଯାଉଛି ତେବେ ମିନିଟ କଣ୍ଟା ଏବେ ଯେଭଳି ଆପଣା ଖିଆଲିରେ ଚଳିଲା ପରି ଲାଗୁଛି ତାହା ଲାଗିବ ନାହିଁ । ତାହାର ଚାଲିବାର ସୂତ୍ର ଓ ବିଧି ବିଷୟରେ ଆହୁରି ଆଗକୁ ଅନେକ ନୂଆ ତଥ୍ୟ ବାହାରି ଯିବ । ହୋଇପାରେ ଯେ ମିନିଟକଣ୍ଟା ଠାରୁ ଆହୁରି ଚଞ୍ଚଳ ଓ ତା'ଠାରୁ ଆହୁରି ଖର (ସ୍ୱର୍ଣାତୁର) ସେକେଣ୍ଡ କଣ୍ଟାର ଗତିର ନିୟମ ବି ବାହାରି ପଡ଼ିବ । ତେଣୁ ଆଉ ସେଣିକି ସେଗୁଡ଼ିକର ଚଳଣିରେ କୌଣସି କଥା କୁହୁଡ଼ିଆ ରହିବ ନାହିଁ । ଏହି ସମସ୍ତ ସମସ୍ୟା ପାଇଁ ଆହୁରି ତଦନ୍ତ, ଗବେଷଣା ଲୋଡ଼ା ପଡ଼ିବ । କେବଳ ଭାଷା ତତ୍ତ୍ୱବିଦ୍‌ମାନେ ଏଥିକି ପାରିବାର ହେବେ ନାହିଁ । ଏଥିପାଇଁ ମନସ୍ତତ୍ତ୍ୱ, ଐତିହାସିକ, ବଂଶଗୋତ୍ରାବଳି-ତତ୍ତ୍ୱବିଦ୍ ଅର୍ଥାତ୍ ଚୁମ୍ବକରେ କହିଲେ ମନୁଷ୍ୟ ବିଭିନ୍ନ ବିଭାଗର ଛାତ୍ରଙ୍କୁ ଲାଗିଯିବାକୁ ପଡ଼ିବ ।

Digitized by srujanika@gmail.com

ମନୁଷ୍ୟର ସାରା ବାଲ୍ୟକାଳ ହେଉଛି ଏକ ଅପ୍ରକାଶ୍ୟ ଅନ୍ଧକାରର ଗୁହା । ପ୍ରାକ୍‌ଇତିହାସର ଏହି ଅନ୍ଧକାର ଗୁହା ଭିତରକୁ ବିଭିନ୍ନ ବିଦ୍ୟାର୍ଥୀମାନେ ପ୍ରବେଶ କରିଛନ୍ତି । ଐତିହାସିକ, ପତ୍ନତତ୍ତ୍ୱବିଦ୍, ବଂଶଗୋତ୍ରତତ୍ତ୍ୱବିଦ୍, ମାନବବିଦ୍ୟାବିଦ୍, ଭାଷାତତ୍ତ୍ୱବିଦ୍ ଓ ସଂସ୍କୃତିର ଅନ୍ୱେଷକ ଦଳ । ଭାଷାତତ୍ତ୍ୱବିଦ୍, ଭୂତତ୍ତ୍ୱବିଦ୍, ଐତିହାସିକ, ଗାଣିତିକ, ପ୍ରାଣୀ ବିଜ୍ଞାନବିଦ୍ ଓ ରସାୟନଶାସ୍ତ୍ରବିଦ୍‌ମାନେ ହଜାର ହଜାର ବର୍ଷ ମୁହଁରୁ ପରଦା ଉଠାଇ ଦେଇଛନ୍ତି ଓ ଆମର ସୁଦୂର ପୂର୍ବପୁରୁଷଙ୍କର ଜୀବନ କାହାଣୀ ପ୍ରକାଶ କରୁଛନ୍ତି ।

ବିଜ୍ଞାନର ବଡ଼ ବଡ଼ିଆ ବିଦ୍ୟା ଯଥା ପଦାର୍ଥବିଦ୍ୟା, ଜ୍ୟୋତିର୍ବିଦ୍ୟା ଓ ଗଣିତ ଆଜିକୁ ହଜାର ହଜାର ବର୍ଷ ପୂର୍ବରୁ ରୋକଠୋକ ନିର୍ଭୁଲ ବିଜ୍ଞାନ ଭାବରେ ପ୍ରତିଭାତ ହୋଇଛନ୍ତି । ଏବେ ସେମାନେ ସାନ ସାନ ବିଜ୍ଞାନ ବିଦ୍ୟାମାନଙ୍କୁ ଅର୍ଥାତ୍ ମାନବବିଦ୍ୟାବାଲାଙ୍କୁ ବସ୍ତୁବାଦୀ ଜ୍ଞାନ ପଥ ଗ୍ରହଣ କରିବାରେ ସାହାଯ୍ୟ କରୁଛନ୍ତି । ଏପରିକି ଏକ ଅନୁମାନ ନିର୍ଭର ବିଦ୍ୟା ଯଥା ଭାଷାତତ୍ତ୍ୱ ବି ବର୍ତ୍ତମାନ ଗବେଷଣାର କଠୋର ପଦ୍ଧତି ଶାସନ ମାନିବାକୁ ବାଧ୍ୟ ହୋଇଛି । ରେଡ଼ିଓ-ସକ୍ରିୟ-ଘଡ଼ି ସହିତ ଭାଷାଘଡ଼ି ବର୍ତ୍ତମାନ ଯୋଡ଼ି ଯାଉଁଛି ହୋଇଛି । ସେମାନଙ୍କ ସହିତ ପ୍ରତ୍ନତାତ୍ତ୍ୱିକ ଘଡ଼ି ଓ ଐତିହାସିକ ଘଡ଼ି ବି ସଂଯୋଗ ରକ୍ଷା କରିଛନ୍ତି । ଏ ମାନଙ୍କ ସାହାଯ୍ୟରେ ବୈଜ୍ଞାନିକମାନେ ମନୁଷ୍ୟର ବାଲ୍ୟ କାଳର ଇତିହାସ ପୂର୍ବ ତାରିଖ ଗୁଡ଼ିକୁ ଆଲୋକିତ କରୁଛନ୍ତି ।

ମଣିଷ ତା'ର ଅତୀତ ଜାଣିବାକୁ ଚାହେଁ, ସେ ଅତୀତ ଯେତେ ସୁଦୂର ହେଉ, ଯେତେ ପୁରାତନ ହେଉ । କାରଣ ସେହି ଅନ୍ଧକାରର ଅସ୍ୱଚ୍ଛତା ଭିତରେ ମଣିଷ ଜାଣିବାକୁ ଚାହେଁ ଅତୀତର ବୀରତ୍ୱର ଗାରିମାମୟ କାହାଣୀ । ଯେଉଁ କାହାଣୀରେ ବୀର ନାୟକ ମଣିଷ ପ୍ରକୃତି ସହିତ ଆପଣାର ତୁମୂଳ ସଂଗ୍ରାମ କରି ନିଜ ଦୁନିଆରେ 'ମଣିଷ' ନାମରେ ପରିଚୟ ଲଭିବାର ଅଧିକାର ହାସଲ କରିଥିଲା ।

❒ ❃ ❒

Digitized by srujanika@gmail.com

ବିଶ୍ୱ ବିଜ୍ଞାନର ଭାଷା

ଆଜିର ଯୁଗରେ ଓ କାଳରେ ବହୁ ଜଟିଳ ତାତ୍ତ୍ୱିକ ବିଷୟ ଓ ଅତ୍ୟନ୍ତ ବ୍ୟବହାରିକ କାର୍ଯ୍ୟର ସମସ୍ୟା ଏକ ସୂତା ଖିଅକରେ ବନ୍ଧା ହୋଇଛନ୍ତି । ଭାଷା ବିଜ୍ଞାନରେ ତତ୍ତ୍ୱ ଓ ବ୍ୟବହାରର ଏହି ନିବିଡ଼ ସଂଯୋଗ ଅତ୍ୟନ୍ତ ସ୍ପଷ୍ଟ ।

ଦୁଇ ଦୁଗୁଣେ ଚାରି

ଆମର ମନୁଷ୍ୟ ଭାଷା ଏକରକମ ସଙ୍କେତ ବା ଠାର । ଏହି ଭାଷା ଅନ୍ୟ ସଙ୍କେତ କ୍ଷେତ୍ରରେ ବି କାମରେ ଲାଗେ । ଉଦାହରଣ ସ୍ୱରୂପ, ଟ୍ରାଫିକରେ ଯେଉଁ ସଙ୍କେତ ଦିଆଯାଏ ତାକୁ ବି ମଣିଷର ନିତିଦିନିଆ ଭାଷାରେ ପରିଣତ କରାଯାଇପାରେ । ଏହାଠାରୁ ଆହୁରି ସରଳ ହେଲା ପଣକିଆ । ୨×୨=୪, ୨×୩=୬, ଦୁଇ ଦୁଗୁଣେ ଚାରି ଦୁଇ ତିରିକି ଛଅ ଇତ୍ୟାଦି । ପଣକିଆ ଶିଖିଲାବେଳେ ସ୍କୁଲରେ ଆମେ ଏଭଳି ଦୁଇ ଦୁଗୁଣେ ଭାବରେ ଉଚ୍ଚାରଣ କରୁଁ । ଏ ବିଷୟରେ ପୃଥିବୀରେ ଗୋଟାଏ ମେଳାପି ଭାଷା ବୋଲି କିଛି ନାହିଁ । ପୃଥିବୀରେ ପ୍ରତ୍ୟେକ ଜାତିର ମାତୃଭାଷାରେ ଏହି ସଙ୍କେତ, ପଣକିଆ ଇତ୍ୟାଦିକୁ ସହଜରେ କହି ହୁଏ ।

ଥରେ ଗୋଟିଏ ସମ୍ମିଳନୀରେ ଜଣେ କେହି କହିବାରେ ଶୁଣାଗଲା ଯେ ଇଂରାଜି ଭାଷାଟା ଏସ୍କିମୋ ଭାଷା ଅପେକ୍ଷା ବଡ଼ । କାରଣ ଇଂରାଜିରେ 'ଓ' ଆଉ 'କିନ୍ତୁ' ଅର୍ଥାତ୍ 'ଏୟାଣ୍ଡ' ଆଉ 'ବାଟ୍' ଦୁଇଟା ଶବ୍ଦ ଅଛି କିନ୍ତୁ ଏସକିମୋ ଭାଷାରେ ମାତ୍ର ଗୋଟିଏ ଶବ୍ଦରେ ଏହି ଦୁଇଟାର କାମ ଚଳୁଛି । ଏହାର ଜବାବରେ ଜଣେ ବିଖ୍ୟାତ ଭାଷାବିଦ୍ ଜାବକସନ କହିଲେ ଯେ ଆଧୁନିକ ଆମେରିକା ଇଂରାଜିରେ ଓ ବ୍ୟବସାୟୀ ଇଂରାଜି ଭାଷାରେ 'ଓ' 'କିମ୍ବା' ଦୁଇଟା ଏକ ସଙ୍ଗରେ ଲେଖାଗଲାଣି । ଯାହାହିଁ ଏସ୍କିମୋ ଭାଷାରେ ପ୍ରଚଳିତ । ପ୍ରସଙ୍ଗତଃ, ଲୋଡ଼ା ପଡ଼ିଲେ ଏସକିମୋ ଜାତି ଆଉ ଗୋଟିଏ ଶବ୍ଦ ବ୍ୟବହାର କରେ ଯାହା ହେଲା 'ନାଲଗ୍ମିଙ୍ଗ'; ଏହାର ଅର୍ଥ 'ଇୟେ ନୋହିଲେ ସିଏ' ଅର୍ଥାତ୍ ଇଂରାଜିରେ 'ଆଇଦର' । ଏକଥା ଅବଶ୍ୟ ସତ

Digitized by srujanika@gmail.com

ଯେ ଏସକିମୋ ଭାଷାରେ କ୍ୱାଣ୍ଟମ୍ ମେକାନିକ୍ସ ବା ସାଇବରନେଟିକସ୍‌ର ଭାବ ପ୍ରକାଶ କରିବାର ଶବ୍ଦ ମହଯୁଦ ନାହିଁ । କିନ୍ତୁ ତାହା କ'ଣ ଖାଲି ଏସକିମୋ ଭାଷାରେ ନାହିଁ ? ତାହା ତ ପୃଥିବୀର ବହୁ ଭାଷାରେ ନାହିଁ । ଓଡ଼ିଆରେ ବି ନାହିଁ । କିନ୍ତୁ ଯେତେବେଳେ ଓଡ଼ିଆ ବୈଜ୍ଞାନିକ ବା ଏସକିମୋ ବୈଜ୍ଞାନିକ ଏହି ଦୁଇ ବିଜ୍ଞାନ ବିଦ୍ୟାର ପରିବାର ହୋଇ ଯିବେ ସେତେବେଳେ ସେମାନେ କ'ଣ ତାଙ୍କର ଭାଷାରେ ତାହା ପ୍ରକାଶ କରିବାକୁ ସମର୍ଥ ହେବେ ନାହିଁ ? ନିଶ୍ଚୟ ହେବେ ।

ତେବେ କୌଣସି ଧାରଣା, ଚିନ୍ତା ବା ଭାବ କୌଣସି ପ୍ରାକୃତିକ ମାତୃଭାଷାରେ କରାଯାଇ ପାରିଲେ ବି ତାହାକୁ ସେହି ସେହି ଭାଷାର ଗଢ଼ଣ ଦେଇ ପ୍ରକାଶ କରିବାରେ ଅସୁବିଧା ରହିଛି । ୨×୨=୪ର କଥା ଧରାଯାଉ । ଫରାସୀ, ରୁଷୀୟ, ଯାକୁଟିଆ, ମାଲଗାସି ଇତ୍ୟାଦି ବିଭିନ୍ନ ଭାଷାରେ ଏହି କଥା ୨×୨=୪ ବିଭିନ୍ନ ଭାବରେ ଉଚ୍ଚାରିତ ହୁଏ । କିନ୍ତୁ ଭାଷାରେ ନଲେଖି ଅଙ୍କରେ ଲେଖିଦେଲେ ଏହାକୁ ସମସ୍ତେ ସବୁ ଭାଷା ଭାଷୀ ବୁଝିବାରେ କୌଣସି ଅଡୁଆ ରହେ ନାହିଁ । ତେବେ ରୋମାନ ସଂଖ୍ୟା ଯଥା 1, 2, 3, 4 ପୃଥିବୀର ସବୁ ଭାଷାରେ ପ୍ରଚଳିତ ହୋଇ ନାହିଁ । ଆଶ୍ଚର୍ଯ୍ୟ କଥା ଯେ ଏହି ସଂଖ୍ୟାଗୁଡ଼ିକ ପ୍ରଥମେ ଭାରତରେ ଜନ୍ମ ହୋଇଥିଲେ ବି ଦ୍ରାବିଡ଼ ଭାଷାରେ ଏହି ସଂଖ୍ୟାଗୁଡ଼ିକ ଭାରତର ରୋମାନ ବା ଆନ୍ତର୍ଜାତିକ ସଂଖ୍ୟା ଭାବରେ ଚଳୁଥିଲେ ବି ଭାରତୀୟ ଭାଷାମାନଙ୍କରେ ଏହି 1, 2, 3, 4 ବିଭିନ୍ନ ଭାବରେ ଲେଖା ହେବାର ଚଳଣି ରହିଛି । ତଥାପି ଏବେ ଗଣିତ ପାଠରେ ଭାରତରେ ବି ଏହି ସଂଖ୍ୟା ଅର୍ଥାତ୍ ଆନ୍ତର୍ଜାତିକ ସଂଖ୍ୟା 1, 2, 3, 4 ଚଳିଲାଣି । ଏହାର କାରଣ ଏଭଳି ଆନ୍ତର୍ଜାତିକ ସଂଖ୍ୟାର ପ୍ରଚଳନ ବିଜ୍ଞାନର କାର୍ଯ୍ୟ ପାଇଁ ବଡ଼ ଉପଯୋଗୀ । ଯଦି ସଂଖ୍ୟାର ପ୍ରଚଳନ ନଥାଇ ଶବ୍ଦରେ ସଂଖ୍ୟାର ଧ୍ୱନିଗୁଡ଼ିକ ଲେଖା ଯାଆନ୍ତା ଅର୍ଥାତ୍ 2, 80, 452 କୁ ୪୦, ୦୬୦୧୪ ମିଶାଅ ବୋଲି ଲେଖିବା ସ୍ଥଳେ ଆମେ ଲେଖନ୍ତୁ ଦୁଇଶହ ଅଶି ହଜାର ଚାରଶହ ବାଉନ ସାଙ୍ଗେ ଚାଳିଶ ଲକ୍ଷ ଛଅ ହଜାର ଚଉଦ ମିଶାଅ ତେବେ କେଡ଼େ ଅସୁବିଧା ହୁଅନ୍ତା, ତାହା ସହଜରେ ବୁଝିହେବ ।

ଗଣିତର ସବୁଠାରୁ ସରଳ ସୂତ୍ରଗୁଡ଼ିକ ଯଦି ଆମେ ସଙ୍କେତ ବା ସଂଖ୍ୟାରେ ନ ଲେଖି ଅକ୍ଷରରେ ଲେଖୁଁ ବା ସଂଖ୍ୟା ଜାଗାରେ ଶବ୍ଦ ବ୍ୟବହାର କରୁଁ ତେବେ ଅସୁବିଧା ଆହୁରି ସାଂଘାତିକ ହେବ । ଉଦାହରଣ ସ୍ୱରୂପ, ଦୁଇଟି ସଂଖ୍ୟାର ଘନଫଳର ଯଦି ଫେଡ଼ାଣ କରାଯାଏ ତେବେ ଆମେ ଲେଖୁଁ $(a-b)^3=a^3-3a^2b+3ab^2-b^3$ ଏହା ଆମର ସ୍କୁଲର ଏକ ପ୍ରଚଳିତ ସୂତ୍ର । ଏହାକୁ ଶବ୍ଦରେ ଲେଖିଲେ ଦୁଇଟି ସଂଖ୍ୟାର ବିଯୋଗର ଘନଫଳ ହେଉଛି ପ୍ରଥମ ସଂଖ୍ୟାର ଘନଫଳ

Digitized by srujanika@gmail.com

ଓ ପ୍ରଥମ ସଂଖ୍ୟାର ବର୍ଗଫଳ ସହିତ ଦ୍ୱିତୀୟ ସଂଖ୍ୟାର ଗୁଣନର ତିନିଗୁଣର ବିୟୋଗ ଓ ତାହା ସହିତ ଦ୍ୱିତୀୟ ସଂଖ୍ୟାର ବର୍ଗଫଳ ସହିତ ପ୍ରଥମ ସଂଖ୍ୟାର ଗୁଣନର ତିନି ଗୁଣର ଯୋଗ ଓ ଦ୍ୱିତୀୟ ସଂଖ୍ୟାର ଘନଫଳର ବିୟୋଗ ସଙ୍ଗେ ସମାନ । ପଢ଼ିବା ବେଳକୁ ଏହା ଏପରି ଜଣାପଡୁଛି । ଏହାକୁ ପ୍ରମାଣ କରିବାକୁ ସଂଖ୍ୟା ବଦଳରେ ଆମେ ଯଦି ଭାଷାର ଶବ୍ଦ ବ୍ୟବହାର କରୁଁ ତେବେ ତ କୁହା ନ ଯାଏ ।

ଶବ୍ଦ ଜାଗାରେ ସଂଖ୍ୟା ଓ ଭାଷାର ସଙ୍କେତ ବଦଳରେ ଆଉ ଏକ ଧରଣର ସଙ୍କେତ ବ୍ୟବହାର କରି ଆମେ ଏକ ବିଶ୍ୱଭାଷା ହାସଲ କରିଛୁଁ । ଏହା ହେଲା ଗଣିତର ଭାଷା । ତେଣୁ ଗଣିତ ସବୁ ପ୍ରକାର ଭାଷାଗତ ଭେଦ ପାଚେରୀ ଓ କଟକଣା ପାର ହୋଇ ଯାଇଛି । କେବଳ ସେତିକି ନୁହେଁ, ଏହି ଗଣିତର ଭାଷା ବଳରେ ମଣିଷ ଆଜି ଦମ୍ଭ ବାନ୍ଧିଛି ଯେ ଯଦି ମହାଶୂନ୍ୟରେ ଅନ୍ୟ ତାରକା ଗ୍ରହରେ ମଣିଷ ଭଳି ହିତାହିତଜ୍ଞାନ ଥିଲା କୌଣସି ଜୀବ ମିଳିବେ ତେବେ ତାଙ୍କ ସହିତ ଭାବ ବିନିମୟ କରିବାକୁ ସମର୍ଥ ହୋଇ ପାରିବ । ସଂଖ୍ୟାରେ ଦୁଇଅର୍ଥ ନାହିଁ । ସଂଖ୍ୟା ଅଦ୍ୱୈତ ଅର୍ଥବାଦୀ । ଗଣିତର ୧ ସାଙ୍ଗରେ ଭାଷାର ଏକ ତୁଳନା କରାଯାଉ । ଗଣିତର ୧ର ଗୋଟିଏ ଅର୍ଥ । ଭାଷାର ଏକର ବହୁ ଅର୍ଥ । 'ଏକ ସମୟରେ ମୁଁ ଏଠାରେ ରହୁଥିଲି ।' ଏଠାରେ ଏକ ଗଣିତର ୧ ନୁହେଁ ।

ସଂଖ୍ୟା ରୀତିର କଲ୍ୟାଣରୁ ଓ ଗଣିତର ସଙ୍କେତ ବଳରୁ ଆମର ବହୁ ସମୟ ଓ ସ୍ଥାନ ବଞ୍ଚି ଯାଉଛି ଆମର ଭାବଧାରାର ବି ଜଟିଳତା ବହୁତ ତୁଟି ଯାଉଛି । ଏହା ଛଡ଼ା ଆମେ ଯୁକ୍ତି କରିବାକୁ ଅର୍ଥାତ୍ ଗଣନା, ପ୍ରମାଣ ଓ ଅନୁସିଦ୍ଧାନ୍ତ ବାହାର କରିବାକୁ ସମର୍ଥ ହୋଇଛୁଁ । ତା'ନହେଲେ ମାମୁଲି ଭାଷା ଦ୍ୱାରା ଆମର କାମ କଦାପି ଚଳନ୍ତା ନାହିଁ । ଗଣିତର ସଙ୍କେତ ବ୍ୟବହାର ନ କରି ଗୋଟିଏ ସମୀକରଣ ଅଙ୍କ କସିବାକୁ ଚେଷ୍ଟା କଲେ ଏହି ସତ୍ୟ ସହଜରେ ବୁଝା ପଡ଼ିବ । ନାନା ବନ୍ଧନୀ ଓ ଯୋଗ ବିୟୋଗ, ଗୁଣନ, ହରଣ ପ୍ରଭୃତି କ୍ରିୟା ସଂଖ୍ୟାତତ୍ତ୍ୱର ସାହାଯ୍ୟ ବିନା କଦାପି ସମ୍ଭବ ହୁଅନ୍ତା ନାହିଁ । ସଂଖ୍ୟାର ଭାଷା ଅଭ୍ରାନ୍ତ ଓ ଦ୍ୱିଧାହୀନ ଭାଷାଗଣିତକୁ ଅପୂର୍ବ ଭାବରେ ଏକ ଶ୍ରେଷ୍ଠ ବିଜ୍ଞାନରେ ପରିଣତ କରିଛି ଓ ବହୁ ବୈଜ୍ଞାନିକ ସତ୍ୟ ଉଦ୍‌ଘାଟନର ବାହନ କରିଛି ।

ପୃଥିବୀର ସଭ୍ୟତାକୁ ଭାରତର ଦାନ କ'ଣ ବୋଲି ପଚରା ଗଲେ ଜଣେ କେହି ଉତ୍ତର ଦେଉଥିଲା : ତାହା ଏକ ଶୂନ । ଏହା ଭାଷାରେ କହିଲେ ଏକ ବିଦ୍ରୂପ ହୋଇଯାଉଛି । କିନ୍ତୁ ସଂଖ୍ୟାର ଭାଷାରେ ଏହା ଏକ ବିରାଟ କୃତିତ୍ୱ । ବାସ୍ତବିକ ଭାରତରେ ଯଦି ପ୍ରଥମେ ଆଦି ସଂଖ୍ୟା ଶୂନ୍ୟ ଆବିଷ୍କାର ହୋଇଥିଲା ବୋଲି ଯାହା

Digitized by srujanika@gmail.com

ବିଜ୍ଞାନୀ ମାନେ କହୁଛନ୍ତି, ତାହା ଯଦି ସତ୍ୟ ହୋଇଥାଏ ତେବେ ପୃଥିବୀକୁ ଭାରତର ଦାନ ଏକ ମହାଦାନ । ଶୂନ୍ୟକୁ '0' ଭାବରେ ଅଙ୍କିତକରି ଭାରତ ତା'ପରେ 1, 2, 3, 4 ଆବିଷ୍କାର କରିଥିଲା । ଆଜି ବିଜ୍ଞାନ, ଗଣିତ, ପଦାର୍ଥ ବିଦ୍ୟା ଇତ୍ୟାଦି ସମସ୍ତ ମୌଳିକ ଗଣନା ଶାସ୍ତ୍ର ଏହି ଆବିଷ୍କାରର ସନ୍ତାନ ।

ଗଣିତକୁ ଦେଖାଦେଖି ଓ ଗଣିତର ସାହାଯ୍ୟରେ ଅନ୍ୟାନ୍ୟ ବିଜ୍ଞାନମାନେ ଆପଣା ଆପଣାର ସଙ୍କେତ ଭାଷା ତିଆରି କରିଛନ୍ତି । ଯୁକ୍ତି ବିଦ୍ୟା, ପଦାର୍ଥ ବିଦ୍ୟା, ରସାୟନ ସେମାନଙ୍କର ସୂତ୍ର ଓ ସଙ୍କେତ ତିଆରି କରିଛନ୍ତି । ଇଞ୍ଜିନିୟରମାନେ ଡ୍ରଇଁ ଓ ଗ୍ରାଫ୍ ବ୍ୟବହାର କରିଛନ୍ତି । ଭୌଗୋଳିକ ମାନଚିତ୍ରର ସାହାଯ୍ୟ ନେଇଛନ୍ତି । କୌଣସି ଜାଗାର ଅବସ୍ଥିତି ଓ ଦିଗ ନିର୍ଣ୍ଣୟ ଦିଗରେ ମାନଚିତ୍ରର ଓ କୌଣସି ଘର ତୋଳିବାରେ ପ୍ଲାନର ଉପଯୋଗିତା କଥା ଭାବିଲେ ଏକଥା ସ୍ପଷ୍ଟ ହେବ ଯେ ସଙ୍କେତ ଓ ରେଖାର ଭାଷା ବିଜ୍ଞାନର ପ୍ରଗତି ସାଧନରେ ସହାୟକ ହୋଇଛି ।

କେତୋଟି ବୈଜ୍ଞାନିକ ସଙ୍କେତ ନିଆଯାଉ । ଯଥା O, R, + ≡ ଏଗୁଡ଼ିକ ଆଉ କୌଣସି ଭାଷାର ନୁହନ୍ତି । ଏଗୁଡ଼ିକ ଦୁନିଆର । ଏମାନଙ୍କୁ ଅବଶ୍ୟ ଶବ୍ଦରେ ପ୍ରକାଶ କରାଯାଇ ପାରେ । ଅକ୍‌ସିଜନ, ରେଜିସ୍‌ଷ୍ଟାନ୍‌ସ, ଯୁକ୍ତ ଚିହ୍ନ ଓ ତିନିଟିକିଆ ରାସାୟନିକ ସଂଯୋଗ ଚିହ୍ନ । ଯଥାର୍ଥଭାବରେ ଏ ଗୁଡ଼ିକ ଶବ୍ଦ ନୁହନ୍ତି, ଏଗୁଡ଼ିକ ବୈଜ୍ଞାନିକ ପ୍ରତି-ପଦ । ସମୟ ସମୟରେ , ବିଶେଷତଃ ଗଣିତରେ, ବୈଜ୍ଞାନିକ ସଙ୍କେତର କୌଣସି ଭାଷାଗତ ପଦ ନ ଥାଏ । କେବଳ ଉଦାହରଣ ହିଁ ସବୁପ୍ରକାର ଅର୍ଥ ବା ବ୍ୟାଖ୍ୟା ବୁଝାଇ ଦେଇ ଥାଏ ।

ବିଶେଷ ବୈଜ୍ଞାନିକ ସଙ୍କେତ କ୍ଷେତ୍ରରେ ଶୂନର ଜନ୍ମସ୍ଥାନ ହେଲା ଭାରତ । ପ୍ରାଚୀନ ମିଶର, ବାବିଲନ୍ ଓ ଚୀନରେ ବିଶେଷ ବିଶେଷ ବୈଜ୍ଞାନିକ ସଙ୍କେତ ପ୍ରଥମେ ଚଳଣିରେ ଆସିଥିଲା । ଗଣିତ, ଜ୍ୟୋତିର୍ବିଦ୍ୟା, ସର୍ଭେ, ନୌଚାଳନା ଓ ବାଣିଜ୍ୟର ବିକାଶ ଯୋଗୁଁ ସଙ୍କେତର ଲୋଡ଼ା ପଡ଼ିଥିଲା । ଯେତେ ଜ୍ଞାନ ବଢ଼ିଲା ଓ ସମାଜ ବିକାଶ ପଥରେ ଆଗେଇଗଲା ଏଭଳି ସଙ୍କେତମାନଙ୍କର ସଂଖ୍ୟା ବି ବୃଦ୍ଧି ପାଇଲା । ବର୍ତ୍ତମାନ ଯୁଗରେ ଆଜି ପ୍ରାୟ ଆଠ ହଜାର ବୈଜ୍ଞାନିକ ସଙ୍କେତ ବାହାରି ସାରିଛି । ପୃଥିବୀର ବିଭିନ୍ନ ବୈଜ୍ଞାନିକ ପ୍ରମାଣପତ୍ରରେ ଏବେ ଯାହାସବୁ ସନ୍ଦର୍ଭ ପ୍ରକାଶ ପାଏ ସେଥିରେ ବେଳେ ବେଳେ ସାଙ୍କେତିକ ଚିହ୍ନ ଗୁଡ଼ିକ ଛଡ଼ା ଆଉ କୌଣସି ମଣିଷ ଭାଷାର ଶବ୍ଦ ପ୍ରକାଶ ପାଏ ନାହିଁ ।

ଏବେ ଗଣିତରେ ପ୍ରବେଶ ନ ଥିଲେ କୌଣସି ଲୋକ ଧରାତଳତତ୍ତ୍ୱ ଚାରିତ୍ରିକ ବିଶ୍ଳେଷଣ ବା ପ୍ରଜ୍ଞା-ଗଣିତ (ମେଟା ମ୍ୟାଥେମ୍ୟାଟିକସ୍) ବିଷୟରେ କୌଣସି ଲେଖା

Digitized by srujanika@gmail.com

ପଢ଼ି ପାରିବ ନାହିଁ । ଏଭଳି ଲେଖାର ବିଷୟବସ୍ତୁ ଯେତେ ସହଜ ମନୁଷ୍ୟ ଭାଷାରେ ଲେଖା ହେଲେ ବି ତାହା ଏପରି ଅରଣ୍ୟ ଓ ଶବ୍ଦସଙ୍କୁଳ ହୋଇଯିବ ଯେ ସେଥିରୁ ପ୍ରକୃତ ସାର ବାହାର କରିବା ମହା ଗହନ କଥା ହେବ ।

ବିଜ୍ଞାନର ପ୍ରତ୍ୟେକ ଶାଖାରେ ସଙ୍କେତଗୁଡ଼ିକ ଧାରାବଦ୍ଧ ଓ ଶ୍ରେଣୀବଦ୍ଧ କରିବା ଦରକାର । ଏହାଛଡ଼ା ବୈଜ୍ଞାନିକ ସଙ୍କେତର ଏକ ବିଶ୍ୱ ଶୃଙ୍ଖଳା ରହିବା ଆବଶ୍ୟକ; ଯେପରି ପୃଥିବୀର ଯେକୌଣସି ଦେଶରେ ଗୋଟିଏ ବୈଜ୍ଞାନିକ ସଙ୍କେତ ଆଉ କୌଣସି ଅର୍ଥର ବ୍ୟବହାର ନ ହେବ । କିନ୍ତୁ ସଙ୍କେତ ସଂଖ୍ୟା ଦିନୁଦିନ ବଢ଼ିବାରେ ଲାଗିଛି । ଏପରିକି ବିଜ୍ଞାନର କୌଣସି ନିର୍ଦ୍ଦିଷ୍ଟ ବିଭାଗର ବିଶାରଦମାନେ ବି ଏବେ ସଙ୍କେତର ଅରଣ୍ୟ ଭିତରେ ଧନ୍ଦାଳି ହେଲେଣି ।

ହେଲେ ଏଇଟା କେବଳ ସମସ୍ୟା ନୁହେଁ । ସମସ୍ୟା ଆହୁରି ଜଟିଳ ।

ପୋଥିର ପର୍ବତ

୧୫ଶ ଶତାବ୍ଦିର ଶେଷବେଳକୁ ମୁଦ୍ରା ଯନ୍ତ୍ରର ପ୍ରଥମ ତିଆରିର ୫୦ ବର୍ଷ ପରେ ପୃଥିବୀରେ ବିଭିନ୍ନ ଶିରୋନାମା ଘେନି ପ୍ରାୟ ୪୦,୦୦୦ ପୋଥି ଛପା ହୋଇ ସାରିଥିଲା । ପୋଥି ପ୍ରକାଶର ଏହି ବିରାଟ ପ୍ଲାବନ ଶହ ଶହ ବର୍ଷ ଧରି ଚାଲିଛି । ଏହାର ଗତିବେଗ ଜ୍ୟାମିତିକ ପ୍ରକ୍ଷେପରେ ଚାଲିଛି । ଏବେ ପୃଥିବୀର ବିଭିନ୍ନ ପୁସ୍ତକାଗାରରେ ବିଭିନ୍ନ ଧରଣର ପୁସ୍ତକ ସଂଖ୍ୟା ହେଲାଣି ତିନିକୋଟି । ତିନିକୋଟି ବହି ! ଜଣେ ଲୋକ ଆପଣା ଜୀବନ କାଳ ଭିତରେ କେତେ ଖଣ୍ଡ ବହି ପଢ଼ି ପାରିବ ? ଦଶଲକ୍ଷ ? ହଜାରେ ? ଦଶ ହଜାର ?

ଏହି ପରିସ୍ଥିତିକୁ ଟିକିଏ କଳ୍ପନା କରାଯାଉ । ମନେ କରନ୍ତୁ କୌଣସି ଲୋକ ଦିନମାନ ବାରଘଣ୍ଟା କେବଳ ପଢ଼ିବାରେ ଲାଗିବ । ମୋଟାମୋଟି ଗୋଟିଏ ବହିର ୩୦୦ ପୃଷ୍ଠା ଧରିଲେ ଓ ଗୋଟିଏ ପୃଷ୍ଠାରେ ହାରାହାରି ୨୫୦୦ଟି ଅକ୍ଷର ଅଛି ବୋଲି ଧରଗଲେ ଆମର ବହିପଢ଼ାଳି ୫୦ ବର୍ଷ ଯାଏ ପ୍ରତିସେକେଣ୍ଡରେ ୨୦ଟି ଅକ୍ଷର ଲେଖାଏଁ ପଢ଼ିଲେ ଚବିଶ ହଜାର ଖଣ୍ଡ ବହି ପଢ଼ି ପାରିବ । ଏଥିରେ ପୁଣି ଧରାଯାଇଛି ଯେ ପଢ଼ାଳି ଜଣକ ୫୦ ବର୍ଷ କାଳ ବାରଘଣ୍ଟାଯାକ ଅନବରତ ପଢୁଥିବେ ଓ ପଢ଼ିଥିବା ସବୁତକ ମନରେ ରଖିବା ଭଳି ତାଙ୍କର ଶକ୍ତି ବି ଥିବ ! ତେବେ ବି ତିନିକୋଟି ବହିର ବିରାଟ ପାରାବାର ତୁଳନାରେ ଏହି ଚବିଶ ହଜାର ଖଣ୍ଡ କେତେ ଅଳ୍ପ ! ତେବେ ଆମର ଏହି ମଡ଼େଲ ବହି ପଢ଼ାଳି (ବହି ଶିଳା ବୋଲି କହିଲେ ଆହୁରି ଠିକ୍ ହେବ) ତୁଳନାରେ ସାଧାରଣ ପଢ଼ାଳି କାହାଁତକ ଯାଇ ପାରିବ ? ତେଣୁ ମାମୁଲି

Digitized by srujanika@gmail.com

ବହି ପଢ଼ାଳି ଦୁଇ ବା ତିନି ହଜାର ବହି ପଢ଼ି ପାରିଲେ ତା'ପାଇଁ ବହୁତ ହେଲା ଧରିବାକୁ ହେବ ।

ପୃଥିବୀରେ ଏପରି ବହୁ ବଡ଼ ବଡ଼ ପାଠାଗାର ଅଛି, ଯାହାର ପ୍ରାୟ ଅଧାକରୁ ଉର୍ଦ୍ଧ୍ୱ ବହି କେହି କେବେ ଖୋଲି ନାହାନ୍ତି । ପଢ଼ିବା ତ ଦୂରର କଥା । ଉଦାହରଣ ସ୍ୱରୂପ ଲଣ୍ଡନର ବିଖ୍ୟାତ ବ୍ରିଟୀଶ ମ୍ୟୁଜିୟମ୍ ଲାଇବ୍ରେରୀର ଏକ ତୃତୀୟାଂଶ ବହି ଆଜି ପର୍ଯ୍ୟନ୍ତ ଖୋଲଯାଇ ବହି ପଢ଼ାଳିକୁ ବହି ଦିଆଯିବାର ଜଣା ଯାଇ ନାହିଁ । ମସ୍କୋର ଲେନିନ୍ ଲାଇବ୍ରେରୀରେ ପ୍ରାୟ ଅଧେ ବହି କୌଣସି ପାଠକ କେବେ ଚାହିଁନାହାନ୍ତି ବା ଖୋଲି ନାହାନ୍ତି । ଭାରତର ଜାତୀୟ ଲାଇବ୍ରେରୀର ପରିସଂଖ୍ୟାନ ଯଦି କେବେ ତିଆରି ହୁଏ ତେବେ ତହିଁରେ ଏକଥା ବି ସ୍ପଷ୍ଟ ହେବ ।

ଏଥି ଉପରେ ପୁଣି ପ୍ରତିବର୍ଷ ଲକ୍ଷ ଲକ୍ଷ ବହି ବାହାରିବାରେ ଲାଗିଛି । ସେହି ମସ୍କୋର ଲେନିନ୍ ଲାଇବ୍ରେରୀରେ ପ୍ରତିବର୍ଷ ଦୁଇଲକ୍ଷ ପୋଥି ନୂଆ ଶିରୋନାମା ଘେନି ପ୍ରବେଶ କରୁଛନ୍ତି ! ଅବସ୍ଥା ଅସମ୍ଭାଳ !

ଦେଉଳକୁ ମୁଖଶାଳା ବଳିଛି

ଏଥିରୁ ତ୍ରାହି ଗତି କ'ଣ ? ତେବେ ଜଣେ କହି ପାରନ୍ତି ଏତେ ବହି ନ ପଢ଼ିଲେ କ'ଣ କ୍ଷତି ? ଅନେକ ତ ଲୋକ ଅଛନ୍ତି ଯେଉଁମାନେ ଜୀବନ ସାରା ବାରଖଣ୍ଡ ଦଶଖଣ୍ଡ ବହି ପଢ଼ି ଥିବେ । ଆଉ କେହି କେହି ବା ଶହେ ଖଣ୍ଡ ପଢ଼ିଥିବେ । କିନ୍ତୁ ବୈଜ୍ଞାନିକମାନଙ୍କୁ ତ ସେମାନଙ୍କର କାର୍ଯ୍ୟକ୍ଷେତ୍ରରେ ଯାହାସବୁ ନୂଆ ତଥ୍ୟ ମିଳୁଛି ସେ ବିଷୟରେ ଅବହିତ ହେବାକୁ ପଡ଼ିବ । ତା'ନହେଲେ ତ ସେମାନେ ପଛରେ ପଡ଼ିଯିବେ ।

ଯୁକ୍ତରାଷ୍ଟ୍ର ଆମେରିକାରେ ଗୋଟିଏ ନୂଆ ଧରଣର କଳ ଆବିଷ୍କାର କରିବାକୁ ଖୁବ୍ ତନାଘନା କାର୍ଯ୍ୟ ଚାଲିଥିଲା । ସେଥିପାଇଁ ବହୁ ପଇସାପତ୍ର ଓ ପରିଶ୍ରମ ବ୍ୟୟ କରାଗଲା । କିଛିବାଟ ଆଗେଇଲା ପରେ ଆମେରିକାବାଲା ଉଦ୍ୟମୀମାନେ ଜାଣିବାକୁ ପାଇଲେ ଯେ ଉକ୍ତ ନୂଆଧରଣର କଳଟି ନୂଆ ନୁହେଁ । ସୋଭିଏତ୍ ରୁଷରେ ତାହାର ଆବିଷ୍କାର ହୋଇ ଯାଇଛି । ତେଣୁ ଆମେରିକାବାଲା ଉଦ୍ୟମୀମାନଙ୍କର ପ୍ରାଥମିକ ପରିଶ୍ରମ ତ ପାଣିରେ ପଡ଼ିଲା । ତେଣୁ ଅନ୍ୟ ସ୍ଥାନରେ କ'ଣ ଘଟୁଛି, ନ ଘଟୁଛି ବିଶେଷତଃ ବିଜ୍ଞାନ କ୍ଷେତ୍ରରେ ତା'ର ଗୋଟାଏ ମୋଟାମୋଟି ଧାରଣା ତ ରହିବା ପ୍ରତ୍ୟେକ ଲୋକର ଓ ବିଶେଷତଃ ପ୍ରତ୍ୟେକ ବୈଜ୍ଞାନିକ ବିଶେଷଜ୍ଞର ନିହାତି ଉଚିତ ।

ବିଜ୍ଞାନ କର୍ମୀ ଏଭଳି ବହି, ଲେଖା, ବିଶେଷ ସୂଚନା ଗାଇଡ୍, ଗ୍ରନ୍ଥସୂଚୀର

Digitized by srujanika@gmail.com

ସର୍ଭେ, ସାରସତ୍ୱ ପତ୍ରପତ୍ରିକା ଓ ଶେଷରେ ଏଥିପାଇଁ ବିଶେଷ ଭାବରେ ପ୍ରତିଷ୍ଠିତ ବିଶେଷଜ୍ଞ ଅନୁଷ୍ଠାନମାନଙ୍କର ସମୁଦ୍ରର ଲହରୀରେ ତ ଆକ୍ରାନ୍ତ ହୋଇପଡ଼ିବ । ପୃଥିବୀରେ ଏଭଳି ବିଶେଷଜ୍ଞଦଳ ନୂଆ ବହି, ଲେଖା, ତଥ୍ୟ, ଲେଖକ, ପରୀକ୍ଷା ପ୍ରୟୋଗ ବିଷୟରେ ସନ୍ଧାନ କରିବାକୁ ହଜାର ହଜାର ସଂଖ୍ୟାରେ ନିଯୁକ୍ତ ହୋଇଛନ୍ତି । ଗୋଟିଏ ଗୋଟିଏ ଦେଶର ହିସାବ ଦେଖିଲେ ଆଖି ଖୋସି ହୋଇଯିବ ।

ତେବେ ବି ସମସ୍ୟା ଛିଣ୍ଡୁ ନାହିଁ । ତଥାପି ବିଭିନ୍ନ ମାଲ ମସଲା ଖୋଜିବାରେ ବହୁ ସମୟ ଓ ଉଦ୍ୟମ ଖର୍ବ ହେଉଛି । ଆମେରିକାର ପୁଞ୍ଜିପତି ଦୁନିଆରେ ତ ସବୁ ବିଷୟ ଟଙ୍କା ଅଣା ପାହିରେ ହିସାବ । ସେମାନେ ହିସାବ କରି ଠିକ୍ କରିଛନ୍ତି ଯେ ଗୋଟିଏ ଗବେଷଣା ପାଇଁ ହାରାହାରି ୧୦,୦୦୦ ଡ଼ଲାର ଖର୍ଚ୍ଚ ପଡୁଛି । କିନ୍ତୁ ପୃଥିବୀର ବିଭିନ୍ନ ଦେଶର ଗବେଷଣା ପ୍ରସ୍ତୁତ ଜ୍ଞାନ ସନ୍ଧାନ କରିବାରେ ଗୋଟିଏ ଗବେଷଣା ପିଛା ୧୦,୦୦୦ ଡ଼ଲାରରୁ ଅଧିକ ଖର୍ଚ୍ଚ ପଡୁଛି । ତେଣୁ ସନ୍ଧାନରେ ନ ଯାଇ ଆପଣା ଦେଶରେ ଗବେଷଣା ସାନି ନୂଆ କରି ଚଳେଇବାରେ ଅଳ୍ପ ଖର୍ଚ୍ଚ ହେବ ! କାରଣ ଦେଉଳକୁ ମୁଖ ଶାଳା ବଳି ପଡୁଛି !

କିନ୍ତୁ ଏଣେ ସାମୟିକ ପତ୍ରିକା, ଖବର କାଗଜ, ସ୍ପେସିଆଲ ରିପୋର୍ଟ ଓ ବିଶେଷଜ୍ଞ ବହିର ବନ୍ୟା ଛୁଟି ଚାଲିଛି । ଲାଇବ୍ରେରୀମାନେ ତ ଗଳଦ୍‌ଘର୍ମ ହେଲେଣି । ଏତେ ବହିର ଲେଖକ ତାଲିକା ବାହାର କରିବା ଦରକାର ପଡ଼ିଲାଣି । ବୈଜ୍ଞାନିକ ଚିନ୍ତାର ଏବେ ଗୋଟାଏ ବଡ଼ ଆତଙ୍କ ହେଲାଣି ଯେ ବିଭିନ୍ନ ଧରଣର ଜ୍ଞାନ ବିଜ୍ଞାନ ସାହିତ୍ୟର ପ୍ରାଚୁର୍ଯ୍ୟ ଫଳରେ କାଳେ ଏକ ବିସ୍ଫୋରଣ ଘଟିଯିବ !

ତେଣୁ ଏହି ବହିର ପାରାବାରକୁ ବାଗରେ ଆଣିବା ପାଇଁ ଓ ଜ୍ଞାନର ଗୋଟିଏ ଖୁଦକଣା ବି ଯେପରି ଉଳୁଡ଼ି ନ ଯାଏ ତାହାକୁ ଜଗିବାକୁ କିଛି ତ କରିବାକୁ ପଡ଼ିବ । ତେଣୁ ଏଥିପାଇଁ ଏକ ଯୁକ୍ତି-ସୂଚନା ଯନ୍ତ୍ର ଦରକାର । ସେ ଯୁଗରେ ମୁଦ୍ରା ଯନ୍ତ୍ର ଯାହା କରୁଥିଲା ଏହା ଏହି ଯୁଗରେ କେବଳ ତାହାହିଁ କରିବ ।

ଏକ ଯାନ୍ତ୍ରିକ ସ୍ମୃତି ଘର

ଜ୍ଞାନର ପରିସୀମା କ'ଣ ? ଏବେ ଗଣିତର ସାହାଯ୍ୟ ତାକୁ ଯାନ୍ତ୍ରିକ ରୀତିରେ ମାପି ପାରିବ । ଆମେ କେବଳ ଏହାର ପରିମାଣ କଳନା କରିପାରିବା ନାହିଁ । ଏହାକୁ ମାପି ଚୁପି କହି ଦେଇପାରିବା । ଏହାର ମାନଦଣ୍ଡର ବଟକରା ବି ତିଆରି ହୋଇ ପାରିବ । ଏହି ବଟକରା ହେଉଛି ସ୍ମୃତିର ଗୋଟିଏ ଗୋଟିଏ ଖୁଦକଣା, ଏଭଳି ସ୍ମୃତିର ଖୁଦକଣା ଗୁଡ଼ିକ କେଉଁଠି ସାଇତା ଗଲା ଓ ସେଠିକି ତାହା କିପରି ଆସିଲା ତାହା ଏଠାରେ ବିଚାରର ବିଷୟ ନୁହେଁ । ବିଚାରର ବିଷୟ କେତେ ପରିମାଣରେ

Digitized by srujanika@gmail.com

ସ୍ମୃତିର ଖୁଦକଣା ସ୍ମୃତି ଭଣ୍ଡାରରେ ସାଇତା ଗଲା । ସେ ସ୍ମୃତି ଭଣ୍ଡାର ମଣିଷର ମସ୍ତିଷ୍କ ହେଉ ବା ଯନ୍ତ୍ର ହେଉ, ଯାହା ବି ହେଉ । ଉଦାହରଣ ସ୍ୱରୂପ, ଗଣିତରେ ବହୁ ବିଷୟର ଚର୍ଚ୍ଚା ହୁଏ, ଯଥା ଘନତ୍ରିକୋଣ, ବା ଯବ ଚତୁଷ୍କୋଣ ବା ନିଦାପିମ୍ପା । କିନ୍ତୁ ସେହି ଘନତ୍ରିକୋଣ ବା ନିଦାପିମ୍ପାଗୁଡ଼ିକ କେଉଁଥିରେ ତିଆରି ତାହା ସହିତ ଯେପରି ଗଣିତ ବିଦ୍ୟାର୍ଥୀର କୌଣସି ସଂପର୍କ ନାହିଁ, ସେ କେବଳ ଉକ୍ତ ଜିନିଷର ଜ୍ୟାମିତିକ ଚରିତ୍ରଗୁଡ଼ିକ ଘେନି ଚର୍ଚ୍ଚା କରେ ଠିକ୍ ସେପରି ସୂଚନା ତତ୍ତ୍ୱ ବି କିଭଳି ସୂଚନା ମିଳିଲା ସେ ବିଷୟରେ ମୁଣ୍ଡ ଖେଳାଏ ନାହିଁ । ସେ ସୂଚନା ଟେଲିଗ୍ରାଫ ତାର, ଧ୍ୱନି ତରଙ୍ଗ ବା ମଣିଷର ମୁହଁର ଭାଷା ଯେଉଁଥିରେ ଆସୁ ସେଥିରେ ସୂଚନା ତତ୍ତ୍ୱର ଯାଏ ଆସେ ନାହିଁ । ତା ଛଡ଼ା ଏହି ସୂଚନା ଗୁଡ଼ିକ ତାହା ପାଖରେ ବା କେଉଁଠାରେ ସମ୍ପାଦି ହୋଇ ରହିଲା ସେ ବିଷୟରେ ବି ସୂଚନାତତ୍ତ୍ୱ ନିରପେକ୍ଷ । ଏଭଳି ସୂଚନା ହୁଏତ ମଣିଷର ମସ୍ତିଷ୍କରେ ସମ୍ପାଦି ଦିଆଯାଇପାରେ ଅଥବା କୌଣସି ଯନ୍ତ୍ରର ସ୍ମୃତି ବିଭାଗରେ । ସୂଚନା ତତ୍ତ୍ୱ ହେଉଛି ଏକ ଗାଣିତିକ ବିଦ୍ୟା । ଏହାର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା କେତେ ପରିମାଣ ସୂଚନା ମହଜୁଦ ଅଛି । ସେ ସୂଚନା ଯେଉଁଠିବା ମହଜୁଦ ଥାଉ ତାହା ଦରକାର ବେଳେ କର୍ମରେ ଆସିଲେ ହେଲା ।

ତେବେ ମନୁଷ୍ୟର ମସ୍ତିଷ୍କରେ କେତେ ପରିମାଣରେ ସୂଚନାର ଖୁଦକଣା ସମ୍ଭେଇବ ?

ମଣିଷର ସ୍ମୃତି ସୀମାବଦ୍ଧ । ସବୁ କଥା ସେଥିରେ ଧରିବ ନାହିଁ । କୌଣସି ଲୋକର ଜୀବନ କାଳ ଭିତରେ ଦୃଷ୍ଟି, ଶ୍ରବଣ ଓ ସ୍ପର୍ଶ ସାହାଯ୍ୟରେ ମଣିଷ ପାଖରେ ବିଶାଳ ପରିମାଣ ସୂଚନା ଆସି ପ୍ରତିନିୟତ ପହଞ୍ଚୁଛି । କିନ୍ତୁ ଏହାର ଅତି ନଗଣ୍ୟ ଅଂଶ ସ୍ମୃତି ଭିତରେ ରହେ ଓ ତାହା ମସ୍ତିଷ୍କ ହିଁ ରେକର୍ଡ଼ କରି ରଖେ । ଆମର ଜୀବନରେ ହଜାର ହଜାର ଲୋକଙ୍କର ନାମ ଚିହ୍ନା ପରିଚୟ ସୂତ୍ରରେ ଆସେ । କିନ୍ତୁ ଦରକାର ପଡ଼ିଲେ ନିମେଷେକରେ କେତେଟା ଲୋକଙ୍କ ନାମ ମନକୁ ଆସେ ?

ମନୁଷ୍ୟ ମସ୍ତିଷ୍କର ସ୍ନାୟୁକୋଷଗୁଡ଼ିକୁ ନିଉରନ୍ ବୋଲି କୁହାଯାଏ । ଏହି ନିଉରନର ସଂଖ୍ୟା ପ୍ରାୟ ଏକ ହଜାର କୋଟି ହେବ । ଯଦି ଏକଥା ଧରି ନିଆଯାଏ ଯେ ପ୍ରତ୍ୟେକ ନିଉରନ କଣିକାଏ ସୂଚନା ଧରେ "କାଣିଚାଏ", ତେବେ ଆମର ମସ୍ତିଷ୍କର 10^{10} (ଦଶ ଶକ୍ତିର ଦଶ) ବା ଏକ ହଜାର କୋଟି 'କାଣିଚା' ସୂଚନା ଧରି ରଖିଛି । ଏହି ଏକ ହଜାର କୋଟି କଣିକା ସାମାନ୍ୟ ନୁହେଁ । ଏହା ୧୦ ରୁ ୧୫ ହଜାର ବହିର ଲାଇବ୍ରେରୀର ଭଣ୍ଡାର ସଙ୍ଗେ ସରିସମ ହେବ ।

Digitized by srujanika@gmail.com

ଅନେକଙ୍କ ମତରେ ମନୁଷ୍ୟର ମସ୍ତିଷ୍କର ଆହୁରି ଧାରକ ଶକ୍ତି ରହିଛି । ମଣିଷର ଚେତନ ସକ୍ରିୟ ମସ୍ତିଷ୍କରେ ହୁଏତ 10^5 ବା 10^6 (ଦଶର ଶକ୍ତି ପାଞ୍ଚ ବା ଦଶର ଶକ୍ତି ଛଅ) ଯାଏ ତାକତ ଅଛି । କିନ୍ତୁ ତା'ର ଅବଚେତନରେ ଆହୁରି ଅନେକ ଜିନିଷ ଅଛି ଯାହା ହାତ ପହୁଞ୍ଚରେ ନ ଥାଏ; କିନ୍ତୁ ଯାହାକୁ ଖୋଜିଲେ ଲୋଡ଼ିଲେ ବା ଅଲୋଡ଼ା ସମୟରେ ହଠାତ୍ ମିଳିଯାଏ । ଏଭଳି ସୂଚନାର 'କାଣିଚା'ର ସଂଖ୍ୟା 10^{20} (୧୦ର କୋଡ଼ିଏ ଶକ୍ତି ବିଶିଷ୍ଟ) ହେବ ।

ଯେଉଁ କଂପ୍ୟୁଟର ଯନ୍ତ୍ର ଏବେ ବାହାରିଛି ସେଥିରେ ସୂଚନା ସାଇତିବାର ଭଣ୍ଡାର ମନୁଷ୍ୟ ସ୍ମୃତି ଭଣ୍ଡାର ଠାରୁ ଯଥେଷ୍ଟ ବଡ଼ । କିନ୍ତୁ ସେହି ଯନ୍ତ୍ରର ସବୁ ହେଉଛି ଚେତନ ସୂଚନା, ସେଥିରେ ମଣିଷ ସ୍ମୃତି ଭଣ୍ଡାରରେ ଥିଲା ଭଳି ନିମଜ୍ଜିତ ଅବଚେତନ ଜ୍ଞାନ ବା ସୂଚନାର ଅବକାଶ ନାହିଁ । ତେବେ ଆମର ଅବଚେତନର ସୂଚନା ତ ଆମେ ସବୁ ବେଳେ ସହଜରେ ବ୍ୟବହାର କରି ପାରୁନାହିଁ । ଏକଥା ଉପରେ କୁହାଯାଇଛି ସତ୍ୟ ଯେ ଅବଚେତନ ସୂଚନା ଦରକାର ବେଳେ ହୁଏତ କର୍ମରେ ଆସେ ନାହିଁ । ଅଥଚ ଅନେକ ମୁହୂର୍ତ୍ତରେ ପୋଖରୀ ଉଝଲା ହେଲା ବେଳର ବହୁ ଦିନର କୌଣସି ହଜିଲା ଜିନିଷ ପରି ହଠାତ୍ କେତେ କେତେ ବେଳେ ଅତର୍କିତରେ ମନରେ ଭାସି ଉଠେ । ଅଥଚ କଂପ୍ୟୁଟର ଯନ୍ତ୍ର ଏବେ ଆମେ ଚେତନ ମନରେ ଯେଉଁତିକ ସୂଚନା କଣିକା (10^5 ବା 10^6) ଯାଏ ରଖିପାରୁ, ସେତିକି ଅକ୍ଳେଶରେ ଧରି ରଖିପାରେ । ଏବେ ବି ତହୁଁ କଡ଼ା କଂପ୍ୟୁଟର ଯନ୍ତ୍ର ତିଆରି ହେଲାଣି ଓ ଆଶା କରାଯାଉଛି ନୂଆ ଯନ୍ତ୍ରରେ ଆଉ ବେଶି ସୂଚନା ରଖିବା ପାଇଁ ଜାଗା ରହିବ ।

ଯନ୍ତ୍ରର ସ୍ମୃତି ଶକ୍ତି ନିର୍ଭୁଳ । ତାହା ଆଠକାଳି ବାରମାସୀ ଅବିଗିଡ଼ା ରହିବ । ଯନ୍ତ୍ର ହରହର୍ଦମା ଯେକୌଣସି ସୂଚନା ପଚାରିଲେ ତାକୁ ଉତ୍ତର ଦେବ ତା'ର କ୍ଳାନ୍ତିର ଅବସାଦ ନାହିଁ । ତା'ଛଡ଼ା ଯନ୍ତ୍ର ଯେତେ ଶୀଘ୍ର ନୂଆ ନୂଆ ସୂଚନାକୁ ଆତ୍ମସ୍ଥ କରି ନେଉଛି, ମନୁଷ୍ୟ ସେତେ ଶୀଘ୍ର କରିପାରୁ ନାହିଁ, ପାରନ୍ତା ନାହିଁ । ଉପରେ ଯେଉଁ ଅଦ୍ଭୁତ ବହି ପଢ଼ାଳିକୁ ଆମେ କଳ୍ପନା କରିଥିଲେ, ତାକୁ ଆମେ ପ୍ରତି ସେକେଣ୍ଡରେ କୋଡ଼ିଏଟି ଅକ୍ଷର ପଢ଼ି ତାକୁ ହଜମ କରିବାର ସାମର୍ଥ୍ୟ ଦେଇଥିଲେ । ଅର୍ଥାତ୍ ତାକୁ ପ୍ରତି ସେକେଣ୍ଡରେ କୋଡ଼ିଏଟି 'କାଣିଚା' ସୂଚନା ଆୟତ୍ତ କରିବାର କ୍ଷମତା ଦେଇଥିଲେ, ତେବେ ଏହା ମଣିଷର କ୍ଷମତାର ବହିର୍ଭୂତ ନୁହେଁ । ବରଂ ବୈଜ୍ଞାନିକମାନେ ଓ ଯନ୍ତ୍ର ମସ୍ତିଷ୍କବିଦ୍‌ମାନେ ମନେକରନ୍ତି ଯେ ଏକ ସେକେଣ୍ଡରେ ମନୁଷ୍ୟ ୪୦।୫୦ 'କାଣିଚା' ସୂଚନା ମଥାରେ ଧରିବାର କ୍ଷମତା ରଖେ । କିନ୍ତୁ ୫୦ରୁ ବେଶି 'କାଣିଚା' ଧରି ରଖିବାର କ୍ଷମତା ସେ ମସ୍ତିଷ୍କରୁ ବାହାର । ଏହାଠାରୁ

Digitized by srujanika@gmail.com

ବଢ଼ି ଆଉ ଚାଳନା ହେଲେ ମସ୍ତିଷ୍କ ଥକିଯିବ । ଏବେ ପରୀକ୍ଷାରୁ ଜଣା ପଡୁଛି ଯେ ମନୁଷ୍ୟ ଯାହା କରିପାରେ ମେସିନ୍ ତା'ଠାରୁ ଶହ ଶହ ଗୁଣ ଅଧିକ ପରିମାଣରେ ସୂଚନା ଜ୍ଞାନ ଆୟତ୍ତ କରିପାରିବ ।

ମଣିଷ ଯାହା ମନେ ରଖେ ସେଥିରେ ଭୁଲ ହୋଇପାରେ, ସୂଚନାଟା ମସ୍ତିଷ୍କ ଭିତରେ ମଉଳି ଯାଇପାରେ, କାରଣ ମଣିଷ ଜୀବନ୍ତ କୋଷର ସମଷ୍ଟି ଯାହାର କ୍ଷୟବୃଦ୍ଧି ଚାଲିଛି । କିନ୍ତୁ ମେସିନର "ଲୁହାର ମସ୍ତିଷ୍କ ପ୍ରତ୍ୟେକ ତଥ୍ୟକୁ ଠିକ୍ ନିର୍ଭୁଲ ଭାବରେ, ବିଶ୍ୱସ୍ତ ଭାବରେ ଓ ବିନା ଦ୍ୱିଧାରେ ରେକର୍ଡ଼ କରେ ।"

ଶେଷରେ ଏଇଟା ବି ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ଯେ ଆମେ କଂପ୍ୟୁଟର ଯନ୍ତ୍ରରେ ଅଧିକା ସ୍ମୃତିର ଏକକ ଯୋଡ଼ି ଦେଲେ ସ୍ମୃତି ଭଣ୍ଡାରକୁ ଆମେ ବଢ଼ାଇ ଦେଇ ପାରୁ । ତେଣୁ ଯାନ୍ତ୍ରିକ ଭାବରେ ଆମେ ଜ୍ଞାନର ନୂଆ କେତେ ଗୁରୁ ବି ତିଆରି କରିପାରୁ । ତା'ନ ହେଲେ ଆମେ ଅତୀତରେ ରହିଥିବା ନାନା ସ୍ମୃତିକୁ ପିଲାଏ ସିଲଟରୁ ବାସି ଦିନର ବର୍ଣ୍ଣମାଳା ହସ୍ତାକ୍ଷରକୁ ପୋଛିଲା ପରି ପୋଛି ଦେଇ ପାରୁ । କିନ୍ତୁ ମନୁଷ୍ୟର ମନରୁ ଏଭଳି ଭାବରେ ପୋଛି ଦେବା ସହଜ ନୁହେଁ କି ଇଚ୍ଛାନୁସାରେ ନୂଆଯୋଡ଼ି ଦେବା ସହଜ ନୁହେଁ ।

ତେବେ ଭାଷାଟିଏ ଲୋଡ଼ା

ତେଣୁ ସାଇବରନେଟିକସ୍ ବା ମସ୍ତିଷ୍କ ଯନ୍ତ୍ରତତ୍ତ୍ୱ ମଣିଷ ପାଇଁ ଏକ ଅତ୍ୟନ୍ତ ବିଶ୍ୱାସୀ ଓ ସତ୍ୟବାଦୀ ସେବକ ଯୋଗାଇ ଦେଇଛି । ଏହାର ନାମ କଂପ୍ୟୁଟର । ମନୁଷ୍ୟର ସ୍ମୃତି ଏବେ ଏକ ଇଲେକଟ୍ରୋନିକ ସ୍ମୃତି ଦ୍ୱାରା ଆପଣାର ଊଣା ଶକ୍ତିକୁ ବହୁଗୁଣ ବଢ଼ାଇ ସବୁ କାର୍ଯ୍ୟକୁ ସମକକ୍ଷ ହୋଇ ଚାଲିଛି । ଏହି ଇଲେକଟ୍ରୋନିକ ସ୍ମୃତିର ସାମର୍ଥ୍ୟ ବିନା ବାଧାରେ ବଢ଼ାଇ ଦିଆ ଯାଇପାରିବ । ନୂଆ ତାଜା ତାଜା ତଥ୍ୟ ବା ଗୋଟା ଗୋଟା ବହି ତା ମୁହଁରେ ଧରାଇ ଦେଲେ ଯଥେଷ୍ଟ, ଏହା ତାକୁ ପଢ଼ି ହଜମ କରିନେବ !

ତେବେ ଯନ୍ତ୍ରର ମାତୃଭାଷା କ'ଣ ? ଏହି ମାତୃଭାଷା ହେଉଛି ସଂଖ୍ୟା । ସଂଖ୍ୟାରେ ଦୁଇଟା ତିନିଟା ଅର୍ଥ ଚଳିବ ନାହିଁ । ତେଣୁ ମେସିନରେ ଦୁଇଟା ଅର୍ଥ ବୁଝାଉଥିବା ଗୋଟିଏ ଶବ୍ଦ ଚଳିବ ନାହିଁ । ଯଦି କେହି ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ'କୁ ମେସିନ ଭାଷାରେ ଅନୁବାଦ କରିବାକୁ ବସନ୍ତି ତେବେ ସେ କିଛି ଫଳ ପାଇବେ ନାହିଁ । ଏକେତ କବିତାର ଭାଷା । ସେ ଭାଷାରେ ନାନାବିଧ ଅର୍ଥ ଓ ସେ ଅର୍ଥର ବି ଅର୍ଥାନ୍ତର ହୋଇପାରେ । ତା ଉପରେ ପୁଣି ଉପେନ୍ଦ୍ର ଭଞ୍ଜ ଯିଏ କି ଏକ ଶବ୍ଦରେ ଶହେ ଅର୍ଥ ଯୋଗାଇବାବାଲା କବି । ଏକ 'ଅର୍ଥ ସମ୍ରାଟ' ଉପେନ୍ଦ୍ର

Digitized by srujanika@gmail.com

ଭଞ୍ଜଙ୍କର 'ଲାବଣ୍ୟବତୀ' କେବେ କଂପ୍ୟୁଟରର ଅଙ୍ଗସଙ୍ଗ ଲଭିବ କି ନାହିଁ ଜଣାନାହିଁ । ତେବେ ଇଂରାଜି କବି ସେକସପିଅରଙ୍କ ହ୍ୟାମଲେଟକୁ ଏଭଳି କଂପ୍ୟୁଟର ଯନ୍ତ୍ର ଭାଷାରେ ପରିଣତ କରିବାର ଉଦ୍ୟମ ହୋଇଥିଲା । ଫଳ କିଛି ହେଲା ନାହିଁ ।

ତେଣୁ ଗବେଷକମାନେ ପ୍ରଶ୍ନ କଲେ "ତେବେ ଅନୁବାଦ କ'ଣ ? ଯାନ୍ତ୍ରିକ ଭାଷାରେ କି ଭଳି ଜିନିଷ ଅନୁବାଦ ହୋଇପାରିବ ଓ କି ଭଳି ଜିନିଷ ହୋଇ ନ ପାରିବ ?" ଏହାର ଉତ୍ତର ଗଣିତଜ୍ଞ ବା ଇଞ୍ଜିନିୟର ମାନେ ଦେବାର ନଥିଲା । ଉତ୍ତର ଦେଲେ ଭାଷାତତ୍ତ୍ୱବିଦ୍ ସଂକେତ –ରୂପକ–ତତ୍ତ୍ୱବିଦ୍ ଅର୍ଥାତ୍ ଯେଉଁମାନେ ସଙ୍କେତତତ୍ତ୍ୱରେ ବିଶାରଦ ସେଇମାନେ ।

ସେମାନେ କହିଲେ, ଅନୁବାଦ ଓ କୋଡ୍, ଏ ଦୁଇଟା ଭିତରେ ପ୍ରଭେଦ ବୃହ୍ୟ । ମନେକର ଆମେ ଗୋଟିଏ ବିଷୟ ଟେଲିଗ୍ରାଫ କରୁଛୁ । ସେ ବିଷୟଟି ତାରରେ ପଠାଯିବ । ଆମର ବାର୍ତ୍ତାଟି ଆମେ ଇଂରାଜି, ହିନ୍ଦି, ଓଡ଼ିଆ, ବଙ୍ଗଳା ଯେଉଁ ଭାଷାରେ ବି ଲେଖୁଁ ତାହା ଠିକ୍ ସେହି ଭାଷାରେ ତା'ର ହୋଇ ପାରିବ ନାହିଁ । ସେହି କଥାର ଅକ୍ଷର ଗୁଡ଼ିକ ଗୋଟିଏ ପ୍ରକାର ଠାର ଭାଷାରେ ପଠାଇବାକୁ ହେବ । ସେହିଠାର ଭାଷାକୁ କୋଡ୍ କହନ୍ତି । ଯେପରି ଇଂରାଜି ପ୍ରଥମ ଅକ୍ଷର 'a' ତାହାକୁ ଟେଲିଗ୍ରାଫ କୋଡ୍ ବା ମୋର୍ସ କୋଡ୍‌ରେ ଗୋଟିଏ ଧରଣର ଗାର ଓ ବିନ୍ଦୁ ଦ୍ୱାରା ବୁଝାଯାଏ । ଠିକ୍ ସେପରି କଂପ୍ୟୁଟରରେ ସବୁଗୁଡ଼ିକ ଅକ୍ଷର ପାଇଁ ଗୋଟିଏ ଗୋଟିଏ କୋଡ୍ ଅକ୍ଷର ବନା ଯାଇଥାଏ । ମନେକର ସେହି ଇଂରାଜି ଆଦ୍ୟ ଅକ୍ଷର 'a' କଂପ୍ୟୁଟର କୋଡ୍‌ରେ ତାହା ହେବ op, b ହେବ 10, c 11 ଏପରି o ଓ ଏହି ଦୁଇଟି ସଂଖ୍ୟାରେ ଇଂରାଜି ବା ରୋମାନ ଲିପିର ୨୬ଟି ଯାକ ଅକ୍ଷରକୁ ନୂଆ ରୂପରେ ଭଙ୍ଗା ଯାଇ ପାରିବ । କୌଣସି ପାଣ୍ଡୁଲିପି ବା ଗଦ୍ୟପଦ୍ୟାଦର୍ଶ ଏହି କୋଡ୍‌ରେ ବଦଳା ଯାଇପାରିବ । କିନ୍ତୁ ଏହାକୁ ତ ଭାଷାନ୍ତର ବା ଅନୁବାଦ କୁହାଯିବ ନାହିଁ । ଏହା 'ମୋର୍ସ' ବା ଟେଲିଗ୍ରାଫ ତାରର କୋଡ୍ ପରି । ଏହା କେବଳ ବର୍ଣ୍ଣାନ୍ତର ।

ମନେକରନ୍ତୁ ଗୋଟିଏ ନାମ, କୌଣସି ଲୋକର ନାମ । ଆମେ ତାକୁ ରୋମାନ ଲିପିରେ ବା ଓଡ଼ିଆ ଲିପିରେ ବା ବଙ୍ଗଳା ଲିପିରେ ବା ହିନ୍ଦି ଲିପିରେ ଲେଖିପାରୁ । ତଥାପି ଲୋକର ନାମରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ତାହା ଯେଉଁ ନାଁ କୁ ସେହି ନାଁ ହୋଇ ରହେ । ସଂସ୍କୃତର କୌଣସି ଏକ ଶ୍ଳୋକକୁ ଆମେ ଦେବନାଗରୀ ଲିପିରେ ନ ଲେଖି ଓଡ଼ିଆ ଲିପିରେ ଯଦି ଲେଖୁ ଯଥା- 'ଲଳିତ ଲବଙ୍ଗଲତା ପରିଶୀଳନ କୋମଳ ମଳୟ ସମୀରେ' ତେବେ ସେହି ସଂସ୍କୃତ ଭାଷାର ଶ୍ଳୋକ ସଂସ୍କୃତ ଭାଷାର ଶ୍ଳୋକ ହୋଇ ରହେ । ତାହା ଓଡ଼ିଆ ଲିପିର ବେଶଭୂଷା

Digitized by srujanika@gmail.com

ପିନ୍ଧିଲା ବୋଲି ଓଡ଼ିଆ ହୋଇ ଯାଏ ନାହିଁ । ଠିକ୍ ସେପରି ମନୁଷ୍ୟ ଭାଷାର ପଦ୍ୟ ବା କାବ୍ୟକୁ କୌଣସି କୋଡ୍ ହୋଇଗଲେ ତାହା ଭାଷାନ୍ତର ହୋଇ ଯାଏ ନାହିଁ ।

ତେଣୁ କୋଡ୍ ଭାଷାନ୍ତର ନୁହେଁ; ଅନୁବାଦ ଭାଷାନ୍ତର । ଏଥିରେ ସଙ୍କେତର ବିଧି ବିଧାନ ଏକାବେଳକେ ବଦଳି ଯାଏ । ଏଥିରେ ଗୋଟିଏ ମାତ୍ର କଥା ମେଳ ରହେ । ଯାହା ହେଉଛି ଅର୍ଥ ବା ବିଷୟବସ୍ତୁ । କିନ୍ତୁ ଅନ୍ୟ ପକ୍ଷରେ କୋଡ୍ କେବଳ ଅର୍ଥକୁ ଯେ ଅପରିବର୍ତ୍ତିତ ରଖେ ସେତିକି ନୁହେଁ, ସବୁତକ ଶବ୍ଦକୁ ବି ଠିକ୍ ପୂର୍ବ ଭଳି ରଖେ । ସେମାନଙ୍କର କ୍ରମ ଓ ବିନ୍ୟାସ ସବୁ ଠିକ୍ ପୂର୍ବପରି ରହେ ।

ତିନିପ୍ରକାର ଅନୁବାଦ ହୋଇପାରେ । ଗୋଟିଏ ହେଲା ଗୋଟିଏ ଭାଷାରେ କଷ୍ଟିଆ ଶବ୍ଦମାନଙ୍କ ଯାଗାରେ ଭଲ ଭଲ ଶବ୍ଦ ଲଗାଇ 'ସରଳ କରିବା' । ଏଥିରେ ସମାନ ଅର୍ଥବିଶିଷ୍ଟ ପ୍ରତିଶବ୍ଦ ଲଗାଇ ଓ ସେହିଭଳି ବାକ୍ୟ ସଂଗଠନ ଇତ୍ୟାଦି କରି ସେହି ଭାଷାରେ ଅଥଚ ନୂଆ ଛାଞ୍ଚରେ ଢ଼ାଳିବା । ଏଭଳି ଧରଣର ନାନା ନମୁନା ସଂଜ୍ଞାକାରୀ ଅବିଧାନ ମାନଙ୍କରେ ମିଳେ । ଯଥା ଓଡ଼ିଆରୁ ଓଡ଼ିଆ ଅବିଧାନ । ଇଂରାଜିରୁ ଇଂରାଜି ଅବିଧାନ ଇତ୍ୟାଦି ।

ଦ୍ୱିତୀୟ ପ୍ରକାର ଅନୁବାଦ ହେଲା ଖାଣ୍ଟି ଅନୁବାଦ । ଗୋଟିଏ ଭାଷାରୁ ବିଲକୁଲ ଅନ୍ୟ ଏକ ଭାଷାକୁ ଭାଷାନ୍ତର । ଗୋଟିଏ ଭାଷାର ଶବ୍ଦ ଓ ସଙ୍କେତଗୁଡ଼ିକୁ ଆଉ ଏକ ଭାଷାର ଶବ୍ଦ ଓ ସଙ୍କେତ ବା ବିଭକ୍ତି ଓ ବିନ୍ୟାସକାରୀ ସଂଯୋଜକରେ ରୂପାନ୍ତର । ମନେ କରନ୍ତୁ ଓଡ଼ିଆରେ 'ବଡ଼ିଆ' ଫରାସୀରେ ହେବ 'ଗ୍ରାଣ୍ଡ' ଇଂରାଜିରେ ହେବ 'ଗ୍ରେଟ' 'ଲାର୍ଜ' ଅଥବା 'ସିଗ୍ନିଫିକେଣ୍ଟ' ।

ଶେଷରେ ତୃତୀୟ ରକମର ଅନୁବାଦ । ଯାହା ହେଉଛି ଏକ ରୂପାନ୍ତର ବା ଭାଷା ଲିଖନ । କୌଣସି ଭାଷାର ଶବ୍ଦଗୁଡ଼ିକ ଅଶବ୍ଦ ସଙ୍କେତରେ ପରିଣତ କରିବା । ଅର୍ଥାତ୍ ସାବଧାନକୁ ଟ୍ରାଫିକ ସଂକେତରେ (!) ଚିହ୍ନଦ୍ୱାରା ଚିହ୍ନିତ କରିବା କିମ୍ୱା 'ମୁଁ ଖାଇବାକୁ ଚାହେଁ' ଏ କଥାଟା ଆଁ କରି ମୁହଁରେ ଖାଦ୍ୟ ଖାଇଲା ପରି ଦେଖାଇ ସଙ୍କେତ କରିବା ।

ଗୋଟିଏ ଭାଷାରେ ଯାହା ପ୍ରକାଶ ପାଇପାରେ, ଅନ୍ୟ ଭାଷାରେ ତାହା ପ୍ରକାଶ ପାଇବାରେ କିଛି କଷ୍ଟ ନାହିଁ । ଏ ପର୍ଯ୍ୟନ୍ତ ମନୁଷ୍ୟର ହାତ ପାହାନ୍ତା ସବୁ ଜ୍ଞାନ ଯେ କୌଣସି ଭାଷାରେ ପ୍ରକାଶିତ ହୋଇପାରେ । ପଦାର୍ଥବିଦ୍ୟାର ବିଧାନ କାନୁନଗୁଡ଼ିକ ଗାଣିତିକ ସମୀକରଣରେ ପ୍ରକାଶ ପାଇ ପାରେ । ପଦାର୍ଥବିଦ୍ୟାର ପ୍ରୟୋଗ ପରୀକ୍ଷାଗୁଡ଼ିକ ବି ମାମୁଲି ଭାଷାର ବର୍ଣ୍ଣନାରେ କୁହାଯାଇ ପାରେ କିମ୍ୱା ଜ୍ୟାମିତିର ଅଙ୍କନରେ ବି କୁହାଯାଇ ପାରେ ।

Digitized by srujanika@gmail.com

କିନ୍ତୁ ଅନେକଗୁଡ଼ିଏ ଜିନିଷ ଅଛି ଯେଉଁ ଜିନିଷ ସବୁ ବିଜ୍ଞାନର ଦ୍ୱିଧାହୀନ, ରୋକଠୋକ ଭାଷାର ଶାସନ ତଳେ ରହିବାକୁ ଚାହାନ୍ତି ନାହିଁ । ବରଂ କେତେଗୁଡ଼ିଏ ବିଦ୍ୟା ଯେଉଁମାନେ ଏପର୍ଯ୍ୟନ୍ତ ମାନବବିଦ୍ୟା ବୋଲାଇ ଥିଲେ ଓ ବୋଲାଉଛନ୍ତି ଅଥଚ ସେମାନେ ଏବେ ବିଜ୍ଞାନ ଭାବରେ ଆଇନ ବିଧାନ ଓ ଗଣିତର ଦ୍ୱିଧାହୀନତାର ସତ୍ୟ ଉପରେ ପ୍ରତିଷ୍ଠିତ ହେବାକୁ ବସିଲେଣି । ତଥାପି ସେମାନଙ୍କର ଭାଷା ଏତେ ଧୂଆଁଳିଆ ରହିଛି ଯେ ଯନ୍ତ୍ର ସେ ଭାଷାକୁ ସମଝି ପାରୁ ନାହିଁ । ଏପରିକି ବିଶେଷଜ୍ଞମାନେ ବି ସେ ଭାଷା ଧରି ପାରୁ ନାହାନ୍ତି ।

ସେହି କାରଣରୁ ମନୁଷ୍ୟ ଜ୍ଞାନକୁ ମେସିନର ଭାଷାରେ ଅନୁବାଦ କରିବା ବେଳେ 'ଖାଣ୍ଟି' ବିଜ୍ଞାନମାନଙ୍କ କ୍ଷେତ୍ରରେ ସୁଗମ ହୋଇଛି । ଏଭଳି ଖାଣ୍ଟି ବିଜ୍ଞାନ ହେଲେ ଗଣିତ, ଯୁକ୍ତି ବିଦ୍ୟା, ପଦାର୍ଥ ବିଦ୍ୟା, ରସାୟନ, ଇଞ୍ଜିନିୟରିଂ ।

ଶବ୍ଦର ଭାଷା ଓ 'ଭାବ'ର ଭାଷା

ମନୁଷ୍ୟ ମନୁଷ୍ୟ ସଙ୍ଗେ କଥିତ ଭାଷା ଜରିଆରେ କଥା ହୁଏ । କିନ୍ତୁ ଏବେ ମନୁଷ୍ୟର ଜ୍ଞାନ ପାଇଁ ଅନ୍ୟ ମଣିଷର ଭାଷା (କଥା ବା ଲେଖା) ସବୁଟା ନୁହେଁ । ଆମେ ଅନ୍ୟ ଧରଣର ସଙ୍କେତ ମାଳାରୁ ବି ଆମର ବହୁ ଜ୍ଞାନ ଅର୍ଜନ କରୁଛୁଁ । ଏବେ ଏଭଳି ସଙ୍କେତମାନ ଦିନୁଦିନ ବଢୁଛନ୍ତି । ବହିପତ୍ରରେ ଉଦାହରଣ, ଫଟୋ, ମାନଚିତ୍ର, ସୂତ୍ର, ଅଙ୍କନ, ସଡ଼କରେ ମାଇଲ ଖୁଣ୍ଟ, ଦୋକାନରେ 'ଝରକା କାଚର ପ୍ରଦର୍ଶନୀ' ଏପରି କେତେ ପ୍ରକାର ଢ଼ଙ୍ଗରେ ଜ୍ଞାନ ଆହରଣ କରୁଛୁଁ । ବୈଜ୍ଞାନିକମାନେ ଏଭଳି 'ଅଣଭାଷୀ' ଭାଷାର ଏକ ବିଶେଷ ବ୍ୟବହାରରେ ଲାଗନ୍ତି । ସେଗୁଡ଼ିକ ଆହୁରି ତେଜିଆନ, ବର୍ଣ୍ଣିଳ ଓ ଦ୍ୱିଧାହୀନ ।

ମନୁଷ୍ୟ ପାଇଁ ଆମର ଏ ଭାବପୂର୍ଣ୍ଣ ଭାଷା, ଦରଦୀର ଭାଷା ଚଳିବ । କିନ୍ତୁ ଯନ୍ତ୍ର ଏ ଭାଷା କାହିଁକି ବୁଝିବ ? ଯନ୍ତ୍ର ଏକ ନିର୍ଜଳ, ଫର୍ମାଦୋରସ୍ତ ଭାଷା ଦରକାର କରେ । ଏହାରି ଭାଷାରେ ବିଜ୍ଞାନର ଜ୍ଞାନକୁ ଭାଷାନ୍ତର କରିବାକୁ ହେବ । ଯଦି ଆମେ ଆମର ଭାଷାକୁ ଏଭଳି ନିର୍ଜଳ, ରୋକଠୋକ କରିବାରେ ସମର୍ଥ ହେବା ତେବେ ଯୁକ୍ତି-ସୂଚନା ଯନ୍ତ୍ର ଜ୍ଞାନର ରତ୍ନାକର ହେବ । ଏହା ସବୁ ପ୍ରକାର ବୈଜ୍ଞାନିକ ଲେଖା, ବହି ଓ ସବୁ ପ୍ରକାର ପ୍ରକାଶନ ସହଜରେ ଆୟତ୍ତ କରି ହଜମ କରି ପାରିବ । ଏପରିକି ମନୁଷ୍ୟ ସେକେଣ୍ଡରେ ୫୦ଟି ଅକ୍ଷର ଗ୍ରହଣ କଲା ବେଳେ, ଯନ୍ତ୍ର ଏକ ହଜାର ଅକ୍ଷର ବି ଗ୍ରହଣ କରିପାରିବ । ନୂଆ ନୂଆ ସୂଚନା ବି ବାଛି ନେଇ ପାରିବ ଓ ତାହାକୁ ନିବୁଜ ଭାବରେ ସ୍ମୃତିର ଗନ୍ତାଘରରେ ଦୃଢ଼ ଭାବରେ ଥୋଇ ରଖି ପାରିବ ।

Digitized by srujanika@gmail.com

ବିଜ୍ଞାନର ଭାଷା ହେଉଛି ଭାବର ଦ୍ୟୋତକ । ରୁଷ ଭାଷାରେ 'ବେନିନ୍'କୁ ଯୁକ୍ତରାଷ୍ଟ୍ର ଆମେରିକାରେ କହୁଛନ୍ତି 'ଗ୍ୟାସୋଲିନ୍'; ବିଲାତରେ କହନ୍ତି 'ପେଟ୍ରୋଲ' ଫ୍ରାନସରେ କହୁଛନ୍ତି 'ଏସେନସ' ଓ ଜର୍ମାନରେ କହୁଛନ୍ତି 'ବେନ୍‌ଜନ' । ଆମେ ଓଡ଼ିଆରେ ବି 'ପେଟ୍ରୋଲ ବା 'ତେଲ' ବୋଲି କହୁଛୁଁ । କିନ୍ତୁ ପୃଥିବୀରେ ଯେଉଁ ଦେଶର ଭାଷା ତାକୁ ଯାହା ବୋଲି ଡ଼ାକୁ ତାହା ସେହି ଏକା ଜିନିଷ । ଯଦି ଏହାକୁ ନାନା ଭାଷାରେ କହିବା ତେବେ ସିନା ଇଂରାଜି ଲୋକ ରୁଷ ଭାଷାକୁ ବୁଝିପାରିବେ ନାହିଁ ବା ରୁଷ ଲୋକ ଇଂରାଜି ଭାଷା ବୁଝିପାରିବେ ନାହିଁ । କିନ୍ତୁ ଏହି ମଟର ଚଳାଇବା ତେଲର ରାସାୟନିକ ସାଙ୍କେତିକ ସୂତ୍ର ଲେଖିଦେଲେ ଇଂରାଜି, ଜର୍ମାନ, ରୁଷ, ଫରାସୀ, ଆମେରିକା କାହାରି ବୁଝିବାରେ ଅସୁବିଧା ହେବ ନାହିଁ । ଅବଶ୍ୟ ଯଦି ଏହି ସାଂକେତିକ ଭାଷା ଏହି ସମସ୍ତ ଲୋକ ଜାଣି ଥାଆନ୍ତି । ତେଣୁ ମେସିନର ଭାଷା ବି ଏକ 'ବସ୍ତୁର ଭାବ'ର ଭାଷା ହେବା ଚାହିଁ । ପ୍ରତ୍ୟେକ 'ଭାବ' ପାଇଁ ମାତ୍ର ଗୋଟିଏ ସଙ୍କେତ ହେବା ଦରକାର । ସାରା ସଂସାରରେ ସବୁ ବୈଜ୍ଞାନିକ ଯାହା ବୁଝି ପାରିବେ । ଠିକ୍ ଯେପରି ଗଣିତର ପ୍ରତ୍ୟେକ ପରିମାଣ ଯଥାଯଥ ସଂଖ୍ୟାରେ ଚିହ୍ନିତ ହୋଉଛି ।

ପୃଥିବୀର ସବୁ ପ୍ରକାର ଆୟତନ ପରିମାଣକୁ ଗଣିତର ଏକ ଠାରୁ ଦଶ ପର୍ଯ୍ୟନ୍ତ ଦଶଟି ସଂଖ୍ୟା ସାହାଯ୍ୟରେ ପ୍ରକାଶ କରାଯାଇ ପାରୁଛି । ଠିକ୍ ସେହିପରି ଦୁଇଟିକିଆ ସଂଖ୍ୟା ଶୃଙ୍ଖଳାରେ ୦ ଓ ୧ ଏହି ଦୁଇଟି ସଂଖ୍ୟାର ସବୁ ପ୍ରକାର ଶବ୍ଦ, ଆୟତନ, ପରିମାଣ ମଧ ପ୍ରକାଶ କରାଯାଇ ପାରୁଛି । ବୈଜ୍ଞାନିକ ସୂଚନାଗୁଡ଼ିକ ରେକର୍ଡ଼ କଲାବେଳେ ସେପରି ଗଣିତର ସଂଖ୍ୟା ଓ ସେହି ସୂଚନାର ମୌଳିକ, ପ୍ରାଥମିକ ଅର୍ଥଗୁଡ଼ିକ ପ୍ରକାଶିତ ହୋଇଥାଏ । ଏଗୁଡ଼ିକ ସଂଯୋଗ କରି ଆମେ ସବୁଠାରୁ ଜଟିଳ ଚିନ୍ତାକୁ ବି ପ୍ରକାଶ କରିପାରୁ ; ଯେପରିକି ଏକ ଠାରୁ ଦଶ ଯାଏ ସଂଖ୍ୟା (୧, ୨, ୩, ୪, ୫........୧୦) ଜାଣିଥିଲେ ଆମେ ଯେ କୌଣସି ବିରାଟ ସଂଖ୍ୟାକୁ ବି ଲେଖି ଦେଇ ପାରୁ ।

ସୂଚନା ଯନ୍ତ୍ରଗୁଡ଼ିକ ଉଦ୍ଭାବନ ପୂର୍ବରୁ ପଦାର୍ଥ ବିଦ୍ୟାବିଦ୍‌ମାନେ ଦୈର୍ଘ୍ୟ, ପ୍ରସ୍ଥ, ବେଧର ତତ୍ତ୍ୱକୁ ବିକାଶ କରିଛନ୍ତି ଯେଉଁଠି କୌଣସି ଶାରିରୀକ ପରିମାଣ ହେଉଛି ମୌଳିକ ପରିମାଣ । ମେକାନିକ୍‌ସକୁ ଉଦାହରଣ ରୂପେ ନିଆଯାଉ । ଲମ୍ବ L, ପଦାର୍ଥ M, ଓ ସମୟ T । ଏହି ତିନୋଟି ପ୍ରାଥମିକ ସଙ୍କେତ ଏକାଠି କରି LMT^{-2} କୁ ଚାପ ବା ଫୋର୍ସ ବୋଲି ଧରାଯାଏ, LT^{-1} କୁ ଗତି ବୋଲି ଧରାଯାଏ ଓ ML^{-3} କୁ ଘନତା ଇତ୍ୟାଦି । ତେଣୁ ପଦାର୍ଥର ପରିମାଣରୁ ଓ ଗାଣିତିକ ପରିମାଣରୁ

Digitized by srujanika@gmail.com

ସୂତ୍ର ସବୁ ତିଆରି କରାଯାଇ ପାରିବ । ଅତଏବ ସବୁ ବିଜ୍ଞାନରେ ମଧ୍ୟ ସୂତ୍ର ତିଆରି ହୋଇପାରିବାରେ କୌଣସି ବିଚିତ୍ରତା ନାହିଁ। ଅବଶ୍ୟ ପଦାର୍ଥବିଦ୍ୟା ଭଳି ସେହି ବିଜ୍ଞାନଗୁଡ଼ିକ ସମାନ ପରିମାଣରେ ନିର୍ଦ୍ଦିଷ୍ଟତା, ଦ୍ୱିଧାହୀନତା ଓ କଠୋର ଶୃଙ୍ଖଳାରେ ଗଢ଼ା ହେବା ଚାହି ।

କଂପ୍ୟୁଟର ଯନ୍ତ୍ର ଗାଣିତିକ ସୂତ୍ର ଓ ସଙ୍କେତଗୁଡ଼ିକ ଆୟତ୍ତ କରିବାରେ ବେଶ ଧୂରନ୍ଧର । ତେଣୁ ଯୁକ୍ତି-ସୂଚନା ଯନ୍ତ୍ରର କାମ ହେବ ଅଲଗା ଅଲଗା 'ଶବ୍ଦ' ବା ବୈଜ୍ଞାନିକ ଭାବ ସମ୍ବଳିତ ବାକ୍ୟଗୁଡ଼ିକୁ ଆୟତ୍ତ କରିବା ।

ଅର୍ଥର ଭାଷା

ଶବ୍ଦରୁ ଯେଉଁ ଅର୍ଥ ଉପୁଜିଲା ସେତକ ଯଥେଷ୍ଟ ନୁହେଁ । କାରଣ ଶବ୍ଦକୁ କେବଳ ଗୋଟିଏ ଭାଷା ଜାଣିଥିବା ଲୋକ ବୁଝିବେ । ଭାବରୁ ଯେଉଁ ଭାଷା ବାହାରିବ ତାହାକୁ ସମସ୍ତେ ବୁଝିବେ । ଗାଈର ଚିତ୍ର ଦେଖିଲେ ଇଂରାଜି କହିବେ 'କାଓ' ଜର୍ମାନ କହିବେ 'କୂ' ଆଉ ଓଡ଼ିଆ କହିବେ 'ଗାଈ' । ତେଣୁ ଗାଈର ଚିତ୍ର ଗାଈ ଏହି ଭାବର ଭାଷା ତାହା ଓଡ଼ିଆ ମାତୃଭାଷା ନୁହେଁ । ତେଣୁ ଗାଈର ଚିତ୍ର ଭଳି ଏଭଳି ଗୋଟିଏ ସଙ୍କେତ ଯନ୍ତ୍ରକୁ ଦେଖାଇବାକୁ ପଡ଼ିବ ଯାହା ସେ ଗାଈ ବୋଲି ମନେ ରଖି ପାରିବ ।

ଆମେରିକାର ପେରି ଓ କେଣ୍ଟ ନାମକ ଦୁଇଜଣ ଇଞ୍ଜିନିୟର ଏଭଳି ଗୋଟିଏ ସୂଚନା ଭାଷା ବାହାର କରିଛନ୍ତି । ସେମାନେ ମୂଳ 'ଭାବ'କୁ କେତୋଟି ମୌଳିକ ଭାବରେ ବାଣ୍ଟି ଦେଉଛନ୍ତି । ସେହି ବଣ୍ଟା ହୋଇଥିବା 'ଭାବ' ଗୁଡ଼ିକ ମୌଳିକ ପଦାର୍ଥକ ପରିମାଣ ମୁତାବକ ବଣ୍ଟା ଯାଇଛି । ତେଣୁ ମୌଳିକ ବିଭକ୍ତ ଭାବଗୁଡ଼ିକ ଭିତରେ ଅଛି ଯନ୍ତ୍ରପାତି, ସୂଚନା, ବାର୍ତ୍ତା ପ୍ରେରଣ, ଉତ୍ତାପ ଚାପ ଇତ୍ୟାଦି । ଏଗୁଡ଼ିକ ହେଉଛନ୍ତି ତାତ୍ପର୍ଯ୍ୟ ବା ଅର୍ଥ । ଏଗୁଡ଼ିକ ଅତି ଛୋଟ ଛୋଟ 'କାଣିଚାଏ' ଅର୍ଥ । ଅର୍ଥାତ୍ ଏଗୁଡ଼ିକ ଅନ୍ୟ କଥାରେ ଅର୍ଥ-ଅଣୁ । ଉଦାହରଣସ୍ୱରୂପ ପେରି ଓ କେଣ୍ଟ ଯନ୍ତ୍ରପାତିର ନାମ ରଖିଛନ୍ତି 'MCH' ବାର୍ତ୍ତାପ୍ରେରଣର ନାମ ରଖିଛନ୍ତି 'TRN' । ମନେକରନ୍ତୁ ଆମେ ଗୋଟିଏ 'ଭାବ' ନେଲୁ ଟେଲିଫୋନ । ଯନ୍ତ୍ରର ଭାଷାରେ ଏହା କିପରି ହେବ ।

'ଟେଲିଫୋନ' ଗୋଟିଏ ବିଶେଷ ଯନ୍ତ୍ରବ୍ୟବସ୍ଥା ଯାହା ବିଜୁଳିଶକ୍ତି ସାହାଯ୍ୟରେ ସୂଚନା ପ୍ରେରଣ କରେ । ତେଣୁ ଟେଲିଫୋନର 'ଭାବ' ଭିତରେ ଚାରିଗୋଟି ମୌଳିକ 'ଭାବ' ରହିଛି । ଏକ, 'ଯନ୍ତ୍ରପାତି', ଦୁଇ ବାର୍ତ୍ତା ପ୍ରେରଣ, ତିନି ବିଦ୍ୟୁତ ଶକ୍ତି ଓ ଚାରି ସୂଚନା । ଏହି ଚାରିଗୋଟି 'ଭାବ'ର 'ଭାବାର୍ଥ' ବୋଧକ ଯାନ୍ତ୍ରିକ ଶବ୍ଦ ହେଲା M-CH, T-RN, L-CT, D-CN । ତେଣୁ 'ଟେଲିଫୋନ' 'ଭାବ'ଟି

Digitized by srujanika@gmail.com

ବୁଝିବାକୁ ହେଲେ ଏହି ଚାରୋଟି ଯାନ୍ତ୍ରିକ ଶବ୍ଦ ପରସ୍ପର ସହିତ କି ସଂପର୍କ ରଖନ୍ତି ତାହା ବୁଝିବାକୁ ହେବ । ଏହି କୋଡ୍ ସଙ୍କେତଗୁଡ଼ିକ ଭିତରେ ମଝିରେ ମଝିରେ ଗୋଟିଏ ଶୂନ୍ୟସ୍ଥାନ ପାଇଁ ଯେଉଁ ଗାର କଟା ହୋଇଛି ଏହି ଗାରଗୁଡ଼ିକ ଏହି ସଂପର୍କର ସଙ୍କେତରେ ଭରଣା କରିବାକୁ ହେବ । 'ଟେଲିଫୋନ' ହେଉଛି ଶହ ଶହ ବ୍ୟବହୃତ ଯନ୍ତ୍ରପାତି ଭିତରୁ ଗୋଟିଏ ଓ ଏହି ସବୁ ଯନ୍ତ୍ରପାତିକୁ M-CH ରେ ଯାନ୍ତ୍ରିକ ଶବ୍ଦ କରାଯାଇଛି । ଯଦି ଆମେ କହିବାକୁ ଚାହୁଁ ଯେ ଯନ୍ତ୍ରଟି ଅଛି ତେବେ ଆମେ M ଓ CH ମଧ୍ୟରେ ଯେଉଁ ଖାଲି ସ୍ଥାନ ରହିଗଲା ସେଠାରେ ଗୋଟିଏ A ରଖିବୁ । A ର ଆଗମ ହେଲେ ଅର୍ଥ ହେଲା MACH ଅର୍ଥାତ୍ ଗୋଟିଏ ଯନ୍ତ୍ର ଅଛି । ତା'ପରେ ଟେଲିଫୋନ ସୂଚନା ପ୍ରେରଣ ବା ବାର୍ତ୍ତା ପ୍ରେରଣ ପାଇଁ ବ୍ୟବହାର ହୁଏ । ତେଣୁ T-RN ଖାଲି ଜାଗାରେ ଆମେ ଗୋଟିଏ ରଖିବୁ ଅର୍ଥାତ୍ ଉକ୍ତ ଯନ୍ତ୍ରଟି ବାର୍ତ୍ତା ପ୍ରେରଣ କାର୍ଯ୍ୟ କରେ । ତୃତୀୟ 'ଭାବ'ରେ D-CM ଅର୍ଥାତ୍ ସୂଚନାରେ ଆମେ ଖାଲି ସ୍ଥାନରେ W ଅକ୍ଷରଟି ରଖିବୁ ଅର୍ଥାତ୍ ଆମେ ଯେଉଁ ଭାବଟିକୁ କୋଡ଼ର ଯନ୍ତ୍ର ଭାଷାରେ ଢ଼ାଳିବୁ ତାହା ଏକ ଧରଣର କାର୍ଯ୍ୟ ପାଇଁ ବ୍ୟବହାର କରାଯାଇଛି । ଟେଲିଫୋନ ବିଦ୍ୟୁତ ଶକ୍ତି ଦ୍ୱାରା ଚଳେ । ବିଦ୍ୟୁତ ଶକ୍ତିର 'ଭାବ' ହୋଇ L - CT ଏହାରି ଭିତରେ Q ଶବ୍ଦଯୋଡ଼ି ଆମେ LQCT କରି ଦେଲେ 'ବିଦ୍ୟୁତ ଶକ୍ତି ସାହାଯ୍ୟରେ' ବୋଲି ବୁଝାପଡିବ ।

ତେଣୁ ସବୁ ଭାବଗୁଡ଼ିକର ଭାବର କୋଡ଼ ଭାଷା ବା ଯାନ୍ତ୍ରିକ ଭାଷା ହେଲା DWCM– LCT MACH – TVRN ଅର୍ଥାତ୍ LQCT 'ବିଦ୍ୟୁତ ଶକ୍ତି ସାହାଯ୍ୟରେ ସୂଚନା ପ୍ରେରଣ କରୁଥିବାର ଯନ୍ତ୍ରପାତି' । ତେଣୁ କୋଡ଼ ବା ଯନ୍ତ୍ର ଭାଷାର ଆମର ସାଧାରଣ ମାତୃଭାଷାରେ ଏହି ଅର୍ଥ ହେବ ।

ଏହି କୋଡ୍ ଭାଷା କେବଳ ତାତ୍ତ୍ୱିକଭାବରେ ତିଆରି ହୋଇ ରଖାଯାଇ ନାହିଁ । ଏହା ସୂଚନା ଯନ୍ତ୍ରଗୁଡ଼ିକରେ ବ୍ୟବହାର କରାଗଲାଣି । ପ୍ରଥମେ କୌଣସି ଗୋଟିଏ ଲେଖାର ଏକ ସାଧାରଣ ମୋଟକଥା ତିଆରି କରାଯାଏ । ଏହାର ବିଷୟବସ୍ତୁକୁ ତାପରେ ବିଶ୍ଳେଷଣ କରାଯାଏ । ଏଥିରେ ମୌଳିକ କଣାଗୁଡ଼ିକ ଅର୍ଥାତ୍ ମୌଳିକ 'ଭାବ' ଗୁଡ଼ିକ ସଂଗ୍ରହ କରାଯାଏ । ସେମାନଙ୍କୁ କୋଡ୍ ଭାଷାରେ ଲେଖାଯାଏ ଓ ତାହାକୁ ମେସିନର ସ୍ମୃତି-ଭଣ୍ଡାରରେ ପହଞ୍ଚାଇ ଦିଆଯାଏ ।

ଆଗତକୁ କ'ଣ ହେବ

ସୂଚନା ଯନ୍ତ୍ରଗୁଡ଼ିକ କେବଳ ତଥ୍ୟ ବା ସୂଚନାର ଭଣ୍ଡାର ନୁହଁନ୍ତି । ଏମାନେ ବିଭିନ୍ନ ବିଷୟରେ ଗବେଷକଙ୍କୁ ବିଜୁଳି ବେଗରେ ମାଲମସଲା ଯୋଗାଇବାର

Digitized by srujanika@gmail.com

ଗ୍ରନ୍ଥାଗାର ନୁହଁନ୍ତି । ଏମାନଙ୍କ ଦ୍ୱାରା ଏବେ ଆହୁରି ଅଦ୍ଭୁତ ଓ ସୃଜନଶୀଳ କାର୍ଯ୍ୟ ବି କରାଗଲାଣି । ଏମାନେ ଏବେ ନିଜେ ନିଜେ ସ୍ଥିର କରି ପାରିଲେଣି ଯେ ଯେଉଁ ସୂଚନା ସେମାନଙ୍କ ଭିତରେ ଅନୁପବିଷ୍ଟ କରାଯାଉଛି ସେଗୁଡ଼ିକ ପୁରୁଣା ଜଣାଶୁଣା ତଥ୍ୟ ନା କୌଣସି ନୂତନ ତାଜା ତଥ୍ୟ । ଅର୍ଥାତ୍ ଏ ଯନ୍ତ୍ର ଆପଣାର ସ୍ମୃତି ଭଣ୍ଡାରର ତଥ୍ୟ ସାଙ୍ଗରେ ପରଖ କରି କହିଦେଇ ପାରୁଛି ଯେ ଯାହା ତାକୁ ନୂଆ ବୋଲି ଗିଳାଇଦିଆ ଯାଉଛି ତାହା ନୂଆ ନାଁ ପୁରୁଣା ।

ଯନ୍ତ୍ର ବହିମାନଙ୍କର ସାରତତ୍ତ୍ୱ ଓ କୌଣସି ପ୍ରବନ୍ଧର ମୋଟା ମୋଟି ସାରକଥା ଏବେ ଆପଣାର ସ୍ମୃତି ଭଣ୍ଡାରରେ ରଖି ପାରୁଛି । ବୈଜ୍ଞାନିକମାନେ ଏକ ସର୍ବବ୍ୟାପି ସାର୍ବଜନୀନ କୋଡ୍ ତିଆରି କରି ପାରିଲେ ସେ ସବୁ ବିଜ୍ଞାନର ସଂଜ୍ଞା ଗୁଡ଼ିକ କଠୋର ଭାବରେ ଓ ଯଥାଯଥ ଭାବରେ ସଂଜ୍ଞାଭୁକ୍ତ ହୋଇପାରିଲେ (ଠିକ୍ ଯେପରି ମିଟର, କିଲୋ, କୁଇଣ୍ଟାଲ, ଗ୍ରାମ ହୋଇଛି ସେପରି) । ଏହି ସୂଚନା ଯନ୍ତ୍ରର ଶକ୍ତି ଯେ କୌଣସି ଜ୍ଞାନକୋଷ ସଙ୍ଗେ ସମାନ ବା ଅଧିକା ହୋଇଯିବ । ତେଣିକି ଯନ୍ତ୍ରର ସ୍ମୃତିର ଗନ୍ତାଘରେ ଉପପାଦ୍ୟ, ସୂତ୍ର, ସଂଜ୍ଞା ଅର୍ଥାତ୍ ଏକ କଥାରେ ମନୁଷ୍ୟ ଜ୍ଞାନର ଯାବତୀୟ ବିଭାଗ ଆସିଯିବ । କେବଳ ଏତିକି ମାତ୍ର ଦେଖିଲେ ହେଲା ଯେ ଏହି ଜ୍ଞାନଗୁଡ଼ିକ କଠୋର ଓ ରୋକଠୋକ ଯନ୍ତ୍ର ଭାଷାରେ ଯନ୍ତ୍ରଭୁକ୍ତ କରିଦିଆ ଯାଇଛି କି ନାଁ ତେଣିକି ପୁରୁଣା କଥାଗୁଡ଼ିକ ଦ୍ୱି ରୁକ୍ତି କଲେ କିମ୍ବା କେହି କାହାଠାରୁ କପି କରି ନୂଆ ବୋଲି ଚଳାଇବାକୁ ଚେଷ୍ଟା କଲେ ବା ଅନ୍ୟମାନଙ୍କର ଲେଖାକୁ ମୌଳିକତା ନଥାଇ ସଂକଳନ କରିଦେଲେ ଯନ୍ତ୍ର ସେଗୁଡ଼ିକ 'ଭକ୍ଷଣ' କରିବ ନାହିଁ, ସେଗୁଡ଼ିକ ଯନ୍ତ୍ରଭୁକ୍ତ ହେବ ନାହିଁ । ତାହା ଯନ୍ତ୍ର ନାମଞ୍ଜୁର କରିଦେବ ।

ଆହୁରି ଜଣାପଡ଼ିଲାଣି, ଏହି ସୂଚନା ଯନ୍ତ୍ର କେବଳ ଗୋଟିଏ ନିସ୍ତେଜ ଶବ୍ଦ ଭଣ୍ଡାର ଭଳି ଯାହା ଚାହିଁବ ତାହା ଦେଉଥିବ ଅର୍ଥାତ୍ ଏକ ଜ୍ଞାନର କାମଧେନୁ ହୋଇଥିବ ସେତିକ ନୁହେଁ । ଏହାକୁ ପୁରୁଣା ଓ ଜଣାଶୁଣା ଜ୍ଞାନକୁ ଗିଳାଇଲେ ଯାହା ଆଗରୁ ସେ ଥରେ ଗିଳି ସାରିଛି ତାହା ତ ଗିଳିବ ନାହିଁ । ଏହା ବି ତାର ସ୍ମୃତି ଭଣ୍ଡାରରେ ଥିବା ବିଷୟବସ୍ତୁରୁ ନୂଆ ଉପସଂହାରମାନ ଉପହାର ନେଇପାରିବ । ନୂଆ ନୂଆ ସୂଚନା ସର୍ଜନା କରିପାରିବ, ନୂଆ ଚିତ୍ର, ପ୍ଲାନ ଓ ମଡ଼େଲ ଦେଇ ପାରିବ । ଏପରିକି ଆପଣାର ସ୍ମୃତି ଭଣ୍ଡାରରେ ଥିବା ତଥ୍ୟ ଭିତରୁ ନୂତନ ବୈଜ୍ଞାନିକ ଆଇନ କାନୁନକୁ ମଧ ବାହାର କରି ପାରିବ । କଥାଟା ଅସମ୍ଭବ ମନେ ହେଉଛି ? ତେବେ କ'ଣ ଯନ୍ତ୍ରଟା ମଣିଷ ହୋଇଯିବ ? କଥାଟା ସେପରି ଅସାଧାରଣ ନୁହେଁ । ଯନ୍ତ୍ର ଏବେ ନାନା ସୃଜନଶୀଳ ସମସ୍ୟା ଉପରେ ଆପଣାର କାରସାଦି ଆରମ୍ଭ

Digitized by srujanika@gmail.com

କଲାଣି । ଯୁକ୍ତରାଷ୍ଟ୍ରରେ ଥିବା ଚୀନ ଯୁକ୍ତିବିଦ୍ ହାଓ ଓଆଙ୍ଗ ନିମ୍ନଲିଖିତ ପ୍ରୟୋଗଟି ୧୯୬୬ ମସିହାରେ କରିଥିଲେ । ସେ ଗାଣିତିକ ଯୁକ୍ତି ବିଦ୍ୟାର କେତେ ଗୁଡ଼ିଏ ମୌଳିକ ସ୍ୱତଃସିଦ୍ଧକୁ ଗୋଟିଏ କଂପ୍ୟୁଟର ଯନ୍ତ୍ରରେ ଭୁଞ୍ଜାଇ ଦେଲେ । କେତେ ସେକେଣ୍ଡ ମଧ୍ୟରେ ଯନ୍ତ୍ର ଆପଣା ମନକୁ କେତେଗୁଡ଼ିଏ ଉପପାଦ୍ୟର ପ୍ରମାଣ ବାହାର କରିଦେଲା । ଯେଉଁ ପ୍ରମାଣ ଗୁଡ଼ିକର ସେଲ ଓ ରାଇଟ ହେଡ୍ ନାମକ ଦୁଇଜଣ ବିଖ୍ୟାତ ବୈଜ୍ଞାନିକଙ୍କ ପ୍ରକାଶିତ ମୌଳିକ ବହି 'ପ୍ରିନ୍‌ସିପିଆ ମାଥେମ୍ୟାଟିକା'ରେ ସନ୍ନିବିଷ୍ଟ ହୋଇଛି । ତାହାଛଡ଼ା ଉକ୍ତ ଯନ୍ତ୍ରଟି ନୂଆ ନୂଆ ଉପପାଦ୍ୟର ଗୋଟିଏ ମାଳ ବି ପ୍ରସ୍ତୁତ କରି ଦେଇଥିଲା ।

ଇଂଲଣ୍ଡ ଓ ସୋଭିଏଟ ଋଷରେ ଗବେଷକମାନେ ଯନ୍ତ୍ର ପାଇଁ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିଥିଲେ ଯାହା କେବଳ ସ୍ୱତଃସିଦ୍ଧ ଗୁଡ଼ିକ ଭୁଞ୍ଜିଲେ ସମସ୍ତେ ଇଉକ୍ଲିଡ୍ ଜ୍ୟାମିତିର ଉପପାଦ୍ୟଗୁଡ଼ିକ ସହଜରେ ପ୍ରସ୍ତୁତ କରି ପାରିବ । ସତକୁ ସତ ଯନ୍ତ୍ର ଏଗୁଡ଼ିକ ତ ପ୍ରସ୍ତୁତ କରି ଦେଇ ପାରିଲା କିନ୍ତୁ ଆଉ ଗୁଡ଼ିଏ ନୂତନ ଉପପାଦ୍ୟ ବି ପ୍ରସ୍ତୁତ କରିଦେଲା , ଯେଉଁଗୁଡ଼ିକ ଗତ ଦୁଇହଜାର ବର୍ଷ କାଳ ଗଣିତଜ୍ଞମାନଙ୍କର ଧାରଣା ଭିତରକୁ ଆସିପାରି ନ ଥିଲା ।

'ସବୁ ମାନସିକ କାର୍ଯ୍ୟକୁ ଯନ୍ତ୍ରଦ୍ୱାରା କର' ଏହା ହେଲାଣି ଏବ କାଳର ଗୋଟାଏ 'କାର' ବା ଧ୍ୱନି ଏହା ହେଲେ ହିସାବ-ସମୀକ୍ଷକ, ପରିସଂଖ୍ୟାନବିଦ୍ ଓ ଗଣିତଜ୍ଞମାନଙ୍କୁ ବହୁକାଳ ସ୍ଥାୟୀ କ୍ଳାନ୍ତିକାରୀ ଗାଣିତିକ କର୍ମ କରିବାରୁ ରିହାତି ମିଳିବ । ଧୀରେ ଧୀରେ ଏହି କଂପ୍ୟୁଟର ଯନ୍ତ୍ର ତାଲିକା ପ୍ରସ୍ତୁତକାରୀ, ଲାଇବ୍ରେରୀ ରକ୍ଷକ, ଅନୁବାଦକମାନଙ୍କର କ୍ଳାନ୍ତିକାରୀ କାର୍ଯ୍ୟକୁ ଲାଘବ କରିବ ଓ ଶେଷରେ ସୃଜନଶୀଳ କାର୍ଯ୍ୟରେ ମଧ୍ୟ ସହାୟ ହେବ ।

ଯନ୍ତ୍ର-କ୍ଷମତାର ବି ସୀମା ଅଛି

ଏକଥା ସ୍ପଷ୍ଟ ଯେ ଯେଉଁ ବିଷୟବସ୍ତୁ ବା 'ଭାବ' ଗୁଡ଼ିକ ସୂତ୍ର ଓ ସଂଖ୍ୟାର ଢ଼ାଞ୍ଚାରେ ପଡ଼ିବ ବା ସେହି ବିଶ୍ୱ କୋଡ୍‌ରେ ଢ଼ଳାଯାଇ ପାରିବ, ସେଗୁଡ଼ିକ କେବଳ ଯନ୍ତ୍ରର ଫର୍ମା ଭିତରେ ଭୁଞ୍ଜାଯାଇ ପାରିବ । ତାହାକୁ ହିଁ କଂପ୍ୟୁଟର ଯନ୍ତ୍ର ଖାଦ୍ୟ ଭାବରେ ଗ୍ରହଣ କରିବ । ଅଖାଦ୍ୟ ବା ପୁରୁଣା ପଚା ଖାଦ୍ୟ ବା ସୂତ୍ର ଓ ସଂଖ୍ୟାର ଛାଞ୍ଚରେ ଅଢ଼ଳା ଖାଦ୍ୟ ଏହା ମୋଟେ ଗ୍ରହଣ କରିପାରିବ ନାହିଁ । ଏକଥା ସ୍ପଷ୍ଟ ଏଭଳି ବୈଜ୍ଞାନିକ ପ୍ରଣାଳୀ ପ୍ରସ୍ତୁତ ଖାଦ୍ୟ ଭୁଞ୍ଜିପାରିଲେ ଯନ୍ତ୍ର ମଣିଷ ଅପେକ୍ଷା ବହୁଗୁଣ ତେଜରେ କାର୍ଯ୍ୟ କରିବ । ତେବେ ସବୁ କଥା କଣ ଉପରୋକ୍ତ ଯାନ୍ତ୍ରିକ ସୂତ୍ର ବା ସଂଖ୍ୟାରେ ପରିଣତ କରାଯାଇ ପାରିବ ? ଏହାର ଉତ୍ତର ନୁହେଁ ।

Digitized by srujanika@gmail.com

ଏବେ ବହୁ କଂପ୍ୟୁଟର ପ୍ରେମୀମାନେ ଦାବୀ କଲେଣି ଯେ କଂପ୍ୟୁଟର ସବୁ ଜ୍ଞାନର ଆକର, ଏକ ବିଶାଳ କାମଧେନୁ, ଏକ ସ୍ମୃତି-ତୀର୍ଥ । ତେଣୁ ତାହା ଠାରୁ କିଛି ବଳେଇଯିବ ନାହିଁ । ଏମାନଙ୍କର ଏଭଳି ଉତ୍ସାହିତ ଦାବୀର ଅବଶ୍ୟ ଯଥାର୍ଥତା ରହିଛି । କାରଣ ଏଥିପୂର୍ବରୁ ଯନ୍ତ୍ରର କ୍ଷମତା ବିଷୟରେ ଯେ ସନ୍ଦେହ କରାଯାଉଥିଲା ଯନ୍ତ୍ର ଗୋଟି ଗୋଟି କରି ସନ୍ଦେହଗୁଡ଼ିକ ମୋଚନ କରି ଆଗେଇ ଚାଲିଛି । ଏକ ସମୟରେ ଓ୍ବେନର ନାମକ ଭାଷାତତ୍ତ୍ୱବିଦ୍ ଜିଦି ମାରିଥିଲେ ଯେ ଯନ୍ତ୍ର ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରି ପାରିବ ନାହିଁ । କିନ୍ତୁ ଯନ୍ତ୍ର ଏବେ ଅନୁବାଦ କରି ପାରୁଛି । କିନ୍ତୁ ଏକଥା ନିଶ୍ଚିତ ଯେ ଯନ୍ତ୍ର କେବଳ ଯାନ୍ତ୍ରିକ କାର୍ଯ୍ୟ କରି ପାରିବ । ସୃଜନଶୀଳ କାର୍ଯ୍ୟରେ ଏହା କଦାପି ମଣିଷର ସ୍ଥାନ ଦଖଲ କରି ପାରିବ ନାହିଁ ।

ଆଗରୁ କୁହାସରିଛି ମଣିଷର ମସ୍ତିଷ୍କର ସୂଚନା ଭଣ୍ଡାରରେ 10^5-10^6 ଯାଏ ସୂଚନା ଖୁଦକଣା ରହିଛି । ଆଜିର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଣିଷର ମସ୍ତିଷ୍କ ଅପେକ୍ଷା ଆହୁରି ବିଶାଳ ଯାନ୍ତ୍ରିକ ମସ୍ତିଷ୍କ ଅର୍ଥାତ୍ ସୂଚନା ସ୍ମୃତିଭଣ୍ଡାର ତିଆରି କରାଯାଇ ପାରେ । କିନ୍ତୁ ଏଭଳି ସ୍ମୃତିଭଣ୍ଡାର ହେଲେ ତ ସୃଜନଶୀଳ କାର୍ଯ୍ୟ ହେବ ନାହିଁ । ଯନ୍ତ୍ର ଗୋଟାଏ ବଡ଼ ଧରଣର ଅଭିଧାନ ବା ବିଶ୍ୱକୋଷ ବା ଜ୍ଞାନ ରତ୍ନାକର ପାଲଟିବ । କିନ୍ତୁ ଜ୍ଞାନ ସାଇତି ରଖିବା ଓ ସେହି ଜ୍ଞାନକୁ ନବ ନବ ଉନ୍ମେଷ ଶାଳିନୀ ପ୍ରଜ୍ଞାରେ ଖଟେଇବା ତ ସମାନ କଥା ନୁହେଁ । ଏଇ କାର୍ଯ୍ୟରେ ମନୁଷ୍ୟର ଆସନ ନିଶ୍ଚୟ ଯନ୍ତ୍ରର ଉର୍ଦ୍ଧ୍ୱରେ ରହିବ ।

କେହି କହିପାରେ ଜଣେ ମଣିଷ ଆପଣା ସ୍ମୃତି ଭଣ୍ଡାରରେ ଯେତେ ଲୋଡ଼ା ଅଲୋଡ଼ା ତଥ୍ୟ ସମ୍ପାଦିଛି ତାହା ଭିତରୁ ସୃଜନଶୀଳ ସାଂସ୍କୃତିକ ତଥ୍ୟ ପରିମାଣ ହୁଏତ ଖୁବ୍ ବେଶି ହେଲେ ଦଶଲକ୍ଷ ସୂଚନା କଣିକା ହେବ । କିନ୍ତୁ ସେ କଥା ତ କଥା ନୁହେଁ । କଥା ହେଲା ଯନ୍ତ୍ର ତା ପାଖରେ ଥିବା ସୂଚନା ଉପରେ ସିନା ମାଲିକ, କିନ୍ତୁ ସେହି ମାଲିକାନା ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ । ସେହି ସୀମା ହେଉଛି ଯନ୍ତ୍ରର ଗମିବାର ଶେଷ ସ୍ଥଳ । ସେହି ସୀମା ପର୍ଯ୍ୟନ୍ତ ଯିବାର ନିୟମକୁ କୁହାଯାଉଛି ଆଲଗାରିଥମ । ଏହି ଆଲଗାରିଥିମ୍‌ରେ ଯନ୍ତ୍ରର କ୍ରିୟାର ବିଧି ବର୍ଣ୍ଣିତ ହୋଇଛି । ଏପର୍ଯ୍ୟନ୍ତ କୌଣସି ଯନ୍ତ୍ର ତା'ର ସ୍ମୃତିର ସମସ୍ତ ସ୍ତରକୁ ହିସାବକୁ ନେଇ କାର୍ଯ୍ୟକାରୀ ହୁଏ । ଇଂରାଜି ବ୍ୟଙ୍ଗ ବାଗୀଶ ଲେଖକ ଜନାଥନ ସୁଇଫ୍ଟ୍ ଆପଣାର ବିଖ୍ୟାତ 'ଗଲିଭର ଭ୍ରମଣ କାହାଣୀ'ରେ ଲାୟଟା ଦେଶର ଏକାଡ଼େମୀର ଗୋଟିଏ ବର୍ଣ୍ଣନା ଦେଇଛନ୍ତି । ଏହି ଏକାଡ଼େମୀର ଜଣେ ଅଧ୍ୟାପକ ଏଭଳି ଏକ ପନ୍ଥା ବାହାର କରିଥିଲେ ଯେ ସବୁଠାରୁ ଗଜମୂର୍ଖ ବି ସେହି ପନ୍ଥା ସାହାଯ୍ୟରେ ଦର୍ଶନ, କବିତା, ରାଜନୀତି, ଆଇନ, ଗଣିତ ଓ ଧର୍ମତତ୍ତ୍ୱ ଇତ୍ୟାଦି ବିଷୟରେ ଅନାୟାସରେ ଓ ବିନା

Digitized by srujanika@gmail.com

ଖର୍ଚ୍ଚରେ ଭଲ ଭଲ ପୋଥି ଲେଖି ପାରିବ । ଏଭଳି ଲେଖିବାକୁ ଉକ୍ତ ଗଣ୍ଡମୂର୍ଖର କୌଣସି ବିଦ୍ୟା ବା ଧୀଶକ୍ତିର ପ୍ରୟୋଜନ ପଡ଼ିବ ନାହିଁ ।

କି ଭଳି ପନ୍ଥା ସିଏ ? ତାହାର ରହସ୍ୟ ହେଲା ଗୋଟିଏ ବିରାଟ କାଠର ଫର୍ମା ଉପରେ କେତେ ଗୁଡ଼ାଏ କାଠର ବ୍ଲକବୋର୍ଡ଼ ଥିବ । ସେହି ବୋର୍ଡ଼ ସହିତ ଖୁବ୍ ସରୁ ତାରରେ ସଂଯୁକ୍ତ ହୋଇ ଅନେକ ଶବ୍ଦ ଥିବ ଯେଉଁ ଗୁଡ଼ିକର ବିଭିନ୍ନ କାଳ, କାରକ, ଅବସ୍ଥା ଅନୁସାରେ ବିଭିନ୍ନ ରୂପ ବି ସେହି ତାର ସଙ୍ଗେ ଯୋଖା ହୋଇଥିବ । ଯେତେବେଳେ ସେହି ଗଣ୍ଡମୂର୍ଖ ଡ଼ାକ ଛାଡ଼ିବ ସେତେବେଳେ ସେହି ଫାର୍ମା ପଛଆଡ଼େ ଚାଳିଶ ଜଣ ଲୋକ ଚାଳିଶଟି ହାଣ୍ଡିଲ ଚଳାଇବେ, ଯେପରିକି ଶବ୍ଦର ବିନ୍ୟାସ ବଦଳିଯିବ । ଏଭଳି ଅନ୍ଧାର ଘରକୁ ଟେକା ମାରୁ ମାରୁ ତିନି ଚାରି ଥରେ କେତେଗୁଡ଼ିଏ ଶବ୍ଦ ଏକାଠି ହୋଇ ଯଦି ଗୋଟାଏ କିଛି ବାକ୍ୟ ହୋଇଗଲା ଅର୍ଥାତ୍ ଅନ୍ତତଃ ପକ୍ଷେ କିଛି ଗୋଟାଏ ଅର୍ଥ ବାହାରି ପଡ଼ିଲା ତେବେ ସେଠାରେ ଟିପାଖାତା ଧରି ବସିଥିବା ନବସିଦ୍ଧାମାନେ ସେହି ବାକ୍ୟକୁ ଟିପି ନେବେ । ଗୋଟାଏ ମୋଟା ସୋଟା ବହି ପାଇଁ ମାଲ ମସଲା ଯଥେଷ୍ଟ ହେଲା ଯାଏ ଏଭଳି ପଦ୍ଧତିକୁ ଚଳେଇବାକୁ ପଡ଼ିବ ।

ସୁଇଫଟ ସାହେବ ଯେଭଳି ପଦ୍ଧତି କଥା ସେତେବେଳେ ଛଳୋକ୍ତି କରି କହିଥିଲେ, ସେହି ପଦ୍ଧତି ହିଁ ମୋଟା ମୋଟି ଭାବରେ ଯନ୍ତ୍ରର ପଦ୍ଧତି । ଏହିଭଳି ଆପଣାର ସ୍ମୃତି ଗନ୍ତାଘରେ ଥିବା ବିଭିନ୍ନ ଶବ୍ଦକୁ ଏପଟ, ସେପଟ ଏପାଖ ସେପାଖ କରି ଯନ୍ତ୍ର ଗୋଟାଏ ଅର୍ଥପୂର୍ଣ୍ଣ ବିନ୍ୟାସରେ ପହଞ୍ଚେ । ସାର ଜେମସ୍ ଜିନସ୍ ନାମକ ଇଂରାଜି ଜ୍ୟୋତିର୍ବିଦ୍ ଲେଖିଛନ୍ତି ଯେ ଗୋଟିଏ ମାଙ୍କଡ଼ ଗୋଟିଏ ଟାଇପ ମେସିନ ଧରି ଅନ୍ଧାଧୁନିଆ ବାଡ଼େଇଲେ କେତେବେଳେ କାଁ ଭାଁ ସେକ୍ସପିଅରଙ୍କ ଚତୁର୍ଦ୍ଦଶ ପଦ୍ୟ କବିତାଗୁଡ଼ିକ ଅବିକଳ ପାଇଯିବ । ଏହାକୁ 'ଲ ଅଫ ଆଭରେଜ' ବା 'ହାରାହାରିର ଆଇନ' ବା 'ସମ୍ଭାବନାର ବିଧି' ବା 'ଲ ଅଫ୍ ପ୍ରୋବାବିଲିଟି' ବୋଲି କୁହାଯାଏ । କିନ୍ତୁ ଏଥିପାଇଁ ମାଙ୍କଡ଼କୁ ଓ ସେହି ଭଳି କଂପ୍ୟୁଟର ମେସିନକୁ ଶହଶହ, ହଜାର ହଜାର, ବୋଧହୁଏ ଲକ୍ଷ ଲକ୍ଷ ବର୍ଷ ଲାଗିଯାଇ ପାରେ ।

ତାହାଛଡ଼ା ବି ଏଭଳି ସମସ୍ୟା ସବୁ ଅଛି ଯେଉଁ ଗୁଡ଼ିକ ମୌଳିକଭାବରେ କଂପ୍ୟୁଟର ମେସିନର କ୍ଷମତାର ବହିର୍ଭୂତ । ଗୋଟିଏ ହେଉଛି ଶିଳ୍ପକଳା ଓ ସାହିତ୍ୟକୁ ଅନୁବାଦ କରିବା ପାଇଁ ଯନ୍ତ୍ର ଭାଷାରେ ଶିଳ୍ପକଳା ଓ ସାହିତ୍ୟକୁ 'ଭାବାର୍ଥ' ଦେଇ ତିଆରି କରିବା ଏକ ବିଡ଼ମ୍ବନା । ଆମ୍ଭେମାନେ ଆଗରୁ ଜାଣିଥାଇ ଯେ ଯନ୍ତ୍ରର ସୂଚନାଭାଷା ହେଉଛି 'ଭାବ'ର ଭାଷା । ତେଣୁ ଗୋଟିଏ କବିତାକୁ ଅନୁବାଦ କଲାବେଳେ ଯେଉଁ ଉର୍ଦ୍ଧପିଣ୍ଡା ଏକମଛା, ଦିହଘସିଆ କଥା ଓ ଶବ୍ଦଗୁଡ଼ିକରେ ତାହାକୁ ଢ଼ଳାଯିବ ସେଥିରେ କବିତାର ଆଉ କି କବିତା ପଣ ରହିବ ?

Digitized by srujanika@gmail.com

ଇଂରାଜି ଭାଷାରେ ଅନୁବାଦ କଲାବେଳେ ଆପତ୍ତି ଉଠିଥାଏ ଯେ ଉପେନ୍ଦ୍ର ଭଞ୍ଜଙ୍କର କବିତା ଇଂରାଜିରେ ଅନୁବାଦ କଲେ ତାର ସାରା ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଏ । ଏହା ତ ହେବାର କଥା । ବିଶେଷତଃ ଉପେନ୍ଦ୍ର ଭଞ୍ଜଙ୍କ କ୍ଷେତ୍ରରେ ତ ହେବାର କଥା, କାରଣ ତାଙ୍କ କବିତାର ମୂଳ କବିତା ବା ବାକ୍ୟର ସବୁତକ ସୌନ୍ଦର୍ଯ୍ୟ 'କହି ଜାଣିବାରେ' । କାବ୍ୟର ଚିନ୍ତା ବା ଭାବର ଗଭୀରତା ହୁଏତ ଅନୁବାଦ ଭିତରେ ଅନ୍ୟଭାଷାକୁ ଯାଇପାରେ । କିନ୍ତୁ 'କହି ଜାଣିବା' ଭାଷାଟା ଅନୁବାଦକ ଅନୁଦିତ ଭାଷାରେ ଫୁଟାଇବ କିପରି ? ଅନୁବାଦକ ଜଣେ କବି ହେଲେ ଓ ଅନୁବାଦ ନ କରି କବିତା ଲେଖିଲେ ସିନା ଏକଥା ସମ୍ଭବ ।

ତେଣୁ ଯେ କେହି ଅନୁମାନ କରି ପାରିବେ ସଙ୍ଗୀତର ଭାଷାକୁ ଯନ୍ତ୍ରର ଭାଷାରେ ଢ଼ାଳିବା କିପରି ଏକ କିମ୍ଭୂତକିମ୍ଭାକାର ଜିନିଷ ହେବ । ଅନୁବାଦ କହିଲେ ବୁଝାଏ ଯେ ଅର୍ଥର ଅନ୍ୟ ଭାଷା ମାଧ୍ୟମରେ ପ୍ରକାଶ । ବୈଜ୍ଞାନିକ ଲେଖାର, ଆମର ମାମୁଲି କଥିତ ଭାଷାର ଅଥବା ଏକ ଯନ୍ତ୍ର ଭାଷାର ଅର୍ଥ ଯେଉଁ ନିର୍ଦ୍ଦିଷ୍ଟ ଫର୍ମରେ ଲେଖାଯାଏ ତାହା ଉପରେ ନିର୍ଭର କରେ ନାହିଁ । କୋଡ୍‌ରେ ଯାହା ରେକର୍ଡ଼ ହୁଏ ତାହା ଅର୍ଥ ନୁହେଁ । କିନ୍ତୁ ଶିଳ୍ପକଳାର ପଦାର୍ଥ ସ୍ଥଳରେ ଏହା କୁହାଯାଇ ନପାରେ । ସେଇଠି ଆବରଣ ଓ ଭିତରର କୋଡ୍ ଓ କଥାବସ୍ତୁ କ'ଣ ଓ କିପରି ଏମାନେ ପରସ୍ପର ସହିତ ଅଭେଦ୍ୟ ଢାଳରେ ଛନ୍ଦାଛନ୍ଦି । ସେମାନଙ୍କୁ ଅଲଗା କରାଯାଇ ନ ପାରେ ବା ଏକ ସଂପୂର୍ଣ୍ଣ ନୂତନ କୋଡ୍‌ରେ ପକାଯାଇ ନ ପାରେ । ତାହା ହେଲେ ବ୍ୟଞ୍ଜନ ବା ଆଦାନ ପ୍ରଦାନ ବିକଳ ହୋଇଯିବ । ଏଭଳି ସ୍ଥଳେ ଅର୍ଥର ଅନୁବାଦ ଅସମ୍ଭବ । ଏଠାରେ ଏକମାତ୍ର ସମ୍ଭାବନା ହେଉଛି ସୃଜନଶୀଳ ପ୍ରସ୍ଥାପନ ଅର୍ଥାତ୍ 'ମୌଳିକ ରଚନା ବିଷୟର ଅନ୍ୟ ଭାଷାରେ ସୌନ୍ଦର୍ଯ୍ୟ ଯୋଗରେ ସମାନ ସମୃଦ୍ଧି ଆନୟନ' ସେତିକି ମାତ୍ର ।

ଫିଟଜ୍ ଜେରାଲଡ୍‌ଙ୍କର ଓମାରଖାୟେମ୍‌ର ଅନୁବାଦ; କେବଳ ଅନୁବାଦ ହେଲେ ତାହା ଏତେ ଶୋଭାକାର ହୋଇ ନ ଥାନ୍ତା । ଅଥବା ଜଣେ ଚିତ୍ରକରଙ୍କର ଚିତ୍ରାଙ୍କନ ବା ଜଣେ ଲେଖକଙ୍କର କାହାଣୀ କେବଳ ରେଖା ବା ଅଙ୍କନ ନୁହେଁ ଅଥବା କେବଳ ଲିଖିତ ଅକ୍ଷର ନୁହେଁ ତାହା ଏକ ପୁନଃସର୍ଜନା ।

କବିତା ଏହାର ଉର୍ଦ୍ଧ୍ୱରେ

ତେଣୁ ଯନ୍ତ୍ର କେବେ କବିତା ଲେଖିପାରିବ ନାହିଁ, ବା କବିତାର ଅନୁବାଦ ଭଳି ଅନୁବାଦ କରି ପାରିବ ନାହିଁ । କାରଣ ଯନ୍ତ୍ରର ଭାଷା କେବଳ ବିଜ୍ଞାନର ଭାଷାକୁ ଯାହା କଠୋର ଓ ଦ୍ୱିଧାହୀନ, ସେହି ଭାଷାକୁ ହିଁ ଆପଣାର ଦଖଲରେ ନେଇ ପାରେ ।

Digitized by srujanika@gmail.com

ଭାଷା ହେଉଛି ବିବିଧ-କଳା-ନିପୁଣ, ଏହା ସର୍ବତ୍ରଗାମୀ, ଏହା ବିଚିତ୍ର । ଏହା ସେହିପରି ଭାବରେ ବିବର୍ତ୍ତନ ସ୍ରୋତରେ ଆସିଛି । କାରଣ ଆମର ଚଉଦିଗରେ ଥିବା ବାସ୍ତବ ଦୁନିଆ ପ୍ରତିନିୟତି ପରିବର୍ତ୍ତନର ସ୍ରୋତରେ ଚାଲିଛି ଓ ଗ୍ରୀକ୍ ଦାର୍ଶନିକ ହେରୋଡ଼ୋଟସ୍ କହିଲା ଭଳି "ଆମେ ସେହି ସମାନ ନଦୀରେ ଦୁଇଥର ପଶି ପାରିବା ନାହିଁ ।" ଗୋଟିଏ ସୂଚନା ଭାଷା ଗଢ଼ିଦେବା ସହଜ; କିନ୍ତୁ ଗୋଟିଏ ଜୀବନ୍ତ ଭାଷାର ସବୁତକ ଐଶ୍ୱର୍ଯ୍ୟକୁ ଯନ୍ତ୍ରର ସଙ୍କେତ ବା କୋଡ୍‌ରେ ସାଇତିବା ବହୁ ଆୟାସ ସାଧ୍ୟ, ଅସମ୍ଭବ । ସୂଚନା ଭାଷା ଉଲ୍ଲାସ ଓ ଶୈଳୀର ଚମତ୍କାରିତାର ଧାର ଧାରେ ନାହିଁ । ଉଦାହରଣ ସ୍ୱରୂପ ନାରୀ, ଲଳନା, ରମଣୀ, ସୁନ୍ଦରୀ, ମହିଳା, ମଦାଳସୀ, ଗୌରୀ ଇତ୍ୟାଦି ସବୁ ଶବ୍ଦ ତିଆରି ପାଇଁ ଯନ୍ତ୍ରର ଗୋଟିଏ ମାତ୍ର ପ୍ରତିକ୍ରିୟା । ଏହି ସବୁ ଶବ୍ଦକୁ ଅର୍ଥର କୋଡ୍‌ରେ ଗୋଟିଏ ଯନ୍ତ୍ରଶବ୍ଦ ଦ୍ୱାରା ଭୁଝାଇ ଦିଆଯାଏ, ଯାହାର ଅର୍ଥ ହୁଏ ମନୁଷ୍ୟ ଗୋଷ୍ଠିର ଏକ ନିର୍ଦ୍ଦିଷ୍ଟ ବସ୍ତୁ-ସ୍ତ୍ରୀଲିଙ୍ଗ-ସେତିକି ମାତ୍ର !

ଏବେ ଯନ୍ତ୍ର ଅନୁବାଦ ପାଇଁ ଖୁବ୍ ତନାଘନା ଗବେଷଣା ଚାଲିଛି । ଆମେରିକା, ରୁଷିଆ, ଜର୍ମାନ ଓ ଫ୍ରାନସରେ ଏଥିପାଇଁ ଗବେଷକମାନେ ଲାଗି ପଡ଼ିଛନ୍ତି । ସେମାନଙ୍କର ଆଶା ଓ ଉଦ୍ଦେଶ୍ୟ ଓ ବିଭିନ୍ନ ଭାଷାଗତ ଓ ଶୈଳୀଗତ ପ୍ରତିବନ୍ଧକ ଦୂରକରିବା ଭଳି ଏକ ଯନ୍ତ୍ର ତିଆରି କରିବେ ଯାହା ଗୋଟିଏ ସ୍ୱାଭାବିକ ଭାଷାରୁ ଆଉ ଗୋଟିଏ ଭାଷାକୁ ଯେ କୌଣସି ବିଷୟ ବସ୍ତୁକୁ ଭାଷାନ୍ତର କରି ପାରିବେ । ଯେପରି ଆଜି ସହଜରେ ଯେ କୌଣସି ବିଜ୍ଞାନର ଭାଷାରୁ ଅନ୍ୟ ବିଜ୍ଞାନର ଭାଷାକୁ ଭାଷାନ୍ତର କରାଯାଇ ପାରୁଛି ।

କିନ୍ତୁ ମନୁଷ୍ୟ ସମାଜର ଏଭଳି ମାଧ୍ୟମ ଅଛି ଯାହା ଯନ୍ତ୍ରର ଭାଷାରେ କେବେ ଆପଣାକୁ ସମର୍ପି ଦେଇ ପାରିବ ନାହିଁ । ସେହି ମାଧ୍ୟମ ହେଲା କବିତା, ସଙ୍ଗୀତ ଓ ଚିତ୍ରଶିଳ୍ପ । ଏଗୁଡ଼ିକ ସବୁକାଳେ ଅଯାନ୍ତ୍ରିକ ହୋଇ ରହିବ । ଏଇଠି ମନୁଷ୍ୟର ରାଜତ୍ୱ ନିର୍ବିବାଦରେ ଚାଲିବ ।

❒ ❋ ❒

Digitized by srujanika@gmail.com

ଏକ ବିଶ୍ୱ ଭାଷା ?

[ଗୋଟିଏ ବିଶ୍ୱ ଭାଷା କ'ଣ ସମ୍ଭବ ? ବିପ୍ଳବୀ ଲେନିନ ମନେକରିଥିଲେ ଯେ ସୁଦୂର ଭବିଷ୍ୟତରେ ସାରା ସଂସାର ଯେତେବେଳେ ଗୋଟିଏ ମନୁଷ୍ୟ ଗୋଷ୍ଠିରେ ପରିଣତ ହୋଇଯିବ, ସେତେବେଳେ ଜଣେ ରୁଷବାସୀ ଜଣେ ଜାପାନୀ ସହିତ, ବା ଜଣେ ଓଡ଼ିଆ, ଜଣେ ତୁର୍କୀ ସହିତ ଗୋଟିଏ ଭାଷାରେ କଥା କହିବ । ସେ ଭାଷା ଆଜିର କୌଣସି ଭାଷା ନୁହେଁ । ନୁହେଁ ଇଂରାଜୀ, ଫରାସୀ, ହିନ୍ଦି ବା ଚୀନା ଭାଷା । ସେ ଭାଷା ହେବ ବିଶ୍ୱ ଭାଷା । ତାହାହେବ ଏକ ସ୍ୱାଭାବିକ ଭାଷା । କୌଣସି କୃତ୍ରିମ ଭାଷା ନୁହେଁ ।

ଲେନିନଙ୍କର ଏ ଉକ୍ତି ଥିଲା ବିଜ୍ଞାନୀର ଉକ୍ତି । ଏହା କେବଳ ସ୍ୱପ୍ନବିଳାସୀ ନଥିଲା । ଅବଶ୍ୟ ଭାଷାକୁ କେହି ଅର୍ଡ଼ର ଦେଇ ପାରେ ନାହିଁ । ଭାଷାର ସ୍ରୋତ କେବେ ଯାଇ ବିରାଟ ବିଶ୍ୱଭାଷା ସାଗରରେ ମିଶିବ ତାହା ଲେନିନ କହି ନାହାନ୍ତି । କହି ପାରନ୍ତେ ନାହିଁ । କେହି କହି ପାରିବେ ନାହିଁ ।

ତଥାପି ବହୁ କଳ୍ପନା ବିଳାସ ସାଧକ ସାରା ସଂସାର ପାଇଁ ଗୋଟିଏ କୃତ୍ରିମ ଭାଷା ତିଆରି କରିବାକୁ ନାନା ଉଦ୍ୟମ କରିଛନ୍ତି । ଏ ଉଦ୍ୟମ ଆଜିର ନୁହେଁ । ଏହା ହଜାର ହଜାର ବର୍ଷତଳର ଉଦ୍ୟମ । ଏ ଉଦ୍ୟମରେ କୌଣସି ଫଳ ହୋଇନାହିଁ । କାରଣ ଏ ଉଦ୍ୟମ କେବଳ କଳ୍ପନା । ଏହା ସମୁଦ୍ର ତରଙ୍ଗକୁ ଶାସନ କରିବା ଭଳି ଉଦ୍ୟମ । ତେଣୁ ଏହା ବ୍ୟର୍ଥ ହେବାକୁ ବାଧ୍ୟ ।

ଆଧୁନିକ ଭାଷାତତ୍ତ୍ୱବିଦ୍‌ମାନେ ଏ ବିଷୟରେ ବି ସନ୍ଦେହ ପ୍ରକାଶ କରିଛନ୍ତି ।]

କାହାଣୀଟି ମିଛ, କିନ୍ତୁ ....

ବାଇବେଲରେ ଅଛି ଯେ ଏକ ସମୟରେ ପୃଥିବୀରେ ସମସ୍ତେ ଗୋଟିଏ ଭାଷାରେ କଥା କହୁଥିଲେ । ମନୁଷ୍ୟ ଜାତିର ଏକରକମ ଭାଷା ଥିଲା । କିନ୍ତୁ ଲୋକେ ଭଗବାନଙ୍କୁ ମାନିଲେ ନାହିଁ । ସେମାନେ ସ୍ୱର୍ଗକୁ ଲାଗିଲା ଭଳି ଗୋଟିଏ ଗମ୍ବୁଜ ତିଆରି କରିବେ ବୋଲି ନିଷ୍ପତ୍ତି ନେଲେ । ଭଗବାନ ଶଙ୍କିଗଲେ । ତାଙ୍କର ଭୟ

Digitized by srujanika@gmail.com

ହେଲା ଯେ ଗୋଟିଏ ଭାଷାରେ କଥା କହିବା ମଣିଷମାନେ ତ ସହଜରେ ଏକଯୋଟ ହୋଇଯାଇ ପାରିବେ; ଆଉ ଯାହା ଇଚ୍ଛା ତାହା କରି ପାରିବେ । ତେଣୁ ସେ ଗମ୍ବୁଜ ବିନ୍ଧାଣୀମାନଙ୍କର ଭାଷାକୁ ଅଲଗା ଅଲଗା କରିଦେଲେ । କେହି କାହା କଥା ବୁଝି ପାରିଲେ ନାହିଁ । ତେଣୁ ସରଗକୁ ଆଉ ଗମ୍ବୁଜ ଗଢ଼ା ହୋଇ ପାରିଲା ନାହିଁ ।

ଗଳ୍ପଟି ପିଲାଳିଆ ଗପ, ତେବେ ଏଥିରେ ସତ୍ୟର କଣିକା ରହିଛି । ଲୋକେ ଏକାଠି ହେଲେ, ଅସାଧ୍ୟ ସାଧନ କରି ପାରନ୍ତି । ଭାଷା ହେଉଛି ଲୋକଙ୍କୁ ଏକାଠି କରିବାର ଏକ ମସ୍ତବଡ଼ ହତିଆର । ତେଣୁ ଭାଷାକୁ ଅଲଗା ଅଲଗା କରିଦିଅ, ଲୋକଙ୍କ ଭିତରେ ଐକ୍ୟ ଓ ସହଯୋଗ ଭାଙ୍ଗିଯିବ ।

ଏବେ ମନୁଷ୍ୟର ଗମ୍ବୁଜ ଗଢ଼ା ବାକୀ ରହିଛି । ତେବେ ବି ମଣିଷ ଆକାଶ ଭିତରେ ପଶିଲାଣି । ମନୁଷ୍ୟ ଜାତିର ମହାଶୂନ୍ୟଚାରୀମାନେ ଏ ବିଶ୍ୱ ସର୍ଜନାର ଗହୀର ଭିତରେ ଯାଇ ପହଞ୍ଚି ସାରିଲେଣି ଓ ସେମାନେ ଆହୁରି ଗହୀରକୁ ଯିବା ଲାଗି ଯୋଜନା ବାନ୍ଧିଛନ୍ତି । ତେବେ ବି ବିଶ୍ୱର ଏକ ସାର୍ବଜନୀନ ଭାଷାର ଅଭାବ ରହିଛି । ବର୍ଗ ଆକାଶକୁ ଛୁଇଁବା ସହଜ, ମହାଶୂନ୍ୟରେ ଉଡ଼ିବା ସହଜ; କିନ୍ତୁ ଏହି ପୃଥିବୀର ବାସିନ୍ଦା ସଭିଙ୍କ ପାଇଁ ଗୋଟିଏ ଭାଷା ତିଆରି ସହଜ ନୁହେଁ ।

ଏହାର କାରଣ କ'ଣ ହୋଇ ପାରେ ? ଫ୍ରାନ୍‌ସର ମହାନ୍ ଦାର୍ଶନିକ ଭୋଲ୍‌ଟେଆର କହିଥିଲେ''ଭାଷାର ବିଭିନ୍ନତା ହେଉଛି ମନୁଷ୍ୟ ଜାତି ପାଇଁ ଏକ ଚରମ ଦୁର୍ଭାଗ୍ୟ'' । କାର୍ଲମାର୍କସ ବଞ୍ଚିଥିଲା ବେଳେ ପ୍ରଥମ ଆନ୍ତର୍ଜାତିକର ପହିଲି ସମ୍ମିଳନୀରେ ଗୋଟିଏ ପ୍ରସ୍ତାବ ପାଶ ହୋଇଥିଲା । ଉକ୍ତ ପ୍ରସ୍ତାବରେ କୁହାଯାଇଥିଲା, ''ଏକ ବିଶ୍ୱଭାଷା ବିଶ୍ୱ ପାଇଁ ଏକ ମହାବରଦାନ ହୁଅନ୍ତା ଓ ପୃଥିବୀର ଜାତିମାନଙ୍କର ଏକତା ଓ ଭ୍ରାତୃତ୍ୱ ଗଢ଼ିବା ଦିଗରେ ବହୁତ ସାହାଯ୍ୟ କରନ୍ତା'' । ବେଶ୍ କଥା ତ ! ତେବେ ଏହି ସମସ୍ୟାର ସମାଧାନ ନ ହୋଇ ପାରିଲା କାହିଁକି ?

ପ୍ରଥମେ ବୁଝାଯାଉ, ଏକ ବିଶ୍ୱଭାଷା ବୋଲି କହିଲେ ଆମେ କ'ଣ ବୁଝୁ ? ଏହା କ'ଣ ଗୋଟିଏ ବାଧ୍ୟତାମୂଳକ ବିଶ୍ୱଭାଷା କି ଏହା ଗୋଟାଏ ମଝିମଝିକିଆ ଭାଷା । ଅର୍ଥାତ୍ ସବୁ ମାତୃଭାଷା ଏକାବେଳେ ଲୋପ ହୋଇ ଗୋଟିଏ ବିଶ୍ୱ ଭାଷାରେ ଏକାକାର ହୋଇଯିବ ନାଁ ମାତୃଭାଷାମାନ ଯେମିତି ଥିବ ଆଉ କାମ ଚଳାଇବା ପାଇଁ ଗୋଟିଏ ମଝିମଝିକିଆ ଭାଷା ରହିବ, ଯାହାକୁ କୁହାଯିବ 'ଯୋଗସୂତ୍ର ଭାଷା' ଯାହା ସବୁ ଭାଷାରୁ କିଛି କିଛି ସାଧାରଣ ଶବ୍ଦ ନେଇ ତିଆରି ହେବ ?

ଆମର ମାତୃଭାଷା ଆମର ଘର । କିଏ କହିଛନ୍ତି 'ମାତୃଭୂମି ମାତୃଭାଷା ଉଭୟେ ଜନନୀ' ସେ ଠିକ୍ ବ୍ୟାବହାରିକ ସତ୍ୟ କଥାଟି କହିଛନ୍ତି । ଆମେ ବିଦେଶୀ

Digitized by srujanika@gmail.com

ଲୋକଙ୍କ ସଙ୍ଗେ କଥା କହିବାକୁ ହେଲେ ଆମକୁ ଘର ଛାଡ଼ିବାକୁ ହେବ । ଅର୍ଥାତ୍ ମାତୃଭାଷାର ଆଶ୍ରୟ ନେଲେ ଚଳିବ ନାହିଁ । ତେବେ ପୃଥିବୀର ସବୁ ଜାତିଙ୍କ ଲାଗି କ'ଣ ଗୋଟାଏ କୃତ୍ରିମ ଭାଷା ତିଆରି ହୋଇ ପାରିବ ? ତେବେ ଏହା କିପରି ହେବ ?

କିନ୍ତୁ ବିଜ୍ଞାନର ଦୃଢ଼ମତ ଯେ ମାତୃଭାଷା ଭାବ ଆଦାନ ପ୍ରଦାନର ଅବିଚ୍ଛେଦ୍ୟ ମାଧ୍ୟମ । ତାହା ନିଜ ଭିତରେ ହେଉ ବା ବିଦେଶୀଙ୍କ ସାଥୀରେ ହେଉ, ଏହା ଜାତିର ଇତିହାସ ଓ ସଂସ୍କୃତି ସହିତ ନିବିଡ଼ ଭାବରେ ଜଡ଼ିତ । ତେଣୁ ଏଭଳି ମାତୃଭାଷାକୁ କୌଣସି 'ଅତି-ଭାଷା' ଦ୍ୱାରା ବା କୌଣସି ପ୍ରକାର କୃତ୍ରିମ ଭାଷା ଦ୍ୱାରା ସ୍ଥାନଚ୍ୟୁତ କରାଯାଇ ପାରିବ ନାହିଁ ।

ତେଣୁ ଏ ବିଶ୍ୱଭାଷା କଥା ଚିନ୍ତାକଲାବେଳେ ଗୋଟିଏ 'ଅତି-ଭାଷା' କଳ୍ପନା ହେଉଛି ମିଛ । ଆମର ସବୁଠାରୁ ସହଜ ଚିନ୍ତା ହେଉଛି ଗୋଟିଏ ସହାୟକ ମଧ୍ୟବର୍ତ୍ତୀ ଭାଷା, ଯାହା ଯାଣିଥିଲେ ଆମେ ବିଦେଶୀଙ୍କ ସାଙ୍ଗରେ କଥାଭାଷା ହୋଇପାରିବା, ଏତିକି ମାତ୍ର ।

ଜୀବନ୍ତ ସର୍ବଜନ ଭାଷା :

ବହୁ ଯୁଗରୁ ବିଭିନ୍ନ ଭାଷାଭାଷୀଙ୍କ ଭିତରେ ଯୋଗସୂତ୍ର ପାଇଁ ଗୋଟିଏ ଭାଷା ଚଳିଆସୁଛି ।

ଆଦିମ ଉପଜାତିମାନେ ଏଥିପାଇଁ ଠାର ଭାଷା ବ୍ୟବହାର କରୁଥିଲେ । ଏ ଭିତରୁ କେତେ ଉପଜାତି ଲୋକ ପାରହୋଇଗଲେଣି, କେତେକ ଏବେ ତିଷ୍ଠି ରହିଛନ୍ତି । ଅଷ୍ଟ୍ରେଲିଆର ବୁଶମ୍ୟାନ ଓ ପପୁଆର ଆଦିବାସୀଙ୍କ ଭିତରେ ଏବେ ବି ଠାର ଭାଷା ଚଳୁଛି ।

ଉତ୍ତର ଆମେରିକାର ପ୍ରେଆରି ତୃଣଭୂମିରେ ବସତି କରିଥିବା ଲୋହିତ 'ଭାରତୀୟ ମାନଙ୍କ' ଭିତରେ ଭଙ୍ଗୀ ବା ଠାର ଭାଷା ଖୁବ୍ ପ୍ରଚଳିତ ଥିଲା । ଏହି ଅଞ୍ଚଳରେ ବହୁ ରକମର ଉପଜାତି ଥିଲେ । ସେମାନଙ୍କ ଭିତରେ ସଦାସର୍ବଦା ବନ୍ଧୁତା ବା ଶତ୍ରୁତାର ସଂପର୍କ ଚାଲିଆସିଛି । ତେଣୁ ସେମାନେ ପରସ୍ପରର ଭାବ ଆଦାନ ପ୍ରଦାନ ପାଇଁ ଠାର ଭାଷା ବ୍ୟବହାର କରୁଥିଲେ । ତେଣୁ ସେମାନଙ୍କ ଭିତରେ ଠାର ଭାଷା ବେଶ୍ ପାକଳ ହୋଇଥିଲା । ଏହି ଭାଷା କାନାଡ଼ା ଠାରୁ ଟେକସାସ୍ ଯାଏ ସବୁ ଲୋହିତ ଭାରତୀୟ ଉପଜାତିମାନେ ବୁଝୁଥିଲେ । ଏହି ଭାଷାରେ ସରଳ ପ୍ରଶ୍ନ ଓ ସରଳ ଉତ୍ତର ଠାରୁ ଆରମ୍ଭ କରି ଯାବତୀୟ ସନ୍ଧିବିଗ୍ରହ, କଳିତକରାଳର ମିମାଂସା ଚଳୁଥିଲା । ଏହି ଠାରରେ ପାରିଧୀ ଗପ, ପୁରାଣ କାହାଣୀ ଇତ୍ୟାଦି ବି ହୋଇ ପାରୁଥିଲା ।

Digitized by srujanika@gmail.com

ସ୍ୱଭାବତଃ ଏହି ଠାର ଭାଷା ଧ୍ୱନିର ଭାଷା ସଙ୍ଗେ କୌଣସି ବିବାଦ ନଥିଲା । ସେମାନେ ଆପଣା ଉପଜାତି ଗୋଷ୍ଠିରେ ଧ୍ୱନି ଭାଷାରେ କଥାଭାଷା ହେଉଥିଲେ ଓ ଭିନ୍ନ ଗୋତ୍ର ବା ଉପଜାତି ଲୋକ ସଙ୍ଗେ ଠାରରେ କଥା ଭାଷା ହେଉଥିଲେ । ଏବେ ବି ବିହାର ଓ ଓଡ଼ିଶାର ହୋ, ମୁଣ୍ଡା ସେମାନଙ୍କର ଧ୍ୱନି ଭାଷାକୁ ଠାର ବୋଲି କହନ୍ତି । ତେଣୁ ସେତେବେଳେ ଠାର ଭାଷା ଥିଲା ଏକ ସହାୟକ ଭାଷା । ସଭ୍ୟତା ବିକାଶର ଉଚ୍ଚ ସ୍ତରରେ ମାତୃଭାଷାର ସହାୟକ ଭାବରେ ଧ୍ୱନି ଭାଷା ପ୍ରଚଳନ ହେବାର ଦେଖିବାକୁ ମିଳିଲା ।

ଆଦିମ ଲୋକେ ତ ଚତୁର୍ଦ୍ଦିଗରେ ଅନ୍ୟଗୋତ୍ର ବା ଉପଜାତିର ଲୋକଙ୍କ ଘେର ଭିତରେ ରହିଥିଲେ । ସେତେବେଳେ ସେମାନଙ୍କ ଭିତରେ ସହଯୋଗ ନଥିଲା । ବରଂ ପ୍ରତିଯୋଗିତା ଓ ଶତ୍ରୁତା ଥିଲା । ତେଣୁ ଏକ ସାଧାରଣ ଧ୍ୱନି ଭାଷାର ସେତେ ଲୋଡ଼ା ନଥିଲା । କିନ୍ତୁ ପୃଥିବୀରେ ଯେତେବେଳେ ଗୋଲାମ ବା କିଣା-ଦାସ (କ୍ରୀତଦାସ) ସମାଜ ପ୍ରବର୍ତ୍ତିତ ହୋଇଗଲା, ସେତେବେଳେ ଅଞ୍ଚଳ ଅଞ୍ଚଳରେ ଏକ ସାଧାରଣ ଭାଷାର ଲୋଡ଼ା ପଡ଼ିଲା । ବିଶେଷତଃ ଯେତେବେଳେ ପ୍ରବଳପ୍ରତାପୀ ରାଜ୍ୟେଶ୍ୱରମାନେ ଶହ ଶହ ବିଭିନ୍ନ ଉପଜାତି ଓ ଜାତିମାନଙ୍କୁ ଆପଣାର ବଶତା ଭିତରକୁ ଆଣିଲେ ସେତେବେଳେ ଆଉ ତ କଥା ନାହିଁ । ଗୋଟିଏ ଭାଷା ଦରକାର ଯାହା ବଣିକ, ପର୍ଯ୍ୟଟକ, ରାଷ୍ଟ୍ରନୀତିଜ୍ଞ, ଶାସକ, ରାଜା ଇତ୍ୟାଦି ସଭିଙ୍କ ପାଇଁ ଚଳିବ ।

ବିଜିତ ଲୋକଙ୍କ ପାଇଁ ବିଜୟୀ ଲୋକର କେତେକ ସନ୍ତର୍ପଣ ନ ଥାଏ । ତେଣୁ ବିଜୟୀମାନେ ସିଧାସଳଖ ଆପଣା ଭାଷାକୁ ଜବରଦସ୍ତ ବିଜିତମାନଙ୍କ ଉପରେ ଚାଲୁ କରିଦେଲେ । ଅତୀତର ଅନେକ ରାଜତନ୍ତ୍ରୀ ରାଜୁତିରେ ରାଷ୍ଟ୍ରର, ଆଇନକାନୁନର ଓ ସରକାରୀ ହୁକୁମନାମାର ଦଲିଲ ରାଜାର ଭାଷାରେ ଘୋଷଣା ହେଲା ଓ ରାଜାର ଭାଷାରେ ଲିପିବଦ୍ଧ ହୋଇ ରହିଲା । ତେଣୁ ଏକ ନୂଆ ନାମ ବାହାରିଲା 'ରାଜଭାଷା' ।

ତେଣୁ ବେଳେ ବେଳେ ବଡ଼ ବଡ଼ ସାମ୍ରାଜ୍ୟର ଅଧିଶ୍ୱରମାନଙ୍କର ଭାଷା 'ରାଜଭାଷା' ହେଲା ଓ ଆନ୍ତର୍ଜାତିକ ଭାଷାର ଆସନ ନେଲା । ଯେଭଳି ରୋମାନ, ଇଂରାଜୀ, ଫରାସୀ ଇତ୍ୟାଦି । ଏହା ଛଡ଼ା ବି ମହାନ୍ ସର୍ବବ୍ୟାପୀ ସଂସ୍କୃତି ବା ଧର୍ମ ପ୍ରଚାରର ଭାଷା ବି ଏଭଳି ଆନ୍ତର୍ଜାତିକ ବ୍ୟାପ୍ତି ଲାଭ କଲା । ଏଭଳି ଭାବରେ ସଂସ୍କୃତ ଭାରତରେ ଏକ ସାଧାରଣ ଭାଷା ଭାବରେ ପ୍ରସିଦ୍ଧ ହେଲା । ଏପରିକି ଉତ୍ତର ଭାରତରେ ଯେଉଁ ଭାଷାମାନେ ସଂସ୍କୃତରୁ ଜନ୍ମ ଓ ତେଣୁ ସଂସ୍କୃତର ସମଗୋତ୍ରୀୟ

Digitized by srujanika@gmail.com

ସେହି ଭାଷାଭାଷୀମାନଙ୍କ ଭିତରେ କେବଳ ନୁହେଁ, ଦକ୍ଷିଣ ଭାରତର ଦ୍ରାବିଡ଼ମାନେ ଯେଉଁମାନଙ୍କ ଭାଷାର କୌଣସି ମତେ ସଂସ୍କୃତ ସଙ୍ଗେ ସଂପର୍କ ନଥିଲା ସେମାନଙ୍କ ଭିତରେ ଓ ଜାଭାଦ୍ୱୀପର ବାସିନ୍ଦାମାନଙ୍କ ମଧ୍ୟରେ ବି ସଂସ୍କୃତ ଭାଷାର ପ୍ରଚଳନ ହୋଇଗଲା ।

ଆଉ ଏକ ଭାରତୀୟ ଭାଷା,ପାଳି ବା ପଲ୍ଲୀ ବୁଦ୍ଧଧର୍ମ ଗ୍ରନ୍ଥ ଲେଖା ହେବାରେ ବ୍ୟବହାରରେ ଲାଗୁଥିଲା । ତାହା ବର୍ମା, ଥାଇଲ୍ୟାଣ୍ଡ ଓ କାମ୍ବୋଡ଼ିଆର ସାଧାରଣ ଭାଷା ଭାବରେ ଦେଖା ଦେଲା (ଅବଶ୍ୟ ତିବ୍ବତ, ମଙ୍ଗୋଲିଆ ଓ ସୁଦୂର ପ୍ରାଚ୍ୟର ଭାଷା ପାଳି ନ ଥିଲା । କାରଣ ଉତ୍ତରାଞ୍ଚଳର ବୌଦ୍ଧଧର୍ମ ଦକ୍ଷିଣାଞ୍ଚଳର ବୌଦ୍ଧ ଧର୍ମ ଠାରୁ ନିଆରା ଥିଲା । ସେହିଭଳି ଆରବୀ ଭାଷା ଚଳିଲା ସେହି ଦେଶ ଭିତରୁ ସବୁତକ ଆରବୀୟ ରାଜତ୍ୱ ତଳେ ରହିଥିଲା (ଯଥା କେନ୍ଦ୍ର ଓ ପଶ୍ଚିମ ଆଫ୍ରିକା ଓ ଇଣ୍ଡୋନେସିଆ) । ପୁରୁଣା ସ୍ଲାଭ ଭାଷା ରୁଷୀୟ, ବୁଲଗେରିଆ, ସର୍ବିୟାମାନଙ୍କର ସାଧାରଣ ଭାଷା ହୋଇଥିଲା । ଏପରିକି ରୁମାନୀୟ ଭାଷା ଲାଟିନର ସମଗୋତ୍ରୀ ହୋଇଥିଲେ ବି ଭୌଗଳିକ କାରଣରୁ ରୁମାନିଆରେ ସ୍ଲାଭ ଭାଷାର ପ୍ରଚଳନ ହୋଇଥିଲା । ସାମ୍ରାଜ୍ୟ, ଧର୍ମ ଓ ସଂସ୍କୃତି କେଉଁ କେଉଁଠୁ ଉଭାନ ହୋଇଗଲାଣି । ତଥାପି ଇତିହାସରେ ଉଦାହରଣ ରହିଛି ଯେ ଭାଷା ସାମ୍ରାଜ୍ୟ ଧର୍ମ ଓ ସଂସ୍କୃତିର ଅନ୍ତର୍ଦ୍ଧାନ ପରେ ବି ତିଷ୍ଠିଛି ଏବଂ ବହୁ ଦେଶରେ ବହୁ କାଳଯାଏ ସୌଦାଗର, ବଣିକ,ପର୍ଯ୍ୟଟକ ଓ ଏପରିକି ପଣ୍ଡିତ ଓ ଲେଖକ କୂଳର ଆଦର ଲଭି ଆସିଛି । ଏକଥା ଲାଟିନ କ୍ଷେତ୍ରରେ ଘଟିଥିଲା । ରୋମାନ୍ ସାମ୍ରାଜ୍ୟ ଇଉରୋପରେ ଲାଟିନ୍‌କୁ ପ୍ରତିଷ୍ଠା କରାଇଥିଲା । କିନ୍ତୁ ରୋମାନ୍ ସାମ୍ରାଜ୍ୟର ଅବସାନର ଏକହଜାର ବର୍ଷ ପରେ ବି ଲାଟିନ ଇଉରୋପରେ ଆନ୍ତର୍ଜାତିକ ଭାଷା ଭାବରେ ଚଳୁଥିଲା ।

ରୋମାନ୍ ସାମ୍ରାଜ୍ୟରେ ଲାଟିନ ଥିଲା ଉଭୟ ରାଜଭାଷା ଓ ସଂସ୍କୃତିର ଭାଷା । ପରେ ଧର୍ମ ଭାଷା ବା ଦେବଭାଷା ବି ହୋଇଗଲା । ରୋମ ଦ୍ୱାରା ପଦାନତ ଲୋକମାନଙ୍କର ଉଚ୍ଚଶ୍ରେଣୀ ଲୋକେ ରାଜାନୁଗତ ଭାବରେ ବିଜୟୀମାନଙ୍କର ଭାଷାକୁ ଗ୍ରହଣ କରି ନେଇଥିଲେ । ତା' ପରେ ରୋମାନ୍ ସାମ୍ରାଜ୍ୟ କୁଢ଼େଇ ହୋଇପଡ଼ିଲା । ଜର୍ମାନ ଓ ଅନ୍ୟାନ୍ୟ ଉପଜାତିମାନଙ୍କର ଅଭ୍ୟୁଦୟରେ ଏହା ଖଣ୍ଡ ଖଣ୍ଡ ହୋଇଗଲା । ନୂଆ ନୂଆ ରାଜ୍ୟମାନେ ଦେଖାଦେଲେ ଓ ନୂଆ ନୂଆ ଭାଷା ସବୁ ବିଭିନ୍ନ ଉପଜାତିର ଭାଷାର ସଂଯୋଗ ବା ମୂଳ ଭାଷାର ବିଯୋଗ ଫଳରେ ଜନ୍ମ ହେଲେ । ସେତେବେଳେ ଲାଟିନ୍ କୌଣସି ଅଞ୍ଚଳର ଲୋକମୁଖ ଭାଷା ହିସାବରେ ଆଉ ତିଷ୍ଠି ପାରିଲା ନାହିଁ । କିନ୍ତୁ ଏହା ତତ୍ରାଚ ସାଂସ୍କୃତିକ ସଂପର୍କର

Digitized by srujanika@gmail.com

ମାଧ୍ୟମ ରୂପେ ରହିଲା । ଇଉରୋପର ମଧ୍ୟଯୁଗୀୟ ସମ୍ରାଟ ଓ ରାଜନ୍ୟବର୍ଗ ଯଥା ମହାନ୍ ଚାର୍ଲସ୍ (ଚାର୍ଲସ୍‌ଗନ୍) ଏହାକୁ ସାଂସ୍କୃତିକ ସଂପର୍କର ଭାଷା ଭାବରେ ଅଧ୍ୟୟନ କଲେ ଓ ବ୍ୟବହାର ମଧ କଲେ । ଗିର୍ଜାରେ ଈଶ୍ୱର ଉପାସନା ଲାଟିନରେ ଚଳିଲା । ବିଭିନ୍ନ ମଠବାଡ଼ିରେ ଲାଟିନ୍ ଚର୍ଚ୍ଚା ତେଜିଆନ ଭାବରେ ରହିଥିଲା । ଧାର୍ମିକ ଲୋକେ, ପଣ୍ଡିତ ଗୋଷ୍ଠି ଓ ଦାର୍ଶନିକ କୁଳ ଏକ କଥାରେ ମଧ୍ୟଯୁଗରେ ଇଉରୋପର ସକଳ ସଂସ୍କୃତିବନ୍ତ ଲୋକେ ଲାଟିନ ଭାଷା ବ୍ୟବହାର କରୁଥିଲେ ।

ହେଲେ, ମଧ୍ୟଯୁଗ ଶେଷ ହେବାକୁ ବସିଲା ଓ ତାହା ସଙ୍ଗେ ସଙ୍ଗେ ଲାଟିନ୍‌ର ଗୁରୁତ୍ୱ ବି ତୁଟିଗଲା । ତାହା ଆଉ ସଂସ୍କୃତିର ଭାଷା ହୋଇ ରହିଲା ନାହିଁ । ଦାନ୍ତେ, ରାବେଲା, ସରବେଣ୍ଟସ୍ ଓ ସେକ୍‌ସପିଅର ଆପଣା ଆପଣାର ଜୀବନ୍ତ ମାତୃଭାଷାରେ ଲେଖିବା ଆରମ୍ଭ କଲେ । ଲାଟିନ ଏକ ମଲା ଭାଷାରେ ପରିଣତ ହୋଇଗଲା । ଅଳ୍ପ କାଳ ଭିତରେ ଲାଟିନ ବିଦ୍ୟାର୍ଥୀମାନଙ୍କର ଅନ୍ତର୍ଜାତିକ ଭାଷାର ତୁଙ୍ଗ ସ୍ଥାନରୁ ଓହ୍ଲାଇ ଆସିଲା ।

ଅଷ୍ଟାଦଶ ଶତାବ୍ଦିରେ ରୋମାନ୍ ସାମ୍ରାଜ୍ୟର ବିଲୟର ତେରଶହ ବର୍ଷ ପରେ ଲାଟିନ ଭାଷା ପୂରାପୂରି ବିଲୀନ ହୋଇଗଲା । ଲାଟିନ ଭାଷାର ବିଲୋପ ବେଳକୁ ପ୍ରାୟ ଆରବୀ ଭାଷାର ବି ବିଲୟ ଘଟିଲା । ଆରବୀ ଭାଷା ଥିଲା ପଣ୍ଡିତମାନଙ୍କର ଗବେଷଣା ପୋଥିର ଭାଷା, କବି ଓ ସଂସ୍କୃତିବନ୍ତ ଲୋକଙ୍କର ଭାଷା । ଏହି ଭାଷା ବି ବାଣିଜ୍ୟ କାରବାରରେ ଚଳୁଥିଲା । ପ୍ରଶାନ୍ତ ମହାସାଗରର ଫିଲିପାଇନ ଠାରୁ ଆଟଲାଣ୍ଟିକ ମହାସାଗର ଯାଏ, କେନ୍ଦ୍ର ଏସିଆ ଓ କେନ୍ଦ୍ର ଆଫ୍ରିକାରେ ଆରବୀ ଭାଷା ବି ବାଣିଜ୍ୟ କାରବାରରେ ଚଳୁଥିଲା । କେନ୍ଦ୍ର ଏସିଆ ଓ କେନ୍ଦ୍ର ଆଫ୍ରିକାରେ ଆରବୀ ଭାଷା ଥିଲା ସଂସ୍କୃତିର ବାହନ, ବାଣିଜ୍ୟବ୍ୟବସାୟର ଅବଲମ୍ବନ, ସନ୍ଧି-ବିଗ୍ରହ, ରାଷ୍ଟ୍ର ଓ ଆନ୍ତର୍ଜାତିକ ସଂପର୍କର ଭାଷା ।

ଜାତୀୟ ଚେତନାର ଅଭିବୃଦ୍ଧି ଓ ଜାତୀୟତାର ବିକାଶ ଫଳରେ ଆରବୀ ଆପଣାର ଆନ୍ତର୍ଜାତିକ ଭାଷାର ସିଂହାସନରୁ ତଳକୁ ଖସି ପଡ଼ିଲା । ଉଇରୋପର ଲାଟିନ ପରି ଆଫ୍ରିକା ଓ ଏସିଆର 'ଲାଟିନ' ଏକ ସମୟରେ ଅଚଳ ହୋଇଗଲା । ଏହାର କାରଣ ଥିଲା ସାମାଜିକ, ଭାଷାଗତ ନୁହେଁ ।

ଭାରତୀୟ ପ୍ରଜାତନ୍ତ୍ରରେ ଏପର୍ଯ୍ୟନ୍ତ ଇଂରାଜି ଥିଲା ସରକାରୀ ରାଷ୍ଟ୍ର ଭାଷା । ହିନ୍ଦି ବି ତା ସାଙ୍ଗରେ ଚଳୁଥିଲା । ଏବେ ବି ଭାରତର ହଜାର ହଜାର ବୋଲି ଓ ଡ଼ଜନ୍ ଡ଼ଜନ୍ ଭାଷା ମେଳରେ ଇଂରାଜି ଏକ ସାଧାରଣ ଭାଷା ଭାବରେ ତିଷ୍ଠିଛି । ଏହାର ଆଉ ଏକ ବଡ଼ କାରଣ ହେଲା ଦକ୍ଷିଣ ଭାରତର ଚାରୋଟି ଭାଷା

Digitized by srujanika@gmail.com

ତାମିଲ,ତେଲୁଗୁ, କନ୍ନଡ ଓ ମାଲାୟାଲାମ ଉତ୍ତର ଭାରତୀୟ ଭାଷାମାନଙ୍କ ସହିତ କୌଣସି ଭାବରେ ସମଗୋତ୍ରୀୟ ନୁହନ୍ତି । ୧୯୬୫ ସାଲରୁ ହିନ୍ଦିକୁ ଭାରତର ସରକାରୀ ରାଷ୍ଟ୍ର ଭାଷା ବୋଲି ଘୋଷଣା କରାଗଲାଣି । ତଥାପି ଇଂରାଜି ତିଷ୍ଠିଛି ।

ଭାରତର ଆଉ ଗୋଟିଏ .... ସଂସ୍କୃତ ।

ଅଧା କୃତ୍ରିମ ଭାଷା

ଅନ୍ଧାର ଆଦିମ ଯୁଗର କିଣାଦାସ ସମାଜରେ ପୁରୋହିତମାନେ ସଂସ୍କୃତିର ବାହକ ଥିଲେ ଓ ଭାଷାର ପରମ୍ପରା ରକ୍ଷା କରୁଥିଲେ । ପୁରାତନ ମିସର ଓ ବାବିଲୋନିଆର ଏହା ଥିଲା ଘଟଣା । ଏହା ବି ଥିଲା ଆସିରିଆ ଓ ପ୍ରାଚୀନ ଭାରତର ଚଳଣି ।

ଚାରିହଜାର ବର୍ଷ ପୂର୍ବେ ହିନ୍ଦୋ-ଆର୍ଯ୍ୟ ନାମକ ଏକ ଜାତି ସିନ୍ଧୁନଦୀର ଉପତ୍ୟକାରେ ଯାଇ ପହଞ୍ଚିଥିଲେ । ସେମାନେ ଯେଉଁ ଭାଷା ସେତେବେଳେ କହୁଥିଲେ, ତାହାକୁ ବିଦେଶୀମାନେ କହୁଛନ୍ତି ହିନ୍ଦିକ୍ । ତାହା ଥିଲା ଗିର୍ବାଣ ନାମକ ଏକ ଭାଷା । ତାହାପରେ ଏହି ଭାରତୀୟ ଆର୍ଯ୍ୟମାନେ ଗଙ୍ଗା ନଦୀର ଉପତ୍ୟକା ଜୟ କଲେ ଓ ସାରା ହିନ୍ଦୁସ୍ଥାନରେ ସେମାନଙ୍କର ଭାଷା ବ୍ୟାପିଗଲା । ଏହି ଭାଷାଟି ତାହାପରେ କେତେଗୁଡ଼ିଏ ଉପଭାଷା ବା ବୋଲିରେ ବିଭକ୍ତ ହୋଇଗଲା ।

ଏହି ପୁରୁଣା ଗୀର୍ବାଣ ବୈଦିକ ଭାଷାରୁ ଅନେକ ଗୁଡ଼ିଏ ପ୍ରାକୃତ ଭାଷାର ଜନ୍ମ ହେଲା । ଦକ୍ଷିଣ ପଶ୍ଚିମରେ ମହାରାଷ୍ଟ୍ରି ପ୍ରାକୃତ ହେଲା, ପୂର୍ବରେ ହେଲା ମାଗଧୀ, ମଧ୍ୟ ଭାଗରେ ହେଲା ସୌରସେନୀ ଓ ଉତ୍ତରରେ ହେଲା ପୈଶାଚୀ । ଦକ୍ଷିଣ ଭାରତରେ ଦ୍ରାବିଡ଼ମାନେ ଓ କେନ୍ଦ୍ର ଅଞ୍ଚଳରେ ମୁଣ୍ଡାମାନେ ରହୁଥିଲେ । ଏମାନେ ଉଭୟେ ଭାରତର ଆଦିମ ବାସିନ୍ଦା ଥିଲେ । ଆର୍ଯ୍ୟମାନେ ଭାରତରେ ପହଞ୍ଚିବା ପୂର୍ବରୁ ଏମାନେ ଭାରତରେ ଏକ ବିଶାଳ ସଭ୍ୟତା ଗଢ଼ି ସାରିଥିଲେ । ଏମାନେ ସେତେବେଳେ ଭାରତୀୟ ଆର୍ଯ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଅଲଗା ଅନେକ ଗୁଡ଼ିଏ ଭାଷାରେ କଥାବାର୍ତ୍ତା କରୁଥିଲେ । ଏବେ ବି ସେହି ଭାଷା ଗୁଡ଼ିକ ଜୀବନ୍ତ ଅଛି ।

ତେଣୁ ଏଭଳି ଭାବରେ ଦେଶରେ ବହୁତ ଭାଷାର ପ୍ରଚଳନ ଥିଲା । ତେଣୁ ଗୋଟିଏ ମାତ୍ର ଲିଖିତ ଭାଷା ମାଧ୍ୟମରେ ଏହି ବହୁ ଭାଷା-ଭାଷୀଙ୍କୁ ଏକ ସୂତ୍ରରେ ବାନ୍ଧିବାପାଇଁ ଉଦ୍ୟମ ହୋଇଥିଲା ।

ଏଭଳି ଏକ ଭାଷା ତିଆରି ହେଲା, ଏହାର ନାମ ହେଲା ସଂସ୍କୃତ । ଏହି ଭାଷା ଏଥି ପୂର୍ବରୁ ବହୁ ଦଶନ୍ଧି ହେବ ବିଭିନ୍ନ ପଣ୍ଡିତମାନଙ୍କ ଉଦ୍ୟମରେ ତିଆରି ହେଉଥିଲା ।

Digitized by srujanika@gmail.com

ଏହି ପଣ୍ଡିତମାନଙ୍କ ଭିତରେ ସବୁଠାରୁ ପ୍ରସିଦ୍ଧ ଥିଲେ ପାଣିନି । ସେ ଖ୍ରୀଷ୍ଟପୂର୍ବ ୫ ଶତାବ୍ଦିରେ ଆଜକୁ ଅଢ଼େଇ ହଜାର ବର୍ଷ ତଳେ ଏହି ଭାଷାର ବ୍ୟାକରଣ ତିଆରି କରିଥିଲେ ।

ପାଣିନିଙ୍କର ବ୍ୟାକରଣ ଥିଲା ଏକ ଅଦ୍ଭୁତ ସର୍ଜନା । ଆଜିର ସ୍କୁଲ କଲେଜର ଭାଷା ବ୍ୟାକରଣ ସଙ୍ଗେ ତାହାର ତୁଳନା ନାହିଁ । କିନ୍ତୁ ଯେ କୌଣସି ଗାଣିତିକ ଯୁକ୍ତିବିଦ୍ ବା ଗାଣିତିକ ଭାଷତତ୍ତ୍ୱବିଦ ପାଣିନିଙ୍କର ବ୍ୟାକରଣ ଭିତରେ ଅନେକ ଗୁଡ଼ିଏ ପରିଚିତ ଜିନିଷ ପାଇବ, କାରଣ ପାଣିନିଙ୍କ ବ୍ୟାକରଣ ହେଉଛି ଭାଷାତତ୍ତ୍ୱର ଇତିହାସରେ ସର୍ବପ୍ରଥମ ଭାଷାର ଏକ ଅବୟବ ଅଧ୍ୟୟନ । ପାଣିନିଙ୍କର ବ୍ୟାକରଣରେ ମୋଟରେ ପ୍ରାୟ ଚାରିହଜାର ଶ୍ଳୋକ ଅଛି । ସେ ସଂସ୍କୃତ ଭାଷାର ଅଙ୍ଗ ଅବୟବର ବର୍ଣ୍ଣନା ଏଭଳି ଛୋଟ ରୋକଠୋକ ସଂକ୍ଷିପ୍ତ ସାରରେ ନ୍ୟସ୍ତ କରିଛନ୍ତି ଯେ ତାହା ପଢ଼ିଲେ ମନେ ହେବ ଯେପରି ଗଣିତର ସୂତ୍ର ଗୁଡ଼ିକ ଲେଖା ହୋଇଛି ।

ପ୍ରାଚୀନ ଭାରତୀୟ ବୈଦିକ ଭାଷାରେ ହିନ୍ଦୁ ଧର୍ମ ଶାସ୍ତ୍ର ବେଦଗୁଡ଼ିକ ଲେଖା ଯାଇଥିଲା । ଏହି ବୈଦିକ ଭାଷା ହିଁ ସଂସ୍କୃତର ଆଦିମୂଳ । ତେବେ, ଯେ କୌଣସି ଜୀବନ୍ତ ଭାଷା ଭଳି ବେଦର ଭାଷାରେ ନାନା ପ୍ରକାରର ପ୍ରତିଶବ୍ଦ ଥିଲା ଓ ସେଗୁଡ଼ିକ ପ୍ରାଚୀନ ଭାରତର ବିଭିନ୍ନ ଉପଭାଷାମାନଙ୍କରୁ ଆସିଥିଲା । ବହୁ ଲୁପ୍ତ ଶବ୍ଦର ରୂପ ସହିତ ବହୁ ତତ୍‌କାଳ ପ୍ରଚଳିତ ଶବ୍ଦ ବି ସେହି ବୈଦିକ ଶାସ୍ତ୍ରରେ ଏକାଠି ଆସନ ପାତି ବସିଥିଲେ । ଏ କଥା କହିଲେ ଭୁଲ ହେବ ନାହିଁ ଯେ ବେଦର ଲେଖାଗୁଡ଼ିକ ଥିଲା ଅସଂସ୍କୃତ ଅଚଞ୍ଚ ଭାଷାରେ ଲେଖା । ଏଥିରେ ଏକ ସାହିତ୍ୟିକ ଲିଖିତ ଭାଷାର ଶୃଙ୍ଖଳା ଓ ନିୟମିତତା ଅଭାବ ଥିଲା । ପ୍ରାଚୀନ ପଣ୍ଡିତମାନେ ବେଦର ଲେଖାରୁ ଏହି ଅନିୟମଗୁଡ଼ିକ ବାଛି ଶୃଙ୍ଖଳାରେ ପକାଇବାକୁ ଚେଷ୍ଟା କରିଥିଲେ ।

ଅଳ୍ପକାଳ ଭିତରେ ସଂସ୍କୃତ ଭାରତର ସଂସ୍କୃତିର ଭାଷାରେ ପରିଣତ ହେଲା । ଦୁଇ ହଜାର ବର୍ଷ ଯାଏ ଏହାହିଁ ମହାନ୍ ଭାରତୀୟ କବି, ନାଟ୍ୟକାର, ଦାର୍ଶନିକ ଓ ନ୍ୟାୟିକମାନଙ୍କର ସାହିତ୍ୟିକ ମାଧ୍ୟମ ହୋଇଥିଲା । ଦୁଇ ହଜାର ବର୍ଷ ଯାଏ ଏଣେ ସଂସ୍କୃତର ଅଭ୍ୟୁଦୟ ଚାଲିଥାଏ, ତେଣେ ଭାରତୀୟ ଆର୍ଯ୍ୟମାନଙ୍କର ପୁରାତନ ଭାଷା ଖଣ୍ଡ ବିଖଣ୍ଡ ହୋଇ ଉପଭାଷାରେ ଓ ଶେଷରେ ବିଭିନ୍ନ ଶାଖା ପ୍ରଶାଖା ମେଲି ସ୍ୱତନ୍ତ୍ର ଭାବରେ ନୂତନ ସାହିତ୍ୟ ଓ ନୂତନ ଅଭିମୁଖ୍ୟରେ ଦେଖା ଦେଲେ । ତେଣୁ ଗୋଟିଏ ପଟେ ସଂସ୍କୃତ ରହିଲା ଓ ଅନ୍ୟପଟରେ ଏହି ଜୀବନ୍ତ ଲୋକ ମୁଖର ଭାଷା ବି ତିଷ୍ଠିଲେ । ସଂସ୍କୃତ ରହିଲା ଏକ ଆନ୍ତର୍ଜାତିକ ଭାଷା ଓ ସଂସ୍କୃତିର ଭାଷା ଭାବରେ । ତାହା ଠିକ୍ ଲାଟିନ ବା ଆରବୀ ଭାଷାର ଭୂମିକା ଗ୍ରହଣ କଲା ।

Digitized by srujanika@gmail.com

୧୯୫୧ ମସିହାର ଭାରତୀୟ ଜନଗଣନାରେ ୫୫୫ ଜଣ ଭାରତୀୟ ସଂସ୍କୃତକୁ ଆପଣାର ମାତୃଭାଷା ବୋଲି ଦରଜ କରାଇଥିଲେ । ଏହା ବୋଧହୁଏ ଏକ ଅତିଶୟୋକ୍ତି । କାରଣ ସଂସ୍କୃତ ଭାରତର କୌଣସି ଜନସଂଖ୍ୟାର ମାତୃଭାଷା ନୁହେଁ । ୧୯୬୧ ଓ ୧୯୭୧ରେ ଏହି ୫୫୫ ଜଣ ଭାରତୀୟ ବଢ଼ିଛନ୍ତି କି କମିଛନ୍ତି ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ତଥାପି ଆଜି ଯେ ସଂସ୍କୃତ ଭାରତରେ ସାହିତ୍ୟ ଓ ବିଜ୍ଞାନର ଭାଷାରୂପେ ଗୃହୀତ ହୋଇଛି ଏକଥା ସତ୍ୟ । ପ୍ରାଚୀନ ମହାକାବ୍ୟ ଠାରୁ ଆରମ୍ଭ କରି ଆଧୁନିକ ଗୋଏନ୍ଦା କାହାଣୀ ପର୍ଯ୍ୟନ୍ତ ଏବେବି ସଂସ୍କୃତରେ ଲେଖାଯାଉଛି । ସଂସ୍କୃତକୁ ଏବେବି ପଣ୍ଡିତମାନେ ବୈଜ୍ଞାନିକ ନିବନ୍ଧ, ଖବରକାଗଜ, ମାସିକପତ୍ର ଇତ୍ୟାଦିର ଭାଷା ଭାବରେ ବ୍ୟବହାର କରୁଛନ୍ତି । ଭାରତର ଶହ ଶହ ଭାଷା କ୍ଷେତ୍ରରେ ସଂସ୍କୃତ ହେଉଛି ଆଧୁନିକ ରାଜନୈତିକ, ବୈଜ୍ଞାନିକ ଓ ବୈଷୟିକ ବିଦ୍ୟା ସମ୍ପର୍କିତ ସବୁ ଶବ୍ଦର ରତ୍ନାକର । ଏବେବି ଭାରତର ସଂବିଧାନ ଏକ ବିଶେଷ ଅନୁଚ୍ଛେଦରେ ଅଢ଼େଇ ହଜାର ବର୍ଷ ତଳର ଏହି ଭାଷାର ମହତ୍ୱକୁ ସ୍ପଷ୍ଟଭାବରେ ସ୍ୱୀକାର କରିଛି ।

ପାଣିନି ଓ ଅନ୍ୟାନ୍ୟ ବୟାକରଣିକମାନେ ସଂସ୍କୃତଭାଷାକୁ ତିଆରି କରିଥିଲେ (ବର୍ଙ୍ଗ ନିର୍ଭୁଲ ଭାବରେ କହିଲେ) ପୁନର୍ଗଠିତ କରିଥିଲେ । ଠିକ୍ ସେହିପରି ବା ପ୍ରାୟ ସେହିପରି ୯ମ ଶତାବ୍ଦିରେ ସିରିଲ ଓ ମେଥୋଡ଼ିୟସ୍ ସ୍ଲାଭ ଭାଷାକୁ ପୁନର୍ଗଠିତ କରିଥିଲେ । ସେମାନେ ସ୍ଲାଭ ଭାଷାର ଲିପି ବାହାର କରିଥିଲେ ଓ ଖ୍ରୀଷ୍ଟିଆନ ଧର୍ମପୁସ୍ତକ ଗୁଡ଼ିକୁ ସ୍ଲାଭ ଭାଷାରେ ଅନୁବାଦ କରୁଥିଲେ । (ଏକଥା ବି ସ୍ମରଣୀୟ ଯେ ଏହି ଲେଖା ଗୁଡ଼ିକରେ ଗୁଣବାଚକ ଶବ୍ଦ ବହୁତ ଥିଲା, ଯାହା ସେ କାଳର ସ୍ଲାଭ ଜାତିର ଲୋକମାନଙ୍କ ପାଇଁ ବିଲକୁଲ ଅଜଣା ଶବ୍ଦ ଥିଲା) ।

ବହୁକାଳଯାଏ ପୁରୁଣା ସ୍ଲାଭୋନିକ୍ ବା ଗିର୍ଜାସ୍ଲାଭୋନିକ ଭାଷା କିଏଭ-ରୁଷ, ବୁଲଗେରୀୟ ଓ ସର୍ବିୟମାନଙ୍କର ସଂସ୍କୃତିର ଭାଷା ଥିଲା । ଏହି ସ୍ଲାଭଭାଷା ରୁଷ ରାଷ୍ଟ୍ର ଗଠନରେ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥିଲା । ତା'ପରେ ରୁଷ, ବାଇଲୋରୁଷ, ଇଉକ୍ରେନୀୟ, ସର୍ବୀୟ, ବୁଲଗେରୀୟ ଭାଷାସବୁ ତିଆରି ହେଲାରୁ ପୁରୁଣା ସ୍ଲାଭୋନିକ ଭାଷା ଆଉ ସାହିତ୍ୟ ସଂସ୍କୃତିର ଭାଷା ହୋଇ ରହିଲା ନାହିଁ । ଆଜି ଏହି ଭାଷା କେବଳ ସେହି ଅଞ୍ଚଳର ଧର୍ମର 'ଭାଷା' "ଅରଥୋଡ଼କ୍ସ ଚର୍ଚ୍ଚର ଭାଷା" ରୂପେ ଚଳୁଛି ଠିକ୍ ଯେପରି ଲାଟିନ କ୍ୟାଥଲିକ ଧର୍ମର ଭାଷା ରୂପେ ଚଳୁଛି । ତେବେ ସାଧାରଣ ଲୋକଙ୍କ ସହିତ ମିଶୁଥିବା ପାଦ୍ରିମାନେ ସ୍ଥାନୀୟ ମାତୃଭାଷାରେ କାମ ଚଳାଇବା ଆହୁରି ସଙ୍ଗତ ମନେ କରୁଛନ୍ତି ।

Digitized by srujanika@gmail.com

ଉଭୟ ସଂସ୍କୃତ ଓ ପୁରୁଣା ସ୍ଲାଭୋନିକ ସାହିତ୍ୟିକ ଭାଷାଙ୍କର କର୍ମଭୂମି ଥିଲା ସାଂସ୍କୃତିକ ଭାବରେ ଐକ୍ୟବଦ୍ଧ ଅଞ୍ଚଳ; ଉତ୍ତର ଭାରତର ଭାରତୀୟ ଆର୍ଯ୍ୟ ଓ ଦକ୍ଷିଣର ଦ୍ରାବିଡ଼ ଭାଷା କ୍ଷେତ୍ରରେ ପରସ୍ପର ଠାରୁ ଭିନ୍ନ ଥିଲେ, କିନ୍ତୁ ସେମାନେ ଏକ ସାଧାରଣ ଭାରତୀୟ ସଂସ୍କୃତି ସୂତ୍ରରେ ପରସ୍ପର ସହିତ ଛନ୍ଦା ହୋଇଥିଲେ । ସେମାନଙ୍କର ସେହି ଏକା ବେଦ, ଏକା ପୁରାଣ ଓ ଏକ ପ୍ରକାର ଚାଲିଚଳଣି ଥିଲା । ତେଣୁ ସଂସ୍କୃତ ଭାରତୀୟ ଆର୍ଯ୍ୟ ଓ ଦ୍ରାବିଡ଼ ଭିତରେ କଥାଭାଷାର ମାଧ୍ୟମ ରୂପେ କାର୍ଯ୍ୟ କରିବାରେ କିଛି ବିଚିତ୍ର ନ ଥିଲା । ଠିକ୍ ସେପରି ପୁରୁଣା ସ୍ଲାଭୋନିକ ଭାଷା ପ୍ରାଚୀନ ରୁଷ, ବୁଲଗେରୀୟ, ସର୍ବୀୟ ଓ ରୁମାନୀୟମାନଙ୍କ ଭିତରେ ଆଦାନ ପ୍ରଦାନର ଭାଷା ହୋଇପାରିଥିଲା । କାରଣ ଏହି ସମସ୍ତ ଭାଷାଭାଷୀ 'ଅରଥୋଡ଼କ୍ସ ଚର୍ଚ୍ଚ' ଭଳି ତତ୍କାଳିନ ଏକ ସାଂସ୍କୃତିକ ଶକ୍ତିର ବନ୍ଧନରେ ଏକତ୍ର ହୋଇଥିଲେ । ତେବେ ଯେଉଁ ଭାଷାଭାଷୀମାନେ ବିଭିନ୍ନ ସଭ୍ୟତା କୋଳରେ ବଢ଼ିଛନ୍ତି ସେମାନଙ୍କ ପାଇଁ ତ ସଂସ୍କୃତ ବା ସ୍ଲାଭୋନିକର ମଡ଼େଲ ଖଟିବ ନାହିଁ । ଯଥା ଆରବ ଓ ଇଟାଲୀୟ, ଇଂରାଜ ଓ ଚୀନା ଇଉରୋପୀୟ ଓ ଆଫ୍ରିକୀୟ । ଏଇଠି ଭାଷା କେବଳ ଭିନ୍ନ ଭିନ୍ନ ନୁହେଁ ଏଇ କ୍ଷେତ୍ରରେ ଆଚାର, ବିଶ୍ୱାସ, ସାଂସ୍କୃତିକ ପରମ୍ପରା ଓ ଚଳଣି ସବୁ ତ ଭିନ୍ନ ଭିନ୍ନ । ତଥାପି ବାଣିଜ୍ୟ କାରବାର ତ ଚଳିବ ଓ ଏମାନଙ୍କ ଭିତରେ ଆଦାନ ପ୍ରଦାନ ତ ହେବ, ଏଭଳି ସ୍ଥଳେ ଦୋଭାଷୀ, ବା ତ୍ରିଭାଷୀଙ୍କ ଦ୍ୱାରା ତ କାମ ସବୁବେଳେ ଚଳିବ ନାହିଁ । ତେଣୁ ଗୋଟିଏ କୃତ୍ରିମ ଅନ୍ତର୍ଜାତିକ ଭାଷା ଲୋଡ଼ା ପଡ଼ିଛି ।

ତୁମେ, ମୁଁ, ଆମେ, କିଣିବା, ବିକିବା !

ଏଭଳି କୃତ୍ରିମ ଭାଷାଟିଏ ତିଆରି କରିବାର ଉଦ୍ୟମ ଆରମ୍ଭ ହେବା ପୂର୍ବରୁ ଏହି ଆଦାନ ପ୍ରଦାନ ପାଇଁ ଆପଣାଛାଏଁ ଗୋଟାଏ ଭାଷା ଛିଡ଼ା ହୋଇଯାଇଥିଲା । ଦୁଇ ପ୍ରକାର ଭାଷାଭାଷୀ କଥାଭାଷାର ଆଦାନ ପ୍ରଦାନ କରିବାକୁ ଉଦ୍ୟମ କଲାମାତ୍ରେ ଏଭଳି ଏକ ସାଧାରଣ କଥା ତ ବାହାରି ଆସିବ ହିଁ ଆସିବ । ଏଭଳି ଭାଷାକୁ ପିଗ୍‌ଡିନ୍ ଭାଷା ବୋଲି କୁହାଗଲା ।

ମଧ୍ୟ ଯୁଗରେ ନାବିକ, ବଣିକ, ପର୍ଯ୍ୟଟକ ଓ କାରିଗର ମିସ୍ତ୍ରୀମାନେ ଏକ ସାଧାରଣ ବୋଲି ବା କଥାରେ କାମ ଚଳାଉଥିଲେ । ଏହାକୁ ସେମାନେ ଲିଙ୍ଗୁଆଫ୍ରାଙ୍କା ବୋଲି କହୁଥିଲେ । ଏଥିରେ ରୋମାନ ଭାଷା (ଯଥା ଇଟାଲୀୟ, ସ୍ପେନୀୟ ଓ କିଛି କିଛି ଫରାସୀ) ର ଶବ୍ଦଗୁଡ଼ିକ ଥିଲା । କିନ୍ତୁ ବ୍ୟାକରଣ ନଥିଲା । ଭୂମଧ୍ୟସାଗର କୂଳର ଲୋକେ ଏହି କଥାଭାଷାରେ ଆବଶ୍ୟକମତେ ଆପଣା ଆପଣାର ଶବ୍ଦ ସଂଯୋଗ କରୁଥିଲେ ।

Digitized by srujanika@gmail.com

ଏଣେ ଆଲାସ୍କା ଠାରୁ କାଲିଫର୍ଣିଆ ଯାଏ ବସତି କରି ରହିଥିବା 'ଭାରତୀୟ'ମାନେ ଏକ ବିଶାଳ ଅଞ୍ଚଳରେ ଗୋଟିଏ ଭାଷା ବ୍ୟବହାର କରୁଥିଲେ । ତାହାର ନାମ ଥିଲା ଚିନୁକ୍ । ଏହି ଲିଙ୍ଗୁଆଫ୍ରାଙ୍କାର ମୂଳ ହେଲା ଚିନୁକ୍ ଭାରତୀୟମାନଙ୍କର ଭାଷା । ଏହି 'ଭାରତୀୟ'ମାନେ କଲମ୍ବିଆ ନଦୀର ତଳପଟ ଅଞ୍ଚଳରେ ବାସ କରୁଥିଲେ । ଏହି ଭାଷାର ବ୍ୟାକରଣ ଅତି ସରଳ ଭାବରେ କରାଯାଇଥିଲା ।

ମୂଳରୁ ଏହି ଚିନୁକ୍ ଭାଷା ପୁରାପୁରି ଏକ 'ଭାରତୀୟ' ଭାଷାଥିଲା । କିନ୍ତୁ ୧୯ଶ ଶତାବ୍ଦିର ଆରମ୍ଭ ବେଳକୁ ୟୁରୋପୀୟମାନେ ଏହି ଭାଷା ବ୍ୟବହାର କଲେ । ସେତେବେଳେ ସେଠାରେ ପଶୁମାନଙ୍କର ଲୋମ ଓ ପଶମର କାରବାର ଜୋରସୋରରେ ଚାଲିଥିଲା । ତେଣୁ ଏହି ବ୍ୟବସାୟିକ ଲିଙ୍ଗୁଆଫ୍ରାଙ୍କା ଭାଷାରେ ନାନା ପ୍ରକାର ବିକଳ ଇଂରାଜି, ଫରାସୀ ଓ ଏପରିକି ରୁଷୀୟ ଶବ୍ଦ ବି ଆସି ମିଶିଥିଲା । କିନ୍ତୁ ଏଥିଭିତରୁ ଅଧିକାଂଶ ଶବ୍ଦ ଥିଲା ଇଂରାଜି । ୧୯ଶ ଶତାବ୍ଦିର ମଧ୍ୟ ଭାଗ ବେଳକୁ ଏହି ପିଗ୍‌ଡ୍ରିନ୍ ଚିନୁକ୍ ଭାଷାରେ ମୋଟାମୋଟି ୫୦ଟି ଇଂରାଜି ଶବ୍ଦ ଥିଲା । ଚାଳିଶବର୍ଷ ପରେ ଏଥିରେ ୫୭୦ଟି ଇଂରାଜି ଶବ୍ଦ ଯୋଡ଼ିହୋଇଥିଲା । କିନ୍ତୁ ବିଂଶ ଶତାବ୍ଦି ବେଳକୁ ଚିନୁକ୍ ବୋଲି ଆଉ ଚଳିଲା ନାହିଁ । ଆଜି ଏଭଳି କୌଣସି ଭାଷା ନାହିଁ । ଇଂରାଜି ଭାଷାହିଁ ଚଳୁଛି ।

ଇଂରାଜିଭାଷାରୁ ଆଉ ଦୁଇଟି ବର୍ଣ୍ଣଶଙ୍କର ଭାଷା ଯଥା ଇଂରାଜି, ଦରଦର ଖଣ୍ଡିଆ ଇଂରାଜି ଓ ପିଗ୍‌ଡ୍ରିନ୍ ଇଂରାଜି ଚଳୁଥିଲା । ପିଗ୍‌ଡିନ୍ ଇଂରାଜି ପଶ୍ଚିମ ଆଫ୍ରିକାର ଭାଷା ଥିଲା । ପିଗ୍‌ଡିନ୍ ଇଂରାଜିରେ ଜାପାନ, ଦକ୍ଷିଣ ସାଗର, ହଙ୍ଗକଙ୍ଗ ଓ କାଲିଫର୍ଣିଆର ନାବିକମାନେ କଥାଭାଷା ହେଉଥିଲେ ।

ପିଗ୍‌ଡିନ୍ ଇଂରାଜିରେ ଶବ୍ଦାବଳୀ ଥିଲା ଇଂରାଜି, କିନ୍ତୁ ଏଥିରେ ଇଂରାଜି ଢ଼ଙ୍ଗରେ ପଦବିନ୍ୟାସ ନ ଥିଲା, ବାକ୍ୟ ଗଠନ ନଥିଲା, ଶବ୍ଦ ସାଙ୍ଗରେ ଶବ୍ଦର ସଂପର୍କ ଚୀନ ଭାଷାର ରୀତିରେ ହେଉଥିଲା । ଅଥବା ଇଂରାଜି ଶବ୍ଦରୁ ତିଆରି ବିନ୍ୟାସ ଶବ୍ଦ ମାଧ୍ୟମରେ ହେଉଥିଲା । କଲିକତାରେ ଏହାକୁ 'ଚାଇନା ବଜାର ଇଂରାଜି' ବୋଲି କହୁଥିଲେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ପିଗ୍‌ଡିନ ଇଂରାଜିର ଆଦିସ୍ଥାନ ହେଲା ହଙ୍ଗକଙ୍ଗ ଓ ସେଭଳି ଅଞ୍ଚଳ ଯେଉଁଠାରେ ଅଧିକାଂଶ ବାସିନ୍ଦା ହେଲେ ଚୀନା ଓ ସେମାନେ ଥିଲେ ଏଠାରେ କାରବାରୀ । ପିଗ୍‌ଡିନ ଇଂରାଜି ହେଲା ଶବ୍ଦାବଳି ଓ ଚୀନା ବ୍ୟାକରଣର ଏକ ମିଶ୍ରିତ ରୂପ ।

ପ୍ରଶାନ୍ତ ମହାସାଗରର ଦ୍ୱୀପପୁଞ୍ଜମାନଙ୍କରେ ଗୋଟିଏ ଲିଙ୍ଗୁଆଫ୍ରାଙ୍କା ଚଳୁଛି । ଏହାକୁ 'ବେଚେ-ଡ୍ରି-ମେରେ' ବୋଲି କୁହାଯାଏ । ବିଖ୍ୟାତ ପ୍ରଗତିବାଦୀ ଲେଖକ

Digitized by srujanika@gmail.com

ଜ୍ୟାକ୍ ଲଣ୍ଡନଙ୍କର ଦକ୍ଷିଣ ସାଗରର ଓ ସେନିଆ ଅଞ୍ଚଳର ଗଳ୍ପ ଓ ଉପନ୍ୟାସରେ ଏହି ଭାଷାର ସୂଚନା ଅଛି ।

ସୁଦୂର ପ୍ରାଚ୍ୟରେ ଋଷୀୟ ବିପ୍ଲବ ପୂର୍ବରୁ ଏକ ବେଶ୍ ବ୍ୟାପକ ସାଧାରଣ ଭାଷା ଚଳୁଥିଲା । ଏହା ଥିଲା ଅଧା ଋଷ ଅଧା ଚୀନା । ଏହାର ଚରିତ୍ର ଥିଲା କିମ୍ଭୁତକିମ୍ଭାକାର । କିନ୍ତୁ ତେବେ ବି ଏହି ଭାଷାର କିଛି ବିଧିବିଧାନ ଥିଲା ଓ ଏକ ବିଚିତ୍ର ବ୍ୟାକରଣ ବି ଥିଲା ।

ଏହି ଋଷ-ଚୀନ ଖେଚେଡ଼ି ଭାଷା ଆଉ ନାହିଁ । ତେବେ ଅନ୍ୟାନ୍ୟ ପିଗ୍‌ଡିନ ଭାଷାଭିତରୁ କେତେକ ଉପନିବେଶବାଦର ବିଲୋପ ପରେ ଲୋପ ପାଇଗଲେ । ଶିକ୍ଷାର ବିକାଶ ସଙ୍ଗେ ସଙ୍ଗେ ଓ ଜାତୀୟ ଚେତନାର ଅଭିବୃଦ୍ଧି ଫଳରେ ଏଭଳି ବର୍ଣ୍ଣଶଙ୍କର ଭାଷାମାନଙ୍କର ଅସ୍ତିତ୍ୱ ଲୋପ ପାଇଗଲା ।

କିନ୍ତୁ ଏ ଭିତରୁ କୌଣସି କୌଣସି ଲିଙ୍ଗୁଆଫ୍ରାଙ୍କା ବଞ୍ଚିଗଲେ ଓ ବଢ଼ି ବଢ଼ି ପୁରାଦସ୍ତୁର ଜାତୀୟ ଭାଷାରେ ପରିଣତ ହୋଇଗଲେ । ଯେପରିକି ‘ବେଚେ-ଡି-ମେରେ’ ଭାଷା ଏବେ ନିଉ ଗିନିର ହଜାର ହଜାର ବାସିନ୍ଦାଙ୍କର ଜାତୀୟ ଭାଷା । ଏହି ଭାଷାରନାମ ନିଓମେଲାନେସୀୟ ଭାଷା ହୋଇଯାଇଛି । ଏହା ସ୍କୁଲରେ ପଢ଼ାଯାଉଛି ଓ ଏହି ଭାଷାରେ ଖବରକାଗଜ ବି ଛପା ଗଲାଣି । ପିଗ୍‌ଡିନ୍ ଭାଷାର ଇଂରାଜି ଏବେ ତ୍ରିୟୋ ଭାଷା ଭାବରେ ଦେଖା ଦେଲାଣି । ଆଫ୍ରିକାର ‘ସିରାଲିଓନ୍’ ରାଷ୍ଟ୍ରର ରାଜଧାନୀ ଫ୍ରିଟାଉନ୍‌ରେ ଏବେ ଏହି ଭାଷା ଚଳୁଛି । ଯେଉଁ ପିଗ୍‌ଡିନ୍ ଭାଷୀମାନେ ଜାତୀୟ ଭାଷାଭାବରେ ଏବେ ଜୀବନ୍ୟାସ ପାଇଛନ୍ତି, ସେମାନଙ୍କ ଭିତରେ ଗିନିର ସୁରିନାମଭାଷା, କୁରାକାଓର ପାପିଆମେଣ୍ଟୋ ଭାଷା ଓ ସୋଲୋମୋନ ଦ୍ୱୀପପୁଞ୍ଜର ଭାଷା ଉଲ୍ଲେଖନୀୟ ।

ଆଜି ପୃଥିବୀର ସ୍ୱୟଂସଂପୂର୍ଣ୍ଣ ଭାଷାର ତାଲିକାରେ ଏଭଳି ଭାବରେ ଆଉ କେତେ ଗୁଡ଼ିଏ ଭାଷା ହିଁ ସ୍ଥାନ ପାଇଲେ । ତେଣୁ ଏକ ସର୍ବଜନ ବୋଧ ଭାଷାର ଖୋଜା ଲୋଡା ଏବେବି ଚାଲିଛି ।

ଭାବନାର ବୀଜ ଗଣିତ

ମଧ୍ୟଯୁଗରେ ମଧ୍ୟଯୁଗର ଲାଟିନ ବିଳୟ ଭଜିଲା । ବୈଜ୍ଞାନିକ ନିଉଟନ ତାଙ୍କର ଲେଖାର ବହୁଳାଂଶ ଲାଟିନ ଭାଷାରେ ଲିପିବଦ୍ଧ କରିଥିଲେ । ଲେମୋନୋସଭ୍ ଲାଭେସୟର ଓ ଫ୍ରାଙ୍କଲିନ୍ ଆପଣା ଆପଣା ମାତୃଭାଷାରେ ସେମାନଙ୍କର ବୈଜ୍ଞାନିକ ପ୍ରବନ୍ଧଗୁଡ଼ିକ ଲେଖିଲେ, ଆଉ ଲାଟିନରେ ଲେଖିଲେ ନାହିଁ । ସେହି କାଳରେ ପଣ୍ଡିତ ଓ ଦାର୍ଶନିକମାନଙ୍କ ଭିତରେ ଚିନ୍ତା ପଡ଼ିଲା; ଲାଟିନ ତ ଅଚଳ ହୋଇଗଲା ତେବେ

Digitized by srujanika@gmail.com

କେଉଁ ଭାଷାରେ ବୈଜ୍ଞାନିକ ଚିନ୍ତାଗୁଡ଼ିକ ଲିପିବଦ୍ଧ କରାଯିବ ? ସେମାନେ ଆଉ ମଧ୍ୟ ଆଶା କଲେ ଯେ କେବଳ ବୈଜ୍ଞାନିକ ଚିନ୍ତା ନୁହେଁ ସବୁପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଏଭଳି ଏକ ଭାଷା ହେବା ସମ୍ଭବ । ଏଥିରେ ପୁରୋଧା ହେଲେ ପ୍ରଥମେ ଫରାସୀ ଦାର୍ଶନିକ ପଣ୍ଡିତ ଡେକାର୍ଟ ।

୧୬୨୯ ମସିହାରେ ଡେକାର୍ଟ ଲେଖିଥିଲେ "ଗୋଟିଏ କୃତ୍ରିମ ଭାଷା ତିଆରି ହେବା ସମ୍ଭବ ଓ ସେହି ଭାଷାର ବିଜ୍ଞାନ ବି ତିଆରି ହୋଇ ପାରିବ । ଏଭଳି ଭାଷାରେ ଚାଷୀଠାରୁ ପଣ୍ଡିତ ଯାଏ ବି ଆପଣାର ଯୁକ୍ତି, ଚିନ୍ତା ବାଢ଼ିପାରିବେ ।" ଡେକାର୍ଟଙ୍କର ମତ ଥିଲା ଯେ ବିଶ୍ୱଜନ ଭାଷାର ଏଭଳି ଏକ ନ୍ୟାୟିକ ଚାବିକାଠି ଥିବ ଯାହା ବଳରେ ସବୁ ପ୍ରକାର ବୈଜ୍ଞାନିକ ଓ ମାନବିକ ଭାବର ଗନ୍ତାଘର ଦ୍ୱାର ଖୋଲୁଥିବ । ତାଙ୍କର ଭାବନା ଥିଲା ଯେ ସ୍ୱାଭାବିକ ସଂଖ୍ୟା ଯଥା ଏକ, ଦୁଇ, ତିନି ପରି ସବୁ ଧାରଣାଗୁଡ଼ିକ ଯଥା ସ୍ଥାନରେ ତାଲିକା ଭୁକ୍ତ କରି ଏକ ଶୃଙ୍ଖଳାବଦ୍ଧ ଯୋଜନା କରାଯାଇ ପାରିବ । ଯେଭଳି କୌଣସି ଅଜଣା ଭାଷାର ସବୁଗୁଡ଼ିକ ସଂଖ୍ୟାକୁ ଶୂନରୁ ଅସୀମଯାଏ ଶିଖି କୁହାଯାଇପାରିବ ବା ଲେଖାଯାଇପାରିବ । ଠିକ୍ ସେଭଳି ଗୋଟିଏ ଉପାୟ ବାହାର କରିବାକୁ ପଡ଼ିବ ଯେପରିକି ମନୁଷ୍ୟ ମନରେ ଉପୁଜୁଥିବା ସବୁଗୁଡ଼ିକ ଭାବକୁ ପ୍ରକାଶ କରିବା ପାଇଁ ଶବ୍ଦଗୁଡ଼ିକ ବାହାର କରି ହେବ । ସବୁ ନିର୍ଭର କରୁଛି କେତେଗୁଡ଼ିଏ ସରଳ ଧାରଣା ଉପରେ । ଏ ଗୁଡ଼ିକ ପ୍ରତ୍ୟେକ ଲୋକର ପ୍ରତ୍ୟକ୍ଷ ଅଭିଜ୍ଞତାରେ ଥିବ ଓ ଏଥିରୁ ମନୁଷ୍ୟର ଚିନ୍ତାର ପ୍ରତ୍ୟେକ ଭାବ ପ୍ରକାଶ କରିବା ପାଇଁ ସବୁପ୍ରକାର ମାଲମସଲା ମିଳିବ ।

ଡେକାର୍ଟ ଏକ କୃତ୍ରିମ ଭାଷା ତିଆରିର ସାଧାରଣ ମୋଟାମୋଟି ସୂତ୍ରଟି ଦେଇଥିଲେ । ଏହି ଭାଷାଟିକୁ ସେ 'ଯୁକ୍ତିର ହତିଆର' ବୋଲି କହୁଥିଲେ । ସପ୍ତଦଶ ଶତାବ୍ଦିର ଆଉ ଜଣେ ବଡ଼ ପଣ୍ଡିତ ଲିବନିକ୍ ଏଭଳି ଏକ ଭାଷା ଗଢ଼ିବାର ପ୍ରଣାଳୀ ଦର୍ଶାଇଲେ । ତାଙ୍କର ମତ ଥିଲା ଯେ ସାଧାରଣ ବିଶ୍ୱଜନ ଭାଷା 'ମନୁଷ୍ୟ ଚିନ୍ତାର ଶବ୍ଦାବଳୀ' ହେବ । ଏଥିରେ ଯେଉଁ ଶବ୍ଦଗୁଡ଼ିକ ରହିବ ସେମାନଙ୍କର ଅର୍ଥ ତ ଥିବ, ତାହା ଛଡା ଏହି ଶବ୍ଦମାନଙ୍କ ଭିତରେ ଅନ୍ୟ ଶବ୍ଦ ସହିତ ସେମାନଙ୍କର ଅନ୍ତର୍ନିହିତ ସଂପର୍କ ବି ରହିଥିବ । ବୀଜଗଣିତରେ ଯେପରି ନିର୍ଣ୍ଣୟ-ସାପେକ୍ଷ ସଂଖ୍ୟାକୁ ଆମେ X ବୋଲି କହୁଥାଉଁ, ଠିକ୍ ସେହିପରି କେତେଗୁଡ଼ିଏ ଦତ୍ତ ହୋଇଥିବା ସାଧାରଣ ଧାରଣା ବା ଭାବରୁ ଆହୁରି ଜଟିଳ ଧାରଣା X ବା ବୈଜ୍ଞାନିକ ଧାରଣା ପାଖରେ ପହଞ୍ଚିବାକୁ ହେବ । ସବୁ ଜଟିଳ ଧାରଣା ସରଳ ଧାରଣାଗୁଡ଼ିକରୁ ଉତ୍ପତ୍ତି । ଗଣିତର ସତ୍ୟରୁ ହିଁ ନ୍ୟାୟିକ ସତ୍ୟ ବାହାର କରାଯାଇପାରେ ।

Digitized by srujanika@gmail.com

ତେବେ ଏଭଳି ଭାଷାରେ କଥା କିପରି କୁହାଯିବ ? ଲିବ୍‌ନିକ୍ ମନୁଷ୍ୟ ଚିନ୍ତାର ଶବ୍ଦାବଳୀକୁ ଏକ ଧ୍ୱନିମୂଳକ ଭାଷାରେ ପରିଣତ କରିବା ପାଇଁ ଲାଟିନ ଶବ୍ଦାବଳୀର ପ୍ରଥମ ନଅଟି ବ୍ୟଞ୍ଜନ ବର୍ଣ୍ଣକୁ 1-b, 2-c, 3-d, 4-f, 5-g, 6-h, 7-l, 8-m, 9-n ଦଶ ବା ଶହ ପାଞ୍ଚୋଟି ସ୍ୱରବର୍ଣ୍ଣ 10-a, 100-e,4000-i, 10,000 - o , 10,0000-u ଭାବରେ ଲେଖା ହେବ । ଏହାଠାରୁ ଆହୁରି ଉଚ୍ଚ କଥା ଦୁଇଟି ସ୍ୱରବର୍ଣ୍ଣର ମିଶ୍ରଣରେ ତିଆରି ହେବ (ଯଥା ଦଶଲକ୍ଷ = au ଇତ୍ୟାଦି) । ତେଣୁ ୮୭୩୭୪୦ ସଂଖ୍ୟାଟି 'Mulodile fa'ଭାବରେ ଉଚ୍ଚାରିତ ହେବ ।

ଲିବ୍‌ନିକ୍‌ଙ୍କର ଧାରଣା ହେଉଛି ଖୁବ୍ ମୂଲ୍ୟବାନ, ଅବଶ୍ୟ ଏହା ଫଳରେ ଏକ ବିଶ୍ୱଜନ ଭାଷା ତିଆରି ହୋଇପାରିଲା ନାହିଁ । କିନ୍ତୁ ଏହା ଭାଷାତତ୍ତ୍ୱ, ଗାଣିତିକ ଯୁକ୍ତି ଓ କଂପ୍ୟୁଟର ତତ୍ତ୍ୱ ପାଇଁ ଅଶେଷଭାବରେ ସାହାଯ୍ୟକାରୀ ହୋଇଛି । କାରଣ 'ଭାବନାର ବୀଜଗଣିତ' ଏକ ସଂକୀର୍ଣ୍ଣ ଓ କଠୋର ଫର୍ମାଅଣ୍ଡା ମନୁଷ୍ୟ ଜ୍ଞାନର ସୀମା ଭିତରେ ସିନା ଚଳିବ କିନ୍ତୁ ଏହା ଜୀବନ୍ତ ସ୍ୱାଭାବିକ ଭାଷା କ୍ଷେତ୍ରରେ ଚଳିବ କିପରି ? କାରଣ 'ଭାବ ଓ ଧାରଣାର' ଗୋଟାଏ ନିର୍ଘଣ୍ଟ କିଏ ତିଆରି କରି ପାରିବ ? ଏଭଳି ଭାବଗୁଡ଼ିକର ଶ୍ରେଣୀ ବିଭାଗ ହେବ କିପରି ଓ କି ପ୍ରକାର ଆଇନ ଅନୁସାରେ ସେ ଗୁଡ଼ିକ ହେବ ? ତା'ଛଡା କେହି ଜାଣେ ନାହିଁ କେତେଟା 'ଭାବ' ଏ ଭାବଜଗତରେ ରହିଛି । ସେମାନଙ୍କର ସଂଖ୍ୟା ତ ଅପରିମିତ । ତେଣୁ ଏଭଳି ଭାବର ଏକ ନିର୍ଘଣ୍ଟ ତିଆରି କରିବା ସମୁଦ୍ର ବାଲିକଣାକୁ ହିସାବ କରିବା ସଙ୍ଗେ ସମାନ ! ପୁଣି ଏତକ ହେଲା ଧାରଣା ଓ ଭାବନା କ୍ଷେତ୍ରରେ ଅସୁବିଧା । ତା'ଛଡା ମନୁଷ୍ୟର ବାସନା,ଅଭିଳାଷ, ପ୍ରବୃତ୍ତି ଇତ୍ୟାଦି ଜିନିଷକୁ କୌଣସି 'ଭାବନାର ଶବ୍ଦାବଳୀ' ଦ୍ୱାରା ଶ୍ରେଣୀଭୁକ୍ତ କରାଯାଇ ପାରିବ ନାହିଁ । ମନୁଷ୍ୟର 'ହୃଦୟ ଗହନର ଜୀବନ' ଭିତରେ ଏତେ ଅପରିସୀମ ନାନାବିଧ, ଜଟିଳ ଓ ସଂଘାତ ପ୍ରତିଘାତମୟ ଭାବନାର ଜାଲ ରହିଛି ଯେ ସେଗୁଡ଼ିକୁ ଗଣିତର ନିର୍ଘଣ୍ଟରେ ସମ୍ଭାଳିବା ଅସମ୍ଭବ ।

ଲିବ୍‌ନିକ୍ ଆପଣାର 'ବିଶ୍ୱଭାଷା' ତିଆରି କରିବାର ଉଦ୍ୟମରେ ମୂଳରୁ ଏହି ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ । ସେ ଆପଣାର କାର୍ଯ୍ୟ ଶେଷ କରି ପାରି ନ ଥିଲେ ଓ ଶେଷରେ ଆପଣାର 'ଭାବନାର ଭାଷା' ବିଷୟରେ କିଛି ଲେଖା ଛାଡ଼ି ଯାଇଥିଲେ । ତାଙ୍କ ପରେ ଏଭଳି ଏକ 'ବିଶ୍ୱଭାଷା' ତିଆରି କରିବାର ଚେଷ୍ଟା ବ୍ୟର୍ଥ ହୋଇଛି । କାରଣ ଏଭଳି କୃତ୍ରିମ ଭାଷା ବ୍ୟାବହାରିକ ନିତିଦିନିଆ ଜୀବନ ଠାରୁ ବହୁ ଦୂରେ ରହିବ, ତେଣୁ ଏହାର କୌଣସି ଉପଯୋଗିତା ରହିବ ନାହିଁ ।

ତେବେ ଏକ 'ଅର୍ଥର ଭାଷା' ର ବିକାଶ ପାଇଁ ତ ବହୁ ଦିନରୁ ଚେଷ୍ଟା ଚାଲିଆସିଛି । ତେଣୁ ଏହି ବିକାଶ କ୍ଷେତ୍ରରେ ଏହି ଭାଷା ଭାଷାତତ୍ତ୍ୱର ସୀମା ପାର

Digitized by srujanika@gmail.com

ହୋଇ ଗାଣିତିକ ଯୁକ୍ତିର ଚଉହଦିରେ ପ୍ରବେଶ କଲା । ଏକ ବନ୍ଧ୍ୟା 'ଭାଷାର ବୀଜଗଣିତ'କୁ ତ୍ୟାଗ କରି ବୈଜ୍ଞାନିକମାନେ 'ଭାବନାର ବୀଜଗଣିତ'ରେ ଲାଗିଲେ । ଏଥିରୁ କଂପ୍ୟୁଟରତତ୍ତ୍ୱର ଜନ୍ମ ହେଲା, ଚିନ୍ତା କରୁଥିବା ଯନ୍ତ୍ରର ଜନ୍ମ ହେଲା ଓ ଅନ୍ୟାନ୍ୟ ଅଦ୍ଭୁତ ଯନ୍ତ୍ରପାତିର ଜନ୍ମ ହେଲା । ଏଗୁଡ଼ିକ ଅବଶ୍ୟ ଆମର ଆଲୋଚ୍ୟ ବିଷୟ ନୁହେଁ ।

ଭୋଲପ୍ୟୁକ୍ ଓ ଏସପେରାଣ୍ଟୋ

ଯାହାହେଉ, ଭାଷାଗତ ଭାବରେ ଏକ ସାର୍ବଜନିନ ବିଶ୍ୱଭାଷା ପାଇଁ ଉଦ୍ୟମ ଏପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଗତ ଶତାବ୍ଦିର ଶେଷ ଭାଗରେ ୧୮୭୦ରେ ସ୍କେଲର ନାମକ ଜଣେ ଜର୍ମାନ କାଥଲିକ ପାଦ୍ରି ଗୋଟିଏ ବିଶ୍ୱ ଲିଖିତ ଭାଷା 'ଉଦ୍‌ଭାବନ' କରିଥିଲେ । ଭାଷାର ନାମ ଥିଲା 'ଭୋଲପ୍ୟୁକ୍' । ଏହି ଭାଷାର ବ୍ୟାକରଣରେ କୌଣସି ରୂଢ଼ି ପ୍ରୟୋଗ, ବା ବ୍ୟତିକ୍ରମ ନ ଥିଲା । ଏହାର ଉଚାରଣ ହେଉଥିଲା ଲେଖା ଅନୁସାରେ । ଏହାର ଶବ୍ଦଗୁଡ଼ିକ ଇଂରାଜି, ଜର୍ମାନ, ଲାଟିନ ଓ ଫରାସୀ ମୂଳଧାତୁରୁ ତିଆରି ହୋଇଥିଲା । ଇଂରାଜି WORLD ବା ବିଶ୍ୱ VOL ଓ ଇଂରାଜି SPEAK ବା କୁହାରୁ Piik ନେଇ ସେ ଆପଣା ଭାଷାର ନାମକରଣ କରିଥିଲେ । ଏପରିକି ଏହି ଭାଷାରେ 'ପର୍ତ୍ତୁଗାଲ' ଭଳି ନାମକୁ ବି ବଦଳାଇ କରାଯାଇ ଥିଲା 'ବୋଡୁଗାନ୍' । ଏହି ବିଶ୍ୱଭାଷା କିଛିଦିନ ଖୁବ୍ ଚହଳ ପକାଇଲା । ଏହାରି ଉପରେ ଅର୍ଥାତ୍ ଏହି ଭାଷାକୁ ସୁସଂହତ କରିବା ଦିଗରେ ତୁମୂଳ ଗଣ୍ଡଗୋଳ, ଯୁକ୍ତିତର୍କ ବି ଚାଲିଲା । ଏହି ଭାଷାରେ ଶହ ଶହ ବହି ଓ ପ୍ରଚାର ପୁସ୍ତିକା ଛପା ହେଲା । କିନ୍ତୁ ଏହି ଭାଷା ବଞ୍ଚିଲା ନାହିଁ । କାରଣ ମଣିଷ ମୁଖର ସ୍ପର୍ଶ ନ ପାଇଲେ କୌଣସି ଲିଖିତ ବା କଥିତ ଭାଷା ସାର୍ବଜନୀନ ହୋଇ ପାରେ ନାହିଁ । ବିଶ୍ୱଜନୀନ ଭାଷା ହେବା ତ ଦୂରର କଥା ।

ଭୋଲାପ୍ୟୁକ୍‌ରେ ଖାଲି ମନଗଢ଼ା ଖାମଖିଆଲ ମୂଳଧାତୁ ଥିଲା । ସେଥିଯୋଗୁଁ ଏହା ବ୍ୟର୍ଥ ହେଲାବୋଲି ଧାରଣାକରି ୧୮୮୭ରେ ପୋଲାଣ୍ଡର ଡାକ୍ତର ଜାମେନ୍‌ହଫ୍ 'ଏସପାରେଣ୍ଟୋ' ଭାଷା କାଢ଼ିଲେ । ଏଥିରେ ଆନ୍ତର୍ଜାତିକ ଭାଷାମାନଙ୍କର ଶବ୍ଦଥିଲା । ଏହାର ବ୍ୟାକରଣ ସରଳ ଓ ଯୁକ୍ତିସିଦ୍ଧ ଥିଲା । ଭାଷାଟି ଶିଖିବା ମଧ ସହଜ ଥିଲା । ଏ ଭାଷାର ବହୁ ସମର୍ଥକ ଥିଲେ, ଏହାବି କେତେକ ଦେଶରେ ବେଶ୍ ପ୍ରସାରଲାଭ କରିଥିଲା । ତେବେ ବି ଏହା ବିଶ୍ୱଭାଷା ହୋଇପାରିଲା ନାହିଁ ।

ସେଇ ଏକା କାରଣ । ପ୍ରଥମେ କେତେକ ଭାବିଥିଲେ ଯେ ଏ ଭାଷାଟି ମାର୍ଜିତ ନୁହଁ; ତେଣୁ ଆଉ ବି କେତେକ ଭାଷା ବିଶ୍ୱଭାଷା ହେବାର ଦାବୀ ରଖି ବାହାରିଲେ ।

Digitized by srujanika@gmail.com

ଇଡୋ, ନୋଭିଆଲ, ଅକସିଡେଣ୍ଟାଲ,ଇତ୍ୟାଦି । ଏହି ଭାଷାର ବିଦ୍ଧାଣୀମାନେ ଖୁବ୍ ମଗଜବାଲା ଓ ଖ୍ୟାତନାମା ଭାଷାବିଦ୍ ଥିଲେ । ଏହି ଭାଷା ଗଢ଼ଣରେ ବହୁ ପରିଶ୍ରମ, ବୁଦ୍ଧି, କୌଶଳ ଖଟା ହୋଇଥିଲା କିନ୍ତୁ ଫଳ କିଛି ହେଲା ନାହିଁ ।

ସେଇ ଏକା କାରଣ । ଭାଷାର ଅଙ୍ଗସୌଷ୍ଠବ ବା ମାର୍ଜିତ ରୂପ ଉପରେ ଭାଷାର ଜନପ୍ରିୟତା ଓ ବିଶ୍ୱ ଜନପ୍ରିୟତା ନିର୍ଭର କରେ ନାହିଁ । ଭାଷା ଜନପ୍ରିୟ ହେବ ଯେତେବେଳେ ଲୋକେ ସେହି ଭାଷାକୁ ବ୍ୟବହାର କରିବାକୁ ଲୋଡ଼ିବେ, ତେଣୁ ତୁଣ୍ଡରେ ଧରିବେ । ତାହା ଏ ତୁଣ୍ଡରୁ ସେ ତୁଣ୍ଡକୁ ଯିବ । ତେଣୁ ଭାଷାଟା ଗୋଟାଏ ତୁଚ୍ଛା କଥା ନୁହେଁ ଯେ ଭାଷାକୁ ସାହାଯ୍ୟ କରିବା ପାଇଁ ତାହାକୁ ଲୋକେ ମିଛଟାରେ ତୁଣ୍ଡରେ ଧରିବେ । ଲୋକଙ୍କର ଦୈନନ୍ଦିନ ଜୀବନରେ ଯଦି ସେହି ଭାଷା ନ ହେଲେ ନ ଚଳେ ତେବେ ଯାଇ ସେ ଭାଷା ଜନପ୍ରିୟ ହେବ । ଜଣେ ଚିକିତ୍ସାବିଦ୍ କୌଣସି ବିଦେଶୀ ଭାଷା ଶିଖିବାକୁ ମନ ବଳେଇବ ଯଦି ସେହି ବିଦେଷୀ ଭାଷାରେ ଅନେକ ଡାକ୍ତରୀ ସାହିତ୍ୟ ଅଛି, ଯାହା ସେ ଆପଣା ମାତୃଭାଷା ସାହିତ୍ୟରେ ପାଉ ନାହିଁ ଅଥଚ ସେହି ସାହିତ୍ୟ ତାର ଲୋଡା । ପର୍ଯ୍ୟଟକ କୌଣସି ଦେଶରେ ପର୍ଯ୍ୟଟନ କଲାବେଳେ ଯଦି ଜାଣେ ଯେ ତା'ର ମାତୃଭାଷାରେ ତା'ର କାମ ଚଳିବ ନାହିଁ ତେବେ ଯାଇ ବିଦେଶୀ ଭାଷା ଶିଖିବ । ତେଣୁ ବିଶ୍ୱଭାଷାର ଆବଶ୍ୟକତା ଭାଷାଗତ ନୁହେଁ ସାମାଜିକ ।

ଏହି ସଂକ୍ରାନ୍ତରେ ବିଂଶ ଶତାବ୍ଦିର ଭାଷା ଇତିହାସରୁ ଏକ ଜ୍ୱଳନ୍ତ ଉଦାହରଣ ନିଆ ଯାଇପାରେ ।

ବହୁ ଲଢ଼େଇ ପରେ ୧୯୨୦ ସାଲରେ ଆୟର୍ଲାଣ୍ଡ ତା'ର ସ୍ୱାଧିନତା ହାସଲ କଲା । ସେତେବେଳକୁ ସେଠାରେ ଲୋକେ ସେମାନଙ୍କର ପୁରାତନ ମଧୁର ସେଲଟିକ୍ ଭାଷା ଭୁଲିଯାଇ ସାରିଥିଲେ ଓ ସାରା ଆୟର୍ଲାଣ୍ଡରେ ଇଂରାଜି ଭାଷା ଚଳୁଥିଲା । କେବଳ ସବୁଠାରୁ ଦୂର ମାଛୁଆମାନଙ୍କର ଗାଁମାନଙ୍କରେ ପଶ୍ଚିମ ଉପକୂଳରେ ପ୍ରକୃତ ଆଇରିଶ ଭାଷା ଚଳୁଥିଲା; ସେଠି ବି କିଛି ଲୋକ ଥିଲେ ଯେଉଁମାନେ ଆଦୌ ଇଂରାଜି ଜାଣି ନ ଥିଲେ । କିନ୍ତୁ ଏ ଲୋକମାନେ ଥିଲେ ବିଚ୍ଛିନ୍ନ । ତେଣୁ ଆୟର୍ଲାଣ୍ଡର ସାଧାରଣ ଜନଜୀବନରେ ଏମାନଙ୍କର କୌଣସି ପ୍ରଭାବ ନ ଥିଲା । ତେଣୁ ଏମାନଙ୍କ ମୁହଁରେ ଆଇରିଶ୍ ଭାଷା ବା ସେଲଟିକ୍ ଭାଷା ଏମାନଙ୍କର ମୁହଁରେ ହିଁ ରହିଲା । କିନ୍ତୁ ସେତେବେଳେ ଆଇରିଶ ଜାତୀୟବାଦୀମାନେ ଲୋକଙ୍କୁ ଆଇରିଶ ଭାଷାରେ କଥାଭାଷା ହେବାକୁ ଡାକରା ଦେଲେ । ସେଇ ଭାଷା ସ୍କୁଲ କଲେଜରେ ବି ଚଳିଲା । ଏବେ ଫଳରେ ଏହା ହୋଇଛି ଯେ ପ୍ରତ୍ୟେକ ଆଇରିଶ

Digitized by srujanika@gmail.com

ଲୋକ ଯିଏ ସ୍କୁଲରୁ ପଢ଼ା ସାରି ଫେରିଛି ସିଏ ଆଇରିଶ ଭାଷାରେ ଲେଖି ପଢ଼ି ପାରୁଛି । କିନ୍ତୁ କହିଲା ବେଳକୁ ଇଂରାଜି ଭାଷାରେ ହିଁ କଥା କହୁଛି ।

ଏହା କ'ଣ ଦେଶପ୍ରେମର ଅଭାବ ଯୋଗୁଁ ଘଟିଛି । ମୋଟେ ନୁହଁ । ଘଟଣାଟି ଅତି ସରଳ । ଇଂରାଜି ସାରା ଆର୍ୟଲାଣ୍ଡରେ ଜନପ୍ରିୟ ପରିଚିତ ଭାଷା, ଅଥଚ ଆଇରିଶ ଜାଣିବା ଲୋକ ସଂଖ୍ୟା ଖୁବ୍ କମ୍ । ପ୍ରକୃତ ପକ୍ଷରେ, ଇଂରାଜିରେ କଥୋପକଥନ କରିବା ସହଜ । ଯଦି ଡବ୍ଲିନ ଓ ଅନ୍ୟାନ୍ୟ ଅଞ୍ଚଳରେ ଆୟର୍ଲାଣ୍ଡରେ ବହୁତ ଲୋକ ଇଂରାଜି ଜାଣି ନ ଥାନ୍ତେ ଓ ଆଇରିଶ ଭାଷାରେ କଥା କହନ୍ତେ; ତେବେ ସେହି ଲୋକମାନେ ବାଧ୍ୟ ହୋଇ ଆଇରିଶ ଭାଷାରେ କଥା କହନ୍ତେ । ତେବେ ଏହି ସୁନ୍ଦର ପୁରାଣ ଭାଷାଟି ପୁଣି ଜୀବନ ପାଇ ଉଠନ୍ତା ।

ଆମର ଭାରତରେ ଅବସ୍ଥା ପ୍ରାୟ ସେଇୟା । ଇଂରାଜି ଭାଷା ପ୍ରତ୍ୟେକ ଭାରତୀୟ ମନରେ ବିଦେଶୀ ଦାସତ୍ୱର ସ୍ମୃତି ଜାଗରଣ କରୁଛି । ତେବେ ବି ଇଂରାଜି ଭାରତରେ ଚଳୁଛି । କାରଣ ଦକ୍ଷିଣ ଭାରତରେ ଜଣେ ତାମିଲଭାଷୀ ଯଦି କଲିକତାର ବଂଗଳାଭାଷୀ ସଙ୍ଗରେ ଇଂରାଜି ବ୍ୟତିରେକେ ଆଉ କେଉଁ ଭାଷା ମାଧ୍ୟମରେ କଥା ହୋଇ ନ ପାରେ ତେବେ କରିବା କ'ଣ ? ପ୍ରାଚୀନ ସଂସ୍କୃତ ଏକ ସମୟରେ ଭାବ ଆଦାନ ପ୍ରଦାନର ବାହନ ଥିଲା । କିନ୍ତୁ ଏବେ ସଂସ୍କୃତ ତ ଅପ୍ରଚଳ ହୋଇଗଲା ଓ ଇଂରାଜିକୁ ଲୋକେ ବେଶି ଆଦରି ଗଲେ, ତେବେ କ'ଣ କରାଯିବ ? ଏଠାରେ ଆଉ ଏକ ଉଦାହରଣ ନିଆଯାଇପାରେ । ଏବେ ଇସରାଇଲ ଦେଶରେ ରାଜଭାଷା ହେଲା ନୂତନ ଭାବରେ ପ୍ରବର୍ତ୍ତିତ ପୁରାତନ ହିବ୍ରୁ । ଏବେ ଏହାର ନୂଆ ନାମ ହୋଇଛି ଇଭରିଟ୍ । ଏହି ଭାଷା ହଜାର ହଜାର ବର୍ଷହେଲା କେହି ତୁଣ୍ଡରେ ଧରୁ ନ ଥିଲେ ଓ ଏହା ଅତ୍ୟନ୍ତ କିଚିମିଚିଆ ଭାଷା ଥିଲା । ତେବେ ବି ଏହି ଭାଷା ଇସ୍ରାଏଲ ଦେଶର ବ୍ୟାବହାରିକ ଜୀବନର ଭାଷା ରୂପେ ଚଳୁଛି ।

ଅବଶ୍ୟ ଏଥିପାଇଁ ବେନ୍ ୟେହୁଡା ନାମକ ଜଣେ ଇହୁଦୀ ବ୍ୟକ୍ତି ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ଖୁବ୍ ସାହସ ଓ ଧୈର୍ଯ୍ୟ ଦେଖାଇଛନ୍ତି । ତାହା ନ ହୋଇଥିଲେ ବାଇବେଲର ଲିଖିତ ଭାଷା ଦୁଇ ହଜାର ବର୍ଷ ପରେ ପୁଣି ଥରେ ଇହୁଦୀଙ୍କର ମାତୃଭାଷାର ଆସନ ଘେନି ନ ଥାନ୍ତା ।

କିନ୍ତୁ ଯିଏ ଯେତେ ପରିଶ୍ରମ କରୁ ବା ସାହାସ ଧୈର୍ଯ୍ୟ ଦେଖାଉ ତଥାପି ଗୋଟାଏ ଦୁଇ ହଜାର ବର୍ଷର ଅଚଳନ୍ତି କିଚିମିଚିଆ ଭାଷା କେବେ ଆଉ ଥରେ ଜୀବନ୍ୟାସ ଲଭି ନ ଥାନ୍ତା । ଏହାର କାରଣ ହେଲା ଇସରାଏଲରେ ଏକ ନୂତନ ଭାଷାର ପ୍ରୟୋଜନ ଥିଲା । ହିବ୍ରୁ ପଦେ ଦୁଇ ପଦ ପ୍ରତ୍ୟେକ ଇହୁଦୀକାନରେ ଆଗରୁ

Digitized by srujanika@gmail.com

ପଡ଼ିଥିଲା । ତେଣୁ ଇସରାଏଲର ନୂଆ ଜାତୀୟ ଚେତନା ଦୃଷ୍ଟିରୁ ଇସରାଏଲ ଯଦି ଏକ ନୂତନ ଭାଷାକୁ ଆବାହନକଲା ତେବେ ତାହା ହିବ୍ରୁ ହେଲେ ମନ୍ଦ କ'ଣ ? ଇସରାଏଲରେ ଏକ ନୂତନ ଭାଷାର କାରଣ କଅଣ ? କାରଣ ଯେଉଁ ଯେଉଁ ଲୋକେ ପୃଥିବୀର ବିଭିନ୍ନ ଅଞ୍ଚଳରୁ ଆସି ଏଠାରେ ବସବାସ କଲେ ସେମାନେ ବିଭିନ୍ନ ଭାଷା କହୁଥିଲେ । ୟେମେନରୁ ଯେଉଁ ଇହୁଦିମାନେ ଆସିଥିଲେ ସେମାନେ ଆରବୀ ଭାଷା କହୁଥିଲେ । ସେମାନେ କୌଣସି ୟୁରୋପୀୟ ଭାଷା ବୁଝୁନଥିଲେ । ହିଟଲର ଜର୍ମାନୀରୁ ଯେଉଁ ଇହୁଦୀମାନେ ଆସିଥିଲେ ସେମାନେ ଆରବୀ ଭାଷାର ବିନ୍ଦୁବିସର୍ଗ ଜାଣି ନଥିଲେ । ଗ୍ରୀସର ସେଫାରଡ଼ିମ୍‌ମାନେ ସେମାନଙ୍କର ଗ୍ରିକ ଭାଷା ବା ସ୍ପେନୀୟ ଉପଭାଷା କହୁଥିଲେ । ତେଣୁ ସେମାନେ ୟେମେନବାଲାଙ୍କୁ ବୁଝୁନଥିଲେ କି ଜର୍ମାନଙ୍କ କଥା ବୁଝୁ ନଥିଲେ । ତେଣୁ ହିବ୍ରୁ ବା ଇଭରିଟ୍ ଭାଷାର ଆବଶ୍ୟକତା ପଡ଼ିଲା ଓ ତାହା ସହଜ ଲବ୍‌ଧ ଓ ଜାତୀୟତାର ସହାୟକ ଥିବାରୁ ସବୁଆଡୁ ସୁବିଧାଜନକ ହେଲା । କାରଣ ଏହି ଭାଷା ନ ଜାଣିଲେ କେହି କାମଦାମରେ ସହକର୍ମୀ ସାଙ୍ଗେ କଥା ହୋଇ ପାରିବ ନାହିଁ । ସହରରେ ବାଟ ପଚାରି ପାରିବ ନାହିଁ; ଦୋକନରୁ ରୁଟି ଖଣ୍ଡେ ବି କିଣି ପାରିବ ନାହିଁ । ସ୍କୁଲରେ ପାଠପଢ଼ି ପାରିବ ନାହିଁ । ତେଣୁ ବ୍ୟାବହାରିକ ବିଚାର ଦୃଷ୍ଟିରୁ ସାରା ଦେଶଟା ଏକ ନୂଆ ଭାଷାକୁ ଗ୍ରହଣ କରିନେଲା ।

ଏହି ଉଦାହରଣରୁ ସ୍ପଷ୍ଟ ଶିକ୍ଷା ହୁଏ ଯେ ନୂତନ ଭାଷା ଯେତେବେଳେ ଅଲଘନୀୟ ହୁଏ ସେତେବେଳେ ଯାଇ ଲୋକେ ତାହାକୁ ଗ୍ରହଣ କରନ୍ତି । ତେବେ ଲୋକଙ୍କ ପାଇଁ କଥାଭାଷାର ଗୋଟାଏ ମଧ୍ୟବର୍ତ୍ତୀ ଭାଷା ହେଲେ ଯେ ଭଲ ହୁଅନ୍ତା ଏହି କଥାଟା ବହୁ କାଳଯାଏ ବୈଜ୍ଞାନିକମାନଙ୍କୁ ଘାରିଥିଲା । ସେମାନେ ମନେ କରିଥିଲେ ଯଦି ଏସପେରାଣ୍ଟୋ ବି ଏଭଳି ଭାଷା ହୁଅନ୍ତା ତେବେ ଜଣେ ହଙ୍ଗେରୀୟ, ଜାପାନୀ, ସୋମାଲୀୟଙ୍କୁ ଏକାଧିକ ଭାଷା ଶିଖିବାର ଜଞ୍ଜାଳରୁ ମୁକ୍ତି ମିଳନ୍ତା । ତାହା ହେଲେ ଗୋଟିଏ ଏସପେରାଣ୍ଟୋ ଭାଷା ଶିଖି ଦେଲେ ସବୁ ବୈଜ୍ଞାନିକଙ୍କ ସଙ୍ଗେ ଭାବର ଆଦାନ ପ୍ରଦାନ ହୋଇଯାଆନ୍ତା ।

ତେବେ ସଭା, ବୈଜ୍ଞାନିକ ଲେଖା, ଗବେଷଣା ଇତ୍ୟାଦି ତ ଏସପେରାଣ୍ଟୋ ଭାଷାରେ ହେବାର ଚାହି । କିନ୍ତୁ ସେ ଭାଷାରେ ଏ ସବୁକୁ ଅନୁବାଦ କରିବ କିଏ ? କରୁଛି କିଏ ?

ତେଣୁ ବିଜ୍ଞାନର ଲୌହ କାନୁନ; ଯାହାର ନାମ ହେଲା ଭାଷାଗତ ସମାଜବିଜ୍ଞାନ ହିଁ ଏ ଦିଗରେ ବଡ଼ ପ୍ରତିବନ୍ଧକ । ଅର୍ଥାତ୍ ବୈଜ୍ଞାନିକଙ୍କ ପାଇଁ ଏକ ସାଧାରଣ ମଧ୍ୟବର୍ତ୍ତୀ ଭାଷାହେବା ଅସମ୍ଭବ । ତେବେ ଏହି ମଧ୍ୟବର୍ତ୍ତୀ ଭାଷାର ସନ୍ଧାନ ବିଜ୍ଞାନ ପାଇଁ ଗୋଟିଏ ଅପ୍ରତ୍ୟାଶିତ ସୁଫଳ ଦେଇ ପାରିଛି ।

Digitized by srujanika@gmail.com

ଲିବ୍‌ନିଜ୍‌ଙ୍କର 'ଭାବନାର ବୀଜଗଣିତ' ର ଧାରଣା କମ୍ପ୍ୟୁଟରଯନ୍ତ୍ର ଭାଷାର ମୂଳଦୁଆ ପକାଇଛି । ୧୮୯୭ରେ ଏକ ଦଶମିକ ଶ୍ରେଣୀ ବିଭାଗ ସୃଷ୍ଟି ହୋଇଥିଲା । ଯେଉଁଥିରେ ଧାରଣା ଓ ଭାବକୁ ଶ୍ରେଣୀ ବିଭାଗ କରାଯାଇଥିଲା । ଏହା ଅବଶ୍ୟ କଥାଭାଷା କ୍ଷେତ୍ରରେ ବ୍ୟବହୃତ ହେଲା ନାହିଁ । ଏହା ବ୍ୟବହୃତ ହେଲା ଲାଇବ୍ରେରୀ ବିଜ୍ଞାନରେ । ବିଭିନ୍ନ ଜ୍ଞାନର କ୍ଷେତ୍ରରେ ବହିଗୁଡ଼ିକର ଶ୍ରେଣୀ ବିଭାଗ ଏହା ଫଳରେ ସୁଗମ ହୋଇଯାଇଛି । ଅର୍ଥାତ୍ ଲାଇବ୍ରେରୀରେ ବିଭିନ୍ନ ବିଷୟ ଯଥା ଡ଼ିଭିଜନ୍ ୬– ପ୍ରଯୁକ୍ତି ଜ୍ଞାନ, ୬୧ – ଔଷଧ, ୬୧୬.୮ ସ୍ନାୟବିକ ରୋଗ ଇତ୍ୟାଦି ଶ୍ରେଣୀ ବିଭାଗ ସମ୍ଭବ ହୋଇଛି ।

'ଅର୍ଥର ଭାଷା' ମଧ୍ୟ ବ୍ୟବହାରରେ ଲାଗିଛି । ଏହା ଅବଶ୍ୟ ମନୁଷ୍ୟର ଭାଷା କ୍ଷେତ୍ରରେ ଲାଗିନାହିଁ; ଲାଗିଛି ବିଜ୍ଞାନର ଭାଷାକ୍ଷେତ୍ରରେ । ଆଜି ସାରା ସଂସାରର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ମଧ୍ୟବର୍ତ୍ତୀ ଭାଷା ତିଆରି କରିବାରେ ନିଯୁକ୍ତ ରହିଛନ୍ତି । ଏହି ଭାଷା ମନୁଷ୍ୟ ପାଇଁ ନୁହେଁ । ଏହା ଯନ୍ତ୍ର ପାଇଁ ଏକ ସାର୍ବଜନୀନ, ଆନ୍ତର୍ଜାତିକ ଭାଷା ରୂପେ କାର୍ଯ୍ୟ କରିବ ।

Digitized by srujanika@gmail.com

ଯନ୍ତ୍ରରେ ଅନୁବାଦ

କେବେଳ 'ବିଶ୍ୱଭାଷା' ବୋଲି ନାମକରଣ ପାଇଲେ କୌଣସି ଭାଷା ବିଶ୍ୱଭାଷା ହୋଇଯିବ ନାହିଁ । ତେଣୁ ସବୁ କୃତ୍ରିମ 'ବିଶ୍ୱଭାଷା' ଏ ଦିଗରେ ବ୍ୟର୍ଥ ହୋଇଛନ୍ତି । ତେବେ ବୈଜ୍ଞାନିକମାନେ ଏକ ସାର୍ବଜନୀନ ଭାଷା ପାଇଁ ଏବେ ବି ତତ୍‌ପର ଅଛନ୍ତି । ଏହି ଭାଷା ସାମାଜିକ କାରଣରୁ ମଣିଷର ବିଶ୍ୱଭାଷା ହୋଇ ପାରିବ ନାହିଁ; କିନ୍ତୁ ଯନ୍ତ୍ରର 'ବିଶ୍ୱଭାଷା' ହୋଇ ପାରିବ ।

ମେସିନର ଚମତ୍କାରିତା

ଏବେ ଆମେ 'ମେସିନ୍ ଚେସ୍ ଖେଳୁଛି, ବା ସଙ୍ଗୀତ ତିଆରି କରୁଛି ବା ଅନୁବାଦ କରୁଛି' ବୋଲି କହିଲେ ଆଶ୍ଚର୍ଯ୍ୟ ହେଉ ନାହୁଁ । ଆଜି ଇଲେକ୍‌ଟ୍ରୋନିକ୍ କଂପ୍ୟୁଟର ନାନା ପ୍ରକାର ଧନ୍ଦାରେ ବ୍ୟାପୃତ । ଅଥଚ ଆଜିକୁ ଦଶବର୍ଷ ତଳେ ଏକଥା କେବଳ ବୈଜ୍ଞାନିକ କାହାଣୀଥିଲା । ଏହା ସତ୍ୟ ହୋଇ ପାରେ ବୋଲି ବୈଜ୍ଞାନିକମାନେ କେବଳ କଳ୍ପନା କରୁଥିଲେ ।

ଯନ୍ତ୍ରର ଅନୁବାଦ କ୍ଷମତା କିଭଳି ସମ୍ଭବ ? ଯନ୍ତ୍ରତ କୌଣସି ଭାଷା ଜାଣେ ନାହିଁ । ତାହା ନଜାଣି ଗୋଟିଏ ଭାଷାରୁ ଆଉ ଗୋଟିଏ ଭାଷାକୁ ଅନୁବାଦ କରିବ କିପରି ?

ଏ ବିଷୟରେ ଆଚ୍ଛା ଆଚ୍ଛା ଲୋକ ବି ସନ୍ଦେହ ପ୍ରକାଶ କରୁଥିଲେ । ସେମାନଙ୍କ ମତ ଥିଲା ଯେ ବିଭିନ୍ନ ଭାଷାରେ ଶବ୍ଦର ସୀମାରେଖା ଏତେ ଅସ୍ପଷ୍ଟ ଓ ଉଚ୍ଛ୍ୱାସମୟ, ଆନ୍ତର୍ଜାତିକ ଅର୍ଥମାଳା ଏତେ ବ୍ୟାପକ ଯେ ଯନ୍ତ୍ରର ଶକ୍ତି ଏଥିପାଇଁ ପର୍ଯ୍ୟାପ୍ତ ନୁହେଁ ।

ଏସବୁ ସନ୍ଦେହ ସତ୍ତ୍ୱେ ଜାନୁୟାରୀ ସାତ ତାରିଖ ୧୯୫୪ରେ ନିଉୟର୍କର ଗୋଟିଏ କମ୍ପାନି ସର୍ବସାଧାରଣରେ ଗୋଟିଏ ମେସିନ୍‌ର ପ୍ରଦର୍ଶନୀ ଦେଖାଇଥିଲେ । ମେସିନ୍‌ଟିର ନାମ ଥିଲା IBM – 701– ରୁଷ ଭାଷାରୁ ଇଂରାଜିକୁ ଗୋଟିଏ ଗାଣିତିକ ବିଷୟ ଏହି ମେସିନ୍‌ହିଁ ଅନୁବାଦ କରିଥିଲା । ୧୯୫୫ ସାଲରେ ଏକ ସୋଭିଏଟ ଇଲେକ୍ଟ୍ରୋନିକ କଂପ୍ୟୁଟର ମେସିନ୍ ରୁଷ ଦେଶରେ ପ୍ରଥମ ଯାନ୍ତ୍ରିକ ଅନୁବାଦ କରିବାରେ ସମର୍ଥ

Digitized by srujanika@gmail.com

ହୋଇଥିଲା । ତଥାପି ଅନୁବାଦ କ୍ଷେତ୍ରରେ ଯନ୍ତ୍ରର ଯାହାସବୁ ଅସୁବିଧା ରହିଛି ତାହା ଏପର୍ଯ୍ୟନ୍ତ ଦୂର ହୋଇ ନାହିଁ ।(ଏହି ପୁସ୍ତକଟି ୧୯୭୧ରେ ପ୍ରକାଶ ପାଇଥିଲା-ସଂପାଦକ)

ମନୁଷ୍ୟର ଭାଷା ହେଉଛି ନାନାବିଧଅର୍ଥ-ସମୃଦ୍ଧ, ନମନୀୟ ଓ ଅତ୍ୟନ୍ତ ସମୃଦ୍ଧ । ଏଭଳି ଏକ ଭାଷା ହତିଆରକୁ ଇଲେକ୍‌ଟ୍ରୋନିକ କଂପ୍ୟୁଟରର ଛକକଟା ଭାଷାରେ ପରିଣତ କରିବା ଯେ କେଡ଼େ କଷ୍ଟସାଧ ତାହା କଳ୍ପନାତୀତ ।

ମଣିଷର ଯାନ୍ତ୍ରିକ ଅନୁବାଦ

ଯନ୍ତ୍ରର ଉଦ୍‌ଭାବନ ପୂର୍ବରୁ ଗୋଟିଏ ଭାଷାରୁ ଅନ୍ୟ ଏକ ଭାଷାକୁ ଅନୁବାଦ କରିବାର ଅନେକ ପ୍ରଣାଳୀ ଥିଲା । ଏଥି ଭିତରୁ ଯାନ୍ତ୍ରିକ ଅନୁବାଦକୁ ଏବର ଯନ୍ତ୍ରର ଅନୁବାଦର ମଡ଼େଲ ଭାବରେ ଧରାଯାଇଛି । ଯାନ୍ତ୍ରିକ ଅନୁବାଦକୁ କେବଳ ତା'ର ମାତୃଭାଷା ଜଣାଥିଲେ ଚଳିବ । ତାକୁ ଅନୁବାଦ କରୁଥିବା ଭାଷାର କେତେଗୁଡ଼ିଏ ଶବ୍ଦର ଅର୍ଥ ଓ ତା'ର ବ୍ୟାକରଣ, ପଦବିନ୍ୟାସର ଚାର୍ଟ ଦେଇଦେଲେ ସେ ସେହି ଭାଷାରୁ ଆପଣାର ମାତୃଭାଷାକୁ ଅନୁବାଦ କରି ଦେଇପାରିବ । ମନେ କରନ୍ତୁ ଗୋଟିଏ ବହିର ବାଁ ପଟ ପୃଷ୍ଠାରେ ଥିବା ମାତୃଭାଷାର ଶବ୍ଦ ଓ ଡାହାଣ ପାଖ ପୃଷ୍ଠାରେ ଥିବା ଅନୁବାଦ କରୁଥିବା ଭାଷାର ପ୍ରତିଶବ୍ଦ । ତାହା ବି ଆପଣା ମାତୃଭାଷାର ଲିପିରେ ଲେଖାଥିବ । ମନେ କରନ୍ତୁ ଓଡ଼ିଆରେ 'ବିଦାୟ' ଇଂରାଜିରେ 'Good Bye' ବା ରୁଷଭାଷା ହୋଇଥିଲେ ଡାହାଣ ପୃଷ୍ଠାରେ ଲେଖାଥିବ do Svidaniya 'ଦଶବିଦାନିୟା' ।

ଏଭଳି ଯାନ୍ତ୍ରିକ ଅନୁବାଦ ପ୍ରକୃତ ବ୍ୟବହାର କ୍ଷେତ୍ରରେ ମଧ ଘଟିଛି । ଜଣେ ହଙ୍ଗେରୀୟ ଭାଷାବିଦ୍ ମିହାଲି ଗାବୋର ଏଭଳି ଗୋଟିଏ International Key to Translation "ଅନୁବାଦ ପାଇଁ ଆନ୍ତର୍ଜାତିକ ଚାବି" ତିଆରି କରିଥିଲେ । ଏଥିରେ ଛଅଟି ଇଉରୋପୀୟ ଭାଷା ଇଂରାଜି, ଫରାସି, ଜର୍ମାନ୍, ସ୍ପେନୀୟ, ହଙ୍ଗେରୀୟ ଓ ରୁଷୀୟ ଅନୁବାଦର ସୂଚକ ସୂତ୍ର ଗୁଡ଼ିକ ଦିଆଯାଇଥିଲା । ଏହା ଫଳରେ ବିଦେଶୀ ଭାଷାର କୌଣସି ବିଧିବିଧାନ ନ ଜାଣି ବି ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରିବା ସମ୍ଭବ ହେଉଥିଲା । ଅବଶ୍ୟ ଏଭଳି ଅନୁବାଦରେ ବହୁ ସମୟ ଲାଗୁଥିଲା ଓ ବେଳେବେଳେ ଏଭଳି ଶବ୍ଦ ଆସି ପହଞ୍ଚୁଥିଲା ଯାହାର ଅନୁବାଦ ସମ୍ଭବ ନ ଥିଲା ବା ସମ୍ଭବ ହେଲେ ବି କିମ୍ଭୁତକିମାକାର ହୋଇଯାଉଥିଲା ।

ଏହି ମଣିଷର ଯାନ୍ତ୍ରିକ ଅନୁବାଦରୁ କଳ୍ପନା କରାଗଲା ଯେ ମେସିନ୍ ତ ଏଭଳି ଅନୁବାଦ ଆହୁରି ଶୀଘ୍ର କରିଦେଇ ପାରିବ ? କାରଣ ଏଥିରେ ତ ନୂଆ ଭାଷା ଜାଣିବା ଦରକାର ନାହିଁ । କିନ୍ତୁ ବିପଦ ହେଲା ଏହି ଯେ ମଣିଷ ଅନୁବାଦକ ଆପଣାର

Digitized by srujanika@gmail.com

ମାତୃଭାଷା ଜାଣେ । ଅଥଚ ମେସିନର କୌଣସି ମାତୃଭାଷା ନାହିଁ । ମଣିଷ ଅନୁବାଦକ କୌଣସି ଅଜଣା ଭାଷାରୁ ଅନୁବାଦ କଲାବେଳେ ବି ମୋଟାମୋଟି ଅର୍ଥକୁ ନଜରରେ ରଖି ଶବ୍ଦ ଯୋଜନା କରେ ଓ ଶବ୍ଦ ନିର୍ବାଚନ କରେ । କିନ୍ତୁ ଯନ୍ତ୍ର ତ ଶବ୍ଦର ଅର୍ଥ ପାଇଁ ଆଦୌ ଖାତିରି କରିବ ନାହିଁ । ଏପରିକି ଅତି ସଂକୀର୍ଣ୍ଣ ବିଶେଷ ଧରଣର ଜ୍ଞାନର ସୀମା ଭିତରେ ଯାହା ଶବ୍ଦ ମିଳେ ସେଗୁଡ଼ିକ ଭିତରୁ ପାଞ୍ଚଭାଗରୁ ଭାଗେ ଶବ୍ଦର ଏକାଧିକ ଅର୍ଥ ଅଛି । ଅର୍ଥାତ୍ ସେହି ଶବ୍ଦଗୁଡ଼ିକ ବିଭିନ୍ନ ଅର୍ଥବୋଧକ । ତେଣୁ ଯଥାର୍ଥ ଅର୍ଥ ବାଛିବାକୁ ହେଲେ ଆମକୁ ପାରିପାର୍ଶ୍ୱିକ ଶବ୍ଦମାନଙ୍କର ସାଧାରଣ ଅର୍ଥକୁ ବୁଝିବାକୁ ପଡ଼େ ଓ ସମଗ୍ର ବିଷୟଟି ଦୃଷ୍ଟିରୁ ଦେଖିବାକୁ ପଡ଼େ । ଯେତେ ବିଦେଶୀ ଭାଷା ବିଷୟରେ ଅଜ୍ଞଲୋକକୁ ଏକଥା କରିବାକୁ ହେବ, ନ ହେଲେ ଅନୁବାଦ ଅର୍ଥହୀନ ହୋଇଯିବ । କିନ୍ତୁ ଯନ୍ତ୍ର ତ କିଛି ବୁଝେ ନାହିଁ, ତେଣୁ ଅର୍ଥର ଭରସା ଉପରେ ଚଳିବ ନାହିଁ । ତେଣୁ ଏଭଳି ପଦ୍ଧତିରେ ଯନ୍ତ୍ର ଠାରୁ ଅନୁବାଦ ଆଶା କରିବା ବୃଥା ।

ଦ୍ୱିତୀୟ ମହାଯୁଦ୍ଧ ବେଳେ ଶତ୍ରୁପକ୍ଷର ଗୁପ୍ତ କୋଡ୍‌କୁ ଯେତେବେଳେ ଭାଷାରେ ଭାଷାନ୍ତର କରାଯାଉଥିଲା, ସେତେବେଳେ କେହି ଜଣେ ଭାଷାନ୍ତରକାରୀଙ୍କ ମୁଣ୍ଡରେ ଏକଥା ଢୁକିଥିଲା ଯେ ଯଦି କୋଡ୍‌କୁ ଭାଷାରେ ଭାଷାନ୍ତର କରାଯାଇପାରିଲା, ତେବେ ବିଦେଶୀ ଭାଷା ତ ଏକ ରକମର କୋଡ୍; ତାହାକୁ କାହିଁକି ମାତୃଭାଷାରେ ଭାଷାନ୍ତର କରାଯାଇ ନ ପାରିବ । ଏକଥା ହୋଇ ପାରୁଥିଲେ ମେସିନ୍ ଅନୁବାଦ ଏକାବେଳକେ ଗାଣିତିକ ପ୍ରକ୍ରିୟାରେ ହୋଇ ଯାଆନ୍ତା । କିନ୍ତୁ ପରେ ଦେଖାଗଲା ଯେ କୋଡ୍‌ରୁ ଅର୍ଥ ବାହାର କରିବା ଓ ଅନୁବାଦ କରିବା ଏକା କଥା ନୁହେଁ । କୋଡ୍‌ରୁ ଭାଷାକୁ ଆଣିଲାବେଳେ ବା ଭାଷାରୁ କୋଡ୍‌କୁ ନେଲାବେଳେ ଆମ୍ଭେମାନେ ଭାଷା ସଙ୍ଗେ କୌଣସି ସଂପର୍କ ରଖୁନାହିଁ । ଆମେ କେବଳ ଭାଷାର ବାହ୍ୟ ରୂପକୁ ପରିବର୍ତ୍ତନ କରି ତାକୁ ଆଉ ଏକ ଗାଣିତିକ ବା ସେଭଳି ରୂପ ଦେଉଁ । ଏହା ଅତି ଯାନ୍ତ୍ରିକ ପ୍ରକ୍ରିୟା ସାହାଯ୍ୟରେ ହୁଏ । କିନ୍ତୁ ଅନୁବାଦ କଲାବେଳେ ଆମକୁ ଭାଷାକୁ ବଦଳାଇବାକୁ ପଡ଼େ । ଅର୍ଥାତ୍ ସମୁଦାୟ ବା ଅତିରିକ୍ତ ଭାବରେ ଜଟିଳ ଓ ସୂକ୍ଷ୍ମ ଭାବ ପ୍ରକାଶର ଧାରାକୁ ବଦଳାଇବାକୁ ପଡ଼େ । ଯେଉଁଧାରା ଶତାବ୍ଦି ଶତାବ୍ଦି କାଳ ଲୋକଙ୍କ ଦ୍ୱାରା ମାର୍ଜିତ ଓ ଶାଣିତ ହୋଇଛି ଓ ଯାହା ସେହି ଜାତିର ଭାବନା ସ୍ରୋତ, ଇତିହାସ, ରୀତିନୀତି, ଆଚାର ବ୍ୟବହାର, ଚଳଣି ଇତ୍ୟାଦି ଦ୍ୱାରା ନିବିଡ଼ ଭାବରେ ପ୍ରଭାବିତ ହୋଇଛି । ତେଣୁ ଯନ୍ତ୍ର ଅନୁବାଦର ପ୍ରଧାନ ସମସ୍ୟା ହେଲା ଅର୍ଥର ସମସ୍ୟା । ଅନ୍ୟ କଥାରେ ଅନୁବାଦ ହେଉଛି ଏକ ଭାଷା ସ୍ଥାନରେ ଅନ୍ୟ ଏକ ଭାଷାର ଅଧିଷ୍ଠାନ । କେବଳ ସେହି ଏକ ପ୍ରକାର ଭାବ ପ୍ରକାଶହିଁ ଏଥିରେ ସାଧାରଣ କଥା ।

Digitized by srujanika@gmail.com

ଏବେ କଂପ୍ୟୁଟର ଅନୁବାଦ ପାଇଁ ବହୁ ଗବେଷଣା ଚାଲିଛି । ଅନୁବାଦର ସମସ୍ୟା ବିଷୟରେ ଅନୁଧ୍ୟାନ କରିବାକୁ କଂପ୍ୟୁଟରର ମଧ୍ୟ ସାହାଯ୍ୟ ନିଆଯାଉଛି । ଅନୁବାଦ ପାଇଁ ଯାହା ମାଲମସଲା, ପ୍ରୋଗ୍ରାମ ଓ ଆଇନ କରାଯାଉଛି ତାହାକୁ ଯଥାଯଥ ଭାବରେ ବ୍ୟବହାର କଲେ ବାଞ୍ଛିତ ଫଳ ମିଳୁଛି କି ନାହିଁ ତାହା ପରଖ କରାଯାଉଛି । ଗୋଟିଏ ସ୍ତରରେ କୌଣସି ଭାଷାର ଶବ୍ଦ ସହିତ ଅନ୍ୟ ଭାଷାର ପ୍ରତିଶବ୍ଦକୁ ଉପଲକ୍ଷ୍ୟ କରାଯାଇ ଥିଲା । ମନେକରନ୍ତୁ ଇଂରାଜି ଭାଷାର ଗୋଟିଏ ଶବ୍ଦ ସଲ୍ୟୁସନ୍ ବା ଦ୍ରବିତ ବସ୍ତୁ । ଅନ୍ୟ ଅର୍ଥଟି ହେଉଛି ସମାଧାନ । ଏହାକୁ ରୁଷ ଭାଷାରେ ଅନୁବାଦ କଲାବେଳେ କଂପ୍ୟୁଟର କେଉଁ ଶବ୍ଦଟି ବାଛିବ ? କଂପ୍ୟୁଟରକୁ ଯଦି ଏକଥା କୁହାଯିବ ଯେ ସେହି ବାକ୍ୟ ଭିତରେ କୌଣସି ରସାୟନିକ କ୍ରିୟା ବିଷୟ ଥିବ; ତେବେ ତାହା ହେବ ଦ୍ରବିତ ବସ୍ତୁ । ଯଦି ତାହାଛଡା ଅନ୍ୟ କିଛି ଥିବ ତେବେ ହେବ ସମାଧାନ ।

ଏଭଳି ଅତି ବ୍ୟାବହାରିକ ଆଭିମୁଖ୍ୟର ପ୍ରଗତି କେତେ ବାଟ ? ଏ ସିନା SOLUTION ନାମକ ଶବ୍ଦ ପାଇଁ ଚଳିଲା, ଏହାଠାରୁ ଯଦି ଆହୁରି ଜଟିଳ ଶବ୍ଦ କିଛି ଥିବ ଯେଉଁଥିରେ ଅତ୍ୟନ୍ତ ସୂକ୍ଷ୍ମ ଭାଷାଗତ ସମସ୍ୟା କାର୍ଯ୍ୟ କରୁଥିବ ତେବେ ଯନ୍ତ୍ର ଥକା ହୋଇ ରହିଯିବ । ତେଣୁ ଗୋଟାଏ କୌଣସି ଶୃଙ୍ଖଳା ବା ନିୟମ ନ ଥାଇ ଏଭଳି ଅନ୍ଧାଧୁନିଆ ଶବ୍ଦ ଗୁନ୍ଥାରେ ଅନୁବାଦ ଚଳିବ କି ?

ତେଣୁ ମେସିନ୍ ଅନୁବାଦ ଏବେ ଭାଷାବିଦ୍‌ମାନଙ୍କର ସମସ୍ୟା । ଏହା ଗଣିତଜ୍ଞ ବା ଇନ୍‌ଜିନିଅରଙ୍କର ସମସ୍ୟା ନୁହେଁ । କେବଳ ଭାଷାତତ୍ତ୍ୱବିଦ୍‌ମାନେହିଁ ଗୋଟିଏ ଭାଷାର ନିର୍ଦ୍ଦିଷ୍ଟ ଗତିବିଧି ବିଷୟରେ ବୈଜ୍ଞାନିକ ବ୍ୟବସ୍ଥା ଦେଇ ପାରିବେ ଓ ଉପଯୁକ୍ତ ପଦ୍ଧତି ଉଦ୍‌ଭାବନ କରିପାରିବେ । ଜଣେ ଭାଷାବିଦ୍ ହିଁ ବିଭିନ୍ନ ଭାଷାର ସଂସ୍ଥା ଭିତରେ ମେଳ ଓ ଅମେଳର ବିନ୍ଦୁଗୁଡ଼ିକ ସ୍ଥିରକରି ସେଥିରୁ ସାଧାରଣ ଚରିତ୍ର ଓ ଚେହେରାଗୁଡ଼ିକୁ ସଂଗୃହୀତ ଓ ସନ୍ନିବିଷ୍ଟ କରିପାରିବେ ।

ଅନୁବାଦ ସଂକ୍ରାନ୍ତ ଗବେଷଣାର ପ୍ରଥମ ସ୍ତରରେ ଇଂରାଜିରୁ ରୁଷ ବା ରୁଷରୁ ଇଂରାଜି ବା ଜର୍ମାନରୁ ଇଂରାଜି ଏଭଳି ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରିବାର ପ୍ରଶ୍ନ ଥିଲା । ସେତେବେଳେ ଗୋଟିଏ ଭାଷାର ବିଶେଷତ୍ୱକୁ ମେସିନ୍‌ର ଭାଷାରେ ଭୁଞ୍ଜାଇ ପୁଣି ଅନୁବାଦ କରିବାକୁ ଥିବା ଭାଷାର ବିଶେଷତ୍ୱରେ ତାହାକୁ ରୂପାନ୍ତରିତ କରିବାର ପ୍ରଶ୍ନ ଥିଲା । ଏଭଳି କ୍ଷେତ୍ରରେ ପ୍ରତ୍ୟେକ ଦୁଇଟି ଭାଷା ପାଇଁ ଗୋଟିଏ ଗୋଟିଏ ସୂତ୍ର ଓ ଆନୁସଙ୍ଗିକ ପ୍ରକ୍ରିୟା ଉଦ୍‌ଭାବନ କରିବା ଥିଲା କାର୍ଯ୍ୟ । ମନେ କରନ୍ତୁ ଇଂରାଜି,ଓଡ଼ିଆ ଓ ଜର୍ମାନ ଭାଷାରୁ ରୁଷ ଭାଷାକୁ ଅନୁବାଦ କରିବାକୁ

Digitized by srujanika@gmail.com

ହେବ । ଏଭଳି ସ୍ଥଳେ ଇଂରାଜିରୁଷ, ଓଡ଼ିଆ-ରୁଷ ଓ ଜର୍ମାନ-ରୁଷ ଏଭଳି ତିନୋଟି ସେଟ୍‌ରେ ବିଧି ତିଆରି କରିବାକୁ ହେବ । ଓଲଟା ଦିଗରେ ରୁଷ ଭାଷାରୁ ଇଂରାଜି କଲାବେଳେ ଆଉ ଏକ ସେଟ ଆଇନ ତିଆରି କରିବାକୁ ହେବ । ଏଭଳି ଦେଖିଲେ ଚାରୋଟି ଭାଷାପାଇଁ ବାରୋଟି ସେଟ, ପାଞ୍ଚୋଟି ଭାଷା ପାଇଁ ୨୦ଟି ସେଟ ଓ ୨୦ଟି ଭାଷା ପାଇଁ ୩୮୦ଟି ସେଟ୍ ଦରକାର ହେବ । ସାରା ପୃଥିବୀରେ ତ ହଜାର ହଜାର ଭାଷା ରହିଛି । ତେଣୁ ଏହି ଆଲଗୋରିଥ୍‌ମ୍ ବା ଆଇନ ସଜାଡ଼ୁ ସଜାଡ଼ୁ ତ କାଠିକର ପାଠ ହୋଇଯିବ ।

ତେଣୁ ମନେ କରାଯାଉଛି ଯେ ଗୋଟିଏ ମଝିମଝିକିଆ ଭାଷାରେ ସବୁ ଭାଷାକୁ ଆଣି ପାରିଲେ ସେଥିରୁ ଅନୁବାଦ କରିଦେଲେ କଥାଟା ଖୁବ ସରଳ ହୋଇ ଯିବ । ଏହାକୁ କୌଣସି ମଟର ଗାଡ଼ିର ନିଉଟ୍ରାଲ ବା ମଧ୍ୟବର୍ତ୍ତୀ ଗିଅର ଭଳି ଚିନ୍ତା କରାଯାଇପାରେ । ଅର୍ଥାତ୍ ମଙ୍ଗୋଲୀୟ ଭାଷାର ବୋତାମ ଟିପି ସେହି ଭାଷାର ଲେଖାକୁ ଭୁଞ୍ଜାଇ ଦିଅ ଓ ତୁମେ ଯଦି ଓଡ଼ିଆ ଭାଷାର ବୋତାମ 'ଆଉଟପୁଟ' ରେ ଟିପିବ , ତେବେ ଓଡ଼ିଆ ଭାଷାରେ ସେହି ଲେଖାଅନୁବାଦ ହୋଇ ବାହାରି ଆସିବ । ଏହା ହୋଇ ପାରିବ ?

ଯଦି ଏଭଳି ଏକ ମଧ୍ୟବର୍ତ୍ତୀ ଭାଷା ବାହାରି ପାରେ ତେବେ ହୋଇ ପାରିବ ।

ମଧ୍ୟବର୍ତ୍ତୀ ଭାଷାର ବିତର୍କ

ଏହି ମଧ୍ୟବର୍ତ୍ତୀ ଭାଷାର ଗଢ଼ଣ ଏବେ ବି ବୈଜ୍ଞାନିକ ଆଲୋଚନା ଓ ବିତର୍କର ବସ୍ତୁ ହୋଇ ରହିଛି । କେତେକ କହୁଛନ୍ତି ବର୍ତ୍ତମାନ ପୃଥିବୀର ଗୋଟାଏ ସ୍ୱାଭାବିକ ଭାଷାକୁ ନିଅ, ଯଥା ଇଂରାଜି ବା ଫରାସି ବା ଜର୍ମାନ ବା ରୁଷ, ବା ସ୍ପେନୀୟ । ଏହାକୁ ମୂଳ କରି ଅନ୍ୟ ଭାଷାର ଅନୁବାଦ ପାଇଁ ସବୁ ବିଧିବିଧାନ ତିଆରି କର । କିନ୍ତୁ କଥା ଏଡ଼େ ସହଜ ନୁହେଁ । ପ୍ରତ୍ୟେକ ଜୀବନ୍ତ ଭାଷାର ନିର୍ଦ୍ଦିଷ୍ଟ ଆଇନ ଅଛି ଓ ତାହାର ବି କେତେକ ବ୍ୟତିକ୍ରମ ଅଛି । କେଉଁ ଭାଷାରେ କାରକ ବିଭକ୍ତି ଅଛି ତ କାହାର 'ଆରଟିକଲ୍' (a, an, the) ଅଛି ତ କାହାର ମୋଟେ ନାହିଁ । ବିଭକ୍ତି କାରକ ନ ଥିଲା ଭାଷାକୁ ମଧ୍ୟବର୍ତ୍ତୀ ଭାଷା କରି ନେଲେ ପୁଣି କାରକ ବିଭକ୍ତି ଯୋଡ଼ିବାକୁ ଯନ୍ତ୍ରକୁ ଶିଖାଇବାକୁ ହେବ ଓ ଅନୁଦିତ ଭାଷାରେ ଯଦି କାରକ ବିଭକ୍ତି ଥାଏ ତେବେ ମହା ଅକଳିଆ । ରୁଷ ଭାଷାରେ ବା ତୁର୍କୀ ଭାଷାରେ a, an, the ନାହିଁ, କିନ୍ତୁ ଇଂରାଜି ଓ ଫରାସି ଭାଷାରେ ଅଛି । ଏହା ଛଡ଼ା ଜୀବନ୍ତ ଭାଷାଗୁଡ଼ିକ ଅତ୍ୟନ୍ତ ଜଟିଳ ଓ ନାନାବିଧ - ଅର୍ଥ-ବିଶିଷ୍ଟ ଶବ୍ଦରେ ଭରା । ତେଣୁ ଇଲେକ୍‌ଟ୍ରୋନିକ ଯନ୍ତ୍ର ଏଭଳି ଭାଷାକୁ ମଧ୍ୟବର୍ତ୍ତୀ ଭାଷାଭାବରେ ଆୟତ୍ତ କରିପାରିବ ନାହିଁ । ତେବେ ଯେଉଁ କୃତ୍ରିମ

Digitized by srujanika@gmail.com

ଭାଷା ଯଥା ଏସ୍‌ପେରାଣ୍ଟୋ ବା ଭଲପ୍ୟୁକ, ବା ଇଣ୍ଟରଲିଙ୍ଗୁଆ ଇତ୍ୟାଦି ଥିଲା ସେଗୁଡ଼ିକ ନେଲେ କାମ ଚଳିବ ? ସେଥିରେ ବି ଚଳିବ ନାହିଁ । ଅବଶ୍ୟ ଏହି କୃତ୍ରିମ ଭାଷାଗୁଡ଼ିକରେ ବ୍ୟାକରଣ ଅପେକ୍ଷାକୃତ ସରଳ ଓ ଏମାନଙ୍କର ବ୍ୟତିକ୍ରମ ନାହିଁ । କିନ୍ତୁ ଏଗୁଡ଼ିକ ତ ସ୍ୱାଭାବିକ ଜୀବନ୍ତ ମାତୃଭାଷା ଅନୁକ୍ରମରେ ତିଆରି ହୋଇଛନ୍ତି, ତେଣୁ ଏଗୁଡ଼ିକ ବି ମଧ୍ୟବର୍ତ୍ତୀ ଭାଷା ହେବାର ଉପଯୋଗୀ ହେଉ ନାହାନ୍ତି ।

କେତେକ କହୁଛନ୍ତି ଯେ ଏହି ମଧ୍ୟବର୍ତ୍ତୀ ଭାଷାର ଏକ ନିର୍ଦ୍ଦିଷ୍ଟ ଶବ୍ଦ ଭଣ୍ଡାର ଓ ବ୍ୟାକରଣ ରହିବ, କିନ୍ତୁ ଏହି ଭାଷାକୁ ଧ୍ୱନିରେ ବା କଥାରେ କହି ହେବ ନାହିଁ । କାରଣ ଏହି ମଧ୍ୟବର୍ତ୍ତୀ ଭାଷାର ବାକ୍ୟାଂଶଗୁଡ଼ିକ ବିଭିନ୍ନ ସଙ୍କେତର ସମଷ୍ଟି ହେବ ଓ ତାହାହିଁ ନିର୍ଦ୍ଦିଷ୍ଟ ଭାବର ପ୍ରକାଶକ ହେବ । ଏହାର ବ୍ୟାକରଣ ଓ ଶବ୍ଦ ବିଭିନ୍ନ ଜୀବନ୍ତ ଭାଷାର ବ୍ୟାକରଣ ଓ ଶବ୍ଦ ସଂପଦ ଭିତରୁ ସବୁଠୁଁ ସାଧାରଣଗୁଡ଼ିକ ନେଇ ଗଢ଼ା ହେବ । ଯାହା ସାଧାରଣ ନୁହେଁ, ତାହାକୁ ପରିତ୍ୟାଗ କରାଯିବ ।

ଅନ୍ୟମାନେ କହୁଛନ୍ତି ଏକଥା ହେବ ନାହିଁ । ବରଂ ବିଭିନ୍ନ ଜୀବନ୍ତ ଭାଷାର ଯେତେ ପ୍ରକାର ବିଶେଷତ୍ୱ ଅଛି ବ୍ୟାକରଣରେ ସେ ସବୁ ପାଇଁ ସ୍ଥାନ ରହିବ । ଏହା ସବୁ ଭାଷାର ସବୁପ୍ରକାର ସୂକ୍ଷ୍ମ ଭାବପ୍ରକାଶ କରିବାର କ୍ଷମତା ରଖିବ । ତେବେ ଏକ ଭାଷାରୁ ଅନ୍ୟ ଭାଷାକୁ ବିଷୟବସ୍ତୁର ଯାତାୟାତରେ ଯେପରି କାଣିଚାଏ ଅର୍ଥ ଏପଟ ସେପଟ ନ ହୁଏ ।

ସୋଭିଏଟ ଦେଶର ଜଣେ ଯୁବକ ଗବେଷକ ଭବିଷ୍ୟତ ମଧ୍ୟବର୍ତ୍ତୀ ଭାଷାକୁ ବ୍ୟାପକ ସାର୍ବଜନୀନତା ଭିତ୍ତିରେ ଗଢ଼ିବାର ପ୍ରସ୍ତାବ ଦେଇଛନ୍ତି । ତାଙ୍କର ପ୍ରସ୍ତାବ ଅନୁସାରେ ଏହି ଭାଷା କୌଣସି ଶାସ୍ତ୍ର ଶବ୍ଦ ସମ୍ବଳିତ ଭାଷା ହେବ ନାହିଁ । ଏହା କେବଳ ବିଭିନ୍ନ ଭାଷାମାନଙ୍କ ଭିତରେ ଥିବା ଅର୍ଥଗତ ସଂପର୍କର ଗୋଟାଏ ଖସଡ଼ା ହେବ । ଉଦାହରଣ ସ୍ୱରୂପ ଓଡ଼ିଆରେ 'ଶ୍ରେଣୀ' ରୁଷରେ 'ରାଜ୍‌ପ୍ୟାଡ୍' ଇଂରାଜିରେ 'କ୍ଲାସ' ଚୀନ ଭାଷାରେ 'ଟେଙ୍ଗ' ଜାପାନୀରେ 'ଆଇ' ଇତ୍ୟାଦି ବିଭିନ୍ନ ଭାଷାରେ ସମାନ ଅର୍ଥବୋଧକ ଶବ୍ଦ ରହିଛି । ଏହି ଶବ୍ଦଗୁଡ଼ିକର ଏହି ଅର୍ଥଗତ ସାଦୃଶ୍ୟହିଁ ମଧ୍ୟବର୍ତ୍ତୀ ଭାଷାରେ ଗୋଟିଏ 'ଶବ୍ଦ' ହେବ । ଏମାନଙ୍କୁ ଗୋଟିଏ ଗୋଟିଏ ସଂଖ୍ୟା ଦ୍ୱାରା ଚିହ୍ନିତ କରାଯାଇପାରିବ ।

ତେବେ ପ୍ରଶ୍ନ ଉଠୁଛି ପଦବିନ୍ୟାସ କିପରି ହେବ ? କାରକ, ବଚନ, କ୍ରିୟାର କାଳ, ବିଭିନ୍ନ ଅବସ୍ଥା ଓ ବାଚ୍ୟ ?

ରୁଷୀୟ ଭାଷାରେ ବିଶେଷ୍ୟର ଲିଙ୍ଗ, ବଚନ ଓ କାରକ ଅଛି । ହଙ୍ଗେରୀୟ, ତୁର୍କୀ, ଚୀନା ଭାଷାରେ ବିଶେଷ୍ୟର କୌଣସି ଲିଙ୍ଗ ନାହିଁ । ଫରାସୀ ଓ ଚୀନ ଭାଷାରେ

Digitized by srujanika@gmail.com

ବିଶେଷ୍ୟର କୌଣସି କାରକ ବୁଝାଉଥିବା ବିଭକ୍ତି ଚିହ୍ନ ନାହିଁ । ଚୀନା ବିଶେଷ୍ୟରେ ବଚନ ବି ନାହିଁ (ଓଡ଼ିଆ ସଙ୍ଗେ ତୁଳନୀୟ) । ଏକବଚନ ଓ ବହୁବଚନ ଏକାଭଳି ଶୁଭନ୍ତି । ଏକାଭଳି ଲେଖା ଯାଆନ୍ତି; ସଂଖ୍ୟା ଯଥା ଏକ, ଦୁଇ ଇତ୍ୟାଦି ଯୋଡାଯାଇ ବହୁବଚନ କରାଯାଇଥାଏ । ଏଭଳି ସ୍ଥଳେ ଭାଷା ଭିତରେ ଯେବେ ଏତେ ଫାଙ୍କ ସେତେବେଳେ ଏଭଳି ଅର୍ଥର ଭାବଗୁଡ଼ିକ ଖାଲି ହୋଇଗଲେ ତ କାମ ଚଳିବ ନାହିଁ ।

ଏହି ସୋଭିଏଟ ଯୁବକ ମେଲଚୁକଙ୍କ ପ୍ରସ୍ତାବ ଅନୁସାରେ ମଧ୍ୟବର୍ତ୍ତୀ ଭାଷାର କୌଣସି ପଦବିନ୍ୟାସ ରହିବ ନାହିଁ । ସବୁ ପ୍ରକାର ପଦବିନ୍ୟାସ ଚିହ୍ନ ବା ସୂଚନା (ଲିଙ୍ଗ, ବଚନ, କାରକ, ବିଭକ୍ତି ବିଶେଷ୍ୟ ସ୍ଥଳରେ) ଶବ୍ଦ ଭିତରେହିଁ ନିହିତ ରହିବ,ବ୍ୟାକରଣରେ ନୁହେଁ । ଯଥା ତୁର୍କୀ ଶବ୍ଦ 'ତ୍ୱାଶ' (ପଥର) ମଧ୍ୟବର୍ତ୍ତୀ ଭାଷାରେ ଯୋଡ଼ିଏ ଶବ୍ଦ ହେବ ଗୋଟିଏ ଶବ୍ଦ 'ପଥର' ଆରଟି 'ବହୁବଚନ' ରୁଷ ଶବ୍ଦ 'କାମେନ୍‌ହ୍' (ପଥର) ର ଚାରୋଟି ଶବ୍ଦ ହେବ । ଗୋଟିଏ ଶବ୍ଦ ହେବ 'ପଥର' ଦ୍ୱିତୀୟଟି 'ବହୁବଚନ' ତୃତୀୟଟି ହେବ 'ପୁଂଲିଙ୍ଗ' ଓ ଚତୁର୍ଥଟି 'କର୍ତ୍ତାକାରକ' । ସେହିପରି ଚୀନା ଶବ୍ଦ 'ଶହ୍‌ଟାଭ' (ପଥର) ଗୋଟିଏ ଶବ୍ଦ ହେବ; କାରଣ ଚୀନ ଭାଷାରେ ଲିଙ୍ଗ, ବଚନ ବା କାରକ – ବିଭକ୍ତି ବିଶେଷ୍ୟ ପଦ କ୍ଷେତ୍ରରେ ନାହିଁ ।

ଶେଷୋକ୍ତ ପଦ୍ଧତିଟି କେତେ ପରିମାଣରେ ବୈଜ୍ଞାନିକ ଭଳି ମନେହେଉଛି । ଅବଶ୍ୟ ଏଭଳି ଏକ ମଧ୍ୟବର୍ତ୍ତୀ ଭାଷା ତିଆରି କରିବା ପାଇଁ ବହୁ କାଳ ଲାଗିବ । ତାହା ହୋଇଗଲେ ବି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ତ ସମାଧାନ ପାଇଁ ଏବେ ବି ରହିଛି । ତାହା ପାଇଁ ସବୁତକ ଭାଷାର ସବୁତକ ବ୍ୟବହୃତ ଶବ୍ଦକୁ ଖୋଳି ତାଡି ଭିତରୁ ଅର୍ଥର ଅଣୁ ସବୁ ଏକାଠି କରିବାକୁ ହେବ । ଏହା ହେଲେ ବି ଏକ ସ୍ୱତନ୍ତ୍ର ସୂଚନା ଯନ୍ତ୍ର କ୍ଷେତ୍ରରେ ବ୍ୟବହାରରେ ଲାଗିବ । ଏ ବିଷୟରେ ବିସ୍ତାରିତ ଆଲୋଚନା ଆମେ ଆଗରୁ କରିଥାଉଁ ।

ବିଜ୍ଞାନ ଏଭଳି କଥା ନେଇ କାରବାର କରେ ଯାହାର ଏକ ପ୍ରକାର ଅର୍ଥ ସବୁ କ୍ଷେତ୍ରରେ ହେବ ଓ ଯାହା ଅନ୍ୟ କଥାଠାରୁ ଅର୍ଥ ଭାବରେ ସବୁ କ୍ଷେତ୍ରରେ ସବୁକାଳରେ ସବୁପାତ୍ରରେ ଅଲଗା ହେବ । ଭାଷାର ଶବ୍ଦ ତ ତାହା ନୁହେଁ । ଗୋଟିଏ ଭାଷାର ଶବ୍ଦର ତ ବିଭିନ୍ନ ଅର୍ଥ ହୋଇପାରେ । ଆଗରୁ ଇଂରାଜି SOLUTION (ଓଡ଼ିଆ- (୧) ସମାଧାନ, (୨) ଦ୍ରବିତ ବସ୍ତୁ) କଥା ଆମେ ବି ଆଲୋଚନା କରିଥାଇଁ ।

ପୃଥିବୀରେ ବହୁ ପାରିଭାଷିକ କଥା କମିସନ, କମିଟି ଇତ୍ୟାଦି ବସି ବୈଜ୍ଞାନିକ ପାରିଭାଷିକ ଶବ୍ଦର ଆନ୍ତର୍ଜାତିକ ଅର୍ଥ ଠିକ୍ କରୁଛନ୍ତି । କିନ୍ତୁ ସେମାନେ ମନୁଷ୍ୟର ବିଭିନ୍ନ ଭାଷାର ଶବ୍ଦ କ୍ଷେତ୍ରରେ ଏକଥା କରିବାକୁ କେବେ ହେଲେ ଯିବେ ନାହିଁ । କାରଣ ଜୀବନ୍ତ ଭାଷା କାହାରି ଅନୁଶାସନ ବା ଫତୁଆ ମାନି ଚଳିବ ନାହିଁ ।

Digitized by srujanika@gmail.com

ଓଲଟା ଦିଗରେ ଗୋଟିଏ ଅର୍ଥ ପାଇଁ ତ ନାନାବିଧ ଶବ୍ଦ ଅଛି । ବିଭିନ୍ନ ଭାଷାରେ ଏଥିପାଇଁ ଏକ, ଦୁଇ, ପାଞ୍ଚ ଛଅଟି ବି ଶବ୍ଦ ରହିଛି । ଓଡ଼ିଆ ଭାଷାରେ 'ସଙ୍କେତ' ଶବ୍ଦର ଚିହ୍ନ, ଲେଖ, ଦାଗ, ଇତ୍ୟାଦି; ଇଂରାଜିରେ ଅଛି 'ସାଇନ' ସିମ୍ବଲ, ନୋଟ୍, ମାର୍କ, କୋଟେଶନ୍ ଇନ୍‌ଡେକ୍‌ସ । ଜାପାନୀ ଭାଷାରେ ଅଛି 'ଗୋ' 'ଫୁଗେ' ଓ 'ନିଗୋ' । ତେଣୁ ଗୋଟିଏ ଭାବର ଅର୍ଥ ଯେ ବିଭିନ୍ନ ଶବ୍ଦ ଦ୍ୱାରା ପ୍ରକାଶ ପାଏ ଏକଥାକୁ ବି ମଧ୍ୟବର୍ତ୍ତୀ ଭାଷାରେ ବ୍ୟବସ୍ଥା କରିବାକୁ ହେବ ।

ଥିସୌରସ୍ ପଦ୍ଧତି

ତଥାପି ବୈଜ୍ଞାନିକମାନଙ୍କର ଆଶା ରହିଛି ଯେ ଏକ ମଧ୍ୟବର୍ତ୍ତୀ ଭାଷା ବାହାରି ପାରିବ । ଯାହାକୁ କଂପ୍ୟୁଟର ଦେହରେ ଭୁଞ୍ଜାଇ ଦେଲେ କମ୍ପ୍ୟୁଟର ଯେ କୌଣସି ଭାଷାର ଲେଖାକୁ ଅନ୍ୟ ଯେ କୌଣସି ଭାଷାରେ ଅନୁବାଦ କରିଦେବ । ଏହି ଭାଷାର ଉଦ୍‌ଭାବନ ଦିଗରେ ଏବେ ଇଂଲଣ୍ଡର କେମ୍ବ୍ରିଜ ଗୋଷ୍ଠୀ ବି ସକ୍ରିୟ ହୋଇଛନ୍ତି । ସେମାନଙ୍କର ପଦ୍ଧତି ହେଉଛି ଥିସୌରସ୍ ପଦ୍ଧତି ।

ଥିସୌରସ୍ ହେଉଛି ଏକ ବିଶେଷ ଧରଣର ଅଭିଧାନ । ଏଥିରେ ଶବ୍ଦଗୁଡ଼ିକ ବିଭିନ୍ନ ଗୋଷ୍ଠି, ଶ୍ରେଣୀ,ଧାରଣା ଅନୁସାରେ ଏକତ୍ର କରାଯାଇଥାଏ । ଏହି ଥିସୌରସ୍‌ର ସବୁଠାରୁ ଜଣାଶୁଣା ନମୁନା ହେଲା ରୋଜେଟଙ୍କ ଥିସୌରସ୍ । ଏହାର ପକେଟ ସଂସ୍କରଣ ଯେ କୌଣସି ରେଲବାଇ ବହି ଦୋକାନ ବା ସାଧାରଣ ବହି ଦୋକାନରେ ମିଳିବ । ଏହି ବହି ଗତ ଶତାବ୍ଦୀର ମଝିଲା କାଳରେ ପ୍ରଥମେ ସଂକଳିତ ହୋଇଥିଲା । ଏବେ ଏହା ଲକ୍ଷ ଲକ୍ଷ ସଂଖ୍ୟାରେ ପରିବର୍ଦ୍ଧିତ ଓ ପରିମାର୍ଜିତ ସଂସ୍କରଣ ଭାବରେ ବାହାରି ସାରିଛି । ଏହି ଅଭିଧାନରେ ଶ୍ରେଣୀଗୁଡ଼ିକ ଉପଶ୍ରେଣୀ ବା ସେକ୍‌ସନ ଭାବରେ ବିଭକ୍ତ ଓ ସେକସନଗୁଡିକର ଉପବିଭାଗ ହେଉଛି କ୍ୟାଟିଗରିଜ୍ (ଧରଣ); ମୋଟରେ ଏଥିରେ ଛଅଟି ଶ୍ରେଣୀ । ଚବିଶଟି ସେକସନ୍ ଓ ଏକ ହଜାରରୁ ବେଶି ଧରଣ ବା କ୍ୟାଟିଗରି ରହିଛି । ଉଦାହରଣ ସ୍ୱରୂପ ଶ୍ରେଣୀ ବିଭାଗର Space ନାମକ ଶବ୍ଦ ନିଆଯାଉ । ଏହାର ସେକ୍‌ସନମାନେ ହେଲେ 'ସାଧାରଣ ଭାବରେ 'SPACE' 'ଦୈର୍ଘ୍ୟ, ପ୍ରସ୍ଥ, ବେଧ, ଆକାର,ଗତି, ଇତ୍ୟାଦି ।

'ଗତି' ସେକ୍‌ସନ ପୁଣି ଅନେକ ଗୁଡ଼ିଏ କ୍ୟାଟିଗରିରେ ବିଭକ୍ତ । ସାଧାରଣ ଭାବରେ 'ଗତି' 'ଗତିର ବିଭିନ୍ନ ପରିମାଣ' 'ଚାପ ସହିତ ଗତି' 'ଦିଗ ସହିତ ସମ୍ପର୍କିତ ଗତି' ପୁଣି ଏଥିରୁ ଆହୁରି ଉପବିଭାଗ ହୋଇଛି ଯେଉଁଥିରେ ଅଛି 'ଭ୍ରମଣ' 'ନୌଯାତ୍ରା' 'ଆକାଶ ଯାତ୍ରା' 'ପର୍ଯ୍ୟଟକ' 'ନୌଯାତ୍ରୀ' । ଏହିପରି ଭାଷାର ସବୁଗୁଡ଼ିକ ଶବ୍ଦ ଏହି କ୍ୟାଟିଗରିରେ ବିଭକ୍ତ କରାଯାଇଛି ।

Digitized by srujanika@gmail.com

ଏହାଛଡା ବର୍ଣ୍ଣାନୁକ୍ରମିକ ତାଲିକା ବି ଅଛି । ଯେଉଁଥିରୁ ଶବ୍ଦ କେଉଁ ଶ୍ରେଣୀର, କେଉଁ ସେକଶନ ଓ କେଉଁ କ୍ୟାଟିଗରିରେ ପଡ଼ିବ ତାହା ସେହି ତାଲିକା ଦେଖିଲେ ଜାଣି ହେବ ।

ଯେଉଁଠି ଶବ୍ଦର ଅନେକ ଗୁଡ଼ିଏ ଅର୍ଥ ଅଛି ଯଥା 'Flat' – ତେବେ ରୋଜେଟ୍‌ଙ୍କ ତାଲିକାରେ ତାହା ବିଭିନ୍ନ ଶ୍ରେଣୀ, ସେକ୍‌ଶନ୍ ଓ କେଉଁ କେଉଁ ସ୍ଥାନରେ ଅଛି ଦର୍ଶାଇ ଦିଆଯାଇଛି । ଯଥା ଏହି ଫ୍ଲାଟ୍ ଶବ୍ଦଟି ୧୭୨ ନମ୍ବରରେ ଅନଡ଼, ୧୯୧ ନମ୍ବରରେ ରହିବା ଘର, ୨୦୭ରେ ନୀଚା, ୨୧୩ରେ ଭୂମି ସହିତ ସମାନ୍ତର ଇତ୍ୟାଦି ଭାବରେ ଲେଖାଯାଇଛି । ତେଣୁ ଗୋଟିଏ ଶବ୍ଦର ବିଭିନ୍ନ ଅର୍ଥ ଥିଲେ ତାହା ବିଭିନ୍ନ ଶ୍ରେଣୀ, ସେକଶନ ବା କ୍ୟାଟିଗରିରେ ମିଳିବ ।

ରୋଜେଟ୍‌ଙ୍କ ଏହି ବିଶେଷ ଧରଣର ଅଭିଧାନ ଇଂରାଜି ଭାଷା ଶବ୍ଦଗୁଡ଼ିକୁ ନେଇ ତିଆରି ହୋଇଥିଲା । ଏବେ ପୃଥିବୀର ବହୁ ଭାଷାରେ ଏଭଳି ବିଶେଷ ଧରଣର ଅଭିଧାନ ତିଆରି ହେଲାଣି ଓ ଏହି ଥିସୌରସ୍ ପଦ୍ଧତି ଅନୁସାରେ ଏବେ ଶ୍ରେଣୀଗୁଡ଼ିକ କେବଳ ଇଂରାଜି ଭାଷାରେ ନୁହେଁ, ଅନ୍ୟ ଭାଷାରେ ବି ଏକାଠି ଲେଖା ହେଲାଣି ଓ ଏଥିରୁ ସେକଶନ ଓ କ୍ୟାଟିଗରିରେ ବିଭିନ୍ନ ଭାଷାର ଶବ୍ଦମାନଙ୍କୁ ନିଆ ହେଲାଣି । ଏପରି ଭାବରେ ମଧ୍ୟବର୍ତ୍ତୀ ଭାଷାର ଶବ୍ଦ ଭଣ୍ଡାର ତିଆରି ହେଉଛି ।

ଗୋଟିଏ ଥିସୌରସ୍ ସାହାଯ୍ୟରେ ଅନୁବାଦ କରିବା ହେଉଛି ଏକ ଅଜବ ବ୍ୟାପାର । ଏହା ଦ୍ୱାରା ଗୋଟା ଗୋଟା ପାରାର ଅନୁବାଦ ହେବ । ବାକ୍ୟର ଅନୁବାଦ ହୁଏ ନାହିଁ । ଗୋଟିଏ ପାରାରୁ ଗୋଟିଏ 'ଅର୍ଥଗତ ସୂତ୍ର' ବାହାର କରାଯାଏ । ସେହି ପାରାର ଅର୍ଥଗୁଡ଼ିକ ଥିସୌରସ୍‌ର ସଂଖ୍ୟା ଅନୁସାରେ ପ୍ରକାଶ କରାଯାଏ । ତା'ପରେ ଯେଉଁ ଭାଷାକୁ ଅନୁବାଦ କରାଯିବ, ସେହି ଭାଷାର 'ଅର୍ଥଗତ ସୂତ୍ର' ସମ୍ପାଦନ କରାଯାଏ । ତାହା ହୋଇଗଲେ ଭାଷାରୁ ଭାଷାନ୍ତର ହୋଇଯାଏ ।

ଥିସୌରସ୍ ପଦ୍ଧତି ଠାରୁ ଆଉ ଟିକିଏ ଉନ୍ନତ ପଦ୍ଧତି ଏବେ ସୋଭିଏତ ରୁଷରେ ଚଳିଲାଣି । ଏହାକୁ 'ଅର୍ଥ-ଗତ ଭାଷା' ପଦ୍ଧତି କୁହାଯାଇପାରେ ।

ପୃଥିବୀର ସବୁ ଭାଷାରେ ହଜାର ହଜାର ବିଭିନ୍ନ ଶବ୍ଦ ଅଛି ଓ ପ୍ରତ୍ୟେକ ଶବ୍ଦର ସ୍ୱକୀୟ ଅର୍ଥ ଅଛି । ଆଉ ଟିକିଏ ତଳେଇକରି ଦେଖିଲେ ଗୋଟିଏ ଶବ୍ଦର କେତେଗୁଡ଼ିଏ ମୌଳିକ ଅର୍ଥ ରହିଛି ।

ମନେକରନ୍ତୁ ଆମେ ଆଠଟି ଶବ୍ଦ ନେଲେ; ଯଥା – ବାପା, ମା, ପୁଅ, ଝିଅ, ମାମୁଁ, ମାଇଁ, ଭଣଜା, ଭାଣିଜି । ପ୍ରତ୍ୟେକର ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ଅର୍ଥ ଅଛି । କିନ୍ତୁ ଆମେ ଯଦି ବାପ, ପୁଅ, ମାମୁଁ ଓ ଭଣଜା ଏହି ଚାରୋଟି ଶବ୍ଦ ନେଉ ତେବେ

Digitized by srujanika@gmail.com

ସେମାନଙ୍କର ଗୋଟିଏ ସାଦୃଶ୍ୟ ଅଛି । ସେମାନେ ସଭିଏଁ ପୁଂଲିଙ୍ଗ । ତେଣୁ ଆମର ଗୋଟିଏ, ଲିଙ୍ଗ ବାହାରିଲା । ପୁଂଲିଙ୍ଗ ହେଲା A ଓ ଯାହା ପୁଂଲିଙ୍ଗ ନୁହେଁ ତାହା ହେଲା $\overline{A}$ ।

ପୁଣି ଅର୍ଥକୁ ବିଶ୍ଳେଷଣ କଲେ ବାପା, ମା ସଙ୍ଗେ ପୁଅ, ଝିଅଙ୍କର ପ୍ରତ୍ୟକ୍ଷ ସଂପର୍କ । ଝିଅର ମାଇଁ ସଙ୍ଗରେ ବା ପୁଅର ମାମୁଁ ସଙ୍ଗରେ ପ୍ରତ୍ୟକ୍ଷ ସଂପର୍କ । ତେଣୁ ପ୍ରତ୍ୟକ୍ଷ ସଂପର୍କ ପାଇଁ ଯଦି B ଧରାଗଲା ତେବେ ଅପ୍ରତ୍ୟକ୍ଷ ସଂପର୍କ ହେଲା $\overline{B}$ ।

ପୁଣି ଶେଷରେ ବାପା, ମା, ମାମୁଁ, ମାଇଁ ଙ୍କୁ ପୁଅ, ଝିଅ, ଭଣଜା, ଭାଣିଜି ସାଙ୍ଗରେ ତୁଳନା କରାଗଲେ ଏମାନେ ଦୁଇଟି ପୁରୁଷର ବା ପିଢ଼ିର ଲୋକ । ଯଦି ଏହି ପିଢ଼ିକୁ ଧରାଯାଏ C ତେବେ ତା'ର ମଧ୍ୟବର୍ତ୍ତୀ ପିଢ଼ି ହେଲା $\overline{C}$ । ତେଣୁ ବାପା ହେଲା ABC, ମା ହେଲା $\overline{A}BC$, ମାମୁଁ ହେଲା $A\overline{B}C$, ମାଇଁ ହେଲା $\overline{AB}C$, ପୁଅ ହେଲା $AB\overline{C}$, ଝିଅ $\overline{A}B\overline{C}$ ହେଲା, ଭଣଜା ହେଲା $A\overline{B}C$, ଭାଣିଜି ହେଲା $\overline{A}B\overline{C}$ ।

ଆଗରୁ କୁହାଯାଇଛି ଆମେରିକାର ପେରିଓକେଣ୍ଟ ଗାଣିତିକ-ସୂଚନା-ଯନ୍ତ୍ର ପାଇଁ ଏକ ସ୍ୱତନ୍ତ୍ର ଅର୍ଥଗତ ଭାଷା ତିଆରି କରିଥିଲେ । ତେବେ ସେମାନେ ଏହି ଭାଷାଟି ଧାତବ ଦ୍ରବ୍ୟ-ବିଦ୍ୟା ପାଇଁ ତିଆରି କରିଥିଲେ । କିନ୍ତୁ ନିତିଦିନିଆ କଥାଭାଷାକୁ ଏଭଳି ଭାବରେ ତିଆରି କରିବାରେ ବହୁ ଆୟାସ ଲୋଡ଼ା, ତେବେ ଏକଥା କିଛି ବାଟ ଆଗେଇଲାଣି । ଏବେ ଇଂରାଜୀରେ "ଏହା ନୂଆ କଥା ନୁହେଁ" ଭୁଞ୍ଜାଇ ଦେଲେ ରୁଷରେ ତା'ର ଅନୁବାଦ ହେଉଛି "ଏହା ଆଗରୁ ଜଣାଅଛି ।"

ମନୁଷ୍ୟର ଭାଷା ଓ ଯନ୍ତ୍ରର ଭାଷା

ଏଭଳି 'ଅର୍ଥଗତ ଗୁଣ' ଗୁଡ଼ିକ ଶିଖାଇ ଗବେଷକମାନେ ଯନ୍ତ୍ରକୁ ଅନୁବାଦ କରିବାକୁ ଥିବା ବିଷୟଟିର ଅର୍ଥ ବୁଝାଇ ପାରିବେ ବୋଲି ଆଶା କରୁଛନ୍ତି । ତେବେ ଯେଉଁ ଯନ୍ତ୍ର ଏକଥା କରି ପାରିବ ତାହା ନିଶ୍ଚୟ ଖୁବ୍ ପାରିବାର ଯନ୍ତ୍ର । ଏଭଳି ଯାନ୍ତ୍ରିକ ଅର୍ଥ-ବୋଧ ପାଇଁ ସବୁ ଏକଦମ୍ ରୋକଠୋକ ଓ ବିଧିବୋରନ୍ତ ହେବା ଚାହି । ଆମେରିକାର ବୈଜ୍ଞାନିକମାନେ ଥିସୌରସ୍ ପଦ୍ଧତିରେ ଏକ ଉପରଠାଉରିଆ 'ଅର୍ଥବୋଧିନୀ' ମଧ୍ୟବର୍ତ୍ତୀ ଭାଷା ଯୋଗୁଁ ଇଂରାଜିର ପ୍ରବଚନକୁ 'Out of sight, out of mind'– ଯାହାର ଅନୁବାଦ ହେବାର କଥା 'ଆଖିରୁ ଅନ୍ତର ହେଲେ ମନରୁ ବି ଅନ୍ତର" – ଯନ୍ତ୍ର ଅନୁବାଦ ହେଲା – "ଦୃଷ୍ଟିଶକ୍ତି ନାସ୍ତି ମାନସିକ ଶକ୍ତି ନାସ୍ତି" = "ଅନ୍ଧ ନିର୍ବୋଧ" !

Digitized by srujanika@gmail.com

ଯନ୍ତ୍ରର କଠୋର ଓ ରୋକଠୋକ୍ ଭାଷା ଏବେ ବୈଜ୍ଞାନିକ ଭାଷା ଉପରେ ବି ଆପଣାର ପ୍ରଭାବ ପକାଇଲାଣି । ଯେହେତୁ ଯନ୍ତ୍ର ବାଛେ, ଗୋଳିଆପୋଳିଆ କଥାକୁ ଧରି ପାରିବ ନାହିଁ; ତେଣୁ ଯନ୍ତ୍ର ଆଗରେ ଯେଉଁ ସମସ୍ୟା ଥୋଇବାର ଇଚ୍ଛା, ତାହାକୁ ଅତିରେକ ପରିଷ୍କାରଭାବରେ ଥୋଇବାକୁ ହେବ । ବୋଧହୁଏ ଯନ୍ତ୍ର (ଅନୁବାଦକ) ଯିଏ 'ଅର୍ଥବୋଧିନୀ' କଣିକା ଉପରେ ନିର୍ଭର କରୁଛି ସିଏ ଅବଶ୍ୟ ମାନବବିଦ୍ୟାର କାରୁକର୍ମୀମାନଙ୍କୁ ଭାବପ୍ରକାଶରେ ଆହୁରି ସ୍ପଷ୍ଟ ଓ ଦ୍ୱିଧାହୀନ ହେବାକୁ ବାଧ କରିବ । ଫଳରେ ଆମ୍ଭେମାନେ ଶବ୍ଦଯୋଜନା ଓ ଶୈଳୀରେ ଆହୁରି ସ୍ପଷ୍ଟ, ସଂଯତ ଓ ଯଥାଯଥ ହେବାକୁ ବାଧ ହେବା । ତେଣୁ ହୁଏତ ମଣିଷର ଲେଖା ଭିତରେ ଗୁଡ଼ାଏ ଆବୁରୁ ଜାବୁରୁ, ବାଛେ, ଅଦରକାରୀ ଶବ୍ଦ ଓ ବାକ୍ୟାଂଶ ରହିବ ନାହିଁ । ତେବେ କ'ଣ ଏହାର ମାନେ ହେଲା ମଣିଷର ଭାଷା ଯନ୍ତ୍ର ଭାଷାର ଚରିତ୍ର ଗ୍ରହଣ କରିଯିବ ? କେବେ ନୁହେଁ । ଜୀବନ୍ତ ଭାଷା ଭିତରେ ଏଭଳି ଜୀବନ୍ତ ସ୍ଫୁଲିଙ୍ଗ ରହିଛି ଯାହା କଦାପି 'ଅର୍ଥବୋଧିନୀ' କଣିକା ଉପରେ ନିର୍ଭର କରିବ ନାହିଁ ।

❐ ✸ ❐

Digitized by srujanika@gmail.com

ଛାୟାପଥର ଭାଷା

(ଆଦିମ ମଣିଷ କେବଳ ତା'ର ପାଖଆଖର ଉପଜାତୀୟ ଭାଇ ବିରାଦରଙ୍କ ସଙ୍ଗେ ଭାବ ଆଦାନ ପ୍ରଦାନ କରୁଥିଲା । ତା'ପରେ ମଣିଷ ଧୀରେ ଧୀରେ ଅନ୍ୟ ଉପଜାତି ଓ ଲୋକମାନଙ୍କର ଭାଷା ଆୟତ୍ତ କଲା । ବିଭିନ୍ନ ଭାଷାଭାଷୀଙ୍କ ଭିତରେ କଥୋପକଥନ ଚଳିଲା । ଏବେ ପୃଥିବୀର ଯେ କୌଣସି ଭାଷାର ମଣିଷ ଇଚ୍ଛା କଲେ ଦୋଭାଷୀ ସାହାଯ୍ୟରେ ଓ ବିଜ୍ଞାନର ଅନ୍ୟ ସବୁ ଆଧୁନିକ ଉପକରଣ ନେଇ ଭାବ ବିନିମୟ କରିପାରିବ ।

କିନ୍ତୁ ଯଦି ପୃଥିବୀ ବାହାରେ କୌଣସି ମଣିଷ ବା ମଣିଷ ଭଳି ବୁଦ୍ଧିମାନ ପ୍ରାଣୀ ଥାଆନ୍ତି, ସେମାନଙ୍କ ସହିତ କଥାଭାଷା ହୋଇପାରିବ କି ? ସେ ଭାଷା କିଭଳି ହେବ ? ଆଜି ବୈଜ୍ଞାନିକମାନେ ଏକ ଶୂନ୍ୟ-ଲୋକ ବା ଛାୟାପଥ ଭାଷା ତିଆରିରେ ଲାଗିଛନ୍ତି । ଯଦି ପୃଥିବୀ ବାହାରେ ମଣିଷ ଭଳି ବୁଦ୍ଧିମାନ ପ୍ରାଣୀ ବା ମନୁଷ୍ୟଠାରୁ ଆହୁରି ବୁଦ୍ଧିମାନ ପ୍ରାଣୀ ଥାଆନ୍ତି ....)

ଇରୁଣ୍ଡି ବନ୍ଧରେ

ବିଜ୍ଞାନ-ଉପନ୍ୟାସ ବା ବିଜ୍ଞାନ କଳ୍ପନା-ଉପନ୍ୟାସରେ ଆମେ ବେଳେବେଳେ 'ପୃଥିବୀ ବାହାର ମଣିଷ' କଥା ଶୁଣିବାକୁ ପାଉ । ମନୁଷ୍ୟ ଏବେ ମହାଶୂନ୍ୟରେ ପ୍ରବେଶ କରିଛି ଓ ଅନ୍ୟ ଗ୍ରହମାନଙ୍କୁ ଉଡ଼ିଯିବାକୁ ଯୋଗାଡ଼ ଯନ୍ତ୍ର ଚଳେଇଛି । ତେଣୁ ଧୀରେ ଧୀରେ ଉପନ୍ୟାସ - କାହାଣୀର ଗୋଟିଏ ଗୋଟିଏ କଳ୍ପନା ସତ୍ୟ ହେବାରେ ଲାଗିଛି । ଆଜିକୁ ବହୁ ବର୍ଷ ତଳେ ଜୁଲସ୍‌ଭର୍ଣ୍ଣ ନାମକ ବିଜ୍ଞାନ ଔପନ୍ୟାସିକ ଚନ୍ଦ୍ର ଅଭିଯାନ କଥା କଳ୍ପନା କରିଥିଲେ । ତାହା ସେବେ ଥିଲା କଳ୍ପନା । ଏବେ ତାହା ବାସ୍ତବ ହୋଇଛି । ତେଣୁ ମଙ୍ଗଳ, ଶୁକ୍ର ବା ବୃହସ୍ପତି ଅଭିଯାନ ଏବେ ଯେ କଳ୍ପନା ଭିତରେ ତାହା ବି ବାସ୍ତବ ଭିତରକୁ ଆସିବାର ସମ୍ଭାବନା ଖୁବ୍ ଉଜ୍ଜ୍ୱଳ ହେଲାଣି ।

ତେବେ କଥା ହେଉଛି ଏହି ଗ୍ରହଜଗତ୍‌ରେ ଅର୍ଥାତ୍ ସୌରଜଗତ୍‌ର ଏହି ଗ୍ରହମଣ୍ଡଳରେ ମନୁଷ୍ୟ କ'ଣ ତା'ଭଳି ବୁଦ୍ଧିମାନ ପ୍ରାଣୀ ବା ବସ୍ତୁ ଭେଟିବ ? ଯଦି

Digitized by srujanika@gmail.com

ଭେଟିବ ତେବେ ସେହି ପ୍ରାଣୀ ସାଙ୍ଗରେ ମନୁଷ୍ୟର କିଭଳି ସମ୍ଭାଷଣ ହେବ, ଭାବ ବିନିମୟ ହେବ ?

ମନେ ହୋଇପାରେ ଏକଥା 'ନଈ ନ ଦେଖୁଁଣୁ ନଙ୍ଗଳା' ହେବା କଥା । ଆଉ ସବୁ କାମ ଛାଡି ଯଦି ଜ୍ୟୋତି-ପ୍ରାଣି ବିଜ୍ଞାନୀ, କଂପ୍ୟୁଟର ତତ୍ତ୍ୱଜ୍ଞ, ଜ୍ୟୋତିର୍ବିଦ୍, ଗଣିତଜ୍ଞ ଓ ଭାବ ଆଦାନପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶାରଦ ଲାଗନ୍ତି ତେବେ ତ ମଣିଷ କୃତାର୍ଥ ! ଏବେ ବିଜ୍ଞାନର ଏତେ ଉପଯୋଗ ହେଲେ ବି ପୃଥିବୀର ମନୁଷ୍ୟର ଦୁଃଖବେଦନା ତୁଟିନାହିଁ । ଏବେ କୋଟି କୋଟି ନିରାହାର, ଅର୍ଦ୍ଧାହାର ରହିଛନ୍ତି । ପ୍ରାକୃତିକ ବିପଦ, ଯୁଦ୍ଧ, ମହାମାରୀ, ବେକାରି ଏବେ ବି ଦୁନିଆର ଅର୍ଦ୍ଧେକ ଅଂଶ ଘୋଟି ରହିଛି । ତେଣୁ ବିଜ୍ଞାନୀମାନେ ଏକଥାରେ ମୁଣ୍ଡ ନ ପୂରାଇ ଚକୁଳିବିନ୍ଧ ଗଣୁଛନ୍ତି କାହିଁକି ? ଏଭଳି ଯୁକ୍ତି ଅଯଥାର୍ଥ ନୁହେଁ । ତେବେ ମନୁଷ୍ୟର ଜିଜ୍ଞାସୁ ପ୍ରବୃତ୍ତି ମହାଶୂନ୍ୟକୁ ଭେଦକରି ସାରିଲାଣି । ଏ ଧରା ତଳର ଦୁଃଖ କ୍ଳେଶ ପାଇଁ ଉଦ୍ୟମ ତ ହେବ, ତାହା ଜଣେ ବୈଜ୍ଞାନିକ ବା ଦାର୍ଶନିକର କାର୍ଯ୍ୟ ନୁହେଁ । ତାହା ଧରାତଳବାସୀ ନିପୀଡିତ ଜନସାଧାରଣଙ୍କର କାର୍ଯ୍ୟ । କିନ୍ତୁ ତାହା ସତ୍ତ୍ୱେ ଦୁନିଆରେ ବିଜ୍ଞାନର ଅନୁସନ୍ଧାନ ଆଗକୁ ଆଗକୁ ଧାଇଁବ । ଧାଇଁବାକୁ ବାଧ । ଏହା ହିଁ ତାହାର ଧର୍ମ ।

ମଣିଷର ଏହି ମହାଶୂନ୍ୟ ଯାତ୍ରାରେ କାହା ସଙ୍ଗେ ଭେଟ ହୋଇ ପାରେ ? ମଣିଷ କ'ଣ ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଏକାକୀ ନାଁ ତାହାପରି ଚିନ୍ତା କରିପାରୁଥିବା ଲୋକ ଆଉ କେଉଁଠି ଅଛନ୍ତି ? ଯଦି ଥାଆନ୍ତି ତେବେ ମଣିଷ କି ସେମାନଙ୍କ କଥା ବୁଝି ପାରିବ ? ବିଭିନ୍ନ ଗ୍ରହରେ ଯଦି କୌଣସି କୌଣସି ସଂସ୍କୃତି ଥାଏ ତାହା ସଙ୍ଗେ କ'ଣ ମନୁଷ୍ୟ ସଂସ୍କୃତିର ବିନିମୟ ସମ୍ଭବ ?

ମୂଳରୁ କହିଦେଲେ ହୁଏତ ରସଭଙ୍ଗ ହେବ । କିନ୍ତୁ କହିଦେବା ଉଚିତ । ବୋଧହୁଏ ଏହି ବିଶ୍ୱବ୍ରହ୍ମାଣ୍ଡର ତାରକାଲୋକରେ ଛାୟାପଥରେ ମଣିଷର କେହି 'ଭାଇ' ନାହିଁ ।

ଏପର୍ଯ୍ୟନ୍ତ ମଣିଷର ମଙ୍ଗଳବାସୀ ସଙ୍ଗେ ଭେଟ ହୋଇ ନାହିଁ । ଶୁକ୍ରଗ୍ରହବାସୀ ସଙ୍ଗେ ବି ଦେଖା ମିଳି ନାହିଁ । ସୌର ଜଗତର କୌଣସି ଗ୍ରହବାସୀ ସଙ୍ଗେ କେବେ ମନୁଷ୍ୟର ସାକ୍ଷାତ ହୋଇ ନାହିଁ । ଅଥବା ଯେଉଁ ଛାୟାପଥ ଭିତରେ ଆମର ସୌରଜଗତର ଅର୍ଥାତ ସୂର୍ଯ୍ୟ, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ନେପ୍‌ଚ୍ୟୁନ, ଶନି, ଇଉରାନସ୍, ପ୍ଲୁଟୋ ଗ୍ରହମାନେ ଓ ସେମାନଙ୍କ ଭିତରୁ କେତେକଙ୍କର ଉପଗ୍ରହମାନେ ଅଛନ୍ତି ସେଥିରେ ତ ମଣିଷ ତା'ଛଡା ଅନ୍ୟ ବୁଦ୍ଧିଥିଲା ଜନ୍ତୁକୁ ଭେଟି ନାହିଁ । ତାହା ବାହାରେ ବି ଛାୟାପଥର ଅନ୍ୟ କୌଣସି ସୌର ଜଗତରୁ ବି କାହାରିକୁ ଦେଖିନାହିଁ ।

Digitized by srujanika@gmail.com

ତେବେ ବି ବୈଜ୍ଞାନିକମାନେ ଅଣୁ ଓ ପରମାଣୁକୁ ଠଉରାଇବା ପୂର୍ବରୁ ତ ସେମାନଙ୍କର ଅସ୍ତିତ୍ୱ କଥା ଜାଣିଥିଲେ । ପେନସିଲ ଓ କାଗଜ ଘେନି ତ ଜ୍ୟୋତିର୍ବିଦ୍‌ମାନେ ଗ୍ରହ ଓ ଉଲକାପିଣ୍ଡମାନଙ୍କୁ ଆବିଷ୍କାର କରୁଛନ୍ତି ।

ଆମର ପଦାର୍ଥ, ମନୁଷ୍ୟ, ଜୀବବିଜ୍ଞାନ, ସାମାଜିକ ବିଜ୍ଞାନର ବିଶାଳ ଆଇନକାନୁନର ଭଣ୍ଡାରକୁ ଚାହିଁଲେ ଜଣାପଡୁଛି ଯେ ଏତେଗୁଡ଼ିଏ ପ୍ରାକୃତିକ ଆଇନ କେବଳ ଏହି ବିଶ୍ୱବ୍ରହ୍ମାଣ୍ଡର ସୂକ୍ଷ୍ମାତିସୂକ୍ଷ୍ମ ଅଂଶ ମନୁଷ୍ୟ ପାଇଁ ହୋଇଥିବ ? ଏଥିରୁ ସୂଚନା ମିଳୁଛି ଯେ ମଣିଷ କେବଳ ଏହି ବିଶ୍ୱର ବାସିନ୍ଦା ଓ ଏକମାତ୍ର ଅଧିକାରୀ ନୁହେଁ ଆଉ ବୁଦ୍ଧିମାନ ପ୍ରାଣୀ ବୋଧହୁଏ ଅଛନ୍ତି ।

ଏକଥା କ'ଣ ହୋଇପାରେ ଯେ ଆମର ସୂର୍ଯ୍ୟର (ଯାହା ଆମରି ଛାୟାପଥର ଗୋଟିଏ ମଧ୍ୟଭଳିଆ ତାରା) କେବଳ ଗୋଟିଏ ଗ୍ରହ ରାଜ୍ୟ ଅଛି, ଅନ୍ୟ କୌଣସି ତାରାର ନାହିଁ । ପୁଣି ଯଦି ବା ଅନ୍ୟ ତାରାମାନଙ୍କର ବି ଗ୍ରହ ଅଛି ସେମାନେ କି ନିଷ୍ପ୍ରାଣ, ମୃତ; ସେଠାରେ କ'ଣ ଆମର ପୃଥିବୀ ପରି ଜୀବନର ଉନ୍ମେଷ ହୋଇନାହିଁ ? ଏହି ପୃଥିବୀ କ'ଣ ଏକମାତ୍ର ଜୀବନ୍ୟାସ ମନ୍ତ୍ର ପାଇଛି ? ବିଶ୍ୱବ୍ରହ୍ମାଣ୍ଡର ଯେଉଁତକ ଅଞ୍ଚଳ ଏ ପର୍ଯ୍ୟନ୍ତ ଆବିଷ୍କାର ଭିତରକୁ ଆସିଛି; ସେହି ଅଞ୍ଚଳ ଭିତରେ ଯେତେ ତାରା (ଅର୍ଥାତ୍ ଆମରି ସୂର୍ଯ୍ୟ ଭଳି ବା ତା'ଠାରୁ ଆହୁରି ବଡ଼, ବହୁଗୁଣ ବଡ଼) ଅଛନ୍ତି ସେମାନଙ୍କର ସଂଖ୍ୟା ହେଲା ୧୦୦, ୦୦୦,୦୦୦,୦୦୦, ୦୦୦,୦୦୦,୦୦୦ । (ଏକ ପରେ କୋଡ଼ିଏଟି ଶୂନ) । ଆମେରିକାର ଜ୍ୟୋତିର୍ବିଦ ହାରଲୋ ଶେପଲି ମନେକରନ୍ତି ଯେ ଏହି ଏକ କୋଡ଼ିଏ ଶୂନ ତାରାମାନଙ୍କୁ ବେଢ଼ି ଅନ୍ତତଃ ଏକରେ କୋଡ଼ିଏ ଶୂନ ଅର୍ଥାତ୍ ଏକ ଶହ ନିୟୁତ ନିୟୁତ ଗ୍ରହ ଅଛନ୍ତି । ଏହି ଗ୍ରହମାନଙ୍କର ପରିସ୍ଥିତି ଏପରି ଥିବା ସମ୍ଭବ ଯେଉଁଥିରେ ଉଚ୍ଚଭାବରେ ସଂଗଠିତ ଜୀବକୋଷ ଥିବେ । ଏମାନଙ୍କ ଭିତରେ ଗ୍ରହ ନିଶ୍ଚିତ ଭାବରେ ଥିବେ, ଯେଉଁଠି ବୁଦ୍ଧିମାନ ପ୍ରାଣୀ ଅଛନ୍ତି ।

ମଣିଷ ଆପଣାର ଗ୍ରହର ଆବଦ୍ଧ କୋଠରୀରେ ଥିବା ଏକ ବନ୍ଦୀ ପ୍ରାଣୀ ନୁହେଁ । ଏହାଠାରୁ ବରଂ ଏକଥା ଆହୁରି ସମ୍ଭାବନାକୁ ଆସୁଛି ଯେ ଛାୟାପଥ ଅର୍ଥାତ୍ ଆମରି ତାରକା ଜଗତ୍ ଲୋକାକୀର୍ଣ୍ଣ ସହର ବରଂ ଏହାର କୌଣସି ଏକ କଣଗଡ଼ିଆ ସ୍ଥାନରେ ଆମର ପୃଥିବୀ ଗୋଟିଏ ସହରତଳି !

ତ୍‌ସିଓଲକୋଭସ୍କି ନାମକ ରୁଷ ବୈଜ୍ଞାନିକ ଥରେ ପଚାରିଥିଲେ "ଏହା କ'ଣ ସମ୍ଭବ ଯେ ଇଉରୋପରେ କେବଳ ଲୋକ ଅଛନ୍ତି, ଆଉ ପୃଥିବୀରେ ଅନ୍ୟ କେଉଁଠି ଲୋକ ନାହାନ୍ତି । (ସେକାଳେ ଇଉରୋପରେ ଏହି ଧାରଣା ଥିଲା) ଏକଥା କ'ଣ

Digitized by srujanika@gmail.com

ହୋଇ ପାରେ ଯେ ଗୋଟିଏ ଦ୍ୱୀପରେ ବାସିନ୍ଦା ବସବାସ କରିଅଛନ୍ତି ଆଉ ବାକୀ ଦ୍ୱୀପ ସବୁ ଫାଙ୍କା । ଏହା କ'ଣ ହୋଇପାରେ ଯେ ବିରାଟ ବିଶ୍ୱର ବଗିଚାରେ ଗୋଟିଏ ସେଉ ଗଛରେ ଫଳ ଭରା ହୋଇ ରହିଛି; ଆଉ ବିପୁଳ ସଂଖ୍ୟକ ଗଛ ଖାଲି ଶ୍ୟାମଳ ପତ୍ରରେ ଭରି ରହିଛି, ଗୋଟିଏ ବୋଲି ଫଳ ନାହିଁ । ଆଲୋକପରଦାର ବିଶ୍ଳେଷଣରୁ ଜଣାପଡୁଛି ଯେ ପୃଥିବୀ ଯେଉଁ ଉପାଦନରେ ଗଢ଼ା ବିଶ୍ୱ ମଧ୍ୟ ସେହି ଉପାଦାନରେ ଗଢ଼ା । ତେଣୁ ଏଥିରୁ ପ୍ରମାଣ ମିଳୁଛି ଯେ ବିଶ୍ୱର ସବୁଠିଁ ଜୀବନ ରହିଛି । ଅବଶ୍ୟ ଏହି ଜୀବନ ଅସୀମ ଭାବରେ ବିଚିତ୍ର ଓ ବହୁବିଧ ।

ଦିନେ ନା ଦିନେ ଏହି ତାତ୍ତ୍ୱିକ ସମସ୍ୟା ବ୍ୟବହାରର କ୍ଷେତ୍ର ଭିତରେ ପଡ଼ିବ । ମହାଶୂନ୍ୟ ଉଡାଣର ଯୁଗ ତ ଆରମ୍ଭ ମାତ୍ର ହୋଇଛି । ସୁଦୂର ମହାଶୂନ୍ୟର ବିଜୟ ଏବେ ତ ସୁରୁ ହୋଇଛି ମାତ୍ର ।

ଏହି ବିଶ୍ୱଭିତରେ ଆମେ କାହାକୁ ଭେଟିବା, କ'ଣ ଭେଟିବା ? ଏଥିରେ ବୁଦ୍ଧିର କି ପ୍ରମାଣ ମିଳିବ ? ମନୁଷ୍ୟ ଭଳି ଲୋକେ ଅଛନ୍ତି ? କିମ୍ବା ଶାରୀରିକ ଭାବରେ ବିଭିନ୍ନ ବୁଦ୍ଧିର କୌଣସି କୌଣସି ମହାପ୍ରାଣୀ ଅଛନ୍ତି ? ସେମାନେ ସଭ୍ୟତାର କେଉଁ ସ୍ତରରେ ଅଛନ୍ତି ? ପ୍ରସ୍ତର ଯୁଗ ସ୍ତରରେ ବା ଓଲଟା ଭାବରେ ଆମର ଏହି ସଭ୍ୟତା ସେମାନଙ୍କ ଆଖିରେ ପ୍ରସ୍ତରଯୁଗ ସ୍ତରର ଅର୍ଥାତ୍ ନିତାନ୍ତ ନିମ୍ନ ସ୍ତରର ? ହୁଏତ ସେମାନଙ୍କ ଠାରୁ ହଜାରେ ବା ହଜାର ହଜାର ବର୍ଷ ପଛରେ ଆମର ସଭ୍ୟତା ପଡ଼ିଛି । ରୁଷ ବିଜ୍ଞାନ ଔପନ୍ୟାସିକ ଆନ୍‌ଦ୍ରୋମେଦାରେ କଳ୍ପନା କରୁଛନ୍ତି; ଏ ବିଶ୍ୱବ୍ରହ୍ମାଣ୍ଡରେ ଏକ ବିରାଟ ବୃତ୍ତର ପରିଧି ଭିତରେ ବୁଦ୍ଧିମାନ ପ୍ରାଣୀ ରହିଛନ୍ତି; ତାହା ଆମ ପାଇଁ ଅଗମ୍ୟ । ଆମକୁ ଏହି ପରିଧି ଭିତରେ ହିଁ ଆମର ସଂପର୍କ ପ୍ରତିଷ୍ଠା କରିବାକୁ ହେବ । କେବଳ ଭବିଷ୍ୟତହିଁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବ ।

ତାରକା ଜଗତରେ କଥୋପକଥନ

ମଣିଷ ଆଜି କେବଳ ସୌରଜଗତର ଅନୁସନ୍ଧାନରେ ସନ୍ତୁଷ୍ଟ ରହିନାହିଁ । ସେ ଏହାଠାରୁ ଆହୁରି ଦୂରକୁ ତାରକାମାନଙ୍କ ଆଡକୁ ଯିବାକୁ ଉଦ୍ୟମ କଲାଣି । ତାରକା ଦୂରତ୍ୱ ଆମର ସୌରଜଗତର ଗ୍ରହମାନଙ୍କର ଦୂରତ୍ୱ ଅପେକ୍ଷା କୋଟି କୋଟି ଗୁଣ ବେଶି । ପୃଥିବୀରୁ ଚନ୍ଦ୍ରକୁ ଆଲୋକ ପହଞ୍ଚିବାକୁ ୪.୨୭ ବର୍ଷ ଲାଗେ । ଆମର ସୌରଜଗତକୁ ଗୋଟିଏ ପୋଷ୍ଟକାର୍ଡ ସଙ୍ଗେ ସମାନ ବୋଲି ଧରିଲେ ଆମର ନିକଟବର୍ତ୍ତୀ ତାରା ଅଧକିଲୋମିଟର ଦୂରରେ ଅଛି ବୋଲି ଜଣାଯିବ । କିନ୍ତୁ ସେହି ତାରାଟି ଯେଉଁ ଛାୟାପଥର ଅଂଶ ଅର୍ଥାତ୍ ଯେଉଁ ଛାୟାପଥର ଆୟତନ ଏ ପୃଥିବୀର ଛଅଭାଗରୁ ଭାଗେ ବା ବର୍ତ୍ତମାନ ଭାରତବର୍ଷର ତିନିଡବଲ ହେବ । ବର୍ତ୍ତମାନ ମନୁଷ୍ୟର

Digitized by srujanika@gmail.com

ସବୁଠାରୁ ଦ୍ରୁତ ଗତି ହିସାବର ତାରକାମାନଙ୍କ ପାଖରେ ପହଞ୍ଚିବା ପାଇଁ ମନୁଷ୍ୟକୁ ହଜାର ହଜାରବର୍ଷ ଏପରିକି ଲକ୍ଷ ଲକ୍ଷ ବର୍ଷ ଲାଗିଯିବ ।

ତେବେ ମନେ ହୋଇପାରେ ଏଭଳି ଅସମ୍ଭବ ବ୍ୟବସ୍ଥାରେ ମୁଣ୍ଡ ଖେଳାଇ ଲାଭ କ'ଣ ? କାରଣ କୌଣସି ମଣିଷର ହଜାରେ ଗୁଣ ଆୟୁଷ ହେଲେ ବି ତ ତାରକା ରାଜ୍ୟରେ ପହଞ୍ଚି ପାରିବନାହିଁ କିନ୍ତୁ ଏକଥାର ଆଉ ଏକ ଦିଗ ଅଛି । ତାରକା ରାଜ୍ୟ ସହିତ ସଂଯୋଗ ସ୍ଥାପନ କରିବାକୁ କେବଳ ସେଠାରେ ଯାଇ ସଶରୀରେ ପହଞ୍ଚିବାର ପ୍ରୟୋଜନ ନାହିଁ । ଆମେ ସେଠାରେ ବୁଦ୍ଧିମାନ ଜୀବଙ୍କ ସହିତ ସୃଷ୍ଟିସ୍ଥିତି କିରଣ ବା 'କସ୍‌ମିକ୍-ରେ' ର ସଙ୍କେତରେ ଯୋଗସୂତ୍ର ସ୍ଥାପନ କରିପାରୁ । ତାରକାମାନଙ୍କ ସହିତ କଥୋପକଥନ ପାଇଁ ରେଡ଼ିଓ ଆଜି ସବୁଠାରୁ ନିର୍ଭରଯୋଗ୍ୟ ସୁଦୂର ପଥବାହୀ ବ୍ୟବସ୍ଥା ।

ଗତ ପ୍ରାୟ ପନ୍ଦର ବର୍ଷ ହେଲା ଅର୍ଥାତ୍ ୧୯୫୬ ସାଲ ଠାରୁ ୧୯୭୧ ପର୍ଯ୍ୟନ୍ତ ଜ୍ୟୋତିର୍ବିଦ୍‌ମାନେ ମହାଶୂନ୍ୟରୁ ରେଡ଼ିଓ ସଙ୍କେତ ପାଉଛନ୍ତି । କିନ୍ତୁ ଏହି ସଙ୍କେତ କୌଣସି ବୁଦ୍ଧିମାନ ପ୍ରାଣୀର ସଙ୍କେତ ନୁହେଁ, ଏହା ପ୍ରାକୃତିକ ସଙ୍କେତ ।

ଗବେଷଣାଗାରରେ ରେଡ଼ିଓ ସଙ୍କେତ ଆମର ଛାୟାପଥର ବହୁ ବିନ୍ଦୁରୁ ଆସୁଛି । ଏପରିକି ଆମର ଛାୟାପଥର ବାହାରେ ଥିବା ଛାୟାପଥମାନଙ୍କ ଠାରୁ ବି ଆସୁଛି । ଏଭଳି ଭିନ୍ନ ଛାୟାପଥର ତାରକାର ସଙ୍କେତ ପାଞ୍ଚ, ଆଠ ଓ ଦଶ ନିୟୁତ ଆଲୋକ ବର୍ଷର ଦୂରତ୍ୱ ପାର ହୋଇ ଆସୁଛି । ଏହି ସଙ୍କେତ ଭିତରୁ କେତେକ ଅତ୍ୟନ୍ତ କ୍ଷୀଣ, କେତେକ ଖୁବ୍ ତେଜିୟାନ୍; ଅସମ୍ଭବ ଭାବରେ ତେଜିୟାନ । ଆନ୍ତର୍ତାରକୀୟ ରେଡ଼ିଓ ଶବ୍ଦ ଭିତରେ ଗୋଟିଏ ସ୍ୱର ଅଛି ଯାହା ସବୁ ସ୍ୱରକୁ ବୁଡ଼ାଇ ଶୁଣାଯାଉଛି । ହାଇଡ୍ରୋଜନ ଅଣୁମାନେ ଫାଙ୍କା ଶୂନ୍ୟରେ ପରସ୍ପର ସଙ୍ଗେ ସଂଘାତରେ ୨୧ ସେଣ୍ଟିମିଟର ତରଙ୍ଗଦୀର୍ଘତା ବିଶିଷ୍ଟ ରେଡ଼ିଓ ସଙ୍କେତମାନ ପଠାଇବାରେ ଲାଗିଛନ୍ତି । ଏଭଳି ଆକସ୍ମିକ ସଂଘାତ ମହାଶୂନ୍ୟର ସବୁ କୋଣରୁ ଆସୁଛି, ଯେଉଁଗୁଡ଼ିକ ସବୁଠାରୁ ଶକ୍ତିଶାଳୀ ଦୃଶ୍ୟମାନ ଦୂରବୀକ୍ଷଣ ଯନ୍ତ୍ରର ପରିଧୀର ବାହାରେ । ତେବେ ଆମେ ଯଦି ଏଭଳି ଆକସ୍ମିକ ରେଡ଼ିଓ ସଙ୍କେତର ପ୍ରପାତ ଭିତରେ କିଛିଟା ନିୟମାନୁବର୍ତ୍ତିତା ବା ଶୃଙ୍ଖଳା ପାଆନ୍ତୁ ତେବେ ମନେ ହୁଅନ୍ତା ଯେ ଏହି ରେଡ଼ିଓ ସଙ୍କେତର ଆଦିମୂଳ ପ୍ରକୃତି ନୁହେଁ ମଣିଷ । କିନ୍ତୁ ଏ ପର୍ଯ୍ୟନ୍ତ ତାହାର କୌଣସି ସୂଚନା ମିଳିନାହିଁ ।

୧୯୬୦ ମସିହାରେ ଏହା ନିର୍ଦ୍ଧାରଣ କରିବାକୁ ଏକ ପ୍ରୟୋଗ ପରୀକ୍ଷା ହୋଇଥିଲା । ଅପ୍ରେଲ ୫ ଓ ୬ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ଗ୍ରିନ ବ୍ୟାଙ୍କ

Digitized by srujanika@gmail.com

ଦୂରଦର୍ଶନାଗାର ତାହାର ୨୫ ମିଟରବାଲା ରେଡ଼ିଓ ଥାଳାକୁ ଗୋଟିଏ ତାରକା ସଂସ୍ଥା ଦିଗରେ ଘୂରାଇଥିଲା । ବୈଜ୍ଞାନିକମାନେ ମନେ କରିଥିଲେ ଯେ ଏହି ତାରକା ସଂସ୍ଥା ବା ଛାୟାପଥ ଭିତରେ ଏଭଳି ଏକ ତାରା (ସୂର୍ଯ୍ୟ) ଅଛି, ଯାହାର ପୃଥିବୀ ଭଳି ଦୁଇଟି ଗ୍ରହ ଅଛନ୍ତି । ସେହି ତାରକା ଦୁଇଟିର ନାମ ହେଲା 'ଏପ୍‌ସିଲନ୍ ଏରିଡାନି', ଓ 'ଟାଉ ସେଟି' । ଏହି ତାରକାମାନଙ୍କରୁ ନିର୍ଗତ ହୋଇଥିବା ରେଡ଼ିଓ ଆବାଜକୁ ରେଡ଼ିଓ ଦୂରବୀକ୍ଷଣର ବିଶାଳ କାନ ଦ୍ୱାରା ଶୁଣିବାର ଉଦ୍ୟମ କରାଯାଇ ଥିଲା । ସେଗୁଡ଼ିକ ବହୁଗୁଣିତ କରି ଟେପ୍‌ରେକର୍ଡ଼ରେ ରେକର୍ଡ଼ କରାଯାଇଥିଲା । ପ୍ରଥମେ ମନେହୋଇଥିଲା ଯେ ଏ ଆବାଜଗୁଡ଼ିକ ଭିତରେ ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ରହିଛି ଓ ଶେଷରେ ଇଲେକଟ୍ରୋନିକ ମେସିନ ଦ୍ୱାରା ସେଗୁଡ଼ିକ ବିଶ୍ଳେଷଣ କରାଯାଇଥିଲା । ତେଣୁ ଏଗୁଡ଼ିକ ପ୍ରାକୃତିକ ଆବାଜ ନ ହୋଇପାରେ । ଏହା କୌଣସି ବୁଦ୍ଧିମାନ ପ୍ରାଣୀଠାରୁ ଆସିବା ସମ୍ଭବ । କିନ୍ତୁ ଏଭଳି ଆଶା କ୍ଷଣସ୍ଥାୟୀ ହେଲା । କାରଣ ଆବାଜର ତଥାକଥିତ ଶୃଙ୍ଖଳା ଓ ନିୟାନୁବର୍ତ୍ତିତାର କାରଣ ଥିଲା ଉକ୍ତ ଗ୍ରାହକ ଯନ୍ତ୍ର ରେଡ଼ିଓ ଟେଲିସ୍‌କୋପ୍ ବା ରେଡ଼ିଓ ଦୂରବୀକ୍ଷଣର ଭିତର ଗୋଳମାଳ । ସେ ଯନ୍ତ୍ରଗୁଡ଼ିକ ଭିତରୁ ଏଭଳି ଆବାଜ ଆସୁଥିଲା । ତେଣୁ 'ଟାଉସେଟି' ଓ 'ଏପିସିଲନ୍ ଏରିଡ଼ାନି' ତରାକାଦ୍ୱୟର ଗ୍ରହ ଏପର୍ଯ୍ୟନ୍ତ ନୀରବ । ସେମାନଙ୍କ ଠାରୁ ସଙ୍କେତ ଆସିବାର କୌଣସି ପତ୍ତା ନାହିଁ ।

ସୃଷ୍ଟି ସ୍ଥିତି ବାସିନ୍ଦାମାନଙ୍କ ସଙ୍ଗେ କଥା ଭାଷା ପାଇଁ ବା ଠିକ୍ ଭାବରେ କହିଲେ ସଙ୍କେତ ଆଦାନ ପ୍ରଦାନ ପାଇଁ ଏବେ ଇଞ୍ଜିନିଅର ଓ ବୈଜ୍ଞାନିକମାନେ ଓଜନଦାର ଆଲୋକ 'କଡ଼ି' ବ୍ୟବହାର କରୁଛନ୍ତି । ଏହାକୁ 'ଲାସର' କୁହାଯାଉଛି । 'ଲାସର'ର ଏଭଳି ଶକ୍ତି ଅଛି ତାହା ଖୁବ୍ ଉଚ୍ଚ ଶକ୍ତିମାନ ଆଲୋକ କଡ଼ିକୁ ତାରାମାନଙ୍କ ଭିତରେ ଥିବା ମହାଶୂନ୍ୟ ଭିତରେ ବି ନିକ୍ଷେପ କରି ଦୂର ଦୂରାନ୍ତରରେ ପହଞ୍ଚି ଯାଇପାରେ ଓ ଅଜଣା ଗ୍ରହମାନଙ୍କରେ ଆଲୋକ ସଙ୍କେତ ପହଞ୍ଚାଇ ଦେଇପାରେ । ତେଣୁ ଅନେକ ବୈଜ୍ଞାନିକଙ୍କର ମତ ଯେ ଆମରି ଛାୟାପଥର ଅନ୍ୟାନ୍ୟ ସୌରଜଗତ୍‌ର ବାସିନ୍ଦାଙ୍କ ସଙ୍ଗେ ଆମେ ସଙ୍କେତ ଆଦାନପ୍ରଦାନ ଉଭୟ କଥା ଏହି ବିଂଶ ଶତାବ୍ଦି ଭିତରେ ହିଁ ସାଧନ କରି ପାରିବୁଁ । ଏଭଳି ସଙ୍କେତ ଆଦାନ ପ୍ରଦାନ ଯଦିବା ହେଲା ଏଥିରେ ଭାବ ବିନିମୟ ହେବ କିପରି ? ମନେ କରନ୍ତୁ ଜଣେ ବିଦେଶୀ ଲୋକ ଗୋଟିଏ ବସ୍ତୁକୁ ଦେଖାଇ ବା ଠାରି ଗୋଟିଏ ଆମର ଅଜଣା ଶବ୍ଦ ଉଚ୍ଚାରଣ କଲା । ତେବେ ଆମେ ତା'ର ଉତ୍ତରରେ କିଛିକାଳ ପରେ ସେହି ଶବ୍ଦଟିକୁ ଉଚ୍ଚାରଣ କରି ଜଣାଉ ଯେ ଆମେ ତା'ର ସଙ୍କେତ ବୁଝିପାରିଲୁ । ଠିକ୍ ସେପରି ଅଜଣା ଗ୍ରହ 'କ'ରୁ ଯଦି କୌଣସି ସଙ୍କେତ ଆସେ ତେବେ ଆମେ କ'ଣ କରିବା ? ବିଖ୍ୟାତ ପଦାର୍ଥବିତ୍ ଓ

Digitized by srujanika@gmail.com

ଐତିହାସିକ ରାଲ୍ଫ୍ ଲାପଙ୍କ ମତରେ ଆମେ ଯେପରି ସଙ୍କେତ ପାଉଥିବା ଠିକ୍ ସେହି ସଙ୍କେତକୁ ଦୋହରାଇ ସଙ୍କେତ ଦେବା । ତେବେ ଆମର ଦେଖିବା ଉଚିତ ସଙ୍କେତ-ପ୍ରେରକ ଯେପରି ମନେ ନକରେ ଯେ ଆମର ପ୍ରତିସଙ୍କେତ ହେଉଛି ତା'ର ସଙ୍କେତର ପ୍ରତିଧ୍ୱନି । ତେଣୁ ସେ ଯେତେ ସମୟ ଅନ୍ତରରେ ସଙ୍କେତ ପଠାଉଛି ଆମେ ସେହି ସମୟର ତାରତମ୍ୟ କରିଦେବା ଯେପରି ସେ ବୁଝିପାରିବ ଯେ ଆମର ସଙ୍କେତ ତା'ର ସଙ୍କେତର ଜବାବ; ପ୍ରାକୃତିକ ରେଡ଼ିଓ ପ୍ରତିଧ୍ୱନି ନୁହେଁ ।

ମନେ କରନ୍ତୁ ଏ କଥା ହେଲା । ଆମେ କହିଲୁଁ 'ହେଲୋ' ସେ କହିଲା 'ହେଲୋ' – ଅର୍ଥାତ୍ ସେ ସଙ୍କେତ ଦେଲା ଓ ଆମେ ବି ସଙ୍କେତ ଦେଲୁଁ । ତେଣିକି କ'ଣ ହେବ ।

ମହାଶୂନ୍ୟର ଭାଷାତତ୍ତ୍ୱ

ଏଠାରେ ଏକ ବିଜ୍ଞାନ-ଉପନ୍ୟାସର ବର୍ଣ୍ଣନା ଦିଆଯାଇଛି । ପିଟର କହିଲେ "ଆମେ ଆମର ପରିଚୟ ଦେଉଛୁଁ ।" ଏତିକି କହି ସେ ଖୁବ୍ ସମ୍ଭ୍ରମ ସହକାରେ ଉଠି ଠିଆ ହେଲେ ଓ ସ୍ପଷ୍ଟ ଭାବରେ କହିଲେ "ଆମେ ପୃଥିବୀବାସୀ । ଆମରି ଗ୍ରହକୁ ଆମେ ପୃଥିବୀ ବୋଲି କହୁଁ । ଏହା ଛାୟା ପଥର ତୃତୀୟ ଘୂରନ୍ତ ପାହାଚର ବାହୁ ମୂଳରେ ଅବସ୍ଥିତ ।"

ହଠାତ୍ କେତେଗୁଡ଼ିଏ ଉଦ୍‌ଭଟ ସଙ୍କେତ ଓ ରେଖା ଅଙ୍କନର ଉପର ଟାଙ୍କୁ ପଟେ ଦେଖା ପଡ଼ିଲା । ସେଠୁଁ ପିଟର ସନ୍ତୁଷ୍ଟ ଗଳାରେ କହିଲେ "ଆଃ, ସେମାନେ ଆମ ସଙ୍ଗେ କଥାବାର୍ତ୍ତା କରିବାକୁ ଇଚ୍ଛା କରୁଛନ୍ତି ।"

ସେ କେତେ ମିନିଟ୍ ପାଇଁ ଉଦ୍‌ଭଟ ଅଦ୍ଭୁତ ସଙ୍କେତଗୁଡ଼ିକୁ ନିରେଖିଲେ; ତା'ପରେ ତାଙ୍କ ମୁହଁ ହସରେ ଉଜ୍ଜ୍ୱଳ ଦିଶିଲା ।

"ସେମାନେ ଗୋଟେ ପ୍ରକାର ଗାଣିତିକ ସୂତ୍ର ବା ସମୀକରଣ ଲେଖିଛନ୍ତି । ଏହାର ଗଢ଼ଣରୁ ଜଣାପଡୁଛି ଏଥିରେ ଘନତା ଓ ଶକ୍ତିର ସୂତ୍ରକଥା ଲେଖା ରହିଛି । ଯାହା ପ୍ରକୃତିର ବିଶ୍ୱଜନୀନ ଆଇନ ।"

ଏକୋଲପାକୋଭ ନାମକ ଜଣେ ରୁଷୀୟ ବିଜ୍ଞାନ ଔପନ୍ୟାସିକ ଆପଣାର ବହି 'ଗ୍ରିଏଡ଼ା'ରେ ଧରାବାସୀଙ୍କ ସହିତ ଛାୟାପଥର ମଧ୍ୟଭାଗରେ ଥିବା ଗୋଟିଏ ଗ୍ରହର ବାସିନ୍ଦାଙ୍କର କଥୋପକଥନ ଏଭଳି ଭାବରେ ବର୍ଣ୍ଣନା କରିଛନ୍ତି । ସେଠୁଁ ସୂଚନା ନିମ୍ନ ପ୍ରକାରେ ଚାଲିଛି । ଧରାବାସୀମାନେ ଅକ୍ଷରରେ ଲେଖୁଛନ୍ତି ଓ ଏଠାର ଏକାଡ଼େମୀବାଲା ପଣ୍ଡିତେ ତାହାକୁ ଖୁବ୍ ଜୋର ସ୍ପଷ୍ଟ ଗଳାରେ ଉଚ୍ଚାରଣ କରିଛନ୍ତି ।

Digitized by srujanika@gmail.com

ଏହାର ଜବାବରେ 'ଗ୍ରୀଏଡ଼ା' ବାସୀମାନେ ସେମାନଙ୍କର ବର୍ଣ୍ଣମାଳାର ଅକ୍ଷର ଲେଖିଛନ୍ତି ଓ ସେମାନଙ୍କ ତରଫରୁ ଏକ 'ଯାନ୍ତ୍ରିକ ଗଳାରୁ ଧ୍ୱନି ଉଚ୍ଚାରିତ ହୋଇଛି' । ଉଭୟ ବର୍ଣ୍ଣମାଳାର ସଂଖ୍ୟାରେ ଗ୍ରିଏଡ଼ାର ବର୍ଣ୍ଣମାଳାର ଅକ୍ଷର ସଂଖ୍ୟା ଅନ୍ତତଃ ଏକଶହ ।

ଏସବୁ ଅଦ୍ଭୁତ ଉଦ୍‌ଭଟ କଳ୍ପନା । କାରଣ ଆମେ ଅକ୍ଷର ଦେଖାଇଲେ ମାତ୍ର ସେ ପଟେ ସେମାନେ ତାଙ୍କର ଅକ୍ଷର ଲେଖି ଦେଖାଇବେ ଓ ସେମାନଙ୍କର ଗଣିତ ସୂତ୍ରପଢ଼ି ଆମେ ବିଶ୍ୱଜନୀନ ଆଇନ ସୂତ୍ର ବୋଲି ତାହାକୁ ଧରିପାରିବା । ଏତ ଅତି ଅସମ୍ଭବ କଥା । ଏକଥା ତ ଆମର ଏହି ଗ୍ରହର ବିଭିନ୍ନ ଭାଷାଭାଷୀ ମଣିଷ ଭିତରେ ବି ଚଳିପାରୁ ନାହିଁ । କାରଣ ହିନ୍ଦୋ-ଇଉରୋପୀୟ ଭାଷାମାନଙ୍କରେ ବିଶାଳ ସଂଖ୍ୟାର ଭାବ ଓ ଶବ୍ଦ, ଯାହା ମନେ ହୁଏ ଆପାତଃ ବୋଧଗମ୍ୟ ତାହା ବି ପାପୁଆ, ଏସ୍କିମୋ, ଅଷ୍ଟ୍ରେଲିୟା ଆଦିବାସୀ ଉପଜାତି ଓ ଆମାଜନ୍ ନଦୀତଟବାସୀ 'ଭାରତୀୟ' ଉପଜାତିମାନଙ୍କର ବୋଧଗମ୍ୟ ହେଉନାହିଁ ।

ଏବେ ହିନ୍ଦ୍-ଭାରତୀୟ ପୁରାତନ ଦାର୍ଶନିକ ଲେଖାଗୁଡ଼ିକୁ ଯେଉଁ ବିଶେଷଜ୍ଞମାନେ ଅନୁବାଦ କରୁଛନ୍ତି ସେମାନେ ବି ତ ଅନେକ ଗୁଣାତ୍ମକ ଭାବକୁ ଅନୁବାଦ କରି ଅସମ୍ଭବ ବୋଲି କଲମ ଛାଡ଼ି ବସୁଛନ୍ତି । ତଥାପି ଏବେ ପୃଥିବୀ କ୍ଷେତ୍ରରେ ଯାହା ବି କିଛି ଅସୁବିଧା ଅଛି ତାହା ତ ସୃଷ୍ଟି ସ୍ଥିତିର ମହାପ୍ରାଣୀ ସହିତ ସଂପର୍କ ସ୍ଥାପନ କ୍ଷେତ୍ରରେ, ବା ମହାଜାଗତିକ କଥୋପକଥନ ଆଗରେ ସାମାନ୍ୟ ପିଲାଖେଳ ପରି ମନେ ହେବ । ଯେତେ ପାର୍ଥକ୍ୟ ହେଲେ ବି ଆମେ ଧରାପୃଷ୍ଠବାସୀ ମଣିଷ, ଧରାବାସୀ ମଣିଷ । ଆମର ଆଚାର ବ୍ୟବହାର, ଭାଷା, ସଂସ୍କୃତି, ଲାଳନପାଳନ ସବୁ ଗୋଟିଏ ଧରଣର ପ୍ରାଣୀର, ଗୋଟିଏ ଗ୍ରହର ଜୀବନର ବିବର୍ତ୍ତନ ଏକକ ଚକ୍ର ଭିତରେ ସୀମାବଦ୍ଧ । କିନ୍ତୁ ଛାୟାପଥର ଗ୍ରହମାଳ ଭିତରେ ଏଭଳି ଏକତାର ପ୍ରଶ୍ନ ତ ଉଠୁନାହିଁ ।

ଆମରି ଏହି ଦୁନିଆ ସଭିଙ୍କର ଦୁନିଆ । ଅଷ୍ଟ୍ରେଲିଆର ଆଦିବାସୀ, ଆଲ୍ୟୁସୀୟ, ବୁଶମ୍ୟାନ୍ ଏ ସମସ୍ତେ ଏହି 'ପୃଥିବୀ ଦୁନିଆର ମଣିଷ' । ଏମାନଙ୍କର ଢଙ୍ଗରଙ୍ଗ ଆମ ପକ୍ଷରେ ବୁଝିବା ହୁଏତ ସହଜ । ଏକ ଗ୍ରହର 'ସମଗ୍ରହୀ' ହୋଇ ଆମେ ଆମ ଭିତରେ ଏକ ସାଧାରଣ ଭାବବିନିମୟ ବ୍ୟବସ୍ଥା କରିପାରିବୁଁ । କିନ୍ତୁ ଆଉ ଏକ ଗ୍ରହର ଜୀବଙ୍କ ସଙ୍ଗେ ଭାବ ବିନିମୟ ତ ଏତେ ସୋଜା କଥା ନୁହେଁ । ସେଠାରେ ତ ଘଟଣା ଆମ ଏଠାରୁ ବହୁତ ପ୍ରଭେଦ ଥାଇପାରେ । ସେଠାରେ ଦଶଶିର ରାବଣ ଥାଇପାରନ୍ତି । ମୁଣ୍ଡଥିଲେ ପାଦ ନ ଥାଇପାରେ, ମେରୁଦଣ୍ଡ ଥାଇପାରେ ନ

Digitized by srujanika@gmail.com

ଥାଇପାରେ, ସେମାନଙ୍କର ମାନସିକ ଶକ୍ତି (ମସ୍ତିଷ) କ'ଣ ହୋଇଥିବ କିଏ ଜାଣେ ? ତେଣୁ ସେମାନଙ୍କର ଚଳଣି, ସଂସ୍କୃତି, ଭାଷା କଳ୍ପନାତୀତ କଥା !

ମନେ କରନ୍ତୁ ଏଭଳି ଲୋକ ଅଛନ୍ତି ଯେଉଁମାନଙ୍କର ଶାରୀରିକ ଗଠନ ଯୋଗୁଁ ସେମାନେ ସବୁ ଜିନିଷକୁ ନେଳି ନେଳି ଦେଖନ୍ତି । ସେମାନଙ୍କର ମନରେ ଏ ଭାବ କେବେ ଆସିପାରିବ ନାହିଁ ଯେ ସେମାନେ ସେହି ଗୋଟିଏ ବର୍ଣ୍ଣ ହିଁ ଦେଖୁଛନ୍ତି । ତେଣୁ ସେମାନଙ୍କ ପାଇଁ ନୀଳବର୍ଣ୍ଣର କିଛି ଅର୍ଥ ନାହିଁ । ସେମାନଙ୍କ ଭାଷାରେ ନୀଳବର୍ଣ୍ଣ ତ ନ ଥିବ, ତା'ଛଡ଼ା ଆମେ ଯେତେ ପ୍ରକାର ନୀଳବର୍ଣ୍ଣ କଥା ଆମ ଭାଷାରେ ରଖିଛୁ ଇଣ୍ଡିଗୋ ନୀଳବର୍ଣ୍ଣ, ମାଜେଣ୍ଟା ନୀଳବର୍ଣ୍ଣ, ଆକାଶୀ ନୀଳବର୍ଣ୍ଣ ଇତ୍ୟାଦି ସେଗୁଡ଼ିକ ସେମାନଙ୍କ ପାଇଁ କେବଳ ହାଲୁକା, ଘନ ବା ସାଧା କଳା ଭାବରେ ସିନା ଦିଶିବେ କିନ୍ତୁ ତା' ସାଙ୍ଗରେ ତ 'ନୀଳ' ଭାବ ଟା ରହିବ ନାହିଁ । ସେମାନେ 'ନୀଳ' ବର୍ଣ୍ଣର ଜିନିଷ ଦେଖି ବାରିବା ପୂର୍ବରୁ ସେମାନଙ୍କୁ ତ ନୀଳ-ଇତର ବର୍ଣ୍ଣର ଜିନିଷ ଦେଖାଥିବା ଚାହି । ତେବେ ଏଗୁଡ଼ିକ ହେଲା ଏହି ପାର୍ଥିବ ଜଗତର ଖମାଖାଲ । କିନ୍ତୁ କୌଣସି ମହାଜାଗତିକ କଥୋପକଥନରେ ତ ଏଭଳି ଖମାଖାଲ ହଜାର, ଲକ୍ଷ ଗୁଣ ପଡ଼ିବ ।

ତେଣୁ କେତେକ ବୈଜ୍ଞାନିକଙ୍କ ମତରେ ଅନ୍ୟ ଜଗତରେ ଥିବା ବୁଦ୍ଧିମାନ ପ୍ରାଣୀମାନଙ୍କ ସଙ୍ଗେ କଥୋପକଥନ ବ୍ୟବହାର କ୍ଷେତ୍ରରେ ଅସମ୍ଭବ । ତେବେ ବି ବହୁ ଗବେଷକ ଆଶାଛାଡ଼ି ନାହାନ୍ତି । ସେମାନଙ୍କର ଆଶାର କାରଣ ହେଲା ଏହି ବିଶ୍ୱବ୍ରହ୍ମାଣ୍ଡ ହେଲା ଏକକ ଉପାଦାନ ବିଶିଷ୍ଟ ସେହି ଅଣୁ, ପରମାଣୁ, ଯୌଗିକ ଉପାଦାନ ଏ ସାରା ବ୍ରହ୍ମାଣ୍ଡକୁ ଗଢ଼ିଛନ୍ତି । ଆମରି ସୂର୍ଯ୍ୟର ପାଖପଡ଼ିଶାରେ ହେଉ ବା ଆଣ୍ଡୋମିଡ଼ା ଛାୟାପଥ ଭିତର ସୁଦୂରାନ୍ତରରେ ହେଉ ସେଇ ସମାନ ସମାନ ଉପାଦାନରେ ଏ ସାରା ବିଶ୍ୱବ୍ରହ୍ମାଣ୍ଡ ଗଢ଼ା । ଏକଥା ବି ଏବେ ଗବେଷକମାନଙ୍କ ଭିତରେ ତୁମୁଳ ବିତର୍କର ବସ୍ତୁ ଯେ ପ୍ରୋଟିନ୍ ଜୀବନ କି ଏକମାତ୍ର ଜୀବନର ରୂପ ନାଁ ପ୍ରୋଟିନ୍‌ବିହୀନ ଜୀବନ ବି ସମ୍ଭବି ପାରେ । ବିଶ୍ୱବ୍ରହ୍ମାଣ୍ଡର ଯେଉଁ ଅଞ୍ଚଳରେ ଆମେ ରହିଥାଉଁ ସେଠାରେ ବାସ୍ତବିକ ଦୁନିଆର ଆଇନ ଓ ସୂଚନାକୁ ବଛାବଛି କରିବାର ଧାରାର ନୀତିପଦ୍ଧତିଗୁଡ଼ିକ ଏକାପ୍ରକାରର । ତେଣୁ ଏହି ଏକତା ବା ସମାନତା ଦ୍ୱିତୀୟ ଶ୍ରେଣୀର ଗବେଷକଙ୍କ ମନରେ ଏହି ଆସ୍ଥା ସୃଷ୍ଟି କରିଛି ଯେ ମହାଜାଗତିକ ସଂଯୋଗରକ୍ଷା ଦିଗରେ ଯେତେ ବା ପ୍ରତିବନ୍ଧକ ଆସୁନା କାହିଁକି, ସେଗୁଡ଼ିକ ଦୂର କରାଯାଇପାରିବ । ବହୁବିଧ ଭାଷାଗତ ବାଧା ପ୍ରତିବନ୍ଧକ ଥିଲେ ବି ଜଣେ ଲୋକ ଆଉ ଜଣେ ଲୋକର ଭାବ ବୁଝିପାରୁଛି । ଏପରିକି ଭାଷାର

Digitized by srujanika@gmail.com

କୌଣସି ମେଳକ ନ ଥାଇ ଠାର, ଭ୍ରଇଁ, ସୂତ୍ର ଓ ନକ୍ସାରେ କେତେକ ପରିମାଣରେ ଭାବ ଆଦାନପ୍ରଦାନ ହୋଇପାରୁଛି । ଅସାଧାରଣ ଫରାସୀ ସଙ୍କେତାଳି ମାରସେଲ ମାରସିଭ କେବଳ ଠାର ଓ ସଙ୍କେତରେ ଯେଉଁଳି ଭାବ ପ୍ରକାଶ କରିଛନ୍ତି ତାହା ବି ସାର୍ବଜନୀନତାରେ ବିଖ୍ୟାତ ହୋଇଛି ।

ଆମେ ସମସ୍ତେ ପୃଥିବୀର ସନ୍ତାନ । ତେଣୁ ଆଦାନ ପ୍ରଦାନ ଓ ପରସ୍ପର ଭାବ ବିନିମୟ ସମ୍ଭବ ହୋଇଛି । ଠିକ୍ ସେପରି ଏହି ଶେଷୋକ୍ତ ବୈଜ୍ଞାନିକ ଗବେଷକ ମନେ କରୁଛନ୍ତି ଯେ ବୁଦ୍ଧିମାନ ପ୍ରାଣୀଙ୍କ ଭିତରେ ପରସ୍ପର ବୁଝାମଣା ଓ ଭାବ କିପରି ବିନିମୟ ଅବଶ୍ୟ ସମ୍ଭବ ହୋଇପାରେ । ସେମାନେ ହାତ, ନାକ, ମୁଣ୍ଡ, ଅନେକ ବା ବହୁ ସଂଖ୍ୟକ ବା ବିଭିନ୍ନ ସଂଖ୍ୟାର ଅସମାନ । ତଥାପି ହେତୁଶକ୍ତିର ପ୍ରାଣୀ ବା ଜୀବ ହେଉଛି ଏକ ବିଶ୍ୱ ବ୍ରହ୍ମାଣ୍ଡର ସନ୍ତାନ ।

ଯଦି ଶେଷୋକ୍ତ ବିଶ୍ୱାସ ଓ ଆସ୍ଥା ବି ଠିକ୍ ହୁଏ ତେବେ ସେହି ଭାବବିନିମୟର ମହାଜାଗତିକ ଭାଷା କିପରି ହେବ ?

ଗଣିତ ହିଁ ହେବ ମୂଳଦୁଆ

ଗଣିତକୁ ବିଶ୍ୱବ୍ରହ୍ମାଣ୍ଡର ଭାଷା ବୋଲି କୁହାଯାଉଛି । ଏହାର ଆଇନ୍ ତ ସାରା ସୌରଜଗତ ପାଇଁ ଖଟୁଛି । ମଙ୍ଗଳ, ବୁଧ, ଶୁକ୍ର ଓ ଆନ୍ଦ୍ରୋମିଦା ନିହାରିକାରେ ବି ଖଟୁଛି । 'ବିଯୁକ୍ତ ବାଇ ବିଯୁକ୍ତ' ଯେ ଯୁକ୍ତରେ ପରିଣତ ହେବ ଏହା ସବୁଠି ଠିକ୍ । ସେହି କାରଣରୁ ବହୁଳ ସଂଖ୍ୟାର ବୈଜ୍ଞାନିକଙ୍କର ବିଶ୍ୱାସ ଯେ ବୁଦ୍ଧିମାନ ମନୁଷ୍ୟମାନଙ୍କ ସଙ୍ଗରେ ଏକ ମହାଜାଗତିକ କଥୋପକଥନ ପାଇଁ ଏକମାତ୍ର ଗଣିତହିଁ ବାହନର କାର୍ଯ୍ୟ କରିପାରେ ।

ତେବେ ବି ଏ କଥାରେ ନାସ୍ତି କଲା ବୈଜ୍ଞାନିକଙ୍କର ଯୁକ୍ତି ବି କମ୍ ଟାଣ ନୁହେଁ । ଚେକୋସ୍ଲୋଭିକିଆର ପ୍ରଫେସର କୋଲମାନ ଆଲୋଚନା ପ୍ରସଙ୍ଗରେ କହିଛନ୍ତି "ଯଦି ଆନ୍ଦ୍ରୋମିଦା ନିହାରିକାରେ କେହି ଜନ୍ତୁ ଥିବେ ଯେଉଁମାନେ କଠିନ ପଦାର୍ଥ ନୁହନ୍ତି, ଯେଉଁମାନେ ତରଳ ପଦାର୍ଥ ଓ ଏକ ତରଳ ବାୟୁମଣ୍ଡଳ ବା ସେଭଳି ମାଧ୍ୟମ ଭିତରେ ରହିଛନ୍ତି ତେବେ ସେମାନଙ୍କର ତ ଜ୍ୟାମିତି ବା ପାଟିଗଣିତ ନଥିବ । ତେଣୁ ସେମାନେ ଜ୍ୟାମିତିକ ଓ ପାଟିଗାଣିତିକ ସୂତ୍ରର କୌଣସି ଧାରଣା କରିପାରିବେ ନାହିଁ । ତେଣୁ ଏହି ଦୁଇବିଜ୍ଞାନରୁ ଗୃହୀତ ଭାବ ବା ସୂତ୍ର ସାହାଯ୍ୟରେ ସେମାନଙ୍କ ସହିତ ଭାବ ବିନିମୟ ସମ୍ଭବ ନୁହେଁ ।" ବାସ୍ତବିକ କଥା । ଆମର ପାର୍ଥିବ ଇଉକ୍ଲିଡ୍ ବାଲା ଜ୍ୟାମିତି 'ତରଳ ବାସିନ୍ଦା'ମାନେ ବୁଝିବେ କାହୁଁ ? ହେଲେ ଗଣିତଜ୍ଞମାନେ ଅଣପାର୍ଥିବ, ଅଣ-ଇଉକ୍ଲିଡ୍ବାଲା ଜ୍ୟାମିତିର ଗୋଟିଏ ସଂପୂର୍ଣ୍ଣ ମାଳିକା ତିଆରି କରି

Digitized by srujanika@gmail.com

ନାହାନ୍ତି । ଆଧୁନିକ ଗଣିତ (ଯଥା ଧରାତଳ-ମିତି [Topology] ଯାହାକୁ ଅନ୍ୟ କଥାରେ କୁହାଯାଉଛି ରବର-ଚାଦର ଜ୍ୟାମିତି) ଏତେ ପରିମାଣରେ ନିରାକାର ଗୁଣାତ୍ମକ ଯେ, ଏହା ଯେ କୌଣସି ଜ୍ୟାମିତିକୁ ବୁଝିପାରିବ ଓ ଯେ କୌଣସି ଯୁକ୍ତିବିଦ୍ୟା ଗଣିତକୁ ବି ଦଖଲରେ ଆଣିପାରିବ (ଯଥା ଆମର ଏଠାରେ ଯୁକ୍ତି ଦୁଇ ଦାମିଆ ସତ୍ୟ ବା ମିଥ୍ୟା, କିନ୍ତୁ ଏପରି ବି ପୃଥିବୀର ଗ୍ରହ ଥାଇପାରେ ଯେଉଁଠି ତିନିଦାମିଆ, ଚାରିଦାମିଆ ଓ ବହୁଦାମିଆ ଯୁକ୍ତିବିଦ୍ୟା ଚଳୁଥିବ । ଯଥା ତ୍ରିଭୁଜ ଦୁଇଟି ସର୍ବୋତଭାବେ ସମାନ । ଇଉକ୍ଲିଡ୍‌ଙ୍କର ଏହି ଜ୍ୟାମିତି ଉପପାଦ୍ୟର ଯୁକ୍ତି ହେଉଛି ହୁଏତ ଏହି କଥନଟି ସତ୍ୟ ବା ଏହି କଥନଟି ମିଥ୍ୟା । କିନ୍ତୁ ଏଭଳି ଜ୍ୟାମିତି ହୋଇପାରେ ଯେଉଁଠି ଏଭଳି ଉପପାଦ୍ୟ ସତ୍ୟ ନୁହେଁ, ମିଥ୍ୟାନୁହେଁ ! ସେଭଳି ସ୍ଥଳେ ଯୁକ୍ତିର ଦୁଇଟି ମୂଲ୍ୟ ନାହିଁ; ତାହାର ଦୁଇରୁ ଅଧିକ ମୂଲ୍ୟ, ଦୁନିଆର ଯୁକ୍ତି – ବହୁ ଦାମିଆ ଯୁକ୍ତି ।

ଆଜିକୁ ବହୁବର୍ଷ ପୂର୍ବେ ଯେତେବେଳେ ରେଡ଼ିଓ ଓ ଅନ୍ୟାନ୍ୟ ଦୁରାନ୍ତର ସମ୍ବାଦ ପ୍ରେରଣ ବ୍ୟବସ୍ଥା ଉନ୍ନତ ହୋଇ ନଥିଲା, ସେତେବେଳେ ବୈଜ୍ଞାନିକମାନେ ଭାବିଥିଲେ ଯେ ପୃଥିବୀର ଗୋଟିଏ ବଡ଼ ପଡ଼ିଆ ଅଞ୍ଚଳ ଦେଖି ଯଥା ସାଇବେରିଆରେ ଗୋଟିଏ ସମକୋଣୀ ତ୍ରିଭୁଜର ତିନୋଟି ବିଶାଳ ବାହୁ ତିଆରି କରି ତାକୁ ପ୍ରଚଣ୍ଡ ଆଲୋକରେ ଉଜ୍ଜଳ କରିବେ ଓ ତାହା ଜରିଆରେ ମଙ୍ଗଳ-ଗ୍ରହବାସୀଙ୍କୁ ପୃଥିବୀ-ବାସୀଙ୍କର ଗାଣିତିକ ସଙ୍କେତ ଜଣାଇବେ ଯେ ପୃଥିବୀ ଗ୍ରହରେ ବୁଦ୍ଧିମାନ ପ୍ରାଣୀମାନେ ଅଛନ୍ତି ।

୧୮୯୬ ମସିହାରେ ତସିଓକୋଭସ୍କି ତାଙ୍କର 'ଅନ୍ୟାନ୍ୟ ଗ୍ରହବାସୀଙ୍କ ସହିତ କଥୋପକଥନ ସମ୍ଭବ କି' ନାମକ ଏକ ନିବନ୍ଧରେ ମନେକରିଥିଲେ ଯେ ପୃଥିବୀ ସଙ୍ଗେ ମହାଜାଗତିକ କଥୋପକଥନ ପାଇଁ ପ୍ରଥମ ଲୋକ ହେବେ ମଙ୍ଗଳଗ୍ରହବାସୀ ଲୋକେ (ଅବଶ୍ୟ ଏବେ ମଙ୍ଗଳଗ୍ରହବାସୀ କୌଣସି ପ୍ରାଣୀ ଅଛି ବୋଲି ଗଭୀର ସନ୍ଦେହ ପ୍ରକାଶ ପାଉଛି – ଯଦିଚ ବିତର୍କ ଚାଲିଛି) । ସେ ଯାହା ହେଉ ଏଭଳି ସଙ୍କେତ ହେବ ସଂଖ୍ୟାର ସଙ୍କେତ । ଏହାହିଁ ଥିଲା ତ୍‌ସିଓକୋଭସ୍କିଙ୍କର କଳ୍ପନା । ବହୁ ଗାଣିତି୍କ ଗବେଷକ ଏବେ ଏକ, ଦୁଇ, ତିନି, ଚାରି, ପାଞ୍ଚ ଆଦି ଗଣିତର ଭଗ୍ନାଂଶହୀନ ସଂଖ୍ୟାକୁ ମହାଶୂନ୍ୟକୁ ପ୍ରେରଣ କରିବା ପକ୍ଷରେ ମତ ଦିଅନ୍ତି । ନତୁବା 'ପାଏ' ସଂଖ୍ୟାକୁ ପ୍ରେରଣ କରିବାକୁ କହୁଛନ୍ତି । 'ପାଏ' ହେଉଛି ଗୋଟିଏ ବୃତ୍ତର ପରିଧି ସହିତ ତାହାର ବ୍ୟାସାର୍ଦ୍ଧର ଇମ୍ବର ଅନୁପାତ । ଏହା ସାରା ପୃଥିବୀର ସବୁ ଗଣିତ ଶାସ୍ତ୍ର ବିଦ୍‌ଙ୍କର ବୋଧଗମ୍ୟ । ସେମାନେ ଏହା ଜରିଆରେ କେବଳ ଖବର

Digitized by srujanika@gmail.com

ବା ସୂଚନାକୁ ଗଣିତର ଅକ୍ଷର ଜରିଆରେ ପଠାଇବାକୁ ଉଦ୍ୟମ କରୁନାହାନ୍ତି, ସେମାନେ ଏହା ଜରିଆରେ ମନୁଷ୍ୟ ସଂସ୍କୃତି, ଗଣିତ ଓ ଅନ୍ୟାନ୍ୟ ବିଜ୍ଞାନକୁ ବି ମହାଜାଗତିକ ଅଞ୍ଚଳରେ ଜଣାଇବାକୁ ଚେଷ୍ଟା କରୁଛନ୍ତି ।

ଲିଙ୍କୋଜ (ମହାଜାଗତିକ ଭାଷା)

ଓଲନ୍ଦାଜ ଗଣିତଜ୍ଞ ଡକ୍ଟର ହାନ୍ସ ଫ୍ରିଉଡେଣ୍ଟାଲ ଗାଣିତିକ ଯୁକ୍ତି, ଧରାତଳ ମିତି ଓ ଗଣିତର ଅନ୍ୟାନ୍ୟ ଗୁଣାତ୍ମକ କ୍ଷେତ୍ରରେ ଜଟିଳ ଗଣିତ ବିଦ୍ୟାରେ ଜଣେ ପ୍ରଧାନ ବିଶେଷଜ୍ଞ । ୧୯୬୦ ମସିହାରେ 'ଯୁକ୍ତିର ବିଚାର ଓ ଗଣିତର ମୂଳଦୁଆ' ନାମକ ତାଙ୍କର ଆଲୋଚନା ମାଳିକାରେ ସେ ମହାଜାଗତିକ ଭାବ ବିନିମୟ ପାଇଁ ଏକ ଭାଷାର ସନ୍ଧାନ ଦେଇଛନ୍ତି । ଏହାର ନାମ ସେ ରଖିଛନ୍ତି ଲିଙ୍କୋଜ ବା ଲିଙ୍ଗୁଆ କସ୍‌ମିକା ବା ମହାଜାଗତିକ ଭାଷା ।

ଲିଙ୍କୋଜ୍‌ର ଯୁକ୍ତି ହେଲା ଯେ ବିଶ୍ୱବ୍ରହ୍ମାଣ୍ଡରେ ଯଦି ଗୋଟିଏ ଏକକ କାନୁନ ଅଛି ଓ ସବୁ ପ୍ରାକୃତିକ ନିୟମ ସମାନ, ତେବେ ପୃଥିବୀର ମଣିଷ ଅନ୍ୟ ଜଗତ୍‌ରେ ଥିବା ମନୁଷ୍ୟଭଳି ଜୀବ ସହିତ ଭାବ ବିନିମୟ ସଂପର୍କ ପ୍ରତିଷ୍ଠା କରିପାରିବ । ତେବେ ଲିଙ୍କୋଜ୍ ହେଉଛି ଏଭଳି ଭାଷା ବା ଭାବ ବିନିମୟ ସ୍ଥାପନ ପାଇଁ ଗୋଟିଏ ନିର୍ଯ୍ୟାସ ସ୍କିମ୍ ବା ଯୋଜନା, ଏହା ଭାଷାର ମୂର୍ତ୍ତିମନ୍ତ ଓ ଶାରୀରିକ ଚେହେରା ନୁହେଁ । ତେବେ ବି ଏହି ଭାଷାର ପହିଲି ଅକ୍ଷରଗୁଡ଼ିକ ଗ୍ରାଫ୍ ବା ନକ୍ସାର ଚିହ୍ନ ବା ସଙ୍କେତ । ସେମାନଙ୍କର ଅର୍ଥଗୁଡ଼ିକ ଆମରି ଶାରୀରିକ ରୂପ ବା ମୂର୍ତ୍ତି ବସ୍ତୁ ସହିତ ମେଳ ଖାଇବା ଦରକାର । ଯଥା '!' କହିଲେ ଆମେ ବୁଝୁଁ । ବା ଧିକ୍‌କାର । ଅଥବା ବୁଝୁଁ "କେତେ ଅଦ୍ଭୁଦ କଥା !" ବା 'ସତେ !'

ଏହି ଭାଷା ଶିକ୍ଷା ବହିର ପ୍ରଥମରୁ ଉକ୍ତ ଗଣିତଜ୍ଞଙ୍କର ବିଶ୍ୱାସ ଯେ ଗାଣିତିକ ଭାବ ବା ସଂଖ୍ୟା ସବୁପ୍ରକାର 'ମନୁଷ୍ୟବତ୍' ବା 'ମନୁଷ୍ୟ ଭଳି' ଗ୍ରହାନ୍ତର ଜୀବନ ବୋଧଗମ୍ୟ ହେବ, ଏକଥା ବୟାନ କରାଯାଇଛି । ଏହାର ଭୂମିକାଟି ଆମର ସାଧାରଣ ମନୁଷ୍ୟ ଭାଷାରେ ଲେଖାଯାଇଛି । ତା ପରଠାରୁ ଏହାର ଲେଖା ଏଭଳି ହୋଇଛି ଯେ ଏହାକୁ କି ପୃଥିବୀ କି ମଙ୍ଗଳ କି ଆଣ୍ଡ୍ରୋମିଦା ସବୁ ସ୍ଥାନର ମଣିଷକୁ ବୁଝିବାକୁ ହେଲେ ଏକ ନିର୍ଦ୍ଦିଷ୍ଟ ମାନସିକ ଶୃଙ୍ଖଳା ଗ୍ରହଣ କରିବାକୁ ହେବ । ପ୍ରଥମ ବୁଦ୍ଧିମାନ ଜୀବନ ଲାଗି କେତେଗୁଡ଼ିଏ ଆଦାନ ପ୍ରଦାନ ସଙ୍କେତ ପଠାଇବାର ବ୍ୟବସ୍ଥା ଏହି ଭାଷାରେ ଦିଆଯାଇଛି । ଏଗୁଡ଼ିକ ହେଉଛି ପହିଲା ଲିଙ୍କୋଜ୍ ସଙ୍କେତ । ଏଗୁଡ଼ିକ ବହୁବାର ଦିଆଯିବ, ଏଗୁଡ଼ିକ ବିଭିନ୍ନ ସମୟକ୍ରମରେ ଦିଆଯିବ । ତା' ପରେ ମୂଳ ଗଣିତକୁ ମନୁଷ୍ୟର ଭାବ ଆଦାନ ପ୍ରଦାନ ସଙ୍ଗେ ଯୋଡ଼ିବାକୁ ହେବ ।

Digitized by srujanika@gmail.com

ପ୍ରଥମେ ମହାକାଶଗତିକ ନକ୍‌ସା ବା ଗ୍ରାଫ୍ ସଙ୍କେତର ନମୁନା ହେଲା । ଏହା ଅଳ୍ପସ୍ଥାୟୀ ଆଲୋକ ଫ୍ଲାଶ୍ ବା ପିଚ୍ଛୁଳା କିମ୍ୱା ଗୋଟିଏ ରେଡ଼ିଓର ଗୁଞ୍ଜନ (ବିପ୍) । ଏହାର ନକ୍‌ସା ବା ଗ୍ରାଫ ସଙ୍କେତ ହେଲା ବିନ୍ଦୁ (ଡଟ୍) । ତା'ପରେ ଗ୍ରହାନ୍ତରର ଲୋକ ବା ସଂବାଦ ଗ୍ରାହକ ବୁଝିବ ଜଣେ କିଏ କଥା ଭାଷା ଆରମ୍ଭ କଲା । ଏହାପରେ ଆଉ ତିନୋଟି ବିନ୍ଦୁ ତା'ପରେ > 'ଠାରୁ ବଡ଼' ଚିହ୍ନ ଓ ତା'ପରେ ଆଉ ଦିଇଟା ବିନ୍ଦୁ ..

... > ..

ସେହି > କୁ ..... > .. ପାଞ୍ଚୋଟି ବିନ୍ଦୁ ଓ ଦୁଇଟି ବିନ୍ଦୁ ମଝିରେ ଦିଆଯାଇଛି । ପୁଣି .... > ..... ଦଶ ଓ ପାଞ୍ଚଟି ବିନ୍ଦୁ ମଝିରେ ବି ଦିଆଯାଇଛି । ତା'ପରେ < ଚିହ୍ନ ଅର୍ଥାତ୍ 'ଠାରୁ ଛୋଟ' ଠିକ୍ ସେଭଳି ଭାବରେ ବ୍ୟବହାର କରାଯାଇଛି ।

.. > ...

.... < ....

ତା'ପରେ ସମାନ ଚିହ୍ନ = ବ୍ୟବହାର କରାଯାଇଛି ।

... = ...

.. = ..

..... = ...

ଅର୍ଥାତ୍ ଏଠାରେ ଗଣିତଜ୍ଞ ପ୍ରିଭଡେଣ୍ଟାଲ ଗ୍ରହାନ୍ତରର ମନୁଷ୍ୟଭଳି ବୁଦ୍ଧିମାନ ଜୀବକୁ ମନୁଷ୍ୟର ଏପର୍ଯ୍ୟନ୍ତ ଶିଖିଥିବ ସଙ୍କେତଗୁଡ଼ିକ ଶିଖାଉଛନ୍ତି । ସେ ଗ୍ରହାନ୍ତରର ଜୀବକୁ କହିବାକୁ ଚାହିଁଛନ୍ତି > ଯେଉଁ ଜିନିଷର ପରେ ଲାଗିଥିବ ସେହି ଜିନିଷ ହେଉଛି ବଡ । ତେଣୁ ତିନୋଟି ବିନ୍ଦୁ ଦୁଇଟି ବିନ୍ଦୁଠାରୁ ବଡ଼ ଓ ପାଞ୍ଚଟି ବିନ୍ଦୁ ଦୁଇଟି ବିନ୍ଦୁଠାରୁ ବଡ଼, ବା ଦୁଇଟି ବିନ୍ଦୁ ତିନୋଟି ବିନ୍ଦୁଠାରୁ ଛୋଟ ବା ତିନୋଟି ବିନ୍ଦୁ ତିନୋଟି ବିନ୍ଦୁ ସଙ୍ଗେ ସମାନ । ଏହା ଫଳରେ >,<, = , ଓ ସଂଖ୍ୟାଗୁଡ଼ିକର ବଡ଼ ସାନ ଶିଖା ଯାଇଛି ।

ତା'ପରେ ସେ ଶିଖାଇଛନ୍ତି . = 1 .. = 10 ... = 100 ଇତ୍ୟାଦି । ଅର୍ଥାତ୍ ଯେ କୌଣସି ଗ୍ରହାନ୍ତର ଜୀବ (ମଙ୍ଗଳ ହୋଇଥିଲେ ପୃଥିବୀର ବା ପୃଥିବୀର ହୋଇଥିଲେ ମଙ୍ଗଳର) ଏହି ଗାଣିତିକ ସତ୍ୟଗୁଡ଼ିକ ହୃଦୟଙ୍ଗମ କରି ଗଲେ ତେଣିକି ପାଟିଗଣିତର 'ମିଶା, ଫେଡ୍, ଗୁଣ, ହର'ର ଆଇନଗୁଡ଼ିକ ବାରମ୍ୱାର ଦେଖାଇ ଏକ ଧାରଣା ସୃଷ୍ଟି କରାଯାଇ ପାରିବ । ଦ୍ୱିକ ସଙ୍କେତ ଅନୁସାରେ ଏଗୁଡ଼ିକ ହେବ –

$1 \times 0 = 0, \times 1 = 0 \times 1 \times 1 = 1, 0 \times 0 = 0$

Digitized by srujanika@gmail.com

ପାଟିଗଣିତର ସୂତ୍ର ଗୁଡ଼ିକ ଶେଷ କରି ଲିଙ୍କୋଲ୍‌ର ରଚୟିତା ବୀଜଗଣିତର କାର୍ଯ୍ୟ ଗ୍ରହଣ କରିଛନ୍ତି । ଏହା ଫଳରେ ସେ ଏକ ନିର୍ଗୁଣ ସଂଖ୍ୟାର ଭାବ ବ୍ୟବହାର କରିଛନ୍ତି –

$a + 100 > a + 10$

$a + 11 < a + 100$

ତା' ପରେ ବୀଜଗଣିତ ବ୍ୟବହାର କରି ପ୍ରିଭଦେନ୍‌ଥଲ ଗଣିତରେ ମନୁଷ୍ୟର ଚାଲିଚଳଣ ବ୍ୟବହାର କରିଛନ୍ତି । ଗୋଟିଏ ପ୍ରଶ୍ନର ଭାବ । ତେଣୁ a କ'ଣ ? a ଏକ ଅଜଣା ପରିମାଣ । ଏହି ଅଜଣା ପରିମାଣକୁ ଜାଣିବ କିପରି ? ଏଭଳି ଭାବରେ ବୀଜଗଣିତ ପ୍ରଶ୍ନର ଅବତାରଣା କରାଯାଇଛି ଓ ବୀଜଗଣିତର ଏକ ମୂଳ ଚିନ୍ତାଧାରାର ଧାରାବାହିକ ବିଶ୍ଳେଷଣ କରି ଶେଷରେ ଗଣିତର ସାଧାରଣ ଧାରଣା ଦିଆଯାଇଛି ।

ଏଣିକି ବାଟ ବନ୍ଦ, କାରଣ ଉଚ୍ଚ ଗଣିତକୁ ବୁଝାଇବା ପାଇଁ ସୂତ୍ର, ଗ୍ରାଫ ଇତ୍ୟାଦି ଯେତିକି ଲୋଡ଼ା ସେତିକି ଲୋଡା ଭାଷା । ଗଣିତ ହେଉଛି ନିର୍ଗୁଣ ବିଜ୍ଞାନ । ଏହା ଅଦୃଶ୍ୟ ସଂଖ୍ୟା ବା କାଗଜ କଲମର ସଂଖ୍ୟା ଉପରେ ନିର୍ଭର କରି କଷାଯାଏ । ତେବେ ଏହି କାଗଜ କଲମର ସଂଖ୍ୟା ଦେଇ ସିନା ଆମର ଅଙ୍କ ବିଦ୍ୟାରେ ଦଖଲ କଥା ଆମର ମନୁଷ୍ୟଭଳି ଗ୍ରହାନ୍ତର ଜୀବଙ୍କୁ କୁହାଯାଇପାରିବ କିନ୍ତୁ ଏଭଳି ଛକି କଟା ସଂଖ୍ୟାର ଭାଷାରେ ଆମର ଜୀବନର ଚଳଣି, ନୀତିନିୟମ ଓ ଆଚରଣ କଥା କିପରି କୁହାଯିବ ? ଗାଣିତିକ ସୂତ୍ର ଓ ଆଇନଗୁଡ଼ିକ ସାରା ବିଶ୍ୱ ପାଇଁ ଏକ । ତାହା ନହେଲେ ଏ ଗ୍ରହ, ନକ୍ଷତ୍ର, ପୃଥିବୀ, ସୌରଜଗତର ସବୁକାର୍ଯ୍ୟ ବିଗିଡ଼ି ଯାଆନ୍ତା । କିନ୍ତୁ ଆଚରଣ, ପାପପୁଣ୍ୟ ଜ୍ଞାନ ଓ ସଂସ୍କୃତି ତ ଆମରି ଏହି ଗ୍ରହରେ ଜାଗାଠାରୁ ଜାଗାରେ ଅନ୍ତର । ଏପରିକି ଗୋଟିଏ ଛୋଟ ଦେଶର ବିଭିନ୍ନ ଜାତି ଓ ବର୍ଣ୍ଣ ଭିତରେ ଅନ୍ତର !

ଆଧୁନିକ ବିଜ୍ଞାନ-ଉପନ୍ୟାସରେ ଗ୍ରହାନ୍ତର ଜୀବଙ୍କର ଆଚରଣ, ଅତିଥି ସତ୍‌କାର, ସ୍ୱାଗତ ଭଙ୍ଗୀ, ଭେଟିଦାନ ଇତ୍ୟାଦି ନାନା କଳ୍ପନାର ଆତିଶଯ୍ୟ ଦେଖାଯାଏ । 'ମହାକାଶଚାରୀ' ନାମକ ଗୋଟିଏ ସୋଭିଏଟ ବିଜ୍ଞାନ ଉପନ୍ୟାସରେ ଏଭଳି କଳ୍ପନାର କଳ୍ପଲୋକର ବିବରଣୀ ଦିଆଯାଇଛି । ଶୁକ୍ର ଗ୍ରହର ମନୁଷ୍ୟମାନଙ୍କର ତିନୋଟି ଲେଖାଏଁ କଳା ଆଖି ଓ ସରୁ ଚେପ୍ଟାଳିଆ ପାଟି । ସେମାନେ ଖାଇବା ଜିନିଷ ଆଣି ଧରାତଳବାସୀ ମହାକାଶଚାରୀମାନଙ୍କୁ ଭେଟି ଦେଉଛନ୍ତି । ତୃତୀୟ ନୟନରେ ଆଖି ମିଟିକା ମାରି ମର୍ତ୍ତ୍ୟର ମାନବର ଢ଼ଙ୍ଗରେ ସେମାନେ ଅତିଥିମାନଙ୍କୁ ତାଙ୍କ ସଙ୍ଗରେ ଯିବାକୁ ଇସାରା ଦେଉଛନ୍ତି ଇତ୍ୟାଦି ।

Digitized by srujanika@gmail.com

କିନ୍ତୁ ଏ କଥା ବି ହୋଇପାରେ ଯେ ସେହି ଗ୍ରହାନ୍ତର ଜୀବ ହସ୍ତହୀନ, ବର୍ତ୍ତୁଳାକାର, ଜଳବାସୀ ବା ମାଙ୍କଡସା ପରି ବୃକ୍ଷକୋଟରବାସୀ ବା ଆମେ ଯାହା ଜୀବ ବୋଲି କଳ୍ପନା କରିଛୁଁ ତାହାଠାରୁ ଆହୁରି ଅଦ୍ଭୁତ ଉଦ୍‌ଭଟ ? ଅଥବା ହୋଇପାରେ ବହୁ ସଂଖ୍ୟକ ଜୀବ ନ ହୋଇ ଗୋଟିଏ ମାତ୍ର ବିଶାଳ ବିରାଟ ଜୀବ ଯାହା ସାରା ଗ୍ରହକୁ ଘୋଟି ରହିଛି ! ତେବେ ଏଭଳି ଅଦ୍ଭୁତ ବିସ୍ମୟକର ମହାଶୂନ୍ୟର ଜୀବକୁ ଆମେ ଆମର ଆଚରଣ, ଆଚାର, ଇତ୍ୟାଦି ବୁଝାଇବୁ କିପରି ?

ଅବଶ୍ୟ ଲିଙ୍କୋଜ୍ ଭାଷାରେ ଏହି ଆଚରଣ, ଆଦବକାଏଦା ବୁଝାଇବା ପାଇଁ ଚେଷ୍ଟା କରାଯାଇଛି । ଯଥା ଗାଣିତିକ ବିଷୟ ଆଲୋଚନା ବେଳେ 'କ' ଗୋଟିଏ ସମସ୍ୟା ଥୋଇଛି । 'ଖ' ତାହାକୁ ଭୁଲ ଭାବରେ କଷିଛି । 'ଗ' ତାହାକୁ ଠିକ୍ ଭାବରେ କଷିଛି । ତେଣୁ 'ଖ' ର ହେଉଛି 'ନିକୃଷ୍ଟ' 'ଗ'ର ହୋଇଛି 'ଉତ୍ତମ' ଇତ୍ୟାଦି । ଏଭଳି ବାର ଚଉଦଟି ଉଦାହରଣ ଜରିଆରେ ଲିଙ୍କୋଜ୍ ଭାଷା, ଆମେ କାହାକୁ ଉତ୍‌କୃଷ୍ଟ କହିବା କାହାକୁ ନିକୃଷ୍ଟ କହିବା ତାହାର ଉଦାହରଣ ଦେଇଛି । ଯେପରି ବୁଦ୍ଧିମାନ ପ୍ରାଣୀ ସେଥିରୁ ଆମର ଭଲମନ୍ଦ ଧାରଣା ହୃଦୟଙ୍ଗମ କରିପାରିବ । ପୁଣି ଆଦବକାଏଦା ଦେଖାଇବା ପାଇଁ 'କ' ଗୋଟିଏ ସମସ୍ୟା ଥୋଇଛି । 'ଖ' ତାହାର ସମାଧାନ କରି ଦେଇଛି । 'ଗ' ତାହା ସମାଧାନରେ ଭୁଲ କରିଛି । 'ଘ' ସମାଧାନ କରିଛି କିନ୍ତୁ ବହୁତ ବିଳମ୍ବରେ । ଏଠାରେ ସମାଧାନର ମୂଲ୍ୟ ହେଉଛି 'ଉତ୍ତମ' । 'ଘ' କ୍ଷେତ୍ରରେ ସମାଧାନ ମିଥ୍ୟା (ଭୁଲ) ନୁହେଁ କିନ୍ତୁ ଉତ୍‌କୃଷ୍ଟ ନୁହେଁ ତେଣୁ 'ମଝିମଝିଆ' ଇତ୍ୟାଦି । ଏଭଳି ଭାବରେ ଲିଙ୍କୋଜ ଭଲମନ୍ଦ ଧାରଣାର ଅନେକଗୁଡ଼ିଏ ଭାବର ସଙ୍କେତ ଦେଇପାରିଛି । କାଇଦା ବା ଭଦ୍ରାମି ବିଷୟରେ ଶିଖେଇବାକୁ ଯାଇ 'କ' ଗୋଟିଏ ସମସ୍ୟା ଥୋଇଛି ଓ 'ଖ' କୁ ସମାଧାନ କରିବାକୁ କହିଛି; କିନ୍ତୁ 'ଘ' ତାହାକୁ ସମାଧାନ କରିଦେଇଛି । ଏଇଠି 'କ' କହିଛି 'ଖରାପ' କାରଣ "ତୁମକୁ ଯେଉଁ ପ୍ରଶ୍ନ ପଚରାଯାଇଛି ତାହା ତୁମେ ଉତ୍ତର କର । ଅନ୍ୟର ପ୍ରଶ୍ନର ଉତ୍ତର କରନାହିଁ ।" ଏହାହିଁ ଆଦବକାଏଦା ଶିକ୍ଷା ।

'ଆଚାର ବ୍ୟବହାର' ପରିଚ୍ଛେଦରେ ଲିଙ୍କୋଜ୍ ଭାଷା 'ପ୍ରମାଣକର' ଧାରଣାଟିକୁ ଅନୁପ୍ରବିଷ୍ଟ କରାଇଛି । 'ପ୍ରମାଣକର' ଅର୍ଥ ହେଲେ "ଅଧିକ ବା ଊଣା ଭାବରେ ପ୍ରକୃତ କଥାକୁ ପ୍ରକାଶ କରିବା" ଓ ଏଥିରୁ 'ଭୁଲବୁଝାମଣା' 'ଭୁଲ-ଉଚ୍ଚାରଣ' ବିଷୟଗୁଡ଼ିକ ବୁଝାଇବାପାଇଁ ଚେଷ୍ଟା କରାଯାଇଛି । ଏକଥା ବି ସୁଚାଇ ଦିଆଯାଇଛି ଯେ "ଗ୍ରାହକ କୌଣସି ଗୋଟିଏ ସୂଚନାରୁ ଉପସଂହାର କରିପାରେ ଯେ ଜଣେ କୌଣସି ପ୍ରଶ୍ନର ଉତ୍ତର ଜାଣେ କିନ୍ତୁ କହିବାକୁ ଇଚ୍ଛା କରୁନାହିଁ ।"

Digitized by srujanika@gmail.com

'ଆଚାର ବ୍ୟବହାର" ପରିଚ୍ଛେଦରେ କହିବା ଲୋକଠାରୁ ଯାତାୟତ କରୁଥିବା, ଇଚ୍ଛା କରୁଥିବା ଓ ଦେଖୁଥିବା ଲୋକଙ୍କ ସଂଖ୍ୟା ବେଶି ହୋଇପାରେ, ଏଭଳି ଧାରଣା ଦିଆଯାଇଛି । ଜୀବଜନ୍ତୁ ମନୁଷ୍ୟଠାରୁ ଭିନ୍ନ । ଜୀବ ଇଚ୍ଛାକରେ କିନ୍ତୁ କହିପାରେ ନାହିଁ ।

ମଣିଷ ହିଁ କହିପାରେ । ପୃଥିବୀରେ ତିନିଶହ କୋଟି କଥା କହି ପାରୁଥିବା ଜୀବ ଅଛନ୍ତି । (ଆକ୍ଟୋବର ୩୧, ୨୦୧୧ରେ କଥା କହି ପାରୁଥିବା ୭୦୦ କୋଟି ଜୀବଙ୍କର ସଂଖ୍ୟା ସୃଷ୍ଟି ହୋଇଛି-ସଂପାଦକ)

ପରବର୍ତ୍ତୀ ଅଧ୍ୟାୟ ଆରମ୍ଭରେ ଲିଙ୍କୋଜ୍‌ର ରଚୟିତା ଫ୍ରିଭ୍‌ଜେଣ୍ଟାଲ ଲେଖିଛନ୍ତି " ଏ ପର୍ଯ୍ୟନ୍ତ 'ହୋମ୍' ଶ୍ରେଣୀର ଲୋକେ ଭୂତ ବି ହୋଇପାରନ୍ତି । ଆମେ ଏକମାତ୍ର ବିସ୍ତାର ଲୋଡ଼ିବୁ ଯାହା ହେଲା କାଳ ।" ମନୁଷ୍ୟ ଗୋଷ୍ଠୀର କ୍ରିୟାକଳାପ ଯେଉଁ ମୌଳିକ ଶାରୀରିକ ଆଇନ ଉପରେ ପ୍ରତିଷ୍ଠିତ ତାହା ବି ସେ ଶିଖାଇଛନ୍ତି । ଯଥା "ଖୁବ୍ ଅଳ୍ପ ସମୟ ଭିତରେ ଜଣେ ଲୋକ ଗୋଟିଏ ଥାନରୁ ଆଉ ଗୋଟିଏ ଥାନକୁ ଯାଇପାରେ ନାହିଁ ।" "ଯଦି ଗୋଟିଏ ଜିନିଷ ଖୁବ୍ ବଡ଼ ଥାଏ ତେବେ ଜଣେ ମଣିଷ ତାକୁ ଟେକି ନେଇ ପାରେନାହିଁ । ତେବେ ଅନେକ ଲୋକ ମିଶି ଟେକି ନେଇପାରନ୍ତି ।" କୌଣସି ବସ୍ତୁର ଘନ ଓ ଗତିକୁ ଗୋଟିଏ ପକ୍ଷରେ ବ୍ୟାବହାରିକ ଦୃଷ୍ଟିରୁ ମନୁଷ୍ୟର ଆଚାର ବ୍ୟବହାର ଦ୍ୱାରା ଓ ଅନ୍ୟ ପକ୍ଷରେ ପଦାର୍ଥ ବିଦ୍ୟାର ଆଇନ ଦ୍ୱାରା ସ୍ୱତଃସିଦ୍ଧ ଭାବରେ ଦର୍ଶାଯାଇଛି । ମା ଓ ବାପଙ୍କୁ ନିମ୍ନଲିଖିତ ମତେ ବୁଝେଇ ଦିଆଯାଇଛି "ମଣିଷର ଜନ୍ମ ପୂର୍ବରୁ ମଣିଷର ଦେହର ଅସ୍ତିତ୍ୱ ଥାଏ । ଏକଥା ମଧ୍ୟ କେତେକ ଜୀବଙ୍କର କ୍ଷେତ୍ରରେ ସତ୍ୟ ।"

"ଗୋଟିଏ ମନୁଷ୍ୟର ବ୍ୟକ୍ତିଗତ ଅସ୍ତିତ୍ୱ ଏହାର ଦେହ ମା'ର ଦେହର ଗୋଟିଏ ଅଂଶ ହିସାବରେ ଥାଏ ।" ଏଠାରେ ଫ୍ରିଭଜେଣ୍ଟଲ ଜୀବ ବିଜ୍ଞାନର ଆଇନ ଓ ପ୍ରାଥମିକ ପଦାର୍ଥ ବିଜ୍ଞାନର ଆଇନ ଯେଉଁଗୁଡ଼ିକ ମନୁଷ୍ୟମାନେ ଶିଖିଛନ୍ତି ତାହାକୁ ବୁଝାଇଛନ୍ତି ।

ତାଙ୍କର ଆଲୋଚନା ଶେଷରେ ଫ୍ରିଭଜେଣ୍ଟଲ ଆପେକ୍ଷିକ ତତ୍ତ୍ୱର ମୌଳିକ ସୂତ୍ରରୁ ଦେଇଛନ୍ତି ଓ ଶେଷରେ ଆଇନ୍‌ଷ୍ଟାଇନଙ୍କର ବିଖ୍ୟାତ ସୂତ୍ର $E = mc^2$ ବୁଝାଇଛନ୍ତି ।

ତେବେ ଲିଙ୍କୋଜର ଶିକ୍ଷା ସମାପ୍ତି ହୋଇନାହିଁ । କେବଳ ପ୍ରଥମ ଖଣ୍ଡ ସରିଛି । ଦ୍ୱିତୀୟ ଖଣ୍ଡରେ ଫ୍ରିଭଜେଣ୍ଟଲ ବସ୍ତୁ, ଜୀବନ ଓ ମନୁଷ୍ୟ ଆଚାର ବ୍ୟବହାର ବିଷୟରେ ଆହୁରି ପ୍ରାଞ୍ଜଳ ଆଲୋଚନା କରିବାକୁ ମନସ୍ଥ କରିଛନ୍ତି ।

ମହାଜାଗତିକ ଭାଇ, ନମସ୍କାର !

ମନୁଷ୍ୟ ପୃଥିବୀ ବାହାର ଗ୍ରହ ଓ ଗ୍ରହାନ୍ତରମାନଙ୍କ ବୁଦ୍ଧିମାନ ଜୀବଙ୍କ ସହିତ ଭାବ ବିନିମୟ ପାଇଁ ଏକ ମହାଜାଗତିକ ଭାଷା ଲୋଡ଼େ । ଲିଙ୍କୋଜ୍ ଏହି ଭାଷାର

Digitized by srujanika@gmail.com

ପ୍ରଥମ ପଦକ୍ଷେପ । ଏହା ଅଣ-ପୃଥିବୀ ଭାବ ବିନିମୟ କ୍ଷେତ୍ରରେ ଏକ ମୌଳିକ ଗବେଷଣା ଓ ଆଲୋଚନା । ହୋଇପାରେ ଯେ ଗଭୀର ମହାଶୂନ୍ୟରୁ ଆମେ ଯଦି ନିୟମିତ ଓ ଶୃଙ୍ଖଳାବଦ୍ଧ ସଙ୍କେତ ପାଉ ଓ ତାହା ଦ୍ୱାରା ପ୍ରାୟ ନିଶ୍ଚିତ ହେଉଁ ଯେ ଏହି ସଙ୍କେତ ପ୍ରାକୃତିକ କାରଣରୁ ନୁହେଁ । ଏହା କୌଣସି ମନୁଷ୍ୟଭଳି ଜୀବର ସଙ୍କେତ, ତେବେ ସେହି ସଙ୍କେତର ଅନୁସରଣ କରି ଆମେ ଲିଙ୍କୋଜ୍ ବା ତା'ଠାରୁ ଆହୁରି ମାର୍ଜିତ ମହାଜାଗତିକ ଭାଷାରେ ଭାବ ବିନିମୟ କରିପାରିବାରେ ସମର୍ଥ ହେବୁ ।

ଆପଣା ବହିର ମୁଖବନ୍ଧରେ ଫ୍ରିଉଡେନ୍‌ଥାଲ ଏକଥା ଦର୍ଶାଇଛନ୍ତି ଯେ ଆଜିର ମଣିଷ ସହିତ ସମାନ ବିକାଶ ଲଭିଥିବା ଜୀବ କେବଳ ତାଙ୍କର ଲିଙ୍କୋଜ୍‌ର ସଙ୍କେତ ବୁଝିବାକୁ ସମର୍ଥ ହେବ । ଆମରି ମନୁଷ୍ୟ ଠାରୁ ନିମ୍ନସ୍ତରର ବୁଦ୍ଧିବାଲା ଜୀବ ପାଇଁ ଲିଙ୍କୋଜ୍ କାମ ଦେବ ନାହିଁ । ତାହା ପାଇଁ ଅନ୍ୟ ଏକ ଭାବ ବିନିମୟ ମାଧ୍ୟମ ବାହାର୍ କରିବାକୁ ପଡ଼ିବ ।

ତେବେ ଏଥିରେ ସନ୍ଦେହ ନାହିଁ ଯେ ଯିଏ ବା ଏହି ଭାଷା ତିଆରି କରୁ ସେ ଜଣେ ଗାଣିତିକ ଯୁକ୍ତିବିଦ୍ ନିଶ୍ଚୟ ହୋଇଥିବ । ତାଙ୍କର ଗଣିତ ଛଡା ସଙ୍କେତତତ୍ତ୍ୱ ବିଷୟରେ ଦକ୍ଷତା ଥିବ । ଅର୍ଥାତ୍ ପ୍ରାକୃତିକ ବିଜ୍ଞାନ ଭିତରେ ସବୁଠାରୁ ନିର୍ଗୁଣ ବିଦ୍ୟା ଯାହା ଆମର ନିତିଦିନିଆ ବ୍ୟବହାରରେ ଦରକାର ପଡେ ନାହିଁ, ତାହା ମନୁଷ୍ୟର ପାର୍ଥିବ କ୍ରିୟାକଳାପରେ ଓ ତା'ର ମହାଜାଗତିକ ଉଦ୍ୟମରେ ସହାୟକ ହେବ ।

ଅନ୍ୟ ଲୋକରେ ଥିବା ଜୀବ ସହିତ ଭାବ ବିନିମୟ ସହଜ ବ୍ୟାପାର ନୁହେଁ । ତଥାପି ସେହି ବ୍ୟାପାର ସମାଧାନ ହୋଇପାରିବ ଠିକ୍ ଯେପରି ପୃଥିବୀର ବିଭିନ୍ନ ଜାତିର ମଣିଷଙ୍କ ଭିତରେ ଭାବ ବିନିମୟ ବ୍ୟାପାରର ସମାଧାନ ହୋଇପାରିଛି । ଆମରି ଛାୟାପଥ ଆମରି ତାରକା ରାଜ୍ୟର ଘର । ପୃଥିବୀର ଲୋକେ ଯେପରି ଏକ ଗ୍ରହର ସନ୍ତାନ ଓ ସେମାନେ ଯେଉଁ ବିପୁଳ ସଂଖ୍ୟକ ଭାଷାରେ କଥା କହନ୍ତି, ସେଥିରୁ ପରସ୍ପର ବୁଝିବାର ବାଟ ବାହାରି ପାରିଛି, ଠିକ୍ ସେପରି ଆମରି ଛାୟାପଥରେ ବାସ କରୁଥିବା ସବୁପ୍ରକାର ବୁଦ୍ଧିମାନ ଜୀବଙ୍କର ଭାଷା ବୁଝିବା ପାଇଁ କିଛି ନା କିଛି ଗୋଟାଏ ଉପାୟ ବାହାରିବ ହିଁ ବାହାରିବ, କାରଣ ସେମାନେ ସମସ୍ତେ ଏକ ବିରାଟ ବିଶ୍ୱବ୍ରହ୍ମାଣ୍ଡର ସନ୍ତାନ ।

ମନୁଷ୍ୟ ସମାଜର ଭାବ ଆଦାନ ପ୍ରଦାନର ବାହନ ଭିତରେ ଠାର, ଇସାରା, ଇଙ୍ଗିତ, ବାଜା ବଜାଇବା, ସୁରସୁରି ଓ ଫିସ୍‌ଫିସ୍ କଥା, ଟ୍ରାଫିକ୍ ସଙ୍କେତ, ସଡ଼କ ସଙ୍କେତ, ମୁଖର ଭଙ୍ଗୀ, ମନୁଷ୍ୟର ଆଚାର ବ୍ୟବହାର ବା ହାବଭାବର ଭାଷା, ଯନ୍ତ୍ରର ଭଷା, ସଂଖ୍ୟାର ଭାଷା, ପ୍ରୋଗ୍ରାମ, ଆଲଗୋରିଥିମ୍ ଇତ୍ୟାଦି ସବୁ ଆସି ଯାଉଛି ।

Digitized by srujanika@gmail.com

କିନ୍ତୁ ଏମାନଙ୍କ ଭିତରୁ କୌଣସି ଗୋଟିଏ ଭାବବିନିମୟ ପଦ୍ଧତି ନମନୀୟତା, ସାର୍ବଜନୀନତା ଓ ସୁଦକ୍ଷତାରେ ଆମର ନିତିଦିନିଆ ସାଧାରଣ ମନୁଷ୍ୟ ଭାଷାକୁ ବଳିଯାଇ ପାରିବ ନାହିଁ । ଏହାହିଁ ଏତେ କଥାରେ ଏହି ବହିରେ କୁହାଯାଇଛି । ଏଠାରେ ଆମର ସମୃଦ୍ଧିମୟ ଭାଷାଗତ ଐତିହ୍ୟ, ଏହାର ଅନୁସନ୍ଧାନର ରୋକଠୋକ୍ ପଦ୍ଧତି ଓ ଏହି "ବିସ୍ମୟଠାରୁ ବିସ୍ମୟ"ର ରହସ୍ୟ ଉଦ୍‌ଘାଟନ କରିବାର ଉଦ୍ୟମ କରାଯାଇଛି ।

ରହସ୍ୟର କିଛି ଉଦ୍‌ଘାଟନ ହୋଇଛି । ତଥାପି ଭାଷା ସମ୍ମୁଖରେ ଆମେ ଅବାକ୍ ବିସ୍ମୟରେ ଛିଡ଼ା ହୋଇ ରହିଥାଇଁ । ଏହାର ରହସ୍ୟ ଉଦ୍‌ଘାଟନ ଫଳରେ ଆମରି ମାତୃଭାଷା ଆମର ଆହୁରି ପ୍ରିୟ ହୋଇଛି । ଏହାର ସୂକ୍ଷ୍ମତମ ସୌନ୍ଦର୍ଯ୍ୟ ଆଡ଼କୁ ଆମକୁ ଆକୃଷ୍ଟ କରିଛି ଓ ପୃଥିବୀର ବିଭିନ୍ନ ଜାତିର ଭାଷା ଶିଖିବାକୁ ଆମର ଅଭିଳାଷ ନ ହେଲେ ବି କୌତୂହଳ ଉଦ୍ରେକ କରିଛି ।

Digitized by srujanika@gmail.com

ଭାଷାର ଭାବ ଓ ରସ, ମାତୃଭାଷା

ବିଜୟମୋହନ ମିଶ୍ର

ଭାବରୁ ଭାଷା ସୃଷ୍ଟି, ଭାବ ନଥିଲେ ଭାଷା ନାହିଁ। ଭାବ କ'ଣ ? ଭାବ ହେଉଛି ମଣିଷର ଅନୁଭୂତି। କେତେକ ଭାବ ସ୍ୱତଃସ୍ଫୂର୍ତ୍ତ, ଆଉ କେତେକ ଭାବ ସଂଗଠିତ। ମଣିଷର କ୍ଷୁଧା, ତୃଷା, ଭୟ, ଉତ୍କଣ୍ଠା, କ୍ରୋଧ, ପ୍ରେମ, ଆତୁରତା - ଏ ସବୁରେ ଅଲଗା ଅଲଗା ଭାବ ଅଛି। ଏ ଭାବ ଶୋକ, ଦୁଃଖ, ହସ ବା ଆନନ୍ଦରେ ପରିଣତ ହୋଇଥାଏ। ଅନ୍ତରର କୋହ ବା ଉଲ୍ଲାସ ଧ୍ୱନି ସୃଷ୍ଟି କରେ। ବାହ୍ୟ ପରିବେଶର ଅନୁଭବ ଭାବକୁ ସଂଗଠିତ କରେ ଓ ପ୍ରକାଶୋପଯୋଗୀ ଭାଷା ସୃଷ୍ଟି କରେ। ଧ୍ୱନିକୁ ଭାଷାରେ ପ୍ରକାଶ କରିବାଲାଗି ଶବ୍ଦ ଲୋଡ଼ା, କଳ୍ପନା ଲୋଡ଼ା, ସଂଯୋଜନ ଲୋଡ଼ା। ଏହି ପ୍ରକାଶ କରିବା ଶକ୍ତିକୁ ବାକ୍‌ଶକ୍ତି କୁହାଯାଏ। ବାକ୍ ମନୁଷ୍ୟର ପ୍ରଗାଢ଼ ଶକ୍ତି। ବାକ୍‌ଶକ୍ତି ଯୋଗୁଁ ମଣିଷ ଅନ୍ୟ ପଶୁପକ୍ଷୀମାନଙ୍କଠାରୁ ସ୍ୱତନ୍ତ୍ର ଏବଂ ଜୀବଜଗତରେ ଶ୍ରେଷ୍ଠ।

ସଂଯୋଗ, ବିୟୋଗ, ପ୍ରାକୃତିକ ପରିବେଶ, ପ୍ରକୃତିର ଭୟଙ୍କରତା ବା ସାବଲୀଳତା, ସୌଭାଗ୍ୟ, ଦୁର୍ଭାଗ୍ୟ ଇତ୍ୟାଦି ମଧ୍ୟ ମଣିଷ ମନରେ ଭାବର ଉଦ୍ରେକ କରିଥାଏ। ଏ ଭାବ ସମସ୍ତଙ୍କୁ ସମାନ ପ୍ରଭାବ ଦିଏ ନାହିଁ – କେହି କବି ବା ଚିନ୍ତାଶୀଳ ଏ' ଭଳି ପରିପ୍ରେକ୍ଷୀରେ ଭାବାବିଷ୍ଟ ହୁଅନ୍ତି, ଏହି ଭାବାବେଶରୁ ସାହିତ୍ୟର ସୃଷ୍ଟି। ଆଗ ପରି ବାହ୍ୟ ପରିବେଶ ବା ଘଟଣାଜନିତ ଅନୁଭୂତି ଭାବକୁ ସଂଗଠିତ କରେ ଏବଂ ଭାଷା ସୃଷ୍ଟି କରେ। ସଂସାରରେ ବିଭିନ୍ନ ପଦାର୍ଥର ନାମ କରଣ, ବିଭିନ୍ନ ପରିବେଶ ବର୍ଣ୍ଣନା ଏହି ପ୍ରକାର ଭାବ ପ୍ରକାଶରୁ ହିଁ ସୃଷ୍ଟି। ଏହି ଭାବର ଉଦ୍ଦିପନାରୁ ବର୍ଣ୍ଣର ସୃଷ୍ଟି। ଏକ ବର୍ଣ୍ଣ ଶବ୍ଦରୁ ବହୁବର୍ଣ୍ଣ ଶବ୍ଦ, ସ୍ୱର ଓ ବ୍ୟଞ୍ଜନ – ତା'ପରେ ମନ ମତାଣିଆ କଥା ଓ ରସର ପ୍ରକାଶ।

ଶବ୍ଦଯୋଜନା

ଆମେ ଯେତେବେଳେ ଏକ ଆନ୍ତର୍ଜାତିକ ଭାଷା କଥା ଭାବୁଥାଇଁ, ଆମକୁ ବୁଝିବାକୁ ହେବ ଯେ ସବୁ ଭାଷାର ମୂଳରେ ମନୁଷ୍ୟର ଧ୍ୱନି ଓ ବାକ୍‌ଶକ୍ତି ନିହିତ। ବିଭିନ୍ନ ପଦାର୍ଥକୁ ସମଧର୍ମୀ ବସ୍ତୁର ଧ୍ୱନିସହ ତୁଳନାକରି ଶବ୍ଦ ଗଠନ କରିବା

Digitized by srujanika@gmail.com

ସ୍ୱାଭାବିକ । ପୃଥିବୀରେ ବ୍ୟବହୃତ ଭାଷାମାନଙ୍କରେ ସମ୍ମିଳିତ ଶବ୍ଦମାନଙ୍କର କିପରି ଉତ୍ପତ୍ତି ହୋଇଛି । ତା'ର କିଛି ସଠିକ୍ ତଥ୍ୟ ବାହାରି ନାହିଁ । ଶବ୍ଦମାନଙ୍କର ବୀଜ ବୋଧହୁଏ ବହୁ ପୁରାତନ କାଳରୁ ଆଦି ମଣିଷ ଦ୍ୱାରା ସମ୍ଭୂତ । ଏହି ବୀଜହିଁ ମଣିଷର ମୌଳିକ ଧ୍ୱନି । '୧' କୁ 'ଏକ' ବୋଲି କହିବାରେ କେତେ ନିଗୂଢ଼ ତଥ୍ୟ ଅଛି, ତା'କୁ ଆବିଷ୍କାର କରିବା ବର୍ତ୍ତମାନ କାଠିକର ପାଠ । ତେବେ '୧' କୁ 'ଏକ' ବୋଲି ନ କହିଲେ ଆମର ସୂଚନାରେ ଘୋର ଅସୁବିଧା !

କିମ୍ବଦନ୍ତୀ ଓ ଲିଖିତ ଇତିହାସରୁ ଜଣାଯାଏ ଯେ ଶବ୍ଦର ସୃଷ୍ଟି ମନୁଷ୍ୟ ସମାଜରେ ବ୍ୟାପାର ଦୃଷ୍ଟିରୁ ସୃଷ୍ଟି ହୋଇଥିଲା । କୌଣସି ଜାଗାରେ ସମାଜଗଠନ କରି ଚଳିବାରେ 'ଭାଷା'ର ଆବଶ୍ୟକତା ନ ଥିଲା ଯେତେବେଳେ ଦୁଇଟି ବିଭିନ୍ନ 'ଅଞ୍ଚଳ'ର ଲୋକ ପରସ୍ପର ଭିତରେ ବସ୍ତୁ ବିନିମୟ କଲେ ସେତେବେଳେ ବସ୍ତୁର ନାମକରଣ ଆବଶ୍ୟକ ହେଲା । ତେଣୁ ଏ ପ୍ରକାର ନାମକରଣ ଆଞ୍ଚଳିକ ଭାରତବର୍ଷର ଶବ୍ଦ ଆରବଦେଶଠାରୁ ଅଲଗା । ଯେଉଁ ଅଞ୍ଚଳରେ ଯେଉଁ ବସ୍ତୁର ଉତ୍ପତ୍ତି, ସେ ବସ୍ତୁର ନାମ ସେହି ଅଞ୍ଚଳରୁ ଉତ୍ପନ୍ନ ହେଲା ଏବଂ ଅନ୍ୟମାନଙ୍କ ଦ୍ୱାରା ଗୃହୀତ ହେଲା । ଏପରି ଭାବରେ 'ଧାନ' ହେଲା ଓଡ଼ିଆ ଶବ୍ଦ, 'ଗହମ' ଶବ୍ଦ ବାହାରୁ ଓଡ଼ିଶାକୁ ଆସିଛି । ଏ ପ୍ରକାରର ଉଦାହରଣ ଦିଆଯାଇପାରେ ।

କ୍ରିୟାପଦ

'ଧାନ' ଓ 'ଗହମ' ଶବ୍ଦ ଭିତରେ ଫରକ ହେଉଛି ଶବ୍ଦମାନଙ୍କର ଉତ୍ପତ୍ତି । 'ଧା' ଧ୍ୱନିରେ ଅନେକ ଶବ୍ଦ ଅଛି ଏବଂ ଏ ଶବ୍ଦମାନଙ୍କର ଅର୍ଥରେ କିଛି ସାମଞ୍ଜସ୍ୟ ଅଛି । 'ଧା' କିପରି ଆରମ୍ଭ ହେଲା,ସେ ବିଷୟରେ କିଛି ତଥ୍ୟ ନଥିଲେ ସୁଦ୍ଧା 'ଧା' ବାଚକ ଶବ୍ଦ ଆମ ଦେଶର ଧର୍ମଶାସ୍ତ୍ର 'ବେଦ' ରେ ଦେଖିବାକୁ ମିଳେ । 'ବେଦ' ପୃଥିବୀର ଆଦିପୁସ୍ତକ । ଏ ପୁସ୍ତକ କେବଳ ଧ୍ୱନିରେ ଗଢ଼ା ହୋଇଥିଲା ବୋଲି ଇତିହାସ କହୁଛି । ଅନେକ କାଳ ପୃଥିବୀ ବକ୍ଷରେ ଭ୍ରମଣ କଲାପରେ ମଣିଷର ଗୋଟିଏ ଉପଜାତି ଭାରତବର୍ଷର ଉତ୍ତର ପଶ୍ଚିମ ଅଞ୍ଚଳରେ ପହଞ୍ଚିବାର ଅନୁମାନ କରାଯାଉଛି । ଏ ଭ୍ରମଣ ପଥ କେବଳ ଭାଷାର ଧ୍ୱନି ବିଶ୍ଳେଷଣରୁ ହିଁ ନିରୂପିତ ହେଉଛି । ପ୍ରତ୍ନତାତ୍ତ୍ୱିକ ପଦାର୍ଥ ଯଦି ବା ଥିଲା, ପୃଥିବୀ ଗର୍ଭରେ ବର୍ତ୍ତମାନ ଲୁପ୍ତ ।

ଆଗରୁ କୁହାଯାଇଛି, ପ୍ରଥମେ ସମସ୍ତ ଶବ୍ଦ କେବଳ ବସ୍ତୁବାଚକ ଥିଲା । କୌଣସି ବସ୍ତୁକୁ ବୁଝାଉଥିଲା । ମଣିଷ, ପଶୁ, ଗଛ, ପାହାଡ଼, ନଈ, ମେଘ ଇତ୍ୟାଦି । ଏ ଶବ୍ଦ ଗଠନ ପଛରେ କ'ଣ ମର୍ମ ଥିଲା ତା' ନିର୍ଦ୍ଧାରଣ କରାହୋଇପାରିନାହିଁ । ତେବେ ଶବ୍ଦ ସମୟରେ ଗଡ଼ି ଗଡ଼ି ବଦଳୁଥାଏ । ତେଣୁ ବର୍ତ୍ତମାନର ଶବ୍ଦକୁ ପଛକୁ

Digitized by srujanika@gmail.com

ନେବାଲାଗି ଧ୍ୱନିତତ୍ତ୍ୱର ଆବଶ୍ୟକତା ଅଛି । ଯାସ୍କ ନାମରେ ଜଣେ ଭାରତୀୟ ପଣ୍ଡିତ ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀରେ ବେଦରେ ଥିବା ଅନେକ ସମାନ ଅର୍ଥବୋଧକ ଶବ୍ଦମାନଙ୍କୁ ଏକାଠି କରି 'ନିଘଣ୍ଟୁ' ନାମକ ସଂସ୍କୃତ ଧ୍ୱନିପୁସ୍ତକ ପ୍ରଣୟନ କରିଥିଲେ । ଶବ୍ଦମାନଙ୍କୁ ଦୁଇଶ୍ରେଣୀରେ ବିଭକ୍ତ କରିଥିଲେ– ଭାବପ୍ରଧାନ ଓ ସତ୍ତ୍ୱପ୍ରଧାନ । ମଣିଷ ଆପଣାର ଭାବରେ ଶବ୍ଦ ତିଆରି କଲେ ଭାବପ୍ରଧାନ ଏବଂ ବସ୍ତୁର ଉପାଦାନ ଅନୁସାରେ ଶବ୍ଦ ତିଆରି ହେଲେ ତା' ସତ୍ତ୍ୱପ୍ରଧାନ । ସତ୍ତ୍ୱପ୍ରଧାନ ଶବ୍ଦର ପରିବର୍ତ୍ତନ ନାହିଁ ଯେପରି 'ସୁନା' ବା 'ପବନ' । ଭାବାତ୍ମକ ଶବ୍ଦରେ ପ୍ରକୃତି ନିହିତ ଯେପରି 'ଅସଲି' ବା 'ତୋଫାନି' । ଏ ଉଦାହରଣ ଓଡ଼ିଆରେ ଦିଆ ହେଲା । ଯାସ୍କଙ୍କର ସଂସ୍କୃତ ଉଦାହରଣ ପାଣ୍ଡିତ୍ୟପରିପୂର୍ଣ୍ଣ ।

ଭାବାତ୍ମକ ଶବ୍ଦ ପଛରେ ଭାବ ଅଛି । ଭାବର ଉତ୍ପତ୍ତି ମନରୁ, ଇନ୍ଦ୍ରିୟମାନଙ୍କରୁ । ମଣିଷର 'ମୁଣ୍ଡ ଗୋଟିଏ ପଦାର୍ଥ 'ମୁଣ୍ଡବ୍ୟଥା' ଗୋଟିଏ ଭାବ । ବ୍ୟଥାର ସୀମା ନାହିଁ – ତେଣୁ ଭାବର ବିସ୍ତୃତି ଅସୀମ । ଭାବର ଜନ୍ମ ଅଛି ଓ ଭାବର ସଞ୍ଚାର ଅଛି । ଜନ୍ମ ଓ ସଞ୍ଚାର ଗୋଟିଏ ଗୋଟିଏ କାର୍ଯ୍ୟ । ମୁଣ୍ଡ ସହ ଏମାନଙ୍କର ସଂପର୍କ ନାହିଁ । ଯଦିଓ ଆମେ ମୁଣ୍ଡରେ ଏ ଘଟଣା ଘଟିଲା ବୋଲି ଭାବି ନେଇପାରୁ । ଥରେ 'ବ୍ୟଥା' ନାମକ ଶବ୍ଦ ତିଆରି ହେଲାପରେ ଆମେ ତାକୁ ଗୋଡ଼, ହାତ, କାନ, ଆଖି, ପାଟି, ପେଟ ଇତ୍ୟାଦି ସର୍ବତ୍ର ବ୍ୟବହାର କରିପାରୁ । ପୁଣି ସବୁ 'ବ୍ୟଥା'ର ଜନ୍ମ ଓ ସଞ୍ଚାର ଅଛି । ସଞ୍ଚାର ପରେ ଅବସାନ ଓ ଶେଷକୁ ଲୋପ । ତା' ମଧ୍ୟ ଅନ୍ୟପ୍ରକାରର କାର୍ଯ୍ୟ । ବ୍ୟଥା ଜୀଅନ୍ତା ପ୍ରାଣୀର ସଂକେତ । ଯନ୍ତ୍ରର ବ୍ୟଥା ନାହିଁ, ଯନ୍ତ୍ର ଅଖଣ୍ଡ ହୁଏ ।

ଏହି କାର୍ଯ୍ୟସୂଚକ ଶବ୍ଦମାନଙ୍କୁ କ୍ରିୟାପଦ କୁହାଗଲା । 'ସୂର୍ଯ୍ୟ' ଉଇଁଲା ଗୋଟିଏ କାର୍ଯ୍ୟ । 'ମୁଁ ସୂର୍ଯ୍ୟକୁ ଦେଖୁଛି' ଆଉ ଗୋଟିଏ କାର୍ଯ୍ୟ । ଏ ପ୍ରକାର କାର୍ଯ୍ୟମାନଙ୍କର ବିବରଣୀ ଓ ବର୍ଣ୍ଣନା ଏକ ସ୍ଥାୟୀବାସିନ୍ଦା ସମାଜର ଭାବ ବୋଲି ଅନୁମାନ କରାଯାଇଛି । ଅର୍ଥାତ୍ ମନୁଷ୍ୟ କୌଣସି ସ୍ଥାନରେ ଅଧିକ କାଳ ବସତି ସ୍ଥାପନ କଲାପରେ ସେ ଅଞ୍ଚଳର ଶୋଭା, ସୌନ୍ଦର୍ଯ୍ୟ, ପ୍ରକୃତି, ଆକାଶ, ବାୟୁକୁ ନିରୀକ୍ଷଣ କରି ସେମାନଙ୍କ ଭିତରେ ସମ୍ବନ୍ଧ ସୂଚକ ଶବ୍ଦ ତିଆରି କରିଥାଏ । ଏହା ମଣିଷ ଭିତରେ ବିଜ୍ଞାନର ପ୍ରଥମ ଉତ୍ପତ୍ତି । ବିଭିନ୍ନ ବସ୍ତୁ କିପରି ସଂଯୋଜିତ, ଆକାଶରେ ତାରା କାହିଁକି ଅଛନ୍ତି, ବାୟୁ ଆସିଲା କେଉଁଠୁ – ଏ ସବୁକୁ ମନ ଭିତରେ ବିଶ୍ଳେଷଣ କରି କଥାକୁ କଥା ମିଳାଇ ବିଜ୍ଞାନର ସୃଷ୍ଟି । ବିଜ୍ଞାନ ସତ୍ୟ ହେବା ଆବଶ୍ୟକ, ତେବେ ଆଜି ଯାହା ସତ୍ୟ ବୋଲି ଜଣାପଡ଼େ, ଆଗକୁ ତା' ପୂରାପୂରି ସତ୍ୟ ନ ହୋଇପାରେ । ଭାଷା ଓ ଭାବ ସଂପର୍କରେ ଆମର ଧାରଣା ସେହିପରି । ଏଥିରେ ଅନେକ କଥା ଆଗକୁ ଜାଣିବାକୁ ଅଛି ।

Digitized by srujanika@gmail.com

ବ୍ୟାକରଣ

ଭାବର ଜନ୍ମ, ସଞ୍ଚାର, ଅବସାନ ଓ ଲୋପରେ ସମୟର ବ୍ୟବଧାନ ଅଛି। ସମୟ ମାପରେ ଭାବର କାହାଣୀ କହିବାକୁ ଆମେ 'ଶବ୍ଦ'ର ଆଶ୍ରୟ ନେଇଥାଉ। କିପରି କାହାଣୀ ସମ୍ଭାବ୍ୟ, ବା କିପରି ଘଟଣା ଆବଶ୍ୟକ ଓ ନୀତିଯୁକ୍ତ, ତାକୁ କ୍ରିୟାପଦ ସଂଗରେ ଯୋଡ଼ି ଶବ୍ଦ ତିଆରି କରାଯାଏ। ଭାବର ଜନ୍ମ ଓ ଲୋପର ବ୍ୟବଧାନରେ ଅନ୍ୟ ବସ୍ତୁ ସହ ଯୋଗାଯୋଗ ସୃଷ୍ଟି ହୁଏ। 'ଯିବା' ହେଲା ଗୋଟିଏ ଭାବ, 'ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ପହଞ୍ଚିବା' ହେଲା ଗୋଟିଏ କାର୍ଯ୍ୟ। ଯିଏ ଗଲା, ସେ ହେଲା କର୍ତ୍ତା। ବସ୍ତୁର କ୍ରିୟା ସହ ସଂପର୍କକୁ କାରକ କୁହାଗଲା, 'ଶବ୍ଦ' ଓ 'କାରକ' ନେଇ ବ୍ୟାକରଣର ସୃଷ୍ଟି। ଭାଷାର ବ୍ୟାକରଣ ନିର୍ମାଣରେ ଭାରତୀୟ ପଣ୍ଡିତ ପାଣିନି ସର୍ବଶ୍ରେଷ୍ଠ ତାରକା।

ଧ୍ୱନି ଆଗ, ଧ୍ୱନିର ସମ୍ମିଶ୍ରଣରେ ଶବ୍ଦ, ସତ୍ତ୍ୱପ୍ରଧାନ ଶବ୍ଦରୁ ବସ୍ତୁ ସୂଚନା। ସୂଚନାତ୍ମକ ଶବ୍ଦ ଆଞ୍ଚଳିକ ଓ ଲୋକାଗ୍ରର ସହ ଜଡ଼ିତ। ବସ୍ତୁ ସଂପର୍କରେ ଭାବପ୍ରକାଶ କରିବା ହେଲା କ୍ରିୟା। ସମୟ ବା ସମ୍ଭାବ୍ୟ ବର୍ଣ୍ଣନାରେ କାଳ, କାର୍ଯ୍ୟରେ ବସ୍ତୁମାନଙ୍କର ପ୍ରୟୋଗରୁ କାରକ। ଏ' ସମସ୍ତଙ୍କୁ ନେଇ ଭାଷା। ଭାଷାର ରୀତି ହେଲା ବ୍ୟାକରଣ। କିନ୍ତୁ ମଣିଷର କଥା ବ୍ୟାକରଣକୁ ଅପେକ୍ଷା କରେ ନାହିଁ। ଅଢ଼େଇ ହଜାର ବର୍ଷତଳେ କଥିତ ଓ ପ୍ରଚଳିତ ଭାଷାକୁ ବିଶ୍ଳେଷଣ କରି ପଣ୍ଡିତ ପାଣିନି ପୃଥିବୀରେ ପ୍ରଥମ ବ୍ୟାକରଣ ପୁସ୍ତକ ପ୍ରଣୟନ କଲେ। ଯାହା 'ଚଳନ୍ତି', ତା'କୁ ଅନୁଧାନ କରି, ଶବ୍ଦର ପ୍ରୟୋଗରୁ ବ୍ୟାକରଣ ସୂତ୍ର କାଢ଼ିଲେ। ଧ୍ୱନିଗତ ବେଦବାକ୍ୟ ଶୁଣି ତା'କୁ ମନରେ ହେଜି ପାଣିନି ଓ ତତ୍‌କାଳୀନ ବିଶେଷଜ୍ଞମାନେ ସଂସ୍କୃତ ବର୍ଣ୍ଣମାଳାର ଉଦ୍ଭାବନ କଲେ। ପୃଥିବୀ ଇତିହାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଆଗରେ ବା ପଛରେ ଏହାର ନଜିର ନାହିଁ।

ପ୍ରତ୍ୟେକ ବର୍ଣ୍ଣର ଧ୍ୱନି ସ୍ପଷ୍ଟ ଓ ସ୍ୱତନ୍ତ୍ର। ସ୍ୱରଧ୍ୱନି କଣ୍ଠ ଓ ମୁଖରୁ ନିର୍ଗତ। ବ୍ୟଞ୍ଜନ ଧ୍ୱନି ଶରୀର ଅନ୍ତର୍ଭାଗରେ ସୃଷ୍ଟ। ସ୍ୱରର ଆଶ୍ରୟ ନ ହେଲେ ବ୍ୟଞ୍ଜନର ପ୍ରକାଶ ନାହିଁ। ଜିହ୍ୱା, ଦନ୍ତ, ଓଷ୍ଠ, ମୂର୍ଦ୍ଧା, ନାସିକା, ଏ ସବୁ ଅଙ୍ଗର ପ୍ରୟୋଗରେ ବିଭିନ୍ନ ଧ୍ୱନିର ସୃଷ୍ଟି । ପ୍ରକୃଷ୍ଟ ପ୍ରଯତ୍ନହିଁ ଧ୍ୱନିର ମୌଳିକତା, ଧ୍ୱନିର ସଂଯୋଗରୁ ଯୁକ୍ତଧ୍ୱନି ଏ ପ୍ରକ୍ରିୟାକୁ ସନ୍ଧି କୁହାଗଲା। ଯେପରି ଦିନ ଓ ରାତିର ମିଶ୍ରଣ। ଯେତେ ପ୍ରକାରର ଧ୍ୱନି, ସେତେ ପ୍ରକାରର ସନ୍ଧି, ତେଣୁ ବ୍ୟାକରଣ ସୂତ୍ର ଅଗଣିତ ହୋଇଗଲା। ଏ ସମସ୍ତ ରୀତିରିବାଜକୁ ନେଇ ଯେଉଁ ଭାଷାକୁ ନିୟମାନ୍ୱିତ କରାହେଲା – ତା'ର ନାମ ରଖାଗଲା ସଂସ୍କୃତ।

Digitized by srujanika@gmail.com

ସଂସ୍କୃତର ମୌଳିକ ଧ୍ୱନି ନିରୂପଣରେ ଭାରତର ଆଦିମ ସଂସ୍କୃତିର କେତେ ଅବଦାନ ଅଛି, ତା' ନିର୍ଦ୍ଧାରିତ ହୋଇନାହିଁ। ଆଦିବାସୀ ଭାଷା ବର୍ତ୍ତମାନ ମଧ ଧ୍ୱନିମୂଳକ ଏବଂ ଏହି ଧ୍ୱନିଗତ ଭାଷା ମଣିଷର ସଂଜ୍ଞାଗତ ବୋଲି ଅନୁମାନ କରାହେଉଛି। ପୃଥିବୀର ସବୁ ଭାଷାମାନଙ୍କର ମୂଳରେ ମନୁଷ୍ୟର ଏହି ଧ୍ୱନିଗତ ଆଦିଭାଷା ନିହିତ ବୋଲି ଧାରଣା କରାହେଉଛି। ତେବେ ଏ ଆଦିଭାଷାର ସୃଷ୍ଟି ଆଫ୍ରିକାରେ ବା ବସତି ବହୁଳ ଭାରତବର୍ଷରେ – ତା'ର ଗବେଷଣା ହୋଇନାହିଁ।

ଓଡ଼ିଆ ଭାଷା ବା ଅନ୍ୟାନ୍ୟ ଚଳନ୍ତି ଭାଷାର ଲୋକବସତି ଥିଲେ ମଧ ନିୟମିତ ବ୍ୟାକରଣ ନଥିଲା। ତେଣୁ ସଂସ୍କୃତ ବ୍ୟାକରଣ ତିଆରି ପରେ ଅନେକ ଭାଷା ନିୟମଗତ ହେଲା। ସେମାନଙ୍କର ପ୍ରୟୋଗ ପଦ୍ଧତିରେ ଆପଣାର ନିଜତ୍ୱ ରଖି ବର୍ଣ୍ଣମାଳା ସଂସ୍କୃତଗତ ହେଲା। ଏହି ବର୍ଣ୍ଣମାଳାକୁ ବିଭିନ୍ନ ଭାଷାଭାଷୀ ଲୋକେ ତା'ଙ୍କ ସ୍ୱରରେ ବା ସେମାନଙ୍କର କଥନିରେ ପ୍ରକାଶ କରୁଛନ୍ତି। କାହାର 'ର' ନାହିଁ, କାହାର 'ଳ' ନାହିଁ, କାହାର 'ଣ' ନାହିଁ ତ, କାହାର 'ଶ', 'ଷ' 'ସ' ରେ ପ୍ରଭେଦ ନାହିଁ। ଏ ସବୁ ଲୋକମତ, ଆଞ୍ଚଳିକ; କିନ୍ତୁ ପ୍ରୟୋଗରେ କିପରି ଭାବରେ ବ୍ୟାକରଣ ଶବ୍ଦ ବ୍ୟବହୃତ ହେବ– ତା' ଭିତରେ ଅଞ୍ଚଳ ଅଞ୍ଚଳରେ ବହୁତ ଫରକ। ଓଡ଼ିଆରେ 'ମୁଁ ରେଳଷ୍ଟେସନ ଗଲି' କୁହାଯାଏ। କିନ୍ତୁ 'ମୁଁ ଘରକୁ ଗଲି, ଠିକ୍। ଦ୍ୱିତୀୟ ବାକ୍ୟରେ 'କୁ'ର ଆବଶ୍ୟକତା ଅଛି । 'ମୁଁ ସ୍କୁଲକୁ ଯାଉଛି ବା 'ମୁଁ ସ୍କୁଲଯାଉଛି-ଉଭୟ ଚଳେ। କିନ୍ତୁ ମୁଁ ମନ୍ଦିରକୁ ଯାଉଛି ପରିବର୍ତ୍ତେ ମୁଁ ମନ୍ଦିର ଯାଉଛି କହିବାରେ ଓଡ଼ିଆ ଭାଷାର କଥନି ନିହିତ। ଏ ପାର୍ଥକ୍ୟ ସାଂସ୍କୃତିକ, ପ୍ରସଙ୍ଗର ପ୍ରକାଶ।

ଭାଷାରେ ରସ

ଭାଷାର ଏହି ଆଞ୍ଚଳିକତା ଯୋଗୁଁ ଆମର ପିଲାଦିନର ଭାଷା ଆମକୁ ସୁଖକର ଲାଗେ। ଏହାକୁ ଆମେ ମାତୃଭାଷା କହିଥାଉ। ଏ ଭାଷା ଆମେ ମା'ଠାରୁ ଶିଖିଥାଉ। ମା'ମାନଙ୍କର ପିଲାମାନଙ୍କୁ କଥା କହିବା ଢ଼ଙ୍ଗ ଅଲଗା, ଠାଣି ଅଲଗା। ସେଥିରେ ଠାର ଥାଏ, ଠେକା ଥାଏ, ସ୍ୱର ଥାଏ, କୋମଳତା ଥାଏ। ଭାଷା ମାଧମରେ ମା' ତା'ର ସ୍ନେହ ଶିଶୁକୁ ଢ଼ାଳିଥାଏ। ଏହି ସ୍ନେହର ଭାବ ହିଁ ରସ। ରସ ମଣିଷକୁ ସୁଖକର ହୁଏ, ମଣିଷ ମନରେ ଆନନ୍ଦ ଆଣେ। ମନଛୁଆଁ ରସ ମଣିଷର ଜୀବନକୁ ଭରସା ଦିଏ। ଏହି ପ୍ରକାର ସ୍ନେହ ରସକୁ ଗ୍ରହଣ କରିବା ପ୍ରବୃତ୍ତିରୁ ମଣିଷ ଅନ୍ୟ ରସ ଗ୍ରହଣ କରିପାରେ।

ମଣିଷର ହସ, ଖୁସି, ଦୁଃଖ, ଶୋକ ହେଉଛି ଭାବ। ଏହି ଭାବକୁ ପ୍ରକାଶ କରିବାର ଭାଷା ଦ୍ୱାରା ମଣିଷଠାରେ ରସ ସୃଷ୍ଟି ହୁଏ। ରସ ସୁଖକର। ସୀତା

Digitized by srujanika@gmail.com

କାନ୍ଦୁଥିବା ଗୀତ ଶୁଣିବା ସମୟରେ ଆମେ ପଚାଉ ନାହୁଁ– ଶୁଣୁଥାଉ। କବିର କୃତି ସ୍ମରଣ କରୁଥାଉ। କବିତାର ଭାଷାରେ ଆନନ୍ଦ ପାଉଥାଉ। ଭାଷାରୁ ରସ ସୃଷ୍ଟି। ଏହାକୁ ସାହିତ୍ୟ କୁହାଯାଏ। 'ହେ ଲତାବନ, ମୋ କାନ୍ତ ଗଲେ ମୃଗମାରି' ରେ ଲତାବନଙ୍କୁ ସଂଗୀ ପରି ଗଣାଯାଏ। କଥାର ସ୍ୱରରେ କରୁଣତା ପ୍ରକାଶ କରାଯାଏ। ଏ ଭାଷା ପ୍ରୟୋଗରେ ଶ୍ରୋତା ଭାବେ ସତେ ଯେପରି ସୀତା ଲତାବନଙ୍କୁ କଥା କହୁଛନ୍ତି। ଓଡ଼ିଆ ପଣ୍ଡିତ ବିଶ୍ୱନାଥ କବିରାଜ ଚତୁର୍ଦ୍ଦଶ ଶତାବ୍ଦୀରେ ସଂସ୍କୃତ ଭାଷାରେ 'ସାହିତ୍ୟ ଦର୍ପଣ' ନାମକ ପୁସ୍ତକ ରଚନା କରି ରସ ସଂପର୍କୀୟ ସମସ୍ତ ସାର ସଂକଳନ କରିଥିଲେ। ଭାବନା ପ୍ରକାଶରେ ରସର ପ୍ରଥମ ଉଦ୍ୟୋକ୍ତା ଭାବରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ଭରତ ମୁନିଙ୍କୁ ଗ୍ରହଣ କରାଯାଏ। ଶୃଙ୍ଗାର, ବୀର, କରୁଣ, ବୀଭତ୍ସ, ହାସ୍ୟ, ବିସ୍ମୟ, ରୁଦ୍ର ଓ ଭୟ – ଏ ହେଲେ ଆଠ ରସ ଏବଂ ଶାନ୍ତ ହେଲା ସ୍ଥାୟୀ ରସ। ଏପରି ନବ ରସ।

ଅଭିନେତା ଯେପରି ଅଭିନୟ କଳା ଦ୍ୱାରା ଦର୍ଶକ ମନରେ ରସ ସୃଷ୍ଟି କରିଥାଏ, ସାହିତ୍ୟ ସେହି ପ୍ରକାରର ଶବ୍ଦ, ଧ୍ୱନି ଓ ବାକ୍ୟ ପ୍ରୟୋଗ ଫଳରେ ଶ୍ରୋତା ବା ପାଠକଠାରେ ରସ ସଞ୍ଚାର ହୋଇଥାଏ, କୌଣସି ଅଦ୍ଭୁତ ଦୃଶ୍ୟ ଦେଖିଲେ ଆମ ମନରେ ବିସ୍ମୟ ଭାବ ଉତ୍ପନ୍ନ ହୁଏ। ଏ ଭାବକୁ ଆମେ ଅନ୍ୟକୁ ପ୍ରକାଶ କରି ଶ୍ରୋତା ମନରେ ରସ ସୃଷ୍ଟି କରିଥାଉ। ଭାବଟି ରସ ନୁହେଁ, ଭାବରୁ ରସ ରୂପାନ୍ତରୀକରଣରେ ଶବ୍ଦର ବଳିଷ୍ଠତା, ବର୍ଣ୍ଣନା ଚାତୁରୀ, ବାକ୍ୟର ପ୍ରୟୋଗ - ସମସ୍ତ ଅନିବାର୍ଯ୍ୟ।

ଭାଷାରୁ ରସ ଗ୍ରହଣ କରବାକୁ ହେଲେ ଭାଷାକୁ ବୁଝିବା ଦରକାର। ଖାଲି ଶବ୍ଦ ବୁଝିଲେ ହେବ ନାହିଁ। ଭାଷାର ପ୍ରୟୋଗ ବି ବୁଝିବାକୁ ହେବ। ସବୁ ଭାଷାର ଶୈଳୀ ଓ ଚାତୁରୀ ଅଲଗା, ଅନୁବାଦରେ ରସ ସୃଷ୍ଟି ହୁଏ ନାହିଁ। ସାହିତ୍ୟରୁ ରସ ନେବା ପାଇଁ ସାହିତ୍ୟ ପଢ଼ିବାକୁ ହେବ ବା ଶୁଣିବାକୁ ହେବ। ଓଡ଼ିଆ ଦର୍ଶକ ରାତି ରାତି ଅନିଦ୍ରା ରହି ପାଲା ଓ ଯାତ୍ରା ମାଧମରେ ରସ ଆସ୍ୱାଦନ କରେ। ଭାଷା କ୍ଲିଷ୍ଟ ହେଲେ ମଧ ତା'କୁ ଅକ୍ତିଆର କରେ। ପ୍ରସଂଗକ୍ରମେ ସବୁ ବୁଝିପାରେ। ଭାଷାର ଅଦ୍ଭୁତ କ୍ଷମତା, ଟିକିଏ ମନ ଲାଗିଲେ ଜଟିଳ କାର୍ଯ୍ୟ ସରଳ ହୁଏ। ଭାଷା ମନ ଭିତରକୁ ଛୁଇଁବା ଦରକାର। ଥରେ ଛୁଇଁଲେ ସେ ରସ ନିବଦ୍ଧ ହୁଏ। ରସ ଗ୍ରହଣ କରିବା ଗୋଟିଏ ପ୍ରକାରର ଉନ୍ମତ୍ତତା। ରାମାୟଣ ନାଟ ବା ହରିଶ୍ଚନ୍ଦ୍ର ସୁଆଙ୍ଗ ଯେତେ ଥର ଦେଖିଲେ ଆଉ ଦେଖିବାକୁ ଇଚ୍ଛା ହୁଏ। ରସ ମଣିଷକୁ ଶୀତଳ କରେ, ଶାନ୍ତ କରେ।

ଅଳଙ୍କାର

ରସକୁ ଆହୁରି ମନମତାଣିଆ କରିବା ଲାଗି ଅଳଙ୍କାର ଉପଯୋଗ କରାଯାଏ। ବାକ୍ୟର ଦୁଇପ୍ରକାର ଅର୍ଥବୋଧରେ ଶ୍ଳେଷ, ଶବ୍ଦର ବିଭିନ୍ନ ଅର୍ଥ ପ୍ରୟୋଗରେ ଯମକ,

Digitized by srujanika@gmail.com

ଶବ୍ଦଗୋଷ୍ଠୀର ବିବିଧ ସଂଯୋଜନାରୁ ଅନୁପ୍ରାସ ଅଳଙ୍କାର ସୃଷ୍ଟି ହୁଏ। ଉପମା ଅଳଙ୍କାରର ବ୍ୟବହାର ସବୁଠାରୁ ବେଶୀ। 'ହରିଣ ପରି ଗ୍ୱହାଣି' ବା 'ଗଜ ପରି ଚଳଣି' ରେ କିଛି ତଥ୍ୟ ନାହିଁ, ତେବେ ଶ୍ରୋତା ଓ ପାଠକ ମନରେ ରୁଚି ସୃଷ୍ଟି କରେ। ଉପମା ବ୍ୟବହାର କଲେ ରୂଢ଼ିପ୍ରୟୋଗ ଆହୁରି ରୁଚିମନ୍ତ ହୁଏ। 'କାଠିକର ପାଠ' 'ତେଲିଆ ମୁଣ୍ଡରେ ତେଲ' ପ୍ରୟୋଗରେ ଓଡ଼ିଆର ଅନ୍ତର କାହାଣୀ ପ୍ରବାହିତ ହୁଏ। ଏ ପ୍ରକାର ପ୍ରୟୋଗର ଅନୁବାଦ ନାହିଁ। ସବୁ ଭାଷାରେ ଏପରି ପ୍ରୟୋଗ ଅଛି। ତେବେ ଓଡ଼ିଆରେ ଏ ପ୍ରୟୋଗ ଭରପୂର ଥିବାର ଅନୁମାନ କରାଯାଏ। ରୂଢ଼ି ନ ଥିଲେ ଓଡ଼ିଆ ନାହିଁ। ସବୁ କଥାରେ କିଛି ନମୁନା ଅଛି – ସେ ନମୁନା ଖାଲି ଓଡ଼ିଆ ହିଁ ବୁଝିପାରେ।

କଥାରେ ରୂଢ଼ିପ୍ରୟୋଗ ଓ ସାହିତ୍ୟର ଅଳଙ୍କାର ଭିତରେ ସାମଞ୍ଜସ୍ୟ ଲକ୍ଷ୍ୟ କରିବାର କଥା । ଅଳଙ୍କାରରେ ମୂର୍ଚ୍ଛନା ଥାଏ, ଛନ୍ଦୋବଦ୍ଧ ହୋଇଥାଏ। ଅଳଙ୍କାର କାବ୍ୟର ଭୂଷଣ, ରୂଢ଼ି କୁହା କଥା। ରୂଢ଼ିର ସ୍ଥିତି ଗଦ୍ୟରେ। ରୂଢ଼ି ପ୍ରୟୋଗ ଫଳରେ ଗଦ୍ୟ ସାହିତ୍ୟ ବାଚନିକ ହୁଏ। ରୂଢ଼ି ସାଧାରଣ ଲୋକର ଭାଷା, ପଦ୍ୟର ଭାବକୁ ନେଇ ବିଶେଷଣ ସୃଷ୍ଟି କରିବା– କହିବା ଲୋକର ଗ୍ୱତୁରୀ। ରୂଢ଼ି ପ୍ରକାଶରେ ଠାଣି ଅଛି, ରୂଢ଼ି ପ୍ରୟୋଗରେ ଠାର ଅଛି। ତେଣୁ ଯନ୍ତ୍ର ମାଧ୍ୟମରେ ଠାଣି ଠାରକୁ ଚିହ୍ନିବା ବା ଗୋଟିଏ ଭାଷାର ଠାଣିକୁ ଆଉ ଗୋଟିଏ ଭାଷାରେ ପ୍ରକାଶ କରିବା ଦୁଷ୍କର।

କାବ୍ୟ ଓ ଗଦ୍ୟ

ଭାଷାର ଉତ୍ପତ୍ତି ସୂଚନାରୁ। ସବୁ ସୂଚନା ଗଦ୍ୟ, ଅନେକ ସୂଚନାକୁ ଏକାଠି କରି ତୁଳନାତ୍ମକ ଭାବରେ ପ୍ରକାଶ କଲେ ତା'କୁ ପଦ୍ୟ କୁହାଯାଇପାରେ। ପଦ୍ୟ ସାହିତ୍ୟରେ ରସ ଓ ଅଳଙ୍କାର ପ୍ରୟୋଗ କଲେ ତା' କାବ୍ୟ ହୁଏ। ଆମର ବେଦ ଭାବପୂର୍ଣ୍ଣ ଓ ସୂଚନାତ୍ମକ ପଦ୍ୟ। ରାମାୟଣ ଗୋଟିଏ ରସପୂର୍ଣ୍ଣ କାବ୍ୟ।

ବ୍ୟକ୍ତିର ଭାବର ସାରଗର୍ଭକ ପ୍ରକାଶ ଭାବପୂର୍ଣ୍ଣତା ଆଣେ। ଭାବକୁ ଅନ୍ୟ ବସ୍ତୁ ବା ପରିସ୍ଥିତି ସହ ତୁଳନା କରି ସାହିତ୍ୟ ସୃଷ୍ଟି କଲେ ରସ ହୁଏ। ଗଦ୍ୟ ମୋଟାମୋଟି ଭାବପ୍ରଧାନ, କାବ୍ୟ ରସପ୍ରଧାନ। ରସିକିଆ ଗଦ୍ୟ ଲେଖାଯାଏ, କିନ୍ତୁ ତା'ର ଶୈଳୀରେ ଲେଖକର କୃତିତ୍ୱ ଥାଏ। ଗଳ୍ପ ପରିକ୍ରମରେ ପରିସ୍ଥିତିକୁ କଥାଳିଆ ଶବ୍ଦରେ ପରିବେଷଣ କଲେ ରସ ସୃଷ୍ଟି ହୋଇଥାଏ। ରସ କାଳ୍ପନିକ, ଭାବ ଆନ୍ତରିକ। ରାମାୟଣକୁ ପୁରାଣ କୁହାଯାଏ, କିନ୍ତୁ ବେଦ ଧର୍ମଗ୍ରନ୍ଥ। ବେଦରେ ଆଧ୍ୟାତ୍ମଭାବ ନିହିତ। ବ୍ୟାସଦେବଙ୍କ ରଚିତ ଶ୍ରୀମଦ୍‌ଭାଗବତମ୍‌କୁ ମହାପୁରାଣ କୁହାଯାଏ। ତାକୁ ଓଡ଼ିଆରେ ଅନୁବାଦ କରି ଅତିବଡ଼ୀ ଜଗନ୍ନାଥ ଦାସ ଏକ ଅଧ୍ୟାତ୍ମସୂଚୀ ଧର୍ମଗ୍ରନ୍ଥ

Digitized by srujanika@gmail.com

ସୃଷ୍ଟି କରିଛନ୍ତି । ଅସଲ ଭାଗବତମ୍‌ର ସୂଚନାମୂକ କ୍ଲିଷ୍ଟତାକୁ ଲଘୁ କରି ଓଡ଼ିଆ କବି ରସସୃଷ୍ଟି କରିଛନ୍ତି । ରସ ସାଧାରଣ ପ୍ରାଣକୁ ଛୁଇଁବା ଦରକାର । ଯେପରି ଫକୀରମୋହନଙ୍କର ଗପ ଓ ଉପନ୍ୟାସ ।

ଭାଷାର ବିଜ୍ଞାନ ହେଉଛି ଶବ୍ଦ ଜରିଆରେ ମନକୁ ଛୁଇଁବାର ଶକ୍ତି । ପିଲାଦିନର ନାନାବାୟାଗୀତଠାରୁ ଆରମ୍ଭ କରି ରାଧାନାଥଙ୍କର ମହାଯାତ୍ରା ପର୍ଯ୍ୟନ୍ତ ଅତୀତର ଭାଷାର ବିଜ୍ଞାନ ଜଡ଼ିତ । ଏ ବିଜ୍ଞାନର ପ୍ରଥମ ସୋପାନ ହେଲା ମଣିଷର କଣ୍ଠ ସ୍ୱର ଓ ଶବ୍ଦର ଧ୍ୱନି । ପାଦ୍ରୀର ଈଶ୍ୱର ପ୍ରେମ ଓ ଦାସିଆ ବାଉରିର ଚକାଡ଼ୋଳା ଦର୍ଶନ ଭାବରେ ସମାନ, ଭାଷାରେ ନୁହେଁ । ଓଡିଆର ଭାବ ଦରଦିଆ । କବି ଲେଖିଲେ 'ଏ' ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' – ନିଜେ କବି ଅନ୍ଧ, ଜଗତ ଉଦ୍ଧାର କରିବାକୁ 'ଏ' ବି ଉଦ୍‌ବୋଧନ । ତେବେ ଏ' ବାଣୀର ଭାବରେ ରସ କବିର ହୃଦୟ ଖୋଲା । ମରମ ଭାବ ପ୍ରକାଶ, ଅସୀମ ରସ ।

ସୂଚନା ଓ ଭାବନା

ଆଗରୁ କୁହାଯାଇଛି ଭାରତୀୟ ଭାଷା ଧ୍ୱନ୍ୟାମୂକ । ଆରବୀ ଓ ଇହୁଦୀ ଭାଷା ଏହିପରି । ପ୍ରତ୍ୟେକ ଅକ୍ଷରର ଅର୍ଥ ଅଛି, ସ୍ୱରକୁ ଉଚ ନୀଚ କରି ସେ ଅର୍ଥରେ ଫରକ ଅଣାଯାଇପାରେ । ଇଂରାଜୀ ଓ ୟୁରୋପୀୟ ଭାଷାମାନେ ଶବ୍ଦାମୂକ । ୟୁରୋପୀୟ ଭାଷାରେ ଶବ୍ଦ ପ୍ରକାଶ ପରେ ଭାବ ପ୍ରକାଶ । 'ମୁଁ ଘରକୁ ଯାଉଛି' ଗୋଟିଏ ଭାବ ନା ଗୋଟିଏ ସୂଚନା ? ୟୁରୋପୀୟ ଭାଷାରେ ଏହା ଏକ ସୂଚନା । ଭାରତୀୟ ଭାଷାରେ ଏହା ଏକ ଭାବ । ଏହାକୁ ଅନେକ ପ୍ରକାରେ କୁହାଯାଇପାରେ ଏବଂ ଏଥିରୁ ଅନେକ ଅର୍ଥ ବାହାର କରାଯାଇପାରେ । କ୍ରିୟାପଦର ଅର୍ଥ ପ୍ରାସଂଗିକ, ସବୁବେଳେ ବ୍ୟବହାରରେ ସମାନ ଅର୍ଥ ନହୋଇପାରେ । ଭାରତୀୟ ଭାଷାରେ କୌଣସି ବାକ୍ୟର ଅର୍ଥ ବା ସଂଜ୍ଞାବାଚକ ଶବ୍ଦ ଛଡ଼ା ଅନ୍ୟ ଶବ୍ଦର ଭାବ ପୂର୍ବାପର ସମ୍ବନ୍ଧ ନେଇ ହିଁ ପ୍ରଯୁଜ୍ୟ ।

ଏହି କାରଣରୁ ୟୁରୋପୀୟ ଭାଷାମାନଙ୍କରୁ ଗପ, ଲେଖା ବା ସାହିତ୍ୟ ଭାରତୀୟ ଭାଷାରେ ଅନୁବାଦ କରାଗଲେ ଯେତିକି ଅର୍ଥ ଉଣା ହେବ, ଭାରତୀୟ ଭାଷାରୁ ବିଦେଶୀ ଭାଷାକୁ ରୂପାନ୍ତରିତ ହେଲେ ଘୋର ଅର୍ଥହାନି ହେବା ସ୍ୱାଭାବିକ । ଭାରତବର୍ଷର ଇଂରେଜ ଇତିହାସରେ ସଂସ୍କୃତ ଭାଷାର ଅସ୍ତିତ୍ୱ ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡ଼କୁ କଲିକତାର ନ୍ୟାୟାଧୀଶ ଉଇଲିଆମ ଜେମ୍‌ସ ସାହେବଙ୍କ ଜରିଆରେ ଜଣାପଡ଼ିଲା ବୋଲି ଇତିହାସ କହୁଛି । ସେତେବେଳେ ଗୋରା ଲୋକମାନେ ଆପଣା ଛାଏଁ ଆଫ୍ରିକୀୟ ଏବଂ ଏସିଆର ଲୋକଙ୍କଠାରୁ ବୁଦ୍ଧିମାନ୍ ବୋଲି ୟୁରୋପରେ

Digitized by srujanika@gmail.com

ବଳବତ୍ତର ଧାରଣା ରହିଥାଏ । ତେଣୁ ସଂସ୍କୃତ ଭାଷାର ଆବିଷ୍କାରରୁ ସାହେବମାନେ ନିଜର ବୁନିଆଦିକୁ ଖୋଜି ବସିଲେ । ଗ୍ରଷ୍ଟୀ ଶ୍ରେଣୀର ଭାରତୀୟମାନେ ଯେ ସଂସ୍କୃତ ପରି ଶାଳୀନ ଭାଷା ତିଆରି କରିପାରିଥିବେ ତା' ସାହେବମାନଙ୍କର ବିଶ୍ୱାସ ହେଲା ନାହିଁ । ଶାସନ କଳ ମନମୁତାବକ ଭାରତବର୍ଷର ଇତିହାସ ଲେଖିଲେ । ଏ ଇତିହାସରୁ ଭାରତୀୟ ସମାଜ ସ୍ୱାଧୀନତାର ପଞ୍ଚଷଠି ବର୍ଷ ପରେ ମଧ୍ୟ ମୁକୁଳି ନାହିଁ ।

ଉନବିଂଶ ଶତାବ୍ଦୀରେ ସରକାରୀ ଓ ବେସରକାରୀ ସାହାଯ୍ୟ ପାଇ ବହୁସଂଖ୍ୟକ ଜର୍ମାନ୍ ବୁଦ୍ଧିଜୀବୀ ସଂସ୍କୃତରେ ପ୍ରଣୀତ ଗ୍ରନ୍ଥମାନଙ୍କୁ ଜର୍ମାନ୍ ଭାଷାରେ ଅନୁବାଦ କରିବାରେ ଲାଗିଲେ, ଏହିଠାରେ ଶବ୍ଦମାନଙ୍କର ପ୍ରାସଂଗିକ ଅର୍ଥ ନ କାଢ଼ି ବୁଝିବା ଅର୍ଥ ବାହାର କରାଗଲା । ସମାସଯୁକ୍ତ ଶବ୍ଦର ଅନୁବାଦରୁ ଜଣାପଡ଼ିଲା ଯେ, ଗୋଟିଏ ଶବ୍ଦ ଅନେକ ଅର୍ଥରେ ବ୍ୟବହାର ହେଉଛି । ଏପରି ଗୋଟିଏ ଗୋଟିଏ ଶବ୍ଦର ଶହ ଶହ ଅର୍ଥ ପ୍ରସଂଗକ୍ରମେ ବାହାରିଲା । ଜଣେ କୃତିସଂପନ୍ନ ସାହେବ ଏ ସବୁ ଶବ୍ଦକୁ ନେଇ ସଂସ୍କୃତ-ଇଂରାଜୀ ଅଭିଧାନ ତିଆରି କଲେ । ପରବର୍ତ୍ତୀକାଳରେ ଅନୁବାଦକମାନେ ଏହି ଅଭିଧାନକୁ ବ୍ୟବହାର କରି ଗ୍ରନ୍ଥ, ପୁରାଣ, ସୂତ୍ରମାନଙ୍କୁ ଅନୁବାଦ କରିବାକୁ ଲାଗିଲେ । ଭାରତବର୍ଷର ଐତିହ୍ୟ ଅଦ୍ଭୁତ ଦିଶିଲା । ସଂସ୍କୃତ ଜ୍ଞାନଭଣ୍ଡାର ଅନ୍ଧବିଶ୍ୱାସପୂର୍ଣ୍ଣ ବୋଲି ପାଦ୍ରୀମାନେ କହିଲେ । କିଛି ମୁଖିଆ ଭାରତୀୟ ଉପାୟହୀନ ହୋଇ ଏହାକୁ ଗ୍ରହଣ କରିବାକୁ ବାଧ୍ୟ ହେଲେ । ନିଜେ ଜାଣିବାର ଉପାୟ ନାହିଁ । ପୁରୁଣା ଭାଷାକୁ ସଂଖୁଳିବାକୁ ମୁଖିଆଙ୍କର ଅଭିଳାଷ ନାହିଁ ।

ଯିଏ ଶାସକ, ସିଏ ଶାସିତକୁ ତା'ର ସ୍ଥାନ ଜଣାଇଦିଏ । ଶାସିତ ଯଦି ଭୋକିଲା, ଅଭାବଗ୍ରସ୍ତ - ତା'ହେଲେ ପେଟ ବିକଳରେ ଦାରିଦ୍ର୍ୟର ଯନ୍ତ୍ରଣାରେ ଶାସନର 'ସୂଚନା' ମାନିବାକୁ ବାଧ୍ୟ । ମନୁଷ୍ୟର ଭାବନାକୁ ପରିବର୍ତ୍ତନ କରି ତା'କୁ ସୂଚନାତ୍ମକ କରିବା ବିଦେଶୀ ଶାସନର କାର୍ଯ୍ୟ । ଏ ପ୍ରକାର ପରିସ୍ଥିତିରେ ପଡ଼ି ଭାରତବର୍ଷର ନୂତନ 'ଉଚ୍ଚଶିକ୍ଷିତ' 'ସୂଚନା' ଭାବରେ ଉଦ୍‌ବୁଦ୍ଧ । ନିଜର କିଛି ଭାବନା ନାହିଁ । ଗରୀବ ମଳିମୁଣ୍ଡିଆ ତାଙ୍କର ଦିଅଁ ପଣାକରି କୀର୍ତ୍ତନିଆ ଭାବନାରେ ଲିପ୍ତ । 'ଶିକ୍ଷିତ' ଲୋକ ଗରୀବକୁ କିପରି 'ସୂଚିତ' କରାଇବେ ସେଥିପାଇଁ ଶିକ୍ଷାଯୋଜନାରେ ନିବଦ୍ଧ । ଏଥି ଭିତରେ ଦେଶର ଭାଷା ନିଖୋଜ ହୋଇଗଲାଣି । ଦେଶର ସଂସ୍କୃତିରେ ବଦହଜମି ହେଲାଣି । କିଛି ଇଂରାଜୀ ଭାଷୀ ଭାରତୀୟ 'ଜ୍ଞାନୀ' ଗରୀବଙ୍କୁ ଇଂରାଜୀରେ ହୁକୁମ ଦେବାରେ ବ୍ୟସ୍ତ ।

ମାତୃଭାଷା

ସୂଚନା ଓ ଭାବନାର ପ୍ରତିଦ୍ୱନ୍ଦିତାରେ ଓଡ଼ିଆର ଭାବ ବୁଡ଼ିଗଲାଣି । ଶିକ୍ଷିତ ଓ ସମ୍ଭ୍ରାନ୍ତ ସମାଜର ଲୋକେ ସେମାନଙ୍କର ପିଲାମାନଙ୍କୁ ଇଂରାଜୀ ସ୍କୁଲରେ ଶିକ୍ଷା ଦେବା

Digitized by srujanika@gmail.com

ଗର୍ବର ବିଷୟ ବୋଲି ହିସାବ କରିଛନ୍ତି । ଥରେ ଏହା ପ୍ରଥା ହେଲାପରେ ଅନ୍ୟମାନେ ଏହାକୁ ଅନୁକରଣ କରୁଛନ୍ତି । ଶିକ୍ଷିତ ନବଯୁବକ କିଛି ଇଂରାଜୀ ଓ ହିନ୍ଦୀ ଶିଖି ଫିଲ୍ମ ଭାଷାରେ କଥାବାର୍ତ୍ତା କରିବାକୁ ଚେଷ୍ଟା କରୁଛି । ଓଡ଼ିଆତ୍ୱ କ'ଣ ଜାଣେ ନାହିଁ, ଓଡ଼ିଆ ସନ୍ତୁଳାରେ ତା'ର ରସ ନାହିଁ, ଚାଇନିଜ୍ ବା ଆମେରିକାନ୍ ଖାଦ୍ୟ ଲୋଡ଼ା । ଲୁଗାପଟା, ଢଙ୍ଗରଙ୍ଗ, ଠାଣି - ସବୁଠି ଅଜବ କାଇଦା । ଓଡ଼ିଆ ପଦାର୍ଥର ବାସ୍ନା ପସନ୍ଦ ନାହିଁ । ବିଦେଶର ହାୱା ଦରକାର । ମାଡ଼ି ମକଚି ଚାକିରୀ ଖଣ୍ଡିଏ କଲାପରେ ଓଡ଼ିଆ କଥା ମନେ ପଡୁଛି । କିନ୍ତୁ ପାଟିରେ ଓଡ଼ିଆ ଭାଷାନାହିଁ, ମହା ତ୍ରିଶଙ୍କୁ ଅବସ୍ଥା । ଏ ଶ୍ରେଣୀର ସଂଖ୍ୟା ବଢ଼ି ବଢ଼ି ଚାଲିଛି ।

ମାତୃଭାଷାର ପ୍ରଚାର ନ ହେଲେ ଭାବନା ନାହିଁ । ନିଜର ଭିତରର କଥାକୁ ପ୍ରକାଶ କରିବାରେ ମଣିଷର ସ୍ୱାଭିମାନ ଆସେ । ମଣିଷ ନିଜକୁ ନିଜେ ବୁଝିପାରେ । ଭାଷା ମଣିଷର ଅଙ୍ଗାଙ୍ଗୀ । ଭାଷାହୀନ ଲୋକର ନିଜତ୍ୱ ନାହିଁ । ଅନ୍ୟର ଦାସ ହୋଇପାରେ, ନିଜ ଭାବରେ ଚାଲିପାରେ ନାହିଁ । ସେ ନିଜକୁ ଚିହ୍ନେ ନାହିଁ, ନିଜର ପରିଚୟର ଚାବିକାଠିକୁ ଭୁଲିବାକୁ ଚେଷ୍ଟାକରି ସେ ନିଘରିଆ ହୁଏ । ଏପରି ନଜିର ଏବେ ମିଳୁଛି ।

ତେବେ ଅର୍ଥନୈତିକ ପ୍ରଗତିରେ ଆମେ ଭାଷାକୁ କିପରି ସାମିଲ କରିବା ? ତା'ର ଏକମାତ୍ର ଉପାୟ ହେଉଛି, ଷୋହଳ ବର୍ଷ ବୟସ ପର୍ଯ୍ୟନ୍ତ ଆପଣାର 'ଭିକ ଓ ଭେକ'ର ସଂସ୍କୃତି ଓ ସାହିତ୍ୟ ଛାତ୍ରଛାତ୍ରୀମାନଙ୍କୁ ପଢ଼ାଇବାକୁ ହେବ । ଦାରିଦ୍ର୍ୟର ଦୁହାଇ ଦେଇ ଦେଶକୁ ବିକି ଦେବା ସଂପୂର୍ଣ୍ଣ ବୋକାମି । ଓଡ଼ିଆର କଳା, କାରୁକାର୍ଯ୍ୟ, ଭାସ୍କର୍ଯ୍ୟ, ସାହିତ୍ୟ,ସଂଗୀତ, ନୃତ୍ୟର ଦାୟାଦ ଆବଶ୍ୟକ । ସେ ଦାୟାଦ ଦେଶର ନବଯୁବକ, ଯୁବକ ଯୁବତୀଙ୍କୁ ଦେଶର ସଂସ୍କୃତିରେ ମିଳାଇବାକୁ ହେଲେ ସେମାନଙ୍କୁ ଅଧିକ ଉଦ୍ୟମ କରିବାକୁ ହେବ । ଏ' ହତାଶାର ବେଳ ନୁହେଁ । ଆମେ ସ୍ୱାଧୀନ, ଆମେ ପବିତ୍ର । କିଛି ସମୟ ଲାଗିପାରେ । କିନ୍ତୁ ଉତ୍ତମ ସଂସ୍କୃତିର ଉତ୍ତୋଳନ ବିଜ୍ଞାନସମ୍ମତ । ଓଡ଼ିଆର ଉତ୍ତୋଳନ ଅବଶ୍ୟ କରିବାକୁ ହେବ ।

Digitized by srujanika@gmail.com

Digitized by srujanika@gmail.com

କାରଖାନା, ଖଳାବାଡି, ଖାଦାନ, ବାଗାନରେ
ଏକ ହୁଅ
ଏକ ହୁଅ ତୁ ଭାରତ ଜନତା
ସଂଗ୍ରାମର ମଇଦାନରେ

ବିଦ୍ୟାରତ୍ନ ପ୍ରକାଶନ

Digitized by srujanika@gmail.com